# ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା

## ପ୍ରଥମ ଖଣ୍ଡ

ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
ସ୍ୱାମୀ ଆତ୍ମପ୍ରଭାନନ୍ଦ
ଅଧ୍ୟକ୍ଷ, ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର—୭୫୧ ୦୦୨
ଫୋନ୍ - (୦୬୭୪) ୨୪୩ ୨୦୨୮, ୨୪୩ ୦୦୫୯
Email : bhubaneswar@rkmm.org

ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରଥମ ସଂସ୍କରଣ : ୧୭ ଜାନୁୟାରୀ ୧୯୬୩
ତୃତୀୟ ସଂସ୍କରଣ : ୨୯ ଜୁଲାଇ ୨୦୦୯
ପ୍ରଥମ ପୁନର୍ମୁଦ୍ରଣ : ୫ ଏପ୍ରିଲ୍ ୨୦୧୭
ଶ୍ରୀରାମନବମୀ
୧୦୦୦

**ମୂଲ୍ୟ– ଟ. ୧୫୦.୦୦**

ମୁଦ୍ରାକର :
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ ୱାର୍କସ୍
ଏ/୪୮, ରାମେଶ୍ୱର ପାଟଣା
ଭୁବନେଶ୍ୱର—୭୫୧ ୦୦୨

***SWAMI VIVEKANANDANKA VANI O RACHANA, Vol. - I*** : Published by Ramakrishna Math, Vivekananda Marg, Bhubaneswar - 751 002; 3RD Edition 1ST Reprint on 5TH April 2017; **Price : ₹. One Hundred & Fifty only.**

# ପ୍ରକାଶକଙ୍କ ନିବେଦନ

ବେଦମୂର୍ତ୍ତି ଶ୍ରୀରାମକୃଷ୍ଣ ପରମହଂସଦେବଙ୍କର ମହାଭାଷ୍ୟସ୍ୱରୂପ ସ୍ୱାମୀ ବିବେକାନନ୍ଦ ପୃଥିବୀବକ୍ଷରେ ଆଧ୍ୟାତ୍ମିକତାର ଘୂର୍ଣ୍ଣିାବର୍ତ୍ତ ସୃଷ୍ଟି କରି ସୁପ୍ତ ମାନବାତ୍ମାକୁ ଯେ କେବଳ ଜାଗ୍ରତ କରିଗଲେ, ତାହା ନୁହେଁ; ଜାଗ୍ରତ ଆତ୍ମା ପାଇଁ ଅଗ୍ରସର ହେବାର ଦିଗ୍‌ଦର୍ଶନ ଓ ଅବଲମ୍ବନ ମଧ୍ୟ ନିର୍ଦ୍ଦେଶ କରିଦେଇଗଲେ । ସ୍ୱାମୀଜୀଙ୍କର ପ୍ରାଣନିଃସୃତ ଅଗ୍ନିଗର୍ଭ ଓଜଃଶକ୍ତିସମ୍ପନ୍ନ ବାଣୀ-ସ୍ପନ୍ଦନ ଅମୃତସନ୍ତାନର ଜୀବନ ମନ୍ତ୍ର, ପୃଥିବୀବାସୀ ମନୁଷ୍ୟର ଅଗ୍ରଗାମୀ ହେବା ପାଇଁ ଏକ ଅମୋଘ ଆଲମ୍ବନ । ତାଙ୍କର ଏହି ବାଣୀ-ସ୍ପନ୍ଦନକୁ ସାମଗ୍ରିକ ଭାବରେ ଲିପିବଦ୍ଧ କରିବା ମନୁଷ୍ୟ-ଶକ୍ତିର ବହିର୍ଭୂତ; ତଥାପି କରୁଣାମୟଙ୍କର ଅଶେଷ ପ୍ରେମାଶୀର୍ବାଦସ୍ୱରୂପ ସେହି ବାଣୀର କିଛି ଅଂଶ ଆମେ ଲାଭ କରିଛୁ 'ସ୍ୱାମୀଜୀଙ୍କ ବାଣୀ ଓ ରଚନା'ରୂପରେ ।

ସ୍ୱାମୀ ବିବେକାନନ୍ଦଙ୍କର ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏହି ଗ୍ରନ୍ଥାବଳୀ ୧୯୬୩ ଖ୍ରୀଷ୍ଟାବ୍ଦରେ ପ୍ରଥମ ଥର ପାଇଁ ଓଡ଼ିଆଭାଷାରେ ଦଶଖଣ୍ଡରେ ପ୍ରକାଶିତ ହୋଇଥିଲା । ଅତ୍ୟନ୍ତ ଆନନ୍ଦର କଥା ଯେ ଶ୍ରୀରାମକୃଷ୍ଣଦେବଙ୍କର ୧୫୦ତମ ଜନ୍ମଉତ୍ସବ ପାଳନ ଉପଲକ୍ଷେ ଓଡ଼ିଶାର ବହୁମାନ୍ୟଗଣ ଓ ବିଶିଷ୍ଟବ୍ୟକ୍ତିଙ୍କୁ ନେଇ ଗଠିତ କମିଟି 'ସ୍ୱାମୀଜୀଙ୍କ ବାଣୀ ଓ ରଚନା'କୁ ସଂଶୋଧନ ଓ ବିଷୟର ପୁନର୍ବିନ୍ୟାସ କରି ନୂତନ ସଂସ୍କରଣରୂପେ ଦଶମଖଣ୍ଡରେ ପୁନଃ ପ୍ରକାଶନ କରିବା ପାଇଁ ଆମମାନଙ୍କୁ ଉତ୍ସାହିତ କରିଥିଲେ । ଭଗବତ୍ କୃପା ଏବଂ ଓଡ଼ିଶାବାସୀଙ୍କର ସଦିଚ୍ଛା ଏହି ଗ୍ରନ୍ଥାବଳୀର ପୁନଃ ମୁଦ୍ରଣର ପ୍ରଚେଷ୍ଟାକୁ ସଫଳ କରିଥିଲା । ଶ୍ରୀଶ୍ରୀଭଗବାନଙ୍କ ଆଶୀର୍ବାଦରୁ ପ୍ରଥମଖଣ୍ଡର ଚତୁର୍ଥ ସଂସ୍କରଣ ପ୍ରକାଶିତ ହେଲା ।

ଦଶ ଖଣ୍ଡରେ ବିଭକ୍ତ ଏହି ଗ୍ରନ୍ଥାବଳୀର ୧ମ ଖଣ୍ଡରେ ଚିକାଗୋ ବକ୍ତୃତା, କର୍ମଯୋଗ ଓ ରାଜଯୋଗ, ୨ୟ ଖଣ୍ଡରେ ଜ୍ଞାନଯୋଗ, ୩ୟ ଖଣ୍ଡରେ ଧର୍ମ ଓ ଦର୍ଶନ, ୪ର୍ଥଖଣ୍ଡରେ ଭକ୍ତିଯୋଗ ଓ 'ଦେବବାଣୀ',୫ମ ଖଣ୍ଡରେ ଭାରତରେ ବିବେକାନନ୍ଦ ଏବଂ ଭାରତପ୍ରସଙ୍ଗ, ୬ଷ୍ଠ ଖଣ୍ଡରେ ସ୍ୱାମୀଜୀଙ୍କର ମୌଳିକ ବଙ୍ଗଳା ରଚନାର ଅନୁବାଦ ଓ ପତ୍ରାବଳୀ, ୭ମ ଖଣ୍ଡରେ ପତ୍ରାବଳୀ ଓ ଇଂରାଜୀ କବିତାର ଅନୁବାଦ, ୮ମ ଖଣ୍ଡରେ ପତ୍ରାବଳୀ ଓ 'ମହାପୁରୁଷ-ପ୍ରସଙ୍ଗ', ୯ମ ଖଣ୍ଡରେ 'ସ୍ୱାମୀ-ଶିଷ୍ୟ-ସମ୍ବାଦ' ଓ ସ୍ୱାମୀଜୀଙ୍କ ସହିତ ବିଭିନ୍ନ ବ୍ୟକ୍ତିଙ୍କର କଥୋପକଥନ ଏବଂ ୧୦ମ ଖଣ୍ଡରେ ମେରୀ ଲୁଇ ବର୍କଙ୍କ ଲିଖିତ ଗ୍ରନ୍ଥରେ (Swami Vivekananda : New Discoveries in America) ପ୍ରକାଶିତ

ସ୍ୱାମୀଜୀଙ୍କର ବକ୍ତୃତା ଓ ବିବିଧ ବିଷୟରେ ଲେଖା ସନ୍ନିବେଶିତ ହୋଇଛି । ଭଗିନୀ ନିବେଦିତାଙ୍କ ଲିଖିତ ଇଂରାଜୀ ଗ୍ରନ୍ଥାବଳୀର ଭୂମିକାଟିକୁ ଅନୁବାଦ କରାଯାଇ ସମଗ୍ର 'ବାଣୀ ଓ ରଚନା'ର ମୁଖବନ୍ଧରୂପେ ୧ମ ଖଣ୍ଡରେ ପ୍ରାରମ୍ଭରେ ପ୍ରଦତ୍ତ ହୋଇଛି । ପ୍ରତିଖଣ୍ଡର ଶେଷରେ ତଥ୍ୟପଞ୍ଜୀ ଓ ନିର୍ଦ୍ଦେଶିକା ସଂଯୋଜିତ ।

ଏହି ଗ୍ରନ୍ଥାବଳୀର ୧ମ ସଂସ୍କରଣରେ ରହିଥିବା ବିଭିନ୍ନ ପ୍ରକାର ପ୍ରମାଦକୁ ସଂଶୋଧନ କରିବାକୁ ଯାଇ କେବଳ ଯେ ଭାଷାର ସଂସ୍କାର କରାଯାଇଛି ତାହା ନୁହେଁ, ବହୁସ୍ଥାନରେ ନୂଆ କରି ଅନୁବାଦ କରାଯାଇଛି ଏବଂ ସମଗ୍ର ଗ୍ରନ୍ଥାବଳୀର ସମ୍ପାଦନା ଭାର କୃତବିଦ୍ୟ ବ୍ୟକ୍ତିମାନଙ୍କ ଉପରେ ନ୍ୟସ୍ତ କରାଯାଇଛି । ଏହି ସମ୍ପାଦନା-କାର୍ଯ୍ୟରେ ଅଧ୍ୟାପକ ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁ, ପ୍ରଫେସର୍ ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ),ଅଧ୍ୟାପକ ଡକ୍ଟର ରବୀନ୍ଦ୍ରକୁମାର ପ୍ରହରାଜ ଓ ଅଧ୍ୟାପକ ଶ୍ରୀ ତତ୍ତ୍ୱକନ୍ଦର ମିଶ୍ରଙ୍କର ବିପୁଳ ଅଧ୍ୟବସାୟ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ପ୍ରଥମ ଖଣ୍ଡର ଚତୁର୍ଥ ସଂସ୍କରଣ ଅବସରରେ ଏମାନଙ୍କ ନିକଟରେ ଆମେମାନେ ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଛୁ ।

ଏ ସମସ୍ତଙ୍କ ଉପରେ ଶ୍ରୀଭଗବାନଙ୍କର ଶୁଭାଶୀର୍ବାଦ ସର୍ବଦା ବର୍ଷିତ ହେଉ, ସ୍ୱାମୀଜୀଙ୍କର ଜୀବନପ୍ରଦ ଭାବଧାରା ସମସ୍ତଙ୍କ ହୃଦୟରେ ପ୍ରବାହିତ ହେଉ— ଏହା ହିଁ ଆମମାନଙ୍କର ଏକାନ୍ତ ପ୍ରାର୍ଥନା ।

ସ୍ୱାମୀ ରାମକୃଷ୍ଣାନନ୍ଦ ଜୟନ୍ତୀ **ସ୍ୱାମୀ ଶିବେଶ୍ୱରାନନ୍ଦ**

୨୦ ଜୁଲାଇ ୨୦୦୯

# ସୂଚୀପତ୍ର

ଭୂମିକା—

'ସ୍ୱାମୀଜୀ ଓ ତାଙ୍କର ବାଣୀ'-ନିବେଦିତା (୭-୧୫)

**ଚିକାଗୋ ବକ୍ତୃତାମାଳା (୧୭-୪୫)**

ଭୂମିକା ୧୭

ଅଭ୍ୟର୍ଥନାର ଉତ୍ତର ୨୨

ଭ୍ରାତୃଭାବ ୨୪

ହିନ୍ଦୁଧର୍ମ ୨୫

ଖ୍ରୀଷ୍ଟିୟାନ୍‌ମାନେ ଭାରତ ପାଇଁ କଣ କରିପାରନ୍ତି ? ୩୯

ବୌଦ୍ଧଧର୍ମ ସହିତ ହିନ୍ଦୁ ଧର୍ମର ସମ୍ବନ୍ଧ ୪୦

ବିଦାୟ ଭାଷଣ ୪୨

ପରିଶିଷ୍ଟ ୪୩

ପ୍ରାଚ୍ୟନାରୀ ୪୪

ଧର୍ମ-ସମନ୍ୱୟର ମହାସମ୍ମେଳନ ୪୫

ଭଗବଦ୍‌ପ୍ରେମ ୪୫

**କର୍ମଯୋଗ (୪୭-୧୨୬)**

କର୍ମ-ଚରିତ୍ର ଉପରେ ଏହାର ପ୍ରଭାବ ୪୮

ନିଜ ନିଜର କାର୍ଯକ୍ଷେତ୍ରରେ କେହି ଛୋଟ ନୁହଁନ୍ତି ୫୫

କର୍ମ-ରହସ୍ୟ ୭୧

କର୍ତ୍ତବ୍ୟ କଅଣ ? ୭୯

ପରୋପକାରରେ ହିଁ ନିଜର ଉପକାର ୮୭

ଅନାସକ୍ତି ହିଁ ପୂର୍ଣ୍ଣ ଆତ୍ମତ୍ୟାଗ ୯୬

ମୁକ୍ତି ୧୦୭

କର୍ମଯୋଗର ଆଦର୍ଶ ୧୧୮

**କର୍ମଯୋଗ-ପ୍ରସଙ୍ଗ (୧୨୭-୧୪୯)**

କର୍ମ ଓ ତାହାର ରହସ୍ୟ ୧୨୭

କର୍ମଯୋଗ-ପ୍ରସଙ୍ଗ ୧୩୪

କର୍ମ ହିଁ ଉପାସନା ୧୩୭
ସ୍ୱାର୍ଥରହିତ କର୍ମ ୧୩୮
ଜ୍ଞାନ ଓ କର୍ମ ୧୪୧
କର୍ମବିଧାନ ଓ ମୁକ୍ତି ୧୪୫

**ସରଳ ରାଜଯୋଗ** **( ୧୫୦–୧୬୬ )**
(ପ୍ରଥମ ପାଠରୁ ୬ଷ୍ଠ ପାଠ ପର୍ଯ୍ୟନ୍ତ)

**ରାଜଯୋଗ** **୧୬୮**
ଭୂମିକା ୧୬୯
ଅବତରଣିକା ୧୭୧
ସାଧନାର ପ୍ରଥମ ସୋପାନ ୧୮୨
ପ୍ରାଣ ୧୯୧
ପ୍ରାଣର ଆଧ୍ୟାତ୍ମିକ ରୂପ ୨୦୩
ଅଧ୍ୟାତ୍ମ ପ୍ରାଣର ସଂଯମ ୨୦୮
ପ୍ରତ୍ୟାହାର ଓ ଧାରଣା ୨୧୨
ଧ୍ୟାନ ଓ ସମାଧି ୨୧୯
ରାଜଯୋଗର ସାରକଥା ୨୨୭

**ପାତଞ୍ଜଳ–ଯୋଗସୂତ୍ର** **(୨୩୨–୩୦୮)**
ଉପକ୍ରମଣିକା ୨୩୨
ସମାଧି–ପାଦ ୨୩୬
ସାଧନ–ପାଦ ୨୬୬
ବିଭୂତି–ପାଦ ୨୯୪
କୈବଲ୍ୟ–ପାଦ ୩୦୮

**ପରିଶିଷ୍ଟ** **୩୨୧**
ନିର୍ଦ୍ଦେଶିକା ୩୨୮

# ଭୂମିକା

## ସ୍ୱାମୀଜୀ ଓ ତାଙ୍କର ବାଣୀ

(ଭଗିନୀ ନିବେଦିତାଙ୍କ ଦ୍ୱାରା ଲିଖିତ ଭୂମିକାର ଅନୁବାଦ)

ସ୍ୱାମୀ ବିବେକାନନ୍ଦଙ୍କର ଯେଉଁ ଚାରିଖଣ୍ଡ* ଗ୍ରନ୍ଥାବଳୀ ବର୍ତ୍ତମାନ ସଂସ୍କରଣରେ ନିବଦ୍ଧ ହୋଇଛି, ତାହାର ମାଧ୍ୟମରେ ଆମେ ଯେ କେବଳ ସମଗ୍ର ବିଶ୍ୱବାସୀଙ୍କ ପ୍ରତି ସାଧାରଣଭାବରେ ଗୋଟିଏ ଦିବ୍ୟବାଣୀ ପାଇଛୁ, ତାହା ନୁହେଁ; ବରଂ ଏଥିରୁ ହିନ୍ଦୁଧର୍ମର ସନ୍ତାନମାନଙ୍କ ପାଇଁ ମଧ୍ୟ ଏହି ଧର୍ମର ଗୋଟିଏ ସନନ୍ଦ ଲାଭ କରିଛୁ । ବର୍ତ୍ତମାନ ଯୁଗର ବ୍ୟାପକ ଅବକ୍ଷୟ ମଧ୍ୟରେ ଏହି ଧର୍ମର ପ୍ରୟୋଜନ ଥିଲା ଗୋଟିଏ ଶୈଳଦୃଢ଼ ଆଶ୍ରୟ, ଯେଉଁଠାରେ ହିନ୍ଦୁଧର୍ମ ଗୋଟିଏ ସ୍ଥିର ଭୂମି ଲାଭ କରିପାରିବ; ପ୍ରୟୋଜନ ଥିଲା ଗୋଟିଏ ପ୍ରାମାଣିକ ଆପ୍ତବାକ୍ୟ, ଯାହାଦ୍ୱାରା ସେ ତାହାର ନିଜର ସ୍ୱରୂପ ଉପଲବ୍ଧି କରିପାରିବ । ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା ମାଧ୍ୟମରେ ଏତକ ତାକୁ ଦିଆଯାଇଛି ।

ଅନ୍ୟତ୍ର ଯେପରି କୁହାଯାଇଛି, ଇତିହାସରେ ସର୍ବପ୍ରଥମ ହିନ୍ଦୁଧର୍ମ ସାମଗ୍ରିକ ଭାବରେ ଜଣେ ଶ୍ରେଷ୍ଠ ହିନ୍ଦୁମନିଷୀଙ୍କ ଦ୍ୱାରା ବିବୃତ ହେଲା । ଭବିଷ୍ୟତରେ ବହୁକାଳ ଧରି ଯେତେବେଳେ ହିନ୍ଦୁଧର୍ମାବଲମ୍ବୀ ହିନ୍ଦୁଧର୍ମର ପ୍ରମାଣ ଚାହିଁବେ, ଯେତେବେଳେ କୌଣସି ହିନ୍ଦୁଜନନୀ ତାଙ୍କ ସନ୍ତାନମାନଙ୍କୁ ପୂର୍ବପୁରୁଷମାନଙ୍କର ଧର୍ମ କଅଣ ଥିଲା ସେ ବିଷୟରେ ଶିକ୍ଷା ଦେବେ, ସେତେବେଳେ ପ୍ରମାଣ ଓ ଆଲୋକ ପାଇଁ ସେ ଏହି ଗ୍ରନ୍ଥାବଳୀ ଉପରେ ହିଁ ନିର୍ଭର କରିବେ । ଭାରତରୁ ଇଂରାଜୀ ଭାଷା ବିଲୁପ୍ତ ହେବାର ବହୁକାଳ ପରେ ମଧ୍ୟ ଏହି ଭାଷା ମାଧ୍ୟମରେ ବିଶ୍ୱ ନିକଟରେ ଯେଉଁ ଉପହାର ପ୍ରଦତ୍ତ ହେଲା, ତାହା ଏଠାରେ ସ୍ଥାୟୀ ଭାବରେ ବିରାଜମାନ କରିବ ଏବଂ ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ସମଭାବରେ ଫଳପ୍ରସୂ ହେବ । ହିନ୍ଦୁଧର୍ମର ପ୍ରୟୋଜନ ଥିଲା ନିଜ ଚିନ୍ତାଧାରାର ସଙ୍ଗଠନ ଓ ସାମଞ୍ଜସ୍ୟ–ବିଧାନ; ପୃଥିବୀର ପ୍ରୟୋଜନ ଥିଲା ଏପରି ଗୋଟିଏ ଧର୍ମ, ଯାହା ସତ୍ୟ ସମ୍ମୁଖରେ ନିର୍ଭୀକ । ଏହି ଗ୍ରନ୍ଥରେ ଏହି ଦୁଇଟିର ସନ୍ଧାନ ମିଳିବ । ସଂଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ଯେ ଜାତୀୟ ଚେତନାକୁ ସଂହତ କରି ବାଙ୍ମୟରୂପ ପ୍ରଦାନ କଲେ, ସେହି ବ୍ୟକ୍ତିଙ୍କ ଅଭ୍ୟୁଦୟ ଅପେକ୍ଷା ସନାତନ ଧର୍ମର ଶାଶ୍ୱତ ଶକ୍ତିର ଏବଂ ଅତୀତ ସଦୃଶ ବର୍ତ୍ତମାନର ଭାରତ ଯେ ମହିମାମୟ, ଏହି ସତ୍ୟର ମହତ୍ତର ପ୍ରମାଣ ଆଉ କଣ ଥାଇପାରେ ?

---

* ଇଂରେଜୀରେ ସ୍ୱାମୀଜୀଙ୍କ ଗ୍ରନ୍ଥାବଳୀ ପ୍ରଥମେ ୪ ଖଣ୍ଡରେ ପ୍ରକାଶିତ ହୁଏ । ବର୍ତ୍ତମାନ ତାହା ୮ଖଣ୍ଡରେ ପ୍ରକାଶିତ ହେଉଛି । ଗ୍ରନ୍ଥାବଳୀର ଓଡ଼ିଆ ସଂସ୍କରଣ ୧୦ଖଣ୍ଡରେ ବିଭକ୍ତ ।

ଭାରତବର୍ଷ ଯେ ସମଗ୍ର ମାନବଜାତି ନିକଟକୁ ଜୀବନର ମର୍ମବାଣୀ ବହନ କରି ନେବା ମଧ୍ୟରେ ନିଜର ସାର୍ଥକତା ଉପଲବ୍‌ଧି କରିଥାନ୍ତା, ଏକଥା ପୂର୍ବରୁ ଅନୁମାନ କରାଯାଇପାରେ ଏବଂ ଏହା ଯେ ପ୍ରଥମଥର ଘଟିଲା ତାହା ମଧ୍ୟ ନୁହେଁ ପୂର୍ବେ ମଧ୍ୟ ଥରେ ପ୍ରତିବେଶୀ ଦେଶସମୂହକୁ ଜାତି-ଗଠନକାରୀ ଧର୍ମର ବାଣୀପ୍ରେରଣ ମାଧ୍ୟମରେ ହିଁ ଭାରତବର୍ଷ ନିଜ ଚିନ୍ତାଧାରାର ମହତ୍ତ୍ୱ ସମ୍ବନ୍ଧରେ ସଚେତନ ହେବା ପାଇଁ ଶିକ୍ଷା ପାଇଥିଲା । ଏହି ଆତ୍ମଗତ ଏକୀକରଣ ଯୋଗୁ ଆଧୁନିକ ହିନ୍ଦୁଧର୍ମ ଯେପରି କି ନୂତନ ଭାବରେ ସ୍ପଷ୍ଟ ହେଲା । ଆମେ କେବେହେଲେ ଯେପରି ଭୁଲ ନ ଯାଉ ଯେ, ଏହି ଭାରତର ମାଟିରେ ହିଁ ପ୍ରଥମେ ଶ୍ରୁତ ହୋଇଥିଲା ଶିଷ୍ୟ ପ୍ରତି ଗୁରୁଙ୍କର ସେହି ଆଦେଶ : ''ତୁମେମାନେ ସମଗ୍ର ପୃଥିବୀର ବିଭିନ୍ନ ଦେଶକୁ ଯାଅ ଏବଂ ଏହି ଭଗବଦ୍-ବାଣୀ ସବୁ ପ୍ରାଣୀଙ୍କ ନିକଟରେ ପ୍ରଚାର କର ।'' ଏହା ସେହି ଚିନ୍ତା ଓ ସେହି ପ୍ରେମର ଅନୁପ୍ରେରଣା, ଯାହା ନୂତନରୂପରେ ସ୍ୱାମୀ ବିବେକାନନ୍ଦଙ୍କ କଣ୍ଠରେ ଧ୍ୱନିତ ହୋଇଥିଲା, ଯେତେବେଳେ ସେ ପାଶ୍ଚାତ୍ୟର ଗୋଟିଏ ମହାନ୍ ସମ୍ମେଳନରେ କହିଲେ, ''ଯଦି ଗୋଟିଏ ଧର୍ମ ସତ୍ୟ ହୋଇଥାଏ, ତା ହେଲେ ଅନ୍ୟଗୁଡ଼ିକ ମଧ୍ୟ ସତ୍ୟ ।'' ତେଣୁ ହିନ୍ଦୁଧର୍ମ ଯେତେଟା ମୋର, ସେତେଟା ତୁମମାନଙ୍କର ମଧ୍ୟ ଏବଂ ସେ ନିଜ ବକ୍ତବ୍ୟର ଭାବ ସମ୍ପ୍ରସାରଣ କରି କହିଲେ, ''ଆମେ ହିନ୍ଦୁମାନେ ଯେ କେବଳ ଅନ୍ୟାନ୍ୟ ମତଗୁଡ଼ିକୁ ସହ୍ୟ କରୁ ତାହା ନୁହେଁ, ବରଂ ଆମେ ସବୁଧର୍ମ ସହିତ ନିଜକୁ ମିଳିତ କରୁ । ଆମେ ମୁସଲମାନମାନଙ୍କର ମସ୍‌ଜିଦରେ ପ୍ରାର୍ଥନା କରୁ, ପାର୍ଶୀମାନଙ୍କର ଅଗ୍ନିକୁ ପୂଜା କରୁ ଏବଂ ଖ୍ରୀଷ୍ଟିୟାନମାନଙ୍କର କ୍ରୁଶ୍ ସମ୍ମୁଖରେ ନତଜାନୁ ହେଉ । ଆମେ ଜାଣୁ ଯେ ନିମ୍ନତମ ଜଡ଼-ଉପାସନାଠାରୁ ଆରମ୍ଭ କରି ଉଚ୍ଚତମ ଅଦ୍ୱୈତବାଦ ପର୍ଯ୍ୟନ୍ତ ସମସ୍ତ ଧର୍ମ ହିଁ ସମଭାବରେ ଅସୀମକୁ ଉପଲବ୍‌ଧି ଓ ଅନୁଭବ କରିବାର ବିଭିନ୍ନ ପ୍ରଚେଷ୍ଟା ମାତ୍ର । ସେଥିପାଇଁ ଆମେ ଏହି ପୁଷ୍ପଗୁଡ଼ିକୁ ଚୟନ କରି ଏକ ପ୍ରେମସୁତ୍ରରେ ଗୁନ୍ଥି ପୂଜା ନିମିତ୍ତ ଗୋଟିଏ ବିଚିତ୍ର ପୁଷ୍ପ-ସ୍ତବକରେ ପରିଣତ କରୁ ।'' ଏହି ବକ୍ତାଙ୍କ ନିକଟରେ କେହି ବିଦେଶୀ ବା ବିଧର୍ମୀ ନ ଥିଲେ, ତାଙ୍କ ନିକଟରେ ଥିଲା କେବଳ ସତ୍ୟ ଓ ବିଶ୍ୱମାନବତା ।

ଧର୍ମ-ମହାସଭାରେ ସ୍ୱାମୀଜୀଙ୍କ ବକ୍ତୃତା ସମ୍ବନ୍ଧରେ କୁହାଯାଇପାରେ, ଯେତେବେଳେ ସେ ବକ୍ତୃତା ଆରମ୍ଭ କଲେ ସେତେବେଳେ ତାଙ୍କର ବିଷୟବସ୍ତୁ ଥିଲା ହିନ୍ଦୁମାନଙ୍କର 'ଧର୍ମଭାବ-ସମୂହ'; କିନ୍ତୁ ଯେତେବେଳେ ସେ ତାହା ଶେଷ କଲେ ସେତେବେଳେ ହିନ୍ଦୁଧର୍ମ ଏକ ନୂତନ ଆକାର ଧାରଣ କଲା । ସେହି ମୁହୂର୍ତ୍ତ ଏହି ସମ୍ଭାବନାରେ ପୂର୍ଣ୍ଣ ଥିଲା । ତାଙ୍କ ସମ୍ମୁଖରେ ଉପସ୍ଥିତ ବିରାଟ ଶ୍ରୋତୃବୃନ୍ଦ କେବଳ ମାତ୍ର ପାଶ୍ଚାତ୍ୟଚିନ୍ତାଧାରାର ପ୍ରତିନିଧି ଥିଲେ, କିନ୍ତୁ ଏହା ମଧ୍ୟରେ କିଛି ନୂତନ ଅଭିବ୍ୟକ୍ତି ଓ ଅଗ୍ରଗତି ଥିଲା ଏବଂ ଏହା ହିଁ ସେହି

ଶ୍ରୋତୃମଣ୍ଡଳୀର ସର୍ବାଧିକ ବୈଶିଷ୍ଟ୍ୟ । ୟୁରୋପର ପ୍ରତ୍ୟେକ ଜାତିର ମନୁଷ୍ୟ ଆମେରିକାରେ ମିଳିତ ହୋଇଛନ୍ତି, ବିଶେଷତଃ ଚିକାଗୋ-ନଗରରେ, ଯେଉଁଠାରେ ଧର୍ମମହାସଭା ଅନୁଷ୍ଠିତ ହୋଇଥିଲା । ଆଧୁନିକକାଳର ପ୍ରଯତ୍ନ ଓ ସଂଗ୍ରାମରେ ଯାହା ସର୍ବୋତ୍କୃଷ୍ଟ ତାହାର ଅଧିକାଂଶ ଏବଂ ଯାହା ନିକୃଷ୍ଟ ତାହାର କିୟଦଂଶ ଏହି ପାଶ୍ଚାତ୍ୟ ନଗରର ଇଲାକାରେ ମିଳିବ । ଏହି ନଗରର ପଦଯୁଗଳ ମିଚିଗାନ୍ ହ୍ରଦତୀରରେ ବିସ୍ତୃତ ଏବଂ ଉତ୍ତରର ଦ୍ୟୁତିରେ ପ୍ରଦୀପ୍ତ-ନୟନ ହୋଇ ସେ ଯେପରି ଚିନ୍ତାମଗ୍ନ ହୋଇ ବସିଛି । ଆଧୁନିକ ଚେତନାରେ ଏପରି କିଛି ନାହିଁ, ୟୁରୋପୀୟ ଐତିହ୍ୟଠାରୁ ଉତ୍ତରାଧିକାର ସୂତ୍ରରେ ଏପରି କିଛି ନାହିଁ, ଯାହା ଚିକାଗୋ ନଗରରେ ଆଶ୍ରୟଲାଭ କରିନାହିଁ; ଏବଂ ଏହି କେନ୍ଦ୍ରର ସୃଜନଶୀଳ ଜୀବନ ଓ ବ୍ୟଗ୍ର କୌତୂହଳ କାହାରି କାହାରି ନିକଟରେ ପ୍ରଧାନତଃ ବିଶୃଙ୍ଖଳା ମନେ ହେଲେ ସୁଦ୍ଧା ଏହା ନିଃସନ୍ଦିଗ୍ଧଭାବେ ମାନବମହିମାରେ ପୂର୍ଣ୍ଣ ଏବଂ କ୍ରମପରିଣତ ଗୋଟିଏ ଐକ୍ୟାଦର୍ଶର ପ୍ରକାଶାଭିମୁଖରେ ସଞ୍ଚରମାଣ ।

ଏହିପରି ଥିଲା ସେହି ମନୋଭୂମି, ସେହି ମାନସ-ସମୁଦ୍ର-ତାରୁଣ୍ୟପୂର୍ଣ୍ଣ, ଉଚ୍ଛଳ, ଆତ୍ମଶକ୍ତି ଓ ଆତ୍ମବିଶ୍ୱାସରେ ଉଦ୍‌ବେଳ; ଅଧିକନ୍ତୁ ତାହା ଥିଲା ଅନୁସନ୍ଧିତ୍ସୁ ଏବଂ ସଜାଗ । ବିବେକାନନ୍ଦ ଯେତେବେଳେ ବକ୍ତୃତା ଦେବା ପାଇଁ ଦଣ୍ଡାୟମାନ ହେଲେ, ସେତେବେଳେ ସେ ଏହିପରି ଏକ ପରିବେଶର ସମ୍ମୁଖୀନ ହୋଇଥିଲେ । ଅନ୍ୟ ପକ୍ଷରେ ତାଙ୍କ ପଶ୍ଚାତ୍‌ରେ ଥିଲା ବହୁ ଯୁଗର ଅଧ୍ୟାତ୍ମସାଧନାର ଏକ ଶାନ୍ତ ମହାସାଗର, ତାଙ୍କ ପଶ୍ଚାତ୍‌ରେ ଥିଲା ଏପରି ଗୋଟିଏ ଜଗତ, ଯାହା ବୈଦିକ ଯୁଗଠାରୁ ନିଜ ଇତିହାସର ସଙ୍କେତ ବହନ କରି ଉପନିଷଦ ମଧ୍ୟରେ ଆତ୍ମୋପଲବ୍ଧି କରିଥିଲା; ଯାହା ତୁଳନାରେ ବୌଦ୍ଧଧର୍ମ ଆଧୁନିକ କହିଲେ ଚଳେ-ଯେଉଁ ଜଗତ ଧର୍ମବିଶ୍ୱାସ ଓ ମତବାଦସମୂହରେ ପରିପୂର୍ଣ୍ଣ-ଗ୍ରୀଷ୍ମମଣ୍ଡଳର ରୌଦ୍ରସମୁଜ୍ଜ୍ୱଳ ଗୋଟିଏ ପ୍ରଶାନ୍ତ ଭୂମି, ଯୁଗ ଯୁଗ ଧରି ଯାହାର ପଥ ରେଣୁ ମହାପୁରୁଷମାନଙ୍କରଚରଣ-ସ୍ପର୍ଶ ଲାଭ କରିଛି । ସଂକ୍ଷେପରେ ତାଙ୍କ ପଶ୍ଚାତରେ ଥିଲା ହଜାର ହଜାର ବର୍ଷବ୍ୟାପୀ ଜାତୀୟ-ବିକାଶ-ପରିଣତିରେ ସମୃଦ୍ଧ ଭାରତବର୍ଷ- ଏହି ସମୟ ମଧ୍ୟରେ ସେ ନାନା ବିଷୟରେ ଗବେଷଣା କରିଛି, ନାନା ବିଷୟର ସତ୍ୟତା ପ୍ରମାଣ କରିଛି—କେବଳ ମାତ୍ର ନିଜର ଅନନ୍ତ ବିସ୍ତୃତ ଦେଶ ଓ କାଳର ଏକ ପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ କେତୋଟି ମୌଳିକ ଓ ଆବଶ୍ୟକୀୟ ସତ୍ୟ ସମ୍ପର୍କରେ ଏହାର ଜନସାଧାରଣଙ୍କ ସର୍ବସମ୍ମତ ବିଶ୍ୱାସ ସମ୍ବନ୍ଧରେ ଏହାର ନିଜସ୍ୱ ସମ୍ପୂର୍ଣ୍ଣ ଏକମତ ବ୍ୟତୀତ ଆଉ ସବୁ କିଛି ସେ ଉପଲବ୍ଧି କରିଛି ।

ସୁତରାଂ ଏଠାରେ ଥିଲା ଦୁଇ ପ୍ରକାରର ଚିତ୍ତପ୍ରବାହ; ଯେପରି କି ଦୁଇଟି ବିଶାଳଚିନ୍ତାତରଙ୍ଗିଣୀ ପ୍ରାଚ୍ୟ ଓ ଆଧୁନିକ; ଧର୍ମ-ମହାସଭାର ବକ୍ତୃତା-ମଞ୍ଚରେ ଦଣ୍ଡାୟମାନ

ଗୈରିକପରିହିତ ଏହି ପରିବ୍ରାଜକ ସେତେବେଳେ ଉଭୟଙ୍କ ସଙ୍ଗମ-କ୍ଷେତ୍ରରେ ପରିଣତ ହୋଇଥିଲେ । ବ୍ୟକ୍ତିତ୍ୱାଭିମାନଶୂନ୍ୟ ଏହି ବ୍ୟକ୍ତିତ୍ୱ ମାଧ୍ୟମରେ ସଂଘଟିତ ଏହି ଅଭିଘାତର ଅବଶ୍ୟମ୍ଭାବୀ ଫଳ ହେଲା ହିନ୍ଦୁଧର୍ମର ସାଧାରଣ ଭିତ୍ତିସମୂହର ନିର୍ଦ୍ଦିଷ୍ଟ ରୂପଦାନ । ସେଠାରେ ସ୍ୱାମୀ ବିବେକାନନ୍ଦଙ୍କ ମୁଖରେ ତାଙ୍କର ନିଜସ୍ୱ କୌଣସି ଅନୁଭୂତିର କଥା ଉଦ୍‌ଗତ ହୋଇନାହିଁ—ଏପରି କି ଏହି ଅବସରରେ ନିଜ ଗୁରୁଙ୍କ ପ୍ରସଙ୍ଗ ଅବତାରଣା କରିବାର ସୁଯୋଗ ମଧ୍ୟ ସେ ଗ୍ରହଣ କରିନାହାନ୍ତି । ଏହା ପରିବର୍ତ୍ତରେ ଭାରତର ଧର୍ମଚେତନା ହିଁ ତାଙ୍କ ମାଧ୍ୟମରେ ବାଙ୍‌ମୟ ହୋଇ ଉଠିଥିଲା—ଭାରତର ସମଗ୍ର ଅତୀତ ଦ୍ୱାରା ସୁନିର୍ଦ୍ଦିଷ୍ଟ ଦେଶର ସର୍ବସାଧାରଣଙ୍କର ବାଣୀ । ପାଶ୍ଚାତ୍ୟ ସଭ୍ୟତାର ପରିପୂର୍ଣ୍ଣ ଯୌବନର ମଧ୍ୟାହ୍ନରେ ସେ ଯେତେବେଳେ ଭାଷଣରତ, ସେତେବେଳେ ପ୍ରଶାନ୍ତ ମହାସାଗରର ଅନ୍ୟ ତୀରରେ ତମସାଚ୍ଛନ୍ନ ଅର୍ଦ୍ଧେକ ପୃଥିବୀର ଛାୟାରେ ନିଦ୍ରାମଗ୍ନ ଗୋଟିଏ ଜାତି ଏହି ବାଣୀ ନିମିତ୍ତ ଆଗ୍ରହ ସହିତ ଅପେକ୍ଷମାଣ—ଯେଉଁ ବାଣୀ ଆସନ୍ନ ପ୍ରଭାତରେ ସେମାନଙ୍କର ଅନ୍ତର୍ନିହିତ ମହତ୍ତ୍ୱ ଓ ଶକ୍ତିର ରହସ୍ୟ ଉନ୍ମୋଚିତ କରିଦେବ ।

ସେହି ବକ୍ତୃତା-ମଞ୍ଚରେ ସ୍ୱାମୀ ବିବେକାନନ୍ଦଙ୍କ ପାର୍ଶ୍ୱରେ ଆହୁରି ଅନେକ ବକ୍ତା ଦଣ୍ଡାୟମାନ ଥିଲେ । ସେମାନେ ଥିଲେ ବିଶେଷ ବିଶେଷ ଧର୍ମମତର ଓ ଧର୍ମୀୟ ପ୍ରତିଷ୍ଠାନର ପ୍ରବକ୍ତା । କିନ୍ତୁ ସ୍ୱାମୀଜୀଙ୍କର ଗୌରବ ହେଉଛି—ତାଙ୍କ ଭାଷାରେ କହିଲେ-ସେ ଏପରି ଏକ ଧର୍ମ ପ୍ରଚାର କରିବାକୁ ସେଠାକୁ ଯାଇଥିଲେ, ଯାହା ଦୃଷ୍ଟିରେ ପୃଥିବୀର ପ୍ରତ୍ୟେକ ଧର୍ମ ହେଉଛି ବିଭିନ୍ନ ଅବସ୍ଥା ଓ ପରିସ୍ଥିତି ଭିତର ଦେଇ ବିଭିନ୍ନ ଦେଶର ନରନାରୀଙ୍କର କେବଳ ଗୋଟିଏ ଲକ୍ଷ୍ୟରେ ପହଞ୍ଚିବାର ଅଭିଯାତ୍ରା ବା ଅଗ୍ରଗତିର ପ୍ରଚେଷ୍ଟା । ସେ ଘୋଷଣା କରିଥିଲେ ଯେ, ସେ ଦଣ୍ଡାୟମାନ ହୋଇଛନ୍ତି ଏପରି ଜଣକ ବିଷୟ କହିବା ପାଇଁ ଯେ ସମସ୍ତଙ୍କ କଥା କହିଛନ୍ତି । ସେମାନଙ୍କର ଗୋଟିଏ ଦୁଇଟି କଥା ନୁହେଁ—କିମ୍ୱା ଏ ବିଷୟ କି ସେ ବିଷୟ ନୁହେଁ—ଏହି କାରଣରୁ ବା ସେହି କାରଣରୁ ତାର ସତ୍ୟତା ପ୍ରମାଣ କରି ହେବନାହିଁ—ବରଂ 'ଏହି ସବୁଗୁଡ଼ିକ ଗୋଟିଏ ସୂତ୍ରରେ ମଣିମାଳ ଗୁନ୍ଥା ହେଲା ପରି ସେହି ମହାନ୍ ପୁରୁଷଙ୍କ ମଧ୍ୟରେ ଅନୁସ୍ୟୂତ । ... ଯେଉଁଠାରେ ଦେଖିବ ଯେ କୌଣସି ଆଲୌକିକ ପବିତ୍ରତା ଓ ଅସାମାନ୍ୟ ଶକ୍ତି ମାନବକୁ ଉନ୍ନତ ଓ ପବିତ୍ର କରୁଛି, ତାହାହେଲେ ଜାଣିବ ଯେ ସେଠାରେ ତାହା ମୋର ହିଁ ପ୍ରକାଶ ।' ବିବେକାନନ୍ଦ କହନ୍ତି ଯେ ହିନ୍ଦୁର ଦୃଷ୍ଟିଭଙ୍ଗୀରେ 'ମନୁଷ୍ୟ ଅସତ୍ୟରୁ ସତ୍ୟକୁ ଗମନ କରେ ନାହିଁ, ବରଂ ସତ୍ୟରୁ ସତ୍ୟକୁ ଆରୋହଣ କରେ—ନିମ୍ନତର ସତ୍ୟରୁ ଉଚ୍ଚତର ସତ୍ୟକୁ ।' ଏହି ଶିକ୍ଷା ଏବଂ ମୁକ୍ତିର ଉପଦେଶ—ସେହି ଆଦେଶ: 'ବ୍ରହ୍ମୋପଲବ୍ଧି କରି ମାନବକୁ ବ୍ରହ୍ମ ହେବାକୁ ପଡ଼ିବ'—ଧର୍ମ ସେତେବେଳେ ଯାଇ ଆମାନଙ୍କ ମଧ୍ୟରେ ପରିପୂର୍ଣ୍ଣତା ଲାଭ କରେ,

ସେତେବେଳେ ଏହା ଆମମାନଙ୍କୁ ତାଙ୍କ ନିକଟକୁ ନେଇଯାଏ, ଯେ ମୃତ୍ୟୁମୟ ଜଗତରେ ଏକମାତ୍ର ଜୀବନ, ଯେ ନିୟତ ପରିବର୍ତ୍ତନଶୀଳ ବିଶ୍ୱର ନିତ୍ୟ ଅଧିଷ୍ଠାନ, ଯେ ଏକମାତ୍ର ଆତ୍ମା, ଜୀବାତ୍ମାସମୂହ ଯାହାଙ୍କର ମାୟାମୟ ପ୍ରକାଶ ମାତ୍ର । ଏହି ଦୁଇଟି ଉପଦେଶକୁ ଯୋଡ଼ିଏ ପରମ ଓ ବିଶିଷ୍ଟ ସତ୍ୟ ବୋଲି ଗ୍ରହଣ କରାଯାଇପାରେ, ମାନବ ଇତିହାସର ଦୀର୍ଘତମ ଓ ଜଟିଳତମ ଅଭିଜ୍ଞତା ଦ୍ୱାରା ପ୍ରମାଣିତ ଏହି ସତ୍ୟକୁ ଭାରତବର୍ଷ ସ୍ୱାମୀ ବିବେକାନନ୍ଦଙ୍କ ମାଧ୍ୟମରେ ଆଧୁନିକ ପାଶ୍ଚାତ୍ୟ ଜଗତ ସମକ୍ଷରେ ଘୋଷଣା କରିଥିଲା ।

ଭାରତ ପାଇଁ ଏହି କ୍ଷୁଦ୍ର ଭାଷଣଟି ସ୍ୱାଧିକାର ପ୍ରତିଷ୍ଠାର ଏକ ସଂକ୍ଷିପ୍ତ ପ୍ରମାଣ-ପତ୍ର । ବକ୍ତା ହିନ୍ଦୁଧର୍ମକୁ ସାମଗ୍ରିକ ଭାବରେ ବେଦ ଉପରେ ପ୍ରତିଷ୍ଠା କରିଛନ୍ତି; କିନ୍ତୁ ବେଦ ଶବ୍ଦଟି ସେ ଯେତେବେଳେ ଉଚ୍ଚାରଣ କଲେ, ସେତେବେଳେ ବେଦ ବିଷୟରେ ଆମର ଧାରଣା ଅଧ୍ୟାତ୍ମ ଭାବରେ ମଣ୍ଡିତ ହୋଇଅଛି । ତାଙ୍କ ପକ୍ଷରେ ଯାହାକିଛି ସତ୍ୟ ତାହା ହିଁ 'ବେଦ' । ସେ କହିଛନ୍ତି ବେଦ ଶବ୍ଦ ଦ୍ୱାରା କୌଣସି ଗ୍ରନ୍ଥକୁ ବୁଝାଏ ନାହିଁ । ତାହା ଦ୍ୱାରା ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ଆବିଷ୍କୃତ ସତ୍ୟସମୂହର ସଞ୍ଚିତ ଭଣ୍ଡାରକୁ ହିଁ ବୁଝାଏ । ପ୍ରସଙ୍ଗ କ୍ରମେ ସେ ସନାତନ ଧର୍ମ ସମ୍ବନ୍ଧରେ ମଧ୍ୟ ତାଙ୍କର ଧାରଣାକୁ ବ୍ୟକ୍ତ କରିଛନ୍ତି—ଯାହା ତୁଳନାରେ ଆଧୁନିକ ବୈଜ୍ଞାନିକ ଆବିଷ୍କାରସମୂହ ପ୍ରତିଧ୍ୱନି ପରି ମନେହୁଏ । ସେହି ବେଦାନ୍ତ-ଦର୍ଶନର ମହତ୍ତମ ଅଧ୍ୟାତ୍ମ ଚେତନାରୁ ଆରମ୍ଭ କରି ବହୁ ବିଚିତ୍ର ପୁରାଣସମନ୍ୱିତ ନିମ୍ନତମ ମୂର୍ତ୍ତିପୂଜା, ବୌଦ୍ଧମାନଙ୍କର ଅଜ୍ଞେୟବାଦ, ଜୈନମାନଙ୍କର ନିରୀଶ୍ୱରବାଦ ପର୍ଯ୍ୟନ୍ତ ସମସ୍ତଙ୍କର ସ୍ଥାନ ହିନ୍ଦୁଧର୍ମରେ ଅଛି । ତାଙ୍କ ଚିନ୍ତାରେ ଏପରି କୌଣସି ସମ୍ପ୍ରଦାୟ, ଏପରି କୌଣସି ମତବାଦ—ଭାରତବାସୀଙ୍କର ଏପରି କୌଣସି ଆନ୍ତରିକ ଧର୍ମାନୁଭୂତି ଥାଇ ନ ପାରେ, ଯାହା ଯଥାର୍ଥ ଭାବରେ ହିନ୍ଦୁଧର୍ମର ବହିର୍ଭୂତ ହୋଇପାରେ । ବ୍ୟକ୍ତିବିଶେଷ ଏହି ସମ୍ପ୍ରଦାୟ ବା ମତବାଦ ବା ଅନୁଭୂତିକୁ ଯେତେ ବିପଥଗାମୀ ବୋଲି ଭାବନ୍ତୁ ପଛେ, ସେଥିରେ କିଛି ଯାଏ ଆସେ ନାହିଁ । ତାଙ୍କ ମତରେ ବ୍ୟକ୍ତିର ନିଜର ଇଷ୍ଟଦେବତା ବିଷୟକ ଶିକ୍ଷା ହିଁ ହେଲା ଭାରତବର୍ଷରେ ଏହି ମୂଳ ଧର୍ମଭାବର ବୈଶିଷ୍ଟ୍ୟ । ପ୍ରତ୍ୟେକ ଆତ୍ମାର ନିଜର ପନ୍ଥା ନିର୍ବାଚନ କରିବାର ଏବଂ ନିଜ ଭାବରେ ଈଶ୍ୱର ଅନୁସନ୍ଧାନ କରିବାର ଯେଉଁ ଅଧିକାର, ତାଙ୍କ ମତରେ ସନାତନ ହିନ୍ଦୁଧର୍ମର ଏହା ଏକ ବୈଶିଷ୍ଟ୍ୟପୂର୍ଣ୍ଣ ଶିକ୍ଷା । ତାହା ହେଲେ ଏହି ସଂଜ୍ଞାନୁସାରେ ହିନ୍ଦୁଧର୍ମର ବିଶାଳ ସାମ୍ରାଜ୍ୟର ପତାକା କୌଣସି ସୈନ୍ୟବାହିନୀ ବହନ କରି ନ ପାରେ, କାରଣ ଭଗବତ୍‌ପ୍ରାପ୍ତି ତାହାର ଯେପରି ଆଧ୍ୟାତ୍ମିକ ଲକ୍ଷ୍ୟ, ସେହିପରି ପ୍ରତ୍ୟେକ ଆତ୍ମାର ସ୍ୱରୂପଲାଭ ବା ସ୍ୱରୂପପ୍ରାପ୍ତି ପାଇଁ ପୂର୍ଣ୍ଣସ୍ୱାଧୀନତା ତାର ଅଧ୍ୟାତ୍ମ ଅନୁଶାସନ । ତଥାପି ହିନ୍ଦୁଧର୍ମରେ ଏମାନଙ୍କୁ ଗ୍ରହଣ କରିବା ଏବଂ ପ୍ରତ୍ୟେକ ବ୍ୟକ୍ତିର ଏହି ସ୍ୱାଧୀନତା ଏ ଧର୍ମର ଗୌରବର କାରଣ ହୋଇ

ନ ଥାନ୍ତା, ଯଦି ଏହା ମଧ୍ୟରେ ଧର୍ମର ସେହି ପରମ ଆହ୍ୱାନ ଓ ମଧୁରତମ ପ୍ରତିଶ୍ରୁତି ନ ଥାନ୍ତା: 'ଶୁଣ, ହେ ଅମୃତର ପୁତ୍ରଗଣ ! ଯେଉଁମାନେ ଦିବ୍ୟ ଧାମରେ ବାସ କର ସେମାନେ ମଧ୍ୟ ଶୁଣ । ମୁଁ ସେହି ମହାନ୍ ପୁରାଣ ପୁରୁଷଙ୍କ ଦର୍ଶନ ପାଇଛି, ଯିଏ ସକଳ ଅନ୍ଧକାର ଓ ଅଜ୍ଞାନର ଊର୍ଦ୍ଧ୍ୱରେ ଅବସ୍ଥିତ । ତାଙ୍କୁ ଜାଣିଲେ ତୁମମାନେ ମଧ୍ୟ ମୃତ୍ୟୁକୁ ଅତିକ୍ରମ କରିବ ।' ଏହି ମହାନ୍ ବାଣୀ ନିମିତ୍ତ ସବୁକିଛିର ଅସ୍ତିତ୍ୱ ଥିଲା ଓ ରହିଛି ମଧ୍ୟ । ଏହା ହିଁ ହେଉଛି ସେହି ଉପଲବ୍ଧି ଯେଉଁଥିରେ ଅନ୍ୟ ସମସ୍ତ ଅନୁଭୂତି ମିଶି ଏକତ୍ର ହୋଇପାରେ । 'ଆମମାନଙ୍କର ବର୍ତ୍ତମାନ କର୍ତ୍ତବ୍ୟ' ବିଷୟକ ବକ୍ତୃତାରେ ସ୍ୱାମୀଜୀ ଯେତେବେଳେ ଗୋଟିଏ ମନ୍ଦିର ନିର୍ମାଣ ପାଇଁ ସମସ୍ତଙ୍କୁ ସାହାଯ୍ୟ କରିବାକୁ କହିଲେ, ଯେଉଁଠି ସମସ୍ତ ଉପାସକଗଣ ଆସି ଉପାସନା କରିପାରିବେ, ଯେଉଁ ମନ୍ଦିରର ପବିତ୍ର ବେଦୀ ଉପରେ 'ଓଁ' ଶବ୍ଦଟି ରହିବ, ସେତେବେଳେ ଆମମାନଙ୍କ ମଧ୍ୟରୁ କେହି କେହି ତାଙ୍କର ଏହି ଉକ୍ତି ମଧ୍ୟରେ ଅନ୍ୟ ଏକ ବୃହତ୍ତର ମନ୍ଦିରର ଆଭାସ ପାଇଥିଲେ—ଯେଉଁ ମନ୍ଦିର ଆମର ପୁଣ୍ୟ ମାତୃଭୂମି ଭାରତବର୍ଷ ଯେଉଁ ମନ୍ଦିରର ପବିତ୍ର-ବେଦୀ ତଳେ କେବଳ ଭାରତର ନୁହେଁ, ବରଂ ସମଗ୍ର ପୃଥିବୀର ସମସ୍ତ ସାଧନା-ପଥ ଆସି ମିଳିତ ହୋଇଛି ଏବଂ ଯାହାର ବେଦୀରେ ପତିଷ୍ଠିତ ରହିଛି ସେହି ପ୍ରତୀକଟି, ଯାହା କେବଳ ମାତ୍ର ପ୍ରତୀକ ନୁହେଁ—ସେହି ନାମ ଯାହା ସକଳ ଶବ୍ଦର ଅତୀତ । ସକଳ ଉପାସନା ସକଳ ଧର୍ମପଦ୍ଧତି ଏହାରି ଅଭିମୁଖରେ-ବିପରୀତ ଦିଗକୁ ନୁହେଁ । ପୃଥିବୀର ନିଷ୍ଠାପରାୟଣ ଧର୍ମସମୁହ ସହିତ ଭାରତ ସମସ୍ୱରରେ ଘୋଷଣା କରୁଛି ଯେ, ସାଧନାର ଅଗ୍ରଗତି ଦୃଷ୍ଟରୁ ଅଦୃଷ୍ଟକୁ, ବହୁତ୍ୱରୁ ଏକତ୍ୱକୁ, ନିମ୍ନରୁ ଉଚ୍ଚତର ସ୍ତରକୁ, ସାକାରରୁ ନିରାକାରକୁ—କେବେହେଲେ ଏହାର ବିପରୀତ ଦିଗକୁ ନୁହେଁ । ଭାରତର ବୈଶିଷ୍ଟ୍ୟ କେବଳ ଏହି ବିଷୟରେ ଯେ, ସେ ପ୍ରତ୍ୟେକ ଆନ୍ତରିକ ଧର୍ମବିଶ୍ୱାସକୁ—ତାହା ଯେ କୌଣସି ସ୍ଥାନର ବା ଯେ କୌଣସି ପ୍ରକାରର ହେଉନା କାହିଁକି, ସେହି ମହାନ୍ ଉନ୍ନତି-ପଥରେ ଗୋଟିଏ ଗୋଟିଏ ସୋପାନ ସଦୃଶ ମନେ କରେ ଏବଂ ଏହି ସକଳ ଧର୍ମ-ବିଶ୍ୱାସକୁ ସେ ସହାନୁଭୂତି ଜଣାଏ ଓ ଆଶ୍ୱାସ ପ୍ରଦାନ କରେ ।

ହିନ୍ଦୁଧର୍ମର ଏହି ପ୍ରବକ୍ତାଙ୍କ ମଧ୍ୟରେ ଯଦି ଏପରି କିଛି ଥାଆନ୍ତା, ଯାହା ତାଙ୍କର ନିଜସ୍ୱ, ତେବେ ସ୍ୱାମୀ ବିବେକାନନ୍ଦଙ୍କର ଯଥାର୍ଥ ମହତ୍ତ୍ୱ ବାସ୍ତବିକ କ୍ଷୁଣ୍ଣ ହୋଇଥାଆନ୍ତା । ଗୀତାରେ ଶ୍ରୀକୃଷ୍ଣଙ୍କ ପରି ବୁଦ୍ଧ, ଶଙ୍କରାଚାର୍ଯ୍ୟ ଓ ଭାରତରଚିନ୍ତା-ଜଗତର ଅନ୍ୟ ସକଳ ଆଚାର୍ଯ୍ୟଙ୍କ ପରି ତାଙ୍କର କଥାସମୂହ ବେଦ ଓ ଉପନିଷଦ୍‌ର ଉଦ୍ଧୃତିରେ ସମୃଦ୍ଧ । ଯେଉଁ ରତ୍ନ-ଭଣ୍ଡାରକୁ ଭାରତ ନିଜ ଅନ୍ତରରେ ଧାରଣ କରି ରଖିଛି, କେବଳ ସେଗୁଡ଼ିକର ପ୍ରକାଶକ ରୂପେ—ବ୍ୟାଖ୍ୟାତାରୂପେ ସ୍ୱାମୀଜୀ ସେଠାରେ ବିରାଜମାନ । ସେ ଯଦି

ଜନ୍ମଗ୍ରହଣ କରି ନ ଥାନ୍ତେ, ତେବେ ସୁଦ୍ଧା ଯେଉଁ ସକଳ ସତ୍ୟ ସେ ପ୍ରଚାର କରିଛନ୍ତି, ତାହା ସମଭାବରେ ସତ୍ୟ ହୋଇ ରହିଥାନ୍ତା । କେବଳ ସେତିକି ନୁହେଁ, ତାହା ସମଭାବରେ ପ୍ରାମାଣ୍ୟ ମଧ୍ୟ ହୋଇଥାନ୍ତା । ତେବେ ପାର୍ଥକ୍ୟ ଟିକିଏ ରହିଥାନ୍ତା; ଏଗୁଡ଼ିକର ଆଧୁନିକ ପ୍ରାଞ୍ଜଳତା ଓ ବକ୍ତବ୍ୟର ତୀକ୍ଷ୍ଣତା ରହି ନ ଥାନ୍ତା, ପାରସ୍ପରିକ ସଙ୍ଗତି ଓ ଐକ୍ୟର ଅଭାବ ହୋଇଥାନ୍ତା । ସେ ଯଦି ଜନ୍ମଗ୍ରହଣ କରି ନ ଥାନ୍ତେ, ତେବେ ଯେଉଁ ଶାସ୍ତ୍ର ବଚନଗୁଡ଼ିକ ଆଜି ସହସ୍ର ସହସ୍ର ମାନବଙ୍କ ନିକଟକୁ ଜୀବନର ମର୍ମ-ବାଣୀ ବହନ କରି ନେଇଯିବ, ସେଗୁଡ଼ିକ ପଣ୍ଡିତ-ମଣ୍ଡଳୀର ଦୁର୍ବୋଧ ବିତର୍କର ବିଷୟବସ୍ତୁ ହୋଇ ରହିଥାନ୍ତା । ସେ ଆଧିକାରିକ ପୁରୁଷଙ୍କ ପରି ଶିକ୍ଷା ଦେଇଥିଲେ, ପଣ୍ଡିତମାନଙ୍କ ପରି ନୁହେଁ, କାରଣ ଯେଉଁ ବିଷୟ ସେ ଶିକ୍ଷା ଦେଉଥିଲେ ସେହି ଉପଲବ୍ଧିର ଗଭୀରତାରେ ସେ ଅବଗାହନ କରିଛନ୍ତି ଏବଂ ରାମାନୁଜଙ୍କ ପରି ସେହି ଅବସ୍ଥାରୁ ଫେରି ଆସିଛନ୍ତି କେବଳ ଅନ୍ତ୍ୟଜ, ଜାତିଚ୍ୟୁତ ଓ ବିଦେଶୀମାନଙ୍କ ନିକଟରେ ଏହି ଉପଲବ୍ଧିର ରହସ୍ୟ ପ୍ରକାଶ କରିବା ପାଇଁ ।

ତାଙ୍କ ଉପଦେଶରେ ନୂତନ କିଛି ନ ଥିଲା—ଏକଥା କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଏକଥା ଭୁଲିଗଲେ ଚଳିବ ନାହିଁ ଯେ, 'ଏକାମେବାଦ୍ୱିତୀୟମ୍' ଅନୁଭୂତି ଯେଉଁ ଦର୍ଶନର ଅନ୍ତର୍ଗତ ସେହି ଅଦ୍ୱୈତବାଦର ଶ୍ରେଷ୍ଠତ୍ୱ ଘୋଷଣା କରିବା ସତ୍ତ୍ୱେ ସ୍ୱାମୀ ବିବେକାନନ୍ଦ ହିନ୍ଦୁଧର୍ମରେ ଏହି ଶିକ୍ଷା ସଂଯୁକ୍ତ କରିଦେଲେ ଯେ, ଦ୍ୱୈତ, ବିଶିଷ୍ଟାଦ୍ୱୈତ ଓ ଅଦ୍ୱୈତ ଗୋଟିଏ ବିକାଶର ତିନୋଟି ଅବସ୍ଥା ବା କ୍ରମିକ ସ୍ତର ମାତ୍ର ଏବଂ ଏହି ବିକାଶର ଚରମଲକ୍ଷ୍ୟ ହେଉଛି ଶେଷୋକ୍ତ ଅଦ୍ୱୈତତତ୍ତ୍ୱ । ଏହା ଆହୁରି ଗୋଟିଏ ମହତ୍ତର ଓ ସହଜତର ତତ୍ତ୍ୱର ଅପରିହାର୍ଯ୍ୟ ଅଙ୍ଗ । ବହୁ ଏବଂ ଏକ-ଯାହା ମୂଳତଃ ଏକ ସତ୍ତା, ବିଭିନ୍ନ ସମୟରେ ବିଭିନ୍ନ ଅବସ୍ଥାରେ ମନରେ ଅନୁଭୂତ ଏକ ସତ୍ତା ବିଭିନ୍ନ ପ୍ରକାଶ ମାତ୍ର, ଅଥବା ଶ୍ରୀରାମକୃଷ୍ଣ ଯେପରି କହୁଥିଲେ, "ଈଶ୍ୱର ସାକାର ଓ ନିରାକାର ଉଭୟ, ସେ ଏପରି ଏକ ତତ୍ତ୍ୱ ଯେଉଁଥିରେ ସାକାର ଓ ନିରାକାର ଉଭୟ ଅନ୍ତର୍ଗତ ।"

ଆମ ଗୁରୁଦେବଙ୍କ ଜୀବନର ଚରମ ତାତ୍ପର୍ଯ୍ୟ ଏହା ହିଁ । ଏଥିପାଇଁ ଯେ ସେ କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନ-କେନ୍ଦ୍ର ହୋଇଛନ୍ତି ତାହା ନୁହେଁ, ବରଂ ଅତୀତ ଓ ଭବିଷ୍ୟତ କାଳର ମଧ୍ୟ । ଯଦି ବହୁ ଓ ଏକ ପ୍ରକୃତରେ ଗୋଟିଏ ସତ୍ତା ହୋଇଥାନ୍ତି, ତେବେ କେବଳ ବିଭିନ୍ନ ଉପାସନାପଦ୍ଧତି ନୁହେଁ, ବରଂ ସମସ୍ତ କର୍ମ-ପଦ୍ଧତି ମଧ୍ୟ, ସକଳ ପ୍ରକାର ପ୍ରୟାସ ଓ ସୃଷ୍ଟି ମଧ୍ୟ ସତ୍ୟ ଉପଲବ୍ଧିର ବିଭିନ୍ନ ପନ୍ଥା । ତେବେ ଆଧ୍ୟାତ୍ମିକ ଓ ଲୌକିକର ଭେଦ ଅସମ୍ଭବ । ଯାହା କାୟିକ ପରିଶ୍ରମ, ତାହା ହିଁ ପ୍ରାର୍ଥନା । ଯାହା ଜୟ, ତାହା ହିଁ ତ୍ୟାଗ । ସମଗ୍ର ଜୀବନକୁ ହିଁ ଧର୍ମରେ ପରିଣତ କରିବାକୁ ହେବ । ଯୋଗ ଓ

କ୍ଷେମ–ତ୍ୟାଗ ଏବଂ ବର୍ଜନ ସଦୃଶ ଦାୟସ୍ୱରୂପ ।

ଏହି ଉପଲବ୍ଧି ହିଁ ବିବେକାନନ୍ଦଙ୍କୁ କର୍ମର ମହାନ୍ ପ୍ରଚାରକରେ ପରିଣତ କରିଛି–କର୍ମ ଜ୍ଞାନ ଓ ଭକ୍ତିଠାରୁ ବିଚ୍ଛିନ୍ନ ନୁହେଁ, ବରଂ ଏଗୁଡ଼ିକର ପ୍ରକାଶକ ମାତ୍ର । ତାଙ୍କ ନିକଟରେ କାରଖାନା, ପାଠଗୃହ, କ୍ଷେତଖମାର ପ୍ରଭୃତି ସାଧୁର କୁଟୀର କିମ୍ବା ମନ୍ଦିର ପରି ପବିତ୍ର ଏବଂ ଭଗବାନଙ୍କ ସହିତ ମନୁଷ୍ୟର ମିଳନର ଉପଯୁକ୍ତ କ୍ଷେତ୍ର । ତାଙ୍କ ନିକଟରେ ମାନବ ସେବାରେ ଓ ଭଗବଦାରାଧନାରେ କୌଣସି ପ୍ରଭେଦ ନାହିଁ; ତାଙ୍କ ନିକଟରେ ପୁରୁଷକାର ଓ ବିଶ୍ୱାସରେ, ଯଥାର୍ଥ ସଦାଚାର ଓ ଆଧ୍ୟାତ୍ମିକତାରେ କୌଣସି ପାର୍ଥକ୍ୟ ନାହିଁ । ଗୋଟିଏ ଦିଗରୁ ଦେଖିଲେ ତାଙ୍କର ସକଳ ବାଣୀ ଏହି ମୁଖ୍ୟତତ୍ତ୍ୱର ଭାଷ୍ୟ ବୋଲି ବୋଧହୁଏ । ଥରେ ସେ କହିଥିଲେ, ''ଚାରୁକଳା, ବିଜ୍ଞାନ ଓ ଧର୍ମ–ଗୋଟିଏ ସତ୍ୟକୁ ପ୍ରକାଶ କରିବାର ତିନୋଟି ଉପାୟ ।'' କିନ୍ତୁ ଏହି କଥାର ଯଥାର୍ଥ ମର୍ମ ବୁଝିବାକୁ ହେଲେ ଆମମାନଙ୍କୁ ଅଦ୍ୱୈତବାଦ ଗ୍ରହଣ କରିବାକୁ ହେବ ।

ଯେଉଁ ଗଠନମୂଳକ ପ୍ରଭାବଦ୍ୱାରା ତାଙ୍କର ଅଲୌକିକ ଦୃଷ୍ଟି ନିରୂପିତ ହୋଇଥିଲା, ତାହାର ତିନୋଟି ସୂତ୍ର ଅଛି । ପ୍ରଥମତଃ ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ତାଙ୍କର ଶିକ୍ଷାଲାଭ । ଏହି ଭାବରେ ଦୁଇଟି ବିରୁଦ୍ଧ ଜଗତର ସଂଘାତ ତାଙ୍କ ନିକଟରେ ସ୍ପଷ୍ଟ ହୋଇଉଠିଥିଲା; ଏହା ସହିତ ଭାରତୀୟ ଶାସ୍ତ୍ରସମୂହର ମୂଳ ବିଷୟବସ୍ତୁରୂପେ ଯେଉଁ ବିଶେଷ ଉପଲବ୍ଧି, ତାହାର ଦୃଢ଼ ଧାରଣା ଜଡ଼ିତ ଥିଲା । ଅତଏବ ଏହି ଉପଲବ୍ଧି ଯଦି ସତ୍ୟ ହୋଇଥାଏ, ତେବେ ଅନ୍ୟମାନଙ୍କ ନିକଟରେ ଆକସ୍ମିକ ହେଲେ ମଧ୍ୟ ଭାରତୀୟ ଋଷିମାନେ ଆକସ୍ମିକ ଭାବରେ ଏହି ସତ୍ୟର ସମ୍ମୁଖୀନ ହୋଇ ନ ଥିଲେ । ଏହା ଗୋଟିଏ ବିଜ୍ଞାନ–ପ୍ରତିପାଦ୍ୟ ବିଷୟ, ସେହି ଯୁକ୍ତିମୂଳକ ବିଶ୍ଳେଷଣର ବିଷୟୀଭୂତ–ଯାହା ସତ୍ୟ ଅନ୍ୱେଷଣରେ କୌଣସି ପ୍ରକାର ତ୍ୟାଗ ସ୍ୱୀକାର କରିବାକୁ ବିମୁଖ ନୁହେଁ ।

ଦକ୍ଷିଣେଶ୍ୱରର ମନ୍ଦିରୋଦ୍ୟାନରେ ରହି ଶ୍ରୀରାମକୃଷ୍ଣ ପରମହଂସ ଯେତେବେଳେ ତାଙ୍କର ଭାବ ଶିକ୍ଷା ଦେଉଥିଲେ, ସେତେବେଳେ ସ୍ୱାମୀ ବିବେକାନନ୍ଦ–ତଦାନୀନ୍ତନ 'ନରେନ୍' ତାଙ୍କ ଗୁରୁଙ୍କ ଭିତରେ ପୁରାତନ ଶାସ୍ତ୍ରସମୂହର ସେହି ପ୍ରମାଣ ପାଇଥିଲେ, ଯାହା ତାଙ୍କ ହୃଦୟ ଓ ବୁଦ୍ଧି ଖୋଜୁଥିଲା । ଏଠାରେ ସେ ସେହି ତତ୍ତ୍ୱକୁ ପାଇଥିଲେ, ଯାହା ଗ୍ରନ୍ଥସମୂହରେ ଅସ୍ଫୁଟ ଭାବରେ ବର୍ଣ୍ଣିତ । ଏଠାରେ ଏପରି ଜଣେ ଥିଲେ, ସମାଧି ଯାହାଙ୍କ ଜ୍ଞାନଲାଭର ଏକମାତ୍ର ପଦ୍ଧତି । ମୁହୁର୍ମୁହୁଃ ତାଙ୍କ ମନର ଗତି ବହୁରୁ ଏକ ଅଭିମୁଖରେ ଧାବିତ ହେଉଥିଲା । ପ୍ରତି ମୁହୂର୍ତ୍ତରେ ତାଙ୍କ ସମାଧିଲବ୍ଧ ଜ୍ଞାନ ବାଣୀରୂପେ ଉଚ୍ଚାରିତ ହେଉଥିଲା । ତାଙ୍କ ସାନ୍ନିଧ୍ୟରେ ଯେଉଁମାନେ ଥିଲେ, ସେମାନେ ସମସ୍ତେ ଦିବ୍ୟଦର୍ଶନ ଲାଭ କରିଥିଲେ । ଏହି ଶିଷ୍ୟଟିକୁ ଅତୀନ୍ଦ୍ରିୟ ଜ୍ଞାନଲାଭର ତୃଷ୍ଣା ଜ୍ୱର ଭଳି ଘୋଟିଯାଇଥିଲା ।

ଯଦିଓ ରାମକୃଷ୍ଣ ଧର୍ମଗ୍ରନ୍ଥ-ସମୂହର ଜୀବନ୍ତ ବିଗ୍ରହ ଥିଲେ, ତଥାପି ସେ ତାଙ୍କ ଅଜ୍ଞାତସାରରେ ଏହି ରୂପ ଥିଲେ, କାରଣ ସେ କୌଣସି ଗ୍ରନ୍ଥ ପଢ଼ି ନ ଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କ ନିକଟରେ ବିବେକାନନ୍ଦ ତାଙ୍କ ଜୀବନର ଚାବିକାଠି ଖୋଜି ପାଇଥିଲେ ।

ତେବେ ସୁଦ୍ଧା ତାଙ୍କର ନିର୍ଦ୍ଧାରିତ କର୍ମ ପାଇଁ ପ୍ରସ୍ତୁତ ସମ୍ପୂର୍ଣ୍ଣ ହୋଇନାହିଁ । ତାଙ୍କୁ ହିମାଳୟଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତବର୍ଷର ସର୍ବତ୍ର ଭ୍ରମଣ କରିବାକୁ ହୋଇଥିଲା- ସାଧୁ, ପଣ୍ଡିତ ଓ ସାଧାରଣ ମନୁଷ୍ୟ ସହିତ ସମଭାବରେ ମିଶିବାକୁ ହୋଇଥିଲା, ସମସ୍ତଙ୍କ ନିକଟରୁ ଶିକ୍ଷା ଗ୍ରହଣ କରିବାକୁ ହୋଇଥିଲା, ସମସ୍ତଙ୍କୁ ଶିଖାଇବାକୁ ହୋଇଥିଲା, ସମସ୍ତଙ୍କ ନିକଟରେ ବାସ କରିବାକୁ ହୋଇଥିଲା ଏବଂ ଭାରତମାତା ଅତୀତରେ ଯେପରି ଥିଲେ ଏବଂ ଯାହା ହୋଇଛନ୍ତି ତାହା ଦେଖିବାକୁ ହୋଇଥିଲା—ଏହି ଭାବରେ ବିଶାଳ ସମଗ୍ରତାର ସର୍ବାବଗାହିତ୍ୱ ତାଙ୍କ ଉପଲବ୍ଧି କରିବାକୁ ହୋଇଥିଲା—ତାଙ୍କ ଗୁରୁଦେବଙ୍କ ଜୀବନ ଓ ବ୍ୟକ୍ତିତ୍ୱ ଯାହାର ସଂକ୍ଷିପ୍ତ ଓ ଘନୀଭୂତ ବିଗ୍ରହ ।

ସୁତରାଂ ଶାସ୍ତ୍ର, ଗୁରୁ ଓ ମାତୃଭୂମି—ଏହି ତିନୋଟି ସ୍ୱର ମିଳିତ ହୋଇ ସୃଷ୍ଟି କରିଛି ସ୍ୱାମୀ ବିବେକାନନ୍ଦଙ୍କ ରଚନାବଳୀର ମହାନ୍ ସଙ୍ଗୀତ । ଏହି ସମ୍ପଦ ହିଁ ତାଙ୍କ ପକ୍ଷରୁ ଉପହାର ଦେବାର ଥିଲା । ଏହିସବୁ ଉପାଦାନ ଦ୍ୱାରା ସେ ପୃଥିବୀ ପାଇଁ ତାଙ୍କର ଅପାର୍ଥିବ କରୁଣାସିକ୍ତ ସର୍ବତାପହର ମହୌଷଧି ପ୍ରସ୍ତୁତ କରିଥିଲେ । ଏଗୁଡ଼ିକ ଯେପରି ତିନୋଟି ଦୀପଶିଖା ସଦୃଶ-ଗୋଟିଏ ଦୀପାଧାରରେ ହିଁ ପ୍ରଜ୍ୱଳିତ । ଭାରତବର୍ଷ ଏହି ପ୍ରଦୀପକୁ ତାଙ୍କ ହସ୍ତରେ ଜଳାଇ ରଖିଛନ୍ତି—ତାଙ୍କ ସନ୍ତାନଗଣ ଓ ସମଗ୍ର ମାନବଜାତିର ପଥନିର୍ଦ୍ଦେଶ କରିବା ପାଇଁ—୧୯ ସେପ୍‌ଟେମ୍ବର ୧୮୯୩ ଠାରୁ ୪ ଜୁଲାଇ ୧୯୦୨ ପର୍ଯ୍ୟନ୍ତ ମାତ୍ର ଏହି କେତୋଟି ବର୍ଷର କର୍ମ ମାଧ୍ୟମରେ । କେହି କେହି ଏହି ଦୀପ ପ୍ରଜ୍ୱଳନ ପାଇଁ ଓ ଯେଉଁ ଲେଖାମାଳା ସ୍ୱାମୀଜୀ ଆମମାନଙ୍କ ପାଇଁ ରଖିଯାଇଛନ୍ତି, ସେଥିପାଇଁ ସ୍ୱସ୍ତିବାଦ ଜଣାଉଛନ୍ତି—ସେହି ଦେଶକୁ, ଯେଉଁ ଦେଶରେ ସେ ଜନ୍ମଗ୍ରହଣ କରିଥିଲେ, ଧନ୍ୟବାଦ ଜଣାଉଛନ୍ତି ସେମାନଙ୍କୁ, ଯେଉଁମାନେ ତାଙ୍କୁ ପାଶ୍ଚାତ୍ୟକୁ ପ୍ରେରଣ କରିଥିଲେ ଏବଂ ଆମର ବିଶ୍ୱାସ, ଏବେ ସୁଦ୍ଧା ତାଙ୍କ ବାଣୀର ବିଶାଳତା ଓ ତାତ୍ପର୍ଯ୍ୟ ବୁଝିବାର ସୌଭାଗ୍ୟ ଆମର ହୋଇନାହିଁ ।

୪ ଜୁଲାଇ, ୧୯୦୭

ରାମକୃଷ୍ଣ ବିବେକାନନ୍ଦଙ୍କ ନିବେଦିତା
(N.of RK. V)

# ଚିକାଗୋ ବକ୍ତୃତାମାଳା

## ଭୂମିକା

୧୮୯୩ ଖ୍ରୀଷ୍ଟାବ୍ଦରେ ଚିକାଗୋରେ ଯେଉଁ ବିଶ୍ୱମେଳା* ହୋଇଥିଲା, ଧର୍ମମହାସଭା ସେହି ଉପଲକ୍ଷେ ଅନୁଷ୍ଠିତ ଗୋଟିଏ ସମ୍ମେଳନ । ପାଶ୍ଚାତ୍ୟ ଦେଶରେ ଆଜିକାଲି ଯେଉଁସବୁ ବିରାଟ ଆନ୍ତର୍ଜାତିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥାଏ, ସେଗୁଡ଼ିକ ସହିତ ସାହିତ୍ୟ, କଳା ଏବଂ ବିଜ୍ଞାନ ସମ୍ମେଳନ ମଧ୍ୟ ସଂଶ୍ଳିଷ୍ଟ କରିବା ଗୋଟିଏ ରୀତି ହୋଇଉଠିଛି । ଯେଉଁ ବିଷୟଗୁଡ଼ିକ ମାନବର କଲ୍ୟାଣକାରୀ, ତାହାର ଇତିହାସରେ ଏହିପରି ପ୍ରତ୍ୟେକଟି ଅଧିବେଶନ ଯେ ସ୍ମରଣୀୟ ହୋଇ ରହିବ, ତାହା ନିଃସନ୍ଦେହ । ଆନ୍ତର୍ଜାତିକ ପ୍ରଦର୍ଶନୀ ଉପଲକ୍ଷେ ମହାସମ୍ମେଳନରେ ମିଳିତ ମାନବମଣ୍ଡଳୀ ଚିକିତ୍ସା-ବିଜ୍ଞାନ, ଆଇନବିଦ୍ୟା, ଯନ୍ତ୍ରବିଜ୍ଞାନ ଏବଂ ଜ୍ଞାନର ଅନ୍ୟାନ୍ୟ ଶାଖାର ତାତ୍ତ୍ୱିକ ଗବେଷଣା ଓ କାର୍ଯ୍ୟକାରୀ ଆବିଷ୍କାରର ଆଦାନ-ପ୍ରଦାନ ଇତ୍ୟାଦି ସକଳ ବିଷୟର ଉନ୍ନତି ସାଧନ କରିବା ହିଁ ସେମାନଙ୍କର ଲକ୍ଷ୍ୟ ବୋଲି ମନେ କରନ୍ତି । ମାର୍କିନ-ଜାତିର ସାହସ ଓ ମୌଳିକ ମନୋଭାବ ନେଇ କେବଳ ଚିକାଗୋବାସୀଗଣ ଭାବିବାକୁ ସମର୍ଥ ହୋଇଥିଲେ ଯେ ପୃଥିବୀର ପ୍ରଧାନ ଧର୍ମଗୁଡ଼ିକର ଏକତ୍ର ସମାବେଶ ଏହି ସମସ୍ତ ସମ୍ମେଳନ ମଧ୍ୟରେ ଶ୍ରେଷ୍ଠ ହେବ । ଏହି ସମସ୍ତ ଧର୍ମର ପ୍ରତିନିଧିଗଣ ନିଜ ନିଜ ଧର୍ମବିଶ୍ୱାସର ସମର୍ଥନରେ ଯେଉଁସବୁ ଯୁକ୍ତି ଉପସ୍ଥାପିତ କରିବେ, ଆନ୍ତରିକ ସହାନୁଭୂତି ସହକାରେ ତାହା ଶୁଣିବାକୁ ହେବ—ଏପରି ସଂକଳ୍ପ ମଧ୍ୟ କରାହୋଇଥିଲା । ଏହିପରି ଭାବରେ ସମ ମର୍ଯ୍ୟାଦା ଓ ସୁନିୟନ୍ତ୍ରିତ ବାକ୍-ସ୍ୱାଧୀନତା ମଧ୍ୟରେ ମିଳିତ ହୋଇ ପ୍ରତିନିଧିଗଣ ଯେଉଁସଂସଦ ଗଠନ କରିବେ, ତାହା ହିଁ ହେବ ଏକ ଧର୍ମ ମହାସଭା । ଫଳରେ ବିଭିନ୍ନ ଜାତିର ଧର୍ମଗୁଡ଼ିକ ମଧ୍ୟରେ ଭ୍ରାତୃଭାବପୂର୍ଣ୍ଣ ମିଳନର ପ୍ରୟୋଜନୀୟତା, ଜଗତର ମାନସପଟରେ ସୁସ୍ପଷ୍ଟ ଭାବରେ ଅଙ୍କିତ ହୋଇ ରହିବ ।

ପ୍ରତିନିଧି ପ୍ରେରଣ ନିମିତ୍ତ ଯେଉଁ ନିମନ୍ତ୍ରଣ ଓ ଯଥାରୀତି ନିର୍ବାଚନର ପ୍ରୟୋଜନ, ସେ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥାଇ ଦକ୍ଷିଣ ଭାରତୀୟ ଅଳ୍ପ କେତେଜଣ ଶିଷ୍ୟ ତାଙ୍କ ଗୁରୁଦେବଙ୍କୁ ହିନ୍ଦୁଧର୍ମ ପକ୍ଷରୁ ବକ୍ତୃତା ଦେବାର ପ୍ରୟୋଜନୀୟତା ବୁଝାଇବା ପାଇଁ

---

* ପାଠକମାନଙ୍କର ଅବଗତି ନିମିତ୍ତ ଏଠାରେ ଉଲ୍ଲେଖ କରାଗଲା ଯେ, ଏହି ବିଶ୍ୱମେଳା ଉପଲକ୍ଷେ ଚାରୋଟି ସମାବେଶ ହୋଇଥିଲା ।

ବିଶେଷ ତତ୍ପର ହେଲେ । ଅଗାଧ ବିଶ୍ୱାସବଶତଃ ସେମାନେ ବୁଝିପାରି ନଥିଲେ ଯେ, ସେମାନେ ଏପରି କିଛି ଦାବୀ କରିବାକୁ ଯାଉଛନ୍ତି, ଯାହା ମଣିଷ ପକ୍ଷରେ ଅସମ୍ଭବ । ସେମାନେ ଭାବିଥିଲେ ଯେ ବିବେକାନନ୍ଦ ସେଠାରେ କେବଳ ଉପସ୍ଥିତ ହେବାମାତ୍ରେ ବକ୍ତୃତା ଦେବାର ସୁଯୋଗ ପାଇବେ । ସ୍ୱାମୀଜୀ ମଧ୍ୟ ଶିଷ୍ୟଗଣଙ୍କ ପରି ଜାଗତିକ ରୀତିନୀତି ବିଷୟରେ ଅନଭିଜ୍ଞ ଥିଲେ । ଯେତେବେଳେ ସେ ନିଶ୍ଚିତ ଭାବରେ ଜାଣିଲେ ଯେ, ଏହି କାର୍ଯ୍ୟପାଇଁ ସେ ଈଶ୍ୱରାଦେଶ ଲାଭ କରିଛନ୍ତି, ସେତେବେଳେ ଏହି କାର୍ଯ୍ୟରେ ଯେ କୌଣସି ବାଧା ଥାଇପାରେ, ସ୍ୱାମୀଜୀ ଏକଥା ଚିନ୍ତା କଲେ ନାହିଁ । ଯଥାରୀତି ବିଜ୍ଞପ୍ତି ଓ ପରିଚୟ-ପତ୍ରାଦି ବ୍ୟତିରେକେ ହିନ୍ଦୁଧର୍ମର ପ୍ରତିନିଧି ବିଶ୍ୱର ସମୃଦ୍ଧି ଓ ଶକ୍ତିର ସୁରକ୍ଷିତ ଦ୍ୱାରରେ ପ୍ରବେଶ କରିବାକୁ ଉଦ୍ୟତ ହେଲେ । ଏହା ଅପେକ୍ଷା ହିନ୍ଦୁଧର୍ମର ସଂଘବଦ୍ଧହୀନତାର ଅନ୍ୟ କୌଣସି ସ୍ପଷ୍ଟତର ପ୍ରମାଣ ଆଉ କଅଣ ଥାଇପାରେ !

ଚିକାଗୋରେ ଉପସ୍ଥିତ ହୋଇ ସ୍ୱାମୀଜୀ ପ୍ରକୃତ ଅବସ୍ଥା ବୁଝିପାରିଥିଲେ । ପ୍ରେରିତ ଓ ଗୃହୀତମାନଙ୍କ ପାଇଁ ଆମନ୍ତ୍ରଣର ରୀତି ଅନୁସାରେ କୌଣସି ପରିଚିତ ବା ସ୍ୱୀକୃତ ସଂସ୍ଥା ତାହାଙ୍କୁ ପ୍ରେରଣ କରି ନାହିଁ । ଅଧିକନ୍ତୁ ନୂଆ ପ୍ରତିନିଧିମାନଙ୍କୁ ନେବାର ସମୟ ଚାଲିଯାଇଛି । ଭାରତକୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ବୋଷ୍ଟନ୍‌ରେ ଯଦି କାହାରି ସହିତ ଦୈବକ୍ରମେ ପରିଚୟ ହୁଏ, ଏହିପରି ଭାବି, କି ଗଭୀର ନୈରାଶ୍ୟ ନେଇ ତାଙ୍କୁ ଚିକାଗୋର ରୁଦ୍ଧ ଦ୍ୱାରରୁ ଫେରିବାକୁ ନ ପଡ଼ିଥିବ !

ଏହି ଭାବରେ ଦୂରଦୃଷ୍ଟି ବା ନିଜର କୌଣସି ପରିକଳ୍ପନା ନ ଥିବା ସତ୍ତ୍ୱେ ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ରାଇଟ୍‌ଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ରାଇଟ୍ ତାଙ୍କର ପ୍ରତିଭା ଉପଲବ୍ଧି କରିପାରିଲେ ଏବଂ ମାନ୍ଦ୍ରାଜୀ ଶିଷ୍ୟଗଣଙ୍କ ପରି ସେ ମଧ୍ୟ ଅନୁଭବ କଲେ ଯେ ଆଗାମୀ ଧର୍ମମହାସମ୍ମେଳନରେ ପୃଥିବୀକୁ ଏହି ବ୍ୟକ୍ତିଙ୍କର ବାଣୀ ନିଶ୍ଚୟ ଶୁଣାଇବାକୁ ହେବ । ପରେ ଅଧ୍ୟାପକ ରାଇଟ୍ ତାଙ୍କୁ ଲେଖିଥିଲେ, "ଆପଣଙ୍କଠାରୁ ପରିଚୟପତ୍ର ଦାବୀ କରିବା ଏବଂ ସୂର୍ଯ୍ୟଙ୍କୁ ତାଙ୍କର ଆଲୋକଦାନର ଅଧିକାରକୁ ପ୍ରଶ୍ନ କରିବା ଏକା କଥା ।" ଏପରି ପ୍ରୀତି ଓ ପ୍ରଭାବ ହିଁ ସ୍ୱାମୀଜୀଙ୍କୁ ପୁନରାୟ ଚିକାଗୋ ପଠାଇଥିଲା ଓ ସେଠାରେ ସ୍ୱୀକୃତ ପ୍ରତିନିଧିଙ୍କର ମର୍ଯ୍ୟାଦା ଏବଂ ଆସନଲାଭର ପଥ ଉନ୍ମୁକ୍ତ କରିଥିଲା । ଅଧିବେଶନର ଆରମ୍ଭରୁ ତାଙ୍କୁ ବକ୍ତୃତାମଞ୍ଚରେ ଉପସ୍ଥିତ ଥିବାର ଦେଖାଗଲା; ସେଠାରେ ଏକମାତ୍ର ଭାରତୀୟ ନ ହେଲେ ମଧ୍ୟ ସେ ଥିଲେ ଯଥାର୍ଥ ହିନ୍ଦୁଧର୍ମର ଏକମାତ୍ର ପ୍ରତିନିଧି ।

ଅନ୍ୟ ସମସ୍ତେ କୌଣସି ସମିତି, ସମାଜ, ସଂପ୍ରଦାୟ ବା ଧର୍ମସଂସ୍ଥାର ପ୍ରତିନିଧି ହୋଇ ଆସିଥିଲେ । ଏକମାତ୍ର ସ୍ୱାମୀଜୀଙ୍କର ବକ୍ତୃତାର ବିଷୟବସ୍ତୁ ଥିଲା ହିନ୍ଦୁମାନଙ୍କର

ଆଧ୍ୟାତ୍ମିକ ଭାବଧାରା ଏବଂ ସେଦିନ ତାଙ୍କ ଭିତରଦେଇ ସେହି ଭାବଗୁଡ଼ିକ ସର୍ବପ୍ରଥମ ସଂଜ୍ଞା, ଐକ୍ୟ ଓ ରୂପଲାଭ କରିଥିଲା । ଭାରତବର୍ଷର ଯେଉଁ ଧର୍ମକୁ ସେ ପ୍ରଥମେ ଦକ୍ଷିଣେଶ୍ୱରରେ ନିଜ ଗୁରୁଙ୍କ ମଧ୍ୟରେ ଏବଂ ପରେ ଭାରତର ସର୍ବତ୍ର ଭ୍ରମଣକାଳରେ ପ୍ରତ୍ୟକ୍ଷ କରିଥିଲେ, ତାହାହିଁ ଏଠାରେ ତାଙ୍କ ମୁଖରୁ ନିଃସୃତ ହେଲା । ଯେଉଁ ଭାବଗୁଡ଼ିକ ମଧ୍ୟରେ ସମଗ୍ର ଭାରତର ଐକ୍ୟ ନିହିତ, ସେହି ଭାବଗୁଡ଼ିକ ସେ ବ୍ୟକ୍ତ କରିଥିଲେ, ଅନୈକ୍ୟର କଥାଗୁଡ଼ିକ ପ୍ରକାଶ କରିନଥିଲେ । ଆନ୍ତର୍ଜାତିକ ଦୃଷ୍ଟିଭଙ୍ଗୀସମ୍ପନ୍ନ ଧର୍ମ-ମହାସମ୍ମେଳନରେ(ବିଭିନ୍ନ ଧର୍ମବିଷୟକ) ପ୍ରବନ୍ଧାଦି ଆଲୋଚନା କରିବା ପାଇଁ ସତର ଦିନ ଲାଗିଗଲା । ସେପ୍ଟେମ୍ବର ୧୯ ତାରିଖରେ ସ୍ୱାମୀ ବିବେକାନନ୍ଦ ସ୍ୱୀୟ ଲିଖିତ ପ୍ରବନ୍ଧ ପାଠ କଲେ । କିନ୍ତୁ ଯେଉଁଦିନ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ଆନୁଷ୍ଠାନିକ ଅଭ୍ୟର୍ଥନାସୂଚକ ବକ୍ତୃତା ଏବଂ ସେଗୁଡ଼ିକର ଉତ୍ତର ପ୍ରଦତ୍ତ ହୋଇଥିଲା, ସେହି ପ୍ରଥମ ଦିନରୁ ସ୍ୱାମୀଜୀ ଶ୍ରୋତୃବର୍ଗର ସଂସ୍ପର୍ଶରେ ଆସିଥିଲେ । ଅପରାହ୍ନର ଶେଷ ଆଡ଼କୁ ସେ ଅଭ୍ୟର୍ଥନାର ଉତ୍ତର ଦେଲେ । ଯେତେବେଳେ ସେ ସରଳ ଭାରତୀୟ ସମ୍ବୋଧନ ମାଧ୍ୟମରେ ଆମେରିକାବାସୀଗଣଙ୍କୁ 'ଭଗିନୀ ଓ ଭ୍ରାତା' ବୋଲି ସମ୍ଭାଷଣ କଲେ, ଯେତେବେଳେ ସେହି ପ୍ରାଚ୍ୟ ସନ୍ନ୍ୟାସୀ ନାରୀଜାତିକୁ ପ୍ରଥମ ସ୍ଥାନ ଦେଲେ ଏବଂ ସମଗ୍ର ଜଗତକୁ ନିଜ ପରିବାର ବୋଲି ଘୋଷଣା କଲେ, ସେତେବେଳେ ସେହି ମହାସମ୍ମେଳନରେ ଆନନ୍ଦର ଯେଉଁ ଶିହରଣ ସଞ୍ଚାରିତ ହୋଇଥିଲା, ତାହା ଶ୍ରୋତୃବର୍ଗଙ୍କ ନିକଟରୁ ମୁଁ ଅନେକ ଥର ଶୁଣିଛି । ସେମାନେ କହିଲେ, ''ଆମର ସ୍ୱଜାତୀୟ କୌଣସି ବ୍ୟକ୍ତି ଏପରି ଭାବରେ ଆମକୁ ସମ୍ବୋଧନ କରିବା କଥା ଭାବିପାରିଲେ ନାହିଁ ! ସେହି ମୁହୂର୍ତ୍ତରୁ ବୋଧ ହୁଏ ତାଙ୍କର ନିଶ୍ଚିତ ସାଫଲ୍ୟର ସୂଚନା ମିଳିଥିଲା । ପରେ ସମ୍ମେଳନର ବ୍ୟବସ୍ଥାପକଗଣଙ୍କୁ, ଉଦ୍‌ବେଳିତ ଶ୍ରୋତୃବର୍ଗଙ୍କୁ କୌଶଳରେ ଶାନ୍ତ କରିବା ପାଇଁ ବହୁବାର କହିବାକୁ ପଡ଼ିଥିଲା ଯେ, ସେମାନେ ଯଦି ଧୈର୍ଯ୍ୟ ଧାରଣ କରି ଅପେକ୍ଷା କରନ୍ତି, ତାହାହେଲେ ସର୍ବଶେଷରେ ସ୍ୱାମୀଜୀ ଗୋଟିଏ ଗପ କହିବେ ବା ବକ୍ତୃତା ଦେବେ । ଏହି ଭାଷଣସମୂହର କିଛି କିଛି ଅଂଶ ସୁରକ୍ଷିତ ହୋଇ ଏହି ପୁସ୍ତକରେ ଅନ୍ୟାନ୍ୟ ବକ୍ତୃତା ମଧ୍ୟରେ ସଂକ୍ଷିପ୍ତ ଭାଷଣରୂପେ ସନ୍ନିବେଶିତ ହୋଇଛି ।

ହିନ୍ଦୁ ଧର୍ମର ଇତିହାସରେ ଏହି ସମ୍ମେଳନ ଏପରି ଗୋଟିଏ ଯୁଗର ସୂଚନା କରିଛି, ଯାହାର ମୂଲ୍ୟ ଓ ଗୁରୁତ୍ୱ କାଳକ୍ରମେ ଆହୁରି ଗଭୀର ଭାବରେ ଉପଲବ୍‌ଧି କରାଯିବ । କେବଳ ବାହ୍ୟ ଚାକଚକ୍ୟ ଓ ଆଡ଼ମ୍ବରଦିଗରୁ ପ୍ରତିନିଧିମାନଙ୍କର ସମ୍ମେଳନ-ସଭା ପ୍ରାରମ୍ଭରେ ଓ ଅବସାନରେ ଏପରି ଗୋଟିଏ ଦୃଶ୍ୟ ରଚନା କରିଥିଲା, ଯାହା ଆମର ସମସାମୟିକ କେହି ହେଲେ କେବେ ଦେଖି ନଥିବେ । କୋଟିକୋଟି ମାନବଙ୍କର ବିଭିନ୍ନ ଧର୍ମମତର ପ୍ରତିନିଧିଗଣ ମଞ୍ଚ ଉପରେ ଉପସ୍ଥିତ ଥିଲେ । ଦୃଶ୍ୟଟିକୁ ଯଥାଯଥ

ରୂପରେ ଉପଲବ୍ଧି କରିବା ପାଇଁ ଆମେ ନିମ୍ନରେ ରେଭରେଣ୍ଡ୍ ଜନ୍ ହେନରି ବ୍ୟାରୋଜ୍‌ଙ୍କ ଦ୍ୱାରା ପ୍ରଦତ୍ତ କାର୍ଯ୍ୟ-ବିବରଣୀର ପ୍ରାମାଣ୍ୟ-ଇତିହାସରୁ ଗୋଟିଏ ଅଂଶ ଉଦ୍ଧୃତ କରୁଛୁ :

''ନିର୍ଦ୍ଦିଷ୍ଟ ସମୟର ବହୁ ପୂର୍ବରୁ ପ୍ରାସାଦଟି ପ୍ରତିନିଧି ଓ ଦର୍ଶକମାନଙ୍କ ଦ୍ୱାରା ପୂର୍ଣ୍ଣ ହେଲା ଏବଂ କଲମ୍ବସ୍ ହଲ୍‌ରେ ଦେଶବିଦେଶର ବିଭିନ୍ନ ସ୍ଥାନରୁ ଆଗତ ଚାରି ହଜାର ଉତ୍ସୁକ ଶ୍ରୋତୃବୃନ୍ଦ ଉପସ୍ଥିତ ହେଲେ । ଦଶଟାବେଳେ ବିଭିନ୍ନ ଜାତିର ଉଡ୍‌ଡୀୟମାନ ପତାକାତଳେ ବିଶାଳ ଜନତାର ଉଲ୍ଲାସ-ଧ୍ୱନି ମଧ୍ୟରେ ଯେତେବେଳେ ବାରଟି ଧର୍ମର ପ୍ରତିନିଧିଗଣ ହାତ ଧରାଧରି ହୋଇ ବାରଣ୍ଡା ଦେଇ ଆଗେଇ ଆସିଲେ, ସେତେବେଳେ ସଭାମଞ୍ଚଟି ଛବିଭଳି ଚିତ୍ତାକର୍ଷକ ରୂପ ଧାରଣ କଲା । କେନ୍ଦ୍ରସ୍ଥଳରେ ମାର୍କିନ୍ ଯୁକ୍ତରାଷ୍ଟ୍ରର ଗୀର୍ଜାର ପ୍ରଧାନ ଯାଜକ କାର୍ଡ଼ିନାଲ୍ ଗିବ୍‌ନସ୍ ଉଜ୍ଜଳ ରକ୍ତବର୍ଣ୍ଣ ବେଶରେ ସଜ୍ଜିତ ହୋଇ ଉଚ୍ଚାସନରେ ସମାସୀନ ହେଲେ । କଲମ୍ବସ୍‌ଙ୍କର ଏହି ସ୍ମୃତିବର୍ଷରେ ଯଥାଯୋଗ୍ୟ ବକ୍ତବ୍ୟ ଓ ପ୍ରାର୍ଥନା ଦ୍ୱାରା ସେ ସଭାର ଅଧିବେଶନ ଆରମ୍ଭ କଲେ ।''

''ତାଙ୍କର ଉଭୟ ପାର୍ଶ୍ୱରେ ଉପବିଷ୍ଟ ପ୍ରାଚ୍ୟ ପ୍ରତିନିଧିଗଣଙ୍କର ନାନା ବର୍ଣ୍ଣର ପୋଷାକ ଉଜ୍ଜ୍ୱଳତାରେ ତାଙ୍କ ପୋଷାକର ସମତୁଲ୍ୟ ହୋଇଥିଲା । ବ୍ରାହ୍ମ, ବୌଦ୍ଧ ଓ ଇସଲାମ୍ ଧର୍ମାନୁଗାମୀଙ୍କ ମଧ୍ୟରେ ମନୋରମ ଉଜ୍ଜ୍ୱଳ ରକ୍ତିମ ପୋଷାକ ପରିହିତ, ତାମ୍ରବର୍ଣ୍ଣର ମୁଖମଣ୍ଡଳ, ଶୀର୍ଷରେ ହରିଦ୍ରା ବର୍ଣ୍ଣର ବୃହତ୍ ଉଷ୍ଣୀଷଭୂଷିତ ଭାରତର ବାଗ୍ମୀ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତାଙ୍କ ପାର୍ଶ୍ୱରେ ପୀତ, ଲୋହିତ ଓ ଶୁଭ୍ର-ବେଶରେ ସଜ୍ଜିତ ଭାରତର ଏକେଶ୍ୱରବାଦୀ ବା ବ୍ରାହ୍ମ-ସମାଜର ବି:ବି:ନଗରକର୍ ଓ ସିଂହଳର ବୌଦ୍ଧପଣ୍ଡିତ ଧର୍ମପାଳ ବସିଥିଲେ । ଧର୍ମପାଳ ଚାରିକୋଟି ସାତ ଲକ୍ଷ ପଚାଶ ହଜାର ବୌଦ୍ଧମାନଙ୍କର ଅଭିନନ୍ଦନ ବହନ କରି ଆଣିଥିଲେ ଏବଂ ତାଙ୍କର କୃଶ କ୍ଷୁଦ୍ର ଦେହଟି ଶୁଭ୍ର ପରିଚ୍ଛଦରେ ସଜ୍ଜିତ ଥିଲା ଏବଂ ତାଙ୍କ କୁଞ୍ଚିତ କୃଷ୍ଣ କେଶ ସ୍କନ୍ଧ ଉପରେ ଆସି ପଡୁଥିଲା ।''

''ସେଠାରେ ମୁସଲମାନ, ପାର୍ଶୀ ଓ ଜୈନ ଧର୍ମଯାଜକଗଣ ନିଜ ନିଜ ବିଚିତ୍ର ବର୍ଣ୍ଣ ଓ ଗତିଭଙ୍ଗୀ ନେଇ ଉପସ୍ଥିତ ଥିଲେ । ସେମାନେ ସମସ୍ତେ ନିଜ ନିଜ ଧର୍ମର ବ୍ୟାଖ୍ୟା ଓ ସମର୍ଥନ ପାଇଁ ତତ୍ପର ହେଲେ ।

ଜାପାନ ଓ ଚୀନର ଖ୍ୟାତାନାମା ବ୍ୟକ୍ତିବର୍ଗ ଇନ୍ଦ୍ରଧନୁର ବିଚିତ୍ର ବର୍ଣ୍ଣବିଶିଷ୍ଟ ରେଶମ ନିର୍ମିତ ଉଜ୍ଜ୍ୱଳ ଓ ମୂଲ୍ୟବାନ୍ ବେଶରେ ଶୋଭା ପାଉଥିଲେ । ସେମାନେ ବୌଦ୍ଧଧର୍ମ, ତାଓ-ଧର୍ମ, କନ୍‌ଫୁସିଅସ୍‌ଙ୍କ ମତ ଓ ଶିଣ୍ଟୋଧର୍ମର ପ୍ରତିନିଧିତ୍ୱ କରୁଥିଲେ । ତପସ୍ୱୀ ପରି କୃଷ୍ଣବର୍ଣ୍ଣର ବେଶ ପରିଧାନ କରି ପ୍ରାଚ୍ୟ ପ୍ରତିନିଧିଙ୍କ ମଧ୍ୟରେ ଉପବିଷ୍ଟ ଥିଲେ ଶ୍ରୀ ପ୍ରତାପ ଚନ୍ଦ୍ର ମଜୁମ୍‌ଦାର । ଭାରତର ବ୍ରାହ୍ମ ସମାଜର ନେତା ମଜୁମଦାର ମହାଶୟ

କେତେବର୍ଷ ପୂର୍ବେ ଏହି ଦେଶକୁ ଥରେ ଆସିଥିଲେ ଏବଂ ସ୍ୱୀୟ ବାଗ୍ମିତା ଓ ଇଂରେଜୀ ଭାଷା ଉପରେ ଅପୂର୍ବ ଅଧିକାର ଦ୍ୱାରା ବହୁ ଶ୍ରୋତାଙ୍କୁ ପରିତୃପ୍ତ କରିଥିଲେ ।

''ଆଉ ଜଣେ ଉଲ୍ଲେଖଯୋଗ୍ୟ ବ୍ୟକ୍ତି ଗୋଟିଏ ଅଦ୍ଭୁତ ବକ୍ର ଯଷ୍ଟି ଉପରେ ଭରା ଦେଇ ଉପସ୍ଥିତ ଥିଲେ । ସେ ହେଲେ ଜାନ୍ତେର (Zante) ଗ୍ରୀକ୍ ଧର୍ମଯାଜକ -ତାଙ୍କର ଥିଲା ଆବକ୍ଷ ବିସ୍ତୃତ ଶୁଭ୍ର ଶ୍ମଶ୍ରୁରାଶି, ମସ୍ତକରେ ଏକ ଅଦ୍ଭୁତ ଟୋପି ଏବଂ କଟିଦେଶରେ ଝୁଲୁଥିଲା ବୃହତ୍ ରୌପ୍ୟନିର୍ମିତ ଏକ କ୍ରୁଶ । ଏସିଆ ମାଇନରରୁ ଆଗତ ରକ୍ତିମଗଣ୍ଡ ଦୀର୍ଘକେଶ ଜଣେ ଗ୍ରୀକ୍ 'ସନ୍ନ୍ୟାସୀ' ତାଙ୍କ ପାର୍ଶ୍ୱରେ ବସି ଗର୍ବ କରି କହୁଥିଲେ ଯେ, ସେ କେବେହେଲେ ଶିରୋଭୂଷଣ ବ୍ୟବହାର କରିନାହାନ୍ତି ବା ନିଜ ଆହାର ବା ବାସସ୍ଥାନ ପାଇଁ ଗୋଟିଏ କପର୍ଦ୍ଦକ ମଧ୍ୟ ବ୍ୟୟ କରିନାହାନ୍ତି ।'

''ଆଫ୍ରିକାର ମେଥଡ଼ିଷ୍ଟ ଚର୍ଚ୍ଚର ଧର୍ମଯାଜକ ଆର୍ନେଟ (Arnett) ଏବଂ ଆଫ୍ରିକା ଦେଶୀୟ ଏକ ଯୁବରାଜଙ୍କର ଆବଲୁସ୍ କାଠପରି କୃଷ୍ଣବର୍ଣ୍ଣ ଅଥଚ ଉଜ୍ଜ୍ୱଳ ମୁଖମଣ୍ଡଳ ସମ୍ମିଳିତ ମହିଳାମାନଙ୍କର ସୁନ୍ଦର ବେଶଭୂଷା ସହିତ ଠିକ୍ ଖାପ ଖାଇଥିଲା ଏବଂ ସର୍ବ ପଶ୍ଚାତ୍‌ରେ ଘନକୃଷ୍ଣ ପଟ୍ଟଭୂମିକାରୂପେ ଥିଲା ପ୍ରୋଟେଷ୍ଟାଣ୍ଟ ପ୍ରତିନିଧି ଓ ନିମନ୍ତ୍ରିତ ଅତିଥିମାନଙ୍କର କୃଷ୍ଣ ପରିଚ୍ଛଦ ।'' (କାଲିଫର୍ଣ୍ଣିଆର ଓକ୍‌ଲ୍ୟାଣ୍ଡ ସହରବାସୀ ରେଭ: ଓଏଷ୍ଟଙ୍କର ଧର୍ମୋପଦେଶରୁ ଗୃହୀତ) ।

ସର୍ବଶେଷ ଭାଷଣରେ ସ୍ୱାମୀ ବିବେକାନନ୍ଦ ଏହି ବିଶ୍ୱଧର୍ମ ସମ୍ମେଳନ ସହିତ ଅଶୋକଙ୍କର ବୌଦ୍ଧ ସମ୍ମେଳନ କିମ୍ବା ସମ୍ରାଟ୍ ଆକବରଙ୍କ ଧର୍ମସଭାର ତୁଳନା କରି ଏହାର ଐତିହାସିକ ଗୁରୁତ୍ୱ ସମ୍ବନ୍ଧରେ ନିଜ ମତ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଥିଲେ । ସର୍ବକନିଷ୍ଠ ଜାତିର ଦୁଃସାହସ ହିଁ ଏହିପରି ଉଚ୍ଚାକାଙ୍କ୍ଷାପୂର୍ଣ୍ଣ ବିରାଟ କାର୍ଯ୍ୟସୂଚୀର ପରିକଳ୍ପନା କରିପାରିଥିଲା; ନାଗରିକମାନଙ୍କର ଶକ୍ତି-ପ୍ରାଚୁର୍ଯ୍ୟ ଏବଂ ଉତ୍ସାହ ଏହାକୁ କାର୍ଯ୍ୟରେ ପରିଣତ କରିବାର ପଥ ଆବିଷ୍କାର କରିଥିଲା । ଧର୍ମସଭାର ଗଠନ-ତନ୍ତ୍ର ଏହାକୁ ହିନ୍ଦୁଧର୍ମର ସର୍ବସମନ୍ୱୟକାରୀ ଭାବସମୂହ ପ୍ରଚାର କରିବାର ଉପଯୁକ୍ତ ଏକ ଅସାଧାରଣ-କ୍ଷେତ୍ରରେ ପରିଣତକରିଥିଲା । ପୃଥିବୀର ସର୍ବାପେକ୍ଷା ଉଦ୍ଧତ ଓ ବର୍ଜନଶୀଳ ଧର୍ମଗୁଡ଼ିକର ପ୍ରତିନିଧିବର୍ଗ ସରଳ ଗଣତାନ୍ତ୍ରିକ ସାମ୍ୟ ଓ ସୌଜନ୍ୟର ଭିତ୍ତିରେ ପରସ୍ପର ପ୍ରତି ଶ୍ରଦ୍ଧାବାନ୍ ହୋଇ ମିଳିତ ହୋଇଥିଲେ । ସେମାନେ ଆଉ କେବେ ଏପରି ବିରାଟ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବେ ବୋଲି ମନେହୁଏ ନାହିଁ । ବହୁକାଳ ଧରି ଚିକାଗୋ ଧର୍ମମହାସଭାର ଅଧିବେଶନ ଇତିହାସରେ ଅଦ୍ୱିତୀୟ ସ୍ଥାନ ଅଧିକାର କରି ରହିବ । ଏହିରୂପ ଅବସ୍ଥା ଏବଂ ପରିବେଶ ମଧ୍ୟରେ ହିନ୍ଦୁଧର୍ମ ପାଶ୍ଚାତ୍ୟ-ଜଗତ୍ ସମ୍ମୁଖରେ ସର୍ବପ୍ରଥମେ ନିଜ ମତକୁ ବ୍ୟକ୍ତ କରିଥିଲା ।

—ନିବେଦିତା

# ଅଭ୍ୟର୍ଥନାର ଉତ୍ତର

୧୮୯୩ ସେପ୍ଟମ୍ବର ୧୧ ତାରିଖ ଚିକାଗୋ ଧର୍ମ ମହାସଭାର ପ୍ରଥମ ଦିବସର ଅଧିବେଶନରେ ସଭାପତି କାର୍ଡ଼ିନାଲ୍ ଗିବ୍‌ନ୍‌ସ୍ ଶ୍ରୋତୃମଣ୍ଡଳୀଙ୍କ ନିକଟରେ ପରିଚୟ କରାଇଦେବା ପରେ ଅଭ୍ୟର୍ଥନାର ଉତ୍ତରରେ ସ୍ୱାମୀଜୀ କହିଲେ :

ହେ ଆମେରିକାବାସୀ ଭଗିନୀ ଓ ଭ୍ରାତୃବୃନ୍ଦ, ଆଜି ଆପଣମାନେ ଆମମାନଙ୍କୁ ଯେଉଁ ଆନ୍ତରିକ ଓ ସାଦର ଅଭ୍ୟର୍ଥନା କରିଅଛନ୍ତି, ତାହାର ଉତ୍ତର ଦେବାକୁ ଯାଇ ମୋ ହୃଦୟ ଯାଇ ମୋ ହୃଦୟ ଅନିର୍ବାଚନୀୟ ଆନନ୍ଦରେ ପରିପୂର୍ଣ୍ଣ ହୋଇଯାଉଛି । ପୃଥିବୀରେ ସର୍ବପେକ୍ଷା ପ୍ରାଚୀନ ସନ୍ନ୍ୟାସୀ-ସମାଜ ପକ୍ଷରୁ ଆଜି ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ସର୍ବଧର୍ମର ଜନନୀସ୍ୱରୂପା ଯେଉଁ ହିନ୍ଦୁଧର୍ମ, ତାହାର ପ୍ରତିନିଧି ହୋଇ ମୁଁ ଆପଣଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି । ସମସ୍ତ ହିନ୍ଦୁ ଜାତି ଓ ସମ୍ପ୍ରଦାୟ ଅନ୍ତର୍ଗତ କୋଟି କୋଟି ନରନାରୀଙ୍କ ପକ୍ଷରୁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି ।

ଏହି ସଭାମଞ୍ଚରେ ସେହି କେତେଜଣ ବକ୍ତାଙ୍କୁ ମୁଁ ଧନ୍ୟବାଦ ଜଣାଉଛି, ଯେଉଁମାନେ ପ୍ରାଚ୍ୟଦେଶୀୟ ପ୍ରତିନିଧିଙ୍କ ସମ୍ବନ୍ଧରେ ମନ୍ତବ୍ୟ ପ୍ରକାଶ କଲେ ଯେ, ଅତି ଦୂର ଦେଶନିବାସୀ ଜାତିସମୂହ ମଧ୍ୟରୁ ଯେଉଁମାନେ ଏଠାରେ ସମାଗତ ହୋଇଛନ୍ତି, ସେମାନେ ମଧ୍ୟ ବିଭିନ୍ନ ଦେଶରେ ପରଧର୍ମ ସହିଷ୍ଣୁତାର ଭାବ ପ୍ରଚାର କରିବାର ଗୌରବ ଦାବୀ କରିପାରନ୍ତି । ଯେଉଁ ଧର୍ମ-ଜଗତକୁ ଆବହମାନକାଳରୁ ପରମତସହିଷ୍ଣୁତା ଓ ସର୍ବବିଧ ମତ ସ୍ୱୀକାର କରିବାକୁ ଶିକ୍ଷାଦେଇ ଆସୁଛି, ମୁଁ ସେହି ଧର୍ମଭୁକ୍ତ ବୋଲି ନିଜକୁ ଗୌରବାନ୍ୱିତ ବୋଲି ମନେକରେ । ଆମେମାନେ ଯେ କେବଳ ସବୁ ଧର୍ମକୁ ସହ୍ୟ କରୁ ତାହା ନୁହେଁ, ବରଂ ସବୁଧର୍ମ ଗୁଡ଼ିକୁ ଆମେ ସତ୍ୟ ବୋଲି ବିଶ୍ୱାସ କରୁ । ଯେଉଁ ଧର୍ମର ପବିତ୍ର ସଂସ୍କୃତ ଭାଷାରେ ଇଂରାଜୀ ଶବ୍ଦ 'ଏକ୍ସକ୍ଲୁଶନ୍'କୁ (ଭାବାର୍ଥ: ବହିଷ୍କରଣ, ପରିବର୍ଜନ) ଅନୁବାଦ କରାଯାଏ ନାହିଁ, ମୁଁ ସେହି ଧର୍ମଭୁକ୍ତ ବୋଲି ଗର୍ବ ଅନୁଭବ କରେ । ଯେଉଁ ଜାତି ପୃଥିବୀର ସମସ୍ତ ଧର୍ମର ଓ ସକଳ ଜାତିର ନିପୀଡ଼ିତ ଓ ଆଶ୍ରୟ ପ୍ରାର୍ଥୀମାନଙ୍କୁ ଚିରକାଳ ଆଶ୍ରୟ ଦେଇଆସିଛି, ମୁଁ ସେହି ଜାତିର ଅନ୍ତର୍ଭୁକ୍ତ ବୋଲି ନିଜକୁ ଗୌରବାନ୍ୱିତ ମନେ କରେ । ମୁଁ ଆପଣମାନଙ୍କୁ ଏକଥା କହିବାରେ ଗର୍ବ ଅନୁଭବ କରୁଛି ଯେ, ଆମେ ଇହୁଦୀମାନଙ୍କର ଖାଣ୍ଟି ବଂଶଧରଗଣଙ୍କର ଅବଶିଷ୍ଟ ଅଂଶକୁ ଆଦର ସହକାରେ ହୃଦୟରେ ଧାରଣ କରି ରଖିଛୁ; ଯେଉଁ ବର୍ଷ ରୋମକମାନଙ୍କ ଉଭୟଙ୍କର ଉତ୍ପୀଡ଼ନରେ ଇହୁଦୀ ଜାତିର ପବିତ୍ର ମନ୍ଦିରଗୁଡ଼ିକ ବିଧ୍ୱସ୍ତ ହେଲା, ସେହି ବର୍ଷ ସେମାନେ ଦକ୍ଷିଣ ଭାରତରେ ଉପନୀତ ହୋଇ ଆଶ୍ରୟପ୍ରାର୍ଥୀ ହୋଇଥିଲେ । ଜୋରୋୟାଷ୍ଟର ଅନୁଗାମୀ ମହାନ୍ ପାରସିକ ଜାତିର ଅବଶିଷ୍ଟାଂଶକୁ ଯେଉଁ ଧର୍ମାବଲମ୍ବୀଗଣ ଆଶ୍ରୟଦାନ କରିଥିଲେ ଏବଂ ଆଜି ପର୍ଯ୍ୟନ୍ତ ଯେଉଁମାନେ ସେମାନଙ୍କୁ ପ୍ରତିପାଳନ କରୁଛନ୍ତି, ମୁଁ ସେମାନଙ୍କର ଅନ୍ତର୍ଭୁକ୍ତ ।

କୋଟି କୋଟି ନରନାରୀ ଯେଉଁ ସ୍ତୋତ୍ରଟିକୁ ପ୍ରତିଦିନ ପାଠ କରନ୍ତି, ଯେଉଁ ସ୍ତବକଟିକୁ ମୁଁ ଶୈଶବରୁ ଆବୃତ୍ତି କରି ଆସୁଛି, ତାହାର କେତୋଟି ପଙ୍‌କ୍ତି ମୁଁ ଆପଣଙ୍କ ନିକଟରେ ଆବୃତ୍ତି କରୁଛି :

'ରୁଚୀନାଂ ବୈଚିତ୍ର୍ୟାଦୃଜୁକୁଟିଳ ନାନାପଥଜୁଷାମ୍ ।
ନୃଣାମେକୋ ଗମ୍ୟସ୍ତ୍ୱମସି ପୟସାମର୍ଣ୍ଣବ ଇବ ।'*

—ବିଭିନ୍ନ ନଦୀର ଉତ୍ସ ବିଭିନ୍ନ ସ୍ଥାନରେ, କିନ୍ତୁ ସେମାନେ ସମସ୍ତେ ଯେପରି ଗୋଟିଏ ସମୁଦ୍ରରେ ସେମାନଙ୍କର ଜଳରାଶି ଢାଳି ଏକତ୍ର ମିଳତି ହୁଅନ୍ତି, ସେହିପରି ହେ ଭଗବାନ୍ ! ନିଜ ନିଜ ରୁଚିର ବୈଚିତ୍ର୍ୟବଶତଃ ସରଳ, କୁଟିଳ ପ୍ରଭୃତି ନାନା ପଥରେ ଯେଉଁମାନେ ଯାଉଛନ୍ତି, ତୁମେ ହିଁ ସେମାନଙ୍କର ଏକମାତ୍ର ଲକ୍ଷ୍ୟ ।

ଏହି ଧର୍ମମହାସଭା ଗୀତା-ପ୍ରଚାରିତ ସେହି ଅଦ୍ଭୁତ ମତର ସତ୍ୟତା ପ୍ରତିପନ୍ନ କରୁଛି, ସେହି ବାଣୀ ଘୋଷଣା କରୁଛି:

'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥'

—ଯେ ଯେଉଁ ଭାବ ଆଶ୍ରୟ କରି ଆସୁନା କାହିଁକି, ମୁଁ ତାକୁ ସେହି ଭାବରେ ଅନୁଗ୍ରହ କରିଥାଏ । ହେ ଅର୍ଜୁନ ! ମନୁଷ୍ୟମାନେ ସର୍ବତୋଭାବରେ ମୋ ଦିଗକୁ ହିଁ ଅନୁଗମନ କରିଥାଆନ୍ତି ।

ସାମ୍ପ୍ରଦାୟିକତା, ସଂକୀର୍ଣ୍ଣତା ଓ ଏସବୁର ଭୟାବହ ଫଳସ୍ୱରୂପ ଧର୍ମୋନ୍ମତ୍ତତା ଏହି ସୁନ୍ଦର ଧରାକୁ ବହୁକାଳ ଧରି ଅଧିକାର କରି ରଖିଛି । ଏଗୁଡ଼ିକ ପୃଥିବୀକୁ ହିଂସାରେ ପୂର୍ଣ୍ଣ କରିଛି, ବହୁବାର ଏହାକୁ ନରଶୋଣିତରେ ସିକ୍ତ କରିଛି, ସଭ୍ୟତାକୁ ଧ୍ୱଂସ କରିଛି ଏବଂ ସମଗ୍ର ଜାତିକୁ ହତାଶାରେ ମଗ୍ନ କରିଛି । ଏହିସବୁ ଭୀଷଣ ପିଶାଚଗୁଡ଼ିକ ଯଦି ନ ଥାନ୍ତେ, ତାହାହେଲେ ମାନବସମାଜ ଆଜି ପୂର୍ବାପେକ୍ଷା ବହୁଗୁଣ ଉନ୍ନତ ହୋଇଥାଆନ୍ତା । ତେବେ ଏମାନଙ୍କର ମୃତ୍ୟୁକାଳ ଉପସ୍ଥିତ, ମୁଁ ସର୍ବାନ୍ତଃକରଣରେ ଆଶା କରେ ଯେ, ଏହି ଧର୍ମ-ମହାସମିତିର ସମ୍ମାନାର୍ଥ ଆଜି ଯେଉଁ ଘଣ୍ଟାଧ୍ୱନି ନିନାଦିତ ହୋଇଛି, ତାହା ହିଁ ସର୍ବବିଧ ଧର୍ମୋନ୍ମତ୍ତତା, ତରବାରି ଅଥବା ଲେଖନୀଦ୍ୱାରା ଅନୁଷ୍ଠିତ ସର୍ବପ୍ରକାର ନିର୍ଯ୍ୟାତନାର ଏବଂ ସେହି ଏକ ଲକ୍ଷ୍ୟଦିଗକୁ ଅଗ୍ରସର ହେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବବିଧ ଅସଦ୍‌ଭାବର ସମ୍ପୂର୍ଣ୍ଣ ଅବସାନର ବାର୍ତ୍ତା ଘୋଷଣା କରୁ ।

---

* ଶିବମହିମ୍ନଃ ସ୍ତୋତ୍ରମ୍

# ଭ୍ରାତୃଭାବ

ସେପ୍ଟେମ୍ବର ୧୫ ତାରିଖ ଶୁକ୍ରବାର ଅପରାହ୍ଣରେ ଧର୍ମ-ମହାସମିତିର ପଞ୍ଚମ ଦିବସୀୟ ଅଧିବେଶନରେ ଭିନ୍ନ ଭିନ୍ନ ଧର୍ମାବଲମ୍ବୀମାନେ ନିଜ ନିଜ ଧର୍ମର ପ୍ରାଧାନ୍ୟ ପ୍ରତିପାଦନ ନିମିତ୍ତ ବାଗ୍‌ବିତଣ୍ଡାରେ ନିଯୁକ୍ତ ଥିବା ଦେଖି ସ୍ୱାମୀଜୀ ନିମ୍ନଲିଖିତ ଉପାଖ୍ୟାନଟି କହି ସମସ୍ତଙ୍କୁ ଚୁପ୍ କରିଦେଇଥିଲେ ।

ମୁଁ ଆପଣଙ୍କ ନିକଟରେ ଗୋଟିଏ କ୍ଷୁଦ୍ର ଗଳ୍ପ କହିବି । ବର୍ତ୍ତମାନ ଜଣେ ସୁବକ୍ତା କହିଲେ, 'ଆସ, ଆମେମାନେ ପରସ୍ପରର ନିନ୍ଦାବାଦରୁ ବିରତ ହେବ ।' – ଏହା ଆପଣମାନେ ଶୁଣିଛନ୍ତି । ମନୁଷ୍ୟ ମଧ୍ୟରେ ସର୍ବଦା ଏତେ ବେଶୀ ମତଭେଦ ଦେଖିବାକୁ ଦେଖି ବକ୍ତା ମହାଶୟ ଅତ୍ୟନ୍ତ ଦୁଃଖିତ । ମୁଁ ଗୋଟିଏ ଗଳ୍ପ କହିବି, ହୁଏତ ତଦ୍ୱାରା ଏହି ମତଭେଦର କାରଣ ସ୍ପଷ୍ଟ ଜଣାପଡ଼ିବ ।

ଗୋଟିଏ ବେଙ୍ଗ ଗୋଟିଏ କୂଅରେ ବାସ କରୁଥିଲା । ସେ ବହୁକାଳ ଧରି ସେଠାରେ ଥିଲା । ସେହି କୂଅରେ ତାହାର ଜନ୍ମ ଏବଂ ସେଠାରେ ସେ ପ୍ରତିପାଳିତ । ତାହାର ଆକାର ଅତିଶୟ କ୍ଷୁଦ୍ର ଥିଲା । ଅବଶ୍ୟ ସେଠାରେ ବର୍ତ୍ତମାନ ଯୁଗରେ କୌଣସି କ୍ରମବିକାଶବାଦୀ ନ ଥିଲେ, ତେଣୁ କହିହେବ ନାହିଁ, ଅନ୍ଧାର କୂଅରେ ବାସ କରିବା ଦ୍ୱାରା ବେଙ୍ଗଟି ଦୃଷ୍ଟିଶକ୍ତି ହରାଇଥିଲା କି ନାହିଁ; କିନ୍ତୁ ଗଳ୍ପର ସୁବିଧା ପାଇଁ ବେଙ୍ଗକୁ ଚକ୍ଷୁଷ୍ମାନ୍ ବୋଲି ଆମେ ଧରିନେବା । ବେଙ୍ଗଟି ପ୍ରତିଦିନ ଏପରି ଉତ୍ସାହ ସହକାରେ କୂପମଧ୍ୟସ୍ଥ ଯାବତୀୟ କୀଟସମୂହକୁ ଗ୍ରାସ କରି ତାହାର ଜଳକୁ ଏତେ ପରିଷ୍କାର ରଖୁଥିଲା ଯେ, ଏହା ଆଧୁନିକ କୀଟାଣୁତତ୍ତ୍ୱବିଦ୍‌ମାନଙ୍କର ମଧ୍ୟ ଶ୍ଳାଘାର ବିଷୟ । ଏହି ଭାବରେ ତା'ର ଦେହ କ୍ରମେ କ୍ରମେ ଟିକିଏ ସ୍ଥୂଳ ଓ ମସୃଣ ହେବାକୁ ଲାଗିଲା ।

ଏକଦା ଘଟଣାକ୍ରମେ ସମୁଦ୍ରରୁ ଗୋଟିଏ ବେଙ୍ଗ ଆସି ସେହି କୂଅରେ ପଡ଼ିଲା । କୂପମଣ୍ଡୁକ ପଚାରିଲା, 'ତୁମେ କେଉଁଠାରୁ ଆସିଲ ?' ସେ ଉତ୍ତର ଦେଲା, 'ମୁଁ ସମୁଦ୍ରରୁ ଆସଲି ।' ସମୁଦ୍ର ? ତାହା କେତେ ବଡ଼ ? ତାହା କ'ଣ ମୋ କୂଅ ପରି ଏତେ ବଡ଼ !' ଏହା କହି କୂପମଣ୍ଡୁକ କୂଅର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଲମ୍ଫ ଦେଲା । ଉତ୍ତରରେ ସାଗରବାସୀ ଭେକ କହିଲା, 'ଆହେ ଭାଇ ! ତୁମେ ଏହି କ୍ଷୁଦ୍ର କୂଅ ସହିତ ସାଗରକୁ କିପରି ତୁଳନା କରୁଛ ?' ଏହା ଶୁଣି କୂପମଣ୍ଡୁକ ଆଉ ଥରେ ଲମ୍ଫ ଦେଇ ପଚାରିଲା, 'ତୁମର ସମୁଦ୍ର କ'ଣ ଏତେ ବଡ଼ ?'

'ସମୁଦ୍ର ସହିତ କୂଅର ତୁଳନା କରି ତୁମେ କ'ଣ ମୂର୍ଖପରି ପ୍ରଳାପ କରୁଛ ?' ଉତ୍ତରରେ କୂପମଣ୍ଡୁକ କହିଲା, 'ମୋ କୂଅଠାରୁ ଆଉ କିଛି ବଡ଼ ହୋଇପାରେ ନାହିଁ, ପୃଥିବୀରେ ଏହାଠାରୁ କିଛି ବଡ଼ ରହି ନ ପାରେ । ଏ ନିଶ୍ଚୟ ମିଥ୍ୟାବାଦୀ, ଅତଏବ ଏହାକୁ ବାହାର କରିଦିଅ ।'

ହେ ଭ୍ରାତୃବୃନ୍ଦ ! ଏହିପରି ସଂକୀର୍ଣ୍ଣଭାବ ହିଁ ଆମମାନଙ୍କର ମତଭେଦର କାରଣ । ମୁଁ ଜଣେ ହିନ୍ଦୁ । ମୁଁ ମୋର ନିଜର କ୍ଷୁଦ୍ର କୂପରେ ବସି ରହିଛି ଏବଂ ସେହିଟିକୁ ସମଗ୍ର ଜଗତ

ବୋଲି ମନେ କରୁଛି ! ମୁସଲମାନ୍‌ମାନେ ମଧ୍ୟ ତାଙ୍କର କ୍ଷୁଦ୍ର କୂପରେ ବସି ଅଛନ୍ତି ଏବଂ ତାହାକୁ ହିଁ ସମଗ୍ର ଜଗତ ବୋଲି ଭାବୁଛନ୍ତି ! ହେ ଆମେରିକାବାସୀଗଣ, ଆପଣମାନେ ଯେ ଆମମାନଙ୍କର ଏହିସବୁ କ୍ଷୁଦ୍ର ଜଗତଗୁଡ଼ିକର ଅବରୋଧ ଭାଙ୍ଗିବା ପାଇଁ ବିଶେଷ ଯତ୍ନଶୀଳ ହୋଇଛନ୍ତି, ସେଥିପାଇଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେଉଛି । ମୁଁ ଆଶା କରୁଛି, ଭବିଷ୍ୟତରେ ଈଶ୍ୱର ଆପଣମାନଙ୍କୁ ଏହି ମହତ୍ ଉଦ୍ଦେଶ୍ୟ ସମ୍ପାଦନରେ ସାହାଯ୍ୟ କରିବେ ।

# ହିନ୍ଦୁଧର୍ମ

୧୯ ସେପ୍ଟେମ୍ବର, ନବମୀ ଦିବସରେ ଅଧିବେଶନରେ ସ୍ୱାମୀଜୀ ଏହି ପ୍ରବନ୍ଧଟି ପାଠ କରିଥିଲେ :

ହିନ୍ଦୁ, ଜରଥୁଷ୍ଟ୍ରୀୟ ଓ ଇହୁଦୀ—କେବଳ ଏହି ତିନୋଟି ଧର୍ମ ପ୍ରାଗୈତିହାସିକ ଯୁଗରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଏହି ପୃଥିବୀରେ ପ୍ରଚଳିତ ଅଛି । ଏହି ଧର୍ମଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ହିଁ ପ୍ରଚଣ୍ଡ ଆଘାତ ସହ୍ୟ କରିଛି, ତଥାପି ଲୁପ୍ତ ନ ହୋଇ ଏଗୁଡ଼ିକ ଯେ ଏପର୍ଯ୍ୟନ୍ତ ଜୀବିତ ଅଛି, ତହିଁରୁ ପ୍ରମାଣିତ ହୁଏ ଯେ, ଏମାନଙ୍କ ମଧ୍ୟରେ ମହତୀ ଶକ୍ତି ନିହିତ ଅଛି । କିନ୍ତୁ ଏ ଦିଗରେ ଯେପରି ଇହୁଦୀଧର୍ମ ତତ୍ ପ୍ରସୂତ ଖ୍ରୀଷ୍ଟଧର୍ମକୁ ଆତ୍ମସାତ୍ କରିବା ତ ଦୂରର କଥା, ନିଜେ ସେହି ସର୍ବଜୟୀ ଧର୍ମଦ୍ୱାରା ସ୍ୱୀୟ ଜନ୍ମଭୂମିରୁ ବିତାଡ଼ିତ ହେଲା ଏବଂ ଅତି ଅଳ୍ପସଂଖ୍ୟକ ମାତ୍ର ପାରସୀ ମହାନ୍ ଜରଥୁଷ୍ଟ୍ରୀୟ ଧର୍ମ ସାକ୍ଷୀସ୍ୱରୂପ ହୋଇ ରହିଛନ୍ତି; ଅନ୍ୟଦିଗରେ ମଧ୍ୟ ଭାରତବର୍ଷରେ ସମ୍ପ୍ରଦାୟ ପରେ ସମ୍ପ୍ରଦାୟ ଉତ୍‌ଥିତ ହେଲା, ମନେହେଲା ଯେପରି ବେଦୋକ୍ତ ଧର୍ମର ଭିତ୍ତି ପର୍ଯ୍ୟନ୍ତ ଦୋହଲିଗଲା; କିନ୍ତୁ ପ୍ରଚଣ୍ଡ ଭୂମିକମ୍ପ ସମୟରେ ସାଗରସଲିଳ ଯେପରି କିଛି ବାଟ ପଶ୍ଚାତ୍‌ପଦ ହୋଇ ସହସ୍ର ଗୁଣ ପ୍ରବଳ ବେଗରେ ସର୍ବଗ୍ରାସୀ ବନ୍ୟାରୂ-ପରେ ଫେରିଆସେ, ସେହିପରି ଏମାନଙ୍କର ଜନନୀସ୍ୱରୂପ ବେଦୋକ୍ତ ଧର୍ମ ମଧ୍ୟ ପ୍ରଥମେ କିଞ୍ଚିତ୍ ପଶ୍ଚାତ୍‌ପଦ ହୋଇ ଆଲୋଡ଼ନର ଅଗ୍ରଗତି ଶେଷ ହେଲେ ଏହି ସମ୍ପ୍ରଦାୟଗୁଡ଼ିକୁ ସର୍ବତୋଭାବରେ ଆତ୍ମସାତ୍ କରି ନିଜର ବିରାଟ ଦେହ ପୁଷ୍ଟ କରିଛି ।

ବିଜ୍ଞାନର ଅତି ଆଧୁନିକ ଆବିଷ୍କାର ସମୂହ ବେଦାନ୍ତର ଯେଉଁ ଉଚ୍ଚ ଆଧ୍ୟାତ୍ମିକ ଭାବର ପ୍ରତିଧ୍ୱନି ମାତ୍ର, ସେହି ସର୍ବୋତ୍କୃଷ୍ଟ ବେଦାନ୍ତଜ୍ଞାନଠାରୁ ନିମ୍ନସ୍ତରର ମୂର୍ତ୍ତିପୂଜା ଓ ଆନୁଷଙ୍ଗିକ ନାନାବିଧ ପୌରାଣିକ ଗଳ୍ପ ପର୍ଯ୍ୟନ୍ତ, ଏପରିକି ବୌଦ୍ଧମାନଙ୍କର ଅଜ୍ଞେୟବାଦ, ଜୈନମାନଙ୍କର ନିରୀଶ୍ୱରବାଦ ହିନ୍ଦୁଧର୍ମରେ ଏଗୁଡ଼ିକର ପ୍ରତ୍ୟେକଟିର ସ୍ଥାନ ଅଛି ।

ବର୍ତ୍ତମାନ ପ୍ରଶ୍ନ ହୋଇପାରେ, ଏହି ସକଳ ଆପାତପ୍ରତୀୟମାନ ବିରୋଧୀ ଭାବଗୁଡ଼ିକ କେଉଁ ସାଧାରଣ କେନ୍ଦ୍ରରେ ସଂହତ ହୋଇଛି ? କେଉଁ ସାଧାରଣ ଭିତ୍ତିକୁ ଆଶ୍ରୟ କରି ଏହି ଆପାତ-ବିରୋଧୀ ଭାବଗୁଡ଼ିକ ଅବସ୍ଥାନ କରୁଅଛି ? ମୁଁ ବର୍ତ୍ତମାନ ଏହି ପ୍ରଶ୍ନର ମୀମାଂସା କରିବାକୁ ଯଥାସାଧ୍ୟ ଚେଷ୍ଟା କରିବି ।

ଆପ୍ତବାକ୍ୟ ବେଦରୁ ହିନ୍ଦୁମାନେ ସନାତନ ଧର୍ମ ଲାଭ କରିଛନ୍ତି । ସେମାନେ ବେଦସମୂହକୁ ଅନାଦି ଓ ଅନନ୍ତ ବୋଲି ବିଶ୍ୱାସ କରନ୍ତି । ଗୋଟିଏ ପୁସ୍ତକକୁ ଅନାଦ ଓ ଅନନ୍ତ କହିଲେ ଏହି ଶ୍ରୋତୃମଣ୍ଡଳୀଙ୍କ ପାଖରେ ତାହା ହାସ୍ୟକର ବୋଲି ମନେ ହୋଇପାରେ ସତ, କିନ୍ତୁ 'ବେଦ' ଶବ୍ଦଦ୍ୱାରା କୌଣସି ପୁସ୍ତକବିଶେଷକୁ ବୁଝାଏ ନାହିଁ । ଭିନ୍ନ ଭିନ୍ନ ବ୍ୟକ୍ତି ବିଭିନ୍ନ ସମୟରେ ଯେଉଁ ଆଧ୍ୟାତ୍ମିକ ସତ୍ୟସମୂହ ଆବିଷ୍କାର କରିଯାଇଛନ୍ତି, ବେଦ ସେହିସବୁର ସଞ୍ଚିତ ଭଣ୍ଡାରସ୍ୱରୂପ । ଆବିଷ୍କୃତ ହେବା ପୂର୍ବରୁ ମଧ୍ୟ ମାଧ୍ୟାକର୍ଷଣର ନିୟମାବଳୀ ଯେପରି ସର୍ବତ୍ର ବିଦ୍ୟମାନ ଥିଲା ଏବଂ ସମୁଦାୟ ମନୁଷ୍ୟସମାଜ ଭୁଲିଗଲେ ମଧ୍ୟ ଯେପରି ସେଗୁଡ଼ିକ ବିଦ୍ୟମାନ ରହିବ, ଆଧ୍ୟାତ୍ମିକ ଜଗତର ନିୟମାବଳୀ ମଧ୍ୟ ତଦ୍ରୂପ । ଆତ୍ମା ସହିତ ଆତ୍ମାର ଯେଉଁ ନୈତିକ ଓ ଆଧ୍ୟାତ୍ମିକ ସମ୍ବନ୍ଧ, ପ୍ରତ୍ୟେକ ଜୀବାତ୍ମା ସହିତ ସମସ୍ତଙ୍କର ପିତାସ୍ୱରୂପ ପରମାତ୍ମାଙ୍କର ଯେଉଁ ଦିବ୍ୟ ସମ୍ବନ୍ଧ, ଆବିଷ୍କୃତ ହେବାପୂର୍ବରୁ ମଧ୍ୟ ସେସବୁ ଥିଲା ଏବଂ ସମସ୍ତେ ବିସ୍ମୃତ ହୋଇଗଲେ ମଧ୍ୟ ଏଗୁଡ଼ିକ ରହିବ ।

ଏହି ଆଧ୍ୟାତ୍ମିକ ସତ୍ୟଗୁଡ଼ିକର ଆବିଷ୍କାରମାନଙ୍କର ନାମ 'ଋଷି' । ଆମେ ସେମାନଙ୍କୁ ସିଦ୍ଧ ବା ପୂର୍ଣ୍ଣ ବୋଲି ଭକ୍ତି ଓ ମାନ୍ୟ କରୁ । ମୁଁ ଏହି ଶ୍ରୋତୃମଣ୍ଡଳୀଙ୍କୁ ଅତି ଆନନ୍ଦର ସହିତ କହୁଛି ଯେ, ଅତିଶୟ ଉନ୍ନତ ଋଷିମାନଙ୍କ ମଧ୍ୟରେ କେତେ ଜଣ ନାରୀ ମଧ୍ୟ ଥିଲେ ।

ଏ ସ୍ଥଳରେ ଏପରି କୁହାଯାଇପାରେ ଯେ, ଉକ୍ତ ଆଧ୍ୟାତ୍ମିକ ନିୟମଗୁଡ଼ିକ ନିୟମ ହିସାବରେ ଅନନ୍ତ ହୋଇପାରେ, କିନ୍ତୁ ନିଶ୍ଚୟ ସେମାନଙ୍କର ଆଦି ଅଛି । ବେଦ କହେ—ସୃଷ୍ଟି ଅନାଦି ଓ ଅନନ୍ତ । ବିଜ୍ଞାନ ମଧ୍ୟ ପ୍ରମାଣ କରିଛି ଯେ, ବିଶ୍ୱଶକ୍ତିର ସମଷ୍ଟି ସର୍ବଦା ସମପରିମାଣ । ଆଚ୍ଛା, ଯଦି ଏପରି ଏକ ସମୟ ଆମେ କଳ୍ପନା କରୁ, ଯେତେବେଳେ କିଛି ବି ନ ଥିଲା, ତେବେ ଏହିସକଳ ବ୍ୟକ୍ତ ଶକ୍ତି ସେତେବେଳେ କେଉଁଠି ଥିଲା ? କେହି ହୁଏତ କହିବେ ଯେ, ଏଗୁଡ଼ିକ ଅବ୍ୟକ୍ତ ଅବସ୍ଥାରେ ଈଶ୍ୱରଙ୍କଠାରେ ହିଁ ଥିଲା । ତାହାହେଲେ ଈଶ୍ୱର କେବେ ସୁପ୍ତ ବା ନିଷ୍କ୍ରିୟ, କେବେ ପୁଣି ସକ୍ରିୟ ବା ଗତିଶୀଳ; ଅର୍ଥାତ୍ ସେ ବିକାରଶୀଳ । ବିକାରଶୀଳ ପଦାର୍ଥ ମାତ୍ରେ ହିଁ ମିଶ୍ରପଦାର୍ଥ ଏବଂ ମିଶ୍ରପଦାର୍ଥ ମାତ୍ରେ ହିଁ ଧ୍ୱଂସ ନାମକ ପରିବର୍ତ୍ତନର ଅଧୀନ । ତାହାହେଲେ ଈଶ୍ୱରଙ୍କର ମଧ୍ୟ ମୃତ୍ୟୁ ହେବ; କିନ୍ତୁ ଏହା ଅସମ୍ଭବ । ସୁତରାଂ ଏପରି ସମୟ କେବେହେଲେ ନ ଥିଲା, ଯେତେବେଳେ ସୃଷ୍ଟି ନ ଥିଲା; ତେଣୁ ସୃଷ୍ଟି ଅନାଦି ।

ଯଦି କୌଣସି ଉପମାଦ୍ୱାରା ବୁଝାଇବାକୁ ହୁଏ; ତାହାହେଲେ ସୃଷ୍ଟି ଓ ସ୍ରଷ୍ଟା ଦୁଇଟି ଅନାଦି ଓ ଅନନ୍ତ ସମାନ୍ତରାଳ ରେଖା । ଈଶ୍ୱର ଶକ୍ତିସ୍ୱରୂପ—ନିତ୍ୟ ସକ୍ରିୟ ବିଧାତା; ତାଙ୍କର ହିଁ ନିର୍ଦ୍ଦେଶରେ ବିଶୃଙ୍ଖଳ ପ୍ରଳୟ ଅବସ୍ଥାରୁ ଗୋଟିଏ କରେ ଗୋଟିଏ ଶୃଙ୍ଖଳାପୂର୍ଣ୍ଣ ଜଗତର ସୃଷ୍ଟି ହେଉଛି, କିଛି କାଳ ଚାଳିତ ହେଉଛି, ପୁନରାୟ ଧ୍ୱଂସ ପାଇଯାଉଛି । ହିନ୍ଦୁ ବାଳକ ଗୁରୁଙ୍କ ସହିତ ପ୍ରତ୍ୟେକ ଦିନ ଆବୃତ୍ତି କରିଥାଏ: 'ସୂର୍ଯ୍ୟଚନ୍ଦ୍ରାମସୌ ଧାତା ଯଥା ପୂର୍ବମକଳ୍ପୟତ୍'– ଅର୍ଥାତ୍ ବିଧାତା ପୂର୍ବ ପୂର୍ବ କଳ୍ପର ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପରି ଏହି ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ମଧ୍ୟ ସୃଷ୍ଟି କରିଛନ୍ତି । ଏହା ଆଧୁନିକ ବିଜ୍ଞାନସମ୍ମତ ।

ମୁଁ ଏଠାରେ ଠିଆ ହୋଇଛି । ଯଦି ଚକ୍ଷୁ ମୁଦ୍ରିତ କରି ମୋର ସତ୍ତାସମ୍ବନ୍ଧରେ ଚିନ୍ତା

କରିବାର ଚେଷ୍ଟା କରେ—'ମୁଁ' 'ମୁଁ' 'ମୁଁ', ତାହାହେଲେ ମୋ ମନରେ କେଉଁ ଭାବ ଉଦିତ ହେବ ? ଏହି ଦେହଟି ମୁଁ—ଏହି ଭାବ ହିଁ ମନରେ ଆସେ; ତେବେ କ'ଣ ମୁଁ ଜଡ଼ର ସମଷ୍ଟି ଛଡ଼ା ଆଉ କିଛି ନୁହେଁ ? ବେଦ କହୁଛନ୍ତି : ନା, ମୁଁ ଦେହ ମଧ୍ୟସ୍ଥ ଆତ୍ମା—ମୁଁ ଦେହ ନୁହେଁ । ଦେହ ମରିବ; କିନ୍ତୁ ମୁଁ ମରିବି ନାହିଁ । ମୁଁ ଏହି ଦେହ ମଧ୍ୟରେ ଅଛି; କିନ୍ତୁ ଯେତେବେଳେ ଏହି ଦେହ ମରିଯିବ, ସେତେବେଳେ ମଧ୍ୟ ମୁଁ ବଞ୍ଚି ରହିବି ଏବଂ ତା'ପୂର୍ବରୁ ମଧ୍ୟ ମୁଁ ଥିଲି । ଆତ୍ମା ଶୂନ୍ୟରୁ ସୃଷ୍ଟ ନୁହେଁ, କାରଣ 'ସୃଷ୍ଟି' ଶବ୍ଦର ଅର୍ଥ ବିଭିନ୍ନ ଦ୍ରବ୍ୟର ସଂଯୋଗ; ଭବିଷ୍ୟତରେ ନିଶ୍ଚୟ ଏଗୁଡ଼ିକ ବିଚ୍ଛିନ୍ନ ହେବ । ଅତଏବ ଆତ୍ମା ଯଦି ସୃଷ୍ଟ ପଦାର୍ଥ ହୁଅନ୍ତି, ତା'ହେଲେ ନିଶ୍ଚୟ ଏହା ମରଣଶୀଳ ହେବ; ସୁତରାଂ ଆତ୍ମା ସୃଷ୍ଟ ପଦାର୍ଥ ନୁହଁନ୍ତି ।

କେହି ଜନ୍ମକାଳରୁ ସୁଖଭୋଗ କରୁଛନ୍ତି—ଶରୀର ସୁସ୍ଥ ଓ ସୁନ୍ଦର, ମନ ଉତ୍ସାହପୂର୍ଣ୍ଣ, କୌଣସି ଜିନିଷର ଅଭାବ ନାହିଁ; ପୁଣି କେହି ଜାତ ହେବା ଦିନୁ ଦୁଃଖ ଭୋଗ କରୁଛନ୍ତି, କାହାର ହାତଗୋଡ଼ ନାହିଁ, କେହି ବା ଜଡ଼ବୁଦ୍ଧି ଏବଂ ଅତିକଷ୍ଟରେ ଜୀବନଯାପନ କରୁଛନ୍ତି । ସମସ୍ତେ ଯଦି ଏକ ନ୍ୟାୟପରାୟଣ ଓ କରୁଣାମୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ, ତେବେ କେହି ସୁଖୀ ଏବଂ କେହି ଦୁଃଖୀ ହେଲେ କାହିଁକି ? ଭଗବାନ କାହିଁକି ଏତେ ପକ୍ଷପାତୀ ? ଯଦି କୁହ ଯେ, ଯେଉଁମାନେ ଏଜନ୍ମରେ ଦୁଃଖ ଭୋଗ କରୁଛନ୍ତି, ପରଜନ୍ମରେ ସେମାନେ ସୁଖୀ ହେବେ, ତାହାହେଲେ ଅବସ୍ଥାର କିଛି ହେଲେ ଉନ୍ନତି ହେଲା ନାହିଁ । ଦୟାମୟ ଓ ନ୍ୟାୟପରାୟଣ ଈଶ୍ୱରଙ୍କ ରାଜ୍ୟରେ ଜଣେ ହେଲେ କାହିଁକି ଦୁଃଖ ଭୋଗ କରିବ ? ଦ୍ୱିତୀୟତଃ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଏହି ଭାବରେ ଦେଖିଲେ ଏହି ଦୃଷ୍ଟିଭଙ୍ଗି ମଧ୍ୟରେ ସୃଷ୍ଟିର ଅନ୍ତର୍ଗତ ଅସଙ୍ଗତିର କୌଣସି କାରଣ ପ୍ରଦର୍ଶନ କରିବାରେ ଚେଷ୍ଟା ଲକ୍ଷିତ ହୁଏ ନାହିଁ; ପରନ୍ତୁ ଏକ ସର୍ବଶକ୍ତିମାନ୍ ସ୍ୱେଚ୍ଛାଚାରୀ ପୁରୁଷଙ୍କର ନିଷ୍ଠୁର ଆଦେଶକୁ ହିଁ ସ୍ୱୀକାର କରାଗଲା । ସ୍ପଷ୍ଟତଃ ଏହା ଅବୈଜ୍ଞାନିକ; ଅତଏବ ସ୍ୱୀକାର କରିବାକୁ ହିଁ ହେବ, ସୁଖୀ ବା ଦୁଃଖୀ ହୋଇ ଜନ୍ମିବାର ପୂର୍ବେ ନିଶ୍ଚୟ ବହୁ ପ୍ରକାର କାରଣ ଅଛି, ଯାହା ଫଳରେ ଜନ୍ମ ପରେ ମଣିଷ ସୁଖୀ ବା ଦୁଃଖୀ ହୁଏ ଓ ତାହାର ନିଜ ପୂର୍ବଜନ୍ମର କର୍ମସମୂହ ହିଁ ସେହି ସବୁର କାରଣ ।

ଦେହମନର ପ୍ରବଣତା ମାତାପିତାଙ୍କର ଦେହମନର ପ୍ରବଣତାରୁ ଉତ୍ତରାଧିକାର ସୂତ୍ରରେ ଲବ୍ଧ ହୁଏ ନାହିଁ କି ? ଦେଖାଯାଉଛି ଯେ, ଦୁଇଟି ସତ୍ତା ସମାନ୍ତରାଳ ଭାବରେ ବର୍ତ୍ତମାନ : ଗୋଟିଏ ମନ, ଅପରଟି ସ୍ଥୂଳ ପଦାର୍ଥ । ଯଦି ଜଡ଼ ଓ ଜଡ଼ର ବିକାର ଦ୍ୱାରା ହିଁ ଆମର ଅନ୍ତର୍ନିହିତ ଭାବଗୁଡ଼ିକୁ ଯଥାର୍ଥଭାବେ ବ୍ୟାଖ୍ୟା କରାଯାଏ, ତେବେ ଆଉ ଆତ୍ମାର ଅସ୍ତିତ୍ୱ ସ୍ୱୀକାର କରିବାର କୌଣସି ଆବଶ୍ୟକତା ନାହିଁ । କିନ୍ତୁ ଜଡ଼ରେ ଯେ ଚିନ୍ତାରେ ଉଦ୍ଭବ ହୋଇଛି ଏହା ପ୍ରମାଣ କରିହେବ ନାହିଁ ଏବଂ ଯଦି ଦାର୍ଶନିକ ଦୃଷ୍ଟିକୋଣରୁ ଏକତ୍ୱବାଦ ଅପରିହାର୍ଯ୍ୟ ହୁଏ, ତେବେ ଆଧ୍ୟାତ୍ମିକ ଏକତ୍ୱବାଦ ଅପେକ୍ଷା ଏହା କମ୍ ବାଞ୍ଛନୀୟ ନୁହେଁ; କିନ୍ତୁ ବର୍ତ୍ତମାନ ପ୍ରସଙ୍ଗରେ ଏ ଦୁଇଟି ଆମର କୌଣସିଟିର ପ୍ରୟୋଜନ ନାହିଁ ।

ଆମେ ଅସ୍ୱୀକାର କରିପାରିବା ନାହିଁ ଯେ, ଶରୀରମାତ୍ରେ ଉତ୍ତରାଧିକାର ସୂତ୍ରେ କେତେଗୁଡ଼ିଏ

ପ୍ରବଣତା ଲାଭ କରେ; କିନ୍ତୁ ସେଗୁଡ଼ିକ ସମ୍ପୂର୍ଣ୍ଣ ଦୈହିକ । ଏହି ଦୈହିକ ପ୍ରବଣତାର ମାଧ୍ୟମରେ ହିଁ ମନରେ ବିଶେଷ ପ୍ରବଣତା ବ୍ୟକ୍ତ ହୁଏ । ମନର ଏପରି ବିଶେଷ ପ୍ରବଣତାର କାରଣ ପୂର୍ବାନୁଷ୍ଠିତ କର୍ମ । ବିଶେଷ କୌଣସି ପ୍ରବଣତାସମ୍ପନ୍ନ ଜୀବ ସଦୃଶ ବସ୍ତୁର ପ୍ରତି-ଆକର୍ଷଣ ନିୟମାନୁସାରେ ଏପରି ଗୋଟିଏ ଶରୀରରେ ଜନ୍ମଗ୍ରହଣ କରିବ, ଯାହା ଏହି ପ୍ରବଣତା ବିକଶିତ କରିବାର ସର୍ବଶ୍ରେଷ୍ଠ ସହାୟକ ହେବ । ଏହା ସମ୍ପୂର୍ଣ୍ଣଭାବେ ବିଜ୍ଞାନ-ସମ୍ମତ; କାରଣ ବିଜ୍ଞାନ ଅଭ୍ୟାସ ଦ୍ୱାରା ସବୁକିଛି ବ୍ୟାଖ୍ୟା କରିବାକୁ ଚାହେଁ, ଅଭ୍ୟାସ ପୁଣି ପୁନଃ ପୁନଃ ଅନୁଷ୍ଠାନର ଫଳ । ସୁତରାଂ ଅନୁମାନ କରିବାକୁ ହେବ, ନବଜାତ ପ୍ରାଣୀର ସ୍ୱଭାବ ମଧ୍ୟ ତାହାର ପୁନଃ ପୁନଃ ଅନୁଷ୍ଠିତ କର୍ମର ଫଳ; ଯେହେତୁ ତାଙ୍କ ପକ୍ଷରେ ବର୍ତ୍ତମାନ ଜୀବନରେ ଏଗୁଡ଼ିକ ଲାଭ କରିବା ଅସମ୍ଭବ, ତେଣୁ ଅବଶ୍ୟ ହିଁ ପୂର୍ବ ଜୀବନରୁ ସେଗୁଡ଼ିକ ଆସିଛି ।

ଆଉ ଗୋଟିଏ ପ୍ରଶ୍ନର ଇଙ୍ଗିତ ଏଠାରେ ରହିଛି । ସ୍ୱୀକାର କରାଗଲା ପୂର୍ବଜନ୍ମ ଅଛି, କିନ୍ତୁ ପୂର୍ବ ଜୀବନ ବିଷୟ ଆମମାନଙ୍କର ମନେ ରହେ ନାହିଁ କାହିଁକି ? ଏହା ସହଜରେ କୁହାଯାଇପାରେ । ମୁଁ ବର୍ତ୍ତମାନ ଇଂରାଜୀରେ କଥା କହୁଛି; ଏହା ମୋ ମାତୃଭାଷା ନୁହେଁ । ବାସ୍ତବିକ ବର୍ତ୍ତମାନ ମୋ ଚେତନ ମନରେ ମାତୃଭାଷାର ଗୋଟିଏ ଅକ୍ଷର ବି ନାହିଁ; କିନ୍ତୁ ଯଦି ମୁଁ ମନେ କରିବାକୁ ଚେଷ୍ଟା କରେ, ତାହାହେଲେ ତାହା ଏହିକ୍ଷଣି ପ୍ରବଳ ବେଗରେ ମନେ ପଡ଼ିବ । ଏହି ଘଟଣାରୁ ବୁଝାଯାଉଛି ଯେ ମନ ସମୁଦ୍ରର ଉପରିଭାଗରେ ହିଁ ଚେତନାଭାବ ଅନୁଭୂତ ହୁଏ ଏବଂ ଆମର ପୂର୍ବାର୍ଜିତ ଅଭିଜ୍ଞତା ସେହି ସମୁଦ୍ରର ଗଭୀର ଦେଶରେ ସଞ୍ଚିତ ଥାଏ । ଚେଷ୍ଟା ଓ ସାଧନା କର, ସେଗୁଡ଼ି ସବୁ ଉପରକୁ ଉଠି ଆସିବ, ଏପରିକି କି ପୂର୍ବଜନ୍ମ ସମ୍ବନ୍ଧରେ ମଧ୍ୟ ତୁମେ ଜାଣିପାରିବ ।

ପୂର୍ବଜନ୍ମ ସମ୍ବନ୍ଧରେ ଏହା ହିଁ ସାକ୍ଷାତ୍ ଓ ପରୀକ୍ଷାମୂଳକ ପ୍ରମାଣ । କାର୍ଯ୍ୟକ୍ଷେତ୍ରରେ ସତ୍ୟତା ନିର୍ଣ୍ଣୀତ ହେଲେ ଯେକୌଣସି ମତବାଦ ସମ୍ପୂର୍ଣ୍ଣ ଭାବରେ ପ୍ରମାଣିତ ହୁଏ, ଏହା ଋଷିଗଣ ସମଗ୍ର ଜଗତ ସମ୍ମୁଖରେ ସଦର୍ପ ଘୋଷଣା କରୁଛନ୍ତି; ସ୍ମୃତିସାଗରର ଗଭୀରତମ ପ୍ରଦେଶ କିପରି ଆଲୋଡ଼ିତ କରିବାକୁ ହୁଏ, ସେହି ରହସ୍ୟ ଆମ ଆବିଷ୍କାର କରିଅଛୁ । ସାଧନା କର, ତୁମେ ମଧ୍ୟ ପୂର୍ବଜନ୍ମର ସବୁକଥା ମନେ ପକାଇପାରିବ ।

ଅତଏବ ଦେଖାଗଲା, ହିନ୍ଦୁ ନିଜକୁ ଆତ୍ମା ବୋଲି ବିଶ୍ୱାସ କରେ । "ସେହି ଆତ୍ମାକୁ ତରବାରି ଛେଦନ କରିପାରେନାହିଁ, ଅଗ୍ନି ଦଗ୍ଧ କରିପାରେନାହିଁ, ଜଳ ଆର୍ଦ୍ର କରିପାରେନାହିଁ ଏବଂ ବାୟୁ ଶୁଷ୍କ କରିପାରେନାହିଁ ।"* ହିନ୍ଦୁ ବିଶ୍ୱାସ କରେ ଯେ ସେହି ଆତ୍ମା ଏପରି ଗୋଟିଏ ବୃତ୍ତ, ଯାହାର ପରିଧି କେଉଁଠାରେ ହେଲେ ନାହିଁ; କିନ୍ତୁ ତାହାର କେନ୍ଦ୍ର ଦେହ ମଧ୍ୟରେ ଅବସ୍ଥିତ ଏବଂ ସେହି କେନ୍ଦ୍ରର ଦେହଠାରୁ ଦେହାନ୍ତରକୁ ଗମନର ନାମ ହିଁ ମୃତ୍ୟୁ । ଆତ୍ମା ଜଡ଼ ନିୟମର ବଶୀଭୂତ ନୁହଁନ୍ତି, ଆତ୍ମା ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତ-ସ୍ୱଭାବ । କିନ୍ତୁ କୌଣସି କାରଣବଶତଃ ଜଡ଼ରେ ଆବଦ୍ଧ ହୋଇ ଅଛନ୍ତି ଓ ନିଜକୁ ଜଡ଼ ମନେ କରୁଛନ୍ତି ।

* ଗୀତା, ୨/୨୩

ପରବର୍ତ୍ତୀ ପ୍ରଶ୍ନ ହେଉଛି, କାହିଁକି ଏହି ଶୁଦ୍ଧ, ପୂର୍ଣ୍ଣ ଓ ମୁକ୍ତ ଆତ୍ମା ଜଡ଼ର ଦାସତ୍ୱବନ୍ଧନରେ ଆବଦ୍ଧ ? ପୂର୍ଣ୍ଣ ହେଲେ ବି କାହିଁକି ସେ ନିଜକୁ ଅପୂର୍ଣ୍ଣ ମନେ କରୁଛନ୍ତି ? ମୁଁ ଶୁଣିଛି ଯେ, କେହି କେହି ମନେ କରନ୍ତି—ହିନ୍ଦୁଗଣ ଏ ପ୍ରଶ୍ନର ଯଥାଯଥ ମୀମାଂସା କରିପାରିବେ ନାହିଁ ବୋଲି ଏହା ଏଡ଼ାଇ ଯିବାକୁ ଚେଷ୍ଟା କରନ୍ତି । କେଉଁ କେଉଁ ପଣ୍ଡିତ ଆତ୍ମା ଓ ଜୀବ—ଏହି ଦୁହିଁଙ୍କ ମଧ୍ୟରେ କେତେଗୁଡ଼ିଏ ପୂର୍ଣ୍ଣକଳ୍ପ ସତ୍ତାର ଅସ୍ତିତ୍ୱ କଳ୍ପନା କରି ଏ ପ୍ରଶ୍ନର ମୀମାଂସା କରିବାକୁ ଚାହାଁନ୍ତି ଏବଂ ଶୂନ୍ୟସ୍ଥାନ ପୂର୍ଣ୍ଣ କରିବାକୁ ବହୁବିଧ ସୁଦୀର୍ଘ ବୈଜ୍ଞାନିକ ସଂଜ୍ଞା ବ୍ୟବହାର କରନ୍ତି । କିନ୍ତୁ ସଂଜ୍ଞାଦ୍ୱାରା ବ୍ୟାଖ୍ୟା କରାହୁଏ ନାହିଁ । ପ୍ରଶ୍ନ ଯେପରି ଥିଲା ସେପରି ରହିଗଲା । ଯେ ପୂର୍ଣ୍ଣ, ସେ କିପରି ପୂର୍ଣ୍ଣକଳ୍ପ (Quashi-perfect) ହୋଇପାରିବେ ? ଯେ ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତସ୍ୱଭାବ, କିପରି ତାଙ୍କର ସେହି ସ୍ୱଭାବର ଅଣୁମାତ୍ର ବ୍ୟତିକ୍ରମ ହୁଏ ? ହିନ୍ଦୁମାନେ ଏ ସମ୍ବନ୍ଧରେ ସରଳ ଓ ସତ୍ୟବାଦୀ; ସେମାନେ ମିଥ୍ୟା ଯୁକ୍ତିତର୍କର ଆଶ୍ରୟ ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ । ସେମାନେ ସାହସର ସହିତ ଏହି ପ୍ରଶ୍ନର ସମ୍ମୁଖୀନ ହୁଅନ୍ତି ଏବଂ ଉତ୍ତରରେ କହନ୍ତି, 'ଆମେ ଜାଣୁ ନାହୁଁ, କିପରି ପୂର୍ଣ୍ଣ ଆତ୍ମା ନିଜକୁ ଅପୂର୍ଣ୍ଣ ଏବଂ ଜଡ଼ ସହିତ ଯୁକ୍ତ ଓ ଜଡ଼ର ନିୟମାଧୀନ ବୋଲି ମନେକରନ୍ତି; ଏହା କିନ୍ତୁ ଗୋଟିଏ ଅନୁଭୂତ ସତ୍ୟ; ପ୍ରତ୍ୟେକ ଲୋକ ହିଁ ନିଜକୁ ଦେହ ବୋଲି ମନେ କରନ୍ତି ।' କାହିଁକି ଏପରି ହେଲା, କାହିଁକି ବା ଆତ୍ମା ଏହି ଦେହରେ ରହିଛନ୍ତି, ଏହି ତତ୍ତ୍ୱ ସେମାନେ ବ୍ୟାଖ୍ୟା କରିବାକୁ ଚେଷ୍ଟା କରନ୍ତି ନାହିଁ । ଏହା ଈଶ୍ୱରଙ୍କ ଇଚ୍ଛା—ଏହିପରି କହିଲେ କିଛି ହେଲେ ବ୍ୟାଖ୍ୟା ହେଲା ନାହିଁ । ହିନ୍ଦୁମାନେ ଯେ କହନ୍ତି, 'ଆମେ ଜାଣୁନାହୁଁ', ତାହା ଅପେକ୍ଷା ଏ ଉତ୍ତର କିଛି ଅଧିକ ନୁହେଁ ।

ବେଶ୍, ତାହାହେଲେ ବୁଝାଗଲା ଯେ, ମଣିଷର ଆତ୍ମା ଅନାଦି, ଅମର, ପୂର୍ଣ୍ଣ ଓ ଅନନ୍ତ ଏବଂ କେନ୍ଦ୍ର ପରିବର୍ତ୍ତନ ବା ଦେହରୁ ଦେହାନ୍ତରକୁ ଗମନର ନାମ ମୃତ୍ୟୁ । ଆମର ବର୍ତ୍ତମାନ ଅବସ୍ଥା ପୂର୍ବାନୁଷ୍ଠିତ କର୍ମଦ୍ୱାରା ଏବଂ ବର୍ତ୍ତମାନ କର୍ମଦ୍ୱାରା ଭବିଷ୍ୟତ ନିରୂପିତ ହୁଏ । ଆତ୍ମା ଜନ୍ମରୁ ଜନ୍ମାନ୍ତରକୁ ଗୋଟିଏ ମୃତ୍ୟୁରୁ ଆଉ ଗୋଟିଏ ମୃତ୍ୟୁ ଦିଗକୁ କେତେବେଳେ ବିକଶିତ ହୋଇ, କେତେବେଳେ ସଂକୁଚିତ ହୋଇ ଅଗ୍ରସର ହେଉଛନ୍ତି । କିନ୍ତୁ ଏଠାରେ ଆଉ ଗୋଟିଏ ପ୍ରଶ୍ନ ଉଠେ: ପ୍ରଚଣ୍ଡ ଝଡ଼ରେ କ୍ଷୁଦ୍ର ତରଣୀ ଯେପରି ଥରେ ଫେନିଳ ତରଙ୍ଗର ଶୀର୍ଷକୁ ଉଠୁଛି ଓ ପରକ୍ଷଣରେ ମୁଖବ୍ୟାଦାନକାରୀ ତରଙ୍ଗଗହ୍ୱରରେ ନିକ୍ଷିପ୍ତ ହେଉଛି, ସେହିପରି ଆତ୍ମା କଣ ସଦସତ୍ କର୍ମର ଏକାନ୍ତ ବଶବର୍ତ୍ତୀ ହୋଇ କ୍ରମାଗତ ଥରେ ଉଠୁଛନ୍ତି ଓ ଥରେ ପଡୁଛନ୍ତି ? ଆତ୍ମା କଅଣ ନିତ୍ୟ ପ୍ରବାହିତ ପ୍ରଚଣ୍ଡ ଗର୍ଜନଶୀଳ ଅଦମ୍ୟ କାର୍ଯ୍ୟ-କାରଣ-ସ୍ରୋତରେ ଦୁର୍ବଳ ଅସହାୟ ଅବସ୍ଥାରେ କ୍ରମାଗତ ଇତସ୍ତତଃ ବିତାଡ଼ିତ ହେଉଛନ୍ତି ? ଆଉ କ'ଣ ଗୋଟିଏ କ୍ଷୁଦ୍ର କୀଟ ପରି କାର୍ଯ୍ୟକାରଣ-ଚକ୍ରର ନିମ୍ନରେ ଅବସ୍ଥିତ ? ଆଉ ଏହି ଚକ୍ର ସମ୍ମୁଖରେ ଯାହା ପାଉଛି, ତାହା ଚୂର୍ଣ୍ଣ କରି କ୍ରମାଗତ ବିଘୂର୍ଣ୍ଣିତ ହେଉଛି-ବିଧବାର ଅଶ୍ରୁ ଦିଗକୁ ଚାହୁଁନାହିଁ, ପିତୃମାତୃହୀନ ବାଳକର କ୍ରନ୍ଦନ ମଧ୍ୟ ଶୁଣୁନାହିଁ ?

ଏହା ଭାବିଲେ ମନ ନିରୁତ୍ସାହିତ ହୋଇଯାଏ । କିନ୍ତୁ ଏହା ପ୍ରକୃତିର ନିୟମ; ତେବେ

କ'ଣ କୌଣସି ଆଶା ନାହିଁ ? ପରିତ୍ରାଣର କଅଣ କୌଣସି ପଥ ନାହିଁ ? ମାନବର ହତାଶ ହୃଦୟର ଅନ୍ତଃସ୍ଥଳରୁ ଏହି କ୍ରନ୍ଦନ ଧ୍ୱନି ଉଠିବାକୁ ଲାଗିଲା । କରୁଣାମୟଙ୍କ ସିଂହାସନ ସମୀପରେ ଏହା ଉପନୀତ ହେଲା, ସେଠାରୁ ଆଶା ଓ ସାନ୍ତ୍ୱନାର ବାଣୀ ଆସି ଜଣେ ବୈଦିକ ଋଷିଙ୍କୁ ଉଦ୍‌ବୁଦ୍ଧ କଲା । ବିଶ୍ୱ ସମ୍ମୁଖରେ ଦଣ୍ଡାୟମାନ ହୋଇ ଉଚ୍ଚ ସ୍ୱରରେ ଏହି ଆନନ୍ଦ-ସମାଚାର ଜଗତକୁ ଘୋଷଣା କଲେ, 'ଶୁଣ, ଶୁଣ ଅମୃତର ପୁତ୍ରଗଣ, ଶୁଣ ଦିବ୍ୟଲୋକର ଅଧିବାସୀଗଣ, ମୁଁ ସେହି ପୁରାତନ ମହାନ୍ ପୁରୁଷଙ୍କୁ ଜାଣିଛି । ଆଦିତ୍ୟଙ୍କ ପରି ତାଙ୍କର ବର୍ଣ୍ଣ, ସେ ସକଳ ଅଜ୍ଞାନ ଅନ୍ଧକାରର ଅତୀତ; କେବଳ ତାଙ୍କୁ ଜାଣିବା ଦ୍ୱାରା ମୃତ୍ୟୁକୁ ଅତିକ୍ରମ କରାଯାଏ । ଆଉ ଅନ୍ୟ ପଥ ନାହିଁ ।'*

'ଅମୃତର ପୁତ୍ର' କି ମଧୁର ଓ ଆଶାର ନାମ ! ହେ ଭ୍ରାତୃଗଣ, ଏହି ମଧୁର ନାମରେ ମୁଁ ତୁମମାନଙ୍କୁ ସମ୍ବୋଧନ କରିବାକୁ ଚାହେଁ, ତୁମେମାନେ ଅମୃତର ଅଧିକାରୀ । ହିନ୍ଦୁମାନେ ତୁମକୁ ପାପୀ କହିବାକୁ ଚାହାଁନ୍ତି ନାହିଁ, ତୁମେମାନେ ଈଶ୍ୱରଙ୍କର ସନ୍ତାନ, ଅମୃତର ଅଧିକାରୀ ପବିତ୍ର ଓ ପୂର୍ଣ୍ଣ । ମର୍ତ୍ତ୍ୟଭୂମିର ଦେବତା ତୁମେମାନେ, ତୁମେ ପୁଣି ପାପୀ ? ମଣିଷକୁ ପାପୀ କହିବା ହିଁ ଏକ ମହାପାପ । ମାନବର ଯଥାର୍ଥ ସ୍ୱରୂପ ଉପରେ ଏହା ମିଥ୍ୟା କଳଙ୍କାରୋପ । ଉଠ, ଆସ, ସିଂହସ୍ୱରୂପ ହେବା ସତ୍ତ୍ୱେ ତୁମେମାନେ ନିଜକୁ ମେଷତୁଲ୍ୟ ମନେକରୁଛ । ଏହି ଭ୍ରମକୁ ଦୂର କରିଦିଅ । ତୁମେମାନେ ଅମର ଆତ୍ମା, ମୁକ୍ତ ଆତ୍ମା-ଚିର ଆନନ୍ଦମୟ । ତୁମେ ଜଡ଼ ନୁହଁ, ତୁମେ ଦେହ ନୁହଁ; ଜଡ଼ ତୁମର ଦାସ, ତୁମେ ଜଡ଼ର ଦାସ ନୁହଁ ।

ଏହି ଭାବରେ ବେଦ ଯେ କେବଳ କେତେଗୁଡ଼ିଏ କ୍ଷମାହୀନ ନିୟମାବଳୀର ଭୟାବହ ସମାବେଶକୁ ବା କାର୍ଯ୍ୟକାରଣରେ କାରାବନ୍ଧନକୁ ଘୋଷଣା କରିଛନ୍ତି ତାହା ନୁହେଁ, ବରଂ କହିଛନ୍ତି ଯେ, ଏହି ସକଳ ନିୟମର ଊର୍ଦ୍ଧ୍ୱରେ ପ୍ରତ୍ୟେକ ପରମାଣୁ ଓ ଶକ୍ତି ମଧ୍ୟରେ ଓତପ୍ରୋତ ରହିଛନ୍ତି ଏକ ବିରାଟ ପୁରୁଷ, 'ଯାହାଙ୍କର ଆଦେଶରେ ବାୟୁ ପ୍ରବାହିତ ହେଉଛି, ଅଗ୍ନି ପ୍ରଜ୍ୱଳିତ ହେଉଛି, ମେଘ ବାରି ବର୍ଷଣ କରୁଛି, ଏବଂ ମୃତ୍ୟୁ ଜଗତରେ ପରିଭ୍ରମଣ କରୁଛି ।'**

ତାଙ୍କର ସ୍ୱରୂପ କ'ଣ ? ସେ ସର୍ବବ୍ୟାପୀ, ଶୁଦ୍ଧ, ନିରାକାର, ସର୍ବଶକ୍ତିମାନ୍; ସମସ୍ତଙ୍କ ଉପରେ ତାଙ୍କର କରୁଣା ବର୍ଷିତ ହେଉଛି । 'ତୁମେ ଆମର ପିତା, ତୁମେ ଆମର ମାତା, ତୁମେ ଆମର ପରମ ପ୍ରେମାସ୍ପଦ ସଖା ଓ ବନ୍ଧୁ । ତୁମେ ସମସ୍ତ ଶକ୍ତିର ମୂଳ, ତୁମେ ଆମକୁ ଶକ୍ତି ଦିଅ, ତୁମେ ବିଶ୍ୱଜଗତର ଭାର ଧରି ରହିଛ; ଏହି କ୍ଷୁଦ୍ର ଜୀବନର ଭାର ବହନ କରିବା ପାଇଁ ମୋତେ ସାହାଯ୍ୟ କର'—ବୈଦିକ ଋଷିଗଣ ଏହିପରି ସ୍ତୁତି କରିଛନ୍ତି । ଆମେ ତାଙ୍କୁ କିପରି ଭାବରେ ପୂଜା କରିବୁ ? ପ୍ରୀତି ଦ୍ୱାରା, ଭଲ ପାଇ, ପ୍ରେମାସ୍ପଦ ରୂପେ—ଐହିକ ଓ ପାରତ୍ରିକ ସମୁଦାୟ ପ୍ରିୟ ବସ୍ତୁ ଅପେକ୍ଷା ପ୍ରିୟତର ରୂପେ ତାଙ୍କୁ ପୂଜା କରିବାକ ହେବ ।

---

* ଶ୍ୱେତାଶ୍ୱତର ଉପ., ୨/୫

** କଠ ଉପ., ୨/୩/୩

ଶୁଦ୍ଧ ପ୍ରେମ ସମ୍ବନ୍ଧରେ ବେଦ ଏହିପରି ଶିକ୍ଷା ଦେଇଛନ୍ତି । ବର୍ତ୍ତମାନ ଦେଖାଯାଉ, ହିନ୍ଦୁଗଣ ପୃଥିବୀରେ ଈଶ୍ୱରଙ୍କର ଅବତାର ବୋଲି ଯାହାଙ୍କୁ ବିଶ୍ୱାସ କରନ୍ତି, ସେହି ଶ୍ରୀକୃଷ୍ଣ କିପରି ଏହି ପ୍ରେମତତ୍ତ୍ୱକୁ ପୂର୍ଣ୍ଣ ରୂପରେ ପ୍ରଚାର କରିଛନ୍ତି ।

ସେ ଶିକ୍ଷା ଦେଇଛନ୍ତି ଯେ, ମଣିଷ ପଦ୍ମପତ୍ର ପରି ସଂସାରରେ ବାସ କରିବ । ପଦ୍ମପତ୍ର ପାଣିରେ ଥାଏ, କିନ୍ତୁ ତହିଁରେ ପାଣି ଲାଗେ ନାହିଁ; ମଣିଷ ସେହିପରି ସଂସାରରେ ରହିବ, ଈଶ୍ୱରଙ୍କଠାରେ ହୃଦୟ ସମର୍ପଣ କରି ନିର୍ଲିପ୍ତ ଭାବରେ କାମ କରିବ ।

ଇହଲୋକ ଓ ପରଲୋକରେ ପୁରସ୍କାର ପ୍ରତ୍ୟାଶାରେ ଈଶ୍ୱରଙ୍କୁ ଭଲପାଇବା ଭଲ; କିନ୍ତୁ ଭଲପାଇବା ପାଇଁ ତାଙ୍କୁ ଭଲ ପାଇବା ଆହୁରି ଭଲ; ତେଣୁ ତାଙ୍କୁ ପ୍ରାର୍ଥନା କର: ପ୍ରଭୁ ! ମୁଁ ତୁମ ନିକଟରେ ଧନ, ସନ୍ତାନ ବା ବିଦ୍ୟା ଚାହେଁ ନାହିଁ । ଯଦି ତୁମର ଇଛା ହୁଏ, ମୁଁ ଶତ ବିପଦ ଭିତରେ ଦେଇ ଯିବି; କିନ୍ତୁ ମୋର କେବଳ ଏହି ଇଛା ପୂର୍ଣ୍ଣ କର ଯେ, ଯେପରି କୌଣସି ପୁରସ୍କାର ଆଶାରେ ନୁହେଁ, ବରଂ ନିଃସ୍ୱାର୍ଥଭାବରେ କେବଳ ଭଲପାଇବା ପାଇଁ ତୁମକୁ ଭଲପାଇପାରେ ।

ଶ୍ରୀକୃଷ୍ଣଙ୍କର ଜଣେ ଶିଷ୍ୟ, ତତ୍କାଳୀନ ଭାରତର ସମ୍ରାଟ ଯୁଧିଷ୍ଠିର, ଶତ୍ରୁକର୍ତ୍ତୃକ ସିଂହାସନଚ୍ୟୁତ ହୋଇ ରାଣୀଙ୍କ ସହିତ ହିମାଳୟର ଅରଣ୍ୟରେ ଆଶ୍ରୟ ନେଇଥିଲେ । ସେଠାରେ ରାଣୀ ଦିନେ ତାଙ୍କୁ ପଚାରିଲେ, "ଆପଣ ସର୍ବାପେକ୍ଷା ଧାର୍ମିକ ବ୍ୟକ୍ତି, ଆପଣଙ୍କୁ କାହିଁକି ଏତେ କଷ୍ଟ ଯନ୍ତ୍ରଣା ଭୋଗ କରିବାକୁ ହେଉଛି ?' ଯୁଧିଷ୍ଠିର ଉତ୍ତର ଦେଲେ, "ପ୍ରିୟେ, ଦେଖ ହିମାଳୟକୁ ଚାହିଁ ଦେଖ । ଆହା ! କିପରି ସୁନ୍ଦର ଓ ମହାନ୍ ! ମୁଁ ହିମାଳୟକୁ ଭାରୀ ଭଲପାଏ । ପର୍ବତ ମୋତେ କିଛି ଦିଏ ନାହିଁ, ତଥାପି ସୁନ୍ଦର ଓ ମହାନ୍ ବସ୍ତୁକୁ ଭଲପାଇବା ହିଁ ମୋ ସ୍ୱଭାବ, ତେଣୁ ହିମାଳୟକୁ ମୁଁ ଭଲପାଏ । ଈଶ୍ୱରଙ୍କୁ ମୁଁ ଠିକ୍ ଏଥିପାଇଁ ଭଲପାଏ । ସେ ନିଖିଳ ସୌନ୍ଦର୍ଯ୍ୟର ଓ ମହତ୍ତ୍ୱର ମୂଳ, ସେ ହିଁ ପ୍ରେମର ଏକମାତ୍ର ପାତ୍ର । ତାଙ୍କୁ ଭଲପାଇବା ମୋ ସ୍ୱଭାବ, ତେଣୁ ମୁଁ ଭଲ ପାଏ । ମୁଁ କୌଣସି ଆଶାରେ ପ୍ରାର୍ଥନା କରେ ନାହିଁ, ମୁଁ ତାଙ୍କଠାରୁ କିଛି ଚାହେଁ ନାହିଁ, ତାଙ୍କର ଯେଉଁଠାରେ ଇଛା ମୋତେ ରଖନ୍ତୁ ନା କାହିଁକି, ସବୁ ଅବସ୍ଥାରେ ମୁଁ ତାଙ୍କୁ ଭଲପାଇବି । ମୁଁ ଭଲପାଇବା ପାଇଁ ତାଙ୍କୁ ଭଲପାଏ । ମୁଁ ଭଲପାଇବାର ବ୍ୟବସାୟ କରେ ନାହିଁ ।"

ବେଦ ଶିକ୍ଷା ଦିଅନ୍ତି : ଆତ୍ମା ବ୍ରହ୍ମସ୍ୱରୂପ, କେବଳ ଜଡ଼ ପଞ୍ଚଭୂତରେ ବଦ୍ଧ ହୋଇ ଅଛନ୍ତି; ଏହି ବନ୍ଧନର ଶୃଙ୍ଖଳ ଚୂର୍ଣ୍ଣ ହେଲେ ଆତ୍ମା ପୂର୍ଣ୍ଣତ୍ୱ ଉପଲବ୍ଧି କରନ୍ତି । ଅତଏବ ଏହି ପରିତ୍ରାଣର ଅବସ୍ଥା ବୁଝାଇବା ପାଇଁ ଋଷିମାନଙ୍କର ବ୍ୟବହୃତ ଶବ୍ଦ 'ମୁକ୍ତି' ! ମୁକ୍ତି, ମୁକ୍ତି –ଅପୂର୍ଣ୍ଣତାରୁ ମୁକ୍ତି—ମୃତ୍ୟୁ ଓ ଦୁଃଖରୁ ମୁକ୍ତି ।

ଈଶ୍ୱରଙ୍କର କୃପା ହେଲେ ଆମର ଏହି ବନ୍ଧନ ଘୁଞ୍ଚିଯାଇପାରେ ଏବଂ କେବଳ ପବିତ୍ର ସ୍ୱଭାବ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ହିଁ ତାଙ୍କର କୃପା ହୁଏ । ଅଥଏବ ପବିତ୍ରତା ହିଁ ତାଙ୍କର କୃପାଲାଭର ଉପାୟ । କି ଭାବରେ ତାଙ୍କର କରୁଣା କାର୍ଯ୍ୟ କରେ ? ଶୁଦ୍ଧ ବା ପବିତ୍ର ହୃଦୟରେ ହିଁ ସେ ନିଜକୁ ପ୍ରକାଶିତ କରନ୍ତି; ନିର୍ମଳ ବିଶୁଦ୍ଧଚିତ୍ତ ମାନବ ଇହଜୀବନରେ ହିଁ

ଈଶ୍ୱରଙ୍କର ଦର୍ଶନ ଲାଭ କରନ୍ତି । 'କେବଳ ସେତିକିବେଳେ ହୃଦୟର ସବୁ କୁଟୀଳତା ସରଳ ହୋଇଯାଏ, ସକଳ ସନ୍ଦେହ ବିଦୂରିତ ହୁଏ ।' ମଣିଷ ସେତେବେଳେ ଭୟଙ୍କର କାର୍ଯ୍ୟ-କାରଣ-ନିୟମର ହସ୍ତରୁ ଅବ୍ୟାହିତ ପାଏ । ଏହା ହିଁ ହିନ୍ଦୁଧର୍ମର ମର୍ମସ୍ଥଳ, ତାହାର ପ୍ରାଣସ୍ୱରୂପ । ହିନ୍ଦୁ କେବଳ ମତବାଦ ଓ ଶାସ୍ତ୍ର-ବିଚାର ଘେନି ବ୍ୟସ୍ତ ରହିବାକୁ ଚାହେଁ ନାହିଁ । ସାଧାରଣ ଇନ୍ଦ୍ରିୟାନୁଭୂତିର ଊର୍ଦ୍ଧ୍ୱରେ ଯଦି ଅତୀନ୍ଦ୍ରିୟ ସତ୍ତା ବୋଲି କିଛି ଥାଏ, ତେବେ ହିନ୍ଦୁ ସାକ୍ଷାତ୍ ଭାବେ ତାହାର ସମ୍ମୁଖୀନ ହେବାକୁ ଚାହେଁ । ଯଦି ତା'ଭିତରେ ଆତ୍ମା ବୋଲି କିଛି ଥାଏ, ଯାହା ଆଦୌ ଜଡ଼ ନୁହେଁ ଯଦି କରୁଣାମୟ ବିଶ୍ୱବ୍ୟାପୀ ପରମାତ୍ମା ବୋଲି କେହି ଥାଆନ୍ତି, ହିନ୍ଦୁ ସିଧା ତାଙ୍କ ପାଖକୁ ଯିବ, ନିଶ୍ଚିତ ରୂପରେ ତାଙ୍କୁ ଦର୍ଶନ କରିବ । ତେବେ ଯାଇ ତାର ସକଳ ସନ୍ଦେହ ଦୂର ହେବ । ଅତଏବ ଆତ୍ମା ଓ ଈଶ୍ୱରଙ୍କର ସର୍ବୋତ୍କୃଷ୍ଟ ପ୍ରମାଣ ଦେବା ପାଇଁ ଜ୍ଞାନୀ ହିନ୍ଦୁ କହନ୍ତି, ''ମୁଁ ଆତ୍ମାକୁ ଦର୍ଶନ କରିଛି, ଈଶ୍ୱରଙ୍କୁ ଦେଖିଛି ।'' ସିଦ୍ଧି ବା ପୂର୍ଣ୍ଣତ୍ୱର ଏହା ଏକମାତ୍ର ନିଦର୍ଶନ । କୌଣସି ମତବାଦ ଅଥବା ବଦ୍ଧମୂଳ ଧାରଣାକୁ ବିଶ୍ୱାସ କରିବା ମଧ୍ୟରେ ହିନ୍ଦୁଧର୍ମ ଆବଦ୍ଧ ନୁହେଁ; ଅପରୋକ୍ଷାନୁଭୂତି ହିଁ ଏହାର ମୂଳମନ୍ତ୍ର, କେବଳ ବିଶ୍ୱାସ କରିବା ନୁହେଁ, ନିଜେ ଆଦର୍ଶସ୍ୱରୂପ ହୋଇଯିବା—ଏହାକୁ ଜୀବନରେ ପରିଣତ କରିବା ହିଁ ପ୍ରକୃତ ଧର୍ମ ।

ବର୍ତ୍ତମାନ ଦେଖାଯାଉଛି, କ୍ରମାଗତ ସଂଗ୍ରାମ ଓ ସାଧନା ଦ୍ୱାରା ସିଦ୍ଧିଲାଭ କରିବା—ଦିବ୍ୟ ଭାବରେ ଭାବାନ୍ୱିତ ହୋଇ ଈଶ୍ୱରଙ୍କର ସାନ୍ନିଧ୍ୟକୁ ଯିବା ଓ ତାଙ୍କର ଦର୍ଶନ ଲାଭ କରି ସେହି ସ୍ୱର୍ଗସ୍ଥ ପିତା'ଙ୍କ ପରି ପୂର୍ଣ୍ଣ ହେବା ହିଁ ହିନ୍ଦୁମାନଙ୍କର ଧର୍ମ ।

ପୂର୍ଣ୍ଣତା ଲାଭ କଲେ ମାନବର କିପରି ଅବସ୍ଥା ହୁଏ ?—ତାଙ୍କର ଜୀବନ ଅସୀମ ଆନନ୍ଦରେ ପରିପୂର୍ଣ୍ଣ ହୁଏ । ଆନନ୍ଦର ଏକମାତ୍ର ଉତ୍ସ ଈଶ୍ୱରଙ୍କୁ ଲାଭ କରି ସେ ପରମାନନ୍ଦର ଅଧିକାରୀ ହୁଅନ୍ତି ଏବଂ ଈଶ୍ୱରଙ୍କ ସହିତ ସେହି ଆନନ୍ଦ ଉପଭୋଗ କରନ୍ତି—ହିନ୍ଦୁମାତ୍ରେ ଏ ବିଷୟରେ ଏକମତ । ଭାରତର ସକଳ ସଂପ୍ରଦାୟର ଏହା ସାଧାରଣ ଧର୍ମ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ପୂର୍ଣ୍ଣତ୍ୱ ହିଁ ପରମ ତତ୍ତ୍ୱ ଏବଂ ସେହି ତତ୍ତ୍ୱ କେବେ ବି ଦୁଇ ବା ତିନି ହୋଇ ନ ପାରନ୍ତି, ତାଙ୍କର କୌଣସି ଗୁଣ ବା ବ୍ୟକ୍ତିତ୍ୱ ରହି ନ ପାରେ । ଅତଏବ ଯେତେବେଳେ ଆମର ଆତ୍ମା ଏହି ପୂର୍ଣ୍ଣ ଓ ପରମ ଅବସ୍ଥାରେ ଉପନୀତ ହୁଅନ୍ତି, ସେତେବେଳେ ବ୍ରହ୍ମଙ୍କ ସହିତ ସେ ଏକ ହୋଇଯାଆନ୍ତି ଏବଂ ଏକମାତ୍ର ବ୍ରହ୍ମଙ୍କୁ ହିଁ ନିତ୍ୟ ଓ ପୂର୍ଣ୍ଣରୂପେ ଉପଲବ୍ଧି କରନ୍ତି । ଏପରି ଭାବରେ ଆତ୍ମା ନିରପେକ୍ଷ ସତ୍ତା, ନିରପେକ୍ଷ ଜ୍ଞାନ, ନିରପେକ୍ଷ ଆନନ୍ଦ-ସତ୍-ଚିତ୍-ଆନନ୍ଦସ୍ୱରୂପ ହୋଇଯାଆନ୍ତି ।

ଆମେ ପ୍ରାୟ ପଢ଼ିଥାଉ ଯେ, ଆତ୍ମାର ଏହି ଅବସ୍ଥାରେ ବ୍ୟକ୍ତିତ୍ୱର ଲୟ ହୁଏ ଓ ଏହା କାଠ ପଥର ପରି ଜଡ଼ ଅବସ୍ଥା । କିନ୍ତୁ ଏହାଦ୍ୱାରା ଲେଖକମାନଙ୍କର ଅନଭିଜ୍ଞତା ହିଁ ପ୍ରକାଶ ପାଏ । ଯେ କେବେହେଲେ ଆଘାତ କିମ୍ୱା ବେଦନା ବୋଧ କରି ନାହାନ୍ତି, ସେ ଅନ୍ୟମାନଙ୍କର କ୍ଷତଚିହ୍ନ ଦେଖି ପରିହାସ କରିଥାଆନ୍ତି ।

କିନ୍ତୁ ମୁଁ କହୁଛି ଯେ ଏହି ଅବସ୍ଥା ଏପ୍ରକାର ନୁହେଁ । ଆମର ଏହି କ୍ଷୁଦ୍ର ଦେହର ଚେତନା

ଉପଭୋଗ ଯଦି ସୁଖକର ହୁଏ, ତେବେ ଦୁଇଟି ଦେହର ଚେତନା ଉପଭୋଗ କରିବା ଆହୁରି ବେଶୀ ସୁଖକର ହେବ । ତେଣୁ ଦେହସଂଖ୍ୟା ଯେତେ ବଢ଼ିବ, ମୋର ସୁଖ ବି ସେତେ ବଢ଼ିବ । ଏହି ଭାବରେ ଯେତେବେଳେ ଏହି ନିଖିଳ ବିଶ୍ୱ ସହିତ ମୋର ଆତ୍ମବୋଧ ହେବ, ସେତେବେଳେ ମୁଁ ଲକ୍ଷ୍ୟସ୍ଥଳରେ, ଆନନ୍ଦର ଚରମ ସ୍ତରରେ ଉପନୀତ ହେବି ।

ଅତଏବ ଏହି ଅନନ୍ତ ବିଶ୍ୱଜନୀନ ବ୍ୟକ୍ତିତ୍ୱ ଲାଭ କରିବାକୁ ଗଲେ ଏହି ଦୁଃଖପୂର୍ଣ୍ଣ କ୍ଷୁଦ୍ର ଦେହାବଦ୍ଧ ବ୍ୟକ୍ତିତ୍ୱ ଅବଶ୍ୟ ହିଁ ତ୍ୟାଗ କରିବାକୁ ହେବ । ଯେତେବେଳେ ମୁଁ ପ୍ରାଣସ୍ୱରୂପ ହୋଇଯିବି, ସେତେବେଳେ ମୁଁ ମୃତ୍ୟୁହାତରୁ ନିଷ୍କୃତି ପାଇବି; ଯେତେବେଳେ ମୁଁ ଆନନ୍ଦସ୍ୱରୂପ ହୋଇଯିବି, ସେତେବେଳେ ଦୁଃଖରୁ ନିଷ୍କୃତି ପାଇବି; ଯେତେବେଳେ ଜ୍ଞାନସ୍ୱରୂପ ହୋଇଯିବି, ସେତେବେଳେ ମୋର ଭ୍ରମର ନିବୃତ୍ତି ହେବ । ଏହା ହିଁ ଯୁକ୍ତିସଙ୍ଗତ ବୈଜ୍ଞାନିକ ସିଦ୍ଧାନ୍ତ । ବିଜ୍ଞାନ ସାହାଯ୍ୟରେ ମୁଁ ଜାଣିଛି, ମୋର ଦେହଗତ ବ୍ୟକ୍ତିତ୍ୱ କେବଳ ଏକ ଭ୍ରାନ୍ତି । ପ୍ରକୃତ ପକ୍ଷରେ ଆମର ଦେହ ଏହି ନିରବଚ୍ଛିନ୍ନ ଜଡ଼ସମୁଦ୍ରରେ ଅବିରାମ ପରିବର୍ତ୍ତିତ ହେଉଅଛି, ତେଣୁ ମୋର ଚୈତନ୍ୟ ଅଂଶ ସମ୍ବନ୍ଧରେ ଏହି ଅଦ୍ୱୈତ (ଏକତ୍ୱ) ଜ୍ଞାନ ହିଁ ଠିକ୍ ଯୁକ୍ତିଯୁକ୍ତ ସିଦ୍ଧାନ୍ତ ।

ଏକତ୍ୱର ଆବିଷ୍କାର ବ୍ୟତୀତ ବିଜ୍ଞାନ ଆଉ କିଛି ନୁହେଁ; ଏବଂ ଯେତେବେଳେ କୌଣସି ବିଜ୍ଞାନ ସେହି ପୂର୍ଣ୍ଣ ଏକତ୍ୱରେ ଉପନୀତ ହୁଏ, ସେତେବେଳେ ତାହାର ଅଗ୍ରଗତି ବନ୍ଦ ହେବ, କାରଣ ଏହି ବିଜ୍ଞାନ ତାହାର ଲକ୍ଷ୍ୟରେ ଉପନୀତ ହୋଇଛି । ଯଥା–ରସାୟନ–ଶାସ୍ତ୍ର ଯଦି ଏପରି ଗୋଟିଏ ମୂଳ ପଦାର୍ଥ ଆବିଷ୍କାର କରେ, ଯହିଁରୁ ଅନ୍ୟାନ୍ୟ ସକଳ ପଦାର୍ଥ ପ୍ରସ୍ତୁତ କରାଯାଇପାରେ, ତାହାହେଲେ, ଏହା ତା'ର ଚରମ ଉନ୍ନତି । ପଦାର୍ଥବିଦ୍ୟା ଯଦି ଏପରି ଗୋଟିଏ ଶକ୍ତି ଆବିଷ୍କାର କରିପାରେ, ଅନ୍ୟାନ୍ୟ ଶକ୍ତି ଯାହାର ରୂପାନ୍ତର ମାତ୍ର, ତାହାହେଲେ ସେହି ବିଜ୍ଞାନର କାର୍ଯ୍ୟ ଶେଷ ହେଲା । ଧର୍ମବିଜ୍ଞାନ ମଧ୍ୟ ସେତେବେଳେ ପୂର୍ଣ୍ଣତା ଲାଭ କରେ, ଯେତେବେଳେ ଏହା ତାଙ୍କୁ ଆବିଷ୍କାର କରେ—ଯେ ଏହି ମୃତ୍ୟୁମୟ ଜଗତରେ ଏକମାତ୍ର ଜୀବନସ୍ୱରୂପ, ଯେ ନିତ୍ୟ ପରିବର୍ତ୍ତନଶୀଳ ଜଗତର ଏକମାତ୍ର ଅଚଳ, ଅଟଳ ଭିତ୍ତି, ଯେ ଏକମାତ୍ର ପରମାତ୍ମା—ଅନ୍ୟାନ୍ୟ ଆତ୍ମା ଯାହାର ଭ୍ରମାତ୍ମକ ପ୍ରକାଶମାତ୍ର । ଏହିରୂପେ ବହୁବାଦ, ଦ୍ୱୈତବାଦ ପ୍ରଭୃତିର ଭିତର ଦେଇ ଶେଷରେ ଅଦ୍ୱୈତବାଦରେ ଉପନୀତ ହେଲେ ଧର୍ମ–ବିଜ୍ଞାନ ଆଉ ଅଗ୍ରସର ହୋଇପାରେ ନାହିଁ । ଏହା ହିଁ ସର୍ବ ପ୍ରକାର ଜ୍ଞାନ ବା ବିଜ୍ଞାନର ଚରମ ଲକ୍ଷ୍ୟ ।

ସବୁ ବିଜ୍ଞାନଗୁଡ଼ିକୁ ଅବଶେଷରେ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼ିବ । ଆଜିକାଲି ବୈଜ୍ଞାନିକଗଣ 'ସୃଷ୍ଟି' ନ କହି 'ବିକାଶ' ଶବ୍ଦ ବ୍ୟବହାର କରୁଛନ୍ତି । ହିନ୍ଦୁମାନେ ଯୁଗ ଯୁଗ ଧରି ଯେଉଁ ଭାବ ହୃଦୟରେ ପୋଷଣ କରି ଆସିଛନ୍ତି, ସେହି ଭାବ ଆଧୁନିକ ବୈଜ୍ଞାନିକ ସିଦ୍ଧାନ୍ତର ନବୀନତମ ଆଲୋକରେ ଅଧିକ ଶକ୍ତିଶାଳୀ ଭାବରେ ପ୍ରଚାରିତ ହେବାର ସମ୍ଭାବନା ଦେଖି ତାଙ୍କ ହୃଦୟରେ ଆନନ୍ଦର ସଞ୍ଚାର ହେଉଛି ।

ବର୍ତ୍ତମାନ ଦର୍ଶନର ଉଚ୍ଚ ଶିଖରରୁ ଅବତରଣ କରି ଅଜ୍ଞ ଲୋକମାନଙ୍କର ଧର୍ମ ସମ୍ବନ୍ଧରେ ଆଲୋଚନା କରୁଛି । ପ୍ରଥମରୁ କହି ରଖୁଛି ଯେ, ଭାରତବର୍ଷରେ ବହୁ–ଈଶ୍ୱରବାଦ ନାହିଁ ।

ପ୍ରତି ଦେବାଳୟ ପାର୍ଶ୍ୱରେ ଠିଆ ହୋଇ ଯଦି କେହି ଶ୍ରବଣ କରେ, ତାହାହେଲେ ଶୁଣିବାକୁ ପାଇବ ପୂଜକ ଦେବ-ବିଗ୍ରହରେ ଈଶ୍ୱରଙ୍କର ସମୁଦାୟ ଗୁଣ, ଏପରି କି ସର୍ବବ୍ୟାପିତ୍ୱ ପର୍ଯ୍ୟନ୍ତ ଆରୋପ କରୁଛନ୍ତି । ଏହା ବହୁ ଈଶ୍ୱରବାଦ ନୁହେଁ ବା ଏହାକୁ କୌଣସି ଦେବ-ବିଶେଷଙ୍କର ପ୍ରାଧାନ୍ୟ ବୋଲି କହିଲେ ମଧ୍ୟ ପ୍ରକୃତ କଥାର ବ୍ୟାଖ୍ୟା ହେଲା ନାହିଁ । ଗୋଲାପକୁ ଅନ୍ୟ ଯେ କୌଣସି ନାଁ ଦିଅନା କାହିଁକି, ତାହାର ସୁଗନ୍ଧ ସମାନ ରହିବ । ସଂଜ୍ଞା ବା ନାମ ଦ୍ୱାରା ବ୍ୟାଖ୍ୟା ହୁଏ ନାହିଁ ।

ଭାରତରେ, ମୋ ବାଲ୍ୟକାଳରେ ଏକଦା ଜଣେ ଖ୍ରୀଷ୍ଟିଆନ୍ ପାଦ୍ରୀଙ୍କୁ ଏକ ଜନଗହଳି ସମ୍ମୁଖରେ ବକ୍ତୃତା ଦେବା ଶୁଣିଥିଲି । ନାନାବିଧ ମଧୁର କଥା କହୁ କହୁ ସେ କହି ଉଠିଲେ, 'ମୁଁ ଯଦି ତୁମର ବିଗ୍ରହକୁ ଏହି ଲାଠିଦ୍ୱାରା ଆଘାତ କରେ, ତେବେ ସେ ମୋର କ'ଣ କରିପାରିବେ ?' ଜନତା ମଧ୍ୟରୁ ଜଣେ କହିଲେ, 'ମୁଁ ଯଦି ତୁମ ଭଗବାନଙ୍କୁ ଗାଳିଦିଏ, ସେ ବି ମୋର କ'ଣ କରିପାରିବେ ?' ପାଦ୍ରୀ ଉତ୍ତର ଦେଲେ, 'ମୃତ୍ୟୁ ପରେ ତୁମର ଶାସ୍ତି ହେବ ।' ସେ ବ୍ୟକ୍ତି ମଧ୍ୟ କହିଲେ, 'ତୁମେ ମଲେ ଆମ ଦେବତା ମଧ୍ୟ ତୁମକୁ ଶାସ୍ତି ଦେବେ ।'

ଫଳଦ୍ୱାରା ହିଁ ବୃକ୍ଷର ପ୍ରକୃତ ପରିଚୟ ମିଳେ । ଯେତେବେଳେ ମୁଁ ଦେଖେ ଯେ, ଯାହାଙ୍କୁ ପୌତ୍ତଳିକ କୁହାଯାଏ, ତାଙ୍କ ମଧ୍ୟରେ ବି ଏପରି ମନୁଷ୍ୟ ଅଛନ୍ତି, ଯାହାଙ୍କ ପରି ଚରିତ୍ରବାନ୍, ଆଧ୍ୟାତ୍ମିକ ଭାବପୂର୍ଣ୍ଣ ଓ ପ୍ରେମିକ କେବେ କେଉଁଠି ହେଲେ ଦେଖି ନାହିଁ, ସେତେବେଳେ ମନରେ ଏହି ପ୍ରଶ୍ନ ସ୍ୱତଃ ଉଦିତ ହୁଏ ଯେ ପାପରୁ କ'ଣ କେବେ ପବିତ୍ରତା ଜନ୍ମିପାରେ ?

କୁସଂସ୍କାର ମଣିଷର ଶତ୍ରୁ ସତ; କିନ୍ତୁ ଧର୍ମାନ୍ଧତା ଆହୁରି ଖରାପ । ଖ୍ରୀଷ୍ଟିଆନ୍‌ମାନେ କାହିଁକି ଗୀର୍ଜାକୁ ଯାଆନ୍ତି ? କ୍ରୁଶ୍ ଏତେ ପବିତ୍ର କାହିଁକି ? ପ୍ରାର୍ଥନା ସମୟରେ ସେମାନେ କାହିଁକି ଉପର ଆଡ଼କୁ ଚାହାଁନ୍ତି ? କ୍ୟାଥଲିକ୍‌ମାନଙ୍କର ଗୀର୍ଜାରେ ଏତେ ମୂର୍ତ୍ତି ରହିଛି କାହିଁକି ? ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ମନରେ ପ୍ରାର୍ଥନା କାଳରେ ଏତେ ଭାବମୟ ରୂପର ଆବିର୍ଭାବ ହୁଏ କାହିଁକି ? ହେ ମୋର ଭ୍ରାତୃବୃନ୍ଦ, ନିଃଶ୍ୱାସ ଗ୍ରହଣ ନ କରି ଜୀବନ ଧାରଣ କରିବା ଯେପରି ଅସମ୍ଭବ, ଚିନ୍ତା କଲାବେଳେ ରୂପବିଶେଷର ସାହାଯ୍ୟ ନ ନେବା ମଧ୍ୟ ଆମ ପକ୍ଷରେ ସେହିପରି ଅସମ୍ଭବ । ଭାବାନୁସଙ୍ଗ ନିୟମାନୁସାରେ (Law of association) ଜଡ଼ମୂର୍ତ୍ତି ଦେଖିଲେ ମାନସିକ ଭାବବିଶେଷରେ ଉଦ୍ଦୀପନ ହୁଏ, ବିପରୀତକ୍ରମେ ମନରେ ଭାବବିଶେଷର ଉଦ୍ଦୀପନ ହୁଏ, ବିପରୀତ କ୍ରମେ ମନରେ ଭାବବିଶେଷର ଉଦ୍ଦୀପନ ହେଲେ ତଦନୁରୂପ ମୂର୍ତ୍ତିବିଶେଷ ମଧ୍ୟ ମନରେ ଉଦିତ ହୁଏ । ଏଥିପାଇଁ ହିନ୍ଦୁମାନେ ଉପାସନା ସମୟରେ କାହିଁକି ବାହ୍ୟ ପ୍ରତୀକ ବ୍ୟବହାର କରନ୍ତି, ଏହା ହିଁ ତାହାର କାରଣ । ସେମାନେ କହିବେ ଯେ, ଉପାସ୍ୟ ଦେବତାଙ୍କ ଉପରେ ମନ ସ୍ଥିର କରିବା ପାଇଁ ପ୍ରତୀକ ସାହାଯ୍ୟ କରେ । ସେମାନେ ମଧ୍ୟ ତୁମମାନଙ୍କ ପରି ଜାଣନ୍ତି ଯେ, ପ୍ରତିମା ଈଶ୍ୱର ନୁହେଁ କିମ୍ବା ସର୍ବବ୍ୟାପୀ ମଧ୍ୟ ନୁହେଁ । ଆଚ୍ଛା କହ, 'ସର୍ବବ୍ୟାପୀ' କହିଲେ ଅଧିକାଂଶ ଲୋକ କ'ଣ ବୁଝନ୍ତି ? ତାଙ୍କ ପକ୍ଷରେ ଏହା ଗୋଟିଏ ଶବ୍ଦ ମାତ୍ର— ଗୋଟିଏ ପ୍ରତୀକ ମାତ୍ର । ଈଶ୍ୱର କ'ଣ ବାହ୍ୟ ଆୟତନ ବିଶିଷ୍ଟ ? ତାହା ଯଦି ନ ହୁଏ, ତେବେ

ସର୍ବବ୍ୟାପୀ ଶବ୍ଦଟି ଆବୃତ୍ତି କଲେ ଆମ ମନରେ ବିସ୍ତୃତ ଆକାଶ ଅଥବା ମହାଶୂନ୍ୟର କଳ୍ପନା ଛଡ଼ା ଅନ୍ୟ କିଛି ଉଦିତ ହୁଏ ନାହିଁ ।

ତେଣୁ ଦେଖାଯାଉଛି ଯେ, ଯେପରି ମଣିଷ-ମନର ଗଠନ ଅନୁସାରେ ଅନନ୍ତର ଧାରଣା ଅନନ୍ତ ନୀଳାକାଶ ବା ସମୁଦ୍ରର ପ୍ରତିଛବି ସହିତ ଜଡ଼ିତ ଥାଏ, ସେପରି ଆମେ ମଧ୍ୟ ସ୍ୱଭାବତଃ ପବିତ୍ରତାର ଧାରଣା ଗୀର୍ଜା, ମସ୍‌ଜିଦ୍ ବା କ୍ରୁଶ ସହିତ ଯୁକ୍ତ କରିଥାଉ । ତେଣୁ ହିନ୍ଦୁମାନେ ପବିତ୍ରତା, ସତ୍ୟ, ସର୍ବବ୍ୟାପୀତ୍ୱ ପ୍ରଭୃତି ଭାବଗୁଡ଼ିକୁ ବିଭିନ୍ନ ମୂର୍ତ୍ତି ଓ ପ୍ରତୀକ ସହିତ ଯୁକ୍ତ କରି ରଖିଛନ୍ତି । ତେବେ ପ୍ରଭେଦ ଏହି ଯେ, କେହି କେହି ସମଗ୍ର ଜୀବନ ସ୍ୱୀୟ ସମ୍ପ୍ରଦାୟର ମଧ୍ୟରେ ଆବଦ୍ଧ ହୋଇ ନିଷ୍ଠାପୂର୍ବକ କଟାଇ ଦିଅନ୍ତି, ତାହା ଅପେକ୍ଷା ଉଚ୍ଚତର ଅବସ୍ଥା ଲାଭ କରନ୍ତି ନାହିଁ । ସେମାନଙ୍କ ନିକଟରେ କେତୋଟି ମତକୁ ମାନିନେବା ଏବଂ ଲୋକଙ୍କର ଉପକାର କରିବା ବ୍ୟତୀତ ଧର୍ମ ଆଉ କିଛି ନୁହେଁ; କିନ୍ତୁ ହିନ୍ଦୁର ସମଗ୍ର ଧର୍ମଭାବ ଅପରୋକ୍ଷାନୁଭୂତିରେ ହିଁ କେନ୍ଦ୍ରୀଭୂତ । ଈଶ୍ୱରଙ୍କୁ ଉପଲବ୍ଧି କରି ମଣିଷକୁ ଦେବତା ହେବାକୁ ପଡ଼ିବ । ମନ୍ଦିର, ପ୍ରାର୍ଥନାଗୃହ, ଦେବବିଗ୍ରହ ବା ଧର୍ମଶାସ୍ତ୍ର ଏଗୁଡ଼ିକ ମଣିଷର ଧର୍ମଜୀବନରେ ପ୍ରାଥମିକ ଅବଲମ୍ବନ ଓ ସହାୟକ ମାତ୍ର, ଏଗୁଡ଼ିକୁ ଅତିକ୍ରମ କରି ତାହାକୁ କ୍ରମଶଃ ଅଗ୍ରସର ହେବାକୁ ହେବ ।

ଶାସ୍ତ୍ରରେ ଅଛି : 'ବାହ୍ୟପୂଜା ବା ମୂର୍ତ୍ତିପୂଜା ପ୍ରଥମାବସ୍ଥା, ଅଳ୍ପ ଉନ୍ନତି ହେଲେ ମାନସିକ ପ୍ରାର୍ଥନା ପରବର୍ତ୍ତୀ ସ୍ତର; କିନ୍ତୁ ଈଶ୍ୱରସାକ୍ଷାତ୍କାର ହିଁ ଉଚ୍ଚତମ ଅବସ୍ଥା ।'* ଯେଉଁ ଏକାଗ୍ର ସାଧକ ଜାନୁପାତି ଦେବବିଗ୍ରହଙ୍କ ସମ୍ମୁଖରେ ପୂଜା କରୁଛନ୍ତି, ଲକ୍ଷ୍ୟ କର, ସେ ତୁମକୁ କ'ଣ କହନ୍ତି । 'ସୂର୍ଯ୍ୟ ତାଙ୍କୁ ପ୍ରକାଶ କରିପାରେ ନାହିଁ, ଚନ୍ଦ୍ର, ତାରା ଏବଂ ବିଦ୍ୟୁତ୍ ମଧ୍ୟ ତାଙ୍କୁ ପ୍ରକାଶ କରିପାରନ୍ତି ନାହିଁ, ତେବେ ଏହି ଅଗ୍ନି ତାଙ୍କୁ କିପରି ପ୍ରକାଶ କରିବ ? ଏମାନେ ସମସ୍ତେ ହିଁ ତାଙ୍କ ଆଲୋକରେ ପ୍ରକାଶିତ ।'** ସେ କାହାରି ଦେବବିଗ୍ରହଙ୍କୁ ଗାଳି ଦିଅନ୍ତି ନାହିଁ, କିନ୍ତୁ ପ୍ରତିମାପୂଜାକୁ ପାପ ବୋଲି ମଧ୍ୟ କହନ୍ତି ନାହିଁ । ସେ ଏହାକୁ ଜୀବନର ଏକ ପ୍ରୟୋଜନୀୟ ଅବସ୍ଥା ବୋଲି ସ୍ୱୀକାର କରନ୍ତି । ଶିଶୁ ମଧ୍ୟରେ ହିଁ ପୂର୍ଣ୍ଣମାନବର ସମ୍ଭାବନା ନିହିତ । ଜଣେ ବୃଦ୍ଧଙ୍କ ପକ୍ଷରେ ଶୈଶବ ଓ ଯୌବନକୁ ପାପ ବୋଲି କହିବା କ'ଣ ଉଚିତ ହେବ ?

ହିନ୍ଦୁଧର୍ମରେ ବିଗ୍ରହ-ପୂଜା ଯେ ସମସ୍ତଙ୍କର ଅବଶ୍ୟ କର୍ତ୍ତବ୍ୟ, ତାହା ନୁହେଁ । କିନ୍ତୁ କେହି ଯଦି ବିଗ୍ରହ ସାହାଯ୍ୟରେ ସହଜରେ ନିଜର ଦିବ୍ୟଭାବ ଉପଲବ୍ଧି କରିପାରନ୍ତି, ତାହାହେଲେ କ'ଣ ଏହାକୁ ପାପ ବୋଲି କହିବା ସଙ୍ଗତ ? କିମ୍ବା ସାଧକ ଯେତେବେଳେ ଏହି ଅବସ୍ଥାକୁ ଅତିକ୍ରମ କରିଯାଇଛନ୍ତି, ସେତେବେଳେ ତାଙ୍କ ପକ୍ଷରେ ଏହାକୁ ଭୁଲ କହିବା କ'ଣ ସଙ୍ଗତ ? ହିନ୍ଦୁମାନଙ୍କର ଦୃଷ୍ଟିରେ ମଣିଷ ଭ୍ରମରୁ ସତ୍ୟକୁ ଯାଏ ନାହିଁ, ବରଂ ସତ୍ୟଠାରୁ ସତ୍ୟକୁ— ନିମ୍ନତର ସତ୍ୟରୁ ଉଚ୍ଚତର ସତ୍ୟରେ ଉପନୀତ ହୁଏ । ହିନ୍ଦୁ ନିକଟରେ ନିମ୍ନତମ ଜଡ଼ୋପାସନାରୁ ଆରମ୍ଭ କରି ବେଦାନ୍ତରେ ଅଦ୍ୱୈତବାଦ ପର୍ଯ୍ୟନ୍ତ ସକଳ ସାଧନାର ଅର୍ଥ ଅସୀମକୁ ଧାରଣା ବା

* ମହାନିର୍ବାଣତନ୍ତ୍ର, ୪/୧୨

** କଠ ଉପ., ୨/୨/୧୫; ଶ୍ୱେତାଶ୍ୱ., ୬/୧୪; ମୁଣ୍ଡକ, ୨/୨/୧୦

ଉପଲବ୍ଧି କରିବା ପାଇଁ ମାନବାତ୍ମାର ବିବିଧ ଚେଷ୍ଟା ମାତ୍ର । ଜନ୍ମ, ସଙ୍ଗ ଓ ପରିବେଶ ଅନୁଯାୟୀ ପ୍ରତ୍ୟେକ ସାଧକର ସାଧନ-ପ୍ରଚେଷ୍ଟା ନିରୂପିତ ହୁଏ । ପ୍ରତ୍ୟେକଟି ସାଧନ ହିଁ କ୍ରମୋନ୍ନତିର ବିଭିନ୍ନ ଅବସ୍ଥା ମାତ୍ର । ପ୍ରତ୍ୟେକ ମାନବାତ୍ମା ହିଁ ଈଗଲ୍ ପକ୍ଷୀର ଶାବକ ପରି କ୍ରମଶଃ ଉଚ୍ଚରୁ ଉଚ୍ଚତର ସ୍ତରକୁ ଉଠି ଥାଆନ୍ତି ଏବଂ କ୍ରମଶଃ ଶକ୍ତି ସଞ୍ଚୟ କରି ଶେଷରେ ସେହି ମହାନ୍ ସୂର୍ଯ୍ୟର ସମୀପବର୍ତ୍ତୀ ହୁଅନ୍ତି ।

ବହୁତ୍ୱ ମଧ୍ୟରେ ଏକତ୍ୱ ହିଁ ପ୍ରକୃତିର ନିୟମ—ହିନ୍ଦୁଗଣ ଏହି ରହସ୍ୟ ଉପଲବ୍ଧି କରିଛନ୍ତି । ଅନ୍ୟାନ୍ୟ ଧର୍ମସମୂହ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ମତବାଦକୁ ବିଧିବଦ୍ଧ କରି ସମଗ୍ର ସମାଜକୁ ବଳପୂର୍ବକ ସେଗୁଡ଼ିକୁ ମାନି ନେବା ପାଇଁ ଚେଷ୍ଟା କରନ୍ତି । ସମାଜ ସମ୍ମୁଖରେ ସେମାନେ ଏକ ମାପର ଜାମା ରଖିଦିଅନ୍ତି; ଜ୍ୟାକ୍, ଜନ୍, ହେନ୍‌ରି ପ୍ରଭୃତି ସମସ୍ତଙ୍କୁ ହିଁ ଏହି ଏକ ମାପର ଜାମା ପିନ୍ଧିବାକୁ ହେବ । ଯଦି ହେନ୍‌ରି ବା ଜନ୍‌ର ଦେହକୁ ତାହା ନ ହୁଏ, ତେବେ ତାକୁ ଜାମା ନ ପିନ୍ଧି ଖାଲି ଦେହରେ ରହିବାକୁ ହେବ । ହିନ୍ଦୁଗଣ ଆବଷ୍କାର କରିଛନ୍ତି ଯେ, ଆପେକ୍ଷିକକୁ ଆଶ୍ରୟ କରିବାଦ୍ୱାରା ନିରପେକ୍ଷ ପରମ ତତ୍ତ୍ୱର ଚିନ୍ତା, ଉପଲବ୍ଧି ବା ପ୍ରକାଶ କରିବା ସମ୍ଭବ; ପ୍ରତିମା, କ୍ରୁଶ୍ ବା ଚନ୍ଦ୍ରକଳା ପ୍ରତୀକମାତ୍ର, ଆଧ୍ୟାତ୍ମିକ ଭାବ ପ୍ରକାଶ କରିବାର ଅବଲମ୍ବନ-ସ୍ୱରୂପ । ଏହି ପ୍ରକାର ସାହାଯ୍ୟ ଯେ ସମସ୍ତଙ୍କ ପକ୍ଷରେ ଆବଶ୍ୟକ ତାହା ନୁହେଁ, ତେବେ ଅଧିକାଂଶ ଲୋକଙ୍କ ପକ୍ଷରେ ଏହି ପ୍ରକାର ସାହାଯ୍ୟ ଆବଶ୍ୟକ । ଯେଉଁମାନଙ୍କ ପକ୍ଷରେ ଏହା ଆବଶ୍ୟକ ନୁହେଁ, ସେମାନଙ୍କର ଏହାକୁ ଅନ୍ୟାୟ ବୋଲି କହିବାର କୌଣସି ଅଧିକାର ନାହିଁ ।

ଆଉ ଗୋଟିଏ ବିଷୟ କହିବା ମୋର ଅବଶ୍ୟ କର୍ତ୍ତବ୍ୟ । ଭାରତବର୍ଷରେ ମୂର୍ତ୍ତିପୂଜା କହିଲେ କୌଣସି ଅନର୍ଥକୁ ବୁଝାଏ ନାହିଁ । ଏହା ଦୁଷ୍କର୍ମର ଜନକ ନୁହେଁ, ବରଂ ଏହା ଅପରିଣତ ମନଦ୍ୱାରା ଉଚ୍ଚ ଆଧ୍ୟାତ୍ମିକ ଭାବ ଧାରଣ କରିବାର ଚେଷ୍ଟା ମାତ୍ର । ହିନ୍ଦୁମାନଙ୍କର ଅନେକ ଦୋଷ ଅଛି, ଅନେକ ବୈଶିଷ୍ଟ୍ୟ ମଧ୍ୟ ଅଛି; କିନ୍ତୁ ଏହା ଲକ୍ଷ୍ୟ କରିବାର ବିଷୟ ଯେ ସେମାନେ ସର୍ବଦା ନିଜ ଦେହକୁ ପୀଡ଼ା ଦିଅନ୍ତି, ସେମାନେ ପ୍ରତିବେଶୀଙ୍କର ଅନିଷ୍ଟ କରନ୍ତି ନାହିଁ । କୌଣସି କୌଣସି ଧର୍ମୋନ୍ମାଦ ହିନ୍ଦୁ ଚିତାଗ୍ନିରେ ନିଜ ଦେହକୁ ଦଗ୍ଧ କରନ୍ତି ସତ, କିନ୍ତୁ ସେମାନେ ବିଧର୍ମୀମାନଙ୍କୁ ଶାସ୍ତି ଦେବା ପାଇଁ କେବେହେଁ ଅଗ୍ନି ପ୍ରଜ୍ୱଳିତ କରନ୍ତି ନାହିଁ; ଏହାକୁ ଯଦି ତାଙ୍କର ଦୁର୍ବଳତା କୁହ, ତେବେ ସେ ଦୋଷ ତାଙ୍କ ଧର୍ମର ନୁହେଁ, ଯେପରି ଡାହାଣୀ ପୋଡ଼ାଇବାର ଦୋଷ ଖ୍ରୀଷ୍ଟଧର୍ମ ଉପରେ ଦିଆଯାଇପାରେ ନାହିଁ ।

ଅତଏବ ହିନ୍ଦୁମାନଙ୍କ ମତରେ ସମଗ୍ର ଧର୍ମ-ଜଗତ ନାନା ରୁଚି ବିଶିଷ୍ଟ ନରନାରୀଙ୍କର ନାନା ଅବସ୍ଥା ଓ ପରିବେଶ ମଧ୍ୟ ଦେଇ ସେହି ଏକ ଲକ୍ଷ୍ୟକୁ ଅଗ୍ରସର ହେବା ବ୍ୟତୀତ ଆଉ କିଛି ନୁହେଁ । ପ୍ରତ୍ୟେକ ଧର୍ମ ହିଁ ଜଡ଼ଭାବାପନ୍ନ ମନୁଷ୍ୟର ଦେବତ୍ୱକୁ ବିକଶିତ କରେ ଏବଂ ସେହି ଏକ ଚୈତନ୍ୟସ୍ୱରୂପ ଈଶ୍ୱର ହିଁ ସକଳ ଧର୍ମର ପ୍ରେରଣାଦାତା । ତେବେ ଏତେ ପରସ୍ପର ବିରୋଧୀ ଭାବସବୁ କାହିଁକି ରହିଛି ? ହିନ୍ଦୁମାନେ କହନ୍ତି ଆପାତଦୃଷ୍ଟିରେ, ଭିନ୍ନ ଭିନ୍ନ ପରିବେଶରେ, ବିଭିନ୍ନ ପ୍ରକୃତିର ମନୁଷ୍ୟମାନଙ୍କର ଉପଯୋଗୀ ହେବା ପାଇଁ ସେହି ଏକ ସତ୍ୟହିଁ ଏପରି

ପରସ୍ପର ବିରୋଧୀଭାବ ଧାରଣ କରେ ।

ଏକ ଆଲୋକ ଭିନ୍ନ ଭିନ୍ନ ବର୍ଣ୍ଣର କାଚ ମଧ୍ୟ ଦେଇ ଆସୁଅଛି । ସମସ୍ତଙ୍କର ଉପଯୋଗୀ ହେବ ବୋଲି ଏହି ସାମାନ୍ୟ ବିଭିନ୍ନତାର ପ୍ରୟୋଜନ । କିନ୍ତୁ ସବୁର ଅନ୍ତସ୍ଥଳରେ ସେହି ଏକ ସତ୍ୟ ବିରାଜମାନ । ଶ୍ରୀକୃଷ୍ଣ ଅବତାରରେ ଭଗବାନ କହିଛନ୍ତି : ସୂତ୍ର ଯେପରି ମଣିଗଣ ମଧ୍ୟରେ, ମୁଁ ବି ସେହିପରି ସବୁଧର୍ମ ମଧ୍ୟରେ ଅନୁସ୍ୟୂତ ।* ଯାହା କିଛି ଅତିଶୟ ପବିତ୍ର ଓ ପ୍ରଭାବଶାଳୀ, ମାନବଜାତିର ଉନ୍ନତିକାରକ ଓ ପାବନକାରୀ, ଜାଣିବ ସେଠାରେ ମୁଁ ଅଛି ।** ଏହି ଶିକ୍ଷାର ତାତ୍ପର୍ଯ୍ୟ କଣ ? ମୁଁ ସାହସ କରି କହୁଛି, ସମୁଦାୟ ସଂସ୍କୃତ ଦର୍ଶନଶାସ୍ତ୍ର ମଧ୍ୟରେ ଏପରି ଭାବ କେହି ଦେଖାଇ ପାରିବେ ନାହିଁ ଯେ, ଏକମାତ୍ର ହିନ୍ଦୁ ମୁକ୍ତିର ଅଧିକାରୀ, ଆଉ କେହି ନୁହଁନ୍ତି । ବ୍ୟାସ କହିଛନ୍ତି, 'ଆମ ଜାତି ଓ ଧର୍ମମତର ସୀମା ବାହାରେ ମଧ୍ୟ ଆମେ ସିଦ୍ଧପୁରୁଷ ଦେଖିବାକୁ ପାଉ ।'

ଆଉ ଗୋଟିଏ କଥା । କେହି ଏହିପରି ପ୍ରଶ୍ନ କରିପାରନ୍ତି ଯେ, ସର୍ବତୋଭାବରେ ଈଶ୍ୱରପରାୟଣ ହିନ୍ଦୁଗଣ କିପରି ଅଜ୍ଞେୟବାଦୀ ବୌଦ୍ଧ ଓ ନୀରୀଶ୍ୱରବାଦୀ ଜୈନମାନଙ୍କ ମତରେ ବିଶ୍ୱାସ ସ୍ଥାପନ କରିପାରନ୍ତି ? ବୌଦ୍ଧ ଓ ଜୈନମାନେ ଈଶ୍ୱରଙ୍କ ଉପରେ ନିର୍ଭର କରି ନାହାନ୍ତି ସତ; କିନ୍ତୁ ସକଳ ଧର୍ମରେ ସେହି ଏକ ମହାନ୍ ମୂଳ ତତ୍ତ୍ୱ ହେଉଛି ମଣିଷ ଭିତରେ ଦେବତ୍ୱକୁ ବିକଶିତ କରିବା, ସେମାନଙ୍କ ଧର୍ମର ସକଳ ଶକ୍ତି ମଧ୍ୟ ଏଥିପାଇଁ ନିୟୋଜିତ ହୁଏ । ସେମାନେ ଜଗତପିତାଙ୍କୁ ଦେଖି ନାହାନ୍ତି, କିନ୍ତୁ ତାଙ୍କର ପୁତ୍ରଙ୍କୁ (ଆଦର୍ଶ ମାନବଙ୍କୁ) ଦେଖିଛନ୍ତି ଏବଂ 'ଯେ ପୁତ୍ରଙ୍କୁ ଦେଖିଛନ୍ତି, ସେ ପିତାଙ୍କୁ ମଧ୍ୟ ଦେଖିଛନ୍ତି ।'***

ଭ୍ରାତୃଗଣ ! ଏହା ହିଁ ହିନ୍ଦୁମାନଙ୍କର ଧର୍ମବିଷୟକ ଧାରଣାଗୁଡ଼ିକର ସଂକ୍ଷିପ୍ତ ବିବରଣୀ । ହିନ୍ଦୁମାନେ ହୁଏତ ତାଙ୍କର ସବୁ ପରିକଳ୍ପନା କାର୍ଯ୍ୟରେ ପରିଣତ କରିପାରି ନାହାନ୍ତି; କିନ୍ତୁ ଯଦି କେବେ ଗୋଟିଏ ସାର୍ବଜନୀନ ଧର୍ମର ଉଦ୍ଭବ ହୁଏ, ତେବେ ତାହା କେବେ କୌଣସି ଦେଶ ବା କାଳରେ ସୀମାବଦ୍ଧ ହେବ ନାହିଁ, ଯେଉଁ ଅସୀମ ଭଗବାନଙ୍କ ବିଷୟ ସେହି ଧର୍ମଦ୍ୱାରା ପ୍ରଚାରିତ ହେବ, ଏ ଧର୍ମକୁ ମଧ୍ୟ ତାଙ୍କରି ପରି ଅସୀମ ହେବାକୁ ହେବ; ସେହି ଧର୍ମର ସୂର୍ଯ୍ୟ କୃଷ୍ଣଭକ୍ତ, ଖ୍ରୀଷ୍ଟଭକ୍ତ, ସାଧୁ-ଅସାଧୁ-ସମସ୍ତଙ୍କ ଉପରେ ସମଭାବରେ ସ୍ୱୀୟ କିରଣଜାଲ ବିସ୍ତାର କରିବ । ସେହି ଧର୍ମ ଖାଲି ବ୍ରାହ୍ମଣ୍ୟ ବା ବୌଦ୍ଧ, ଖ୍ରୀଷ୍ଟିୟାନ୍ ବା ମୁସଲମାନ୍ଙ୍କର ହେବ ନାହିଁ, ପରନ୍ତୁ ସକଳ ଧର୍ମର ସମଷ୍ଟିରୂପେ ହେବ, ଅଥଚ ତହିଁରେ ଉନ୍ନତିର ସୀମାହୀନ ଅବକାଶ ରହିବ; ସ୍ୱୀୟ ଉଦାରତାବଶତଃ ସେହି ଧର୍ମ ଅସଂଖ୍ୟ ପ୍ରସାରିତ ହସ୍ତରେ ପୃଥିବୀର ସମସ୍ତ ନରନାରୀଙ୍କୁ ସାଦରରେ ଆଲିଙ୍ଗନ କରିବ, ପଶୁତୁଲ୍ୟ ଅତି ହୀନ ବର୍ବର ମଣିଷଠାରୁ ଆରମ୍ଭ କରି ହୃଦୟ ଓ ମସ୍ତିଷ୍କର ଗୁଣରାଶି ପାଇଁ ଯେଉଁମାନେ ସମଗ୍ର ମାନବଜାତିର ଊର୍ଦ୍ଧ୍ୱରେ ସ୍ଥାନ ପାଇଛନ୍ତି, ସମାଜ

* ଗୀତା ୧୦/୪୧
** ଗୀତା ୭-୨୨
*** Bible

ଯେଉଁମାନଙ୍କୁ ସାଧାରଣ ମଣିଷ କହିବାକୁ ସାହାସ ନ କରି ସଶ୍ରଦ୍ଧ ଭୟରେ ଦେଖନ୍ତି—ସେହି ସକଳ ଶ୍ରେଷ୍ଠ ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କୁ ସ୍ୱୀୟ ଅଙ୍କରେ ସ୍ଥାନ ଦେବ । ସେହି ଧର୍ମର ନୀତିରେ କାହାପ୍ରତି ବିଦ୍ୱେଷ ବା ଉତ୍ପୀଡ଼ନର ସ୍ଥାନ ରହିବ ନାହିଁ; ଏହାଦ୍ୱାରା ପ୍ରତ୍ୟେକ ନରନାରୀଙ୍କର ଦେବସ୍ୱଭାବ ସ୍ୱୀକୃତ ହେବ ଏବଂ ଏହାର ସମଗ୍ର ଶକ୍ତି ମଣିଷ ଜାତିକୁ ଦେବସ୍ୱଭାବ ଉପଲବ୍ଧି କରିବାକୁ ସହୟତା କରିବା ପାଇଁ ସତତ ନିଯୁକ୍ତ ରହିବ ।

ଏପରି ଏକ ଧର୍ମ ଉପସ୍ଥାପିତ କର, ଯେପରି ସକଳ ଜାତି ତୁମର ଅନୁବର୍ତ୍ତୀ ହେବେ । ଅଶୋକଙ୍କର ଧର୍ମସଭା କେବଳ ବୌଦ୍ଧଧର୍ମ ପାଇଁ ହୋଇଥିଲା । ଆକବରଙ୍କର ଧର୍ମସଭା ଏହି ଉଦ୍ଦେଶ୍ୟରେ ନିକଟବର୍ତ୍ତୀ ହେଲେ ମଧ୍ୟ ଏହା ବୈଠକଖାନାର ଆଲୋଚନା ମାତ୍ର ହୋଇ ରହିଲା । ପ୍ରତ୍ୟେକ ଧର୍ମରେ ହିଁ ଈଶ୍ୱର ଅଛନ୍ତି—ସମଗ୍ର ଜଗତରେ ଏ କଥା ଘୋଷଣା କରିବାର ଦାୟିତ୍ୱ କେବଳ ଆମେରିକା ପାଇଁ ସଂରକ୍ଷିତ ଥିଲା ।

ଯେ ହିନ୍ଦୁମାନଙ୍କର ବ୍ରହ୍ମ, ପାରସିକମାନଙ୍କର ଆହୁର୍-ମଜାଦା, ବୌଦ୍ଧମାନଙ୍କର ବୁଦ୍ଧ, ଇହୁଦୀମାନଙ୍କର ଜିହୋବା, ଖ୍ରୀଷ୍ଟିୟାନ୍‌ମାନଙ୍କର 'ସ୍ୱର୍ଗସ୍ଥ ପିତା', ସେ ଏହି ମହତ୍ ଭାବ କାର୍ଯ୍ୟରେ ପରିଣତ କରିବାର ଶକ୍ତି ତୁମମାନଙ୍କୁ ପ୍ରଦାନ କରନ୍ତୁ । ପୂର୍ବ ଗଗନରେ ନକ୍ଷତ୍ର ଉଦିତ ହେଲା--କେତେବେଳେ ଉଜ୍ଜ୍ୱଳ, କେତେବେଳେ ଅସ୍ପଷ୍ଟ ହୋଇ ଧୀରେ ଧୀରେ ଏହା ପଶ୍ଚିମ ଦିଗକୁ ଯିବାକୁ ଲାଗିଲା । କ୍ରମେ ସମଗ୍ର ଜଗତ୍ ପ୍ରଦକ୍ଷିଣ କରି ପୂର୍ବାପେକ୍ଷା ସହସ୍ର ଗୁଣ ଉଜ୍ଜ୍ୱଳ ହୋଇ ପୁନରାୟ ପୂର୍ବ ଗଗନରେ ସ୍ୟାନ୍‌ପୋରୁ* ସୀମାନ୍ତରୁ ଏହା ଉଦିତ ହେଉଛି ।

ସ୍ୱାଧୀନତାର ମାତୃଭୂମି କଲମ୍ବିଆ !** ତୁମେ କେବେହେଲେ ପ୍ରତିବେଶୀର ଶୋଣିତରେ ନିଜ ହସ୍ତ ରଞ୍ଜିତ କରି ନାହଁ, ପ୍ରତିବେଶୀର ସର୍ବସ୍ୱ ଅପହରଣ କରି ଧନଶାଳୀ ହେବାର ସହଜ ପନ୍ଥା ଆବିଷ୍କାର କରି ନାହଁ; ସଭ୍ୟତାର ପୁରୋଭାଗରେ ସମନ୍ୱୟର ପତାକା ବହନ କରି ବୀରଦର୍ପରେ ଅଗ୍ରସର ହେବାର ଦାୟିତ୍ୱ ତେଣୁ ତୁମ ଉପରେ ହିଁ ନ୍ୟସ୍ତ ହୋଇଛି ।

---

* ବ୍ରହ୍ମପୁତ୍ରର ଅନ୍ୟ ନାମ, ତିବ୍ବତି ଭାଷାରେ ।

** କଲମ୍ବସ୍ କର୍ତ୍ତୃକ ଆବିଷ୍କୃତ ବୋଲି ଆମେରିକାର ଆଉ ଗୋଟିଏ ନାମ କଲମ୍ବିୟା ।

## ଖ୍ରୀଷ୍ଟିୟାନ୍‌ମାନେ ଭାରତ ପାଇଁ କଅଣ କରିପାରନ୍ତି ?

(୨୦ ସେପ୍ଟେମ୍ବର, ଦଶମ ଦିବସର ଅଧିବେଶନରେ ପ୍ରଦତ୍ତ ଭାଷଣ)

ଖ୍ରୀଷ୍ଟିୟାନ୍‌ମାନେ ସର୍ବଦା ସ୍ପଷ୍ଟ କଥା ଶୁଣିବା ପାଇଁ ପ୍ରସ୍ତୁତ ରହିବା ଉଚିତ୍, ଏବଂ ମୋର ବୋଧହୁଏ, ଯଦି ମୁଁ ତୁମମାନଙ୍କର ଟିକିଏ ସମାଲୋଚନା କରେ, ତହିଁରେ ତୁମେ କିଛି ମନେ କରିବ ନାହିଁ । ତୁମେ ଖ୍ରୀଷ୍ଟିୟାନ୍‌ମାନେ ପୌତ୍ତଳିକମାନଙ୍କର ଆତ୍ମାକୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସେମାନଙ୍କ ନିକଟକୁ ଧର୍ମପ୍ରଚାରକ ପଠାଇବା ପାଇଁ ଖୁବ୍ ଉଦ୍‌ଗ୍ରୀବ; କିନ୍ତୁ କହ ଦେଖି, ଅନାହାର ଓ ଦୁର୍ଭିକ୍ଷ କବଳରୁ ସେମାନଙ୍କ ଦେହଗୁଡ଼ିକୁ ବଞ୍ଚାଇବା ପାଇଁ କିଛି ଚେଷ୍ଟା କର ନାହିଁ କାହିଁକି ? ଭାରତବର୍ଷରେ ଭୟଙ୍କର ଦୁର୍ଭିକ୍ଷ ସମୟରେ ସହସ୍ର ସହସ୍ର ମଣିଷ କ୍ଷୁଧାରୁ ମୃତ୍ୟୁମୁଖରେ ପତିତ ହୁଅନ୍ତି; କିନ୍ତୁ ତୁମେ ଖ୍ରୀଷ୍ଟିୟାନ୍‌ମାନେ କିଛିହେଲେ କରିନାହଁ । ତୁମେ ଭାରତର ସର୍ବତ୍ର ଗୀର୍ଜା ନିର୍ମାଣ କର । ପ୍ରାଚ୍ୟ ଜଗତରେ ସର୍ବାଧିକ ଅଭାବ ବସ୍ତୁ ଧର୍ମ ନୁହେଁ, କାରଣ ଧର୍ମ ତାଙ୍କର ପ୍ରଚୁର ପରିମାଣରେ ଅଛି । ଭାରତର କୋଟି କୋଟି ଆର୍ତ୍ତ ନରନାରୀ ଶୁଷ୍କ କଣ୍ଠରେ କେବଳ ଅନ୍ନମୁଠିଏ ଚାହୁଁଛନ୍ତି । ସେମାନେ ଅନ୍ନ ଚାହୁଁଛନ୍ତି, ଆଉ ଆମେ ତାଙ୍କୁ ପ୍ରସ୍ତରଖଣ୍ଡ ଦେଉଛୁ । କ୍ଷୁଧାର୍ତ୍ତ ମଣିଷକୁ ଧର୍ମକଥା ଶୁଣାଇବା ବା ଦର୍ଶନଶାସ୍ତ୍ର ଶିଖାଇବା ଅର୍ଥ ତାହାକୁ ଅପମାନିତ କରିବା । ଭାରତରେ ଯଦି କେହି ପାରିଶ୍ରମିକ ନେଇ ଧର୍ମପ୍ରଚାର କରେ, ତେବେ ତାକୁ ଜାତିଚ୍ୟୁତ ହେବାକୁ ପଡ଼େ, ସମସ୍ତେ ତାକୁ ଘୃଣା କରନ୍ତି । ମୁଁ ମୋ ଦରିଦ୍ର ଦେଶବାସୀଙ୍କ ପାଇଁ ତୁମମାନଙ୍କ ନିକଟରୁ ସାହାଯ୍ୟ ମାଗିବାକୁ ଆସିଥିଲି, କିନ୍ତୁ ଖ୍ରୀଷ୍ଟିୟାନ୍ ଦେଶରେ ଖ୍ରୀଷ୍ଟିୟାନ୍‌ମାନଙ୍କ ନିକଟରୁ ଅଣଖ୍ରୀଷ୍ଟିୟାନ୍‌ମାନଙ୍କ ପାଇଁ ସାହାଯ୍ୟ ଲାଭ କରିବା ଯେ କି ଦୁରୂହ କଥା, ଏବେ ବିଶେଷଭାବରେ ତାହା ଉପଲବ୍ଧି କରୁଛି ।

( ଶେଷରେ ସନାତନ ଧର୍ମର ପୁନର୍ଜନ୍ମବାଦ ସମ୍ବନ୍ଧରେ କିଛି କହି ସେ ବକ୍ତୃତା ଶେଷ କଲେ ।)

(୨୨ ସେପ୍ଟେମ୍ବର ଶୁକ୍ରବାର ଦ୍ୱାଦଶ ଦିବସର ଅଧିବେଶନରେ ହିନ୍ଦୁଧର୍ମ ସମ୍ବନ୍ଧରେ ଅନେକ କଥା କୁହା ହୋଇଥିଲା । ସେହିଦିନ ସ୍ୱାମୀ ବିବେକାନନ୍ଦ ସନାତନ ଧର୍ମ ସମ୍ବନ୍ଧରେ ଅନେକ କଥା କହିଥିଲେ । ନାନା ମତାବଲମ୍ବୀ ନରନାରୀମାନେ ଅତିଶୟ ଆଗ୍ରହ ସହକାରେ ତାଙ୍କୁ ବହୁ ଧର୍ମବିଷୟକ ପ୍ରଶ୍ନ କରିଥିଲେ । ସେ ମଧ୍ୟ ତତ୍‌କ୍ଷଣାତ୍ ଅତି ନିପୁଣତାର ସହିତ ସେହି ସକଳ ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କର କୌତୁହଳ ଚରିତାର୍ଥ କରିଥିଲେ । ସେଦିନ ସେ ସେମାନଙ୍କ ହୃଦୟରେ ହିନ୍ଦୁଧର୍ମ ସମ୍ବନ୍ଧରେ ଏପରି କୌତୁହଳ ଉଦ୍ଦୀପିତ କରିଥିଲେ ଯେ, ସେମାନେ ସମସ୍ତେ ସମବେତ ହୋଇ ତାଙ୍କୁ ସନାତନ ଧର୍ମ ସମ୍ବନ୍ଧରେ ଦିନେ ଅନ୍ୟତ୍ର ବକ୍ତୃତା ଦେବା ପାଇଁ ଅନୁରୋଧ କରିଥିଲେ, ସେ ମଧ୍ୟ ତହିଁରେ ସ୍ୱୀକୃତି ଦେଇଥିଲେ ।)

# ବୌଦ୍ଧଧର୍ମ ସହିତ ହିନ୍ଦୁଧର୍ମର ସମ୍ବନ୍ଧ

(୨୬ ସେପ୍ଟେମ୍ବର, ଷୋଡ଼ଶ ଦିବସର ଅଧିବେଶନରେ ପ୍ରଦତ୍ତ ବକ୍ତୃତା)

ଆପଣମାନେ ସମସ୍ତେ ଶୁଣିଛନ୍ତି ଯେ ମୁଁ ବୌଦ୍ଧ ନୁହେଁ, ତଥାପି ଏକ ଭାବରେ ମୁଁ ବୌଦ୍ଧ । ଚୀନ, ଜାପାନ, ଓ ସିଂହଳ ସେହି ମହାନ ଗୁରୁବୁଦ୍ଧଙ୍କର ଉପଦେଶ ଅନୁସରଣ କରନ୍ତି, କିନ୍ତୁ ଭାରତ ତାଙ୍କୁ ଈଶ୍ୱରାବତାର ବୋଲି ପୂଜା କରେ । ଆପଣମାନେ ବର୍ତ୍ତମାନ ଶୁଣିଲେ ଯେ, ମୁଁ ବୌଦ୍ଧଧର୍ମର ସମାଲୋଚନା କରିବାକୁ ଉଠିଛି; କିନ୍ତୁ ମୁଁ ଚାହେଁ ଯେ ଆପଣମାନେ ଏହା ପୂର୍ବୋକ୍ତ ଅର୍ଥରେ ହିଁ ଗ୍ରହଣ କରିବେ । ଯାହାଙ୍କୁ ମୁଁ ଈଶ୍ୱରାବତାର ବୋଲି ପୂଜା କରେ, ତାଙ୍କ ବିରୋଧରେ ସମାଲୋଚନା କରିବା ମୋର ଅଭିପ୍ରାୟ ନୁହେଁ । ବୁଦ୍ଧଦେବଙ୍କ ସମ୍ବନ୍ଧରେ ଆମର ମତ ହେଉଛି—ତାଙ୍କର ଶିଷ୍ୟଗଣ ତାଙ୍କୁ ଠିକ୍ ଠିକ୍ ବୁଝିପାରିନାହାନ୍ତି । ଇହୁଦୀ ଧର୍ମ ସହିତ ଖ୍ରୀଷ୍ଟିୟାନ୍ ଧର୍ମର ଯେଉଁ ସମ୍ବନ୍ଧ, ହିନ୍ଦୁଧର୍ମ ଅର୍ଥାତ୍ ବେଦବିହିତ ଧର୍ମ ସହିତ ବର୍ତ୍ତମାନ ଯୁଗର ବୌଦ୍ଧଧର୍ମର ପ୍ରାୟ ସେହିପରି ସମ୍ବନ୍ଧ । ଯୀଶୁଖ୍ରୀଷ୍ଟ ଇହୁଦୀ ଥିଲେ ଓ ଶାକ୍ୟମୁନି ହିନ୍ଦୁଥିଲେ, ତେବେ ପ୍ରଭେଦ ଏତିକି ଯେ ଇହୁଦୀମାନେ ଯୀଶୁଙ୍କୁ ପରିତ୍ୟାଗ କରିଥିଲେ ଏବଂ ଏପରିକି କ୍ରୁଶରେ ବିଦ୍ଧ କରି ତାଙ୍କୁ ହତ୍ୟା କଲେ; ହିନ୍ଦୁମାନେ କିନ୍ତୁ ଶାକ୍ୟମୁନିଙ୍କୁ ଈଶ୍ୱରଙ୍କର ଅବତାର ଭାବରେ ଗ୍ରହଣ କରି ଆଜିପର୍ଯ୍ୟନ୍ତ ତାଙ୍କୁ ପୂଜା କରନ୍ତି । କିନ୍ତୁ ଆଧୁନିକ ବୌଦ୍ଧଧର୍ମ ସହିତ ବୁଦ୍ଧଦେବଙ୍କର ପ୍ରକୃତ ଶିକ୍ଷାର ଯେଉଁ ପାର୍ଥକ୍ୟ, ଆମେ ହିନ୍ଦୁମାନେ ଦେଖାଇବାକୁ ଚାହୁଁ, ତାହା ପ୍ରଧାନତଃ ଏହାଯେ, ଶାକ୍ୟମୁନି ନୂତନ କିଛି ପ୍ରଚାର କରିବାକୁ ଆସିନଥିଲେ; ଯୀଶୁଙ୍କ ପରି ସେ ମଧ୍ୟ 'ପୂର୍ଣ୍ଣ କରିବା ପାଇଁ ଆସିଥିଲେ, ଧ୍ୱଂସ କରିବାକୁ ଆସିନଥିଲେ ।' ପ୍ରଭେଦ କେବଳ ଏତିକି ଯେ, ଯୀଶୁଙ୍କ କ୍ଷେତ୍ରରେ ପ୍ରାଚୀନମାନେ ଅର୍ଥାତ୍ ଇହୁଦୀମାନେ ହିଁ ତାଙ୍କୁ ବୁଝିପାରି ନାହାନ୍ତି, ଆଉ ବୁଦ୍ଧଦେବଙ୍କ କ୍ଷେତ୍ରରେ ତାଙ୍କରି ଶିଷ୍ୟମାନେ ତାଙ୍କ ଶିକ୍ଷାର ମର୍ମ ବୁଝିପାରି ନାହାନ୍ତି । ଇହୁଦୀମାନେ ଯେପରି (ଯୀଶୁଙ୍କ ମଧ୍ୟରେ) ଓଲଡ୍ ଟେଷ୍ଟାମେଣ୍ଟର ପୂର୍ଣ୍ଣ ପରିଣତି ବୁଝିପାରିନାହାନ୍ତି, ବୌଦ୍ଧଗଣ ମଧ୍ୟ ସେହିପରି (ବୁଦ୍ଧଙ୍କ ମଧ୍ୟରେ) ହିନ୍ଦୁଧର୍ମର ସତ୍ୟଗୁଡ଼ିକର ପୂର୍ଣ୍ଣ ପରିଣତି ବୁଝିପାରି ନାହାନ୍ତି । ମୁଁ ପୁଣି କହୁଛି—ଶାକ୍ୟମୁନି ପୂର୍ଣ୍ଣ କରିବାକୁ ଆସିଥିଲେ, ଧ୍ୱଂସ କରିବାକୁ ନୁହେଁ; ସେ ଥିଲେ ହିନ୍ଦୁଧର୍ମର ସ୍ୱାଭାବିକ ପରିଣତି ଓ ଯୁକ୍ତି ସଂଗତ ସିଦ୍ଧାନ୍ତ-ନ୍ୟାୟସମ୍ମତ ବିକାଶ ।

ହିନ୍ଦୁଧର୍ମ ଦୁଇ ଭାଗରେ ବିଭକ୍ତ—କର୍ମକାଣ୍ଡ ଓ ଜ୍ଞାନକାଣ୍ଡ; ସନ୍ନ୍ୟାସୀମାନେ ଜ୍ଞାନକାଣ୍ଡର ଆଲୋଚନା କରିଥାଆନ୍ତି; ଏଥିରେ ଜାତିଭେଦ ନାହିଁ । ଭାରତରେ ଯେପରି ଉଚ୍ଚତମ ବର୍ଣ୍ଣର ମଣିଷ ସନ୍ନ୍ୟାସୀ ହୋଇପାରେ, ସେପରି ନିମ୍ନତର ବର୍ଣ୍ଣର ମଣିଷ ମଧ୍ୟ ସନ୍ନ୍ୟାସୀ ହୋଇପାରେ । ସେତେବେଳେ ଉଭୟ ଜାତି ହିଁ ସମାନ ହୋଇଯାଆନ୍ତି । ଧର୍ମରେ ଜାତିଭେଦ ନାହିଁ; ଜାତିଭେଦ କେବଳ ଗୋଟାଏ ସାମାଜିକ ବ୍ୟବସ୍ଥା ମାତ୍ର । ଶାକ୍ୟମୁନି ସ୍ୱୟଂ ସନ୍ନ୍ୟାସୀ ଥିଲେ ଏବଂ ତାଙ୍କ ହୃଦୟ ଏତେ ଉଦାର ଥିଲା ଯେ ବେଦ ମଧ୍ୟରେ ଲୁକ୍କାୟିତ ସତ୍ୟକୁ ବାହାର କରି ସେ

ସେଗୁଡ଼ିକ ସମଗ୍ର ପୃଥିବୀ ସମକ୍ଷରେ ବିତରଣ କଲେ । ଏହା ହିଁ ତାଙ୍କର ଗୌରବ ପୃଥିବୀରେ ଧର୍ମ ପ୍ରଚାର ସେ ପ୍ରଥମ ପ୍ରବର୍ତ୍ତକ; କେବଳ ତାହା ନୁହେଁ, ଧର୍ମାନ୍ତରିତ କରିବାର କଥା ତାଙ୍କରି ମନରେ ପ୍ରଥମେ ଉଦିତ ହୋଇଥିଲା ।

ସମସ୍ତଙ୍କ ପ୍ରତି, ବିଶେଷତଃ ଅଜ୍ଞାନ ଓ ଦରିଦ୍ରଗଣଙ୍କ ପ୍ରତି ଅଦ୍ଭୁତ ସହାନୁଭୂତିରେ ହିଁ ତାଙ୍କର ଗୌରବ । ତାଙ୍କର କେତେ ଜଣ ଶିଷ୍ୟ ବ୍ରାହ୍ମଣ ଥିଲେ । ଯେଉଁ ସମୟରେ ବୁଦ୍ଧ ଶିକ୍ଷା ଦେଉଥିଲେ, ସେ ସମୟରେ ସଂସ୍କୃତ ଆଉ ଭାରତର କଥିତ ଭାଷା ନଥିଲା, ଏହା ସେ ସମୟରେ କେବଳ ପଣ୍ଡିତମାନଙ୍କର ପୁସ୍ତକରେ ନିବଦ୍ଧ ଥିଲା । ବୁଦ୍ଧଦେବଙ୍କର କେହି କେହି ବ୍ରାହ୍ମଣ-ଶିଷ୍ୟ ତାଙ୍କର ଉପଦେଶଗୁଡ଼ିକୁ ସଂସ୍କୃତରେ ଅନୁବାଦ କରିବାକୁ ଚାହିଁଲେ । ସେ ସ୍ପଷ୍ଟ ଭାଷାରେ କହିଥିଲେ, ''ମୁଁ ଦରିଦ୍ରମାନଙ୍କ ପାଇଁ, ଜନସାଧାରଣଙ୍କ ପାଇଁ ଆସିଛି । ମୁଁ ଜନସାଧାରଣଙ୍କ ଭାଷାରେ ହିଁ କହିବି ।'' ଆଜି ପର୍ଯ୍ୟନ୍ତ ତାଙ୍କର ଅଧିକାଂଶ ଉପଦେଶ ସେହି ସମୟର ପ୍ରଚଳିତ ଭାଷାରେ ଲିଖିତ ।

ଦର୍ଶନଶାସ୍ତ୍ର ଓ ତତ୍ତ୍ୱବିଦ୍ୟା ଯେତେ ଉଚ୍ଚ ଆସନ ଗ୍ରହଣ କରୁନା କାହିଁକି, ଯେତେଦିନ ଯାଏ ଜଗତରେ ମୃତ୍ୟୁ ବୋଲି କଥାଟି ରହିଥିବ, ଯେତେଦିନ ମାନବ ହୃଦୟରେ ଦୁର୍ବଳତା ବୋଲି କିଛି ରହିଥିବ, ସେତେଦିନ ଚରମ ଦୁର୍ବଳତା ଯୋଗୁ ମନୁଷ୍ୟଙ୍କର ମର୍ମସ୍ଥଳରୁ ରୋଦନ ଧ୍ୱନି ଉତ୍‌ଥିତ ହେଉଥିବ, ସେତେଦିନ ପର୍ଯ୍ୟନ୍ତ ଈଶ୍ୱରଙ୍କ ଉପରେ ଆମର ବିଶ୍ୱାସ ମଧ୍ୟ ରହିବ ।

ଦର୍ଶନଶାସ୍ତ୍ରର ଦୃଷ୍ଟିରୁ ସେହି ଲୋକଗୁରୁ ବୁଦ୍ଧଙ୍କର ଶିଷ୍ୟଗଣ ବେଦରୂପ ସନାତନ ଶୈଳ ଉପରେ ସବେଗରେ ପତିତ ହେଲେ, କିନ୍ତୁ ତାହାକୁ ଚୂର୍ଣ୍ଣ କରିପାରିଲେ ନାହିଁ । ଅନ୍ୟ ଦିଗରୁ ଦେଖିଲେ, ଯେଉଁ ସନାତନ ଈଶ୍ୱରଙ୍କୁ ନରନାରୀ ସବୁ ସାଦରରେ ଧରି ରଖନ୍ତି, ତାଙ୍କୁ ସମଗ୍ର ଜାତି ନିକଟରୁ ଅପସୃତ କଲେ । ଏହା ଫଳରେ ଭାରତବର୍ଷରେ ବୌଦ୍ଧଧର୍ମର ସ୍ୱାଭାବିକ ମୃତ୍ୟୁ ହୋଇଥିଲା । ବର୍ତ୍ତମାନ ବୌଦ୍ଧଧର୍ମର ଜନ୍ମଭୂମି ଭାରତରେ ଏପରି ଜଣେ ହେଲେ କେହି ନାହାନ୍ତି, ଯେ ନିଜକୁ ବୌଦ୍ଧବୋଲି ପରିଚୟ ଦେବେ । କିନ୍ତୁ ତତ୍‌କାଳୀନ ବ୍ରାହ୍ମଣ୍ୟଧର୍ମ ମଧ୍ୟ କେତେକ ବିଷୟରେ କ୍ଷତିଗ୍ରସ୍ତ ହେଲା । ସମାଜ ସଂସ୍କାର ପାଇଁ ସେହି ଆଗ୍ରହ, ସମସ୍ତଙ୍କ ପ୍ରତି ସେହି ଅପୂର୍ବ ସହାନୁଭୂତି ଓ ଦୟା, ସର୍ବସାଧାରଣଙ୍କ ଭିତରେ ବୌଦ୍ଧଧର୍ମ ଯେଉଁ ବ୍ୟାପକ ପରିବର୍ତ୍ତନର ଭାବ ପ୍ରବାହିତ କରି ଦେଇଥିଲା, ତାହା ଭାରତୀୟ ସମାଜକୁ ଏତେ ଦୂର ଉନ୍ନତ ଓ ମହାନ୍ କରିଥିଲା ଯେ, ତଦାନୀନ୍ତନ ଭାରତବର୍ଷ ସମ୍ବନ୍ଧରେ ଲେଖିବାକୁ ଯାଇ ଜଣେ ଗ୍ରୀକ୍ ଐତିହାସିକଙ୍କୁ କହିବାକୁ ହୋଇଥିଲା, କୌଣସି ହିନ୍ଦୁ ମିଥ୍ୟା କହେ ବା କୌଣସି ହିନ୍ଦୁ ନାରୀ ଅସତୀ—ଏକଥା ଶୁଣାଯାଏ ନାହିଁ

(ସଭାମଞ୍ଚରେ ଯେଉଁ ସକଳ ବୌଦ୍ଧ ଉପବିଷ୍ଟ ଥିଲେ, ତାଙ୍କ ଆଡ଼କୁ ଅନାଇ ବକ୍ତା କହିବାକୁ ଲାଗିଲେ:)

ହେ ବୌଦ୍ଧଗଣ ! ବୌଦ୍ଧଧର୍ମ ଛଡ଼ା ହିନ୍ଦୁଧର୍ମ ବଞ୍ଚି ରହିପାରେ ନାହିଁ; ହିନ୍ଦୁଧର୍ମକୁ ଛାଡ଼ି ବୌଦ୍ଧଧର୍ମ ମଧ୍ୟ ବଞ୍ଚିପାରେ ନାହିଁ । ଅତଏବ ଉପଲବ୍ଧି କରନ୍ତୁ ଯେ, ଆମମାନଙ୍କର ଏହି

ବିଯୁକ୍ତ ବିଚ୍ଛିନ୍ନ ଭାବ ସ୍ପଷ୍ଟ ହିଁ ଦେଖାଇ ଦେଉଛି ଯେ ବ୍ରାହ୍ମଣର ଧୀ-ଶକ୍ତି ଓ ଦର୍ଶନ ଶାସ୍ତ୍ରର ସାହାଯ୍ୟ ନ ନେଇ ବୌଦ୍ଧମାନେ ଦୃଢ଼ତା ଲାଭ କରିପାରନ୍ତି ନାହିଁ ଏବଂ ବ୍ରାହ୍ମଣ ମଧ୍ୟ ବୌଦ୍ଧର ହୃଦୟ ଛଡ଼ା ତିଷ୍ଠି ରହି ନପାରେ । ବୌଦ୍ଧ ଓ ବ୍ରାହ୍ମଣଙ୍କର ଏହି ବିଚ୍ଛେଦ ହିଁ ଭାରତବର୍ଷର ଅବନତିର କାରଣ । ଏଥିପାଇଁ ଆଜି ଭାରତବର୍ଷ ତରିଶ କୋଟି ଭିକ୍ଷୁକର ବାସଭୂମିରେ ପରିଣତ ହୋଇଛି, ଏଥିପାଇଁ ସହସ୍ର ବର୍ଷଧରି ସେ ବିଜେତାମାନଙ୍କର ଦାସତ୍ୱ କରୁଛି । ଅତଏବ ଆସନ୍ତୁ, ଆମେ ବ୍ରାହ୍ମଣର ଅପୂର୍ବ ଧୀ-ଶକ୍ତି ସହିତ ଲୋକଗୁରୁ ବୁଦ୍ଧଙ୍କର ହୃଦୟ, ମହାନ ଆତ୍ମା ଏବଂ ଅସାଧାରଣ ଲୋକ କଲ୍ୟାଣକାରୀ ଶକ୍ତିକୁ ଯୁକ୍ତ କରିଦେବା ।

## ବିଦାୟ ଭାଷଣ

(୨୭ ସେପ୍ଟେମ୍ବର, ସପ୍ତଦଶ (ଶେଷ) ଦିବସର ଅଧିବେଶନ)

ବିଶ୍ୱଧର୍ମ-ମହାସମ୍ମେଳନ ଏବେ ବାସ୍ତବରେ ରୂପାୟିତ ହୋଇଛି ଏବଂ ଯେଉଁମାନେ ଏହି ମହାସଭାକୁ କାର୍ଯ୍ୟକାରୀ କରିବା ପାଇଁ ପରିଶ୍ରମ କରିଥିଲେ, କରୁଣାମୟ ଈଶ୍ୱର ସେମାନଙ୍କୁ ସହାୟତା କରିଛନ୍ତି ଓ ତାଙ୍କର ନିଃସ୍ୱାର୍ଥ ପରିଶ୍ରମକୁ ସାଫଲ୍ୟମଣ୍ଡିତ କରିଛନ୍ତି ।

ଯେଉଁମାନଙ୍କର ପ୍ରଶସ୍ତ ହୃଦୟ ଏବଂ ସତ୍ୟାନୁରାଗ ସ୍ୱପ୍ନ ତୁଲ୍ୟ ଏହି ଆଶ୍ଚର୍ଯ୍ୟ ଘଟଣାକୁ ସର୍ବପ୍ରଥମେ କଳ୍ପନା କରିଛି ଓ ତାହାକୁ କାର୍ଯ୍ୟରେ ପରିଣତ କରିଛି, ମୁଁ ସେହି ମହାନୁଭବ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଦେଉଛି । ଏହି ସଭାମଞ୍ଚରୁ ଯେଉଁ ସକଳ ଉଦାର ଭାବ ପରିବେଷିତ ହୋଇଛି, ସେଥିପାଇଁ ମୁଁ କୃତଜ୍ଞ । ଏହି ଶିକ୍ଷିତ ଶ୍ରୋତୃମଣ୍ଡଳୀ ମୋ ପ୍ରତି ସମଭାବରେ ଦୟା ପ୍ରକାଶ କରିଛନ୍ତି, ଏବଂ ଯେଉଁ ଭାବଗୁଡ଼ିକଦ୍ୱାରା ବିଭିନ୍ନ ଧର୍ମସମୂହର ବିବାଦ ମନ୍ଦୀଭୂତ ହୁଏ, ତାହା ସେମାନେ ଉପଲବ୍ଧି କରିଛନ୍ତି ଓ ସେଥିପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଛି । ଏହି ସମତା ଓ ଶୃଙ୍ଖଳା ମଧ୍ୟରେ ବେଳେବେଳେ କିଛି ଶ୍ରୁତିକଟୁ ଧ୍ୱନି ମଧ୍ୟ ଶୁଣାଯାଇଛି ଏବଂ ମୁଁ ଏଥିପାଇଁ ବିଶେଷ ଭାବରେ କୃତଜ୍ଞ; କାରଣ ଏହି ବୈଷମ୍ୟଦ୍ୱାରା ସେମାନେ ଆମମାନଙ୍କର ମନୋଯୋଗ ଆକର୍ଷଣ କରିଛନ୍ତି ଏବଂ ଆମମାନଙ୍କ ମଧ୍ୟରେ ଯେଉଁ ସ୍ୱାଭାବିକ ସାମଞ୍ଜସ୍ୟ ରହିଛି, ତାହାକୁ ମଧୁରତର କରିବାର ସାହାଯ୍ୟ କରିଛନ୍ତି ।

ଧର୍ମସମନ୍ୱୟର ସାଧାରଣ ଭିତ୍ତିଭୂମି ସମ୍ବନ୍ଧରେ ଅନେକ କଥା କୁହାହୋଇଛି । ମୁଁ ବର୍ତ୍ତମାନ ଏ ବିଷୟରେ ମୋ ମତବାଦ ଉପସ୍ଥାପନ କରୁନାହିଁ କିନ୍ତୁ ଯଦି ଏଠାରେ କେହି ଏପରି ଆଶା କରନ୍ତି ଯେ, ଏହି ଐକ୍ୟ ପ୍ରଚଳିତ ବିଭିନ୍ନ ଧର୍ମଗୁଡ଼ିକ ମଧ୍ୟରୁ ଗୋଟିକର ଅଭ୍ୟୁଦୟ ଓ ଅପରଗୁଡ଼ିକର ବିନାଶ ଦ୍ୱାରା ସାଧିତ ହେବ, ତେବେ ତାଙ୍କୁ ମୁଁ କହେ, 'ଭାଇ ! ଏହା ତୁମର ଦୁରାଶା ।' ମୁଁ କ'ଣ ଇଚ୍ଛା କରେ ଯେ ଜଣେ ଖ୍ରୀଷ୍ଟିୟାନ୍ ହିନ୍ଦୁ ହେଉ ? ଈଶ୍ୱର ତାହା ନ କରନ୍ତୁ । ମୋର କ'ଣ ଇଚ୍ଛା ଯେ, କୌଣସି ହିନ୍ଦୁ, ବୌଦ୍ଧ ବା ଖ୍ରୀଷ୍ଟିୟାନ୍ ହୁଅନ୍ତୁ ? ଭଗବାନ ତାହା ନ କରନ୍ତୁ ।

ଗୋଟିଏ ବୀଜ ଭୂମିରେ ପୋତା ହେଲା, ମୃତ୍ତିକା ବାୟୁ ଓ ଜଳ ତାହାର ଚତୁର୍ଦ୍ଦିଗରେ ରହିଛି । ତାହାହେଲେ ବୀଜଟି କ'ଣ ମୃତ୍ତିକା, ବାୟୁ ବା ଜଳରେ ପରିଣତ ହେବ ? ନା, ବରଂ ସେହି ବୀଜରୁ ଗୋଟିଏ ଚାରାଗଛ ଉତ୍ପନ୍ନ ହେବ ଓ ଏହା କ୍ରମେ ନିଜର ସ୍ୱାଭାବିକ ନିୟମାନୁସାରେ ବର୍ଦ୍ଧିତ ହେବ ଏବଂ ମୃତ୍ତିକା, ବାୟୁ ଓ ଜଳର ସାରକୁ ଗ୍ରହଣ କରି ସେହି ସକଳ ଉପାଦାନ ଦ୍ୱାରା ସ୍ୱୀୟ ଅଙ୍ଗପ୍ରତ୍ୟଙ୍ଗ ପରିବର୍ଦ୍ଧିତ କରି କ୍ରମେ ବୃକ୍ଷରେ ପରିଣତ ହେବ ।

ଧର୍ମ ସମ୍ବନ୍ଧରେ ମଧ୍ୟ ଏହି କଥା ସତ୍ୟ । ଖ୍ରୀଷ୍ଟୀୟାନ୍‌କୁ ହିନ୍ଦୁ ବା ବୌଦ୍ଧ ହେବାକୁ ହେବ ନାହିଁ; ଅଥବା ହିନ୍ଦୁ ଓ ବୌଦ୍ଧକୁ ଖ୍ରୀଷ୍ଟିୟାନ୍‌କୁ ହେବାକୁ ହେବ ନାହିଁ; କିନ୍ତୁ ପ୍ରତ୍ୟେକ ଧର୍ମ ଅନ୍ୟାନ୍ୟ ଧର୍ମର ସାରଗୁଡ଼ିକ ଗ୍ରହଣ କରି ପୁଷ୍ଟି ଲାଭ କରିବ ଏବଂ ସ୍ୱୀୟ ବିଶେଷତ୍ୱ ବଜାୟ ରଖି ନିଜ ପ୍ରକୃତି ଅନୁସାରେ ବର୍ଦ୍ଧିତ ହେବ ।

ଯଦି ଏହି ଧର୍ମମହାସମିତି ଜଗତ ସମ୍ମୁଖରେ କିଛି ପ୍ରମାଣ କରିଥାଏ, ତେବେ ତାହା ଏହି ଯେ, ସାଧୁଚରିତ୍ର, ପବିତ୍ରତା ଓ ଦୟା—ଦାକ୍ଷିଣ୍ୟ ଜଗତର କୌଣସି ଗୋଟିଏ ବିଶେଷ ଧର୍ମମଣ୍ଡଳୀର ନିଜସ୍ୱ ସମ୍ପତ୍ତି ନୁହେଁ ଏବଂ ପ୍ରତ୍ୟେକ ଧର୍ମ-ସମ୍ପ୍ରଦାୟରେ ଅତି ଉନ୍ନତ ଚରିତ୍ର ନରନାରୀ ଜନ୍ମଗ୍ରହଣ କରିଛନ୍ତି ।

ଏହି ସକଳ ପ୍ରତ୍ୟକ୍ଷ ପ୍ରମାଣ ଥିବା ସତ୍ତ୍ୱେ ଯଦି କେହି ଏପରି ସ୍ୱପ୍ନ ଦେଖନ୍ତି ଯେ, ଅନ୍ୟାନ୍ୟ ଧର୍ମଗୁଡ଼ିକ ଲୋପ ପାଇବ ଓ କେବଳ ତାଙ୍କର ଧର୍ମ ହିଁ ବଞ୍ଚିରହିବ, ତେବେ ସେ ବାସ୍ତବିକ୍ କୃପାର ପାତ୍ର, ତାଙ୍କ ପାଇଁ ମୁଁ ଆନ୍ତରିକ ଭାବରେ ଦୁଃଖିତ ଓ ତାଙ୍କୁ ମୁଁ ସ୍ପଷ୍ଟ ଭାଷାରେ କହୁଛି ଯେ ତାଙ୍କ ବାଧା ସତ୍ତ୍ୱେ ଶୀଘ୍ର ହିଁ ପ୍ରତ୍ୟେକ ଧର୍ମର ପତାକା ଉପରେ ଲିଖିତ ହେବ : 'ବିବାଦ ନୁହେଁ, ସହାୟତା; ବିନାଶ ନୁହେଁ, ପରସ୍ପରର ଭାବଗ୍ରହଣ; ମତବିରୋଧ ନୁହେଁ, ସମନ୍ୱୟ ଓ ଶାନ୍ତି ।'

## ପରିଶିଷ୍ଟ

ଚିକାଗୋ ଧର୍ମମହାସଭାର ଅଧିବେଶନ ସମୟରେ ମହାସଭାର ବୈଜ୍ଞାନିକ ବିଭାଗରେ ସ୍ୱାମୀଜୀ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ବକ୍ତୃତା ଦେଇଥିଲେ :

(୧) ଶାସ୍ତ୍ରନିଷ୍ଠ ହିନ୍ଦୁଧର୍ମ ଓ ବେଦାନ୍ତ ଦର୍ଶନ
—ଶୁକ୍ରବାର, ୧୨ ସେପ୍ଟେମ୍ବର, ପୂର୍ବାହ୍ନ ୧୦ଟାରେ

(୨) ଭାରତର ବର୍ତ୍ତମାନ ଧର୍ମସମୂହ
—ଶୁକ୍ରବାର, ୨୨ ସେପ୍ଟେମ୍ବର, ଅପରାହ୍ନ ଅଧିବେଶନ ।

(୩) ପ୍ରଦତ୍ତ ବକ୍ତୃତାଗୁଡ଼ିକ ବିଷୟ ସମ୍ବନ୍ଧରେ
—ଶନିବାର, ୨୩ ସେପ୍ଟେମ୍ବର

(୪) ହିନ୍ଦୁଧର୍ମର ସାରାଂଶ
—ସୋମବାର, ୨୫ ସେପ୍ଟେମ୍ବର

'The Chicago Daily Inter-Ocean' ସମ୍ବାଦପତ୍ର ୨୩ ସେପ୍ଟେମ୍ବରରେ ପ୍ରଥମ ବକ୍ତୃତା ସମ୍ବନ୍ଧରେ ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କରିଥିଲା ।

ଧର୍ମମହାସଭାର ବୈଜ୍ଞାନିକ ବିଭାଗରେ ଗତ କାଲି ପୂର୍ବାହ୍ନରେ ସ୍ୱାମୀ ବିବେକାନନ୍ଦ 'ଶାସ୍ତ୍ରନିଷ୍ଠ ହିନ୍ଦୁଧର୍ମ' ବିଷୟ ଉପରେ ବକ୍ତୃତା ଦେଇଥିଲେ । ୩ ନମ୍ବର ହଲ୍ ଲୋକମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥିଲା ଶ୍ରୋତୃବୃନ୍ଦ ବହୁ ପ୍ରଶ୍ନ ପଚାରିଲେ ଏବଂ ସନ୍ନ୍ୟାସୀ-ପ୍ରବର ଦକ୍ଷତାର ସହିତ ପ୍ରାଞ୍ଜଳ ଭାବରେ ଏଗୁଡ଼ିକର ଉତ୍ତର ଦେଲେ । ଅଧିବେଶନ ଶେଷ ହେବା ପରେ ଆଗ୍ରହାନ୍ୱିତ ଜିଜ୍ଞାସୁମାନେ ତାଙ୍କୁ ଘେରିଗଲେ ଏବଂ ତାଙ୍କ ଧର୍ମ ସମ୍ବନ୍ଧରେ ଅନ୍ୟ ଗୋଟିଏ ସଭାରେ ବକ୍ତୃତା ଦେବା ପାଇଁ ଅନୁରୋଧ ଜଣାଇଲେ । ସେ ଉତ୍ତରରେ କହିଲେ ଯେ ଏହି ପରିକଳ୍ପନାଟି ଇତିପୂର୍ବରୁ ତାଙ୍କ ମନରେ ଉଠିଛି ।

## ପ୍ରାଚ୍ୟ ନାରୀ

( ଚିକାଗୋ ଧର୍ମ-ସଭାର ଏକ ଅଧିବେଶନରେ ମହାସଭାର 'ମହିଳା ପରିଚାଳକ ବୋର୍ଡ୍'ର ଅଧକ୍ଷା ମିସେସ୍ ପଟାର୍ ପାମାର୍‌ଙ୍କ ଦ୍ୱାରା ଆୟୋଜିତ ଏକ ସଭାରେ ଚିକାଗୋର ଜ୍ୟାକସନ୍ ଷ୍ଟ୍ରୀଟ୍‌ସ୍ଥିତ ମହିଳା ସଦନରେ ସ୍ୱାମୀଜୀ ଏହି ବକ୍ତୃତା ଦେଇଥିଲେ । ୨୩ ସେପ୍ଟେମ୍ବର 'Chicago Daily Inter-Ocean' ସମ୍ବାଦପତ୍ରରେ ନିମ୍ନଲିଖିତ ସଂକ୍ଷିପ୍ତ ବିବରଣୀ ପ୍ରକାଶିତ ହୋଇଥିଲା ।)

ସ୍ୱାମୀବିବେକାନନ୍ଦ ଗୋଟିଏ ବିଶେଷ ସଭାରେ ପ୍ରାଚ୍ୟ ନାରୀମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତ ସମ୍ବନ୍ଧରେ ନିମ୍ନଲିଖିତ ଭାବରେ ଆଲୋଚନା କରିଥିଲେ: କୌଣସି ଜାତିର ଉନ୍ନତିର ଶ୍ରେଷ୍ଠ ମାପକାଠି ହେଉଛି ନାରୀମାନଙ୍କ ପ୍ରତି ତାହାର ମନୋଭାବ । ପ୍ରାଚୀନ ଗ୍ରୀସ୍‌ରେ ସ୍ତ୍ରୀ ଓ ପୁରୁଷଙ୍କର ମର୍ଯ୍ୟାଦାରେ କୌଣସି ପାର୍ଥକ୍ୟ ନଥିଲା, ପ୍ରତ୍ୟେକର ସମାଜରେ ସମାନ ଅଧିକାର ଥିଲା । କୌଣସି ଅବିବାହିତ ହିନ୍ଦୁ ପୁରୋହିତ ହୋଇପାରେ ନାହିଁ; କାରଣ, ସେ ଅର୍ଦ୍ଧାଙ୍ଗ ଓ ଅସମ୍ପୂର୍ଣ୍ଣ । ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ହିଁ ପୂର୍ଣ୍ଣ ନାରୀତ୍ୱ । ସତୀତ୍ୱ ଆଧୁନିକ ହିନ୍ଦୁ ନାରୀର ପ୍ରଧାନ ଆଦର୍ଶ । ପତ୍ନୀ ଯେପରି ଗୋଟିଏ ବୃତ୍ତର କେନ୍ଦ୍ରସ୍ଥଳ ଓ ସେହି କେନ୍ଦ୍ରର ସ୍ଥିରତ୍ୱ ନିର୍ଭର କରେ ତାର ସତୀତ୍ୱ ଉପରେ । ଏହି ଆଦର୍ଶର ଚରମ ଅବସ୍ଥାରେ ହିନ୍ଦୁ ବିଧବାମାନେ ସତୀଦାହ ପ୍ରଥା ଅନୁସରଣ କରୁଥିଲେ । ବୋଧହୁଏ ପୃଥିବୀର ଅନ୍ୟାନ୍ୟ ଦେଶର ନାରୀମାନଙ୍କ ଅପେକ୍ଷା ହିନ୍ଦୁ ନାରୀମାନେ ବେଶୀ ଧର୍ମଶୀଳା ଓ ଆଧ୍ୟାତ୍ମିକଭାବସମ୍ପନ୍ନା । ଯଦି ଆମେ ଚରିତ୍ରର ଏହି ସକଳ ସଦ୍‌ଗୁଣ ରକ୍ଷା କରିପାରୁ ଏବଂ ଆମ ନାରୀମାନଙ୍କର ବୁଦ୍ଧିବୃତ୍ତିକୁ ପରିପୁଷ୍ଟ କରିପାରୁ, ତେବେ ଭବିଷ୍ୟତରେ ସେମାନେ ପୃଥିବୀର ଆଦର୍ଶସ୍ଥାନୀୟା ହେବେ ।

## ଧର୍ମ-ସମନ୍ୱୟର ମହାସମ୍ମେଳନ

(୨୪ ସେପ୍ଟେମ୍ବର, ୧୮୯୩, 'Chicago Sunday Herald' ପତ୍ରିକାରେ ପ୍ରକାଶିତ ସ୍ୱାମୀଜୀଙ୍କର ବକ୍ତୃତାର ସଂକ୍ଷିପ୍ତ ବିବରଣୀ ।)

ଏହି ଧର୍ମମହାସଭାରେ ପ୍ରଦତ୍ତ ବକ୍ତୃତା ଗୁଡ଼ିକର ସାଧାରଣ ସିଦ୍ଧାନ୍ତ ହେଉଛି—ମାନବ-ଭ୍ରାତୃତ୍ୱ ହିଁ ଆମର ବହୁ ଆକାଙ୍କ୍ଷିତ ଉଦ୍ଦେଶ୍ୟ । ଏହି ଭ୍ରାତୃତ୍ୱ ଗୋଟିଏ ସ୍ୱାଭାବିକ ଅବସ୍ଥା, କାରଣ ଆମେ ସମସ୍ତେ ଈଶ୍ୱରଙ୍କର ସନ୍ତାନ । ଏହି ବିଷୟରେ ଆହୁରି ଅନେକ କଥା କୁହା ହୋଇଛି । ଏପରି ଅନେକ ସମ୍ପ୍ରଦାୟ ଅଛନ୍ତି, ଯେଉଁମାନେ ଈଶ୍ୱରଙ୍କର ଅସ୍ତିତ୍ୱକୁ ଅର୍ଥାତ୍ ବ୍ୟକ୍ତି-ସ୍ୱରୂପ ଈଶ୍ୱରଙ୍କୁ ସ୍ୱୀକାର କରନ୍ତି ନାହିଁ । ଯଦି ଆମେ ଏହି ସମ୍ପ୍ରଦାୟଗୁଡ଼ିକୁ ଉପେକ୍ଷା କରି ଅଲଗା ରଖିବାକୁ ଚାହୁଁ, ତେବେ ଆମମାନଙ୍କର ସାର୍ବଜନୀନ ଭ୍ରାତୃତ୍ୱ କେବେହେଲେ ସମ୍ଭବ ହେବ ନାହିଁ । ତେଣୁ ସମଗ୍ର ମାନବଜାତିକୁ ସମ୍ମିଳିତ କରିବା ପାଇଁ ଆତ୍ମା ସହିତ ଆତ୍ମାର ମିଳନଭୂମିକୁ ଆହୁରି ପ୍ରଶସ୍ତ କରିବାକୁ ହେବ । ଏହି ଧର୍ମମହାସଭାରେ ଏହା ମଧ୍ୟ କୁହାଯାଇଛି ଯେ, ମାନବ ଜାତିର କଲ୍ୟାଣ ସାଧନା କରିବା ହିଁ ଆମର କର୍ତ୍ତବ୍ୟ, କାରଣ ପ୍ରତ୍ୟେକ ଅସତ୍ ଓ ହୀନ କାର୍ଯ୍ୟର ପ୍ରତିକ୍ରିୟା ଅଛି । ମୋ ମତରେ, ଆମେ ପ୍ରଥମେ, ତା'ପରେ ଆମ ଭାଇମାନେ ଏହା ହିଁ ହେଉଛି ବ୍ୟବସାୟୀ ମନୋଭାବ । ମୁଁ ମନେକରେ, ଈଶ୍ୱରଙ୍କ ସାର୍ବଜନୀନ ପିତୃତ୍ୱରେ ଆମେ ବିଶ୍ୱାସ କରୁ ବା ନକରୁ, ଆମ ଭାଇମାନଙ୍କୁ ଭଲ ପାଇବା ଆମର ଅବଶ୍ୟ କର୍ତ୍ତବ୍ୟ; କାରଣ ପ୍ରତ୍ୟେକ ଧର୍ମ ଓ ପ୍ରତ୍ୟେକ ମତବାଦ ମନୁଷ୍ୟର ଦିବ୍ୟଭାବ ସ୍ୱୀକାର କରେ । ତେଣୁ କାହାରି ହେଲେ ଅନିଷ୍ଟ କର ନାହିଁ; କାରଣ ଏହା ଦ୍ୱାରା ତାହାର ଅନ୍ତରସ୍ଥ ଦିବ୍ୟ ଭାବକୁ କ୍ଷୁଣ୍ଣ କରାହେବ ।

## ଭଗବତ୍ ପ୍ରେମ

(୨୫ ସେପ୍ଟେମ୍ବର, ୧୮୯୩, 'Chicago Herald' ପତ୍ରିକାରେ ପ୍ରକାଶିତ ସ୍ୱାମୀଜୀଙ୍କ ଗୋଟିଏ ବକ୍ତୃତାର ସଂକ୍ଷିପ୍ତ ବିବରଣୀ)

ଲାଫଲିନ୍ ଓ ମନ୍‌ରୋ ଷ୍ଟ୍ରୀଟ୍‌ରେ ତୃତୀୟ ଇଉନିଟାରିୟାନ୍ ଚର୍ଚ୍ଚର ବକ୍ତୃତା ଗୃହରେ ସମବେତ ଶ୍ରୋତୃମଣ୍ଡଳୀ ଗତ କାଲି ସକାଳେ ସ୍ୱାମୀ ବିବେକାନନ୍ଦଙ୍କ ବକ୍ତୃତା ଶ୍ରବଣ କରିଛନ୍ତି । ତାଙ୍କ ବକ୍ତୃତାର ବିଷୟ ଥିଲା ଭଗବତ୍ ପ୍ରେମ; ଆଲୋଚନା ବାଗ୍ମିତାପୂର୍ଣ୍ଣ ଓ ଅତି ସୁନ୍ଦର ହୋଇଥିଲା । ସେ କହିଲେ:

ଈଶ୍ୱର ସର୍ବତ୍ର ପୂଜିତ ହୁଅନ୍ତି, କିନ୍ତୁ ବିଭିନ୍ନ ନାମ ଓ ଉପାୟ ଦ୍ୱାରା । ମହାନ୍ ଓ ସୁନ୍ଦର ଈଶ୍ୱରଙ୍କୁ ଉପାସନା କରିବା ଆମପକ୍ଷରେ ସ୍ୱାଭାବିକ୍ ଏବଂ ଧର୍ମ ମଣିଷର ପ୍ରକୃତିଗତ । ସମସ୍ତେ ଈଶ୍ୱରଙ୍କ ପ୍ରୟୋଜନୀୟତା ଅନୁଭବ କରନ୍ତି ଏବଂ ଈଶ୍ୱରଙ୍କ ପ୍ରତି ପ୍ରେମ ହିଁ ମାନବକୁ ଦାନ, ଦୟା, ନ୍ୟାୟପରାୟଣତା ପ୍ରଭୃତି ସତ୍‌କାର୍ଯ୍ୟରେ ନିୟୋଜିତ କରେ । ସମସ୍ତେ ଈଶ୍ୱରଙ୍କୁ

ଭଲ ପାଆନ୍ତି କାରଣ ସେ ପ୍ରେମସ୍ୱରୂପ ।

ବକ୍ତା ଚିକାଗୋକୁ ଆସିବାଦିନୁ ହିଁ ମାନବର ଭ୍ରାତୃତ୍ୱ ସମ୍ବନ୍ଧରେ ଅନେକ କଥା ଶୁଣିଛନ୍ତି, ମାତ୍ର ସେ ବିଶ୍ୱାସ କରନ୍ତି ଯେ ଆହୁରି ଗୋଟିଏ ଦୃଢ଼ତର ବନ୍ଧନ ମାନବକୁ ଯୁକ୍ତ କରି ରଖିଛି, କାରଣ ସମସ୍ତେ ହିଁ ଈଶ୍ୱର-ପ୍ରେମରୁ ସୃଷ୍ଟ । ମାନବର ଭ୍ରାତୃତ୍ୱ ଈଶ୍ୱରଙ୍କ ପିତୃତ୍ୱର ହିଁ ଯୁକ୍ତିଗତ ସିଦ୍ଧାନ୍ତ । ବକ୍ତା କହିଲେ :

ସେ ଭାରତର ବଣ-ଜଙ୍ଗଲରେ ଅନେକ ଭ୍ରମଣ କରିଛନ୍ତି, ପର୍ବତଗୁହାରେ ରାତ୍ରିଯାପନ କରିଛନ୍ତି, ସମଗ୍ର ପ୍ରକୃତିକୁ ପର୍ଯ୍ୟବେକ୍ଷଣ କରି ସେ ଏହି ବିଶ୍ୱାସରେ ଉପନୀତ ହୋଇଛନ୍ତି ଯେ ସ୍ୱାଭାବିକ ନିୟମର ଊର୍ଦ୍ଧ୍ୱରେ ଏପରି କିଛି ଅଛି, ଯାହା ମଣିଷକୁ ଅସତ୍ୟ ବା ଅନ୍ୟାୟରୁ ରକ୍ଷା କରେ ଏବଂ ଏହା ହେଉଛି ଈଶ୍ୱର ପ୍ରେମ । ଈଶ୍ୱର ଯଦି ଯୀଶୁ, ମହମ୍ମଦ ଏବଂ ବୈଦିକ ଋଷିଗଣଙ୍କ ସହିତ କଥାବାର୍ତ୍ତା କରିଥାଆନ୍ତି, ତେବେ ସେ ତାଙ୍କ ସହିତ କାହିଁକି କଥା କହିବେ ନାହିଁ, ଯେହେତୁ ସେ ମଧ୍ୟ ଈଶ୍ୱରଙ୍କର ସନ୍ତାନ ।

ସ୍ୱାମୀଜୀ ଆହୁରି କହିଲେ : ବାସ୍ତବିକ ଈଶ୍ୱର ମୋ ସହିତ ଏବଂ ତାଙ୍କର ଅନ୍ୟାନ୍ୟ ସକଳ ସନ୍ତାନମାନଙ୍କ କଥା କହିଥାନ୍ତି । ଆମେ ତାଙ୍କୁ ଆମର ଚତୁର୍ଦ୍ଦିଗରେ ଦେଖୁ ଏବଂ ତାଙ୍କ ଅସୀମ ପ୍ରେମ ଦ୍ୱାରା ସର୍ବଦା ପ୍ରଭାବିତ ହେଉ, ସେହି ପ୍ରେମରୁ ଆମେ ପ୍ରତ୍ୟେକ ମଙ୍ଗଳ ଓ ଶୁଭକର୍ମ ପାଇଁ ପ୍ରେରଣା ମଧ୍ୟ ଲାଭକରୁ ।

❋ ❋ ❋

# କର୍ମଯୋଗ

# କର୍ମ– ଚରିତ୍ର ଉପରେ ଏହାର ପ୍ରଭାବ

କର୍ମ ଶବ୍ଦଟି ସଂସ୍କୃତ 'କୃ'-ଧାତୁରୁ ନିଷ୍ପନ୍ନ; 'କୃ'-ଧାତୁର ଅର୍ଥ 'କରିବା'; ଯାହାକିଛି କରାଯାଏ, ତାହା ହିଁ କର୍ମ । ଏହି ଶବ୍ଦଟିର ପୁଣି ପାରିଭାଷିକ ଅର୍ଥ ହେଉଛି 'କର୍ମଫଳ'। ଦାର୍ଶନିକ ଅର୍ଥରେ ବ୍ୟବହୃତ ହେଲେ କେବେ କେବେ ଏହାର ଅର୍ଥ ହୁଏ—ଆମର ପୂର୍ବକର୍ମ ଯାହାର କାରଣ ସେହି ସମସ୍ତ ଫଳ । କିନ୍ତୁ କର୍ମଯୋଗରେ ଆମକୁ 'କର୍ମ' ଶବ୍ଦଟି କେବଳ 'କାର୍ଯ୍ୟ' ଅର୍ଥରେ ହିଁ ବ୍ୟବହାର କରିବାକୁ ହେବ । ମାନବ ଜାତିର ଚରମ ଲକ୍ଷ୍ୟ, ଜ୍ଞାନଲାଭ । ପ୍ରାଚ୍ୟ ଦର୍ଶନ ଆମ ନିକଟରେ ଏହି ଏକ ଲକ୍ଷ୍ୟ କଥା ହିଁ କହିଥାଏ । ମନୁଷ୍ୟର ଚରମ ଲକ୍ଷ୍ୟ ସୁଖ ନୁହେଁ, ବରଂ ଜ୍ଞାନ । ସୁଖ ଓ ଆନନ୍ଦ ଶେଷ ହୋଇଯାଏ । ସୁଖ ହିଁ ଚରମ ଲକ୍ଷ୍ୟ, ଏପରି ମନେକରିବା ଭ୍ରମ । ଜଗତରେ ଆମେ ଯେତେ ଦୁଃଖ ଦେଖୁ, ତାହାର କାରଣ ମନୁଷ୍ୟ ଭ୍ରମହେତୁ ମନେକରେ ଯେ ସୁଖ ହିଁ ତାହାର ଚରମ ଲକ୍ଷ୍ୟ । ସମୟ ହେଲେ ମନୁଷ୍ୟ ବୁଝିପାରେ ଯେ, ସେ ସୁଖ ଆଡ଼କୁ ନୁହେଁ, ବରଂ ଜ୍ଞାନ ଦିଗକୁ ହିଁ କ୍ରମାଗତ ଅଗ୍ରସର ହେଉଅଛି । ଦୁଃଖ ଓ ସୁଖ ଉଭୟ ହିଁ ତାହାର ମହାନ୍ ଶିକ୍ଷକ; ସେ ଶୁଭରୁ ଯେପରି, ଅଶୁଭରୁ ମଧ୍ୟ ସେହିପରି ଶିକ୍ଷାଲାଭ କରେ । ସୁଖ-ଦୁଃଖର ଅନୁଭବ ଆମ ମନରେ ନାନାପ୍ରକାର ଛାପ ରଖିଯାଆନ୍ତି । ଆଉ ଏହି ଛାପଗୁଡ଼ିକର ସମଷ୍ଟି ବା ସଂସ୍କାର-ସମଷ୍ଟିକୁ ହିଁ ଆମେ ମନୁଷ୍ୟର 'ଚରିତ୍ର' କହୁ । କୌଣସି ବ୍ୟକ୍ତିର ଚରିତ୍ରକୁ ଆଲୋଚନା କରି ଦେଖ, ତେବେ ବୁଝିବ, ଏହା ପ୍ରକୃତ ପକ୍ଷରେ ତା ମନର ପ୍ରବୃତ୍ତି—ମନର ପ୍ରବଣତା ସମୂହର ସମଷ୍ଟି ମାତ୍ର । ତୁମେ ଦେଖିବ, ସୁଖ-ଦୁଃଖ—ଦୁଇଟି ହିଁ ସମଭାବରେ ତାହାର ଚରିତ୍ରଗଠନର ଉପାଦାନନ୍ତ  ଚରିତ୍ରକୁ ଗୋଟିଏ ବିଶେଷ ଛାଞ୍ଚରେ ପକାଇବା ପାଇଁ ଭଲ-ମନ୍ଦ ଉଭୟଙ୍କର ସମାନ ଅବଦାନ ରହିଛି । ସ୍ଥଳବିଶେଷରେ ସୁଖ ଅପେକ୍ଷା ବରଂ ଦୁଃଖ ଅଧିକତର ଶିକ୍ଷା ଦେଇଥାଏ । ପୃଥିବୀର ମହାପୁରୁଷଙ୍କର ଚରିତ୍ର ଆଲୋଚନା କଲେ ଦେଖାଯାଏ ଯେ, ଅଧିକାଂଶ ସ୍ଥଳରେ ସୁଖ ଅପେକ୍ଷା ଦୁଃଖ ସେମାନଙ୍କୁ ଅଧିକତର ଶିକ୍ଷା ଦେଇଛି—ଐଶ୍ୱର୍ଯ୍ୟ ଅପେକ୍ଷା ଦାରିଦ୍ର୍ୟ ଅଧିକ ଶିକ୍ଷା ଦେଇଛିନ୍ତପ୍ରଶଂସା ଅପେକ୍ଷା ନିନ୍ଦାରୂପକ ଆଘାତ ହିଁ ସେମାନଙ୍କର ଅନ୍ତରସ୍ଥ ଅଗ୍ନିକୁ ପ୍ରଜ୍ୱଳିତ କରିବାରେ ଅଧିକ ସାହାଯ୍ୟ କରିଛି ।

ଏହି ଜ୍ଞାନ ମନୁଷ୍ୟର ଅନ୍ତର୍ନିହିତ । କୌଣସି ଜ୍ଞାନ ବାହାରୁ ଆସେ ନାହିଁ, ସବୁ ଅନ୍ତରରେ ଥାଏ । ଆମେ ଯେ କହୁ, ମନୁଷ୍ୟ 'ଜାଣେ' ତାହା ଠିକ୍; କିନ୍ତୁ ମନୋବିଜ୍ଞାନର ଭାଷାରେ କହିବାକୁ ହେଲେ କୁହାଯିବ ଯେ ମନୁଷ୍ୟ 'ଆବିଷ୍କାର କରେ'(discovers) ବା 'ଆବରଣ ଉନ୍ମୋଚନ କରେ' ( unveils) । ମନୁଷ୍ୟ ଯାହା 'ଶିକ୍ଷା କରେ' ପ୍ରକୃତ ପକ୍ଷରେ ସେ ତାହା 'ଆବିଷ୍କାର କରେ' । 'Discover ' ଶବ୍ଦଟିର ଅର୍ଥ—ଅନନ୍ତ ଜ୍ଞାନର ଆକର-ସ୍ୱରୂପ ନିଜ ଆତ୍ମାରୁ ଆବରଣ ଘୁଞ୍ଚାଇନେବା । ଆମେ କହୁ, ନିଉଟନ୍ ମାଧ୍ୟାକର୍ଷଣ ଆବିଷ୍କାର କରିଛନ୍ତି । ତାହା କ'ଣ ଗୋଟିଏ କୋଣରେ ବସି ତାଙ୍କ ପାଇଁ ଅପେକ୍ଷା କରୁଥିଲା ? ନା, ଏହା ତାଙ୍କ ନିଜ ମନ ମଧ୍ୟରେ ଅବସ୍ଥିତ ଥିଲା । ସମୟ ଆସିଲା, ସେ ଏହାକୁ ବାହାର କଲେ । ମନୁଷ୍ୟ ଯେତେ ପ୍ରକାର ଜ୍ଞାନଲାଭ କରିଛି, ତାହାସବୁ ତା ମନରୁ । ଜଗତର ଅନନ୍ତ ପୁସ୍ତକାଗାର ତୁମ ମନରେ ଅବସ୍ଥିତ । ବହିର୍ଜଗତ କେବଳ ତୁମ ମନକୁ ଅଧ୍ୟୟନ କରିବାର ଉତ୍ତେଜକ କାରଣସ୍ୱରୂପ—

ଉପଲକ୍ଷ୍ୟ ମାତ୍ର, ତୁମ ମନ ହିଁ ସର୍ବଦା ତୁମର ଅଧ୍ୟୟନର ବିଷୟ । ସେଓ ଫଳର ପତନ ନିଉଟନ୍‌ଙ୍କ ପକ୍ଷରେ ଉଦ୍ଦୀପକ କାରଣ-ସଦୃଶ ହେଲା । ସେ ନିଜ ମନକୁ ଅଧ୍ୟୟନ କରିବାକୁ ଲାଗିଲେ, ତାଙ୍କ ମନରେ ପୂର୍ବରୁ ଅବସ୍ଥିତ ଭାବପରମ୍ପରାକୁ ଅନ୍ୟ ଏକ ପ୍ରକାରରେ ସଜାଇ ତାହା ମଧ୍ୟରେ ଗୋଟିଏ ନୂଆ ଶୃଙ୍ଖଳା ଆବିଷ୍କାର କଲେ; ଏହାକୁ ହିଁ ଆମେ ମାଧ୍ୟାକର୍ଷଣର ନିୟମାବଳୀ କହୁ । ତାହା ସେଓ ଫଳ ବା ପୃଥିବୀ-କେନ୍ଦ୍ରରେ ଅବସ୍ଥିତ କୌଣସ ବସ୍ତୁରେ ନ ଥିଲା । ଅତଏବ ଯେ କୌଣସି ଲୌକିକ ବା ପାରମାର୍ଥିକ ଜ୍ଞାନ ମନୁଷ୍ୟ ମନରେ ଅବସ୍ଥିତ । ଅନେକ ସ୍ଥଳରେ ସେଗୁଡ଼ିକ ଆବିଷ୍କୃତ (ବା ଅନାବୃତ) ହୋଇ ନ ଥାଏ । ଯେତେବେଳେ ଏହି ଆବରଣକୁ ଧୀରେ ଧୀରେ ଅପସାରିତ କରାଯାଏ, ସେତେବେଳେ ଆମେ କହୁ, 'ଆମେ ଶିକ୍ଷାଲାଭ କରୁଛୁ,' ଏବଂ ଏହି ଆବରଣ ଅପସାରଣ କାର୍ଯ୍ୟ ଯେତେ ଯେତେ ଅଗ୍ରସର ହୁଏ, ଜ୍ଞାନ ମଧ୍ୟ ସେତେ ସେତେ ଅଧିକ ହେଉଥାଏ । ଏହି ଆବରଣ ଯାହାଙ୍କର କ୍ରମଶଃ ଅପସାରିତ ହେଉଛି, ସେ ଅପେକ୍ଷାକୃତ ଜ୍ଞାନୀ । ଯାହାର ଆବରଣ ଖୁବ୍ ବେଶୀ, ସେ ଅଜ୍ଞାନୀ; ପୁଣି ଯେଉଁ ବ୍ୟକ୍ତିଙ୍କଠାରୁ ଅଜ୍ଞାନ ସଂପୂର୍ଣ୍ଣ ଚାଲିଯାଇଛି, ସେ ସର୍ବଜ୍ଞ । ପୂର୍ବେ ଅନେକ ସର୍ବଜ୍ଞ ପୁରୁଷ ଥିଲେ; ମୋର ବିଶ୍ୱାସ ଏ ଯୁଗରେ ମଧ୍ୟ ଅନେକେ ହେବେ; ପୁନଶ୍ଚ ଆଗାମୀ କଳ୍ପସମୂହରେ ମଧ୍ୟ ଅସଂଖ୍ୟ ସର୍ବଜ୍ଞ ପୁରୁଷ ଜନ୍ମଲାଭ କରିବେ । ଅଗ୍ନି ଯେପରି ଖଣ୍ଡେ ଝକମକି ପଥରରେ ନିହିତ ଥାଏ, ଜ୍ଞାନ ମଧ୍ୟ ସେହିପରି ମନ ମଧ୍ୟରେ ହିଁ ରହିଅଛି; ଉଦ୍ଦୀପକ କାରଣଟି ଘର୍ଷଣସ୍ୱରୂପ କାର୍ଯ୍ୟ କରି ଜ୍ଞାନାଗ୍ନିକୁ ପ୍ରଜ୍ୱଳିତ କରିଦିଏ । ଆମର ସକଳ ଭାବ ଓ କାର୍ଯ୍ୟ ଏହିପରି । ଯଦି ଆମେ ଶାନ୍ତ ହୋଇ ନିଜ ଅନ୍ତଃକରଣକୁ ଅଧ୍ୟୟନ କରିବା ତେବେ ଦେଖିବା ଯେ, ଆମର ହସ-କାନ୍ଦ, ସୁଖ-ଦୁଃଖ, ଆଶୀର୍ବାଦ-ଅଭିସମ୍ପାତ, ନିନ୍ଦା-ସୁଖ୍ୟାତି ଇତ୍ୟାଦି—ସବୁ କିଛି ଆମ ମନ ଉପରେ ବହିର୍ଜଗତର ବିଭିନ୍ନ ଆଘାତ ଦ୍ୱାରା ଆମ ଭିତରୁ ହିଁ ଉତ୍ପନ୍ନ । ଏହା ଫଳରେ ହିଁ ଆମର ବର୍ତ୍ତମାନ ଚରିତ୍ର ଗଠିତ । ଏହି ଆଘାତ-ସମଷ୍ଟିକୁ 'କର୍ମ' କୁହାଯାଏ । ଆତ୍ମାର ଅଭ୍ୟନ୍ତରସ୍ଥ ଅଗ୍ନିକୁ ବାହାର କରିବା ପାଇଁ, ଏହାର ନିଜ ଶକ୍ତି ଓ ଜ୍ଞାନ ପ୍ରକାଶ ପାଇଁ ଯେ କୌଣସି ମାନସିକ ବା ଦୈହିକ ଆଘାତ ପ୍ରଦତ୍ତ ହୁଏ, ତାହା ହିଁ କର୍ମ; 'କର୍ମ' ଅବଶ୍ୟ ଏଠାରେ ତାହାର ବ୍ୟାପକତମ ଅର୍ଥରେ ବ୍ୟବହୃତ । ଅତଏବ ଆମେ ସର୍ବଦା ହିଁ କର୍ମ କରୁଛୁ । ମୁଁ କଥା କହୁଛି-ଏହା କର୍ମ । ତୁମେ ଶୁଣୁଛ—ତାହା ମଧ୍ୟ କର୍ମ । ଆମେ ଶ୍ୱାସକ୍ରିୟା କରୁଛୁ—ଏହା କର୍ମ, ବୁଲୁଛୁ—କର୍ମ, କଥା କହୁଛୁ—କର୍ମ, ଶାରୀରିକ ବା ମାନସିକ ଯାହା କିଛି ଆମେ କରୁ, ସମସ୍ତ ହିଁ କର୍ମ । ପ୍ରତି କର୍ମ ଆମ ଉପରେ ତାହାର ଦାଗ ରଖିଯାଉଛି ।

କେତେଗୁଡ଼ିଏ କାର୍ଯ୍ୟ ଅଛି, ସେଗୁଡ଼ିକ ଯେପରି ଅନେକ କ୍ଷୁଦ୍ର କ୍ଷୁଦ୍ର କର୍ମର ସମଷ୍ଟି । ଯଦି ଆମେ ସମୁଦ୍ରତଟରେ ଦଣ୍ଡାୟମାନ ହୋଇ ଶୈଳଖଣ୍ଡ ଉପରେ ତରଙ୍ଗାଘାତ-ଜନିତ ଧ୍ୱନି ଶୁଣୁ, ତେବେ ତାହା କେଡ଼େ ଭୟାନକ ବୋଲି ବୋଧହୁଏ ! କିନ୍ତୁ ଆମେ ଜାଣୁ, ଗୋଟିଏ ତରଙ୍ଗ ପ୍ରକୃତରେ ଲକ୍ଷ ଲକ୍ଷ ଅତି କ୍ଷୁଦ୍ର ତରଙ୍ଗର ସମଷ୍ଟି ମାତ୍ର । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଟିରୁ ହିଁ ଶବ୍ଦ ଆସୁଛି; କିନ୍ତୁ ତାହା ଆମେ ଶୁଣିପାରୁନା । କିନ୍ତୁ ଯେତେବେଳେ ସେମାନେ ଏକତ୍ର ହୁଅନ୍ତି, ଆମେ ସେହି ଶବ୍ଦ ଶୁଣିପାରୁ । ଆମ ହୃଦୟର ପ୍ରତ୍ୟେକ କମ୍ପନ ମଧ୍ୟ ଗୋଟିଏ ଗୋଟିଏ କର୍ମ । କେତେଗୁଡ଼ିଏ କାର୍ଯ୍ୟ ଆମେ ବୁଝିପାରୁ, ସେଗୁଡ଼ିକ ଯେପରି ଆମର ଇନ୍ଦ୍ରିୟଗ୍ରାହ୍ୟ ହୋଇ

ଧରାଦିଅନ୍ତି; ସେଗୁଡ଼ିକ କିନ୍ତୁ କେତେଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର କର୍ମର ସମଷ୍ଟି । ଯଦି ତୁମେ କୌଣସି ବ୍ୟକ୍ତିର ଚରିତ୍ରର ଯଥାର୍ଥ ବିଚାର କରିବାକୁ ଇଚ୍ଛା କର, ତେବେ ତାହାର ବଡ଼ ବଡ଼ କାର୍ଯ୍ୟପ୍ରତି ଦୃଷ୍ଟି ଦିଅ ନାହିଁ । ଅବସ୍ଥାବିଶେଷରେ ନିତାନ୍ତ ନିର୍ବୋଧ ବ୍ୟକ୍ତି ମଧ୍ୟ ବୀରତୁଲ୍ୟ କାର୍ଯ୍ୟ କରିଥାଏ । ଯେତେବେଳେ କେହି ଅତି ଛୋଟ ଛୋଟ କାର୍ଯ୍ୟ କରୁଛି, ସେତେବେଳେ ଦେଖ, ସେ କିପରି ଭାବରେ ତାହା ସମ୍ପାଦନ କରୁଛି; ଏହାଦ୍ୱାରା ତୁମେ ଜଣେ ମହତ୍ ଲୋକର ପ୍ରକୃତ ଚରିତ୍ର ଜାଣିପାରିବ । ବଡ଼ ବଡ଼ ଘଟଣା ଉପଲକ୍ଷେ ଅତି ସାମାନ୍ୟ ଲୋକ ମଧ୍ୟ ମହତ୍ତ୍ୱକୁ ଉନ୍ନୀତ ହୁଏ । କିନ୍ତୁ ଯାହାଙ୍କର ଚରିତ୍ର ପ୍ରକୃତରେ ମହତ୍, ତାଙ୍କର ପ୍ରତ୍ୟେକ କାର୍ଯ୍ୟ ହିଁ ମହତ୍ । ସର୍ବତ୍ର ସର୍ବାବସ୍ଥାରେ ସେ ଏକପ୍ରକାର ରହନ୍ତି ।

ମନୁଷ୍ୟ ଉପରେ ଯେତେ ପ୍ରକାର ଶକ୍ତି କ୍ରିୟା କରେ, ତନ୍ମଧ୍ୟରୁ ଯେଉଁ କର୍ମଦ୍ୱାରା ତାହାର ଚରିତ୍ର ଗଠିତ ହୁଏ, ତାହା ହିଁ ସର୍ବାପେକ୍ଷା ପ୍ରବଳ । ମନୁଷ୍ୟ ଯେପରି ଗୋଟିଏ କେନ୍ଦ୍ର; ଜଗତର ସମୁଦାୟ ଶକ୍ତିକୁ ସେ ନିଜ ଆଡ଼କୁ ଆକର୍ଷଣ କରୁଛି ଓ ଏହି କେନ୍ଦ୍ରରେ ହିଁ ସେଗୁଡ଼ିକୁ ମିଳିତ କରି ଗୋଟିଏ ବୃହତ୍ ତରଙ୍ଗାକାରରେ ତାହାକୁ ବାହାରକୁ ପ୍ରେରଣ କରୁଛି । ଏହିପରି ଗୋଟିଏ କେନ୍ଦ୍ର ହିଁ ପ୍ରକୃତ ମନୁଷ୍ୟ । ସେ ସର୍ବଶକ୍ତିମାନ୍, ସର୍ବଜ୍ଞ ଏବଂ ସେ ତା ନିଜ ଆଡ଼କୁ ସମଗ୍ର ଜଗତକୁ ଆକର୍ଷଣ କରୁଛି । ଭଲ-ମନ୍ଦ, ସୁଖ-ଦୁଃଖ—ସବୁ ତା'ନିଜ ଆଡ଼କୁ ଆସୁଛି ଓ ଏକତ୍ର ହେଉଛି । ସେ ଏଗୁଡ଼ିକ ମଧ୍ୟରୁ 'ଚରିତ୍ର' ନାମକ ମହାଶକ୍ତି ଗଠନ କରି ତାହାକୁ ବହିଃଦେଶକୁ ପ୍ରକ୍ଷେପ କରୁଛି । ତା' ଭିତରେ ଗ୍ରହଣ କରିବାର ଶକ୍ତି ଯେପରି ଅଛି, ବାହାରକୁ ପ୍ରକ୍ଷେପ କରିବାର ଶକ୍ତି ମଧ୍ୟ ସେପରି ଅଛି ।

ଆମେ ଜଗତରେ ଯେତେ ପ୍ରକାର କାର୍ଯ୍ୟ ଦେଖିବାକୁ ପାଉ, ମନୁଷ୍ୟ ସମାଜରେ ଯେତେ ପ୍ରକାର ଆଲୋଡ଼ନ ହେଉଛି, ଆମ ଚତୁର୍ଦ୍ଦିଗରେ ଯେଉଁ ସକଳ କାର୍ଯ୍ୟ ହେଉଛି, ସମସ୍ତ ଚିନ୍ତାର ହିଁ ପ୍ରକାଶ ମାତ୍ର, ମନୁଷ୍ୟ-ଇଚ୍ଛାର ପ୍ରକାଶ ମାତ୍ର । ଯନ୍ତ୍ରସମୂହ, ନଗର, ଜାହାଜ, ରଣତରୀ—ଏସବୁ ମନୁଷ୍ୟର ଇଚ୍ଛାର ବିକାଶମାତ୍ର । ଏହି ଇଚ୍ଛା ଚରିତ୍ରରୁ ଉଦ୍ଭୁତ, ଚରିତ୍ର ପୁଣି କର୍ମଦ୍ୱାରା ନିର୍ମିତ । ଇଚ୍ଛାର ପ୍ରକାଶ କର୍ମର ଅନୁରୂପ । ପ୍ରବଳ ଇଚ୍ଛାଶକ୍ତିସମ୍ପନ୍ନ ଯେଉଁ ସକଳ ମାନବ ଜଗତରେ ଜନ୍ମଗ୍ରହଣ କରିଛନ୍ତି, ସେମାନେ ସମସ୍ତେ କଠୋର କର୍ମୀ ଥିଲେ । ସେମାନଙ୍କର ଏତେ ଇଚ୍ଛାଶକ୍ତି ଥିଲା ଯେ, ସେମାନେ ତାହାର ପ୍ରୟୋଗ ଦ୍ୱାରା ଜଗତକୁ ଓଲଟପାଲଟ କରିଦେଇ ପାରିଥାଆନ୍ତେ । ଏହି ଶକ୍ତି ସେମାନେ ଯୁଗ ଯୁଗବ୍ୟାପୀ ନିରବଚ୍ଛିନ୍ନ କର୍ମଦ୍ୱାରା ଲାଭ କରିଥିଲେ । ବୁଦ୍ଧ ବା ଯୀଶୁଙ୍କ ଭଳି ପ୍ରବଳ ଇଚ୍ଛାଶକ୍ତି ଏକ ଜନ୍ମରେ ଲାଭ କରାଯାଏ ନାହିଁ, ଏହାକୁ ପୁରୁଷାନୁକ୍ରମିକ ଶକ୍ତି-ସଞ୍ଚାର (hereditary transmission) ମଧ୍ୟ କୁହାଯାଏ ନାହିଁ; କାରଣ ଆମେ ଜାଣୁ, ସେମାନଙ୍କର ପିତା କେଉଁମାନେ ଥିଲେ । ସେମାନେ ଯେ ଜଗତର ହିତ ପାଇଁ କେବେ କିଛି କହିଥିଲେ, ସେକଥା ଜଣାନାହିଁ । ଯୋସେଫ୍‌ଙ୍କ ଭଳି ଲକ୍ଷ ଲକ୍ଷ ସୂତ୍ରଧର ଜୀବନଲୀଳା ସମ୍ବରଣ କରିଛନ୍ତି, ଲକ୍ଷ ଲକ୍ଷ ଏବେ ମଧ୍ୟ ଜୀବିତ ଅଛନ୍ତି । ବୁଦ୍ଧଙ୍କ ପିତାଙ୍କ ଭଳି ଲକ୍ଷ ଲକ୍ଷ କ୍ଷୁଦ୍ର ରାଜା ପୃଥିବୀରେ ଥିଲେ । ଯଦି ଏହା କେବଳ ପୁରୁଷାନୁକ୍ରମିକ ଶକ୍ତି-ସଞ୍ଚାରର ଉଦାହରଣ ହୁଏ, ତେବେ ଏହି କ୍ଷୁଦ୍ର ସାମାନ୍ୟ ରାଜା—ଯାହାଙ୍କୁ ହୁଏତ ତାଙ୍କର ଭୃତ୍ୟମାନେ ମଧ୍ୟ ମାନୁ ନ ଥିଲେ, ସେ କିପରି ଏକ ସନ୍ତାନର ଜନକ ହେଲେ, ଯାହାଙ୍କୁ ପୃଥିବୀର ଅଧେ ଲୋକ ଉପାସନା

କରୁଛନ୍ତି ? ସୂତ୍ରଧର ଓ ତାଙ୍କର ଏହି ସନ୍ତାନ—ଯାହାଙ୍କୁ ଲକ୍ଷ ଲକ୍ଷ ଲୋକ ଈଶ୍ୱର ବୋଲି ଉପାସନା କରୁଛନ୍ତି—ଏ ଦୁଇଙ୍କ ମଧ୍ୟରେ ଏହି ଯେ ଅନତିକ୍ରମଣୀୟ ପ୍ରଭେଦ, ତାହା କିପରି ବ୍ୟାଖ୍ୟା କରାଯିବ ? ବଂଶାନୁକ୍ରମିକ ମତବାଦ ଦ୍ୱାରା ଏହାର ବ୍ୟାଖ୍ୟା ହୁଏ ନାହିଁ । ବୁଦ୍ଧ ଓ ଯୀଶୁ ଜଗତରେ ଯେଉଁ ମହାଶକ୍ତି ସଞ୍ଚାର କରିଥିଲେ, ତାହା କେଉଁଠାରୁ ଆସିଲା ? ତାହା ଯୁଗଯୁଗାନ୍ତର ଧରି ଏଠାରେ ହିଁ ଥିଲା ଏବଂ କ୍ରମଶଃ ପ୍ରବଳରୁ ପ୍ରବଳତର ହେଉଥିଲା । ଅବଶେଷରେ ଏହା ବୁଦ୍ଧ ବା ଯୀଶୁ ନାମରେ ପ୍ରବଳ ଶକ୍ତି ରୂପେ ସମାଜରେ ଆବିର୍ଭୂତ ହେଲା । ବର୍ତ୍ତମାନ ମଧ୍ୟ ଏହି ଶକ୍ତି-ତରଙ୍ଗ ପ୍ରବାହିତ ହୋଇଚାଲିଛି ।

ପୁନଶ୍ଚ ଏହି ସମସ୍ତ ହିଁ କର୍ମ ଦ୍ୱାରା ନିୟନ୍ତ୍ରିତ । ଉପାର୍ଜନ ନ କଲେ କେହି କିଛି ପାଇପାରେ ନାହିଁ । ଏହା ସନାତନ ନିୟମ । ଆମେ ଭାବିପାରୁ ଠକାଠକି କରି ଆମେ କିଛି ଲାଭ କରିଯିବୁ, କିନ୍ତୁ ଶେଷ ପର୍ଯ୍ୟନ୍ତ ଆମକୁ ପୂର୍ବୋକ୍ତ ନିୟମରେ ହିଁ ଦୃଢ଼ବିଶ୍ୱାସୀ ହେବାକୁ ପଡ଼େ । କୌଣସି ବ୍ୟକ୍ତି ଜୀବନସାରା ଧନୀ ହେବାର ଚେଷ୍ଟା କରିଚାଲିଲେ । ଏଥିପାଇଁ ସହସ୍ର ସହସ୍ର ବ୍ୟକ୍ତିଙ୍କୁ ଠକିଚାଲିଲେ । କିନ୍ତୁ ଅବଶେଷରେ ସେ ବୁଝିଲେ ଯେ ଏ ସମସ୍ତ ଧନର ପ୍ରକୃତ ଅଧିକାରୀ ସେ ନୁହନ୍ତି । ସେତେବେଳେ ତାଙ୍କ ନିକଟରେ ଜୀବନ କଷ୍ଟକର ଓ ଜଘନ୍ୟ ବୋଲି ନିଶ୍ଚୟ ବୋଧ ହେବ । ଆମେ ଆମର ଶାରୀରିକ ଭୋଗ ପାଇଁ ଅନେକ କିଛି ସଂଗ୍ରହ କରିପାରୁ; କିନ୍ତୁ ନିଜ କର୍ମଦ୍ୱାରା ଆମେ ଯାହା କିଛି ଉପାର୍ଜନ କରୁ, ସେଥିରେ ହିଁ ଆମର ପ୍ରକୃତ ଅଧିକାର । ଜଣେ ନିର୍ବୋଧ ଜଗତର ସକଳ ପୁସ୍ତକ କ୍ରୟ କରିପାରେ, କିନ୍ତୁ ସେଗୁଡ଼ିକ ତାହାର ପୁସ୍ତକାଗାରରେ ପଡ଼ିରହିବ ମାତ୍ର, ସେ ଯେଉଁଗୁଡ଼ିକ ପଢ଼ିବାର ଉପଯୁକ୍ତ କେବଳ ସେହିଗୁଡ଼ିକ ହିଁ ପଢ଼ିପାରିବ ଏବଂ ଏହି ଯୋଗ୍ୟତା କର୍ମରୁ ହିଁ ଉତ୍ପନ୍ନ । ଆମେ କେଉଁ ବିଷୟର ଅଧିକାରୀ ବା ଆମେ କଅଣ ଆୟତ୍ତ କରିପାରୁ ଆମର କର୍ମ ହିଁ ତାହା ନିରୂପଣ କରେ । ଆମର ବର୍ତ୍ତମାନ ଅବସ୍ଥା ପାଇଁ ଆମେ ହିଁ ଦାୟୀ ଏବଂ ଆମେ ଯାହା ହେବାକୁ ଇଚ୍ଛା କରୁ ତାହା ହେବାର ଶକ୍ତି ମଧ୍ୟ ଆମର ଅଛି । ଆମର ବର୍ତ୍ତମାନ ଅବସ୍ଥା ଯଦି ପୂର୍ବ କର୍ମଦ୍ୱାରା ନିୟନ୍ତ୍ରିତ ହୋଇଥାଏ, ତାହାହେଲେ ଏହା ହିଁ ନିଶ୍ଚିତ ସିଦ୍ଧାନ୍ତ ହେବ ଯେ, ଭବିଷ୍ୟତରେ ଆମେ ଯାହା ହେବାକୁ ଇଚ୍ଛା କରୁ, ଆମର ବର୍ତ୍ତମାନ କର୍ମଦ୍ୱାରା ତାହା ହୋଇପାରେ । ଅତଏବ କିପରି କର୍ମ କରିବାକୁ ହେବ, ତାହା ଆମେ ଜାଣିବା ଉଚିତ । ତୁମେ କହିବ, 'କର୍ମ କିପରି କରିବାକୁ ହୁଏ, ତାହା ପୁଣି ଶିଖିବାର ପ୍ରୟୋଜନ କ'ଣ ? ସମସ୍ତେ ଏ ଜଗତରେ କୌଣସି ନା କୌଣସି କର୍ମ କରିଛନ୍ତି ।' କିନ୍ତୁ ଶକ୍ତିର ଅନର୍ଥକ କ୍ଷୟ ବୋଲି ଗୋଟିଏ କଥା ଅଛି । ଗୀତାରେ ଏହି କର୍ମଯୋଗ ସମ୍ବନ୍ଧରେ କଥିତ ଅଛି, କର୍ମଯୋଗର ଅର୍ଥ 'କର୍ମର କୌଶଳ', ବିଜ୍ଞାନସମ୍ମତ ପ୍ରଣାଳୀ କର୍ମାନୁଷ୍ଠାନ । କର୍ମ କିପରି କରିବାକୁ ହୁଏ ତାହା ଜାଣିଲେ କର୍ମରୁ ଶ୍ରେଷ୍ଠ ଫଳ ମିଳିବ । ତୁମର ସ୍ମରଣ ରଖିବା ଉଚିତ ଯେ, ସକଳ କର୍ମର ଉଦ୍ଦେଶ୍ୟ ତୁମର ମନ ମଧ୍ୟରେ ପୂର୍ବରୁ ଯେଉଁ ଶକ୍ତି ଅଛି ତାହାକୁ ପ୍ରକାଶ କରିବା, ଆତ୍ମାକୁ ଜାଗ୍ରତ କରିବା । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଏହି ଶକ୍ତି ଅଛି ଏବଂ ଜ୍ଞାନ ମଧ୍ୟ ଅଛି । ଏହି ସକଳ କର୍ମ ଯେପରି ଏହି ଶକ୍ତି ଓ ଜ୍ଞାନକୁ ବାହାରେ ପ୍ରକାଶ କରିବା ପାଇଁ ଓ ଏହି ମହାଶକ୍ତିଗୁଡ଼ିକୁ ଜାଗ୍ରତ କରିବା ପାଇଁ ଆଘାତସ୍ୱରୂପ ଅଟେ ।

ମନୁଷ୍ୟ ନାନା ଉଦ୍ଦେଶ୍ୟରେ କର୍ମ କରିଥାଏ । କୌଣସି ଉଦ୍ଦେଶ୍ୟ ବ୍ୟତୀତ କାର୍ଯ୍ୟ ହୋଇପାରେ ନାହିଁ । କେହି କେହି ଯଶ ଚାହାଁନ୍ତି, ସେମାନେ ଯଶ ପାଇଁ କାର୍ଯ୍ୟ କରନ୍ତି । କେହି

କେହି ଅର୍ଥ ଚାହାଁନ୍ତି, ସେମାନେ ଅର୍ଥ ପାଇଁ କାର୍ଯ୍ୟ କରନ୍ତି । କେହି କେହି ପ୍ରଭୁତ୍ୱ ଇଚ୍ଛା କରନ୍ତି, ସେମାନେ ପ୍ରଭୁତ୍ୱଲାଭ ପାଇଁ କାର୍ଯ୍ୟ କରନ୍ତି । କେହି କେହି ପୁଣି ସ୍ୱର୍ଗକୁ ଯିବାକୁ ଇଚ୍ଛୁକ, ସେମାନେ କାର୍ଯ୍ୟ କରନ୍ତି ସ୍ୱର୍ଗକୁ ଯିବାପାଇଁ । ଅନ୍ୟ କେହି କେହି ପୁଣି ମୃତ୍ୟୁ ପରେ ନିଜ ନାମ ରଖିଯିବାକୁ ଚାହାଁନ୍ତି । ଚୀନ ଦେଶର ରୀତି ହେଉଛି—ନ ମଲେ କାହାରିକୁ କୌଣସି ଉପାଧି ପ୍ରଦାନ କରାଯାଏ ନାହିଁ । ବିଚାର କରି ଦେଖିଲେ ଏହା ଆମ ଅପେକ୍ଷା ଭଲ ପ୍ରଥା ବୋଲି କହିବାକୁ ହେବ । ଚୀନ ଦେଶରେ କୌଣସି ଲୋକ ଖୁବ୍ ଭଲ କାମ କଲେ ତାହାର ମୃତ ପିତା ବା ପିତାମହଙ୍କୁ କୌଣସି ସମ୍ମାନଜନକ ଉପାଧି ପ୍ରଦାନ କରାଯାଏ । କେହି କେହି ପୁଣି ଏହି ଉଦ୍ଦେଶ୍ୟରେ କାମ କରିଥାଆନ୍ତି । କୌଣସି କୌଣସି ମୁସଲମାନ୍ ସଂପ୍ରଦାୟର ଅନୁଗାମୀଗଣ ମୃତ୍ୟୁପରେ ଗୋଟିଏ ପ୍ରକାଣ୍ଡ ସମାଧିମନ୍ଦିରରେ ସମାହିତ ହେବା ପାଇଁ ଜୀବନଯାକ ତଦନୁଯାୟୀ କାର୍ଯ୍ୟ କରିଥାଆନ୍ତି । ମୁଁ ଏପରି କେତେଗୁଡ଼ିଏ ସଂପ୍ରଦାୟ କଥା ଜାଣେ, ଯେଉଁମାନଙ୍କ ମଧ୍ୟରେ ଶିଶୁ ଜାତ ହେବାମାତ୍ରେ ତାହାପାଇଁ ସମାଧି-ମନ୍ଦିରଟି ନିର୍ମିତ ହୋଇଥାଏ । ଏହା ହିଁ ସେମାନଙ୍କ ବିବେଚନାରେ ମନୁଷ୍ୟର ସର୍ବପେକ୍ଷା ପ୍ରୟୋଜନୀୟ କର୍ମ ଏବଂ ଏହି ସମାଧିମନ୍ଦିର ଯେତେ ବୃହତ୍ ଓ ସୁନ୍ଦର ହୁଏ, ସେହି ବ୍ୟକ୍ତି ସେତେ ସୁଭଗ ବୋଲି ବିବେଚିତ ହୁଅନ୍ତି । କେହି କେହି ପୁଣି ପ୍ରାୟଶ୍ଚିତ କରିଥାଆନ୍ତି; ଯେତେପ୍ରକାର ଅସତ୍ କାର୍ଯ୍ୟ କରିସାରି ଶେଷରେ ଗୋଟିଏ ମନ୍ଦିର ପ୍ରତିଷ୍ଠା କରନ୍ତି, ଅଥବା ପୁରୋହିତଗଣଙ୍କୁ କିଣି ନେଇ ସେମାନଙ୍କ ନିକଟରୁ ସ୍ୱର୍ଗକୁ ଯିବାର ଛାଡ଼ପତ୍ର ପାଇବା ପାଇଁ କିଛି ଅର୍ଥ ସେମାନଙ୍କୁ ଦାନ କରନ୍ତି । ସେମାନେ ମନେ କରନ୍ତି ଯେ, ଏହି ଦାନଦ୍ୱାରା ସେମାନଙ୍କ ପଥ ପରିଷ୍କାର ହେଲା ଓ ପାପ କରିଥିବା ସତ୍ତ୍ୱେ ସେମାନେ ଶାସ୍ତିକୁ ଏଡ଼ାଇ ଯାଇପାରିବେ । ମନୁଷ୍ୟର କର୍ମ ପ୍ରବୃତ୍ତିର ମାତ୍ର କେତୋଟି ଉଦାହରଣ ପ୍ରଦତ୍ତ ହେଲା ।

କର୍ମ ପାଇଁ କର୍ମ କର । ସବୁଦେଶରେ ଏପରି କେତେ ମନୁଷ୍ୟ ଅଛନ୍ତି, ଯେଉଁମାନେ ଜଗତର ପ୍ରକୃତ କଲ୍ୟାଣକାରୀ; ସେମାନେ କର୍ମ ପାଇଁ କର୍ମ କରନ୍ତି; ନାମ-ଯଶ ପ୍ରତି ଆକାଙ୍କ୍ଷିତ ହୁଅନ୍ତି ନାହିଁ, ସ୍ୱର୍ଗକୁ ଯିବାକୁ ମଧ୍ୟ ଚାହାଁନ୍ତି ନାହିଁ । ଲୋକଙ୍କର ପ୍ରକୃତ ଉପକାର ହେବ ବୋଲି ସେମାନେ କର୍ମ କରନ୍ତି । ପୁଣି ଅନେକ ଅଛନ୍ତି, ଯେଉଁମାନେ ଆହୁରି ଉଚ୍ଚତର ଉଦ୍ଦେଶ୍ୟ ପାଇଁ ଦରିଦ୍ରର ଉପକାର ଓ ମନୁଷ୍ୟ-ଜାତିକୁ ସାହାଯ୍ୟ କରନ୍ତି; କାରଣ ସେମାନେ ସତ୍‌କାର୍ଯ୍ୟରେ ବିଶ୍ୱାସୀ, ସେମାନେ ସଦ୍‌ଭାବକୁ ଭଲପାଆନ୍ତି । ନାମ-ଯଶ ପାଇଁ କୃତ କର୍ମର ଫଳ କେବେହେଲେ ସଙ୍ଗେ ସଙ୍ଗେ ମିଳେନାହିଁ; ସଚରାଚର ଦେଖାଯାଏ ଯେ ଆମେ ଯେତେବେଳେ ବୃଦ୍ଧ ହେଉ, ଆମର ଜୀବନ ପ୍ରାୟ ଶେଷ ହୋଇଆସେ, ସେତେବେଳେ ଆମର ନାମ-ଯଶ ପ୍ରକାଶିତ ହୁଏ । କିନ୍ତୁ ଯଦି କେହି କୌଣସି ସ୍ୱାର୍ଥପୂର୍ଣ୍ଣ ଉଦ୍ଦେଶ୍ୟ ବ୍ୟତୀତ କାର୍ଯ୍ୟ କରେ, ସେ କଅଣ କିଛି ହେଲେ ଲାଭ କରେ ନାହିଁ ? ହଁ, ସେ ସର୍ବାପେକ୍ଷା ଅଧିକ ଲାଭ କରେ । ନିଃସ୍ୱାର୍ଥ କର୍ମରେ ହିଁ ସର୍ବାଧିକ ଲାଭ, ତେବେ ଏହା ଅଭ୍ୟାସ କରିବାର ଧୈର୍ଯ୍ୟ ମନୁଷ୍ୟର ନାହିଁ । ସାଂସାରିକ କ୍ଷେତ୍ରରେ ମଧ୍ୟ ଏହା ଅଧିକ ଲାଭଜନକ । ପ୍ରେମ, ସତ୍ୟ, ନିଃସ୍ୱାର୍ଥପରତା—ଏଗୁଡ଼ିକ କେବଳ ନୀତିସମ୍ବନ୍ଧୀୟ ଆଳଙ୍କାରିକ ବର୍ଣ୍ଣନା ନୁହେଁ, ଏଗୁଡ଼ିକ ଆମର ସର୍ବୋଚ୍ଚ ଆଦର୍ଶ; କାରଣ ଏହିଗୁଡ଼ିକ ମଧ୍ୟରେ ହିଁ ମହତୀ ଶକ୍ତି ନିହିତ ଅଛି । ପ୍ରଥମତଃ ଯେଉଁ ବ୍ୟକ୍ତି ପାଞ୍ଚ ଦିନ ଅଥବା ପାଞ୍ଚ ମିନିଟ୍ କୌଣସି ସ୍ୱାର୍ଥାଭିସନ୍ଧି ବ୍ୟତୀତ ଅର୍ଥାତ୍ ଭବିଷ୍ୟତର କୌଣସି ଚିନ୍ତା—ଯେପରି ସ୍ୱର୍ଗଲାଭର ଆକାଙ୍କ୍ଷା,

ଶାସ୍ତିର ଭୟ ଅଥବା ଏପରି କୌଣସି ବିଷୟ ଚିନ୍ତା ନକରି କାର୍ଯ୍ୟ କରିପାରନ୍ତି, ତାଙ୍କ ମଧ୍ୟରେ ମହାପୁରୁଷ ହେବାର ସାମର୍ଥ୍ୟ ଅଛି । ଏହି ଭାବ କାର୍ଯ୍ୟରେ ପରିଣତ କରିବା କଠିନ; କିନ୍ତୁ ଆମ ଅନ୍ତରର ଅନ୍ତଃସ୍ଥଳରେ ଆମେ ଏହାର ମୂଲ୍ୟ ଜାଣୁ, ଜାଣୁ ଏହା କେତେ ଶୁଭଫଳପ୍ରସୂ । ଏହି କଠୋର ସଂଯମରେ ହିଁ ଶକ୍ତିର ମହୋଚ୍ଚ ବିକାଶ । ସମସ୍ତ ବହିର୍ମୁଖ କାର୍ଯ୍ୟ ଅପେକ୍ଷା ଆତ୍ମସଂଯମରେ ହିଁ ଅଧିକତର ଶକ୍ତିର ପ୍ରକାଶ । ଚତୁରଶ୍ୱବାହିତ ଗୋଟିଏ ଶକଟ କୌଣସି ବାଧା ନ ପାଇ ପର୍ବତରୁ ଗଡ଼ିଯାଉଛି, ଅଥବା ଶକଟଚାଳକ ଅଶ୍ୱଗଣଙ୍କୁ ସଂଯମ କରୁଅଛି– ଏମାନଙ୍କ ମଧ୍ୟରୁ କେଉଁଟିରେ ଶକ୍ତିର ଅଧିକତର ବିକାଶ ? ଅଶ୍ୱଗଣଙ୍କୁ ଛାଡ଼ିଦେବା ବା ଅଶ୍ୱଗୁଡ଼ିକୁ ସଂଯତ କରିବା ? ଗୋଟିଏ କମାଣର ଗୁଳି ବାୟୁରେ ଗତିକରି ଅନେକ ଦୂରରେ ଯାଇ ପଡୁଛି; ଅଥଚ ଅନ୍ୟ ଗୋଟିଏ ଗୁଳି କାନ୍ଥରେ ଆଘାତ ପାଇ ଅଧିକ ଦୂର ଯାଇପାରୁ ନାହିଁ; କିନ୍ତୁ ଏହି ସଂଘର୍ଷ ଫଳରେ ପ୍ରବଳ ତାପ ଉତ୍ପନ୍ନ ହେଉଛି । ଏହିପରି ମନର ବହିର୍ମୁଖ ଶକ୍ତିଗୁଡ଼ିକ ସ୍ୱାର୍ଥ ଉଦ୍ଦେଶ୍ୟରେ ଧାବିତ ହୋଇ ବିକ୍ଷିପ୍ତ ହୁଏ, ଏଗୁଡ଼ିକ କେବେହେଲେ ତୁମ ନିକଟକୁ ଫେରିଆସି ତୁମର ଶକ୍ତିବିକାଶରେ ସାହାଯ୍ୟ କରେ ନାହିଁ; କିନ୍ତୁ ଏଗୁଡ଼ିକୁ ସଂଯତ କଲେ ତୁମର ଶକ୍ତି ବର୍ଦ୍ଧିତ ହେବ । ଏହି ସଂଯମରୁ ମହତୀ ଇଚ୍ଛା ଶକ୍ତି ଉତ୍ପନ୍ନ ହେବ; ଏହା ଖ୍ରୀଷ୍ଟ ବା ବୁଦ୍ଧଙ୍କ ତୁଲ୍ୟ ଚରିତ୍ର ସୃଷ୍ଟି କରିବ । ଅଜ୍ଞ ବ୍ୟକ୍ତିଗଣ ଏ ରହସ୍ୟ ଜାଣନ୍ତି ନାହିଁ, ତଥାପି ସେମାନେ ଜଗତ ଉପରେ ପ୍ରଭୁତ୍ୱ କରିବାକୁ ଚାହାନ୍ତି । ନିର୍ବୋଧ ବ୍ୟକ୍ତି ଜାଣେ ନା ଯେ ସେ ଯଦି ଧୈର୍ଯ୍ୟସହକାରେ କାର୍ଯ୍ୟ କରେ, ତେବେ ସେ ମଧ୍ୟ ସମୁଦାୟ ଜଗତକୁ ଶାସନ କରିପାରିବ । ସେ କିଛିଦିନ ଅପେକ୍ଷା କରୁ ଏବଂ ଏହି ଅଜ୍ଞାନସୁଲଭ ଜଗତଶାସନର ଉଚ୍ଚାକାଙ୍କ୍ଷାକୁ ସଂଯତ କରୁ । ଏହି ଭାବ ସମ୍ପୂର୍ଣ୍ଣ ଚାଲିଗଲେ ସେ ଜଗତକୁ ଶାସନ କରିପାରିବ । ଅନେକ ପଶୁ ଯେପରି ସମ୍ମୁଖରେ କଅଣ ଅଛି ତାହା ଆଦୌ ଜାଣିପାରନ୍ତି ନାହିଁ, ଆମମାନଙ୍କ ମଧ୍ୟରେ ସେହିପରି କେହି କେହି କିଛି ଦିନ ପରେ କଅଣ ଘଟିବ, ତାହା ଅନୁମାନ କରିପାରନ୍ତି ନାହିଁ । ଆମେ ଯେପରି ଗୋଟିଏ ସଂକୀର୍ଣ୍ଣ ବୃତ୍ତ ମଧ୍ୟରେ ଆବଦ୍ଧ—ଏହା ହିଁ ଆମ ଜଗତ । ଏହାର ବାହାରକୁ ଦେଖିବାର ଧୈର୍ଯ୍ୟ ଆମର ନାହିଁ । ତେଣୁ ଆମେ ଅସାଧୁ ଓ ଦୁର୍ବୃତ୍ତ ହୋଇଯାଉ । ଏହା ହିଁ ଆମର ଦୁର୍ବଳତା—ଶକ୍ତିହୀନତା ।

କିନ୍ତୁ ଅତି ସାମାନ୍ୟ କର୍ମକୁ ମଧ୍ୟ ଘୃଣା କରିବା ଉଚିତ ନୁହେଁ । ଯେଉଁ ବ୍ୟକ୍ତି ଉଚ୍ଚତର ଉଦ୍ଦେଶ୍ୟ ପାଇଁ କାର୍ଯ୍ୟ କରେ ନାହିଁ, ସେ ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧି ଉଦ୍ଦେଶ୍ୟରେ—ନାମଯଶ ପାଇଁ ଅନ୍ତତଃ କାମ କରୁ । ଆମମାନଙ୍କୁ ସର୍ବଦା ଉଚ୍ଚରୁ ଉଚ୍ଚତର ଉଦ୍ଦେଶ୍ୟ ଦିଗରେ ଅଗ୍ରସର ହେବାକୁ ପଡ଼ିବ ଏବଂ ଏଗୁଡ଼ିକ କଅଣ ତାହା ବୁଝିବା ପାଇଁ ଚେଷ୍ଟା କରିବାକୁ ହେବ । 'କର୍ମରେ ହିଁ ଆମର ଅଧିକାର, ଫଳରେ ନୁହେଁ'—ଫଳ ଯାହା ହେବାର ହେଉ, ଫଳ ପାଇଁ ଚିନ୍ତା କାହିଁକି ? କୌଣସି ଲୋକକୁ ସାହାଯ୍ୟ କଲାବେଳେ ସେ ବ୍ୟକ୍ତିର ମନୋଭାବ ତୁମ ପ୍ରତି କିପରି ହେବ, ସେ ବିଷୟରେ ଚିନ୍ତା କର ନାହିଁ । ତୁମେ ଯଦି କୌଣସି ମହତ୍ ବା ଶୁଭ କାର୍ଯ୍ୟ କରିବାକୁ ଇଚ୍ଛା କର, ତେବେ ଫଳାଫଳ ବିଷୟରେ ଚିନ୍ତା କରି ଉଦ୍‌ବିଗ୍ନ ହୁଅ ନାହିଁ ।

କର୍ମର ଏହି ଆଦର୍ଶ ସମ୍ବନ୍ଧରେ ଆଉ ଗୋଟିଏ କଠିନ ସମସ୍ୟା ଆସି ଉପସ୍ଥିତ ହୁଏ । ତୀବ୍ର କର୍ମଶୀଳତାର ପ୍ରୟୋଜନ; ସର୍ବଦା ଆମକୁ କର୍ମ କରିବାକୁ ହିଁ ହେବ । ଆମେ ମୁହୂର୍ତ୍ତେ ହେଲେ କର୍ମ ନ କରି ରହିପାରୁ ନାହିଁ । ଅତଏବ ବିଶ୍ରାମ କେଉଁଠି ? ଜୀବନ–ସଂଗ୍ରାମର ଏକ

ପାର୍ଶ୍ୱରେ କର୍ମ—ଯାହାର କ୍ଷିପ୍ତ ଆବର୍ତ୍ତରେ ଆମେ ବିଘୂର୍ଣ୍ଣିତ, ଅନ୍ୟ ପାର୍ଶ୍ୱରେ ସବୁ ଶାନ୍ତିମୟ, ତାହା ଯେପରି ନିବୃତ୍ତି-ଉନ୍ମୁଖ, କୌଣସି ପ୍ରକାର ଶବ୍ଦ ବା କୋଳାହଳ ନାହିଁ, କେବଳ ଜୀବଜନ୍ତୁ ବୃକ୍ଷପୁଷ୍ପ-ପର୍ବତରାଜି-ସମନ୍ୱିତ ପ୍ରକୃତିର ଶାନ୍ତିମୟ ଚିତ୍ର । ଏ ଦୁଇଟିରୁ କୌଣସିଟି ହିଁ ସମ୍ପୂର୍ଣ୍ଣ ଚିତ୍ର ନୁହେଁ । ଯେପରି ଗଭୀର ସମୁଦ୍ରବାସୀ ମତ୍ସ୍ୟ ଉପରକୁ ଆସିବା ମାତ୍ରେ ଖଣ୍ଡବିଖଣ୍ଡ ହୋଇଯାଏ—କାରଣ ଜଳର ପ୍ରବଳ ଚାପରେ ହିଁ ଏହା ଜୀବିତ ରହିବା ପାଇଁ ସମର୍ଥ, ସେହିପରି ଶାନ୍ତିପୂର୍ଣ୍ଣ ସ୍ଥାନରେ ବାସ କରିବାରେ ଅଭ୍ୟସ୍ତ କୌଣସି ବ୍ୟକ୍ତି ସଂସାରର ଏହି ଆବର୍ତ୍ତରେ ପଡ଼ିବା ମାତ୍ରେ ଧ୍ୱଂସ ହୋଇଯିବ । ପୁନଶ୍ଚ ଯେଉଁ ବ୍ୟକ୍ତି କେବଳ ସାଂସାରିକ ଓ ସାମାଜିକ ଜୀବନର କୋଳାହଳରେ ହିଁ ଅଭ୍ୟସ୍ତ, ସେ କ'ଣ କୌଣସି ବିଜନ ସ୍ଥାନରେ ସ୍ୱସ୍ତିରେ ବାସ କରିପାରିବ ? ଯନ୍ତ୍ରଣାରେ ହୁଏତ ତାହାର ମସ୍ତିଷ୍କ ବିକୃତ ହୋଇଯିବ । ଆଦର୍ଶ ପୁରୁଷ ସେହି, ଯେ ଗଭୀରତମ ନିର୍ଜନତା ଓ ନିସ୍ତବ୍ଧତା ମଧ୍ୟରେ ତୀବ୍ର କର୍ମ ଏବଂ ପ୍ରବଳ କର୍ମଶୀଳତା ମଧ୍ୟରେ ମରୁଭୂମିର ନିସ୍ତବ୍ଧତା ଓ ନିଃସଙ୍ଗତା ଅନୁଭବ କରନ୍ତି । ସେ ସଂଯମର ରହସ୍ୟ ବୁଝିଛନ୍ତି-ଆତ୍ମସଂଯମ କରିଛନ୍ତି । ଯାନବାହନ-ମୁଖରିତ ମହାନଗରୀରେ ଭ୍ରମଣ କଲେ ମଧ୍ୟ ତାଙ୍କ ମନ ଶାନ୍ତ ଥାଏ, ଯେପରି କି ସେ ନିଃଶବ୍ଦ ଗୁହାରେ ରହିଛନ୍ତି, ଅଥଚ ତାଙ୍କ ମନ ତୀବ୍ର ଭାବରେ କର୍ମ କରୁଅଛି । କର୍ମଯୋଗର ଏହା ହିଁ ଆଦର୍ଶ । ଯଦି ଏହି ଅବସ୍ଥା ଲାଭ କରିପାର, ତାହାହେଲେ କର୍ମର ପ୍ରକୃତ ରହସ୍ୟ ତୁମେ ଅବଗତ ହେବ ।

କିନ୍ତୁ ଆମକୁ ମୂଳରୁ ଆରମ୍ଭ କରିବାକୁ ହେବ । ଆମ ନିକଟକୁ ଯେଉଁ କର୍ମ ଆସିବ, ତାହା ହିଁ କରିବାକୁ ହେବ ଏବଂ ଆମକୁ କ୍ରମଶଃ ଅଧିକତର ନିଃସ୍ୱାର୍ଥପର ହେବାକୁ ପଡ଼ିବ । ଆମକୁ କର୍ମ କରିବାକୁ ହେବ ଏବଂ ଏହି କାର୍ଯ୍ୟ ପଶ୍ଚାତରେ କ'ଣ ଅଭିସନ୍ଧି ଅଛି, ତାହା ଦେଖିବାକୁ ହେବ । ତାହାହେଲେ ପ୍ରାୟ ସର୍ବତ୍ର ଦେଖିପାରିବ ଯେ ପ୍ରଥମେ ଆମର ଅଭିସନ୍ଧି ସ୍ୱାର୍ଥପୂର୍ଣ୍ଣ ଥାଏ; କିନ୍ତୁ ଅଧ୍ୟବସାୟ ପ୍ରଭାବରେ କ୍ରମଶଃ ଏହି ସ୍ୱାର୍ଥପରତା କମିଯାଏ । ଅବଶେଷରେ ଏପରି ସମୟ ଆସିବ, ଯେତେବେଳେ ପ୍ରକୃତରେ ଆମେ ନିଃସ୍ୱାର୍ଥ କର୍ମ କରିବା ପାଇଁ ସମର୍ଥ ହେବା, ସେତେବେଳେ ଆମର ଆଶା ହେବ ଯେ, ଜୀବନ-ପଥରେ ଅଗ୍ରସର ହେଉ ହେଉ ଦିନେ ନା ଦିନେ ଏପରି ସମୟ ଆସିବ, ଯେବେ ଆମେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ହୋଇପାରିବା । ପୁନଶ୍ଚ ଆମେ ଯେଉଁ ମୁହୂର୍ତ୍ତରେ ସେହି ଅବସ୍ଥା ଲାଭ କରିବା, ସେହି ମୁହୂର୍ତ୍ତରେ ଆମର ସକଳ ଶକ୍ତି କେନ୍ଦ୍ରୀଭୂତ ହେବ ଏବଂ ଆମର ଅନ୍ତର୍ନିହିତ ଜ୍ଞାନ ପ୍ରକାଶିତ ହେବ ।

❋ ❋ ❋

# ନିଜ ନିଜର କାର୍ଯ୍ୟକ୍ଷେତ୍ରରେ କେହି ଛୋଟ ନୁହଁନ୍ତି

ସାଂଖ୍ୟଦର୍ଶନ ମତରେ ପ୍ରକୃତି ତିନୋଟି ଉପାଦାନରେ ଗଠିତ—ସଂସ୍କୃତ ଭାଷାରେ ଏହି ଉପାଦାନ-ତ୍ରୟର ନାମ ସତ୍ତ୍ୱ, ରଜଃ ଓ ତମଃ । ବାହ୍ୟ ଜଗତରେ ଏଗୁଡ଼ିକର ପ୍ରକାଶକୁ ଆମେ ସମତା, କ୍ରିୟାଶୀଳତା ଓ ଜଡ଼ତା କହିପାରୁ । ତମଃ ଗୁଣର ଲକ୍ଷଣ ଅନ୍ଧକାର ବା କର୍ମଶୂନ୍ୟତା; ରଜଃ—କର୍ମଶୀଳତା, ଆକର୍ଷଣ ଓ ବିକର୍ଷଣ ରୂପେ ପ୍ରକାଶିତ; ଆଉ ସତ୍ତ୍ୱ—ଏହି ଦୁଇ ଗୁଣର ସାମ୍ୟାବସ୍ଥା ।

ପ୍ରତ୍ୟେକ ବ୍ୟକ୍ତି ଭିତରେ ହିଁ ଏହି ଶକ୍ତିତ୍ରୟ ରହିଅଛି । ଯେବେ ତମ ପ୍ରବଳ ହୁଏ—ଆମେ ଆଳସ୍ୟପରାୟଣ ହେଉ, ଆମେ ଯେପରି ଆଉ ହଲଚଲ ହୋଇପାରୁ ନାହିଁ, ନିଷ୍କର୍ମା ହୋଇଯାଉ, କେତେଗୁଡ଼ିଏ ଭାବର ଅଥବା କେବଳ ଜଡ଼ତାର ବନ୍ଧନରେ ଆବଦ୍ଧ ହୋଇପଡୁ । ପୁଣି କେବେ କେବେ କର୍ମଶୀଳତା ପ୍ରବଳ ହୁଏ । ଅନ୍ୟ ସମୟରେ ପୁଣି ଉଭୟ ଭାବର ସାମ୍ୟ ଆମେ ଅନୁଭବ କରୁ, ମନରେ ଶାନ୍ତଭାବ ଆସେ । ଭିନ୍ନ ଭିନ୍ନ ବ୍ୟକ୍ତିଙ୍କଠାରେ ସଚରାଚର ଏହି ଉପାଦାନତ୍ରୟ ମଧ୍ୟରୁ କୌଣସି ଗୋଟିକର ପ୍ରାଧାନ୍ୟ ଦେଖାଯାଏ । ଜଣେ ହୁଏତ କର୍ମଶୂନ୍ୟତା, ଆଳସ୍ୟ ଓ ଜାଡ୍ୟଲକ୍ଷଣାନ୍ୱିତ; ଅନ୍ୟ ଜଣକର ପ୍ରଧାନ ଲକ୍ଷଣ-କର୍ମଶୀଳତା, ଶକ୍ତି, ମହାଶକ୍ତିର ବିକାଶ; ପୁନଶ୍ଚ ଅନ୍ୟ କାହା ଭିତରେ ଆମେ ଶାନ୍ତ ମଧୁର ଭାବ ଦେଖିବାକୁ ପାଉ—ଏହା ଏହି ପୂର୍ବୋକ୍ତ ଗୁଣଦ୍ୱୟ ଅର୍ଥାତ୍ କ୍ରିୟାଶୀଳତା ଓ ନିଷ୍କ୍ରିୟତାର ସାମଞ୍ଜସ୍ୟ । ଅତଏବ ସମଗ୍ର ଜଗତରେ ପଶୁ, ଉଦ୍ଭିଦ ଓ ମନୁଷ୍ୟ—ସମସ୍ତଙ୍କ ମଧ୍ୟରେ ଆମେ ଏହି ବିଭିନ୍ନ ଶକ୍ତିର ଊଣା-ଅଧିକ ପ୍ରକାଶ ଦେଖିବାକୁ ପାଉ ।

ଏହି ତ୍ରିବିଧ ଗୁଣ ବା ଉପାଦାନ ହିଁ ବିଶେଷ ଭାବରେ କର୍ମଯୋଗର ଆଲୋଚ୍ୟ ବିଷୟ । ଏଗୁଡ଼ିକର ସ୍ୱରୂପ ଓ ବ୍ୟବହାର—କୌଶଳ ଶିଖାଇ କର୍ମଯୋଗ ଆମକୁ ଭଲଭାବରେ କର୍ମ କରିବା ପାଇଁ ସାହାଯ୍ୟ କରେ । ମାନବସମାଜ ଗୋଟିଏ କ୍ରମନିବଦ୍ଧ ସଂଗଠନ । ଏହାର ଅନ୍ତର୍ଗତ ବ୍ୟକ୍ତିଗଣ ସମସ୍ତେ ହିଁ ଯେପରି ଗୋଟିଏ ଗୋଟିଏ ଶ୍ରେଣୀରେ ଓ ବିଭିନ୍ନ ସୋପାନରେ ଅବସ୍ଥିତ । ସୁନୀତି ଓ କର୍ତ୍ତବ୍ୟ କାହାକୁ କୁହାଯାଏ, ତାହା ଆମେ ସମସ୍ତେ ଜାଣୁ, କିନ୍ତୁ ଦେଖାଯାଏ ଯେ, ଭିନ୍ନ ଭିନ୍ନ ଦେଶରେ ଏହି ନୈତିକ ଧାରଣା ଅତ୍ୟନ୍ତ ଭିନ୍ନ । ଗୋଟିଏ ଦେଶରେ ଯାହା ସୁନୀତି ବୋଲି ବିବେଚିତ ହୁଏ, ଅନ୍ୟ ଦେଶରେ ହୁଏତ ତାହା ସମ୍ପୂର୍ଣ୍ଣ ଦୁର୍ନୀତି ବୋଲି ପରିଗଣିତ । ଦୃଷ୍ଟାନ୍ତସ୍ୱରୂପ—କୌଣସି କୌଣସି ଦେଶରେ ଜ୍ଞାତିଭାଇ-ଭଗିନୀଙ୍କ ମଧ୍ୟରେ ବିବାହ ସମ୍ଭବ, ଅନ୍ୟ ଦେଶରେ ଏହା ନୀତିବିରୁଦ୍ଧ ବୋଲି ବିବେଚିତ ହୁଏ । କୌଣସି ଦେଶରେ ପୁରୁଷ ନିଜ ଭ୍ରାତୃବଧୂକୁ ବିବାହ କରିପାରେ ; ଅନ୍ୟ ଦେଶରେ ଏହା ନୀତିବିରୁଦ୍ଧ ବୋଲି ବିବେଚିତ ହୁଏ । କୌଣସି ଦେଶରେ ପୁରୁଷ ନିଜ ଭ୍ରାତୃବଧୂକୁ ବିବାହ କରିପାରେ; ଅନ୍ୟ ଦେଶରେ ଏହା ନୀତିବିରୁଦ୍ଧ । କୌଣସି ଦେଶରେ ଥରେ ମାତ୍ର ବିବାହ ସମ୍ଭବ । ଅନ୍ୟ ଦେଶରେ ବହୁ-ବିବାହ ପ୍ରଚଳିତ । ଆମେ ସଦାଚାରର ଅନ୍ୟାନ୍ୟ ବିଭାଗରେ ମଧ୍ୟ ଦେଖୁ ଯେ, ଏହାର ମାନ ବିଭିନ୍ନ ଦେଶରେ ଭିନ୍ନ; ତଥାପି  ସଦାଚାରର ଯେ ଗୋଟିଏ ସାର୍ବଭୌମ ମାନ ଓ ଆଦର୍ଶ ଅଛି, ତାହା ଆମେ ବିଶ୍ୱାସ କରୁ ।

କର୍ତ୍ତବ୍ୟ ସମ୍ବନ୍ଧରେ ମଧ୍ୟ ତଦ୍ରୂପ । କର୍ତ୍ତବ୍ୟର ଧାରଣା ବିଭିନ୍ନ ଜାତି ମଧ୍ୟରେ ଭିନ୍ନ ଭିନ୍ନ । କୌଣସି ଦେଶରେ ଯଦି କେହି ଗୋଟିଏ କାର୍ଯ୍ୟ ନ କରେ, ଲୋକେ କହିବେ ଯେ ସେ ଅନ୍ୟାୟ କରିଛି; ଅଥଚ ଅନ୍ୟ ଗୋଟିଏ ଦେଶରେ ଠିକ୍ ସେହି କାର୍ଯ୍ୟଗୁଡ଼ିକ କଲେ ଲୋକେ କହିବେ ଯେ, ସେ ଠିକ୍ କାମ କରି ନାହିଁ । ତଥାପି ଆମେ ଜାଣୁ, କର୍ତ୍ତବ୍ୟର ଗୋଟିଏ ସାର୍ବଜନୀନ ଧାରଣା ଅଛି । ତେଣୁ ଗୋଟିଏ ସମାଜ ଏକ ଶ୍ରେଣୀର କାର୍ଯ୍ୟକୁ କର୍ତ୍ତବ୍ୟ ବୋଲି ମନେକରେ, ଅନ୍ୟ ଏକ ସମାଜ ପୁଣି ଠିକ୍ ଏହାର ବିପରୀତ ମତ ପୋଷଣ କରେ ଏବଂ ଏପରି କାର୍ଯ୍ୟ କରିବାକୁ କୁଣ୍ଠିତ ହୁଏ । ବର୍ତ୍ତମାନ ଆମ ସମ୍ମୁଖରେ ଦୁଇଟି ପଥ ଉନ୍ମୁକ୍ତ, ଗୋଟିଏ ହେଲା ଅଜ୍ଞ ଲୋକର ପଥ : ସେମାନେ ମନେକରନ୍ତି, ସତ୍ୟ ଲାଭର ପଥ ମାତ୍ର ଗୋଟିଏ, ଅନ୍ୟ ସବୁ ପଥ ଭୁଲ ; ଅନ୍ୟ ଗୋଟିଏ ହେଲା ଜ୍ଞାନୀମାନଙ୍କ ପଥ—ସେମାନେ ସ୍ୱୀକାର କରନ୍ତି ଯେ, ଆମର ମାନସିକ ଗଠନ ଅଥବା ଅବସ୍ଥାର ସ୍ତର ଅନୁସାରେ କର୍ତ୍ତବ୍ୟ ମଧ୍ୟ ଭିନ୍ନ ଭିନ୍ନ ହୋଇପାରେ; ସୁତରାଂ କର୍ତ୍ତବ୍ୟ ଓ ସଦାଚାରର ବିଭିନ୍ନ କ୍ରମ ଅଛି । ଜୀବନର ଏକ ଅବସ୍ଥାରେ, ଏକ ପରିବେଶରେ ଯାହା କର୍ତ୍ତବ୍ୟ, ଅନ୍ୟ ଏକ ଅବସ୍ଥାରେ, ଅନ୍ୟଗୋଟିଏ ପରିବେଶରେ ତାହା କର୍ତ୍ତବ୍ୟ ହୋଇ ନ ପାରେ ।

ଗୋଟିଏ ଉଦାହରଣ ନିଆଯାଉ । ମହାପୁରୁଷଗଣ ଉପଦେଶ ଦେଇଛନ୍ତି—'ଅଶୁଭର ପ୍ରତିରୋଧ କର ନାହିଁ, ଅପ୍ରତିକାର ହିଁ ସର୍ବୋଚ୍ଚ ଆଦର୍ଶ ।' କିନ୍ତୁ ଆମେ ଜାଣୁ ଯେ ଯଦି ଆମେ କେତେଜଣ ମାତ୍ର ଏହି ନୀତିକୁ ପୂର୍ଣ୍ଣ ଭାବରେ କାର୍ଯ୍ୟରେ ପରିଣତ କରିବାର ଚେଷ୍ଟା କରୁ, ତେବେ ସମାଜ-ଗଠନ ବ୍ୟବସ୍ଥା ଭାଙ୍ଗି ପଡ଼ିବ, ଆମର ସମ୍ପତ୍ତି ଇତ୍ୟାଦି ସବୁ ଦୁଷ୍ଟ ଲୋକମାନଙ୍କର ହସ୍ତଗତ ହେବ, ଆମମାନଙ୍କ ଜୀବନ ମଧ୍ୟ ସେହିମାନଙ୍କଦ୍ୱାରା ପରିଚାଳିତ ହେବ—ଆମ ସହିତ ସେମାନେ ଯାହା ଇଚ୍ଛା ତାହା କରିବେ । ମାତ୍ର ଗୋଟିଏ ଦିନ ପାଇଁ ମଧ୍ୟ ଯଦି ଆମେ ଏହି 'ଅପ୍ରତିକାର-ନୀତି' କାର୍ଯ୍ୟରେ ପରିଣତ କରୁ, ତେବେ ସମାଜ ଧ୍ୱଂସ ହୋଇଯିବ । ଏହା ସତ୍ତ୍ୱେ, ଆମେ ବିଚାର-ବିଶ୍ଳେଷଣ ନ କରି ମଧ୍ୟ 'ଅପ୍ରତିକାର' ରୂପକ ଉପଦେଶର ସତ୍ୟତା ଅନ୍ତରରେ ଉପଲବ୍ଧି କରିଥାଉ । ଏହା ହିଁ ସର୍ବୋଚ୍ଚ ଆଦର୍ଶ ବୋଲି ଆମର ଧାରଣା; କିନ୍ତୁ କେବଳ ଏହି ମତକୁ ପ୍ରଚାର କଲେ ମାନବ ଜାତିର ଏକ ବିରାଟ ଅଂଶ ନିନ୍ଦନୀୟ ହେବ । କେବଳ ସେତିକି ନୁହେଁ, ଏହାଦ୍ୱାରା ଲୋକଙ୍କର ଧାରଣା ହେବ ଯେ ସେମାନେ ସର୍ବଦା ହିଁ ଅନ୍ୟାୟ କରୁଛନ୍ତି, ତେଣୁ ସକଳ କାର୍ଯ୍ୟରେ ହିଁ ସେମାନେ ମନରେ ବିବେକର ସଂକୋଚନ ଅନୁଭବ କରି ଚାଲିବେ । ଏହା ସେମାନଙ୍କୁ ଦୁର୍ବଳ କରିଦେବ ଏବଂ ଅନ୍ୟାନ୍ୟ ଦୁର୍ବଳତାଗୁଡ଼ିକ ଅପେକ୍ଷା ଆତ୍ମଗ୍ଲାନିରୁ ଅଧିକତର ପାପର ସୃଷ୍ଟି ହେବ । ଯେଉଁ ବ୍ୟକ୍ତି ନିଜକୁ ଘୃଣା କରିବାକୁ ଆରମ୍ଭ କରିଛି, ତାହାର ଅବନତିର ଦ୍ୱାର ଉଦ୍‌ଘାଟିତ ହୋଇଛି । ଗୋଟିଏ ଜାତିର କ୍ଷେତ୍ରରେ ମଧ୍ୟ ଏହି କଥା ସତ୍ୟ ।

ତେଣୁ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜକୁ ଘୃଣା ନ କରିବା । ଉନ୍ନତ ହେବାକୁ ହେଲେ, ପ୍ରଥମେ ନିଜ ଉପରେ ଓ ପରେ ଈଶ୍ୱରଙ୍କ ଉପରେ ମଧ୍ୟ ବିଶ୍ୱାସ ଆବଶ୍ୟକ । ଯାହାର ନିଜ ଉପରେ ବିଶ୍ୱାସ ନାହିଁ, ତାହାର କେବେହେଲେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆସିପାରେ ନାହିଁ ।

କର୍ତ୍ତବ୍ୟ ଓ ସଦାଚାର ଅବସ୍ଥା-ଭେଦରେ ଭିନ୍ନ ଭିନ୍ନ—ଏହା ସ୍ୱୀକାର କରିବା ଛଡ଼ା ଆମର ଗତ୍ୟନ୍ତର ନାହିଁ । ଅନ୍ୟାୟର ପ୍ରତିକାର କଲେ ସବୁ କ୍ଷେତ୍ରରେ ଯେ ଅନ୍ୟାୟ ହେବ ତାହା ନୁହେଁ, ଅବସ୍ଥା ବିଶେଷରେ ଅନ୍ୟାୟର ପ୍ରତିରୋଧ କରିବା ହିଁ ମନୁଷ୍ୟର କର୍ତ୍ତବ୍ୟ ।

ତୁମେ ପାଶ୍ଚାତ୍ୟବାସୀଗଣ ଭଗବଦ୍‌ଗୀତାର ଦ୍ୱିତୀୟ ଅଧ୍ୟାୟ ପାଠ କରି ହୁଏତ ଆଶ୍ଚର୍ଯ୍ୟ ହୋଇଛ; ବିପକ୍ଷଗଣଙ୍କୁ ଆତ୍ମୀୟ ଓ ବନ୍ଧୁବାନ୍ଧବ ବୋଲି କହି ଏବଂ 'ଅହିଂସା ହିଁ ପରମ ଧର୍ମ' ଏହି କଥା କହି ଅର୍ଜୁନ ଯେତେବେଳେ ଯୁଦ୍ଧ କରିବାକୁ ମନା କରିଦେଲେ, ଅର୍ଥାତ୍ ପ୍ରତିରୋଧ କରିବା ପାଇଁ ଅନିଚ୍ଛା ପ୍ରକାଶ କଲେ, ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ କାପୁରୁଷ ଓ କପଟୀ ବୋଲି କିପରି କହିଲେ ? ଏହା ଗୋଟିଏ ପ୍ରଧାନ ଶିକ୍ଷଣୀୟ ବିଷୟ ଯେ, ସବୁ ଘଟଣାରେ ହିଁ ଚରମ ବିପରୀତ ପ୍ରାନ୍ତ ଦୁଇଟି ଦେଖିବାକୁ ଏକ ପ୍ରକାର । ଚରମ 'ଅସ୍ତି' ଓ ଚରମ 'ନାସ୍ତି' ସର୍ବଦା ହିଁ ଆପାତତଃ ଏକାଭଳି ମନେହୁଏ । ଆଲୋକ-କମ୍ପନ ଅତି ମୃଦୁ ହେଲେ ଆମର ଦୃଷ୍ଟିଗୋଚର ହୁଏ ନାହିଁ, ଅତି ଦ୍ରୁତ ହେଲେ ମଧ୍ୟ ଆମେ ତାହା ଦେଖିପାରୁ ନାହିଁ । ଶବ୍ଦ ସମ୍ବନ୍ଧରେ ମଧ୍ୟ ତଦ୍ରୂପ; ଅତି ନିମ୍ନ ଗ୍ରାମର ଶବ୍ଦ ଶୁଣାଯାଏ ନାହିଁ ବା ଅତି ଉଚ୍ଚ ଗ୍ରାମର ଶବ୍ଦ ମଧ୍ୟ ଶୁଣାଯାଏ ନାହିଁ । 'ପ୍ରତିକାର' ଓ 'ଅପ୍ରତିକାର'ର ପ୍ରଭେଦ ମଧ୍ୟ ତାହା । ଜଣେ କୌଣସି ଅନ୍ୟାୟର ପ୍ରତିକାର କରେ ନାହିଁ, କାରଣ ସେ ଦୁର୍ବଳ, ଅଳସୁଆ ଓ ପ୍ରତିକାର କରିବା ପାଇଁ ଅକ୍ଷମ; ପ୍ରତିକାର କରିବାର ଇଚ୍ଛା ନାହିଁ ବୋଲି ଯେ ସେ ପ୍ରତିକାର କରୁ ନାହିଁ, ତାହା ନୁହେଁ । ଅନ୍ୟ ଜଣେ ଜାଣେ, ଇଚ୍ଛା କଲେ ସେ ପ୍ରବଳ ଆଘାତ ଦେଇପାରେ, ତଥାପି ଯେ ସେ ଆଘାତ କରୁନାହିଁ ସେତିକି ନୁହେଁ, ବରଂ ଶତ୍ରୁକୁ ଆଶୀର୍ବାଦ ମଧ୍ୟ କରିଥାଏ । ଯେଉଁ ବ୍ୟକ୍ତି ଦୁର୍ବଳତାବଶତଃ 'ପ୍ରତିକାର' ନ କରେ, ସେ ପାପୀ; ତେଣୁ ଏହି 'ଅପ୍ରତିକାର'ରୁ ସେ କୌଣସି ସୁଫଳ ଅର୍ଜନ କରେ ନାହିଁ । ଅଥଚ ଦ୍ୱିତୀୟ ବ୍ୟକ୍ତି ଯଦି ପ୍ରତିକାର କରେ, ତେବେ ସେ ପାପ କରିବ । ବୁଦ୍ଧ ନିଜ ସିଂହାସନ ଓ ରାଜପଦ ତ୍ୟାଗ କଲେ—ଏହା ହିଁ ପ୍ରକୃତ ତ୍ୟାଗ । କିନ୍ତୁ ଯାହାର ତ୍ୟାଗ କରିବାର କିଛି ନାହିଁ, ଯଥା ଭିକ୍ଷୁକ, ତା'ପକ୍ଷରେ ତ୍ୟାଗର କୌଣସି ପ୍ରଶ୍ନ ଉଠି ନ ପାରେ । ଅତଏବ ଏହି 'ଅପ୍ରତିକାର' ଓ 'ଆଦର୍ଶ ପ୍ରେମ'ର କଥା କହିବା ସମୟରେ ଆମର ପ୍ରକୃତ ଅର୍ଥ କଅଣ, ସେ ଦିଗକୁ ବିଶେଷ ଭାବରେ ଦୃଷ୍ଟି ରଖିବାକୁ ହେବ । ପ୍ରଥମେ ବୁଝିବାକୁ ହେବ, ପ୍ରତିକାର କରିବାର ଶକ୍ତି ଆମମାନଙ୍କର ଅଛି କି ନାହିଁ । ଶକ୍ତି ଥିବା ସତ୍ତ୍ୱେ ଯଦି ଆମେ ପ୍ରତିକାରଶୂନ୍ୟ ହେଉ, ତେବେ ଆମେ ବାସ୍ତବିକ 'ପ୍ରେମ' କଥାର ତାତ୍ପର୍ଯ୍ୟ ବୁଝିଛୁ; କିନ୍ତୁ ଯଦି ଆମର ପ୍ରତିକାର କରିବାର ଶକ୍ତି ନଥାଏ, ଅଥଚ ନିଜ ମନକୁ ବୁଝାଇବା ପାଇଁ ଚେଷ୍ଟା କରୁ ଯେ ଆମେ ଅତି ଉଚ୍ଚ ପ୍ରେମର ପ୍ରେରଣାରେ କାର୍ଯ୍ୟ କରୁଛୁ, ତେବେ ଆମେ ଠିକ୍ ଏହାର ବିପରୀତ ଆଚରଣ ହିଁ କରିଥାଉ । ଅର୍ଜୁନ ମଧ୍ୟ ତାଙ୍କ ବିପକ୍ଷରେ ପ୍ରବଳ ସୈନ୍ୟବ୍ୟୂହ ସଜ୍ଜିତ ଦେଖି ଭୀତ ହୋଇଥିଲେ । ମୋହବଶତଃ ସେ ଦେଶ ଓ ରାଜାଙ୍କ ପ୍ରତି କର୍ତ୍ତବ୍ୟ ଭୁଲି ଯାଇଥିଲେ । ତେଣୁ ଶ୍ରୀକୃଷ୍ଣ ତାଙ୍କୁ କପଟୀ ବୋଲି କହିଥିଲେ, 'ତୁମେ ପଣ୍ଡିତଙ୍କ ପରି କଥା କହୁଛ ଅଥଚ କାପୁରୁଷ ତୁଲ୍ୟ କର୍ମ କରୁଛ; ଉଠ, ଜାଗ୍ରତ ହୁଅ, ଦଣ୍ଡାୟମାନ ହୁଅ, ଯୁଦ୍ଧ କର ।''*

ଏହା ହିଁ କର୍ମଯୋଗର ପ୍ରଧାନ ଭାବ । କର୍ମଯୋଗୀ ଜାଣନ୍ତି ଯେ ଅପ୍ରତିକାର ହିଁ

---

* ତୁଳନୀୟ; ଗୀତା—୨/୧୧,୩୭

ସର୍ବୋଚ୍ଚ ଆଦର୍ଶ, ସେ ଆହୁରି ମଧ୍ୟ ଜାଣନ୍ତି ଯେ, ଏହା ହିଁ ଶକ୍ତିର ଉଚ୍ଚତମ ବିକାଶ ଏବଂ ଅନ୍ୟାୟର ପ୍ରତିକାର କେବଳ ପ୍ରତିକାର-ରୂପକ ଶ୍ରେଷ୍ଠ ଶକ୍ତିଲାଭର ସୋପାନ ମାତ୍ର । ଏହି ସର୍ବୋଚ୍ଚ ଆଦର୍ଶରେ ଉପନୀତ ହେବା ପୂର୍ବରୁ ମନୁଷ୍ୟର କର୍ତ୍ତବ୍ୟ ହେଉଛି ଅଶୁଭର ପ୍ରତିରୋଧ କରିବା। କାର୍ଯ୍ୟ କରିବାକୁ ହେବ, ସଂଗ୍ରାମ କରିବାକୁ ହେବ—ଯେତେଦୂର ସାଧ୍ୟ, ଆଘାତ କରିବାକୁ ହେବ । ଏହି ପ୍ରତିକାର କରିବାର ଶକ୍ତି ଯାହାଙ୍କର ଆୟତ୍ତ ହୋଇଅଛି, ତାଙ୍କ ପକ୍ଷରେ ଅପ୍ରତିକାର ହିଁ ଧର୍ମ ବା ପୁଣ୍ୟକର୍ମ ।

ଦିନେ ଆମ ଦେଶରେ ଜନୈକ ବ୍ୟକ୍ତି ସହିତ ମୋର ସାକ୍ଷାତ ହେଲା । ତାହାକୁ ମୁଁ ପୂର୍ବରୁ ଅତିଶୟ ଅଳସୁଆ, ଅଜ୍ଞ ଓ ନିର୍ବୋଧ ବୋଲି ଜାଣିଥିଲି, କିଛି ହେଲେ ଜାଣିବା ପାଇଁ ତାହାର ଆଗ୍ରହ ନ ଥିଲା—ସେ ପଶୁତୁଲ୍ୟ ଜୀବନଯାପନ କରୁଥିଲା । ମୋ ସହିତ ଦେଖା ହେବାରୁ ସେ ମୋତେ ପଚାରିଲା, 'ଈଶ୍ୱର-ଲାଭ କରିବା ପାଇଁ ମୋତେ କଣ କରିବାକୁ ହେବ ? କେଉଁ ଉପାୟରେ ମୁଁ ମୁକ୍ତ ହେବି ? 'ମୁଁ ତାକୁ ପଚାରିଲି, 'ତୁମେ କଣ ମିଛ କଥା କହିପାର ?' ସେ କହିଲା, 'ନା' । ଏହା ଶୁଣି ମୁଁ କହିଲି, 'ତେବେ ତୁମକୁ ମିଛ କହି ଶିଖିବାକୁ ହେବ ।' ଗୋଟିଏ ପଶୁ ବା କାଠ ପଥର ଭଳି ଜଡ଼ବତ୍ ଜୀବନଯାପନ କରିବା ଅପେକ୍ଷା ମିଛ କହିବା ବରଂ ଭଲ । ତୁମେ ଅକର୍ମଣ୍ୟ; କର୍ମର ଉର୍ଦ୍ଧ୍ୱରେ ଯେଉଁ ଅବସ୍ଥାରେ ମନ ପୂର୍ଣ୍ଣ ଶାନ୍ତଭାବ ଧାରଣ କରେ ଏବଂ ଯାହା ସର୍ବୋଚ୍ଚ ଅବସ୍ଥା, ତୁମେ ନିଶ୍ଚୟ ତାହା ଲାଭ କରି ନାହିଁ । ତୁମେ ଏତେଦୂର ଜଡ଼ଭାବାପନ୍ନ ଯେ ଗୋଟିଏ ଅନ୍ୟାୟ କାମ ବି କରିପାର ନାହିଁ । ଅବଶ୍ୟ ଯେଉଁ ଲୋକଟିର କଥା କହୁଛି ତାହା ପରି ତାମସିକ ପ୍ରକୃତିର ଲୋକ ପ୍ରାୟ ଦେଖାଯାଆନ୍ତି ନାହିଁ । ମୁଁ ତା ସହିତ ଥଟ୍ଟା କରୁଥିଲି; କିନ୍ତୁ ମୋର କହିବାର ଉଦ୍ଦେଶ୍ୟ ହେଉଛି ଯେ, ସମ୍ପୂର୍ଣ୍ଣ ନିଷ୍କ୍ରିୟ ଅବସ୍ଥା ବା ଶାନ୍ତଭାବ ଲାଭ କରିବାକୁ ହେଲେ ମନୁଷ୍ୟକୁ କର୍ମଶୀଳ ହେବାକୁ ପଡ଼ିବ ।

ଆଳସ୍ୟକୁ ପୂର୍ଣ୍ଣଭାବରେ ତ୍ୟାଗ କରିବାକୁ ହେବ । କ୍ରିୟାଶୀଳତାର ଅର୍ଥ 'ପ୍ରତିକାର' । ମାନସିକ ଓ ଶାରୀରିକ ସର୍ବପ୍ରକାର ଅସଦ୍‌ଭାବର ପ୍ରତିକାର କର; ଯେତେବେଳେ ତୁମେ ଏହି କାର୍ଯ୍ୟରେ ସଫଳ ହେବ, ସେତେବେଳେ ଶାନ୍ତି ପାଇବ । ଏ କଥା କହିବା ଅତି ସହଜ ଯେ, 'କାହାରିକୁ ଘୃଣା କର ନାହିଁ, କୌଣସି ଅଶୁଭ କର୍ମର ପ୍ରତିକାର କର ନାହିଁ'; କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଏହାର ପ୍ରକୃତ ଅର୍ଥ କଣ ତାହା ଆମେ ଜାଣୁ । ଯେତେବେଳେ ସମାଜର ଦୃଷ୍ଟି ଆମ ଉପରେ, ସେତେବେଳେ ଆମେ ଅପ୍ରତିକାରର ଅଭିନୟ କରିପାରୁ; କିନ୍ତୁ ଭୋଗଲିପ୍‌ସା ପ୍ରତିମୁହୂର୍ତ୍ତରେ ପଚା ଘା' ପରି ଆମ ଶରୀରକୁ କ୍ଷୟ କରି ଚାଲିଥିବ । ଯଥାର୍ଥ ଅପ୍ରତିକାରରୁ ପ୍ରାଣରେ ଯେଉଁ ଶାନ୍ତି ଆସେ, ଆମେ ତାହାର ଏକାନ୍ତ ଅଭାବ ଅନୁଭବ କରୁଥିବୁ । ସେତେବେଳେ ମନେ ହେଉଥିବ—ମୋର ପ୍ରତିକାର କରିବା ହିଁ ଉଚିତ ଥିଲା । ତୁମର ଯଦି ଅର୍ଥର ବାସନା ଥାଏ ଏବଂ ଯଦି ତୁମେ ଜାଣ ଯେ, ସମଗ୍ର ଜଗତ ଧନଲିପ୍‌ସୁ ପୁରୁଷକୁ ଅସତ୍ ଲୋକ ବୋଲି ମନେକରେ, ତେବେ ତୁମେ ହୁଏତ ଅର୍ଥର ଅନ୍ୱେଷଣ ପାଇଁ ପ୍ରାଣପଣ ଚେଷ୍ଟା କରିବାକୁ ସାହାସୀ ହେବ ନାହିଁ; କିନ୍ତୁ ତୁମର ମନ ସବୁବେଳେ ଅର୍ଥ ଆଡ଼କୁ ଧାବମାନ ହେଉଥିବ । ଏହା କପଟତା; ମାତ୍ର ଏହାଦ୍ୱାରା କୌଣସି କାର୍ଯ୍ୟସିଦ୍ଧି ହୁଏ ନାହିଁ । ସଂସାର-ସମୁଦ୍ରରେ ଝାସ ଦିଅ, କିଛିଦିନ ପରେ ଯେତେବେଳେ ସଂସାରରେ ସୁଖ-ଦୁଃଖ ଇତ୍ୟାଦି ଯାହା ଅଛି ତାହା ସବୁ ଭୋଗ କରି ସାରିବ, ସେତେବେଳେ ତୁମ ମନରେ ବୈରାଗ୍ୟ ଆସିବ—ସେତେବେଳେ ତୁମେ

ଶାନ୍ତି ପାଇବ । ଅତଏବ ପ୍ରଭୁତ୍ୱଲାଭର ବାସନା ଏବଂ ଅନ୍ୟ ଯେଉଁସବୁ ବାସନା ଅଛି, ତାହା ପୂରଣ କର; ଏହି ସକଳ ବାସନା ପୂର୍ଣ୍ଣ ହେଲେ, ଏପରି ସମୟ ଆସିବ, ଯେତେବେଳେ ତୁମେ ଜାଣିପାରିବ ଯେ, ଏହା ସବୁ ଅତି କ୍ଷୁଦ୍ର ଜିନିଷ । କିନ୍ତୁ ଯେତେଦିନଯାଏ ତୁମର ବାସନା ପୂର୍ଣ୍ଣ ନ ହୋଇଛି, ଯେତେଦିନ ପର୍ଯ୍ୟନ୍ତ ତୁମେ ଏହି କ୍ରିୟାଶୀଳତା ଭିତରଦେଇ ଗତି ନ କରିଛ, ସେତେଦିନଯାଏ ତୁମ ପକ୍ଷରେ ଆତ୍ମସମର୍ପଣ ଓ ବୈରାଗ୍ୟର ଭାବ ଲାଭ କରିବା ଅସମ୍ଭବ । ଏହି 'ଶାନ୍ତି'ର ବାଣୀ ସହସ୍ର ସହସ୍ର ବର୍ଷଧରି ପ୍ରଚାରିତ ହୋଇଆସୁଛି, ସମସ୍ତେ ହିଁ ବାଲ୍ୟକାଳରୁ ଏହା ଶୁଣି ଆସୁଛନ୍ତି । ତଥାପି ଏହି ଅବସ୍ଥା ଲାଭ କରିଥିବା ବ୍ୟକ୍ତି ସଂସାରରେ ପ୍ରାୟ ଦେଖିବାକୁ ମିଳନ୍ତି ନାହିଁ । ମୁଁ ପୃଥିବୀର ଅର୍ଦ୍ଧାଂଶ ବୁଲି ଦେଖିଛି, କିନ୍ତୁ ମୋ ଜୀବନରେ ପ୍ରକୃତ ଶାନ୍ତ ଓ ପ୍ରତିକାର ଚେଷ୍ଟାଶୂନ୍ୟ କୋଡ଼ିଏ ଜଣ ହେଲେ ଲୋକଙ୍କୁ ଦେଖିଛି କି ନାହିଁ ସନ୍ଦେହ ।

ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ—ନିଜ ଆଦର୍ଶକୁ ସ୍ୱୀୟ ଜୀବନରେ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରିବା । ଅନ୍ୟ ଜଣଙ୍କର ଆଦର୍ଶକୁ ଗ୍ରହଣ କରି ତଦନୁସାରେ ନିଜ ଜୀବନ ଗଠନ କରିବାର ଚେଷ୍ଟା ଅପେକ୍ଷା ଏହା ହିଁ ଉନ୍ନତିଲାଭ କରିବାର ନିଶ୍ଚିତ ଉପାୟ । ଅନ୍ୟର ଆଦର୍ଶ ହୁଏତ କେବେହେଲେ ଜୀବନରେ ପରିଣତ କରିହେବ ନାହିଁ । ମନେକର ଆମେ ଗୋଟିଏ ଶିଶୁକୁ କୋଡ଼ିଏ ମାଇଲ ବାଟ ଚାଲିବାକୁ ବାଧ୍ୟ କଲୁ । ତା' ଫଳରେ ଶିଶୁଟି ହୁଏତ ମୃତ୍ୟୁବରଣ କରିବ, ନଚେତ୍ ଏହି ଦୂରତ୍ୱ କୌଣସି ଭାବରେ ଘୋଷାରି ହୋଇ ଚାଲି ମୃତପ୍ରାୟ ହୋଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବ । ପ୍ରାୟ ସବୁ କ୍ଷେତ୍ରରେ ଆମେ ମନୁଷ୍ୟ ସହିତ ଏ ପ୍ରକାର ବ୍ୟବହାର କରିଥାଉ । ସମାଜର ସକଳ ନରନାରୀଙ୍କ ମନ ଏକ ପ୍ରକାର ହୋଇ ନ ପାରେ, ସମସ୍ତଙ୍କର ଧାରଣାଶକ୍ତି ବା କର୍ମଶକ୍ତି ମଧ୍ୟ ଏକା ନୁହେଁ, ତେଣୁ ସେମାନଙ୍କର ଆଦର୍ଶଗୁଡ଼ିକୁ ଅବଜ୍ଞା କରିବାର ଅଧିକାର ଆମର ନାହିଁ । ସମସ୍ତେ ନିଜ ନିଜ ଆଦର୍ଶରେ ପହଞ୍ଚିବା ପାଇଁ ଯଥାସାଧ୍ୟ ଚେଷ୍ଟା କରୁଛନ୍ତି । ମୋତେ ତୁମର ବା ତୁମକୁ ମୋ ଆଦର୍ଶ ଦ୍ୱାରା ବିଚାର କରିବା ଠିକ୍ ନୁହେଁ । ଓକ୍ ବୃକ୍ଷର ଆଦର୍ଶରେ ଆପେଲ ଅଥବା ଆପେଲ ବୃକ୍ଷର ଆଦର୍ଶରେ ଓକ୍‌କୁ ବିଚାର କରିବା ଉଚିତ ନୁହେଁ । ଆପେଲ ବୃକ୍ଷକୁ ବିଚାର କରିବାକୁ ହେଲେ ଆପେଲର ଏବଂ ଓକ୍ ବୃକ୍ଷକୁ ବିଚାର କରିବାକୁ ହେଲେ ଓକ୍‌ର ଆଦର୍ଶ ଅନୁସାରେ ବିଚାର କରିବା ଆବଶ୍ୟକ ।

ବହୁତ୍ୱ ମଧ୍ୟରେ ଏକତ୍ୱ ହିଁ ସୃଷ୍ଟିର ନିୟମ । ବ୍ୟକ୍ତିଗତ ଭାବରେ ନରନାରୀଙ୍କ ମଧ୍ୟରେ ଯେତେ ପ୍ରଭେଦ ଥାଉନା କାହିଁକି, ସେମାନଙ୍କ ପଶ୍ଚାତ୍‌ରେ କିନ୍ତୁ ସେହି ଏକତ୍ୱ ବିଦ୍ୟମାନ । ବିଭିନ୍ନ-ଚରିତ୍ରବିଶିଷ୍ଟ ନରନାରୀ ସୃଷ୍ଟି-ନିୟମର ସ୍ୱାଭାବିକ ବୈଚିତ୍ର୍ୟ ମାତ୍ର । ଏହି କାରଣରୁ ଗୋଟିଏ ମାତ୍ର ଆଦର୍ଶଦ୍ୱାରା ସମସ୍ତଙ୍କୁ ବିଚାର କରିବା, ଅଥବା ସମସ୍ତଙ୍କ ସମ୍ମୁଖରେ ଗୋଟିଏ ପ୍ରକାର ଆଦର୍ଶ ସ୍ଥାପନ କରିବା ଉଚିତ ନୁହେଁ । ଏହିପରି କର୍ମପ୍ରଣାଳୀ କେବଳ ଅସ୍ୱାଭାବିକ ସଂଗ୍ରାମ ସୃଷ୍ଟି କରେ । ତାହାର ଫଳ ଏହା ହୁଏ ଯେ, ମନୁଷ୍ୟ ନିଜକୁ ଘୃଣା କରିବାକୁ ଆରମ୍ଭ କରେ ଏବଂ ତାହାର ଧାର୍ମିକ ଓ ସାଧୁ ହେବା ପକ୍ଷରେ ବିଶେଷ ବାଧା ଉପସ୍ଥିତ ହୁଏ । ତେଣୁ ଆମର କର୍ତ୍ତବ୍ୟ, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ସର୍ବୋଚ୍ଚ ଆଦର୍ଶ ଅନୁସାରେ ଚଳିବା ପାଇଁ ଉତ୍ସାହିତ କରିବା ଏବଂ ଏହି ଆଦର୍ଶ ସତ୍ୟର ଯେତେ ନିକଟବର୍ତ୍ତୀ ହୁଏ, ସେଥିପାଇଁ ଚେଷ୍ଟା କରିବା ।

ଆମେ ଦେଖିବାକୁ ପାଉ, ଅତି ପ୍ରାଚୀନ କାଳରୁ ହିନ୍ଦୁ ଧର୍ମନୀତିରେ ଏହି ତତ୍ତ୍ୱଟି ସ୍ୱୀକୃତ ହୋଇଅଛି; ଏବଂ ସେମାନଙ୍କର ଶାସ୍ତ୍ର ଓ ଧର୍ମନୀତି ବିଷୟକ ପୁସ୍ତକରେ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ,

ବାନପ୍ରସ୍ଥ ଓ ସନ୍ନ୍ୟାସ ଏହିସବୁ ବିଭିନ୍ନ ଆଶ୍ରମ ପାଇଁ ବିଭିନ୍ନ ପ୍ରକାର୍ ବିଧିର ନିର୍ଦ୍ଦେଶ ରହିଛି ।

ହିନ୍ଦୁ ଶାସ୍ତ୍ରମତରେ ମାନବର ସାଧାରଣ-ଧର୍ମ ବ୍ୟତୀତ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ବିଭିନ୍ନ କର୍ତ୍ତବ୍ୟ ଅଛି । ହିନ୍ଦୁକୁ ପ୍ରଥମେ ବ୍ରହ୍ମଚର୍ଯ୍ୟାଶ୍ରମରେ ଛାତ୍ର-ଜୀବନ ଆରମ୍ଭ କରିବାକୁ ହୁଏ; ତା'ପରେ ବିବାହ କରି ଗୃହୀ ହେବାକୁ ପଡ଼େ; ବୃଦ୍ଧାବସ୍ଥାରେ ହିନ୍ଦୁ ଗୃହସ୍ଥାଶ୍ରମରୁ ବିଦାୟ ଗ୍ରହଣ କରି ବାନପ୍ରସ୍ଥ ଅବଲମ୍ବନ କରେ ଏବଂ ସର୍ବଶେଷରେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ହୁଏ । ବିଭିନ୍ନ ଆଶ୍ରମ ଅନୁସାରେ ଜୀବନର ପ୍ରତ୍ୟେକ ସ୍ତର ପାଇଁ ବିଭିନ୍ନ କର୍ତ୍ତବ୍ୟ ଉପଦିଷ୍ଟ ହୋଇଅଛି । ଏହି ଆଶ୍ରମଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ଅନ୍ୟଗୁଡ଼ିକ ଠାରୁ ବଡ଼ ନୁହେଁ, ଯେ ବିବାହ ନ କରି ଧର୍ମକାର୍ଯ୍ୟ ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି, ତାଙ୍କ ଜୀବନ ଯେତିକି ମହତ୍, ବିବାହିତ ବ୍ୟକ୍ତିଙ୍କ ଜୀବନ ମଧ୍ୟ ସେତିକି ମହତ୍ । ସିଂହାସନାରୂଢ଼ ରାଜା ଯେପରି ମହାନ୍ ଓ ଗୌରବାନ୍ୱିତ, ରାସ୍ତାର ଏକ ଝାଡୁଦାର ମଧ୍ୟ ତାହା । ରାଜାଙ୍କୁ ତାଙ୍କ ସିଂହାସନରୁ ଉଠାଇନେଇ ଝାଡୁଦାରର କାମ କରିବାକୁ ଦିଅ—ଦେଖ ସେ କେତେଦୂର ଏହା କରିପାରୁଛନ୍ତି । ପୁଣି ଝାଡୁଦାରକୁ ନେଇ ସିଂହାସନରେ ବସାଅ—ଦେଖ, ସେ ମଧ୍ୟ ରାଜକାର୍ଯ୍ୟ କିପରି ପରିଚାଳନା କରେ । ସଂସାରୀ ଅପେକ୍ଷା ସଂସାରତ୍ୟାଗୀ ମହତ୍ତର, ଏକଥା କହିବା ବୃଥା । ସଂସାରରୁ ସ୍ୱତନ୍ତ୍ର ରହି ସହଜ ସ୍ୱାଧୀନ ଜୀବନଯାପନ ଅପେକ୍ଷା ସଂସାରରେ ରହି ଈଶ୍ୱରଙ୍କ ଉପାସନା କରିବା ବରଂ କଠିନ । ଆଜିକାଲି ଭାରତରେ କିନ୍ତୁ ପୂର୍ବୋକ୍ତ ଚାରୋଟି ଆଶ୍ରମ କେବଳ ଗାର୍ହସ୍ଥ୍ୟ ଓ ସନ୍ନ୍ୟାସ--ଏହି ଦୁଇଟି ଆଶ୍ରମରେ ପରିଣତ ହୋଇଅଛି । ଗୃହସ୍ଥ ବିବାହ କରନ୍ତି ଏବଂ ସାମାଜିକ କର୍ତ୍ତବ୍ୟ ପାଳନ କରନ୍ତି; ଆଉ ସଂସାରତ୍ୟାଗୀଙ୍କର କର୍ତ୍ତବ୍ୟ-ତାଙ୍କର ସମୁଦାୟ ଶକ୍ତି କେବଳ ଧର୍ମ ଦିଗରେ ନିୟୋଜିତ କରିବା । ସେ କେବଳ ଧର୍ମଶିକ୍ଷା ଦେବେ ଓ ଈଶ୍ୱରୋପାସନା କରିବେ ।

'ମହାନିର୍ବାଣ-ତନ୍ତ୍ର'ରୁ ଏହି ପ୍ରସଙ୍ଗରେ କିଛି ଅଂଶ ମୁଁ ଆବୃତ୍ତି କରିବି । ଏଗୁଡ଼ିକ ଶୁଣିଲେ ତୁମେ ବୁଝିବ ଗୃହସ୍ଥ ହେବା ଏବଂ ଗୃହସ୍ଥର କର୍ତ୍ତବ୍ୟ ଯଥାଯଥ ଭାବରେ ପ୍ରତିପାଳନ କରିବା ଅତି କଠିନ ।

ବ୍ରହ୍ମନିଷ୍ଠୋ ଗୃହସ୍ଥଃ ସ୍ୟାଦ୍ ବ୍ରହ୍ମଜ୍ଞାନପରାୟଣଃ ।
ଯଦ୍‌ଯଦ୍ କର୍ମ ପ୍ରକୁର୍ବୀତ ତଦ୍ ବ୍ରହ୍ମଣି ସମର୍ପୟେତ୍ ॥ ୮/୨୩

—ଗୃହସ୍ଥ ଈଶ୍ୱରପରାୟଣ ହେବେ । ବ୍ରହ୍ମଜ୍ଞାନ ଲାଭ କରିବା ହିଁ ଯେପରି ତାଙ୍କ ଜୀବନର ଚରମ ଲକ୍ଷ୍ୟ ହୁଏ । ତଥାପି ତାଙ୍କୁ ସର୍ବଦା କର୍ମ କରିବାକୁ ହେବ, ତାଙ୍କୁ ନିଜର ସମୁଦାୟ କର୍ତ୍ତବ୍ୟ ସାଧନ କରିବାକୁ ହେବ ଏବଂ ସେ ଯାହା କରିବେ; ତାହା ବ୍ରହ୍ମଙ୍କୁ ସମର୍ପଣ କରିବାକୁ ହେବ ।

କର୍ମ କରିବା ଅଥଚ ଫଳାକାଙ୍କ୍ଷା ନ କରିବା, ଲୋକଙ୍କୁ ସାହାଯ୍ୟ କରିବା ଅଥଚ ତାଙ୍କ ନିକଟରୁ କୌଣସି ପ୍ରକାର କୃତଜ୍ଞତା ପ୍ରତ୍ୟାଶା ନ କରିବା, ସତ୍‌କର୍ମ କରିବା ଅଥଚ ତାହାଦ୍ୱାରା ନାମଯଶ ହେଲା ବା ନ ହେଲା, ଏ ବିଷୟରେ ଏକାବେଳକେ ଦୃଷ୍ଟି ନ ଦେବା-ଏହା ଜଗତରେ ସବୁଠାରୁ କଠିନ କାମ । ଲୋକେ ଯେତେବେଳେ ପ୍ରଶଂସା କରନ୍ତି, ସେତେବେଳେ ଘୋର କାପୁରୁଷ ମଧ୍ୟ ସାହସୀ ହୁଏ । ସମାଜର ଅନୁମୋଦନ ଓ ପ୍ରଶଂସା ପାଇଲେ ନିର୍ବୋଧ ବ୍ୟକ୍ତି ମଧ୍ୟ ବୀରୋଚିତ କାର୍ଯ୍ୟ କରିପାରେ; କିନ୍ତୁ କାହାରି ହେଲେ ସ୍ତୁତି ପ୍ରଶଂସା ଆଶା ନ କରି, ସେ ଦିଗକୁ ଆଦୌ ଦୃଷ୍ଟି ନ ଦେଇ ସର୍ବଦା ସତ୍‌କାର୍ଯ୍ୟ କରିବା ହିଁ ପ୍ରକୃତରେ ସର୍ବଶ୍ରେଷ୍ଠ ସ୍ୱାର୍ଥତ୍ୟାଗ ।

ନ ମିଥ୍ୟାଭାଷଣଂ କୁର୍ଯ୍ୟାତ୍ ନ ଚ ଶାଠ୍ୟଂ ସମାଚରେତ୍ ।
ଦେବତାତିଥିପୂଜାସୁ ଗୃହସ୍ଥୋ ନିରତୋ ଭବେତ୍ ॥ ୮/୨୪

—ଗୃହସ୍ଥଙ୍କର ପ୍ରଧାନ କର୍ତ୍ତବ୍ୟ ଜୀବିକାର୍ଜନ; କିନ୍ତୁ ତାଙ୍କୁ ବିଶେଷ ଭାବରେ ଲକ୍ଷ୍ୟ ରଖିବାକୁ ହେବ ଯେ ମିଥ୍ୟା କଥା କହି, ପ୍ରତାରଣାଦ୍ୱାରା କିମ୍ବା ଅପହରଣଦ୍ୱାରା ଯେପରି ସେ ତାହା ସଂଗ୍ରହ ନ କରନ୍ତି । ପୁନଶ୍ଚ ତାଙ୍କୁ ସ୍ମରଣ ରଖିବାକୁ ହେବ, ତାଙ୍କ ଜୀବନ ଈଶ୍ୱରଙ୍କ ସେବା ନିମିତ୍ତ, ଦରିଦ୍ର ଓ ଅଭାବଗ୍ରସ୍ତମାନଙ୍କର ସେବା ପାଇଁ ଉଦ୍ଦିଷ୍ଟ ।

ମାତରଂ ପିତରଞ୍ଚୈବ ସାକ୍ଷାତ୍ ପ୍ରତ୍ୟକ୍ଷଦେବତାମ୍ ।
ମତ୍ୱା ଗୃହୀ ନିଷେବେତ ସଦା ସର୍ବପ୍ରଯତ୍ନତଃ ॥ ୮/୨୫

—ମାତା ଓ ପିତାଙ୍କୁ ସାକ୍ଷାତ୍ ଦେବତା ଜାଣି ଗୃହୀ ବ୍ୟକ୍ତି ସର୍ବଦା ପ୍ରଯତ୍ନ ସହକାରେ ସେମାନଙ୍କର ସେବା କରିବେ ।

ତୁଷ୍ଟାୟାଂ ମାତରି ଶିବେ ତୁଷ୍ଟେ ପିତରି ପାର୍ବତି ।
ତବ ପ୍ରୀତିର୍ଭବେଦ୍ଦେବି ପରବ୍ରହ୍ମ ପ୍ରସୀଦତି ॥ ୮/୨୬

—ଯଦି ମାତା ଓ ପିତା ତୁଷ୍ଟ ହୁଅନ୍ତି, ତେବେ ସେହି ବ୍ୟକ୍ତି ପ୍ରତି ଭଗବାନ ମଧ୍ୟ ପ୍ରୀତ ହୁଅନ୍ତି । ହେ ପାର୍ବତୀ, ତୁମେ ମଧ୍ୟ ତାଙ୍କ ପ୍ରତି ପ୍ରୀତା ହୁଅ ।

ଔଦ୍ଧତ୍ୟଂ ପରିହାସଞ୍ଚ ତର୍ଜନଂ ପରିଭାଷଣମ୍ ।
ପିତ୍ରୋରଗ୍ରେ ନ କୁର୍ବୀତ ଯଦୀଚ୍ଛେଦାତ୍ମନୋ ହିତମ୍ ॥
ମାତରଂ ପିତରଂ ବୀକ୍ଷ୍ୟ ନତ୍ୱୋତ୍ତିଷ୍ଠେତ୍ ସସମ୍ଭ୍ରମଃ ।
ବିନାଜ୍ଞୟା ନୋପବିଶେତ୍ ସଂସ୍ଥିତଃ ପିତୃଶାସନେ ॥ ୮/୩୦–୩୧

—ପିତାମାତାଙ୍କ ସମ୍ମୁଖରେ ଔଦ୍ଧତ୍ୟ, ପରିହାସ, ଚଞ୍ଚଳତା ଓ କ୍ରୋଧପ୍ରକାଶ କରିବ ନାହିଁ । ଯେଉଁ ସନ୍ତାନ ପିତାମାତାଙ୍କୁ କେବେହେଲେ କର୍କଶ କଥା କହେ ନାହିଁ, ସେ ପ୍ରକୃତ ସୁସନ୍ତାନ । ପିତାମାତାଙ୍କୁ ଦର୍ଶନ କରି ସମ୍ଭ୍ରମ ସହକାରେ ପ୍ରଣାମ କରିବ, ସେମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ରହିବ, ଯେପର୍ଯ୍ୟନ୍ତ ସେମାନେ ବସିବା ପାଇଁ ଅନୁମତି ନ ଦେଇଛନ୍ତି ସେ ପର୍ଯ୍ୟନ୍ତ ବସିବ ନାହିଁ ।

ମାତରଂ ପିତରଂ ପୁତ୍ରଂ ଦାରାନତିଥିସୋଦରାନ୍ ।
ହିତ୍ୱା ଗୃହୀ ନ ଭୁଞ୍ଜୀୟାତ୍ ପ୍ରାଣୈଃ କଣ୍ଠଗତୈରପି ॥
ବଞ୍ଚୟିତ୍ୱା ଗୁରୂନ୍ ବନ୍ଧୁନ ଯୋ ଭୁଙ୍କ୍ତେ ସ୍ୱୋଦରମ୍ଭରଃ ।
ଇହୈବ ଲୋକେ ଗର୍ହ୍ୟୋଽସୌପରତ୍ର ନାରକୀ ଭବତ୍ ॥ ୮/୩୩–୩୪

—ମାତା, ପିତା, ପୁତ୍ର, ପତ୍ନୀ, ଭ୍ରାତା ଓ ଅତିଥିଙ୍କୁ ଭୋଜନ ନ କରାଇ ଯେ ଗୃହୀ ନିଜର ଉଦର ପୂରଣ କରେ, ସେ ପାପୀ ।

ଜନନ୍ୟା ବର୍ଦ୍ଧିତୋ ଦେହୋ ଜନକେନ ପ୍ରଯୋଜିତଃ ।
ସ୍ୱଜନୈଃ ଶିକ୍ଷିତଃ ପ୍ରୀତ୍ୟା ସୋଧମସ୍ତାନ୍ ପରିତ୍ୟଜେତ ॥
ଏଷାମର୍ଥେ ମହେଶାନି କୃତ୍ୱା କଷ୍ଟଶତାନ୍ୟପି ।
ପ୍ରୀଣୟେତ୍ ସତତଂ ଶକ୍ତ୍ୟା ଧର୍ମୋ ହ୍ୟେଷ ସନାତନଃ ॥ ୮/୩୬–୩୭

—ପିତାମାତାଙ୍କଠାରୁ ଏ ଦେହ ଉତ୍ପନ୍ନ ହୋଇଅଛି, ଅତଏବ ଶତସହସ୍ର କଷ୍ଟ ସ୍ୱୀକାର କରି ମଧ୍ୟ ସେମାନଙ୍କର ପ୍ରୀତିସାଧନ କରିବା ଉଚିତ ।

ନ ଭାର୍ଯ୍ୟାଂ ତାଡ଼ୟେଦ୍ କ୍ୱାପି ମାତୃବତ୍ ପାଳୟେଦ୍ ସଦା ।
ନ ତ୍ୟଜେଦ୍ ଘୋରକଷ୍ଟେଽପି ଯଦି ସାଧ୍ୱୀ ପତିବ୍ରତା ॥
ସ୍ଥିତେଷୁ ସ୍ୱୀୟଦାରେଷୁ ସ୍ତ୍ରିୟମନ୍ୟାଂ ନ ସଂସ୍ପୃଶେତ୍ ।
ଦୁଷ୍ଟେନ ଚେତସା ବିଦ୍ୱାନ୍ ଅନ୍ୟଥା ନାରକୀ ଭବେତ୍ ॥
ବିରଳେ ଶୟନଂ ବାସଂ ତ୍ୟଜେତ୍ ପ୍ରାଜ୍ଞଃ ପରସ୍ତ୍ରିୟା ।
ଅଯୁକ୍ତଭାଷଣଞ୍ଚୈବ ସ୍ତ୍ରିୟଂ ଶୌର୍ଯ୍ୟଂ ନ ଦର୍ଶୟେତ ॥
ଧନେନ ବାସସା ପ୍ରେମ୍ଣା ଶ୍ରଦ୍ଧୟାମୃତଭାଷଣୈଃ ।
ସତତଂ ତୋଷୟେଦ୍ଦାରାନ୍ ନାପ୍ରିୟଂ କ୍ୱଚିଦାଚରେତ୍ ॥ ୮/୩୯-୪୨
ଯସ୍ମିନ୍ନରେ ମହେଶାନି ତୁଷ୍ଟା ଭାର୍ଯ୍ୟା ପତିବ୍ରତା ।
ସର୍ବୋଧର୍ମଃ କୃତସ୍ତେନ ଭବତି ପ୍ରିୟ ଏବ ସଃ ॥ ୮/୪୪

—ନିଜ ଭାର୍ଯ୍ୟା ପ୍ରତି ମଧ୍ୟ ଗୃହସ୍ଥର ନିମ୍ନଲିଖିତ କର୍ତ୍ତବ୍ୟ ଅଛି: ଗୃହୀ ବ୍ୟକ୍ତି ପତ୍ନୀଙ୍କୁ କେବେହେଲେ ତାଡ଼ନା କରିବେ ନାହିଁ, ତାଙ୍କୁ ସର୍ବଦା ମାତୃବତ୍ ପାଳନ କରିବେ । ଯଦି ସେ ସାଧ୍ୱୀ ଓ ପତିବ୍ରତା ହୁଅନ୍ତି, ତେବେ ଘୋର କଷ୍ଟରେ ପଡ଼ିଲେ ମଧ୍ୟ ତାଙ୍କୁ ତ୍ୟାଗ କରିବେ ନାହିଁ । ବିଦ୍ୱାନ ବ୍ୟକ୍ତି ନିଜ ପତ୍ନୀଙ୍କ ଜୀବିତାବସ୍ଥାରେ ଅନ୍ୟ ସ୍ତ୍ରୀକୁ ଦୂଷିତ ଚିତ୍ତରେ ସ୍ପର୍ଶ କରିବେ ନାହିଁ । ଏପରି କଲେ ତାଙ୍କର ନରକଗତି ହୋଇଥାଏ । ପ୍ରାଜ୍ଞ ବ୍ୟକ୍ତି ପର ସ୍ତ୍ରୀ ସହିତ ନିର୍ଜନରେ ଶୟନ ବା ବାସ କରିବେ ନାହିଁ । ସ୍ତ୍ରୀଲୋକମାନଙ୍କ ସମ୍ମୁଖରେ ଅଶିଷ୍ଟ ବାକ୍ୟ କହିବେ ନାହିଁ କିମ୍ବା ନିଜର ବାହାଦୁରି ମଧ୍ୟ ଦେଖାଇବେ ନାହିଁ । ଧନ, ବସ୍ତ୍ର, ପ୍ରେମ, ଶ୍ରଦ୍ଧା, ବିଶ୍ୱାସ ଓ ଅମୃତତୁଲ୍ୟ ବାକ୍ୟ ଦ୍ୱାରା ପତ୍ନୀଙ୍କର ସନ୍ତୋଷ ବିଧାନ କରିବେ । କେବେହେଲେ ତାଙ୍କ ପ୍ରତି ଅପ୍ରିୟ ଆଚରଣ କରିବେ ନାହିଁ । ହେ ପାର୍ବତୀ, ଯେଉଁ ବ୍ୟକ୍ତିଙ୍କ ଉପରେ ପତିବ୍ରତା ଭାର୍ଯ୍ୟା ତୁଷ୍ଟା ଥାଆନ୍ତି, ସେ ସମୁଦାୟ ଧର୍ମ ଆଚରଣ କରିଛନ୍ତି ଏବଂ ସେ ତୁମର ପ୍ରିୟ ।

ଚତୁର୍ବର୍ଷାବଧି ସୁତାନ୍ ଲାଳୟେତ ପାଳୟେତ୍ ପିତା ।
ତତଃ ଷୋଡ଼ଶପର୍ଯ୍ୟନ୍ତଂ ଗୁଣାନ୍ ବିଦ୍ୟାଞ୍ଚ ଶିକ୍ଷୟେତ୍ ॥
ବିଂଶତ୍ୟବ୍ଦାଧିକାନ୍ ପୁତ୍ରାନ୍ ପ୍ରେଷୟେଦ୍ ଗୃହକର୍ମସୁ ।
ତତସ୍ତାଂସ୍ତୁଲ୍ୟଭାବେନ ମତ୍ୱା ସ୍ନେହଂ ପ୍ରଦର୍ଶୟେତ୍ ॥
କନ୍ୟାପ୍ୟେବଂ ପାଳନୀୟା ଶିକ୍ଷଣୀୟାତିଯତ୍ନତଃ ।
ଦେୟା ବରାୟ ବିଦୁଷେ ଧନରତ୍ନସମନ୍ୱିତା ॥ ୮/୪୫-୪୭

—ପୁତ୍ରକନ୍ୟାଙ୍କ ପ୍ରତି ଗୃହସ୍ଥର କର୍ତ୍ତବ୍ୟ ଏହିପରି : ଚାରି ବର୍ଷ ବୟସ ପର୍ଯ୍ୟନ୍ତ ପୁତ୍ରମାନଙ୍କୁ ଲାଳନ ପାଳନ କରିବ, ପରେ ଷୋଡ଼ଶ ବର୍ଷ ପର୍ଯ୍ୟନ୍ତ ନାନାବିଧ ସଦ୍‌ଗୁଣ ଓ ବିଦ୍ୟା ଶିକ୍ଷା ଦେବ, ବିଂଶତି ବର୍ଷ ବୟସ ଅତିକ୍ରମ କଲେ ସେମାନଙ୍କୁ ଗୃହକର୍ମରେ ନିଯୁକ୍ତ କରିବ । ତା'ପରେ ଆତ୍ମତୁଲ୍ୟ ବିବେଚନା କରି ସେମାନଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବ । ଏହିପରି କନ୍ୟାକୁ ମଧ୍ୟ ପାଳନ କରିବାକୁ ହେବ, ଅତି ଯତ୍ନପୂର୍ବକ ଶିକ୍ଷା ଦେବାକୁ ହେବ ଏବଂ ଧନରତ୍ନ ସହିତ ବିଦ୍ୱାନ୍ ବରକୁ ସମ୍ପ୍ରଦାନ କରିବାକୁ ହେବ ।

ଏବଂ କ୍ରମେଣ ଭ୍ରାତୃଂଶ୍ଚ ସ୍ୱସୃଭାତସୁତାନପି ।
ଜ୍ଞାତୀନ୍ ମିତ୍ରାଣି ଭୃତ୍ୟାଂଶ୍ଚ ପାଳୟେତ୍ତୋଷୟେଦ୍ ଗୃହୀ ॥
ତତଃ ସ୍ୱଧର୍ମନିରତାନେକଗ୍ରାମନିବାସିନଃ ।
ଅଭ୍ୟାଗତାନୁଦାସୀନାନ ଗୃହସ୍ଥଃ ପରିପାଳୟେତ୍ ॥
ଯଦ୍ୟେବଂ ନାଚରେଦ୍ଦେବି ଗୃହସ୍ଥୋ ବିଭବେ ସତି ।
ପଶୁରେବ ସ ବିଜ୍ଞେୟଃ ସ ପାପୀ ଲୋକଗର୍ହିତଃ ॥ ୮/୪୮-୫୦

—ଗୃହୀ ବ୍ୟକ୍ତି ଏହି ପ୍ରକାରେ ଭ୍ରାତା-ଭଗିନୀ, ଭ୍ରାତୁଷ୍ପୁତ୍ର, ଭାଗିନେୟ, ଜ୍ଞାତି, ବନ୍ଧୁ ଓ ଭୃତ୍ୟମାନଙ୍କୁ ପ୍ରତିପାଳନ ଏବଂ ସେମାନଙ୍କର ସନ୍ତୋଷ ବିଧାନ କରିବେ । ଏତଦ୍‌ବ୍ୟତୀତଗୃହସ୍ଥ ବ୍ୟକ୍ତି ସ୍ୱଧର୍ମନିରତ, ଏକ ଗ୍ରାମବାସୀ, ଅଭ୍ୟାଗତ ଓ ଉଦାସୀନଗଣଙ୍କୁ ପରିପାଳନ କରିବେ । ହେ ଦେବୀ ! ବିଭବ ସତ୍ତ୍ୱେ ଯଦି ଗୃହସ୍ଥ ଏହିପରି ଆଚରଣ ନ କରନ୍ତି, ତେବେ ତାଙ୍କୁ ପଶୁତୁଲ୍ୟ ବୁଝିବାକୁ ହେବ; ସେ ଜନସମାଜରେ ନିନ୍ଦନୀୟ ଓ ପାପୀ ।

ନିଦ୍ରାଳସ୍ୟଂ ଦେହଯତ୍ନଂ କେଶବିନ୍ୟାସମେବ ଚ ।
ଆସକ୍ତିମଶନେ ବସ୍ତ୍ର ନାତିରିକ୍ତଂ ସମାଚରେଦ୍ ॥
ଯୁକ୍ତାହାରୋ ଯୁକ୍ତନିଦ୍ରୋ ମିତବାଙ୍‌ମିତମୈଥୁନଃ ।
ସ୍ୱଚ୍ଛୋ ନମ୍ରଃ ଶୁଚିର୍ଦକ୍ଷୋ ଯୁକ୍ତଃ ସ୍ୟାଦ୍ ସର୍ବକର୍ମସୁ ॥ ୮/୫୧-୫୨

—ଗୃହୀ ବ୍ୟକ୍ତି ଅତିରିକ୍ତ ନିଦ୍ରା, ଆଳସ୍ୟ, ଦେହର ଯତ୍ନ, କେଶବିନ୍ୟାସ ଏବଂ ଅଶନବସନରେ ଆସକ୍ତି ତ୍ୟାଗ କରିବେ । ଗୃହୀ ବ୍ୟକ୍ତି ଆହାର, ନିଦ୍ରା, ବାକ୍ୟ ଓ ମୈଥୁନ—ଏହିସବୁ ପରିମିତଭାବରେ କରିବେ । ଗୃହସ୍ଥ ଅକପଟ, ନମ୍ର,ବାହ୍ୟାନ୍ତର ଶୌଚସମ୍ପନ୍ନ, ନିରାଳସ୍ୟ ଓ ଉଦ୍ୟୋଗଶୀଳ ହେବେ ।

ଶୂରଃ ଶତ୍ରୌ ବିନୀତଃ ସ୍ୟାଦ୍ ବାନ୍ଧବେ ଗୁରୁସନ୍ନିଧୌ ॥ ୮/୫୩

—ଗୃହୀ ବ୍ୟକ୍ତି ଶତ୍ରୁ ସମକ୍ଷରେ ଶୌର୍ଯ୍ୟ ବୀର୍ଯ୍ୟ ଅବଲମ୍ବନ କରିବେ ଏବଂ ଗୁରୁ ଓ ବନ୍ଧୁମାନଙ୍କ ସମୀପରେ ବିନୀତ ହେବେ ।

ଶତ୍ରୁମାନଙ୍କୁ ବୀର୍ଯ୍ୟପ୍ରକାଶ କରି ଶାସନ କରିବାକୁ ହେବ । ଏହା ଗୃହସ୍ଥର ଅବଶ୍ୟ କର୍ତ୍ତବ୍ୟ । ଗୃହସ୍ଥ ଘରକୋଣରେ ବସି ରୋଦନ କରିବେ ନାହିଁ, ପ୍ରତିକାର ଶୂନ୍ୟ ହୋଇ ରହିବେ ନାହିଁ । ଗୃହସ୍ଥ ଯଦି ଶତ୍ରୁମାନଙ୍କ ନିକଟରେ ଶୌର୍ଯ୍ୟ ପ୍ରଦର୍ଶନ ନ କରନ୍ତି, ତାହାହେଲେ ତାଙ୍କର କର୍ତ୍ତବ୍ୟରେ ସେ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ବୁଝିବାକୁ ହେବ; କିନ୍ତୁ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ଗୁରୁଙ୍କ ନିକଟରେ ମେଷତୁଲ୍ୟ ଶାନ୍ତ ନିରୀହଭାବ ଅବଲମ୍ବନ କରିବେ ।

ଜୁଗୁପ୍‌ସିତାନ ନ ମନ୍ୟେତ ନାବମନ୍ୟେତ ମାନିନଃ ॥ ୮/୫୩

—ନିନ୍ଦିତ ଅସତ୍ ବ୍ୟକ୍ତିଗଣଙ୍କୁ ସମ୍ମାନ ଦେବ ନାହିଁ ଏବଂ ସମ୍ମାନର ଯୋଗ୍ୟ ବ୍ୟକ୍ତିଗଣଙ୍କୁ ଅବମାନନା କରିବ ନାହିଁ ।

ଅସତ୍ ବ୍ୟକ୍ତିକୁ ସମ୍ମାନ ପ୍ରଦର୍ଶନ କରିବା ଗୃହୀର କର୍ତ୍ତବ୍ୟ ନୁହେଁ; କାରଣ ଏହାଦ୍ୱାରା ଅସତ୍ ବିଷୟକୁ ହିଁ ପ୍ରଶ୍ରୟ ଦିଆଯାଏ । ପୁଣି ଯେଉଁମାନେ ସମ୍ମାନର ଅଧିକାରୀ ସେମାନଙ୍କୁ ଯଦି ଗୃହସ୍ଥ ସମ୍ମାନ ପ୍ରଦର୍ଶନ ନ କରନ୍ତି, ତାହା ମଧ୍ୟ ତାଙ୍କ ପକ୍ଷରେ ଅନ୍ୟାୟ ।

ସୌହାର୍ଦ୍ଦ୍ୟଂ ବ୍ୟବହାରାଂଶ୍ଚ ପ୍ରବୃତ୍ତିଂ ପ୍ରକୃତିଂ ନୃଣାମ୍ ।
ସହବାସେନ ତର୍କୈଶ୍ଚ ବିଦିତ୍ୱା ବିଶ୍ୱସେତ୍ତତଃ ॥ ୮/୫୪

—ଏକତ୍ରବାସ ଓ ସବିଶେଷ ପର୍ଯ୍ୟାଲୋଚନାଦ୍ୱାରା ଲୋକର ବନ୍ଧୁତ୍ୱ, ବ୍ୟବହାର, ପ୍ରବୃତ୍ତି ଓ ପ୍ରକୃତି ଜାଣି ସେମାନଙ୍କ ଉପରେ ବିଶ୍ୱାସ କରିବା ଉଚିତ ।

ଗୃହସ୍ଥ ଯେ କୌଣସି ବ୍ୟକ୍ତି ସହିତ ବନ୍ଧୁତ୍ୱ କରିବେ ନାହିଁ, ସେ ଯେ କୌଣସି ସ୍ଥାନକୁ ଯାଇ ଅଜ୍ଞାତ ଲୋକ ସହିତ ହଠାତ୍ ବନ୍ଧୁତ୍ୱ କରିବେ ନାହିଁ । ପ୍ରଥମତଃ ଯେଉଁମାନଙ୍କ ସହିତ ବନ୍ଧୁତ୍ୱ କରିବାର ଇଚ୍ଛା, ସେମାନଙ୍କର କାର୍ଯ୍ୟକଳାପ ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ସହିତ ସେମାନଙ୍କର ବ୍ୟବହାର ବିଶେଷ ଭାବରେ ପର୍ଯ୍ୟବେକ୍ଷଣ କରି, ସେଗୁଡ଼ିକୁ ଭଲଭାବରେ ବିଚାର କରି ତାଙ୍କ ସହିତ ବନ୍ଧୁତ୍ୱ ପ୍ରତିଷ୍ଠା କରିବା ଉଚିତ ।

ସ୍ୱୀୟଂ ଯଶଃ ପୌରୁଷଞ୍ଚ ଗୁପ୍ତୟେ କଥିତଞ୍ଚ ଯତ୍ ।
କୃତଂ ଯଦୁପକାରାୟ ଧର୍ମଜ୍ଞୋ ନ ପ୍ରକାଶୟେତ୍ ॥ ୮/୫୬

—ଗୃହସ୍ଥ ତିନୋଟି ବିଷୟରେ କିଛି କହିବେ ନାହିଁ । ନିଜ ଯଶ ଓ ପୌରୁଷ, ଅନ୍ୟଙ୍କ ଦ୍ୱାରା କଥିତ ଗୁପ୍ତକଥା ଏବଂ ଜଣଙ୍କ ଉପକାରାର୍ଥ ସେ ଯାହା କରିଛନ୍ତି, ତାହା ଧର୍ମଜ୍ଞ ଗୃହସ୍ଥ ସର୍ବସାଧାରଣଙ୍କ ନିକଟରେ ପ୍ରକାଶ କରିବେ ନାହିଁ ।

ଗୃହସ୍ଥ ନିଜକୁ ଦରିଦ୍ର ବା ଧନୀ ବୋଲି ପ୍ରକାଶ କରିବେ ନାହିଁ । ସେ ନିଜେ ଧନର ଗର୍ବ କରିବେ ନାହିଁ । ଏ ବିଷୟ ସେ ଗୋପନରେ ରଖିବେ । ଏହା ହିଁ ତାଙ୍କର ଧର୍ମ; ଏହା କେବଳ ତାଙ୍କର ସାଂସାରିକ ବିଜ୍ଞତାର ଅନ୍ତର୍ଭୁକ୍ତ ନୁହେଁ । ଯଦି କେହି ଏପରି ଆଚରଣ ନ କରନ୍ତି, ତେବେ ତାଙ୍କୁ ଦୁର୍ନୀତିପରାୟଣ ବୋଲି କୁହାଯାଇପାରେ ।

ଗୃହସ୍ଥ ହିଁ ସମଗ୍ର ସମାଜର ମୂଳଭିତ୍ତି ଓ ଅବଲମ୍ବନ ସ୍ୱରୂପ, ସେ ପ୍ରଧାନ ଧନ ଉପାର୍ଜନକାରୀ । ଦରିଦ୍ର ଓ ଦୁର୍ବଳ ଏବଂ ବାଳକ-ବାଳିକା ଓ ସ୍ତ୍ରୀଲୋକମାନେ—ଯେଉଁମାନେ (ଘର ବାହାରେ) କୌଣସି କାମ କରନ୍ତି ନାହିଁ- ସେମାନେ ସମସ୍ତେ ଗୃହସ୍ଥ ଉପରେ ନିର୍ଭର କରନ୍ତି । ଅତଏବ ଗୃହସ୍ଥକୁ କେତେଗୁଡ଼ିଏ କର୍ତ୍ତବ୍ୟ କରିବାକୁ ହେବ ଏବଂ ସେହି କର୍ତ୍ତବ୍ୟଗୁଡ଼ିକ ଏପରି ହେବା ଉଚିତ, ଯେପରିକି ସେଗୁଡ଼ିକ ସାଧନା କରୁ କରୁ ସେ ଦିନକୁ ଦିନ ନିଜ ହୃଦୟରେ ଶକ୍ତିର ବିକାଶ ଅନୁଭବ କରିବେ, ସେ ଯେପରି ମନେ ନ କରନ୍ତି ଯେ ସେ ନିଜ ଆଦର୍ଶ ଅନୁସାରେ କାର୍ଯ୍ୟ କରୁନାହାନ୍ତି । ଏହି କାରଣରୁ—

ଜୁଗୁପ୍ସିତପ୍ରବୃତ୍ତୌ ଚ ନିଶ୍ଚିତେଽପି ପରାଜୟେ ।
ଗୁରୁଣା ଲଘୁନା ଚାପି ଯଶସ୍ୱୀ ନ ବିବାଦୟେତ୍ ॥ ୮/୫୭

—ଯଦି ଗୃହସ୍ଥ କେବେ କୌଣସି ଅନ୍ୟାୟ ବା ନିନ୍ଦିତ କାର୍ଯ୍ୟ କରନ୍ତି ଅଥବା ଏପରି କୌଣସି କାମରେ ନିଯୁକ୍ତ ହୁଅନ୍ତି, ଯଦ୍ଦ୍ୱାରା ସେ ନିଶ୍ଚୟ ଅକୃତକାର୍ଯ୍ୟ ହେବେ, ତାହା ମଧ୍ୟ ସେ ସାଧାରଣଙ୍କ ନିକଟରେ ପ୍ରକାଶ କରିବେ ନାହିଁ । ନିଜର ଦୋଷ ପ୍ରକାଶ କରିବାର କୌଣସି ପ୍ରୟୋଜନ ତ ନାହିଁ, ଅଧିକନ୍ତୁ ଏହାଦ୍ୱାରା ନିରୁତ୍ସାହିତ ହୋଇ ଯଥାଯଥ କର୍ତ୍ତବ୍ୟ ପାଳନ ସେ କରିପାରନ୍ତି ନାହିଁ । ସେ ଯେଉଁ ଅନ୍ୟାୟ କରିଛନ୍ତି, ସେଥିପାଇଁ ତାଙ୍କୁ ପରିଣତି ଭୋଗିବାକୁ ହିଁ ପଡ଼ିବ, ଏବଂ ତାଙ୍କୁ ପୁନରାୟ ଚେଷ୍ଟା କରିବାକୁ ହେବ, ଯେପରି କି ସେ ଭବିଷ୍ୟତରେ ତାହା ଭଲ ଭାବରେ କରିପାରନ୍ତି । ଜଗତ ସର୍ବଦା ଶକ୍ତିମାନ୍ ଓ ଦୃଢ଼ଚିତ୍ତ ବ୍ୟକ୍ତିମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିଥାଏ ।

ଗୃହସ୍ଥଙ୍କୁ ଜ୍ଞାନ ଓ ତତ୍‌ସହିତ ଧନ ମଧ୍ୟ ଉପାର୍ଜନ ପାଇଁ ପ୍ରାଣପଣେ ଚେଷ୍ଟା କରିବାକୁ ହେବ । ଏହା ହିଁ ତାଙ୍କର କର୍ତ୍ତବ୍ୟ । ଗୃହସ୍ଥ ଯଦି ତାଙ୍କର ଏହି କର୍ତ୍ତବ୍ୟ ପାଳନ ନ କରନ୍ତି, ତେବେ ସେ ଗୃହସ୍ଥ ପଦବାଚ୍ୟ ନୁହଁନ୍ତି । ଯଦି କୌଣସି ଗୃହସ୍ଥ ଅର୍ଥୋପାର୍ଜନ ପାଇଁ ଚେଷ୍ଟା ନ କରନ୍ତି ତେବେ ସେ ଦୁର୍ନୀତିପରାୟଣ । ଯଦି ସେ ଆଳସ୍ୟରେ ଜୀବନଯାପନ କରି ସେଥିରେ ସନ୍ତୁଷ୍ଟ ରହନ୍ତି, ତେବେ ସେ ଅସତ୍ ପ୍ରକୃତିର ବୋଲି କହିବାକୁ ହେବ, କାରଣ ତାଙ୍କ ଉପରେ ବହୁ ବ୍ୟକ୍ତି ନିର୍ଭର କରୁଛନ୍ତି ଓ ଯଦି ସେ ଯଥେଷ୍ଟ ଧନ ଉପାର୍ଜନ ନକରନ୍ତି ତେବେ ସେମାନଙ୍କର ଭରଣପୋଷଣ ଅସମ୍ଭବ ହେବ ।

ଯଦି ଏହି ସହରରେ ବହୁ ସଂଖ୍ୟକ ଲୋକେ ଧନୀ ନ ହୋଇଥାନ୍ତେ, ତେବେ ଏହି ସଭ୍ୟତା-ଦରିଦ୍ରାଳୟ ଓ ବଡ଼ ବଡ଼ କୋଠାଘର ସବୁ କେଉଁଠି ଥାଆନ୍ତା ?

ତେଣୁ ଅର୍ଥୋପାର୍ଜନ କରିବା ଅନ୍ୟାୟ ନୁହେଁ, କାରଣ ଏ ଅର୍ଥ ବିତରଣ ପାଇଁ ଲବ୍‌ଧ । ଗୃହସ୍ଥ ହିଁ ଜୀବନ ଓ ସମାଜର କେନ୍ଦ୍ର । ଅର୍ଥୋପାର୍ଜନ ଓ ସତ୍‌କାର୍ଯ୍ୟରେ ଅର୍ଥ ବ୍ୟୟ କରିବା ତାଙ୍କ ପକ୍ଷରେ ଉପାସନା ସଦୃଶ, କାରଣ ଯେଉଁ ଗୃହସ୍ଥ ସଦୁପାୟ ଓ ସଦୁଦ୍ଦେଶ୍ୟରେ ଧନୀ ହେବାର ଚେଷ୍ଟା କରୁଛନ୍ତି, ତାହା ଜଣେ ସନ୍ନ୍ୟାସୀ ନିଜ କୁଟୀରରେ ବସି ଉପାସନା କଲେ ଯେପରି ତାଙ୍କର ମୁକ୍ତିଲାଭର ସହାୟକ ହୁଏ, ଠିକ୍ ସେହିପରି । କାରଣ ଉଭୟଙ୍କ ମଧ୍ୟରେ ଆମେ ଈଶ୍ୱର ଓ ତାଙ୍କ ସୃଷ୍ଟି ଜଗତ ଉପରେ ଭକ୍ତିପୂର୍ଣ୍ଣ ଆତ୍ମସମର୍ପଣ ଓ ତ୍ୟାଗରୂପକ ଏକମାତ୍ର ଧର୍ମଭାବର ବିଭିନ୍ନ ବିକାଶ ଦେଖିବାକୁ ପାଉ ।

ବିଦ୍ୟାଧନଯଶୋଧର୍ମାନ୍ ଯତମାନ ଉପାର୍ଜୟେତ୍ ।
ବ୍ୟସନଞ୍ଚାସତାଂ ସଙ୍ଗଂ ମିଥ୍ୟା ଦ୍ରୋହଂ ପରିତ୍ୟଜେତ୍ ॥ ୮/୫୮

—ଗୃହସ୍ଥ ଯତ୍ନପୂର୍ବକ ବିଦ୍ୟା, ଧନ, ଯଶ, ଧର୍ମ ଉପାର୍ଜନ କରିବେ ଏବଂ ବ୍ୟସନ (ଦ୍ୟୁତକ୍ରୀଡ଼ାଦି), ଅସତ୍‌ସଙ୍ଗ, ମିଥ୍ୟାବାକ୍ୟ ଓ ହିଂସା, ଅନିଷ୍ଟାଚରଣ ବା ଶଠତା ପରିତ୍ୟାଗ କରିବେ ।

ଅନେକ ସମୟରେ ଲୋକେ ନିଜ ନିଜର ସାଧ୍ୟାତୀତ କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି ଏବଂ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଅନ୍ୟକୁ ପ୍ରତାରଣା ମଧ୍ୟ କରିଥାଆନ୍ତି । ପୁନଶ୍ଚ:-

ଅବସ୍ଥାନୁଗତାଶ୍ଚେଷ୍ଟା ସମୟାନୁଗତାଃ କ୍ରିୟାଃ ।
ତସ୍ମାଦବସ୍ଥାଂ ସମୟଂ ବୀକ୍ଷ୍ୟ କର୍ମ ସମାଚରେତ୍ ॥ ୮/୫୯

—ଚେଷ୍ଟା ଅବସ୍ଥାର ଅନୁଗତ ଏବଂ କ୍ରିୟା ସମୟର ଅନୁଗତ । ଅତଏବ ଅବସ୍ଥା ଓ ସମୟ ଅନୁସାରେ ହିଁ କର୍ମ କରିବ । ସବୁ ବିଷୟରେ ଏହି ସମୟ ପ୍ରତି ବିଶେଷ ଦୃଷ୍ଟି ରଖିବାକୁ ହେବ । ଏକ ସମୟରେ ଯହିଁରେ ଆମେ ବିଫଳ ହେଲୁ, ଅନ୍ୟ ଏକ ସମୟରେ ପୁଣି ହୁଏତ ସେଥିରୁ ଆଶାତୀତ ସାଫଲ୍ୟ ଲାଭ କରିବୁ ।

ସତ୍ୟଂ ମୃଦୁ ପ୍ରିୟଂ ଧୀରୋ ବାକ୍ୟଂ ହିତକରଂ ବଦେତ୍ ।
ଆତ୍ମୋତ୍‌କର୍ଷନ୍ତଥା ନିନ୍ଦାଂ ପରେଷାଂ ପରିବର୍ଜୟେତ୍ ॥ ୮/୬୨

—ଧୀର ଗୃହସ୍ଥ ବ୍ୟକ୍ତି ସତ୍ୟ, ମୃଦୁ, ପ୍ରିୟ ଓ ହିତକର କଥା କହିବେ । ସେ ନିଜର ଯଶଗାନ କରିବେ ନାହିଁ ଏବଂ ପର ନିନ୍ଦା ପରିତ୍ୟାଗ କରିବେ ।

ଜଳାଶୟାଶ୍ଚ ବୃକ୍ଷାଶ୍ଚ ବିଶ୍ରାମଗୃହମଧ୍ୱନି ।

ସେତୁଃ ପ୍ରତିଷ୍ଠିତୋ ଯେନ ତେନ ଲୋକତ୍ରୟଂ ଜିତମ୍ ॥ ୮/୬୩

—ଯେ ବ୍ୟକ୍ତି ଜଳାଶୟ ଖନନ, ବୃକ୍ଷରୋପଣ, ପଥ ମଧ୍ୟରେ ବିଶ୍ରାମଗୃହ ଓ ସେତୁ ନିର୍ମାଣ କରି ଜନସାଧାରଣଙ୍କ ପାଇଁ ତାହା ଉତ୍ସର୍ଗ କରନ୍ତି, ସେ ତ୍ରିଭୁବନ ଜୟ କରିଥାଆନ୍ତି । ବଡ଼ ବଡ଼ ଯୋଗୀମାନେ ଯେଉଁ ପଦକୁ ପ୍ରାପ୍ତ ହୁଅନ୍ତି, ସେ ମଧ୍ୟ ଏହି ସକଳ ସତ୍‌କର୍ମ କରି ସେହି ଦିଗରେ ଅଗ୍ରସର ହୁଅନ୍ତି ।

ଏହା ମଧ୍ୟ କର୍ମଯୋଗ—ଗୃହସ୍ଥର କର୍ତ୍ତବ୍ୟ ଓ ଅବଶ୍ୟ କର୍ମ । ଉକ୍ତ ତନ୍ତ୍ରଗ୍ରନ୍ଥରେ ହିଁ ଅନ୍ୟତ୍ର ଆଉ ଗୋଟିଏ ଶ୍ଳୋକ ଆମେ ଦେଖିବାକୁ ପାଉ :

ନ ବିଭେତି ରଣାଦ୍ ଯୋ ବୈ-ସଂଗ୍ରାମେଽପ୍ୟପରାଙ୍‌ମୁଖଃ ।
ଧର୍ମଯୁଦ୍ଧେ ମୃତୋ ବାପି ତେନ ଲୋକତ୍ରୟଂ ଜିତମ୍ ॥ ୮/୬୭

—ଯେ ଯୁଦ୍ଧକୁ ଭୟ କରନ୍ତି ନାହିଁ, ଯେ ସଂଗ୍ରାମରେ ଅପରାଙ୍‌ମୁଖ ବା ଯେ ଧର୍ମଯୁଦ୍ଧରେ ମୃତ ହୁଅନ୍ତି, ସେ ତ୍ରିଭୁବନ ଜୟ କରନ୍ତି । ଯଦି ସ୍ୱଦେଶ ବା ସ୍ୱଧର୍ମ ପାଇଁ ଯୁଦ୍ଧ କରି ଗୃହସ୍ଥର ମୃତ୍ୟୁ ହୁଏ, ତେବେ ଯୋଗୀଗଣ ଧ୍ୟାନଦ୍ୱାରା ଯେଉଁ ପଦ ଲାଭ କରନ୍ତି, ସେ ମଧ୍ୟ ସେହି ପଦ ପ୍ରାପ୍ତ ହୋଇଥାଆନ୍ତି । ତେଣୁ ଏହା ସ୍ପଷ୍ଟ ଯେ, ଜଣକ ପକ୍ଷରେ ଯାହା କର୍ତ୍ତବ୍ୟ, ଅନ୍ୟ ଜଣକ ପକ୍ଷରେ ତାହା କର୍ତ୍ତବ୍ୟ ନ ହୋଇପାରେ । ଶାସ୍ତ୍ର କୌଣସି ହେଲେ କର୍ତ୍ତବ୍ୟ କର୍ମକୁ ହୀନ ବା ଉନ୍ନତ କହେ ନାହିଁ । ଦେଶ-କାଳ-ପାତ୍ର ଅନୁସାରେ କର୍ତ୍ତବ୍ୟ ମଧ୍ୟ ବିଭିନ୍ନ ଏବଂ ଆମେ ଯେଉଁ ଅବସ୍ଥାରେ ରହିଛୁ, ଆମକୁ ତଦୁପଯୋଗୀ କର୍ତ୍ତବ୍ୟ ପାଳନ କରିବାକୁ ହେବ ।

ଏସବୁ ଆଲୋଚନାରୁ ଆମେ ଏହି ଶିକ୍ଷା ଲାଭ କରୁଛୁ ଯେ, ଦୁର୍ବଳତା ମାତ୍ରେ ଘୃଣ୍ୟ ଓ ପରିତ୍ୟାଜ୍ୟ । ଆମର ଦର୍ଶନ, ଧର୍ମ ବା କର୍ମ ଭିତରେ—ଆମର ସମୁଦାୟ ଶାସ୍ତ୍ରୀୟ ଶିକ୍ଷା ମଧ୍ୟରେ—ଏହି ଗୋଟିଏ ଭାବ ମୋର ଖୁବ୍ ପସନ୍ଦ ହୁଏ । ଯଦି ତୁମେ ବେଦ ପାଠକର, ତେବେ ଦେଖିବ ସେଥିରେ 'ଅଭୟ' ଶବ୍ଦଟି ବାରମ୍ବାର ଉକ୍ତ ହୋଇଅଛି । କିଛିହେଲେ ଭୟ କର ନାହିଁ—ଭୟ ଦୁର୍ବଳତାର ଚିହ୍ନ । ଏହି ଦୁର୍ବଳତା ହିଁ ମନୁଷ୍ୟକୁ ଭଗବାନଙ୍କ ପଥରୁ ବିଚ୍ୟୁତ କରି ନାନା ପାପକର୍ମ କରାଏ । ସୁତରାଂ ଜଗତର ଘୃଣା ଓ ଉପହାସ ଆଡ଼କୁ ଆଦୌ ଲକ୍ଷ୍ୟ ନ ରଖି ନିର୍ଭୀକ ଭାବରେ ନିଜ କର୍ତ୍ତବ୍ୟ କରିଯାଅ ।

ଯଦି କେହି ସଂସାରରୁ ଦୂରରେ ରହି ଈଶ୍ୱରଙ୍କ ଉପାସନା କରନ୍ତି, ତେବେ ତାଙ୍କ ପକ୍ଷରେ ଏପରି ଭାବିବା ଉଚିତ ନୁହେଁ ଯେ, ଯେଉଁମାନେ ସଂସାରରେ ରହି ଜଗତର ହିତ ପାଇଁ ଚେଷ୍ଟା କରୁଛନ୍ତି, ସେମାନେ ଈଶ୍ୱରଙ୍କ ଉପାସନା କରୁନାହାନ୍ତି । ପୁଣି ଯେଉଁମାନେ ସ୍ତ୍ରୀ-ପୁତ୍ରାଦିଙ୍କ ପାଇଁ ସଂସାରେ ରହିଛନ୍ତି, ସେମାନେ ଯେପରି ସଂସାରତ୍ୟାଗୀମାନଙ୍କୁ ନୀଚ ବା ଅକର୍ମଣ୍ୟ ବୋଲି ମନେ ନ କରନ୍ତି । ନିଜ ନିଜ କ୍ଷେତ୍ରରେ ସମସ୍ତେ ମହାନ୍ । ଏହା ବୋଧଗମ୍ୟ ହେବା ପାଇଁ ମୁଁ ଏକ ଗଳ୍ପର ଅବତାରଣା କରୁଅଛି ।

କୌଣସି ଦେଶରେ ଜଣେ ରାଜା ଥିଲେ । ତାଙ୍କ ରାଜ୍ୟକୁ ଯଦି କୌଣସି ସାଧୁସନ୍ନ୍ୟାସୀ ଆସନ୍ତି ତେବେ ତାଙ୍କୁ ସେ ପଚାରନ୍ତି, 'ଯେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ହୁଏ; ସେ ବଡ଼, ନା ଯେ ଘରେ ରହି ଗୃହସ୍ଥର ସମୁଦାୟ କର୍ତ୍ତବ୍ୟ ପାଳନ କରେ ସେ ବଡ଼ ?' ଅନେକ ବିଜ୍ଞ ଲୋକ ମଧ୍ୟ ଏହି ସମସ୍ୟାର ମୀମାଂସା କରିବା ପାଇଁ ଚେଷ୍ଟା କଲେ । କେହି କେହି କହିଲେ ଯେ ସନ୍ନ୍ୟାସୀ ବଡ଼ । କିନ୍ତୁ ରାଜା ଏହି କଥାର ପ୍ରମାଣ ଚାହିଁଲେ । ସେମାନେ ଯେତେବେଳେ

କୌଣସି ପ୍ରମାଣ ଦେବାକୁ ଅକ୍ଷମ ହେଲେ, ସେତେବେଳେ ରାଜା ସେମାନଙ୍କୁ ବିବାହ କରି ଗୃହସ୍ଥ ହେବା ପାଇଁ ଆଦେଶ ଦେଲେ । ପୁଣି ଅନ୍ୟ କେହି କେହି ଆସି କହିଲେ ଯେ, ସ୍ୱଧର୍ମପରାୟଣ ଗୃହସ୍ଥ ହିଁ ବଡ଼ । ରାଜା ସେମାନଙ୍କ ନିକଟରୁ ମଧ୍ୟ ପ୍ରମାଣ ଚାହିଁଲେ । ଯେତେବେଳେ ସେମାନେ ପ୍ରମାଣ ଦେଇ ନ ପାରିଲେ, ସେତେବେଳେ ସେମାନଙ୍କୁ ମଧ୍ୟ ସେ ଗୃହସ୍ଥ ହୋଇ ନିଜ ରାଜ୍ୟରେ ବାସ କରିବାକୁ ଆଦେଶ ଦେଲେ ।

ଅବଶେଷରେ ଆସିଲେ ଜଣେ ଯୁବ ସନ୍ନ୍ୟାସୀ; ରାଜା ତାଙ୍କୁ ମଧ୍ୟ ଏହି ପ୍ରଶ୍ନ ପଚାରିବାରୁ ସେ କହିଲେ, 'ହେ ରାଜନ୍, ନିଜ ନିଜ କର୍ମକ୍ଷେତ୍ରରେ ସମସ୍ତେ ବଡ଼ ।' ରାଜା କହିଲେ 'ଏ କଥା ପ୍ରମାଣ କରନ୍ତୁ ।' ସନ୍ନ୍ୟାସୀ କହିଲେ,'ହଁ, ମୁଁ ପ୍ରମାଣ କରିବି; ତେବେ କିଛିଦିନ ଆପଣଙ୍କୁ ମୋ ସହିତ ରହିବାକୁ ହେବ, ତାହା ହେଲେ ମୁଁ ଆପଣଙ୍କୁ ଯାହା କହିଛି, ତାହା ପ୍ରମାଣ କରିପାରିବି ।' ରାଜା ସମ୍ମତ ହେଲେ ଏବଂ ସନ୍ନ୍ୟାସୀଙ୍କ ଅନୁଗାମୀ ହୋଇ ଗୋଟିଏ ପରେ ଗୋଟିଏ ରାଜ୍ୟ ଅତିକ୍ରମ କରି ଏକ ସ୍ଥାନରେ ଉପସ୍ଥିତ ହେଲେ । ସେହି ରାଜ୍ୟର ରାଜଧାନୀରେ ସେତେବେଳେ ମହାସମାରୋହରେ କୌଣସି ଏକ ଉତ୍ସବ ଅନୁଷ୍ଠିତ ହେଉଥିଲା । ରାଜା ଓ ସନ୍ନ୍ୟାସୀ ଉଭୟେ ଢୋଲ ଓ ନାନା ପ୍ରକାରର ବାଦ୍ୟଧ୍ୱନି ଏବଂ ଘୋଷଣାକାରୀମାନଙ୍କ ପାଟି ଶୁଣିଲେ । ଲୋକମାନେ ସୁସଜ୍ଜିତ ଭାବରେ ପଥରେ ଦଳ ଦଳ ହୋଇ ଛିଡ଼ା ହୋଇଛନ୍ତି । ରାଜା ଓ ସନ୍ନ୍ୟାସୀ ଛିଡ଼ା ହୋଇ ଦେଖିବାକୁ ଲାଗିଲେ । ଘୋଷଣାକାରୀ ଚିତ୍କାର କରି କହୁଥାଏ, 'ଆମ ରାଜକନ୍ୟା ସ୍ୱୟମ୍ବରା ହେବେ ।'

ଭାରତରେ ପ୍ରାଚୀନ କାଳରୁ ରାଜକନ୍ୟାମାନଙ୍କର ଏହିପରି ସ୍ୱୟମ୍ବର ପ୍ରଥା ପ୍ରଚଳିତ ଥିଲା । କିପରି ବର ମନୋନୀତ କରିବେ, ସେ ସମ୍ବନ୍ଧରେ ରାଜକନ୍ୟାମାନଙ୍କର ନିଜସ୍ୱ ଧାରଣା ଥିଲା । କେହି କେହି ଚାହୁଁଥିଲେ—ବର ଯେପରି ଅତି ସୁନ୍ଦର ହୁଏ, କାହାରି ପୁଣି ଆକାଂକ୍ଷା ବର ଯେପରି ଅତିଶୟ ବିଦ୍ୱାନ୍ ହୁଏ, କେହି କେହି ପୁଣି ଇଚ୍ଛା କରନ୍ତି ଅତିଶୟ ଧନୀ ବର, ଇତ୍ୟାଦି । ନିକଟବର୍ତ୍ତୀ ରାଜ୍ୟଗୁଡ଼ିକର ରାଜପୁତ୍ରଗଣ ଶ୍ରେଷ୍ଠ ପରିଚ୍ଛଦ ପରିଧାନ-ପୂର୍ବକ ରାଜକନ୍ୟାଙ୍କର ସମ୍ମୁଖୀନ ହେଉଥିଲେ । ତାଙ୍କ ସହିତ ଘୋଷଣାକାରୀମାନେ ମଧ୍ୟ ଥାଆନ୍ତି, ଯେଉଁମାନେ ରାଜପୁତ୍ରଙ୍କ ଗୁଣାବଳୀ, କେଉଁ କାରଣରୁ ସେ ରାଜକନ୍ୟାଙ୍କ ମନୋନୀତ ହେବାର ଯୋଗ୍ୟ ପାତ୍ର, ତାହା ବର୍ଣ୍ଣନା କରନ୍ତି । ସିଂହାସନରେ ସମାସୀନା ସୁସଜ୍ଜିତା ରାଜକନ୍ୟାଙ୍କୁ ସଭାର ଚତୁର୍ଦ୍ଦିଗକୁ ବହନ କରି ନିଆଯାଉଥିଲା । ସେ ସମବେତ ରାଜପୁତ୍ରଗଣଙ୍କୁ ଜଣ ଜଣ କରି ଦେଖୁଥିଲେ ଏବଂ କିଏ କିପରି ଗୁଣବାନ୍ ତାହା ମଧ୍ୟ ଶୁଣୁଥିଲେ । ଏହିପରି ଦେଖି ଶୁଣି ଯଦି ସେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ବାହକମାନଙ୍କୁ ଆଗେଇ ଯିବାକୁ କହନ୍ତି; ସେତେବେଳେ ପ୍ରତ୍ୟାଖ୍ୟାତ ସେହି ପାଣିପ୍ରାର୍ଥୀମାନଙ୍କ ଆଡ଼କୁ ଆଉ କେହି ଦୃଷ୍ଟିପାତ କରନ୍ତି ନାହିଁ । କିନ୍ତୁ ଏମାନଙ୍କ ମଧ୍ୟରୁ କେହି ଯଦି ରାଜକନ୍ୟାମାନଙ୍କ ଦ୍ୱାରା ମନୋନୀତ ହୁଅନ୍ତି, ତେବେ ରାଜକନ୍ୟା ତାଙ୍କ ଗଳ-ଦେଶରେ ବରମାଲ୍ୟ ଅର୍ପଣ କରି ତାଙ୍କୁ ପତି ରୂପେ ବରଣ କରନ୍ତି ।

ଯେଉଁ ଦେଶକୁ ଆମର ପୂର୍ବକଥିତ ରାଜା ଓ ସନ୍ନ୍ୟାସୀ ଆସିଛନ୍ତି, ସେହି ଦେଶର ରାଜକନ୍ୟାଙ୍କର ଏହିପରି ସ୍ୱୟମ୍ବର ସଭା ହେଉଥିଲା । ଏହି ରାଜକନ୍ୟା ପୃଥିବୀରେ ସର୍ବାପେକ୍ଷା ସୁନ୍ଦରୀ ଥିଲେ ଏବଂ ଘୋଷିତ ହୋଇଥିଲା ଯେ, ରାଜାଙ୍କ ମୃତ୍ୟୁପରେ ରାଜକନ୍ୟା ରାଜ୍ୟଲାଭ କରିବେ । ଏହି ରାଜକନ୍ୟାଙ୍କ ଇଚ୍ଛା ଥିଲା ଯେପରି କି ସର୍ବାପେକ୍ଷା ସୁନ୍ଦର ପୁରୁଷକୁ ବିବାହ

କରିବେ; କିନ୍ତୁ ତାଙ୍କ ଚାହିଁବା ଭଳି ସୁପୁରୁଷ ସେଠାରେ ନଥିଲେ । ଅନେକ ଥର ଏହିପରି ସ୍ୱୟମ୍ବର-ସଭା ଆହୂତ ହୋଇଥିଲା; କିନ୍ତୁ ରାଜକନ୍ୟା କାହାରିକୁ ହେଲେ ମନୋନୀତ କରିପାରି ନ ଥିଲେ । ଏଥର ସ୍ୱୟମ୍ବର-ସଭା ସର୍ବାପେକ୍ଷା ବୃହତ୍ ହୋଇଥିଲା । ଏହି ସଭାରେ ପୂର୍ବ ଥର ଅପେକ୍ଷା ଅଧିକ ଲୋକ ସମବେତ ହୋଇଥିଲେ ଏବଂ ଏହି ସଭାର ଦୃଶ୍ୟ ଅତି ଚମତ୍କାର ଓ ଅଦ୍ଭୁତ ହୋଇଥିଲା ।

ସିଂହାସନାରୂଢ଼ା ରାଜକନ୍ୟା ସଭାରେ ପ୍ରବେଶ କଲେ ଏବଂ ବାହକଗଣ ତାଙ୍କୁ ସଭାର ଭିନ୍ନ ଭିନ୍ନ ସ୍ଥାନକୁ ନେବାକୁ ଲାଗିଲେ । କିନ୍ତୁ ରାଜକନ୍ୟା କାହାରିକୁ ହେଲେ ଭ୍ରୂକ୍ଷେପ କଲେ ନାହିଁ । ଏଥର ମଧ୍ୟ ସ୍ୱୟମ୍ବର ସଭା ପୂର୍ବ ପରି ବ୍ୟର୍ଥ ହେବ ଭାବି ସମସ୍ତେ ନିରୁତ୍ସାହିତ ହେବାକୁ ଲାଗିଲେ । ଏପରି ସମୟରେ ଏକ ଯୁବକ ସନ୍ନ୍ୟାସୀ ଆସି ସେଠାରେ ଉପସ୍ଥିତ ହେଲେ; ତାଙ୍କ ରୂପର ପ୍ରଭା ଦେଖି ବୋଧହେଲା, ସେତେ ଯେପରି ସୂର୍ଯ୍ୟଦେବ ଆକାଶ ମାର୍ଗ ତ୍ୟାଗ କରି ଧରାତଳେ ଅବତୀର୍ଣ୍ଣ ହୋଇଛନ୍ତି । ରାଜକନ୍ୟା ଯେତେବେଳେ ତାଙ୍କ ନିକଟବର୍ତ୍ତୀ ହେଲେ ସେତେବେଳେ ସେହି ପରମ ରୂପବାନ୍ ସନ୍ନ୍ୟାସୀଙ୍କୁ ଦେଖି ବାହକମାନଙ୍କୁ ଅଟକାଇ ସନ୍ନ୍ୟାସୀଙ୍କ ଗଳଦେଶରେ ବରମାଲ୍ୟ ଅର୍ପଣ କଲେ । ଯୁବକ ସନ୍ନ୍ୟାସୀ ମାଳା ଛିଣ୍ଡାଇ ଫୋପାଡ଼ିଦେଲେ ଓ କହିବାକୁ ଲାଗିଲେ, 'କିପରି ନିର୍ବୋଧତା! ମୁଁ ଜଣେ ସନ୍ନ୍ୟାସୀ; ମୋ ପକ୍ଷରେ ବିବାହ ନିରର୍ଥକ !' ସେ ଦେଶର ରାଜା ମନେକଲେ ଲୋକଟି ବୋଧହୁଏ ଦରିଦ୍ର; ସେଥିପାଇଁ ରାଜକନ୍ୟାଙ୍କୁ ବିବାହ କରିବାକୁ ସାହସ କରୁନାହିଁ; ତେଣୁ ସେ କହିଲେ, 'ବର୍ତ୍ତମାନ ମୋ କନ୍ୟା ସହିତ ତୁମେ ଅର୍ଦ୍ଧେକ ରାଜ୍ୟ ପାଇବ ଏବଂ ମୋ ମୃତ୍ୟୁ ପରେ ସମଗ୍ର ରାଜ୍ୟ ଲାଭ କରିବ ।' ଏହା କହି ସନ୍ନ୍ୟାସୀଙ୍କ ଗଳଦେଶରେ ପୁନରାୟ ମାଲ୍ୟାର୍ପଣ କଲେ । 'କି ଉତ୍ପାତ ! ମୁଁ ବିବାହ କରିବାକୁ ଚାହେଁ ନାହିଁ, ତଥାପି ଏ କଅଣ ?' ସନ୍ନ୍ୟାସୀ ପୁନରାୟ ମାଳା ଫୋପାଡ଼ି ଦେଇ ଦ୍ରୁତପଦରେ ସେହି ସଭାରୁ ପ୍ରସ୍ଥାନ କଲେ ।

କିନ୍ତୁ ଏହି ଯୁବକ ପ୍ରତି ରାଜକନ୍ୟା ଏତେଦୂର ଅନୁରକ୍ତ ହୋଇଥିଲେ ଯେ, ସେ କହିଲେ, ହୁଏତ ମୁଁ ଏହାଙ୍କୁ ବିବାହ କରିବି ନଚେତ୍ ମରିବି । ରାଜକନ୍ୟା ତାଙ୍କୁ ଫେରାଇ ଆଣିବା ପାଇଁ ତାଙ୍କର ଅନୁଧାବନ କଲେ । ତତ୍ପରେ ଆମର ସେହି ପୂର୍ବୋକ୍ତ ସନ୍ନ୍ୟାସୀ, ଯେ ରାଜାଙ୍କୁ ସେଠାକୁ ଆଣିଥିଲେ, କହିଲେ, 'ଚାଲନ୍ତୁ ମହାରାଜ, ଆମେ ଏ ଦୁଇଜଣଙ୍କର ଅନୁଗମନ କରିବା ।' ଏହା କହି ସେମାନେ ସେମାନଙ୍କ ପଛେ ପଛେ କିଛି ଦୂର ବ୍ୟବଧାନରେ ଚାଲିବାକୁ ଲାଗିଲେ । ଯେଉଁ ସନ୍ନ୍ୟାସୀ ରାଜକନ୍ୟାଙ୍କର ପାଣିଗ୍ରହଣ କରିବାକୁ ଅସମ୍ମତ ହୋଇଥିଲେ, ସେ ରାଜଧାନୀରୁ ବାହାରି କେତେ କ୍ରୋଶ ପର୍ଯ୍ୟନ୍ତ ଗ୍ରାମ ମଧ୍ୟରେ ଯାଇ ଏକ ଅରଣ୍ୟରେ ପ୍ରବେଶ କଲେ । ରାଜକନ୍ୟା ତାଙ୍କର ଅନୁଗମନ କଲେ ଏବଂ ଏ ଦୁଇଜଣ ମଧ୍ୟ ତାଙ୍କ ପଛେ ପଛେ ଚାଲିଲେ ।

ଏହି ଯୁବକ ସନ୍ନ୍ୟାସୀ ସେହି ଅରଣ୍ୟକୁ ତନ୍ନ ତନ୍ନ କରି ଜାଣିଥିଲେ । ତାହାର କେଉଁଠି କେଉଁ ଗୁପ୍ତ ପଥ ଅଛି ତାହାସବୁ ତାଙ୍କୁ ଜଣାଥିଲା । ସନ୍ଧ୍ୟା ଆଗମନ ହେବାରୁ ସେ ଏହିପରି ଗୋଟିଏ ପଥରେ ପ୍ରବେଶ କରି କୁଆଡ଼େ ଅନ୍ତର୍ହିତ ହୋଇଗଲେ ଯେ ରାଜକନ୍ୟା ତାଙ୍କର ଆଉ କୌଣସି ସନ୍ଧାନ ପାଇଲେ ନାହିଁ । ବହୁକ୍ଷଣ ପର୍ଯ୍ୟନ୍ତ ତାଙ୍କୁ ଖୋଜି ଖୋଜି ଶେଷରେ

ଅବସନ୍ନ ହୋଇ ଗୋଟିଏ ଗଛ ତଳେ ବସି କାନ୍ଦିବାକୁ ଲାଗିଲେ; ଏହି ଅରଣ୍ୟରୁ ବାହାରକୁ ଆସିବାର ପଥ ତାଙ୍କୁ ଜଣା ନଥିଲା । ଏହି ସମୟରେ ସେହି ରାଜା ଓ ଅନ୍ୟ ସନ୍ନ୍ୟାସୀ ଜଣଙ୍କ ତାଙ୍କ ନିକଟକୁ ଆସି କହିଲେ, କାନ୍ଦ ନାହିଁ, ଆମେ ତୁମକୁ ଏ ଅରଣ୍ୟରୁ ବାହାରି ଯିବାର ପଥ ଦେଖାଇ ଦେବୁ । କିନ୍ତୁ ବର୍ତ୍ତମାନ ଅନ୍ଧାରରେ ବାଟ ଖୋଜି ପାଇବା ଅତୀବ ଦୁଃସାଧ । ଏଇ ଗୋଟାଏ ବଡ଼ ଗଛ ଅଛି; ଆସ, ଆଜି ଆମେ ଏହାରି ତଳେ ଆଶ୍ରୟ ନେବା । ସକାଳ ହେଲେ ତୁମକୁ ବାହାରି ଯିବାର ପଥ ଦେଖାଇ ଦେବୁ ।'

ସେହି ବୃକ୍ଷରେ ଗୋଟିଏ ପକ୍ଷୀର ବସା ଥିଲା । ସେଥିରେ ଦୁଇଟି କ୍ଷୁଦ୍ର ପକ୍ଷୀ ଓ ତାଙ୍କର ତିନୋଟି ଶାବକ ଥିଲେ । ଛୋଟ ପକ୍ଷୀଟି ତଳକୁ ଅନାଇଁ ତିନି ଜଣ ଲୋକଙ୍କୁ ଦେଖିଲା ଓ ପକ୍ଷିଣୀକୁ କହିଲା, ଦେଖ, କଅଣ କରିବା ? ଆମ ଘରକୁ କେତେ ଅତିଥି ଆସିଛନ୍ତି । ଏବେ ଶୀତଦିନ, ପୁଣି ଆମ ପାଖରେ ନିଆଁ ନାହିଁ ।' ଏହା କହି ସେ ଉଡ଼ିଗଲା, ଥଣ୍ଡରେ ଖଣ୍ଡିଏ ଜ୍ୱଳନ୍ତା କାଠ ନେଇ ଆସିଲା ଏବଂ ତାହା ଅତିଥିଗଣଙ୍କ ସମ୍ମୁଖରେ ପକାଇ ଦେଲା । ସେମାନେ ସେହି ନିଆଁରେ କାଠ ପତ୍ର ଇତ୍ୟାଦି ପକାଇ ବଡ଼ ଆକାରେ ଅଗ୍ନି ପ୍ରସ୍ତୁତ କଲେ । କିନ୍ତୁ ପକ୍ଷୀର ସେତିକିରେ ତୃପ୍ତି ହେଲା ନାହିଁ । ସେ ପକ୍ଷିଣୀକୁ କହିଲା, ପ୍ରିୟେ, ଏବେ ଆମେ କରିବା କଅଣ ? ଏମାନଙ୍କୁ ଖାଇବାକୁ ଦେବା ଭଳି ଆମର କିଛି ହେଲେ ନାହିଁ । ଏମାନେ କ୍ଷୁଧାର୍ତ୍ତ । ଆମେ ଗୃହସ୍ଥ, ତେଣୁ ଘରକୁ ଯଦି କେହି ଆସିବେ, ତେବେ ତାଙ୍କୁ ଖାଇବାକୁ ଦେବା ଆମର କର୍ତ୍ତବ୍ୟ । ମୁଁ ନିଜେ ଯେତେଦୂର ପାରେ ଚେଷ୍ଟା କରିବି । ଏମାନଙ୍କୁ ମୁଁ ନିଜ ଦେହଟି ଦେବି ।' ଏହା କହି ସେ ଉଡ଼ିଯାଇ ଦ୍ରୁତ ବେଗରେ ସେହି ଅଗ୍ନିରେ ପଡ଼ିଲା ଓ ମରିଗଲା । ଅତିଥିମାନେ ତାକୁ ଅଗ୍ନିରେ ପଡୁଥିବାର ଦେଖିଲେ ଓ ତାକୁ ବଞ୍ଚାଇବା ପାଇଁ ଯଥାସାଧ ଚେଷ୍ଟା କଲେ । କିନ୍ତୁ ସେ ଏଡ଼େ ଦ୍ରୁତ ବେଗରେ ଆସି ଅଗ୍ନିରେ ପଡ଼ିଲା ଯେ, ସେମାନେ ତାକୁ ଅଟକାଇ ପାରିଲେ ନାହିଁ ।

ପକ୍ଷିଣୀ ତା'ର ସ୍ୱାମୀର କାର୍ଯ୍ୟ ଦେଖି କହିଲା, 'ଏମାନେ ତିନି ଜଣ, ସେମାନଙ୍କ ଖାଇବା ପାଇଁ ମାତ୍ର ଗୋଟିଏ କ୍ଷୁଦ୍ର ପକ୍ଷୀ ! ଏହା ଯଥେଷ୍ଟ ହେବ ନାହିଁ । ସ୍ୱାମୀର କୌଣସି ଉଦ୍ୟମକୁ ବିଫଳ କରାଇ ନ ଦେବା ସ୍ତ୍ରୀର କର୍ତ୍ତବ୍ୟ । ଅତଏବ ମୋର ଦେହ ମଧ୍ୟ ଏମାନଙ୍କ ପାଇଁ ଉତ୍ସର୍ଗ କରିବି ।' ଏହା କହି ସେ ମଧ୍ୟ ନିଆଁରେ ଝାସ ଦେଲା ଏବଂ ପୋଡ଼ିହୋଇ ମରିଗଲା ।

ଶାବକ ତିନୋଟି ଏସବୁ ଘଟଣା ଦେଖିଲେ । ଏଥିରେ ମଧ୍ୟ ତିନିଜଣଙ୍କର ପର୍ଯ୍ୟାପ୍ତ ଖାଦ୍ୟ ହେବ ନାହିଁ ଦେଖି ସେମାନେ କହିଲେ, 'ଆମର ପିତାମାତା, ଯେତେଦୂର ସାଧ କଲେ; କିନ୍ତୁ ତାହା ମଧ୍ୟ ଯଥେଷ୍ଟ ନୁହେଁ । ପିତାମାତାଙ୍କ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସନ୍ତାନମାନଙ୍କର କର୍ତ୍ତବ୍ୟ; ଅତଏବ ଆମର ଦେହଗୁଡ଼ିକ ମଧ୍ୟ ଏହି ଉଦ୍ଦେଶ୍ୟରେ ଯାଉ'—ଏହା କହି ସେମାନେ ମଧ୍ୟ ଅଗ୍ନିରେ ଝାସ ଦେଲେ ।

ଏହି ସବୁ ଘଟଣା ଦେଖି ତିନି ଜଣ ଭାରୀ ଆଶ୍ଚର୍ଯ୍ୟ ହେଲେ । ପକ୍ଷୀଗୁଡ଼ିକୁ ସେମାନେ ଖାଇପାରିଲେ ନାହିଁ, କୌଣସି ପ୍ରକାରେ ଅନାହାରରେ ସେମାନେ ରାତ୍ରିଯାପନ କଲେ । ପ୍ରଭାତ

ହେବାରୁ ରାଜା ଓ ସନ୍ନ୍ୟାସୀ ସେହି ରାଜକନ୍ୟାଙ୍କୁ ଫେରିବାର ବାଟ ଦେଖାଇଦେଲେ ।

ତପ୍ରେ ସନ୍ନ୍ୟାସୀ ରାଜାଙ୍କୁ ସମ୍ବୋଧନ କରି କହିଲେ, 'ରାଜନ୍, ଦେଖିଲେ ତ,ନିଜ ନିଜ କ୍ଷେତ୍ରରେ କେହିହେଲେ ନିକୃଷ୍ଟ ନୁହେଁ । ଯଦି ସଂସାରରେ ରହିବାକୁ ଚାହାଁନ୍ତି, ତେବେ ଏହି ପକ୍ଷୀମାନଙ୍କ ଭଳି ପ୍ରତି ମୁହୂର୍ତ୍ତରେ ଅନ୍ୟ ପାଇଁ ପ୍ରାଣ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ହୋଇ ରହନ୍ତୁ । ଆଉ ଯଦି ସଂସାର-ତ୍ୟାଗ କରିବାକୁ ଚାହାଁନ୍ତି, ତେବେ ଏହି ଯୁବକ ସନ୍ନ୍ୟାସୀଙ୍କ ଭଳି ହୁଅନ୍ତୁ, ଯାହା ପକ୍ଷରେ ପରମା ସୁନ୍ଦରୀ ଯୁବତୀ ଓ ରାଜ୍ୟଲାଭ ମଧ୍ୟ ଅତି ତୁଚ୍ଛ ବୋଲି ପ୍ରତିଭାତ ହୋଇଥିଲା; ତେଣୁ ଯଦି ଆପଣ ତ୍ୟାଗର ପଥ ବାଛି ନିଅନ୍ତି, ତେବେ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ କ୍ଷମତା ଇତ୍ୟାଦିକୁ ଆଦୌ ଦୃଷ୍ଟିପାତ କରନ୍ତୁ ନାହିଁ । ସମସ୍ତେ ହିଁ ନିଜ ନିଜ କର୍ମ କ୍ଷେତ୍ରରେ ବଡ଼; କିନ୍ତୁ ଜଣଙ୍କର ଯାହା କର୍ତ୍ତବ୍ୟ, ତାହା ଅନ୍ୟ ଜଣଙ୍କର କର୍ତ୍ତବ୍ୟ ହୋଇ ନ ପାରେ ।'

***

## କର୍ମ—ରହସ୍ୟ

ଅନ୍ୟର ଦେହର ଅଭାବ ପୂରଣ କରି ତାକୁ ସାହାଯ୍ୟ କରିବା ମହତ୍ କର୍ମ ସତ; କିନ୍ତୁ ଅଭାବ ଯେତେ ଅଧିକ ଓ ସାହାଯ୍ୟ ଯେତେ ଦୂରସ୍ପର୍ଶୀ, ସେହି ଅନୁସାରେ ସେହି ଉପହାର ମଧ୍ୟ ସେତେ ମହତ୍ତର । ଯଦି ଘଣ୍ଟାକ ପାଇଁ କୌଣସି ବ୍ୟକ୍ତିର ଅଭାବ ଦୂର କରାଯାଇପାରେ; ତେବେ ଅବଶ୍ୟ ତାର ଉପକାର କରାହେଲା; ଯଦି ବର୍ଷକ ପାଇଁ ତାର ଅଭାବ ଦୂର କରାଯାଇପାରେ, ତେବେ ତାହା ଆହୁରି ଅଧିକ ଉପକାର; ଆଉ ଯଦି ଚିରକାଳ ପାଇଁ ଅଭାବ ଦୂର କରାଯାଇପାରେ; ତେବେ ତାହା ହିଁ ମନୁଷ୍ୟର ଶ୍ରେଷ୍ଠ ଉପକାର । ଏକମାତ୍ର ଅଧ୍ୟାତ୍ମଜ୍ଞାନ ହିଁ ଆମର ସମସ୍ତ ଦୁଃଖ ଚିରକାଳ ପାଇଁ ଦୂର କରିପାରେ; ଅନ୍ୟାନ୍ୟ ଜ୍ଞାନ ଅତି ଅଳ୍ପ ସମୟ ପାଇଁ ଅଭାବ ପୂରଣ କରେ ମାତ୍ର । କେବଳ ଆତ୍ମବିଷୟକ ଜ୍ଞାନଦ୍ୱାରା ହିଁ ଅଭାବ-ବୃତ୍ତି ଚିରକାଳ ପାଇଁ ବିନଷ୍ଟ ହୋଇପାରେ : ଅତଏବ ଆଧ୍ୟାତ୍ମିକ ସାହାଯ୍ୟ ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ସାହାଯ୍ୟ । ମନୁଷ୍ୟକୁ ଯେ ପରମାର୍ଥ-ଜ୍ଞାନ ପ୍ରଦାନ କରିପାରନ୍ତି, ସେ ମନୁଷ୍ୟର ଶ୍ରେଷ୍ଠ-ହିତୈଷୀ । ଆମେ ଦେଖିବାକୁ ପାଉ ଯେ, ମନୁଷ୍ୟର ଆଧ୍ୟାତ୍ମିକ-ଅଭାବ ପୂରଣ କରିବା ପାଇଁ ଯେଉଁମାନେ ସାହାଯ୍ୟ କରିଛନ୍ତି, ସେମାନେ ସର୍ବାପେକ୍ଷା ଶକ୍ତିଶାଳୀ ପୁରୁଷ ଥିଲେ; କାରଣ ଆଧ୍ୟାତ୍ମିକତା ଆମ ଜୀବନର ସକଳ କର୍ମପ୍ରଚେଷ୍ଟାର ପ୍ରକୃତ ଭିତ୍ତି । ଆଧ୍ୟାତ୍ମିକ ଦୃଷ୍ଟିରୁ ଯେ ସୁସ୍ଥ ଓ ସବଳ, ଇଚ୍ଛା କଲେ ସେ ଅନ୍ୟାନ୍ୟ ବିଷୟରେ ମଧ୍ୟ ଦକ୍ଷ ହୋଇପାରନ୍ତି । ଭିତରେ ଆଧ୍ୟାତ୍ମିକ ଶକ୍ତି ଜାଗ୍ରତ ନ ହେବା ପର୍ଯ୍ୟନ୍ତ ମନୁଷ୍ୟର ଶାରୀରିକ ଅଭାବଗୁଡ଼ିକ ମଧ୍ୟ ଠିକ୍ ଠିକ୍ ପୂର୍ଣ୍ଣ ହୁଏ ନାହିଁ । ଆଧ୍ୟାତ୍ମିକ ଉପକାର ପରେ ହିଁ ହେଉଛି ବୁଦ୍ଧି-ବୃତ୍ତିର ଉନ୍ନତି ପାଇଁ ସାହାଯ୍ୟ । ଅନ୍ନ-ବସ୍ତ୍ରଦାନ ଅପେକ୍ଷା ଜ୍ଞାନଦାନ ଉଚ୍ଚତର-ପ୍ରାଣଦାନ ଅପେକ୍ଷା ମଧ୍ୟ ଏହା ମହତ୍, କାରଣ ଜ୍ଞାନ ହିଁ ମନୁଷ୍ୟର ପ୍ରକୃତ ଜୀବନ । ଅଜ୍ଞାନ ମୃତ୍ୟୁ ତୁଲ୍ୟ, ଜ୍ଞାନ ହିଁ ଜୀବନ । ଜୀବନ ଯଦି ଅନ୍ଧକାରରେ କଟାଇବାକୁ ହୁଏ-ଅଜ୍ଞାନ ଓ ଦୁଃଖ ଭିତର ଦେଇ ଜୀବନ ଯାପନ କରିବା ଯଦି ଜୀବନ ହୁଏ, ତେବେ ସେ ଜୀବନର କୌଣସି ମୂଲ୍ୟ ନାହିଁ । ଶାରୀରିକ ଅଭାବ ପୂରଣ କରିବା ଏହା ତୁଳନାରେ ନିମ୍ନତର । ଅତଏବ ଅନ୍ୟକୁ ସାହାଯ୍ୟ କରିବା କଥା ବିଚାର କରିବା ସମୟରେ ଆମେ ଯେପରି ଏହି ଭ୍ରମରେ ନ ପଡୁ ଯେ ଶାରୀରିକ ସାହାଯ୍ୟ ହିଁ ଏକମାତ୍ର ସାହାଯ୍ୟ । ଶାରୀରିକ ସାହାଯ୍ୟର ସ୍ଥାନ କେବଳ ଯେ ସର୍ବଶେଷରେ, ତାହା ନୁହେଁ—ବରଂ ଏହା ସର୍ବନିମ୍ନରେ ମଧ୍ୟ, କାରଣ ଏହା ସ୍ଥାୟୀ ତୃପ୍ତି ଦେଇପାରେ ନାହିଁ । କ୍ଷୁଧାର୍ତ୍ତ ହେଲେ ଆମେ ଯେଉଁ କଷ୍ଟ ପାଉ, ଖାଇଲେ ସେ କଷ୍ଟ ଅନ୍ତର୍ହିତ ହୁଏ; କିନ୍ତୁ କ୍ଷୁଧା ପୁନର୍ବାର ଫେରିଆସେ । ଦୁଃଖ କେବଳ ସେତେବେଳେ ନିବୃତ୍ତ ହେବ, ଯେତେବେଳେ ଆମର ସର୍ବବିଧ ଅଭାବ ଦୂର ହେବ । ତା'ହେଲେ କ୍ଷୁଧା ଆମକୁ କଷ୍ଟ ଦେଇପାରିବ ନାହିଁ, କୌଣସି ପ୍ରକାରର ଦୁଃଖ ବା ଯନ୍ତ୍ରଣା ଆମମାନଙ୍କୁ ବିଚଳିତ କରିପାରିବ ନାହିଁ । ଅତଏବ ଯାହା ଆମମାନଙ୍କୁ ଆଧ୍ୟାତ୍ମିକ-ବଳସମ୍ପନ୍ନ କରେ, ତାହା ହିଁ ସର୍ବଶ୍ରେଷ୍ଠ ଉପକାର; ତା'ପରେ ମାନସିକ ଉପକାର , ଶେଷରେ ଶାରୀରିକ ଉପକାର ।

କେବଳ ଶାରୀରିକ ସାହାଯ୍ୟଦ୍ୱାରା ଜଗତର ଦୁଃଖ ଦୂର କରିବା ସମ୍ଭବ ନୁହେଁ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ପ୍ରକୃତି ପରିବର୍ତ୍ତନ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଏହି ଶାରୀରିକ ଅଭାବଗୁଡ଼ିକ ଆସୁଥିବ ଏବଂ ଦୁଃଖର ଅନୁଭୂତି ନିଶ୍ଚୟ ରହିବ । ଯେତେ ବେଶୀ ଶାରୀରିକ

ସାହାଯ୍ୟ କର ନା କାହିଁକି, କୌଣସି ଉପାୟରେ ଦୁଃଖ ଏକାବେଳକେ ଦୂର ହେବ ନାହିଁ । ଜଗତରେ ଏହି ଦୁଃଖର ଏକମାତ୍ର ସମାଧାନ ମାନବଜାତିକୁ ଶୁଦ୍ଧ ଓ ପବିତ୍ର କରିବା । ଆମେ ଜଗତରେ ଯେଉଁସବୁ ଦୁଃଖକଷ୍ଟ ଓ ଅଶୁଭ ଦେଖୁ, ତାହା ଅଜ୍ଞାନ ବା ଅବିଦ୍ୟାରୁ ପ୍ରସୂତ । ମନୁଷ୍ୟକୁ ଜ୍ଞାନଲୋକ ଦିଅ । ମନୁଷ୍ୟ ପବିତ୍ର, ଆଧ୍ୟାତ୍ମିକ-ବଳସମ୍ପନ୍ନ ଓ ଶିକ୍ଷିତ ହୁଅନ୍ତୁ, ତେବେ ଯାଇ ଜଗତରୁ ଦୁଃଖ ନିବୃତ୍ତ ହେବ, ତା ପୂର୍ବରୁ ନୁହେଁ । ଦେଶର ପ୍ରତ୍ୟେକଟି ଗୃହକୁ ଆମେ ଦାତବ୍ୟ ଆଶ୍ରମରେ ପରିଣତ କରିପାରୁ, ଡାକ୍ତରଖାନାରେ ସାରା ଦେଶ ପୂର୍ଣ୍ଣ କରି ଦେଇପାରୁ, କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ସ୍ୱଭାବ ପରିବର୍ତ୍ତିତ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଦୁଃଖ କଷ୍ଟ ରହିବ ହିଁ ରହିବ ।

ଗୀତାରେ ଆମେ ପୁନଃ ପୁନଃ ପାଠ କରୁ—ଆମମାନଙ୍କୁ ଅନବରତ କର୍ମ କରିବାକୁ ହେବ । କର୍ମ ମାତ୍ରେ ଶୁଭାଶୁଭ-ମିଶ୍ରିତ । ଆମେ ଏପରି କୌଣସି କର୍ମ କରିପାରିବା ନାହିଁ; ଯାହା ଦ୍ୱାରା କୌଣସି ହେଲେ ଶୁଭ ହୁଏ ନାହିଁ; ପୁନଶ୍ଚ ଏପରି ମଧ୍ୟ କୌଣସି କର୍ମ ଆମେ କରିପାରିବୁ ନାହିଁ ଯାହାଦ୍ୱାରା କିଛି ହେଲେ ଅନିଷ୍ଟ ହୁଏ ନାହିଁ । ପ୍ରତ୍ୟେକ କର୍ମ ହିଁ ଅପରିହାର୍ଯ୍ୟ ଭାବରେ ଶୁଭାଶୁଭ-ମିଶ୍ରିତ । ତଥାପି ଶାସ୍ତ୍ର ଆମକୁ ଅବିରତ କର୍ମ କରିବାକୁ କହୁଛନ୍ତି । ଶୁଭାଶୁଭ ଉଭୟେ ହିଁ ନିଜ ନିଜର ଫଳ ପ୍ରସବ କରିବେ । ଶୁଭ କର୍ମର ଫଳ ଶୁଭ, ଅଶୁଭ କର୍ମର ଫଳ ଅଶୁଭ ହେବ; କିନ୍ତୁ ଏହି ଶୁଭାଶୁଭ ଉଭୟେ ହିଁ ଆତ୍ମାର ବନ୍ଧନ ମାତ୍ର । ତେଣୁ ଗୀତାରେ ଏହି ମୀମାଂସା କରା ହୋଇଅଛି ଯେ, ଯଦି ଆମେ କର୍ମରେ ଆସକ୍ତ ନ ହେଉ, ତେବେ କର୍ମ ଆମର ବନ୍ଧନ ହୋଇପାରିବ ନାହିଁ । ବର୍ତ୍ତମାନ 'କର୍ମରେ-ଅନାସକ୍ତି' କହିଲେ କଅଣ ବୁଝାଏ, ଆମେ ତାହା ବୁଝିବାକୁ ଚେଷ୍ଟା କରିବା ।

ଗୀତାର ପ୍ରଧାନ ଶିକ୍ଷା ଏହି ଯେ, ନିରନ୍ତର କର୍ମ କର, କିନ୍ତୁ ସେଥିରେ ଆସକ୍ତ ହୁଅ ନାହିଁ । 'ସଂସ୍କାର' ଶବ୍ଦର ନିକଟତମ ଅର୍ଥ ହେଉଛି 'ସହଜାତ ପ୍ରବଣତା' । ମନକୁ ଯଦି ଗୋଟିଏ ହ୍ରଦ ସହିତ ତୁଳନା କରାହୁଏ, ତେବେ କହିବାକୁ ହେବ—ମନରେ ଯଦି କୌଣସି ତରଙ୍ଗ ଉଠେ, ତେବେ ତାହା ପ୍ରଶମିତ ହେଲେ ମଧ୍ୟ ଏକାବେଳକେ ଲୁପ୍ତ ହୁଏ ନାହିଁ, ବରଂ ଏହା ଚିତ୍ତ ଉପରେ ଗୋଟିଏ ଦାଗ ରଖିଯାଏ । ତେଣୁ ସେହି ତରଙ୍ଗଟିର ପୁନରାବିର୍ଭାବ ହେବାର ସମ୍ଭାବନାଃ ଥାଏ । ଏହି ଦାଗ ଏବଂ ତରଙ୍ଗର ପୁନରାବିର୍ଭାବର ସମ୍ଭାବନାର ଏକତ୍ର ନାମ-'ସଂସ୍କାର' । ଆମେ ଯେ କୌଣସି କର୍ମ କରୁ-ଆମର ପ୍ରତ୍ୟେକ ଅଙ୍ଗ-ସଞ୍ଚାଳନ, ଆମର ପ୍ରତ୍ୟେକ ଚିନ୍ତା-ଚିତ୍ତ ଉପରେ ଏହିପରି ସଂସ୍କାର ରଖିଯାଆନ୍ତି । ଯେଉଁ ସମୟରେ ସଂସ୍କାରଗୁଡ଼ିକ ଅପ୍ରକାଶିତ ନ ଥାଆନ୍ତି, ସେ ସମୟରେ ମଧ୍ୟ ଏତେ ପ୍ରବଳ ଥାଆନ୍ତି ଯେ ସେଗୁଡ଼ିକ ଅବଚେତନ ମନରେ ଅଜ୍ଞାତସାରରେ କାର୍ଯ୍ୟ କରୁଥାଆନ୍ତି । ଆମେ ବର୍ତ୍ତମାନ ଯାହା, ତାହା ଆମର ଅତୀତ ଜୀବନର ଏହିସବୁ ସଂସ୍କାର-ସମଷ୍ଟିଦ୍ୱାରା ନିରୂପିତ ହୁଏ । ଏହି ମୁହୂର୍ତ୍ତରେ 'ମୋର' ବା 'ମୁଁ' କହିଲେ ଯାହା ବୁଝାଏ, ତାହା ମୋର ଅତୀତ ଜୀବନର ସଂସ୍କାର-ସମଷ୍ଟିର ଫଳ ମାତ୍ର । ଏହାକୁ ହିଁ ପ୍ରକୃତ ପକ୍ଷରେ 'ଚରିତ୍ର' କୁହାଯାଏ । ପ୍ରତ୍ୟେକ ବ୍ୟକ୍ତିର ଚରିତ୍ର ଏହି ସଂସ୍କାର—ସମଷ୍ଟିଦ୍ୱାରା ନିରୂପିତ ହୁଏ । ଯଦି ଶୁଭ ସଂସ୍କାରଗୁଡ଼ିକ ପ୍ରବଳ ହୁଏ, ତେବେ ଚରିତ୍ର ସତ୍ ହୁଏ; ଅସତ୍ ସଂସ୍କାର ଗୁଡ଼ିକ ପ୍ରବଳ ହେଲେ, ଚରିତ୍ର ଅସତ୍ ହୁଏ । ଯଦି କୌଣସି ବ୍ୟକ୍ତି ସର୍ବଦା ମନ୍ଦ କଥା ଶୁଣେ, ମନ୍ଦ ଚିନ୍ତା କରେ, ମନ୍ଦ କାର୍ଯ୍ୟ କରେ, ତା' ମନ ମନ୍ଦ ସଂସ୍କାରରେ ପୂର୍ଣ୍ଣ ହୋଇଯିବ

ଏବଂ ଏଗୁଡ଼ିକ ଅଜ୍ଞାତସାରରେ ତାର କର୍ମ ଓ ଚିନ୍ତାକୁ ପ୍ରଭାବିତ କରିବ । ବସ୍ତୁତଃ ସର୍ବଦା ଏହି ସଂସ୍କାର ଗୁଡ଼ିକର କାର୍ଯ୍ୟ ଚାଲିଛି, ସୁତରାଂ ମନ୍ଦ ସଂସ୍କାରଗୁଡ଼ିକର ଫଳ ମନ୍ଦ ହେବ ଏବଂ ଏହି ବ୍ୟକ୍ତି ଗୋଟିଏ ମନ୍ଦ ଲୋକରେ ପରିଣତ ହେବ—ସେ ତାହା ନ ହୋଇ ରହିପାରିବ ନାହିଁ, ତା'ର ଏହି ସଂସ୍କାର-ସମଷ୍ଟି ମନ୍ଦ କାର୍ଯ୍ୟ କରିବା ପାଇଁ ପ୍ରବଳ ପ୍ରେରଣା-ଶକ୍ତି ଉତ୍ପନ୍ନ କରିବ । ଏହି ସଂସ୍କାରଗୁଡ଼ିକର ସେ ଯନ୍ତ୍ରତୁଲ୍ୟ ହେବ, ଏଗୁଡ଼ିକ ତାହାକୁ ବଳପୂର୍ବକ ମନ୍ଦ କାର୍ଯ୍ୟରେ ପ୍ରବୃତ୍ତ କରାଇବ । ଠିକ୍ ସେହି ଭାବରେ ଯଦି କେହି ଶୁଭ ଚିନ୍ତା କରେ ଏବଂ ଭଲ କାମ କରେ, ସଂସ୍କାରଗୁଡ଼ିକର ସମଷ୍ଟି ମଧ୍ୟ ଉତ୍ତମ ହେବ ଏବଂ ଏଗୁଡ଼ିକ ଅନିଚ୍ଛା ସତ୍ତ୍ୱେ ଏହି ବ୍ୟକ୍ତିଙ୍କୁ ସତ୍ କାର୍ଯ୍ୟରେ ପ୍ରବୃତ୍ତ କରାଇବ । ଯେତେବେଳେ ମନୁଷ୍ୟ ଏତେ ଅଧିକ ଭଲ କାମ କରେ ଓ ଏତେ ଅଧିକ ସତ୍‌ଚିନ୍ତା କରେ ଯେ, ଅନିଚ୍ଛାସତ୍ତ୍ୱେ ତାହାର ପ୍ରକୃତିରେ ସତ୍‌କର୍ମ କରିବାର ଅଦମ୍ୟ ଇଚ୍ଛା ଜାଗ୍ରତ ହୁଏ; ସେତେବେଳେ ସେ କୌଣସି ଅନ୍ୟାୟ କାମ କରିବାକୁ ଇଚ୍ଛା କଲେ ମଧ୍ୟ ଏହିସବୁ ଶୁଭ ସଂସ୍କାରଗୁଡ଼ିକ ତାହାକୁ ଏହା କରିବାକୁ ଦିଏ ନାହିଁ, ଏହି ସଂସ୍କାରଗୁଡ଼ିକ ତାହାକୁ ମନ୍ଦ କର୍ମରୁ ଫେରାଇ ଆଣେ, କାରଣ ସେ ତାହାର ସତ୍ ସଂସ୍କାରଗୁଡ଼ିକ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଥାଏ । ଜଣକର ଏପରି ଅବସ୍ଥା ହେଲେ, ସେତେବେଳେ ଯାଇ ତାହାର ଚରିତ୍ର ଗଠିତ ହୋଇଛି ବୋଲି କୁହାଯାଏ ।

ଉଦାହରଣସ୍ୱରୂପ, କୂର୍ମ ତାହାର ଗୋଡ଼ ଓ ମୁଣ୍ଡ ଖୋଳ ଭିତରେ ରଖେ ।—ତୁମେ ତାକୁ ମାରି ପକାଅ, ଖଣ୍ଡ ଖଣ୍ଡ କରିଦିଅ—ତଥାପି ତା'ର ଗୋଡ଼ ଓ ମୁଣ୍ଡ ବାହାରକୁ ବାହାରିବ ନାହିଁ, ଠିକ୍ ସେହିପରି, ଯେଉଁ ବ୍ୟକ୍ତିଙ୍କର ଇନ୍ଦ୍ରିୟ ଓ ପ୍ରବୃତ୍ତିଗୁଡ଼ିକ ସଂଯତ, ତାଙ୍କର ଚରିତ୍ର ମଧ୍ୟ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଛି । ସେ ତାଙ୍କର ଅନ୍ତରେନ୍ଦ୍ରିୟଗୁଡ଼ିକୁ ସଂଯତ କରିଛନ୍ତି । ତାଙ୍କ ଇଚ୍ଛା ବିରୋଧରେ କେବେହେଲେ ସେଗୁଡ଼ିକ ବହିର୍ମୁଖୀ ହୁଅନ୍ତି ନାହିଁ । ଏହିପରି ନିରନ୍ତର ସତ୍‌ଚିନ୍ତା ଫଳରେ ସତ୍‌କର୍ମ କରିବାର ପ୍ରବଣତା ତାଙ୍କର ପ୍ରବଳ ହୁଏ । ଏହି ଭାବରେ ଆମେ ଇନ୍ଦ୍ରିୟଗୁଡ଼ିକୁ ଜୟ କରିବାରେ ସମର୍ଥ ହେଉ । ଏପରି ଚରିତ୍ର ପ୍ରତିଷ୍ଠିତ ହେଲେ ଯାଇ ମନୁଷ୍ୟ ସତ୍ୟ ଲାଭ କରିପାରେ । ଏହି ବ୍ୟକ୍ତି ସର୍ବଦା ନିରାପଦ; ତାଙ୍କ ଦ୍ୱାରା କୌଣସି ଅନ୍ୟାୟ ବା ଅଶୁଭ କାର୍ଯ୍ୟ ସମ୍ଭବ ହୁଏ ନାହିଁ । ତାଙ୍କୁ ଯେକୌଣସି ଲୋକ ସହିତ ରଖ ନା କାହିଁକି, ତାଙ୍କର କୌଣସି ବିପଦର ସମ୍ଭାବନା ନାହିଁ । ଏହାଠାରୁ ମଧ୍ୟ ଆହୁରି ଏକ ଉଚ୍ଚ ଅବସ୍ଥା ଅଛି—ମୁକ୍ତିର କାମନା । ସକଳ ଯୋଗର ଲକ୍ଷ୍ୟ ଆତ୍ମାର ମୁକ୍ତି ଏବଂ ପ୍ରତ୍ୟେକ ଯୋଗଦ୍ୱାରା ଏହି ଏକ ଲକ୍ଷ୍ୟରେ ପହଞ୍ଚି ହୁଏ । ବୁଦ୍ଧ ପ୍ରଧାନତଃ ଧ୍ୟାନ ଦ୍ୱାରା, ଖ୍ରୀଷ୍ଟ ପ୍ରାର୍ଥନା ଦ୍ୱାରା ଯେଉଁ ଅବସ୍ଥା ଲାଭ କରିଥିଲେ, ମନୁଷ୍ୟ କେବଳ କର୍ମଦ୍ୱାରା ହିଁ ସେହି ଅବସ୍ଥା ଲାଭ କରିପାରେ । ବୁଦ୍ଧ ଥିଲେ କର୍ମପରାୟଣ ଜ୍ଞାନୀ, ଆଉ ଖ୍ରୀଷ୍ଟ ଥିଲେ ଭକ୍ତ; କିନ୍ତୁ ଉଭୟେ ଏକ ଲକ୍ଷ୍ୟରେ ହିଁ ଉପନୀତ ହୋଇଥିଲେ । ଏହା ବୁଝିବା କଠିନ ଯେ, ମୁକ୍ତି ଅର୍ଥ ସମ୍ପୂର୍ଣ୍ଣ ସ୍ୱାଧୀନତା—ଶୁଭ ବନ୍ଧନରୁ ଯେପରି, ଅଶୁଭ ବନ୍ଧନରୁ ମଧ୍ୟ ସେପରି । ସୁନାର ଶିକୁଳି ବି ଶିକୁଳି, ଲୁହାର ଶିକୁଳି ବି ଶିକୁଳି । ମୋ ଆଙ୍ଗୁଠିରେ କଣ୍ଟାଟିଏ ପଶିଗଲା, ଆଉ ଗୋଟିଏ କଣ୍ଟାଦ୍ୱାରା ଏହି କଣ୍ଟାଟିକୁ ମୁଁ ବାହାର କଲି, ବାହାର କଲାପରେ ଦୁଇଟିଯାକ କଣ୍ଟା ଫୋପାଡ଼ିଦେଲି । ଦ୍ୱିତୀୟ କଣ୍ଟାଟି ମଧ୍ୟ ରଖିବା ଦରକାର ନାହିଁ, କାରଣ ଏହା ମଧ୍ୟ ଗୋଟିଏ କଣ୍ଟା । ଏହିପରି ଅଶୁଭ ସଂସ୍କାରଗୁଡ଼ିକୁ ଶୁଭ ସଂସ୍କାର ଦ୍ୱାରା ନାଶ କରିବାକୁ ହେବ । ମନର ମନ୍ଦ ସଂସ୍କାରଗୁଡ଼ିକୁ ଦୂରକରି ତା'

ସ୍ଥାନରେ ଶୁଭ ସଂସ୍କାର ସୃଷ୍ଟି କରିବାକୁ ହେବ—ଯେତେଦିନ ପର୍ଯ୍ୟନ୍ତ ସକଳ ମନ୍ଦଭାବ ଅନ୍ତର୍ହିତ ବା ନିୟନ୍ତ୍ରିତ ନ ହୁଏ, ସେତେଦିନ ଯାଏ ଚେଷ୍ଟା କରିବାକୁ ହେବ । ତତ୍‌ପରେ ଶୁଭ ସଂସ୍କାରଗୁଡ଼ିକୁ ମଧ୍ୟ ଜୟ କରିବାକୁ ହେବ । ଏହିପରି ଭାବରେ 'ଆସକ୍ତ' ମନ କ୍ରମେ 'ଅନାସକ୍ତ' ହେବ । କର୍ମ କର; କିନ୍ତୁ ଏହି କର୍ମ ବା ଚିନ୍ତା ଯେପରି ମନ ଭିତରେ କୌଣସି ଗଭୀର ସଂସ୍କାର ଉତ୍ପନ୍ନ ନ କରେ । ତରଙ୍ଗ ପରେ ତରଙ୍ଗ ଆସୁ, ପେଶୀ ଓ ମସ୍ତିଷ୍କରୁ ବଡ଼ ବଡ଼ କର୍ମତରଙ୍ଗ ଉତ୍ପନ୍ନ ହେଉ; କିନ୍ତୁ ସେଗୁଡ଼ିକ ଯେପରି ଆତ୍ମା ଉପରେ କୌଣସି ଗଭୀର ସଂସ୍କାର ରଖି ନ ଯାଆନ୍ତି ।

ଏହା କରିବାର ଉପାୟ କ'ଣ ? ଆମେ ଦେଖୁ, ଯେଉଁ କାର୍ଯ୍ୟରେ ଆମେ ଆସକ୍ତ ହେଉ, ତାହାର ସଂସ୍କାର ରହିଯାଏ । ଦିନସାରା ଶତ ଶତ ବ୍ୟକ୍ତିଙ୍କୁ ଦେଖୁଛି, ସେମାନଙ୍କ ମଧ୍ୟରେ ଏପରି କେତେଜଣଙ୍କୁ ଦେଖୁଛି, ଯେଉଁମାନଙ୍କୁ ମୁଁ ଭଲପାଏ । ରାତିରେ ଯେତେବେଳେ ଶୋଇବାକୁ ଯାଏ, ସେତେବେଳେ ଦେଖିଥିବା ମୁହଁଗୁଡ଼ିକୁ ଯଦି ମୁଁ ଚିନ୍ତା କରେ, ତେବେ ମିନିଟିଏ ପାଇଁ ହେଲେ ଯେଉଁ ମୁହଁକୁ ଦେଖିଥିଲି, ଯାହାକୁ ମୁଁ ଭଲ ପାଏ, ସେହି ମୁହଁଟି ମୋ ମନରେ ଭାସି ଉଠିବ, ଅନ୍ୟ ମୁହଁଗୁଡ଼ିକ କୁଆଡ଼େ ଅନ୍ତର୍ହିତ ହେବ । ଏହି ବ୍ୟକ୍ତିଙ୍କ ପ୍ରତି ମୋର ବିଶେଷ ଆସକ୍ତିବଶତଃ ଅନ୍ୟାନ୍ୟ ମୁହଁଗୁଡ଼ିକ ଅପେକ୍ଷା ଏହି ମୁହଁଟି ହିଁ ମୋ ମନରେ ଗଭୀର ଚିହ୍ନ ରଖିଯାଇଛି । ବିଜ୍ଞାନର ଦୃଷ୍ଟିରୁ ମୁହଁଗୁଡ଼ିକୁ ଦେଖିବାର କାର୍ଯ୍ୟ ଏକ ପ୍ରକାରର । ଯେଉଁ ମୁହଁଗୁଡ଼ିକୁ ମୁଁ ଦେଖିଅଛି, ସେଗୁଡ଼ିକର ଛବି ମୋ ଅକ୍ଷିଜାଲ (Retina) ଉପରେ ପଡ଼ିଥିଲା, ମସ୍ତିଷ୍କ ଏହି ଚିତ୍ରଗୁଡ଼ିକୁ ମଧ୍ୟ ଗ୍ରହଣ କରିଥିଲା, କିନ୍ତୁ ମନ ଉପରେ ସେମାନଙ୍କର ପ୍ରଭାବ ଏକପ୍ରକାର ହୋଇ ନାହିଁ । ଅଧିକାଂଶ ମୁହଁ ହୁଏତ ନୂତନ ଥିଲା; ଏପରି ସବୁ ନୂଆ ମୁହଁ ଦେଖିଛି, ଯେଉଁଗୁଡ଼ିକ ସମ୍ବନ୍ଧରେ ମୁଁ ପୂର୍ବେ କେବେହେଲେ ଚିନ୍ତା କରିନାହିଁ; କିନ୍ତୁ ଯେଉଁ ମୁହଁଟିର ଥରେ ମାତ୍ର ଚକିତ ଦର୍ଶନ ପାଇଲି, ତା' ସହିତ ଭିତର ବିଶେଷ ସମ୍ବନ୍ଧ ଥିଲା । ହୁଏତ ବର୍ଷ ବର୍ଷ ଧରି ତାହାର ଛବି ମନେ ମନେ ଅଙ୍କନ କରୁଥିଲି । ତା ସମ୍ବନ୍ଧରେ ଶତ ଶତ ବିଷୟ ଜାଣିଥିଲି, ତେଣୁ ବର୍ତ୍ତମାନ ଏହାକୁ ଥରେ ଦେଖିବା ଦ୍ୱାରା-ମନର ସେହିସବୁ ସ୍ମୃତି ଜାଗି ଉଠିଲା । ଅନ୍ୟ ମୁହଁଗୁଡ଼ିକ ଦେଖିବାଦ୍ୱାରା ମନରେ ଯେଉଁ ସଂସ୍କାର ପଡ଼ିଲା, ଏହି ଗୋଟିଏ ମାତ୍ର ମୁଖ ମାନସପଟରେ ତଦପେକ୍ଷା ଶତ ଗୁଣ ଅଧିକ ସଂସ୍କାର ପକାଇ ମନ ଉପରେ ପ୍ରଭାବ ବିସ୍ତାର କରିପାରିଲା ।

ଅତଏବ 'ଅନାସକ୍ତ' ହୁଅ, ସବୁ କାର୍ଯ୍ୟ ଚାଲିଥାଉ, ମସ୍ତିଷ୍କର କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରନ୍ତୁ । ନିରନ୍ତର କର୍ମ କର; କିନ୍ତୁ ଗୋଟିଏ ହେଲେ ତରଙ୍ଗ ଯେପରି ମନକୁ ଜୟ କରି ନ ପାରେ । ତୁମେ ଯେପରି କି ସଂସାରରେ ବିଦେଶୀ ପଥିକ, ମାତ୍ର ଦୁଇ ଦିନ ପାଇଁ ଆସିଛ–ଏହି ଭାବରେ କର୍ମ କରିଯାଅ । ନିରନ୍ତର କର୍ମ କର, କିନ୍ତୁ ବନ୍ଧନରେ ପଡ଼ ନାହିଁ । ବନ୍ଧନ ଅତି ଭୀଷଣ । ଏହି ଜଗତ ଆମର ବାସଭୂମି ନୁହେଁ । ନାନା ଅବସ୍ଥା ମଧ୍ୟଦେଇ ଆମେ ଅଗ୍ରସର ହେଉଛୁ, ଏହି ସଂସାର—ଏ ପୃଥିବୀ ସେଗୁଡ଼ିକ ମଧ୍ୟରୁ ଗୋଟିଏ । ସାଂଖ୍ୟଶାସ୍ତ୍ରର ସେହି ମହାବାକ୍ୟ ସ୍ମରଣ କର, 'ସମୁଦାୟ ପ୍ରକୃତି ଆତ୍ମା ପାଇଁ, ଆତ୍ମା ପ୍ରକୃତି ପାଇଁ ନୁହେଁ ।'* ଆତ୍ମାର ଶିକ୍ଷା ପାଇଁ ପ୍ରକୃତିର ପ୍ରୟୋଜନ, ଏହାର ଅନ୍ୟ କୌଣସି ଅର୍ଥ ନାହିଁ । ଆତ୍ମା ଯାହାଦ୍ୱାରା ଜ୍ଞାନଲାଭ

* ତୁଳନୀୟ — ସଂହତାନାଂ ପରାର୍ଥତ୍ୱାତ୍ ।

କରିପାରେ ଓ ଏହି ଜ୍ଞାନଦ୍ୱାରା ଆତ୍ମା ନିଜକୁ ମୁକ୍ତ କରିପାରେ—ଏହା ହିଁ ପ୍ରୟୋଜନ । ଯଦି ଆମେ ସର୍ବଦା ଏହି କଥା ସ୍ମରଣ ରଖୁ, ତେବେ କେବେହେଲେ ପ୍ରକୃତିଦ୍ୱାରା ଆସକ୍ତ ହେବୁ ନାହିଁ; ଆମେ ବୁଝିବୁ ଯେ, ପ୍ରକୃତି କେବଳ ଆମର ଗୋଟିଏ ପାଠ୍ୟ ପୁସ୍ତକ ପରି । ସେଥିରୁ ଜ୍ଞାନଲାଭ କରିବା ପରେ, ଆମ ନିକଟରେ ଏ ଗ୍ରନ୍ଥର ଆଉ କୌଣସି ମୂଲ୍ୟ ରହେ ନାହିଁ । ତାହା ନ କରି ପ୍ରକୃତି ସହିତ ଆମେ ନିଜକୁ ମିଶାଇ ଦେଉଛୁ, ଭାବୁଛୁ ଆତ୍ମା ଯେପରି ପ୍ରକୃତି ପାଇଁ । ପ୍ରଚଳିତ କଥାରେ ଅଛି, 'ମନୁଷ୍ୟ ଖାଇବା ପାଇଁ ଜୀବନ ଧାରଣ କରେ, ଜୀବନଧାରଣ କରିବା ପାଇଁ ଖାଏ ନାହିଁ ।' ଆମେ ସର୍ବଦା ଏହି ଭୁଲ କରୁଅଛୁ; ପ୍ରକୃତିକୁ ହିଁ 'ମୁଁ' ଭାବି ସେଥିରେ ଆସକ୍ତ ହେଉଅଛୁ । ଏହି ଆସକ୍ତିରୁ ହିଁ ଆତ୍ମା ଉପରେ ଗଭୀର ସଂସ୍କାର ପଡ଼େ । ଏହି ସଂସ୍କାର ହିଁ ଆମକୁ ବଦ୍ଧ କରେ ଓ ସ୍ୱାଧୀନ ଭାବରେ କର୍ମ କରିବାକୁ ନ ଦେଇ କ୍ରୀତଦାସ ତୁଲ୍ୟ କର୍ମ କରାଇଥାଏ ।

ଏହି ଶିକ୍ଷାର ସାରମର୍ମ ଏହି ଯେ, ପ୍ରଭୁ ପରି କର୍ମ କରିବାକୁ ହେବ, କ୍ରୀତଦାସ ପରି ନୁହେଁ । ସର୍ବଦା କର୍ମ କର, କିନ୍ତୁ ଦାସ ଭଳି କର୍ମ କର ନାହିଁ । ସମସ୍ତେ କି ଭାବରେ କର୍ମ କରୁଛନ୍ତି, ତାହା କଅଣ ଦେଖୁ ନାହଁ ? କେହି ହେଲେ ସମ୍ପୂର୍ଣ୍ଣ ଭାବରେ କର୍ମହୀନ ହୋଇ ନ ପାରେ । ଶତକଡ଼ା ଅନେଶତ ଜଣ ଲୋକ କ୍ରୀତଦାସ ଭଳି କର୍ମ କରିଥାଆନ୍ତି—ତାହାର ଫଳ ଦୁଃଖ ଏପରି କର୍ମ ସ୍ୱାର୍ଥପର । ସ୍ୱାଧୀନ ଭାବରେ କାର୍ଯ୍ୟ କର, ପ୍ରେମର ସହିତ କାର୍ଯ୍ୟ କର ! 'ପ୍ରେମ' ଶବ୍ଦଟି ହୃଦୟଙ୍ଗମ କରିବା ବଡ଼ କଠିନ । ସ୍ୱାଧୀନତା ନ ଥିଲେ କେବେହେଲେ ପ୍ରେମ ଆସି ନପାରେ । କ୍ରୀତଦାସ ପକ୍ଷରେ ଯଥାର୍ଥ ପ୍ରେମ ସମ୍ଭବପର ନୁହେଁ । ଯଦି ଗୋଟିଏ କ୍ରୀତଦାସକୁ ଆଣି ତାହାକୁ ଶିକୁଳିରେ ବାନ୍ଧି କାମ କରାଅ, ସେ ମଧ୍ୟ ବାଧ୍ୟ ହୋଇ କଷ୍ଟେମଷ୍ଟେ କାମ କରିବ ସତ; କିନ୍ତୁ ତା ଅନ୍ତରରେ କୌଣସି ପ୍ରେମ ରହିବ ନାହିଁ । ଏହିପରି ଆମେ ମଧ୍ୟ ଯେତେବେଳେ ସାଂସାରିକ ଲାଭ ପାଇଁ କ୍ରୀତଦାସ ଭଳି କାର୍ଯ୍ୟ କରୁ, ଆମ ଅନ୍ତରରେ ମଧ୍ୟ କୌଣସି ପ୍ରେମ ନ ଥାଏ । ସୁତରାଂ ଆମର ଏ କାର୍ଯ୍ୟ ପ୍ରକୃତ କାର୍ଯ୍ୟ ନୁହେଁ । ଆମର ଆତ୍ମୀୟ ଓ ବନ୍ଧୁବାନ୍ଧବଙ୍କ ପାଇଁ ଆମେ ଯେଉଁ କାର୍ଯ୍ୟ କରୁ, ଏପରିକି ଆମ ନିଜ ପାଇଁ ଯେଉଁ କାର୍ଯ୍ୟ କରୁ, ସେ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ ।

ସ୍ୱାର୍ଥ ପାଇଁ କର୍ମ ଦାସ-ସୁଲଭ କର୍ମ । ପୁଣି କୌଣସି କର୍ମ ସ୍ୱାର୍ଥ ନିମିତ୍ତ କି ନୁହେଁ, ତାହାର ପରୀକ୍ଷା ଏହି ଯେ, ପ୍ରେମର ସହିତ ଯେକୌଣସି କାର୍ଯ୍ୟ କରାଯାଏ, ସେଥିରେ ଆମେ ସୁଖୀ ହୋଇଥାଉ । ପ୍ରକୃତ ପ୍ରେମ ପ୍ରଣୋଦିତ ଏପରି କୌଣସି କାର୍ଯ୍ୟନାହିଁ, ଯାହାର ଫଳ-ସ୍ୱରୂପ ଶାନ୍ତି ଓ ଆନନ୍ଦ ନ ମିଳିବ । ପ୍ରକୃତ ସତ୍ତା ପ୍ରକୃତ ଜ୍ଞାନ, ପ୍ରକୃତ ପ୍ରେମ ଅନନ୍ତକାଳ ପାଇଁ ପରସ୍ପରର ସମ୍ବନ୍ଧଦ୍ୱାରା ସଂଯୁକ୍ତ; ଆଉ ପ୍ରକୃତରେ ଏ ତିନିହେଁ ଏକ । ଏମାନଙ୍କ ମଧ୍ୟରୁ ଯେଉଁଠି ଗୋଟିଏ ଅଛି, ଅନ୍ୟଗୁଡ଼ିକ ସେଠାରେ ଅବଶ୍ୟ ଥିବ । ଏମାନେ ସେହି ଅଦ୍ୱିତୀୟ ସଚ୍ଚିଦାନନ୍ଦଙ୍କର ତ୍ରିବିଧ ରୂପ । ଯେତେବେଳେ ସେହି (ନିରପେକ୍ଷ) ସତ୍ତା ଆପେକ୍ଷିକ ଭାବାପନ୍ନ ହୁଏ, ସେତେବେଳେ ଆମେ ତାହାକୁ ଜଗତ ରୂପରେ ଦେଖୁ । ସେହି ଜ୍ଞାନ ପୁଣି ଜାଗତିକ ବସ୍ତୁ-ବିଷୟକ ଜ୍ଞାନରେ ପରିଣତ ହୁଏ ଏବଂ ସେହି ଆନନ୍ଦ ହିଁ ମାନବ-ହୃଦୟରେ ସର୍ବବିଧ ପ୍ରେମର ଭିତ୍ତିସ୍ୱରୂପ । ଅତଏବ ପ୍ରକୃତ ପ୍ରେମ କେବେହେଲେ ପ୍ରେମିକ ଅଥବା ପ୍ରେମାସ୍ପଦ କାହାରି ଦୁଃଖର କାରଣ ହୋଇ ନ ପାରେ ।

ମନେକର, ଜଣେକ ପୁରୁଷ, କୌଣସି ସ୍ତ୍ରୀକୁ ଭଲ ପାଏ । ସେ ଏକୁଟିଆ ତାହାକୁ ସମ୍ପୂର୍ଣ୍ଣ ଭାବରେ ଭୋଗ କରିବାକୁ ଚାହେଁ, ତାହାର ପ୍ରତ୍ୟେକ ଗତିବିଧି ସମ୍ବନ୍ଧରେ ପୁରୁଷଟିର ମନରେ ଈର୍ଷାର ଉଦ୍ରେକ ହୁଏ । ତାର ଇଚ୍ଛା–ସ୍ତ୍ରୀ ଲୋକଟି ତା ନିକଟରେ ବସୁ, ତା ନିକଟରେ ଛିଡ଼ାହେଉ, ତା ଇଙ୍ଗିତରେ ଖିଆ–ପିଆ, ଚଲା–ବୁଲା ପ୍ରଭୃତି କରୁ । ସେ ଏହି ସ୍ତ୍ରୀ–ଲୋକଟିର କ୍ରୀତଦାସ ହୋଇପଡ଼ିଛି ଏବଂ ସ୍ତ୍ରୀକୁ ମଧ୍ୟ ନିଜର ଦାସୀ କରି ରଖିବାକୁ ଇଚ୍ଛା କରୁଛି । ଏହା ପ୍ରେମ ନୁହେଁ, ଏହା ଏକ ପ୍ରକାର ଦାସସୁଲଭ ଅନୁରାଗର ବିକାର ମାତ୍ର । ଏହା ଭଲ ପାଇବା ହୋଇପାରେ ନାହିଁ, କାରଣ ଏହା ଯନ୍ତ୍ରଣାଦାୟକ । ଯଦି ସ୍ତ୍ରୀଲୋକଟି ତା ଇଚ୍ଛା ଅନୁଯାୟୀ କାର୍ଯ୍ୟ ନ କରେ, ତେବେ ତା'ର କଷ୍ଟ ହେବ । ପ୍ରେମର କିନ୍ତୁ କୌଣସି ଯନ୍ତ୍ରଣାଦାୟକ ପ୍ରତିକ୍ରିୟା ନାହିଁ, ସେଥିରୁ କେବଳ ଆନନ୍ଦ ମିଳିଥାଏ । ଯଦି ଆନନ୍ଦ ନ ମିଳେ, ତେବେ ଏହା ଭଲପାଇବା ନୁହେଁ, ଆମେ ଭୁଲରେ ଅନ୍ୟ କୌଣସି ପଦାର୍ଥକୁ ଭଲପାଇବା ବୋଲି ମନେକରୁଛୁ । ଯେତେବେଳେ ତୁମେ ତୁମର ସ୍ୱାମୀକୁ, ସ୍ତ୍ରୀକୁ, ପୁତ୍ରକନ୍ୟାଙ୍କୁ, ସମଗ୍ର ପୃଥିବୀକୁ, ବିଶ୍ୱଜଗତକୁ ଏପରି ଭାବରେ ଭଲପାଇବା ପାଇଁ ସମର୍ଥ ହେବ ଯେ, ସେଥିରେ କୌଣସି ପ୍ରକାର ଦୁଃଖ, ଈର୍ଷା ବା ସ୍ୱାର୍ଥପରତାର ପ୍ରତିକ୍ରିୟା ହେବ ନାହିଁ, ସେତେବେଳେ ତୁମେ ପ୍ରକୃତରେ ଅନାସକ୍ତ ହୋଇପାରିବ ।

ଶ୍ରୀକୃଷ୍ଣ କହିଛନ୍ତି, 'ହେ ଅର୍ଜୁନ, ମୁଁ ଯଦି ମୁହୂର୍ତ୍ତେ କର୍ମରୁ ବିରତ ହୁଏ, ତେବେ ସମଗ୍ର ଜଗତ ଧ୍ୱଂସ ହୋଇଯିବ । କର୍ମ କରିବାରେ ମୋର କୌଣସି ଲାଭ ନାହିଁ । ମୁଁ ଜଗତର ଏକମାତ୍ର ପ୍ରଭୁ, ତେବେ ମୁଁ କର୍ମ କରେ କାହିଁକି ?—ଜଗତକୁ ମୁଁ ଭଲପାଏ ବୋଲି ।'* ଈଶ୍ୱର ଭଲପାଆନ୍ତି ବୋଲି ସେ ଅନାସକ୍ତ । ପ୍ରକୃତ ଭଲପାଇବା ଆମକୁ ମଧ୍ୟ ଅନାସକ୍ତ କରେ । ଯେଉଁଠି ଦେଖିବ ଆସକ୍ତି–ପାର୍ଥିବ ବସ୍ତୁ ପ୍ରତି ଏହି ଆକର୍ଷଣ, ସେହିଠାରେ ହିଁ ଜାଣିବ ଏହା ପ୍ରାକୃତିକ ଆକର୍ଷଣ; କେତେଗୁଡ଼ିଏ ଜଳବିନ୍ଦୁ ସହିତ ଆହୁରି କେତେଗୁଡ଼ିଏ ଜଳବିନ୍ଦୁର ଭୌତିକ ଆକର୍ଷଣ ମାତ୍ର, କିଛି ଯେପରି ଦୁଇଟି ବସ୍ତୁକୁ କ୍ରମାଗତ ନିକଟକୁ ଆକର୍ଷଣ କରୁଅଛି, ଆଉ ସେମାନେ ପରସ୍ପର ଖୁବ୍ ନିକଟବର୍ତ୍ତୀ ନହୋଇ ପାରିଲେ ହିଁ ଯନ୍ତ୍ରଣାର ଉଦ୍ଭବ ହୁଏ । କିନ୍ତୁ ପ୍ରକୃତ ଭଲପାଇବା ଭୌତିକ ବା ଶାରୀରିକ ଆକର୍ଷଣ ଉପରେ ଆଦୌ ନିର୍ଭର କରେ ନାହିଁ । ପ୍ରେମିକ ଗଣ ପରସ୍ପରଠାରୁ ସହସ୍ର ମାଇଲ ବ୍ୟବଧାନ ରହିପାରନ୍ତି । କିନ୍ତୁ ସେଥିରେ ସେମାନଙ୍କର ଭଲପାଇବାର କୌଣସି କ୍ଷତି ହେବ ନାହିଁ, ଏହା ବିନଷ୍ଟ ହେବ ନାହିଁ ବା ସେଥିରୁ କେବେ କୌଣସି ଯନ୍ତ୍ରଣାଦାୟକ ପ୍ରତିକ୍ରିୟା ସୃଷ୍ଟି ହେବ ନାହିଁ ।

ଏହି ଅନାସକ୍ତି ଲାଭ କରିବା ସମଗ୍ର ଜୀବନର ସାଧନା କହିଲେ ଅତ୍ୟୁକ୍ତି ହେବ ନାହିଁ ଏହା ଲାଭ କରିପାରିଲେ ଆମେ ପ୍ରକୃତ ପ୍ରେମର ଲକ୍ଷ୍ୟସ୍ଥଳରେ ଉପନୀତ ହେବୁ ଏବଂ ମୁକ୍ତ ହେବୁ । ସେତେବେଳେ ଆମର ପ୍ରକୃତିଗତ ବନ୍ଧନ ଖସି ପଡ଼ିବ ଏବଂ ଆମେ ପ୍ରକୃତିର ଯଥାର୍ଥ ରୂପ ଦେଖିବାକୁ ପାଇବୁ; ପ୍ରକୃତି ଆମ ପାଇଁ ଆଉ ବନ୍ଧନ ସୃଷ୍ଟି କରିପାରିବ ନାହିଁ; ଆମେ ସେତେବେଳେ ସ୍ୱାଧୀନ ଭାବରେ ଦଣ୍ଡାୟମାନ ହୋଇପାରିବୁ ଓ କର୍ମର ଫଳାଫଳ ଆଉ ଗଣ୍ୟ କରିବୁ ନାହିଁ । ଫଳ କଅଣ ହେଲା, ସେତେବେଳେ ତାହା କିଏ ଚିନ୍ତା କରିବ ?

ପିଲାମାନଙ୍କୁ କିଛି ଦେଲେ ତୁମେ କଣ ସେମାନଙ୍କ ନିକଟରୁ କିଛି ପ୍ରତିଦାନ ଆଶା କର ? ସେମାନଙ୍କ ପାଇଁ କାର୍ଯ୍ୟ କରିବା ହିଁ ତୁମର କର୍ତ୍ତବ୍ୟ । କୌଣସି ବିଶେଷ ବ୍ୟକ୍ତି, ନଗର

* ତୁଳନୀୟ—ଗୀତା—୩/୨୨-୨୪

ବା ରାଷ୍ଟ୍ର ପାଇଁ ଯାହା ଇଚ୍ଛା ତାହା କରିଯାଅ; କିନ୍ତୁ ସନ୍ତାନମାନଙ୍କ ପ୍ରତି ତୁମର ଯେପରି ଭାବ, ସେମାନଙ୍କ ପ୍ରତି ମଧ୍ୟ ସେହି ଭାବ ଅବଲମ୍ବନ କର, ସେମାନଙ୍କ ନିକଟରୁ କୌଣସି ପ୍ରତିଦାନ ଆଶା କର ନାହିଁ । ଯଦି ସର୍ବଦା ଦାତାର ଭାବ ଅବଲମ୍ବନ କର, ପ୍ରତ୍ୟୁପକାରର କୌଣସି ଆଶା ନ ରଖି ଜଗତକୁ ତୁମର ଯାହା ଦେବାର ଦେଇଯାଅ, ତେବେ ସେହି କର୍ମରୁ ତୁମର କୌଣସି ବନ୍ଧନ ବା ଆସକ୍ତି ହେବ ନାହିଁ । ଆମେ ଯେତେବେଳେ କୌଣସି ପ୍ରତ୍ୟାଶା ରଖୁ, କେବଳ ସେତେବେଳେ ହିଁ ଆସକ୍ତି ଆସେ ।

କ୍ରୀତଦାସ ଭଳି କାର୍ଯ୍ୟ କଲେ ଯଦି ସେଥିରୁ ସ୍ୱାର୍ଥପରତା ଓ ଫଳାସକ୍ତି ଆସେ, ତା'ହେଲେ ପ୍ରଭୁ ଭାବରେ କାର୍ଯ୍ୟ କଲେ ସେଥିରୁ ଅନାସକ୍ତିଜନିତ ଆନନ୍ଦ ନିଶ୍ଚୟ ଆସିବ । ଆମେ ଅନେକ ସମୟରେ ନ୍ୟାୟ ଓ ନିଜ ନିଜ ଅଧିକାରର କଥା କହିଥାଉ, କିନ୍ତୁ ଦେଖୁ ଯେ, ଏଗୁଡ଼ିକ ଶିଶୁସୁଲଭ ବାକ୍ୟମାତ୍ର । କେବଳ ଦୁଇଟି ଭାବ ମନୁଷ୍ୟର ଚରିତ୍ର ନିୟନ୍ତ୍ରଣ କରିଥାଏ-କ୍ଷମତା ଓ ଦୟା । କ୍ଷମତାର ପ୍ରୟୋଗ ଚିରକାଳ ହିଁ ସ୍ୱାର୍ଥପରତାରୁ ଚାଳିତ ହୁଏ । ସମସ୍ତେ ସେମାନଙ୍କର ଶକ୍ତି ଓ ସୁବିଧା ଅନୁସାରେ ତାଙ୍କ କ୍ଷମତା ପ୍ରୟୋଗ କରିବା ପାଇଁ ଚେଷ୍ଟା କରନ୍ତି । ଦୟା ଅତି ପବିତ୍ର; ଭଲ ହେବାକୁ ହେଲେ ଆମମାନଙ୍କୁ ଦୟାବାନ ହେବାକୁ ପଡ଼ିବ । ଏପରି କି ନ୍ୟାୟବିଚାର ଏବଂ ଅଧିକାରବୋଧ ମଧ୍ୟ ଦୟା ଉପରେ ପ୍ରତିଷ୍ଠିତ । କର୍ମର ଫଳାକାଙ୍‌କ୍ଷା ଆମର ଆଧ୍ୟାତ୍ମିକ ଉନ୍ନତିର ପ୍ରତିବନ୍ଧକ; କେବଳ ସେତିକି ନୁହେଁ, ପରିଣାମରେ ଏହା ଦୁଃଖର କାରଣ ହୁଏ । ଆଉ ଗୋଟିଏ ଉପାୟ ଅଛି ଯାହାଦ୍ୱାରା ଏହି ଦୟା ଓ ନିଃସ୍ୱାର୍ଥପରତା କାର୍ଯ୍ୟରେ ପରିଣତ କରାଯାଇପାରେ; ଯଦି ଆମେ ସଗୁଣ ବ୍ୟକ୍ତିଭାବାପନ୍ନ ଈଶ୍ୱରଙ୍କୁ ବିଶ୍ୱାସ କରୁ, ତେବେ କର୍ମକୁ 'ଉପାସନା' ବୋଲି ଭାବିବାକୁ ହେବ । ଏ କ୍ଷେତ୍ରରେ ଆମେ ଆମର ସମସ୍ତ କର୍ମଫଳ ଭଗବାନଙ୍କ ଉପରେ ଅର୍ପଣ କରିଥାଉ । ଏହି ଭାବରେ ତାଙ୍କୁ ଉପାସନା କଲେ ଆମ କର୍ମ ପାଇଁ ମାନବ ଜାତି ନିକଟରୁ କିଛି ପ୍ରତ୍ୟାଶା କରିବାର ଅଧିକାର ଆମର ରହିବ ନାହିଁ । ପ୍ରଭୁ ସ୍ୱୟଂ ସର୍ବଦା କର୍ମ କରୁଛନ୍ତି ଏବଂ ତାଙ୍କର କୌଣସି ଆସକ୍ତି ନାହିଁ । ଜଳ ଯେପରି ପଦ୍ମପତ୍ରକୁ ଓଦା କରିପାରେ ନାହିଁ, ଠିକ୍ ସେହିପରି ନିଃସ୍ୱାର୍ଥ ବ୍ୟକ୍ତିକୁ କର୍ମ ଆସକ୍ତିରେ ବଦ୍ଧ କରିପାରେ ନାହିଁ । ଅହଂ-ଶୂନ୍ୟ ଓ ଅନାସକ୍ତ ବ୍ୟକ୍ତି ଜନପୂର୍ଣ୍ଣ ଓ ପାପସଙ୍କୁଳ ସହରରେ ବାସ କଲେ ସୁଦ୍ଧା ସେ ପାପରେ ଲିପ୍ତ ହେବେ ନାହିଁ ।

ଏହି ପୂର୍ଣ୍ଣ ସ୍ୱାର୍ଥତ୍ୟାଗର ଭାବଟି ନିମ୍ନୋକ୍ତ ଗଳ୍ପଟିରେ ବର୍ଣ୍ଣିତ ହୋଇଛି । କୁରୁକ୍ଷେତ୍ର ଯୁଦ୍ଧ ଶେଷ ହେବାରୁ ପଞ୍ଚପାଣ୍ଡବ ଏକ ମହାଯଜ୍ଞ କରି ଦରିଦ୍ରମାନଙ୍କୁ ନାନାବିଧ ବହୁମୂଲ୍ୟ ବସ୍ତୁ ଦାନ କଲେ । ସମସ୍ତେ ଏହି ଯଜ୍ଞର ଜାକଜମକ ଓ ଐଶ୍ୱର୍ଯ୍ୟରେ ଚମତ୍କୃତ ହୋଇ କହିବାକୁ ଲାଗିଲେ-ପୃଥିବୀରେ ଏପରି ଯଜ୍ଞ ପୂର୍ବେ କେବେ ହୋଇନାହିଁ । ଯଜ୍ଞ ଶେଷରେଏକ କ୍ଷୁଦ୍ରକାୟ ନକୁଳ ସେଠାରେ ଆସି ଉପସ୍ଥିତ ହେଲା । ତାହାର ଶରୀରର ଅର୍ଦ୍ଧାଂଶ ସ୍ୱର୍ଣ୍ଣାଭ ସୁନ୍ଦର ଥିଲା ଓ ଅବଶିଷ୍ଟ ଅର୍ଦ୍ଧେକ ଥିଲା ପିଙ୍ଗଳ ବର୍ଣ୍ଣ । ନକୁଳଟି ସେହି ଯଜ୍ଞଭୂମିରେ ଗଡ଼ିବାକୁ ଲାଗିଲା ଏବଂ ସେଠାରେ ଉପସ୍ଥିତ ସମସ୍ତଙ୍କୁ କହିଲା, 'ତୁମେ ସବୁ ମିଥ୍ୟାବାଦୀ, ଏହା କୌଣସି ଯଜ୍ଞ ହୋଇ ନ ପାରେ ।' ସେମାନେ କହିଲେ, 'ତୁମେ କଅଣ କହୁଛ-ଏହା ଯଜ୍ଞ ନୁହେଁ ? ତୁମେ କଅଣ ଜାଣି ନାହଁ ଯେ ଏହି ଯଜ୍ଞରେ ଦରିଦ୍ରମାନଙ୍କୁ କେତେ ଧନରତ୍ନ ଦାନ କରାହୋଇଛି ? ସମସ୍ତେ ଧନବାନ୍ ଓ ସନ୍ତୁଷ୍ଟ ହୋଇ ଫେରି ଯାଇଛନ୍ତି । ଏଭଳି ଅପୂର୍ବ ଯଜ୍ଞ ଆଉ କେହି କେବେ କରି ନାହିଁ ।'

ଉତ୍ତରରେ ନକୁଳ କହିଲା, ''ଶୁଣନ୍ତୁ, ଏକ କ୍ଷୁଦ୍ର ଗ୍ରାମରେ ଜନୈକ ଦରିଦ୍ର ବ୍ରାହ୍ମଣ ସ୍ତ୍ରୀ, ପୁତ୍ର ଓ ପୁତ୍ରବଧୂ ସହ ବାସ କରୁଥିଲେ । ବ୍ରାହ୍ମଣ ଥିଲେ ଖୁବ୍ ଗରିବ; ଶାସ୍ତ୍ରପାଠ ଓ ଧର୍ମୋପଦେଶଦ୍ୱାରା ଲବ୍ଧ ଭିକ୍ଷା ହିଁ ଥିଲା ତାଙ୍କର ଉପାର୍ଜନ । ସେ ଦେଶରେ ଥରେ ତିନି ବର୍ଷ ଧରି ଦୁର୍ଭିକ୍ଷ ପଡ଼ିଲା । ଗରିବ ବ୍ରାହ୍ମଣ ପୂର୍ବାପେକ୍ଷା ଅଧିକ କଷ୍ଟରେ ରହିବାକୁ ଲାଗିଲେ । ଅବଶେଷରେ ସେହି ପରିବାରକୁ ପାଞ୍ଚ ଦିନ ଧରି ଉପବାସରେ ରହିବାକୁ ହେଲା । ଭାଗ୍ୟକ୍ରମେ ଷଷ୍ଠ ଦିନ ପିତା କିଛି ଯବଛତୁ ସଂଗ୍ରହ କରି ଆଣିଲେ ଏବଂ ଏହାକୁ ଚାରି ଭାଗ କଲେ । ସେମାନେ ଯେତେବେଳେ ଖାଇବାକୁ ବସିଲେ ସେତେବେଳେ ଦ୍ୱାରଦେଶରେ ଆଘାତ ହେଲା । ପିତା ଦ୍ୱାର ଖୋଲି ଦେଖିଲେ ଯେ, ଜଣେ କ୍ଷୁଧାର୍ତ୍ତ ଅତିଥି ଦଣ୍ଡାୟମାନ । ଭାରତବର୍ଷରେ ଅତିଥି ବଡ ପବିତ୍ର ଓ ମାନ୍ୟ ବ୍ୟକ୍ତି; ଅତିଥି 'ନାରାୟଣ' ତୁଲ୍ୟ । ଦରିଦ୍ର ବ୍ରାହ୍ମଣ କହିଲେ, 'ଆସନ୍ତୁ, ମହାଶୟ! ଆସନ୍ତୁ, ସ୍ୱାଗତମ୍ !' ଗରିବ ବ୍ରାହ୍ମଣ ଅତିଥିଙ୍କ ସମ୍ମୁଖରେ ନିଜ ଭାଗର ଖାଦ୍ୟ ରଖିଦେଲେ । ଅତିଥି ଅତିଶୀଘ୍ର ଏହା ଶେଷ କରି କହିଲେ, 'ମହାଶୟ, ଆପଣ ମୋତେ ଏକାବେଳକେ ମାରି ପକାଇବେ ଦେଖୁଛି । ମୁଁ ଦଶ ଦିନ ହେଲା ଉପବାସରେ ଅଛି, ଏହି ଅଳ୍ପ ପରିମାଣ ଖାଦ୍ୟରେ ମୋର କ୍ଷୁଧା ଆହୁରି ବଢି-ଉଠିଛି ।' ସେତେବେଳେ ବ୍ରାହ୍ମଣୀ ସ୍ୱାମୀଙ୍କୁ କହିଲା, 'ମୋ ଭାଗଟା ମଧ୍ୟ ଏହାଙ୍କୁ ଦିଅନ୍ତୁ ।' ସ୍ୱାମୀ କହିଲେ, 'ନା, ତାହା ହେବ ନାହିଁ ।' କିନ୍ତୁ ବ୍ରାହ୍ମଣ-ପତ୍ନୀ ଜୋର କରି କହିବାକୁ ଲାଗିଲେ, 'ଏ ଦରିଦ୍ର ଅତିଥି ଆମ ନିକଟରେ ଉପସ୍ଥିତ, ଆମେ ଗୃହସ୍ଥ-ଆମର କର୍ତ୍ତବ୍ୟ ତାଙ୍କୁ ଖାଇବାକୁ ଦେବା, ଆପଣଙ୍କର ଯେତେବେଳେ ଆଉ କିଛି ଖାଦ୍ୟ ଦେବାର ନାହିଁ, ସେତେବେଳେ ଆପଣଙ୍କର ସହଧର୍ମିଣୀ ରୂପେ ମୋର ଖାଦ୍ୟ ଅତିଥିଙ୍କୁ ଅର୍ପଣ କରିବା ମୋ କର୍ତ୍ତବ୍ୟର ଅନ୍ତର୍ଭୁକ୍ତ ।' ଏହା କହି ସେ ମଧ୍ୟ ନିଜ ଭାଗଟି ଅତିଥିଙ୍କୁ ଦେଲେ । ଅତିଥି ତତ୍‌କ୍ଷଣାତ୍ ତାହା ନିଃଶେଷ କରି କହିଲେ, 'ମୁଁ ବର୍ତ୍ତମାନ ମଧ୍ୟ କ୍ଷୁଧାରେ ଆତୁର, ସେତେବେଳେ ପୁତ୍ର କହିଲେ, 'ଆପଣ ମୋ ଭାଗଟି ଗ୍ରହଣ କରନ୍ତୁ । ପୁତ୍ରର କର୍ତ୍ତବ୍ୟ ପିତାଙ୍କୁ ତାଙ୍କ କର୍ତ୍ତବ୍ୟ-ପାଳନରେ ସହାୟତା କରିବା ।' ଅତିଥି ତାଙ୍କ ଅଂଶ ମଧ୍ୟ ଖାଇଲେ, କିନ୍ତୁ ତଥାପି ତାଙ୍କର ତୃପ୍ତି ହେଲା ନାହିଁ । ସେତେବେଳେ ପୁତ୍ରବଧୂ ମଧ୍ୟ ତାଙ୍କ ଭାଗଟି ଦେଲେ । ଏହିଥର ତାଙ୍କର ଆହାର ଯଥେଷ୍ଟ ହେଲା ଓ ଅତିଥି ସେମାନଙ୍କୁ ଆଶୀର୍ବାଦ କରି ଚାଲିଗଲେ ।

''ସେହି ରାତିରେ ଏହି ଚାରିଜଣ ଅନାହାରରେ ପ୍ରାଣତ୍ୟାଗ କଲେ । ଏହି ଛତୁର କିଛି ଅଂଶ ଚଟାଣ ଉପରେ ପଡ଼ିଥିଲା । ଯେତେବେଳେ ମୁଁ ତାହା ଉପରେ ଗଡ଼ିଗଲି, ସେତେବେଳେ ମୋ ଦେହର ଅର୍ଦ୍ଧେକ ଅଂଶ ସୁନାପରି ହୋଇଗଲା; ଆପଣମାନେ ସମସ୍ତେ ଏହା ଦେଖୁଛନ୍ତି । ସେହିଦିନଠାରୁ ମୁଁ ସମଗ୍ର ଜଗତ ବୁଲୁଛି; ମୋର ଇଚ୍ଛା ଯେ ଏହିପରି ଆଉ ଗୋଟିଏ ଯଜ୍ଞ ଦେଖିବି । କିନ୍ତୁ ଆଉ ସେପରି ଯଜ୍ଞ ଦେଖିବାକୁ ପାଉ ନାହିଁ, କିମ୍ବା କେଉଁଠି ହେଲେ ମୋ ଶରୀରର ବାକି ଅଂଶ ସୁବର୍ଣ୍ଣରେ ପରିଣତ ହେଲା ନାହିଁ । ତେଣୁ ମୁଁ କହୁଛି ଏହା ଆଦୌ ଯଜ୍ଞ ନୁହେଁ ।''

ଭାରତବର୍ଷରୁ ଏହି ସ୍ୱାର୍ଥତ୍ୟାଗ ଓ ଦୟା କ୍ରମଶଃ ଅନ୍ତର୍ହିତ ହେଉଅଛି; ମହତ୍ ବ୍ୟକ୍ତିଙ୍କ ସଂଖ୍ୟା କ୍ରମେ ହ୍ରାସ ପାଉଛି । ପ୍ରଥମେ ଇଂରାଜୀ ପଢିବା ସମୟରେ ମୁଁ ଗୋଟିଏ ଗଳ୍ପ ପଢ଼ିଥିଲି । ତାହା ଏକ କର୍ତ୍ତବ୍ୟ ପରାୟଣ ବାଳକର ଗଳ୍ପ; ସେ କାମ କରି ଯାହା ଉପାର୍ଜନ କରେ, ତାହାର କେତେକାଂଶ ତାହର ବୃଦ୍ଧା ଜନନୀକୁ ଦିଏ । ପୁସ୍ତକର ତିନି ଚାରି ପୃଷ୍ଠା ପର୍ଯ୍ୟନ୍ତ

କେବଳ ବାଳକର ଏହି କାର୍ଯ୍ୟର ପ୍ରଶଂସା କରାହୋଇଛି । କିନ୍ତୁ ସେଥିରେ ଅସାଧାରଣ କଅଣ ଅଛି ? ଏହି ଗଳ୍ପ ଯେ କି ନୀତିଶିକ୍ଷା ଦିଏ ତାହା କୌଣସି ହିନ୍ଦୁ ବାଳକ ପକ୍ଷରେ ବୁଝିବା ସମ୍ଭବ ନୁହେଁ । ବର୍ତ୍ତମାନ ପାଶ୍ଚାତ୍ୟ ଦେଶର ଭାବ-ନିଜ କଥା ନିଜେ ଦେଖ ।' ଏହି କଥାରୁ ମୁଁ ବିଷୟଟି ବୁଝିପାରୁଛି । ଏ ଦେଶରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜେ ସବୁ ଭୋଗ କରନ୍ତି, ବାପା-ମା-ସ୍ତ୍ରୀ-ପୁତ୍ରଙ୍କୁ ଦେଖନ୍ତି ନାହିଁ । ଗୃହସ୍ଥର ଏପରି ଆଦର୍ଶ କେବେହେଲେ ଉଚିତ ନୁହେଁ ।

ବର୍ତ୍ତମାନ ତୁମେ ବୁଝିପାରୁଛ, କର୍ମଯୋଗର ଅର୍ଥ କଅଣ । ଏହାର ଅର୍ଥ-ମୃତ୍ୟୁର ସମ୍ମୁଖୀନ ହେଲେ ସୁଦ୍ଧା ମୁହଁ ବନ୍ଦ କରି ସମସ୍ତଙ୍କୁ ସାହାଯ୍ୟ କରିବା । ଲକ୍ଷ ଲକ୍ଷ ଥର ଲୋକେ ତୁମକୁ ପ୍ରତାରଣା କରନ୍ତୁ, କିନ୍ତୁ ତୁମେ କୌଣସି ପ୍ରଶ୍ନ କର ନାହିଁ କିମ୍ବା ତୁମେ ଯେ କୌଣସି ଭଲକାମ କରୁଅଛ, ତାହା ମଧ୍ୟ ଭାବ ନାହିଁ । ଦରିଦ୍ରମାନଙ୍କୁ ତୁମେ ଯେଉଁ ଦାନ କରୁଅଛ, ସେଥିପାଇଁ ବଡ଼ିମା ପୋଷଣ କର ନାହିଁ, ଅଥବା ସେମାନଙ୍କ ନିକଟରୁ କୃତଜ୍ଞତାର ଆଶା ମଧ୍ୟ କର ନାହିଁ; ବରଂ ସେମାନେ ଯେ ତୁମକୁ ତାଙ୍କର ସେବା କରିବାର ସୁଯୋଗ ଦେଇଛନ୍ତି, ସେଥିପାଇଁ ସେମାନଙ୍କ ପ୍ରତି କୃତଜ୍ଞ ହୁଅ । ଅତଏବ ସ୍ପଷ୍ଟ ଦେଖାଯାଉଛି, ଆଦର୍ଶ ସନ୍ୟାସୀ ହେବା ଅପେକ୍ଷା, ଆଦର୍ଶ ଗୃହୀ ହେବା କଷ୍ଟକର । ଯଥାର୍ଥ ତ୍ୟାଗୀର ଜୀବନ ଅପେକ୍ଷା ଯଥାର୍ଥ କର୍ମୀର ଜୀବନ କଠୋରତର ନ ହେଲେ ମଧ୍ୟ ସମଭାବେ କଠିନ ।

❋❋❋

## କର୍ତ୍ତବ୍ୟ କଅଣ ?

କର୍ମଯୋଗର ତତ୍ତ୍ୱ ବୁଝିବାକୁ ହେଲେ କର୍ତ୍ତବ୍ୟ କାହାକୁ କୁହାଯାଏ, ଆମର ତାହା ଜାଣିବା ଆବଶ୍ୟକ । ମୋତେ ଯଦି କିଛି କରିବାକୁ ହୁଏ, ତେବେ ପ୍ରଥମେ ଜାଣିବାକୁ ହେବ ମୋର କର୍ତ୍ତବ୍ୟ କଅଣ, ତେବେ ଯାଇ ତାହା କରିପାରିବି । କର୍ତ୍ତବ୍ୟଜ୍ଞାନ ପୁଣି ବିଭିନ୍ନ ଜାତି ମଧ୍ୟରେ ଭିନ୍ନ ଭିନ୍ନ । ମୁସଲମାନ୍ କହନ୍ତି, ତାଙ୍କ ଶାସ୍ତ୍ର କୋରାନରେ ଯାହା ଲେଖା ଅଛି, ତାହା ହିଁ ତାଙ୍କର କର୍ତ୍ତବ୍ୟ । ହିନ୍ଦୁ କହନ୍ତି, ତାଙ୍କ ବେଦରେ ଯାହା ଅଛି, ତାହା ହିଁ ତାଙ୍କର କର୍ତ୍ତବ୍ୟ । ଖ୍ରୀଷ୍ଟିୟାନ୍ ପୁଣି କହନ୍ତି ଯେ, ତାଙ୍କର ବାଇବେଲରେ ଯାହା ଅଛି, ତାହା ହିଁ ତାଙ୍କର କର୍ତ୍ତବ୍ୟ । ସୁତରାଂ ଆମେ ଦେଖିଲୁ, ଜୀବନର ବିଭିନ୍ନ ଅବସ୍ଥାରେ, ଇତିହାସର ବିଭିନ୍ନ ଯୁଗରେ ଓ ବିଭିନ୍ନ ଜାତି ମଧ୍ୟରେ କର୍ତ୍ତବ୍ୟର ଭାବ ଭିନ୍ନ ଭିନ୍ନ । ଅନ୍ୟାନ୍ୟ ସାର୍ବଜନୀନ-ଭାବବୋଧକ ଶବ୍ଦ ପରି 'କର୍ତ୍ତବ୍ୟ' ଶବ୍ଦର ମଧ୍ୟ ସ୍ପଷ୍ଟ ସଂଜ୍ଞା ଦେବା ଅସମ୍ଭବ । କର୍ମ ଜୀବନରେ ଏହାର ପରିଣତି ଓ ଫଳାଫଳ ଜାଣି ଆମେ ତାହା ସମ୍ବନ୍ଧରେ ଗୋଟିଏ ମୋଟାମୋଟି ଧାରଣା କରିପାରୁ ।

ଯେତେବେଳେ ଆମମାନଙ୍କ ସମ୍ମୁଖରେ କେତେଗୁଡ଼ିଏ ଘଟଣା ଘଟେ, ସେତେବେଳେ ଆମର ସେଗୁଡ଼ିକ ସମ୍ବନ୍ଧରେ କୌଣସି ବିଶେଷ ଭାବରେ କାର୍ଯ୍ୟ କରିବା ପାଇଁ ସ୍ୱାଭାବିକ, ଅଥବା ପୂର୍ବସଂସ୍କାର ଅନୁଯାୟୀ ଭାବର ଉଦୟ ହୁଏ । ସେହି ଭାବର ଉଦୟ ହେଲେ ମନ ତାହାର ପରିବେଶ ସମ୍ବନ୍ଧରେ ଚିନ୍ତା କରିବାକୁ ଆରମ୍ଭ କରେ । କେତେବେଳେ ମନେହୁଏ, ଏପରି ଅବସ୍ଥାରେ ଏହି ଭାବରେ କାର୍ଯ୍ୟ କରିବା ହିଁ ସଙ୍ଗତ, ପୁଣି ଅନ୍ୟ ସମୟରେ ଠିକ୍

ସେହିପରି ଅବସ୍ଥା ହେଲେ ମଧ୍ୟ ସେପରି ଭାବରେ କର୍ମ କରିବା ଅନ୍ୟାୟ ବୋଲି ମନେହୁଏ । ତଥାପି ସର୍ବତ୍ର ହିଁ କର୍ତ୍ତବ୍ୟର ଏହି ସାଧାରଣ ଧାରଣା ଦେଖାଯାଏ ଯେ, ପ୍ରତ୍ୟେକ ସତ୍ ବ୍ୟକ୍ତି ନିଜ ବିବେକର (**conscience**) ଆଦେଶ ଅନୁଯାୟୀ କର୍ମ କରିଥାଆନ୍ତି । କିନ୍ତୁ କେଉଁ ବିଶେଷ ଗୁଣ କର୍ମକୁ କର୍ତ୍ତବ୍ୟରେ ପରିଣତ କରେ ? ଯଦି ଜଣେ ଖ୍ରୀଷ୍ଟିୟାନ୍ ସମ୍ମୁଖରେ ଗୋମାଂସ ଥିବା ସତ୍ତ୍ୱେ ନିଜର ପ୍ରାଣରକ୍ଷା ପାଇଁ ଅଥବା ଅନ୍ୟର ପ୍ରାଣ ରକ୍ଷା ପାଇଁ ସେ ତାର ବ୍ୟବହାର ନ କରେ, ତା'ହେଲେ ସେ ନିଶ୍ଚୟ ବୋଧ କରିବ ଯେ, ତା କର୍ତ୍ତବ୍ୟରେ ସେ ଅବହେଳା କରିଅଛି । କିନ୍ତୁ ଜଣେ ହିନ୍ଦୁ ଯଦି ଏହି କ୍ଷେତ୍ରରେ ତାହା ଭୋଜନ କରିବାକୁ ସାହସ କରେ ଅଥବା ଅନ୍ୟ ହିନ୍ଦୁକୁ ତାହା ଖାଇବାକୁ ଦିଏ, ସେ ମଧ୍ୟ ନିଶ୍ଚୟ ସମଭାବରେ ଅନୁଭବ କରିବ ଯେ, ତାହାର କର୍ତ୍ତବ୍ୟ ଠିକ୍ ରୂପେ ପାଳିତ ହେଲା ନାହିଁ । ହିନ୍ଦୁର ଶିକ୍ଷା ଓ ସଂସ୍କାର ତା' ହୃଦୟରେ ଏହିପରି ଭାବ ଆଣିଦିଏ । ବିଗତ ଶତାବ୍ଦୀରେ ଭାରତରେ ଠଗ ନାମକ କୁଖ୍ୟାତ ଦସ୍ୟୁ ଦଳ ଥିଲା । ସେମାନଙ୍କର ଧାରଣା ଥିଲା—ଯାହାକୁ ପାଇବେ ତାକୁ ମାରି ତାର ସର୍ବସ୍ୱ ଅପହରଣ କରିବା ସେମାନଙ୍କର କର୍ତ୍ତବ୍ୟ; ଆଉ ଯେ ଯେତେ ଅଧିକ ଲୋକ ମାରୁଥିଲା ସେ ନିଜକୁ ସେତେ ବଡ଼ ବୋଲି ମନେକରୁଥିଲା । ସାଧାରଣତଃ ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଗୁଳିକରି ହତ୍ୟା କଲେ ତାହା ଅନ୍ୟାୟ କାର୍ଯ୍ୟ ବୋଲି ସେ ଦୁଃଖିତ ହୋଇଥାଏ । କିନ୍ତୁ ସେହି ବ୍ୟକ୍ତି ଯଦି ସୈନ୍ୟଦଳର ଅନ୍ତର୍ଭୁକ୍ତ ହୋଇ କେବଳ ଜଣକୁ ନୁହେଁ, କୋଡ଼ିଏ ଜଣକୁ ମଧ୍ୟ ଗୁଳି କରେ, ତେବେ ସେ ଆନନ୍ଦିତ ହୁଏ ଏବଂ ଭାବେ ଯେ, ସେ ଦକ୍ଷତାର ସହିତ ତାହାର କର୍ତ୍ତବ୍ୟ ପାଳନ କରିଛି । ଅତଏବ ଏଥିରୁ ଖୁବ୍ ସହଜରେ ବୁଝାଯାଉଛି ଯେ, 'କଅଣ ଆମେ କରୁଛୁ'—ଏହା ବିଚାର କରି କର୍ତ୍ତବ୍ୟ ନିର୍ଦ୍ଧାରିତ ହୁଏ ନାହିଁ ।

ସୁତରାଂ ବ୍ୟକ୍ତି-ନିରପେକ୍ଷ ଭାବେ କର୍ତ୍ତବ୍ୟର ଗୋଟିଏ ସଂଜ୍ଞା ଦେବା ଏକାବେଳକେ ଅସମ୍ଭବ; ଏହା କର୍ତ୍ତବ୍ୟ, ଏହା ଅକର୍ତ୍ତବ୍ୟ-ଏପରି ନିର୍ଦ୍ଦେଶ କରି କିଛି କୁହାଯାଇପାରେ ନାହିଁ । ତେବେ ବ୍ୟକ୍ତି (**Subjective**) ବା ଅଧ୍ୟାତ୍ମ ଦୃଷ୍ଟିରୁ କର୍ତ୍ତବ୍ୟର ଲକ୍ଷଣ ନିର୍ଣ୍ଣୟ କରାଯାଇପାରେ । ଯେକୌଣସି କାର୍ଯ୍ୟ ଆମମାନଙ୍କୁ ଭଗବାନଙ୍କ ଆଡ଼କୁ ନେଇଯାଏ, ତାହା ହିଁ ସତ୍‌କାର୍ଯ୍ୟ ଏବଂ ଯେଉଁ କାର୍ଯ୍ୟ ଆମମାନଙ୍କୁ ନିମ୍ନ ଦିଗକୁ ନେଇଯାଏ; ତାହା ଅସତ୍ କାର୍ଯ୍ୟ । ଆଧ୍ୟାତ୍ମିକ ଦିଗରୁ ଦେଖିଲେ ଆମେ ଦେଖିବାକୁ ପାଉ ଯେ କେତେଗୁଡ଼ିଏ କାର୍ଯ୍ୟ ଆମକୁ ଉନ୍ନତ ଓ ମହାନ୍ କରେ, ଅନ୍ୟ କେତେଗୁଡ଼ିଏ କାର୍ଯ୍ୟର ପ୍ରଭାବରେ ଆମେ ଅବନତ ଓ ପଶୁଭାବାପନ୍ନ ହୋଇଯାଉ । କିନ୍ତୁ ସର୍ବାବସ୍ଥାରେ ସର୍ବବିଧ ବ୍ୟକ୍ତିଙ୍କ ପକ୍ଷରେ କେଉଁ କାର୍ଯ୍ୟ ଦ୍ୱାରା କିପରି ଭାବ ଆସିବ, ତାହା ନିଶ୍ଚିତ ଭାବରେ କହିବା ସମ୍ଭବପର ନୁହେଁ । ତଥାପି ପ୍ରତ୍ୟେକ ଯୁଗରେ, ସକଳ ସମ୍ପ୍ରଦାୟ ଓ ଦେଶର ମନୁଷ୍ୟ କର୍ତ୍ତବ୍ୟ ସମ୍ବନ୍ଧରେ ଗୋଟିଏ ଧାରଣା ଅତ୍ୟନ୍ତ ସ୍ପଷ୍ଟ ଭାବରେ ସ୍ୱୀକାର କରିଛନ୍ତି ଏବଂ ତାହା ଏହି ସଂସ୍କୃତ ଶ୍ଳୋକାର୍ଦ୍ଧରେ ବର୍ଣ୍ଣିତ ହୋଇଅଛି; 'ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍ ।'

ଭଗବଦ୍‌ଗୀତା ବର୍ଣ୍ଣାଶ୍ରମ ଅନୁଯାୟୀ କର୍ତ୍ତବ୍ୟର କଥା ବାରମ୍ବାର ଉଲ୍ଲେଖ କରିଛନ୍ତି । ବିଭିନ୍ନ କର୍ମପ୍ରତି କେଉଁ ବ୍ୟକ୍ତିର ମନୋଭାବ କିପରି ହେବ, ତାହା ଏହି ବ୍ୟକ୍ତିର ବର୍ଣ୍ଣାଶ୍ରମ ଓ ସାମାଜିକ ମର୍ଯ୍ୟାଦା ଅନୁସାରେ ଅନେକାଂଶରେ ନିୟନ୍ତ୍ରିତ ହୁଏ । ଏଥିପାଇଁ ଆମର କର୍ତ୍ତବ୍ୟ, ଯେଉଁ ସମାଜରେ ଆମେ ଜନ୍ମଗ୍ରହଣ କରିଛୁ, ସେହି ସମାଜର ଆଦର୍ଶ ଓ କର୍ମଧାରା ଅନୁସାରେ

ଏପରି କାର୍ଯ୍ୟ କରିବା, ଯାହାଦ୍ୱାରା ଆମର ଜୀବନ ଉନ୍ନତ ଓ ମହତ୍ ହେବ । କିନ୍ତୁ ଏହା ବିଶେଷ ଭାବରେ ସ୍ମରଣ ରଖିବାକୁ ହେବ ଯେ, ସବୁ ସମାଜରେ ଓ ସବୁ ଦେଶରେ ଏକପ୍ରକାର ଆଦର୍ଶ ଓ କାର୍ଯ୍ୟପ୍ରଣାଳୀ ପ୍ରଚଳିତ ନୁହେଁ । ଏହି ବିଷୟରେ ଆମର ଅଜ୍ଞତା ହିଁ ଏକ ଜାତି ପ୍ରତି ଅନ୍ୟ ଜାତିର ଘୃଣାର ପ୍ରଧାନ କାରଣ । ଜଣେ ମାର୍କିନ୍‌ବାସୀ ଭାବନ୍ତି, ତାଙ୍କ ଦେଶର ରୀତିନୀତି ସର୍ବାପେକ୍ଷା ଭଲ ଏବଂ ଯେଉଁ ବ୍ୟକ୍ତି ଏହି ରୀତି ଅନୁସରଣ ନ କରେ, ସେ ଅତି ଖରାପ ଲୋକ । ଜଣେ ହିନ୍ଦୁ ଭାବେ ତା'ର ଆଚାର-ବ୍ୟବହାର ହିଁ ଶ୍ରେଷ୍ଠ ଓ ସତ୍ୟ, ସୁତରାଂ ଯେ ଏହାର ଅନୁସରଣ ନ କରେ, ସେ ଅତି ମନ୍ଦ ଲୋକ । ଆମେ ସହଜରେ ଏହି ଭ୍ରମରେ ପଡ଼ିଥାଉ । ଏହା ବଡ଼ ଅନିଷ୍ଟକର; ସଂସାରରେ ଯେଉଁ ସହାନୁଭୂତିର ଅଭାବ ଦେଖାଯାଏ, ତାହାର ଅର୍ଦ୍ଧେକ ଏହି ଭ୍ରମରୁ ହିଁ ଉତ୍ପନ୍ନ ।

ମୁଁ ଯେତେବେଳେ ଏ ଦେଶକୁ ପ୍ରଥମେ ଆସିଲି, ସେତେବେଳେ ଦିନେ ଚିକାଗୋ ମେଳାରେ ବୁଲୁଥିଲି, ପଛରୁ ଜଣେ ଲୋକ ମୋ ପଗଡ଼ି ଧରି ଭିଡ଼ି ଟାଣିଦେଲା । ମୁଁ ପଛକୁ ଅନାଇ ଦେଖିଲି ଯେ, ଲୋକଟି ବେଶ୍ ପରିଷ୍କାର ପରିଚ୍ଛନ୍ନ ଲୁଗାପଟା ପିନ୍ଧିଛି ଓ ବେଶ୍ ଭଦ୍ରଲୋକ ବୋଲି ମନେହେଉଛି । ମୁଁ ତାହା ସହିତ ଟିକିଏ କଥାବାର୍ତ୍ତା କଲି । ମୁଁ ଇଂରାଜୀ ଜାଣେ ବୁଝିବା ମାତ୍ରେ ଲୋକଟି ଖୁବ୍ ଲଜ୍ଜିତ ହେଲା । ଆଉ ଥରେ ଏହି ମେଳାରେ ଜଣେ ଲୋକ ଜାଣିଶୁଣି ମୋତେ ଧକ୍କା ଦେଲେ । ଏହା କରିବାର କାରଣ ପଚାରିବାରୁ ସେ ମଧ୍ୟ ଲଜ୍ଜିତ ହେଲେ; ଶେଷରେ ବହୁକଷ୍ଟରେ ମୋ ନିକଟରେ କ୍ଷମାପ୍ରାର୍ଥନା କରି କହିଲେ, 'ଆପଣ ଏପରି ପୋଷାକ ପିନ୍ଧିଛନ୍ତି କାହିଁକି ?' ଏହି ସକଳ ବ୍ୟକ୍ତିଙ୍କର ସହାନୁଭୂତି ସେମାନଙ୍କର ମାତୃଭାଷା ଓ ନିଜର ପୋଷାକ ପରିଚ୍ଛଦ ମଧ୍ୟରେ ହିଁ ସୀମାବଦ୍ଧ - ଦୁର୍ବଳ ଜାତି ଉପରେ ସବଳ ଜାତି ଯେଉଁସବୁ ଅତ୍ୟାଚାର କରେ, ସେଗୁଡ଼ିକ ମଧ୍ୟରୁ ଅଧିକାଂଶର କାରଣ ଏହି କୁସଂସ୍କାରରୁ ଉତ୍ପନ୍ନ । ଏହାଦ୍ୱାରା ମନୁଷ୍ୟ ପ୍ରତି ମନୁଷ୍ୟର ସୌହାର୍ଦ୍ଦ୍ୟ ନଷ୍ଟ ହୁଏ । ଯେଉଁ ବ୍ୟକ୍ତି ମୋତେ ପଚାରିଲେ—ମୁଁ ତାଙ୍କ ଭଳି ପୋଷାକ ପିନ୍ଧି ନାହିଁ କାହିଁକି, ଏବଂ ମୋର ଏ ବେଶ ପାଇଁ ମୋ ସହିତ ଅସଦ୍‌ବ୍ୟବହାର କଲେ, ସେ ହୁଏତ ଖୁବ୍ ଭଲ ଲୋକ; ହୁଏତ ସେ ସନ୍ତାନବତ୍ସଳ ପିତା ଓ ଜଣେ ସଜ୍ଜନ ବ୍ୟକ୍ତି; କିନ୍ତୁ ଯେତେବେଳେ ସେ ଭିନ୍ନବେଶପରିହିତ ଅନ୍ୟ କାହାକୁ ଦେଖିଲେ, ସେତେବେଳେ ତାଙ୍କର ସ୍ୱାଭାବିକ ସହୃଦୟତା ଲୁପ୍ତ ହେଲା । ସବୁ ଦେଶରେ ଆଗନ୍ତୁକ ବିଦେଶୀମାନଙ୍କୁ ଶୋଷଣ କରାହୁଏ, କାରଣ ସେମାନେ ଜାଣନ୍ତି ନାହିଁ ନୂତନ ଅବସ୍ଥାରେ ପଡ଼ିଲେ କିପରି ଆତ୍ମରକ୍ଷା କରିବାକୁ ହୁଏ, ଏଥିପାଇଁ ସେମାନେ ମଧ୍ୟ ସେ ଦେଶର ଲୋକଙ୍କ ସମ୍ବନ୍ଧରେ ଗୋଟାଏ ଭୁଲ୍ ଧାରଣା ନେଇଯାଆନ୍ତି । ନାବିକ, ସୈନିକ ଓ ବଣିକଗଣ ବିଦେଶରେ ଏପରି ଅଦ୍ଭୁତ ବ୍ୟବହାର କରିଥାଆନ୍ତି, ଯାହାକି ନିଜ ଦେଶରେ କରିବା କଥା ସେମାନେ ସ୍ୱପ୍ନରେ ସୁଦ୍ଧା ଭାବିପାରନ୍ତି ନାହିଁ । ଏହି କାରଣରୁ ବୋଧହୁଏ ଚୀନ୍‌ବାସୀଗଣ ମାର୍କିନ୍ ଓ ଇଉରୋପୀୟମାନଙ୍କୁ 'ବିଦେଶୀ ଭୂତ' ବୋଲି କହିଥାଆନ୍ତି । ପାଶ୍ଚାତ୍ୟ ଜୀବନର ଭଲ ଦିଗଟା ଦେଖିଲେ ସେମାନେ ଏପରି କେବେ ହେଲେ କହିପାରନ୍ତେ ନାହିଁ ।

ସୁତରାଂ ଆମର ଗୋଟିଏ ବିଷୟ ସ୍ମରଣ ରଖିବା ଉଚିତ ଯେ, ଆମେ ଯେପରି ଅନ୍ୟର କର୍ତ୍ତବ୍ୟ ବିଚାର କରିବା ସମୟରେ ସେମାନଙ୍କ ଦୃଷ୍ଟିରୁ ଦେଖୁ ଓ ଯେପରି ଅନ୍ୟ ଜାତିର ଆଚାର ବ୍ୟବହାର ଆମ ନିଜ ମାପକାଠି ଦ୍ୱାରା ନ ମାପୁ । ମୁଁ ଜଗତର ମାପକାଠି ନୁହେଁ ।

ମୋତେ ଜଗତ ସହିତ ସାମଞ୍ଜସ୍ୟ ରକ୍ଷାକରି ଚଳିବାକୁ ହେବ । ସମଗ୍ର ଜଗତ କେବେହେଲେ ମୋ ଭାବ ସହିତ ମିଳିମିଶି ଚଳିବ ନାହିଁ । ଅତଏବ ଦେଖାଗଲା, ପରିବେଶ ଅନୁସାରେ ଆମର କର୍ତ୍ତବ୍ୟର ଧାରା ପରିବର୍ତ୍ତିତ ହୁଏ; କୌଣସି ବିଶେଷ ସମୟରେ ଯାହା ଆମର କର୍ତ୍ତବ୍ୟ, ତାହା କରିବା ହିଁ ଜଗତରେ ଆମ ପାଇଁ ଶ୍ରେଷ୍ଠ କର୍ମ । ଯେପରି ପ୍ରଥମେ ଆମେ ଆମର ଜନ୍ମଗତ କର୍ତ୍ତବ୍ୟ-କର୍ମ, ତା'ପରେ ସମାଜରେ ଓ ଜୀବନରେ ଆମ ପଦମର୍ଯ୍ୟାଦା ଅନୁସାରେ ଯାହା କର୍ତ୍ତବ୍ୟ, ତାହା କରୁ । ମନୁଷ୍ୟ ସ୍ୱଭାବର ଗୋଟିଏ ବିଶେଷ ଦୁର୍ବଳତା ଏହି ଯେ, ମନୁଷ୍ୟ କେବେହେଲେ ନିଜକୁ ପରୀକ୍ଷା କରେ ନାହିଁ । ସେ ମନେକରେ ଯେ, ସେ ମଧ୍ୟ ରାଜ—ସିଂହାସନରେ ବସିବା ପାଇଁ ଉପଯୁକ୍ତ । ଯଦିବା ସେ ଉପଯୁକ୍ତ ହୁଏ, ତଥାପି ତାହାକୁ ପ୍ରଥମେ ଦେଖାଇବାକୁ ପଡ଼ିବ ଯେ, ସେ ତାହାର ସାମାଜିକ ଅବସ୍ଥା ଅନୁଯାୟୀ କର୍ତ୍ତବ୍ୟ ସମ୍ପାଦନ କରିଅଛି । ତେବେ ଯାଇ ତାହା ଉପରେ ଉଚ୍ଚତର କର୍ତ୍ତବ୍ୟର ଭାର ଅର୍ପିତ ହେବ । ଆମେ ଯେତେବେଳେ ଆଗ୍ରହ ସହକାରେ କୌଣସି କାର୍ଯ୍ୟ କରିବାକୁ ଆରମ୍ଭ କରୁ, ସେତେବେଳେ ପ୍ରକୃତି ଚତୁର୍ଦ୍ଦିଗରୁ ଆମକୁ ଆଘାତ କରେ ଏବଂ ତାହାରି ସାହାଯ୍ୟରେ ଶୀଘ୍ର ଆମେ ଆମର ଯଥାର୍ଥ ଅବସ୍ଥା ବୁଝିପାରୁ । ଯେ ଯେଉଁ କାର୍ଯ୍ୟ ପାଇଁ ଉପଯୁକ୍ତ ନୁହେଁ, ସେ ଦୀର୍ଘ କାଳ ସେହି ପଦରେ ରହିପାରେ ନାହିଁ । ସୁତରାଂ ପ୍ରକୃତି ଯାହା ବିଧାନ କରେ, ତାହା ବିରୋଧରେ କୁଣ୍ଠା ପ୍ରକାଶ କରିବାରେ କୌଣସି ଫଳ ନାହିଁ । ତୁମେ ଗୋଟିଏ ତୁଚ୍ଛ କାର୍ଯ୍ୟ କରୁଅଛ ବୋଲି ଯେ ତୁମେ ଜଣେ ନିମ୍ନସ୍ତରର ମନୁଷ୍ୟ, ତାହା ନୁହେଁ । କେବଳ କର୍ତ୍ତବ୍ୟର– ଆକାର–ପ୍ରକାର ଦେଖି କାହାରି ଗୁଣାଗୁଣ ନିର୍ଣ୍ଣୟ କରିବା ଉଚିତ ନୁହେଁ; ଯେ ଯେପରି ଭାବରେ ତା'ର କର୍ତ୍ତବ୍ୟ ସମ୍ପାଦନ କରେ, ତାହାରିଦ୍ୱାରା ହିଁ ତାହାକୁ ବିଚାର କରିବାକୁ ହେବ ।

ପରେ ଆମେ ଦେଖିବା, କର୍ତ୍ତବ୍ୟ ସମ୍ପର୍କୀୟ ଧାରଣା ମଧ୍ୟ ପରିବର୍ତ୍ତିତ ହୁଏ; ଆହୁରି ଦେଖିବା ଯେତେବେଳେ କର୍ମର ପଶ୍ଚାତ୍‌ରେ ସ୍ୱାର୍ଥର ପ୍ରେରଣା ନଥାଏ, ସେତିକିବେଳେ ହିଁ ମନୁଷ୍ୟ ଶ୍ରେଷ୍ଠ କର୍ମ କରିପାରେ । ତେବେ ସୁଦ୍ଧା କର୍ତ୍ତବ୍ୟଜ୍ଞାନ–ପ୍ରଣୋଦିତ କର୍ମ ହିଁ ଆମକୁ କର୍ତ୍ତବ୍ୟଜ୍ଞାନର ଅତୀତ କର୍ମକୁ ନେଇଯାଏ ଓ ସେତେବେଳେ କର୍ମ ଉପାସନାରେ ପରିଣତ ହୁଏ । କେବଳ ସେତିକି ନୁହେଁ, ସେତେବେଳେ କେବଳ କର୍ମ ପାଇଁ କର୍ମ ଅନୁଷ୍ଠିତ ହୋଇଥାଏ । ତେବେ ଏହା ହେଉଛି ଏକ ସର୍ବୋଚ୍ଚ ଆଦର୍ଶ ଏବଂ ଏହା ଲାଭ କରିବାର ଉପାୟ ହେଉଛି ଏହି 'କର୍ତ୍ତବ୍ୟ' । ଆମେ ଦେଖିବା, କର୍ତ୍ତବ୍ୟର ତତ୍ତ୍ୱ, ନୀତି ବା ପ୍ରେମ – ଯେକୌଣସି ରୂପରେ ପ୍ରକାଶିତ ହେଉନା କାହିଁକି, ଏହା ଠିକ୍ ଅନ୍ୟାନ୍ୟ ଯୋଗ ଭଳି । ଏହାର ଉଦ୍ଦେଶ୍ୟ 'କଞ୍ଚା ମୁଁ' କୁ କ୍ରମଶଃ କ୍ଷୀଣ କରିବା, ଯାହା ଫଳରେ 'ପାଚିଲା ମୁଁ' ନିଜ ମହିମାରେ ଶୋଭା ପାଇପାରେ । ଏହାର ଉଦ୍ଦେଶ୍ୟ ନିମ୍ନ ସ୍ତରର ଶକ୍ତିକ୍ଷୟକୁ ବାଧା ଦେବା, ଯାହାଦ୍ୱାରା ଆତ୍ମା ଉଚ୍ଚତର ଭୂମିରେ ନିଜକୁ ପ୍ରକାଶ କରିପାରେ । ନୀଚ ବାସନାଗୁଡ଼ିକୁ କ୍ରମାଗତ ତ୍ୟାଗ ବା ଅସ୍ୱୀକାର କଲେ ଆତ୍ମାର ମହିମା ପ୍ରକାଶିତ ହୁଏ । କର୍ତ୍ତବ୍ୟ କର୍ମ କରିବା ପାଇଁ ଅତି କଠୋର ତ୍ୟାଗ ଆବଶ୍ୟକ । ଏହିପରି ଜ୍ଞାତସାରରେ ବା ଅଜ୍ଞାତସାରରେ ସୁସଂହତ ସମାଜ ଗଢ଼ି ଉଠିଛି । ଏହି କାର୍ଯ୍ୟକ୍ଷେତ୍ରରେ ସ୍ୱାର୍ଥପୂର୍ଣ୍ଣ ବାସନା ହ୍ରାସ ପାଇ ପାଇ ଆମର ପ୍ରକୃତ ସ୍ୱରୂପର ଅନନ୍ତ ବିସ୍ତୃତିର ପଥ ଖୋଲିଯାଏ । ଅପର ପକ୍ଷରେ କର୍ତ୍ତବ୍ୟର ଏହି ଗୋଟିଏ ନିଶ୍ଚିତ ନିୟମ ହେଲା—ସ୍ୱାର୍ଥପରତା ଓ ଇନ୍ଦ୍ରିୟ-

ପରାୟଣତାରୁ ପାପ ଓ ଅସାଧୁତାର ଉଦ୍ଭବ, ଆଉ ନିଃସ୍ୱାର୍ଥ ପ୍ରେମ ଓ ଆତ୍ମସଂଯମରୁ ଧର୍ମରୁ ବିକାଶ ।

ସାଧାରଣତଃ କର୍ତ୍ତବ୍ୟ ବିଶେଷ ରୁଚିକର ନୁହେଁ । କିନ୍ତୁ ପ୍ରେମ ଯଦି କର୍ତ୍ତବ୍ୟପରାୟଣତାକୁ ସ୍ନେହସିକ୍ତ କରେ ତେବେ ତାହା ବେଶ୍ ସହଜାତ ଭାବରେ ଆଗେଇ ଚାଲେ, ନତୁବା କର୍ତ୍ତବ୍ୟ ଏକ କ୍ରମାଗତ ସଂଘର୍ଷ ହୋଇଉଠେ । ଅନ୍ୟଥା କିପରି ପିତାମାତା ସନ୍ତାନ ପ୍ରତି, ସନ୍ତାନ ପିତାମାତାଙ୍କ ପ୍ରତି, ସ୍ୱାମୀ ସ୍ତ୍ରୀ ପ୍ରତି ଓ ସ୍ତ୍ରୀ ସ୍ୱାମୀ ପ୍ରତି କର୍ତ୍ତବ୍ୟ ପାଳନ କରିପାରେ ? ଆମେ କଅଣ ଜୀବନର ପ୍ରତିଟି ଦିନ ସଂଘର୍ଷର ସମ୍ମୁଖୀନ ହେଉ ନାହୁଁ ? ପ୍ରେମ ମିଶ୍ରିତ ହେଲେ କର୍ତ୍ତବ୍ୟ ରୁଚିକର ହୁଏ । ପ୍ରେମ କେବଳ ସ୍ୱାଧୀନତାରେ ହିଁ ଦୀପ୍ତି ପାଏ । ଇନ୍ଦ୍ରିୟର ଦାସ, କ୍ରୋଧର ଦାସ, ଈର୍ଷାର ଦାସ ଓ ଯେଉଁସବୁ ଅଜସ୍ର ଛୋଟ ଛୋଟ ଘଟଣା ଜୀବନରେ ପ୍ରତ୍ୟହ ଘଟୁଛି, ସେଗୁଡ଼ିକର ଦାସ ହେବା କଅଣ ସ୍ୱାଧୀନତା ? ଆମେ ଜୀବନରେ ଯେଉଁସବୁ ଛୋଟ ବଡ଼ ସଂଘର୍ଷର ସମ୍ମୁଖୀନ ହେଉ, ସେଗୁଡ଼ିକୁ ସହ୍ୟ କରିବା ହିଁ ସ୍ୱାଧୀନତାର ସର୍ବୋଚ୍ଚ ଅଭିବ୍ୟକ୍ତି । ସ୍ତ୍ରୀଲୋକମାନେ ଈର୍ଷାପୂର୍ଣ୍ଣ ଖିଟିଖିଟିଆ ପ୍ରକୃତିର ଦାସ ହୋଇ ସ୍ୱାମୀଙ୍କ ଉପରେ ଦୋଷାରୋପ କରନ୍ତି ଏବଂ ମନେକରନ୍ତି, ସେମାନେ ଯେପରି ନିଜ ନିଜର ସ୍ୱାଧୀନତା ଜାହିର୍ କରୁଛନ୍ତି; କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ, ଏହାଦ୍ୱାରା ସେମାନେ ନିଜକୁ ଦାସୀ ବୋଲି ସାବ୍ୟସ୍ତ କରୁଛନ୍ତି । ଯେଉଁ ସ୍ୱାମୀମାନେ ସର୍ବଦା ସ୍ତ୍ରୀର ଦୋଷ ଦେଖନ୍ତି, ସେମାନଙ୍କ ଅବସ୍ଥା ମଧ୍ୟ ତଦ୍ରୂପ । ପବିତ୍ର ଜୀବନ ଯାପନ କରିବା ହିଁ ପୁରୁଷ ଓ ସ୍ତ୍ରୀର ପ୍ରଥମ ଧର୍ମ । ଏପରି କେହି ନାହିଁ କହିଲେ ଚଳେ- -ସେ ଯେତେ ବିପଥଗାମୀ ହୁଅନ୍ତୁ ନା କାହିଁକି— ଯାହାକୁ ଜଣେ ନମ୍ରା, ସତୀ ସ୍ତ୍ରୀ ସତ୍‌ପଥକୁ ଫେରାଇ ଆଣିପାରନ୍ତି ନାହିଁ । ଜଗତ ଏବେ ସୁଦ୍ଧା ଏତେ ଖରାପ ହୋଇ ନାହିଁ । ଜଗତରେ ସର୍ବତ୍ର ଆମେ ନୃଶଂସ ପତି ଏବଂ ପୁରୁଷର ଅପବିତ୍ରତା ସମ୍ବନ୍ଧରେ ଅନେକ କଥା ଶୁଣୁ, କିନ୍ତୁ ନୃଶଂସ ଓ ଅପବିତ୍ର ନାରୀଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ନାରୀଗଣ ସର୍ବଦା ଯେପରି ଗର୍ବ ସହିତ କହିଥାଆନ୍ତି ଓ ତାହା ଶୁଣି ଲୋକେ ମଧ୍ୟ ଯେପରି ତାହା ବିଶ୍ୱାସ କରିଥାଆନ୍ତି—ଯଦି ସବୁ ନାରୀ ସେତେଟା ସତ୍ ଓ ପବିତ୍ର ହୁଅନ୍ତେ, ତେବେ ମୁଁ ନିଃସଂଶୟରେ କହିପାରେ ଯେ ପୃଥିବୀରେ ଜଣେ ହେଲେ ଅପବିତ୍ର ପୁରୁଷ ରହନ୍ତେ ନାହିଁ । ଏପରି କଅଣ କୌଣସି ପାଶବଭାବ ଅଛି, ଯାହାକୁ ପବିତ୍ରତା ଓ ସତୀତ୍ୱ ଜୟ କରି ନପାରେ ? ଯେଉଁ କଲ୍ୟାଣୀ ସତୀ ସ୍ତ୍ରୀ ନିଜ ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷଙ୍କୁ ନିଜ ପୁତ୍ରତୁଲ୍ୟ ମନେକରନ୍ତି ଓ ତାଙ୍କ ପ୍ରତି ଜନନୀଭାବ ପୋଷଣ କରନ୍ତି, ସେ ଏହି ପବିତ୍ରତା ଶକ୍ତିରେ ଏତେ ଦୂର ଉନ୍ନତ ହୁଅନ୍ତି ଯେ ଏପରି ପଶୁପ୍ରକୃତି ବିଶିଷ୍ଟ ମନୁଷ୍ୟ ମଧ୍ୟ ତାଙ୍କ ସମ୍ମୁଖରେ ପବିତ୍ରତାର ପ୍ରବାହ ଅନୁଭବ କରନ୍ତି । ପ୍ରତ୍ୟେକ ପୁରୁଷଙ୍କ ପକ୍ଷରେ ମଧ୍ୟ ନିଜ ପତ୍ନୀ ବ୍ୟତୀତ ଅନ୍ୟାନ୍ୟ ନାରୀଙ୍କୁ ମାତା, କନ୍ୟା ବା ଭଗିନୀ ରୂପେ ଦେଖିବା ଉଚିତ । ଯେଉଁ ବ୍ୟକ୍ତି ଧର୍ମାଚାର୍ଯ୍ୟ ହେବାକୁ ଇଚ୍ଛୁକ, ସେ ପ୍ରତ୍ୟେକ ନାରୀଙ୍କୁ ମାତୃ ଦୃଷ୍ଟିରେ ଦେଖିବେ ଏବଂ ସର୍ବଦା ତଦନୁରୂପ ବ୍ୟବହାର କରିବେ ।

ଜଗତରେ ମା'ର ସ୍ଥାନ ସବୁଠାରୁ ଉଚ୍ଚରେ । କାରଣ ମାତୃଭାବରେ ହିଁ ସର୍ବୋତ୍ତମ ନିଃସ୍ୱାର୍ଥପରତା ଶିକ୍ଷା ଓ ତଦନୁସାରେ କାର୍ଯ୍ୟ କରିବାର ଅବସର ମିଳେ । ଭଗବତ୍-ପ୍ରେମ ହିଁ ମା'ର ସ୍ନେହ ଅପେକ୍ଷା ଉଚ୍ଚତର, ଅନ୍ୟ ସବୁ ଭଲ ପାଇବା ନିମ୍ନତର । ମା'ର କର୍ତ୍ତବ୍ୟ ପ୍ରଥମେ

ନିଜ ସନ୍ତାନମାନଙ୍କ ବିଷୟ ଚିନ୍ତା କରିବା, ତା'ପରେ ନିଜ ବିଷୟ । କିନ୍ତୁ ସେ କଥା ନ କରି ଯଦି ପିତାମାତା ପ୍ରଥମେ ନିଜ କଥା ଭାବନ୍ତି, ତେବେ ଫଳହୁଏ ଯେ, ପିତାମାତା ଓ ସନ୍ତାନମାନଙ୍କ ମଧ୍ୟରେ ସମ୍ବନ୍ଧ ପକ୍ଷୀ ଓ ତା'ର ଶାବକମାନଙ୍କ ସମ୍ପର୍କ ପରି ହୁଏ । ପକ୍ଷୀର ଶାବକମାନଙ୍କର ଡ଼େଣା ଉଠିଲେ ସେମାନେ ଆଉ ବାପ-ମାଙ୍କୁ ଚିହ୍ନନ୍ତି ନାହିଁ । ସେହି ମନୁଷ୍ୟ ହିଁ ବାସ୍ତବିକ୍ ଧନ୍ୟ, ଯେ କି ନାରୀକୁ ଭଗବାନଙ୍କ ମାତୃଭାବର ପ୍ରତିମୂର୍ତ୍ତି ରୂପେ ଦେଖେ । ସେହି ନାରୀ ମଧ୍ୟ ଧନ୍ୟ, ଯାହାଙ୍କ ଦୃଷ୍ଟିରେ ପୁରୁଷ ପିତୃଭାବର ପ୍ରତୀକ । ସେହି ସନ୍ତାନଗଣ ଧନ୍ୟ, ଯେଉଁମାନେ ନିଜ ପିତାମାତାଙ୍କୁ ଭଗବଦ୍‌ସତ୍ତାର ପ୍ରକାଶରୂପେ ଦେଖିବାକୁ ସମର୍ଥ ହୁଅନ୍ତି ।

ଉନ୍ନତିଲାଭର ଏକମାତ୍ର ଉପାୟ ହେଉଛି ଆମ ସମ୍ମୁଖରେ ଯେଉଁ କର୍ତ୍ତବ୍ୟ ରହିଛି, ତାହା ପାଳନ କରି ଧୀରେ ଧୀରେ ଶକ୍ତି ସଞ୍ଚୟ କରିବା, ଯେପର୍ଯ୍ୟନ୍ତ ଆମେ ସେହି ସର୍ବୋଚ୍ଚ ଅବସ୍ଥାରେ ପଦାର୍ପଣ ନ କରିଛୁ । ପ୍ରତ୍ୟହ ଏଣୁତେଣୁ କହୁଥିବା ଜଣେ ଅଧ୍ୟାପକ ଅପେକ୍ଷା ଯେଉଁ ମୋଚି ସର୍ବାପେକ୍ଷା କମ୍ ସମୟରେ ହଳେ ମଜଭୁତ୍ ଓ ସୁନ୍ଦର ଜୋତା ପ୍ରସ୍ତୁତ କରିପାରେ, ସେ ବଡ଼ ।

ଜଣେ ଯୁବକ ସନ୍ନ୍ୟାସୀ ବଣରେ ବହୁକାଳ ଧରି ସାଧନ, ଭଜନ ଓ ଯୋଗାଭ୍ୟାସ କରିବାକୁ ଲାଗିଲେ । ବାରବର୍ଷ କାଳ କଠୋର ତପସ୍ୟା କରିବା ପରେ ଦିନେ ସେ ଗୋଟିଏ ବୃକ୍ଷ ତଳେ ବସିଥିଲେ । ଏପରି ସମୟରେ ତାଙ୍କ ମୁଣ୍ଡ ଉପରେ କେତେଗୁଡ଼ିଏ ଶୁଖିଲା ପତ୍ର ଆସି ପଡ଼ିଲା । ଉପରକୁ ଅନାଇଁ ସେ ଦେଖିଲେ ଯେ, ଗୋଟିଏ କାଉ ଓ ଗୋଟିଏ ବଗ ଗଛ ଉପରେ ଲଢ଼ିବାରେ ଲାଗିଛନ୍ତି । ଏହା ଦେଖି ସେ ଅତ୍ୟନ୍ତ କ୍ରୁଦ୍ଧ ହୋଇ କହିଲେ, 'କ'ଣ ! ତୁମେମାନେ ମୋ ମୁଣ୍ଡରେ ଶୁଖିଲା ପତ୍ର ପକାଇବାକୁ ସାହସ କଲ ?' ଏହି କଥା କହି ସେ କ୍ରୋଧରେ ସେମାନଙ୍କ ଆଡ଼କୁ ଅନାଇବା ମାତ୍ରେ ତାଙ୍କ ମସ୍ତକରୁ ଗୋଟିଏ ଅଗ୍ନିଶିଖା ବାହାରି ପକ୍ଷୀଗୁଡ଼ିକୁ ଭସ୍ମ କରିଦେଲା । ଯୋଗଶକ୍ତିରୁ ତାଙ୍କର ଏପରି ଶକ୍ତିର ବିକାଶ ହୋଇଥିବାରୁ ସେ ବଡ଼ ଆନନ୍ଦିତ ହେଲେ ଓ ଭାବିଲେ, ଥରେମାତ୍ର ଦୃଷ୍ଟି ନିକ୍ଷେପ କରି ମୁଁ ଏହି ପକ୍ଷୀମାନଙ୍କୁ ଭସ୍ମ କରିପାରିଲି ! କିଛିଦିନ ପରେ ତାଙ୍କୁ ଭିକ୍ଷା କରିବା ପାଇଁ ସହରକୁ ଯିବାକୁ ପଡ଼ିଲା । ସେ ଜଣକ ଦ୍ୱାରଦେଶରେ ଠିଆ ହୋଇ କହିଲେ, 'ମା, ଗଣ୍ଡାଏ ଭିକ୍ଷା ମିଳୁ ।' ଭିତରୁ ଉତ୍ତର ଆସିଲା—'ପୁଅ, ଟିକିଏ ଅପେକ୍ଷା କର ।' ଯୋଗୀ ମନେ ମନେ କହିଲେ, 'ହତଭାଗିନୀ, ତୋର ଏତେ ଆସ୍ପର୍ଦ୍ଧା ! ତୁ ମୋତେ ଅପେକ୍ଷା କରିବାକୁ କହୁଛୁ ? ତୁ କଅଣ ମୋର ଶକ୍ତି ଜାଣିନାହୁଁ ସେ ଯେତେବେଳେ ମନେ ମନେ ଏହିପରି କହୁଛନ୍ତି, ପୁଣି ସେହି କଣ୍ଠଧ୍ୱନି ଶୁଣାଗଲା, 'ବାପ, ଏପରି ଅହଙ୍କାର କର ନାହିଁ, ଏଠାରେ କୌଣସି କାଉ ବା ବଗ ନାହିଁ ।' ସେ ବିସ୍ମିତ ହେଲେ ଓ ଅପେକ୍ଷା କରିବାକୁ ଲାଗିଲେ । ଅବଶେଷରେ ଯେତେବେଳେ ସେ ନାରୀ ବାହାରକୁ ଆସିଲେ, ଯୋଗୀ ତାଙ୍କ ପାଦତଳେ ପଡ଼ି କହିଲେ, 'ମାଆ, ଆପଣ କିପରି ମୋ ମନକଥା ଜାଣିଲେ ?' ସେ କହିଲେ, 'ବାପ, ମୁଁ ତୁମର ଯୋଗ ବା ତପସ୍ୟା କିଛି ଜାଣେ ନାହିଁ । ମୁଁ ଜଣେ ସାମାନ୍ୟ ନାରୀ, ତୁମକୁ ଅପେକ୍ଷା କରିବାକୁ କେବଳ କହିଥିଲି, କାରଣ ମୋର ସ୍ୱାମୀ ପୀଡ଼ିତ, ମୁଁ ତାଙ୍କର ସେବା କରୁଥିଲି । ଜୀବନସାରା ମୁଁ ମୋର କର୍ତ୍ତବ୍ୟ କରିବାକୁ ଯଥାସାଧ୍ୟ ଚେଷ୍ଟା କରି ଆସିଛି । ବିବାହ ପୂର୍ବରୁ ମାତା ପିତାଙ୍କ ପ୍ରତି କନ୍ୟାର କର୍ତ୍ତବ୍ୟ ପାଳନ କରିଛି । ବର୍ତ୍ତମାନ ବିବାହିତା ନାରୀ ହିସାବରେ ସ୍ୱାମୀଙ୍କ ପ୍ରତି ମୋର କର୍ତ୍ତବ୍ୟ କରୁଅଛି । ଏହା ହିଁ

ମୋର ଯୋଗାଭ୍ୟାସ । ଏ କର୍ତ୍ତବ୍ୟ କରି ମୋର ଜ୍ଞାନଚକ୍ଷୁ ଖୋଲିଛି, ତଦ୍ୱାରା ମୁଁ ତୁମର ମନୋଭାବ ଓ ଅରଣ୍ୟରେ ତୁମ କୃତ ସମସ୍ତ ଘଟଣା ଜାଣିପାରିଛି । ବର୍ତ୍ତମାନ ମୋର ତୁମକୁ ଉପଦେଶ—ତୁମେ ଏହା ଅପେକ୍ଷା ଉଚ୍ଚତର କିଛି ଜାଣିବାକୁ ଇଚ୍ଛାକର ତ ଅମୁକ ନଗରକୁ ଯାଅ । ସେଠାରେ ବଜାର ଭିତରେ ଜଣେ ବ୍ୟାଧକୁ ଦେଖିବ । ସେ ତୁମକୁ ଏପରି ଉପଦେଶ ଦେବେ, ଯାହା ଶିକ୍ଷା କରି ତୁମେ କୃତାର୍ଥ ହେବ ।'

କିନ୍ତୁ ସନ୍ନ୍ୟାସୀ ଭାବିଲେ, 'ଜଣେ ବ୍ୟାଧ ନିକଟକୁ ମୁଁ କାହିଁକି ଯିବି ? କିନ୍ତୁ ସେ ଯେଉଁ ଘଟଣା ଏବେ ଦେଖିଲେ, ତଦ୍ୱାରା ତାଙ୍କର କିଞ୍ଚିତ୍ ଚୈତନ୍ୟୋଦୟ ହୋଇଥିଲା, ସୁତରାଂ ସେ ସେହି ନଗରକୁ ଯାତ୍ରା କଲେ । ନଗର ନିକଟକୁ ଆସି ସେ ବଜାର ଦେଖିବାକୁ ପାଇଲେ । କିନ୍ତୁ ଦୂରରୁ ସେ ଦେଖିଲେ, ଜଣେ ଅତି ସ୍ଥୂଳକାୟ ବ୍ୟାଧ ବସି ଗୋଟିଏ ବଡ଼ ଛୁରୀ ସାହାଯ୍ୟରେ ମାଂସ କାଟୁଛି, ନାନା ଲୋକଙ୍କ ସହିତ କଥାବାର୍ତ୍ତା କରୁଅଛି ଓ ବିକ୍ରିବଟା କରୁଛି । ଯୁବକ ଭାବିଲେ, 'ହେ ଭଗବାନ, ରକ୍ଷାକର । ଏହି ଲୋକ ନିକଟରୁ ମୋତେ ଶିକ୍ଷା କରିବାକୁ ହେବ ! ମୁଁ ତ ଦେଖୁଛି ଏ ଗୋଟିଏ ପିଶାଚର ଅବତାର ।' ସେତେବେଳେ ସେ ଲୋକଟି ମୁହଁ ଉଠାଇ କହିଲା, 'ସ୍ୱାମୀନ୍ ! ଅମୁକ ମହିଳା କଅଣ ଆପଣଙ୍କୁ ଏଠାକୁ ପଠାଇଛନ୍ତି ? ମୋର କାରବାର ଶେଷ ନ ହେବା ପର୍ଯ୍ୟନ୍ତ ଅନୁଗ୍ରହ କରି ଟିକିଏ ବସନ୍ତୁ ।' ସନ୍ନ୍ୟାସୀ କିନ୍ତୁ ଭାବିଲେ, 'ଏଠାରେ ମୁଁ କଅଣ ଶିଖିବି ?' ଯାହାହେଉ, ସେ ଉପବେଶନ କଲେ ଓ ବ୍ୟାଧ ମଧ୍ୟ ନିଜ କାର୍ଯ୍ୟ କରିବାକୁ ଲାଗିଲା । କାର୍ଯ୍ୟ ଶେଷ ହେବାରୁ ସେ ଟଙ୍କା ପଇସା ସବୁ ରଖି ସନ୍ନ୍ୟାସୀଙ୍କୁ କହିଲା, 'ଆସନ୍ତୁ, ମହାଶୟ, ମୋ ଘରକୁ ଆସନ୍ତୁ ।' ଘରେ ପହଞ୍ଚି ବ୍ୟାଧ ତାହାଙ୍କୁ ଆସନଟିଏ ଦେଇ କହିଲା, 'ଟିକିଏ ଅପେକ୍ଷା କରନ୍ତୁ ।' ତାପରେ ଘର ଭିତରକୁ ଯାଇ ବୃଦ୍ଧ ପିତାମାତାଙ୍କୁ ଗାଧୋଇପାଧୋଇ ଖୁଆଇ ପିଆଇ ସେମାନଙ୍କର ସନ୍ତୋଷବିଧାନ କଲା । ତାପରେ ସନ୍ନ୍ୟାସୀଙ୍କ ନିକଟକୁ ଆସି କହିଲା, 'ଆପଣ ମୋତେ ଦେଖିବାକୁ ଆସିଛନ୍ତି, କହନ୍ତୁ ମୁଁ ଆପଣଙ୍କୁ କଅଣ ସାହାଯ୍ୟ କରିପାରେ ? ସନ୍ନ୍ୟାସୀ ତାଙ୍କୁ ଜୀବାତ୍ମା, ଆତ୍ମା ଓ ପରମାତ୍ମା ସମ୍ବନ୍ଧରେ କେତେଗୁଡ଼ିଏ ପ୍ରଶ୍ନ ପଚାରିଲେ । ଉତ୍ତରରେ ବ୍ୟାଧ ଯେଉଁସବୁ ଉପଦେଶ ଦେଲା, ମହାଭାରତ ଗ୍ରନ୍ଥର ଅଂଶ ରୂପେ ତାହା 'ବ୍ୟାଧ-ଗୀତା' ନାମରେ ପ୍ରସିଦ୍ଧ । ଏହି ବ୍ୟାଧ-ଗୀତା ହେଉଛି ବେଦାନ୍ତ-ଦର୍ଶନର ଚରମ କଥା । ତୁମେ ଭଗବଦ୍‌ଗୀତାର ନାମ ଶୁଣିଛ, ଏହା ଶ୍ରୀକୃଷ୍ଣଙ୍କ ଉପଦେଶ । ଭଗବଦ୍‌ଗୀତା ପାଠ ଶେଷ କରି ତୁମମାନଙ୍କର ଏହି ବ୍ୟାଧ-ଗୀତା ପାଠ କରିବା ଉଚିତ । ଏହା ବେଦାନ୍ତ-ଦର୍ଶନର ଚରମ ଭାବ ।

ବ୍ୟାଧର ଉପଦେଶ ଶେଷ ହେବାରୁ ସନ୍ନ୍ୟାସୀ ଅତିଶୟ ବିସ୍ମିତ ହୋଇ କହିଲେ, 'ଆପଣଙ୍କର ଏତେ ଉଚ୍ଚ ଅବସ୍ଥା, ତଥାପି ଆପଣ ଏହି ବ୍ୟାଧ ଦେହ ଅବଲମ୍ବନ କରି ଏପରି କୁତ୍ସିତ କାର୍ଯ୍ୟ କରୁଛନ୍ତି କାହିଁକି ?' ତହୁଁ ବ୍ୟାଧ ଉତ୍ତର ଦେଲେ, 'ବତ୍ସ, କୌଣସି କର୍ମ ହୀନ ନୁହେଁ, କୌଣସି କର୍ମ ଅପବିତ୍ର ମଧ୍ୟ ନୁହେଁ । ଏ କାର୍ଯ୍ୟ ମୋର ଜନ୍ମଗତ-ପ୍ରାରବ୍ଧ-ଲବ୍ଧ । ମୁଁ ବାଲ୍ୟକାଳରୁ ଏହି ବ୍ୟବସାୟ ଶିକ୍ଷା କରିଛି । ଅନାସକ୍ତ ହୋଇ ମୋର କର୍ତ୍ତବ୍ୟଗୁଡ଼ିକୁ ଭଲଭାବରେ କରିବାକୁ ମୁଁ ଚେଷ୍ଟା କରେ । ମୁଁ ଗୃହସ୍ଥ-ଧର୍ମ ପାଳନ କରେ ଓ ପିତାମାତାଙ୍କୁ ଯଥାସାଧ୍ୟ ସୁଖୀ କରିବାକୁ ଚେଷ୍ଟା କରେ । ମୁଁ ଯୋଗ ଜାଣେ ନାହିଁ କିମ୍ବା ସନ୍ନ୍ୟାସ ମଧ୍ୟ ଗ୍ରହଣ କରି ନାହିଁ । ମୁଁ ସଂସାର

ତ୍ୟାଗକରି ବଣକୁ ଯାଇ ନାହିଁ। ଅନାସକ୍ତଭାବରେ କର୍ତ୍ତବ୍ୟ କରି ମୋର ଏହି ଜ୍ଞାନ ଜନ୍ମିଛି।'

ଭାରତରେ ଜଣେ ମହାନ୍ ଯୋଗୀ ଅଛନ୍ତି।* ମୁଁ ଜୀବନରେ ଯେତେ ମହାନ୍ ବ୍ୟକ୍ତିଙ୍କୁ ଦେଖିଛି ଏ ହେଉଛନ୍ତି ସେମାନଙ୍କ ମଧ୍ୟରେ ଅନ୍ୟତମ। ସେ ଜଣେ ଅସାଧାରଣ ବ୍ୟକ୍ତି, କେବେହେଲେ କାହାରିକୁ ଉପଦେଶ ଦିଅନ୍ତି ନାହିଁ, କୌଣସି ପ୍ରଶ୍ନ ପଚାରିଲେ ସେ ତାହାର ଉତ୍ତର ଦେବେ ନାହିଁ। ଆଚାର୍ଯ୍ୟପଦ ଗ୍ରହଣ କରିବା ପାଇଁ ସେ ଅତି ସଙ୍କୁଚିତ। ତାଙ୍କୁ କୌଣସି ପ୍ରଶ୍ନ ପଚାରି କିଛି ଦିନ ଅପେକ୍ଷା କରିବାକୁ ହେବ। କଥୋପକଥନ ଛଳରେ ସେ ନିଜେ ଉକ୍ତ ବିଷୟ ଉତ୍‌ଥାପନ କରିବେ ଏବଂ ତାହା ସମ୍ବନ୍ଧରେ ଅପୂର୍ବ ଆଲୋକପାତ କରିବେ। ସେ ମୋତେ ଏକଦା କର୍ମର ରହସ୍ୟ ସମ୍ବନ୍ଧରେ କହିଥିଲେ। 'ଯନ୍ ସାଧନ ତନ୍ ସିଦ୍ଧି'**—ଯେତେବେଳେ ତୁମେ କୌଣସି କାର୍ଯ୍ୟ କରୁଛ, ସେ ସମୟରେ ଅନ୍ୟ କୌଣସି ବିଷୟ ଭାବ ନାହିଁ; ସର୍ବୋଚ୍ଚ ପୂଜାରୂପରେ ଏହାର ଅନୁଷ୍ଠାନ କର ଏବଂ ସେଥିରେ ହିଁ ସମସ୍ତ ମନପ୍ରାଣ ଅର୍ପଣ କର।

ଉପରୋକ୍ତ ଗଳ୍ପରେ ଦେଖିଲେ ଯେ ବ୍ୟାଧ ଏବଂ ନାରୀ ସର୍ବାନ୍ତଃକରଣରେ ନିଜ କର୍ତ୍ତବ୍ୟ କରିଛନ୍ତି ଏବଂ ଫଳରେ ତାଙ୍କର ଦିବ୍ୟଜ୍ଞାନ ଲାଭ ହେଲା। ଏହାଦ୍ୱାରା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଜୀବନରେ ଗୃହସ୍ଥ ବା ଯେ କୌଣସି ଅବସ୍ଥାରେ ଅନାସକ୍ତ-ଭାବରେ କର୍ମ କଲେ ଆମେ ଆତ୍ମଜ୍ଞାନ ଲାଭ କରିବା।

ଆମର କର୍ତ୍ତବ୍ୟ ପ୍ରଧାନତଃ ଆମର ପାରିପାର୍ଶ୍ୱିକ ଅବସ୍ଥାଦ୍ୱାରା ନିର୍ଦ୍ଧାରିତ ହୁଏ। କର୍ତ୍ତବ୍ୟ ଭିତରେ କୌଣସି ସାନ ବଡ଼ ଭେଦ ରହି ନ ପାରେ। କେବଳ ସକାମ କର୍ମୀ ହିଁ ତା'ର କର୍ତ୍ତବ୍ୟ ପାଇଁ ବିରକ୍ତ ପ୍ରକାଶ କରେ। କିନ୍ତୁ ଅନାସକ୍ତ କର୍ମୀ ପକ୍ଷରେ ସବୁ କର୍ତ୍ତବ୍ୟ ହିଁ ସମାନ ଏବଂ ଏଗୁଡ଼ିକ ଅମୋଘ ଅସ୍ତ୍ର ପରି ତାହାର ସ୍ୱାର୍ଥପରତା ଓ ଇନ୍ଦ୍ରିୟପରାୟଣତା ବିନିଷ୍ଟ କରେ ଏବଂ ସାଧକ ମୁକ୍ତି-ପଥରେ ଅଗ୍ରସର ହୁଏ। ଆମେ କୌଣସି କାର୍ଯ୍ୟରେ ବିରକ୍ତି ପ୍ରକାଶ କରିବାର କାରଣ—ଆମେ ନିଜକୁ ଖୁବ୍ ବଡ଼ ବୋଲି ମନେକରୁ; କିନ୍ତୁ ଆନ୍ତରିକତାର ସହିତ କର୍ମରେ ପ୍ରବୃତ୍ତ ନ ହେଲେ ଆମେ ଅତି ତୁଚ୍ଛ କର୍ମଗୁଡ଼ିକ ମଧ୍ୟ ଠିକ୍ ଭାବରେ ସମ୍ପାଦନ କରିପାରୁ ନାହିଁ। ତେଣୁ ଆମେ ନିଜ ଅବସ୍ଥା ସମ୍ବନ୍ଧରେ ଯେଉଁ ସମସ୍ତ ଉଚ୍ଚ ଧାରଣା ପୋଷଣ କରିଥାଉ, ସେଗୁଡ଼ିକ ମିଥ୍ୟା ପ୍ରମାଣିତ ହୁଏ। ମୁଁ ଯେତେବେଳେ ଛୋଟ ଥିଲି, ସେତେବେଳେ ମୋ ମନରେ ଅନେକ ପ୍ରକାର ଚିନ୍ତା ଉଠୁଥିଲା; ଭାବୁଥିଲି, ମୁଁ ଜଣେ ମସ୍ତବଡ଼ ସମ୍ରାଟ ହେବି, ଇତ୍ୟାଦି। ବୋଧହୁଏ ତୁମେମାନେ ମଧ୍ୟ ବାଲ୍ୟକାଳରେ ଏହିପରି ଚିନ୍ତା କରିଥିବ। ଏସବୁ କେବଳ ଚିନ୍ତା ମାତ୍ର; ପ୍ରକୃତି କିନ୍ତୁ ସର୍ବଦା କଠୋର ଭାବରେ ପ୍ରତ୍ୟେକଙ୍କରେ କର୍ମାନୁଯାୟୀ ଫଳବିଧାନ କରିଥାଏ--ତାହା ତିଳେମାତ୍ର ଏପଟ ସେପଟ ହେବାର ଉପାୟ ନାହିଁ। ସେଥିପାଇଁ ଆମେ ସ୍ୱୀକାର କରିବାକୁ ନ ଚାହିଁଲେ ସୁଦ୍ଧା ଆମର କର୍ମଫଳ ଅନୁସାରେ ହିଁ ଆମର କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ହୋଇଥାଏ। ଆମର ବର୍ତ୍ତମାନ ଯେଉଁ କର୍ତ୍ତବ୍ୟ ରହିଅଛି, ତାହ ଉତ୍ତମରୂପେ ପାଳନ କରି ଆମେ ଶକ୍ତିଲାଭ କରିଥାଉ। ଏହି ଭାବରେ ଶକ୍ତିଲାଭ କରି କ୍ରମେ ଆମେ ଏପରି ଏକ ଅବସ୍ଥାରେ ପହଞ୍ଚିବା, ଯେତେବେଳେ ଆମେ ସମାଜର ସର୍ବାପେକ୍ଷା ସମ୍ମାନଜନକ କର୍ତ୍ତବ୍ୟ ପାଳନ କରିବାର ସୌଭାଗ୍ୟ

---

* ଗାଜିପୁରର ପାଓହାରୀ ବାବା, ୧୮୯୮ ଖ୍ରୀ:ରେ ସେ ଦେହରକ୍ଷା କରନ୍ତି।

** ଯାହା ସାଧନ ତାହା ହିଁ ସିଦ୍ଧି—ଉଦ୍ଦେଶ୍ୟ ଓ ଉପାୟ ଏକ।

ଲାଭ କରିବା । ଏହି ସତ୍ୟ ଆମେ ଜାଣିବା ଭଲ, କାରଣ ପ୍ରତିଯୋଗିତାରୁ ହିଁ ଈର୍ଷାର ଉଦ୍‌ପତ୍ତି ହୁଏ ଏବଂ ତାହା ହୃଦୟର ସତ୍ ଓ କୋମଳ ଭାବଗୁଡ଼ିକୁ ନଷ୍ଟ କରିଦିଏ । ସବୁ ବିଷୟରେ ଯେ ବିରକ୍ତ ପ୍ରକାଶ କରେ, ତା' ପକ୍ଷରେ ସକଳ କର୍ତ୍ତବ୍ୟ ହିଁ ଅରୁଚିକର ବୋଲି ବୋଧ ହୁଏ । ସେ କେବେହେଲେ ସନ୍ତୁଷ୍ଟ ହେବ ନାହିଁ ଏବଂ ତାର ଜୀବନ ବିଫଳ ହେବ । ତେଣୁ ଆସ, ଆମେ କେବଳ କାମ କରିଯିବା । ଯେକୌଣସି କର୍ତ୍ତବ୍ୟ ଆସୁନା କାହିଁକି, ତାହା ଯେପରି ଆମେ ଆଗ୍ରହ ସହକାରେ କରି ଯାଇପାରୁ–ସର୍ବଦା ଯେପରି କର୍ତ୍ତବ୍ୟ-ସମ୍ପାଦନ ପାଇଁ ଆମେ ପ୍ରସ୍ତୁତ ରହୁ । ତେବେ ଆମେ ନିଶ୍ଚୟ ଦିବ୍ୟାଲୋକର ସନ୍ଧାନ ପାଇବା ।

❋ ❋ ❋

## ପରୋପକାରରେ ହିଁ ନିଜର ଉପକାର

କର୍ତ୍ତବ୍ୟନିଷ୍ଠା ଆମର ଆଧ୍ୟାତ୍ମିକ ଉନ୍ନତି ପାଇଁ କେତେ ଦୂର ସହାୟକ ହୁଏ, ସେ ବିଷୟରେ ଆହୁରି ଅଧିକ ଆଲୋଚନା କରିବା ପୂର୍ବରୁ 'କର୍ମ' କହିଲେ ଭାରତରେ ଆମେ କଅଣ ବୁଝୁ, ତାହାର ଆଉ ଗୋଟିଏ ଦିଗ ଯେତେ ସଂକ୍ଷେପରେ ସମ୍ଭବ ତୁମମାନଙ୍କ ନିକଟରେ ବର୍ଣ୍ଣନା କରିବା ପାଇଁ ଚେଷ୍ଟା କରିବି । ପ୍ରତ୍ୟେକ ଧର୍ମର ତିନୋଟି ବିଭାଗ ଅଛି—ଦାର୍ଶନିକ, ପୌରାଣିକ ଓ ଆନୁଷ୍ଠାନିକ । ଅବଶ୍ୟ ଦାର୍ଶନିକ ଭାଗ ହିଁ ପ୍ରତ୍ୟେକ ଧର୍ମର ସାର । ପୌରାଣିକ ଭାଗ ଏହି ଦାର୍ଶନିକ ଭାଗର ହିଁ ବିସ୍ତୃତି ମାତ୍ର । ସେଥିରେ ମହାପୁରୁଷମାନଙ୍କର (ଅଳ୍ପ-ବିସ୍ତାର) କାଳ୍ପନିକ ଜୀବନୀ ଏବଂ ଅଲୌକିକତାର ଉପାଖ୍ୟାନ ଓ ଗଳ୍ପସମୂହଦ୍ୱାରା ଦାର୍ଶନିକ ତତ୍ତ୍ୱକୁ ହିଁ ଉତ୍ତମ ରୂପେ ବୁଝାଇବାର ଚେଷ୍ଟା କରାଯାଇଛି । ଆନୁଷ୍ଠାନିକ ଅଂଶ ଏହି ଦର୍ଶନର ଆହୁରି ସ୍ଥୂଳତର ରୂପ–ଯେପରି କି ସମସ୍ତେ ତାହା ଧାରଣା କରିପାରନ୍ତି । ଏହି ଅନୁଷ୍ଠାନ ହିଁ କର୍ମ । ପ୍ରତ୍ୟେକ ଧର୍ମରେ ଏହା ପ୍ରୟୋଜନୀୟ, କାରଣ ଆମମାନଙ୍କ ମଧ୍ୟରୁ ଅନେକ ଯେତେଦିନ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ବିଷୟରେ ଯଥେଷ୍ଟ ଉନ୍ନତିଲାଭ ନ କରିଛନ୍ତି, ସେତେଦିନ ପର୍ଯ୍ୟନ୍ତ ସୂକ୍ଷ୍ମ ଆଧ୍ୟାତ୍ମିକ ତତ୍ତ୍ୱ ଧାରଣା କରିବା ପାଇଁ ସେମାନେ ଅସମର୍ଥ । ଲୋକେ ସାଧାରଣତଃ ଭାବିଥାନ୍ତି ଯେ, ସେମାନେ ସବୁ ବିଷୟ ବୁଝନ୍ତି, କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଦେଖାଯାଏ ଯେ ତାହା ଠିକ୍ ନୁହେଁ । ମନର ସୂକ୍ଷ୍ମ ଭାବସମୂହକୁ ହୃଦୟଙ୍ଗମ କରିବା ଖୁବ୍ କଠିନ । ତେଣୁ ଆମେ ପ୍ରତୀକ ଉପାସନାର ସାହାଯ୍ୟ ନେଇଥାଉ । ପ୍ରତୀକ ସାହାଯ୍ୟରେ କୌଣସି ବସ୍ତୁକୁ ଧାରଣା କରିବାର ପ୍ରଣାଳୀ ଆମେ କେବେହେଲେ ତ୍ୟାଗ କରିପାରୁ ନାହିଁ ।

ସ୍ମରଣାତୀତ କାଳରୁ ସବୁ ଧର୍ମରେ ପ୍ରତୀକର ବ୍ୟବହାର ଦେଖିବାକୁ ମିଳେ । ଗୋଟିଏ ଦିଗରେ ଆମେ ପ୍ରତୀକ ବ୍ୟତୀତ ଚିନ୍ତା କରିପାରୁ ନାହିଁ । ଶବ୍ଦସମୂହ ଚିନ୍ତାର ପ୍ରତୀକ ମାତ୍ର । ଅନ୍ୟ ଦିଗରେ ଜଗତର ସମସ୍ତ ପଦାର୍ଥକୁ ପ୍ରତୀକ ରୂପେ ଦେଖାଯାଇପାରେ । ସମଗ୍ର ଜଗତ ହେଉଛି ଗୋଟିଏ ପ୍ରତୀକ ଏବଂ ଏହାର ପଶ୍ଚାତ୍‌ରେ ଥିବା ମୂଳତତ୍ତ୍ୱ ହେଲେ ଈଶ୍ୱର । ଏହି ପ୍ରତୀକ ଜ୍ଞାନ ସମ୍ପୂର୍ଣ୍ଣ ଭାବେ ମାନବ-ସୃଷ୍ଟ ନୁହେଁ । କୌଣସି ବିଶେଷ ଧର୍ମାବଲମ୍ବୀ କେତେଜଣ ବ୍ୟକ୍ତି ଏକତ୍ର ବସି ଭାବିଚିନ୍ତି ସ୍ୱକପୋଳକଳ୍ପିତ କେତେଗୁଡ଼ିଏ ପ୍ରତୀକର ସୃଷ୍ଟି କଲେ—ତାହା

ନୁହେଁ । ପ୍ରତୀକଗୁଡ଼ିକର ସ୍ୱାଭାବିକ ବିକାଶ ହୋଇଥାଏ । ଅନ୍ୟଥା କେତେଗୁଡ଼ିଏ ପ୍ରତୀକ ପ୍ରାୟ ପ୍ରତ୍ୟେକ ବ୍ୟକ୍ତିର କେତେକ ଆନ୍ତରିକ ଭାବ ସହିତ ଜଡ଼ିତ ଥାଏ କାହିଁକି ? କେତେଗୁଡ଼ିଏ ପ୍ରତୀକର ସାର୍ବଜନୀନ ପ୍ରଚଳନ ରହିଛି । ତୁମମାନଙ୍କ ମଧ୍ୟରୁ ଅନେକଙ୍କର ଧାରଣା ଯେ ଖ୍ରୀଷ୍ଟଧର୍ମକୁ ଏହି କ୍ରୁଶ-ଚିହ୍ନ ପ୍ରଥମେ ଆସେ । କିନ୍ତୁ ପ୍ରକୃତରେ ଖ୍ରୀଷ୍ଟଧର୍ମର ବହୁ ପୂର୍ବରୁ, ମୋଜେସ୍ ଜାତ ହେବା ପୂର୍ବରୁ, ବେଦର ଆବିର୍ଭାବ ହେବା ପୂର୍ବରୁ—ଏପରିକି ଇତିହାସ ସୃଷ୍ଟି ହେବା ପୂର୍ବରୁ ଏହା ବିଦ୍ୟମାନ ଥିଲା । ଆଜଟେକ୍ ଓ ଫିନିସୀୟ ଜାତି ମଧ୍ୟରେ ଯେ କ୍ରୁଶ-ପ୍ରତୀକ ପ୍ରଚଳିତ ଥିଲା, ତାହାର ପ୍ରମାଣ ମିଳେ । ପ୍ରତ୍ୟେକ ଜାତି ଏହି କ୍ରୁଶ ଚିହ୍ନ ବ୍ୟବହାର କରୁଥିବା ପରି ମନେହୁଏ ।

ପୁନଶ୍ଚ ଜଣେ କ୍ରୁଶବିଦ୍ଧ ପରିତ୍ରାତାଙ୍କର ପ୍ରତୀକ ପ୍ରାୟ ସବୁ ଜାତି ମଧ୍ୟରେ ଥିଲା ବୋଲି ମନେହୁଏ । ସମଗ୍ର ଜଗତରେ ବୃତ୍ତ ଗୋଟିଏ ଉତ୍କୃଷ୍ଟ ପ୍ରତୀକର ସ୍ଥାନ ଅଧିକାର କରିଅଛି । ତାପରେ ସର୍ବାପେକ୍ଷା ସାର୍ବଜନୀନ ପ୍ରତୀକ 'ସ୍ୱସ୍ତିକ' । ଏକଦା ଚିନ୍ତା କରାଯାଉଥିଲା ଯେ ବୌଦ୍ଧଗଣ ସମଗ୍ର ପୃଥିବୀରେ ଏହା ପ୍ରଚାର କରିଛନ୍ତି, କିନ୍ତୁ ବର୍ତ୍ତମାନ ଜଣାପଡ଼ିଛି ଯେ, ବୌଦ୍ଧଧର୍ମର ଅନେକ ପୂର୍ବରୁ ବିଭିନ୍ନ ଜାତି ମଧ୍ୟରେ ଏହା ପ୍ରଚଳିତ ଥିଲା । ପ୍ରାଚୀନ ବେବିଲୋନ ଓ ମିଶରରେ ଏହାର ପ୍ରଚଳନ-ଥିଲା । ଏହା ଦ୍ୱାରା କଅଣ ପ୍ରମାଣିତ ହେଉଅଛି ?—ଏହି ପ୍ରତୀକଗୁଡ଼ିକ କେବଳ ଚିରାଚରିତ ବା କଳ୍ପନାପ୍ରସୂତ ନୁହେଁ । ଏଗୁଡ଼ିକର ପଛରେ ନିଶ୍ଚୟ କୌଣସି ଯୁକ୍ତି ଅଛି; ମାନବ ମନ ସହିତ ଏଗୁଡ଼ିକର କୌଣସି ପ୍ରକାର ସ୍ୱାଭାବିକ ସମ୍ବନ୍ଧ ଅଛି । ଭାଷା ମଧ୍ୟ ଗୋଟିଏ କୃତ୍ରିମ ବସ୍ତୁ ନୁହେଁ । କେତେଜଣ ଲୋକ ଏକତ୍ର ହୋଇ କେତେଗୁଡ଼ିଏ ଭାବକୁ ବିଶେଷ ଶବ୍ଦଦ୍ୱାରା ପ୍ରକାଶ କରିବେ ବୋଲି ସମ୍ମତ ହେବାରୁ ଭାଷାର ଯେ ଉତ୍ପତ୍ତି ହୋଇଅଛି, ତା ନୁହେଁ । ଯେ କୌଣସି ଭାବ ତାହାର ଅନୁରୂପ ଶବ୍ଦ ବ୍ୟତିରେକେ ଅଥବା କୌଣସି ଶବ୍ଦ ତାହାର ଅନୁରୂପ ଭାବ ବ୍ୟତିରେକେ ରହିପାରେ ନାହିଁ । ଶବ୍ଦ ଓ ଭାବ ସ୍ୱଭାବତଃ ହିଁ ଅବିଚ୍ଛେଦ୍ୟ । ଭାବସମୂହ ବୁଝାଇବା ପାଇଁ ଶବ୍ଦ ବା ବର୍ଣ୍ଣପ୍ରତୀକ—ଉଭୟ ବ୍ୟବହୃତ ହୋଇପାରେ । ବଧିର ଓ ମୂକ ବ୍ୟକ୍ତିଗଣଙ୍କ ପାଇଁ ଶବ୍ଦପ୍ରତୀକ ବ୍ୟତୀତ ଅନ୍ୟ ପ୍ରତୀକର ସାହାଯ୍ୟ ପ୍ରୟୋଜନ ହୁଏ । ମନର ପ୍ରତ୍ୟେକ ଚିନ୍ତାର ପରିପୂରକ ଗୋଟିଏ ରୂପ ଅଛି, ସେଗୁଡ଼ିକୁ ସଂସ୍କୃତ ଦର୍ଶନରେ 'ନାମ-ରୂପ' କହନ୍ତି । ଯେପରି କୃତ୍ରିମ ଉପାୟରେ ଭାଷା ସୃଷ୍ଟି କରିବା ଅସମ୍ଭବ; ସେହିପରି କୃତ୍ରିମ ଉପାୟରେ ପ୍ରତୀକ ସୃଷ୍ଟି କରିବା ମଧ୍ୟ ସମ୍ଭବ ନୁହେଁ । ପୃଥିବୀରେ ପ୍ରଚଳିତ ଆନୁଷ୍ଠାନିକ ଧର୍ମର ପ୍ରତୀକଗୁଡ଼ିକ ମଧ୍ୟରେ ମାନବଜାତିର ଧର୍ମଚିନ୍ତାର ଅଭିବ୍ୟକ୍ତି ଦେଖିବାକୁ ମିଳେ । କର୍ମକର୍ମାଣି ଅନୁଷ୍ଠାନ, ମନ୍ଦିର ଇତ୍ୟାଦିର କୌଣସି ପ୍ରୟୋଜନ ନାହିଁ ବୋଲି କହିବା ଖୁବ୍ ସହଜ । ଆଜିକାଲିର ଛୋଟ ପିଲାଟିଏ ମଧ୍ୟ ଏକଥା କହିଥାଏ । କିନ୍ତୁ ଆମେ ଦେଖିବାକୁ ପାଉ, ଯେଉଁମାନେ ମନ୍ଦିରକୁ ଯାଇ ଉପାସନା କରନ୍ତି ନାହିଁ, ସେମାନଙ୍କ ଅପେକ୍ଷା ଯେଉଁମାନେ ମନ୍ଦିରରେ ଉପାସନା କରନ୍ତି, ସେମାନେ ଅନେକାଂଶରେ ଭିନ୍ନ ପ୍ରକାର । ଏହି କାରଣରୁ କୌଣସି କୌଣସି ଧର୍ମ ସହିତ ଯେଉଁସବୁ ବିଶେଷ ପ୍ରକାର ମନ୍ଦିର, କର୍ମକର୍ମାଣି ଓ ଅନ୍ୟାନ୍ୟ ସ୍ଥୂଳ କ୍ରିୟାକଳାପ ଜଡ଼ିତ ଅଛି, ତାହା ସେହି ଧର୍ମାବଲମ୍ବୀଙ୍କ ମନରେ—ଏହି ସ୍ଥୂଳବସ୍ତୁଗୁଡ଼ିକ ଯେଉଁସବୁ ଭାବର ପ୍ରତୀକ – ସେହିସବୁ ଭାବର ଉଦ୍ରେକ କରାଇଥାଏ । ତେଣୁ ଅନୁଷ୍ଠାନ ଓ ପ୍ରତୀକ ନିରର୍ଥକ କହିବା ବିଜ୍ଞୋଚିତ କାର୍ଯ୍ୟ ନୁହେଁ । ଏସବୁ ବିଷୟର ଚର୍ଚ୍ଚା ଓ

ଅଭ୍ୟାସ କର୍ମଯୋଗର ଗୋଟିଏ ଅଂଶ ।

ଏହି କର୍ମ-ବିଜ୍ଞାନର ଆହୁରି ଅନେକ ଦିଗ ଅଛି । ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଲା- 'ଭାବ' ଓ 'ଶବ୍ଦ'ର ସମ୍ବନ୍ଧ ଏବଂ ଶବ୍ଦଶକ୍ତି କ'ଣ, ତାହା ଜାଣିବା । ସବୁ ଧର୍ମରେ ଶବ୍ଦଶକ୍ତି ସ୍ୱୀକୃତ ହୋଇଅଛି; ଏପରିକି କୌଣସି କୌଣସି ଧର୍ମରେ ସମଗ୍ର ସୃଷ୍ଟି 'ଶବ୍ଦ'ରୁ ଉତ୍ପନ୍ନ ହୋଇଅଛି ବୋଲି କୁହାଯାଏ । ଈଶ୍ୱରଙ୍କ ସଂକଳ୍ପର ବାହ୍ୟ ଭାବ 'ଶବ୍ଦ', ଆଉ ଯେହେତୁ ଈଶ୍ୱର ସୃଷ୍ଟି ପୂର୍ବରୁ ସଂକଳ୍ପ ଓ ଇଚ୍ଛା କରିଥିଲେ, ସେହି ହେତୁ, 'ଶବ୍ଦ'ରୁ ସୃଷ୍ଟି ହୋଇଛି ବୋଲି କୁହାଯାଏ । ଜଡ଼ବାଦୀ ଇହସର୍ବସ୍ୱ ଜୀବନର ପେଷଣ ଓ କ୍ଷିପ୍ରତା ହେତୁ ଆମର ସ୍ନାୟୁଗୁଡ଼ିକ ଅଚେତନ ଓ କଠିନ ହୋଇ ଯାଇଅଛି । ଆମେ ଯେତେ ବୃଦ୍ଧ ହେଉ ଏବଂ ଜୀବନରେ ଯେତେ ଆଘାତ ସହୁ, ଆମେ ସେତେ ଅନୁଭୂତିହୀନ ହୋଇପଡୁ ଓ ଯେଉଁ ଘଟଣାଗୁଡ଼ିକ ବାରମ୍ବାର ଆମର ଦୃଷ୍ଟି ଆକର୍ଷଣ କରିବାର ଚେଷ୍ଟା କରୁଅଛି, ସେଗୁଡ଼ିକୁ ଆମେ ଅବହେଳା କରିବା ପାଇଁ ପ୍ରବୃତ୍ତ ହେଉ । କିନ୍ତୁ ସମୟ ସମୟରେ ଆମେ ସଜାଗ ହେଉ ଓ ଏହିସବୁ ସାଧାରଣ ଘଟଣା ଦେଖି ଆମେ ବିସ୍ମିତ ହେଉ ଏବଂ ସେଗୁଡ଼ିକର ତତ୍ତ୍ୱାନୁସନ୍ଧାନରେ ପ୍ରବୃତ୍ତ ହେଉ । ଏହିପରି ବିସ୍ମୟ ହିଁ ଜ୍ଞାନାଲୋକପ୍ରାପ୍ତିର ପ୍ରଥମ ସୋପାନ । ଶବ୍ଦର ଉଚ୍ଚ ଦାର୍ଶନିକ ଓ ଆଧ୍ୟାତ୍ମିକ ମୂଲ୍ୟ ଛାଡ଼ିଦେଲେ ସୁଦ୍ଧା ଆମେ ଦେଖୁ ଯେ ଶବ୍ଦପ୍ରତୀକ ମାନବଜୀବନର ରଙ୍ଗମଞ୍ଚରେ ଏକ ପ୍ରଧାନ ଅଂଶ ଅଭିନୟ କରିଥାଏ । ମୁଁ ତୁମ ସହିତ କଥା କହୁଛି, କିନ୍ତୁ ମୁଁ ତୁମକୁ ସ୍ପର୍ଶ କରୁନାହିଁ । ମୋ କଥାଦ୍ୱାରା ବାୟୁରେ ଯେଉଁ କମ୍ପନ ସୃଷ୍ଟି ହେଉଛି, ତାହା ତୁମ କର୍ଣ୍ଣକୁ ଯାଇ ତୁମର ସ୍ନାୟୁଗୁଡ଼ିକୁ ସ୍ପର୍ଶ କରୁଅଛି ଏବଂ ତୁମ ମନ ଉପରେ ପ୍ରଭାବ ବିସ୍ତାର କରୁଅଛି । ତୁମେ ଏହାର ପ୍ରତିରୋଧ କରିପାରିବ ନାହିଁ । ଏହା ଅପେକ୍ଷା ଅଧିକତର ଆଶ୍ଚର୍ଯ୍ୟ ଆଉ କଅଣ ଥାଇପାରେ ?

ଜଣେ ବ୍ୟକ୍ତି ଅନ୍ୟ ଜଣକୁ 'ମୂର୍ଖ' ବୋଲି କହିଲା । ସେ ଏକଥା ଶୁଣି ତତ୍‌କ୍ଷଣାତ୍ ମୁଷ୍ଟିବଦ୍ଧ କରି ତା ନାକରେ ବିଧା ମାରିଲା । ଦେଖ—ଶବ୍ଦର କି ଶକ୍ତି ! ଜଣେ ସ୍ତ୍ରୀ ଦୁଃଖରେ କାନ୍ଦୁଛି; ଅନ୍ୟ ଜଣେ ସ୍ତ୍ରୀ ଆସି ତାକୁ କେତୋଟି ମିଠା କଥା କହୁଛି । ଦେଖ, କାନ୍ଦୁଥିବା ସ୍ତ୍ରୀ ସଙ୍ଗେ ସଙ୍ଗେ ସଳଖ ହୋଇ ବସିଲା, ତା'ର ଦୁଃଖ ଚାଲିଗଲା, ତା ମୁହଁରେ ହସ ଫୁଟି ଉଠିଲା ! ଉଚ୍ଚ ଦର୍ଶନ ଛଡ଼ା ସାଧାରଣ ଜୀବନରେ ମଧ୍ୟ ଶବ୍ଦର ପ୍ରବଳ ଶକ୍ତି; କିନ୍ତୁ ଏ ସମ୍ବନ୍ଧରେ ଆମେ ବିଶେଷ ଚିନ୍ତା ଓ ଅନୁସନ୍ଧାନ କରୁ ନାହିଁ, ଯଦିଓ ଆମେ ଦିବାରାତ୍ର ଏହି ଶକ୍ତିଦ୍ୱାରା କାର୍ଯ୍ୟ କରୁଥାଉ । ଏହି ଶକ୍ତିର ପ୍ରକୃତି ଜାଣିବା ଓ ଯଥାଯଥ ଭାବରେ ତାହାର ବ୍ୟବହାର କରିବା କର୍ମଯୋଗର ଅଙ୍ଗବିଶେଷ ।

ଅନ୍ୟ ପ୍ରତି ଆମର କର୍ତ୍ତବ୍ୟର ଅର୍ଥ ଅନ୍ୟକୁ ସାହାଯ୍ୟ କରିବା—ଜଗତର ଉପକାର କରିବା । କାହିଁକି ଆମେ ଜଗତର ଉପକାର କରିବା ? ଆପାତଦୃଷ୍ଟିରୁ ବୋଧହୁଏ ଯେ, ଆମେ ଜଗତକୁ ସାହାଯ୍ୟ କରୁ, କିନ୍ତୁ ପ୍ରକୃତରେ ଆମେ ନିଜକୁ ହିଁ ସାହାଯ୍ୟ କରିଥାଉ । ଆମେ ସର୍ବଦା ଜଗତର ଉପକାର କରିବା ପାଇଁ ଚେଷ୍ଟା କରିବା ଦରକାର । ଏହା ଯେପରି ଆମ କର୍ମପ୍ରବୃତ୍ତିର ଶ୍ରେଷ୍ଠ ପ୍ରେରଣା; କିନ୍ତୁ ଆମେ ଭଲ ଭାବରେ ବିଚାର କଲେ ଦେଖିବାକୁ ପାଉ ଯେ ଆମ ନିକଟରୁ ଜଗତ କୌଣସି ସାହାଯ୍ୟ ପ୍ରୟୋଜନ କରେ ନାହିଁ । ତୁମେ କିମ୍ବା ମୁଁ ଆସି ଉପକାର କରିବା ବୋଲି ଜଗତ ସୃଷ୍ଟି ହୋଇ ନାହିଁ । ମୁଁ ଥରେ ଗୋଟିଏ (ଖ୍ରୀଷ୍ଟୀୟ) ଧର୍ମୋପଦେଶ ପଢ଼ିଥିଲି, 'ଏହି ସୁନ୍ଦର ଜଗତ ଅତି ମଙ୍ଗଳମୟ, କାରଣ ଏଠାରେ ଆମେ ଅନ୍ୟକୁ ସାହାଯ୍ୟ

କରିବା ପାଇଁ ସମୟ ଓ ସୁବିଧା ପାଉ ।' ବାହ୍ୟତଃ ଏହା ଅତି ସୁନ୍ଦର କଥା ସତ୍ୟ, କିନ୍ତୁ ଜଗତରେ ଆମର ସାହାଯ୍ୟର ପ୍ରୟୋଜନ ଅଛି ଏପରି କହିବା କଅଣ ଈଶ୍ୱର-ନିନ୍ଦା ନୁହେଁ ? ଅବଶ୍ୟ ଜଗତରେ ଯେ ଯଥେଷ୍ଟ ଦୁଃଖ ଅଛି, ତାହା ଆମେ ଅସ୍ୱୀକାରକରିପାରୁ ନାହିଁ । ସୁତରାଂ ଆମେ ଯେଉଁସବୁ କାମ କରୁ, ସେଗୁଡ଼ିକ ମଧ୍ୟରୁ ଅନ୍ୟକୁ ସାହାଯ୍ୟ କରିବା ହିଁ ସର୍ବାପେକ୍ଷା ଉତ୍ତମ କାର୍ଯ୍ୟ । ଅବଶେଷରେ ଆମେ ଦେଖିବାକୁ ପାଇବା ଯେ ଅନ୍ୟକୁ ସାହାଯ୍ୟ କରିବାର ଅର୍ଥ ନିଜର ଉପକାର କରିବା । ବାଲ୍ୟକାଳରେ ମୁଁ କେତେଗୁଡ଼ିଏ ଧଳା ମୂଷା ରଖିଥିଲି । ସେଗୁଡ଼ିକ ରହୁଥିଲେ ଗୋଟିଏ ଛୋଟ ବାକ୍ସରେ, ସେଥିରେ ପୁଣି ଛୋଟ ଛୋଟ ଚକ ଲାଗିଥିଲା । ମୂଷାଗୁଡ଼ିକ ସେହି ଚକ ଉପରଦେଇ ଯିବାର ଚେଷ୍ଟା କଲାମାତ୍ରେ ଚକଗୁଡ଼ିକ ବୁଲିଯାଏ, ତେଣୁ ମୂଷାଗୁଡ଼ିକ ଆଉ ଅଗ୍ରସର ହୋଇପାରନ୍ତି ନାହିଁ । ଏହି ଜଗତକୁ ସାହଯ୍ୟ କରିବା ଅର୍ଥ ଠିକ୍ ଏହିପରି । ତେବେ ଏତିକି ଅନ୍ତତଃ ଉପକାର ହୁଏ ଯେ, ଆମ ନିଜର ଶିକ୍ଷା ହୁଏ । ଏ ଜଗତ ଭଲ ନୁହେଁ, ମନ୍ଦ ମଧ୍ୟ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଗୋଟିଏ ଜଗତ ସୃଷ୍ଟି କରେ । ଅନ୍ଧ ବ୍ୟକ୍ତି ଯଦି ପୃଥିବୀ ସମ୍ବନ୍ଧରେ ଭାବିବାକୁ ଆରମ୍ଭ କରେ—ତେବେ ତା ନିକଟରେ ଜଗତ-ନରମ ବା ଶକ୍ତ, ଥଣ୍ଡା ବା ଗରମ ବୋଲି ପ୍ରତିଭାତ ହେବ । ଆମ ଜୀବନ ରାଶିକୃତ ସୁଖ ବା ଦୁଃଖର ସମଷ୍ଟି ମାତ୍ର । ଆମେ ଜୀବନରେ ଅଜସ୍ର ଥର ଏହା ଅନୁଭବ କରିଅଛୁ । ଯୁବକମାନେ ସାଧାରଣତଃ ଆଶାବାଦୀ ଏବଂ ବୃଦ୍ଧମାନେ ନୈରାଶ୍ୟବାଦୀ ହୋଇଥାଆନ୍ତି । ଯୁବକମାନଙ୍କ ସମ୍ମୁଖରେ ସମଗ୍ର ଜୀବନ ପଡ଼ିରହିଛି; ବୃଦ୍ଧମାନେ କେବଳ ଅସନ୍ତୋଷ ପ୍ରକାଶ କରନ୍ତି—କାରଣ ସେମାନଙ୍କ ଦିନ ସରିଯାଇଛ; ଶତ ଶତ ବାସନା ସେମାନଙ୍କ ହୃଦୟରେ ଆଲୋଡ଼ନ ସୃଷ୍ଟି କରୁଅଛି, କିନ୍ତୁ ବର୍ତ୍ତମାନ ସେଗୁଡ଼ିକୁ ପୂରଣ କରିବାର ସାମର୍ଥ୍ୟ ସେମାନଙ୍କର ନାହିଁ । ଦୁହିଁଙ୍କୁ ଦୁହେଁ ନିର୍ବୋଧ । ଆମେ ଯେପରି ମନୋଭାବ ନେଇ ଏ ଜୀବନକୁ ଦେଖୁ, ତାହା ସେହିପରି ପ୍ରତୀୟମାନ ହୋଇଥାଏ । ନତୁବା ସ୍ୱରୂପତଃ ଏ ଜୀବନ ଭଲ ନୁହେଁ କି ମନ୍ଦ ନୁହେଁ । ସ୍ୱରୂପତଃ ଅଗ୍ନି ଭଲ ନୁହେଁ କି ମନ୍ଦ ମଧ୍ୟ ନୁହେଁ । ଯେତେବେଳେ ଏହା ଆମକୁ ସୁଖତପ୍ତ କରେ, ସେତେବେଳେ ଆମେ କହୁ—ଅଗ୍ନି କେଡ଼େ ସୁନ୍ଦର ! ପୁନଶ୍ଚ ଯେତେବେଳେ ଏହା ଆମର ଅଙ୍ଗୁଳିକୁ ଦଗ୍ଧ କରେ, ସେତେବେଳେ ଆମେ ଅଗ୍ନିକୁ ନିନ୍ଦା କରିଥାଉ । ଅଗ୍ନି କିନ୍ତୁ ସ୍ୱରୂପତଃ ଭଲ ନୁହେଁ କି ମନ୍ଦ ନୁହେଁ । ଆମେ ତାହାର ଯେପରି ବ୍ୟବହାର କରୁ , ତାହା ସେହିପରି ଭାବ ଆମ ମନରେ ଜାଗ୍ରତ କରେ । ଜଗତ ସମ୍ବନ୍ଧରେ ଠିକ୍ ସେହି କଥା । ଜଗତ ସ୍ୱୟଂସମ୍ପୂର୍ଣ୍ଣ; ଏ କଥାର ଅର୍ଥ ହେଉଛି, ଜଗତ ନିଜର ସମୁଦାୟ ପ୍ରୟୋଜନ ପୂରଣ କରିବା ପାଇଁ ସମର୍ଥ । ଆମେ ନିଶ୍ଚିତ ରହିପାରୁ ଯେ, ଆମ ସାହାଯ୍ୟ ବ୍ୟତୀତ ଜଗତ ଠିକ୍ ଚଳିଯିବ । ତାହାର ଉପକାର ପାଇଁ ଆମର ଚିନ୍ତା କରିବାର ପ୍ରୟୋଜନ ନାହିଁ ।

ତଥାପି ଆମକୁ ପରୋପକାର କରିବାକୁ ହେବ, ଏହା ହିଁ ଆମର କର୍ମପ୍ରବୃତ୍ତିର ସର୍ବୋଚ୍ଚ ପ୍ରେରଣା । ଆମେ ଜାଣିବା ଉଚିତ ଯେ, ପରୋପକାର କରିବା ଏକ ପରମ ସୁଯୋଗ ଓ ସୌଭାଗ୍ୟ । ଉଚ୍ଚ ମଞ୍ଚ ଉପରେ ଦଣ୍ଡାୟମାନ ହୋଇ ପାଞ୍ଚୋଟି ପଇସା ହାତରେ ଧରି କହ ନାହିଁ, 'ହେଇ ନେ ବିଚରା', ବରଂ ତା ପ୍ରତି କୃତଜ୍ଞ ହୁଅ—କାରଣ ଏହି ଗରିବ ଲୋକଟି ଅଛି ବୋଲି ତାହାକୁ ସାହାଯ୍ୟ କରି ତୁମେ ନିଜର ଉପକାର କରିପାରୁଛ । ଯେ ଗ୍ରହଣ କରେ ସେ ଧନ୍ୟ ହୁଏ ନାହିଁ, ବରଂ ଯେ ଦାନ କରେ ସେ ହିଁ ଧନ୍ୟ ହୁଏ । ତୁମେ ଯେ ତୁମର ଦୟା ଓ

କରୁଣା ଶକ୍ତି ପ୍ରୟୋଗ କରି ନିଜକୁ ପବିତ୍ର କରିବାକୁ ସମର୍ଥ ହେଉଅଛ, ଏଥିପାଇଁ ତୁମେ କୃତଜ୍ଞ ହୁଅ । ସମସ୍ତ ଭଲ କାର୍ଯ୍ୟ ଆମମାନଙ୍କୁ ପବିତ୍ର ଓ ସିଦ୍ଧ ହେବା ପାଇଁ ସହାୟତା କରେ । ଆମେ ଖୁବ୍ ବେଶୀ ହେଲେ କଅଣ କରିପାରୁ ?—ହୁଏତ ଗୋଟିଏ ଡ଼ାକ୍ତରଖାନା, ରାସ୍ତା ବା ଦାତବ୍ୟ ଆଶ୍ରମ ନିର୍ମାଣ କରିପାରୁ । ଗରିବ-ଦୁଃଖୀମାନଙ୍କୁ ସାହାଯ୍ୟ କରିବା ପାଇଁ ହୁଏତ କୋଡ଼ିଏ ତିରିଶ ଲକ୍ଷ ଟଙ୍କା ସଂଗ୍ରହ କରିପାରୁ, ସେଥିମଧ୍ୟରୁ ଦଶ ଲକ୍ଷ ଟଙ୍କା ବ୍ୟୟ କରି ଗୋଟିଏ ଡ଼ାକ୍ତରଖାନା ପ୍ରତିଷ୍ଠା କରିପାରୁ । ଦଶ ଲକ୍ଷ ଟଙ୍କା ନାଚ, ତାମସା ବା ମଦରେ ଖର୍ଚ୍ଚ କରିପାରୁ, ଦଶ ଲକ୍ଷରୁ ଅର୍ଦ୍ଧେକ ଟଙ୍କା କର୍ମଚାରୀମାନେ ଚୋରି କରି ନେଇପାରନ୍ତି ଏବଂ ଅବଶିଷ୍ଟ ଅଂଶ ହୁଏତ ଗରିବଙ୍କ ନିକଟରେ ପହଞ୍ଚିଲା । କିନ୍ତୁ ସେଥିରେ ଲାଭ କଅଣ ହେଲା ? ଗୋଟିଏ ପ୍ରଚଣ୍ଡ ତୋଫାନରେ, ପାଞ୍ଚ ମିନିଟରେ ସବୁ ନଷ୍ଟ ହୋଇଯାଇପାରେ । ତେବେ ଉପାୟ କଅଣ ? ଗୋଟିଏ ଆଗ୍ନେୟଗିରିର ଅଗ୍ନ୍ୟୁତ୍ପାତ ଫଳରେ ରାସ୍ତା, ଡାକ୍ତରଖାନା, ନଗର, ଘର ସବୁ ଧୂଳିସାତ୍ ହୋଇଯାଇପାରେ । ଅତଏବ ଆସ, ଜଗତର ଉପକାର କରିବା—ଏହି ଅଜ୍ଞାନ କଥା ଏକାବେଳକେ ପରିତ୍ୟାଗ କରିବା । ଜଗତ ତୁମର ବା ମୋର ସାହାଯ୍ୟ ପାଇଁ ଅପେକ୍ଷା କରୁ ନାହିଁ । ତଥାପି ଆମମାନଙ୍କୁ କାର୍ଯ୍ୟ କରିବାକୁ ହେବ, ସର୍ବଦା ଲୋକଙ୍କର ଉପକାର କରିବାକୁ ହେବ, କାରଣ ଏହା ଆମ ପକ୍ଷରେ ଏକ ଆଶୀର୍ବାଦସ୍ୱରୂପ । କେବଳ ଏହାଦ୍ୱାରା ହିଁ ଆମେ ପୂର୍ଣ୍ଣ ହୋଇପାରିବା । ଆମେମାନେ ଯେଉଁ ଭିକାରୀମାନଙ୍କୁ ସାହାଯ୍ୟ କରୁ ସେମାନେ ଆମ ନିକଟରେ ଗୋଟାଏ ପଇସା ପାଇଁ ଋଣୀ ନୁହଁନ୍ତି, ବରଂ ଆମେ ସେମାନଙ୍କ ନିକଟରେ ଋଣୀ; କାରଣ ତା' ଉପରେ ଆମର ଦୟାବୃତ୍ତି ଅନୁଶୀଳନ କରିବା ପାଇଁ ସେ ଅନୁମତି ଦେଇଛି । ଆମେ ଜଗତର କିଛି ଉପକାର କରିଅଛୁ ବା କରିପାରୁ, ଏପରି ଚିନ୍ତା କରିବା ସମ୍ପୂର୍ଣ୍ଣ ଭୁଲ । ଏହା ଏକ ମୂର୍ଖଭଳି ଚିନ୍ତା । ଏପରି ଚିନ୍ତା ଦୁଃଖଦାୟକ ମଧ୍ୟ । ଆମେ ମନେକରୁ ଯେ ଆମେ କାହାରିକୁ ସାହଯ୍ୟ କରିଅଛୁ ଏବଂ ଆଶା କରୁ, ସେ ଆମକୁ ଧନ୍ୟବାଦ ଦେବ ଏବଂ ସେ ଧନ୍ୟବାଦ ନଦେଲେ ଆମ ମନରେ କଷ୍ଟ ହୁଏ । କିନ୍ତୁ ଆମର କୃତ ଉପକାର ପାଇଁ ଆମେ କାହିଁକି ପ୍ରତିଦାନ ଆଶା କରିବା ? ଯାହାକୁ ସାହାଯ୍ୟ କରିଅଛ, ତା'ପ୍ରତି କୃତଜ୍ଞ ହୁଅ, ତାହାକୁ ଈଶ୍ୱର-ଜ୍ଞାନ କର । ମନୁଷ୍ୟର ସାହାଯ୍ୟଦ୍ୱାରା ଈଶ୍ୱରଙ୍କ ଉପାସନା କରିପାରିବା କଅଣ ଆମର ସୌଭାଗ୍ୟ ନୁହେଁ ? ଯଦି ଆମେ ପ୍ରକୃତରେ ଅନାସକ୍ତ ହୋଇଥାଆନ୍ତୁ, ତେବେ ଏହି ବୃଥା ଆଶାଜନିତ କଷ୍ଟ ଅତିକ୍ରମ କରିଯାଇପାରିଥାଆନ୍ତୁ ଏବଂ ତାହା ହେଲେ ଜଗତରେ କିଛି ସତ୍‌କାର୍ଯ୍ୟ ମଧ୍ୟ କରିପାରିଥାଆନ୍ତୁ । ଆସକ୍ତିଶୂନ୍ୟ ହୋଇ କାର୍ଯ୍ୟ କଲେ ଅଶାନ୍ତି ବା ଦୁଃଖ କେବେହେଲେ ଆସିବ ନାହିଁ । ଜଗତ ତାର ସୁଖ-ଦୁଃଖ ନେଇ ଅନନ୍ତକାଳ ଚାଲିଥିବ ଏବଂ ଆମେ ତାହାକୁ ସାହାଯ୍ୟ କରୁ ବା ନକରୁ, ସେଥିରେ କିଛି ଯାଏ ଆସେ ନାହିଁ । ଦୃଷ୍ଟାନ୍ତସ୍ୱରୂପ ଗୋଟିଏ ଗଳ୍ପ କହୁଛି :

ଜଣେ ଗରିବ ଲୋକର କିଛି ଅର୍ଥର ପ୍ରୟୋଜନ ଥିଲା । ସେ ଶୁଣିଥିଲା ଯେ କୌଣସି ପ୍ରକାରେ ଗୋଟିଏ ଭୂତକୁ ବଶୀଭୂତ କରିପାରିଲେ ତାକୁ ଆଦେଶ କରି ଅର୍ଥ ବା ଆଉ ଯାହା ଇଚ୍ଛା ତାହା ସଂଗ୍ରହ କରିପାରିବ । ଅତଏବ ସେ ଗୋଟିଏ ଭୂତ ସଂଗ୍ରହ କରିବା ପାଇଁ ବଡ଼ ବ୍ୟସ୍ତ ହୋଇପଡ଼ିଲା । କିଏ ଜଣେ ତାକୁ ଗୋଟିଏ ଭୂତ ଦେଇପାରିବ ଏଭଳି ଜଣେ ଲୋକ ସେ ଖୋଜି ବୁଲିଲା; ଅବଶେଷରେ ମହାଯୋଗୈଶ୍ୱର୍ଯ୍ୟସମ୍ପନ୍ନ ଜଣେ ସାଧୁଙ୍କ ସହିତ ତାର ଦେଖା

ହେଲା । ସେ ସାଧୁଙ୍କର ସାହାଯ୍ୟ ପ୍ରାର୍ଥନା କଲା । ସାଧୁ କହିଲେ, 'ଭୂତକୁ ନେଇ ତମେ କଣ କରିବ ?' ସେ କହିଲା, 'ମୋର ଗୋଟିଏ ଭୂତ ଦରକାର । ସେ ମୋ ପାଇଁ କାମ କରିବ । କିପରି ଗୋଟିଏ ଭୂତ ପାଇବି, ତାହାର ଉପାୟ ଶିଖାଇ ଦିଅନ୍ତୁ, ମୋର ଗୋଟିଏ ଭୂତ ବିଶେଷ ପ୍ରୟୋଜନ ।' ସାଧୁ କହିଲେ, 'ଏତେ ମୁଣ୍ଡ ଖରାପ କର ନାହିଁ, ଘରକୁ ଯାଅ ।' ତା'ପର ଦିନ ପୁଣି ସେ ସାଧୁଙ୍କ ନିକଟକୁ ଯାଇ କନ୍ଦାକଟା କରି କହିଲା, 'ମୋତେ ଗୋଟିଏ ଭୂତ ଦିଅନ୍ତୁ । କାମରେ ସାହାଯ୍ୟ କରିବା ପାଇଁ ମୋର ଗୋଟିଏ ଭୂତ ନିହାତି ଦରକାର ।'

ଅବଶେଷରେ ସାଧୁ ବିରକ୍ତ ହୋଇ କହିଲେ, 'ଏହି ଯାଦୁମନ୍ତ୍ରଟି ନିଅ; ଏହାକୁ ଜପ କଲେ ଗୋଟିଏ ଭୂତ ଆସିବ—ତାହାକୁ ଯାହା ଆଦେଶ କରିବ, ସେ ତାହା ହିଁ କରିବ । କିନ୍ତୁ ସାବଧାନ, ଭୂତ ବଡ଼ ଭୟାନକ—ତାକୁ ଅବିରତ କାର୍ଯ୍ୟରେ ବ୍ୟସ୍ତ ରଖିବାକୁ ହେବ, ତାକୁ କାମ ଦେଇ ନ ପାରିଲେ ସେ ତୁମର ପ୍ରାଣ ନେବ !' ଲୋକଟି କହିଲା, 'ଏହା ତ ଅତି ସହଜ କଥା, ମୁଁ ତାକୁ ତା ଜୀବନବ୍ୟାପୀ କାମ ଦେଇପାରେ ।' ଏହା କହି ସେ ଗୋଟିଏ ବଣକୁ ଯାଇ ସେହି ମନ୍ତ୍ରଟି ଜପ କରିବାକୁ ଲାଗିଲା । ଅବଶେଷରେ ତା ସମ୍ମୁଖରେ ଗୋଟିଏ ବିରାଟ ଭୁତ ଆସି ଉପସ୍ଥିତ ହେଲା ଏବଂ କହିଲା, 'ମୁଁ ଭୁତ— ମୁଁ ତୁମ ମନ୍ତ୍ରରେ ବଶୀଭୁତ ହୋଇଅଛି, କିନ୍ତୁ ମୋତେ ସର୍ବଦା କାର୍ଯ୍ୟରେ ନିଯୁକ୍ତ ରଖିବାକୁ ପଡ଼ିବ । ଯେଉଁ ମୁହୂର୍ତ୍ତରେ କାମ ଦେଇ ନ ପାରିବ, ସେହି ମୂହୂର୍ତ୍ତରେ ମୁଁ ତୁମକୁ ସଂହାର କରିବି ।' ଲୋକଟି କହିଲା, 'ମୋ ପାଇଁ ଗୋଟିଏ ପ୍ରସାଦ ନିର୍ମାଣ କରି ଦିଅ ।' ଭୁତ କହିଲା, 'ହଁ, ପ୍ରାସାଦ ନିର୍ମିତ ହୋଇଅଛି ।' ଲୋକଟି କହିଲା, 'ଟଙ୍କା ଆଣ ।' ଭୁତ କହିଲା, 'ହେଇ ନିଅ ଟଙ୍କା ।' ଲୋକଟି କହିଲା, 'ଏହି ବଣ କାଟି ଏଠାରେ ଗୋଟିଏ ସହର ତିଆରି କର ।' ଭୁତ କହିଲା, ତାହା ମଧ୍ୟ ହୋଇଛି । ଆଉ କଅଣ କରିବାକୁ ହେବ ? ସେତେବେଳେ ଲୋକଟିର ଭୟ ହେଲା, ସେ ଭାବିଲା—'ଏହାକୁ ତ ଆଉ କୌଣସି କାମ ବତାଇବାର ନାହିଁ, ଦେଖୁଛି, ଇଏ ଏକ ମୁହୂର୍ତ୍ତରେ ସବୁ ସମ୍ପନ୍ନ କରୁଛି !' ଭୂତ କହିଲା, 'ମୋତେ କାମ ଦିଅ, ନ ହେଲେ ତୁମକୁ ଖାଇବି ।' ଭୁତକୁ ଆଉ କ'ଣ କାମ ଦେବ ଭାବି ନ ପାରି ବିଚରା ଅତିଶୟ ଭୟଭୀତ ହେଲା । ଭୟରେ ଦୌଡ଼ି ଦୌଡ଼ି ସାଧୁଙ୍କ ନିକଟରେ ପହଞ୍ଚି କହିଲା, 'ପ୍ରଭୁ, ମୋତେ ରକ୍ଷା କରନ୍ତୁ ।' ସାଧୁ ପଚାରିଲେ, 'ଘଟଣା କ'ଣ ?' ଲୋକଟି କହିଲା,ଭୂତକୁ ମୁଁ ଆଉ କିଛି କାମ ଦେଇ ପାରୁନାହିଁ । ମୁଁ ଯାହା କହେ ସେ ସେହି ମୁହୂର୍ତ୍ତରେ ତାହା ସମ୍ପନ୍ନ କରିଦିଏ; ଆଉ ଯଦି ତାକୁ କାମ ନ ଦିଏ ମୋତେ ଖାଇଯିବ ବୋଲି ଭୟ ଦେଖାଉଅଛି ।' ଠିକ୍ ସେହି ସମୟରେ 'ତୁମକୁ ଖାଇବି' କହି କହି ଭୂତ ଆସି ଉପସ୍ଥିତ ହେଲା । ତାକୁ ଗିଳିବା ପାଇଁ ଏକଦମ୍ ପ୍ରସ୍ତୁତ । ଲୋକଟି ଭୟରେ ଥରିବାକୁ ଲାଗିଲା ଏବଂ ନିଜର ଜୀବନ ରକ୍ଷା ପାଇଁ ସାଧୁଙ୍କଠାରେ ପ୍ରାର୍ଥନା କରିବାକୁ ଲାଗିଲା । ସାଧୁ କହିଲେ 'ଆଚ୍ଛା, ତୁମ ପାଇଁ ଗୋଟିଏ ଉପାୟ କରୁଛି; ଏହି କୁକୁରଟି ଆଡ଼କୁ ଅନାଇ ଦେଖ—ତାହାର ଲାଞ୍ଜଟା ବଙ୍କା । ଶୀଘ୍ର ତରବାରି ବାହାର କରି ତା ଲାଞ୍ଜଟା କାଟ, ତାପରେ ଭୂତକୁ ତାହା ସିଧା କରିବା ପାଇଁ ଦିଅ ।' ଲୋକଟି କୁକୁରର ଲାଞ୍ଜ କାଟି ଭୁତକୁ ଦେଇ କହିଲା, ଏହାକୁ ସଳଖ କରିଦିଅ ।' 'ଭୂତ ତାହା ନେଇ ଧୀରେ ଧୀରେ ଅତି ସନ୍ତର୍ପଣରେ ସଳଖ କଲା; କିନ୍ତୁ ଯେପରି ଛାଡ଼ି ଦେଇଛି, ସଙ୍ଗେ ସଙ୍ଗେ ତାହା ପୁଣି ବଙ୍କା ହୋଇଗଲା । ପୁଣି ସେ ଅନେକ ପରିଶ୍ରମ କରି ଲାଞ୍ଜଟିକୁ ସଳଖ କଲା—କିନ୍ତୁ ଛାଡ଼ିଦେବା ମାତ୍ରେ ଏହା ପୁଣି ବଙ୍କାଇଗଲା । ପୁଣି ସେ ଧୈର୍ଯ୍ୟ

ସହକାରେ ଲାଞ୍ଜଟିକୁ ସଳଖ କଲା, କିନ୍ତୁ ଛାଡ଼ିଦେବା ମାତ୍ରେ ତାହା ପୁଣି ବଙ୍କା ହୋଇଗଲା । ଏହିପରି ଦିନ ପରେ ଦିନ ସେ ପରିଶ୍ରମ କରି ଚାଲିଲା । ଅବଶେଷରେ କ୍ଳାନ୍ତ ହୋଇ କହିବାକୁ ଲାଗିଲା, 'ଜୀବନରେ କେବେହେଲେ ଏପରି ଯନ୍ତ୍ରଣାରେ ପଡ଼ିନାହିଁ । ମୁଁ ଜଣେ ପୁରାତନ ପକ୍କା ଭୂତ, କିନ୍ତୁ ଜୀବନରେ କେବେହେଲେ ଏପରି ବିପଦରେ ପଡ଼ିନାହିଁ ।' ଅବଶେଷରେ ଭୂତ ଲୋକଟିକୁ କହିଲା, 'ଆସ, ତୁମ ସହିତ ମିଳାମିଶା କରିବି । ତୁମେ ମୋତେ ଛାଡ଼ିଦିଅ, ମୁଁ ମଧ୍ୟ ତୁମକୁ ଯାହା ଯାହା ଦେଇଛି ସବୁ ରଖିବାକୁ ଦେବି ଏବଂ ପ୍ରତିଜ୍ଞା କରିବି ଯେ କେବେହେଲେ ତୁମର ଅନିଷ୍ଟ କରିବିନାହିଁ ।' ଲୋକଟି ଖୁବ୍ ସନ୍ତୁଷ୍ଟ ହୋଇ ଆନନ୍ଦରେ ଏହି ଚୁକ୍ତି ସ୍ୱୀକାର କଲା ।

ଏ ଜଗତଟା କୁକୁରର ବଙ୍କା ଲାଞ୍ଜ ଭଳି । ମନୁଷ୍ୟ ଶତ ଶତ ବର୍ଷ ଧରି ଏହାକୁ ସଳଖ କରିବାର ଚେଷ୍ଟା କରିଛି; କିନ୍ତୁ ଯେତେବେଳେ ଟିକିଏ ଛାଡ଼ି ଦିଏ, ସେତେବେଳେ ଏହା ପୁଣି ବଙ୍କେଇ ଯାଏ । ଅନ୍ୟଥା ଆଉ କିପରି ହେବ ? ପ୍ରଥମରୁ ଜାଣିବା ଉଚିତ, ଆସକ୍ତିଶୂନ୍ୟ ହୋଇ କିପରି କାମ କରିବାକୁ ହୁଏ; ତାହାହେଲେ ଆଉ ମତାନ୍ଧତା ଆସିବ ନାହିଁ । ଯେତେବେଳେ ଆମେ ଜାଣିପାରୁ, ଏହି ଜଗତଟା କୁକୁରର ବଙ୍କା ଲାଞ୍ଜ ଭଳି ଏବଂ କେବେହେଲେ ସଳଖ ହେବ ନାହିଁ, ସେତେବେଳେ ଆମେ ଆଉ ମତାନ୍ଧ ହେବୁ ନାହିଁ ।

ଅନେକ ପ୍ରକାର ମତାନ୍ଧ ଅଛନ୍ତି—ମଦ୍ୟପାନ-ନିବାରକ, ଚୁରୁଟନିବାରକ ଇତ୍ୟାଦି । ଏକଦା ଏହି କ୍ଲାସ୍‌କୁ ଜଣୈକ ଯୁବତୀ ମହିଳା ଆସୁଥିଲେ । ସେ ଏବଂ ଅନ୍ୟ କେତେଜଣ ମହିଳା ମିଶି ଚିକାଗୋରେ ଗୋଟିଏ ହଲ୍ ତିଆରି କରିଥିଲେ । ସେଠାରେ ଶ୍ରମଜୀବୀମାନଙ୍କ ପାଇଁ ସଙ୍ଗୀତ ଓ ବ୍ୟାୟାମ ଶିଖିବାର କିଛି ବ୍ୟବସ୍ଥା ଥିଲା । ମଦ୍ୟପାନ ଓ ଧୂମପାନ ଇତ୍ୟାଦିଦ୍ୱାରା ଯେଉଁ କ୍ଷତି ହୁଏ, ଦିନେ ସେକଥା ମୋତେ କହୁଥିଲେ । ସେ କହିଲେ, ଏ ସମସ୍ତ ଦୋଷର ପ୍ରତିକାରର ଉପାୟ ସେ ଜାଣନ୍ତି । ସେ ଉପାୟଟି କଅଣ ମୁଁ ଜାଣିବାକୁ ଚାହିଁବାରୁ ସେ କହିଲେ, 'ଆପଣ କଣ 'ହଲ୍ ଘର' କଥା ଜାଣନ୍ତି ନାହିଁ ?' ତାଙ୍କ କଥା ଶୁଣିଲେ ମନେହୁଏ, ତାଙ୍କ ମତରେ ମାନବ-ଜାତିର ଯାହା କିଛି ଅଶୁଭ, ଏହି ହଲ୍ ଘରଟି ତା'ର ମହୌଷଧି । ଭାରତରେ କେତେଗୁଡ଼ିଏ ମତାନ୍ଧ ଅଛନ୍ତି, ସେମାନେ ମନେକରନ୍ତି ଯେ ସ୍ତ୍ରୀମାନଙ୍କୁ ଯଦି ଏକାଧିକ ବିବାହ ପାଇଁ ଅନୁମତି ମିଳେ, ତାହାହେଲେ ସବୁ ଦୁଃଖ ଘୁଞ୍ଚିଯିବ । ଏ ସବୁ ହେଲା ମତାନ୍ଧତା । ତେବେ ଜ୍ଞାନୀ ବ୍ୟକ୍ତି କେବେହେଲେ ମତାନ୍ଧ ହୋଇପାରନ୍ତି ନାହିଁ ।

ମତାନ୍ଧ ବ୍ୟକ୍ତିଗଣ ଠିକ୍ ଠିକ୍ କାମ କରିପାରନ୍ତି ନାହିଁ । ଜଗତରେ ଯଦି ମତାନ୍ଧତା ନ ଥାଆନ୍ତା ତେବେ ଜଗତ ବର୍ତ୍ତମାନ ଯେପରି ଉନ୍ନତି କରୁଅଛି ତଦପେକ୍ଷା ଅଧିକ ଉନ୍ନତି କରନ୍ତା । ମତାନ୍ଧତାଦ୍ୱାରା ମାନବ-ଜାତିର ଉନ୍ନତି କରାଯାଏ—ଏପରି ଚିନ୍ତା କରିବା ଭୁଲ । ପକ୍ଷାନ୍ତରେ ତାହାଦ୍ୱାରା ବରଂ ଉନ୍ନତିରେ ବିଘ୍ନ ଘଟେ; କାରଣ ତାହାଦ୍ୱାରା ଘୃଣା ଓ କ୍ରୋଧର ଉତ୍ପତ୍ତି ହୁଏ; ଫଳରେ ମନୁଷ୍ୟମାନେ ପରସ୍ପରର ବିରୋଧ କରନ୍ତି ଏବଂ ପରସ୍ପର ପ୍ରତି ସହାନୁଭୂତିହୀନ ହୋଇ ପଡ଼ନ୍ତି । ଆମେ ଯାହା କରୁ ବା ଆମର ଯାହା ଅଛି, ଆମେ ମନେକରୁ ସେ ସବୁ ହିଁ ଜଗତରେ ଶ୍ରେଷ୍ଠ ଏବଂ ଯାହା ଆମମାନଙ୍କର ନାହିଁ ତାହାର କୌଣସି ମୂଲ୍ୟ ମଧ୍ୟ ନାହିଁ ।

ଅତଏବ ଯେତେବେଳେ ମତାନ୍ଧ ଭାବ ଆସିବ, ସେତେବେଳେ ସେହି କୁକୁରଲାଞ୍ଜ କଥା

ମନେ କରିବ । ଜଗତ ପାଇଁ ତୁମର ଉଦ୍‌ବିଗ୍ନ ଓ ବିନିଦ୍ର ହେବାର ପ୍ରୟୋଜନ ନାହିଁ; ତୁମକୁ ଛାଡ଼ି ମଧ୍ୟ ଜଗତ ଠିକ୍ ଚାଲିବ । ଯେତେବେଳେ ତୁମର ଏହି ମତାନ୍ଧତା ସମ୍ପୂର୍ଣ୍ଣ ରୂପେ ଦୂର ହେବ; କେବଳ ସେତିକିବେଳେ ହିଁ ତୁମେ ଭଲ ଭାବରେ କାମ କରିପାରିବ । ଯାହାର ମୁଣ୍ଡ ଖୁବ୍ ଥଣ୍ଡା, ଯିଏ ଶାନ୍ତ ଏବଂ ସର୍ବଦା ଉତ୍ତମ ରୂପେ ବିଚାର କରି କାର୍ଯ୍ୟ କରିଥାଏ, ଯାହାର ସ୍ନାୟୁ ସହଜରେ ଉତ୍ତେଜିତ ହୁଏ ନାହିଁ ଏବଂ ଯାହାର ଗଭୀର ପ୍ରେମ ଓ ସହାନୁଭୂତି ଅଛି, କେବଳ ସେ ହିଁ ସଂସାରରେ ଭଲ କାମ କରେ ଏବଂ ପରୋକ୍ଷରେ ନିଜର କଲ୍ୟାଣ ସାଧନ ମଧ୍ୟ କରେ । ମତାନ୍ଧମାନେ ନିର୍ବୋଧ, ସହାନୁଭୂତିହୀନ; ସେମାନେ ଜଗତକୁ ତ ସଳଖ କରିପାରନ୍ତି ନାହିଁ, ନିଜେ ମଧ୍ୟ ପବିତ୍ରତା ଓ ପୂର୍ଣ୍ଣତା ଲାଭ କରିପାରନ୍ତି ନାହିଁ ।

ତୁମ ଇତିହାସ ଲିଖିତ 'ମେ-ଫ୍ଲାଓ୍ୱାର' ଜାହାଜରୁ ଆଗତ ବ୍ୟକ୍ତିମାନଙ୍କ କଥା କଣ ସ୍ମରଣ ନାହିଁ ? ଯେତେବେଳେ ସେମାନେ ପ୍ରଥମେ ଏ ଦେଶକୁ ଆସିଲେ, ସେତେବେଳେ ସେମାନେ 'ପିଉରିଟାନ୍' ଥିଲେ, ନିଜକୁ ଖୁବ୍ ପବିତ୍ର ଓ ସାଧୁ -ପ୍ରକୃତି-ବିଶିଷ୍ଟ ବୋଲି ମନେ କରୁଥିଲେ । କିନ୍ତୁ ଅତି ଶୀଘ୍ର ହିଁ ସେମାନେ ଅନ୍ୟ ବ୍ୟକ୍ତିଙ୍କ ପ୍ରତି ଅତ୍ୟାଚାର ଆରମ୍ଭ କଲେ । ମାନବ-ଜାତିର ଇତିହାସରେ ସର୍ବତ୍ର ହିଁ ଏହିପରି ଦେଖାଯାଏ । ଯେଉଁମାନେ ନିଜେ ଅତ୍ୟାଚାର ଭୟରେ ପଳାଇ ଆସନ୍ତି, ସେମାନେ ପୁଣି ସୁବିଧା ପାଇଲେ ଅନ୍ୟ ଉପରେ ଅତ୍ୟାଚାର ଆରମ୍ଭ କରନ୍ତି । ମୁଁ ଦୁଇଟି ଅଦ୍ଭୁତ ଜାହାଜର କଥା ଶୁଣିଅଛି-ପ୍ରଥମ 'ନୋୟାର-ଆର୍କ' ଓ ଦ୍ୱିତୀୟ 'ମେ-ଫ୍ଲାଓ୍ୱାର' । ଇହୁଦୀଗଣ କହନ୍ତ—ସମଗ୍ର ସୃଷ୍ଟି 'ନୋୟାର ଆର୍କ'ରୁ; ପୁନଶ୍ଚ ମାର୍କିନ୍‌ଗଣ କହନ୍ତି, ପୃଥିବୀର ପ୍ରାୟ ଅର୍ଦ୍ଧେକ ଲୋକ 'ମେ-ଫ୍ଲାଓ୍ୱାର' ଜାହାଜରୁ ଆସିଛନ୍ତି । ଏ ଦେଶରେ ଯାହା ସହିତ ମୋର ଦେଖାହୁଏ, ଏପରି ଖୁବ୍ କମ୍ ଲୋକ ଦେଖିବାକୁ ମିଳେ, ଯିଏ କି ନ କହେ ଯେ ତାଙ୍କ ପିତାମହ ବା ପ୍ରପିତାମହ 'ମେ-ଫ୍ଲାଓ୍ୱାର' ଜାହାଜରୁ ଆସି ନାହାନ୍ତି । ଏହା ପୁଣି ଅନ୍ୟ ଏକ ପ୍ରକାରର ମତାନ୍ଧତା । ମତାନ୍ଧମାନଙ୍କ ମଧ୍ୟରୁ ଶତକଡ଼ା ଅନ୍ତତଃ ନବେ ଜଣଙ୍କର ଯକୃତ୍ ଦୂଷିତ, ଅଥବା ସେମାନେ ଅଜୀର୍ଣ୍ଣରୋଗଗ୍ରସ୍ତ, ନତୁବା ସେମାନଙ୍କର କୌଣସି ନା କୌଣସି ବ୍ୟାଧି ଅଛି । କ୍ରମଶଃ ଚିକିତ୍ସକଗଣ ବୁଝିବେ ଯେ, ମତାନ୍ଧତା ଏକପ୍ରକାର ରୋଗବିଶେଷ--ମୁଁ ଏହା ଯଥେଷ୍ଟ ଦେଖିଛି । ପ୍ରଭୁ, ମୋତେ ଏହି ମତାନ୍ଧତାରୁ ରକ୍ଷା କରନ୍ତୁ ।

ଏହି ମତାନ୍ଧତା ସମ୍ବନ୍ଧରେ ମୋର ଯେଉଁ ଟିକକ ଅଭିଜ୍ଞତା ଅଛି, ସେଥିରୁ ମୋଟାମୋଟି ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛି ଯେ, ଆମର କୌଣସି ପ୍ରକାର ମତାନ୍ଧତା ବା ଏକବାଗିଆଭାବ ସଂସ୍କାର-କାର୍ଯ୍ୟ ସହିତ ମିଶିବାର ପ୍ରୟୋଜନ ନାହିଁ । ତୁମେ କଅଣ କହିବାକୁ ଚାହଁ ଯେ, ମଦ୍ୟପାନ-ନିବାରକ ମତାନ୍ଧମାନେ ମାତାଲମାନଙ୍କୁ ବାସ୍ତବିକ ଭଲ ପାଆନ୍ତି ? ମତାନ୍ଧମାନଙ୍କର ମତାନ୍ଧ ହେବାର କାରଣ ଏହି ଯେ, ସେମାନେ ଏହି ମତାନ୍ଧତା କରି ନିଜେ କିଛି ଲାଭର ପ୍ରତ୍ୟାଶା କରନ୍ତି । ଯୁଦ୍ଧ ଶେଷ ହେବାମାତ୍ରେ ଏମାନେ ଲୁଣ୍ଠନ ପାଇଁ ଅଗ୍ରସର ହୁଅନ୍ତି । ଏହି ମତାନ୍ଧଦଳରୁ ବାହାରି ଆସିପାରିଲେ ବୁଝିବ କିପରି ପ୍ରକୃତରେ ଭଲ ପାଇବାକୁ ହୁଏ ଏବଂ ସହାନୁଭୂତି ପ୍ରଦର୍ଶନ କରାଯାଏ; ସେତିକିବେଳେ ତୁମ ପକ୍ଷରେ ମାତାଲ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ସମ୍ଭବ ହେବ; ସେତିକିବେଳେ ବୁଝିବ—ସେ ମଧ୍ୟ ତୁମରି ପରି ଜଣେ ମନୁଷ୍ୟ; ସେତିକିବେଳେ ତୁମେ ବୁଝିବାକୁ ଚେଷ୍ଟା କରିବ ଯେ, ନାନା ଅବସ୍ଥାଚକ୍ରରେ

ପଡ଼ି ତା'ର କ୍ରମଶଃ ଅବନତି ଘଟିଛି; ଆଉ ବୁଝିବ, ତୁମେ ଯଦି ତା ଭଳି ଅବସ୍ଥାରେ ପଡ଼ିଥାଆନ୍ତ; ହୁଏତ ଆତ୍ମହତ୍ୟା କରିଥାଆନ୍ତ । ମୋର ଜନୈକା ମହିଳାଙ୍କ କଥା ମନେପଡୁଛି–ତାଙ୍କର ସ୍ୱାମୀ ଥିଲେ ଘୋର ମାତାଲ । ସ୍ତ୍ରୀଲୋକଟି ମୋ ନିକଟରେ ତାଙ୍କ ସ୍ୱାମୀଙ୍କର ଅତ୍ୟଧିକ ପାନଦୋଷ ପାଇଁ ଅଭିଯୋଗ କରନ୍ତି । ମୋର କିନ୍ତୁ ନିଶ୍ଚିତ ଧାରଣା—ଅଧିକାଂଶ ଲୋକ ସେମାନଙ୍କର ସ୍ତ୍ରୀଙ୍କ ଦୋଷ ହେତୁ ହିଁ ମାତାଲ ହୋଇଥାଆନ୍ତି । ତୋଷାମଦ କରିବା ମୋର କାମ ନୁହେଁ, ମୋତେ ସତ୍ୟ କହିବାକୁ ପଡ଼ିବ । ଯେଉଁସବୁ ଅବାଧ ସ୍ତ୍ରୀମାନଙ୍କ ମନରୁ ସହିବାଗୁଣ ଏକାବେଳକେ ଚାଲିଯାଇଛି ଏବଂ ଯେଉଁମାନେ ସ୍ୱାଧୀନତା ସମ୍ବନ୍ଧରେ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ କହିଥାଆନ୍ତି ଯେ ସେମାନେ ପୁରୁଷମାନଙ୍କୁ ନିଜ ହାତମୁଠାରେ ରଖିବେ ଏବଂ ଯେତେବେଳେ ପୁରୁଷମାନେ ସାହସ ଅବଲମ୍ବନ ପୂର୍ବକ ଚିତ୍କାର କରି ଅରୁଚିକର କଥା କହିଉଠନ୍ତି ଯେ ଏପରି ନାରୀଗଣ ଜଗତର ମହା ଅକଲ୍ୟାଣକର ହୋଇ ଦେଖାଦେଇଛନ୍ତି ଏବଂ ଏହିମାନଙ୍କ ଅତ୍ୟାଚାରରେ ଜଗତର ଅର୍ଦ୍ଧେକ ଲୋକ ଯେ କାହିଁକି ଏ ପର୍ଯ୍ୟନ୍ତ ଆତ୍ମାହତ୍ୟା କରୁନାହାନ୍ତି, ଏହା ଆଶ୍ଚର୍ଯ୍ୟର ବିଷୟ । ଏହି ନାରୀଗଣ ଅର୍ଦ୍ଧାଶନପୀଡ଼ିତ ପ୍ରଚାରକଗଣଙ୍କୁ ସେମାନଙ୍କ ପଟକୁ ଟାଣି ନେଉଛନ୍ତି; ଆଉ ସେମାନେ କହୁଛନ୍ତି, 'ମହିଳାଗଣ, ଆପଣମାନେ ହିଁ ଜଗତରେ ସର୍ବାପେକ୍ଷା ଆଶ୍ଚର୍ଯ୍ୟ ଜୀବ ।' ଏ କଥା ଶୁଣି ଏହି ରମଣୀଗଣ ଏହି ପ୍ରଚାରକମାନଙ୍କ ସମ୍ବନ୍ଧରେ କହନ୍ତି, 'ଇଏ ହେଉଛନ୍ତି ଆମ ପକ୍ଷର ପ୍ରଚାରକ, ପୁଣି ସେମାନେ ଏମାନଙ୍କୁ ଟଙ୍କାପଇସା ଓ ଅନ୍ୟାନ୍ୟ ଦ୍ରବ୍ୟ ଦିଅନ୍ତି । ଏହିପରି ଭାବରେ ହିଁ ଜଗତ ଚାଲିଛି; କିନ୍ତୁ ଜୀବନ ତ ଏପରି ଗୋଟିଏ ନାଟତାମସା ନୁହେଁ, ଜୀବନରେ ଗଭୀର ଭାବରେ ପ୍ରଣିଧାନ ଓ ଆଲୋଚନା କରିବାର ଅନେକ ବିଷୟ ରହିଛି ।

ବର୍ତ୍ତମାନ ମୁଁ ତୁମମାନଙ୍କୁ ଆଜିର ବକ୍ତୃତାର ମୁଖ୍ୟ ବିଷୟଗୁଡ଼ିକର ପର୍ଯ୍ୟାଲୋଚନା କରିବାକୁ କହୁଅଛି । ପ୍ରଥମତଃ ଆମମାନଙ୍କୁ ମନେ ରଖିବାକୁ ହେବ ଯେ, ଆମେ ସମସ୍ତେ ଜଗତ ନିକଟରେ ଋଣୀ; ଜଗତ କିନ୍ତୁ ଆମ ନିକଟରେ ଟିକିଏ ହେଲେ ଋଣୀ ନୁହେଁ । ଆମ ସମସ୍ତଙ୍କର ପରମ ସୌଭାଗ୍ୟ ଯେ, ଆମେ ଜଗତର କିଛି କରିବାର ସୁଯୋଗ ପାଇଅଛୁ । ଜଗତକୁ ସାହାଯ୍ୟ କରିବାକୁ ଯାଇ ଆମେ ପ୍ରକୃତରେ ନିଜର ହିଁ କଲ୍ୟାଣ କରିଥାଉ । ଦ୍ୱିତୀୟତଃ ଏହି ଜଗତରେ ଜଣେ ଈଶ୍ୱର ଅଛନ୍ତି । ଏହା ଭାବିବା ଭୁଲ ଯେ, ଏହି ଜଗତ ଗୋଟାଏ ସ୍ରୋତରେ ଭାସି ଚାଲିଛି ଏବଂ ତୁମର କିମ୍ବା ମୋର ସାହାଯ୍ୟ ପାଇଁ ଅପେକ୍ଷା କରିଛି । ଈଶ୍ୱର ଜଗତରେ ସର୍ବଦା ହିଁ ବିଦ୍ୟମାନ ଅଛନ୍ତି । ସେ ହେଉଛନ୍ତି ଅବିନାଶୀ, ଅବିରତ କ୍ରିୟାଶୀଳ । ତାଙ୍କର ସତର୍କ ଦୃଷ୍ଟି ସର୍ବତ୍ର ପରିବ୍ୟାପ୍ତ । ଯେତେବେଳେ ସମଗ୍ର ବିଶ୍ୱ ନିଦ୍ରିତ, ସେତେବେଳେ ସେ ଜାଗ୍ରତ ଥାଆନ୍ତି । ସେ ଅବିରତ କାର୍ଯ୍ୟ କରୁଛନ୍ତି । ଜଗତରେ ଯେଉଁସବୁ ପରିବର୍ତ୍ତନ ଓ ବିକାଶ ଦେଖାଯାଏ, ସେସବୁ ତାଙ୍କରି କାର୍ଯ୍ୟ । ତୃତୀୟତଃ, ଆମେ କାହାରିକୁ ଘୃଣା କରିବା ଉଚିତ ନୁହେଁ । ଏ ଜଗତ ଚିରଦିନ ଶୁଭାଶୁଭର ମିଶ୍ରଣ ହୋଇ ରହିବ । ଆମର କର୍ତ୍ତବ୍ୟ–ଦୁର୍ବଳ ପ୍ରତି ସହାନୁଭୂତି ପ୍ରକାଶ କରିବା ଏବଂ ଅନିଷ୍ଟକାରୀକୁ ମଧ ଭଲପାଇବା । ଏ ଜଗତ ହେଉଛି ଗୋଟିଏ ବିରାଟ ନୈତିକବ୍ୟାୟାମଶାଳା । ଏଠାରେ ଆମ ସମସ୍ତଙ୍କୁ ଅଭ୍ୟାସସ୍ୱରୂପ ବ୍ୟାୟମ କରିବାକୁ ହେବ, ଯେପରି ଦିନକୁ ଦିନ ଆମେ ଅଧିକରୁ ଅଧିକ ଆଧ୍ୟାତ୍ମିକ ଶକ୍ତି ଲାଭ କରିପାରୁ । ଚତୁର୍ଥତଃ, ଆମେ କୌଣସି ପ୍ରକାର ମତାନ୍ଧତାର ବଶବର୍ତ୍ତୀ ହେବା ଉଚିତ ନୁହେଁ;

କାରଣ ମତାନ୍ଧତା ହେଲା ପ୍ରେମର ବିପରୀତ । ମତାନ୍ଧ ହଠାତ୍ କହି ପକାଏ, ମୁଁ ପାପୀକୁ ଘୃଣା କରେ ନାହିଁ, ପାପକୁ ଘୃଣା କରେ ।' କିନ୍ତୁ ପ୍ରକୃତ ପକ୍ଷେ ପାପୀ ଓ ପାପ ମଧ୍ୟରେ ପାର୍ଥକ୍ୟ ରଖୁଥିବା ଜଣେ ଲୋକ ଦେଖିବା ପାଇଁ ମୁଁ ଦୂର-ଦୂରାନ୍ତକୁ ମଧ୍ୟ ଯିବା ପାଇଁ ପ୍ରସ୍ତୁତ । ଏପରି କହିବା ଖୁବ୍ ସହଜ ! ଯଦି ଆମେ ଉତ୍ତମ ରୂପେ ଦ୍ରବ୍ୟ ଓ ଗୁଣ ମଧ୍ୟରେ ପାର୍ଥକ୍ୟ ଲକ୍ଷ୍ୟ କରିପାରୁ; ତେବେ ତ ଆମେ ସିଦ୍ଧ ହୋଇ ଯିବୁ ! ଏପରି କରିବା ସହଜ ନୁହେଁ । ଅଧିକନ୍ତୁ ଆମେ ଯେତେ ଧୀରସ୍ଥିର ହେବା ଏବଂ ଆମର ସ୍ନାୟୁସମୂହ ଯେତେ ଶାନ୍ତ ହେବ, ଆମେ ସେତେ ଅଧିକତର ପ୍ରେମଶୀଳ ଏବଂ କର୍ମଦକ୍ଷ ହେବୁ ।

❋❋❋

## ଅନାସକ୍ତି ହିଁ ପୂର୍ଣ୍ଣ ଆତ୍ମତ୍ୟାଗ

ଆମମାନଙ୍କ ଅନ୍ତରରୁ ନିର୍ଗତ ଅର୍ଥାତ୍ ଆମର କାୟ, ମନ ଓ ବାକ୍ୟଦ୍ୱାରା କୃତ ପ୍ରତ୍ୟେକଟି କାର୍ଯ୍ୟ ଯେପରି ପୁନର୍ବାର ପ୍ରତିକ୍ରିୟା ରୂପେ ଆମମାନଙ୍କ ନିକଟକୁ ଫେରିଆସେ, ସେହିପରି ଆମମାନଙ୍କର କାର୍ଯ୍ୟ ଅନ୍ୟ ବ୍ୟକ୍ତି ଉପରେ ଏବଂ ସେମାନଙ୍କ କାର୍ଯ୍ୟ ଆମ ଉପରେ ପ୍ରଭାବ ବିସ୍ତାର କରିପାରେ । ତୁମେ ସମସ୍ତେ ହୁଏତ ଲକ୍ଷ୍ୟ କରିଥିବ ଯେ, କେହି ଯେବେ କିଛି ମନ୍ଦ କାର୍ଯ୍ୟ କରେ, ସେତେବେଳେ ସେ କ୍ରମଶଃ ଆହୁରି ମନ୍ଦ ଆଡ଼କୁ ଗତି କରେ ଏବଂ ଯେତେବେଳେ ସେ ସତ୍‌କାର୍ଯ୍ୟ କରିବାକୁ ଆରମ୍ଭ କରେ, ସେତେବେଳେ ତାହାର ଅନ୍ତରାତ୍ମା ଦିନକୁ ଦିନ ସବଳରୁ ସବଳତର ହେଉଥାଏ । ସୁତରାଂ ସର୍ବଦା ସତ୍‌କାର୍ଯ୍ୟ କରିବା ପାଇଁ ପ୍ରବୃତ୍ତ ହୁଅ । ଏକ ମନ ଆଉ ଏକ ମନ ଉପରେ କାର୍ଯ୍ୟ କରେ—ଏହି ତତ୍ତ୍ୱ ବ୍ୟତୀତ କର୍ମର ପ୍ରଭାବର ଏହି ଶକ୍ତି-ବୃଦ୍ଧି ଅନ୍ୟ କୌଣସି ଉପାୟରେ ବ୍ୟାଖ୍ୟା କରାଯାଇ ନ ପାରେ । ପଦାର୍ଥ-ବିଜ୍ଞାନରୁ ଗୋଟିଏ ଉପମା ଗ୍ରହଣ କଲେ କୁହାଯାଇପାରେ ଯେ, ମୁଁ ଯେବେ କୌଣସି କାର୍ଯ୍ୟ କରୁଅଛି, ସେସମୟରେ ମୋର ମନ କୌଣସି ନିର୍ଦ୍ଦିଷ୍ଟ କମ୍ପନ ଅବସ୍ଥାରେ ରହିଅଛି; ଏହିପରି ଅବସ୍ଥାପନ୍ନ ସକଳ ମନ ହିଁ ମୋ ମନଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଅଛି । ଯଦି କୌଣସି ଗୃହରେ ଗୋଟିଏ ସ୍ୱରରେ ବନ୍ଧା ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ଥାଏ, ସେଗୁଡ଼ିକ ମଧ୍ୟରୁ ଗୋଟିକରେ ଆଘାତ କଲେ ଅନ୍ୟଗୁଡ଼ିକ ମଧ୍ୟ ସେହି ସ୍ୱରରେ ବାଜିବାର ଉପକ୍ରମ ହୋଇଥାଏ । ସେହିପରି ଯେଉଁସବୁ ମନ ଗୋଟିଏ ସ୍ୱରରେ ବନ୍ଧା, ସେମାନଙ୍କ ମନ ଉପରେ ଗୋଟିଏ ପ୍ରକାର ଚିନ୍ତା ସମଭାବରେ କାର୍ଯ୍ୟ କରିବ । ଅବଶ୍ୟ ଦୂରତ୍ୱ ଓ ଅନ୍ୟାନ୍ୟ କାରଣ ହେତୁ ଚିନ୍ତାର ପ୍ରଭାବର ତାରତମ୍ୟ ରହିବ, କିନ୍ତୁ ମନ ପ୍ରଭାବିତ ହେବାର ସମ୍ଭାବନା ସର୍ବଦା ରହିବ ହିଁ ରହିବ । ମନେକର, ମୁଁ କୌଣସି ମନ୍ଦ କାର୍ଯ୍ୟ କରୁଅଛି, ମୋ ମନ କମ୍ପନର ଏକ ବିଶେଷ ସ୍ୱରରେ ରହିଅଛି; ତାହାହେଲେ ଜଗତରେ ସେହିପରି କମ୍ପନ-ବିଶିଷ୍ଟ ସକଳ ମନ ହିଁ ମୋ ମନଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିବ । ଏହିପରି ମୁଁ ଯେବେ କୌଣସି ଭଲ କାର୍ଯ୍ୟ କରେ, ସେତେବେଳେ ମୋ ମନ ଅନ୍ୟ ଏକ ସ୍ୱରରେ କମ୍ପିତ ହେଉଅଛି ଏବଂ ସେହି ସ୍ୱରରେ ବନ୍ଧା ସମସ୍ତ ମନ ମୋ ମନଦ୍ୱାରା ପ୍ରଭାବିତ ହୋଇପାରେ । ତାନଶକ୍ତିର ତାରତମ୍ୟ ଅନୁସାରେ ମନ ଉପରେ ମନର ଏହି ପ୍ରଭାବ-ବିସ୍ତାର କରିବା ଶକ୍ତି ମଧ୍ୟ କମ୍ ବେଶୀ ।

ପୂର୍ବୋକ୍ତ ଉପମା ଅନୁସାରେ ଆଉ ଟିକିଏ ଅଗ୍ରସର ହେଲେ ବୁଝାଯିବ ଯେ, ଆଲୋକ-ତରଙ୍ଗଗୁଡ଼ିକ ଯେପରି କୌଣସି ବସ୍ତୁରେ ପ୍ରତିହତ ହେବା ପୂର୍ବରୁ ଲକ୍ଷ ଲକ୍ଷ ବର୍ଷ ଶୂନ୍ୟମାର୍ଗରେ ଭ୍ରମଣ କରିପାରେ; ସେହିପରି ଏହି ଚିନ୍ତାତରଙ୍ଗଗୁଡ଼ିକ ମଧ୍ୟ ଯେତେଦିନ ସମଭାବେ ସ୍ପନ୍ଦିତ ହେବା ଭଳି ଗୋଟିଏ ବସ୍ତୁ ଲାଭ ନ କରେ, ସେତେଦିନ ହୁଏତ ଶତ ଶତ ବର୍ଷ ଶୂନ୍ୟରେ ଭ୍ରମଣ କରିବେ । ଖୁବ୍ ସମ୍ଭବ ଆମର ଏହି ବାୟୁମଣ୍ଡଳ ଏହିପରି ଭଲ-ମନ୍ଦ ଉଭୟ ପ୍ରକାର ଚିନ୍ତାତରଙ୍ଗରେ ପରିପୂର୍ଣ୍ଣ । ବିଭିନ୍ନ ମସ୍ତିଷ୍କରୁ ପ୍ରସୂତ ପ୍ରତ୍ୟେକ ଚିନ୍ତା ହିଁ ଏହି ପ୍ରକାର ସ୍ପନ୍ଦିତ ହୋଇ ଭ୍ରମଣ କରୁଅଛି—ଯେତେଦିନ ପର୍ଯ୍ୟନ୍ତ ଏହା ଗୋଟିଏ ଉପଯୁକ୍ତ ଆଧାର ନ ପାଉଛି । ଯେଉଁ ଚିତ୍ତ ଏହି ଆବେଗସମୂହର କିଛି ଅଂଶ ଗ୍ରହଣ କରିବା ପାଇଁ ଉନ୍ମୁକ୍ତ ରହିଅଛି, ସେହି ଚିତ୍ତ ଶୀଘ୍ର ହିଁ ଏହି ଭାବରେ ସ୍ପନ୍ଦିତ ହୁଏ । ସୁତରାଂ ଯେବେ କେହି କିଛି ଅସତ୍ କର୍ମ କରେ, ସେତେବେଳେ ତାର ମନ ଏକ ବିଶେଷ ସ୍ୱରରେ ପହଞ୍ଚେ ଆଉ ସେହି ସ୍ୱରର ଯେଉଁସବୁ ତରଙ୍ଗ ପୂର୍ବରୁ ବାୟୁମଣ୍ଡଳରେ ରହିଅଛି, ସେଗୁଡ଼ିକ ତା ମନରେ ପ୍ରବେଶ କରିବା ପାଇଁ ଚେଷ୍ଟା କରନ୍ତି । ଏଥିପାଇଁ ଯେ ଅସତ୍ କାର୍ଯ୍ୟ କରେ, ସେ ସାଧାରଣତଃ ଦିନକୁ ଦିନ ଆହୁରି ଅଧିକ ଅସତ୍ କାର୍ଯ୍ୟ ହିଁ କରୁଥାଏ । ତାହାର କର୍ମ କ୍ରମଶଃ ପ୍ରବଳ ହୁଏ । ଯିଏ ଭଲ କାର୍ଯ୍ୟ କରେ, ତାହା ପକ୍ଷରେ ମଧ୍ୟ ଏହିପରି । ତାହାର ବାୟୁମଣ୍ଡଳ ଶୁଭ ତରଙ୍ଗଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥାଏ; ସୁତରାଂ ତାହାର ଶୁଭ କର୍ମଗୁଡ଼ିକ ଅଧିକ ଶକ୍ତିଲାଭ କରିବ । ଅତଏବ ଅସତ୍ କର୍ମ କରିବାକୁ ଯାଇ ଦୁଇପ୍ରକାର ବିପଦରେ ଆମେ ପଡ଼ିପାରୁ—ପ୍ରଥମତଃ, ଆମର ଚାରିପଟର ଅସତ୍ ପ୍ରଭାବଗୁଡ଼ିକରେ ଆମେ ଯେପରି ନିଜକୁ ଭସାଇ ଦେଉ; ଦ୍ୱିତୀୟତଃ, ଆମେ ନିଜେ ଏପରି ଅଶୁଭ ତରଙ୍ଗ ସୃଷ୍ଟି କରୁ, ଯାହାକି ଶତ ଶତ ବର୍ଷ ପରେ ମଧ୍ୟ ଅନ୍ୟକୁ ଆକ୍ରମଣ କରିପାରେ । ହୋଇପାରେ ଆମର ଅଶୁଭ କାର୍ଯ୍ୟ ଶତ ଶତ ବର୍ଷ ପରେ ଅନ୍ୟକୁ ଆକ୍ରମଣ କରିବ । ଅସତ୍ କର୍ମ କରି ଆମେ ନିଜର ଏବଂ ଅନ୍ୟର ଅନିଷ୍ଟ କରୁ; ସତ୍ କର୍ମ କରି ଆମେ ଆଗେ ଆମର ତଥା ଅନ୍ୟର ଉପକାର କରୁ । ଅନ୍ୟାନ୍ୟ ଶକ୍ତି ତୁଲ୍ୟ ମନୁଷ୍ୟର ଅଭ୍ୟନ୍ତରସ୍ଥ ଏହି ସଦସତ୍ ଶକ୍ତିଦ୍ୱୟ ମଧ୍ୟ ବାହାରକୁ ଆସିବାକୁ ବଳ ସଞ୍ଚୟ କରିଥାଆନ୍ତି ।

କର୍ମଯୋଗ ମତରେ କୃତ କର୍ମ ଫଳପ୍ରଦ ନ ହୋଇ କେବେହେଲେ ନଷ୍ଟ ହୋଇପାରେ ନାହିଁ; ପ୍ରକୃତିର କୌଣସି ଶକ୍ତି ଏହାର ଫଳ-ପ୍ରସବକୁ ରୋଧ କରିପାରେ ନାହିଁ । କୌଣସି ଅସତ୍ କର୍ମ କଲେ ମୁଁ ତାର ଫଳ ଭୋଗିବି; ଜଗତରେ ଏପରି କୌଣସି ଶକ୍ତି ନାହିଁ, ଯାହା ତାକୁ ରୋଧ କରିପାରିବ । ଠିକ୍ ସେପରି କୌଣସି ସତ୍ କର୍ମ କଲେ ଜଗତର କୌଣସି ଶକ୍ତି ତାହାର ଶୁଭ ଫଳ ରୋଧ କରିପାରେ ନାହିଁ । କାରଣ ଥିଲେ କାର୍ଯ୍ୟ ହେବ ହିଁ ହେବ; କିଛି ଏହାକୁ ବାଧା ଦେଇପାରେ ନାହିଁ—ରୋଧ କରିପାରେ ନାହିଁ ବର୍ତ୍ତମାନ କର୍ମଯୋଗ ସମ୍ବନ୍ଧରେ ଗୋଟିଏ ସୂକ୍ଷ୍ମ ଓ ଗୁରୁତର ସମସ୍ୟା ଦେଖା ଦେଇଅଛି; ଯଥା—ଆମମାନଙ୍କର ଏହି ସକଳ ଅସତ୍ କର୍ମ ପରସ୍ପର ସହିତ ଘନିଷ୍ଠ ଭାବେ ସଂପୃକ୍ତ । ଆମେ ଗୋଟିଏ ସୀମାରେଖା ଟାଣି କହି ନପାରୁ ଯେ ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ ଭଲ, ଆଉ ଅନ୍ୟଟି ସମ୍ପୂର୍ଣ୍ଣ ମନ୍ଦ । ଏପରି କୌଣସି କର୍ମ ନାହିଁ, ଯାହା ଏକ ସମୟରେ ଶୁଭ ଓ ଅଶୁଭ ଦୁଇ ପ୍ରକାରର ଫଳ ପ୍ରସବ ନ କରେ । ଗୋଟିଏ ଉଦାହରଣ ନିଆଯାଉ: ମୁଁ ତୁମମାନଙ୍କ ସାଥିରେ କଥା କହୁଛି; ତୁମମାନଙ୍କ ମଧ୍ୟରୁ କେହି କେହି ହୁଏତ ଭାବୁଛ, ମୁଁ ଭଲ କାର୍ଯ୍ୟ କରୁଛି । କିନ୍ତୁ ଏହି ଏକ ସମୟରେ ମୁଁ ବାୟୁମଣ୍ଡଳସ୍ଥ

ସହସ୍ର ସହସ୍ର କୀଟାଣୁ ଧ୍ୱଂସ କରୁଅଛି । ଏହିପରି ମୁଁ କାହାରି ଅନିଷ୍ଟ କରୁଅଛି । ଯେତେବେଳେ ଆମ କାର୍ଯ୍ୟ ନିକଟସ୍ଥ ପରିଚିତ ବ୍ୟକ୍ତିମାନଙ୍କ ଉପରେ ଶୁଭ ପ୍ରଭାବ ବିସ୍ତାର କରେ, ସେତେବେଳେ ଆମେ ଏହି କାର୍ଯ୍ୟକୁ ଭଲ କାମ ବୋଲି କହୁ । ଉଦାହରଣ ସ୍ୱରୂପ, ମୋର ଏହି ବକ୍ତୃତାକୁ ତୁମେ ସବୁ ଭଲ କହିପାର, କୀଟାଣୁଗୁଡ଼ିକ କିନ୍ତୁ ସେ କଥା କହିବେ ନାହିଁ । କୀଟାଣୁଗୁଡ଼ିକୁ ତୁମେମାନେ ଦେଖିପାରୁ ନାହଁ, କେବଳ ନିଜ ନିଜକୁ ଦେଖିପାରୁଛ । ତୁମମାନଙ୍କ ଉପରେ ମୋର କଥାର ପ୍ରଭାବ ପ୍ରତ୍ୟକ୍ଷ, କିନ୍ତୁ କୀଟାଣୁଗୁଡ଼ିକ ଉପରେ ଏହାର ପ୍ରଭାବ ସେତେ ପ୍ରତ୍ୟକ୍ଷ ନୁହେଁ । ଏହିପରି ଯଦି ଆମେ ଆମର ଅସତ୍ କାର୍ଯ୍ୟଗୁଡ଼ିକୁ ବିଶ୍ଲେଷଣ କରି ଦେଖୁ, ତେବେ ଦେଖିବା—ଏଗୁଡ଼ିକ ଦ୍ୱାରା ହୁଏତ କେଉଁଠି ହେଲେ କିଛି ନା କିଛି ଶୁଭଫଳ ହୋଇଅଛି । ଯିଏ ଶୁଭ କର୍ମ ମଧ୍ୟରେ କିଛି ଅଶୁଭ, ପୁନଶ୍ଚ ଅଶୁଭ ମଧ୍ୟରେ କିଛି ଶୁଭ ଦେଖନ୍ତି, ସେ ହିଁ ପ୍ରକୃତ କର୍ମ-ରହସ୍ୟ ବୁଝିଛନ୍ତି ।*

ଏଥିରୁ କି ସିଦ୍ଧାନ୍ତ କରାଯାଏ ? ସିଦ୍ଧାନ୍ତ ଏହି ଯେ ଆମେ ଯେତେ ଚେଷ୍ଟା କରୁ ନା କାହିଁକି, ଏପରି କୌଣସି କାର୍ଯ୍ୟ ହୋଇ ନ ପାରେ, ଯାହା ସମ୍ପୂର୍ଣ୍ଣ ପବିତ୍ର ଅଥବା ସମ୍ପୂର୍ଣ୍ଣ ଅପବିତ୍ର–ସେଠାରେ ହିଂସା ବା ଅହିଂସା ଏହି ଅର୍ଥରେ 'ଅପବିତ୍ରତା' ଅଥବା 'ପବିତ୍ରତା' ଗ୍ରହଣ କରିବାକୁ ହେବ । ଅନ୍ୟର ଅନିଷ୍ଟ ନ କରି ଆମେ ଶ୍ୱାସପ୍ରଶ୍ୱାସ ତ୍ୟାଗ ବା ଜୀବନଧାରଣ କରିପାରିବା ନାହିଁ । ଆମର ପ୍ରତ୍ୟେକ ଅନ୍ନମୁଷ୍ଟି ଅନ୍ୟର ମୁଖରୁ କାଢି ନିଆ ହୋଇଛି । ଆମେ ବଞ୍ଚି ସମଗ୍ର ଜଗତ ପରିବ୍ୟାପ୍ତ ହୋଇ ରହିଥିବାରୁ, ଅନ୍ୟ କେତେଗୁଡ଼ିଏ ପ୍ରାଣୀଙ୍କର କଷ୍ଟ ହେଉଛି; ହୋଇପାରେ ସେମାନେ ମନୁଷ୍ୟ ଅଥବା ପ୍ରାଣୀ ଅଥବା କୀଟାଣ; ସେ ଯାହା ହେଉନା କାହିଁକି, ଆମେ କୌଣସି ନା କୌଣସି ପ୍ରାଣୀର ସ୍ଥାନ ସଙ୍କୁଚିତ କରୁଅଛୁ, ସ୍ଥାନ ସଙ୍କୋଚ କରିବାର କାରଣ ହୋଇଅଛୁ । ଏହିପରି ଯଦି ହୁଏ, ତେବେ ସ୍ପଷ୍ଟ ବୁଝାଯାଉଛି ଯେ କର୍ମଦ୍ୱାରା କେବେହେଲେ ପୂର୍ଣ୍ଣତା ଲାଭ କରିହୁଏ ନାହିଁ । ଆମେ ଅନନ୍ତକାଳ ପର୍ଯ୍ୟନ୍ତ କାର୍ଯ୍ୟ କରିଯାଇପାରୁ; କିନ୍ତୁ ଏହି ଜଟିଳ ସଂସାରରୂପକ ଗୋଲକଧନ୍ଦାରୁ ବାହାରିବାର ପଥ ମିଳିବ ନାହିଁ; ତୁମେ କ୍ରମାଗତ କାର୍ଯ୍ୟ କରି ଯାଇପାର, କର୍ମଫଳରେ ଶୁଭ ଓ ଅଶୁଭର ଅବଶ୍ୟମ୍ଭାବୀ ମିଶ୍ରଣର ଅନ୍ତ ନାହିଁ ।

ଦ୍ୱିତୀୟ ବିବେଚ୍ୟ ବିଷୟ ହେଲା, କର୍ମର ଉଦ୍ଦେଶ୍ୟ କଅଣ ? ଆମେମାନେ ଦେଖୁ, ପ୍ରତ୍ୟେକ ଦେଶର ଅଧିକାଂଶ ଲୋକଙ୍କର ଏହି ବିଶ୍ୱାସ ଯେ, ଏକ ସମୟରେ ଏହି ଜଗତ ପୂର୍ଣ୍ଣତା ଲାଭ କରିବ; ସେତେବେଳେ ବ୍ୟାଧି, ମୃତ୍ୟୁ, ଦୁଃଖ ବା ଦୁର୍ନୀତି ରହିବ ନାହିଁ । ଏହା ଅବଶ୍ୟ ଭଲ କଥା, ଅଜ୍ଞ ବ୍ୟକ୍ତିମାନଙ୍କୁ ଉନ୍ନତ ଓ ଉତ୍ସାହିତ କରିବା ପାଇଁ ଏହା ଖୁବ୍ ପ୍ରେରଣା ଯୋଗାଏ; କିନ୍ତୁ ଯଦି ଆମେ ମୁହୂର୍ତ୍ତେ ଚିନ୍ତା କରୁ, ତାହାହେଲେ ସ୍ପଷ୍ଟ ଦେଖିବା, ଏପରି କେବେହେଲେ ହୋଇପାରେ ନାହିଁ । ଏହା ହେବ କିପରି ? ଭଲ ମନ୍ଦ ଗୋଟିଏ ମୁଦ୍ରାର ଏପଟ ସେପଟ । ମନ୍ଦକୁ ଛାଡ଼ିଲେ ଭଲ ମିଳିବ କିପରି ? ପୂର୍ଣ୍ଣତାର ଅର୍ଥ କଅଣ ? 'ପରିପୂର୍ଣ୍ଣ-ଜୀବନ' ଗୋଟିଏ ସ୍ୱ-ବିରୋଧୀ ବାକ୍ୟ । ପ୍ରତ୍ୟେକ ବାହ୍ୟ ବସ୍ତୁ ସହିତ ଆମର ଅବିରତ ସଂଗ୍ରାମ ହିଁ ହେଉଛି ଜୀବନ । ପ୍ରତି ମୁହୂର୍ତ୍ତରେ ଆମେ ବହିଃ ପ୍ରକୃତି ସହିତ ସଂଗ୍ରାମ କରୁଥାଉ ।

*ତୁଳନୀୟ : ଗୀତା,୪/୧୮

ଯଦି ଆମେ ଏଥିରେ ପରାସ୍ତ ହେଉ, ଆମ ଜୀବନ ଧ୍ୱଂସ ହୋଇଯିବ । ଆହାର ଓ ବାୟୁ ପାଇଁ ପ୍ରତିନିୟତ ଚେଷ୍ଟାର ନାମ ହେଲା ଜୀବନ । ଆହାର ବା ବାୟୁ ନ ପାଇଲେ ହିଁ ଆମର ମୃତ୍ୟୁ ନିଶ୍ଚିତ । ଜୀବନ ଗୋଟିଏ ସହଜ ଓ ସ୍ୱଚ୍ଛନ୍ଦ ବ୍ୟାପାର ନୁହେଁ, ଏହା ରୀତିମତ ଗୋଟିଏ ଜଟିଳ ବ୍ୟାପାର । ଏହି ବହିର୍ଜଗତ ଓ ଅନ୍ତର୍ଜଗତ ମଧ୍ୟରେ ଯେଉଁ କ୍ରମାଗତ ଯୁଦ୍ଧ, ତାହାକୁ ହିଁ ଆମେ ଜୀବନ କହୁ, ଅତଏବ ସ୍ପଷ୍ଟ ଦେଖାଯାଉଛି ଯେ, ଏହି ସଂଗ୍ରାମ ଶେଷ ହେଲେ ଜୀବନ ମଧ୍ୟ ଶେଷ ହେବ ।

ଆଦର୍ଶ ସୁଖ କହିଲେ ବୁଝାଏ—ଏହି ସଂଗ୍ରାମର ସମାପ୍ତି । କିନ୍ତୁ ସେ କଥା ହେଲେ ଜୀବନ ମଧ୍ୟ ଶେଷ ହୋଇଯିବ; କାରଣ ସଂଗ୍ରାମ କେବଳ ସେତେବେଳେ ଶେଷ ହୋଇପାରେ, ଯେତେବେଳେ ଜୀବନ ମଧ୍ୟ ଶେଷ ହେବ । ଏହି ଅବସ୍ଥାର ସହସ୍ର ଭାଗରୁ ଏକ ଭାଗ ଉପସ୍ଥିତ ହେବା ପୂର୍ବରୁ ହିଁ ଏ ପୃଥିବୀ ଶୀତଳ ହୋଇଯିବ; ସେତେବେଳେ ଆମେମାନେ ଆଉ ରହିବା ନାହିଁ । ଅତଏବ ଅନ୍ୟ କେଉଁ ଲୋକରେ ହେଲେ ହେଉ, କିନ୍ତୁ ଏ ପୃଥିବୀରେ ଏହି ସତ୍ୟଯୁଗ-ଏହି ଆଦର୍ଶ ଯୁଗ—କେବେହେଲେ ଆସି ନ ପାରେ ।

ଆମେ ପୂର୍ବରୁ ଦେଖିଛୁ ଯେ, ଜଗତର ଉପକାର କରିବାକୁ ଯାଇ ପ୍ରକୃତରେ ଆମେ ନିଜର ହିଁ ଉପକାର କରିଥାଉ । ଅନ୍ୟ ପାଇଁ ଆମେ ଯେଉଁ କାର୍ଯ୍ୟ କରୁ, ତାହାର ମୁଖ୍ୟ ଫଳ--ଆମମାନଙ୍କର ଚିତ୍ତଶୁଦ୍ଧି । ସର୍ବଦା ଅନ୍ୟର କଲ୍ୟାଣ ଚେଷ୍ଟା କରିବାକୁ ଯାଇ ଆମେମାନେ ନିଜକୁ ଭୁଲିବାର ଚେଷ୍ଟା କରୁଛୁ । ଏହି ଆତ୍ମ-ବିସ୍ମୃତି ହିଁ ଆମ ଜୀବନରେ ଏକ ପ୍ରଧାନ ଶିକ୍ଷାର ବିଷୟ । ମନୁଷ୍ୟ ମୂର୍ଖ ଅଜ୍ଞ ଭଳି ମନେକରେ ଯେ ସ୍ୱାର୍ଥପର ଉପାୟରେ ସେ ନିଜକୁ ସୁଖୀ କରିପାରିବ । ବହୁ କାଳ ଚେଷ୍ଟା ପରେ ସେ ଅବଶେଷରେ ବୁଝିପାରେ ଯେ, ପ୍ରକୃତ ସୁଖ ସ୍ୱାର୍ଥପରତାର ବିନାଶରେ ହିଁ ନିହିତ ଏବଂ ନିଜ ବ୍ୟତୀତ ଅନ୍ୟ କେହି ହେଲେ ତାକୁ ସୁଖୀ କରିପାରିବେ ନାହିଁ ।

ପରୋପକାର-ମୂଳକ ପ୍ରତ୍ୟେକଟି କାର୍ଯ୍ୟ, ସହାନୁଭୂତି-ସୂଚକ ପ୍ରତ୍ୟେକ ଚିନ୍ତା; ଅପରକୁ ସାହାଯ୍ୟ କରିବା ଭଳି ପ୍ରତ୍ୟେକଟି ସତ୍ କାର୍ଯ୍ୟ ଆମର କ୍ଷୁଦ୍ର 'ମୁଁ'ର ମହତ୍ତ୍ୱ କମାଉଅଛି ଏବଂ ଆମମାନଙ୍କୁ ଭାବିବାକୁ ଶିଖାଉଅଛି ଯେ, ଆମେ ଅତି ସାମାନ୍ୟ; ସୁତରାଂ ଏଗୁଡ଼ିକ ସତ୍‌କାର୍ଯ୍ୟ । ଏହିଠାରେ ଜ୍ଞାନ, ଭକ୍ତି ଓ କର୍ମର ସମ୍ମିଶ୍ରଣ ଦେଖିବାକୁ ମିଳେ । ସର୍ବୋଚ୍ଚ ଆଦର୍ଶ—ଅନନ୍ତ କାଳ ପାଇଁ ପୂର୍ଣ୍ଣ ଆତ୍ମତ୍ୟାଗ, ଯେଉଁଠାରେ କୌଣସି 'ମୁଁ' ନାହିଁ, ସବୁ 'ତୁମେ' । ଜ୍ଞାତସାରରେ ବା ଅଜ୍ଞାତସାରରେ କର୍ମଯୋଗ ମନୁଷ୍ୟକୁ ଏହି ଲକ୍ଷ୍ୟରେ ପହଞ୍ଚାଇ ଦିଏ ।

ଜଣେ ଧର୍ମପ୍ରଚାରକ ନିର୍ଗୁଣ (ବ୍ୟକ୍ତିଭାବଶୂନ୍ୟ) ଈଶ୍ୱରଙ୍କ କଥା ଶୁଣି ଭୟଭୀତ ହୋଇପାରନ୍ତି । ସେ ଦୃଢ଼ମତ ପୋଷଣ କରିପାରନ୍ତି ଯେ ଈଶ୍ୱର ସଗୁଣ । ସେ ନିଜର ନିଜତ୍ୱ ଓ ବ୍ୟକ୍ତିତ୍ୱ-(ଏଗୁଡ଼ିକର ତାତ୍ପର୍ଯ୍ୟ ସେ ଯାହା ବୁଝନ୍ତୁ)-ଅକ୍ଷୁର୍ଣ୍ଣ ରଖିବାର ଇଚ୍ଛା କରିପାରନ୍ତି, କିନ୍ତୁ ସେ ଯେଉଁ ଧର୍ମନୀତି ଅବଲମ୍ବନ କରିଛନ୍ତି, ତାହା ଯଦି ଯଥାର୍ଥରେ ଭଲ ହୁଏ, ତେବେ ତାହା ସର୍ବୋଚ୍ଚ ଆତ୍ମତ୍ୟାଗ ବ୍ୟତୀତ ଅନ୍ୟ କୌଣସି ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇପାରିବ ନାହିଁ । ଏହା ହିଁ ସମସ୍ତ ନୀତିର ଭିତ୍ତି । ଏହି ଭାବଟି ମନୁଷ୍ୟ, ପଶୁ ବା ଦେବତା-ସର୍ବତ୍ର ସମଭାବେ ଏକମାତ୍ର 'ମାପକାଠି' ରୂପେ ପ୍ରୟୋଗ କରିପାର; ଏହି ଆତ୍ମତ୍ୟାଗ ହିଁ ସମସ୍ତ ନୀତି ମଧ୍ୟରେ ଏକମାତ୍ର ମୂଳତତ୍ତ୍ୱ— ଏହା ହିଁ ପ୍ରଧାନ ଭାବ ।

ଏ ଜଗତରେ ତୁମେ ଅନେକ ପ୍ରକାର ମନୁଷ୍ୟ ଦେଖିବାକୁ ପାଇବ । ପ୍ରଥମତଃ ଦେବ-ପ୍ରକୃତିର ମାନବ—ଏମାନେ ପୂର୍ଣ୍ଣ ଆତ୍ମତ୍ୟାଗୀ । ଏମାନେ ନିଜର ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରି ଅନ୍ୟର ଉପକାର କରନ୍ତି । ଏହିମାନେ ହିଁ ଶ୍ରେଷ୍ଠ ମନୁଷ୍ୟ । ଯଦି କୌଣସି ଦେଶରେ ଏହିପରି ଶହେ ଜଣ ମନୁଷ୍ୟ ଥାଆନ୍ତି, ସେ ଦେଶରେ ହତାଶ ହେବାର କୌଣସି କାରଣ ନାହିଁ । କିନ୍ତୁ ଦୁର୍ଭାଗ୍ୟକ୍ରମେ ସେମାନଙ୍କ ସଂଖ୍ୟା ଖୁବ୍ କମ୍ । ତା ପରେ ଅଛନ୍ତି ସତ୍ ବା ସାଧୁ ବ୍ୟକ୍ତିଗଣ-ଯେପର୍ଯ୍ୟନ୍ତ ନିଜର କୌଣସି କ୍ଷତି ନ ହୋଇଛି, ସେ ପର୍ଯ୍ୟନ୍ତ ଏମାନେ ଲୋକର ଉପକାର କରନ୍ତି; ତା'ପରେ ତୃତୀୟ ଶ୍ରେଣୀର ଲୋକ—ଏମାନେ ନିଜ ହିତ ପାଇଁ ଅନ୍ୟର ଅନିଷ୍ଟ କରିଥାଆନ୍ତି । ଜଣେ ସଂସ୍କୃତ କବି କହିଛନ୍ତି, ଆଉ ଗୋଟିଏ ଚତୁର୍ଥ ଶ୍ରେଣୀର ମନୁଷ୍ୟ ଅଛନ୍ତି, ସେମାନେ ଅନିଷ୍ଟ ପାଇଁ ଅନିଷ୍ଟ କରିଥାଆନ୍ତି । ସର୍ବୋଚ୍ଚ ସ୍ତରରେ ଯେପରି ଦେଖାଯାଏ ଯେ ସାଧୁ-ମହାତ୍ମାମାନେ ଭଲ ପାଇଁ ଭଲ କରିଥାଆନ୍ତି, ସେହିପରି ମଧ୍ୟ ସର୍ବନିମ୍ନ ପ୍ରାନ୍ତରେ ଏପରି କେତେଗୁଡ଼ିଏ ଲୋକ ଅଛନ୍ତି, ଯେଉଁମାନେ କେବଳ ଅନିଷ୍ଟ ପାଇଁ ଅନିଷ୍ଟ କରିଥାଆନ୍ତି । ସେମାନେ ଏଥିରୁ କିଛି ଲାଭ କରିପାରିନ୍ତି ନାହିଁ; କିନ୍ତୁ ଏପରି ଅନିଷ୍ଟ କରିବା ହିଁ ହେଲା ସେମାନଙ୍କର ସ୍ୱଭାବ ।

ଦୁଇଟି ସଂସ୍କୃତ ଶବ୍ଦ ଅଛି । ଗୋଟିଏ—'ପ୍ରବୃତ୍ତି' ସେହି ଦିଗକୁ ଟାଣି ହୋଇଯିବା; ଆଉ ଗୋଟିଏ—'ନିବୃତ୍ତି' ସେ ଦିଗରୁ ନିବୃତ୍ତ ହେବା ଅର୍ଥାତ୍ ଫେରି ଆସିବା । 'ସେହି ଦିଗକୁ ଆକର୍ଷିତ ହେବା'କୁ ସଂସାର କହୁ । ଏହି 'ମୁଁ, ମୋର' ଏବଂ ଯାହା କିଛି ଏହି 'ମୁଁ'କୁ ଟଙ୍କା-ପଇସା, କ୍ଷମତା, ନାମ-ଯଶଦ୍ୱାରା ସର୍ବଦା ହିଁ ସମୃଦ୍ଧ କରୁଅଛି—ଏଗୁଡ଼ିକ ସବୁ ପ୍ରବୃତ୍ତିର ଅନ୍ତର୍ଭୁକ୍ତ । ଏହି ପ୍ରବୃତ୍ତିର ପ୍ରକୃତି ହେଲା ସବୁକୁ ଜାବୁଡ଼ି ଧରିବା । ସର୍ବଦା ହିଁ ସବୁ ଜିନିଷ ଏହି 'ମୁଁ'-ରୂପକ କେନ୍ଦ୍ର ସହିତ ଜଡ଼ିତ । ଏହା ହିଁ ପ୍ରବୃତ୍ତି; ଏହା ହିଁ ମନୁଷ୍ୟର ସ୍ୱାଭାବିକ ମନୋଭାବ । ଚାରିଦିଗରୁ ସବୁ କିଛି ଗ୍ରହଣ କରି ଗୋଟିଏ କେନ୍ଦ୍ରର ଚାରିଆଡ଼େ ଏକଜୁଟ କରିବା—ସେହି କେନ୍ଦ୍ର ହେଲା ତାର ନିଜର ମଧୁର 'ମୁଁ' । ଯେତେବେଳେ ଏହି ପ୍ରବଣତା ଭାଙ୍ଗୁଥାଏ, ଯେତେବେଳେ ନିବୃତ୍ତି ବା 'ସେ ଦିଗରୁ ଚାଲି ଯିବାର ଭାବ' ଆସେ, ସେତେବେଳେ ନୀତି ଏବଂ ଧର୍ମ ଆରମ୍ଭ ହୁଏ । 'ପ୍ରବୃତ୍ତି' ଓ 'ନିବୃତ୍ତି' ଉଭୟ ହିଁ କର୍ମ; ପ୍ରଥମଟି ଅସତ୍ କର୍ମ, ଦ୍ୱିତୀୟଟି ସତ୍ କର୍ମ । ଏହି ନିବୃତ୍ତି ହିଁ ସକଳ ନୀତି ଏବଂ ଧର୍ମର ମୂଳ ଭିତ୍ତି । ଏହାର ପୂର୍ଣ୍ଣତା ହିଁ ସମ୍ପୂର୍ଣ୍ଣ 'ଆତ୍ମତ୍ୟାଗ'—ପର ପାଇଁ ମନ, ଶରୀର, ଏପରିକି ସର୍ବସ୍ୱ ତ୍ୟାଗ କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିବା । ଯେତେବେଳେ ଏହି ଅବସ୍ଥା ଲାଭ ହୁଏ, ସେତେବେଳେ ମନୁଷ୍ୟ କର୍ମ-ଯୋଗରେ ସିଦ୍ଧି ଲାଭ କରେ । ସତ୍‌କର୍ମର ଏହା ହିଁ ସର୍ବୋଚ୍ଚ ଫଳ । ଜନୈକ ବ୍ୟକ୍ତି ଜୀବନ ସାରା ଗୋଟିଏ ହେଲେ ଦର୍ଶନଶାସ୍ତ୍ର ପାଠ କରି ନାହାନ୍ତି । ସେ ହୁଏତ କେବେହେଲେ କୌଣସି ପ୍ରକାର ଈଶ୍ୱରରେ ବିଶ୍ୱାସ କରି ନାହାନ୍ତି ଏବଂ ଏବେ ମଧ୍ୟ କରନ୍ତି ନାହିଁ । ସେ ହୁଏତ ସାରା ଜୀବନରେ ଥରେ ହେଲେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରି ନାହାନ୍ତି; କିନ୍ତୁ ଯଦି କେବଳ ସତ୍ କର୍ମର ଶକ୍ତି ତାଙ୍କୁ ଏପରି ଅବସ୍ଥାରେ ପହଞ୍ଚାଇ ଦିଏ, ଯେଉଁଠି ସେ ପରାର୍ଥରେ ତାଙ୍କର ଜୀବନ ଓ ଯାହା କିଛି ଅଛି ସବୁ ତ୍ୟାଗ କରିବା ପାଇଁ ଉଦ୍ୟତ ହୁଅନ୍ତି, ତାହେଲେ ବୁଝିବାକୁ ହେବ ଯେ ଜ୍ଞାନୀ ଜ୍ଞାନଦ୍ୱାରା ଏବଂ ଭକ୍ତ ଉପାସନାଦ୍ୱାରା ଯେଉଁ ଅବସ୍ଥାରେ ପହଁଞ୍ଚିପାରନ୍ତି, ସେ ମଧ୍ୟ ସେହିଠାରେ ହିଁ ପହଁଞ୍ଚି ଅଛନ୍ତି । ସୁତରାଂ ଦେଖୁଛି-ଜ୍ଞାନୀ, କର୍ମୀ ଓ ଭକ୍ତ ସମସ୍ତେ ସେହି ଏକ ସ୍ଥାନରେ

ଉପନୀତ ହେଲେ, ଗୋଟାଏ ମାତ୍ର ସ୍ଥାନରେ ମିଳିତ ହେଲେ । ସେହି ଏକ ସ୍ଥାନଟି—ଆତ୍ମତ୍ୟାଗ । ମନୁଷ୍ୟ ମନୁଷ୍ୟ ମଧ୍ୟରେ ଦାର୍ଶନିକ ମତ ଓ ଧର୍ମବିଷୟକ ପଦ୍ଧତି ଯେତେ ଭିନ୍ନ ହେଉନା କାହିଁକି, ପର ପାଇଁ ଆତ୍ମ-ବିସର୍ଜନ କରିବା ନିମନ୍ତେ ପ୍ରସ୍ତୁତ ବ୍ୟକ୍ତିଙ୍କ ସମକ୍ଷରେ ସମଗ୍ର ମାନବ-ଜାତି ସସମ୍ଭ୍ରମେ ଓ ଭକ୍ତିସହକାରେ ଦଣ୍ଡାୟମାନ ହୁଏ । ଏପରି ସ୍ଥଳରେ କୌଣସି ମତବିଶ୍ୱାସର ପ୍ରଶ୍ନ ଉଠୁନାହିଁ; ଏପରିକି ଯେଉଁମାନେ ସର୍ବପ୍ରକାର ଧର୍ମର ବିରୋଧୀ, ସେମାନେ ମଧ୍ୟ ଯେତେବେଳେ ଏହିପରି ସମ୍ପୂର୍ଣ୍ଣ ଆତ୍ମ-ବିସର୍ଜନର କୌଣସି କାର୍ଯ୍ୟ ଦେଖନ୍ତି, ସେତେବେଳେ ଅନୁଭବ କରନ୍ତି, ଏ କାର୍ଯ୍ୟକୁ ଶ୍ରଦ୍ଧା କରିବାକୁ ହିଁ ହେବ । ତୁମେମାନେ କଣ ଦେଖିନାହଁ, ଅତ୍ୟନ୍ତ ମତାନ୍ଧ ଖ୍ରୀଷ୍ଟିୟାନ ମଧ୍ୟ ଯେତେବେଳେ ଏଡ଼ୱଇନ ଆର୍ନଲ୍ଡ଼ଙ୍କ 'ଏସିଆର ଆଲୋକ' (Light of Asia) ପାଠ କରନ୍ତି, ସେତେବେଳେ ସେ ବୁଦ୍ଧଙ୍କ ପ୍ରତି କିପରି ଶ୍ରଦ୍ଧାସମ୍ପନ୍ନ ହୁଅନ୍ତି--ଯେଉଁ ବୁଦ୍ଧ ଈଶ୍ୱରଙ୍କ କଥା କହି ନାହାନ୍ତି, ଆତ୍ମତ୍ୟାଗ ବ୍ୟତୀତ ଆଉ କିଛି ପ୍ରଚାର କରି ନାହାନ୍ତି ? ଧର୍ମାନ୍ଧ ବ୍ୟକ୍ତି କେବଳ ଜାଣେ ନାହିଁ ଯେ ଯେଉଁମାନଙ୍କ ସହିତ ତାର ମତ ବିରୋଧ, ସେମାନଙ୍କ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏକ । ଉପାସକ ଭକ୍ତ ମନରେ ସର୍ବଦା ଈଶ୍ୱରଙ୍କ ଭାବ ଏବଂ ଚତୁଃପାର୍ଶ୍ୱରେ ଶୁଭ ପରିବେଶ ରକ୍ଷା କରି ଅବଶେଷରେ ସେହି ଏକ ସ୍ଥାନରେ ହିଁ ପହଞ୍ଚି କହନ୍ତି—'ତୁମର ଇଚ୍ଛା ପୂର୍ଣ୍ଣ ହେଉ ।' ସେ ନିଜ ପାଇଁ କିଛି ହେଲେ ରଖନ୍ତି ନାହିଁ । ଏହା ହିଁ ଆତ୍ମତ୍ୟାଗ । ଦାର୍ଶନିକ, ଜ୍ଞାନୀ ଜ୍ଞାନଦ୍ୱାରା ଦେଖନ୍ତି ଯେ ଏହି ଆପାତପ୍ରତୀୟମାନ 'ମୁଁ' ଗୋଟାଏ ଭ୍ରମମାତ୍ର ଏବଂ ସହଜରେ ସେ ଏହାକୁ ପରିତ୍ୟାଗ କରନ୍ତି । ଏହା ମଧ୍ୟ ସେହି ଆତ୍ମତ୍ୟାଗ । ଅତଏବ କର୍ମ, ଭକ୍ତି ଓ ଜ୍ଞାନର ଏଠାରେ ସମନ୍ୱୟ ହେଲା; ପ୍ରାଚୀନ କାଳର ବଡ଼ ବଡ଼ ଧର୍ମପ୍ରଚାରକଗଣ ଯେ ଶିଖାଇଛନ୍ତି 'ଭଗବାନ ଜଗତ୍ ନୁହଁନ୍ତି'—ତାହାର ମର୍ମ ମଧ୍ୟ ଏହି ଆତ୍ମତ୍ୟାଗ । ଜଗତ ଅର୍ଥରେ ସେମାନେ ସ୍ୱାର୍ଥପରତାକୁ ହିଁ ଲକ୍ଷ୍ୟ କରିଛନ୍ତି । ନିଃସ୍ୱାର୍ଥପରତା ହିଁ ଈଶ୍ୱର । ଜଣେ ବ୍ୟକ୍ତି ସ୍ୱର୍ଣ୍ଣମୟ ପ୍ରାସାଦରେ ସିଂହାସନରେ ଉପବିଷ୍ଟ ହୋଇ ମଧ୍ୟ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ହୋଇପାରନ୍ତି । ସେପରି ସ୍ଥଳେ ସେ ଈଶ୍ୱର-ଭାବରେ ମଗ୍ନ । ଆଉ ଜଣେ ହୁଏତ କୁଟୀରରେ ବାସ କରେ, ଛିନ୍ନ ବସ୍ତ୍ର ପରିଧାନ କରେ ଏବଂ ସଂସାରରେ ତାର କିଛି ନାହିଁ; ତଥାପି ସେ ଯଦି ସ୍ୱାର୍ଥପର ହୁଏ, ତେବେ ସେ ବିଶେଷ ରୂପେ ସଂସାରରେ ମଗ୍ନ ହୋଇଛି ବୋଲି ବୁଝିବାକୁ ହେବ ।

ବର୍ତ୍ତମାନ ଆମର ମୂଳ ସୂତ୍ରଗୁଡ଼ିକର ପୁନରାବୃତ୍ତି କରାଯାଉ । ଆମେ କହୁ, ଭଲ କରିବାକୁ ଗଲେ କିଛି ମନ୍ଦ ଏବଂ ମନ୍ଦ କରିବାକୁ ଗଲେ ତା ସହିତ କିଛି ଭଲ ନ କରି ରହିହୁଏ ନାହିଁ । ଏକଥା ଜାଣି ଆମେ କର୍ମ କରିବୁ କିପରି ? ଏହି ତତ୍ତ୍ୱର ମୀମାଂସା କରିବା ଚେଷ୍ଟାରେ ଏ ଜଗତରେ ଅନେକ ସମ୍ପ୍ରଦାୟର ଅଭ୍ୟୁଦୟ ହୋଇଥିଲା । ଯେଉଁମାନେ ବେପରୁଆ ହୋଇ ପ୍ରଚାର କରି ଯାଇଛନ୍ତି ଯେ, ଧୀରେ ଧୀରେ ଆତ୍ମହତ୍ୟା କରିବା ହିଁ ସଂସାରରୁ ମୁକ୍ତ ହେବାର ଏକମାତ୍ର ଉପାୟ—କାରଣ ଜୀବନ ଧାରଣ କରିବାକୁ ହେଲେ ମନୁଷ୍ୟକୁ କ୍ଷୁଦ୍ର କ୍ଷୁଦ୍ର ଜୀବଜନ୍ତୁ ଓ ବୃକ୍ଷଲତାର ଜୀବନ ନଷ୍ଟ କରିବାକୁ ହେବ, ଅଥବା କାହାରି ନା କାହାରି ଅନିଷ୍ଟ କରିବାକୁ ହେବ—ସେହିମାନଙ୍କ ମତରେ ସଂସାରଚକ୍ରରୁ ବାହାରିବାର ଏକମାତ୍ର ଉପାୟ-ମୃତ୍ୟୁ । ଏହି ମତବାଦକୁ ଜୈନଗଣ ସେମାନଙ୍କର ସର୍ବୋଚ୍ଚ ଆଦର୍ଶ ହିସାବରେ ପ୍ରଚାର କରିଯାଇଛନ୍ତି । ଆପାତତଃ ଏହି ଉପଦେଶ ଖୁବ୍ ଯୁକ୍ତିସଙ୍ଗତ ବୋଲି ମନେହୁଏ । କିନ୍ତୁ ଗୀତାରେ ଏହାର

ପ୍ରକୃତ ସମାଧାନ ମିଳେ : ଏହା ହିଁ ଅନାସକ୍ତିର ତତ୍ତ୍ୱ, ସାରାଜୀବନ କାମ କରି ମଧ୍ୟ ତହିଁରେ ଅନାସକ୍ତ ରହିବା । ଜାଣିରଖ—ଯଦିଓ ତୁମେ ଜଗତରେ ରହିଅଛ, ତୁମେ ଜଗତରୁ ସମ୍ପୂର୍ଣ୍ଣ ପୃଥକ୍ ଯାହା କରନା କାହିଁକି, ତାହା ନିଜ ପାଇଁ କରୁନାହିଁ । ନିଜ ପାଇଁ ଯେଉଁ କାର୍ଯ୍ୟ କରିବ, ତା'ର ଫଳ ତୁମକୁ ଭୋଗ କରିବାକୁ ହେବ । କାର୍ଯ୍ୟ ଯଦି ସତ୍ ହୁଏ, ତୁମକୁ ଏହାର ଶୁଭ ଫଳ ଭୋଗ କରିବାକୁ ହେବ । ଅଶୁଭ ହେଲେ ତାହାର ଅଶୁଭ ଫଳ ତୁମକୁ ହିଁ ଭୋଗିବାକୁ ପଡ଼ିବ । କିନ୍ତୁ ଯେ କୌଣସି କାର୍ଯ୍ୟ ହେଉନା କାହିଁକି, ତାହା ଯଦି ତୁମ ନିଜ ପାଇଁ କୃତ ନୁହେଁ, ତା'ହେଲେ ଏହା ତୁମ ଉପରେ କୌଣସି ପ୍ରଭାବ ବିସ୍ତାର କରିପାରିବ ନାହିଁ । ଆମ ଶାସ୍ତ୍ରରେ ଏହି ଭାବବ୍ୟଞ୍ଜକ ଗୋଟିଏ ବାକ୍ୟ ଦୃଷ୍ଟି-ଗୋଚର ହୁଏ: 'ଯଦି କାହାରି ଜ୍ଞାନ ଥାଏ ଯେ ମୁଁ ଏହା ନିଜ ପାଇଁ କରୁନାହିଁ, ତେବେ ସେ ସମଗ୍ର ଜଗତକୁ ହତ୍ୟା କଲେ ମଧ୍ୟ ନିଜେ ହତ ହୋଇ ମଧ୍ୟ, ହତ୍ୟା କରି ନାହାନ୍ତି, ବା ହତ ହୋଇ ନାହାନ୍ତି ।'* ସୁତରାଂ କର୍ମଯୋଗ ଆମମାନଙ୍କୁ ବିଶେଷ ଭାବରେ ଶିକ୍ଷା ଦିଏ ଯେ 'ସଂସାର ତ୍ୟାଗ କର ନାହିଁ; ସଂସାରରେ ବାସକର, ସଂସାରର ଭାବ ଯେତେ ଇଚ୍ଛା ଗ୍ରହଣ କର; କିନ୍ତୁ ନିଜର ସୁଖଭୋଗ ପାଇଁ ଆଦୌ କୌଣସି କାର୍ଯ୍ୟ କର ନାହିଁ ।' ଭୋଗ ଯେପରି ଲକ୍ଷ୍ୟ ନ ହୁଏ । ପ୍ରଥମେ ନିଜର କ୍ଷୁଦ୍ର 'ମୁଁ'କୁ ନାଶ କର, ତାପରେ ସମଗ୍ର ଜଗତକୁ ନିଜର କରି ଦେଖ, ଯେପରି ପ୍ରାଚୀନ ଖ୍ରୀଷ୍ଟିୟାନଗଣ କହୁଥିଲେ, 'ପୁରାତନ ଲୋକଟିକୁ ମାରିଦେବାକୁ ହେବ ।' 'ପୁରାତନ ମନୁଷ୍ୟ' ଶବ୍ଦର ଅର୍ଥ : ଜଗତ ଆମମାନଙ୍କ ଭୋଗ ପାଇଁ ନିର୍ମିତ ହୋଇଅଛି—ଏହା ସ୍ୱାର୍ଥପରଭାବ । ଅଜ୍ଞ ପିତାମାତାଗଣ ସେମାନଙ୍କର ସନ୍ତାନଗଣଙ୍କୁ ଏହିପରି ପ୍ରାର୍ଥନା କରିବାକୁ ଶିଖାନ୍ତି, 'ହେ ପ୍ରଭୋ, ତୁମେ ଏହି ସୂର୍ଯ୍ୟ ଚନ୍ଦ୍ର ମୋ ପାଇଁ ସୃଷ୍ଟି କରିଅଛ ।' ପ୍ରଭୁଙ୍କର ସତେ ଯେପରି ଏହିସବୁ ଶିଶୁମାନଙ୍କ ପାଇଁ ଯାବତୀୟ ପଦାର୍ଥ ସୃଷ୍ଟି କରିବା ବ୍ୟତୀତ ଅନ୍ୟ କୌଣସି କାମ ନ ଥିଲା ! ଏହା କେବଳ ଆମର କାମନାରୂପକ ଅଗ୍ନିରେ ଘୃତ ନିକ୍ଷେପ କରିବା ମାତ୍ର । ସନ୍ତାନମାନଙ୍କୁ ଏପରି ବାଜେ କଥା ଶିଖାଅ ନାହିଁ । ତାପରେ ଆଉ ଦଳେ ଲୋକ ଅଛନ୍ତି, ଯେଉଁମାନେ ଅନ୍ୟ ଏକ ଧରଣର ନିର୍ବୋଧ । ସେମାନେ ଆମମାନଙ୍କୁ ଶିକ୍ଷା ଦିଅନ୍ତି, ଆମେ ମାରିଖାଇବା ବୋଲି ଏହି ସକଳ ଜୀବଜନ୍ତୁ ସୃଷ୍ଟ ହୋଇଛନ୍ତି, ଆଉ ଏହି ଜଗତ ସୃଷ୍ଟ ହୋଇଛି ମନୁଷ୍ୟର ଭୋଗ ପାଇଁ । ଏହା ମଧ୍ୟ ପ୍ରଚଣ୍ଡ ନିର୍ବୋଧତା । ବାଘ ମଧ୍ୟ କହିପାରେ, 'ମନୁଷ୍ୟ ମୋ ପାଇଁ ସୃଷ୍ଟ' ଏବଂ ଭଗବାନଙ୍କୁ କହିପାରେ, 'ପ୍ରଭୋ, ମନୁଷ୍ୟଗୁଡ଼ିକ କେଡ଼େ ଦୁଷ୍ଟ । ସେମାନେ ସ୍ୱେଚ୍ଛାରେ ଆମ ସମ୍ମୁଖରେ ଆହାର ହୋଇ ହାଜର ହୁଅନ୍ତି ନାହିଁ, ସେମାନେ ତୁମର ଆଜ୍ଞା ଲଙ୍ଘନ କରୁଛନ୍ତି ।' ଯଦି ଜଗତ ଆମମାନଙ୍କ ପାଇଁ ସୃଷ୍ଟ ହୋଇଥାଏ, ଆମେ ମଧ୍ୟ ଜଗତ ପାଇଁ ସୃଷ୍ଟ ହୋଇଛୁ । ଏ ଜଗତ ଆମର ଭୋଗ ପାଇଁ ସୃଷ୍ଟ ହୋଇଅଛି—ଏହି ଅତି ଦୁର୍ନୀତିପୂର୍ଣ୍ଣ ଧାରଣା ହିଁ ଆମମାନଙ୍କୁ ବାନ୍ଧି ରଖିଅଛି । ଏ ଜଗତ ଆମ ପାଇଁ ନୁହେଁ । ଲକ୍ଷ ଲକ୍ଷ ଲୋକ ପ୍ରତିବର୍ଷ ଏହି ଜଗତରୁ ଚାଲି ଯାଉଛନ୍ତି । ଜଗତର କିନ୍ତୁ ସେ ଦିଗକୁ ଦୃଷ୍ଟି ନାହିଁ । ଆଉ ଲକ୍ଷ ଲକ୍ଷ ମନୁଷ୍ୟ ସେମାନଙ୍କ ସ୍ଥାନ ପୂରଣ କରୁଛନ୍ତି । ଜଗତ ଆମ ପାଇଁ ଯେତିକି, ଆମେ ମଧ୍ୟ ଜଗତ ପାଇଁ ସେତିକି ।

ଅତଏବ ଠିକ୍ ଭାବରେ କାର୍ଯ୍ୟ କରିବାକୁ ହେଲେ, ପ୍ରଥମେ ଆସକ୍ତି ଭାବ ତ୍ୟାଗ

---

*ତୁଳନୀୟ : ଗୀତା, ୨/୧୯; କଠ ଉପ., ୧/୨/୧୮

ଜରିବାକୁ ହେବ । ଦ୍ୱିତୀୟତଃ କର୍ମ ମଧ୍ୟରେ କୌଣସି ହଟ୍ଟଗୋଳପୂର୍ଣ୍ଣ କଳହରେ ନିଜକୁ ଜଡ଼ିତ କର ନାହିଁ; ନିଜେ ସାକ୍ଷୀ ସ୍ୱରୂପ ଅବସ୍ଥିତ ରହି କର୍ମ କରିଯାଅ । ମୋର ଗୁରୁଦେବ କହୁଥିଲେ, 'ନିଜ ସନ୍ତାନମାନଙ୍କ ପ୍ରତି ନିଜେ ଦାସୀ ବା ଧାତ୍ରୀର ଭାବ ଅବଲମ୍ବନ କର ।' ଦାସୀ ତୁମର ଶିଶୁକୁ ଧରି ଆଦର କରିବ, ତା ସହିତ ଖେଳିବ, ଅତି ଯତ୍ନ ସହିତ ଲାଳନପାଳନ କରିବ, ଯେପରି ତା ନିଜର ସନ୍ତାନ; କିନ୍ତୁ ଦାସୀକୁ ବିଦାୟ ଦେବା ମାତ୍ରେ ସେ ଗଣ୍ଠିଲିପତ୍ର ବାନ୍ଧି ତୁମ ଘରୁ ଚାଲିଯିବା ପାଇଁ ପ୍ରସ୍ତୁତ । ତୁମ ପିଲାପ୍ରତି ଏତେ ଯେ ଭଲପାଇବା ଓ ଆସକ୍ତି ସବୁ ସେ ଭୁଲିଯାଏ । ସାଧାରଣ ଦାସୀ ପକ୍ଷରେ ତୁମ ସନ୍ତାନମାନଙ୍କୁ ଛାଡ଼ି ଅନ୍ୟର ସନ୍ତାନକୁ ଧରିବାକୁ କିଛି ମାତ୍ର କଷ୍ଟ ହୁଏ ନାହିଁ । ତୁମେ ମଧ୍ୟ ଯାହା କିଛି ନିଜର ବୋଲି ମନେକର, ସେସବୁ ପ୍ରତି ଏହିପରି ଭାବ ପୋଷଣ କର । ତୁମେ ଯେପରି ଦାସୀ; ଆଉ ଯଦି ଈଶ୍ୱର-ବିଶ୍ୱାସୀ ହୁଅ, ତେବେ ବିଶ୍ୱାସ କର, ଯାହା କିଛି ତୁମର ବୋଲି ମନେ କରୁଛ, ସେ ସବୁ ତାଙ୍କର । ଅତ୍ୟଧିକ ଦୁର୍ବଳତା ହିଁ ଅନେକ ସମୟରେ ଖୁବ୍ ସାଧୁତା ଓ ସରଳତାର ଆକାର ଧାରଣା କରେ । ମୋ ଉପରେ କେହି ନିର୍ଭର କରୁ ଏବଂ ମୁଁ କାହାରି ଉପକାର କରିପାରେ, ଏପରି ଚିନ୍ତା କରିବା ହିଁ ଅତ୍ୟନ୍ତ ଦୁର୍ବଳତା । ଏହି ପ୍ରକାର ବିଶ୍ୱାସରୁ ହିଁ ଆମର ସବୁ ପ୍ରକାର ଆସକ୍ତି ଜନ୍ମେ ଏବଂ ଏହି ଆସକ୍ତିରୁ ହିଁ ସକଳ ଦୁଃଖର ଉଦ୍ଭବ । ଆମର ମନକୁ ଜଣାଇବା ଉଚିତ ଯେ, ଏହି ବିଶ୍ୱଜଗତରେ କେହିହେଲେ ଆମ ଉପରେ ନିର୍ଭର କରନ୍ତି ନାହିଁ; ଜଣେ ଗରିବ ମଧ୍ୟ ଆମ ଦାନ ଉପରେ ନିର୍ଭର କରେ ନାହିଁ, କେହି ହେଲେ ଆମ ଦୟା ଉପରେ ନିର୍ଭର କରନ୍ତି ନାହିଁ, ଗୋଟିଏ ହେଲେ ପ୍ରାଣୀ ମଧ୍ୟ ଆମର ସାହାଯ୍ୟ ଉପରେ ନିର୍ଭର କରେ ନାହିଁ । ପ୍ରକୃତି ହିଁ ସମସ୍ତଙ୍କୁ ସାହାଯ୍ୟ କରୁଅଛି । ଅମେ କୋଟି କୋଟି ମନୁଷ୍ୟ ନ ରହିଲେ ମଧ୍ୟ ଏହିପରି ସାହାଯ୍ୟ ଚାଲିବ । ତୁମ ମୋ ପାଇଁ ପ୍ରକୃତିର ଗତି ବନ୍ଦ ହେବ ନାହିଁ । ପୂର୍ବରୁ କୁହା ହୋଇଅଛି, ଅନ୍ୟକୁ ସାହାଯ୍ୟ କରି ଆମେ ନିଜେ ହିଁ ଶିକ୍ଷା ଲାଭ କରୁଅଛୁ, ଏହା ହିଁ ତୁମର ଓ ମୋର ପରମ ସୌଭାଗ୍ୟ । ସମଗ୍ର ଜୀବନରେ ଏହି ଗୋଟିଏ ମହତ୍ ଶିକ୍ଷା ଲାଭ କରିବାକୁ ହେବ । ଯେତେବେଳେ ଆମେ ସମ୍ପୂର୍ଣ୍ଣ ରୂପେ ଏହା ଶିକ୍ଷା କରିପାରିବୁ, ସେତେବେଳେ ଆମର ଆଉ ଦୁଃଖ ରହିବ ନାହିଁ, ସେତେବେଳେ ଆମେ ସମାଜରେ ଯେଉଁଠି ଇଚ୍ଛା ସେଠାରେ ମିଶିପାରିବୁ, କୌଣସି କ୍ଷତି ହେବ ନାହିଁ । ତୁମମାନଙ୍କର ପତି-ପତ୍ନୀ, ଦାସ-ଦାସୀ ରାଜ୍ୟ ଥାଇପାରେ; କିନ୍ତୁ ଯଦି ତୁମେ ଏହି ତତ୍ତ୍ୱଟି ହୃଦୟରେ ଧାରଣ କରି କାର୍ଯ୍ୟ କର ଯେ, ଜଗତ୍ ତୁମର ଭୋଗ ପାଇଁ ନୁହେଁ, ଆଉ ତୁମେ ସାହାଯ୍ୟ ନ କଲେ ଯେ ଚଳିବ ନାହିଁ; ଏକଥା ମଧ୍ୟ ନୁହେଁ, ତେବେ ଯାଇ ଏହି ସକଳ ବସ୍ତୁ ତୁମର କୌଣସି କ୍ଷତି କରିପାରିବ ନାହିଁ । ଏହି ବର୍ଷ ହୁଏତ ତୁମର କେତେଜଣ ବନ୍ଧୁ ମରିଛନ୍ତି । ଜଗତ କଅଣ ସ୍ୱୀୟ ଗତି ବନ୍ଦ କରି ସେମାନଙ୍କ ପାଇଁ ଅପେକ୍ଷା କରୁଛି ? ଏହାର ସ୍ରୋତ କଅଣ ବନ୍ଦ ହୋଇଯାଉଛି ? ନା, ଏହା ଠିକ୍ ଠିକ୍ ଚାଲିଛି ? ଅତଏବ ତୁମ ମନରୁ ଏହି ଭାବ ସମ୍ପୂର୍ଣ୍ଣ ଦୂର କରିଦିଅ ଯେ, ତୁମକୁ ଜଗତ ପାଇଁ କିଛି କରିବାକୁ ହେବ । ଜଗତ ତୁମ ନିକଟରୁ କୌଣସି ସାହାଯ୍ୟ ଚାହେଁ ନାହିଁ । ଜଗତର ସାହାଯ୍ୟ ପାଇଁ ମୋର ଜନ୍ମ-ଏକଥା ଚିନ୍ତା କରିବା ଖାଣ୍ଟି ଅଜ୍ଞତା ମାତ୍ର । ଏହା ନିପଟ ଅହଂକାର । ଏହା ସ୍ୱାର୍ଥପରତା-ଧର୍ମର ରୂପ ଧରି ପ୍ରତାରଣା କରିବା ମାତ୍ର । ତୁମ ଉପରେ ଅଥବା ଅନ୍ୟ କାହାରି ଉପରେ ଜଗତ ନିର୍ଭର କରେ ନାହିଁ— ଏହି ଭାବଟି ଉପଲବ୍ଧି କରିବା ପାଇଁ ଯେତେବେଳେ ତୁମର ସ୍ନାୟୁ ଓ ପେଶୀଗୁଡ଼ିକୁ ଗଠିତ

କରିବ, ସେତେବେଳେ କର୍ମଜନିତ କୌଣସି ପ୍ରତିକ୍ରିୟା ତୁମକୁ ପୀଡ଼ିତ କରିପାରିବ ନାହିଁ । ଯେବେ ତୁମେ କୌଣସି ଲୋକକୁ କିଛି ଦିଅ ଏବଂ ପରିବର୍ତ୍ତରେ କିଛି ଆଶ ନ କର, ସେ ତୁମ ନିକଟରେ କୃତଜ୍ଞ ରହୁ, ଏ ଟିକକ ମଧ୍ୟ ଆଶା କର ନାହିଁ, ସେତେବେଳେ ତାହା ତୁମ ଉପରେ କୌଣସି ପ୍ରତିକ୍ରିୟା ସୃଷ୍ଟି କରିବ ନାହିଁ; କାରଣ ତୁମେ କିଛି ପ୍ରତ୍ୟାଶା କରିନାହଁ; କେତେବେଳେ ହେଲେ ଚିନ୍ତା କରିନାହଁ ଯେ, ତୁମର ପ୍ରତିଦାନ ପାଇବାର କୌଣସି ଅଧିକାର ଅଛି । ତାହାର ଯାହା ପ୍ରାପ୍ୟ ଥିଲା, ତୁମେ ତାହା ହିଁ ଦେଇଥିଲ । ତାର ନିଜ କର୍ମଫଳରୁ ହିଁ ସେ ଏହା ପାଇଅଛି, ତୁମର କର୍ମ ହିଁ କେବଳ ତୁମକୁ ତାହାର ବାହକ କରିଅଛି ମାତ୍ର । କିଛି ଦାନ କରି ତୁମେ ଗର୍ବବୋଧ କରିବ କାହିଁକି—ତୁମେ ତ ତାହାର ବାହକ ମାତ୍ର ? ଜଗତ ନିଜ କର୍ମଦ୍ୱାରା ତାହା ଲାଭ କରିବାର ଯୋଗ୍ୟ ହୋଇଥିଲା । ଏଥିରେ ତୁମର ଅହଂକାର କରିବାର କାରଣ ବା କଅଣ ? ଜଗତକୁ ତୁମେ ଯାହା ଦେଉଛ, ତାହା ଗୋଟାଏ କିଛି ବଡ଼ ଜିନିଷ ନୁହେଁ । ଅନାସକ୍ତିଭାବ ଲାଭ କଲେ ତୁମ ପକ୍ଷରେ ଭଲ ବା ମନ୍ଦ ବୋଲି କିଛି ହେଲେ ରହିବ ନାହିଁ । ସ୍ୱାର୍ଥ ହିଁ କେବଳ ଭଲମନ୍ଦର ପ୍ରଭେଦ ସୃଷ୍ଟି କରିଥାଏ । ଏହା ବୁଝିବା ବଡ଼ କଠିନ; କିନ୍ତୁ ଯଥା ସମୟରେ ବୁଝିବ—ଯେପର୍ଯ୍ୟନ୍ତ ତୁମେ ଶକ୍ତି ପ୍ରୟୋଗ କରିବାକୁ ନ ଦେଇଛ, ସେପର୍ଯ୍ୟନ୍ତ ଜଗତରୁ କିଛି ହେଲେ ତୁମ ଉପରେ ପ୍ରଭାବ ବିସ୍ତାର କରିପାରିବ ନାହିଁ । ଯେପର୍ଯ୍ୟନ୍ତ ଆତ୍ମା ଅଜ୍ଞ ଭଳି ହୋଇ ନିଜର ସ୍ୱତନ୍ତ୍ରତା ନ ହରାଇଛି, ସେପର୍ଯ୍ୟନ୍ତ କୌଣସି ଶକ୍ତି ଆତ୍ମା ଉପରେ ତାର ପ୍ରଭାବ ବିସ୍ତାର କରିପାରିବ ନାହିଁ । ଅତଏବ ଅନାସକ୍ତିଦ୍ୱାରା ତୁମେ ତୁମ ଉପରକୁ ଆସୁଥିବା ଯେକୌଣସି ପ୍ରଭାବକୁ ଜୟ କର-ଅସ୍ୱୀକାର କର । କୌଣସି ଜିନିଷର ତୁମ ଉପରେ କିଛି କରିବାର ଅଧିକାର ନାହିଁ—ଏ କଥା କହିବା ଖୁବ୍ ସହଜ; କିନ୍ତୁ ବାସ୍ତବିକ ଯେ କୌଣସି ଶକ୍ତିକୁ ନିଜ ଉପରେ କାର୍ଯ୍ୟ କରିବାକୁ ଯିଏ ଦିଅନ୍ତି ନାହିଁ, ବହିର୍ଜଗତ ତାଙ୍କ ଉପରେ କାର୍ଯ୍ୟ କଲେ ଯେ ସୁଖୀ ବା ଦୁଃଖୀ ହୁଅନ୍ତି ନାହିଁ—ସେ ବ୍ୟକ୍ତିଙ୍କର ପ୍ରକୃତ ଲକ୍ଷଣ କଅଣ ? ଲକ୍ଷଣ ଏହି ଯେ, ସୌଭାଗ୍ୟ ଅଥବା ଦୁର୍ଭାଗ୍ୟ ଯାହା କିଛି ହେଉନା କାହିଁକି ତାହା ତାଙ୍କ ମନରେ କୌଣସି ପରିବର୍ତ୍ତନ ଆଣିପାରେ ନାହିଁ; ସବୁ ଅବସ୍ଥାରେ ସେ ସମଭାବରେ ଥାଆନ୍ତି ।

ଭାରତରେ ବ୍ୟାସ ନାମକ ଜଣେ ମହର୍ଷି ଥିଲେ । ସେ ବେଦାନ୍ତ-ସୂତ୍ରର ଲେଖକଭାବେ ପରିଚିତ । ସେ ଖୁବ୍ ଧାର୍ମିକ ଥିଲେ । ତାଙ୍କର ପିତା ସିଦ୍ଧ ହେବାର ଚେଷ୍ଟା କରିଥିଲେ, କିନ୍ତୁ ହୋଇପାରି ନଥିଲେ; ତାଙ୍କ ପିତାମହ ମଧ୍ୟ ଚେଷ୍ଟା କରିଥିଲେ, ସେ ମଧ୍ୟ ଅକୃତକାର୍ଯ୍ୟ ହୋଇଥିଲେ; ଏହିପରି ତାଙ୍କର ପ୍ରପିତାମହ ମଧ୍ୟ ଅକୃତକାର୍ଯ୍ୟ ହୋଇଥିଲେ । ସେ ନିଜେ ମଧ୍ୟ ସମ୍ପୂର୍ଣ୍ଣ ରୂପେ କୃତକାର୍ଯ୍ୟ ହୋଇପାରି ନାହାନ୍ତି; କିନ୍ତୁ ତାଙ୍କ ପୁତ୍ର ଶୁକଦେବ ସିଦ୍ଧ ହୋଇ ଜନ୍ମଗ୍ରହଣ କଲେ । ବ୍ୟାସ ସେହି ପୁତ୍ରକୁ ତତ୍ତ୍ୱଜ୍ଞାନର ଉପଦେଶ ଦେବାକୁ ଲାଗିଲେ । ନିଜେ ତତ୍ତ୍ୱଜ୍ଞାନ ଦେଇସାରି ସେ ଶୁକଦେବଙ୍କୁ ଜନକ-ରାଜାଙ୍କ ସଭାକୁ ପଠାଇଲେ । ସେ ଥିଲେ ଜଣେ ବଡ଼ ରାଜା ଏବଂ 'ବିଦେହ-ଜନକ' ନାମରେ ଅଭିହିତ ହେଉଥିଲେ । 'ବିଦେହ' ଶବ୍ଦର ଅର୍ଥ 'ଶରୀରରୁ ପୃଥକ' । ଯଦିଓ ସେ ଜଣେ ରାଜା ତଥାପି ସେ ଦେହବୋଧ ସମ୍ପୂର୍ଣ୍ଣରୂପେ ବିସ୍ମୃତ ହୋଇଥିଲେ । ସେ ନିଜକୁ ସର୍ବଦା ଆତ୍ମା ବୋଲି ଅନୁଭବ କରୁଥିଲେ ।

ବାଳକ ଶୁକଙ୍କୁ ଶିକ୍ଷା ପାଇବା ପାଇଁ ତାଙ୍କ ନିକଟକୁ ପଠାଗଲା । ରାଜା ଜାଣିଥିଲେ ଯେ, ବ୍ୟାସଙ୍କ ପୁତ୍ର ତାଙ୍କ ନିକଟରୁ ତତ୍ତ୍ୱଜ୍ଞାନ ଶିକ୍ଷା କରିବା ପାଇଁ ଆସୁଛନ୍ତି; ସୁତରାଂ ସେ

ପୂର୍ବରୁ ହିଁ କେତେଗୁଡ଼ିଏ ବ୍ୟବସ୍ଥା କରିଥିଲେ । ଯେତେବେଳେ ଏହି ବାଳକ ଯାଇ ରାଜପ୍ରାସାଦର ଦ୍ୱାରଦେଶରେ ଉପସ୍ଥିତ ହେଲେ, ସେତେବେଳେ ପ୍ରହରୀଗଣ ତାଙ୍କର କୌଣସି ଖବରଅନ୍ତର ନେଲେ ନାହିଁ । ସେମାନେ କେବଳ ତାଙ୍କୁ ବସିବା ପାଇଁ ଆସନଟିଏ ଦେଲେ । ସେଠାରେ ସେ ତିନିଦିନ ତିନିରାତି ବସି ରହିଲେ କେହି ତାଙ୍କ ସଙ୍ଗରେ କଥା କହୁନାହାନ୍ତି; ସେ କିଏ, କେଉଁଠାରୁ ଆସିଛନ୍ତି—କେହି କିଛି ପଚାରିଲେ ନାହିଁ ! ସେ ଏଡ଼େ ବଡ଼ ଜଣେ ଋଷିଙ୍କ ପୁତ୍ର, ତାଙ୍କ ପିତା ସମଗ୍ର ଦେଶରେ ସମ୍ମାନିତ, ସେ ନିଜେ ମଧ୍ୟ ଜଣେ ମାନନୀୟ ବ୍ୟକ୍ତି, ତଥାପି ସାମାନ୍ୟ ପ୍ରହରୀଗଣ ମଧ୍ୟ ତାଙ୍କ ପ୍ରତି ଭ୍ରୂକ୍ଷେପ କରୁନାହାନ୍ତି । ହଠାତ୍ ରାଜାଙ୍କ ମନ୍ତ୍ରୀଗଣ ଏବଂ ବଡ଼ ବଡ଼ କର୍ମଚାରୀବୃନ୍ଦ ଆସି ତାଙ୍କୁ ଅତିଶୟ ସମ୍ମାନର ସହିତ ଅଭ୍ୟର୍ଥନା କଲେ । ସେମାନେ ତାଙ୍କୁ ଏକ ସୁଶୋଭିତ ଗୃହକୁ ନେଇଗଲେ । ସୁଗନ୍ଧି ଜଳରେ ସ୍ନାନ କରାଇଲେ, ଖୁବ୍ ଭଲ ଭଲ ପୋଷାକ ପିନ୍ଧିବାକୁ ଦେଲେ । ଏହିପରି ଆଠଦିନ ପର୍ଯ୍ୟନ୍ତ ତାଙ୍କୁ ସବୁ ପ୍ରକାର ବିଳାସ ମଧ୍ୟରେ ରଖିଲେ । କିନ୍ତୁ ବ୍ୟବହାରର ପରିବର୍ତ୍ତନରେ ଶୁକଙ୍କ ଶାନ୍ତ ଗମ୍ଭୀର ମୁଖମଣ୍ଡଳ ଟିକିଏ ହେଲେ ପରିବର୍ତ୍ତିତ ହେଲା ନାହିଁ । ଦ୍ୱାରଦେଶରେ ଅପେକ୍ଷା କରିବା ସମୟରେ ସେ ଯେପରି ଥିଲେ, ଏହି ସକଳ ବିଳାସ ଭିତରେ ମଧ୍ୟ ଠିକ୍ ସେହିପରି ରହିଲେ । ତାପରେ ତାଙ୍କୁ ରାଜାଙ୍କ ନିକଟକୁ ନିଆଗଲା । ରାଜା ସିଂହାସନରେ ଉପବିଷ୍ଟ ଥିଲେ, ନୃତ୍ୟ– ଗୀତ–ବାଦ୍ୟ ଓ ଅନ୍ୟାନ୍ୟ ଆମୋଦ ପ୍ରମୋଦ ଚାଲିଥିଲା । ରାଜା ତାହାଙ୍କୁ ଗୋଟିଏ ଦୁଧପୂର୍ଣ୍ଣ ବାଟି ଦେଇ କହିଲେ, 'ଏହି ଦୁଧ ବାଟିଟି ଧରି ସାତ ଥର ରାଜସଭା ପ୍ରଦକ୍ଷିଣ କରି ଆସ; ସାବଧାନ, ଯେପରି ଟୋପାଏ ହେଲେ ଦୁଧ ତଳେ ନ ପଡ଼େ !' ସେହି ବାଳକ ବାଟିଟି ଧରି ଏହିସବୁ ଗୀତ–ବାଦ୍ୟ ଓ ସୁନ୍ଦରୀ ରମଣୀମାନଙ୍କ ମଧ୍ୟଦେଇ ସାତ ଥର ସଭା ପ୍ରଦକ୍ଷିଣ କଲେ, ଟୋପାଏ ହେଲେ ଦୁଧ ତଳେ ପଡ଼ିଲା ନାହିଁ । ସେ ବାଳକଙ୍କର ନିଜ ମନ ଉପରେ ଏପରି କ୍ଷମତା ଥିଲା ଯେ ଯେପର୍ଯ୍ୟନ୍ତ ସେ ଇଚ୍ଛା ନ କରିବେ, ସେପର୍ଯ୍ୟନ୍ତ ତାଙ୍କ ମନ କାହାରିଦ୍ୱାରା ଆକୃଷ୍ଟ ହେବ ନାହିଁ । ବାଳକ ଉକ୍ତ ପାତ୍ରଟିକୁ ରାଜାଙ୍କ ନିକଟକୁ ଆଣିବାରୁ ରାଜା କହିଲେ, ତୁମ ପିତା ତୁମକୁ ଯାହା ଶିଖାଇଛନ୍ତି ଓ ତୁମେ ନିଜେ ଯାହା ଶିକ୍ଷା କରିଛ ମୁଁ କେବଳ ତାହରି ପୁନରାବୃତ୍ତି କରିପାରେ । ତୁମେ ସତ୍ୟ ଉପଲବ୍‌ଧି କରିଅଛି; ବର୍ତ୍ତମାନ ଘରକୁ ଯାଅ ।

ଅତଏବ ଦେଖାଗଲା, ଯେଉଁ ବ୍ୟକ୍ତି ନିଜକୁ ବଶୀଭୂତ କରିଅଛି, ବାହାରର କୌଣସି ବସ୍ତୁ ତା ଉପରେ କ୍ରିୟା କରିପାରେ ନାହିଁ, ତାକୁ ଆଉ କାହାରି ଦାସତ୍ୱ କରିବାକୁ ପଡ଼େ ନାହିଁ । ତାହାର ମନ ମୁକ୍ତ । ଏହିପରି ବ୍ୟକ୍ତି ହିଁ ଜଗତରେ ସୁଖ–ସ୍ୱାଚ୍ଛନ୍ଦ୍ୟରେ ବାସ କରିବା ପାଇଁ ଯୋଗ୍ୟ । ଆମେ ସଚରାଚର ଦୁଇଟି ମତର ମନୁଷ୍ୟ ଦେଖିବାକୁ ପାଉ । କେହି କେହି ଦୁଃଖବାଦୀ––ସେମାନେ କହନ୍ତି, ଏ ପୃଥିବୀ କେଡ଼େ ଭୟାନକ, କେଡ଼େ ଅସତ୍ ! ଅପର କେତେଗୁଡ଼ିଏ ବ୍ୟକ୍ତି ସୁଖବାଦୀ—ସେମାନେ କହନ୍ତି, ଏ ଜଗତ କି ସୁନ୍ଦର, କି ଅପୂର୍ବ ! ଯେଉଁମାନେ ନିଜ ମନକୁ ଜୟ କରି ନାହାନ୍ତି, ସେମାନଙ୍କ ପକ୍ଷରେ ଏହି ଜଗତ ଦୁଃଖପୂର୍ଣ୍ଣ, ଅଥବା ସୁଖ–ଦୁଃଖମିଶ୍ରିତ ବୋଲି ପ୍ରତିଭାତ ହୁଏ । ଆମେ ଯେତେବେଳେ ଆମ ମନକୁ ବଶୀଭୂତ କରିପାରିବା, ସେତେବେଳେ ଏହି ସଂସାର ପୁଣି ସୁଖର ସଂସାରରେ ପରିଣତ ହେବ ବୋଲି ମନେହେବ । ସେତେବେଳ କିଛି ଆମ ମନ ଉପରେ ଭଲ ବା ମନ୍ଦ ପ୍ରଭାବ ବିସ୍ତାର କରିପାରିବ ନାହିଁ । ଆମେ ସବୁକିଛି ବେଶ୍ ସାମଞ୍ଜସ୍ୟ–ପୂର୍ଣ୍ଣ ଭାବରେ ଦେଖିପାରିବୁ । ଯେଉଁମାନେ ପ୍ରଥମେ ସଂସାରକୁ ନର୍କକୁଣ୍ଡ ବୋଲି ମନେକରନ୍ତି, ସେହିମାନେ ଆତ୍ମସଂଯମ ପାଇଁ ସମର୍ଥ ହେଲେ, ପୁଣି ଏହି

ଜଗତକୁ ସ୍ୱର୍ଗ ବୋଲି କହିବେ । ଆମେ ଯଦି ପ୍ରକୃତ କର୍ମଯୋଗୀ ହେଉ ଏବଂ ନିଜକୁ ଏହି ଅବସ୍ଥାକୁ ନେଇଯିବାର ଶିକ୍ଷା କରିବାକୁ ଇଚ୍ଛା କରୁ, ତେବେ ଆମେ ଯେଉଁଠାରୁ ଆରମ୍ଭ କରୁନା କାହିଁକି, ପରିଶେଷରେ ପୂର୍ଣ୍ଣ ଆତ୍ମତ୍ୟାଗ ଅବସ୍ଥାରେ ଅବଶ୍ୟ ପହଞ୍ଚିପାରିବା; ଯେତେବେଳେ ଏହି କଳ୍ପିତ 'ଅହଂ' ଚାଲିଯାଏ, ସେତେବେଳେ ଯେଉଁ ଜଗତ ପ୍ରଥମେ ଅମଙ୍ଗଳପୂର୍ଣ୍ଣ ବୋଲି ମନେହେଉଥିଲା, ତାହା ପରମାନନ୍ଦରେ ପୂର୍ଣ୍ଣ ଏବଂ ସ୍ୱର୍ଗ ବୋଲି ବୋଧ ହେବ । ଏହାର ବାୟୁ ପର୍ଯ୍ୟନ୍ତ ଶାନ୍ତିରେ ପୂର୍ଣ୍ଣ ହୋଇଯିବ । ପ୍ରତ୍ୟେକ ମନୁଷ୍ୟର ମୁଖ ଅତି ସୁନ୍ଦର ବୋଲି ମନେ ହେବ । ଏହା ହିଁ କର୍ମଯୋଗର ଚରମ ଗତି ଓ ଉଦ୍ଦେଶ୍ୟ ଏବଂ ଏହା ହିଁ କର୍ମଜୀବନର ପୂର୍ଣ୍ଣତା ବା ସିଦ୍ଧି ।

ଅତଏବ ଦେଖୁଛ ଯେ ଏହି ଭିନ୍ନ ଭିନ୍ନ ଯୋଗଗୁଡ଼ିକ ପରସ୍ପର-ବିରୋଧୀ ନୁହେଁ । ପ୍ରତ୍ୟେକଟି ଆମମାନଙ୍କୁ ସେହି ଏକ ଲକ୍ଷ୍ୟରେ ପହଞ୍ଚାଇ ଦିଏ ଏବଂ ପୂର୍ଣ୍ଣତା ପ୍ରାପ୍ତି କରାଇ ଦିଏ । କିନ୍ତୁ ପ୍ରତ୍ୟେକଟିକୁ ହିଁ ଦୃଢ଼ ଭାବରେ ଅଭ୍ୟାସ କରିବାକୁ ହେବ । ଅଭ୍ୟାସ ହିଁ ସିଦ୍ଧିର ସମଗ୍ର ରହସ୍ୟ । ପ୍ରଥମେ ଶ୍ରବଣ, ତାପରେ ମନନ, ତାପରେ ଅଭ୍ୟାସ; ପ୍ରତ୍ୟେକ ଯୋଗ ସମ୍ବନ୍ଧରେ ଏହା ହିଁ ସତ୍ୟ । ପ୍ରଥମେ ଶୁଣିବାକୁ ହେବ, ତାପରେ ବୁଝିବାକୁ ପଡ଼ିବ । ଅନେକ ବିଷୟ ଯାହା ଆଦୌ ବୁଝିହୁଏ ନାହିଁ, ତାହା ପୁନଃ ପୁନଃ ଶ୍ରବଣ ଓ ମନନ ଫଳରେ ସ୍ପଷ୍ଟୀକୃତ ହୋଇଯିବ । ସବୁକଥା ଥରକରେ ବୁଝିବା ବଡ଼ କଷ୍ଟ । ପ୍ରତ୍ୟେକ ବିଷୟର ବ୍ୟାଖ୍ୟା ତୁମ ନିଜ ଭିତରେ ରହିଛି, କେହି କେବେହେଲେ ପ୍ରକୃତରେ ଅନ୍ୟଦ୍ୱାରା ଶିକ୍ଷିତ ହୋଇନାହିଁ । ପ୍ରତ୍ୟେକଙ୍କୁ ନିଜେ ନିଜେ ଶିକ୍ଷାଲାଭ କରିବାକୁ ହୁଏ, କାରଣ ବାହାରର ଆଚାର୍ଯ୍ୟ କେବଳ ଉଦ୍ଦୀପକ ମାତ୍ର । ସେହି ଉଦ୍ଦୀପନାଦ୍ୱାରା ଆମମାନଙ୍କର ଅନ୍ତରସ୍ଥ ଗୁରୁ ହିଁ ଆମମାନଙ୍କୁ ସକଳ ବିଷୟ ବୁଝାଇ ଦିଅନ୍ତି । ସେତେବେଳେ ସବୁକିଛି ଆମର ଅନୁଭବ ଓ ଚିନ୍ତାଦ୍ୱାରା ପ୍ରତ୍ୟକ୍ଷ ଓ ସ୍ପଷ୍ଟ ହୋଇଯାଏ । ସେତେବେଳେ ଆମେ ନିଜ ଆତ୍ମା ଭିତରେ ଏହି ସକଳ ତତ୍ତ୍ୱ ଅନୁଭବ କରୁ, ଏହି ଅନୁଭୂତି ହିଁ ପ୍ରବଳ ଇଚ୍ଛା-ଶକ୍ତିରେ ପରିଣତ ହୁଏ । ପ୍ରଥମେ ଭାବ, ତାପରେ ଇଚ୍ଛା । ଏହି ଇଚ୍ଛାରୁ ଏପରି ପ୍ରବଳ କର୍ମର ଶକ୍ତି ଆସିବ ଯେ, ତାହା ପ୍ରତି ଶିରାରେ, ପ୍ରତି ସ୍ନାୟୁରେ, ପ୍ରତି ପେଶୀରେ କାର୍ଯ୍ୟ କରିବ ସେହି ପର୍ଯ୍ୟନ୍ତ ଯେପର୍ଯ୍ୟନ୍ତ ତୁମର ସମସ୍ତ ଶରୀରଟି ଏହି ନିଷ୍କାମ କର୍ମର ଗୋଟିଏ ଯନ୍ତ୍ରରେ ପରିଣତ ନ ହୋଇଛି । ଏହାର ଫଳ ସମ୍ପୂର୍ଣ୍ଣ ଆତ୍ମତ୍ୟାଗ-ପୂର୍ଣ୍ଣ ନିଃସ୍ୱାର୍ଥତା । ଏହା କୌଣସି ମତାମତ ବା ବିଶ୍ୱାସ ଉପରେ ନିର୍ଭର କରେ ନାହିଁ । ଖ୍ରୀଷ୍ଟିୟାନ ହୁଅ, ଇହୁଦୀ ହୁଅ, ବା ଜେଣ୍ଟାଇଲ ହୁଅ, ସେଥିରେ କିଛି ଯାଏ ଆସେ ନାହିଁ; ଏକମାତ୍ର ପ୍ରଶ୍ନ ହେଲା—ତୁମେ କଅଣ ସ୍ୱାର୍ଥଶୂନ୍ୟ ? ତାହା ଯଦି ହୁଅ ତେବେ ତୁମେ ଖଣ୍ଡିଏ ହେଲେ ଧର୍ମପୁସ୍ତକ ନ ପଢ଼ି ଏବଂ କୌଣସି ଗୀର୍ଜା ବା ମନ୍ଦିରକୁ ନ ଯାଇ ମଧ୍ୟ ସିଦ୍ଧ ହେବ । ଆମର ବିଭିନ୍ନ ଯୋଗ-ପ୍ରଣାଳୀର ପ୍ରତ୍ୟେକଟି ହିଁ ଅପର ପ୍ରଣାଳୀର କିଛିମାତ୍ର ସହାୟତା ନ ନେଇ ମନୁଷ୍ୟକୁ ପୂର୍ଣ୍ଣ କରିବାକୁ ସମର୍ଥ; କାରଣ ପ୍ରତ୍ୟେକଟିର ଲକ୍ଷ୍ୟ ହେଲା ଏକ । କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ—ସକଳ ଯୋଗ ହିଁ ମୁକ୍ତିଲାଭର ସାକ୍ଷାତ୍ ଓ ସ୍ୱତନ୍ତ୍ର ଉପାୟ । 'ସାଂଖ୍ୟଯୋଗୌ ପୃଥଗ୍ବାଳାଃ ପ୍ରବଦନ୍ତି ନ ପଣ୍ଡିତାଃ'* -ଅଜ୍ଞମାନେ ହିଁ କର୍ମ ଓ ଜ୍ଞାନକୁ ପୃଥକ୍ ବୋଲି କହିଥାଆନ୍ତି, ପଣ୍ଡିତମାନେ ନୁହଁ । ଜ୍ଞାନୀମାନେ ଜାଣନ୍ତି, ଏହି ଦୁଇ ପଥ ଆପାତତଃ ପୃଥକ୍ ବୋଲି ପ୍ରତୀୟମାନ ହେଲେ ମଧ୍ୟ ଶେଷରେ ମନୁଷ୍ୟକୁ ପୂର୍ଣ୍ଣତାରୂପକ ଏକ ଲକ୍ଷ୍ୟରେ ହିଁ ପହଞ୍ଚାଇଥାଆନ୍ତି ।

* ଗୀତା,୫/୪

# ମୁକ୍ତି

ଆମେ ପୂର୍ବରୁ କହିଅଛୁ, 'କାର୍ଯ୍ୟ' ଏହି ଅର୍ଥ ବ୍ୟତୀତ 'କର୍ମ'-ଶବ୍ଦଦ୍ୱାରା ମନୋବିଜ୍ଞାନରେ କାର୍ଯ୍ୟ-କାରଣ-ଭାବ ମଧ୍ୟ ବୁଝାଇଥାଏ । ଯେକୌଣସି କାର୍ଯ୍ୟ ବା ଯେକୌଣସି ଚିନ୍ତା କିଛି ନା କିଛି ଫଳ ଉତ୍ପନ୍ନ କଲେ, ତାହାକୁ 'କର୍ମ' କୁହାଯାଏ । ସୁତରାଂ 'କର୍ମବିଧାନ'ର ଅର୍ଥ କାର୍ଯ୍ୟକାରଣର ନିୟମ-ଅର୍ଥାତ୍ କାରଣ ଓ କାର୍ଯ୍ୟର ଅନିବାର୍ଯ୍ୟ ସମ୍ବନ୍ଧ । ଆମର (ଭାରତୀୟ) 'ଦର୍ଶନ' ମତରେ ଏହି 'କର୍ମବିଧାନ' ସମଗ୍ର ବିଶ୍ୱଜଗତ ପକ୍ଷରେ ହିଁ ସତ୍ୟ । ଯାହା କିଛି ଆମେ ଦେଖୁ, ଅନୁଭବ କରୁ, ଅଥବା ଯେକୌଣସି କାର୍ଯ୍ୟ କରୁ-ବିଶ୍ୱଜଗତରେ ଯାହା କିଛି କାର୍ଯ୍ୟ ହେଉଅଛି—ଏ ସମସ୍ତ ଏକ ଦିଗରେ ପୂର୍ବ କର୍ମର ଫଳ ମାତ୍ର, ପୁଣି ଅନ୍ୟ ଦିଗରେ, ଏହିଗୁଡ଼ିକ ହିଁ କାରଣ ରୂପେ ଅନ୍ୟ ଫଳ ଉତ୍ପାଦନ କରେ । ଏଥି ସହ ବିଚାର କରିବା ଆବଶ୍ୟକ 'ବିଧି' ବା 'ନିୟମ' କହିଲେ କଅଣ ବୁଝାଯାଏ ? ଘଟଣାଗୁଡ଼ିକର ପୁନରାବର୍ତ୍ତନର ଧାରାର ନାମ ହିଁ ନିୟମ ବା ବିଧି । ଯେତେବେଳେ ଆମେ ଦେଖୁ, ଗୋଟିଏ ଘଟଣା ପରେ ଆଉ ଗୋଟିଏ ଘଟଣା ଘଟୁଅଛି କେତେବେଳେ ବା ଘଟଣା ଦୁଇଟି ଏକ ସମୟରେ ଘଟୁଅଛି, ସେତେବେଳେ ଆମେ ଆଶା କରୁ ଯେ ସର୍ବଦା ଏହିପରି ଘଟିବ । ଆମ ଦେଶର ପ୍ରାଚୀନ ନୈୟାୟିକଗଣ ଏହାକୁ 'ବ୍ୟାପ୍ତି' କହୁଥିଲେ । ସେମାନଙ୍କ ମତରେ ନିୟମ ସମ୍ବନ୍ଧରେ ଆମର ସମଗ୍ର ଧାରଣାର କାରଣ 'ଅନୁସଙ୍ଗ' । ଘଟଣାର ପରମ୍ପରା ଆମ ମନରେ ଅନୁଭୂତ ବିଷୟଗୁଡ଼ିକ ସହିତ ଅପରିବର୍ତ୍ତନୀୟ ଭାବରେ ଜଡ଼ିତ ଥାଏ । ସେଥିପାଇଁ ଆମେ ଯେତେବେଳେ କୌଣସି ବିଷୟ ଅନୁଭବ କରୁ, ଠିକ୍ ସେତିକିବେଳେ ମନ ଭିତରର ଅନ୍ୟାନ୍ୟ ବିଷୟଗୁଡ଼ିକ ସହିତ ଏହାର ସମ୍ପର୍କ ସ୍ଥାପିତ ହୁଏ । ଗୋଟିଏ ଭାବ-ଅଥବା ଆମ ମନୋବିଜ୍ଞାନ ଅନୁସାରେ ଚିତ୍ତରେ ଉତ୍ପନ୍ନ ଗୋଟିଏ ତରଙ୍ଗ ସର୍ବଦା ହିଁ ଅନେକ ସଦୃଶ ତରଙ୍ଗ ଉତ୍ପନ୍ନ କରେ । ମନୋବିଜ୍ଞାନରେ ଏହାକୁ 'ଭାବାନୁସଙ୍ଗ-ବିଧାନ' କହନ୍ତି, ଏବଂ 'କାର୍ଯ୍ୟ-କାରଣ-ସମ୍ବନ୍ଧ' ଏହି ବ୍ୟାପକ ବିଧାନର ଗୋଟିଏ ଦିଗ ମାତ୍ର । ଭାବାନୁସଙ୍ଗର ଏହି ବ୍ୟାପକତାକୁ ସଂସ୍କୃତରେ 'ବ୍ୟାପ୍ତି' କହନ୍ତି । ଅନ୍ତର୍ଜଗତରେ ଯେପରି ବହିର୍ଜଗତରେ ମଧ୍ୟ ତଦ୍ରୂପ ବିଧାନ ବା ନିୟମର ଧାରଣା ଏକ ପ୍ରକାର; ଗୋଟିଏ ଘଟଣା ପରେ ଆଉ ଗୋଟିଏ ଘଟିବ— ତାହା ଏବଂ ଘଟଣା-ପରମ୍ପରା ବାରମ୍ବାର ସଂଘଟିତ ହେବ, ଆମେ ଏହିପରି ଆଶା କରୁ । ତା'ହେଲେ ପ୍ରକୃତରେ କୌଣସି ନିୟମ ପ୍ରକୃତିରେ ନାହିଁ । କାର୍ଯ୍ୟତଃ ଏହା କହିବା ଭୁଲ ଯେ, ମାଧ୍ୟାକର୍ଷଣ ଶକ୍ତି ପୃଥିବୀରେ ଅଛି, ବା ପ୍ରକୃତିର କୌଣସି ସ୍ଥଳରେ ବସ୍ତୁଗତ ଭାବରେ କୌଣସି ନିୟମ ଅଛି । ଯେଉଁ ପ୍ରଣାଳୀରେ ଆମ ମନ କେତେଗୁଡ଼ିଏ ଘଟଣା-ପରମ୍ପରା ଧାରଣ କରେ, ସେହି ପ୍ରଣାଳୀ ହିଁ ନିୟମ; ଏହି ନିୟମ ଆମ ମନରେ ଅବସ୍ଥିତ । କେତେଗୁଡ଼ିଏ ଘଟଣା ଗୋଟିକ ପରେ ଗୋଟିଏ ଅଥବା ଏକ ସଙ୍ଗରେ ସଂଘଟିତ ହେଲେ ଆମ ମନରେ ଦୃଢ଼ ଧାରଣା ହୁଏ ଯେ ଭବିଷ୍ୟତରେ ନିୟମିତ ଭାବରେ ପୁନଃ ପୁନଃ ଏହିପରି ଘଟିବ; ଘଟଣା-ପରମ୍ପରା କିପରି ସଂଘଟିତ ହେଉଅଛି, ଆମ ମନ ଏହି ଭାବରେ ହିଁ ତାହା ଧାରଣା କରିପାରେ । ଏହାକୁ ହିଁ 'ନିୟମ' କୁହାଯାଏ ।

ବର୍ତ୍ତମାନ ପ୍ରଶ୍ନ ହେଉଛି—'ନିୟମ ସର୍ବବ୍ୟାପକ' କହିଲେ ଆମେ କଅଣ ବୁଝୁ ? ଆମର ଜଗତ ଅନନ୍ତ ସତ୍ତାର ସେହି ଟିକକ ଅଂଶ, ଯାହାକୁ ଆମ ଦେଶର ମନୋବିଜ୍ଞାନୀଗଣ

'ଦେଶ-କାଳ-ନିମିତ୍ତ' କହନ୍ତି ଏବଂ ଇଉରୋପୀୟ ମନୋବିଜ୍ଞାନରେ ଯାହା ସ୍ଥାନ, କାଳ ଓ କାରଣ (space,time,causation) ବୋଲି ପରିଚିତ । ଏ ଜଗତ ସେହି ଅନନ୍ତ ସତ୍ତାର ସାମାନ୍ୟ ଟିକିଏ ଅଂଶ ମାତ୍ର, ଗୋଟିଏ ନିର୍ଦ୍ଦିଷ୍ଟ ଛାଞ୍ଚରେ ଢଳା, ଦେଶ-କାଳ-ନିମିତ୍ତରେ ଗଠିତ । ଏହିପରି ଛାଞ୍ଚରେ ଢଳା ଅସ୍ତିତ୍ୱ ସମଷ୍ଟିର ନାମ ହିଁ ଆମମାନଙ୍କର ଜଗତ । ଅପରିହାର୍ଯ୍ୟଭାବେ ଏହି ସିଦ୍ଧାନ୍ତ କରିବାକୁ ହୁଏ ଯେ, ନିୟମ କେବଳ ଏହି କାର୍ଯ୍ୟ-କାରଣ-ନିୟନ୍ତ୍ରିତ ଜଗତ ମଧ୍ୟରେ ହିଁ ସମ୍ଭବ, ଏହା ବାହାରେ କୌଣସି ନିୟମ ରହିପାରେ ନାହିଁ । ଆମେ ଯେତେବେଳେ ଏହି ଜଗତ କଥା କହୁ, ସେତେବେଳେ ଆମେ ବୁଝୁ ଅସ୍ତିତ୍ୱର ଯେଉଁ ଅଂଶ ଟିକକ ଆମ ମନଦ୍ୱାରା ସୀମାବଦ୍ଧ, ଯେଉଁ ଇନ୍ଦ୍ରିୟଗୋଚର ଜଗତ ଆମେ ଅନୁଭବ କରୁ, ସ୍ପର୍ଶ କରୁ, ଦେଖୁ, ଶୁଣୁ, ଚିନ୍ତା କରୁ ଏବଂ କଳ୍ପନା କରୁ, ସେହି ଟିକକ କେବଳ ନିୟମାଧୀନ; କିନ୍ତୁ ଏହାର ବହିର୍ଭୂତ ସତ୍ତା ନିୟମାଧୀନ ନୁହେଁ, ଯେହେତୁ କାର୍ଯ୍ୟ-କାରଣ-ଭାବ ଆମମାନଙ୍କର ମନ-ଜଗତର ବାହାରକୁ ଆଉ ଯାଇପାରେ ନାହିଁ । ଆମ ଇନ୍ଦ୍ରିୟ-ମନର ଅତୀତ ଯେ କୌଣସି ବସ୍ତୁ ଏହି କାର୍ଯ୍ୟ-କାରଣ ନିୟମଦ୍ୱାରା ଆବଦ୍ଧ ନୁହେଁ, କାରଣ ଇନ୍ଦ୍ରିୟାତୀତ ରାଜ୍ୟରେ ବିଭିନ୍ନ ବସ୍ତୁର ଭାବାନୁସଙ୍ଗ-ସମ୍ବନ୍ଧ ନାହିଁ ଏବଂ ଭାବ-ସମ୍ବନ୍ଧ ବ୍ୟତୀତ କାର୍ଯ୍ୟ-କାରଣ-ସମ୍ବନ୍ଧ ମଧ୍ୟ ରହି ନ ପାରେ । ନାମ-ରୂପ-ଛାଞ୍ଚ ମଧ୍ୟରେ ପଡ଼ିଲେ ସତ୍ତା ବା ଚୈତନ୍ୟ କାର୍ଯ୍ୟ-କାରଣ ନିୟମ ମାନି ଚଳନ୍ତି ଏବଂ ସେତିକିବେଳେ କୁହାଯାଏ ଯେ, ତାହା ନିୟମର ଅଧୀନ, ଯେହେତୁ କାର୍ଯ୍ୟ-କାରଣ ସମ୍ବନ୍ଧ ହିଁ ସକଳ ନିୟମର ମୂଳ । ବର୍ତ୍ତମାନ ଆମେ ସହଜରେ ବୁଝିପାରିବା ଯେ, ସ୍ୱାଧୀନ ଇଚ୍ଛା ବୋଲି କିଛି ରହି ନ ପାରେ; ଯେହେତୁ ଏ ଶବ୍ଦଗୁଡ଼ିକ ପରସ୍ପର-ବିରୋଧୀ; କାରଣ ଇଚ୍ଛା ଜ୍ଞାନର ଅନ୍ତର୍ଗତ ଏବଂ ଯାହା କିଛି ଆମେ ଜାଣୁ, ସେ ସମସ୍ତ ଆମ ଜଗତର ଅନ୍ତର୍ଗତ । ପୁନଶ୍ଚ ଜଗତର ଅନ୍ତର୍ଗତ ସବୁକିଛି ଦେଶ-କାଳ—ନିମିତ୍ତରୂପକ ଛାଞ୍ଚରେ ଢଳା । ଯାହା କିଛି ଆମେ ଜାଣୁ ବା ଯାହା କିଛି ଆମ ପକ୍ଷରେ ଜାଣିବା ସମ୍ଭବ, ସବୁଗୁଡ଼ିକ କାର୍ଯ୍ୟ-କାରଣର ଅଧୀନ ଏବଂ ଯାହା କିଛି କାର୍ଯ୍ୟ-କାରଣ ନିୟମର ଅଧୀନ, ତାହା କେବେହେଲେ ସ୍ୱାଧୀନ ହୋଇ ନ ପାରେ । ଅନ୍ୟାନ୍ୟ ବସ୍ତୁ ଏହା ଉପରେ କ୍ରିୟା କରେ ଏବଂ ଏହା ପୁଣି ଅନ୍ୟର କାରଣ ହୁଏ । ଯାହା ପୂର୍ବେ 'ଇଚ୍ଛା' ନ ଥିଲା; କିନ୍ତୁ ଇଚ୍ଛାରୂପେ ପରିଣତ ହୋଇଛି, ଯାହା ଏହି ଦେଶ-କାଳ-ନିମିତ୍ତ ଛାଞ୍ଚରେ ପଡ଼ି ମାନବୀୟ ଇଚ୍ଛାରେ ପରିଣତ ହେଲା, ତାହା ମୁକ୍ତସ୍ୱଭାବ ଥିଲା, ଆଉ ଯେବେ ଏହି ଇଚ୍ଛା ଏହି ଦେଶ-କାଳ-ନିମିତ୍ତ ଚକ୍ରରୁ ବାହାରିଯିବ, ସେତେବେଳେ ତାହା ପୁନଶ୍ଚ ସ୍ୱାଧୀନ ବା ମୁକ୍ତ ହେବ । ସ୍ୱାଧୀନତା ବା ମୁକ୍ତିରୁ ତାହା ଆସେ, ଏହି ବନ୍ଧନର ଛାଞ୍ଚରେ ପଡ଼େ ଏବଂ ବାହାରି ଯାଇ ପୁନଶ୍ଚ ମୁକ୍ତ ହୁଏ ।

ପ୍ରଶ୍ନ ଉଠିଥିଲା, ଜଗତ କେଉଁଠାରୁ ଆସେ, କେଉଁଠାରେ ଅବସ୍ଥାନ କରେ ଏବଂ କେଉଁଥିରେ ବା ଲୀନ ହୁଏ ? ଏହାର ଉତ୍ତର ହେଲା—ମୁକ୍ତିରୁ ହିଁ ଏହାର ଉତ୍ପତ୍ତି, ବନ୍ଧନରେ ଏହାର ସ୍ଥିତି ଏବଂ ଅବଶେଷରେ ମୁକ୍ତିରେ ହିଁ ପ୍ରତ୍ୟାବର୍ତ୍ତନ । ସୁତରାଂ ଯେତେବେଳେ ଆମେ କହୁ, ମନୁଷ୍ୟ ସେହି ଅନନ୍ତ-ସତ୍ତାର ପ୍ରକାଶ, ସେତେବେଳେ ବୁଝିବାକୁ ହେବ ଯେ ମନୁଷ୍ୟ ସେହି ସତ୍ତାର ଅତି କ୍ଷୁଦ୍ର ଅଂଶ ମାତ୍ର । ଏହି ଦେହ ଓ ଏହି ମନ-ଆମେ ଯାହା ଦେଖୁଛୁ, ଏଗୁଡ଼ିକ ସମଗ୍ରର ଅଂଶ ମାତ୍ର, ସେହି ଅନନ୍ତ ପୁରୁଷଙ୍କର ଗୋଟିଏ ବିନ୍ଦୁମାତ୍ର । ସମଗ୍ର ବ୍ରହ୍ମାଣ୍ଡ ସେହି ଅନନ୍ତ ପୁରୁଷଙ୍କର ଗୋଟିଏ କଣାମାତ୍ର । ଆଉ ଆମର ସକଳ ନିୟମ ଓ ବନ୍ଧନ, ଆନନ୍ଦ ଓ ବିଷାଦ, ଆମର ସୁଖ

ଓ ଆଶା—ସବୁକିଛି ଏହି କ୍ଷୁଦ୍ରଜଗତ ଭିତରର କଥା । ଆମର ଉନ୍ନତି ଓ ଅବନତି ମଧ୍ୟ ଏହି କ୍ଷୁଦ୍ରଜଗତରେ ସୀମାବଦ୍ଧ । ଅତଏବ ଦେଖିପାରୁଛି, ଆମ ମନଦ୍ୱାରା ସୃଷ୍ଟ ଏହି କ୍ଷୁଦ୍ରଜଗତ ଚିରଦିନ ରହିବ—ଏପରି ଆଶା କରିବା ଏବଂ ସ୍ୱର୍ଗକୁ ଯିବାର ଆକାଙ୍କ୍ଷା କରିବା ଅତି ପିଲାଳିଆ କଥା । ସ୍ୱର୍ଗର ଅର୍ଥ—ଆମର ପରିଚିତ ଏହି ଜଗତର ପୁନରାବୃତ୍ତି ମାତ୍ର । ସ୍ପଷ୍ଟ ଦେଖୁଅଛି, ଅନନ୍ତ-ସତ୍ତାକୁ ଆମର ସୀମାବଦ୍ଧ ଜଗତର ଅନୁରୂପ କରିବା ପାଇଁ ଚେଷ୍ଟା କରିବା କେତେଦୂର ବାଳସୁଲଭ ଅସମ୍ଭବ ବାସନା ! ଅତଏବ ମନୁଷ୍ୟ ଯେବେ କହେ, ସେ ଏହିପରି ଭାବରେ ଚିରଦିନ ରହିବ, ବର୍ତ୍ତମାନ ଯାହାସବୁ ଧରି ରହିଛି, ସେସବୁ ନେଇ ଚିରଦିନ ରହିବ ଅଥବା ମୁଁ ଯେପରି କେବେ କେବେ କହେ, ଯେବେ ମନୁଷ୍ୟ 'ଆରାମପ୍ରଦ ଧର୍ମ' ଚାହେଁ, ସେତେବେଳେ ତୁମେସବୁ ନିଶ୍ଚୟ ଜାଣିବ—ତାହାର ଏତେ ଅବନତି ହୋଇଅଛି ଯେ, ସେ ବର୍ତ୍ତମାନ ଅବସ୍ଥା ଅପେକ୍ଷା ଉନ୍ନତତର କିଛି ହେଲେ ଧାରଣା କରିପାରେ ନାହିଁ, ସେ ନିଜର ଅନନ୍ତ ସ୍ୱରୂପକୁ ଭୁଲିଅଛି, ତାହାର ସମଗ୍ର ଚିନ୍ତା ଏହିସବୁ କ୍ଷୁଦ୍ର ସୁଖ-ଦୁଃଖ ଏବଂ ସାମୟିକ ଈର୍ଷାରେ ଆବଦ୍ଧ । ଏହି ଶାନ୍ତ ଜଗତକୁ ସେ ଅନନ୍ତ ବୋଲି ମନେକରେ, କେବଳ ସେତିକି ନୁହେଁ, ସେ ଏହି ମୂର୍ଖତା କେବେହେଲେ ଛାଡ଼ିବ ନାହିଁ । ସେ ପ୍ରାଣପଣ 'ତୃଷ୍ଣା'କୁ—ଜୀବନ-ବାସନାକୁ ଜାବୁଡ଼ି ଧରି ରହେ । ବୌଦ୍ଧଗଣ ଏହାକୁ 'ତଞ୍ହା' ବା 'ତିସ୍‌ସା' କହନ୍ତି । ଆମର ଜ୍ଞାତ କ୍ଷୁଦ୍ର ଜଗତ ବାହାରେ ଅସଂଖ୍ୟ ପ୍ରକାର ସୁଖ-ଦୁଃଖ, ଅସଂଖ୍ୟ ପ୍ରାଣୀ, ଅସଂଖ୍ୟ ବିଧି, ଅସଂଖ୍ୟ ପ୍ରକାର ଉନ୍ନତିର ନିୟମ ଏବଂ ଅସଂଖ୍ୟ ପ୍ରକାର କାର୍ଯ୍ୟ-କାରଣ-ସମ୍ବନ୍ଧ ଥାଇପାରେ; କିନ୍ତୁ ଏ ସମସ୍ତ ଆମ ଅନନ୍ତ ପ୍ରକୃତିର ଏକ ଅଂଶ ମାତ୍ର ।

ମୁକ୍ତିଲାଭ କରିବାକୁ ହେଲେ ଏହି ଜଗତର ସୀମା ଅତିକ୍ରମ କରି ଯିବାକୁ ପଡ଼ିବ; ଏଠାରେ ମୁକ୍ତିର ସନ୍ଧାନ ମିଳିପାରେ ନାହିଁ । ସମ୍ପୂର୍ଣ୍ଣ ସାମ୍ୟାବସ୍ଥା ବା ଖ୍ରୀଷ୍ଟିୟାନମାନେ ଯାହାକୁ 'ବୁଦ୍ଧିର ଅତୀତ ଶାନ୍ତି' ବୋଲି କହିଥାଆନ୍ତି, ତାହା ଏଜଗତରେ ମିଳିପାରେ ନାହିଁ-ସ୍ୱର୍ଗରେ ମଧ୍ୟ ନୁହେଁ ଅଥବା ଏପରି କୌଣସି ସ୍ଥାନରେ ମଧ୍ୟ ନୁହେଁ । ଯେଉଁଠାକୁ ଆମର ଚିନ୍ତା-ଶକ୍ତି ଓ ମନ ଯାଇପାରେ, ଯେଉଁଠାରେ ଇନ୍ଦ୍ରିୟଗଣ ଅନୁଭବ କରିପାରନ୍ତି ଅଥବା କଳ୍ପନା-ଶକ୍ତି ଯାହା କଳ୍ପନା କରିପାରେ—ଏପରି କୌଣସି ସ୍ଥାନରେ ସେ ମୁକ୍ତି ମିଳିପାରେ ନାହିଁ, କାରଣ ଏ ସକଳ ସ୍ଥାନ ଅବଶ୍ୟ ହିଁ ଆମ ଜଗତର ଅନ୍ତର୍ଗତ ହେବ ଏବଂ ଏହି ଜଗତ ଦେଶ-କାଳ-ନିମିତ୍ତ ଦ୍ୱାରା ସୀମାବଦ୍ଧ । ଏ ପୃଥିବୀ ଅପେକ୍ଷା ସୂକ୍ଷ୍ମତର ସ୍ଥାନ ଥାଇପାରେ, ଯେଉଁଠାରେ ଭୋଗ ତୀବ୍ରତର; କିନ୍ତୁ ସେହିସବୁ ସ୍ଥାନ ମଧ୍ୟ ଜଗତର ଅନ୍ତର୍ଗତ, ସୁତରାଂ ନିୟମର ବନ୍ଧନ ଭିତରେ; ଅତଏବ ଆମମାନଙ୍କୁ ଏ ସବୁର ବାହାରକୁ ଯିବାକୁ ହେବ ଏବଂ ଯେଉଁଠାରେ ଏହି କ୍ଷୁଦ୍ର ଜଗତର ଶେଷ, ସେହିଠାରୁ ହିଁ ପ୍ରକୃତ ଧର୍ମର ଆରମ୍ଭ । ଏହି କ୍ଷୁଦ୍ର କ୍ଷୁଦ୍ର ଆନନ୍ଦ, ବିଷାଦ ଓ ବସ୍ତୁବିଷୟକ ଜ୍ଞାନ-ସମସ୍ତ ସେଠାରେ ଶେଷ ହୋଇଯାଏ ଏବଂ ପ୍ରକୃତ ସତ୍ୟ ଆରମ୍ଭ ହୁଏ । ଯେତେଦିନ ପର୍ଯ୍ୟନ୍ତ ଆମେ ଜୀବନ ପାଇଁ ଏହି ତୃଷ୍ଣା ବିସର୍ଜନ କରି ନ ପାରୁ, ଯେତେଦିନ ପର୍ଯ୍ୟନ୍ତ ଏହି କ୍ଷଣସ୍ଥାୟୀ ସତ୍ତା ପ୍ରତି ପ୍ରବଳ ଆସକ୍ତି ତ୍ୟାଗ କରି ନ ପାରୁ, ସେତେଦିନ ଜଗତର ଅତୀତ ସେହି ଅନନ୍ତ ମୁକ୍ତିର ଟିକିଏ ହେଲେ ଆଭାସ ପାଇବାର ଆଶା ଆମର ନାହିଁ । ଅତଏବ ଏହା ଯୁକ୍ତିସଙ୍ଗତ ଯେ, ମନୁଷ୍ୟ-ଜାତିର ଉଚ୍ଚାକାଙ୍କ୍ଷାର ଚରମ ଲକ୍ଷ୍ୟ 'ମୁକ୍ତି' ଲାଭ କରିବାର ଗୋଟିଏ ମାତ୍ର ଉପାୟ ଅଛି । ସେହି ଉପାୟ ହେଲା ଏହି କ୍ଷୁଦ୍ର ଜୀବନ, ଏହି କ୍ଷୁଦ୍ର ଜଗତ, ଏହି

ପୃଥିବୀ, ଏହି ସ୍ୱର୍ଗ, ଏହି ଶରୀର ଏବଂ ଯାହା କିଛି ସୀମାବଦ୍ଧ–ସବୁ ତ୍ୟାଗ କରିବା । ଯଦି ଆମେ ଇନ୍ଦ୍ରିୟ ଓ ମନଦ୍ୱାରା ସୀମାବଦ୍ଧ ଏହି କ୍ଷୁଦ୍ର ଜଗତ ତ୍ୟାଗ କରିପାରୁ, ତେବେ ଆମେ ତତ୍‌କ୍ଷଣାତ୍ ମୁକ୍ତ ହେବା । ବନ୍ଧନରୁ ମୁକ୍ତ ହେବାର ଏକମାତ୍ର ଉପାୟ–ସମୁଦାୟ ନିୟମର ବାହାରକୁ ଯିବା, କାର୍ଯ୍ୟ–କାରଣ–ଶୃଙ୍ଖଳାର ବାହାରକୁ ଯିବା ଏବଂ ମନେରଖିବାକୁ ହେବ ଯେଉଁଠାରେ ଏହି ଜଗତ ବିଦ୍ୟମାନ, ସେଠାରେ ନିଶ୍ଚିତଭାବେ ଏହି କାର୍ଯ୍ୟ–କାରଣ–ଶୃଙ୍ଖଳା ରହିଥିବ ହିଁ ରହିଥିବ ।

କିନ୍ତୁ ଏ ଜଗତ ପ୍ରତି ଆସକ୍ତି ତ୍ୟାଗ କରିବା ବଡ଼ କଷ୍ଟକର ବ୍ୟାପାର । ଅତି ଅଳ୍ପ ସଂଖ୍ୟକ ଲୋକ ଏହି ଆସକ୍ତି ତ୍ୟାଗ କରିପାରନ୍ତି । ଆମ ଶାସ୍ତ୍ରରେ ଆସକ୍ତି ତ୍ୟାଗ ପାଇଁ ଦୁଇଟି ଉପାୟ କଥିତ ହୋଇଅଛି । ଗୋଟିକୁ କୁହାଯାଏ ନିବୃତ୍ତି–ମାର୍ଗ–ଏଥିରେ 'ନେତି ନେତି' (ଏହା ନୁହେଁ, ଏହା ନୁହେଁ) କରି ସବୁ ତ୍ୟାଗ କରିବାକୁ ହୁଏ; ଅନ୍ୟଟିକୁ କହନ୍ତି ପ୍ରବୃତ୍ତି–ମାର୍ଗ–ଏଥିରେ 'ଇତି ଇତି' କରି ସକଳ ବସ୍ତୁକୁ ଗ୍ରହଣ କରି ତା'ପରେ ତ୍ୟାଗ କରାଯାଏ । ନିବୃତ୍ତି–ମାର୍ଗ ଅତି କଠିନ । ଏହା କେବଳ ଉନ୍ନତମନା ଅସାଧାରଣ ପ୍ରବଳ ଇଚ୍ଛାଶକ୍ତି ସମ୍ପନ୍ନ ମହାପୁରୁଷମାନଙ୍କ ପକ୍ଷରେ ସମ୍ଭବ । ସେମାନେ କେବଳ କହନ୍ତି, 'ନାହିଁ, ମୁଁ ଏହା ଚାହେଁ ନା'; ଶରୀର ଓ ମନ ସେମାନଙ୍କର ଆଜ୍ଞା ପାଳନ କରନ୍ତି ଏବଂ ସେମାନେ ସାଫଲ୍ୟମଣ୍ଡିତ ହୁଅନ୍ତି । କିନ୍ତୁ ଏପରି ମନୁଷ୍ୟ ଅତି ବିରଳ । ଅଧିକାଂଶ ଲୋକ ସେଥିପାଇଁ ପ୍ରବୃତ୍ତି–ମାର୍ଗ–ସଂସାରର ପଥ ବାଛି ନିଅନ୍ତି ଏବଂ ବନ୍ଧନଗୁଡ଼ିକୁ ହିଁ ଏହି ବନ୍ଧନ ଭାଙ୍ଗିବାର ଉପାୟରୂପେ ବ୍ୟବହାର କରନ୍ତି । ଏହା ମଧ୍ୟ ଏକପ୍ରକାର ତ୍ୟାଗ, ତେବେ ଧୀରେ ଧୀରେ କ୍ରମଶଃ ତ୍ୟାଗ କରାହୁଏ । ସମସ୍ତ ପଦାର୍ଥକୁ ଜାଣି, ଭୋଗ କରି, ଏହିପରି ଅଭିଜ୍ଞତା ଲାଭ କରି, ସଂସାରର ସକଳବସ୍ତୁର ପ୍ରକୃତି ଅବଗତ ହୋଇ ମନ ଅବଶେଷରେ ଏଗୁଡ଼ିକୁ ଛାଡ଼ିଦିଏ ଏବଂ ଅନାସକ୍ତ ହୁଏ । ଅନାସକ୍ତି–ଲାଭ ପାଇଁ ପ୍ରଥମୋକ୍ତ ମାର୍ଗର ସାଧନ–ବିଚାର, ଆଉ ଶେଷୋକ୍ତ ପଥ ର ସାଧନ–କର୍ମ ଓ ଅଭିଜ୍ଞତା । ପ୍ରଥମଟି ଜ୍ଞାନଯୋଗର ପଥ, କୌଣସି ପ୍ରକାର କର୍ମ କରିବାକୁ ଅସ୍ୱୀକାର କରିବା ହିଁ ଏହି ପଥ ର ବୈଶିଷ୍ଟ୍ୟ । ଦ୍ୱିତୀୟ ହେଉଛି କର୍ମ ଯୋଗର ମାର୍ଗ, ଏହି ପଥରେ କର୍ମ କରିବାକୁ ହୁଏ । ଏହି ଜଗତରେ ପ୍ରତ୍ୟେକ ବ୍ୟକ୍ତିକୁ ହିଁ କର୍ମ କରିବାକୁ ହେବ । କେବଳ ଯେଉଁମାନେ ସମ୍ପୂର୍ଣ୍ଣରୂପେ ଆତ୍ମତୃପ୍ତ, ଯେଉଁମାନେ ଆତ୍ମା ବ୍ୟତୀତ ଅନ୍ୟ କିଛି ଚାହାନ୍ତି ନାହିଁ, ଯେଉଁମାନଙ୍କ ମନ କେବେହେଲେ ଆତ୍ମାରୁ ଅନ୍ୟତ୍ର ଗମନ କରେ ନାହିଁ, ଆତ୍ମା ହିଁ ଯେଉଁମାନଙ୍କର ସର୍ବସ୍ୱ, କେବଳ ସେହିମାନେ ହିଁ କର୍ମ କରିବେ ନାହିଁ ।* 'ଅନ୍ୟ ସମସ୍ତଙ୍କୁ କର୍ମ କରିବାକୁ ହେବ ହିଁ ହେବ ।'

ଗୋଟିଏ ଜଳସ୍ରୋତ ସ୍ୱଚ୍ଛନ୍ଦ ଗତିରେ ଅବତରଣ କରୁଛି । ଗୋଟିଏ ଗର୍ତ୍ତରେ ପ୍ରବେଶ କରି ଘୂର୍ଣ୍ଣିରେ ପରିଣତ ହେଲା; ସେଠାରେ କିଛିକାଳ ଘୂରିବା ପରେ ତାହା ପୁଣି ସେହି ଉନ୍ମୁକ୍ତ ସ୍ରୋତାକାରରେ ବାହାରି ଦୁର୍ବାର ବେଗରେ ପ୍ରବାହିତ ହୁଏ । ପ୍ରତ୍ୟେକ ମନୁଷ୍ୟର ଜୀବନ ଏହି ସ୍ରୋତ ସଦୃଶ । ତାହା ମଧ୍ୟ ଘୂର୍ଣ୍ଣି ମଧ୍ୟରେ ପଡ଼େ—ନାମ–ରୂପାତ୍ମକ ଜଗତ ଭିତରେ ପଡ଼ି ଉବୁଟୁବୁ ହୁଏ । କିଛି ସମୟ ପାଇଁ 'ମୋ ପିତା, ମୋ ମାତା, ମୋର ନାମ, ମୋର ଯଶ'

* ତୁଳନୀୟ ଗୀତା, ୩/୧୭

ପ୍ରଭୃତି କହି ଚିତ୍କାର କରେ, ଅବଶେଷରେ ବାହାରି ନିଜର ମୁକ୍ତ-ଭାବ ଫେରିଯାଏ । ସମଗ୍ର ଜଗତ ଏହା ହିଁ କରୁଅଛି; ଆମେ ଜାଣୁ ବା ନ ଜାଣୁ, ଜ୍ଞାତରେ ବା ଅଜ୍ଞାତରେ ସମସ୍ତେ ଏହି ଜଗତରୂପକ ସ୍ୱପ୍ନରୁ ବାହାରିବା ପାଇଁ କାର୍ଯ୍ୟ କରୁଛୁ । ସଂସାର-ଆବର୍ତ୍ତରୁ ମୁକ୍ତ ହେବା ପାଇଁ ମନୁଷ୍ୟର ଏହି ସାଂସାରିକ ଅଭିଜ୍ଞତା ।

କର୍ମଯୋଗ କଅଣ ? କର୍ମ-ରହସ୍ୟ ଅବଗତ ହେବା ହିଁ କର୍ମଯୋଗ । ଆମେମାନେ ଦେଖୁଛୁ ସମଗ୍ର ଜଗତ କର୍ମ କରୁଅଛି । କାହିଁକି ? ମୁକ୍ତି ପାଇଁ, ସ୍ୱାଧୀନତା ଲାଭ ପାଇଁ । ପରମାଣୁଠାରୁ ଆରମ୍ଭ କରି ମହୋଚ୍ଚ ପ୍ରାଣୀ ପର୍ଯ୍ୟନ୍ତ ସମସ୍ତେ ଜ୍ଞାତସାରରେ ବା ଅଜ୍ଞାତସାରରେ ସେହି ଏକ ଉଦ୍ଦେଶ୍ୟରେ କର୍ମ କରି ଚାଲିଛନ୍ତି; ସେହି ଉଦ୍ଦେଶ୍ୟ ବା ଲକ୍ଷ୍ୟ-ମନର ସ୍ୱାଧୀନତା, ଦେହର ସ୍ୱାଧୀନତା, ଆତ୍ମାର ସ୍ୱାଧୀନତା । ସକଳ ବସ୍ତୁ ସର୍ବଦା ମୁକ୍ତିଲାଭ କରିବା ପାଇଁ, ବନ୍ଧନ-ମୁକ୍ତ ହୋଇ ପଳାଇବା ପାଇଁ ଚେଷ୍ଟା କରୁଛନ୍ତି । ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ଗ୍ରହ-ସମସ୍ତେ ବନ୍ଧରୁ ପଳାୟନ କରିବା ପାଇଁ ଚେଷ୍ଟା କରୁଛନ୍ତି । ସମଗ୍ର ଜଗତକୁ ଏହି କେନ୍ଦ୍ରଅନୁସାରୀ ଓ କେନ୍ଦ୍ରଅପସାରୀ ଶକ୍ତିଦ୍ୱୟର କ୍ରୀଡ଼ାଭୂମି କୁହାଯାଇପାରେ । କର୍ମଯୋଗ ଆମକୁ କର୍ମରହସ୍ୟ, କର୍ମର ପ୍ରଣାଳୀ ଶିକ୍ଷା ଦିଏ । ଏହି ଜଗତର ଚତୁର୍ଦ୍ଦିଗରେ ଧକ୍କା ଖାଇ, ଅନେକ ବିଳମ୍ବ ଅନେକ ବିଚାର ବିବେଚନା ପରେ ଆମମାନେ କର୍ମଯୋଗରୁ କର୍ମର ରହସ୍ୟ, କର୍ମର ପ୍ରଣାଳୀ ଏବଂ କର୍ମର ସଂଗଠନୀ ଶକ୍ତି ଶିକ୍ଷା କରୁ । ବ୍ୟବହାର କରିବା ନ ଜାଣିଲେ ଆମର ବିପୁଳ ଶକ୍ତି ବୃଥା ନଷ୍ଟ ହୋଇପାରେ । କର୍ମଯୋଗ କାମ କରିବାକୁ ଗୋଟିଏ ସ୍ୱତନ୍ତ୍ର ବିଜ୍ଞାନରେ ପରିଣତ କରିଅଛି । ଏହି ବିଦ୍ୟାଦ୍ୱାରା ଜାଣିପାରିବ, ଏଜଗତରେ ସକଳ କର୍ମର ସଦ୍-ବ୍ୟବହାର କିପରି କରିବାକୁ ହୁଏ । କର୍ମ କରିବାକୁ ହିଁ ହେବ, ଏହା ଅପରିହାର୍ଯ୍ୟ—କିନ୍ତୁ ଉଚ୍ଚତମ ଉଦ୍ଦେଶ୍ୟରେ କର୍ମ କର । କର୍ମଯୋଗ ସାଧନାଦ୍ୱାରା ଆମେ ସ୍ୱୀକାର କରିବାକୁ ବାଧ ଯେ, ଏହି ଜଗତ ପାଞ୍ଚ ମିନିଟ୍ ପାଇଁ ଏବଂ ଏହାରି ମଧଦେଇ ଆମକୁ ଗତି କରିବାକୁ ପଡ଼ିବ; ଆହୁରି ସ୍ୱୀକାର କରିବାକୁ ପଡ଼େ ଯେ, ଏଠାରେ ମୁକ୍ତି ନାହିଁ, ମୁକ୍ତି ପାଇବା ପାଇଁ ଆମକୁ ଜଗତର ବାହାରକୁ ଯିବାକୁ ହେବ । ଜଗତ ବନ୍ଧନର ବାହାରକୁ ଯିବାର ପଥ ପାଇବା ପାଇଁ ଆମମାନଙ୍କୁ ଧୀରେ ଧୀରେ କିନ୍ତୁ ଦୃଢ଼ ପଦକ୍ଷେପରେ ଯିବାକୁ ହେବ । ଏପରି ସବୁ ଅସାଧାରଣ ମହାପୁରୁଷ ଥାଇପାରନ୍ତି, ଯେଉଁମାନଙ୍କ କଥା ମୁଁ ଏହିମାତ୍ର କହିଲି, ସେମାନେ ପୂରାପୂରି ଜଗତର ବାହରକୁ ଆସି ଦଣ୍ଡାୟମାନ ହୋଇ ତାହାକୁ ତ୍ୟାଗ କରିପାରନ୍ତି—ଯେପରି ସାପ ତାହାର କାତି ପରିତ୍ୟାଗ କରି ବାହାରୁ ଏହାକୁ ଦେଖେ । ଏହିପରି ଅସାଧାରଣ ମନୁଷ୍ୟ କେତେଜଣ ଅଛନ୍ତି ସନ୍ଦେହ ନାହିଁ; କିନ୍ତୁ ଅବଶିଷ୍ଟ ମାନବଗଣଙ୍କୁ ଧୀରେ ଧୀରେ କର୍ମମୟ ଜଗତ ମଧଦେଇ ଯିବାକୁ ପଡ଼ିବ । କର୍ମଯୋଗ ଅଳ୍ପ ଶକ୍ତି ନିୟୋଜିତ କରି ଅଧିକ ଫଳଲାଭ କରିବାର ପ୍ରଣାଳୀ, ରହସ୍ୟ ଓ ଉପାୟ ଦେଖାଇଦିଏ ।

କର୍ମଯୋଗ କଅଣ କହେ ? କର୍ମଯୋଗ କହେ, 'ନିରନ୍ତର କର୍ମ କର, କିନ୍ତୁ କର୍ମରେ ଆସକ୍ତି ତ୍ୟାଗ କର ।' କୌଣସି ବିଷୟ ସହିତ ନିଜକୁ ଜଡ଼ିତ କର ନାହିଁ । ମନକୁ ମୁକ୍ତ ରଖ । ଯାହା କିଛି ଦେଖୁଅଛ, ଦୁଃଖ-କଷ୍ଟ-ସମସ୍ତ ହିଁ ଜଗତର ଅପରିହାର୍ଯ୍ୟ ପରିବେଶ ମାତ୍ର, ଦାରିଦ୍ର୍ୟ, ଧନ ଓ ସୁଖ କ୍ଷଣସ୍ଥାୟୀ, ସେଗୁଡ଼ିକ ଆଦୌ ଆମର ସ୍ୱଭାବଗତ ନୁହେଁ । ଆମର ସ୍ୱରୂପ ଦୁଃଖ ଓ ସୁଖର ଅତୀତ—ପ୍ରତ୍ୟକ୍ଷ ବା କଳ୍ପନାର ଅତୀତ, ତଥାପି ଆମମାନଙ୍କୁ ସର୍ବଦା କର୍ମ କରିଯିବାକୁ

ହେବ । 'ଆସକ୍ତିରୁ ହିଁ ଦୁଃଖ ଆସେ, କର୍ମରୁ ନୁହେଁ ।'

ଯେତେବେଳେ ଆମେ ନିଜକୁ କର୍ମରୁ ଅଭିନ୍ନ କରିପକାଉ, ସେତିକିବେଳେ ଆମେ ଦୁଃଖ ଅନୁଭବ କରୁ, କିନ୍ତୁ କର୍ମ ସହିତ ନ ମିଶିଲେ ସେହି ଦୁଃଖ ଅନୁଭବ କରୁ ନାହିଁ । କାହାରି ସୁନ୍ଦର ଛବିଖଣ୍ଡେ ପୋଡ଼ିଗଲେ ସାଧାରଣତଃ ଅନ୍ୟ ଜଣକର ଦୁଃଖ ହୁଏ ନାହିଁ, କିନ୍ତୁ ଯଦି ତାର ନିଜର ଛବିଖଣ୍ଡକ ପୋଡ଼ିଯାଏ, ତାହା ହେଲେ ସେ କେତେ ଦୁଃଖ ବୋଧ କରେ ! କାହିଁକି ? ଦୁଇଟିଯାକ ସୁନ୍ଦର ଛବି, ହୁଏତ ଏକ ମୂଳ ଚିତ୍ରର ନକଲ, କିନ୍ତୁ ଗୋଟିଏ କ୍ଷେତ୍ର ଅପେକ୍ଷା ଅନ୍ୟ କ୍ଷେତ୍ରରେ ଦାରୁଣ ଦୁଃଖ ଅନୁଭୂତ ହୁଏ । ଏହାର କାରଣ—ଗୋଟିଏ କ୍ଷେତ୍ରରେ ମନୁଷ୍ୟ ଛବି ସହିତ ନିଜକୁ ଅଭିନ୍ନ କରିଅଛି, ଅନ୍ୟକ୍ଷେତ୍ରରେ ତାହା କରି ନାହିଁ । ଏହି 'ମୁଁ' ଓ 'ମୋର' ଭାବ ହିଁ ସକଳ ଦୁଃଖର କାରଣ । ଅଧିକାର ଭାବରୁ ହିଁ ସ୍ୱାର୍ଥ ଆସେ ଏବଂ ଏହି ସ୍ୱାର୍ଥପରତାରୁ ହିଁ ଦୁଃଖର ଆରମ୍ଭ । ପ୍ରତିଟି ସ୍ୱାର୍ଥପର କାର୍ଯ୍ୟ ବା ଚିନ୍ତା ଆମକୁ କୌଣସି ନା କୌଣସି ବିଷୟରେ ଆସକ୍ତ କରେ ଏବଂ ଆମେ ସଙ୍ଗେ ସଙ୍ଗେ ସେହି ବସ୍ତୁର ଦାସ ହୋଇପଡୁ । ଚିତ୍ତର ଯେ କୌଣସି ତରଙ୍ଗରୁ 'ମୁଁ ଓ ମୋର' ଭାବ ଉଦ୍‌ଥିତ ହୁଏ, ତାହା ତତ୍‌କ୍ଷଣାତ୍ ଆମମାନଙ୍କୁ ଶୃଙ୍ଖଳାବଦ୍ଧ କରି କ୍ରୀତଦାସରେ ପରିଣତ କରେ, ଆମେମାନେ ଯେତେ 'ମୁଁ ଓ ମୋର' କହୁ, ସେତେ ଦାସତ୍ୱ ବଢୁଥାଏ, ସେତେ ଦୁଃଖ ବଢୁଥାଏ । ଅତଏବ କର୍ମଯୋଗ କହେ—ଜଗତରେ ଯେତେ ଚିତ୍ର ଅଛି, ସବୁଗୁଡ଼ିକର ସୌନ୍ଦର୍ଯ୍ୟ ଉପଭୋଗ କର, କିନ୍ତୁ କୌଣସି ଗୋଟିଏ ସହିତ ନିଜକୁ ମିଶାଇଦିଅ ନାହିଁ; 'ମୋର'—ଏକଥା କେବେହେଲେ କହ ନାହିଁ । ଆମେ ଯେତେବେଳେ କହୁଁ, 'ଏଇଟା ମୋର' ସେତେବେଳେ ସଙ୍ଗେ ସଙ୍ଗେ ଦୁଃଖ ଆସେ । 'ମୋର ସନ୍ତାନ'—ଏକଥା ମନେ ମନେ ମଧ୍ୟ କହ ନାହିଁ; ପୁଅକୁ ଆଦର କର, ତାକୁ ନିଜ ଆୟତ୍ତରେ ରଖ, କିନ୍ତୁ 'ମୋର' ବୋଲି କହ ନାହିଁ । 'ମୋର' କହିଲେ ହିଁ ଦୁଃଖ ଆସିବ । 'ମୋର ଘର' 'ମୋ ଦେହ' ଏପରି ମଧ୍ୟ କହ ନାହିଁ । ଏହିଠାରେ ହିଁ ଅସୁବିଧା । ଏହି ଶରୀର ତୁମର ମଧ୍ୟ ନୁହେଁ, ମୋର ମଧ୍ୟ ନୁହେଁ, କାହାରି ହେଲେ ନୁହେଁ । ଏଗୁଡ଼ିକ ପ୍ରକୃତିର ନିୟମ ଅନୁସାରେ ଆସୁଛି, ଯାଉଛି; କିନ୍ତୁ ଆମେ ମୁକ୍ତ—ସାକ୍ଷୀସ୍ୱରୂପ । ଖଣ୍ଡିଏ ଛବି ବା କାନ୍ଥର ଯେତିକି ସ୍ୱାଧୀନତା ଅଛି, ଦେହର ସେତିକି ମଧ୍ୟ ନାହିଁ । ଗୋଟିଏ ଦେହ ପ୍ରତି ଆମେ ଏତେ ଆସକ୍ତି ହେବୁ କାହିଁକି ? ଯଦି କେହି ଖଣ୍ଡିଏ ଚିତ୍ର ଆଙ୍କେ, ସେ ସେଇଟି ଶେଷ କରି ଅନ୍ୟଟିରେ ହାତ ଦିଏ । 'ମୁଁ ଏହା ଅଧିକାର କରିବି'—ବୋଲି ସ୍ୱାର୍ଥଜାଲ ବିସ୍ତାର କର ନାହିଁ । ଯେତେବେଳେ ଏହି ସ୍ୱାର୍ଥଜାଲ ବିସ୍ତୃତ ହୁଏ, ସେତେବେଳେ ହିଁ ଦୁଃଖର ଆରମ୍ଭ ହୁଏ ।

ଅତଏବ କର୍ମଯୋଗ କହେ ଯେ, ପ୍ରଥମେ ଏହି ସ୍ୱାର୍ଥପରତାର ଜାଲ ବିସ୍ତାର କରିବାର ପ୍ରବୃତ୍ତି ବିନଷ୍ଟ କର, ଯେତେବେଳେ ତାହା ଦମନ କରିବାର ଶକ୍ତି ଲାଭ କରିବ, ସେତିକିବେଳେ ମନକୁ ଆଉ ସ୍ୱାର୍ଥପରତା-ତରଙ୍ଗରେ ପରିଣତ ହେବାକୁ ଦେବ ନାହିଁ । ତା'ପରେ ସଂସାରକୁ ଯାଇ ଯେତେ ପାର କର୍ମ କର, ସର୍ବତ୍ର ଯାଇ ମିଳାମିଶା କର, ଯେଉଁଠାକୁ ଇଚ୍ଛା ଯାଅ, ମନ୍ଦର ସ୍ପର୍ଶ ତୁମକୁ କେବେହେଲେ ଦୂଷିତ କରିପାରିବ ନାହିଁ । ପଦ୍ମପତ୍ରରେ ଜଳ ଯେପରି କେବେହେଲେ ଲିପ୍ତ ହୁଏ ନାହିଁ, ତୁମେ ମଧ୍ୟ ସେହିପରି ସଂସାରରେ ନିର୍ଲିପ୍ତ ଭାବରେ ରହିବ; ଏହା ହିଁ 'ବୈରାଗ୍ୟ' ବା ଅନାସକ୍ତି । ମନେହୁଏ, ତୁମମାନଙ୍କୁ କହିଅଛି ଯେ ଅନାସକ୍ତି ବ୍ୟତୀତ କୌଣସି ପ୍ରକାର 'ଯୋଗ' ହୋଇପାରେ ନାହିଁ । ଅନାସକ୍ତି ହିଁ ସକଳ ଯୋଗର ଭିତ୍ତି । ଯେଉଁ ବ୍ୟକ୍ତି

ଉତ୍ତମ ଗୃହରେ ବାସ ନ କରି, ଉତ୍ତମ ବସ୍ତ୍ର ପରିଧାନ ନ କରି ଏବଂ ସୁଖାଦ୍ୟ ଭୋଜନ ପରିତ୍ୟାଗ କରି ମରୁଭୂମିରେ ବାସ କରେ, ସେ ଅତିଶୟ ଆସକ୍ତ ହୋଇପାରେ । ତାର ଏକମାତ୍ର ସମ୍ବଳ ନିଜର ଦେହ ତା ନିକଟରେ ସର୍ବସ୍ୱ ହୋଇପାରେ, କ୍ରମଶଃ ତାହାକୁ ତା ଦେହ ପାଇଁ ପ୍ରାଣପଣ ସଂଗ୍ରାମ କରିବାକୁ ହେବ । ଅନାସକ୍ତି କେବଳ ବାହାରେ ଆମ ଦେହ ସମ୍ପର୍କୀୟ ନୁହେଁ, ଏହା ମନରେ । 'ମୁଁ' ଓ 'ମୋର'—ଏହି ବନ୍ଧନର ଶୃଙ୍ଖଳ ମନରେ ହିଁ ରହିଅଛି । ଯଦି ଶରୀର ସହିତ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟସମୂହ ସହିତ ଯୋଗ ନ ଥାଏ, ତେବେ ଆମେ ଯେଉଁଠାରେ ରହୁନା କାହିଁକି, ଯାହା ହେଉନା କାହିଁକି, ଆମେ ଅନାସକ୍ତ । ଜଣେ ସିଂହାସନରେ ଉପବିଷ୍ଟ ହୋଇ ସମ୍ପୂର୍ଣ୍ଣ ଅନାସକ୍ତ ହୋଇପାରେ, ଅନ୍ୟ ଜଣେ ହୁଏତ ଛିନ୍ନବସ୍ତ୍ର ପରିଧାନ କରି ମଧ୍ୟ ଘୋର ଆସକ୍ତ । ପ୍ରଥମେ ଆମମାନଙ୍କୁ ଏହି ଅନାସକ୍ତ ଅବସ୍ଥା ଲାଭ କରିବାକୁ ହେବ, ତା'ପରେ ନିରନ୍ତର କାର୍ଯ୍ୟ କରିବାକୁ ହେବ । ଯେଉଁ କର୍ମପ୍ରଣାଳୀ ଆମମାନଙ୍କୁ ସର୍ବପ୍ରକାର ଆସକ୍ତି ତ୍ୟାଗ କରିବା ପାଇଁ ସାହାର୍ଯ୍ୟ କରେ କର୍ମଯୋଗ ତାହା ହିଁ ଆମମାନଙ୍କୁ ଦେଖାଇଦିଏ । ଅବଶ୍ୟ ଏହା କରିବା ଅତି କଠିନ ।

ସକଳ ଆସକ୍ତି ତ୍ୟାଗ କରିବାର ଦୁଇଟି ଉପାୟ ଅଛି । ଗୋଟିଏ ହେଲା—ଯେଉଁମାନେ ଈଶ୍ୱର କିମ୍ବା ଅନ୍ୟ କୌଣସି ବାହାର ସହାୟତା ଉପରେ ବିଶ୍ୱାସ କରନ୍ତି ନାହିଁ ସେମାନଙ୍କ ପାଇଁ । ସେମାନେ ନିଜର କୌଶଳ ବା ଉପାୟ ଅବଲମ୍ବନ କରନ୍ତି । ସେମାନଙ୍କୁ ନିଜର ଇଚ୍ଛାଶକ୍ତି, ମନଶକ୍ତି ଓ ବିଚାର ଅବଲମ୍ବନ କରି କର୍ମ କରିବାକୁ ହେବ—ସେମାନଙ୍କୁ ଜୋର ଦେଇ କହିବାକୁ ହେବ, 'ମୁଁ ନିଶ୍ଚୟ ଅନାସକ୍ତ ହେବି ।' ଅନ୍ୟଟି ହେଲା—ଯେଉଁମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ପକ୍ଷରେ ଏହା ଅପେକ୍ଷାକୃତ ସହଜ । ସେମାନେ ସମସ୍ତ କର୍ମଫଳ ଭଗବାନଙ୍କଠାରେ ଅର୍ପଣ କରି କାର୍ଯ୍ୟ କରିଯାଆନ୍ତି ସୁତରାଂ କର୍ମଫଳରେ ଆସକ୍ତ ହୁଅନ୍ତି ନାହିଁ । ସେମାନେ ଯାହା କିଛି ଦେଖନ୍ତି, ଅନୁଭବ କରନ୍ତି, ଶୁଣନ୍ତି ବା କରନ୍ତି, ସମସ୍ତ ହିଁ ଭଗବାନଙ୍କ ପାଇଁ । ଆମେ ଯେକୌଣସି ଭଲ କାମ କରୁନା କାହିଁକି, ତାହା ପାଇଁ କୌଣସି ପ୍ରଶଂସା ବା ସୁବିଧା ଯେପରି ଦାବୀ ନ କରୁ । ତାହା ପ୍ରଭୁଙ୍କର, ସୁତରାଂ କର୍ମଫଳ ତାଙ୍କୁ ହିଁ ଅର୍ପଣ କର । ଆମମାନଙ୍କୁ ଗୋଟିଏ ପାଖରେ ଛିଡ଼ା ହୋଇ ଭାବିବାକୁ ହେବ, ଆମେ ପ୍ରଭୁଙ୍କର ଆଜ୍ଞାବହ ଭୃତ୍ୟ ମାତ୍ର ଏବଂ ଆମର ପ୍ରତ୍ୟେକ କର୍ମପ୍ରବୃତ୍ତି ପ୍ରତି ମୁହୂର୍ତ୍ତରେ ତାଙ୍କ ନିକଟରୁ ହିଁ ଆସୁଅଛି ।

ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍ ॥*

'ଯାହା କିଛି କାର୍ଯ୍ୟ କର, ଯାହା କିଛି ଭୋଗ କର, ଯାହା କିଛି ପୂଜା ହୋମ କର, ଯାହା କିଛି ଦାନ କର, ଯାହା କିଛି ତପସ୍ୟା କର, ସବୁ ମୋତେ (ଅର୍ଥାତ୍ ଭଗବାନଙ୍କଠାରେ) ଅର୍ପଣ କରି ଶାନ୍ତଭାବେ ଅବସ୍ଥାନ କର ।' ଆମେମାନେ ନିଜେ ଯେପରି ସମ୍ପୂର୍ଣ୍ଣ ଶାନ୍ତ ଭାବରେ ଥାଉ ଏବଂ ଆମମାନଙ୍କ ଶରୀର ମନ ଓ ସବୁକିଛି ଭଗବାନଙ୍କ ଉଦ୍ଦେଶ୍ୟରେ ଚିରଦିନ ପାଇଁ ବଳିପ୍ରଦତ୍ତ ହୁଏ । ଅଗ୍ନିରେ ଘୃତାହୁତି ଦେଇ ଯଜ୍ଞ କରିବା ପରିବର୍ତ୍ତେ ଅହୋରାତ୍ର ଏହି କ୍ଷୁଦ୍ର 'ଅହଂ'କୁ ଆହୁତି ଦାନରୂପକ ମହାଯଜ୍ଞ କର ।

* ଗୀତା, ୯/୨୭

'ଜଗତରେ ଧନ ଅନ୍ୱେଷଣ କରିବାକୁ ଯାଇ ଏକମାତ୍ର ତୁମକୁ ହିଁ ଧନରୂପେ ପାଇଅଛି, ତୁମରି ଚରଣରେ ନିଜକୁ ଅର୍ପଣ କଲି । ଜଗତରେ ଜଣେ ପ୍ରେମାସ୍ପଦକୁ ଖୋଜି ଖୋଜି ଏକମାତ୍ର ପ୍ରେମାସ୍ପଦ ତୁମକୁ ହିଁ ପାଇଅଛି, ତୁମଠାରେ ଆତ୍ମସମର୍ପଣ କଲି ।' ଦିବାରାତ୍ର ଆବୃତ୍ତି କରିବାକୁ ହେବ: 'ମୋ ପାଇଁ କିଛି ନୁହେଁ, କେଉଁ ବସ୍ତୁ ଶୁଭ, ଅଶୁଭ ବା ନିରପେକ୍ଷ —ଯାହାହେଉ ନା କାହିଁକି, ମୋ ପକ୍ଷରେ ସମସ୍ତ ସମାନ; ମୁଁ କିଛି ଗ୍ରାହ୍ୟ କରେ ନାହିଁ, ମୁଁ ସବୁକିଛି ତୁମର ଚରଣରେ ଅର୍ପଣ କଲି ।'

ଦିବାରାତ୍ର ଏହି ଆପାତ-ପ୍ରତୀୟମାନ 'ଅହଂ' ଭାବ ତ୍ୟାଗ କରିବାକୁ ହେବ, ଯେପର୍ଯ୍ୟନ୍ତ ଏହି ତ୍ୟାଗ ଭାବ ଗୋଟିଏ ଅଭ୍ୟାସରେ ପରିଣତ ନ ହୋଇଛି, ଯେପର୍ଯ୍ୟନ୍ତ ତାହା ପ୍ରତି ଶିରାରେ, ମଜ୍ଜାରେ ଓ ମସ୍ତିଷ୍କରେ ପ୍ରବେଶ ନ କରିଛି ଏବଂ ସମଗ୍ର ଶରୀରଟି ପ୍ରତି ମୁହୂର୍ତ୍ତରେ ଏହି ଆତ୍ମତ୍ୟାଗରୂପକ ଭାବରେ ଅନୁଗତ ନ ହୋଇଛି । ମନର ଏପରି ଅବସ୍ଥାରେ କମାଣର ଗର୍ଜନ ଓ କୋଳାହଳପୂର୍ଣ୍ଣ ରଣକ୍ଷେତ୍ର ମଧ୍ୟରେ ଗମନ କଲେ ମଧ୍ୟ ଅନୁଭବ କରିବ, ତୁମେ ମୁକ୍ତ ଓ ଶାନ୍ତ ।

କର୍ମଯୋଗ ଆମମାନଙ୍କୁ ଶିକ୍ଷା ଦିଏ—କର୍ତ୍ତବ୍ୟର ସାଧାରଣ ଭାବ କେବଳ ନିମ୍ନଭୂମିରେ ହିଁ କରଣୀୟ, ତଥାପି ଆମ ପ୍ରତ୍ୟେକକୁ ହିଁ କର୍ମ କରିବାକୁ ହେବ । କିନ୍ତୁ ଆମେ ଦେଖୁଛୁ, ଏହି ଅଦ୍ଭୂତ କର୍ତ୍ତବ୍ୟବୋଧ ଅନେକ ସମୟରେ ଆମମାନଙ୍କ ଦୁଃଖର ଗୋଟିଏ ବଡ଼ କାରଣ । କର୍ତ୍ତବ୍ୟ ଆମ ପକ୍ଷରେ ରୋଗ ବିଶେଷ ହୋଇଥାଏ ଏବଂ ଆମମାନଙ୍କୁ ସର୍ବଦା ତା'ପଟକୁ ଟାଣି ନିଏ । କର୍ତ୍ତବ୍ୟ ଆମମାନଙ୍କୁ ଧରିରଖେ ଏବଂ ଆମର ସମଗ୍ର ଜୀବନଟାକୁ ଦୁଃଖପୂର୍ଣ୍ଣ କରେ । ଏହା ମନୁଷ୍ୟ ଜୀବନର ବିଭୀଷିକାସ୍ୱରୂପ । ଏହି କର୍ତ୍ତବ୍ୟ—ଏହି କର୍ତ୍ତବ୍ୟବୁଦ୍ଧି ଗ୍ରୀଷ୍ମକାଳର ମଧ୍ୟାହ୍ନ ସୂର୍ଯ୍ୟ; ଏହା ମନୁଷ୍ୟର ଅନ୍ତରାତ୍ମାକୁ ଦଗ୍ଧ କରିଦିଏ । ଏହିସବୁ କର୍ତ୍ତବ୍ୟର ହତଭାଗ୍ୟ କ୍ରୀତଦାସମାନଙ୍କ ଆଡ଼କୁ ଅନାଇଁ ଦେଖ ! କର୍ତ୍ତବ୍ୟ—ବିଚାରମାନଙ୍କୁ ଭଗବାନଙ୍କୁ ଡ଼ାକିବା ପାଇଁ ସମୟ ଟିକିଏ ମଧ୍ୟ ଦିଏ ନାହିଁ, ସ୍ନାନାହାର ପାଇଁ ସମୟ ପର୍ଯ୍ୟନ୍ତ ଦିଏ ନାହିଁ । କର୍ତ୍ତବ୍ୟ ଯେପରି ସର୍ବଦା ସେମାନଙ୍କ ମୁଣ୍ଡ ଉପରେ ଝୁଲୁଅଛି । ସେମାନେ ଘରୁ ବାହାରକୁ ଯାଇ କାର୍ଯ୍ୟ କରନ୍ତି, ସେମାନଙ୍କ ମୁଣ୍ଡ ଉପରେ କର୍ତ୍ତବ୍ୟ ! ସେମାନେ ଘରକୁ ଫେରିଆସି ପୁନରାୟ ତା'ପରେ ଦିନର କର୍ତ୍ତବ୍ୟ କଥା ଚିନ୍ତା କରନ୍ତି; କର୍ତ୍ତବ୍ୟର କବଳରୁ ମୁକ୍ତି ନାହିଁ ! ଏହା ତ କ୍ରୀତଦାସର ଜୀବନ-ଅବଶେଷରେ ଘୋଡ଼ା ଭଳି ଗାଡ଼ିରେ ଯୋଚା ଅବସ୍ଥାରେ କ୍ଳାନ୍ତ ଅବସନ୍ନ ହୋଇ ପଥରେ ପଡ଼ିଯାଇ ମୃତ୍ୟୁବରଣ କରନ୍ତି ! କର୍ତ୍ତବ୍ୟ କହିଲେ ଲୋକେ ଏହା ହିଁ ବୁଝିଥାଆନ୍ତି । ଅନାସକ୍ତ ହେବା, ମୁକ୍ତ ପୁରୁଷ ଭଳି କର୍ମ କରିବା ଏବଂ ସମୁଦାୟ କର୍ମ ଈଶ୍ୱରଙ୍କଠାରେ ସମର୍ପଣ କରିବା ହିଁ ଆମର ଏକମାତ୍ର ପ୍ରକୃତ କର୍ତ୍ତବ୍ୟ । ଆମମାନଙ୍କର ସକଳ କର୍ତ୍ତବ୍ୟ ହିଁ ଈଶ୍ୱରଙ୍କର । ଆମେ ଯେ ଜଗତକୁ ପ୍ରେରିତ ହୋଇଛୁ, ସେଥିପାଇଁ ଆମେ ଧନ୍ୟ । ଆମେ ଆମର ନିର୍ଦ୍ଦିଷ୍ଟ କର୍ମ କରି ଚାଲିଛୁ;ଗଗଗ କିଏ ଜାଣେ, ଭଲ କରୁଛି କି ମନ୍ଦ କରୁଛି ? ଭଲ ଭାବରେ କର୍ମ କଲେ ମଧ୍ୟ ଆମେ ଫଳ ଭୋଗ କରିବା ନାହିଁ, ମନ୍ଦ ଭାବରେ କଲେ ମଧ୍ୟ ଚିନ୍ତା ଦୂର ହେବ ନାହିଁ । ଶାନ୍ତ ଓ ମୁକ୍ତଭାବରେ କାର୍ଯ୍ୟ କରିଯାଅ । ଏହି ମୁକ୍ତ ଅବସ୍ଥା ଲାଭ କରିବା ଅତ୍ୟନ୍ତ କଠିନ । ଦାସତ୍ୱକୁ କର୍ତ୍ତବ୍ୟ କହି ଦେହ ପ୍ରତି ଦେହର ଅସ୍ୱାଭାବିକ ଆସକ୍ତିକୁ କର୍ତ୍ତବ୍ୟ କହି ବ୍ୟାଖ୍ୟା କରିବା କେଡ଼େ ସହଜ ! ସଂସାରରେ ମନୁଷ୍ୟ ଟଙ୍କା ପାଇଁ ବା ଅନ୍ୟ କିଛି ପାଇଁ

ସଂଗ୍ରାମ କରେ, ଚେଷ୍ଟାକରେ ଏବଂ ଆସକ୍ତ ହୁଏ । ଯଦି ପଚାର କାହିଁକି ସେମାନେ ତାହା କରୁଛନ୍ତି, ସେମାନେ କହିବେ, 'ଏହା ଆମର କର୍ତ୍ତବ୍ୟ ।' ପ୍ରକୃତରେ ତାହା କାଞ୍ଚନ ପାଇଁ ଅସ୍ୱାଭାବିକ ତୃଷ୍ଣା ମାତ୍ର । ଏହି ତୃଷ୍ଣାକୁ ସେମାନେ କେତେଗୁଡ଼ିଏ ଫୁଲ ଦେଇ ଘୋଡ଼ାଇବାର ଚେଷ୍ଟା କରୁଛନ୍ତି ।

ତେବେ ଶେଷ ପର୍ଯ୍ୟନ୍ତ କର୍ତ୍ତବ୍ୟ କହିଲେ କଅଣ ବୁଝାଏ ? ତାହା କେବଳ ଦେହ-ମନର ଆବେଗ—ଆସକ୍ତିର ତାଡ଼ନା । କୌଣସି ଆସକ୍ତି ବଦ୍ଧମୂଳ ହେଲେ ଆମେ ତାହାକୁ କର୍ତ୍ତବ୍ୟ କହିଥାଉ । ଦୃଷ୍ଟାନ୍ତ ସ୍ୱରୂପ : ଯେଉଁ ଦେଶମାନଙ୍କରେ ବିବାହ ନାହିଁ, ସେ ଦେଶମାନଙ୍କରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କିଛି କର୍ତ୍ତବ୍ୟ ମଧ୍ୟ ନାହିଁ । ସମାଜରେ ଯେଉଁ ସମୟରେ ବିବାହପ୍ରଥା ପ୍ରଚଳିତ ହୁଏ, ସେ ସମୟରେ ସ୍ୱାମୀ ଓ ସ୍ତ୍ରୀ ଆସକ୍ତି ବଶତଃ ଏକତ୍ର ବାସ କରନ୍ତି । ପୁରୁଷାନୁକ୍ରମେ ଏହିପରି ରହିବା ପରେ ଏକତ୍ର ବାସ କରିବା ରୀତିରେ ପରିଣତ ହେଲା; ସେତେବେଳେ ଏହା କର୍ତ୍ତବ୍ୟ ରୂପେ ଆମ ଆଗରେ ଛିଡ଼ା ହେଲା । କହିବାକୁ ଗଲେ ତାହା ଏକପ୍ରକାର ପୁରାତନ ବ୍ୟାଧି । ଏହା ଯେତେବେଳେ ପ୍ରବଳାକାରରେ ଦେଖାଦିଏ, ସେତେବେଳେ ଆମେ ଏହାକୁ 'ରୋଗ' କହୁ; ଯେତେବେଳେ ଏହା ସ୍ଥାୟୀ ହୁଏ, ସେତେବେଳେ ଆମେ ଏହାକୁ 'ସ୍ୱଭାବ' କହିଥାଉ । ଯାହା ହେଉନା କାହିଁକି ଏହା ରୋଗମାତ୍ର । ଆସକ୍ତି ଯେବେ ପ୍ରକୃତିଗତ ହୁଏ, ସେତେବେଳେ ତାକୁ 'କର୍ତ୍ତବ୍ୟ' ରୂପେ ଆଡ଼ମ୍ବରପୂର୍ଣ୍ଣ ନାମରେ ଅଭିହିତ କରିଥାଉ । ଆମେ ଏହା ଉପରେ ଫୁଲ ଚଢାଇଦେଉ, ତଦୁପଲକ୍ଷେ ତୁରୀଭେରୀ ମଧ୍ୟ ବଜାଉ, ତାହା ପାଇଁ ଶାସ୍ତ୍ରର ମନ୍ତ୍ର ଉଚ୍ଚାରଣ କରାହୁଏ । ସେତେବେଳେ ସମଗ୍ର ଜଗତ ଏହି କର୍ତ୍ତବ୍ୟର ଅନୁରୋଧରେ ସଂଗ୍ରାମରେ ମତ୍ତ ହୁଏ ଏବଂ ମନୁଷ୍ୟ ପରସ୍ପରର ଦ୍ରବ୍ୟ ଆଗ୍ରହ ସହକାରେ ଅପହରଣ କରିବାକୁ ଆରମ୍ଭ କରେ ।

କିନ୍ତୁ କର୍ତ୍ତବ୍ୟ ଗୋଟିଏ ହିସାବରେ କେତେ ପରିମାଣରେ ଭଲ-କାରଣ, ତାହାଦ୍ୱାରା ପଶୁଭାବ କେତେକାଂଶରେ ସଂଯତ ହୁଏ । ଯେଉଁମାନେ ଅତିଶୟ ନିମ୍ନାଧିକାରୀ, ଯେଉଁମାନେ ଅନ୍ୟ କୌଣସି ପ୍ରକାର ଆଦର୍ଶ ଧାରଣା କରିପାରନ୍ତି ନାହିଁ, ସେମାନଙ୍କ ପକ୍ଷରେ କର୍ତ୍ତବ୍ୟ କେତେ ପରିମାଣରେ ଅବଶ୍ୟ ଭଲ; କିନ୍ତୁ ଯେଉଁମାନେ କର୍ମଯୋଗୀ ହେବାକୁ ଇଚ୍ଛା କରନ୍ତି, ସେମାନଙ୍କୁ କର୍ତ୍ତବ୍ୟ-ଭାବ ସମ୍ପୂର୍ଣ୍ଣରୂପେ ଦୂର କରିବାକୁ ହେବ । ତୁମ ମୋ ପକ୍ଷରେ କୌଣସି କର୍ତ୍ତବ୍ୟ ନାହିଁ । ଜଗତକୁ ଯାହା ଦେବାର ଅଛି ଅବଶ୍ୟ ତାହା ଦିଅ; କିନ୍ତୁ କର୍ତ୍ତବ୍ୟ ହିସାବରେ ନୁହେଁ । ସେଥିପାଇଁ କିଛି ଚିନ୍ତା କରନାହିଁ । ବାଧ୍ୟ ହୋଇ କିଛି କରନାହିଁ । ବାଧ୍ୟ ହୋଇ କଅଣ କରିବ ? ବାଧ୍ୟ ହୋଇ ଯାହା କିଛି କରିବ, ତାହା ଦ୍ୱାରା କେବଳ ଆସକ୍ତି ବର୍ଦ୍ଧିତ ହୁଏ । କର୍ତ୍ତବ୍ୟ ବୋଲି ତୁମର କିଛି ରହିବ କାହିଁକି ?

'ସବୁ ଈଶ୍ୱରଙ୍କଠାରେ ସମର୍ପଣ କର ।' ଏହି ସଂସାର—ରୂପକ ଭୟଙ୍କର ଅଗ୍ନିମୟ କଟାହରେ—ଯେଉଁଠାରେ କର୍ତ୍ତବ୍ୟରୂପକ ଅନଳ ସମସ୍ତଙ୍କୁ ଦଗ୍ଧ କରୁଛି, ସେଠାରେ ଈଶ୍ୱର-ରୂପକ ଅମୃତ ପାନ କରି ସୁଖୀ ହୁଅ । ଆମେ ସମସ୍ତେ କେବଳ ତାଙ୍କର ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଅଛୁ, ପୁରସ୍କାର ବା ଶାସ୍ତି ସହିତ ଆମର କୌଣସି ସମ୍ପର୍କ ନାହିଁ । ଯଦି ପୁରସ୍କାର ପାଇବା ପାଇଁ ଇଚ୍ଛା କର, ତେବେ ତା ସହିତ ତୁମକୁ ଶାସ୍ତି ମଧ୍ୟ ଭୋଗିବାକୁ ପଡ଼ିବ । ଶାସ୍ତି ଏଡ଼ାଇବାର ଏକମାତ୍ର ଉପାୟ ପୁରସ୍କାର ତ୍ୟାଗ କରିବା । ଦୁଃଖ ଦୂର କରିବାର ଏକମାତ୍ର

ଉପାୟ—ସୁଖର ଭାବ ମଧ୍ୟ ତ୍ୟାଗ କରିବା, କାରଣ ଉଭୟେ ଏକ ସୂତ୍ରରେ ଗ୍ରଥିତ । ଗୋଟିଏ ପଟରେ ସୁଖ, ଅନ୍ୟ ପଟରେ ଦୁଃଖ । ଏକ ପାଖରେ ଜୀବନ ଓ ଅନ୍ୟ ପାଖରେ ମୃତ୍ୟୁ । ଏହି ମୃତ୍ୟୁକୁ ଅତିକ୍ରମ କରିବାର ଏକମାତ୍ର ଉପାୟ—ଜୀବନ ପ୍ରତି ଅନୁରାଗ ତ୍ୟାଗ କରିବା । ଜୀବନ ଓ ମୃତ୍ୟୁ ଗୋଟିଏ ଜିନିଷ, ଏକ ବସ୍ତୁର ବିଭିନ୍ନ ଦିଗ ମାତ୍ର । ଅତଏବ 'ଦୁଃଖଶୂନ୍ୟ ସୁଖ' ଏବଂ 'ମୃତ୍ୟୁହୀନ ଜୀବନ' କଥାଗୁଡ଼ିକ ବିଦ୍ୟାଳୟର ଛାତ୍ରଗଣ ଓ ଶିଶୁମାନଙ୍କ ପକ୍ଷରେ ଭଲ; କିନ୍ତୁ ଚିନ୍ତାଶୀଳ ବ୍ୟକ୍ତି ଦେଖନ୍ତି, ବାକ୍ୟଗୁଡ଼ିକ ସ୍ୱବିରୋଧୀ, ସୁତରାଂ ସେ ଦୁଇଟିକୁ ହିଁ ପରିତ୍ୟାଗ କରନ୍ତି । ଯାହାକିଛି କର, ସେଥିପାଇଁ ପ୍ରଶଂସା ବା ପୁରସ୍କାର ଆଶା କର ନାହିଁ । ଏହା ଅତି କଠିନ । ଆମେ ଯଦି କୌଣସି ଭଲ କାମ କରୁ, ସଙ୍ଗେ ସଙ୍ଗେ ତା'ପାଇଁ ପ୍ରଶଂସା ଆଶା କରିବାକୁ ଆରମ୍ଭ କରୁ । ଯେତେବେଳେ ଆମେ କୌଣସି ଚାନ୍ଦା ଦେଉ, ସେତେବେଳେ ଆମେ ଆମର ନାମ ଖବରକାଗଜରେ ଦେଖିବାକୁ ଇଚ୍ଛା କରିଥାଉ । ଏପରି ବାସନାର ଫଳ ଅବଶ୍ୟ ହିଁ ଦୁଃଖ । ଜଗତର ଶ୍ରେଷ୍ଠ ମାନବଗଣ ଅଜ୍ଞାତ ଭାବରେ ହିଁ ଚାଲିଯାଇଛନ୍ତି । ଯେଉଁସବୁ ମହାପୁରୁଷମାନଙ୍କ ବିଷୟରେ ଜଗତ କିଛି ହେଲେ ଜାଣେ ନାହିଁ, ସେମାନଙ୍କ ତୁଳନାରେ ଆମର ପରିଚିତ ବୁଦ୍ଧଗଣ ଓ ଖ୍ରୀଷ୍ଟଗଣ ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତିମାତ୍ର । ଏହିପରି ଶତ ଶତ ବ୍ୟକ୍ତି ପ୍ରତି ଦେଶରେ ଆବିର୍ଭୂତ ହୋଇ ନୀରବରେ କାର୍ଯ୍ୟ କରିଯାଇଛନ୍ତି । ନୀରବରେ ଜୀବନଯାପନ କରି ନୀରବରେ ଚାଲିଯାଆନ୍ତି; ସମୟରେ ସେମାନଙ୍କର ଚିନ୍ତାରାଶି ବୁଦ୍ଧ ଓ ଖ୍ରୀଷ୍ଟତୁଲ୍ୟ ମହାମାନବଙ୍କ ମାଧ୍ୟମରେ ବ୍ୟକ୍ତଭାବ ଧାରଣ କରେ । ଏହି ଶେଷୋକ୍ତ ବ୍ୟକ୍ତିଗଣ ହିଁ ଆମ ନିକଟରେ ପରିଚିତ ହୁଅନ୍ତି । ଶ୍ରେଷ୍ଠ ମହାପୁରୁଷଗଣ ସେମାନଙ୍କ ଜ୍ଞାନ ପାଇଁ କୌଣସି ନାମ-ଯଶ ଆକାଙ୍କ୍ଷା କରନ୍ତି ନାହିଁ । ସେମାନେ ଜଗତକୁ ସେମାନଙ୍କର ଭାବ ଦେଇ ଯାଆନ୍ତି । ସେମାନେ ନିଜ ନିଜ ପାଇଁ କିଛି ଦାବୀ କରନ୍ତି ନାହିଁ, ନିଜ ନିଜ ନାମରେ କୌଣସି ସମ୍ପ୍ରଦାୟ ବା ଧର୍ମମତ ସ୍ଥାପନ କରିଯାଆନ୍ତି ନାହିଁ ଏପରି କରିବା ପାଇଁ ତାଙ୍କର ସମଗ୍ର ପ୍ରକୃତି ସଙ୍କୁଚିତ ହୁଏ । ସେମାନେ ଶୁଦ୍ଧ –ସ୍ୱାତ୍ତ୍ୱିକ; ସେମାନେ କେବେହେଲେ କୌଣସି ଆନ୍ଦୋଳନ ସୃଷ୍ଟି କରିପାରନ୍ତି ନାହିଁ, ସେମାନେ କେବଳ ମାନବ ପାଇଁ ପ୍ରେମରେ ବିଗଳିତ ହୋଇ ଯାଆନ୍ତି । ମୁଁ ଏହିପରି ଜଣେ ଯୋଗୀ*ଙ୍କୁ ଦେଖିଛି, ସେ ଭାରତରେ ଏକ ଗୁମ୍ଫା ବା ଗୁହାରେ ବାସ କରନ୍ତି । ମୁଁ ଯେତେ ଆଶ୍ଚର୍ଯ୍ୟ ମନୁଷ୍ୟ ଦେଖିଅଛି , ସେ ସେମାନଙ୍କ ମଧ୍ୟରୁ ଅନ୍ୟତମ । ସେ ତାଙ୍କର ବ୍ୟକ୍ତିଗତ ଅହଂର ଭାବକୁ ଏପରି ବିଲୁପ୍ତ କରିଛନ୍ତି ଯେ, ଅନାୟାସରେ କୁହାଯାଇପାରେ, ତାଙ୍କର ମନୁଷ୍ୟ ଭାବ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଅଛି, କେବଳ ବ୍ୟାପକ ଈଶ୍ୱରୀୟ ଭାବ ତାଙ୍କ ହୃଦୟକୁ ପୂର୍ଣ୍ଣକରି ରଖିଛି । ଯଦି କୌଣସି ପ୍ରାଣୀ ତାଙ୍କର ଗୋଟଏ ହାତ ଦଂଶନ କରେ, ସେ ତାକୁ ଅପର ହାତଟି ଦେବାକୁ ପ୍ରସ୍ତୁତ ଏବଂ କହନ୍ତି ଯେ ଏହା ପ୍ରଭୁଙ୍କ ଇଚ୍ଛା । ଯାହା କିଛି ତାଙ୍କ ନିକଟକୁ ଆସେ, ସେ ମନେକରନ୍ତି—ସବୁ ହିଁ ପ୍ରଭୁଙ୍କ ନିକଟରୁ ଆସିଅଛି । ସେ ଲୋକ ସମ୍ମୁଖକୁ ବାହାରନ୍ତି ନାହିଁ, ଅଥଚ ସେ ପ୍ରେମ, ସତ୍ୟ ଓ ମଧୁର—ଭାବରାଶିର ଅଫୁରନ୍ତ ଭଣ୍ଡାର ।

ତା'ପରେ ଅପେକ୍ଷାକୃତ ଅଧିକ ରଜଃଶକ୍ତିସମ୍ପନ୍ନ ବା ସଂଗ୍ରାମଶୀଳ ଯୁବକମାନଙ୍କର ସ୍ଥାନ । ସେମାନେ ସିଦ୍ଧପୁରୁଷଗଣଙ୍କର ଭାବରାଶି ଗ୍ରହଣ କରି ଜଗତରେ ପ୍ରଚାର କରନ୍ତି ।

---

*ଗାଜିପୁରର ପାଓହାରୀ ବାବା

ଶ୍ରେଷ୍ଠ ପୁରୁଷଗଣ ସତ୍ୟ ଓ ମହାନ୍ ଭାବରାଶି ନୀରବରେ ସଂଗ୍ରହ କରନ୍ତି ଏବଂ ବୁଦ୍ଧ-ଖ୍ରୀଷ୍ଟଗଣ ସେହିସବୁ ଭାବ ସ୍ଥାନେ ସ୍ଥାନେ ପ୍ରଚାର କରନ୍ତି ଓ ତଦୁଦ୍ଦେଶ୍ୟରେ କାର୍ଯ୍ୟ କରନ୍ତି । ଗୌତମ ବୁଦ୍ଧଙ୍କ ଚରିତ୍ରରେ ଆମେ ଦେଖିବାକୁ ପାଉ, ସେ ସର୍ବଦା ନିଜକୁ ପଞ୍ଚବିଂଶ ବୁଦ୍ଧ ବୋଲି ପରିଚୟ ଦେଇଛନ୍ତି । ତାଙ୍କ ପୂର୍ବରୁ ଯେଉଁ ଚବିଶ ଜଣ ବୁଦ୍ଧ ହୋଇଯାଇଛନ୍ତି, ଇତିହାସରେ ସେମାନେ ଅପରିଚିତ । କିନ୍ତୁ ଏହା ନିଶ୍ଚିତ ଯେ, ଐତିହାସିକ ବୁଦ୍ଧ ସେମାନଙ୍କ ଦ୍ୱାରା ସ୍ଥାପିତ ଭିତ୍ତି ଉପରେ ହିଁ ନିଜ ଧର୍ମପ୍ରାସାଦ ନିର୍ମାଣ କରିଯାଇଛନ୍ତି । ଶ୍ରେଷ୍ଠ ପୁରୁଷଗଣ ଶାନ୍ତ ନୀରବ ଓ ଅପରିଚିତ ! ସେମାନେ ଜାଣନ୍ତି—ଠିକ୍ ଠିକ୍ ଚିନ୍ତାର ଶକ୍ତି କେତେଦୂର । ସେମାନେ ନିଶ୍ଚିତଭାବେ ଜାଣନ୍ତି, ଯଦି ସେମାନେ କୌଣସି ଗୁହାର ଦ୍ୱାର ବନ୍ଦ କରି ପାଞ୍ଚୋଟି ସଦ୍‌ଚିନ୍ତା କରନ୍ତି, ତା'ହେଲେ ସେହି ପାଞ୍ଚୋଟି ଚିନ୍ତା ଅନନ୍ତକାଳ ପର୍ଯ୍ୟନ୍ତ ରହିବ । ପ୍ରକୃତରେ ସେହି ଚିନ୍ତାଗୁଡ଼ିକୁ ପର୍ବତ ଭେଦ କରି, ସମୁଦ୍ର ପାର ହୋଇ ସମଗ୍ର ଜାତ ପରିକ୍ରମା କରିବ ଏବଂ ପରିଶେଷରେ ମନୁଷ୍ୟର ହୃଦୟ ଓ ମସ୍ତିଷ୍କରେ ପ୍ରବେଶ କରି ଏପରି ସବୁ ନରନାରୀ ଉତ୍ପନ୍ନ କରିବ, ଯେଉଁମାନେ ଜୀବନରେ ଏହି ଚିନ୍ତାଗୁଡ଼ିକ କାର୍ଯ୍ୟରେ ପରିଣତ କରିବେ । ପୂର୍ବୋକ୍ତ ସାତ୍ତ୍ୱିକ ବ୍ୟକ୍ତିଗଣ ଭଗବାନଙ୍କର ଏତେ ନିକଟରେ ଅବସ୍ଥାନ କରନ୍ତି ଯେ, ସେମାନଙ୍କ ପକ୍ଷରେ ସଂଗ୍ରାମ—ମୁଖର କର୍ମ କରି ଜଗତରେ ପରୋପକାର, ଧର୍ମ-ପଚାର ପ୍ରଭୃତି କର୍ମ କରିବା ସମ୍ଭବ ନୁହେଁ । କର୍ମୀମାନେ ଯେତେ ଭଲ ହୁଅନ୍ତୁ ନା କାହିଁକି, ସେମାନଙ୍କ ମଧ୍ୟରେ କିଛି ନା କିଛି ଅଜ୍ଞତା ରହିଯାଏ । ଯେପର୍ଯ୍ୟନ୍ତ ଆମମାନଙ୍କ ସ୍ୱଭାବରେ ଟିକିଏ ହେଲେ ମଳିନତା ଅବଶିଷ୍ଟ ଥାଏ, ସେପର୍ଯ୍ୟନ୍ତ ଆମେ କର୍ମ କରିପାରୁ—କର୍ମର ପ୍ରକୃତି ହେଲା ଏହି ଯେ, ସାଧାରଣତଃ ତାହା ଅଭିସନ୍ଧି ଓ ଆସକ୍ତି ଦ୍ୱାରା ଚାଳିତ ହୁଏ । ସଦା କ୍ରିୟାଶୀଳ ବିଧାତା କ୍ଷୁଦ୍ର ଘରଚଟିଆ ପକ୍ଷୀଟିର ପତନ ପର୍ଯ୍ୟନ୍ତ ଲକ୍ଷ୍ୟ କରୁଛନ୍ତି, ତାଙ୍କ ସମ୍ମୁଖରେ ମନୁଷ୍ୟ ତା'ର ନିଜ କାର୍ଯ୍ୟ ଉପରେ ଏତେ ଗୁରୁତ୍ୱ ଆରୋପ କରେ କାହିଁକି ? ସେ ଯେତେବେଳେ ଜଗତର କ୍ଷୁଦ୍ରତମ ପକ୍ଷୀଟିର ପର୍ଯ୍ୟନ୍ତ ଖବର ରଖୁଛନ୍ତି, ସେତେବେଳେ ଏପରି କରିବା କଅଣ ଈଶ୍ୱର ନିନ୍ଦା ନୁହେଁ ? ଆମମାନଙ୍କର କେବଳ ଉଚିତ ହେଉଛି—ସଶ୍ରଦ୍ଧ ବିସ୍ମୟରେ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ କହିବା, 'ତୁମର ଇଚ୍ଛା ହିଁ ପୂର୍ଣ୍ଣ ହେଉ' । ସର୍ବଶ୍ରେଷ୍ଠ ମହାମାନବଗଣ କର୍ମ କରିପାରନ୍ତି ନାହିଁ, କାରଣ ସେମାନଙ୍କ ମନରେ କୌଣସି ଆସକ୍ତି ନାହିଁ । 'ଯିଏ ଆତ୍ମାରେ ହିଁ ଆନନ୍ଦ କରନ୍ତି, ଆତ୍ମାରେ ହିଁ ତୃପ୍ତ, ଆତ୍ମାରେ ହିଁ ସନ୍ତୁଷ୍ଟ, ତାଙ୍କର କୌଣସି କାର୍ଯ୍ୟ ନାହିଁ ।'* ଏହିମାନେ ହିଁ ମାନବଜାତି ମଧ୍ୟରେ ଶ୍ରେଷ୍ଠ ଏମାନେ କାର୍ଯ୍ୟ କରିପାରନ୍ତିନାହିଁ, ଏହା ବ୍ୟତୀତ ପ୍ରତ୍ୟେକଙ୍କୁ ହିଁ କାର୍ଯ୍ୟ କରିବାକୁ ହେବ । ଏହିପରି କାର୍ଯ୍ୟ କରିବା ସମୟରେ ଆମର କେବେହେଲେ ମନେକରିବା ଉଚିତ ନୁହେଁ ଯେ, ଜଗତର ଅତି କ୍ଷୁଦ୍ର ପ୍ରାଣୀକୁ ମଧ୍ୟ ଆମେ ସାହାଯ୍ୟ କରିପାରୁ; କିନ୍ତୁ ଆମେ ତାହା ପାରୁ ନାହିଁ । ଏହି ଜଗତ ର ଶିକ୍ଷାଳୟରେ ପରୋପକାର ଦ୍ୱାରା ଆମେ ନିଜେ ନିଜର ହିଁ ଉପକାର କରିଥାଉ । କର୍ମ କରିବା ସମୟରେ ଏହିପରି ଭାବ ଅବଲମ୍ବନ କରିବା ହିଁ କର୍ତ୍ତବ୍ୟ । ଯଦି ଆମେ ଏହି ଭାବରେ କାର୍ଯ୍ୟ କରୁ, ଯଦି ଆମେ ସର୍ବଦା ମନେରଖୁ ଯେ, କର୍ମ କରିବା ପାଇଁ ସୁଯୋଗ ପାଇବା ଆମମାନଙ୍କ ପକ୍ଷରେ ମହାସୌଭାଗ୍ୟର ବିଷୟ ତେବେ ଆମେ

---

* ଗୀତା,୩/୧୭

କେବେହେଲେ ସେଥିରେ ଆସକ୍ତ ହେବା ନାହିଁ । ତୁମ ମୋ ଭଳି ଲକ୍ଷ ଲକ୍ଷ ମନୁଷ୍ୟ ମନେକରନ୍ତି, ଏ ଜଗତରେ ଆମେ ସମସ୍ତେ ଖୁବ୍ ବଡ଼ ମଣିଷ; କିନ୍ତୁ ଆମେ ସମସ୍ତେ ହିଁ ମରିଯାଉ, ତା'ପରେ ପାଞ୍ଚ ମିନିଟ୍ ମଧ୍ୟରେ ଜଗତ ଆମକୁ ଭୁଲିଯାଉ । କିନ୍ତୁ ଈଶ୍ୱରଙ୍କ ଜୀବନ ଅନନ୍ତ-'କୋ ହ୍ୟେବା ନ୍ୟାତ୍ କଃ ପ୍ରାଣ୍ୟାତ୍ । ୟଦେଷ ଆକାଶ ଆନନ୍ଦୋ ନ ସ୍ୟାତ୍' ।* ଯଦି ସେହି ସର୍ବଶକ୍ତିମାନ୍ ପ୍ରଭୁ ଇଚ୍ଛା ନ କରନ୍ତି, ତେବେ କେହି କଅଣ ମୁହୂର୍ତ୍ତେ ମଧ୍ୟ ବଞ୍ଚି ରହିପାରନ୍ତେ, କେହି ମୁହୂର୍ତ୍ତେ ହେଲେ ଶ୍ୱାସ-ପ୍ରଶ୍ୱାସ ତ୍ୟାଗ କରିବାକୁ ସକ୍ଷମ ହୁଅନ୍ତେ ? ସେ ହିଁ ନିୟତ କର୍ମଶୀଳ ବିଧାତା । ସକଳ ଶକ୍ତି ହିଁ ତାଙ୍କର ଏବଂ ତାଙ୍କର ହିଁ ଆଜ୍ଞାଧୀନ ।

ଭୟାଦସ୍ୟାଗ୍ନିସ୍ତପତି ଭୟାତ୍ତପତି ସୂର୍ଯ୍ୟଃ ।
ଭୟାଦିନ୍ଦ୍ରଶ୍ଚ ବାୟୁଶ୍ଚ ମୃତ୍ୟୁର୍ଧାବତି ପଞ୍ଚମ ॥**

—ତାଙ୍କ ଆଜ୍ଞାରେ ବାୟୁ ବହୁଅଛି, ସୂର୍ଯ୍ୟ କିରଣ ଦେଉଛନ୍ତି, ପୃଥିବୀ ବିଧୃତ ରହିଅଛି ଏବଂ ମୃତ୍ୟୁ ଧରାତଳରେ ବିଚରଣ କରୁଅଛି । ସେ ହେଉଛନ୍ତି ସର୍ବେସର୍ବା; ସେ ହେଉଛନ୍ତି ସବୁ, ସେ ହିଁ ସକଳ ବସ୍ତୁ ମଧ୍ୟରେ ବିରାଜିତ । ଆମେ କେବଳ ତାଙ୍କର ଉପାସନା କରିପାରୁ । କର୍ମର ସମୁଦାୟ ଫଳ ତ୍ୟାଗ କର, ସତ୍‌କର୍ମ ପାଇଁ ସତ୍‌କର୍ମ କର, ତା'ହେଲେ କେବଳ ସମ୍ପୂର୍ଣ୍ଣ ଅନାସକ୍ତି ଆସିବ । ଏହି ପ୍ରକାରେ ହୃଦୟଗ୍ରନ୍ଥି ଛିନ୍ନ ହେବ ଏବଂ ଆମେ ପୂର୍ଣ୍ଣ ମୁକ୍ତିଲାଭ କରିବୁ । ଏହି ମୁକ୍ତି ହିଁ କର୍ମଯୋଗର ଲକ୍ଷ୍ୟ ।

## କର୍ମଯୋଗର ଆଦର୍ଶ

ବେଦାନ୍ତ—ଧର୍ମର ମହାନ୍ ଭାବ ଏହି ଯେ, ଆମେ ବିଭିନ୍ନ ପଥରେ ସେହି ଏକ ଚରମ ଲକ୍ଷ୍ୟରେ ଉପନୀତ ହୋଇପାରୁ । ଏହି ପଥଗୁଡ଼ିକୁ ମୁଁ ଚାରୋଟି ବିଭିନ୍ନ ଉପାୟରୂପେ ସଂକ୍ଷେପରେ ବର୍ଣ୍ଣନା କରିଛି; କର୍ମ, ଭକ୍ତି, ଯୋଗ ଓ ଜ୍ଞାନ । କିନ୍ତୁ ଏଥିସଙ୍ଗେ ତୁମର ଯେପରି ମନେରହେ ଯେ, ଏହି ବିଭାଗର ସୀମାରେଖା ସ୍ପଷ୍ଟ ନୁହେଁ, ଅତ୍ୟନ୍ତ ପୃଥକ୍ ନୁହେଁ । ପ୍ରତ୍ୟେକଟି ଅନ୍ୟଟି ସହିତ ମିଶିଯାଏ; ତେବେ ପ୍ରାଧାନ୍ୟ ଅନୁସାରେ ଏହି ବିଭାଗ । ଏପରି ଲୋକ ବାହାର କରିପାରିବ ନାହିଁ, କର୍ମ କରିବା ଶକ୍ତି ବ୍ୟତୀତ ଯାହାର ଅନ୍ୟ କୌଣସି ଶକ୍ତି ନାହିଁ, ଯେ କେବଳ ଭକ୍ତ ଛଡ଼ା ଆଉ କିଛି ନୁହେଁ, ଅଥବା ଯାହାର କେବଳ ଜ୍ଞାନ ବ୍ୟତୀତ ଆଉ କିଛି ନାହିଁ । ବିଭାଗ କେବଳ ମନୁଷ୍ୟର ଗୁଣ ବା ପ୍ରବଣତାର ପ୍ରାଧାନ୍ୟ ଅନୁସାରେ ହୋଇଥାଏ । ଆମେ ଦେଖୁଛୁ, ଶେଷ ପର୍ଯ୍ୟନ୍ତ ଏହି ଚାରୋଟି ପଥ ଏକ ଭାବରେ ଅଭିମୁଖୀ ହୋଇ ଏକ ଲକ୍ଷ୍ୟରେ ମିଳିତ ହୁଏ । ସକଳ ଧର୍ମ ଏବଂ ସାଧନ ପ୍ରଣାଳୀ ହିଁ ଆମମାନଙ୍କୁ ସେହି ଚରମ ଲକ୍ଷ୍ୟରେ ପହଞ୍ଚାଇ ଦିଏ ।

ସେହି ଚରମ ଲକ୍ଷ୍ୟଟି କଅଣ ତାହା ବୁଝାଇବାର ଚେଷ୍ଟା କରୁଅଛି । ମୁଁ ଯେପରି ବୁଝିଛି—ଏ ଲକ୍ଷ୍ୟ ହେଉଛି ମୁକ୍ତି । ଯାହା କିଛି ଆମେମାନେ ଦେଖୁ ବା ଅନୁଭବ କରୁ,

---
* ତୈତ୍ତରୀୟ ଉପ., ୨/୭,
** କଠ ଉପ., ୨/୩/୩

ପରମାଣୁଠାରୁ ମନୁଷ୍ୟ ପର୍ଯ୍ୟନ୍ତ, ଅଚେତନ ପ୍ରାଣହୀନ ଜଡ଼କଣାରୁ ପୃଥିବୀରେ ବିଦ୍ୟମାନ ସର୍ବୋଚ୍ଚ ସତ୍ତା ମାନବାତ୍ମା ପର୍ଯ୍ୟନ୍ତ ସମସ୍ତେ ମୁକ୍ତି ପାଇଁ ଚେଷ୍ଟା କରୁଛନ୍ତି । ସମଗ୍ର ଜଗତ ଏହି ମୁକ୍ତିର ସଂଗ୍ରାମ ବା ଚେଷ୍ଟାର ଫଳ । ସକଳ ଯୌଗିକ ପଦାର୍ଥର ପ୍ରତ୍ୟେକ ପରମାଣୁ ଅନ୍ୟାନ୍ୟ ପରମାଣୁର ବନ୍ଧନରୁ ମୁକ୍ତ ହେବା ପାଇଁ ଚେଷ୍ଟା କରୁଛନ୍ତି ଏବଂ ଅନ୍ୟଗୁଡ଼ିକ ତାହାକୁ ଆବଦ୍ଧ କରି ରଖିଛନ୍ତି । ଆମ ପୃଥିବୀ ସୂର୍ଯ୍ୟଙ୍କ ନିକଟରୁ ଏବଂ ଚନ୍ଦ୍ର ପୃଥିବୀଠାରୁ ଦୂରକୁ ଯିବା ପାଇଁ ଚେଷ୍ଟା କରୁଅଛି । ପ୍ରତ୍ୟେକ ବସ୍ତୁ ହିଁ ଅନନ୍ତ ବିସ୍ତାର ପାଇଁ ଉନ୍ମୁଖ । ଆମେ ଜଗତରେ ଯାହା କିଛି ପଦାର୍ଥ ଦେଖୁଅଛୁ, ଏ ଜଗତରେ ଯେତେ କାର୍ଯ୍ୟ ବା ଚିନ୍ତା ଅଛି, ସବୁର ଏକମାତ୍ର ଭିତ୍ତି–ଏହି ମୁକ୍ତିର ଚେଷ୍ଟା । ଏହାରି ପ୍ରେରଣାରେ ସାଧୁ ଉପାସନା କରନ୍ତି ଏବଂ ଚୋର ଚୋରି କରେ । ଯେତେବେଳ କର୍ମ–ପ୍ରଣାଳୀ ଯଥାଯଥ ହୁଏ ନାହିଁ, ସେତେବେଳେ ଆମେ ତାହାକୁ ମନ୍ଦ କହୁ ଏବଂ ଯେତେବେଳ କର୍ମ–ପ୍ରଣାଳୀ ପ୍ରକାଶ ଯଥାଯଥ ଓ ଉଚ୍ଚତର ହୁଏ, ସେତେବେଳେ ତାହାକୁ ଭଲ କହୁ । କିନ୍ତୁ ପ୍ରେରଣା ଉଭୟ କ୍ଷେତ୍ରରେ ସମାନ –ସେହି ମୁକ୍ତିର ଚେଷ୍ଟା । ସାଧୁ ନିଜ ବନ୍ଧନ କଥା ଭାବି କାତର; ବନ୍ଧନରୁ ସେ ମୁକ୍ତି ପାଇବାକୁ ଇଚ୍ଛୁକ ସେଥିପାଇଁ ସେ ଈଶ୍ୱରଙ୍କର ଉପାସନା କରନ୍ତି । ଚୋର ମଧ୍ୟ ଏହା ଭାବି କଷ୍ଟପାଏ, ଯେ ତା'ର କେତେଗୁଡ଼ିଏ ବସ୍ତୁର ଅଭାବ; ଯେ ଏହି ଅଭାବରୁ ମୁକ୍ତ ହେବାକୁ ଚାହେଁ ଏବଂ ସେଥିପାଇଁ ଚୋରିକରେ । ଚେତନ ଅଚେତନ ସମଗ୍ର ପ୍ରକୃତିର ଲକ୍ଷ୍ୟ ଏହି ମୁକ୍ତି । ଜ୍ଞାତସାରରେ ବା ଅଜ୍ଞାତସାରରେ ସମଗ୍ର ଜଗତ ଏହି ମୁକ୍ତି ପାଇଁ ଚେଷ୍ଟା କରିଚାଲିଛି । ଅବଶ୍ୟ ସାଧୁର ଈପ୍ସିତ ମୁକ୍ତି ଚୋରର ବାଞ୍ଛିତ ମୁକ୍ତିଠାରୁ ସମ୍ପୂର୍ଣ୍ଣ ପୃଥକ୍ । ସାଧୁ ମୁକ୍ତି ପାଇଁ ଚେଷ୍ଟା କରି ଅନନ୍ତ ଅନିର୍ବଚନୀୟ ଆନନ୍ଦଲାଭ କରନ୍ତି; କିନ୍ତୁ ଚୋରର କେବଳ ବନ୍ଧନ ଉପରେ ବନ୍ଧନ ବଢୁଥାଏ ।

ପ୍ରତ୍ୟେକ ଧର୍ମର ମୁକ୍ତି ପାଇଁ ଆପ୍ରାଣଚେଷ୍ଟାର ବିକାଶ ଆମେ ଦେଖିବାକୁ ପାଉ । ଏହା ସମୁଦାୟ ନୀତି ଓ ନିଃସ୍ୱାର୍ଥପରତାର ଭିତ୍ତି । ନିଃସ୍ୱାର୍ଥପରତାର ଅର୍ଥ; 'ମୁଁ ଏହି କ୍ଷୁଦ୍ର ଶରୀର ମାତ୍ର'—ଏହି ଭାବରୁ ମୁକ୍ତ ହେବା । ଯେତେବେଳେ ଆମେ ଦେଖିବାକୁ ପାଉ, କୌଣସି ବ୍ୟକ୍ତି ଭଲ କାର୍ଯ୍ୟ କରୁଅଛି, ପରୋପକାର କରୁଅଛି, ସେତେବେଳେ ବୁଝିବାକୁ ହେବ ଯେ ସେହି ବ୍ୟକ୍ତି 'ମୁଁ ଓ ମୋର' ରୂପକ କ୍ଷୁଦ୍ର ବୃତ୍ତ ମଧ୍ୟରେ ଆବଦ୍ଧ ରହିବାକୁ ଇଚ୍ଛୁକ ନୁହେଁ । ଏହି ସ୍ୱାର୍ଥପରତାର ବାହାରକୁ ଯିବାର କୌଣସି ସୀମା ନାହିଁ । ଚରମ ସ୍ୱାର୍ଥତ୍ୟାଗ ସକଳ ନୀତିଶାସ୍ତ୍ରର ଲକ୍ଷ୍ୟ ବୋଲି ପ୍ରଚାରିତ । ମନେକର, ଜଣେ କେହି ଏହି ଚରମ—ସ୍ୱାର୍ଥତ୍ୟାଗର ଅବସ୍ଥା ଲାଭ କଲା, ତା'ହେଲେ ତା'ର କଅଣ ହେବ ? ସେତେବେଳେ ତା'ର କ୍ଷୁଦ୍ର ବ୍ୟକ୍ତିତ୍ୱ ଲୋପ ପାଏ, ଆଉ ସେ ସେତେବେଳେ ଅନନ୍ତ ବିସ୍ତୃତି ଲାଭକରେ । ପୂର୍ବେ ତା'ର ଯେଉଁ କ୍ଷୁଦ୍ର ବ୍ୟକ୍ତିତ୍ୱ ଥିଲା, ତାହା ସମ୍ପୂର୍ଣ୍ଣରୂପେ ଦୂରୀଭୂତ ହୁଏ, ସେ ସେତେବେଳେ ଅନନ୍ତସ୍ୱରୂପ ହୋଇଯାଏ । ଏହି ଅନନ୍ତ ବିସ୍ତୃତି ହିଁ ସକଳ ଧର୍ମ, ସକଳ ନୀତିଶିକ୍ଷା ଓ ଦର୍ଶନର ଲକ୍ଷ୍ୟ । ବ୍ୟକ୍ତିତ୍ୱବାଦୀମାନେ ଯେତେବେଳେ ଏହି ତତ୍ତ୍ୱକୁ ଦାର୍ଶନିକଭାବେ ଉପସ୍ଥାପିତ କରନ୍ତି, ସେତେବେଳେ ସେମାନେ ଭୟରେ ଶିହରି ଉଠନ୍ତି । ଅଥଚ ନୀତି ପ୍ରଚାର କରିବାକୁ ଯାଇ ସେ ନିଜେ ପୁନଶ୍ଚ ସେହି ଏକ ତତ୍ତ୍ୱର ପ୍ରଚାର କରନ୍ତି । ସେ ମଧ୍ୟ ମନୁଷ୍ୟର ନିଃସ୍ୱାର୍ଥପରତାର କୌଣସି ସୀମା ନିର୍ଦ୍ଦେଶ କରନ୍ତି ନାହିଁ । ମନେକର ଏହି ବ୍ୟକ୍ତିତ୍ୱବାଦ ମତ ଅନୁସାରେ କେହି ଜଣେ ସମ୍ପୂର୍ଣ୍ଣ ସ୍ୱାର୍ଥଶୂନ୍ୟ ହେଲେ । ସେତେବେଳେ ତାଙ୍କୁ ଅନ୍ୟାନ୍ୟ ସମ୍ପ୍ରଦାୟର ପୂର୍ଣ୍ଣସିଦ୍ଧ ବ୍ୟକ୍ତିମାନଙ୍କ ଠାରୁ ପୃଥକ୍ ବୋଲି ଆମେ କଅଣ ଚିନ୍ତା

କରିପାରିବା ? ନା, ସେତେବେଳେ ସେ ସମଗ୍ର ବିଶ୍ୱ ସହିତ ଏକ ହୋଇଯାଆନ୍ତି ଏବଂ ଏହା ହିଁ ଆମର ଚରମ ଲକ୍ଷ୍ୟ । ହତଭାଗ୍ୟ ବ୍ୟକ୍ତିତ୍ୱବାଦୀମାନେ ନିଜର ଯୁକ୍ତିଗୁଡ଼ିକୁ ଯଥାର୍ଥ ସିଦ୍ଧାନ୍ତ ପର୍ଯ୍ୟନ୍ତ ଅନୁସରଣ କରିବାକୁ ସାହସ କରନ୍ତି ନାହିଁ । ନିଃସ୍ୱାର୍ଥ କର୍ମଦ୍ୱାରା ଆମର ଚରମ ଲକ୍ଷ୍ୟ ଏହି ମୁକ୍ତିଲାଭ କରିବା ହିଁ କର୍ମଯୋଗ । ସୁତରାଂ ପ୍ରତ୍ୟେକ ସ୍ୱାର୍ଥପୂର୍ଣ୍ଣ କାର୍ଯ୍ୟ ସେହି ଲକ୍ଷ୍ୟରେ ପହଞ୍ଚିବାର ବାଧାସ୍ୱରୂପ, ପୁନଶ୍ଚ ପ୍ରତ୍ୟେକ ନିଃସ୍ୱାର୍ଥ କର୍ମ ଆମମାନଙ୍କୁ ସେହି ଲକ୍ଷ୍ୟଦିଗକୁ ନେଇଯାଏ । ତେଣୁ ନୀତିର ଏକମାତ୍ର ସଂଜ୍ଞା—ଯାହା ସ୍ୱାର୍ଥଶୂନ୍ୟ ତାହା ହିଁ ନୀତିସଙ୍ଗତ, ଆଉ ଯାହା ସ୍ୱାର୍ଥପର, ତାହା ନୀତିବିରୁଦ୍ଧ ।

ଟିକିନିଖି କରି ଦେଖିଲେ ଏହା ଏତେ ସହଜ ବୋଲି ମନେହେବ ନାହିଁ । ଅବସ୍ଥାଭେଦରେ କର୍ତ୍ତବ୍ୟ ଭିନ୍ନ ଭିନ୍ନ ହେବ, ଏକଥା ପୂର୍ବରୁ କହିଅଛି । କୌଣସି ଗୋଟିଏ କାର୍ଯ୍ୟ ଗୋଟିଏ କ୍ଷେତ୍ରରେ ସ୍ୱାର୍ଥଶୂନ୍ୟ ଏବଂ ଅନ୍ୟ କ୍ଷେତ୍ରରେ ସ୍ୱାର୍ଥପ୍ରଣୋଦିତ ହୋଇପାରେ । ସୁତରାଂ ଆମେ କର୍ତ୍ତବ୍ୟର ଗୋଟିଏ ମାତ୍ର ସାଧାରଣ ସଂଜ୍ଞା ଦେଇପାରୁ; ବିଶେଷ ବିଶେଷ କର୍ତ୍ତବ୍ୟ ଅବଶ୍ୟ ଦେଶ-କାଳ-ପାତ୍ର ବିବେଚନା କରି ନିରୂପିତ ହେବ । କୌଣସି ଗୋଟିଏ ଦେଶରେ ଏକ ପ୍ରକାର ଆଚରଣ ନୀତିସଙ୍ଗତ ବୋଲି ବିବେଚିତ ହୁଏ, ଅନ୍ୟ ଦେଶରେ ପୁଣି ତାହା ଅତିଶୟ ନୀତିଗର୍ହିତ ବୋଲି ଗଣ୍ୟ ହୋଇଥାଏ । ଏହାର କାରଣ ହେଉଛି, ଦୁଇଟି ପରିବେଶ ପୃଥକ୍ । ସମଗ୍ର ପ୍ରକୃତିର ଚରମ ଲକ୍ଷ୍ୟ ମୁକ୍ତି, ପୁଣି ଏହି ମୁକ୍ତି କେବଳ ପୂର୍ଣ୍ଣ ନିଃସ୍ୱାର୍ଥପରତାରୁ ଲାଭ ହୁଏ । ପୁନଶ୍ଚ ପ୍ରତ୍ୟେକ ସ୍ୱାର୍ଥଶୂନ୍ୟ କାର୍ଯ୍ୟ, ପ୍ରତ୍ୟେକ ନିଃସ୍ୱାର୍ଥ ଚିନ୍ତା, ପ୍ରତ୍ୟେକ ନିଃସ୍ୱାର୍ଥ ବାକ୍ୟ ଆମମାନଙ୍କୁ ଏହି ଆଦର୍ଶ ଅଭିମୁଖେ ନେଇ ଯାଏ; ସେଥିପାଇଁ ଏହିସବୁ କାର୍ଯ୍ୟକୁ ନୀତିସଙ୍ଗତ କୁହାଯାଏ । ତୁମେ କ୍ରମଶଃ ବୁଝି ପାରିବ ଯେ; ଏହି ସଂଜ୍ଞାଟି ସକଳ ଧର୍ମ ଏବଂ ସକଳ ନୀତିଶାସ୍ତ୍ର କ୍ଷେତ୍ରରେ ପ୍ରଯୋଜ୍ୟ । ନୀତି ସମ୍ବନ୍ଧରେ ଅବଶ୍ୟ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଧାରଣା ଥାଇପାରେ । କୌଣସି କୌଣସି ପ୍ରଣାଳୀରେ ନୀତି କୌଣସି ଉଚ୍ଚତର ପୁରୁଷ ଅର୍ଥାତ୍ ଭଗବାନଙ୍କଠାରୁ ପ୍ରାପ୍ତ ବୋଲି ଉଲ୍ଲିଖିତ ଅଛି । ଯଦି ପଚାର, 'ମନୁଷ୍ୟ କାହିଁକି ଏ କାର୍ଯ୍ୟ କରିବ ଏବଂ ଅନ୍ୟ କାର୍ଯ୍ୟ କରିବ ନାହିଁ ?' ଉତ୍ତରରେ ଏହି ସକଳ ସମ୍ପ୍ରଦାୟର ବ୍ୟକ୍ତିଗଣ କହିବେ—'ଏହା ଈଶ୍ୱରଙ୍କର ଆଦେଶ !' କିନ୍ତୁ ଯେଉଁଠାରୁ ସେମାନେ ଏହାକୁ ପାଇଥାଆନ୍ତୁ ନା କାହିଁକି, ସେମାନଙ୍କର ନୀତି-ତତ୍ତ୍ୱର ମୂଳକଥା—ସ୍ୱାର୍ଥ ଚିନ୍ତା ନ କରିବା, 'ଅହଂ'କୁ ତ୍ୟାଗ କରିବା । ଏହି ଉଚ୍ଚ ନୀତିତତ୍ତ୍ୱ ଥିବା ସତ୍ତ୍ୱେ ସେମାନେ ତାଙ୍କ କ୍ଷୁଦ୍ର ବ୍ୟକ୍ତିତ୍ୱକୁ ତ୍ୟାଗ କରିବାକୁ ଭୟ କରନ୍ତି । ଯେଉଁ ବ୍ୟକ୍ତି ଏହି କ୍ଷୁଦ୍ର ବ୍ୟକ୍ତିତ୍ୱକୁ ଧରି ରଖିବାକୁ ଇଚ୍ଛା କରନ୍ତି, ତାଙ୍କୁ ମୁଁ କହିବି—ଏପରି ଜଣକୁ ଚିନ୍ତାକର, ଯେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ, ଯାହାର ନିଜ ପାଇଁ କୌଣସି ଚିନ୍ତା ନାହିଁ, ଯେ ନିଜ ପାଇଁ କିଛି କରେ ନାହିଁ, ଯେ ନିଜ ପାଇଁ କୌଣସି କଥା କହେ ନାହିଁ; ବର୍ତ୍ତମାନ କହ 'ତାର ନିଜତ୍ୱ' କେଉଁଠାରେ ? ଯେପର୍ଯ୍ୟନ୍ତ ସେ ନିଜ ପାଇଁ ଚିନ୍ତା କରେ, କାମ କରେ ବା କଥା କହେ, ଯେପର୍ଯ୍ୟନ୍ତ ସେ ନିଜକୁ ବୋଧ କରେ । ସେ ଯଦି କେବଳ ଅନ୍ୟମାନଙ୍କ ସମ୍ବନ୍ଧରେ—ଜଗତର ସମସ୍ତଙ୍କ ସମ୍ବନ୍ଧରେ ସଚେତନ ରହେ, ତା'ହେଲେ ତାର 'ନିଜତ୍ୱ' କେଉଁଠି ? ତାର ନିଜତ୍ୱ ସେତେବେଳେ ସମ୍ପୂର୍ଣ୍ଣ ଲୋପ ପାଏ ।

ଅତଏବ କର୍ମଯୋଗ ନିଃସ୍ୱାର୍ଥପରତା ଓ ସତ୍‌କର୍ମଦ୍ୱାରା ମୁକ୍ତିଲାଭ କରିବାର ଗୋଟିଏ ଧର୍ମ ଓ ନୀତିପ୍ରଣାଳୀ । କର୍ମଯୋଗୀଙ୍କ ପକ୍ଷରେ କୌଣସି ଧର୍ମମତରେ ବିଶ୍ୱାସ କରିବାର

ଆବଶ୍ୟକତା ନାହିଁ । ସେ ଈଶ୍ୱରଙ୍କ ବିଶ୍ୱାସ କରି ନ ପାରନ୍ତି, ଆତ୍ମାର ଅନୁସନ୍ଧାନ ନ କରିପାରନ୍ତି, ଅଥବା କୌଣସି ପ୍ରକାର ଦାର୍ଶନିକ ବିଚାର ମଧ କରି ନ ପାରନ୍ତି—ସେଥିରେ କିଛି ଯାଏ ଆସେ ନାହିଁ । ତାଙ୍କର ଉଦ୍ଦେଶ୍ୟ ନିଃସ୍ୱାର୍ଥପରତା ଲାଭ କରିବା ଏବଂ ତାଙ୍କୁ ନିଜ ଚେଷ୍ଟାରେ ହିଁ ତାହା ଲାଭ କରିବାକୁ ହେବ । ତାଙ୍କ ଜୀବନର ପ୍ରତି ମୁହୂର୍ତ୍ତ ହିଁ ହେବ ଏହି ଉପଲବ୍ଧି; କାରଣ ଜ୍ଞାନୀ ଯୁକ୍ତି-ବିଚାର କରି ବା ଭକ୍ତ ଭକ୍ତିଦ୍ୱାରା ଯେଉଁ ସମସ୍ୟାର ସମାଧାନ କରୁଛନ୍ତି, କର୍ମଯୋଗୀଙ୍କୁ କୌଣସି ମତବାଦର ସହାୟତା ନ ନେଇ କେବଳ କର୍ମଦ୍ୱାରା ସେହି ସମସ୍ୟାର ସମାଧାନ କରିବାକୁ ହେବ ।

ବର୍ତ୍ତମାନ ପ୍ରଶ୍ନ ଆସୁଛି—ଏହି କର୍ମ କଅଣ ? 'ଜଗତର ଉପକାର କରିବା'—ରୂପକ ଘଟଣାଟି କଅଣ ? ଆମେ କଅଣ ଜଗତର କୌଣସି ଉପକାର କରିପାରୁ ? ଉଚ୍ଚତମ ଦୃଷ୍ଟିକୋଣରୁ କହିବାକୁ ଗଲେ, ଉତ୍ତର ହେବ-ନା', କିନ୍ତୁ ଆପେକ୍ଷିକ ଦୃଷ୍ଟିରୁ କହିବାକୁ ହେବ—'ହଁ' । ଜଗତର କୌଣସି ଚିରସ୍ଥାୟୀ ଉପକାର କରାଯାଇପାରେ ନାହିଁ; କାରଣ ତାହା ଯଦି ହୋଇଥାନ୍ତା, ତା'ହେଲେ ଜଗତ ଆଉ ଜଗତ ହୋଇ ରହନ୍ତା ନାହିଁ । ଆମେ ପାଞ୍ଚ ମିନିଟ୍ ପାଇଁ କୌଣସି ବ୍ୟକ୍ତିର କ୍ଷୁଧା ନିବୃତ୍ତ କରିପାରୁ, କିନ୍ତୁ ସେ ପୁନର୍ବାର କ୍ଷୁଧାର୍ତ୍ତ ହେବ । ଆମେ ମନୁଷ୍ୟକୁ ଯାହା କିଛି ସୁଖ ଦେଇପାରୁ, ତାହା କ୍ଷଣସ୍ଥାୟୀ ମାତ୍ର । କେହିହେଲେ ଏହି ନିତ୍ୟ-ଆବର୍ତ୍ତନଶୀଳ ସୁଖ-ଦୁଃଖରାଶି ଚିରଦିନ ପାଇଁ ଦୂର କରିପାରେ ନାହିଁ । ଜଗତରେ ସ୍ଥାୟୀ ସୁଖ ବୋଲି କିଛି ନାହିଁ । ସମୁଦ୍ରରେ କେଉଁଠି ହେଲେ ଗହ୍ୱର ସୃଷ୍ଟି ନ କରି ଗୋଟିଏ ତରଙ୍ଗରେ ଉତ୍ତୋଳିତ କରିହେବ ନାହିଁ । ମନୁଷ୍ୟର ଆଶା ଓ ଲୋଭ ଅନୁପାତରେ ଜଗତରେ ଆମ ପ୍ରୟୋଜନୀୟ ଜିନିଷଗୁଡ଼ିକର ସମଷ୍ଟି ସର୍ବଦା ସମାନ; ତାହାକୁ ବଢାଇ ବା କମାଇ ହେବ ନାହିଁ । ବର୍ତ୍ତମାନ କାଳ ପର୍ଯ୍ୟନ୍ତ ମନୁଷ୍ୟଜାତିର ଇତିହାସ ଆଲୋଚନା କର । ସେହି ପୂର୍ବ ଭଳି ସୁଖ-ଦୁଃଖ, ଆନନ୍ଦ ବେଦନା, ପଦମର୍ଯ୍ୟାଦାର ତାରତମ୍ୟ, ଆମେ ଏବେ ସୁଦ୍ଧା ଦେଖିବାକୁ ପାଉ—କେହି ଧନୀ, କେହି ଦରିଦ୍ର, କେହି ଉଚ୍ଚପଦସ୍ଥ, କେହି ନିମ୍ନପଦସ୍ଥ, କେହି ସୁସ୍ଥ, କେହି ଅସୁସ୍ଥ । ପ୍ରାଚୀନ ମିଶରବାସୀ, ଗ୍ରୀକ୍ ଓ ରୋମାନ୍‌ମାନଙ୍କର ଯେଉଁ ଅବସ୍ଥା ଥିଲା, ଆଧୁନିକ ଆମେରିକାବାସୀମାନଙ୍କର ମଧ ସେହି ଏକ ଅବସ୍ଥା । ଜଗତର ଇତିହାସରୁ ଯାହା ଜଣାଯାଏ, ମନୁଷ୍ୟର ଅବସ୍ଥା ସର୍ବଦା ଏକ ପ୍ରକାର, ତଥାପି ଆମେ ଦେଖୁ-ସୁଖ-ଦୁଃଖର ଏହି ପ୍ରତିକାର-ରହିତ ବୈଷମ୍ୟ ଦୂର କରିବାର ଚେଷ୍ଟା ବରାବର ରହିଛି । ଇତିହାସର ପ୍ରତ୍ୟେକ ଯୁଗରେ ଏହିପରି ସହସ୍ର ସହସ୍ର ନରନାରୀ ଜନ୍ମଗ୍ରହଣ କରିଛନ୍ତି, ଯେଉଁମାନେ ଅନ୍ୟମାନଙ୍କର ଜୀବନ-ସଂଗ୍ରାମ ସହଜ କରିବା ପାଇଁ କଠୋର ଭାବରେ କାର୍ଯ୍ୟ କରିଛନ୍ତି; କିନ୍ତୁ ସେମାନେ କେତେଦୂର କୃତକାର୍ଯ୍ୟ ହୋଇଛନ୍ତି ? ଆମେ ଗୋଟିଏ ବଲକୁ (ball) ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଗଡ଼େଇ ନେଇଯାଇପାରୁ । ଆମେ ଯଦି ଦେହରୁ ଦୁଃଖ ବେଦନା ଦୂର କଲୁ, ତେବେ ତାହା ମନରେ ଯାଇ ଆଶ୍ରୟ ନେବ । ଏହା ଠିକ୍ ମହାକବି ଦାନ୍ତେ (Dante)ଙ୍କର ସେହି ନରକ-ଚିତ୍ର ଭଳି । ପାହାଡ଼ ଉପରକୁ ଠେଲି ଉଠାଇବା ପାଇଁ କୃପଣମାନଙ୍କୁ ରାଶୀକୃତ ସୁବର୍ଣ୍ଣ ଦିଆଯାଇଛି । ଯେତେ ଥର ସେମାନେ ଟିକିଏ ଠେଲି ଉଠାଉଛନ୍ତି ସେତେଥର ତାହା ତଳକୁ ଗଡ଼ି ଆସୁଛି । ସୁଖର ସ୍ୱର୍ଣ୍ଣଯୁଗ (millenium) ସମ୍ବନ୍ଧରେ ଯେଉଁସବୁ କଥା କୁହାଯାଏ, ସେସବୁ ସ୍କୁଲ-ପିଲାମାନଙ୍କ ଉପଯୋଗୀ ସୁନ୍ଦର ଗଳ୍ପ, ତଦପେକ୍ଷା ଅଧିକ କିଛି ନୁହେଁ । ଯେଉଁ

ସକଳ ଜାତି ଏହି ସୁଖର ସ୍ୱର୍ଣ୍ଣଯୁଗର ସ୍ୱପ୍ନ ଦେଖନ୍ତି, ସେମାନେ ସାଧାରଣତଃ ଭାବନ୍ତି ଯେ, ସ୍ୱର୍ଣ୍ଣଯୁଗରେ ସେମାନେ ସବୁଠାରୁ ସୁଖରେ ରହିବେ । ସ୍ୱର୍ଣ୍ଣଯୁଗ ସମ୍ବନ୍ଧରେ ଏହା ପ୍ରକୃତରେ ଅତି ଅଦ୍ଭୁତ ଧରଣର ନିଃସ୍ୱାର୍ଥ ଭାବ ।

ଆମେ ଏ ଜଗତର ସୁଖର ପରିମାଣ ବୃଦ୍ଧି କରିପାରିବା ନାହିଁ କିମ୍ବା ଏହାର ଦୁଃଖ ମଧ ବଢାଇ ପାରିବା ନାହିଁ । ଜଗତର ସୁଖ-ଦୁଃଖର ସମଷ୍ଟି ସର୍ବଦା ସମାନ । ଆମେ କେବଳ ତାହାକୁ ଏପଟରୁ ସେପଟକୁ ଓ ସେପଟରୁ ଏପଟକୁ ଠେଲିଦେଉଛୁ ମାତ୍ର; କିନ୍ତୁ ଏହା ଚିରଦିନ ଏହିପରି ରହିବ, କାରଣ ଏହା ତା'ର ସ୍ୱଭାବ । ଏହି ଜୁଆର-ଭଟ୍ଟା, ଏହି ଉଠିବା ପଡ଼ିବା ଜଗତର ସ୍ୱଭାବଗତ । ଅନ୍ୟ କୌଣସି ପ୍ରକାର ସିଦ୍ଧାନ୍ତ କରିବା—'ମୃତହୀନ ଜୀବନ- ଯାପନ ସମ୍ଭବ' କହିବା ଭଳି ଅଯୌକ୍ତିକ ।

ମୃତ୍ୟୁହୀନ ଜୀବନ ସମ୍ପୂର୍ଣ୍ଣ ଅର୍ଥହୀନ । କାରଣ ଜୀବନର ଧାରଣାରେ ମୃତ୍ୟୁ ନିହିତ ରହିଅଛି, ସୁଖ ମଧରେ ହିଁ ଦୁଃଖ ନିହିତ । ଗୋଟିଏ ଦୀପ କ୍ରମାଗତ ପୋଡ଼ି ଯାଉଛି, ଏହା ହିଁ ତାହାର ଜୀବନ । ଯଦି ଜୀବନ ଚାହଁ ତେବେ ଏଥିପାଇଁ ତୁମକୁ ପ୍ରତି ମୁହୂର୍ତ୍ତରେ ମରିବାକୁ ହେବ । ଜୀବନ ଓ ମୃତ୍ୟୁ ଗୋଟିଏ ଜିନିଷର ଦୁଇଟି ବିଭିନ୍ନ ରୂପ ମାତ୍ର—ସେମାନେ ଗୋଟିଏ ତରଙ୍ଗର ଉତ୍‌ଥାନ ଓ ପତନ ପରି ଏହି ଦୁଇଟିକୁ ଏକତ୍ର କଲେ ଗୋଟିଏ ଅଖଣ୍ଡ ବସ୍ତୁ ହୁଏ । ଜଣେ ପତନ ଦିଗଟା ଦେଖି ଦୁଃଖବାଦୀ ହୁଅନ୍ତି; ଅନ୍ୟ ଜଣେ ଉତ୍‌ଥାନ୍‌ଦିଗଟା ଦେଖି ସୁଖବାଦୀ ହୁଅନ୍ତି । ବାଳକ ଯେତେବେଳେ ବିଦ୍ୟାଳୟକୁ ଯାଏ—ପିତାମାତା ତାର ଯତ୍ନ ନିଅନ୍ତି, ସେତେବେଳେ ବାଳକ ପକ୍ଷରେ ସବୁ ସୁଖକର ମନେହୁଏ । ତାର ଅଭାବ ଅତି ସାମାନ୍ୟ; ସୁତରାଂ ସେ ମଧ ସୁଖବାଦୀ । କିନ୍ତୁ ବିଚିତ୍ର ଅଭିଜ୍ଞତାସମ୍ପନ୍ନ ଜଣେ ବ୍ୟକ୍ତି ଅପେକ୍ଷାକୃତ ଶାନ୍ତ । ତାଙ୍କ ଉତ୍ସାହ ସୀମିତ । ପ୍ରାଚୀନ ଜାତିଗୁଡ଼ିକ—ଯେଉଁମାନଙ୍କ ଚତୁର୍ଦ୍ଦିଗରେ କେବଳ ପୂର୍ବ ଗୌରବର ଧ୍ୱଂସାବଶେଷ—ସେମାନେ ବର୍ତ୍ତମାନର ଉନ୍ନତଶୀଳ ଜାତିଗୁଡ଼ିକ ଅପେକ୍ଷା କମ୍ ଆଶାସମ୍ପନ୍ନ ।ଭାରତବର୍ଷରେ ଗୋଟିଏ ପ୍ରବାଦ ଅଛି—ଯାହା ହଜାରେ ବର୍ଷ ସହର ତାହା ପୁଣି ହଜାରେ ବର୍ଷ ଅରଣ୍ୟ । ସହରର ଏହି ଅରଣ୍ୟକୁ ପରିବର୍ତ୍ତନ ଓ ଅରଣ୍ୟର ପୁଣି ସହରକୁ ପରିବର୍ତ୍ତନ ସର୍ବତ୍ର ଚାଲିଅଛି । ମନୁଷ୍ୟ ଏହି ଚିତ୍ର ଯେତେବେଳେ ଯେଉଁ ପଟଟିକୁ ଦେଖେ, ସେତେବେଳେ ସେ ତଦନୁଯାୟୀ ସୁଖବାଦୀ ବା ଦୁଃଖବାଦୀ ହୁଏ ।

ବର୍ତ୍ତମାନ ଆମେମାନେ ସାମ୍ୟଭାବ ସମ୍ବନ୍ଧରେ ବିଚାର କରିବା । ଏହି ସ୍ୱର୍ଣ୍ଣଯୁଗର ଧାରଣା ହେଲା ଅନେକଙ୍କ ପକ୍ଷରେ କର୍ମ କରିବାର ଶକ୍ତି-ପ୍ରବଳ ପ୍ରେରଣା ଦାୟକ ଶକ୍ତି । ଅନେକ ଧର୍ମରେ ଏହା ବିଶ୍ୱାସ କରାହୁଏ ଯେ ଈଶ୍ୱର ଜଗତ ଶାସନ କରିବାକୁ ଆସୁଛନ୍ତି ଏବଂ ମନୁଷ୍ୟ ଭିତରେ ଆଉ କୌଣସି ପ୍ରଭେଦ ରହିବ ନାହିଁ । ଯେଉଁମାନେ ଏହି ମତବାଦ ପ୍ରଚାର କରନ୍ତି ସେମାନେ ଅବଶ୍ୟ ମତାନ୍ଧ ଏବଂ ମତାନ୍ଧମାନେ ସର୍ବାପେକ୍ଷା ଅକପଟ । ଖ୍ରୀଷ୍ଟଧର୍ମ ମଧ ଠିକ୍ ଏହି ମତାନ୍ଧର ମୋହରେ ପ୍ରଚାରିତ ହୋଇଥିଲା; ତେଣୁ ଗ୍ରୀକ୍ ଓ ରୋମ୍ କ୍ରୀତଦାସଗଣ ଏହି ଧର୍ମପ୍ରତି ଆକୃଷ୍ଟ ହୋଇଥିଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ, ଏହି ଧର୍ମ ଗ୍ରହଣ କଲେ ସେମାନଙ୍କୁ ଆଉ ଦାସତ୍ୱ କରିବାକୁ ପଡ଼ିବ ନାହିଁ, ସେମାନେ ଯଥେଷ୍ଟ ଖାଇବାକୁ ଓ ପିନ୍ଧିବାକୁ ପାଇବେ; ସେଥିପାଇଁ ସେମାନେ ଖ୍ରୀଷ୍ଟଧର୍ମର ପତାକା ତଳେ ସମବେତ ହୋଇଥିଲେ । ପ୍ରଥମେ ଯେଉଁମାନେ ଏହା ପ୍ରଚାର କରିଥିଲେ ସେମାନେ ଅବଶ୍ୟ ଥିଲେ ମତାନ୍ଧ ଓ ଅଜ୍ଞ; କିନ୍ତୁ ସେମାନେ

ଆନ୍ତରିକ ଭାବରେ ଏସବୁ କଥା ବିଶ୍ୱାସ କରୁଥିଲେ । ବର୍ତ୍ତମାନ କାଳରେ ଏହି ସ୍ୱର୍ଣ୍ଣଯୁଗର ଆକାଙ୍କ୍ଷା ସାମ୍ୟ, ସ୍ୱାଧୀନତା ଓ ଭାତୃତ୍ୱର ଆକାର ଧାରଣ କରିଅଛି । ଏହା ମଧ୍ୟ ଏକ ପ୍ରକାରର ମତାନ୍ଧତା । ଯଥାର୍ଥ ସାମ୍ୟଭାବ ଜଗତରେ କେବେହେଲେ ପ୍ରତିଷ୍ଠିତ ହୋଇ ନାହିଁ ଏବଂ କେବେହେଲେ ହୋଇପାରିବ ନାହିଁ । ଜଗତରେ କିପରି ଆମେ ସମାନ ହେବୁ ? ଏହି ଅସମ୍ଭବ ସାମ୍ୟର କଥା କହିଲେ ସମଷ୍ଟି ବିନାଶକୁ ହିଁ ବୁଝାଏ । ଜଗତର ଏହି ବର୍ତ୍ତମାନ ରୂପର କାରଣ କଅଣ ? —ସାମ୍ୟର ଅଭାବ । ଜଗତର ଆଦିମ ଅବସ୍ଥାରେ—ସୃଷ୍ଟି ପୂର୍ବରୁ ସମ୍ପୂର୍ଣ୍ଣ ସାମ୍ୟଭାବ ଥିଲା । ତେବେ ବିଶ୍ୱଗଠନକାରୀ ବିଭିନ୍ନ ଶକ୍ତିର ଉଦ୍ଭବ ହୁଏ କିପରି ?—ବିରୋଧ,ସଂଗ୍ରାମ ଓ ପ୍ରତିଦ୍ୱନ୍ଦ୍ୱିତା ଦ୍ୱାରା । ମନେକର, ପଦାର୍ଥର ପରମାଣୁଗୁଡ଼ିକ ସମ୍ପୂର୍ଣ୍ଣ ସାମ୍ୟାବସ୍ଥାରେ ଅଛି, ତା'ହେଲେ କଅଣ ସୃଷ୍ଟି କାର୍ଯ୍ୟ ଚଳିପାରିବ ? ବିଜ୍ଞାନ ସାହାଯ୍ୟରେ ମଧ୍ୟ ଆମେ କହିପାରୁ ଯେ ଏହା ଅସମ୍ଭବ । ଜଳାଶୟର ଜଳକୁ ଚହଲାଇ ଦିଅ, ଦେଖିବ ପ୍ରତ୍ୟେକ ଜଳବିନ୍ଦୁ ପୁନର୍ବାର ଶାନ୍ତ ହେବା ପାଇଁ ଚେଷ୍ଟା କରୁଛି, ଗୋଟିଏ ଅନ୍ୟ ଆଡ଼କୁ ପ୍ରବାହିତ ହେଉଅଛି । ଠିକ୍ ଏହି ଭାବରେ 'ବିଶ୍ୱଜଗତ' ବୋଲି କଥିତ ଏହି ଇନ୍ଦ୍ରିୟଗ୍ରାହ୍ୟ ପ୍ରପଞ୍ଚ—ଏହାର ଅନ୍ତର୍ଗତ ସକଳ ପଦାର୍ଥ ମଧ୍ୟ ତାଙ୍କର ପୂର୍ଣ୍ଣସାମ୍ୟ ଅବସ୍ଥାକୁ ଫେରିଯିବା ପାଇଁ ଚେଷ୍ଟା କରୁଛନ୍ତି । କିନ୍ତୁ ବିରୋଧ ଦେଖାଦିଏ, ପରେ ପୁଣି ସଂଯୋଗ ହୁଏ—ସୃଷ୍ଟି ହୁଏ । ବୈଷମ୍ୟ ହିଁ ସୃଷ୍ଟିର ଭିତ୍ତି । ସୃଷ୍ଟି ପାଇଁ ସାମ୍ୟଭାବ ବିନାଶକାରୀ ଶକ୍ତିର ଯେତିକି ପ୍ରୟୋଜନ, ତାହା ସହିତ ସାମ୍ୟଭାବ-ସ୍ଥାପନକାରୀ ଶକ୍ତିର ମଧ୍ୟ ସେତିକି ପ୍ରୟୋଜନ ।

ସମ୍ପୂର୍ଣ୍ଣ ସାମ୍ୟଭାବ-ଯାହାର ଅର୍ଥ ସମୁଦାୟ ସଂଗ୍ରାମଶୀଳ ଶକ୍ତିଗୁଡ଼ିକର ପୂର୍ଣ୍ଣ ସାମଞ୍ଜସ୍ୟ, ତାହା ଏ ଜଗତରେ କେବେହେଲେ ହୋଇପାରିବ ନାହିଁ । ଆମେ ସେହି ଅବସ୍ଥାରେ ଉପନୀତ ହେବା ପୂର୍ବରୁ ଜଗତ ଜୀବମାନଙ୍କ ବସବାସ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇଯିବ । ଅତଏବ ଆମେମାନେ ଦେଖୁଅଛୁ, ଏହି ସ୍ୱର୍ଣ୍ଣଯୁଗ ବା ପୂର୍ଣ୍ଣ ସାମ୍ୟଭାବ ସମ୍ବନ୍ଧରେ ଧାରଣାଗୁଡ଼ିକ କେବଳ ଯେ ଅସମ୍ଭବ ସେତିକି ନୁହେଁ, ବରଂ ଯଦି ଆମେ ଏହି ଧାରଣାଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟାକରୁ, ତେବେ ପ୍ରଳୟର ଦିନ ଆସନ୍ନ ବୋଲି ବୁଝିବାକୁ ହେବ । ମନୁଷ୍ୟ ମଧ୍ୟରେ ପ୍ରଭେଦର କାରଣ କଅଣ ?—ପ୍ରଧାନତଃ ମସ୍ତିଷ୍କର ଭିନ୍ନତା । ଆଜିକାଲି ପାଗଳ ବ୍ୟତୀତ ଅନ୍ୟ କେହି କେବେ କହିବ ନାହିଁ ଯେ, ଆମେ ସମସ୍ତେ ମସ୍ତିଷ୍କର ସମାନ ଶକ୍ତି ନେଇ ଜନ୍ମଗ୍ରହଣ କରିଅଛୁ । ଭିନ୍ନ ଭିନ୍ନ ଶକ୍ତି ନେଇ ଆମେ ଜଗତକୁ ଆସିଅଛୁ । କେହି ବଡ଼, କେହି ବା ସାମାନ୍ୟ ହୋଇ ଜଗତକୁ ଆସିଛୁ, ଜନ୍ମ ପୂର୍ବରୁ ନିର୍ଦ୍ଧାରିତ ପରିବେଶକୁ ଅତିକ୍ରମ କରାଯାଏ ନାହିଁ । ଆମେରିକାର ରେଡ୍-ଇଣ୍ଡିଆନ୍‌ମାନେ ସହସ୍ର ସହସ୍ର ବର୍ଷ ଧରି ଏହି ଦେଶରେ ବାସ କରୁଥିଲେ; ଅଥଚ ତୁମର ଅତି ଅଳ୍ପସଂଖ୍ୟକ ପୂର୍ବପୁରୁଷ ଏଠାକୁ ଆସି ଦେଶର ରୂପକୁ କେତେ ପରିବର୍ତ୍ତନ କରିଅଛନ୍ତି ! ଯଦି ସମସ୍ତେ ସମାନ, ତେବେ ରେଡ୍-ଇଣ୍ଡିଆନ୍‌ମାନେ ଏସବୁ ନାନା ପ୍ରକାର ଉନ୍ନତି ଏବଂ ନଗରାଦି ନିର୍ମାଣ କରିନାହାନ୍ତି କାହିଁକି ? କାହିଁକି ବା ସେମାନେ ଚିରଦିନ ବଣରେ ବୁଲିଲେ ଓ ଶିକାର କରି ଜୀବିକା ନିର୍ବାହ କଲେ ? ତୁମମାନଙ୍କର ପୂର୍ବପୁରୁଷଗଣଙ୍କ ଆଗମନ ହେତୁ ଏକ ଭିନ୍ନ ପ୍ରକାରର ମସ୍ତିଷ୍କଶକ୍ତି ଓ ଭିନ୍ନ ପ୍ରକାରର ସଂସ୍କାରସମଷ୍ଟି ଆସି ଯୁକ୍ତ ଭାବରେ କାର୍ଯ୍ୟ କରି ଦେଶର ଉନ୍ନତି ସାଧନ କରିଅଛି । ବୈଷମ୍ୟ ଶୂନ୍ୟତା ହିଁ ମୃତ୍ୟୁ । ଯେତେଦିନ ପର୍ଯ୍ୟନ୍ତ ଏହି ଜଗତ ଥିବ, ସେତେଦିନ ବୈଷମ୍ୟ ମଧ୍ୟ ରହିବ; ସୃଷ୍ଟିଚକ୍ର ଯେବେ

ଶେଷ ହୋଇଯିବ, ସେତେବେଳେ ଆସିବ ପୂର୍ଣ୍ଣ ସାମ୍ୟର ସ୍ୱର୍ଣ୍ଣଯୁଗ । ତା' ପୂର୍ବରୁ ସାମ୍ୟଭାବ ଆସି ନ ପାରେ । ତଥାପି ଏହି ଭାବ ଆମର ଗୋଟିଏ ପ୍ରବଳ ପ୍ରେରଣା-ଶକ୍ତି । ସୃଷ୍ଟି ପାଇଁ ଯେପରି ବୈଷମ୍ୟ ପ୍ରୟୋଜନ, ସେହିପରି ଏହି ବୈଷମ୍ୟକୁ ସୀମାବଦ୍ଧ କରିବାର ଚେଷ୍ଟା ମଧ୍ୟ ପ୍ରୟୋଜନ । ବୈଷମ୍ୟ ନ ରହିଲେ ସୃଷ୍ଟି ରହିପାରେ ନାହିଁ; ଆମର ସାମ୍ୟ ବା ମୁକ୍ତିଲାଭ ଅଥବା ଈଶ୍ୱରଙ୍କ ନିକଟକୁ ଯିବାର ଚେଷ୍ଟା ନ ଥିଲେ ସୃଷ୍ଟି ରହନ୍ତା ନାହିଁ । ଏହି ଦୁଇ ଶକ୍ତିର ତାରତମ୍ୟ ହେତୁ ମନୁଷ୍ୟର ଅଭିସନ୍ଧିଗୁଡ଼ିକର ପ୍ରକୃତି ନିରୂପିତ ହୁଏ । କର୍ମର ଏହି ଦୁଇଟି ପ୍ରେରଣା ଶକ୍ତି ଚିରକାଳ ରହିବ, ତନ୍ମଧ୍ୟରୁ କେତେଗୁଡ଼ିଏ ମନୁଷ୍ୟକୁ ବନ୍ଧନଦିଗକୁ ଏବଂ ଅନ୍ୟ କେତେଗୁଡ଼ିଏ ମୁକ୍ତିଦିଗକୁ ପରିଚାଳିତ କରୁଥିବ ।

ଏ ସଂସାର ହେଉଛି 'ଚକ୍ର ଭିତରେ ଚକ୍ର'—ଏହା ଏକ ଭୟାନକ ଯନ୍ତ୍ର । ଏଥିରେ ଯଦି ହାତ ଦିଅ ଓ ଅଟକି ଯାଅ; ତେବେ ସର୍ବନାଶ । ଆମେ ସମସ୍ତେ ଭାବୁ କୌଣସି ବିଶେଷ କର୍ତ୍ତବ୍ୟ ସାଧିତ ହେଲେ ଆମେ ବିଶ୍ରାମ ଲାଭ କରିବା; କିନ୍ତୁ ସେ କର୍ତ୍ତବ୍ୟର କିଛି ଅଂଶ କରିବା ପୂର୍ବରୁ ଆମେ ଦେଖୁ ଯେ ଅନ୍ୟ ଗୋଟିଏ କର୍ତ୍ତବ୍ୟ ଆମକୁ ଅପେକ୍ଷା କରି ରହିଅଛି । ଏହି ବିଶାଳ ଓ ଜଟିଳ ଜଗତ-ଯନ୍ତ୍ର ଆମମାନଙ୍କୁ ଟାଣି ନେଇ ଯାଉଅଛି । ଏହା କବଳରୁ ରକ୍ଷା ପାଇବାର ଦୁଇଟିମାତ୍ର ଉପାୟ ଅଛି; ଗୋଟିଏ-ଏହି ଯନ୍ତ୍ର ସହିତ ସଂସ୍ରବ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ଏହାଠାରୁ ଅଲଗା ହୋଇ ଛିଡ଼ା ହେବା—ଅର୍ଥାତ୍ ସକଳ ବାସନା ତ୍ୟାଗ କରିବା । ଏହା କହିବା ଖୁବ୍ ସହଜ, କିନ୍ତୁ କରିବା ପ୍ରାୟ ଅସମ୍ଭବ । ଦୁଇ କୋଟି ଲୋକ ମଧ୍ୟରୁ ଜଣେ ଏହା କରିପାରିବ କି ନାହିଁ ମୁଁ ଜାଣେ ନାହିଁ । ଆଉ ଗୋଟିଏ ଉପାୟ ହେଉଛି ଏହି ଜଗତ ମଧ୍ୟକୁ ଝାସଦେଇ କର୍ମର ରହସ୍ୟ ଅବଗତ ହେବ, ଏହାକୁ ହିଁ 'କର୍ମଯୋଗ' କହନ୍ତି । ଜଗତ-ଯନ୍ତ୍ରର ଚକ୍ରରୁ ପଳାୟନ କର ନାହିଁ; ଏହା ମଧ୍ୟରେ ରହି କର୍ମର ରହସ୍ୟ ଶିକ୍ଷା କର । ଭିତରେ ରହି ଯଥାଯଥଭାବେ କର୍ମ କରି ମଧ୍ୟ ଏହି କର୍ମଚକ୍ରର ବାହାରକୁ ଯିବା ସମ୍ଭବ ।

ଆମେ ତା'ହେଲେ ଦେଖିଲୁ, କର୍ମ କଅଣ ? କର୍ମ ପ୍ରକୃତିର ଭିତ୍ତିର ଅଂଶବିଶେଷ-କର୍ମ-ପ୍ରବାହ ସର୍ବଦା ପ୍ରବାହିତ ହୋଇ ଚାଲିଛି । ଯେଉଁମାନେ ଈଶ୍ୱରଙ୍କ ଉପରେ ବିଶ୍ୱାସୀ, ସେମାନେ ଏ ବିଷୟ ଆହୁରି ଭଲ ଭାବରେ ବୁଝିପାରନ୍ତି; କାରଣ ସେମାନେ ଜାଣନ୍ତି, ଈଶ୍ୱର ଏପରି ଜଣେ ଅକ୍ଷମ ପୁରୁଷ ନୁହଁନ୍ତି ଯେ, ସେ ଆମର ସାହାଯ୍ୟର ଆଶା କରିବେ । ଯଦିଓ ଏହି ଜଗତ ଚିରକାଳ ଚାଲିବ, ଆମମାନଙ୍କର ଲକ୍ଷ୍ୟ ମୁକ୍ତି, ଆମର ଲକ୍ଷ୍ୟ ସ୍ୱାର୍ଥଶୂନ୍ୟତା । କର୍ମଯୋଗ କହେ, କର୍ମଦ୍ୱାରା ହିଁ ଆମମାନଙ୍କୁ ଏହି ଲକ୍ଷ୍ୟରେ ଉପନୀତ ହେବାକୁ ପଡ଼ିବ, ତେଣୁ କର୍ମରହସ୍ୟ ଜାଣିବା ପ୍ରୟୋଜନ । ଜଗତକୁ ସମ୍ପୂର୍ଣ୍ଣରୂପେ ସୁଖୀ କରିବାର ଯାବତୀୟ ଧାରଣା ମତାନ୍ଧମାନଙ୍କୁ କର୍ମରେ ପ୍ରବୃତ୍ତ କରିବା ପକ୍ଷରେ ଭଲ ହୋଇପାରେ; କିନ୍ତୁ ଆମେ ଜାଣିବା ଉଚିତ ଯେ, ମତାନ୍ଧତାଦ୍ୱାରା ଭଲ ଯେପରି ହୁଏ, ମନ୍ଦ ମଧ୍ୟ ସେହିପରି ହୁଏ । କର୍ମଯୋଗୀ ପଚାରନ୍ତି, କର୍ମ କରିବା ପାଇଁ ମୁକ୍ତିର ସହଜାତ ଅନୁରାଗ ବ୍ୟତୀତ ଉଦ୍ଦେଶ୍ୟମୂଳକ କୌଣସି ପ୍ରେରଣାର ପ୍ରୟୋଜନ କଅଣ ? ସାଧାରଣ ଉଦ୍ଦେଶ୍ୟ ବା ଅଭିସନ୍ଧିର ପରିସର ଅତିକ୍ରମ କର । କର୍ମରେ ହିଁ ତୁମର ଅଧିକାର, ଫଳରେ ନୁହେଁ—'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।'* କର୍ମଯୋଗୀ କହନ୍ତି ମନୁଷ୍ୟ ଏହି ତତ୍ତ୍ୱ ଅବଗତ ହୋଇ ତାହା ଅଭ୍ୟାସ କରିପାରେ । ଯେତେବେଳେ

* ଗୀତା, ୨/୪୭

ପରୋପକାର କରିବାର ଇଚ୍ଛା ତାହାର ମଜ୍ଜାଗତ ହେବ, ସେତେବେଳେ ତାହା ପାଇଁ ଆଉ ବାହ୍ୟ ପ୍ରେରଣାର କୌଣସି ପ୍ରୟୋଜନ ରହିବ ନାହିଁ । ଅନ୍ୟମାନଙ୍କର ଉପକାର ମୁଁ କାହିଁକି କରିବି ?—ଆନନ୍ଦ ପାଏ ବୋଲି । ଆଉ କୌଣସି ପ୍ରଶ୍ନ କର ନାହିଁ । ଭଲ କାମ କର, କାରଣ ଭଲ କାଯ୍ୟ କରିବା ଭଲ । କର୍ମଯୋଗୀ କହନ୍ତି, ସ୍ୱର୍ଗକୁ ଯିବା ପାଇଁ ଯେ ଭଲ କାର୍ଯ୍ୟ କରେ, ସେ ମଧ୍ୟ ନିଜକୁ ବଦ୍ଧ କରେ । ସାମାନ୍ୟ ସ୍ୱାର୍ଥଯୁକ୍ତ ଅଭିସନ୍ଧି ନେଇ ଯେଉଁ କର୍ମ କରାଯାଏ, ତାହା ମଧ୍ୟ ମୁକ୍ତି ପରିବର୍ତ୍ତରେ ଆମ ଗୋଡ଼ରେ ଆଉ ଗୋଟିଏ ଶୃଙ୍ଖଳ ଲଗାଇଦିଏ । ଯଦି ଆମେ ମନେକରୁ, ଏହି କର୍ମଦ୍ୱାରା ଆମେ ସ୍ୱର୍ଗକୁ ଯିବା, ତାହାହେଲେ ଆମେ ସ୍ୱର୍ଗ-ନାମକ ଗୋଟିଏ ସ୍ଥାନ ପ୍ରତି ଆସକ୍ତ ହୋଇଯିବା । ଆମମାନଙ୍କୁ ସ୍ୱର୍ଗକୁ ଯାଇ ସ୍ୱର୍ଗସୁଖ ଭୋଗ କରିବାକୁ ହେବ, ଏହା ମଧ୍ୟ ଗୋଟିଏ ବନ୍ଧନ ।

ଅତଏବ ଏକମାତ୍ର ଉପାୟ—ସମଗ୍ର କର୍ମର ଫଳ ତ୍ୟାଗ କରିବା, ଅନାସକ୍ତ ହେବା । ଏହା ଜାଣି ରଖ, ଆମେ ଜଗତ ନୋହୁଁ, ବାସ୍ତବିକ୍ ଆମେ ଶରୀର ମଧ୍ୟ ନୋହୁଁ, ଆମେ କୌଣସି କର୍ମ କରୁ ନାହୁଁ । ଆମେ ଆତ୍ମା-ଚିର ଶାନ୍ତ । ଆମେ କାହିଁକି କୌଣସି ଜିନିଷଦ୍ୱାରା ବଦ୍ଧ ହେବୁ ? ଅନ୍ଧମାନଙ୍କର ରୋଦନ କରିବାର ମଧ୍ୟ କୌଣସି କାରଣ ନାହିଁ, ଆତ୍ମା ପକ୍ଷରେ କାନ୍ଦିବାର କିଛି ନାହିଁ । ଏପରିକି, ଅନ୍ୟମାନଙ୍କ ଦୁଃଖରେ ସହାନୁଭୂତିସମ୍ପନ୍ନ ହୋଇ ମଧ୍ୟ କାନ୍ଦିବାର କୌଣସି ପ୍ରୟୋଜନ ନାହିଁ । ଯେହେତୁ ଏହିପରି କନ୍ଦାକଟାକୁ ଆମେ ଭଲପାଇବା ବୋଲି ମନେକରୁ, ତେଣୁ ଆମେ କଳ୍ପନା କରୁ ଯେ, ଈଶ୍ୱର ମଧ୍ୟ ତାଙ୍କ ସିଂହାସନରେ ବସି ଆମପରି କାନ୍ଦୁଛନ୍ତି । କିନ୍ତୁ ଈଶ୍ୱର କାନ୍ଦିବେ କାହିଁକି ? କ୍ରନ୍ଦନ ତ ବନ୍ଧନର ଚିହ୍ନ—ଦୁର୍ବଳତାର ଚିହ୍ନ । ଗୋଟିଏ ବିନ୍ଦୁ ଚକ୍ଷୁର ଜଳ ଯେପରି ନ ପଡ଼େ । କିନ୍ତୁ ଉପାୟ କଅଣ ? 'ସମ୍ପୂର୍ଣ୍ଣ ଅନାସକ୍ତ ହୁଅ'—କହିବା ଖୁବ୍ ଭଲ ସତ, କିନ୍ତୁ ହେବାର ଉପାୟ କଅଣ ? ଅଭିସନ୍ଧିଶୂନ୍ୟ ହୋଇ ଯଦି ଆମେ କୌଣସି ଭଲ କାମ କରୁ, ତାହା ଆମମାନଙ୍କ ପାଦରେ ଗୋଟିଏ ନୂତନ ଶୃଙ୍ଖଳ ସୃଷ୍ଟି ନ କରି ଯେଉଁ ଶୃଙ୍ଖଳରେ ଆମେ ବଦ୍ଧ ହୋଇ ରହିଛୁ, ତାହାରି ଗୋଟିଏ ଶିକୁଳି ଭାଙ୍ଗିଦିଏ । ଆମେ ପ୍ରତିଦାନରେ କିଛି ପାଇବାର ଇଚ୍ଛା ନ କରି ଯଦି କୌଣସି ସଦ୍‌ଚିନ୍ତା ଚତୁର୍ଦ୍ଦିଗକୁ ପ୍ରେରଣ କରୁ, ତାହା ସଞ୍ଚିତ ହୋଇ ରହିବ—ଆମମାନଙ୍କର ବନ୍ଧନ-ଶୃଙ୍ଖଳର ଗୋଟିଏ ଶିକୁଳି ଚୂର୍ଣ୍ଣ କରିବ ଏବଂ ଆମେ କ୍ରମଶଃ ପବିତ୍ରତର ହେବାକୁ ଲାଗିବା, ଯେତେଦିନ ପର୍ଯ୍ୟନ୍ତ ପବିତ୍ରତମ ମାନବରେ ପରିଣତ ନ ହୋଇଛୁ । କିନ୍ତୁ ଲୋକଙ୍କ ନିକଟରେ ଏହା ଯେପରି ଅସ୍ୱାଭାବିକ ଓ ଅତ୍ୟଧିକ ଦାର୍ଶନିକ ଏବଂ କାର୍ଯ୍ୟକାରୀ ଅପେକ୍ଷା ଅଧିକ ତାତ୍ତ୍ୱିକ ବୋଲି ବୋଧହୁଏ । ମୁଁ ଭଗବଦ୍‌ଗୀତା ବିରୋଧରେ ଅନେକ ଯୁକ୍ତିତର୍କ ପଢ଼ିଅଛି, ଅନେକେ କହିଅଛନ୍ତି-ଅଭିସନ୍ଧି ବା ଉଦ୍ଦେଶ୍ୟ ବ୍ୟତୀତ ମନୁଷ୍ୟ କାମ କରିପାରେ ନାହିଁ । ଏମାନେ ମତାନ୍ଧତାର ପ୍ରଭାବରେ କୃତକର୍ମ ବ୍ୟତୀତ କୌଣସି 'ନିସ୍ୱାର୍ଥ' କାର୍ଯ୍ୟ କେବେ ଦେଖି ନାହାନ୍ତି, ତେଣୁ ଏହିପରି କହିଥାଆନ୍ତି ।

ଉପସଂହାରରେ ଅଳ୍ପ କଥାରେ ତୁମମାନଙ୍କ ନିକଟରେ ଏପରି ଜଣେ ବ୍ୟକ୍ତିଙ୍କ କଥା କହିବି, ଯେ କର୍ମଯୋଗର ଏହି ଶିକ୍ଷାକୁ କାର୍ଯ୍ୟରେ ପରିଣତ କରିଛନ୍ତି । ସେହି ବ୍ୟକ୍ତି ବୁଦ୍ଧଦେବ; ଏକମାତ୍ର ସେ ଏହା ସମ୍ପୂର୍ଣ୍ଣରୂପେ କାର୍ଯ୍ୟରେ ପରିଣତ କରିଛନ୍ତି । ବୁଦ୍ଧଙ୍କ ବ୍ୟତୀତ, ଜଗତର ଅନ୍ୟାନ୍ୟ ମହାପୁରୁଷମାନେ ସମସ୍ତେ ବାହ୍ୟ ପ୍ରେରଣା ହେତୁ ନିଃସ୍ୱାର୍ଥ କର୍ମରେ ପ୍ରବୃତ୍ତ ହୋଇଛନ୍ତି । କେବଳ ତାଙ୍କ ବ୍ୟତୀତ ଜଗତର ଅନ୍ୟ ସମସ୍ତ ମହାପୁରୁଷଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଗୋଟିଏ ଶ୍ରେଣୀ କହନ୍ତି ସେମାନେ ଈଶ୍ୱରଙ୍କ ଅବତାର, ପୃଥିବୀରେ ଅବତୀର୍ଣ୍ଣ

ହୋଇଛନ୍ତି; ଅପର ଶ୍ରେଣୀ କହନ୍ତି—ସେମାନେ ଈଶ୍ୱରଙ୍କ ପ୍ରେରିତ ବାର୍ତ୍ତାବହ । ଉଭୟଙ୍କର ହିଁ କାର୍ଯ୍ୟର ପ୍ରେରଣା-ଶକ୍ତି ବାହାରୁ ଆସେ । ଆଉ ଯେତେ ଆଧ୍ୟାତ୍ମିକ ଭାଷା ବ୍ୟବହାର କରନ୍ତୁ ନା କାହିଁକି, ସେମାନେ ବହିର୍ଜଗତରୁ ହିଁ ପୁରସ୍କାର ଆଶା କରିଥାଆନ୍ତି । କିନ୍ତୁ ମହାପୁରୁଷମାନଙ୍କ ମଧ୍ୟରୁ ଏକମାତ୍ର ବୁଦ୍ଧ ହିଁ କହିଥିଲେ, 'ମୁଁ ଈଶ୍ୱରଙ୍କ ସମ୍ବନ୍ଧରେ ତୁମର ଭିନ୍ନ ଭିନ୍ନ ମତ ଶୁଣିବାକୁ ଚାହେଁ ନାହିଁ । ଆତ୍ମା ସମ୍ବନ୍ଧରେ ସୂକ୍ଷ୍ମ ମତବାଦସମୂହର ବିଚାର କରିବାର ପ୍ରୟୋଜନ କ'ଣ ? ସତ୍ ହୁଅ ଏବଂ ସତ୍ କାର୍ଯ୍ୟ କର । ଏହା ହିଁ ତୁମମାନଙ୍କୁ ମୁକ୍ତ କରିବ ଏବଂ ସତ୍ୟ ଯାହା ହେଉନା କାହିଁକି ତାହା ତୁମେ ଉପଲବ୍ଧି କରିବ ।

ସେ ଆଚରଣରେ ସମ୍ପୂର୍ଣ୍ଣରୂପେ ବ୍ୟକ୍ତିଗତ ଅଭିସନ୍ଧିବର୍ଜିତ ଥିଲେ । ଜଗତରେ କିଏ ତାଙ୍କ ଅପେକ୍ଷା ବେଶୀ କାର୍ଯ୍ୟ କରିଛି ? ଇତିହାସରେ ଏପରି ଗୋଟିଏ ଚରିତ୍ର ଦେଖାଅ, ଯେ ସମସ୍ତଙ୍କ ଅପେକ୍ଷା ଏତେ ଉନ୍ନତ ହୋଇଛନ୍ତି । ସମଗ୍ର ମନୁଷ୍ୟ ଜାତି ମଧ୍ୟରେ ଏପରି ଗୋଟିଏ ମାତ୍ର ଚରିତ୍ର ଦେଖିବାକୁ ମିଳେ, ଯାହାଙ୍କ ମଧ୍ୟରେ ରହିଛି ଏତେ ଉନ୍ନତ ଦର୍ଶନ ଓ ଏପରି ଉଦାର ସହାନୁଭୂତି ! ଏହି ମହାନ୍ ଦାର୍ଶନିକ ଶ୍ରେଷ୍ଠ ଦର୍ଶନ ପ୍ରଚାର କରିଛନ୍ତି, ପୁଣି ଅତି ନିମ୍ନତମ ପ୍ରାଣୀ ପାଇଁ ମଧ୍ୟ ଗଭୀରତମ ସାହାନୁଭୂତି ପ୍ରକାଶ କରିଛନ୍ତି, ନିଜ ପାଇଁ କିଛି ଦାବୀ କରିନାହାନ୍ତି । ବାସ୍ତବିକ୍ ସେ ହେଉଛନ୍ତି ଆଦର୍ଶ କର୍ମଯୋଗୀ, ସମ୍ପୂର୍ଣ୍ଣ ଅଭିସନ୍ଧିଶୂନ୍ୟ ହୋଇ ସେ କାର୍ଯ୍ୟ କରିଛନ୍ତି । ମାନବ-ଜାତିର ଇତିହାସରେ ଦେଖାଯାଏ—ଯେତେ ମନୁଷ୍ୟ ପୃଥିବୀରେ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କ ମଧ୍ୟରେ ବୁଦ୍ଧଦେବ ହିଁ ଶ୍ରେଷ୍ଠ । ହୃଦୟ ଓ ମସ୍ତିଷ୍କର ଅପୂର୍ବ ସମାବେଶ ଅତୁଳନୀୟ ବିକଶିତ ଆତ୍ମଶକ୍ତିର ଶ୍ରେଷ୍ଠ ଦୃଷ୍ଟାନ୍ତ; ସେ ଜଗତର ପ୍ରଥମ ମହାନ୍ ସଂସ୍କାରକ । ସେ ପ୍ରଥମେ ସାହସ ପୂର୍ବକ କହିଥିଲେ, କୌଣସି ପ୍ରାଚୀନ ପୋଥିରେ କୌଣସି ବିଷୟ ଲେଖାଅଛି ବୋଲି ବା ତୁମର ଜାତୀୟ ବିଶ୍ୱାସ ବୋଲି ଅଥବା ବାଲ୍ୟକାଳରୁ ତୁମକୁ ବିଶ୍ୱାସ କରିବା ପାଇଁ କୁହାଯାଇଛି ବୋଲି କୌଣସି ବିଷୟ କର ନାହିଁ; ବିଚାର କରି, ତା'ପରେ ଉତ୍ତମରୂପେ ବିଶ୍ଳେଷଣ କରି ଯଦି ଦେଖ ଯେ ତାହା ସମସ୍ତଙ୍କ ପକ୍ଷରେ ଉପକାରୀ, ତେବେ ତାହା ବିଶ୍ୱାସ କର । ଏହି ଉପଦେଶ ଅନୁସାରେ ଜୀବନଯାପନ କର ଏବଂ ଅନ୍ୟମାନଙ୍କୁ ଏହି ଉପଦେଶ ଅନୁସାରେ ଜୀବନଯାପନ କରିବା ପାଇଁ ସାହାଯ୍ୟ କର ।

ଯେଉଁ ବ୍ୟକ୍ତି ଅର୍ଥ, ଯଶ ବା ଅନ୍ୟ କୌଣସି ଉଦ୍ଦେଶ୍ୟ ନ ରଖି କର୍ମ କରନ୍ତି, ସେ ସର୍ବାପେକ୍ଷା ଉତ୍କୃଷ୍ଟ କର୍ମ କରନ୍ତି । ମନୁଷ୍ୟ ଯେତେବେଳେ ଏହିପରି କର୍ମ କରିବାକୁ ସମର୍ଥ ହେବ ସେତେବେଳେ ସେ ମଧ୍ୟ ଜଣେ ବୁଦ୍ଧରେ ପରିଣତ ହେବ ଏବଂ ତା' ଭିତରୁ ଏପରି କର୍ମଶକ୍ତି ଉତ୍ସରିତ ହେବ, ଯାହା ଜଗତକୁ ପରିବର୍ତ୍ତନ କରିଦେବ । ଏହିପରି ବ୍ୟକ୍ତି ହିଁ କର୍ମଯୋଗର ଚରମ ଆଦର୍ଶର ଦୃଷ୍ଟାନ୍ତ ।

❋ ❋ ❋

# କର୍ମଯୋଗ – ପ୍ରସଙ୍ଗ

## କର୍ମ ଓ ତାହାର ରହସ୍ୟ

(୧୯୦୦ ଖ୍ରୀ: ୪ ଜାନୁଆରୀ କ୍ୟାଲିଫୋର୍ନିଆ ଲସ୍‌ଏଞ୍ଜେଲସ୍‌ରେ ପ୍ରଦତ୍ତ ବକ୍ତୃତା ।)

ମୁଁ ଜୀବନରେ ଯେଉଁସବୁ ଶ୍ରେଷ୍ଠ ଶିକ୍ଷା ଲାଭ କରିଛି, ତାହା ମଧ୍ୟରେ ଅନ୍ୟତମ ହେଉଛି, କର୍ମର ଉଦ୍ଦେଶ୍ୟ ପ୍ରତି ଯେଉଁ ପରିମାଣରେ ମନଯୋଗ ଦେବା ଆବଶ୍ୟକ, ତାହାର ଉପାୟ ପ୍ରତି ମଧ୍ୟ ସେହି ପରିମାଣ ମନଯୋଗ ଦେବା ଉଚିତ । ଏହି ଶିକ୍ଷା ମୁଁ ଯାହାଙ୍କ ନିକଟରୁ ଲାଭ କରିଛି, ସେ ଜଣେ ମହାପୁରୁଷ ଏବଂ ତାଙ୍କର ଜୀବନ ଥିଲା ଏହି ମହତ୍ ନୀତିର ବାସ୍ତବ ରୂପାୟନ । ଏହି ଗୋଟିଏ ନୀତିରୁ ମୁଁ ସର୍ବଦା ମହତ୍ ଶିକ୍ଷା ଲାଭ କରିଛି ଏବଂ ମୋ ମତରେ, ଜୀବନର ସମସ୍ତ ସାଫଲ୍ୟର ରହସ୍ୟ ହେଉଛି, ଉଦ୍ଦେଶ୍ୟ ପ୍ରତି ଯେଉଁ ପରିମାଣରେ, ଉପାୟ ପ୍ରତି ମଧ୍ୟ ସେହି ପରିମାଣରେ ମନୋଯୋଗ ଦେବା ଉଚିତ ।

ଆମମାନଙ୍କ ଜୀବନରେ ଗୋଟିଏ ବଡ଼ ତ୍ରୁଟି, ଆମେମାନେ ଆଦର୍ଶ ପ୍ରତି ଏତେ ବେଶୀ ଆକୃଷ୍ଟ ହୋଇପଡୁ—ଲକ୍ଷ୍ୟ ଆମମାନଙ୍କ ନିକଟରେ ଏତେ ବେଶୀ ମନୋମୁଗ୍‌ଧକର, ଏତେ ବେଶୀ ଲୋଭନୀୟ ଏବଂ ଆମର ମାନସପଟରେ ଏତେ ବଡ଼ ହୋଇଯାଏ ଯେ, ଆମେ ଉପାୟଗୁଡ଼ିକୁ ଟିକିନିଖି କରି ଦେଖିପାରୁନାହିଁ; କିନ୍ତୁ ଯେତେବେଳେ ବିଫଳତା ଆସେ ସେତେବେଳେ ଯଦି ଆମେ ପୁଙ୍ଖାନୁପୁଙ୍ଖରୂପେ ବିଶ୍ଳେଷଣ କରି ଦେଖୁ, ତା'ହେଲେ ଶତକଡ଼ା ଅନେଶତଟି କ୍ଷେତ୍ରରେ ଦେଖିବାକୁ ପାଇବା ଯେ, ଉପାୟଗୁଡ଼ିକ ପ୍ରତି ମନୋଯୋଗ ଦେଉ ନାହୁଁ ବୋଲି ଆମେ ବିଫଳ ହେଉ । ଉପାୟକୁ ନିଖୁଣ ଓ ଦୃଢ଼କରିବା ପ୍ରତି ମନଯୋଗ ଦେବା ହିଁ ଆମର ବିଶେଷ ପ୍ରୟୋଜନ । ଉପାୟ ଯଥାଯଥ ହେଲେ ଉଦ୍ଦେଶ୍ୟ-ସିଦ୍ଧି ନିଶ୍ଚିତ । ଆମେ ଭୁଲିଯାଉ ଯେ, କାରଣ ହିଁ କାର୍ଯ୍ୟ ଉତ୍ପାଦନ କରେ; କାର୍ଯ୍ୟ କେବେହେଲେ ଆପଣାଛାଏଁ ଉତ୍ପନ୍ନ ହୋଇପାରେ ନାହିଁ; କାରଣଗୁଡ଼ିକ ସଠିକ, ଉପଯୁକ୍ତ ଓ ଶକ୍ତିଶାଳୀ ନ ହେଲେ କାର୍ଯ୍ୟ କେବେହେଲେ ଉତ୍ପନ୍ନ ହେବ ନାହିଁ । ଯଦି ଥରେ ଆଦର୍ଶ ନିର୍ବାଚିତ ଓ ତାହାର ଉପାୟଗୁଡ଼ିକ ନିର୍ଦ୍ଧାରିତ ହୁଏ, ତା'ହେଲେ ଆଦର୍ଶ କଥା ଚିନ୍ତା ନ କଲେ ମଧ୍ୟ ଚଳିବ; କାରଣ ଉପାୟଗୁଡ଼ିକ ଠିକ୍ କରିପାରିଲେ ଆଦର୍ଶ ସମ୍ବନ୍ଧରେ ଆମେ ନିଶ୍ଚିତ ହୋଇପାରୁ । କାରଣ ଯେଉଁଠି ଅଛି, ସେଠାରେ କାର୍ଯ୍ୟ କୌଣସି ବାଧା ନାହିଁ, କାର୍ଯ୍ୟ ଅବଶ୍ୟ ହିଁ ହେବ; ଯଦି କାରଣ ସମ୍ବନ୍ଧରେ ଯତ୍ନବାନ୍ ହେଉ, ତାହାହେଲେ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ । ଆଦର୍ଶର ଉପଲବ୍‌ଧି ହିଁ କାର୍ଯ୍ୟ, ଉପାୟଗୁଡ଼ିକ କାରଣ; ସୁତରାଂ ଉପାୟ ପ୍ରତି ମନୋଯୋଗ ଦାନ ହିଁ ଜୀବନ-ସମସ୍ୟା ସମାଧାନର ରହସ୍ୟ । ଏହି ବିଷୟଟି ଆମେ ଗୀତାରେ ମଧ୍ୟ ପାଠକରୁ; ସେଠାରେ ଆମେ ଏହି ଶିକ୍ଷା ପାଉ ଯେ, ଆମମାନଙ୍କୁ କାର୍ଯ୍ୟ କରିବାକୁ ହେବ, ସମସ୍ତ ଶକ୍ତି ଦେଇ ନିରନ୍ତର କାର୍ଯ୍ୟ କରିବାକୁ ପଡ଼ିବ ଏବଂ ଯେକୌଣସି କାର୍ଯ୍ୟରେ ଆମେ ନିଯୁକ୍ତ ହେଉନା କାହିଁକି, ତାହା ଉପରେ ଆମର ସମଗ୍ର ମନ ସମାହିତ କରିବାକୁ ହେବ; ଅଥଚ ଦେଖିବାକୁ ହେବ ଯେ, ଏହାଦ୍ୱାରା ଆମେ ଯେପରି କାମରେ ଆସକ୍ତ

ହୋଇ ନ ପଡୁ, ଅର୍ଥାତ୍ ଅନ୍ୟ କୌଣସି ପ୍ରଭାବରୁ ଯେପରି କର୍ମରୁ ନ ଘୁଞ୍ଚୁ, ଅଥଚ ସତର୍କ ରହିବାକୁ ହେବ ଯେ, ସର୍ବାବସ୍ଥାରେ ଯେପରି ଇଚ୍ଛାମାତ୍ରେ ଆମେ କର୍ମ ତ୍ୟାଗ କରିପାରୁ ।

ଆମେ ଯଦି ନିଜ ନିଜ ଜୀବନକୁ ବିଶ୍ଳେଷଣ କରୁ, ତାହାହେଲେ ଦେଖିପାରିବୁ ଯେ, ଆମର ସବୁଠାରୁ ବଡ଼ ଦୁଃଖର କଥା ହେଉଛି—ଆମେ କୌଣସି କାର୍ଯ୍ୟ ଗ୍ରହଣ କରି ସେଥିରେ ଆମର ସମସ୍ତ ଶକ୍ତି ନିୟୋଜିତ କଲୁ, ହୁଏତ ତାହା ନିଷ୍ଫଳ ହେଲା, ତଥାପି ତାହା ଆମେ ପରିତ୍ୟାଗ କରିପାରୁ ନାହିଁ । ଆମେ ଜାଣୁ, କର୍ମ ଆମମାନଙ୍କୁ ଆଘାତ କରୁଛି, କର୍ମ ପ୍ରତି ଆହୁରି ଅଧିକ ଆସକ୍ତି ଆମମାନଙ୍କୁ କେବଳ ଦୁଃଖ ହିଁ ଦେଉଛି—ତଥାପି ଆମେ ଏହି କର୍ମକୁ ତ୍ୟାଗ କରିପାରୁ ନାହୁଁ । ମକ୍ଷିକା ମଧୁପାନ କରିବା ପାଇଁ ଆସିଲା, କିନ୍ତୁ ତାହାର ପାଦ ମଧୁଭାଣ୍ଡରେ ଅଟକିଗଲା, ସେ ଆଉ ବାହାରି ପାରିଲା ନାହିଁ । ବାରମ୍ବାର ଆମମାନଙ୍କର ଏହି ଦୂରବସ୍ଥା ହେଉଛି । ଆମମାନଙ୍କର ସମଗ୍ର ଜୀବନ ଏହିପରି ଗୋଟିଏ ରହସ୍ୟ-ଜାଲରେ ଆବୃତ--କାହିଁକି ଆମେ ଏହି ଜଗତକୁ ଆସିଛୁ ? ଆମେ ଏଠାକୁ ଆସିଥିଲୁ ମଧୁପାନ କରିବାକୁ, କିନ୍ତୁ ଦେଖିବାକୁ ପାଉଛୁ—ଆମମାନଙ୍କର ହାତଗୋଡ଼ ତହିଁରେ ଆବଦ୍ଧ ହୋଇପଡ଼ିଛି । ଆମେ ଜଗତକୁ ଧରିବାକୁ ଆସିଥିଲୁ, ଶେଷରେ ନିଜେ ଧରା ପଡ଼ିଲୁ ! ଭୋଗ କରିବାକୁ ଆସିଥିଲୁ; କିନ୍ତୁ ନିଜେ ଭୁକ୍ତ ହେଉଅଛୁ ! ଶାସନ କରିବାକୁ ଆସିଥିଲୁ, କିନ୍ତୁ ନିଜେ ଶାସିତ ହେଉଅଛୁ ! କାର୍ଯ୍ୟ କରିବାକୁ ଏହିପରି ଆସିଥିଲୁ, କିନ୍ତୁ ଅନ୍ୟମାନଙ୍କ ହସ୍ତରେ କ୍ରୀଡ଼ା-ପୁତ୍ତଳିକା ହୋଇପଡ଼ିଛୁ ! ଏହିପରି ଘଟଣା ଆମେ ସର୍ବଦା ଦେଖିବାକୁ ପାଉ । ଆମମାନଙ୍କ ଜୀବନରେ ପ୍ରତ୍ୟେକ ଛୋଟ ଛୋଟ ଘଟଣାରେ ଏହିପରି ହୋଇଥାଏ । ଅନ୍ୟମାନଙ୍କ ମନ ଓ ବୁଦ୍ଧିଦ୍ୱାରା ଆମେ ଚାଳିତ ହେଉଛୁ; ଅଥଚ ଆମେ ସର୍ବଦା ଅନ୍ୟମାନଙ୍କ ମନ ଓ ବୁଦ୍ଧି ଉପରେ ପ୍ରଭାବ ବିସ୍ତାର କରିବା ପାଇଁ ଚେଷ୍ଟା କରୁଛୁ । ଆମେ ଜୀବନରେ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରିବାକୁ ଚାହୁଁ, କିନ୍ତୁ ତାହା ଆମର ପ୍ରାଣଶକ୍ତିକୁ କ୍ଷୟ କରୁଛି । ଆମେ ଚାହୁଁ ପ୍ରକୃତିଠାରୁ କିଛି ଆହରଣ କରିବା ପାଇଁ, କିନ୍ତୁ ପରିଣାମରେ ଦେଖୁ ଯେ, ପ୍ରକୃତି ଆମର ସର୍ବସ୍ୱ କାଢ଼ିନେଉଛି, ଆମମାନଙ୍କୁ ସମ୍ପୂର୍ଣ୍ଣ ରିକ୍ତ କରିପକାଉଛି । ଯଦି ଏହିପରି ହେଉ ନ ଥାନ୍ତା, ତାହାହେଲେ ଜୀବନ ଆନନ୍ଦୋଜ୍ଜ୍ୱଳ ହୁଅନ୍ତା । ତେଣୁ ଏଗୁଡ଼ିକୁ କଦାପି ଗ୍ରାହ୍ୟ କରିବା ଉଚିତ୍ ନୁହେଁ । ଆମେ ଯଦି ବିଷୟରେ ଜଡ଼ିତ ନ ହେଉ, ତାହାହେଲେ ସର୍ବବିଧ ସଫଳତା ଓ ବିଫଳତା, ସୁଖ ଓ ଦୁଃଖ ସତ୍ତ୍ୱେ ଆମମାନଙ୍କର ଜୀବନ ଅବିରାମ ଆନନ୍ଦୋଜ୍ଜ୍ୱଳ ହୋଇପାରନ୍ତା ।

ଦୁଃଖର ଗୋଟିଏ କାରଣ ହେଉଛି, ଆମେ ଆସକ୍ତ ହେଉଛୁ ଏବଂ ଏହି ଆସକ୍ତିଦ୍ୱାରା ଆମେ ନିତ୍ୟ ଆବଦ୍ଧ ହେଉଅଛୁ । ତେଣୁ ଗୀତାରେ ଶ୍ରୀକୃଷ୍ଣ କହୁଛନ୍ତି: ନିୟତ କର୍ମ କର, କର୍ମ କର; କିନ୍ତୁ ଆସକ୍ତ ହୁଅ ନାହିଁ, କର୍ମରେ ଶୃଙ୍ଖଳିତ ହୁଅ ନାହିଁ । ପ୍ରତ୍ୟେକ ବିଷୟରୁ ନିଜକୁ ପ୍ରତ୍ୟାହୃତ କରିବାର ଶକ୍ତି ସଞ୍ଚିତ ରଖ, କୌଣସି ବସ୍ତୁ ଯେତେ ପ୍ରିୟ ହେଉନା କାହିଁକି, ତାହା ପାଇବା ପାଇଁ ମନ ଯେତେ ବ୍ୟାକୁଳ ହେଉନା କାହିଁକି, ତାହାକୁ ତ୍ୟାଗ କରିବାକୁ ହେଲେ ଯେତେ ତୀବ୍ର ବେଦନା ଅନୁଭବ କରନା କାହିଁକି, ପ୍ରୟୋଜନ କାଳରେ ତାହା ପରିତ୍ୟାଗ କରିବାର ଶକ୍ତି ନିଜ ମଧ୍ୟରେ ସଞ୍ଚିତ ରଖ । ଏହି ଜୀବନରେ ହେଉ ବା ଅନ୍ୟ କୌଣସି ଜୀବନରେ ହେଉ, ଦୁର୍ବଳର ସ୍ଥାନ ନାହିଁ; ଦୁର୍ବଳତା ହିଁ ଦାସତ୍ୱ ଆଣେ । ଦୁର୍ବଳତା ସର୍ବପ୍ରକାର ଶାରୀରିକ ଓ ମାନସିକ ଦୁଃଖର କାରଣ । ଦୁର୍ବଳତା ହିଁ ମୃତ୍ୟୁ । ଶତସହସ୍ର ଜୀବାଣୁ ଆମର

ଚାରିଆଡ଼େ ବିଚରଣ କରୁଛନ୍ତି; କିନ୍ତୁ ସେ ପର୍ଯ୍ୟନ୍ତ ଆମେ ଦୁର୍ବଳ ହୋଇ ନ ପଡ଼ିଛୁ, ଯେପର୍ଯ୍ୟନ୍ତ ଆମ ଦେହ ଏଗୁଡ଼ିକୁ ଗ୍ରହଣ କରିବା ପାଇଁ ପୂର୍ବରୁ ପ୍ରସ୍ତୁତ ଓ ଉନ୍ମୁଖ ନ ହୁଏ, ସେପର୍ଯ୍ୟନ୍ତ ଜୀବାଣୁସମୂହ ଆମର ଅନିଷ୍ଟ କରିପାରିବେ ନାହିଁ । ଲକ୍ଷ ଲକ୍ଷ ଦୁଃଖର ଜୀବାଣୁ ଆମର ଚତୁର୍ଦ୍ଦିଗରେ ଭସମାନ ଥାଇପାରନ୍ତି; ଏମାନଙ୍କୁ ଗ୍ରାହ୍ୟ କଲେ ଚଳିବ ନାହିଁ । ଯେପର୍ଯ୍ୟନ୍ତ ଆମ ମନ ଦୁର୍ବଳ ନ ହୁଏ, ସେମାନେ ଆମ ନିକଟକୁ ଆସିବାକୁ ସାହସ କରିବେ ନାହିଁ; ଆମମାନଙ୍କୁ ଆୟତ୍ତ କରିବା ପାଇଁ ତାଙ୍କର କୌଣସି ଶକ୍ତି ନାହିଁ । ଜୀବନର ଚରମ ସତ୍ୟ ହେଉଛି, ଶକ୍ତି ହିଁ ଜୀବନ, ଦୁର୍ବଳତା ହିଁ ମୃତ୍ୟୁ । ଶକ୍ତି ହିଁ ସୁଖ ଓ ଆନନ୍ଦ; ଶକ୍ତି ଆନନ୍ତ ଓ ଅବିନଶ୍ୱର ଜୀବନ; ଦୁର୍ବଳତା ହିଁ ଅବିରାମ ଦୁଃଖ ଓ ଉଦ୍‌ବେଗର କାରଣ; ଦୁର୍ବଳତା ହିଁ ମୃତ୍ୟୁ ।

ଏହି ଜୀବନରେ ଯାବତୀୟ ଇନ୍ଦ୍ରିୟ-ସୁଖର ଉତ୍ସ ଆସକ୍ତି । ଆମେ ଆମର ବନ୍ଧୁବାନ୍ଧବମାନଙ୍କ ପ୍ରତି ଆସକ୍ତ ହେଉ; ନିଜର ମାନସିକ ଓ ଅଧ୍ୟାତ୍ମିକ ବ୍ୟାପାରରେ ଆସକ୍ତ ହେଉ; ଯାବତୀୟ ବାହ୍ୟ ବସ୍ତୁରେ ଆସକ୍ତ ହେଉ, ଯେହେତୁ ଏମାନଙ୍କ ସାହାଯ୍ୟରେ ଆମେ ଇନ୍ଦ୍ରିୟସୁଖଲାଭ କରୁ । ଅଧିକନ୍ତୁ, ଏହି ଆସକ୍ତି ଭିନ୍ନ ଅନ୍ୟ କଅଣ ଅଛି, ଯାହା ଆମମାନଙ୍କୁ ଦୁଃଖ ଦେଇପାରେ ? ଆନନ୍ଦଲାଭ କରିବାକୁ ହେଲେ ଆମମାନଙ୍କୁ ଆସକ୍ତିହୀନ ହେବାକୁ ପଡ଼ିବ । ଇଚ୍ଛାମାତ୍ରେ ଅନାସକ୍ତ ହେବାର ଶକ୍ତି ଯଦି ଆମର ଥାଆନ୍ତା, ତା'ହେଲେ କୌଣସି ଦୁଃଖ ରହନ୍ତା ନାହିଁ । କେବଳ ସେହି ବ୍ୟକ୍ତି ହିଁ ପ୍ରକୃତିର ଶ୍ରେଷ୍ଠ ବସ୍ତୁ ଲାଭ କରିବେ, ଯେ ସମଗ୍ର ଶକ୍ତି ଦେଇ କୌଣସି ବସ୍ତୁରେ ଆସକ୍ତ ହେବାର ସାମର୍ଥଲାଭ କରିବା ସତ୍ତ୍ୱେ ପ୍ରୟୋଜନବୋଧରେ ନିଜକୁ ଅନାସକ୍ତ କରିପାରନ୍ତି । ତେଣୁ ଆସକ୍ତ ହେବା ପରି ଅନାସକ୍ତ ହେବାର କ୍ଷମତା ମଧ୍ୟ ପ୍ରୟୋଜନ । ପୁନଶ୍ଚ ଏପରି ଲୋକ ଅଛନ୍ତି, ଯେଉଁମାନେ କୌଣସି ଜିନିଷ ଦ୍ୱାରା ଆକୃଷ୍ଟ ହୁଅନ୍ତି ନାହିଁ । ସେମାନେ କାହାକୁ ହେଲେ ସ୍ନେହ କରିପାରନ୍ତି ନାହିଁ; ସେମାନେ କଠିନ-ହୃଦୟ ଓ ଉଦାସୀନ; ଅବଶ୍ୟ ଜୀବନରେ ଅଧିକାଂଶ ଦୁଃଖ ସେମାନେ ଏଡ଼ାଇ ଯାଆନ୍ତି; କିନ୍ତୁ କାନ୍ଥ ଯେପରି କୌଣସି ଦୁଃଖବୋଧ କରେ ନାହିଁ, କେବେହେଲେ ସ୍ନେହ କରେ ନାହିଁ, କୌଣସି ଆଘାତ ମଧ୍ୟ ପାଏ ନାହିଁ, ସେମାନେ ମଧ୍ୟ ଠିକ୍ ଏହି କାନ୍ଥ ପରି ହୋଇ ରହନ୍ତି । ନିତାନ୍ତ ଅନୁଭୂତିହୀନ କାନ୍ଥ ହେବା ଅପେକ୍ଷା କୌଣସି ଜିନିଷ ପ୍ରତି ଆକୃଷ୍ଟ ହେବା ବା ଆସକ୍ତି ଅନୁଭବ କରିବା ବରଂ ଭଲ । ଯେ କେବେହେଲେ କାହାକୁ ଭଲପାଏ ନାହିଁ, ଯେ କଠିନ ହୃଦୟ ଓ ପାଷାଣତୁଲ୍ୟ, ସେ ଜୀବନରେ ଅଧିକାଂଶ ଦୁଃଖ ଏଡ଼ାଇବା ସଙ୍ଗେ ସଙ୍ଗେ ଆନନ୍ଦରୁ ମଧ୍ୟ ବଞ୍ଚିତ ହୁଏ । ଏପରି ଅବସ୍ଥା ଆମର କାମ୍ୟ ନୁହେଁ । ଏହା ଦୁର୍ବଳତା, ଏହା ମୃତ୍ୟୁତୁଲ୍ୟ । ଯେଉଁ ହୃଦୟ କେବେହେଲେ ଦୁର୍ବଳତା ଅନୁଭବ କରି ନାହିଁ, ଦୁଃଖ ଅନୁଭବ କରି ନାହିଁ, ସେହି ହୃଦୟ ଜାଗ୍ରତ ମଧ୍ୟ ହୋଇ ନାହିଁ, ତାହା ସ୍ପନ୍ଦନହୀନ ଜଡ଼ ଅବସ୍ଥା; ଏପରି ଅବସ୍ଥା ଆମର କାମ୍ୟ ନୁହେଁ ।

ପୁନଶ୍ଚ ପ୍ରେମର ଏହି ମହାଶକ୍ତି, ଆସକ୍ତିର ଏହି ପ୍ରବଳ ଆକର୍ଷଣ, ଗୋଟିଏ ମାତ୍ର ବସ୍ତୁ ପ୍ରତି ସମସ୍ତ ମନପ୍ରାଣ ଢାଳିଦେଇ ନିଜର ସତ୍ତାକୁ ଅନ୍ୟ ସକାଶେ ନିଃଶେଷ କରିଦେବାର ଦୈବ-ଶକ୍ତି—ତାହା ମଧ୍ୟ ଆମର କାମ୍ୟ ନୁହେଁ । କାରଣ ଆମେମାନେ ଦେବଗଣଙ୍କ ଅପେକ୍ଷା ଉଚ୍ଚତର, ମହତ୍ତର ହେବାକୁ ଚାହୁଁ । ପୂର୍ଣ୍ଣଜ୍ଞାନୀ ପ୍ରେମର ଗୋଟିଏ ବିନ୍ଦୁରେ ନିଜର ସମଗ୍ର ଚିତ୍ତ ସମାହିତ କରିବା ସତ୍ତ୍ୱେ ଅନାସକ୍ତ ରହନ୍ତି । ଏହି ଅବସ୍ଥା କିପରି ଆମେ ଲାଭ କରୁ ? ଏହି ରହସ୍ୟ ହିଁ ଆମମାନଙ୍କୁ ଶିକ୍ଷା କରିବାକୁ ହେବ ।

ଭିକ୍ଷୁକ କେବେହେଲେ ସୁଖୀ ହୁଏ ନାହିଁ । ସେ ସଙ୍କୁଚିତ ଭିକ୍ଷା ପାଏ, ତାହା ପଶ୍ଚାତ୍‌ରେ ଥାଏ କରୁଣା ଓ ଘୃଣା । ଭିକ୍ଷୁକ ଯେ ଜଣେ ନୀଚ ବ୍ୟକ୍ତି, ଏହିପରି ଏକ ମନୋଭାବ ଆମର ଦାନ ପଶ୍ଚାତ୍‌ରେ ରହିଥାଏ । ସେ ଯାହା ପାଏ, ତାହା କେବେହେଲେ ଯଥାର୍ଥଭାବେ ଉପଭୋଗ କରିପାରେ ନାହିଁ ।

ଆମେମାନେ ସମସ୍ତେ ଭିକ୍ଷୁକ । ଆମେ ଯାହା କରୁନା କାହିଁକି ତାହାର ପ୍ରତିଦାନ ଚାହୁଁ । ଆମେମାନେ ଜୀବନ ଓ ଧର୍ମକୁ ନେଇ ବ୍ୟବସାୟ କରୁ । ହାୟ ! ଆମେ ପ୍ରେମର ମଧ୍ୟ ବ୍ୟବସାୟ କରୁ ।

ତୁମେ ଯଦି ବ୍ୟବସାୟ କରିବାକୁ ଆସିଥାଅ, ଆଦାନ-ପ୍ରଦାନ—କ୍ରୟ-ବିକ୍ରୟର, ପ୍ରଶ୍ନ ଯଦି ତୁମ ନିକଟରେ ପ୍ରଧାନ ହୋଇଥାଏ, ତାହାହେଲେ, କ୍ରୟ-ବିକ୍ରୟର ନୀତି ଅନୁସରଣ କର । ବ୍ୟବସାୟ-କ୍ଷେତ୍ରରେ ଭଲ ସମୟ ପରି ମନ୍ଦ ସମୟ ମଧ୍ୟ ଅଛି; ଦ୍ରବ୍ୟ-ମୂଲ୍ୟର ଉତ୍‌ଥାନ ଓ ପତନ ମଧ୍ୟ ଅଛି । ସର୍ବଦା ଆଘାତର ଆଶଙ୍କା ମଧ୍ୟ ଅଛି । ଘଟଣାଟି ଦର୍ପଣରେ ମୁହଁ ଦେଖିଲା ପରି; ତୁମର ମୁହଁ ପ୍ରତିବିମ୍ବିତ ହେଲା; ମୁଖଭଙ୍ଗୀ କର, ଦର୍ପଣରେ ମଧ୍ୟ ମୁଖଭଙ୍ଗୀ ଦେଖାଯିବ; ତୁମେ ଯଦି ହସ, ଦର୍ପଣ ମଧ୍ୟ ହସିବ—ସେଥିରେ ହସ ପ୍ରତିବିମ୍ବିତ ହେବ । ଏହା ହିଁ କ୍ରୟ-ବିକ୍ରୟ, ଏହା ହିଁ ଆଦାନପ୍ରଦାନ ।

ଆମେ ଆବଦ୍ଧ ହୋଇପଡୁ । କାହିଁକି ଆବଦ୍ଧ ହେଉ ? ଯାହା ପାଉ ସେଥିପାଇଁ ନୁହେଁ, ପରନ୍ତୁ ଯାହା ଆଶା କରୁ ସେଥିପାଇଁ । ପ୍ରେମର ପ୍ରତିଦାନରେ ଆମେ ଦୁଃଖ ପାଉ—ଭଲପାଉ ବୋଲି ନୁହେଁ, ବରଂ ପ୍ରତିଦାନରେ ପ୍ରେମ ଆଶା କରୁ ବୋଲି । ଆକାଙ୍‌କ୍ଷା ଯେଉଁଠାରେ ନାହିଁ, ଦୁଃଖ ମଧ୍ୟ ସେଠାରେ ନାହିଁ । ବାସନା, ଅଭାବବୋଧ ହିଁ ସମସ୍ତ ଦୁଃଖର ମୂଳ । ସଫଳତା ଓ ବିଫଳତାର ନିୟମରେ ବାସନାସମୂହ ଆବଦ୍ଧ । ବାସନା ଅବଶ୍ୟ ହିଁ ଦୁଃଖ ଆଣିବ ।

ସୁତରାଂ ପ୍ରକୃତ ସଫଳତା, ପ୍ରକୃତ ସୁଖର ଶ୍ରେଷ୍ଠ ରହସ୍ୟ ହେଉଛି—ଯେ ପ୍ରତିଦାନ ଚାହାଁନ୍ତି ନାହିଁ, ଯେ ସମ୍ପୂର୍ଣ୍ଣଭାବେ ନିଃସ୍ୱାର୍ଥପର, ସେ ସର୍ବାଧିକ କୃତକାର୍ଯ୍ୟ । କଥାଟା ଦୁର୍ବୋଧ ପରି ମନେହୁଏ । ଆମେ କଅଣ ଜାଣୁନା ଯେ ପ୍ରତ୍ୟେକ ନିଃସ୍ୱାର୍ଥପର ବ୍ୟକ୍ତି ଜୀବନରେ ପ୍ରତାରିତ ହୁଅନ୍ତି, ଆଘାତପ୍ରାପ୍ତ ହୁଅନ୍ତି ? ଆପାତତଃ ତାହା ସତ୍ୟ । 'ଯୀଶୁଖ୍ରୀଷ୍ଟ ନିଃସ୍ୱାର୍ଥପର ଥିଲେ, ତଥାପି କ୍ରୁଶବିଦ୍ଧ ହୋଇଥିଲେ'—ତାହା ସତ୍ୟ; କିନ୍ତୁ ଆମେ ଜାଣୁ, ଗୋଟିଏ ମହାନ୍ ବିଜୟର--କୋଟି କୋଟି ମନୁଷ୍ୟର ଜୀବନକୁ ପ୍ରକୃତ ସାଫଲ୍ୟର କଲ୍ୟାଣରେ ମଣ୍ଡିତ କରିବା ପାଇଁ ତାଙ୍କର ଏହି ନିଃସ୍ୱାର୍ଥପରତା ।

କିଛିହେଲେ ଆକାଙ୍‌କ୍ଷା କର ନାହିଁ; ପ୍ରତିଦାନରେ କିଛିହେଲେ ଚାହଁ ନାହିଁ । ଯାହା ତୁମର ଦେବାର ଅଛି ଦିଅ; ତାହା ତୁମ ନିକଟକୁ ଫେରିଆସିବ; କିନ୍ତୁ ସେହି ବିଷୟରେ ବର୍ତ୍ତମାନ ଚିନ୍ତାକର ନାହିଁ । ସହସ୍ର ଗୁଣ ବର୍ଦ୍ଧିତ ହୋଇ ତାହା ଫେରି ଆସିବ, କିନ୍ତୁ ତାହା ଉପରେ କେବେହେଲେ ମନୋନିବେଶ କରିବ ନାହିଁ । ଦାନର ଶକ୍ତି ଲାଭ କର, ଯାହା ଅଛି ଦେଇଯାଅ, କିଛି ଆଶା କର ନାହିଁ । ଶିକ୍ଷା କର ଯେ ଦାନ କରିବା ପାଇଁ ଏହି ଜୀବନ, ପ୍ରକୃତି ତୁମକୁ ଦାନ କରିବା ପାଇଁ ବାଧ୍ୟ କରିବ; ସୁତରାଂ ସ୍ୱେଚ୍ଛାରେ ଦାନ କର । ଶୀଘ୍ର ହେଉ କିମ୍ବା ବିଳମ୍ବରେ ହେଉ ତୁମକୁ ତ୍ୟାଗ କରିବାକୁ ପଡ଼ିବ, ଯାହା ଦେୟ ତାହା ଦେବାକୁ ହିଁ ପଡ଼ିବ । ତୁମେ ଏହି ସଂସାରକୁ ଆସିଥାଅ ସଞ୍ଚୟ କରିବା ପାଇଁ । ମୁଷ୍ଟିବଦ୍ଧ କରି ତୁମେ ଗ୍ରହଣ କରିବାକୁ

ଚାହଁ; କିନ୍ତୁ ପ୍ରକୃତି ତୁମର ଗଳା ଚିପି ତୁମକୁ ଦାନ କରିବାକୁ ବାଧ୍ୟ କରେ । ତୁମର ଇଚ୍ଛା ଥାଉ କିମ୍ବା ନ ଥାଉ, ତୁମକୁ ଦେବାକୁ ହିଁ ପଡ଼ିବ । ଯେଉଁ ମୁହୂର୍ତ୍ତରେ ତୁମେ କହିବ, 'ମୁଁ ଦେବି ନାହିଁ,' ସେହି ମୁହୂର୍ତ୍ତରେ ଆଘାତ ଆସି ତୁମକୁ ଦୁଃଖ ଦେବ । ଏପରି କେହି ନାହିଁ, ଯେ ପରିଣାମରେ ସର୍ବସ୍ୱ ତ୍ୟାଗ କରିବାକୁ ବାଧ୍ୟ ହେବ ନାହିଁ । ଏହି ନିୟମ ବିରୋଧରେ ଯେ ଯେତେ ବେଶୀ ସଂଗ୍ରାମ କରିବ, ସେ ସେତେ ବେଶୀ ଦୁଃଖ ଅନୁଭବ କରିବ । ଆମେ ତ୍ୟାଗ କରିବାକୁ ସାହସ କରୁନାହୁଁ ବୋଲି, ପ୍ରକୃତିର ଏହି ବିରାଟ ଦାବୀ ବିନୀତ ଭାବେ ମାନିବାକୁ ସ୍ୱୀକାର କରୁନାହିଁ ବୋଲି ହିଁ ଦୁଃଖ ପାଉ । ଧର, ଅରଣ୍ୟ ଲୋପ ପାଇଲା; କିନ୍ତୁ ଏହାର ଫଳସ୍ୱରୂପ ଆମେ ସୂର୍ଯ୍ୟର ଉତ୍ତାପ ପାଉ । ସୂର୍ଯ୍ୟ ସାଗରରୁ ଜଳ ଆହରଣ କରି ବୃଷ୍ଟିଧାରାରୂପେ ଏହା ପ୍ରତ୍ୟର୍ପଣ କରେ । ତୁମେ ଆଦାନ-ପ୍ରଦାନର ଯନ୍ତ୍ର ସ୍ୱରୂପ; ତୁମେ ମଧ୍ୟ ଦାନ କରିବା ପାଇଁ ଗ୍ରହଣ କର । ସୁତରାଂ ପ୍ରତିଦାନରେ କିଛି ହେଲେ ଚାହଁ ନାହିଁ; ଯେତେ ବେଶୀ ଦାନ କରିବ, ଠିକ୍ ସେତିକି ତୁମ ନିକଟକୁ ଫେରି ଆସିବ । ଯେତେ ଶୀଘ୍ର କକ୍ଷଟି ବାୟୁଶୂନ୍ୟ କରିବ ସେତେ ଶୀଘ୍ର ଏହା ବାହାରର ବାୟୁଦ୍ୱାରା ପୂର୍ଣ୍ଣ ହେବ; କିନ୍ତୁ ସମସ୍ତ ଦରଜା, ସମସ୍ତ ଛିଦ୍ର ବନ୍ଦ କରିଦେଲେ; ବାହାରର ବାୟୁ କେବେହେଲେ ଭିତରକୁ ଆସିବ ନାହିଁ; ଫଳରେ ଭିତରର ବାୟୁ ଗତିହୀନ ହୋଇ ଦୂଷିତ ଓ ବିଷାକ୍ତ ହେବ । ନଦୀର ଅବିରତ ସାଗର ମଧ୍ୟରେ ନିଜକୁ ନିଃଶେଷିତ କରୁଛି ଏବଂ ସଙ୍ଗେ ସଙ୍ଗେ ପୂର୍ଣ୍ଣ ମଧ୍ୟ ହେଉଛି । ସାଗର ମଧ୍ୟରେ ନଦୀର ନିର୍ଗମନ ରୁଦ୍ଧ କର ନାହିଁ; ଯେଉଁ ମୁହୂର୍ତ୍ତରେ ଏହା କରିବ, ସେଇ ମୁହୂର୍ତ୍ତରେ ତୁମେ ମୃତ୍ୟୁକବଳରେ ପଡ଼ିବ ।

ସୁତରାଂ ଭିକ୍ଷୁକ ହୁଅ ନାହିଁ, ଅନାସକ୍ତ ହୁଅ । ଏହା ଜୀବନରେ ସର୍ବାଧିକ ଦୁଷ୍କର କାର୍ଯ୍ୟ । ଏହି ପଥରେ ଯେ କେତେ ବିପଦ, ତାହା ନିର୍ଣ୍ଣୟ କରିପାରିବ ନାହିଁ । ଏପରିକି, ବୁଦ୍ଧିବୃତ୍ତିର ସାହାଯ୍ୟରେ ଏହି ପଥର ବାଧାବିଘ୍ନସମୂହ ଅବଗତ ହେଲେ ମଧ୍ୟ ଯେଉଁ ମୁହୂର୍ତ୍ତ ପର୍ଯ୍ୟନ୍ତ ତାହା ମନପ୍ରାଣରେ ଅନୁଭବ ନ କରୁ, ସେପର୍ଯ୍ୟନ୍ତ ଆମେ ଏହା ସଠିକ୍ ଭାବରେ ଜାଣିପାରୁ ନାହିଁ । ଦୂରରୁ ଗୋଟିଏ ପ୍ରମୋଦ ଉଦ୍ୟାନର ଦୃଶ୍ୟ ଆମର ନୟନଗୋଚର ହୋଇପାରେ; କିନ୍ତୁ ସେଥିରେ ଲାଭ କ'ଣ ? ଯେତେବେଳେ ଆମେ ଉଦ୍ୟାନରେ ବାସ କରିବୁ, କେବଳ ସେତିକିବେଳେ ଏହା କିପରି ତାହା ଅନୁଭବ କରିବୁ ଏବଂ ଯଥାର୍ଥରୂପେ ଜାଣିପାରିବୁ । ଯଦିଓ ଆମର ପ୍ରତ୍ୟେକଟି ପ୍ରୟାସ ବ୍ୟର୍ଥତାରେ ପର୍ଯ୍ୟବସିତ ହୁଏ ଏବଂ ଆମେ ମର୍ମାହତ ଓ ବିପର୍ଯ୍ୟସ୍ତ ହେଉ, ତଥାପି ସକଳ ବିପର୍ଯ୍ୟୟ ମଧ୍ୟରେ ଆମର ହୃଦୟବୃତ୍ତିକୁ ସତେଜ ରଖିବାକୁ ପଡ଼ିବ—ଏହି ସମସ୍ତ ବିଘ୍ନ-ବିପର୍ଯ୍ୟୟ ମଧ୍ୟରେ ଆମର ଆଭ୍ୟନ୍ତରୀଣ ଦେବତ୍ୱକୁ ଦୃଢ଼ ଚିତ୍ତରେ ପ୍ରକାଶ କରିବାକୁ ହେବ । ପ୍ରକୃତି ଚାହେଁ—ଆମେ ପ୍ରତିକ୍ରିୟାଶୀଳ ହେଉ, ଆଘାତ ବିନିମୟରେ ଆଘାତ କରୁ, ପ୍ରତାରଣା ବିନିମୟରେ ପ୍ରତାରଣା କରୁ, ମିଥ୍ୟାର ବିନିମୟରେ ମିଥ୍ୟାର ଆଶ୍ରୟ ନେଉ, ଆମର ସର୍ବଶକ୍ତି ପ୍ରୟୋଗ କରି ଆଘାତର ସମୁଚିତ ଉତ୍ତର ଦେଉ । ତାହାହେଲେ ଦେଖାଯାଉଛି, ଆଘାତର ବଦଳରେ ପ୍ରତ୍ୟାଘାତ ନ କରିବା ପାଇଁ, ନିଜକୁ ସଂଯତ କରିବା ପାଇଁ—ସର୍ବୋପରି ଅନାସକ୍ତ ହେବା ପାଇଁ ଗୋଟିଏ ବିରାଟ ଦିବ୍ୟ ଶକ୍ତିର ପ୍ରୟୋଜନ ।

ପ୍ରତିଦିନ ଆମେ ଅନାସକ୍ତ ହେବା ପାଇଁ ଦୃଢ଼ ସଂକଳ୍ପ କରୁ । ଆମେ ଆମର ଅତୀତ ପ୍ରୀତି ଓ ଆସକ୍ତିର ବିଷୟଗୁଡ଼ିକୁ ଦେଖୁ ଏବଂ ଅନୁଭବ କରୁ, ଏହା ମଧ୍ୟରୁ ପ୍ରତ୍ୟେକଟି ଆମର ଜୀବନକୁ କିପରି ଦୁଃଖମୟ କରିଛି । ଆମର 'ପ୍ରୀତି' ସକାଶେ ଆମେ ନୈରାଶ୍ୟର ଅତଳ

ଗର୍ଭକୁ ଚାଲିଯାଇଛୁ! ବୁଝିପାରୁଛୁ, ଆମେ ଅନ୍ୟମାନଙ୍କ ହସ୍ତରେ ନିତାନ୍ତ କ୍ରୀତଦାସ ତୁଲ୍ୟ, ଆମମାନଙ୍କୁ ଟାଣି ନିମ୍ନରୁ ନିମ୍ନତର ଅବସ୍ଥାକୁ ଆଣାଯାଇଛି । ପୁଣି ଆମେ ନୂତନଭାବେ ଦୃଢ଼ସଂକଳ୍ପ କରୁ, ବର୍ତ୍ତମାନଠାରୁ ମୁଁ ନିଜ ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ କରିବି, ଏବେଠାରୁ ନିଜକୁ ସଂଯତ କରିବି । କିନ୍ତୁ କାର୍ଯ୍ୟକାଳରେ ସେହି ପୁରୁଣା କାହାଣୀର ପୁନରାବୃତ୍ତି ହୁଏ । ପୁଣି ଜୀବ ବଦ୍ଧ ହୋଇଯାଏ, ଆଉ ବାହାରିପାରେ ନାହିଁ । ଜୀବପକ୍ଷୀ ଜାଲରେ ଆବଦ୍ଧ—ପକ୍ଷ-ସଞ୍ଚାଳନ କରି ମୁକ୍ତିଲାଭର ଚେଷ୍ଟା କରୁଛି । ଏହା ହିଁ ଆମର ଜୀବନ ।

ମୁଁ ଜାଣେ ନିଜକୁ ସଂଯତ କରିବା କେତେ କଷ୍ଟସାଧ୍ୟ! ବାଧାବିପତ୍ତି ପ୍ରଚଣ୍ଡ, ଏବଂ ଆମମାନଙ୍କ ମଧ୍ୟରୁ ଶତକଡ଼ା ନବେ ଜଣ ନିରାଶ ଓ ନିରୁତ୍ସାହ ହୋଇଯାଆନ୍ତି । କାଳକ୍ରମେ ଆମେ ଅଧିକାଂଶ କ୍ଷେତ୍ରରେ ଦୁଃଖବାଦୀ ହୋଇ ସାଧୁତା, ପ୍ରେମ ଏବଂ ଜୀବନରେ ଯାହା କିଛି ଉଦାର ଓ ମହତ୍ ସେଥିରେ ବିଶ୍ୱାସ ହରାଉ । ତେଣୁ ଆମେ ଦେଖିବାକୁ ପାଉ, ଯେଉଁମାନେ ଜୀବନର ପ୍ରଥମ ଅବସ୍ଥାରେ ସରଳ, ଦୟାଳୁ, ଅକପଟ ଓ କ୍ଷମାଶୀଳ, ସେମାନେ ହିଁ ବାର୍ଦ୍ଧକ୍ୟରେ ସତ୍ୟର ମୁଖା ପିନ୍ଧି ମିଥ୍ୟାଚରଣ କରନ୍ତି । ତାଙ୍କ ମନରେ କେବଳ ସ୍ତୂପୀକୃତ ଜଟିଳତା । ହୁଏତ ସେମାନଙ୍କ ମଧ୍ୟରେ ଅନେକଙ୍କର ବାହ୍ୟ ବିଚକ୍ଷଣତା ରହିପାର, ସେମାନେ ଉଗ୍ରମସ୍ତିଷ୍କ ନୁହଁନ୍ତି; ବିଶେଷ କଥା କହନ୍ତି ନାହିଁ, କାହାକୁ କେବେହେଲେ ଅଭିଶାପ ଦିଅନ୍ତି ନାହିଁ, କ୍ରୁଦ୍ଧ ହୁଅନ୍ତି ନାହିଁ; କିନ୍ତୁ କ୍ରୁଦ୍ଧ ହେବା ଶକ୍ତି ସେମାନଙ୍କ କ୍ରୁଦ୍ଧ ହେବା ଶକ୍ତି ସେମାନଙ୍କ ପକ୍ଷରେ ବରଂ ଭଲ, ଅଭିଶାପ ଦେବାର ସାମର୍ଥ୍ୟ ମଧ୍ୟ ସହସ୍ର ଗୁଣରେ ଭଲ, କିନ୍ତୁ ସେମାନେ ସେଥିପାଇଁ ଅସମର୍ଥ; ତାଙ୍କର ହୃଦୟବୃତ୍ତି ସ୍ତବ୍ଧ କାରଣ ସେମାନଙ୍କ ଦେହରେ ମୃତ୍ୟୁର ଶୀତଳ ସ୍ପର୍ଶ ଲାଗିଛି, ସେମାନେ ନିଷ୍କ୍ରିୟ, ଏପରିକି ଅଭିସମ୍ପାତ ମଧ୍ୟ କରିପାରନ୍ତି ନାହିଁ, ପଦେ କର୍କଶ କଥା ମଧ୍ୟ କହିପାରନ୍ତି ନାହିଁ ।

ଏହିସବୁଠାରୁ ଆମମାନଙ୍କୁ ନିଷ୍କୃତି ପାଇବାକୁ ହେବ । ତେଣୁ ମୁଁ କହୁଛି—ଆମର ଅସାଧାରଣ ଐଶୀଶକ୍ତିର ପ୍ରୟୋଜନ । ସାଧାରଣ ଅଲୌକିକ କ୍ଷମତା ଯଥେଷ୍ଟ ନୁହେଁ, ଅସାଧାରଣ ଐଶୀଶକ୍ତି ହିଁ ଏକମାତ୍ର ଉପାୟ—ମୁକ୍ତିର ଏକମାତ୍ର ପଥ । ଏକମାତ୍ର ଏହାରି ସାହାଯ୍ୟରେ ଆମେ ସମସ୍ତ ଜଟିଳତା ଅତିକ୍ରମ କରିପାରିବୁ, ଅକ୍ଷତ ଦେହରେ ଅଜସ୍ର ଦୁଃଖରାଶି ଉତ୍ତୀର୍ଣ୍ଣ ହୋଇପାରିବୁ । ଆମେ ଖଣ୍ଡବିଖଣ୍ଡ ହୋଇପାରୁ, ଶତଧା ବିଚ୍ଛିନ୍ନ ହୋଇପାରୁ, ତଥାପି ଏହି ଶକ୍ତି ସାହାଯ୍ୟରେ ଆମର ହୃଦୟବୃତ୍ତି ସର୍ବଦା ମହତ୍‌ରୁ ମହତ୍ତର ହୋଇ ଉଠିବ ।

ଏହା ଖୁବ୍ କଠିନ, କିନ୍ତୁ ନିରନ୍ତର ଅଭ୍ୟାସଦ୍ୱାରା ଆମେ ଏହା ଅତିକ୍ରମ କରିପାରିବୁ । ଆମକୁ ବୁଝିବାକୁ ହେବ—ଆମର କୌଣସି ବିପଦ ହୋଇପାରେ ନାହିଁ, ଯେପର୍ଯ୍ୟନ୍ତ ଆମେ ନିଜକୁ ସେହି ପରିସ୍ଥିତିର ଅନୁକୂଳ ଅବସ୍ଥାକୁ ନ ଆଣୁ । ମୁଁ ଏହିକ୍ଷଣି କହିଲି, ଯେପର୍ଯ୍ୟନ୍ତ ଦେହ ରୋଗ ପାଇଁ ପ୍ରସ୍ତୁତ ନ ହୁଏ ସେପର୍ଯ୍ୟନ୍ତ କୌଣସି ରୋଗ ଦେହକୁ ସ୍ପର୍ଶ କରିପାରେ ନାହିଁ; ରୋଗ କେବଳ ଜୀବାଣୁ ଉପରେ ନିର୍ଭର କରେ ନାହିଁ, ପରନ୍ତୁ ଦେହାଭ୍ୟନ୍ତରସ୍ଥ ରୋଗ ପ୍ରବଣତା ଉପରେ ମଧ୍ୟ ନିର୍ଭର କରେ । ଆମେ ଯାହା ପାଇବା ଯୋଗ୍ୟ ତାହା ହିଁ ପାଉ । ଅହଂକାର ତ୍ୟାଗ କରି—ଏହା ଆମେ ଯେପରି ବୁଝୁ—ସଙ୍ଗତ କାରଣ ଛଡ଼ା କେହି କେବେହେଲେ ଦୁଃଖଗ୍ରସ୍ତ ହୁଏ ନାହିଁ । କେବେହେଲେ କୌଣସି ଆଘାତ ଅକାରଣରେ ଆସି ନାହିଁ; କେବେହେଲେ ଏପରି କୌଣସି ଅକଲ୍ୟାଣ ସଂଘଟିତ ହୋଇନାହିଁ, ଯାହା ପାଇଁ ଆମେ ନିଜ ହସ୍ତରେ ପଥ ପ୍ରସ୍ତୁତ କରି

ନାହୁଁ । ଏହା ଆମମାନଙ୍କୁ ଜାଣିବାକୁ ହେବ । ନିଜକୁ ବିଶ୍ଳେଷଣ କଲେ ଦେଖିବା ଯେ, ଯଦି ତୁମେ କୌଣସି ଆଘାତ ପାଇଛ, ସେଥିପାଇଁ ନିଜକୁ ପ୍ରସ୍ତୁତ କରିଥିଲ ବୋଲି ତାହା ତୁମ ନିକଟରେ ଉପସ୍ଥିତ ହୋଇଥିଲା । ତୁମେ ଅଧେ ପ୍ରସ୍ତୁତ କରିଛ ଓ ବାକି ଅଧେ କରିଛି ବହିର୍ଜଗତ । ଏହି ଭାବରେ ଆଘାତ ଆସିଥିଲା । ଏହି ଉପଲବ୍ଧି ଆମମାନଙ୍କୁ ଶାନ୍ତ କରିବ । ସଙ୍ଗେ ସଙ୍ଗେ ଏହି ବିଶ୍ଳେଷଣରୁ ଗୋଟିଏ ଆଶାର ବାଣୀ ଆସିବ ଏବଂ ସେହି ଆଶାର ବାଣୀ ଏହିପରି ବାହ୍ୟ ପ୍ରକୃତି ଉପରେ ଆମର କୌଣସି ପ୍ରଭାବ ନାହିଁ । କିନ୍ତୁ ଯାହା ଆମ ଭିତରେ ଯାହା ଆମ ନିକଟରେ, ଅର୍ଥାତ୍ ଆମର ନିଜସ୍ୱ ଜଗତ , ତାହା ଆମର ନିୟନ୍ତ୍ରଣାଧୀନ । ଜୀବନରେ ବ୍ୟର୍ଥତା ଘଟାଇବା ପାଇଁ ଯଦି ଉଭୟର ପ୍ରୟୋଜନ ହୁଏ, ଆମକୁ ଆଘାତ ଦେବା ପାଇଁ ଯଦି ଉଭୟର ଆବଶ୍ୟକ ହୁଏ, ତାହାହେଲେ ଏହି ଦୁଇଟି ମଧ୍ୟରୁ ଯାହା ଆମ ହାତରେ, ତାହା ମୁଁ ଛାଡ଼ିଦେବି ନାହିଁ; ଏହି କ୍ଷେତ୍ରରେ କିପରି ଆଘାତ ଆସିପାରେ ? ଆମେ ଯଦି ନିଜ ଉପରେ ଯଥାର୍ଥ ପ୍ରଭାବ ବିସ୍ତାର କରିପାରୁ ତାହହେଲେ ଆଘାତ କେବେହେଲେ ଆସିବ ନାହିଁ ।

ଶୈଶବରୁ ସର୍ବଦା ଆମେ ବାହାରର କୌଣସି ବସ୍ତୁ ଉପରେ ଦୋଷାରୋପ କରିବାକୁ ଚେଷ୍ଟା କରୁଥାଉ । ସର୍ବଦା ପରକୁ ସଂଶୋଧନ କରିବା ପାଇଁ ଆମେ ପ୍ରସ୍ତୁତ, କିନ୍ତୁ ନିଜକୁ ସଂଶୋଧନ କରିବାକୁ ପ୍ରସ୍ତୁତ ନୋହୁଁ । ଦୁର୍ଦ୍ଦଶାରେ ପଡ଼ିଲେ, 'ହାୟ ! ଏହି ଜଗତ ଦାନବର ରାଜ୍ୟ' ବୋଲି କହୁ । ଆମେ ଅନ୍ୟ ଲୋକକୁ ଅଭିଶାପ ଦେଇ କହୁ, ଅଜ୍ଞାନ-ମୋହରେ ଆଚ୍ଛନ୍ନ ମୂର୍ଖଙ୍କ ଦଳ!' କିନ୍ତୁ ପ୍ରକୃତରେ ଆମେ ଯଦି ଏତେ ସତ୍ ହେଉ ତେବେ କାହିଁକି ଏପରି ଜଗତରେ ରହିଛୁ ? ଏହି ଜଗତ ଯଦି ସଇତାନମାନଙ୍କ ରାଜ୍ୟ, ତା' ହେଲେ ଆମେ ମଧ୍ୟ ଦାନବ; ନତୁବା ଆମେ କାହିଁକି ଏଜଗତରେ ରହିବୁ ? 'ହାୟ ! ଏହି ଜଗତର ଲୋକମାନେ ଏତେ ସ୍ୱାର୍ଥପର !' —ଏହା ସତ୍ୟ, କିନ୍ତୁ ଆମେମାନେ ଯଦି ସେମାନଙ୍କ ତୁଳନାରେ ଭଲ ହେଉ, ତାହାହେଲେ ତାଙ୍କ ସହିତ ଆମେ କାହିଁକି ବାସ କରିବୁ ? ଏହି ବିଷୟ ଚିନ୍ତା କରି ଦେଖ ।

ଆମର ଯେତିକି ଯୋଗ୍ୟତା ରହିଛି, ସେତିକି ମାତ୍ର ଆମେ ପାଉ । ଏହା କହିବା ମିଥ୍ୟା ଯେ, ଜଗତ ଅସତ୍ ଏବଂ ଆମେ କେବଳ ସତ୍ । ଏହା କେବେହେଲେ ହୋଇପାରେ ନାହିଁ, ଏହିପରି ଆମେ କହି ଆସୁଅଛୁ, କିନ୍ତୁ ଏହା ସତ୍ୟର ଅପଳାପ ।

ସର୍ବାଗ୍ରେ ଏହା ଶିକ୍ଷଣୀୟ ଯେ, ବାହାରର କୌଣସି ବସ୍ତୁକୁ ଅଭିଶାପ ନ ଦେବାକୁ ଅଥବା କାହା ଉପରେ କୌଣସି ଦୋଷାରୋପ ନ କରିବାକୁ ବଦ୍ଧପରିକର ହୁଅ । ମଣିଷ ହୁଅ, ଉଠି ଛିଡ଼ାହୁଅ, ନିଜ ଉପରେ ଦୋଷାରୋପ କର । ଦେଖିବ, ଏହା ସର୍ବଦା ସତ୍ୟର ପଥ । ନିଜକୁ ବଶରେ ଆଣ ।

ଏହା କଅଣ ଲଜ୍ଜାର ବିଷୟ ନୁହେଁ ଯେ, ସମୟ ସମୟରେ ଆମେ ନିଜର ମନୁଷ୍ୟତ୍ୱ ସମ୍ବନ୍ଧରେ କେତେ ବଡ଼ ବଡ଼ କଥା କହୁ । କହୁ—ଆମେ ଦେବସ୍ୱରୂପ, ଘୋଷଣା କରୁ ଯେ ଆମେ ସବୁ କିଛି ଜାଣୁ, ଆମେ ସବୁ କିଛି କରିପାରୁ, ଆମେ ନିର୍ଦ୍ଦୋଷ, ନିଷ୍କଳଙ୍କ, ଜଗତ ମଧ୍ୟରେ ସର୍ବାପେକ୍ଷା ନିଃସ୍ୱାର୍ଥପର; ପୁଣି ପର ମୁହୂର୍ତ୍ତରେ କ୍ଷୁଦ୍ର ଏକ ପ୍ରସ୍ତର ଖଣ୍ଡ ମଧ୍ୟ ଆମକୁ କଷ୍ଟ ଦିଏ, କୌଣସି ସାଧାରଣ ବ୍ୟକ୍ତିର ଅଳ୍ପ କ୍ରୋଧ ମଧ୍ୟ ଆମମାନଙ୍କୁ ପୀଡ଼ା ଦିଏ—ରାସ୍ତାର ଯେ କୌଣସି ନିର୍ବୋଧ ବ୍ୟକ୍ତି ମଧ୍ୟ 'ଏହି ସମସ୍ତ ଦେବତାମାନଙ୍କର' ଜୀବନକୁ ଦୁଃଖମୟ କରି ପକାଏ ! ଆମେ ଯଦି ପ୍ରକୃତରେ ଦେବସ୍ୱରୂପ ହେଉ, ତାହାହେଲେ କଅଣ ଆମର ଏପରି

ଦୁରବସ୍ଥା ହେବା ଉଚିତ ? ବାହ୍ୟ ଜଗତ ଆମର ଦୁଃଖଦୁର୍ଦ୍ଦଶା ପାଇଁ ଦାୟୀ—ଏପରି ଅଭିଯୋଗ କରିବା କଅଣ ସତ୍ୟ ? ଯେଉଁ ଈଶ୍ୱର ଶୁଦ୍ଧ, ଅପାପବିଦ୍ଧ, ସେହି ଈଶ୍ୱର କଅଣ ଆମର କୌଣସି ଛଳ-ଚାତୁରୀଦ୍ୱାରା ଦୁଃଖଗ୍ରସ୍ତ ହୋଇପାରନ୍ତି ? ତୁମେମାନେ ଯଦି ଯଥାର୍ଥ ନିଃସ୍ୱାର୍ଥପର ହୁଅ, ତାହାହେଲେ କହିବାକୁ ହେବ—ତୁମେମାନେ ଈଶ୍ୱରତୁଲ୍ୟ । କେଉଁ ବହିର୍ଜଗତ ତୁମମାନଙ୍କୁ ଆଘାତ କରିପାରେ ? ତୁମେମାନେ ଅକ୍ଷତ ଦେହରେ ସପ୍ତମ ନରକକୁ ମଧ୍ୟ ଅତିକ୍ରମ କରିପାର, କୌଣସି ଜିନିଷ ତୁମମାନଙ୍କୁ ବିନ୍ଦୁମାତ୍ର ସ୍ପର୍ଶ କରିପାରିବ ନାହିଁ । କିନ୍ତୁ ତୁମେମାନେ ଯେଉଁ ଅଭିଯୋଗ କର, ବହିଃ-ପ୍ରକୃତି ଉପରେ ଦୋଷାରୋପ କର—ତାହା ପ୍ରମାଣ କରେ ଯେ, ତୁମେ ବହିଃ-ପ୍ରକୃତି ସମ୍ବନ୍ଧରେ ସଚେତନ ଏବଂ ତୁମର ଏହିପରି ଅନୁଭୂତିଦ୍ୱାରା ପ୍ରମାଣିତ ହୁଏ ଯେ, ନିଜର ସ୍ୱରୂପ ଓ ମହତ୍ତ୍ୱ ସମ୍ବନ୍ଧରେ ତୁମେ ଯାହା ଦାବୀ କର, ବସ୍ତୁତଃ ତୁମେ ତାହା ନୁହଁ । ଦୁଃଖ ଉପରେ ଦୁଃଖ ସ୍ତୂପୀକୃତ କରି କେବଳ ବହିଃପ୍ରକୃତି ତୁମକୁ ଆଘାତ କରୁଛି—ଏହି କଳ୍ପନା କରି ଏବଂ 'ହାୟ ! କି ଭୀଷଣ ସଇତାନର ଜଗତ !' 'ଏହି ଲୋକଟି ମୋତେ ଆଘାତ କରୁଛି, ଏହି ବ୍ୟକ୍ତି ମୋତେ କଷ୍ଟ ଦେଉଛି' ଇତ୍ୟାଦି ଚିତ୍କାର କରି ତୁମେ ନିଜର ଅପରାଧ, ଦୁଃଖଦୁର୍ଦ୍ଦଶା ବଢ଼ାଇ ଦେଉଛ । ଦୁଃଖ ତ ପାଉଛ, ତଦୁପରି ମିଥ୍ୟା ଆରୋପ କରୁଛ । କିଛି ସମୟ ପାଇଁ ଅନ୍ୟମାନଙ୍କ କଥା ଛାଡ଼ିଦେଇ ଆମମାନଙ୍କୁ ନିଜ ସମ୍ବନ୍ଧରେ ସତର୍କ ହେବାକୁ ପଡ଼ିବ; ଏହା ଆମେମାନେ ନିଶ୍ଚିତ କରିପାରୁ । ଆସ, ଆମେମାନେ କର୍ମର ଉପାୟଗୁଡ଼ିକୁ ନିଖୁଣ କରିବା, ତାହାହେଲେ ଉଦ୍ଦେଶ୍ୟ ମଧ୍ୟ ସ୍ୱତଃ ଠିକ୍ ହୋଇଯିବ । ଆମମାନଙ୍କ ଜୀବନ ଯଦି ମହତ୍ ଓ ପବିତ୍ର ହୁଏ, ତେବେ ଯାଇ ଏହି ଜଗତ ମହତ୍ ଓ ପବିତ୍ର ହେବ । ଜଗତ କାର୍ଯ୍ୟସ୍ୱରୂପ, ଆମେମାନେ କାରଣସ୍ୱରୂପ । ସୁତରାଂ ଆସ, ଆମ୍ଭେମାନେ ନିଜକୁ ନିଷ୍କଳୁଷ ଓ ପୂର୍ଣ୍ଣ କରି ତୋଳିବା ।

## କର୍ମଯୋଗ-ପ୍ରସଙ୍ଗ

ଯାବତୀୟ ସ୍ଥୂଳ ଓ ସୂକ୍ଷ୍ମ ବସ୍ତୁରୁ ଆତ୍ମାକୁ ପୃଥକ୍ କରିବା ହିଁ ଆମର ଲକ୍ଷ୍ୟ । ଏହି ଅବସ୍ଥା ଲାଭ ହେଲେ ବୋଧହେବ, କେବଳ ଆତ୍ମା ହିଁ ସର୍ବଦା ବିଦ୍ୟମାନ ଅଛନ୍ତି—ତାଙ୍କୁ ସୁଖୀ କରିବା ପାଇଁ ଅନ୍ୟ କିଛିର ପ୍ରୟୋଜନ ନାହିଁ । ସୁଖୀ ହେବା ପାଇଁ ଆମେ ଯେତେଦିନ ଅନ୍ୟ ଜିନିଷ ଉପରେ ନିର୍ଭର କରିବୁ, ସେତେଦିନ ଯାଏ ଆମେ କ୍ରୀତଦାସ । 'ପୁରୁଷ'—ଯେତେବେଳେ ଦେଖନ୍ତି ଯେ ସେ ମୁକ୍ତ, ତାଙ୍କର ପୂର୍ଣ୍ଣତା ପାଇଁ ଅନ୍ୟ କୌଣସି ଜିନିଷର ପ୍ରୟୋଜନ ନାହିଁ ଏବଂ ଏହି ପ୍ରକୃତି ସମ୍ପୂର୍ଣ୍ଣ ଅନାବଶ୍ୟକ, ସେତେବେଳେ ମୁକ୍ତି କିମ୍ବା 'କୈବଲ୍ୟ' ଲାଭ ହୁଏ ।

କେତେଗୁଡ଼ିଏ ଡ଼ଲାରର ପ୍ରତ୍ୟାଶାରେ ମନୁଷ୍ୟ ଦୌଡ଼ାଦୌଡ଼ି କରେ ଏବଂ ଏଥିପାଇଁ ସେ ତାହାର ପ୍ରତିବେଶୀକୁ ପ୍ରତାରଣା କରିବାକୁ ମଧ୍ୟ କୁଣ୍ଠିତ ହୁଏ ନାହିଁ । କିନ୍ତୁ ସେ ଯଦି ନିଜକୁ ସଂଯତ କରିପାରନ୍ତା, ତାହାହେଲେ କେତେକ ବର୍ଷ ମଧ୍ୟରେ ତାହାର ଚରିତ୍ର ଏପରି ଉନ୍ନତ ହୁଅନ୍ତା ଯେ, ସେ ଇଚ୍ଛା କରିବା ମାତ୍ରେ ଲକ୍ଷ ଲକ୍ଷ ଡ଼ଲାର ଉପାର୍ଜନ କରିପାରନ୍ତା । ସେତେବେଳେ ତାହାର ଇଚ୍ଛାଶକ୍ତି ଜଗତକୁ ନିୟନ୍ତ୍ରିତ କରିପାରନ୍ତା; କିନ୍ତୁ ଆମେମାନେ ବଡ଼ ନିର୍ବୋଧ !

ଜଣକର ଭୁଲତ୍ରୁଟିର କଥା ସର୍ବସମକ୍ଷରେ କହି ଲାଭ କଅଣ ? ଏହାଦ୍ୱାରା ତ୍ରୁଟି ସଂଶୋଧିତ ହୁଏ ନାହିଁ, କାରଣ କୃତକର୍ମ ପାଇଁ ମନୁଷ୍ୟକୁ ଦୁଃଖଭୋଗ ନିଶ୍ଚୟ କରିବାକୁ ହେବ । ଆମମାନଙ୍କୁ

ଚେଷ୍ଟାଦ୍ୱାରା ଉନ୍ନତି ଲାଭ କରିବାକୁ ହେବ । ଯେଉଁମାନେ ଦୃଢ଼ ଏବଂ ଶକ୍ତିଶାଳୀ, ଜଗତ କେବଳ ସେମାନଙ୍କ ପ୍ରତି ସହାନୁଭୂତିଶୀଳ । ଯେଉଁ କର୍ମ ମାନବଜାତି ଓ ପ୍ରକୃତି ଉଦ୍ଦେଶ୍ୟରେ ସ୍ୱେଚ୍ଛା ପ୍ରଣୋଦିତଭାବେ ଅର୍ପିତ, ତାହା ଆସକ୍ତି ବା ବନ୍ଧନର କାରଣ ହୁଏ ନାହିଁ ।

କୌଣସି ପ୍ରକାରର କର୍ମ ତୁଚ୍ଛ ନୁହେଁ । ଜଣେ ନିମ୍ନତର କର୍ମ କରେ ବୋଲି ତା ଅପେକ୍ଷା ଯେ ଉଚ୍ଚତର କର୍ମ କରେ, ତାଠାରୁ ଯେ ସେ ନିମ୍ନତର, ତା ନୁହେଁ । କିଏ କି ପ୍ରକାର କର୍ତ୍ତବ୍ୟ କର୍ମ କରେ ଏହା ଦେଖି ମନୁଷ୍ୟକୁ ବିଚାର କରିବା ଉଚିତ ନୁହେଁ । ବରଂ ସେହି କର୍ତ୍ତବ୍ୟକୁ ସେ କି ଭାବରେ ସମ୍ପାଦନ କରେ, ତାହା ଦେଖି ବିଚାର କରିବା ଉଚିତ । ଏହି କାର୍ଯ୍ୟ କରିବାର ଧରଣ ଏବଂ ଶକ୍ତି ହିଁ ମନୁଷ୍ୟର ଯଥାର୍ଥ ପରୀକ୍ଷା । ପ୍ରତିଦିନ ଯାହା ଇଚ୍ଛା ତାହା କହନ୍ତି, ଏପରି ଜଣେ ଅଧ୍ୟାପକଙ୍କ ଅପେକ୍ଷା ଯେଉଁ ମୋଚି ନିଜର କର୍ମ ଓ ବ୍ୟବସାୟ ଅନୁସାରେ ଅତି ଅଳ୍ପ ସମୟରେ ହଳେ ସୁନ୍ଦର ମଜବୁତ୍ ଜୋତା ପ୍ରସ୍ତୁତ କରିପାରେ, ସେ ବଡ଼ ।

ପ୍ରତ୍ୟେକ କର୍ମ ହିଁ ପବିତ୍ର ଏବଂ କର୍ତ୍ତବ୍ୟନିଷ୍ଠା ହିଁ ଈଶ୍ୱରଙ୍କର ଶ୍ରେଷ୍ଠ ଉପାସନା । ବଦ୍ଧ ବ୍ୟକ୍ତିମାନଙ୍କର ମୋହଗ୍ରସ୍ତ ଓ ଅଜ୍ଞାନାଚ୍ଛନ୍ନ ଆତ୍ମାକୁ ମୁକ୍ତ କରିବା ପାଇଁ ଏବଂ ଜ୍ଞାନାଲୋକ ଦେବା ପାଇଁ ନିଜ କର୍ତ୍ତବ୍ୟ ସମ୍ପାଦନ, ସେ ପ୍ରଭୂତ ସହାୟତା କରେ, ଏଥିରେ କୌଣସି ସନ୍ଦେହ ନାହିଁ ।

ଯେଉଁ କର୍ତ୍ତବ୍ୟ ବର୍ତ୍ତମାନ ଆମ ନିକଟରେ ଉପସ୍ଥିତ, ତାହା ଉତ୍ତମ ରୂପେ ସମ୍ପାଦନ କରି ଆମେ କ୍ରମଶଃ ଶକ୍ତି ଲାଭ କରୁ । ଏହି ଭାବରେ ଧୀରେ ଧୀରେ ଶକ୍ତିବୃଦ୍ଧି କରି ଆମେ ଏପରି ଏକ ଅବସ୍ଥାରେ ଉପନୀତ ହେବୁ, ଯେତେବେଳେ ଆମ ଜୀବନର ଓ ସମାଜର ସର୍ବାପେକ୍ଷା ଲୋଭନୀୟ ଓ ସମ୍ମାନଜନକ କର୍ତ୍ତବ୍ୟ ସମ୍ପାଦନର ଗୌରବ ଓ ଅଧିକାର ଆମେ ଲାଭ କରିପାରିବୁ ।

ପ୍ରକୃତିର ବିଚାର ସର୍ବତ୍ର ସମାନ ଭାବରେ କଠୋର ଏବଂ ନିର୍ଦ୍ଦୟ ।

ସର୍ବାପେକ୍ଷା ଅଧିକ ବ୍ୟବହାରିକ ଜ୍ଞାନସମ୍ପନ୍ନ ବ୍ୟକ୍ତିଙ୍କ ନିକଟରେ ଜୀବନ ଭଲ କିମ୍ବା ମନ୍ଦ, କୌଣସିଟି ହିଁ ନୁହେଁ ।

ପ୍ରତ୍ୟେକ ସଫଳକାମୀ ବ୍ୟକ୍ତିର କୃତକାର୍ଯ୍ୟତାର ପଶ୍ଚାତ୍‌ରେ ଅସାଧାରଣ ଦୃଢ଼ତା ଓ ଐକାନ୍ତିକତା ବିଦ୍ୟମାନ ରହିଛି । ଏହା ହିଁ ତାହାର ଜୀବନର ସଫଳତାର ହେତୁ । ସେ ହୁଏତ ସମ୍ପୂର୍ଣ୍ଣ ସ୍ୱାର୍ଥଶୂନ୍ୟ ହୋଇପାରି ନାହିଁ, କିନ୍ତୁ ସେ କ୍ରମଶଃ ଏହି ଆଦର୍ଶ ପ୍ରତି ଅଗ୍ରସର ହେଉଛି, ନତୁବା ସେ ଯଦି ସମ୍ପୂର୍ଣ୍ଣରୂପେ ସ୍ୱାର୍ଥଶୂନ୍ୟ ହୋଇଥାଆନ୍ତି, ତେବେ ତାହାର ଜୀବନ ବୁଦ୍ଧ ବା ଖ୍ରୀଷ୍ଟଙ୍କ ପରି ମହାନ୍ ଓ ସାର୍ଥକ ହୁଅନ୍ତା । ସ୍ୱାର୍ଥଶୂନ୍ୟତାର ତାରତମ୍ୟ ଉପରେ ସର୍ବପ୍ରକାର ସଫଳତାର ତାରତମ୍ୟ ନିର୍ଭର କରେ ।

ମାନବ ଜାତିର ମହାନ୍ ନେତୃବୃନ୍ଦ ନିର୍ଦ୍ଦିଷ୍ଟ ସାଧାରଣ କର୍ମ ଅପେକ୍ଷା ଉଚ୍ଚତର କର୍ମ ପାଇଁ ଜନ୍ମଗ୍ରହଣ କରନ୍ତି ।

ଆମେ ଯେତେ ଚେଷ୍ଟା କରୁନା କାହିଁକି, ଏପରି କୌଣସି କାର୍ଯ୍ୟ ହୋଇପାରେ ନାହିଁ, ଯାହା ସମ୍ପୂର୍ଣ୍ଣଭାବେ ପବିତ୍ର ବା ଅପବିତ୍ର; ଅବଶ୍ୟ ଏଠାରେ ପବିତ୍ରତା ଅଥବା ଅପବିତ୍ରତା ଶବ୍ଦକୁ ହିଂସା ବା ଅହିଂସା ଅର୍ଥରେ ଗ୍ରହଣ କରିବାକୁ ହେବ । ଆମେ କୌଣସି ନା କୌଣସି ପ୍ରାଣୀର ଅନିଷ୍ଟ ନ କରି ଶ୍ୱାସ ପ୍ରଶ୍ୱାସ ତ୍ୟାଗ ବା ଜୀବନଧାରଣ କରିପାରୁ ନାହିଁ । ଆମର ପ୍ରତ୍ୟେକଟି ଅନ୍ନମୁଷ୍ଟି ଅନ୍ୟର ମୁହଁରୁ କାଢ଼ି ନିଆହୋଇଛି । ଆମର ଜଗତମୟ ସ୍ଥାନ ଅଧିକାର

କରି ରହିବା ହେତୁ ଅନେକ ପ୍ରାଣୀଙ୍କର ସ୍ଥାନାଭାବ ହେଉଛି—ହୁଏତ କୌଣସି ମନୁଷ୍ୟର ବା ଅପର କୌଣସି ପ୍ରାଣୀର ବା କୌଣସି ଛୋଟ ଉଦ୍ଭିଦର—କିନ୍ତୁ ଯାହାର ହେଉନା କାହିଁକି ଆମେମାନେ ନିଶ୍ଚିନ୍ତ ଭାବରେ କେତେକ ପ୍ରାଣୀଙ୍କର ସ୍ଥାନ ସଂକୋଚନର କାରଣ ହୋଇଛୁ । ତେଣୁ ପରିଷ୍କାର ଭାବରେ ଏହା ବୁଝାଯାଉଛି ଯେ, କର୍ମଦ୍ୱାରା କେବେହେଲେ ପୂର୍ଣ୍ଣତ୍ୱ ଲାଭ ହୁଏ ନାହିଁ । ଆମେମାନେ ଅନନ୍ତକାଳ ଧରି କର୍ମ କରିଯାଇପାରୁ; କିନ୍ତୁ ଏହି ଜଟିଳ ସଂସାର ଯନ୍ତ୍ରରୁ ବାହାରିବାର ପଥ ପାଇବୁ ନାହିଁ । ଆମେମାନେ କ୍ରମାଗତ କର୍ମ କରିଯାଇପାରୁ, କିନ୍ତୁ ତାହା କେବେହେଲେ ଶେଷ ହେବ ନାହିଁ ।

ଯେଉଁ ବ୍ୟକ୍ତି ସ୍ୱେଚ୍ଛାରେ ଏବଂ ପ୍ରୀତିର ସହିତ କର୍ମ କରେ, ଫଳାଫଳ ପ୍ରତି ତାହାର ଦୃଷ୍ଟି ରହେ ନାହିଁ । କିନ୍ତୁ କ୍ରୀତଦାସକୁ ଚାବୁକ୍ ମାରିବାର ପ୍ରୟୋଜନ ହୁଏ, ଭୃତ୍ୟ ପାରିଶ୍ରମିକ ଚାହେଁ, ଜୀବନରେ ଆମେ ସର୍ବତ୍ର ଏହା ଦେଖିବାକୁ ପାଉ । ଜନସଭାରେ କୌଣସି ବକ୍ତା ହୁଏତ ଟିକିଏ ପ୍ରଶଂସା ଚାହେଁ; ଏହା ନ ଦେଇ ଯଦି ତାକୁ ଗୋଟିଏ କୋଣକୁ ଠେଲି ଦିଆଯାଏ, ତା'ହେଲେ ତାହାର ମୃତ୍ୟୁ ହେବ, କାରଣ ତାହା ପାଇଁ ପ୍ରଶଂସାର ପ୍ରୟୋଜନ ଅଛି—ଏହା ହିଁ ହେଉଛି କ୍ରୀତଦାସ ତୁଲ୍ୟ କର୍ମ । ଏହି ଅବସ୍ଥାରେ ପ୍ରତିଦାନରେ କିଛି ଆଶା କରିବା ସ୍ୱାଭାବିକ ହୋଇଯାଏ । ତା'ପରେ ଆସୁଛି ଭୃତ୍ୟ ପରି କର୍ମ କରିବା । ଭୃତ୍ୟର ପ୍ରୟୋଜନ ପାରିଶ୍ରମିକ—ମୁଁ ଏହା ଦେଉଛି, ତୁମେ ବଦଳରେ ତାହା ଦିଅ ।' କର୍ମ ଲାଗି ଆମେ କର୍ମ କରୁ'—ଏହାପରି ସହଜ ଉକ୍ତି ଆଉ କିଛି ନାହିଁ; କିନ୍ତୁ ଏହା କରିବା ଅତି କଠିନ । କର୍ମ ଲାଗି କର୍ମ କରେ—ଏପରି କୌଣସି ବ୍ୟକ୍ତିଙ୍କୁ ଦର୍ଶନ କରିବା ପାଇଁ ମୁଁ କଷ୍ଟ ସ୍ୱୀକାର କରି ବହୁ ଦୂର ଯିବାକୁ ମଧ୍ୟ ରାଜି ଅଛି । ଆମ କାମରେ ସାଧାରଣତଃ କୌଣସି ଅଭିସନ୍ଧି ଥାଏ, ଯଦି ଅର୍ଥର ଅଭିସନ୍ଧି ନ ଥାଏ, ତା'ହେଲେ ହୁଏତ ପ୍ରଭୁତ୍ୱର ମତଲବ ଅଛି । ଯଦି ତା' ନ ହୁଏ, ତେବେ ଲାଭ ର ଉଦ୍ଦେଶ୍ୟ ଅଛି । —କୌଣସି ପ୍ରକାରର ଗୋଟିଏ ପ୍ରେରଣା ରହିବ ହିଁ ରହିବ । ହୁଏତ ତୁମେ ମୋର ବନ୍ଧୁ, ତୁମ ପାଇଁ ମୁଁ ତୁମ ସହିତ କାମ କରିବାକୁ ଚାହେଁ । ଏହା ବେଶ୍ ଭଲ କଥା ଏବଂ ଏଥିପାଇଁ ପ୍ରତିମୁହୂର୍ତ୍ତରେ ମୁଁ ମୋର ଆନ୍ତରିକତା ଘୋଷଣା କରିପାରେ । କିନ୍ତୁ ସାବଧାନ! ତୁମକୁ ମୋ ସହିତ ଏକମତ ନିଶ୍ଚୟ ହେବାକୁ ହେବ । ଯଦି ତୁମେ ଏକମତ ନ ହୋଇପାର, ତା'ହେଲେ ମୁଁ ତୁମକୁ ସାହାଯ୍ୟ କରିବି ନାହିଁ । ଏଭଳି ଅଭିସନ୍ଧିମୂଳକ କର୍ମଦ୍ୱାରା ଦୁଃଖ ଆସେ । ମନକୁ ବଶରେ ରଖି ଆମେ ଯେଉଁ କର୍ମ କରୁ କେବଳ ସେହି କର୍ମଦ୍ୱାରା ଅନାସକ୍ତି ଓ ଆନନ୍ଦ ଲାଭ ହୁଏ ।

ତେଣୁ ଆମର ଗୋଟିଏ ମହତ୍ ଶିକ୍ଷଣୀୟ ବିଷୟ ହେଉଛି, ଆମ ମାପକାଠିରେ ସମଗ୍ର ଜଗତକୁ ବିଚାର କଲେ ଚଳିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ତାହାର ଭାବ ଅନୁଯାୟୀ ବିଚାର କରିବାକୁ ହେବ, ପ୍ରତ୍ୟେକ ଜାତିକୁ ତାହାର ଆଦର୍ଶ ଅନୁଯାୟୀ ଏବଂ ପ୍ରତ୍ୟେକ ପ୍ରଦେଶରେ ପ୍ରତିଟି ରୀତିନୀତି, ନିଜସ୍ୱ ଯୁକ୍ତି ଓ ଅବସ୍ଥା ଅନୁସାରେ ବିଚାର କରିବାକୁ ହେବ । ଆମେରିକାବାସୀମାନେ ଯେଉଁ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ବାସ କରନ୍ତି, ତା'ର ପ୍ରଭାବରେ ଆମେରିକାବାସୀଙ୍କର ରୀତି-ନୀତିର ଉଦ୍ଭବ ହୋଇଛି ଏବଂ ଭାରତବାସୀଙ୍କର ପରିବେଶ ଅନୁସାରେ ଭାରତୀୟ ରୀତି-ନୀତିର ଉଦ୍ଭବ ହୋଇଛି । ଚୀନ, ଜାପାନ ପ୍ରଭୃତି ଦେଶରେ ମଧ୍ୟ ଏହା ସତ୍ୟ ।

ଆମର ଯୋଗ୍ୟତା ଅନୁସାରେ ଆମ ପରିବେଶ ଗଢ଼ିଉଠେ । ଖେଳିବା ସମୟରେ ପ୍ରତିଟି ବଲ୍ ତାହାର ଯଥା ନିର୍ଦ୍ଦିଷ୍ଟ ଗର୍ତ୍ତରେ ଯାଇ ପଡ଼େ । ଯଦି ଜଣକର କର୍ମଦକ୍ଷତା ଅନ୍ୟମାନଙ୍କ ତୁଳନାରେ ବେଶୀ ହୁଏ, ତେବେ ସାଂସାରିକ ବିନ୍ୟାସରେ ତାହା ନିଶ୍ଚୟ ଧରାପଡ଼ିବ । ସୁତରାଂ ଅଭିଯୋଗ କରି କୌଣସି ଲାଭ ନାହିଁ । କୌଣସି ଧନୀ ବ୍ୟକ୍ତି ହୁଏତ ଦୁଷ୍ଟ, କିନ୍ତୁ ତାହା ମଧ୍ୟରେ ନିଶ୍ଚୟ ଏପରି କେତେଗୁଡ଼ିଏ ଗୁଣ ଅଛି, ଯାହା ଫଳରେ ସେ ଧନୀଲୋକ ହୋଇଅଛି । ଅନ୍ୟ କୌଣସି ବ୍ୟକ୍ତିର ଏହିସବୁ ଗୁଣ ରହିଲେ ସେ ମଧ୍ୟ ଧନୀ ହୋଇପାରିବ । ପରସ୍ପର ମଧ୍ୟରେ ବିବାଦ ଏବଂ ଅଭିଯୋଗ କରି ଲାଭ କଅଣ ? ଏହା ଦ୍ୱାରା ଆମେ ଆମର ଅବସ୍ଥାର କୌଣସି ଉନ୍ନତି କରିପାରିବୁ ନାହିଁ । ଯଦି କେହି କୌଣସି ଛୋଟ କାମ କରିବାକୁ ହେଉଛି ବୋଲି ଅଭିଯୋଗ କରେ, ତେବେ ଜୀବନର ପ୍ରତି କ୍ଷେତ୍ରରେ ସେ ଅଭିଯୋଗ କରିବ । ସବୁବେଳେ ଅସନ୍ତୁଷ୍ଟ ରହିବା ଦ୍ୱାରା ତାହାର ଜୀବନ ଦୁଃଖମୟ ହୋଇଉଠିବ ଏବଂ ସବୁ ପଣ୍ଡ ହୋଇଯିବ । କିନ୍ତୁ ଯେଉଁ ବ୍ୟକ୍ତି ତାହାର କର୍ତ୍ତବ୍ୟ କର୍ମରେ ନିୟତ ଅବିଚଳ ରହି ଅଗ୍ରସର ହୁଏ, ସେ ଆଲୋକର ସନ୍ଧାନ ପାଏ ଏବଂ ଉଚ୍ଚରୁ ଉଚ୍ଚତର କର୍ତ୍ତବ୍ୟ ତାହା ନିକଟରେ ଆସି ଉପସ୍ଥିତ ହୁଏ ।

❋ ❋ ❋

## କର୍ମ ହିଁ ଉପାସନା

ଶ୍ରେଷ୍ଠ ମାନବ କର୍ମ କରିପାରନ୍ତି ନାହିଁ—କାରଣ ତାଙ୍କ ମଧ୍ୟରେ କୌଣସି ବନ୍ଧନର ଭାବ, ଆସକ୍ତି କିମ୍ବା ଅଜ୍ଞାନତା ନାହିଁ । ଏହିପରି ଶୁଣାଯାଏ ଯେ, ଥରେ ଗୋଟିଏ ଜାହାଜ ଏକ ଚୁମ୍ବକ ପାହାଡ଼ ନିକଟଦେଇ ଯାଉଥିଲା । ଜାହାଜର ଲୁହା ନିର୍ମିତ ସ୍କ୍ରୁ, ନଟ୍ ଇତ୍ୟାଦି ସବୁ ଚୁମ୍ବକର ଆକର୍ଷଣରେ ବାହାରି ଗଲା ଓ ଜାହାଜଟି ଖଣ୍ଡବିଖଣ୍ଡ ହୋଇ ବୁଡ଼ିଗଲା । ଅଜ୍ଞାନ ଅବସ୍ଥାରେ ଆମର କର୍ମ-ପ୍ରଚେଷ୍ଟା ଚାଲିବାର କାରଣ ଆମେ ସମସ୍ତେ ନାସ୍ତିକ । ଯଥାର୍ଥ ଆସ୍ତିକ ବୁଦ୍ଧିସମ୍ପନ୍ନ ବ୍ୟକ୍ତିମାନେ କର୍ମ କରିପାରନ୍ତି ନାହିଁ । ଆମେ ସମସ୍ତେ ହିଁ କମ୍ ବେଶୀ ନାସ୍ତିକ । ଆମେ ଈଶ୍ୱରଙ୍କୁ ଦେଖିପାରୁ ନାହୁଁ; ତାଙ୍କ ପ୍ରତି ଆମର ବିଶ୍ୱାସ ମଧ୍ୟ ନାହିଁ । ସେ ଆମ ନିକଟରେ 'ଈଶ୍ୱର'—ଏହି ଶବ୍ଦ ମାତ୍ର । ଅନେକ ସମୟରେ ଆମେ ମନେକରୁ ଯେ, ସେ ଆମମାନଙ୍କର ଅତି ନିକଟରେ; କିନ୍ତୁ ପର ମୁହୂର୍ତ୍ତରେ ପୁଣି ପୂର୍ବାବସ୍ଥାକୁ ଫେରିଆସୁ । ତାଙ୍କର ଯଦି ସାକ୍ଷାତ୍କାର ହୁଏ, ତେବେ କିଏ କାହା ପାଇଁ କର୍ମ କରିବ ? ଈଶ୍ୱରଙ୍କୁ ସାହାଯ୍ୟ କରିବ ! —ଏହା ବଡ଼ ହାସ୍ୟାସ୍ପଦ କଥା । ଆମର ଗୋଟିଏ ପ୍ରସିଦ୍ଧ ଉକ୍ତି ଅଛି ଯାହାର ଅର୍ଥ; ବିଶ୍ୱକର୍ମାଙ୍କୁ କଅଣ ଶିଖାଇବାକୁ ହେବ, ସେ କିପରି ସୃଷ୍ଟି କରିବେ ? ସୁତରାଂ ମାନବଜାତିରେ ସେହି ବ୍ୟକ୍ତିମାନେ ଶ୍ରେଷ୍ଠ, ଯେଉଁମାନେ କୌଣସି କର୍ମ କରନ୍ତି ନାହିଁ । ତେଣୁ ଯେତେବେଳେ ତୁମେ ଜଗତ ସମ୍ବନ୍ଧରେ ଏବଂ ଭଗବାନଙ୍କୁ ଆମେ କିପରି ସାହାଯ୍ୟ କରିପାରୁ—ତାଙ୍କ ପାଇଁ ଆମେ ଏହା କରିପାରୁ, ତାହା କରିପାରୁ ଇତ୍ୟାଦି ମୂର୍ଖଙ୍କ ପରି କଥା ଶୁଣିବ, ସେତେବେଳେ ଏହି ଉକ୍ତିଟି ମନେ ରଖିବ । ଏହି ଧରଣର କୌଣସି ଚିନ୍ତା ଯେପରି ତୁମ ମନରେ ସ୍ଥାନ ନ ପାଏ । ଏହିସବୁ କଥା ସ୍ୱାର୍ଥବୁଦ୍ଧିପ୍ରଣୋଦିତ । ତୁମେ ଯେଉଁସବୁ କର୍ମ କରୁଛ, ତାହାସବୁ ତୁମ ନିମିତ୍ତ, ଏହାଦ୍ୱାରା ତୁମ ନିଜର ଉପକାର ହେବ ବୋଲି କରୁଛ । ଈଶ୍ୱର ଏପରି କୌଣସି ଅସୁବିଧାରେ ପଡ଼ି ନାହାନ୍ତି ଯେ, ତୁମେ କିମ୍ବା ମୁଁ ଗୋଟିଏ ଡାକ୍ତରଖାନା କିମ୍ବା ଅନ୍ୟ କିଛି ନିର୍ମାଣ କରି ତାଙ୍କୁ

ସାହାଯ୍ୟ କରିବା । ସେ ତୁମକୁ କର୍ମର ସୁଯୋଗ ଦେଇଛନ୍ତି । ତାଙ୍କର ଏହି ବିରାଟ ବ୍ୟାୟାମଶାଳାରେ ତୁମର ପେଶୀସମୂହ ଚାଳନା କରିବାର ସୁଯୋଗ ସେ ତୁମକୁ ଦେଇଛନ୍ତି, ତାଙ୍କୁ ସାହାଯ୍ୟ କରିବା ପାଇଁ ନୁହେଁ । ତୁମେ କଅଣ ମନେକର ଯେ, ଗୋଟିଏ ପିପୀଲିକା ମଧ୍ୟ ତୁମର ସାହାଯ୍ୟ ବ୍ୟତୀତ ମରିଯିବ ? ଏହା ରୀତିମତ ଈଶ୍ୱର-ନିନ୍ଦା ! ଜଗତ ତୁମର କୌଣସି ପ୍ରୟୋଜନବୋଧ ହିଁ କରେନା । ଜଗତ ନିଜ ପରି ଚାଲିବ—ତୁମ ଏହି ଜଗତରୂପ ମହା-ସମୁଦ୍ରରେ ଗୋଟିଏ ବାରିବିନ୍ଦୁ ମାତ୍ର । ତାଙ୍କ ଇଚ୍ଛା ଛଡ଼ା ଗଛର ଗୋଟିଏ ପତ୍ର ମଧ୍ୟ କମ୍ପେ ନାହିଁ—ପବନ ବହେ ନାହିଁ । ଆମର ଏହି ସୌଭାଗ୍ୟ ଯେ, ଆମେ ତାଙ୍କର ଈପ୍ସିତ କର୍ମ କରିବାର ସୁଯୋଗଲାଭ କରିଛୁ – ତାଙ୍କୁ ସାହାଯ୍ୟ କରିବା ପାଇଁ ନୁହେଁ । 'ସାହାଯ୍ୟ'—ଏହି ଶବ୍ଦଟା ତୁମେମାନେ ମନରୁ ପୋଛିଦିଅ । ସାହାଯ୍ୟ ତୁମେ କରିପାର ନାହିଁ । ଏହା କହିବା ଈଶ୍ୱରଙ୍କ ନିନ୍ଦା କରିବା ତୁଲ୍ୟ । ତାଙ୍କ କୃପାରୁ ତୁମର ଅସ୍ତିତ୍ୱ ଅଛି । ତୁମେ କଅଣ ମନେକର ଯେ, ତୁମେ ତାଙ୍କୁ ସାହାଯ୍ୟ କରୁଛ ? ତୁମେ ତାଙ୍କର ଉପାସନା କରୁଛ । ଯେତେବେଳେ କୁକୁରକୁ କିଛି ଖାଇବାକୁ ଦିଅ, ସେତେବେଳେ ଏହି କୁକୁରକୁ ତୁମେ ଈଶ୍ୱରରୂପେ ପୂଜା କରୁଛ । ଏହି କୁକୁର ଭିତରେ ମଧ୍ୟ ଈଶ୍ୱର ଅଛନ୍ତି—ସେ କୁକୁରରୂପେ ପ୍ରକାଶିତ । ସେ ସର୍ବତ୍ର ଏବଂ ସମସ୍ତଙ୍କ ମଧ୍ୟରେ ବର୍ତ୍ତମାନ । ଆମେ ତାଙ୍କୁ ପୂଜା କରିବାର ସୌଭାଗ୍ୟଲାଭ କରିଛୁ ମାତ୍ର । ସମଗ୍ର ବିଶ୍ୱକୁ ସଶ୍ରଦ୍ଧ ଚକ୍ଷୁରେ ଦେଖ, ତେବେ ଯାଇ ପୂର୍ଣ୍ଣ ଅନାସକ୍ତି ଆସିବ । ଏହା ତୁମର ଏକମାତ୍ର କର୍ତ୍ତବ୍ୟ ହେଉ । ଏହା ହିଁ କର୍ମର ଯଥାର୍ଥ ମନୋଭାବ ଏବଂ କର୍ମଯୋଗ ଆମମାନଙ୍କୁ ଏହି ରହସ୍ୟ ଶିକ୍ଷା ଦିଏ ।

❋ ❋ ❋

## ସ୍ୱାର୍ଥରହିତ କର୍ମ

(୧୮୯୮ ଖ୍ରୀ: ୨୦ ମାର୍ଚ୍ଚ କଲିକତା ବାଗ୍‌ବଜାର ୫୭ ରାମକାନ୍ତ ବସୁ ଷ୍ଟ୍ରୀଟ୍‌ରେ ରାମକୃଷ୍ଣ ମିଶନର ୪୨ ତମ ଅଧିବେଶନରେ ସ୍ୱାମୀ ବିବେକାନନ୍ଦଙ୍କ ନିଷ୍କାମ କର୍ମ ବିଷୟରେ ବକ୍ତୃତା ।)

ଗୀତା ଯେବେ ପ୍ରଥମ ପ୍ରଚାରିତ ହେଲା, ସେତେବେଳେ ଦୁଇଟି ସମ୍ପ୍ରଦାୟ ମଧ୍ୟରେ ପ୍ରବଳ ମତବିରୋଧ ଚାଲୁଥିଲା । ଗୋଟିଏ ଦଳ ବୈଦିକ ଯାଗ ଯଜ୍ଞ, ପଶୁବଳି ଏବଂ ଏହି ପ୍ରକାର କର୍ମସମୂହକୁ ହିଁ ଧର୍ମ ବୋଲି ମନେ କରୁଥିଲେ । ଆଉ ଅନ୍ୟ ଦଳ ପ୍ରଚାର କରୁଥିଲେ ଯେ ଅସଂଖ୍ୟ ଅଶ୍ୱ ଓ ପଶୁ ହତ୍ୟା କରିବା ଧର୍ମ ବୋଲି ଅଭିହିତ ହୋଇପାରେ ନାହିଁ । ଶେଷୋକ୍ତ ଦଳର ଅଧିକାଂଶ ଥିଲେ ସନ୍ୟାସୀ ଏବଂ ଜ୍ଞାନମାର୍ଗୀ । ତାଙ୍କର ବିଶ୍ୱାସ ସର୍ବ ପ୍ରକାର କର୍ମ ତ୍ୟାଗ କରି ଆତ୍ମଜ୍ଞାନ ଲାଭ କରିବା ହିଁ ମୋକ୍ଷର ଏକମାତ୍ର ପଥ । ଗୀତାକାର ଶ୍ରୀକୃଷ୍ଣ ତାଙ୍କର ନିଷ୍କାମ କର୍ମର ମହତ୍ ବାଣୀ ପ୍ରଚାର କରି ପରସ୍ପରବିରୋଧ ଏହି ଦୁଇ ସଂପ୍ରଦାୟର ବିରୁଦ୍ଧ ଭାବର ଅବସାନ କଲେ । ଅନେକଙ୍କର ଧାରଣା ଯେ, ଗୀତା ମହାଭାରତ ଯୁଗରେ ଲେଖା ହୋଇନାହିଁ—ପରବର୍ତ୍ତୀ କାଳରେ ମହାଭାରତରେ ସଂଯୋଜିତ ହୋଇଅଛି, କିନ୍ତୁ ଏହା ଠିକ୍

ନୁହେଁ । କାରଣ ମହାଭାରତର ପ୍ରତ୍ୟେକ ଅଂଶରେ ଗୀତାର ବିଶେଷ ବାଣୀଗୁଡ଼ିକ ପରିଲକ୍ଷିତ ହୁଏ ଏବଂ ଗୀତା ଯଦି ମହାଭାରତର ଅଂଶ ବୋଲି ଧରା ନ ହୁଏ, ତାହାହେଲେ ମହାଭାରତର ଅନ୍ୟାନ୍ୟ ଅଂଶରେ ଯେଉଁଠି ଏହି ସବୁ ବାଣୀ ବର୍ତ୍ତମାନ, ତାହା ମଧ୍ୟ ସମ ଭାବରେ ବିବେଚିତ ହେବା ଉଚିତ ।

ତେବେ ନିଷ୍କାମ କର୍ମର ଅର୍ଥ କଅଣ ? ଆଜିକାଲି ବହୁ ଲୋକ ଏହାକୁ ଏହି ଅର୍ଥରେ ବୁଝନ୍ତି ଯେ, କର୍ମ ଏପରି ଭାବରେ କରିବାକୁ ହେବ, ଯାହାଦ୍ୱାରା ସୁଖ କିମ୍ବା ଦୁଃଖ କିଛିହେଲେ ମନକୁ ସ୍ପର୍ଶ କରିବ ନାହିଁ । ଏହାର ପ୍ରକୃତ ଅର୍ଥ ଯଦି ଏହା ହୁଏ, ତାହାହେଲେ ଇତର ପ୍ରାଣୀମାନେ ମଧ୍ୟ ନିଷ୍କାମ କର୍ମ କରନ୍ତି ବୋଲି କହିବାକୁ ହେବ । କେଉଁ କେଉଁ ପ୍ରାଣୀ ତାଙ୍କର ଶାବକମାନଙ୍କୁ ଖାଇପକାନ୍ତି ଏବଂ ଏଥିପାଇଁ ତାଙ୍କର କୌଣସି ଦୁଃଖବୋଧ ହୁଏ ନାହିଁ ! ଦସ୍ୟୁମାନେ ଅନ୍ୟମାନଙ୍କର ଧନସମ୍ପତ୍ତି ଅପହରଣ କରି ସେମାନଙ୍କର ସର୍ବନାଶ କରନ୍ତି । ଏହି କର୍ମ କରିବା ବେଳେ ଯଦି ସୁଖ ବା ଦୁଃଖର କୌଣସି ଅନୁଭୂତି ତାଙ୍କର ନ ହୁଏ, ତାହେଲେ ସେମାନେ ମଧ୍ୟ ନିଷ୍କାମ ହୋଇ କର୍ମ କରନ୍ତି ବୋଲି କହିବାକୁ ହେବ । ନିଷ୍କାମ କର୍ମର ଅର୍ଥ ଯଦି ଏହା ହୁଏ, ତାହାହେଲେ କଠିନ-ହୃଦୟ ଦୁରାଚାରୀ ମଧ୍ୟ ନିଷ୍କାମ-କର୍ମୀ ବୋଲି ବିବେଚିତ ହେବେ । ଗୋଟିଏ କାନ୍ଥର ସୁଖ କିମ୍ବା ଦୁଃଖର କୌଣସି ଅନୁଭୂତି ନାହିଁ, ଗୋଟିଏ ପ୍ରସ୍ତରଖଣ୍ଡର ମଧ୍ୟ ତାହା ନାହିଁ—ତା'ବୋଲି ସେମାନେ ନିଷ୍କାମ କର୍ମ କରନ୍ତି, ଏହା ଆମେ କହିପାରିବୁ ନାହିଁ । ଏହାର ଏଭଳି ଅର୍ଥ କଲେ ନିଷ୍କାମ କର୍ମ ଦୁଷ୍ଟ ଲୋକମାନଙ୍କ ହାତରେ ଗୋଟିଏ ଶକ୍ତିଶାଳୀ ଯନ୍ତ୍ର ରୂପେ ପରିଣତ ହେବ । ସେମାନେ ଦୁଷ୍କର୍ମରତ ରହିବେ ଓ କହିବେ ଯେ, ସେମାନେ ନିଷ୍କାମ କର୍ମ କରୁଛନ୍ତି । ନିଷ୍କାମ କର୍ମର ଅର୍ଥ ଯଦି ଏହା ହୁଏ, ତାହାହେଲେ ଗୀତା ନିଃସନ୍ଦେହ ଭାବରେ ଗୋଟିଏ ଭୟାବହ ମତବାଦ ପ୍ରଚାର କରିଛି । କିନ୍ତୁ ଏହାର ଅର୍ଥ ତାହା ନୁହେଁ । ଅଧିକନ୍ତୁ ଗୀତାର ପ୍ରଚାର ସହିତ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କର ଜୀବନ ଆଲୋଚନା କଲେ ଆମେ ଦେଖିବୁ ଯେ, ସେମାନଙ୍କର ଜୀବନ ଅନ୍ୟ ଧରଣର ଥିଲା । ଅର୍ଜୁନ ଯୁଦ୍ଧରେ ଭୀଷ୍ମ ଏବଂ ଦ୍ରୋଣଙ୍କୁ ବଧ କଲେ, କିନ୍ତୁ ସଙ୍ଗେ ସଙ୍ଗେ ସେ ତାଙ୍କର ସକଳ ସ୍ୱାର୍ଥବୁଦ୍ଧି, ବାସନା ଓ କ୍ଷୁଦ୍ର ଅହଙ୍କାରକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବିସର୍ଜନ ଦେଇଥିଲେ ।

ଗୀତା କର୍ମଯୋଗର ଶିକ୍ଷା ଦିଏ । ଯୋଗାରୂଢ଼ ହୋଇ ଆମମାନଙ୍କୁ କର୍ମ କରିବାକୁ ହେବ । ଏହି ଯୋଗଯୁକ୍ତ ଅବସ୍ଥାରେ ଆମର କ୍ଷୁଦ୍ର 'ଅହଂ' ବୋଧ ରହେ ନାହିଁ । ଯୋଗଯୁକ୍ତ ହୋଇ କର୍ମ କଲେ 'ମୁଁ ଏହା କରୁଛି, ତାହା କରୁଛି'—ଏହି ବୋଧ ରହିବ ନାହିଁ । ପାଶ୍ଚାତ୍ୟର ଲୋକମାନେ ଏହା ହୃଦୟଙ୍ଗମ କରିପାରନ୍ତି ନାହିଁ । ସେମାନେ କହନ୍ତି ଯେ, ଯଦି ଆମର ଏହି ଅହଂବୋଧ ନ ରହେ, ତାହା ହେଲେ ମନୁଷ୍ୟ କିପରି କର୍ମ କରିବ ? ପ୍ରକୃତପକ୍ଷେ ଅହଂବୋଧ ତ୍ୟାଗ କରି ଯୋଗଯୁକ୍ତ ଚିତ୍ତରେ କର୍ମ କଲେ ଏହା ଅନନ୍ତ ଗୁଣ ଉତ୍କୃଷ୍ଟତର ହେବ ଏବଂ ସମସ୍ତେ ନିଜ ଜୀବନରେ ଏହା ଅନୁଭବ ମଧ୍ୟ କରିପାରିବେ । ଆମେ ଖାଦ୍ୟର ପରିପାକକ୍ରିୟା ଓ ଅନ୍ୟାନ୍ୟ ବହୁ କର୍ମ ଅବଚେତନ ଭାବରେ କରୁ; ପୁଣି ଅନେକ କର୍ମ ଜ୍ଞାତସାରରେ ଏବଂ ଆହୁରି ଅନେକ କର୍ମ କ୍ଷୁଦ୍ର 'ଅହଂ' ବୋଧ ଲୋପ ହେତୁ ଯେପରି ସମାଧିମଗ୍ନ ହୋଇ କରୁ । ଚିତ୍ରକାର ଯଦି 'ଅହଂ' ବୋଧ ଭୁଲି ଚିତ୍ରାଙ୍କନରେ ସମ୍ପୂର୍ଣ୍ଣ ଭାବେ ନିମଗ୍ନ ହୁଏ, ତାହାହେଲେ ସେ ଅପୂର୍ବ ଚିତ୍ର ଆଙ୍କିପାରିବ । ଉତ୍ତମ ପାଚକ ଯେତେବେଳେ ରୋଷେଇ କରେ, ସେତେବେଳେ

ସେଥିରେ ସେ ସମ୍ପୂର୍ଣ୍ଣ ମନ ନିବିଷ୍ଟ କରେ ଏବଂ ସାମୟିକ ଭାବରେ ତାହାର ଅନ୍ୟାନ୍ୟ ବୋଧସମୂହ ତିରୋହିତ ହୁଏ । ଏହିଭାବେ ସେମାନେ ତାଙ୍କର ଅଭ୍ୟସ୍ତ କର୍ମ ସୁଚାରୁରୂପେ ସଂପାଦନ କରିବାକୁ ସମର୍ଥ ହୁଅନ୍ତି । ଗୀତା ଆମମାନଙ୍କୁ ଏହି ଶିକ୍ଷା ଦିଏ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସହିତ ଏକାତ୍ମତା ଅନୁଭବ କରନ୍ତି, ସେ ଯୋଗଯୁକ୍ତ ହୋଇ କର୍ମ କରନ୍ତି ଏବଂ ବ୍ୟକ୍ତିଗତ ସ୍ୱାର୍ଥ କେବେହେଲେ ଅନ୍ୱେଷଣ କରନ୍ତି ନାହିଁ । ଏଭଳି କର୍ମ ସମ୍ପାଦନଦ୍ୱାରା ଜଗତର ମଙ୍ଗଳ ହୁଏ, ଏହାଦ୍ୱାରା କୌଣସି ଅମଙ୍ଗଳ ହୋଇପାରେ ନାହିଁ । ଯେଉଁମାନେ ଏହି ଭାବରେ କର୍ମ କରନ୍ତି, ସେମାନେ ନିଜ ସ୍ୱାର୍ଥ ପାଇଁ କିଛି କରନ୍ତି ନାହିଁ ।

ପ୍ରତ୍ୟେକ କର୍ମର ଫଳ ଶୁଭାଶୁଭମିଶ୍ରିତ । ଏପରି କୌଣସି ଶୁଭ କର୍ମ ନାହିଁ, ଯେଉଁଥିରେ ଅଶୁଭର କୌଣସି ସ୍ପର୍ଶ ନାହିଁ । ଅଗ୍ନିର ଚାରିଆଡ଼େ ଯେପରି ଧୂଆଁ ଥାଏ, ସେହିପରି କର୍ମ ସହିତ କିଛି ଅଶୁଭ ସର୍ବଦା ଥାଏ । ଆମେ ଏପରି କର୍ମରେ ନିଯୁକ୍ତ ରହିବା ଉଚିତ୍, ଯାହାଦ୍ୱାରା ଅଧିକ ପରିମାଣରେ ଶୁଭ ଏବଂ ଅଳ୍ପ ପରିମାଣରେ ଅଶୁଭ ହେବ । ଭୀଷ୍ମ ଓ ଦ୍ରୋଣଙ୍କୁ ଅର୍ଜୁନ ବଧ କରିଥିଲେ; କାରଣ ଅନ୍ୟଥା ସେ ଦୁର୍ଯ୍ୟୋଧନକୁ ପରାଭୂତ କରିପାରି ନଥାନ୍ତେ ଓ ଫଳରେ ଅଶୁଭ-ଶକ୍ତି, ଶୁଭ-ଶକ୍ତି ଉପରେ ପ୍ରାଧାନ୍ୟ ଲାଭ କରିଥାନ୍ତା ଏବଂ ଦେଶରେ ମହାବିପର୍ଯ୍ୟୟ ଘଟିଥାଆନ୍ତା । ଦଳେ ଗର୍ବିତ ଅସତ୍ ନୃପତି ବଳପୂର୍ବକ ଦେଶର ଶାସନଭାର ଅଧିକାର କରିଥାଆନ୍ତେ ଏବଂ ପ୍ରଜାମାନଙ୍କର ଚରମ ଦୁର୍ଦ୍ଦଶା ହୋଇଥାଆନ୍ତା । ଶ୍ରୀକୃଷ୍ଣ ମଧ୍ୟ କଂସ, ଜରାସନ୍ଧ ପ୍ରଭୃତି ଅତ୍ୟାଚାରୀ ରାଜାମାନଙ୍କୁ ବଧ କଲେ; କିନ୍ତୁ ତାହା ସେ ନିଜ ପାଇଁ କରିନାହାନ୍ତି । ତାଙ୍କର ପ୍ରତ୍ୟେକ କର୍ମ ଅନ୍ୟମାନଙ୍କ ମଙ୍ଗଳ ପାଇଁ ଅନୁଷ୍ଠିତ ହୋଇଥିଲା । ଦୀପାଲୋକରେ ଆମେ ଗୀତାପାଠ କରୁଛୁ; କିନ୍ତୁ କେତେଗୁଡ଼ିଏ ପତଙ୍ଗ ସେଥିରେ ପଡ଼ି ମରୁଛନ୍ତି । ତେଣୁ ବିଚାର କଲେ ଦେଖାଯିବ ଯେ, କର୍ମ ମଧ୍ୟରେ କିଛିନା କିଛି ଦୋଷ ରହିବ ହିଁ ରହିବ । ଯେଉଁମାନେ ଅମାର୍ଜିତ 'ଅହଂ'-ବୋଧ ବିସର୍ଜନ ଦେଇ କର୍ମ କରନ୍ତି, ଦୋଷ ସେମାନଙ୍କୁ ସ୍ପର୍ଶ କରିପାରେ ନାହିଁ । କାରଣ ଜଗତର ହିତପାଇଁ ସେମାନେ କର୍ମ କରନ୍ତି । ନିଷ୍କାମ ଓ ଅନାସକ୍ତ ହୋଇ କର୍ମ କଲେ ସର୍ବାଧିକ ଆନନ୍ଦ ଓ ପରିଶେଷରେ ମୁକ୍ତିଲାଭ ହୁଏ । ଗୀତାରେ ଶ୍ରୀକୃଷ୍ଣ କର୍ମଯୋଗର ଏହି ରହସ୍ୟ ଶିକ୍ଷା ଦେଇଛନ୍ତି ।

❋ ❋ ❋

## ଜ୍ଞାନ ଓ କର୍ମ

(୧୮୯୫ଖ୍ରୀ: ୨୩ ନଭେମ୍ବର, ଲଣ୍ଡନରେ ପ୍ରଦତ୍ତ ଭାଷଣର ସାରାଂଶ)

ଚିନ୍ତା-ଶକ୍ତିରୁ ସର୍ବାଧିକ ଶକ୍ତିଲାଭ ହୁଏ । ବସ୍ତୁ ଯେତେ ସୂକ୍ଷ୍ମ, ତାହାର ଶକ୍ତି ମଧ୍ୟ ସେତେ ବେଶୀ । ଚିନ୍ତାର ନୀରବ ଶକ୍ତି ଦୂରର ମନୁଷ୍ୟକୁ ମଧ୍ୟ ପ୍ରଭାବିତ କରେ, କାରଣ ମନ ଏକ, ପୁଣି ଅନେକ ମଧ୍ୟ । ଜଗତ ଯେପରି ଗୋଟିଏ ମାଙ୍କଡ଼ସାର ଜାଲ, ମନଗୁଡ଼ିକ ଯେପରି ମାଙ୍କଡ଼ସା ।

ଏହି ଜଗତ ସର୍ବବ୍ୟାପୀ ଗୋଟିଏ ଅଖଣ୍ଡ ସତ୍ତାର ପ୍ରକାଶ । ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ଦୃଷ୍ଟ ସେହି ସତ୍ତା ଏହି ଜଗତ ବୋଲି ପ୍ରତୀୟମାନ ହୁଏ । ଏହା ହିଁ ମାୟା । ଅତଏବ ଜଗତ ଗୋଟିଏ ଭ୍ରମ, ଅର୍ଥାତ୍ ସତ୍ୟବସ୍ତୁର ଅସମ୍ପୂର୍ଣ୍ଣ ଦର୍ଶନ, ଆଂଶିକ ପ୍ରକାଶ—ପ୍ରଭାତ କାଳରେ ଯେପରି ସୂର୍ଯ୍ୟ ଗୋଟିଏ ଲାଲ ରଙ୍ଗର ବଲ୍ ପରି ଦେଖାଯାଆନ୍ତି । ଏହି ଭାବରେ ଦେଖିଲେ-ଯାହାକିଛି ଅଶୁଭ ଓ ମନ୍ଦ ବୋଲି ମନେ ହୁଏ—ତାହା ପ୍ରକୃତ ପକ୍ଷରେ ଦୁର୍ବଳତା ମାତ୍ର—ଭଲ କିମ୍ବା ଶୁଭର ଅସମ୍ପୂର୍ଣ୍ଣ ପ୍ରକାଶ ।

ସରଳରେଖାକୁ ଅନନ୍ତ ପର୍ଯ୍ୟନ୍ତ ବର୍ଦ୍ଧିତ କଲେ ଗୋଟିଏ ବୃତ୍ତରେ ପରିଣତ ହୁଏ । ଶୁଭର ସନ୍ଧାନ, ଆତ୍ମାନୁସନ୍ଧାନରେ ହିଁ ପର୍ଯ୍ୟବସିତ ହୁଏ । 'ମୁଁ' ହିଁ ରହସ୍ୟର ସମଗ୍ରରୂପ—ଈଶ୍ୱର । କାଲି 'ମୁଁ' ହିଁ ଦେହ, ପୁଣି 'ମୁଁ' ହିଁ ବିଶ୍ୱର ପରମେଶ୍ୱର ।

ମନୁଷ୍ୟ ପବିତ୍ର ଓ ନୀତିପରାୟଣ ହେବ କାହିଁକି ? କାରଣ ଏହାଦ୍ୱାରା ତାହାର ଇଚ୍ଛାଶକ୍ତି ଦୃଢ଼ ହେବ । ଯାହାକିଛି ମନୁଷ୍ୟର ଯଥାର୍ଥ ସ୍ୱରୂପ ପ୍ରକାଶିତ କରି ମନନ ଓ ଇଚ୍ଛାଶକ୍ତିକୁ ସତେଜ କରେ ତାହା ନୈତିକ । ଯାହାକିଛି ଏହାର ବିପରୀତ, ତାହା ହିଁ ଦୁର୍ନୀତି । ବିଭିନ୍ନ ଦେଶ ଓ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ମାନ ମଧ୍ୟ ପୃଥକ୍ । ମନୁଷ୍ୟକୁ ବିଧି-ନିଷେଧ, ଶାସ୍ତ୍ର-ବଚନ ପ୍ରଭୃତିର ଦାସତ୍ୱରୁ ମୁକ୍ତିଲାଭ କରିବାକୁ ହେବ । ବର୍ତ୍ତମାନ ଆମ ଇଚ୍ଛାର କୌଣସି ସ୍ୱାଧୀନତା ନାହିଁ । କିନ୍ତୁ ଯେତେବେଳେ ମୁକ୍ତ ହେବୁ ସେତେବେଳେ ଆମ ଇଚ୍ଛା ସ୍ୱାଧୀନ ହେବ । ସଂସାରକୁ ଏହି ଭାବରେ ଛାଡ଼ିଦେବାର ନାମ ତ୍ୟାଗ । ଇନ୍ଦ୍ରିୟ ମାଧ୍ୟମରେ କ୍ରୋଧ ଆସେ, ଦୁଃଖ ଅନୁଭୂତ ହୁଏ । ତେଣୁ ତ୍ୟାଗର ଭାବରେ ପୂର୍ଣ୍ଣ ହୋଇଯାଅ ।

ଏକଦା ମୋର ଦେହ ଥିଲା, ଜନ୍ମ ହୋଇଥିଲି, ମୁଁ ଜୀବନ-ସଂଗ୍ରାମରେ ଲିପ୍ତ ଥିଲି ଏବଂ ମରିଗଲି—ଏ କି ଭୟାବହ ପ୍ରହେଳିକା ! ଦେହ ମଧ୍ୟରେ ଆବଦ୍ଧ ହୋଇ ମୁକ୍ତି ପାଇଁ କାତର କ୍ରନ୍ଦନ !

କିନ୍ତୁ ତ୍ୟାଗର ଅର୍ଥ କ'ଣ ଏହା ଯେ ସମସ୍ତଙ୍କୁ ସନ୍ନ୍ୟାସୀ ହେବାକୁ ହେବ ? ତାହାହେଲେ କିଏ କାହାକୁ ସାହାଯ୍ୟ କରିବ? ତ୍ୟାଗର ଅର୍ଥ ତପସ୍ୱୀ ହେବା ନୁହେଁ । ସକଳ ଭିକ୍ଷୁକ ହିଁ କଅଣ ଖ୍ରୀଷ୍ଟ ! ଦାରିଦ୍ର୍ୟ ଓ ସାଧୁତା ସମାର୍ଥ୍ୟକ ନୁହେଁ; ଅନେକ କ୍ଷେତ୍ରରେ ଠିକ୍ ବିପରୀତ । ପ୍ରକୃତ ତ୍ୟାଗ ମାନସିକ । କିପରି ଏହି ତ୍ୟାଗ ଆସେ ? ମରୁଭୂମିରେ, ତୃଷାର୍ତ୍ତ ହୋଇ ମୁଁ ଗୋଟିଏ ହ୍ରଦ ଦେଖିଲି—ଚତୁର୍ଦ୍ଦିଗ ବ୍ୟାପୀ ମନୋରମ ଦୃଶ୍ୟାବଳୀରେ ବୃକ୍ଷରାଜିର ବିପରୀତ ପ୍ରତିଛବି ଜଳ ମଧ୍ୟରେ ଦେଖାଯାଉଥିଲା; କିନ୍ତୁ ପରେ ଏହା ମରୀଚିକା ବୋଲି ପ୍ରମାଣିତ ହେଲା । ସେତେବେଳେ ବୁଝିଲି, ମାସାବଧି ମୁଁ ପ୍ରତିଦିନ ଏହି ଦୃଶ୍ୟ ଦେଖିଛି; କିନ୍ତୁ କେବଳ ସେହିଦିନ ତୃଷାର୍ତ୍ତ ହୋଇ ଓ ଜଳପାନରେ ବ୍ୟର୍ଥ ହୋଇ ଶିକ୍ଷାଲାଭ କଲି ଯେ, ଏହା ମିଥ୍ୟା । ଏହି ଘଟଣା ପରେ ମଧ୍ୟ ପ୍ରତିଦିନ ମୁଁ ଏହା ଦେଖିବି; କିନ୍ତୁ ସତ୍ୟ ବୋଲି ଆଉ କେବେହେଲେ

ସ୍ୱୀକାର କରିବି ନାହିଁ । ତେଣୁ ଆମେ ଯେତେବେଳେ ଈଶ୍ୱରଲାଭ କରୁ ସେତେବେଳେ ଜଗତ ଓ ଦେହ ପ୍ରଭୃତିର ଭାବ ଚାଲିଯାଏ । ଏଗୁଡ଼ିକ ପରେ ପୁଣି ଫେରିଆସିପାରେ; କିନ୍ତୁ ସେତେବେଳେ ଆମେ ଏହାକୁ ମିଥ୍ୟା ବୋଲି ଜାଣିବୁ ।

ପୃଥିବୀର ଇତିହାସ ବୁଦ୍ଧ ଓ ଖ୍ରୀଷ୍ଟଙ୍କ ପରି ମହାପୁରୁଷମାନଙ୍କ ଜୀବନର ଇତିହାସ । ନିଷ୍କାମ ଓ ଅନାସକ୍ତ ବ୍ୟକ୍ତିମାନେ ବିଶ୍ୱର ସର୍ବାପେକ୍ଷା କଲ୍ୟାଣ କରନ୍ତି । ଦୀନ ଦରିଦ୍ରଙ୍କର ବସ୍ତିରେ ଯୀଶୁଙ୍କର କଥା ଭାବ । ଦୁଃଖର ଅତୀତ ଅବସ୍ଥାରେ ସ୍ୱରୂପ ଦର୍ଶନ କରି ସେ କହିଥିଲେ, 'ହେ ଭାଇମାନେ, ତୁମେ ସମସ୍ତେ ଈଶ୍ୱରଙ୍କର ସନ୍ତାନ ।' ତାଙ୍କର କର୍ମ ଶାନ୍ତ, ନୀରବ । ଦୁଃଖର କାରଣଗୁଡ଼ିକୁ ସେ ଦୂର କରିଥିଲେ । ଯେତେବେଳେ ତୁମେ ପ୍ରକୃତପକ୍ଷରେ ଜାଣିବ ଯେ, ଏହି କର୍ମ କେବଳ ମାତ୍ର ମାୟା, ସେତେବେଳେ ଯାଇ ଜଗତର ହିତ ପାଇଁ କିଛି କରିପାରିବ । ଏହି କର୍ମ ଯେତେ ଅଜ୍ଞାତସାରରେ ହୁଏ ସେତେ ଭଲ, କାରଣ ସେତେବେଳେ କର୍ମ ଚେତନଭାବର ଊର୍ଦ୍ଧ୍ୱକୁ ଉପନୀତ ହୁଏ, ଅତିଚେତନ ହୁଏ । ଭଲ ବା ମନ୍ଦ, କୌଣସିଟା ହିଁ ଆମର ସନ୍ଧାନର ବିଷୟ ନୁହେଁ; ତେବେ ସୁଖ ଓ ମଙ୍ଗଳ, ଦୁଃଖ ଓ ଅମଙ୍ଗଳ ଅପେକ୍ଷା ସତ୍ୟର ନିକଟତର । ଜଣକର ହାତରେ କଣ୍ଟାଟିଏ ବିଦ୍ଧ ହେଲା ଏବଂ ଅନ୍ୟ ଗୋଟିଏ କଣ୍ଟାର ସାହାଯ୍ୟରେ ଏହା ବାହାର କରାଗଲା । ଏହି ପ୍ରଥମ କଣ୍ଟାଟି ଯଦି ମନ୍ଦ ହୁଏ ତେବେ ଦ୍ୱିତୀୟଟି ଭଲ । ଆତ୍ମା ହିଁ ସେହି ଶାନ୍ତି, ଯାହା ଭଲ ଓ ମନ୍ଦ ଉଭୟକୁ ଅତିକ୍ରମ କରେ । ଯେତେବେଳେ ବିଶ୍ୱ ସଂସାର ବିଲୀନ ହୋଇଯାଏ, ସେତେବେଳେ ମନୁଷ୍ୟ ଭଗବାନଙ୍କର ନିକଟବର୍ତ୍ତୀ ହୁଏ । କ୍ଷଣକ ପାଇଁ ସେ ନିଜ 'ସ୍ୱରୂପ' ଫେରିପାଏ, ଈଶ୍ୱର ହୋଇଯାଏ । ପୁଣି ଈଶ୍ୱରପ୍ରେରିତ ପୁରୁଷରୂପେ ସେ ଆବିର୍ଭୂତ ହୁଏ; ସେତେବେଳେ ଜଗତ ତାହାର ସମ୍ମୁଖରେ କମ୍ପେ । ମୂର୍ଖ ନିଦ୍ରିତ ହୁଏ ଓ ମୂର୍ଖରୂପେ ହିଁ ଜାଗରିତ ହୁଏ । ଅଜ୍ଞାନ ମନୁଷ୍ୟ ଅତୀନ୍ଦ୍ରିୟ ଜ୍ଞାନ ଲାଭ କରି, ଅନନ୍ତ ଶକ୍ତି, ପବିତ୍ରତା ଓ ପ୍ରେମର ଅଧିକାରୀ ହୁଅନ୍ତି—ଦେବ-ମାନବ ହୋଇଯାଆନ୍ତି, ଅତୀନ୍ଦ୍ରିୟ ଅବସ୍ଥାର ଏହା ହିଁ କାର୍ଯ୍ୟକାରିତା ।

ଯୁଦ୍ଧକ୍ଷେତ୍ରରେ ମଧ୍ୟ ଜ୍ଞାନର ସାଧନା କରାଯାଇପାରେ । ଗୀତା ଏହି ଭାବରେ ପ୍ରଚାରିତ ହୋଇଥିଲା । ମନର ତିନୋଟି ଅବସ୍ଥା ଅଛି—ସକ୍ରିୟ, ନିଷ୍କ୍ରିୟ ଏବଂ ଶାନ୍ତ । ନିଷ୍କ୍ରିୟତାର ବୈଶିଷ୍ଟ୍ୟ କ୍ଷୀଣ ସ୍ପନ୍ଦନ, ସକ୍ରିୟତାର ବୈଶିଷ୍ଟ୍ୟ ଦ୍ରୁତ ସ୍ପନ୍ଦନ ଏବଂ ଶାନ୍ତଭାବର ବୈଶିଷ୍ଟ୍ୟ ତୀବ୍ରତମ ସ୍ପନ୍ଦନ । ଆତ୍ମାକୁ ରଥୀ ବୋଲି ଜାଣିବ । ଦେହ ରଥ, ଇନ୍ଦ୍ରିୟମାନେ ଅଶ୍ୱ, ମନ ଲଗାମ୍ ଏବଂ ବୁଦ୍ଧି ସାରଥି । ଏହି ଭାବରେ ମନୁଷ୍ୟ ମାୟାକୁ ଅତିକ୍ରମ କରେ; ସେ ମାୟାତୀତ ହୁଏ ଏବଂ ଈଶ୍ୱର ଦର୍ଶନ କରେ । ମନୁଷ୍ୟ ଯେତେବେଳଯାଏ ଇନ୍ଦ୍ରିୟଗୁଡ଼ିକର ଅଧୀନ, ସେତେବେଳଯାଏ ସେ ଏହି ସଂସାରରେ ଆବଦ୍ଧ । ଯେତେବେଳେ ଇନ୍ଦ୍ରିୟଗୁଡ଼ିକୁ ଜୟ କରେ ସେତେବେଳେ ସେ ଯଥାର୍ଥ ତ୍ୟାଗୀ ।

ଜଣେ ଦୁର୍ବଳ ଓ ନିଷ୍କ୍ରିୟ ବ୍ୟକ୍ତି ପକ୍ଷରେ କ୍ଷମା ମଧ୍ୟ ଯଥାର୍ଥ କ୍ଷମା ନୁହେଁ; ତା'ପାଇଁ ସଂଗ୍ରାମ ଭଲ । ପାର୍ଥସାରଥି କୃଷ୍ଣଙ୍କୁ ଅର୍ଜୁନ କହିଲେ, ଆମେ ଶତ୍ରୁମାନଙ୍କୁ କ୍ଷମା କରିବା ଉଚିତ ଏବଂ କୃଷ୍ଣ ତା'ର ଉତ୍ତରରେ କହିଲେ, 'ଅର୍ଜୁନ! ତୁମେ ମହାଜ୍ଞାନୀଙ୍କ ପରି କଥା କହୁଛ, କିନ୍ତୁ ତୁମେ ନିଜେ ଜ୍ଞାନୀ ନୁହେଁ; ଅତ୍ୟନ୍ତ କାପୁରୁଷ ।' ଜଳରେ ରହି ମଧ୍ୟ ଯେପରି ପଦ୍ମପତ୍ର ଜଳଦ୍ୱାରା ସିକ୍ତ ହୁଏ ନାହିଁ, ଜୀବାତ୍ମା ମଧ୍ୟ ସେହିପରି ସଂସାରରେ ଅନାସକ୍ତ ହୋଇ ରହନ୍ତି । ସଂସାର

ଗୋଟିଏ ଯୁଦ୍ଧକ୍ଷେତ୍ର, ଏଥିରୁ ମୁକ୍ତିର ପଥ ସନ୍ଧାନ କର । ଆମ ଜୀବନ ଈଶ୍ୱରଲାଭର ଗୋଟିଏ ପ୍ରୟାସ ମାତ୍ର । ତ୍ୟାଗବଳରେ ବଳୀୟାନ୍ ହୋଇ, ଇଚ୍ଛାଶକ୍ତିର ବିକାଶ କରି ତୁମର ଜୀବନ ଗଠନ କର । ଜ୍ଞାତସାରରେ ଆମର ମସ୍ତିଷ୍କ-କେନ୍ଦ୍ରଗୁଡ଼ିକୁ ନିୟନ୍ତ୍ରଣ କରିବା ଶିଖିବାକୁ ହେବ ।

ପ୍ରଥମ ସୋପାନ ହେଲା ଜୀବନଯାପନର ଆନନ୍ଦ । କୃଚ୍ଛ୍ରସାଧନା ପୈଶାଚିକ । ପ୍ରାର୍ଥନା କରିବା ଅପେକ୍ଷା ପ୍ରାଣଭରି ହସିବା ଅନେକ ଭଲ । ଗୀତ ଗାଅ । ଦୁଃଖ-ହସ୍ତରୁ ନିଷ୍କୃତି ଲାଭ କର । ଈଶ୍ୱରଙ୍କ ଦ୍ୱାହି, ଅନ୍ୟମାନଙ୍କ ମଧ୍ୟରେ ଏହି ଦୁଃଖର ଭାବ ସଂକ୍ରମିତ କର ନାହିଁ । କେବେହେଲେ ଭାବ ନାହିଁ ଯେ, ଈଶ୍ୱର ଟିକିଏ ସୁଖ ବା ଟିକିଏ ଦୁଃଖର ବ୍ୟବସାୟ କରନ୍ତି । ପୁଷ୍ପ, ଚିତ୍ର ଓ ସୌରଭରେ ପରିବେଷ୍ଟିତ ହୋଇ ରହ । ମୁନିଋଷିମାନେ ପ୍ରକୃତିକୁ ଉପଭୋଗ କରିବା ପାଇଁ ପର୍ବତଶିଖରକୁ ଯାଉଥିଲେ ।

ଦ୍ୱିତୀୟ ସୋପାନ ପବିତ୍ରତା ।

ତୃତୀୟ ସୋପାନ ମନର ପୂର୍ଣ୍ଣ ନିୟନ୍ତ୍ରଣ । ସତ୍-ଅସତ୍ ବିଚାର କର । ଅନୁଭବ କର ଯେ ଈଶ୍ୱର ହିଁ ଏକମାତ୍ର ସତ୍ୟ । ଯଦି କ୍ଷଣକ ପାଇଁ ମଧ୍ୟ ମନେକର ଯେ ତୁମେ ଈଶ୍ୱର ନୁହଁ, ତାହାହେଲେ 'ମହଦ୍‌ଭୟ'ରେ ଅକ୍ରାନ୍ତ ହେବ । ଯେତେବେଳେ ଚିନ୍ତା କରିବ 'ସୋଽହଂ', ସେହି ମୁହୂର୍ତ୍ତରେ ହିଁ ଅନନ୍ତ ଶାନ୍ତି ଓ ଆନନ୍ଦ ଲାଭ କରିବ । ଇନ୍ଦ୍ରିୟଗୁଡ଼ିକୁ ବଶୀଭୂତ କର । ଜଣେ ମୋତେ ଅଭିଶାପ ଦେଲେ ମଧ୍ୟ ତା' ମଧ୍ୟରେ ଈଶ୍ୱରଙ୍କୁ ଦେଖିବା ଉଚିତ । ମୋର ଦୁର୍ବଳତାଯୋଗୁ ହିଁ ମୁଁ ତାକୁ ଅଭିଶାପକାରୀ ବୋଲି ମନେକରେ । ଯେଉଁ ଦରିଦ୍ର ବ୍ୟକ୍ତିର ତୁମେ ଉପକାର କର, ସେ ତୁମକୁ ଏ ଉପକାର କରିବାର ସୁଯୋଗ ଦେଇଛି । ଈଶ୍ୱର ହିଁ କୃପାବଶତଃ ତୁମକୁ ଏହି ଭାବରେ ତାଙ୍କର ପୂଜା କରିବାର ଅଧିକାର ଦିଅନ୍ତି ।

ପୃଥିବୀର ଇତିହାସ କେତେ ଜଣ ଆତ୍ମବିଶ୍ୱାସୀ ମନୁଷ୍ୟଙ୍କର ଇତିହାସ । ସେହି ବିଶ୍ୱାସ ହିଁ ଅନ୍ତର୍ନିହିତ ଦେବତ୍ୱକୁ ଜାଗ୍ରତ କରେ । ତୁମେ ସବୁକିଛି କରିପାର । ଅନନ୍ତ ଶକ୍ତିକୁ ବିକଶିତ କରିବାକୁ ଯଥୋଚିତ ଯତ୍ନବାନ୍ ହୁଅ ନାହିଁ ବୋଲି ତୁମେ ବିଫଳ ହୋଇଥାଅ । ଯେତେବେଳେ କୌଣସି ବ୍ୟକ୍ତି ବା ଜାତି ଆତ୍ମବିଶ୍ୱାସ ହରାଏ, ସେତେବେଳେ ତାହାର ବିନାଶ ନିଶ୍ଚିତ ।

ମନୁଷ୍ୟର ଅନ୍ତର୍ନିହିତ ଦେବତ୍ୱକୁ କୌଣସି ସାମ୍ପ୍ରଦାୟିକ ଧର୍ମମତ କିମ୍ବା ଅଭଦ୍ର ଗାଳିଦ୍ୱାରା ଦବେଇଦେବା ସମ୍ଭବ ନୁହେଁ । ଯେଉଁଠାରେ ସଭ୍ୟତା, ସେଠାରେ ମୁଷ୍ଟିମେୟ 'ଗ୍ରୀକ୍' କଥା କହନ୍ତି । ଭୁଲ୍-ତ୍ରୁଟି କିଛି ନା କିଛି ସବୁବେଳେ ରହିବ । ସେଥିପାଇଁ ଦୁଃଖ କର ନାହିଁ । ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ ହୁଅ । ମନେକର ନାହିଁ ଯେ, 'ଯାହା ହେବାର ତାହା ହୋଇଛି । ଆହା ! ଯଦି ଆହୁରି ଭଲ ହୋଇଥାଆନ୍ତା !' ମନୁଷ୍ୟ ମଧ୍ୟରେ ଯଦି ଦେବତ୍ୱ ନ ଥାଆନ୍ତା ତାହାହେଲେ ସେ ପ୍ରାର୍ଥନା ଓ ଅନୁଶୋଚନା କରି କରି ଉନ୍ମାଦ ହୋଇଯାଇଥାଆନ୍ତା ।

କେହି ହେଲେ ପଡ଼ିରହିବ ନାହିଁ, କେହି ହେଲେ ବିନଷ୍ଟ ହେବେ ନାହିଁ । ସମସ୍ତେ ପରିଣାମରେ ପୂର୍ଣ୍ଣତା ଲାଭ କରିବେ । ଦିନ ରାତି କହ, 'ଭାଇମାନେ ଉଠ, ଆସ । ତୁମେମାନେ ପବିତ୍ରତାର ଅନନ୍ତ ସାଗର ! ଦେବତା ହୋଇଯାଅ । ଈଶ୍ୱରରୂପେ ପ୍ରକାଶିତ ହୁଅ ।'

ସଭ୍ୟତା କାହାକୁ କହନ୍ତି? ଅନ୍ତର୍ନିହିତ ଦେବତ୍ୱକୁ ଅନୁଭବ କରିବା ହିଁ ସଭ୍ୟତା । ଯେତେବେଳେ ସମୟ ପାଇବ, ମନେ ମନେ ଏହି ଭାବଗୁଡ଼ିକୁ ଆବୃତ୍ତି କର ଓ ମୁକ୍ତିର ଆକାଙ୍କ୍ଷା କର । ଏହା କରିପାରିଲେ ତୁମେ ପରମାର୍ଥ ଲାଭ କରିବ । ଯାହା ଈଶ୍ୱର ସମ୍ବନ୍ଧୀୟ

ନୁହେଁ, ତାହା ଅସ୍ୱୀକାର କର । ଯାହା ଈଶ୍ୱରଭାବାନ୍ୱିତ, ତାହା ଦୃଢ଼ ଭାବରେ ଘୋଷଣା କର । ଦିନରାତି ଏହି କଥା ସ୍ମରଣ କର । ଅଜ୍ଞାନର ଆବରଣ କ୍ରମଶଃ କଟିଯିବ ।

ମୁଁ ମନୁଷ୍ୟ ନୁହେଁ, ଦେବତା ନୁହେଁ, ମୁଁ ସ୍ତ୍ରୀ କିମ୍ବା ପୁରୁଷ ମଧ୍ୟ ନୁହେଁ; ମୋର କୌଣସି ସୀମା ନାହିଁ । ମୁଁ ଚିତ୍‌ସ୍ୱରୂପ—ମୁଁ କେବଳ ମାତ୍ର ସେହି ବ୍ରହ୍ମସ୍ୱରୂପ । ମୋର କ୍ରୋଧ କିମ୍ବା ଘୃଣା ନାହିଁ । ମୋର ଦୁଃଖ କିମ୍ବା ସୁଖ ନାହିଁ, ଜନ୍ମ ବା ମୃତ୍ୟୁ କେବେହେଲେ ମୋର ହୋଇ ନ ଥିଲା । କାରଣ ମୁଁ ଜ୍ଞାନସ୍ୱରୂପ—ଆନନ୍ଦସ୍ୱରୂପ । ହେ ମୋର ଆତ୍ମା ! ମୁଁ ହିଁ ସେ- 'ସୋଽହଂ' ।

ନିଜକୁ ଦେହଭାବଶୂନ୍ୟ ବୋଲି ଅନୁଭବ କର । କେବେହେଲେ ତୁମର ଦେହ ନ ଥିଲା । ଏହା କୁସଂସ୍କାର ମାତ । ଦରିଦ୍ର, ଆର୍ତ୍ତ, ପଦଦଳିତ, ଅତ୍ୟାଚାରିତ ଏବଂ ରୋଗପୀଡ଼ିତଙ୍କ ମଧ୍ୟରେ ଦିବ୍ୟଚେତନା ଜାଗ୍ରତ କର ।

ବାହ୍ୟତଃ, ପ୍ରାୟ ପ୍ରତି ପାଞ୍ଚଶତ ବର୍ଷ ପରେ ପରେ ପୃଥିବୀରେ ଏହି ଭାବ-ତରଙ୍ଗ ଆସିଥାଏ । ଛୋଟ ଛୋଟ ତରଙ୍ଗ ନାନାଦିଗରେ ଉତ୍‌ଥିତ ହୁଏ; କିନ୍ତୁ ଏଗୁଡ଼ିକ ମଧ୍ୟରୁ ଗୋଟିଏ ଅନ୍ୟଗୁଡ଼ିକୁ ଗ୍ରାସ କରେ ଏବଂ ସମାଜକୁ ପ୍ଲାବିତ କରେ । ଯେଉଁ ଭାବତରଙ୍ଗର ପଶ୍ଚାତ୍‌ରେ ସର୍ବାଧିକ ଚରିତ୍ରବଳ ଅଛି, ତାହା ହିଁ କେବଳ ଏହା କରିଥାଏ ।

କନ୍‌ଫ୍ୟୁସିଅସ୍, ମୋଜେସ, ପିଥାଗୋରାସ୍, ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ଲୁଥାର୍, କ୍ୟାଲିଭିନ୍ ଓ ଶିଖ ଗୁରୁଗଣ ଏବଂ ଥିଓସଫି, ଅଧ୍ୟାତ୍ମବାଦ—ପ୍ରଭୃତି ସମସ୍ତଙ୍କର ଅନ୍ତର୍ନିହିତଭାବ ଦେବତ୍ୱ ପ୍ରଚାର କରିବା ।

କେବେହେଲେ କହ ନାହିଁ ଯେ, ମନୁଷ୍ୟ ଦୁର୍ବଳ । ଜ୍ଞାନଯୋଗ ମଧ୍ୟ ଅନ୍ୟାନ୍ୟ ଯୋଗ ସଦୃଶ । ପ୍ରେମ ହିଁ ଆଦର୍ଶ, ପ୍ରେମ କୌଣସି ବାହ୍ୟ ବସ୍ତୁ ଉପରେ ନିର୍ଭର କରେ ନାହିଁ । ପ୍ରେମ ହିଁ ଈଶ୍ୱର । ସୁତରାଂ ଭକ୍ତିପଥ ଦେଇ ମଧ୍ୟ ଆମେ ଆତ୍ମା-ସ୍ୱରୂପ ଭଗବାନଙ୍କୁ ଲାଭକରୁ । 'ସୋଽହମ୍' । ନଗର, ଦେଶ, ଜୀବ ଓ ଜଗତକୁ ଭଲ ନ ପାଇଲେ ଆମେ କି ଭାବରେ କର୍ମ କରିବୁ ? ବିଚାରଦ୍ୱାରା ବୈଚିତ୍ର୍ୟ ଭିତରେ ମଧ୍ୟ ଏକତ୍ୱ ଅନୁଭବ କରାଯାଏ । ନାସ୍ତିକ ଏବଂ ଅଜ୍ଞେୟବାଦୀମାନେ ମଧ୍ୟ ସାମାଜିକ କଲ୍ୟାଣ ପାଇଁ କର୍ମ କରିବା ଉଚିତ । ଏହି ଭାବରେ ଈଶ୍ୱର ଅନୁଭୂତ ହୁଅନ୍ତି ।

କିନ୍ତୁ ଗୋଟିଏ ବିଷୟରେ ଖୁବ୍ ସତର୍କ ରହ—କାହାରି ହେଲେ ବିଶ୍ୱାସ ନଷ୍ଟ କର ନାହିଁ । ଜାଣିବ—ଧର୍ମ କୌଣସି ମତବାଦ ଦ୍ୱାରା ସୀମିତ ନୁହେଁ । ଆଦର୍ଶସ୍ୱରୂପ ହୋଇଯିବା ହିଁ ଧର୍ମ, ଅନୁଭୂତି ହିଁ ଧର୍ମ । ମନୁଷ୍ୟର ପୌତ୍ତଳିକତା ଜନ୍ମଗତ । ନିମ୍ନତମ ସ୍ତରର ମନୁଷ୍ୟ ପଶୁତୁଲ୍ୟ । ଉଚ୍ଚତମ ସ୍ତରର ମନୁଷ୍ୟ ସିଦ୍ଧ ବା ପୂର୍ଣ୍ଣ । ଏ ଦୁଇ ସ୍ତରର ମଧ୍ୟବର୍ତ୍ତୀ ଅନ୍ୟ ସମସ୍ତଙ୍କୁ ଶବ୍ଦ, ବର୍ଣ୍ଣ, ମତବାଦ ଓ ଆଚାର-ଅନୁଷ୍ଠାନ ଅବଲମ୍ବନରେ ଚିନ୍ତା କରିବାକୁ ହୁଏ ।

ତୁମର ପୌତ୍ତଳିକତା ଶେଷ ହୋଇଛି କି ନାହିଁ—ତା'ର ପରୀକ୍ଷା ହେଲା—ତୁମେ ନିଜକୁ ଏହି କଥାଟି ପଚାର ଯେ, ତୁମେ ଯେତେବେଳେ ନିଜକୁ 'ମୁଁ' ବୋଲି କହ, ସେତେବେଳେ ତୁମ ଚିନ୍ତାରେ ଦେହ ଭାବ ଆସୁଛି କି ନାହିଁ ? ଯଦି ଶରୀର-ଚିନ୍ତା ଆସେ, ତା'ହେଲେ ତୁମେ ପୌତ୍ତଳିକ । ଧର୍ମ ଆଦୌ ବୁଦ୍ଧିର କସରତ୍ ନୁହେଁ—ଧର୍ମ ଅପରୋକ୍ଷାନୁଭୂତି । ଯଦି ଈଶ୍ୱରଙ୍କୁ 'ଚିନ୍ତା' କର, ତେବେ ତୁମେ ନିତାନ୍ତ ମୂର୍ଖ । ଜଣେ ଅଜ୍ଞ ସାଧକ ପ୍ରାର୍ଥନା ଓ ଭକ୍ତିଦ୍ୱାରା ଦାର୍ଶନିକମାନଙ୍କୁ ମଧ୍ୟ ଅତିକ୍ରମ କରିପାରେ । ଈଶ୍ୱରଙ୍କୁ ଜାଣିବା ପାଇଁ କୌଣସି ଦର୍ଶନ-ଶାସ୍ତ୍ରର

ପ୍ରୟୋଜନ ହୁଏ ନାହିଁ । ଅନ୍ୟମାନଙ୍କର ବିଶ୍ୱାସ ନଷ୍ଟ କରିବା ଆମର କର୍ତ୍ତବ୍ୟ ନୁହେଁ । ଧର୍ମ ପ୍ରତ୍ୟକ୍ଷ ଅଭିଜ୍ଞତା । ସର୍ବୋପରି ସର୍ବତୋଭାବରେ ଆନ୍ତରିକ ହୁଅ । କୌଣସି ଜିନିଷ ସହିତ ନିଜକୁ ଅଭିନ୍ନ ବୋଲି ମନେକଲେ ଆସକ୍ତି ଓ କାମନା ଉଦ୍ଭୂତ ହୁଏ ଏବଂ ମନୁଷ୍ୟ ଦୁଃଖ ପାଏ । ଦରିଦ୍ର ବ୍ୟକ୍ତି ସୁବର୍ଣ୍ଣଖଣ୍ଡ ଦେଖି ଏହା ପାଇବାର ଆକାଙ୍କ୍ଷା ସହିତ ନିଜକୁ ଏକୀଭୂତ ମନେକରେ । ସାକ୍ଷୀସ୍ୱରୂପ ହୁଅ, ଯେପରି କେବେହେଲେ କୌଣସି ବିଷୟରେ ପ୍ରତିକ୍ରିୟା ନ ହୁଏ ତାହା ଶିକ୍ଷା କର ।

❋ ❋ ❋

## କର୍ମବିଧାନ ଓ ମୁକ୍ତି

ଜଣେ ମୁକ୍ତ ପୁରୁଷଙ୍କ ପକ୍ଷରେ ଜୀବନ-ସଂଗ୍ରାମ ଶବ୍ଦର କୌଣସି ଅର୍ଥ ନାହିଁ; କିନ୍ତୁ ଆମମାନଙ୍କ ପକ୍ଷରେ ତାହା ନୁହେଁ, କାରଣ ନାମ-ରୂପ ହିଁ ଏହି ଜଗତ ସୃଷ୍ଟି କରେ ।

ବେଦାନ୍ତଶାସ୍ତ୍ରରେ ସଂଗ୍ରାମର ସ୍ଥାନ ଅଛି, କିନ୍ତୁ ଭୟର କୌଣସି ସ୍ଥାନ ନାହିଁ । ଯେତେବେଳେ ଆମର ସ୍ୱରୂପ ସମ୍ବନ୍ଧରେ ଆମେ ଦୃଢ଼ଭାବରେ ସଚେତନ ହେବୁ, ସେତେବେଳେ ସବୁ ଭୟ ଚାଲିଯିବ । ନିଜକୁ ବଦ୍ଧ ବୋଲି ମନେକଲେ ତୁମେ ବଦ୍ଧ ହୋଇ ରହିବ ଏବଂ ମୁକ୍ତ ବୋଲି ଭାବିଲେ ମୁକ୍ତ ହୋଇଯିବ ।

ଏହି ଇନ୍ଦ୍ରିୟଗ୍ରାହ୍ୟ ଜଗତରେ ଆମେ ଯେଉଁ 'ମୁକ୍ତି' ଅନୁଭବ କରୁ ତାହା ମୁକ୍ତିର ଆଭାସ ମାତ୍ର, ଯଥାର୍ଥ ମୁକ୍ତି ନୁହେଁ ।

ପ୍ରାକୃତିକ ନିୟମସମୂହ ମାନି ଚଳିବା ହିଁ ମୁକ୍ତି—ଏହି ଧାରଣା ସହିତ ମୁଁ ଏକମତ ନୁହେଁ । ଏହି କଥାର ଯେ କଅଣ ଅର୍ଥ ମୁଁ ବୁଝିପାରୁ ନାହିଁ । ମାନବପ୍ରଗତିର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ, ପ୍ରାକୃତିକ ନିୟମ ଲଙ୍ଘନ କରିବାଦ୍ୱାରା ହିଁ ଆମର ପ୍ରଗତି ସମ୍ଭବ ହୋଇଛି, ଉଚ୍ଚତର ନିୟମଦ୍ୱାରା ନିମ୍ନତର ନିୟମ ଜୟ କରାହୋଇଛି; କିନ୍ତୁ ଏହି କ୍ଷେତ୍ରରେ ମଧ୍ୟ ଆମର ଜୟେଚ୍ଛୁ ମନ କେବଳ ମାତ୍ର ମୁକ୍ତି ପାଇଁ ହିଁ ଚେଷ୍ଟା କରୁଥିଲା ଏବଂ ଯେତେବେଳେ ସେ ଦେଖିଲା ଯେ ନିୟମ ମାଧ୍ୟମରେ ବି ସଂଗ୍ରାମ କରିବାକୁ ପଡୁଛି, ସେତେବେଳେ ମନ ନିୟମକୁ ମଧ୍ୟ ଜୟ କରିବାକୁ ଚାହିଁଲା । ସୁତରାଂ ପ୍ରତ୍ୟେକ କ୍ଷେତ୍ରରେ ଏକମାତ୍ର ଆଦର୍ଶ ହେଉଛି ମୁକ୍ତି । ବୃକ୍ଷ କେବେହେଲେ ନିୟମ ଲଙ୍ଘନ କରେ ନାହିଁ । ଗାଈ ଚୋରି କରେ ବୋଲି କେହି କେବେହେଲେ ଦେଖି ନାହିଁ । ଶାମୁକା କେବେହେଲେ ମିଛ କଥା କହେ ନାହିଁ । କିନ୍ତୁ ତା' ବୋଲି ଏମାନେ ମନୁଷ୍ୟ ତୁଳନାରେ ଉଚ୍ଚତର ନୁହନ୍ତି । ଏହି ଜୀବନ ମୁକ୍ତିର ଗୋଟିଏ ପ୍ରଚଣ୍ଡ ଘୋଷଣା ଏବଂ ଏହି ନିୟମାନୁବର୍ତ୍ତିତାର ଆଧିକ୍ୟ ଆମମାନଙ୍କୁ ସାମାଜିକ, ରାଜନୀତି କିମ୍ବା ଧର୍ମକ୍ଷେତ୍ରରେ କେବଳ ମାତ୍ର ଜଡ଼ବସ୍ତୁରେ ପରିଣତ କରିବ । ଅତ୍ୟଧିକ ନିୟମ-ଶୃଙ୍ଖଳା ମୃତ୍ୟୁର ନିଶ୍ଚିତ ଚିହ୍ନ । ସେତେବେଳେ କୌଣସି ସମାଜରେ ଅତ୍ୟଧିକ ବିଧି-ନିୟମ ଦେଖିବ, ସେତେବେଳେ ନିଶ୍ଚିତ ଜାଣିବ ଯେ, ସେହି ସମାଜ ଶୀଘ୍ର ବିନାଶପ୍ରାପ୍ତ ହେବ । ଭାରତର ବୈଶିଷ୍ଟ୍ୟ ପର୍ଯ୍ୟାଲୋଚନା କଲେ ଦେଖିବ ଯେ, ହିନ୍ଦୁମାନଙ୍କ ପରି ଅନ୍ୟ କୌଣସି ଜାତିରେ ଏତେ ବେଶୀ ବିଧି—ନିୟମ ନାହିଁ ଏବଂ ଏହାର ଫଳସ୍ୱରୂପ ଆମର ଜାତି-ହିସାବରେ ବିନାଶ ପ୍ରାପ୍ତି, କିନ୍ତୁ ହିନ୍ଦୁମାନଙ୍କ

ଗୋଟିଏ ଅପୂର୍ବ ଭାବ ହେଉଛି ସେମାନେ ଧର୍ମ ବିଷୟରେ କେବେହେଲେ କୌଣସି ମତବାଦ କିମ୍ବା ସଂକୀର୍ଣ୍ଣତାର ସୃଷ୍ଟି କରି ନାହାନ୍ତି । ତେଣୁ ଧର୍ମ ଚରମ ଉନ୍ନତି ଲାଭ କରିଅଛି । ନିୟମ ଚିରନ୍ତନ ହେଲେ ମୁକ୍ତି ଅସମ୍ଭବ ହୁଅନ୍ତା । କାରଣ ଚିରନ୍ତନ ଯଦି ନିୟମର ଅନ୍ତର୍ଗତ ହୋଇଗଲା, ତା'ହେଲେ ଚିରନ୍ତନ ସୀମାବଦ୍ଧ ହୋଇଗଲା ନାହିଁ କି ?

ଈଶ୍ୱରଙ୍କର କୌଣସି ବିଷୟରେ କିଛି ହେଲେ ଉଦ୍ଦେଶ୍ୟ ନାହିଁ, କାରଣ ଉଦ୍ଦେଶ୍ୟ ଥିଲେ ସେ ମନୁଷ୍ୟ ସହିତ ସମାନ ହୋଇଯିବେ । ତାଙ୍କର କୌଣସି ଉଦ୍ଦେଶ୍ୟର ପ୍ରୟୋଜନ କଅଣ ? କୌଣସି ଉଦ୍ଦେଶ୍ୟ ଥିଲେ ସେ ତାହାଦ୍ୱାରା ବଦ୍ଧ ହୁଅନ୍ତେ ଏବଂ ସେ କ୍ଷେତ୍ରରେ ଈଶ୍ୱର ବ୍ୟତୀତ ଅନ୍ୟ ଏକ ମହତ୍ତର ସତ୍ତା ବା ଭାବ ଅଛି ବୋଲି ସ୍ୱୀକାର କରିବାକୁ ହେବ । ଉଦାହରଣ ସ୍ୱରୂପ, ଗାଲିଚା-ନିର୍ମାତା ଖଣ୍ଡିଏ ଗାଲିଚା ବୁଣିଲା । ଏହାର ଅର୍ଥ ହେଉଛି ତାହା ବ୍ୟତୀତ ଗୋଟିଏ ମହତ୍ତର ଭାବ ଥିଲା (ଯାହା ସେ ଗାଲିଚା ବୁଣିବା ମାଧ୍ୟମରେ ପ୍ରକାଶ କରିଛି) । ଏପରି କୌଣସି ଭାବ କ'ଣ ଅଛି, ଯାହା ସହିତ ଈଶ୍ୱର ଏକମତ ହୋଇ ଚଳିବେ ? ବଡ଼ ବଡ଼ ସମ୍ରାଟମାନେ ବେଳେବେଳେ ଖେଳନା ସହିତ କ୍ରୀଡ଼ା କରନ୍ତି । ଈଶ୍ୱର ମଧ୍ୟ ଠିକ୍ ସେହିପରି ଏହି ପ୍ରକୃତି ସହିତ ଖେଳୁଛନ୍ତି ଏବଂ ଏହାକୁ ହିଁ ଆମେ ବିଧି କିମ୍ବା ନିୟମ କହୁ । ଆମେ କୌଣସି ଘଟଣାର ଅଂଶ ମାତ୍ର ହିଁ ଦେଖୁ ଏବଂ ଏଥିମଧ୍ୟରେ ହିଁ ନିୟମ ସମ୍ବନ୍ଧରେ ଆମର ଧାରଣା ନିବଦ୍ଧ । ଏହା କହିବା ମୂର୍ଖତା ଯେ, ନିୟମ ଅନନ୍ତ ଓ ଅଲଙ୍ଘ୍ୟ । ଉତ୍କ୍ଷିପ୍ତ ପ୍ରସ୍ତରଖଣ୍ଡ ଚିରଦିନ ତଳକୁ ଖସୁଥିବ ।* ସକଳ ଯୁକ୍ତି ଯଦି ଅଭିଜ୍ଞତା ଉପରେ ସ୍ଥାପିତ ହୁଏ, ତା'ହେଲେ ପଚାଶ ଲକ୍ଷ ବର୍ଷ ପୂର୍ବେ ଊର୍ଦ୍ଧ୍ୱକୁ କ୍ଷିପ୍ତ ପ୍ରସ୍ତରଖଣ୍ଡ ନିମ୍ନକୁ ଖସିପଡ଼ିଥିଲା କି ନାହିଁ ତାହା ଦେଖିବା ପାଇଁ କିଏ ବର୍ତ୍ତମାନ ଥିଲା ? ସୁତରାଂ ବିଧି ବା ନିୟମ ମନୁଷ୍ୟର ପ୍ରକୃତିଗତ ନୁହେଁ । ଯେଉଁଠାରୁ ଆମେ ଆରମ୍ଭ କରୁ ସେହିଠାରେ ହିଁ ଆମେ ଶେଷ କରୁ । ମନୁଷ୍ୟ ସମ୍ପର୍କରେ ବିଜ୍ଞାନର ଏହା ଗୋଟିଏ ଦୃଢ଼ ଘୋଷଣା । ପ୍ରକୃତପକ୍ଷରେ ଆମେ କ୍ରମଶଃ ନିମୟକୁ ଅତିକ୍ରମ କରୁଛୁ । ଶେଷ ପର୍ଯ୍ୟନ୍ତ ସମଗ୍ର ଜୀବନର ଅଭିଜ୍ଞତା ନେଇ ନିୟମକୁ ପୂର୍ଣ୍ଣଭାବେ ଅତିକ୍ରମ କରି ଚାଲିଯାଉ । ଈଶ୍ୱର ଓ ମୁକ୍ତିଠାରୁ ଆମେ ଆରମ୍ଭ କରିଥିଲୁ ଏବଂ ମୁକ୍ତି ଓ ଈଶ୍ୱରଙ୍କଠାରେ ହିଁ ଆମର ପରିସମାପ୍ତି । ନିୟମଗୁଡ଼ିକ ଥାଏ କେବଳ ମଧ୍ୟବର୍ତ୍ତୀ ଅବସ୍ଥାରେ ଏବଂ ଏଗୁଡ଼ିକ ଭିତରଦେଇ ଆମେ ଗତି କରିବା । ବେଦାନ୍ତ ସର୍ବଦା ମୁକ୍ତିର ବାଣୀ ଘୋଷଣା କରୁଛି । ଜଣେ ବେଦାନ୍ତବାଦୀ ନିମୟକୁ ଭାରୀ ଭୟ କରେ; ଚିରନ୍ତନ ନିୟମ ତାହା ନିକଟରେ ଭୀଷଣ ଭୟପ୍ରଦ । କାରଣ ତାହା ଯଦି ସତ୍ୟ ହୁଏ, ତେବେ ଆଉ ନିଷ୍କୃତି ନାହିଁ । ଚିରକାଳ ପାଇଁ ଯଦି ଅନନ୍ତ ନିୟମ ଅଧୀନରେ ରହିବାକୁ ପଡ଼େ, ତା'ହେଲେ ଖଣ୍ଡିଏ ତୃଣଠାରୁ ଆମର ପାର୍ଥକ୍ୟ କେଉଁଠି ? ଆମେ ବସ୍ତୁସମ୍ପର୍କଶୂନ୍ୟ ନିୟମରେ ବିଶ୍ୱାସ କରୁ ନାହିଁ ।

ଆମେ କହୁ, ମୁକ୍ତି ହିଁ ଆମର କାମ୍ୟ ଏବଂ ଭଗବାନ ସେହି ମୁକ୍ତି । ଅନ୍ୟାନ୍ୟ ବସ୍ତୁରେ ଯେଉଁ ଆନନ୍ଦ ଅନ୍ତର୍ନିହିତ, ମୁକ୍ତିରେ ମଧ୍ୟ ତାହା ଅଛି; କିନ୍ତୁ ସସୀମ ବସ୍ତୁ ଭିତରେ ଖୋଜିଲେ ମନୁଷ୍ୟ ସୁଖର କଣାମାତ୍ର ଲାଭ କରେ । ସାଧକ ଭଗବଦୁପଲବ୍ଧିଦ୍ୱାରା ଯେଉଁ ଆନନ୍ଦ ପାଏ,

---

* ଏଠାରେ ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ଶକ୍ତି ନିୟମକୁ ଦର୍ଶାଯାଇଛି । ପ୍ରକାଶ ଥାଉ କି ଆଜି ସେ ନିୟମକୁ ମଣିଷ ଲଙ୍ଘନ କରି ମହାକାଶ ଅଭିଯାନ ଚଳାଇଛି ।

ଚୋର ଚୋରି କରି ସେହି ଆନନ୍ଦ ପାଏ । ପାର୍ଥକ୍ୟ କେବଳ ଏତିକି ଯେ, ଚୋର ଦୁଃଖରାଶି ସହିତ ସୁଖର କଣା ମାତ୍ର ପାଏ । ଭଗବାନ ହିଁ ପ୍ରକୃତ ସୁଖ । ପ୍ରେମ ହିଁ ଭଗବାନ, ମୁକ୍ତି ହିଁ ଭଗବାନ । ଯାହାଦ୍ୱାରା ବନ୍ଧନ ହୁଏ, ତାହା ଭଗବାନ ନୁହେଁ ।

ମନୁଷ୍ୟ ମଧ୍ୟରେ ପୂର୍ବରୁ ମୁକ୍ତରହିଛି, କିନ୍ତୁ ତାହା ଆବିଷ୍କାର କରିବାକୁ ହେବ । ମନୁଷ୍ୟ ସର୍ବଦା ହିଁ ମୁକ୍ତ, କିନ୍ତୁ ସେ ତାହା ଭୁଲିଯାଇଛି । ଜ୍ଞାତସାରରେ କିମ୍ବା ଅଜ୍ଞାତସାରରେ ଏହି ତତ୍ତ୍ୱ ଆବିଷ୍କାର କରିବା ହିଁ ମନୁଷ୍ୟ ଜୀବନର ସ୍ୱାର୍ଥକତା । ଜ୍ଞାନୀ ଓ ଅଜ୍ଞ ଲୋକ ମଧ୍ୟରେ ପ୍ରଭେଦ ଏତିକି ଯେ, ଜ୍ଞାନୀ ଏହି ତତ୍ତ୍ୱ ଜ୍ଞାତସାରରେ ଆବିଷ୍କାର କରନ୍ତି, ଆଉ ଅଜ୍ଞ ଲୋକ ଏହାକୁ ଆବିଷ୍କାର କରେ ଅଜ୍ଞାତସାରରେ । ପ୍ରତ୍ୟେକ ହିଁ—ଅଣୁଠାରୁ ନକ୍ଷତ୍ର ପର୍ଯ୍ୟନ୍ତ—ମୁକ୍ତି ପାଇଁ ଚେଷ୍ଟା କରୁଛନ୍ତି । ଅଜ୍ଞ ବ୍ୟକ୍ତି କେତେକ ନିର୍ଦ୍ଦିଷ୍ଟ ଜିନିଷରୁ ମୁକ୍ତି ପାଇଲେ—କ୍ଷୁଧା ଓ ତୃଷ୍ଣାର ବନ୍ଧନରୁ ମୁକ୍ତ ହେଲେ ସନ୍ତୁଷ୍ଟ ହୁଏ । କିନ୍ତୁ ଜ୍ଞାନୀ ଆହୁରି ଦୃଢ଼ତର ବନ୍ଧନରୁ ମୁକ୍ତ ହେବା ପାଇଁ ଚେଷ୍ଟା କରନ୍ତି । ସେ ଜଣେ ରେଡ୍‌-ଇଣ୍ଡିଆନ୍ (ଲୋହିତ ଭାରତୀୟ)ର ସ୍ୱାଧୀନଭାବକୁ ସ୍ୱାଧୀନତା ବୋଲି ମନେକରନ୍ତି ନାହିଁ ।

ଭାରତୀୟ ଦାର୍ଶନିକମାନଙ୍କ ମତରେ ମୁକ୍ତି ହିଁ ଆମର ଲକ୍ଷ୍ୟ । ଜ୍ଞାନ ଆମର ଲକ୍ଷ୍ୟ ହୋଇପାରେ ନାହିଁ, କାରଣ ଜ୍ଞାନ ଗୋଟିଏ ଯୌଗିକଭାବ । ଶକ୍ତି ଓ ମୁକ୍ତିର ମିଶ୍ରିତଭାବ ଜ୍ଞାନ ଏବଂ ମୁକ୍ତି ହିଁ ମନୁଷ୍ୟର ଏକମାତ୍ର କାମ୍ୟ । ଏହା ଲାଭ କରିବା ଲାଗି ମନୁଷ୍ୟ ଚେଷ୍ଟା କରୁଛି । କେବଳ ଶକ୍ତି ଲାଭ କରିବାଦ୍ୱାରା ଜ୍ଞାନଲାଭ ହୁଏ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ—ଜଣେ ବୈଜ୍ଞାନିକ ମାତ୍ର କେତେକ ମାଇଲ ପର୍ଯ୍ୟନ୍ତ ବିଦ୍ୟୁତ୍ ତରଙ୍ଗ ପ୍ରେରଣ କରିପାରନ୍ତି; କିନ୍ତୁ ପ୍ରକୃତି ଏହି ତରଙ୍ଗାଘାତକୁ ଅସୀମ, ଦୂରତ୍ୱ ପର୍ଯ୍ୟନ୍ତ ପ୍ରେରଣ କରିପାରେ । ତେବେ ଆମେ ପ୍ରକୃତିର ମୂର୍ତ୍ତି ପ୍ରତିଷ୍ଠା କରି ତାହା ପୂଜା କରୁ ନାହୁଁ କାହିଁକି ? ନିୟମ ଆମେ ଚାହୁଁ ନାହିଁ, ଆମେ ଚାହୁଁ ନିୟମଲଘଂନ କରିବାର ସାମର୍ଥ୍ୟ । ଆମେ ବିଧିର ବହିର୍ଭୂତ ହେବାକୁ ଚାହୁଁ । ନିୟମଦ୍ୱାରା ବଦ୍ଧ ହେଲେ ଆମେ ମୃତ୍‌ପିଣ୍ଡବତ୍ ହୋଇଯିବୁ । ତୁମେ ନିୟମର ବାହାରକୁ ଯାଇଛ କି ନାହିଁ ତାହା ପ୍ରଶ୍ନ ନୁହେଁ; କିନ୍ତୁ ଆମେ ଯେ ନିୟମର ଊର୍ଦ୍ଧ୍ୱରେ—ଏହି ଚିନ୍ତାକୁ ଭିତ୍ତି କରି ମାନବଜାତିର ସମଗ୍ର ଇତିହାସ ରଚିତ ହୋଇଛି । ଦୃଷ୍ଟାନ୍ତ ସ୍ୱରୂପ, ମନେକର—ଜଣେ ବନରେ ବାସ କରେ, ସେ କେବେହେଲେ କୌଣସି ଶିକ୍ଷା ପାଇ ନାହିଁ । ଗୋଟିଏ ପ୍ରସ୍ତରଖଣ୍ଡ ତଳକୁ ପଡ଼ୁଥିବା ଦେଖି ସେ ଏହାକୁ ଏକ ସ୍ୱାଭାବିକ ଘଟଣା ବୋଲି ମନେକରେ—ତା' ପକ୍ଷରେ ଏହା ମୁକ୍ତି; କାରଣ ସେ ମନେକରେ ଯେ, ପଥରର ଆତ୍ମା ଅଛି ଏବଂ ଏହାର ଅନ୍ତର୍ନିହିତ ଭାବ ମୁକ୍ତି । କିନ୍ତୁ ଯେତେବେଳେ ସେ ବୁଝିପାରିବ ଯେ, ପଥରଟା ମାଟିରେ ଅବଶ୍ୟ ହିଁ ପଡ଼ିବ, ସେତେବେଳେ ସେ ଏହାକୁ ସ୍ୱାଭାବିକ ଅର୍ଥାତ୍ ଅଚେତନ ଯନ୍ତ୍ରବତ୍ କର୍ମ ବୋଲି କହିବ । ମୁଁ ବର୍ତ୍ତମାନ ରାସ୍ତାକୁ ଯାଇପାରେ କିମ୍ବା ନ ପାରେ । ଏହି ସ୍ୱାଧୀନତା ହିଁ ମନୁଷ୍ୟର ଗୌରବ । ଯଦି ମୁଁ ନିଶ୍ଚିତ ଭାବରେ ଜାଣିବି ଯେ, ମୋତେ ସେଠାକୁ ଯିବାକୁ ହେବ, ତା'ହେଲେ ବ୍ୟକ୍ତିତ୍ୱ ବିସର୍ଜନ ଦେଇ ମୁଁ ଯନ୍ତ୍ରରେ ପରିଣତ ହେବି । ଅନନ୍ତ ଶକ୍ତି ଥିବା ସତ୍ତ୍ୱେ ପ୍ରକୃତି କେବଳ ମାତ୍ର ଗୋଟିଏ ଯନ୍ତ୍ର; ମୁକ୍ତି ହିଁ ସଚେତନ ଜୀବନର ଉପାଦାନ ।

ବେଦାନ୍ତ କହେ ଯେ, ବନରେ ରହୁଥିବା ମନୁଷ୍ୟର ଧାରଣା ଠିକ୍; ତାହାର ଦେଖିବା ସତ୍ୟ; କିନ୍ତୁ ବ୍ୟାଖ୍ୟା ଭୁଲ । ସେ ଏହି ପ୍ରକୃତିକୁ ମୁକ୍ତି ବୋଲି ମନେକରେ, ନିମୟଦ୍ୱାରା ଶାସିତ

ବୋଲି ମନେକରେ ନାହିଁ । ମାନବଜୀବନର ସକଳ ଅଭିଜ୍ଞତା ପରେ ଆମେ ନିଶ୍ଚିତ ଏଭଳି ଚିନ୍ତା କରିବାକୁ ଶିଖିବୁ, କିନ୍ତୁ ତାହା ଆହୁରି ଦାର୍ଶନିକ ଅର୍ଥରେ । ଉଦାହରଣ ସ୍ୱରୂପ ମୁଁ ରାସ୍ତାକୁ ବାହାରିବାକୁ ଚାହେଁ । ଇଚ୍ଛାର ପ୍ରେରଣା ମଧ୍ୟ ପାଇଲି; ତେବେ ସୁଦ୍ଧା ନ ଯାଇ ରହିଗଲି; ଇଚ୍ଛା ହେବା ଓ ରାସ୍ତାକୁ ବାହାରିବା ମଧ୍ୟରେ ଯେଉଁ ସମୟର ବ୍ୟବଧାନ, ସେହି ସମୟରେ ମଧ୍ୟ ମୁଁ ସମଭାବରେ କର୍ମ କରୁଥାଏ । କର୍ମର ସଙ୍ଗତିକୁ ହିଁ ଆମେ ନିୟମ ବା ବିଧି କହୁ । ମୋ କର୍ମର ଏହି ସଙ୍ଗତି ଅତି କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଭକ୍ତ । ତେଣୁ ମୋର କର୍ମଗୁଡ଼ିକୁ ମୁଁ ନିୟମାଧୀନ କହେ ନାହିଁ । ମୁଁ ସ୍ୱାଧୀନ ଭାବରେ କର୍ମ କରେ । ମନେକର ମୁଁ ପାଞ୍ଚ ମିନିଟ୍ ପାଇଁ ଭ୍ରମଣ କଲି, କିନ୍ତୁ ଏହି ପାଞ୍ଚ ମିନିଟ୍ ଭ୍ରମଣ କରିବା ପୂର୍ବରୁ ମୋ ଇଚ୍ଛାର କ୍ରିୟା ଥିଲା । ଏହି ଇଚ୍ଛା ହିଁ ଭ୍ରମଣର ଆବେଗ ସୃଷ୍ଟି କରିଥିଲା । ତେଣୁ ମନୁଷ୍ୟ କହେ ଯେ, ସେ ସ୍ୱାଧୀନ, କାରଣ ତାହାର ସକଳ କର୍ମକୁ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଭକ୍ତ କରାଯାଇପାରେ ଏବଂ ଏହି କ୍ଷୁଦ୍ର କ୍ଷୁଦ୍ର ଅଂଶରେ ସଙ୍ଗତି ବା ମେଳ ଥିଲେ ସୁଦ୍ଧା ଏହା ବାହାରେ ସେହି ସଙ୍ଗତି ନାହିଁ । ଏହି ସଙ୍ଗତିର ଅନୁଭୂତି ମଧ୍ୟରେ ମୁକ୍ତି ବା ସ୍ୱାଧୀନତାର ଭାବ ନିହିତ ଅଛି । ବହିଃପ୍ରକୃତିରେ ଆମେ କେବଳ ସଙ୍ଗତିର ବୃହତ୍ତର ଉଦାହରଣଗୁଡ଼ିକୁ ଦେଖିବାକୁ ପାଉ; କିନ୍ତୁ ଏହାର ଆଦି ଓ ଅନ୍ତରେ ନିଶ୍ଚିତ ଭାବେ ସ୍ୱାଧୀନ ଆବେଗ ଥିଲା । ଆଦିରେ ଯେଉଁ ମୁକ୍ତିର ପ୍ରେରଣା ଥିଲା, ତାହା ହିଁ ବହି ଚାଲିଛି; କିନ୍ତୁ ତଫାତ୍ ଏତିକି ଯେ ଆମର କାର୍ଯ୍ୟକାଳ ତୁଳନାରେ ପ୍ରକୃତିର କାର୍ଯ୍ୟକାଳ ଦୀର୍ଘତର । ଦାର୍ଶନିକ ଯୁକ୍ତିଦ୍ୱାରା ବିଶ୍ଳେଷଣ କଲେ ବୁଝିପାରିବୁ ଯେ ଆମେ ସ୍ୱାଧୀନ କିମ୍ବା ମୁକ୍ତ ନୋହୁଁ । ତଥାପି ମୋର ଏହି ଚେତନା ଅଛି ଯେ, ମୁଁ ମୁକ୍ତ । ଏହି ଚେତନା କି ଭାବରେ ଆସେ, ତାହା ଆମକୁ ବ୍ୟାଖ୍ୟା କରିବାକୁ ହେବ । କ୍ରମେ କ୍ରମେ ଆମେ ଦେଖିବାକୁ ପାଇବୁ ଯେ, ଆମମାନଙ୍କ ମଧ୍ୟରେ ଏହି ଦୁଇଟି ପ୍ରେରଣା ଅଛି । ଆମର ଯୁକ୍ତି କହେ ଯେ, ସବୁ କାର୍ଯ୍ୟର କାରଣ ଅଛି ଏବଂ ତାହା ସହିତ ପ୍ରତ୍ୟେକ ପ୍ରେରଣା ମାଧ୍ୟମରେ ଆମେ ଆମର ସ୍ୱାଧୀନତା ଘୋଷଣା କରୁଛୁ । ବେଦାନ୍ତର ମୀମାଂସା ହେଉଛି—ମୁକ୍ତି ବା ସ୍ୱାଧୀନତା ଆମ ଭିତରେ ଅଛି । ଆତ୍ମା ଯଥାର୍ଥ ହିଁ ମୁକ୍ତ; କିନ୍ତୁ ଜୀବାତ୍ମାର କର୍ମ ଶରୀର ଓ ମନ ମାଧ୍ୟମରେ ପ୍ରକାଶିତ ହେଉଛି ।

ଯେତେବେଳେ ଆମର କୌଣସି ବିଷୟରେ ପ୍ରତିକ୍ରିୟା ହୁଏ, ସେତେବେଳେ ଆମେ ତାହାର ଦାସ ହୋଇଯାଉ । ଜଣେ ମୋର ନିନ୍ଦା କଲା, ତତ୍କ୍ଷଣାତ୍ କ୍ରୋଧର ପ୍ରକାଶ ଦ୍ୱାରା ମୁଁ ପ୍ରତିକ୍ରିୟା କଲି । ଏହି ବ୍ୟକ୍ତି ଯେଉଁ ସାମାନ୍ୟ ଶବ୍ଦରୂପ ସ୍ପନ୍ଦନ ସୃଷ୍ଟି କଲା, ତାହାଦ୍ୱାରା ମୁଁ କ୍ରୀତଦାସରେ ପରିଣତ ହେଲି । ଅତଏବ ଆମମାନଙ୍କୁ ଆମର ମୁକ୍ତସ୍ୱଭାବ ପ୍ରଦର୍ଶନ କରିବାକୁ ହେବ । ଶ୍ରେଷ୍ଠ ଜ୍ଞାନୀ, ନିକୃଷ୍ଟ ଜନ୍ତୁ ବା ଅତି ଦୁରାଚାର ବ୍ୟକ୍ତି ମଧ୍ୟରେ ଯେଉଁମାନେ ମୁନି, ଜନ୍ତୁ ବା ମନୁଷ୍ୟକୁ ଦେଖନ୍ତି ନାହିଁ, ବରଂ ଦେଖନ୍ତି ସେହି ଈଶ୍ୱରଙ୍କୁ, ସେମାନେ ହିଁ ପ୍ରକୃତ ଜ୍ଞାନୀ । ଇହ ଜୀବନରେ ସେମାନେ ଆପେକ୍ଷିକ ନାନା ଦର୍ଶନକୁ ଜୟ କରି ଏହି ଏକତ୍ୱ ବା ସମଦର୍ଶନରେ ଦୃଢ଼ପ୍ରତିଷ୍ଠ ହୋଇଛନ୍ତି । ଈଶ୍ୱର ଶୁଦ୍ଧସ୍ୱରୂପ, ସମସ୍ତଙ୍କ ପ୍ରତି ସମଭାବାପନ୍ନ । ଯେଉଁ ଜ୍ଞାନୀପୁରୁଷ ଏହା ଅନୁଭବ କରନ୍ତି, ବାସ୍ତବିକ ହିଁ ସେ ଜୀବନ୍ତ ଈଶ୍ୱର । ଏହି ଲକ୍ଷ୍ୟ ଆଡ଼କୁ ଆମେ ଯାଉଛୁ; ପ୍ରତ୍ୟେକ ଉପାସନା-ପଦ୍ଧତି, ମାନବଜାତିର ପ୍ରତ୍ୟେକ କର୍ମ ହିଁ ଏହି ଉଦ୍ଦେଶ୍ୟ ଲାଭ କରିବାର ପ୍ରୟାସ ମାତ୍ର । ଯିଏ ଅର୍ଥ ଚାହେଁ, ସେ ମଧ୍ୟ ମୁକ୍ତି ପାଇଁ ଚେଷ୍ଟା କରୁଛି—ଦାରିଦ୍ର୍ୟର ବନ୍ଧନରୁ ନିଷ୍କୃତି ପାଇବା ପାଇଁ ଚେଷ୍ଟା କରୁଛି । ମନୁଷ୍ୟର ପ୍ରତ୍ୟେକ କର୍ମ ହିଁ ଉପାସନା; କାରଣ

ମୁକ୍ତିଲାଭ କରିବା ହିଁ ତାହାର ଅନ୍ତର୍ନିହିତ ଭାବ ଏବଂ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମସ୍ତ କର୍ମ ସେହି ଉଦ୍ଦେଶ୍ୟ ଅଭିମୁଖରେ ଗତି କରୁଛି । କେବଳ ଯେଉଁ ସମସ୍ତ କର୍ମ ସେହି ଉଦ୍ଦେଶ୍ୟର ପଥରେ ବାଧା ଦିଅନ୍ତି ସେଗୁଡ଼ିକୁ ବର୍ଜନ କରିବାକୁ ହେବ । ଜ୍ଞାତସାରରେ ବା ଅଜ୍ଞାତସାରରେ ସମଗ୍ର ବିଶ୍ୱ ଏହି ଉପାସନା ହିଁ କରୁଛି । ମନୁଷ୍ୟ ଜାଣେ ନାହିଁ ଯେ, ଯେତେବେଳେ ସେ କାହାକୁ ଅଭିଶାପ ଦିଏ, ସେତେବେଳେ ମଧ୍ୟ ସେ ଅନ୍ୟ ଏକ ଭାବରେ ସେହି ଈଶ୍ୱରଙ୍କର ହିଁ ଉପାସନା କରୁଛି; କାରଣ ଯେଉଁମାନେ ଅଭିଶାପ ଦେଉଛନ୍ତି, ସେମାନେ ମଧ୍ୟ ମୁକ୍ତି ପାଇଁ ଚେଷ୍ଟା କରୁଛନ୍ତି । ସେମାନେ କେବଳ ଜାଣନ୍ତି ନାହିଁ ଯେ, କୌଣସି ବିଷୟରେ ପ୍ରତିକ୍ରିୟା କିରବା ଦ୍ୱାରା ସେମାନେ ନିଜକୁ କ୍ରୀତଦାସ କରିପକାଉଛନ୍ତି । ଆଘାତ ବିରୋଧରେ ପ୍ରତିଘାତ କରିବା କଠିନ ।

ଆମେ ସୀମାବଦ୍ଧ—କେବଳ ଏହି ବିଶ୍ୱାସ ବର୍ଜନ କରିପାରିଲେ ଏହି ମୁହୂର୍ତ୍ତରେ ହିଁ ଆମେ ସବୁପ୍ରକାର କର୍ମ କରିପାରନ୍ତୁ । ଏହି ଭାବ କିନ୍ତୁ ସମୟସାପେକ୍ଷ । ଯଦି ଏହା ସତ୍ୟ ହୁଏ, ତାହାହେଲେ ଶକ୍ତିବର୍ଦ୍ଧିତ କର ଏବଂ ସମୟକୁ ସଂକ୍ଷିପ୍ତ କର । ସେହି ଅଧ୍ୟାପକଙ୍କର କଥା ସ୍ମରଣ କର, ଯେ ମର୍ମର-ପ୍ରସ୍ତର ଗଠନର ରହସ୍ୟ ଅବଗତ ହୋଇ, ମାତ୍ର ବାରବର୍ଷରେ ତାହା ନିର୍ମାଣ କରିପାରିଥିଲେ ଅଥଚ ପ୍ରକୃତିକୁ ଯାହା କରିବାକୁ ଶତ ଶତ ବର୍ଷ ଲାଗିଥିଲା ।

❋ ❋ ❋

# ସରଳ ରାଜଯୋଗ

## ପ୍ରକାଶକଙ୍କ ନିବେଦନ

ସ୍ୱାମୀଜୀ ଆମେରିକାରେ ତାଙ୍କ ଶିଷ୍ୟା ସାରା ସି. ବୁଲ୍‌ଙ୍କ(Mrs. sara c. bull) ଘରେ କେତେ ଜଣ ଅନ୍ତରଙ୍ଗ ଅନୁରାଗୀଙ୍କ ସହିତ 'ଯୋଗ' ବିଷୟରେ ଯେଉଁ ଆଲୋଚନା କରିଥିଲେ, ମିସେସ୍ ବୁଲ୍ ତାହା ଲେଖି ରଖିଥିଲେ । ତତ୍‌ପରେ ଭକ୍ତମଣ୍ଡଳୀ, ନିଜ ଆତ୍ମୀୟଗଣ ଓ ବନ୍ଧୁବାନ୍ଧବମାନଙ୍କ ମଧ୍ୟରେ ବିତରଣ ପାଇଁ ଆମେରିକାର ଭକ୍ତମାନେ ୧୯୧୩ ଖ୍ରୀଷ୍ଟାବ୍ଦରେ ତାହା ପ୍ରକାଶ କରିଥିଲେ । ଏହି ପୁସ୍ତିକା ତାହାର ଅନୁବାଦ ।

X X X

ଭାରତରୁ ପ୍ରକାଶିତ ପ୍ରଥମ ଇଂରାଜୀ ସଂସ୍କରଣ (Six Lessons on Raja Yoga) ୧୯୨୮ ଖ୍ରୀଷ୍ଟାବ୍ଦ ଫେବୃଆରୀରେ ପ୍ରକାଶ ପାଏ । ପ୍ରକାଶକଙ୍କ ନିବେଦନର କିୟଦଂଶ ନିମ୍ନରେ ଦିଆଗଲା :

ଆଧ୍ୟାତ୍ମିକ ସାଧନାର କଥା ଏହି ପୁସ୍ତକରେ ସଂକ୍ଷିପ୍ତ ଓ ପରିଷ୍କାର ଭାବରେ ଉପସ୍ଥାପନ କରାଯାଇଛି । ଉପରନ୍ତୁ, ରାଜଯୋଗ-ସାଧନାର ବହୁ ମୂଲ୍ୟବାନ୍ ଇଙ୍ଗିତ ଓ ପଥ ନିର୍ଦ୍ଦେଶ ଏହି ବହିରେ ରହିଛି ।

X X X

ଆମେରିକାନ୍ ସଂସ୍କରଣରେ ପୁସ୍ତକର ପ୍ରଚ୍ଛଦପଟ ନିମ୍ନଲିଖିତ ଭାବରେ ଥିଲା ।

**RAJA YOGA**

**Six Lessons**

*By*

**Swami Vivekananda**

Gift Edition

1913

## ପ୍ରସ୍ତାବନା

ପୃଥିବୀରେ ପ୍ରଚଳିତ ଅନ୍ୟାନ୍ୟ ବିଜ୍ଞାନ ଭଳି ରାଜଯୋଗ ମଧ୍ୟ ଏକ ବିଜ୍ଞାନ । ଏହି ବିଜ୍ଞାନ ମନର ବିଶ୍ଳେଷଣ; ଅତୀନ୍ଦ୍ରିୟ ଜଗତର ତଥ୍ୟ ସଂଗ୍ରହ କରି ଏହାଦ୍ୱାରା ଏକ ଆଧ୍ୟାତ୍ମିକ ରାଜ୍ୟ ଗଠନ କରାଯାଏ । ସବୁ ଦେଶର ମହାନ୍ ଆଚାର୍ଯ୍ୟଗଣ କହିଯାଇଛନ୍ତି; 'ଆମେ ଏହା ଦେଖିଛୁ ଏବଂ ଜାଣିଛୁ ।' ଯୀଶୁ, ପଲ୍ ଏବଂ ପିଟର୍ ଇତ୍ୟାଦି ମହାତ୍ମାଗଣ କହିଯାଇଛନ୍ତି ଯେ, ସେମାନେ ତାଙ୍କଦ୍ୱାରା ପ୍ରଚାରିତ ସତ୍ୟର ପ୍ରତ୍ୟକ୍ଷ ଅନୁଭୂତି କରିଛନ୍ତି ।

ଏହି ପ୍ରତ୍ୟକ୍ଷାନୁଭୂତି ଯୋଗ-ଲବ୍ଧ ।

ସ୍ମୃତି କିମ୍ବା ଚେତନା ପ୍ରକୃତି-ସତ୍ତାର ସୀମା ହୋଇପାରେ ନାହିଁ । ଅତିଚେତନ ଅବସ୍ଥାରେ ଏବଂ ଅଚେତନ ଅବସ୍ଥାରେ କୌଣସି ଇନ୍ଦ୍ରିୟାନୁଭୂତି ହୁଏ ନାହିଁ; କିନ୍ତୁ ଏହି ଦୁଇଟି ମଧ୍ୟରେ ଆକାଶ ପାତାଳ ପ୍ରଭେଦ, ଯେପରି—ଜ୍ଞାନ ଏବଂ ଅଜ୍ଞାନ । ଯେଉଁ ଯୋଗଶାସ୍ତ୍ର ବିଷୟରେ ଆମେ ଆଲୋଚନା କରୁଛୁ, ତାହା ମଧ୍ୟ ଠିକ୍ ବିଜ୍ଞାନ୍ ପରି ଯୁକ୍ତି ଉପରେ ପ୍ରତିଷ୍ଠିତ ।

ମନର ଏକାଗ୍ରତା ହିଁ ସମସ୍ତ ଜ୍ଞାନର ଉତ୍ସ । ଯୋଗ ଆମମାନଙ୍କୁ ଶିକ୍ଷା ଦିଏ ଜଡ଼କୁ କିପରି ଅଧୀନ କରି ରଖାଯାଏ । ଜଡ଼ ଚିରଦିନ ଚେତନର ଅଧୀନ ହୋଇ ରହିବ ।

'ଯୋଗ' ଶବ୍ଦର ଅର୍ଥ ହେଉଛି (yoke) ଯୋଡ଼ିଦେବା ବା ସଂଯୋଗ କରିବା, ଅର୍ଥାତ୍ ଜୀବାତ୍ମା ଏବଂ ପରମାତ୍ମାର ମିଳନ କରାଇ ଦେବା ।

ସାଧାରଣତଃ ମନ ଚେତନ-ଭୂମିରେ କିମ୍ବା ତାହାର ନିମ୍ନସ୍ତରରେ କାର୍ଯ୍ୟ କରେ । ଆମେ ଯାହାକୁ ଚେତନା ବୋଲି କହୁ, ତାହା ଆମେ ପ୍ରକୃତିର ଅନନ୍ତ ଶୃଙ୍ଖଳ ମଧ୍ୟରୁ ଗୋଟିଏ ଶିକୁଳି ମାତ୍ର ।

ଆମର ଏହି 'ଅହଂ' ବୋଧ ଏହି ଚେତନାର ଗୋଟିଏ କ୍ଷୁଦ୍ର ଅଂଶ ମାତ୍ର ଏବଂ ତାହାର ଚାରି ଦିଗରେ ବିରାଟ ଅଚେତନ ସତ୍ତା ବିରାଜମାନ । ଏହି 'ଅହଂ'—ବୋଧର ଊର୍ଦ୍ଧ୍ୱରେ ଆମର ଅଜ୍ଞାତ ଅତୀନ୍ଦ୍ରିୟ ଭୂମି ଅବସ୍ଥିତ ।

ନିୟମିତ ଭାବେ ଯୋଗାଭ୍ୟାସ କଲେ ମନର ସ୍ତର ଗୋଟିଏ ପରେ ଗୋଟିଏ ଉନ୍ମୁକ୍ତ ହୋଇଯାଏ ଏବଂ ପ୍ରତ୍ୟେକ ସ୍ତରରେ ଆମ ସମ୍ମୁଖରେ ନୂତନ ନୂତନ ତଥ୍ୟ ପ୍ରକାଶିତ ହୁଏ । ଆମେମାନେ ଦେଖିବାକୁ ପାଉ ଯେପରିକି ଆମ ସମ୍ମୁଖରେ ନୂତନ ଜଗତ ସୃଷ୍ଟି ହେଉଛି, ଆମ ହାତକୁ ଯେପରି କି ନୂତନ ନୂତନ ଶକ୍ତି ଆସୁଛି । କିନ୍ତୁ, ଆମେ

---

* 'ରାଜଯୋଗ' ଗ୍ରନ୍ଥର ୨ୟ ଅଧ୍ୟାୟ ଦ୍ରଷ୍ଟବ୍ୟ ।

ଯେପରି ମଝି ରାସ୍ତାରେ ଅଟକି ରହି ନ ଯାଉ ! ହୀରାର ଖଣି ଆମ ସମ୍ମୁଖରେ ଅଛି, କାଚର ମାଳି ଦେଖି ଆମ ଆଖି ଯେପରି ଝଲସି ନ ଯାଏ ।

ଭଗବାନ ହେଉଛନ୍ତି ଆମର ଲକ୍ଷ୍ୟ, ତାଙ୍କ ସାନ୍ନିଧ୍ୟ ଲାଭ କରି ନ ପାରିଲେ ଆମର ବିନାଶ ନିଶ୍ଚିତ ।

ଯେଉଁ ସାଧକମାନେ ସିଦ୍ଧିଲାଭ କରିବାକୁ ଚାହାଁନ୍ତି, ତାଙ୍କର ତିନୋଟି ଜିନିଷ ଦରକାର ।

ପ୍ରଥମତଃ, ଇହଲୋକ ଏବଂ ପରଲୋକର ସମସ୍ତ ଭୋଗ ବାସନା ତ୍ୟାଗ କରିବାକୁ ହେବ; ଏବଂ କେବଳ ସତ୍ୟ ଭଗବାନଙ୍କର କାମନା କରିବାକୁ ହେବ ।

ଦ୍ୱିତୀୟତଃ, ସତ୍ୟ ଏବଂ ଭଗବାନ ଲାଭ ପାଇଁ ତୀବ୍ର ବ୍ୟାକୁଳତା ଆବଶ୍ୟକ । ଯେପରିକି ପାଣିରେ ବୁଡ଼ି ଯାଉଥିବା ଲୋକ ଟିକିଏ ନିଃଶ୍ୱାସ ନେବା ପାଇଁ ବ୍ୟାକୁଳ ହୋଇପଡ଼େ, ଠିକ୍ ସେହିପରି ଭଗବାନଙ୍କ ସାନ୍ନିଧ୍ୟଲାଭ ପାଇଁ ବ୍ୟାକୁଳ ହେବାକୁ ପଡ଼ିବ, ସତ୍ୟ ଏବଂ ଭଗବାନଙ୍କୁ ପାଇବା ପାଇଁ ଏହି ଭାବରେ ବ୍ୟାକୁଳ ହୁଅ ।

ତୃତୀୟତଃ, ୬ଟି ଶିକ୍ଷା ଅଛି । ୧ମ—ମନକୁ ବହିର୍ମୁଖ ହେବାକୁ ନ ଦେବା । ୨ୟ—ମନକୁ ଅନ୍ତର୍ମୁଖ କରି ଗୋଟିଏ ଭାବରେ ଆବଦ୍ଧ କରି ରଖିବା । ୩ୟ—ପ୍ରତିବାଦ ନ କରି ସବୁ ଜିନିଷ ସହ୍ୟ କରିବା । ୪ର୍ଥ—ଈଶ୍ୱର ବ୍ୟତୀତ ଅନ୍ୟ କିଛି କାମନା ନ କରିବା । ଆପାତଃ-ମନୋରମ ଜିନିଷ ଯେପରି ତୁମକୁ ଆଉ ଭୁଲାଇ ନ ପାରେ । ସବୁ ତ୍ୟାଗ କରି କେବଳ ଭଗବତ୍‌ସାନ୍ନିଧ୍ୟ ପାଇଁ ଚେଷ୍ଟା କର । ୫ମ—ପ୍ରତ୍ୟେକ ଜିନିଷର ମୂଳ ପର୍ଯ୍ୟନ୍ତ ବିଚାର ନ କରି, ତାହାର ସମାଧାନ ନ କରି ଛାଡ଼ ନାହିଁ । ସମୟର ହିସାବ କର ନାହିଁ । ଆମ ଜୀବନ ସତ୍ୟ ଉପଲବ୍ଧି ପାଇଁ, ଇନ୍ଦ୍ରିୟତୃପ୍ତି ପାଇଁ ନୁହେଁ । ଇନ୍ଦ୍ରିୟ-ତୃପ୍ତି ପଶୁମାନଙ୍କ ପାଇଁ । ଆମେମାନେ କେବେହେଲେ ପଶୁମାନଙ୍କ ପରି ତାହା କରିପାରିବୁ ନାହିଁ । ମନୁଷ୍ୟ ମନନଶୀଳ, ମୃତ୍ୟୁକୁ ସେ ଯେତେଦିନ ପର୍ଯ୍ୟନ୍ତ ଜୟ ନ କରିଛି, ଯେତେଦିନ ସେ ଆଲୋକର ସନ୍ଧାନ ନ ପାଇଛି, ସେତେଦିନ ତାକୁ ସଂଗ୍ରାମ କରିବାକୁ ପଡ଼ିବ । ନିରର୍ଥକ, ବୃଥା କଥାରେ ଶକ୍ତି କ୍ଷୟ କରିବା ଉଚିତ ନୁହେଁ । ସାମାଜିକ ଓ ଲୋକମତର ପୂଜା କରିବା ହିଁ ପୌତ୍ତଳିକତା । ଆତ୍ମା ଲିଙ୍ଗହୀନ, ଜାତିହୀନ, ଦେଶହୀନ ଓ କାଳହୀନ । ୬ଷ୍ଠ—ସର୍ବଦା ନିଜର ସ୍ୱରୂପ ଚିନ୍ତା କରିବାକୁ ହେବ । କୁସଂସ୍କାରରୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । କେବଳ 'ମୁଁ ଦୁର୍ବଳ', 'ମୁଁ ଛୋଟ' ଭାବି ଭାବି ନିଜକୁ ଛୋଟ କରିବା ଉଚିତ ନୁହେଁ । ଯେତେଦିନ ବ୍ରହ୍ମ ସହିତ ଆମର ଅଭେଦଜ୍ଞାନ (ଅପରୋକ୍ଷାନୁଭୂତି) ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଦିବାରାତ୍ର ତୁମ ପ୍ରକୃତ ସ୍ୱରୂପର କଥା ଚିନ୍ତା କର ।

ଏହିସବୁ କଠୋର ସାଧନନିଷ୍ଠା ବ୍ୟତୀତ କୌଣସି ଫଳ ଲାଭ ସମ୍ଭବ ନୁହେଁ ।

ଆମେ ନିରପେକ୍ଷ ପରଂବ୍ରହ୍ମଙ୍କୁ ଉପଲବ୍‌ଧି କଲେ ସୁଦ୍ଧା ତାଙ୍କୁ ଭାଷାରେ କେବେହେଲେ ପ୍ରକାଶ କରିପାରିବୁ ନାହିଁ । ଯେଉଁ ମୁହୂର୍ତ୍ତରେ ଆମେ ତାଙ୍କୁ ପ୍ରକାଶ କରିବାକୁ ଯିବୁ, ସେହି ମୁହୂର୍ତ୍ତରେ ତାଙ୍କୁ ସୀମାବଦ୍ଧ କରିପକାଇବୁ; ଫଳରେ ଅନନ୍ତଙ୍କୁ କେବଳ ସାନ୍ତରୂପେ ଦେଖିବୁ ।

ଇନ୍ଦ୍ରିୟର ସୀମାକୁ ଅତିକ୍ରମ କରିବାକୁ ହେବ, ବୁଦ୍ଧିର ସୀମାକୁ ମଧ୍ୟ ଅତିକ୍ରମ କରିବାର ଶକ୍ତି ଆମର ଅଛି ।

ପ୍ରାଣାୟାମର ପ୍ରଥମ ସାଧନ ଏକ ସପ୍ତାହ ଅଭ୍ୟାସ କରି ଶିଷ୍ୟ ଗୁରୁଙ୍କୁ ଜଣାଇବ ।

## ପ୍ରଥମ ପାଠ

ପ୍ରତ୍ୟେକଟି ବ୍ୟକ୍ତିତ୍ୱକୁ ବିକଶିତ କରିବାକୁ ହେବ । ସମସ୍ତେ ପରିଶେଷରେ ଗୋଟିଏ କେନ୍ଦ୍ରରେ ମିଳିତ ହେବେ ।

'କଳ୍ପନା ହିଁ ପ୍ରେରଣାର ଉତ୍ସ ଏବଂ ଚିନ୍ତାର ଭିତ୍ତି ।'

ପ୍ରକୃତିର ବ୍ୟାଖ୍ୟା ଆମ ଭିତରେ ହିଁ ରହିଛି, ପଥର ତଳକୁ ପଡ଼ିଥାଏ-ଏହା ବାହ୍ୟ ଘଟଣା ମାତ୍ର; କିନ୍ତୁ ମାଧ୍ୟାକର୍ଷଣ ଆବିଷ୍କାର କରିବାର ଶକ୍ତି ଆମ ଭିତରେ ହିଁ ଥିଲା, ବାହାରେ ନୁହେଁ ।

ଯେଉଁ ବ୍ୟକ୍ତି ବେଶୀ ଖାଏ ବା ଯେଉଁ ବ୍ୟକ୍ତି ଅନାହାରୀ, ଯେ ବେଶୀ ଶୁଏ ବା ଯେ ଖୁବ୍ କମ୍ ଶୁଏ, ସେ କେବେ ଯୋଗୀ ହୋଇପାରିବ ନାହିଁ ।*

ଅଜ୍ଞାନ, ଚଞ୍ଚଳତା, ଈର୍ଷା, ଆଳସ୍ୟ ଓ ତୀବ୍ର ଆସକ୍ତି—ଏଗୁଡ଼ିକ ଯୋଗାଭ୍ୟାସର ପରମ ଶତ୍ରୁ । ଯୋଗୀଙ୍କ ପକ୍ଷରେ ନିମ୍ନଲିଖିତ ତିନୋଟି କଥା ବିଶେଷ ପ୍ରୟୋଜନୀୟ :

ପ୍ରଥମ—ଦେହ ଓ ମନର ପବିତ୍ରତା । ସମସ୍ତ ପ୍ରକାର ମଳିନତା, ଯାହା ମନକୁ ନୀଚ ସ୍ତରକୁ ନେଇଯାଏ, ଯୋଗୀ ତାହା ପରିତ୍ୟାଗ କରିବେ ।

ଦ୍ୱିତୀୟ—ଧୈର୍ଯ୍ୟ । ପ୍ରଥମେ ପ୍ରଥମେ ଅନେକ ଆଶ୍ଚର୍ଯ୍ୟଜନକ ଦର୍ଶନ ଇତ୍ୟାଦି ହେବ, ତା'ପରେ ସେସବୁ ବନ୍ଦ ହୋଇଯିବ । ଏହି ସମୟଟି ସବୁଠାରୁ କଠିନ; ଖୁବ୍ ଧୈର୍ଯ୍ୟ ଦରକାର । ଧୈର୍ଯ୍ୟ ଧରି ରହିପାରିଲେ ଶେଷରେ ସତ୍ୟଲାଭ ନିଶ୍ଚୟ ହେବ ।

ତୃତୀୟ—ଅଧ୍ୟବସାୟ । ଭଲ, ମନ୍ଦ, ସୁସ୍ଥ, ଅସୁସ୍ଥ—ସକଳ ଅବସ୍ଥାରେ ଯୋଗାଭ୍ୟାସ କରିଯାଅ ଗୋଟିଏ ଦିନ ମଧ୍ୟ ଯେପରି ବ୍ୟତିକ୍ରମ ନ ହୁଏ ।

ଯୋଗସାଧନାର ସବୁଠାରୁ ପ୍ରଶସ୍ତ ସମୟ ହେଉଛି ଦିନ ଓ ରାତ୍ରିର ସନ୍ଧିକ୍ଷଣ—ସେ ସମୟରେ ଦେହ ଓ ମନ ଖୁବ୍ ଶାନ୍ତ ଥାଏ, ଚଞ୍ଚଳତା ଓ ଅବସାଦ ଇତ୍ୟାଦି ସେ ସମୟରେ ନ ଥାଏ । ଯଦି ସେତେବେଳେ ଯୋଗାଭ୍ୟାସ ନ କରିପାର ତେବେ ନିଦ୍ରାଭଙ୍ଗ ପରେ ଏବଂ ଶୋଇବା ଆଗରୁ କରିବ । ବ୍ୟକ୍ତିଗତ ପରିଚ୍ଛନ୍ନତା ଖୁବ୍ ପ୍ରୟୋଜନ (ପ୍ରତିଦିନ ସ୍ନାନ କରିବା ଉଚିତ) ।

ସ୍ନାନ ପରେ ଦୃଢ଼ ଭାବରେ ଆସନରେ ଉପବିଷ୍ଟ ହେବ ଓ ମନେ କରିବ ଯେ ତୁମେ ପାହାଡ଼ ପରି ଅଟଳ, କୌଣସି ଜିନିଷ ତୁମକୁ ଟଳାଇପାରିବ ନାହିଁ । ମେରୁଦଣ୍ଡ ଉପରେ ଜୋର୍ ନ ଦେଇ ଅଣ୍ଟା, ବେକ ଓ ମୁଣ୍ଡ ସିଧା ରଖିବ । ମେରୁଦଣ୍ଡ ଭିତରେ ସମସ୍ତ ପ୍ରକାର କ୍ରିୟା ହୁଏ, ତେଣୁ ଦୁର୍ବଳ କଲେ ଚଳିବ ନାହିଁ ।

ପାଦର ଅଙ୍ଗୁଳିରୁ ଆରମ୍ଭ କରି ଧୀରେ ଧୀରେ ଶରୀରର ପ୍ରତ୍ୟେକ ଅଙ୍ଗକୁ ସ୍ଥିର କରିବ । ଏହା ମନେ ମନେ ଚିନ୍ତା କରିବ ଓ ପ୍ରୟୋଜନ ବୋଧହେଲେ ପ୍ରତି ଅଙ୍ଗକୁ ସ୍ପର୍ଶ କରିବ ।

କ୍ରମେ କ୍ରମେ ନିମ୍ନ ଭାଗରୁ ଶରୀରର ପ୍ରତି ଅଙ୍ଗ ସ୍ଥିର କରି କରି ଉପର ପର୍ଯ୍ୟନ୍ତ

---

* ଗୀତା-୧୨/୧୩-୧୯

ଆସିବାକୁ ହେବ, ଗୋଟିଏ ହେଲେ ଅଙ୍ଗ ଯେପରି ବାଦ୍ ନ ଯାଏ । ତା'ପରେ ସମସ୍ତ ଶରୀରକୁ ସ୍ଥିର ରଖିବାକୁ ପଡ଼ିବ । ସତ୍ୟଲାଭ ନିମିତ୍ତ ଭଗବାନ ତୁମକୁ ଏହି ଦେହ ଦେଇଛନ୍ତି; ତେଣୁ ଏହି ନୌକାକୁ ଆଶ୍ରୟ କରି ସଂସାରସାଗର ଉତ୍ତୀର୍ଣ୍ଣ ହୋଇ ଚିରନ୍ତନ ସତ୍ୟର ରାଜ୍ୟକୁ ଯିବାକୁ ହେବ ।

ଏହା କରିବା ପରେ ଦୁଇ ନାସାରନ୍ଧ୍ର ଦେଇ ଗଭୀର ଶ୍ୱାସ ଗ୍ରହଣ କରିବ, ପରେ ଦୁଇ ନାସିକା ଦେଇ ନିଃଶ୍ୱାସ ତ୍ୟାଗ କରିବ । ତାପରେ ଯେତେ ସମୟ ସ୍ୱଚ୍ଛନ୍ଦ ଭାବରେ ପାରିବ, ଶ୍ୱାସ ରୁଦ୍ଧ କରି ରହିବ । ଏହିପରି ଚାରି ଥର କରିବା ପରେ ସ୍ୱାଭାବିକ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେବ ଏବଂ ଜ୍ଞାନାଲୋକ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବ ।

'ଯେ ଏହି ବିଶ୍ୱ ସୃଷ୍ଟି କରିଛନ୍ତି, ତାଙ୍କର ମହିମା ମୁଁ ଧ୍ୟାନ କରୁଛି, ସେ ମୋର ମନକୁ ପ୍ରବୁଦ୍ଧ କରନ୍ତୁ'—ଆସନରେ ଉପବିଷ୍ଟ ହୋଇ ଦଶ ପନ୍ଦର ମିନିଟ୍ ଏହି ମନ୍ତ୍ରଟିର* ଅର୍ଥ ଚିନ୍ତା କରିବ ।

ଯେଉଁସବୁ ଉପଲବ୍ଧି ବା ଦର୍ଶନାଦି ହେବ, ଗୁରୁ ବ୍ୟତୀତ ଅନ୍ୟ କାହାକୁ ତାହା କହିବ ନାହିଁ । ଯେତେଦୂର ସମ୍ଭବ କମ୍ କଥା କହିବ ।

ସତ୍‌ଚିନ୍ତା କରିବ, କାରଣ ଆମେ ଯାହା ଚିନ୍ତା କରୁ ତାହା ହୋଇଯାଉ । ସତ୍‌ଚିନ୍ତା ମନର ସମସ୍ତ ମଳିନତା ଦଗ୍ଧ କରିବାରେ ସାହାଯ୍ୟ କରେ ।

ଯୋଗୀ ବ୍ୟତୀତ ଅନ୍ୟ ସମସ୍ତେ କ୍ରୀତଦାସ ତୁଲ୍ୟ । ମୁକ୍ତିଲାଭ ପାଇଁ ଗୋଟିଏ ପରେ ଗୋଟିଏ ବନ୍ଧନ କାଟିଦେବାକୁ ପଡ଼ିବ ।

ଅତୀନ୍ଦ୍ରିୟ ସତ୍ତାକୁ ସମସ୍ତେ ହିଁ ଜାଣିପାରନ୍ତି । ଭଗବାନ ଯଦି ସତ୍ୟ ହୁଅନ୍ତି, ତେବେ ତାଙ୍କୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିବାକୁ ପଡ଼ିବ; ଆତ୍ମା ଯଦି ବାସ୍ତବ ହୁଅନ୍ତି, ତେବେ ନିଶ୍ଚୟ ଆମେ ତାଙ୍କୁ ଦର୍ଶନ ଓ ଅନୁଭବ କରିପାରିବା ।

ଆତ୍ମବସ୍ତୁ ବୋଲି କିଛି ଅଛି କି ନାହିଁ, ତାହା ବୁଝିବାର ଉପାୟ— ଆମମାନଙ୍କୁ ଏପରି କିଛି ହେବାକୁ ହେବ, ଯାହା ଦେହ ନୁହେଁ ।

ଯୋଗୀମାନେ ଆମର ଇନ୍ଦ୍ରିୟଗୁଡ଼ିକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି—ଜ୍ଞାନେନ୍ଦ୍ରିୟ ଏବଂ କର୍ମେନ୍ଦ୍ରିୟ (ଅଥବା ଜ୍ଞାନ ଓ କର୍ମ) ।

ଅନ୍ତରେନ୍ଦ୍ରିୟ ବା ମନର ସ୍ତର ଚାରିଟା ।

ପ୍ରଥମ—ମନଃ, ମନନ ବା ଚିନ୍ତାଶକ୍ତି । ଏହାକୁ ସଂଯତ ନ କଲେ ମନର ସମସ୍ତ ଶକ୍ତି ନଷ୍ଟ ହୋଇଯିବ; କିନ୍ତୁ ସଂଯତ କରିପାରିଲେ ଏହି ମନ ହିଁ ଅଦ୍ଭୁତ ଶକ୍ତିର ଆଧାର ହୋଇଉଠିବ ।

ଦ୍ୱିତୀୟ—ବୁଦ୍ଧି ବା ଇଚ୍ଛାଶକ୍ତି (ଏହାକୁ ବୋଧଶକ୍ତି ମଧ୍ୟ କହନ୍ତି) ।

ତୃତୀୟ—ଅହଂକାର ବା 'ଅହଂବୁଦ୍ଧି' ।

ଚତୁର୍ଥ—ଚିତ୍ତ : ଏହି ଉପାଦାନଦ୍ୱାରା ଆମର ସମସ୍ତ ବୃତ୍ତି କ୍ରିୟା କରୁଛି; ମନର ଭିତ୍ତିସ୍ଥଳ ସକଳ ବୃତ୍ତିର ଆଧାରସ୍ୱରୂପ । ଏହା ଯଦି ସମୁଦ୍ର ହୁଏ, ତାହାହେଲେ ବୃତ୍ତିଗୁଡ଼ିକ ତାହାର ତରଙ୍ଗ ପରି ।

---

*ଗାୟତ୍ରୀ ମନ୍ତ୍ର ।

ଚିତ୍ତବୃତ୍ତିନିରୋଧକୁ ଯୋଗ କହନ୍ତି । ଯୋଗ ଗୋଟିଏ ବିଜ୍ଞାନ, ଯାହାର ସାହାଯ୍ୟରେ ଆମେ ଚିତ୍ତକୁ ବିଭିନ୍ନ ବୃତ୍ତିରେ ରୂପାନ୍ତରିତ ହେବା ବନ୍ଦ କରିପାରିବା । ଚନ୍ଦ୍ରର ପ୍ରତିବିମ୍ବ ଯେପରି ସମୁଦ୍ରଢେଉ ଉପରେ ପଡ଼ି ଅସ୍ପଷ୍ଟ ହୋଇଯାଏ, ଆତ୍ମାର ପ୍ରତିବିମ୍ବ ମଧ୍ୟ ସେହିପରି ମନର ତରଙ୍ଗାଘାତରେ ଖଣ୍ଡବିଖଣ୍ଡ ହୋଇଯାଏ । ସମୁଦ୍ର ନିସ୍ତରଙ୍ଗ ହୋଇ ଯେତେବେଳେ ଦର୍ପଣ ପରି ଶାନ୍ତ ହୁଏ, ସେତେବେଳେ ଚନ୍ଦ୍ରର ପୂର୍ଣ୍ଣ ପ୍ରତିବିମ୍ବ ଆମେ ସେଥିରେ ଦେଖିପାରୁ; ଠିକ୍ ସେହିପରି ମନର ଉପାଦାନ ଚିତ୍ତ ଯେତେବେଳେ ସଂଯମଦ୍ୱାରା ଶାନ୍ତ ହୋଇଯାଏ, ସେତେବେଳ ଆତ୍ମଦର୍ଶନ ହୁଏ ।

ମନର ଉପାଦାନ ଚିତ୍ତ, ଶରୀର ନୁହେଁ—ସୂକ୍ଷ୍ମତର ଜଡ଼ବିଶେଷ ଏବଂ ଚିରକାଳ ଦେହଦ୍ୱାରା ଆବଦ୍ଧ ହୋଇ ରହେ ନାହିଁ । ମଝିରେ ମଝିରେ ଆମର ଦେହ-ବନ୍ଧନ ଯେ ଶିଥିଳ ହୋଇଯାଏ, ତାହା ହିଁ ଏହାର ପ୍ରମାଣ । ଇନ୍ଦ୍ରିୟସମୂହକୁ ବଶୀଭୂତ କରି ଆମେ ଏହାର ଅଭ୍ୟାସ କରିପାରିବା ।

ଏହି ଅବସ୍ଥା ସଂପୂର୍ଣ୍ଣ ଆୟତ୍ତ ହେଲେ ଆମେ ସମଗ୍ର ଜଗତକୁ ନିୟନ୍ତ୍ରଣ କରିପାରିବା, କାରଣ ଇନ୍ଦ୍ରିୟଗଣ ଯେଉଁସବୁ ବିଷୟ ଆମ ନିକଟରେ ପହଞ୍ଚାଇ ଦିଅନ୍ତି, ତାହା ହିଁ ଆମର ଜଗତ । ସ୍ୱାଧୀନତା ହିଁ ଉଚ୍ଚତର ଜୀବନର ଚିହ୍ନ । ଇନ୍ଦ୍ରିୟବନ୍ଧନରୁ ନିଜକୁ ମୁକ୍ତ କରିପାରିଲେ ଆଧ୍ୟାତ୍ମିକ ଜୀବନ ଆରମ୍ଭ ହୁଏ ।

ଯେଉଁ ବ୍ୟକ୍ତି ଇନ୍ଦ୍ରିୟର ଅଧୀନ, ସେ ସଂସାରୀ, ସେ କ୍ରୀତଦାସ ତୁଲ୍ୟ । ଚିତ୍ତର ବିଭିନ୍ନ ବୃତ୍ତି ତରଙ୍ଗରୂପେ ଭାଙ୍ଗିପଡ଼ିବାକୁ ସଂପୂର୍ଣ୍ଣ ନିରୋଧ କରିପାରିଲେ ଆମର ଦେହବୋଧ ଚାଲିଯାଏ । ଏହି ଦେହଗୁଡ଼ିକୁ ତିଆରି କରିବା ପାଇଁ ଆମକୁ କୋଟି କୋଟି ବର୍ଷ ଧରି କଠୋର ପରିଶ୍ରମ କରିବାକୁ ପଡ଼ିଛି ଏବଂ ସେହି ପ୍ରଚେଷ୍ଟା ମଧ୍ୟରେ ଏହି ଦେହ ପ୍ରାପ୍ତିର ଶ୍ରେଷ୍ଠ ଉଦ୍ଦେଶ୍ୟ ଯେ ପୂର୍ଣ୍ଣତା ଲାଭକରିବା, ତାହା ଆମେ ଭୁଲିଯାଇଛୁ । ଆମେ ଭାବୁ, ଏହି ଦେହଟାକୁ ତିଆରି କରିବା ହେଉଛି ଆମର ସକଳ ଚେଷ୍ଟାର ମୂଳ ଉଦ୍ଦେଶ୍ୟ ଏବଂ ଏହା ହିଁ ମାୟା । ଏହି ମାୟାପାଶକୁ ଛିନ୍ନ କରିବାକୁ ହେବ, ମୂଳ ଲକ୍ଷ୍ୟ ଆଡ଼କୁ ଆମକୁ ଫେରିଯିବାକୁ ପଡ଼ିବ; ଆଉ ଉପଲବ୍ଧି କରିବାକୁ ପଡ଼ିବ ଯେ ଆମେ ଏହି ଦେହ ନୋହୁଁ । ଦେହ ଆମର ଭୃତ୍ୟ ।

ମନକୁ ଦେହରୁ ଅଲଗା କରି ଦେଖିବାକୁ ଶିକ୍ଷା କର, ଚିନ୍ତା କର ଯେ ମନ ଦେହଠାରୁ ପୃଥକ୍ । ଏହି ଜଡ଼ ଦେହକୁ ଆମେ ଚେତନା ଓ ଜୀବନ ଦାନ କରୁ ଓ ଭାବୁ ଯେ ଏହି ଦେହଟା ହିଁ ଯେପରି ଚେତନା ବା ବାସ୍ତବ । ଆମେ ଦୀର୍ଘ କାଳ ଧରି ଏହି ପୋଷାକଟା ପିନ୍ଧି ଆସୁଥିବାରୁ ବର୍ତ୍ତମାନ ଭୁଲବଶତଃ ଭାବୁଛୁ ଯେ ଆମେ ଏହି ପୋଷାକଠାରୁ ଅଭିନ୍ନ, କିନ୍ତୁ ଇଚ୍ଛାନୁସାରେ ଏହି ପୋଷାକକୁ ଛିଣ୍ଡାଇ ଦିଆଯାଇପାରେ । ଯୋଗ ଏହି ବିଷୟରେ ଆମକୁ ସାହାଯ୍ୟ କରିପାରେ । ଦେହ ଗୋଟିଏ ଯନ୍ତ୍ରମାତ୍ର, ଆମର ଦାସ—ପ୍ରଭୁ ନୁହେଁ; ମନଃଶକ୍ତିସମୂହକୁ ଆୟତ୍ତ କରିବା ହିଁ ଯୋଗାଭ୍ୟାସର ମୁଖ୍ୟ ଓ ମହାନ୍ ଉଦ୍ଦେଶ୍ୟ ।

ଦ୍ୱିତୀୟ ଉଦ୍ଦେଶ୍ୟ—ଯେ କୌଣସି ବିଷୟରେ ସମଗ୍ର ମନଃଶକ୍ତି ନିୟୋଗ କରିବା ।

ଯଦି ବେଶୀ କଥା କହ ତେବେ ଯୋଗୀ ହୋଇପାରିବ ନାହିଁ ।

## ଦ୍ୱିତୀୟ ପାଠ

ଏହି ଯୋଗର ନାମ ଅଷ୍ଟାଙ୍ଗ ଯୋଗ, କାରଣ ଏହାର ଆଠୋଟି ପ୍ରଧାନ ଅଙ୍ଗ; ଯଥା—

ପ୍ରଥମ—ଯମ । ଯୋଗର ଏହି ଅଙ୍ଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ; ଏହା ସାରା ଜୀବନକୁ ନିୟନ୍ତ୍ରିତ କରେ । ଏହା ପୁଣି ପାଞ୍ଚ ଭାଗରେ ବିଭକ୍ତ—

(୧) କାୟମନୋବାକ୍ୟରେ କାହାପ୍ରତି ହିଂସା ନ କରିବା ।

(୨) କାୟମନୋବାକ୍ୟରେ କୌଣସି ଦ୍ରବ୍ୟପ୍ରତି ଲୋଭ ନ କରିବା ।

(୩) କାୟମନୋବାକ୍ୟରେ ପବିତ୍ରତା ରକ୍ଷା କରିବା ।

(୪) କାୟମନୋବାକ୍ୟରେ ସତ୍ୟନିଷ୍ଠ ହେବା ।

(୫) କାୟମନୋବାକ୍ୟରେ ବୃଥା ଦାନ ଗ୍ରହଣ ନ କରିବା (ଅପ୍ରତିଗ୍ରହ) ।

ଦ୍ୱିତୀୟ—ନିୟମ । ଶରୀରର ଯତ୍ନ, ସ୍ନାନ ଏବଂ ପରିମିତ ଆହାର ଇତ୍ୟାଦି ।

ତୃତୀୟ—ଆସନ । ମେରୁଦଣ୍ଡ ଉପରେ ବିଶେଷ ଜୋର୍ ନ ଦେଇ ଅଣ୍ଟା, କାନ୍ଧ ଓ ମୁଣ୍ଡ ସଳଖ ରଖିବା ।

ଚତୁର୍ଥ—ପ୍ରାଣାୟାମ । ପ୍ରାଣବାୟୁକୁ ଆୟତ୍ତ କରିବା ନିମିତ୍ତ ଶ୍ୱାସପ୍ରଶ୍ୱାସରେ ସଂଯମ ।

ପଞ୍ଚମ—ପ୍ରତ୍ୟାହାର । ମନକୁ ବହିର୍ମୁଖ ନ କରି ଅନ୍ତର୍ମୁଖ କରି କୌଣସି ବିଷୟ ବୁଝିବା ପାଇଁ ବାରମ୍ବାର ଆଲୋଚନା କରିବା ।

ଷଷ୍ଠ—ଧାରଣା । କୌଣସି ଗୋଟିଏ ବିଷୟରେ ମନକୁ ଏକାଗ୍ର କରିବା ।

ସପ୍ତମ—ଧ୍ୟାନ । କୌଣସି ଗୋଟିଏ ବିଷୟ ଉପରେ ମନର ଅବିଚ୍ଛିନ୍ନ ଚିନ୍ତା ।

ଅଷ୍ଟମ—ସମାଧି । ଜ୍ଞାନର ଆଲୋକ ଲାଭ କରିବା ଆମର ସମସ୍ତ ସାଧନାର ଲକ୍ଷ୍ୟ ।

ଯମ ଓ ନିୟମ ସାରା ଜୀବନ ଆମକୁ ଅଭ୍ୟାସ କରିବାକୁ ପଡ଼ିବ । ଜୋକ ଯେପରି ଗୋଟିଏ ଘାସକୁ ଦୃଢ଼ଭାବେ ନ ଧରି ଅନ୍ୟଟିକୁ ଛାଡ଼େ ନାହିଁ, ସେହିପରି ଗୋଟିଏ ସାଧନା ଛାଡ଼ିବା ପୂର୍ବରୁ ଅନ୍ୟଟିକୁ ଠିକ୍ ଭାବେ ବୁଝି ଅଭ୍ୟାସ କରିବା ଦରକାର ।

ଆଜିର ଆଲୋଚ୍ୟ ବିଷୟ ପ୍ରାଣାୟାମ ଅର୍ଥାତ୍ ପ୍ରାଣର ନିୟନ୍ତ୍ରଣ । ରାଜଯୋଗ ସାଧନାରେ ପ୍ରାଣବାୟୁ ଚିତ୍ତଭୂମିର ମାଧ୍ୟମରେ ଆମକୁ ଆଧ୍ୟାତ୍ମିକ-ରାଜ୍ୟକୁ ନେଇଯାଏ । ପ୍ରାଣବାୟୁ ବା ଶ୍ୱାସପ୍ରଶ୍ୱାସ ସମଗ୍ର ଦେହ-ଯନ୍ତ୍ରର ନିୟାମକ ମୂଳଚକ୍ର (Fly-wheel) । ପ୍ରାଣ ପ୍ରଥମେ ଫୁସ୍‌ଫୁସ୍‌କୁ, ଫୁସ୍‌ଫୁସ୍‌ରୁ ହୃଦ୍‌ଯନ୍ତ୍ରକୁ, ହୃଦ୍‌ଯନ୍ତ୍ରରୁ ରକ୍ତପ୍ରବାହକୁ, ସେଠାରୁ ମସ୍ତିଷ୍କକୁ ଯାଏ, ସର୍ବଶେଷରେ ମସ୍ତିଷ୍କରୁ ମନ ଉପରେ କାର୍ଯ୍ୟ କରେ ।

ଇଚ୍ଛାଶକ୍ତି ବାହ୍ୟ ସଂବେଦନ ଉତ୍ପନ୍ନ କରିପାରେ, ବାହ୍ୟ ସଂବେଦନ ମଧ୍ୟ ଇଚ୍ଛାଶକ୍ତି ଜାଗ୍ରତ କରିପାରେ । ଆମର ଇଚ୍ଛା ଦୁର୍ବଳ; ଆମେ ଏତେ ବଦ୍ଧ ଯେ ଇଚ୍ଛାଶକ୍ତିକୁ ଉପଲବ୍ଧି କରିପାରୁନାହିଁ । ଆମର ଅଧିକାଂଶ କାର୍ଯ୍ୟର ପ୍ରେରଣା ଆସେ ବାହାରୁ; ବହିଃ ପ୍ରକୃତି ଆମର ଅନ୍ତରର ସାମ୍ୟଭାବ ନଷ୍ଟ କରେ; କିନ୍ତୁ ଆମେ ତା'ର ସାମ୍ୟଭାବ ନଷ୍ଟ କରିପାରୁନାହିଁ (ଯାହା ଆମର କରିବା ଉଚିତ) । କିନ୍ତୁ ଏହା ଭୁଲ, କାରଣ ଆମ ଭିତରେ ଅଧିକତର ଶକ୍ତି ରହିଛି ।

ଯେଉଁମାନେ ଅନ୍ତରର ଚିନ୍ତା-ରାଜ୍ୟ ଜୟ କରିଛନ୍ତି, ସେହିମାନେ ହିଁ ସାଧୁ ଓ ଆଚାର୍ଯ୍ୟ; ତେଣୁ ସେମାନଙ୍କ କଥାର ଶକ୍ତି ମଧ୍ୟ ଏତେ ବେଶୀ । ଉଚ୍ଚ ଦୁର୍ଗରେ ଆବଦ୍ଧ ଜଣେ ମନ୍ତ୍ରୀଙ୍କୁ

ତାଙ୍କର ସ୍ତ୍ରୀ ଗୋବରପୋକ, ମଧୁ, ରେଶମ ସୂତା, ସରୁ ଦଉଡ଼ି, ମୋଟା ଦଉଡ଼ି, ଦେଇ ଉଦ୍ଧାର କରିଥିଲେ । ଏହି ରୂପକ* ସାହାଯ୍ୟରେ ସୁନ୍ଦର ଭାବରେ ଦେଖାଇ ଦିଆଯାଇଛି ଯେ ପ୍ରାଣର ନିୟନ୍ତ୍ରଣଦ୍ୱାରା କେଉଁ ଭାବରେ କ୍ରମେ ମନୋରାଜ୍ୟ ଜୟ କରାଯାଇପାରେ । ପ୍ରାଣାୟାମରୂପକ ରେଶମସୂତାର ସାହାଯ୍ୟରେ ଗୋଟିଏ ପରେ ଗୋଟିଏ ଶକ୍ତି ଆୟତ୍ତ କରି ଆମେ ଏକାଗ୍ରତାରୂପକ ରଜ୍ଜୁ ଧରି ସେହି ରଜ୍ଜୁ ସାହାଯ୍ୟର ଦେହ-କାରାଗାରରୁ ନିବୃତ୍ତି ପାଇବୁ—ପ୍ରକୃତ ମୁକ୍ତି ଲାଭ କରିବୁ । ମୁକ୍ତି ଲାଭ କରିବା ପରେ ଏହି ସାଧନଗୁଡ଼ିକୁ ଆମେ ଛାଡ଼ି ଦେଇପାରୁ ।

ପ୍ରାଣାୟାମର ଅଙ୍ଗ ତିନୋଟି—୧ମ ପୂରକ - ଶ୍ୱାସଗ୍ରହଣ । ୨ୟ କୁମ୍ଭକ—ଶ୍ୱାସରୋଧ । ୩ୟ ରେଚକ—ଶ୍ୱାସତ୍ୟାଗ ।

ଦୁଇଟି ଶକ୍ତିପ୍ରବାହ ମସ୍ତିଷ୍କରୁ ବାହାରି ମେରୁଦଣ୍ଡ ଧରି ପ୍ରବାହିତ ହୋଇ ତା'ର ଶେଷ ଭାଗରେ ପରସ୍ପରକୁ ଅତିକ୍ରମ କରି ପୁଣି ମସ୍ତିଷ୍କକୁ ଫେରିଯାଏ । ପ୍ରବାହ ଦୁଇଟି ମଧ୍ୟରୁ ଗୋଟିକର ନାମ ସୂର୍ଯ୍ୟ (ପିଙ୍ଗଳା) । ଏହା ମସ୍ତିଷ୍କର ଦକ୍ଷିଣାର୍ଦ୍ଧରୁ ବାହାରି ମେରୁଦଣ୍ଡର ବାମ ଦିଗରେ ମସ୍ତିଷ୍କର ଠିକ୍ ନିମ୍ନ ଭାଗରେ ଥରେ ପରସ୍ପରକୁ ଅତିକ୍ରମ କରି, ପୁଣି ମେରୁଦଣ୍ଡ ତଳେ ଇଂରାଜୀ ଆଠର (8) ଅଧେ ପରି ଆକାର ଧାରଣ କରି, ପୁଣି ଆଉଥରେ ପରସ୍ପରକୁ ଅତିକ୍ରମ କରେ ।

ଅନ୍ୟ ପ୍ରବାହଟିର ନାମ ଚନ୍ଦ୍ର (ଇଡ଼ା), ଏହାର ଗତି ପିଙ୍ଗଳାର ଠିକ୍ ବିପରୀତ ଏବଂ (8)ର ଆକାର ସଂପୂର୍ଣ୍ଣ କରେ । ଦେଖିବାକୁ (8) ପରି ହେଲେ ମଧ୍ୟ ଏହାର ନିଂମ୍ନ ଭାଗ ଉପର ଭାଗ ଅପେକ୍ଷା ବେଶୀ ଲମ୍ବା । ଏହି ଦୁଇଟି ପ୍ରବାହ ଦିନରାତି ଚାଲିଛି—ବିଭିନ୍ନ କେନ୍ଦ୍ରକୁ, ଯାହାକୁ ଆମେ 'ଚକ୍ର' (Plexuses) ବୋଲି କହୁ; ଏହା ପ୍ରାଣଶକ୍ତି ସଞ୍ଚୟ କରେ, କିନ୍ତୁ ଏହା ଆମେ ପ୍ରାୟ ଜାଣିପାରୁ ନାହିଁ । ଏକାଗ୍ରତାଦ୍ୱାରା ଏହି ଶକ୍ତିସମୂହ ଏବଂ ସମଗ୍ର ଶରୀରରେ ସେମାନଙ୍କର କ୍ରିୟା ଆମେ ଅନୁଭବ କରିପାରୁ । ଏହି 'ସୂର୍ଯ୍ୟ ଓ ଚନ୍ଦ୍ର'ର ପ୍ରବାହ ଶ୍ୱାସପ୍ରଶ୍ୱାସ ସହିତ ଘନିଷ୍ଠ ଭାବେ ଜଡ଼ିତ । ତେଣୁ ଶ୍ୱାସପ୍ରଶ୍ୱାସ୍ ନିୟନ୍ତ୍ରିତ କରି ଆମେ ସମଗ୍ର ଦେହକୁ ନିୟନ୍ତ୍ରିତ କରିପାରୁ ।

କଠ ଉପନିଷଦ୍‌ରେ ଦେହକୁ ରଥ, ମନକୁ ଲଗାମ୍, ବୁଦ୍ଧିକୁ ସାରଥି, ଇନ୍ଦ୍ରିୟଗୁଡ଼ିକୁ ଘୋଡ଼ା ଏବଂ ଇନ୍ଦ୍ରିୟଭୋଗ୍ୟ ବସ୍ତୁଗୁଡ଼ିକୁ ରାସ୍ତା ସଙ୍ଗେ ତୁଳନା କରାଯାଇଛି । ରଥୀ ଆତ୍ମା ଏବଂ ସାରଥି ବୁଦ୍ଧି ସେହି ରଥରେ ବସିଛନ୍ତି । ସାରଥି ଯଦି ବୁଦ୍ଧିରୂପ ଘୋଡ଼ାକୁ ସଂଯତ କରି ନ ପାରେ ତେବେ କେତେବେଳେ ହେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ନାହିଁ । ଦୁଷ୍ଟ ଘୋଡ଼ା ପରି ଇନ୍ଦ୍ରିୟଗୁଡ଼ିକ ରଥଟିକୁ ଯେଉଁଆଡ଼େ ଇଚ୍ଛା ଟାଣିନେଇ ରଥୀର ବିନାଶ କରିଦେଇପାରନ୍ତି । କିନ୍ତୁ ଏହି ଦୁଇଟି ଶକ୍ତିପ୍ରବାହ (ଇଡ଼ା ଓ ପିଙ୍ଗଳା) ଦୁଷ୍ଟ ଘୋଡ଼ାକୁ ଦମନ କରିବା ପାଇଁ ସାରଥି ହାତରେ ଲଗାମ୍ ସଦୃଶ; ଏହି ଦୁଇଟି (ଲଗାମ୍) ହାତରେ ରଖି ସାରଥି ଅଶ୍ୱ-ନିୟନ୍ତ୍ରଣ କରିବେ । ନୀତିପରାୟଣ ହେବାର ଶକ୍ତି ଆମକୁ ଲାଭ କରିବାକୁ ହେବ । ନଚେତ୍ ଆମେ କର୍ମଗୁଡ଼ିକୁ କେବେହେଲେ ନିୟନ୍ତ୍ରଣ କରିପାରିବା ନାହିଁ । ନୀତିଶିକ୍ଷାକୁ କିପରି କର୍ମରେ ପରିଣତ କରାଯାଇପାରେ, ଯୋଗ ତାହା ଶିକ୍ଷା ଦିଏ । ନୀତିପରାୟଣ ହେବା ହିଁ ଯୋଗର ଉଦ୍ଦେଶ୍ୟ । ଜଗତର ଆଚାର୍ଯ୍ୟମାନେ ଯୋଗୀ ଥିଲେ ଏବଂ ପ୍ରତ୍ୟେକ ଶକ୍ତିପ୍ରବାହକୁ ସେମାନେ ସଂପୂର୍ଣ୍ଣରୂପେ ବଶ କରିପାରିଥିଲେ । ଏହି ପ୍ରବାହ ଦୁଇଟିକୁ ଯୋଗୀଗଣ ମେରୁଦଣ୍ଡର ନିମ୍ନଭାଗରେ ମୂଳାଧାରରେ

* 'ରାଜଯୋଗ' ଗ୍ରନ୍ଥର ୨ୟ ଅଧ୍ୟାୟ ଦ୍ରଷ୍ଟବ୍ୟ

ସଂଯତ କରି ମେରୁଦଣ୍ଡ ଭିତର ଦେଇ ତାହା ପରିଚାଳିତ କରନ୍ତି, ଯାହାକି ଜ୍ଞାନ-ପ୍ରବାହ ନାମରେ ଅଭିହିତ । ଏହା କେବଳ ଯୋଗୀମାନଙ୍କ ମଧ୍ୟରେ ବର୍ତ୍ତମାନ ।

ପ୍ରାଣାୟାମ ସମ୍ବନ୍ଧରେ ଦ୍ୱିତୀୟ ସାଧନ-ପ୍ରଣାଳୀ ସମସ୍ତଙ୍କ ପାଇଁ ଏକ ପ୍ରକାର ନୁହେଁ । ପ୍ରାଣାୟାମ ଗୋଟିଏ ଛନ୍ଦର ତାଳ ସହିତ ନିୟମିତ ଭାବେ କରିବାକୁ ହେବ ଏବଂ ତାହା କରିବାର ସହଜ ଉପାୟ ହେଉଛି ଗଣନାଦ୍ୱାରା; ତେବେ ତାହା ଯେପରି ଯନ୍ତ୍ର ପରି ହୋଇ ନ ଯାଏ; ଗଣନା ସଙ୍ଗେ ସଙ୍ଗେ ଆମେ ଯେପରି ପବିତ୍ର ଓଁକାର ମନ୍ତ୍ର ଜପକରୁ ।

ଏହି ପ୍ରାଣାୟାମରେ ଅଙ୍ଗୁଷ୍ଠଦ୍ୱାରା ଦକ୍ଷିଣ ନାସିକା ବନ୍ଦ କରି ଚାରି ଥର 'ଓଁ' ଜପ କରୁ କରୁ ବାମ ନାସିକାଦ୍ୱାରା ଧୀରେ ଧୀରେ ଶ୍ୱାସ ଗ୍ରହଣ କରିବାକୁ ହୁଏ । ତା'ପରେ ବାମ ନାସିକାରେ ତର୍ଜନୀ ରଖି ଦୁଇଟିଯାକ ନାସିକା ବନ୍ଦ ରଖ, ମୁଣ୍ଡକୁ ଛାତି ଉପରେ ଅବନମିତ ରଖି ମନେ ମନେ ଆଠଥର 'ଓଁ' ଜପ କରୁ କରୁ ଶ୍ୱାସରୋଧ କର ।

ତା'ପରେ ମୁଣ୍ଡ ସିଧା ରଖି ଦକ୍ଷିଣ ନାସିକାରୁ ଅଙ୍ଗୁଷ୍ଠ କାଢ଼ିନେଇ ମନେ ମନେ ଚାରି ଥର ଓଁ ଜପ କରିବା ଅବସ୍ଥାରେ ଧୀରେ ଧୀରେ ନିଃଶ୍ୱାସ ଛାଡ଼ ।

ଯେତେବେଳେ ନିଃଶ୍ୱାସ ଛାଡ଼ିବା ଶେଷ ହୋଇଯାଏ, ସେତେବେଳେ ଫୁସ୍‌ଫୁସ୍‌ରୁ ସମସ୍ତ ବାୟୁ ବାହାର କରିଦେବା ପାଇଁ ତଳ ପେଟ ସଙ୍କୁଚିତ କରିବ । ତା'ପରେ ବାମ ନାସିକା ବନ୍ଦ କରି ଚାରି ଥର 'ଓଁ' ଜପ କରୁ କରୁ ଦକ୍ଷିଣ ନାସିକା ଦେଇ ଧୀରେ ଧୀରେ ଶ୍ୱାସଗ୍ରହଣ କରିବାକୁ ହୁଏ ।

ତା'ପରେ ଅଙ୍ଗୁଷ୍ଠଦ୍ୱାରା ଦକ୍ଷିଣ ନାସିକା ବନ୍ଦ କରି ମୁଣ୍ଡ ନୁଆଁଇ ଶ୍ୱାସ ରୁଦ୍ଧ କରି ଆଠ ଥର ଓଁ ଜପ କରିବାକୁ ହୁଏ । ପୁଣି ମୁଣ୍ଡ ସିଧା ରଖି ବାମ ନାସିକା ଦେଇ ଚାରି ଥର 'ଓଁ' ଜପ କରୁ କରୁ ନିଃଶ୍ୱାସ ତ୍ୟାଗ କରିବାକୁ ହୁଏ । ପୂର୍ବ ପରି ଏବେ ମଧ୍ୟ ତଳ ପେଟ ସଙ୍କୁଚିତ କରିବା ଉଚିତ ।

ଏହିପରି ଦୁଇ ଥର କରିବ । ଅର୍ଥାତ୍ ଦକ୍ଷିଣ ନାସିକାଦ୍ୱାରା ଦୁଇ ଥର ଓ ବାମ ନାସିକାଦ୍ୱାରା ଦୁଇ ଥର—ମୋଟରେ ଚାରି ଥର ପ୍ରାଣାୟାମ କରିବା । ବସିବା ପୂର୍ବରୁ ପ୍ରାର୍ଥନା କରିବା ଉଚିତ ।

ଏକ ସପ୍ତାହ ଧରି ଏହିପରି ଅଭ୍ୟାସ କରିବା ପ୍ରୟୋଜନ । ତା'ପରେ ଧୀରେ ଧୀରେ ପ୍ରାଣାୟାମର ସଂଖ୍ୟା ବଢ଼ାଇଦିଅ; ସଙ୍ଗେ ସଙ୍ଗେ ଜପ ସଂଖ୍ୟ (ଶ୍ୱାସଗ୍ରହଣ, ଶ୍ୱାସରୋଧ ଓ ଶ୍ୱାସତ୍ୟାଗ) ସେହି ଅନୁପାତରେ ବଢ଼ାଇବାକୁ ହେବ । ଅର୍ଥାତ୍ ଯଦି ଛ'ଥର ପ୍ରାଣାୟାମ କର, ତା'ହେଲେ ଶ୍ୱାସଗ୍ରହଣ ସମୟରେ ଛ'ଥର, ଶ୍ୱାସ ଛାଡ଼ିବା ସମୟରେ ଛ'ଥର ଏବଂ କୁମ୍ଭକ ସମୟରେ ବାର ଥର 'ଓଁ' ଜପ କରିବାକୁ ପଡ଼ିବ । ଏହି ପ୍ରାଣାୟମ ଅଭ୍ୟାସଦ୍ୱାରା ଆମେ ଅଧିକତର ପବିତ୍ର, ନିର୍ମଳ ଓ ଆଧ୍ୟାତ୍ମିକଭାବରେ ପୂର୍ଣ୍ଣ ହୋଇଯିବା । କୁପଥରେ ପରିଚାଳିତ ହୁଅ ନାହିଁ; କୌଣସି ଶକ୍ତି (ସିଦ୍ଧି) ଚାହିଁ ନାହିଁ । ପ୍ରେମ ହିଁ ଏକମାତ୍ର ଶକ୍ତି, ଯାହା କି ଚିରକାଳ ରହେ ଏବଂ ଉତ୍ତରୋତ୍ତର ବୃଦ୍ଧି ପାଏ । ଯେଉଁମାନେ ରାଜଯୋଗ ଅଭ୍ୟାସଦ୍ୱାରା ମୋକ୍ଷ ଚାହାଁନ୍ତି, ସେମାନଙ୍କୁ ମାନସିକ, ଶାରୀରିକ, ନୈତିକ ଏବଂ ଆଧ୍ୟାତ୍ମିକ ଶକ୍ତି ଲାଭ କରିବାକୁ ହେବ । ପ୍ରତ୍ୟେକ ପଦକ୍ଷେପ ଆଲୋକିତ ପଥରେ କରିବ ।

ଲକ୍ଷେ ଲୋକଙ୍କ ମଧ୍ୟରେ କେବଳ ଜଣେ କହିପାରେ, 'ଏହି ସଂସାର ଅତିକ୍ରମ କରି, ମୁଁ ଭଗବାନଙ୍କ ସାନିଧ୍ୟ ଲାଭ କରିବି ।' ସତ୍ୟର ସମ୍ମୁଖୀନ ହୋଇ ପାରନ୍ତି, ଏପରି ବ୍ୟକ୍ତି ଅତି ଅଳ୍ପ । ସତ୍ୟଲାଭ ନିମିତ୍ତ ମୃତ୍ୟୁକୁ ମଧ୍ୟ ବରଣ କରିବା ପାଇଁ ଆମେ ପ୍ରସ୍ତୁତ ରହିବା ।

## ତୃତୀୟ ପାଠ

କୁଣ୍ଡଳିନୀ । ଆତ୍ମାକୁ ଜଡ଼ ବୋଲି ଜାଣିଲେ ଚଳିବ ନାହିଁ, ତା'ର ଯଥାର୍ଥ ସ୍ୱରୂପ ଜାଣିବାକୁ ପଡ଼ିବ । ଆମେମାନେ ଆତ୍ମାକୁ ଦେହ ବୋଲି ଜାଣୁ, କିନ୍ତୁ ଏହାକୁ ଇନ୍ଦ୍ରିୟ ଓ ଚିନ୍ତାରୁ ପୃଥକ୍ କରିବାକୁ ହେବ; ତେବେ ଯାଇ ଆମେ ଉପଲବ୍ଧି କରିବା ଯେ ଆମେ ଅମୃତସ୍ୱରୂପ । କୌଣସି ପରିବର୍ତ୍ତନ ହେଉଛି; କାର୍ଯ୍ୟ ଏବଂ କାରଣର ଦ୍ୱୈତ ଭାବ ଏବଂ ଯାହା କିଛି ପରିବର୍ତ୍ତନଶୀଳ ତାହା ନଶ୍ୱର । ସୁତରାଂ ଦେହ ବା ମନ ଅବିନାଶୀ ହୋଇପାରେ ନାହିଁ, କାରଣ ତାହା ସର୍ବଦା ପରିବର୍ତ୍ତନଶୀଳ । ଯାହା ଅପରିବର୍ତ୍ତନୀୟ ତାହା ହିଁ ଏକମାତ୍ର ଅବିନାଶୀ; କାରଣ ଏପରି କିଛି ନାହିଁ ଯାହା କି ତା' ଉପରେ କ୍ରିୟା କରିପାରିବ ।

ଆମେମାନେ ସତ୍ୟସ୍ୱରୂପ ହୋଇପାରୁନାହିଁ, କାରଣ ଚିରକାଳ ଆମେ ସେହି ସତ୍ୟସ୍ୱରୂପ ହିଁ ଅଛୁ, କିନ୍ତୁ ଯେଉଁ ଅଜ୍ଞାନର ଅବଗୁଣ୍ଠନ ସତ୍ୟକୁ ଆମ ନିକଟରୁ ଲୁଚାଇ ରଖିଛି, ତାହାକୁ ଘୁଞ୍ଚାଇ ଦେବାକୁ ହେବ । ଦେହ ହେଉଛି ଚିନ୍ତାର ବାହ୍ୟ ରୂପ । ସୂର୍ଯ୍ୟ (ପିଙ୍ଗଳା) ଓ ଚନ୍ଦ୍ରର (ଇଡ଼ା) ଗତି ଦେହର ସର୍ବାଙ୍ଗରେ ଶକ୍ତି ସଞ୍ଚାର କରୁଛି । ଅବଶିଷ୍ଟ ଶକ୍ତି ମେରୁଦଣ୍ଡ (ସୁଷୁମ୍ନା) ଅନ୍ତର୍ଗତ ବିଭିନ୍ନ ଚକ୍ରରେ, ଅର୍ଥାତ୍ ସାଧାରଣ ଭାଷାରେ ସ୍ନାୟୁକେନ୍ଦ୍ରଗୁଡ଼ିକରେ ସଞ୍ଚିତ ରହେ । ଏହି ଗତି ମୃତ ଦେହରେ ନ ଥାଏ, କେବଳ ସୁସ୍ଥସବଳ ଶରୀରରେ ହିଁ ଥାଏ ।

ଯୋଗୀ ଯେ କେବଳ ଏଗୁଡ଼ିକ ଅନୁଭବ କରନ୍ତି ତା ନୁହେଁ, ବରଂ ସେ ଏଗୁଡ଼ିକୁ ମଧ୍ୟ ଦେଖି ପାରନ୍ତି । ସେ ଏଗୁଡ଼ିକୁ ପ୍ରାଣବନ୍ତ ଓ ଜ୍ୟୋତିର୍ମୟ ଦେଖନ୍ତି । ଚକ୍ରଗୁଡ଼ିକୁ ମଧ୍ୟ ଠିକ୍ ସେହିପରି ଦେଖନ୍ତି ।

କାର୍ଯ୍ୟ ସାଧାରଣତଃ ଚେତନ ଏବଂ ଅଚେତନ—ଏହି ଦୁଇ ପ୍ରକାର । ଯୋଗୀମାନଙ୍କର ଆଉ ଏକ ପ୍ରକାର କର୍ମ ଅଛି, ଯାହା ଅତିଚେତନ; ଏହା ହେଉଛି ସମଗ୍ର ଜଗତର ସକଳ ଆଧ୍ୟାତ୍ମିକ ଜ୍ଞାନର ମୂଳ ଉତ୍ସ । ସହଜାତ ଜ୍ଞାନର କ୍ରମବିକାଶ ହିଁ ଆମକୁ ପୂର୍ଣ୍ଣତ୍ୱ ଦିଗରେ ଆଗେଇନିଏ । ଅତିଚେତନ ଅବସ୍ଥାରେ ଆମର ସକଳ ଅନୁଭୂତି ନିର୍ଭୁଲ ହୁଏ, କିନ୍ତୁ ସହଜାତ ଜ୍ଞାନ ପୂର୍ଣ୍ଣ ହେଲେ ସୁଦ୍ଧା କେବଳ ମାତ୍ର ଯାନ୍ତ୍ରିକ । କାରଣ ଏଥିରେ କୌଣସି ସଜ୍ଞାନ କ୍ରିୟା ରହେ ନାହିଁ । ଏହାକୁ ପ୍ରେରଣା କହନ୍ତି । ଯୋଗୀଗଣ କହନ୍ତି, ଏହି ଶକ୍ତି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଅଛି ଏବଂ କାଳକ୍ରମେ ସମସ୍ତେ ଏହି ଶକ୍ତିର ଅଧିକାରୀ ହୋଇପାରିବେ ।

ଚନ୍ଦ୍ର ଓ ସୂର୍ଯ୍ୟର (ଇଡ଼ା ଓ ପିଙ୍ଗଳାର) ଗତିକୁ ଗୋଟିଏ ନୂତନ ଦିଗରେ ଚାଳିତ କରିବାକୁ ହେବ, ଅର୍ଥାତ୍ ମେରୁଦଣ୍ଡ ଭିତରେ ଏଥିପାଇଁ ଗୋଟିଏ ନୂତନ ପଥ କରିବାକୁ ହେବ । ଯେତେବେଳେ 'ସୁଷୁମ୍ନା' ଭିତର ଦେଇ ତାହାର ଗତି ସହସ୍ରାରରେ ପହଞ୍ଚିବ, ସେତେବେଳେ ଆମର ଦେହଜ୍ଞାନ ସଂପୂର୍ଣ୍ଣ ଭାବେ ଚାଲିଯିବ ।

ମେରୁଦଣ୍ଡର ନିମ୍ନଭାଗରେ ଯେଉଁ 'ମୂଳାଧାର' ଚକ୍ର ଅଛି, ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ସ୍ଥାନଟି ହେଉଛି ପ୍ରଜନନ ଶକ୍ତିର ଆଧାର । ଗୋଟିଏ ତ୍ରିକୋଣ ମଣ୍ଡଳରେ ଗୋଟିଏ ଛୋଟ ସାପ କୁଣ୍ଡଳାକାର ହୋଇରହିଛି–ଯୋଗୀଗଣ ଏହି ପ୍ରତୀକଦ୍ୱାରା ଏହାକୁ ପ୍ରକାଶ କରିଛନ୍ତି । ଏହି ନିଦ୍ରିତ ସର୍ପଟି କୁଣ୍ଡଳିନୀ, ଏହାକୁ ଜାଗ୍ରତ କରିବା ହିଁ ରାଜଯୋଗର ଏକମାତ୍ର ଲକ୍ଷ୍ୟ ।

ପାଶବିକ କାର୍ଯ୍ୟଦ୍ୱାରା ଯେଉଁ ଯୌନଶକ୍ତି ଉଦ୍‌ଥିତ ହୁଏ, ତାହାକୁ ଉର୍ଦ୍ଧ୍ୱ ଦିଗରେ

ମାନବଶରୀରର ମହାବିଦ୍ୟୁଦାଧାର ମସ୍ତିଷ୍କକୁ ପ୍ରେରଣ କରିପାରିଲେ ସେଠାରେ ତାହା ସଞ୍ଚିତ ହୋଇ 'ଓଜଃ' ବା ଆଧ୍ୟାତ୍ମିକ ଶକ୍ତିରେ ପରିଣତ ହୁଏ । ସମସ୍ତ ସଦ୍‌ଚିନ୍ତା, ସମସ୍ତ ପ୍ରାର୍ଥନା ଏହି ପଶୁଶକ୍ତିର କିଛି ଅଂଶ ଓଜଃ–ଶକ୍ତିରେ ପରିଣତ କରି ଆମର ଆଧ୍ୟାତ୍ମିକ ଶକ୍ତିଲାଭରେ ସାହାଯ୍ୟ କରେ । ଏହି 'ଓଜସ୍' ହେଉଛି ମନୁଷ୍ୟର ମନୁଷ୍ୟତ୍ୱ । ଏକମାତ୍ର ମନୁଷ୍ୟ ଶରୀରରେ ଏହି ଶକ୍ତି ସଞ୍ଚୟ କରିବା ସମ୍ଭବ । ଯାହାର ଶରୀରରେ ସମସ୍ତ ପାଶବିକ ଯୌନଶକ୍ତି ଓଜଃ–ଶକ୍ତିରେ ପରିଣତ ହୋଇଯାଇଛି, ସେ ଜଣେ ଦେବତାସଦୃଶ । ତାଙ୍କ କଥାରେ ଅମୋଘ ଶକ୍ତି ବିଦ୍ୟମାନ, ତା'ଙ୍କ କଥାଦ୍ୱାରା ଜଗତ୍ ନବଜୀବନ ଲାଭ କରେ ।

ଯୋଗୀମାନେ ମନେ ମନେ କଳ୍ପନା କରନ୍ତି ଯେ, ଏହି କୁଣ୍ଡଳିନୀ ସର୍ପ ସୁଷୁମ୍ନା–ପଥ ଦେଇ ସ୍ତରକୁ ସ୍ତର ଅତିକ୍ରମ କରି, ଚକ୍ର ପରେ ଚକ୍ର ଭେଦ କରି ସହସ୍ରାରରେ ଉପନୀତ ହୁଏ । ମନୁଷ୍ୟଶରୀରର ଶ୍ରେଷ୍ଠ ଶକ୍ତି ଯୌନଶକ୍ତି ଯେପର୍ଯ୍ୟନ୍ତ ଓଜଃ–ଶକ୍ତିରେ ପରିଣତ ନ ହୋଇଛି, ସେ ପର୍ଯ୍ୟନ୍ତ ନାରୀ ବା ପୁରୁଷ ପ୍ରକୃତ ଆଧ୍ୟାତ୍ମିକ ଜୀବନ ଲାଭ କରିପାରନ୍ତି ନାହିଁ ।

କୌଣସି ଶକ୍ତି ସୃଷ୍ଟି କରାଯାଏ ନାହିଁ; ତେବେ ତାକୁ ଈପ୍‌ସିତ ପଥରେ ଚାଳିତ କରାଯାଇପାରେ । ଅତଏବ ଯେଉଁ ବିରାଟ ଶକ୍ତି ବର୍ତ୍ତମାନ ଆମ ଅଧିକାରରେ ଅଛି, ତାକୁ ଆୟତ୍ତ କରିବାକୁ ଶିକ୍ଷା କରି, ତାକୁ ପ୍ରବଳ ଇଚ୍ଛାଶକ୍ତିଦ୍ୱାରା ପାଶବିକ ରୂପ ନ ଦେଇ ଆଧ୍ୟାତ୍ମିକ ଦିଗରେ ପ୍ରେରିତ କରିବାକୁ ହେବ । ଏଥିରୁ ସ୍ପଷ୍ଟ ଭାବରେ ଜଣାଯାଉଛି ଯେ ପବିତ୍ରତା ହେଉଛି ସବୁ ପ୍ରକାର ଧର୍ମ ଓ ନୀତିର ଭିତ୍ତିସ୍ୱରୂପ । ବିଶେଷତଃ ରାଜଯୋଗରେ କାୟମନୋବାକ୍ୟରେ ସଂପୂର୍ଣ୍ଣ ପବିତ୍ରତା ଅପରିହାର୍ଯ୍ୟ; ବିବାହିତ ବା ଅବିବାହିତ–ଉଭୟଙ୍କ ପକ୍ଷରେ ଗୋଟିଏ ନିୟମ । ଦେହରେ ସର୍ବାପେକ୍ଷା ଶକ୍ତିଶାଳୀ ବସ୍ତୁର ଯେ ଅପବ୍ୟବହାର କରେ ସେ କେବେହେଲେ ଆଧ୍ୟାତ୍ମିକ ଜୀବନ ଲାଭ କରିପାରିବ ନାହିଁ ।

ଇତିହାସରେ ଦେଖିବାକୁ ପାଉ ଯେ ସର୍ବତ୍ର ମହାନ୍ ସତ୍ୟଦ୍ରଷ୍ଟା ବ୍ୟକ୍ତିଗଣ ହୁଏତ ସାଧୁସନ୍ନ୍ୟାସୀ ଅଥବା ସେମାନେ ବିବାହିତ ଜୀବନ ତ୍ୟାଗ କରିଛନ୍ତି । ଯେଉଁମାନଙ୍କର ଜୀବନ ପବିତ୍ର, କେବଳ ସେମାନେ ହିଁ ଭଗବାନ ଲାଭ କରିପାରନ୍ତି ।

ପ୍ରାଣାୟାମ ପୂର୍ବରୁ ଏହି ତ୍ରିକୋଣମଣ୍ଡଳକୁ ଧ୍ୟାନରେ ଦେଖିବାକୁ ଚେଷ୍ଟା କର । ଚକ୍ଷୁ ବନ୍ଦ କରି ଏହି ଛବି ମନେ ମନେ ସ୍ପଷ୍ଟ ରୂପେ କଳ୍ପନା କରିବାକୁ ହେବ । ଭାବ, ଏହାର ଚତୁର୍ଦ୍ଦିଗରେ ଅଗ୍ନିଶିଖା ଅଛି ଏବଂ ତା'ର ମଝିରେ କୁଣ୍ଡଳୀକୃତ ସର୍ପ ନିଦ୍ରାଗତ । ଧ୍ୟାନରେ ଯେତେବେଳ ଏହି କୁଣ୍ଡଳୀଶକ୍ତି ସ୍ପଷ୍ଟ ଭାବରେ ଦେଖିପାରିବ ସେତେବେଳେ କଳ୍ପନାରେ ତାଙ୍କୁ ମେରୁଦଣ୍ଡର ମୂଳାଧାରରେ ସ୍ଥାପନ କର । କୁମ୍ଭକ ସମୟରେ (ଶ୍ୱାସ ବନ୍ଦ କରି ରଖିବା ସମୟରେ) ସୁପ୍ତ କୁଣ୍ଡଳିନୀକୁ ଜାଗ୍ରତ କରିବା ପାଇଁ ଏହି ରୁଦ୍ଧ ବାୟୁକୁ, ସଜୋରେ ତାର ମସ୍ତକରେ ନିକ୍ଷେପ କରିବ । ଯାହାର କଳ୍ପନାଶକ୍ତି ଯେତେ ବେଶୀ ସେ ସେତେ ଶୀଘ୍ର ଫଳ ପାଏ ଏବଂ ତାର କୁଣ୍ଡଳିନୀ ମଧ୍ୟ ସେତେ ଶୀଘ୍ର ଜାଗ୍ରତ ହୁଏ । ଯଦି ଜାଗ୍ରତ ନ ହୋଇଛି ତେବେ ସର୍ବଦା କଳ୍ପନା କର ଯେ ତାହା ଜାଗ୍ରତ ହୋଇଛି । ଇଡ଼ା ଓ ପିଙ୍ଗଳାର ଗତି ଅନୁଭବ କରିବା ପାଇଁ ଚେଷ୍ଟା କର । ବଳପୂର୍ବକ ତାକୁ ସୁଷୁମ୍ନା ମାର୍ଗରେ ଚାଳିତ କରିବାକୁ ଚେଷ୍ଟା କର । ଏହା କରିପାରିଲେ ଶୀଘ୍ର ଫଳ ପାଇବ ।

# ଚତୁର୍ଥ ପାଠ

ମନକୁ ସଂଯତ କରିବା ପୂର୍ବରୁ ମନକୁ ଜାଣିବାକୁ ହେବ ।

ଚଞ୍ଚଳ ମନକୁ ସଂଯତ କରି, ବିଷୟରୁ ଟାଣିଆଣି ଗୋଟିଏ ଭାବରେ ସ୍ଥିର କରି ରଖିବାକୁ ହେବ । ବାରମ୍ବାର ଏହା କରିବା ଆମର କର୍ତ୍ତବ୍ୟ । ଇଚ୍ଛାଶକ୍ତିଦ୍ୱାରା ମନକୁ ସଂଯତ କରି, ରୁଦ୍ଧ କରି ଭଗବାନଙ୍କ ମହିମା ଚିନ୍ତା କର ।

ମନକୁ ସଂଯତ କରିବାର ସବୁଠାରୁ ସହଜ ଉପାୟ, ଅଳ୍ପ ସମୟ ପାଇଁ ମନକୁ ଛାଡ଼ିଦିଅ । ସେ ଯେଉଁ ଦିଗରେ ଇଚ୍ଛା ଭ୍ରମଣ କରୁ; ଦୃଢ଼ଭାବେ ଚିନ୍ତା କର, 'ମୁଁ ଦ୍ରଷ୍ଟା, ସାକ୍ଷୀ; ମୁଁ ମନର ଉତ୍‌ଥାନ ପତନ ଇତ୍ୟାଦି ସବୁ ଲକ୍ଷ୍ୟ କରୁଛି, ମୁଁ ମନ ନୁହେଁ ।' ତାପରେ ମନକୁ ଦେଖ । ଭାବ, ମନଠାରୁ ତୁମେ ସମ୍ପୂର୍ଣ୍ଣ ପୃଥକ୍ । ଭଗବାନଙ୍କ ସହିତ ନିଜକୁ ଅଭିନ୍ନ ଭାବେ ଚିନ୍ତା କର, ଜଡ଼ବସ୍ତୁ ବା ମନ ସହିତ ନିଜକୁ ଏକ କରିଦିଅ ନାହିଁ ।

କଳ୍ପନା କର ଯେ ମନ ତୁମ ସମ୍ମୁଖରେ ପ୍ରସାରିତ ଗୋଟିଏ ନିସ୍ତରଙ୍ଗ ହ୍ରଦ ପରି ଏବଂ ଯେଉଁ ଚିନ୍ତାଗୁଡ଼ିକ ମନରେ ଥରେ ଉଠି ଅନ୍ତର୍ହିତ ହୁଏ, ସେଗୁଡ଼ିକ ଯେପରି ହ୍ରଦର ବୁଦ୍‌ବୁଦ ପରି । ଚିନ୍ତାଗୁଡ଼ିକୁ ନିୟନ୍ତ୍ରିତ କରିବାକୁ କୌଣସି ଚେଷ୍ଟା କର ନାହିଁ, କଳ୍ପନାଚକ୍ଷୁରେ ସେଗୁଡ଼ିକୁ କେବଳ ସାକ୍ଷୀ ପରି ଦେଖିଯାଅ—କିପରି ସେଗୁଡ଼ିକ ଭାସିଯାଉଛି । ଗୋଟିଏ ପୁଷ୍କରିଣୀରେ ପ୍ରସ୍ତର ଖଣ୍ଡଟିଏ ଫୋପାଡ଼ିଲେ ଯେପରି ପ୍ରଥମେ ଘନ ଘନ ତରଙ୍ଗ ଉଠେ ଓ ପରେ ତରଙ୍ଗର ପରିଧି ଯେତେ ବଢୁଥାଏ ତରଙ୍ଗ ମଧ୍ୟ ସେତିକି କମୁଥାଏ, ଠିକ୍ ସେହିପରି ମନକୁ ଛାଡ଼ିଦେଲେ ତା'ର ଚିନ୍ତାର ପରିଧି ଯେତେ ବଢୁଥିବ, ମନୋବୃତ୍ତି ମଧ୍ୟ ସେତେ କମି ଆସିବ । କିନ୍ତୁ ଆମକୁ ଏହି ପ୍ରଣାଳୀ ଓଲଟାଇ ଦେବାକୁ ପଡ଼ିବ । ପ୍ରଥମେ ଗୋଟିଏ ଚିନ୍ତାର ବଡ଼ ବୃତ୍ତରୁ ଆରମ୍ଭ କରି ତାକୁ ଛୋଟ କରି କରି ଯେତେବେଳେ ମନ ଗୋଟିଏ ବିନ୍ଦୁରେ ଆସି ପହଞ୍ଚିବ, ସେତେବେଳ ତାକୁ ସେଠାରେ ସ୍ଥିର କରି ରଖିବାକୁ ହେବ । ଧାରଣା କର ଯେ ମୁଁ ମନ ନୁହେଁ, ମୁଁ ଦେଖୁଛି-– ମୁଁ ଚିନ୍ତା କରୁଛି, ମୁଁ ମୋ ମନର ଗତିବିଧି ଲକ୍ଷ୍ୟ କରୁଛି । ଏହିପରି ଆରୋପ କରୁ କରୁ ନିଜ ସହିତ ମନର ଯେଉଁ ଅଭିନ୍ନ ଭାବ, ତାହା ଦିନକୁ ଦିନ କମିଆସିବ ଏବଂ ପରିଶେଷରେ ନିଜକୁ ମନଠାରୁ ସମ୍ପୂର୍ଣ୍ଣ ରୂପେ ପୃଥକ୍ କରିପାରିବ ଓ ବୁଝିପାରିବ ଯେ ମନ ତୁମଠାରୁ ପୃଥକ୍ ।

ଯେତେବେଳେ ଏହି ଅଭ୍ୟାସରେ ତୁମେ କୃତକାର୍ଯ୍ୟ ହେବ, ସେତେବେଳେ ମନ ତୁମର ଭୃତ୍ୟ ହୋଇଯିବ । ତାକୁ ତୁମେ ଇଚ୍ଛା ଅନୁସାରେ ନିୟନ୍ତ୍ରିତ କରିପାରିବ । ଯୋଗୀ ହେବାର ପ୍ରଥମ ସ୍ତର ଇନ୍ଦ୍ରିୟଗୁଡ଼ିକୁ ଅତିକ୍ରମ କରିବା । ଯେତେବେଳ ଆମେ ମନକୁ ଜୟ କରୁ, ସେତେବେଳେ ଆମେ ସାଧନାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଯାଉ ।

ଯେତେ ଦୂର ସମ୍ଭବ ଏକୁଟିଆ ରହିବ । ଆସନ ଅତି ଉଚ୍ଚ ହେବ ନାହିଁ । ତଳେ କୁଶାସନ ରହିବ, ତା' ଉପରେ ମୃଗଚର୍ମ । ତା' ଉପରେ ରେଶମ କିମ୍ବା ପଟ୍ଟବସ୍ତ୍ର ବିଛାଇବା ଆଉଜି କରି ବସିବା ଉଚିତ ନୁହେଁ । ଆସନ ଯେପରି ଦୃଢ଼ ହୁଏ ।

ସର୍ବପ୍ରକାର ଚିନ୍ତା ତ୍ୟାଗ କରି ମନକୁ ଖାଲି କରିଦିଅ, ଯେତେବେଳେ କୌଣସି ଚିନ୍ତା ମନରେ ଉଠିବ, ତତ୍‌କ୍ଷଣାତ୍ ତାକୁ ଦୂର କରିଦିଅ । ଏହି କାର୍ଯ୍ୟ ସମ୍ପନ୍ନ କରିବାକୁ ହେଲେ

ଜଡ଼ବସ୍ତୁ ଏବଂ ଆମ ଦେହକୁ ଅତିକ୍ରମ କରିବାକୁ ହେବ । ବାସ୍ତବ ପକ୍ଷେ ମନୁଷ୍ୟର ସମଗ୍ର ଜୀବନ ଏହି ଅବସ୍ଥାରେ ଉପନୀତ ହେବା ନିମିତ୍ତ ଏକ ଅବିରାମ ଚେଷ୍ଟା ।

ଚିନ୍ତାଗୁଡ଼ିକ ଛବିସଦୃଶ । ଏଗୁଡ଼ିକୁ ଆମେ ସୃଷ୍ଟି କରିନାହୁଁ । ପ୍ରତ୍ୟେକ ଧ୍ୱନି ବା ଶବ୍ଦର ଅର୍ଥ ଅଛି, ଆମ ପ୍ରକୃତି ସହିତ ଏଗୁଡ଼ିକ ଜଡ଼ିତ ।

ଆମର ଶ୍ରେଷ୍ଠ ଆଦର୍ଶ ହେଉଛନ୍ତି ଈଶ୍ୱର । ତାଙ୍କର ଧ୍ୟାନ କର । ଆମେ ଜ୍ଞାତାକୁ ଜାଣିପାରୁ ନାହିଁ, କାରଣ ସେ ଆମର ଆତ୍ମା । ଅଶୁଭ ଦେଖିବାଦ୍ୱାରା ଆମେ ନିଜେ ଅନର୍ଥର ସୃଷ୍ଟି କରୁ । ଆମ ଅନ୍ତରରେ ଯାହା ଅଛି, ବାହାରେ ତାହା ହିଁ ଦେଖୁ । କାରଣ ଜଗତଟା ଆମର ଦର୍ପଣ ସଦୃଶ ।

ଆମର ଏହି କ୍ଷୁଦ୍ର ଦେହଟା ଆମଦ୍ୱାରା ସୃଷ୍ଟ ଗୋଟିଏ ଦର୍ପଣ ପରି । ପ୍ରକୃତ ପକ୍ଷରେ ସାରାବିଶ୍ୱ ହିଁ ଆମର ଶରୀର । ସର୍ବଦା ଏହିପରି ଚିନ୍ତା କରିବାକୁ ପଡ଼ିବ, ତେବେଯାଇ ଆମେ ବୁଝିପାରିବୁ ଯେ ଆମର ମୃତ୍ୟୁ ନାହିଁ, ଆମେ କାହାରିକୁ ଆଘାତ କରିପାରୁନାହିଁ । କାରଣ ଯାହାକୁ ଆଘାତ କରିବୁ ସେ ମଧ୍ୟ 'ମୁଁ' । ଆମର ଜନ୍ମ ନାହିଁ, ମୃତ୍ୟୁ ନାହିଁ; ଆମର କର୍ତ୍ତବ୍ୟ ସକଳ ପ୍ରାଣୀଙ୍କୁ ଭଲ ପାଇବା ।

'ଏହି ବିଶ୍ୱଜଗତ ମୋର ଶରୀର, ଜଗତରେ ସମଗ୍ର ସ୍ୱାସ୍ଥ୍ୟ ଓ ଆନନ୍ଦ ମୋର; କାରଣ ସବୁକିଛି ଏହି ବିଶ୍ୱର ଅନ୍ତର୍ଗତ । କହ, ମୁଁ ହିଁ ଏହି ବିଶ୍ୱଜଗତ' । ପରିଶେଷରେ ବୁଝିପାରିବ ଯେ ଆମର ସକଳ କର୍ମ ହିଁ ଆମ ଅନ୍ତରରୁ ଆସି ଦର୍ପଣରେ ପ୍ରତିଫଳିତ ହେଉଛି ।

ଆମେ ନିଜକୁ ଏକ କ୍ଷୁଦ୍ର ତରଙ୍ଗ ସଦୃଶ ମନେକଲେ ସୁଦ୍ଧା ଆମ ସମସ୍ତଙ୍କ ପଶ୍ଚାତ୍‌ରେ ଏକ ଅଖଣ୍ଡ ସମୁଦ୍ର ବିଦ୍ୟମାନ ଅଛି ଓ ଆମେ ସମସ୍ତେ ତାହା ସହିତ ସଂଯୁକ୍ତ । ସମୁଦ୍ର ବ୍ୟତୀତ ତରଙ୍ଗ ରହିପାରେ ନାହିଁ ।

ସଠିକ୍ ଭାବରେ ନିୟୋଜିତ ହେଲେ କଳ୍ପନା ଆମର ପରମ ବନ୍ଧୁ ପରି କାର୍ଯ୍ୟ କରେ । କଳ୍ପନା ଯୁକ୍ତିର ରାଜ୍ୟକୁ ଅତିକ୍ରମ କରେ ଏବଂ କଳ୍ପନାର ଅଲୋକ ହିଁ ଆମକୁ ସର୍ବତ୍ର ନେଇଯାଏ ।

ସକଳ ପ୍ରେରଣା ଆମର ଅନ୍ତରରୁ ଜାଗ୍ରତ ହୁଏ । ତେଣୁ ଆମେ ଅନ୍ତରର ଉଚ୍ଚତର ପ୍ରେରଣାରେ ନିଜକୁ ଉଦ୍‌ବୁଦ୍ଧ କରିବୁ ।

## ପଞ୍ଚମ ପାଠ

ପ୍ରତ୍ୟାହାର ଓ ଧାରଣା । ଶ୍ରୀକୃଷ୍ଣ କହିଛନ୍ତି, 'ଯେ ଯେଉଁ ପଥ ଦେଇ ସନ୍ଧାନ କରୁ ନା କାହିଁକି, ସମସ୍ତେ ମୋ ନିକଟରେ ପହଞ୍ଚିବେ—ସମସ୍ତେ ମୋ ନିକଟକୁ ଆସିବେ ।'* ପ୍ରତ୍ୟାହାରର ଅର୍ଥ ମନକୁ ଏକତ୍ରିତ କରି ଈପ୍‌ସିତ ବସ୍ତୁରେ କେନ୍ଦ୍ରୀଭୂତ କରିବାର ଚେଷ୍ଟା । ଏହାର ପ୍ରଥମ ସୋପାନ—ମନକୁ ଛାଡ଼ିଦେଇ ତା' ଉପରେ ଦୃଷ୍ଟି ରଖିବା । ଯେତେବେଳେ କୌଣସି ଚିନ୍ତାରେ ବିଶେଷ ଦୃଷ୍ଟି ଦେବ, ତତ୍‌କ୍ଷଣାତ୍ ସେହି ଚିନ୍ତା ଚାଲିଯିବ; କିନ୍ତୁ ଚିନ୍ତାଗୁଡ଼ିକୁ ଜୋର୍‌କରି ବନ୍ଦ କରିବାର ଚେଷ୍ଟା କର ନାହିଁ, କେବଳ ସାକ୍ଷୀ ହୋଇ ଦେଖିଯାଅ । ମନ ଆତ୍ମା ନୁହେଁ, ମନ ଜଡ଼ର ଗୋଟିଏ ସୂକ୍ଷ୍ମ ଅବସ୍ଥା ମାତ୍ର । ସ୍ନାୟୁର ଶକ୍ତିଦ୍ୱାରା ଏହାକୁ ଆୟତ୍ତ କରି ନିଜ ଉଦ୍ଦେଶ୍ୟ ସାଧନ ପାଇଁ ମନକୁ କାମରେ ଲଗାଇବାକୁ ହେବ ।

ଦେହ ମନର ବହିଃପ୍ରକାଶ ମାତ୍ର । କିନ୍ତୁ ଆମେ ଆତ୍ମା, ଦେହ-ମନର ଅତୀତ । ଆମେ ଅନନ୍ତ, ଅପରିବର୍ତ୍ତନୀୟ ସାକ୍ଷୀସ୍ୱରୂପ ଆତ୍ମା । ଦେହ ଚିନ୍ତାର ଘନୀଭୂତ ରୂପ ।

ଯଦି ବାମ ନାସା ଦେଇ ନିଃଶ୍ୱାସ ଯାଉଥିବ, ତାହା ଆମ ବିଶ୍ରାମର ସମୟ; ଯଦି ଦକ୍ଷିଣ ନାସା ଦେଇ ନିଃଶ୍ୱାସ ଯାଉଥିବ, ତାହା କାମ କରିବାର ସମୟ; ଯେତେବେଳେ ଦୁଇ ନାସା ଦେଇ ନିଃଶ୍ୱାସ ଯାଉଥିବ, ସେତେବେଳେ ଧ୍ୟାନର ସମୟ । ଯେତେବେଳେ ଦେହ, ମନ ଶାନ୍ତ ହୋଇଆସିବ ଓ ଦୁଇ ନାସା ଦେଇ ସମାନଭାବେ ନିଃଶ୍ୱାସ ଯିବ, ସେତେବେଳେ ଜାଣିବାକୁ ହେବ ଯେ ଆମର ଧ୍ୟାନର ଅବସ୍ଥା ଆସିଛି । ପ୍ରଥମରୁ ଜୋର୍ କରି ମନକୁ ଏକାଗ୍ର କରିବାର ଚେଷ୍ଟା କଲେ କୌଣସି ଲାଭ ହୁଏ ନାହିଁ । ଚିନ୍ତାର ନିୟନ୍ତ୍ରଣ ଆପେ ଆପେ ହୋଇଯିବ ।

ଅଙ୍ଗୁଷ୍ଠ ଓ ଅନାମିକା ସାହାଯ୍ୟରେ ବହୁଦିନ ଧରି ଏହି ପ୍ରାଣାୟାମ ଅଭ୍ୟାସ କଲା ପରେ, କେବଳ ଇଚ୍ଛାଶକ୍ତିଦ୍ୱାରା ଏହା କରାଯାଏ ।

ଏହାପରେ ପ୍ରାଣାୟାମର ଅଳ୍ପ ପରିବର୍ତ୍ତନ ଦରକାର । ଯେଉଁ ସାଧକମାନେ ଇଷ୍ଟମନ୍ତ୍ର ପାଇଛନ୍ତି, ସେମାନେ ରେଚକ ଓ ପୂରକ ସମୟରେ 'ଓଁ' ମନ୍ତ୍ର ପରିବର୍ତ୍ତରେ ଇଷ୍ଟମନ୍ତ୍ର ଏବଂ କୁମ୍ଭକ ସମୟରେ 'ହୁଁ' ମନ୍ତ୍ର ଜପ କରିବେ ।

କୁମ୍ଭକ ସମୟରେ ଯେତେବେଳେ 'ହୁଁ' ମନ୍ତ୍ର ଜପ କରିବ, ସେତେବେଳେ କଳ୍ପନା କରିବ ଯେ ସେହି ଧୃତ ନିଃଶ୍ୱାସ ପୁନଃପୁନଃ କୁଣ୍ଡଳିନୀର ମସ୍ତିଷ୍କରେ ଆଘାତ କରୁଛି ଏବଂ ଫଳରେ କୁଣ୍ଡଳିନୀ ଜାଗରିତ ହେଉଛି । ଈଶ୍ୱରଙ୍କ ସହିତ ନିଜକୁ ଅଭିନ୍ନ ମନେକର । ଧ୍ୟାନ କରିବାର କିଛି କ୍ଷଣ ପରେ ଆମେ ବୁଝିପାରିବା ଯେ, ଚିନ୍ତାଗୁଡ଼ିକ କିପରି ଭାବରେ ଆସୁଛି ଓ ଆମେ କଅଣ ଚିନ୍ତା କରିବାକୁ ଯାଉଛୁ—ତାହା ସବୁ ବୁଝିପାରିବୁ । ଜାଗ୍ରତ ଅବସ୍ଥାରେ ଆମେ ଯେପରି କୌଣସି ଲୋକକୁ ଆସୁଥିବା ଦେଖୁ, ଏହା ମଧ୍ୟ ପ୍ରାୟ ସେହିପରି । ଯେତେବେଳେ ଆମେ ମନରୁ ଆତ୍ମାକୁ ପୃଥକ୍ କରିପାରିବା, ସେତେବେଳେ ଆମେ ବୁଝିପାରିବା ଯେ ଆମେ ଏବଂ ଆମର ଚିନ୍ତା ସଂପୂର୍ଣ୍ଣ ପୃଥକ୍, ସେତେବେଳେ ଆମେ ଏହି ଅବସ୍ଥା ଲାଭ କରିବୁ । ଚିନ୍ତାଗୁଡ଼ିକ ଯେପରି ତୁମକୁ ଆୟତ୍ତ କରି ନ ପାରେ, ସର୍ବଦା ନିଜକୁ ଦୂରରେ ରଖିବ । ତାହାହେଲେ ସେଗୁଡ଼ିକ ନିଜେ ନିଜେ ବିଲୀନ ହୋଇଯିବେ ।

---

* 'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍'-ଗୀତା,୪/୧୧

ସଦ୍‌ଚିନ୍ତାଗୁଡ଼ିକୁ ଅନୁସରଣ କର, ଯେତେବେଳେ ସେଗୁଡ଼ିକ ସ୍ତିମିତ ହୋଇଯିବେ, ସେତେବେଳେ ସର୍ବଶକ୍ତିମାନ୍ ଭଗବାନଙ୍କର ଦର୍ଶନ ଲାଭ କରିବ । ଏହା ହିଁ ହେଉଛି ଅତିଚେତନ ଅବସ୍ଥା । ଭାବ ଯେତେବେଳେ ସ୍ତିମିତ ହୋଇ ଆସିବ, ସେତେବେଳେ ତା'ର ଅନୁସରଣ କରି ତୁମେ ମଧ୍ୟ ବିଲୀନ ହୋଇଯାଅ ।

ଦ୍ୟୁତି ଅନ୍ତର୍ଜ୍ୟୋତିର ପ୍ରତୀକ, ଯୋଗୀ ତାହା ଦେଖିପାରନ୍ତି । ସମୟେ ସମୟେ ଆମେ ଏକ ଜ୍ୟୋତିର୍ମୟ ପୁରୁଷଙ୍କ ମୁଖମଣ୍ଡଳ ଦେଖୁ, ଯାହାର ଦର୍ଶନରେ ତାଙ୍କ ଚରିତ ସମ୍ପର୍କରେ ଆମର ନିଶ୍ଚିତ ଧାରଣା ହୁଏ । ଭାବଚକ୍ଷୁ ଦ୍ୱାରା ହୁଏତ ଆମେ ଦେଖିବୁ ଯେ ଇଷ୍ଟମୂର୍ତ୍ତି ଆମ ସମ୍ମୁଖକୁ ଆସିଛନ୍ତି ଏବଂ ତାଙ୍କୁ ପ୍ରତୀକରୂପେ ଗ୍ରହଣ କରି ଆମେ ମନକୁ ସହଜରେ ସଂପୂର୍ଣ୍ଣ ଏକାଗ୍ର କରିପାରୁ ।

ଯଦିଓ ଆମେ ସକଳ ଇନ୍ଦ୍ରିୟମାନଙ୍କଦ୍ୱାରା କଳ୍ପନା କରିପାରୁ, ତଥାପି ଚକ୍ଷୁ ସାହାଯ୍ୟରେ ଆମେ ସାଧାରଣତଃ କଳ୍ପନା କରୁ । ତା'ହେଲେ ଆମେ ଦେଖୁଛୁ ଯେ ଅର୍ଦ୍ଧେକ ଜଡ଼ଭାବାପନ୍ନ, ଅର୍ଥାତ୍ ମାନସିକ ଚିତ୍ର ବ୍ୟତୀତ ଆମେ ଚିନ୍ତା କରିପାରୁନାହିଁ । ପଶୁମାନେ ଚିନ୍ତା କରନ୍ତି ବୋଲି ମନେ ହୁଏ । କିନ୍ତୁ ତାଙ୍କର ଯେହେତୁ ଭାଷା ନାହିଁ, ବୋଧହୁଏ ଭାବ ଓ ପ୍ରତୀକ ମଧ୍ୟରେ କୌଣସି ଅବିଚ୍ଛେଦ୍ୟ ସଂପର୍କ ନାହିଁ ।

ଯୋଗ କରିବା ସମୟରେ କୌଣସି ଏକ କଳ୍ପନାକୁ ଧାରଣା କରିବାକୁ ଚେଷ୍ଟା କରିବ; କିନ୍ତୁ ସାବଧାନ, ତାହା ଯେପରି ପବିତ୍ର ହୁଏ । ପ୍ରତ୍ୟେକ ଲୋକର କଳ୍ପନାଶକ୍ତିର ବୈଶିଷ୍ଟ୍ୟ ଅଛି । ତୁମ ପକ୍ଷରେ ଯାହା ଅତି ସ୍ୱାଭାବିକ, ତାହା ଅନୁସରଣ କର; ତାହା ତୁମ ପାଇଁ ସବୁଠାରୁ ସହଜ ହେବ ।

ପୂର୍ବ ପୂର୍ବ ଜନ୍ମର କୃତକର୍ମର ଶ୍ରେଷ୍ଠ ଫଳ ଆମର ଏହି ବର୍ତ୍ତମାନ ଜୀବନ । ବୌଦ୍ଧମାନେ କହନ୍ତି, 'ଗୋଟିଏ ପ୍ରଦୀପରୁ ଆଉ ଗୋଟିଏ ପ୍ରଦୀପ ଜଳିଉଠେ । ପ୍ରଦୀପ ପୃଥକ୍, କିନ୍ତୁ ଆଲୋକ ଏକ ।'

ସର୍ବଦା ପ୍ରଫୁଲ୍ଲ ରହ ଓ ସାହସ ଅବଲମ୍ବନ କର । ପ୍ରତିଦିନ ସ୍ନାନ କରିବ; ଧୈର୍ଯ୍ୟ, ପବିତ୍ରତା, ଅଧ୍ୟବସାୟ—ଏହିସବୁ ଗୁଣ ଥିଲେ ତୁମେ ଯୋଗୀ ହୋଇପାରିବ । ତରବର ହୋଇ କିଛି କରିବ ନାହିଁ, କୌଣସି ଅଲୌକିକ ଶକ୍ତି ଆସିଲେ ସେଗୁଡ଼ିକ ଯେପରି ତୁମକୁ ପ୍ରଲୋଭିତ କରି ଠିକ୍ ପଥରୁ ଘୁଞ୍ଚାଇ ନ ନିଏ, ସେଥିପ୍ରତି ସାବଧାନ ରହିବ । ସେଗୁଡ଼ିକ ଦୂରକୁ ଫିଙ୍ଗିଦେଇ ତୁମର ଲକ୍ଷ୍ୟକୁ ଧରି ରଖିବ । କେବଳ ସେହି ଚିରନ୍ତନଙ୍କୁ ଖୋଜ, ଯାହାଙ୍କର ସନ୍ଧାନ ପାଇଲେ ଆମର ଚିର ବିଶ୍ରାମ ଲାଭ ହେବ । ପୂର୍ଣ୍ଣତ୍ୱ ଲାଭ ପରେ ଆମର କୌଣସି କାମନା ରହେ ନାହିଁ, ସେତେବେଳେ ଆମେ ଚିରମୁକ୍ତ— ସତ୍ତାସ୍ୱରୂପ ।

**ସତ୍‌ସ୍ୱରୂପ, ଚିତ୍‌ସ୍ୱରୂପ, ଆନନ୍ଦସ୍ୱରୂପ ।**

## ଷଷ୍ଠ ପାଠ

ସବିକଳ୍ପ ଓ ସୂକ୍ଷ୍ମା । ସୂକ୍ଷ୍ମାର ଧ୍ୟାନ କରିବା ବିଶେଷ ପ୍ରୟୋଜନ । ଭାବଚକ୍ଷୁରେ ହୁଏତ କେତେବେଳେ ଏହାର ଦର୍ଶନ ମିଳିଯାଇପାରେ । ଏଭଳି ଦର୍ଶନ ପାଇଲେ ଅଧିକ ସମୟ ଧରି ତା'ର ଧ୍ୟାନ କରିବ । ସୂକ୍ଷ୍ମା ଗୋଟିଏ ଅତି ସୂକ୍ଷ୍ମ ଜ୍ୟୋତିର୍ମୟ, ସୂତ୍ରାକାର, ପ୍ରାଣମୟ ପଥ—ମେରୁଦଣ୍ଡ ଭିତର ଦେଇ ଗତି କରିଛି । ମୁକ୍ତିଲାଭ କରିବା ପାଇଁ ଏହି କୁଣ୍ଡଳିନୀକୁ ଉର୍ଦ୍ଧ୍ୱ ଗାମୀ କରିବାକୁ ହେବ ।

ଯୋଗୀମାନଙ୍କ ଭାଷାରେ ସୂକ୍ଷ୍ମାର ଦୁଇଟି ପ୍ରାନ୍ତ ଦୁଇଟି ପଦ୍ମରେ ଅବସ୍ଥିତ; ନିମ୍ନ ପଦ୍ମଟି କୁଣ୍ଡଳିନୀର ତ୍ରିକୋଣକୁ ଘେରି ରହିଛି, ଏବଂ ଉର୍ଦ୍ଧ୍ୱପଦ୍ମଟି ବ୍ରହ୍ମରନ୍ଧ୍ରରେ ସହସ୍ରାରକୁ ଘେରି ରହିଛି । ଏହି ଦୁଇଟି ମଧ୍ୟରେ ଆହୁରି ପାଞ୍ଚଟି* ପଦ୍ମ ଅଛି ।

ଉପରଆଡୁ ନିମ୍ନର ଅବସ୍ଥାଗୁଡ଼ିକର ଅର୍ଥାତ୍ ପଦ୍ମଗୁଡ଼ିକର ନାମ:-


| | | | | |
|---|---|---|---|---|
| ସପ୍ତମ | - | ସହସ୍ରାର | - | ମସ୍ତକରେ । |
| ଷଷ୍ଠ | - | ଆଜ୍ଞାଚକ୍ର | - | ଭ୍ରୂଦ୍ୱୟ ମଧ୍ୟରେ । |
| ପଞ୍ଚମ | - | ବିଶୁଦ୍ଧ | - | କଣ୍ଠରେ । |
| ଚତୁର୍ଥ | - | ଅନାହତ | - | ବକ୍ଷରେ ବା ହୃଦୟରେ । |
| ତୃତୀୟ | - | ମଣିପୁର | - | ନାଭିମଣ୍ଡଳରେ । |
| ଦ୍ୱିତୀୟ | - | ସ୍ୱାଧିଷ୍ଠାନ | - | ଉଦରର ନିମ୍ନଭାଗରେ ।** |
| ପ୍ରଥମ | - | ମୂଳାଧାର | - | ମେରୁଦଣ୍ଡର ନିମ୍ନଭାଗରେ । |

ପ୍ରଥମେ କୁଣ୍ଡଳିନୀକୁ ଜାଗ୍ରତ କରିବାକୁ ହେବ, ତା'ପରେ ଗୋଟିଏ ପରେ ଗୋଟିଏ ପଦ୍ମ ଭେଦକରି ଉର୍ଦ୍ଧ୍ୱକୁ ଉଠାଇବାକୁ ପଡ଼ିବ; ଯେପର୍ଯ୍ୟନ୍ତ ମସ୍ତିଷ୍କକୁ କୁଣ୍ଡଳିନୀ ପହଞ୍ଚିଛି ଏହିପରି କରିବାକୁ ପଡ଼ିବ । ପ୍ରତ୍ୟେକ ଅବସ୍ଥା ବା ଭୂମି ମନର ନୂତନ ନୂତନ ସ୍ତର ।

---

* ଇଂରାଜୀ ସଂସ୍କରଣରେ ଅଛି–'four other lotuses' ।

** ଇଂରାଜୀ ସଂସ୍କରଣରେ ଦ୍ୱିତୀୟ ଓ ତୃତୀୟ ଚକ୍ରକୁ ଏକତ୍ର ନିଆହୋଇଛି ।


ओ तत् सत्

# ରାଜଯୋଗ
## (ଅଥବା ଅନ୍ତଃପ୍ରକୃତି—ଜୟ)

ଆତ୍ମା ମାତ୍ରେ ହିଁ ଅବ୍ୟକ୍ତ ବ୍ରହ୍ମ ।

ବାହ୍ୟ ଓ ଅନ୍ତଃପ୍ରକୃତିକୁ ବଶୀଭୂତ କରି ଆତ୍ମାର ଏହି ବ୍ରହ୍ମଭାବ ବ୍ୟକ୍ତ କରିବା ହିଁ ଜୀବନର ଚରମ ଲକ୍ଷ୍ୟ ।

କର୍ମ, ଉପାସନା, ମନଃସଂଯମ ଅଥବା ଜ୍ଞାନ—ଏମାନଙ୍କ ମଧ୍ୟରୁ ଏକ, ଏକାଧିକ ବା ସକଳ ଉପାୟଦ୍ୱାରା ନିଜର ବ୍ରହ୍ମଭାବ ବ୍ୟକ୍ତ କର ଓ ମୁକ୍ତ ହୁଅ ।

ଏହା ହିଁ ଧର୍ମର ପୂର୍ଣ୍ଣାଙ୍ଗ ସ୍ୱରୂପ । ମତବାଦ, ଅନୁଷ୍ଠାନ-ପଦ୍ଧତି, ଶାସ୍ତ୍ର, ମନ୍ଦିର ବା ଅନ୍ୟ ବାହ୍ୟ କ୍ରିୟାକଳାପ ଏହାର ଗୌଣ ଅଙ୍ଗପ୍ରତ୍ୟଙ୍ଗ ମାତ୍ର ।

## ଭୂମିକା

ପୃଥିବୀ-ଇତିହାସର ପ୍ରାରମ୍ଭରୁ ମନୁଷ୍ୟ-ସମାଜରେ ବିହୁବିଧ ଅଲୌକିକ ଘଟଣାର ଉଲ୍ଲେଖ ଦେଖାଯାଏ । ବର୍ତ୍ତମାନ ମଧ୍ୟ ଯେଉଁ ସକଳ ସମାଜ ଆଧୁନିକ ବିଜ୍ଞାନର ପୂର୍ଣ୍ଣାଲୋକରେ ବାସ କରୁଛନ୍ତି, ସେମାନଙ୍କ ମଧ୍ୟରେ ବି ଏହିପରି ଘଟନାଗୁଡ଼ିକର ସାକ୍ଷ୍ୟପ୍ରଦାନକାରୀ ମନୁଷ୍ୟର ଅଭାବ ନାହିଁ । ଏହିସବୁ ପ୍ରମାଣର ଅଧିକାଂଶ ହିଁ ବିଶ୍ୱାସର ଅଯୋଗ୍ୟ, କାରଣ ଯେଉଁ ବ୍ୟକ୍ତିଗଣଙ୍କ ନିକଟରୁ ଏହି ସକଳ ପ୍ରମାଣ ମିଳେ, ସେମାନଙ୍କ ମଧ୍ୟରୁ ଅନେକେ ହିଁ ଅଜ୍ଞ କୁସଂସ୍କାରାଚ୍ଛନ୍ନ ବା ପ୍ରତାରକ । ଅନେକ କ୍ଷେତ୍ରରେ ହିଁ ତଥାକଥିତ ଅଲୌକିକ ଘଟଣାଗୁଡ଼ିକ କେବଳ ଅନୁକରଣ ମାତ୍ର । କିନ୍ତୁ ଏଗୁଡ଼ିକ କାହାର ଅନୁକରଣ ? ଯଥାର୍ଥ ଅନୁସନ୍ଧାନ ନ କରି କୌଣସି କଥା ଏକାବେଳକେ ବିଶ୍ୱାସ ନ କରିବା ବୈଜ୍ଞାନିକ ମନର ପରିଚାୟକ ନୁହେଁ । ଯେଉଁମାନେ ଉପରଠାଉରିଆ ବୈଜ୍ଞାନିକ, ସେମାନେ ମନୋରାଜ୍ୟର ନାନା ପ୍ରକାର ଅଲୌକିକ ଘଟଣା-ପରମ୍ପରା ବ୍ୟାଖ୍ୟା କରିବା ପାଇଁ ଅସମର୍ଥ ହୋଇ ସେଗୁଡ଼ିକର ଅସ୍ତିତ୍ୱକୁ ଏକାବେଳକେ ଅସ୍ୱୀକାର କରିବାପାଇଁ ଚେଷ୍ଟା କରନ୍ତି । ସୁତରାଂ ଯେଉଁମାନେ ବିଶ୍ୱାସ କରନ୍ତି ଯେ—ମେଘ ଊର୍ଦ୍ଧ୍ୱରେ କୌଣସି ପୁରୁଷବିଶେଷ ଅଥବା ଦେବତାଗଣ ରହି ସେମାନଙ୍କ ପ୍ରାର୍ଥନା ପୂର୍ଣ୍ଣ କରନ୍ତି ଓ ସେମାନଙ୍କ ପ୍ରାର୍ଥନାହେତୁ ପ୍ରାକୃତିକ ନିୟମର ବ୍ୟତିକ୍ରମ କରନ୍ତି, ସେହି ବିଶ୍ୱାସୀ ସମ୍ପ୍ରଦାୟଙ୍କ ଅପେକ୍ଷା ପୂର୍ବୋକ୍ତ ବୈଜ୍ଞାନିକଗଣ ଅଧିକତର ଦୋଷୀ । କାରଣ ବିନା ବିଚାରରେ ବିଶ୍ୱାସ କରି ଯାଉଥିବା ବ୍ୟକ୍ତିଗଣଙ୍କୁ ଅଜ୍ଞତା ବା ବାଲ୍ୟକାଳର ଭ୍ରମପୂର୍ଣ୍ଣ ଶିକ୍ଷାପ୍ରଣାଳୀର ଦ୍ୱାହି ଦେଇ କ୍ଷମା କରାଯାଇପାରେ—କାରଣ ଏହି ଶିକ୍ଷା ସେମାନଙ୍କୁ ଏହିସବୁ ଦେବତାମାନଙ୍କ ଉପରେ ନିର୍ଭର କରିବା ପାଇଁ ଶିକ୍ଷା ଦେଇଛି ଏବଂ ତା' ଫଳରେ ଏହି ନିର୍ଭରତା ବର୍ତ୍ତମାନ ସେମାନଙ୍କର ଅବନତ ସ୍ୱଭାବର ଅଙ୍ଗୀଭୂତ ହୋଇ ଯାଇଅଛି; କିନ୍ତୁ ପୂର୍ବୋକ୍ତ ବ୍ୟକ୍ତିଗଣଙ୍କୁ କେଉଁ ଦ୍ୱାହି ଦେଇ କ୍ଷମା କରାଯାଇପାରେ ?

ସହସ୍ର ସହସ୍ର ବର୍ଷ ଧରି ଲୋକମାନେ ଏହିପରି ଅଲୌକିକ ଘଟଣାବଳୀ ପର୍ଯ୍ୟବେକ୍ଷଣ କରିଛନ୍ତି, ସେଗୁଡ଼ିକ ବିଷୟରେ ବିଶେଷ ଭାବେ ଚିନ୍ତା କରିଛନ୍ତି ଏବଂ ପରେ ତାହା ଭିତରୁ କେତେଗୁଡ଼ିଏ ସାଧାରଣ ତତ୍ତ୍ୱ ବାହାର କରିଛନ୍ତି; ଏପରିକି ମନୁଷ୍ୟର ଧର୍ମପ୍ରବୃତ୍ତିର ଭିତ୍ତିଭୂମି ପର୍ଯ୍ୟନ୍ତ ବିଶେଷରୂପେ ତନ୍ନ ତନ୍ନ କରି ବିଚାର କରାହୋଇଅଛି । ଏହି ସମୁଦାୟ ଚିନ୍ତା ଓ ବିଚାରର ଫଳ ଏହି ରାଜଯୋଗରୂପକ ବିଜ୍ଞାନ । ଯେଉଁ ସକଳ ଘଟଣା ବ୍ୟାଖ୍ୟା କରିବା ଦୁରୂହ, କେତେଗୁଡ଼ିଏ ଆଧୁନିକ ବୈଜ୍ଞାନିକମାନଙ୍କର ଅମାର୍ଜନୀୟ ଧାରା ଅବଲମ୍ବନ କରି ରାଜଯୋଗ ସେଗୁଡ଼ିକର ଅସ୍ତିତ୍ୱକୁ ଅସ୍ୱୀକାର କରେ ନାହିଁ, ବରଂ ଏହା ସୁସ୍ପଷ୍ଟ ଭାଷାରେ କୁସଂସ୍କାରାଚ୍ଛନ୍ନ ବ୍ୟକ୍ତିଗଣଙ୍କୁ କହେ—ଅଲୌକିକ ଘଟଣା, ପ୍ରାର୍ଥନାର ଉତ୍ତର, ବିଶ୍ୱାସର ଶକ୍ତି-ଏଗୁଡ଼ିକ ସତ୍ୟ; କିନ୍ତୁ ମେଘ ସେପାରିରେ ରହି କୌଣସି ଦେବତା ଏହିସବୁ କାର୍ଯ୍ୟ ସଂପାଦନ କରୁଛନ୍ତି । ଏପରି କୁସଂସ୍କାରପୂର୍ଣ୍ଣ ବ୍ୟାଖ୍ୟାଦ୍ୱାରା ଘଟଣା ଗୁଡ଼ିକ ବୁଝାଯାଏ ନାହିଁ । ରାଜଯୋଗ ସମଗ୍ର ମାନବଜାତିକୁ ଏହି ଶିକ୍ଷା ଦିଏ ଯେ, ଜ୍ଞାନ ଓ ଶକ୍ତିର ଅନନ୍ତ ସମୁଦ୍ର ଆମର ପଶ୍ଚାଦ୍‌ରେ ରହିଅଛି, ପ୍ରତ୍ୟେକ ବ୍ୟକ୍ତି ତାହାର ଗୋଟିଏ ଗୋଟିଏ କ୍ଷୁଦ୍ର ପ୍ରଣାଳୀ ମାତ୍ର । ଏହା ଆହୁରି ଶିକ୍ଷା ଦିଏ ଯେ, ଅଭାବ ଓ ବାସନା ଯେପରି ମନୁଷ୍ୟର ଅନ୍ତରରେ ରହିଅଛି, ସେପରି ଏହିସବୁ ଅଭାବ ମୋଚନ କରିବାର ଶକ୍ତି ମଧ୍ୟ ରହିଅଛି । ଯେତେବେଳେ ଆମର କୌଣସି ବାସନା,

ଅଭାବ ବା ପ୍ରାର୍ଥନା ପୂର୍ଣ୍ଣ ହୁଏ, ସେତେବେଳେ ବୁଝିବାକୁ ହେବ ଯେ ଏହି ଅନନ୍ତ ଶକ୍ତି-ଭଣ୍ଡାରରୁ ହିଁ ଏହିସବୁ ପ୍ରାର୍ଥନା ପୂର୍ଣ୍ଣ ହେଉଅଛି, କୌଣସି ଅଲୌକିକ ପୁରୁଷଙ୍କଦ୍ୱାରା ନୁହେଁ । ଅତିପ୍ରାକୃତ ପୁରୁଷଙ୍କର ଧାରଣା ମନୁଷ୍ୟର କ୍ରିୟାଶକ୍ତିକୁ କିଛି ପରିମାଣରେ ଜାଗ୍ରତ କରିପାରେ ସତ, କିନ୍ତୁ ତାହାଦ୍ୱାରା ଆଧ୍ୟାତ୍ମିକ ଅବନତି ମଧ୍ୟ ହୋଇଥାଏ । ଏହା ଫଳରେ ସ୍ୱାଧୀନତା ଚାଲିଯାଏ, ଭୟ ଓ କୁସଂସ୍କାର ଆସି ଆମ ହୃଦୟକୁ ଅଧିକାର କରେ ଏବଂ ଏହି ଭାବ ଶେଷରେ ଏକ ଭୟଙ୍କର ବିଶ୍ୱାସରେ ପର୍ଯ୍ୟବସିତ ହୁଏ ଯେ— ମନୁଷ୍ୟ ସ୍ୱଭାବତଃ ଦୁର୍ବଳ । ଯୋଗୀ କହନ୍ତି, ଅତିପ୍ରାକୃତ ବୋଲି କିଛି ନାହିଁ, ତେବେ ପ୍ରକୃତିର ସ୍ଥୂଳ ଓ ସୂକ୍ଷ୍ମ ବିବିଧ ପ୍ରକାଶ ବା ରୂପ ଅଛି—ଏହା ସତ୍ୟ । କାରଣ ସୂକ୍ଷ୍ମ, କାର୍ଯ୍ୟ ସ୍ଥୂଳ । ସ୍ଥୂଳକୁ ସହଜରେ ଇନ୍ଦ୍ରିୟଦ୍ୱାରା ଉପଲବ୍ଧି କରାଯାଏ, ସୂକ୍ଷ୍ମକୁ ସେପରି କରି ହୁଏ ନାହିଁ । ରାଜଯୋଗ ଅଭ୍ୟାସଦ୍ୱାରା ସୂକ୍ଷ୍ମତର ଅନୁଭୂତି ସକଳ ଆମର ଅର୍ଜିତ ହୋଇଥାଏ ।

ଭାରତବର୍ଷରେ ଯେତେ ବେଦମତାନୁଯାୟୀ ଦର୍ଶନଶାସ୍ତ୍ର ଅଛି ସେସବୁର ଗୋଟିଏ ମାତ୍ର ଲକ୍ଷ୍ୟ— ପୂର୍ଣ୍ଣତା ଲାଭକରିବାଦ୍ୱାରା ହିଁ ଆତ୍ମାର ମୁକ୍ତି ହୋଇଥାଏ ଓ ଏହାର ଉପାୟ ଯୋଗ । 'ଯୋଗ' ଶବ୍ଦର ଅର୍ଥ ଖୁବ୍ ବ୍ୟାପକ । ସାଂଖ୍ୟ ଓ ବେଦାନ୍ତ— ଉଭୟ ମତ ହିଁ ଯୋଗର ସମର୍ଥନ କରନ୍ତି ।

ବର୍ତ୍ତମାନ ଗ୍ରନ୍ଥର ଆଲୋଚ୍ୟ ବିଷୟ 'ରାଜଯୋଗ' ନାମରେ ପରିଚିତ । ରାଜଯୋଗର ଶାସ୍ତ୍ର ଓ ସର୍ବୋଚ୍ଚ ପ୍ରାମାଣିକ ଗ୍ରନ୍ଥ 'ପାତଞ୍ଜଳସୂତ୍ର' । କୌଣସି କୌଣସି ଦାର୍ଶନିକ ବିଷୟରେ ପତଞ୍ଜଳିଙ୍କ ସହିତ ମତଭେଦ ହେଲେ ମଧ୍ୟ ଅନ୍ୟ ଦାର୍ଶନିକଗଣ କାର୍ଯ୍ୟକ୍ଷେତ୍ରରେ ତାଙ୍କର ସାଧନ-ପ୍ରଣାଳୀକୁ ଅନୁମୋଦନ କରିଅଛନ୍ତି ।

ଏହି ପୁସ୍ତକର ପ୍ରଥମାଂଶରେ ଲେଖକ ନିଉୟର୍କରେ କେତେଜଣ ଛାତ୍ରଙ୍କୁ ଶିକ୍ଷା ଦେବା ପାଇଁ ଯେଉଁସବୁ ବକ୍ତୃତା ଦେଇଥିଲେ, ସେଗୁଡ଼ିକ ଗ୍ରଥିତ ହୋଇଅଛି । ଦ୍ୱିତୀୟାଂଶରେ ପତଞ୍ଜଳିଙ୍କ ସୂତ୍ରଗୁଡ଼ିକର ଭାବାନୁବାଦ ଏବଂ ସଂକ୍ଷିପ୍ତ ବ୍ୟାଖ୍ୟା ମଧ୍ୟ ଦିଆହୋଇଅଛି । ଯେତେଦୂର ସମ୍ଭବ, ପାରିଭାଷିକ ଶବ୍ଦ ବ୍ୟବହାର ନ କରି କଥୋପକଥନୋପଯୋଗୀ ସହଜ ଓ ସରଳ ଭାଷାରେ ଲେଖିବାର ଚେଷ୍ଟା କରାହୋଇଅଛି । ପ୍ରଥମାଂଶରେ ସାଧକମାନଙ୍କ ପାଇଁ କେତେଗୁଡ଼ିଏ ସରଳ ଓ ବିଶେଷ ଉପଦେଶ ଦିଆଯାଇଅଛି; କିନ୍ତୁ ସେମାନଙ୍କୁ ବିଶେଷ ଭାବରେ ସାବଧାନ କରି ଦିଆଯାଇଅଛି ଯେ, ଯୋଗର କୌଣସି କୌଣସି ସାମାନ୍ୟ ଅଙ୍ଗ ବ୍ୟତୀତ, ନିରାପଦରେ ଯୋଗଶିକ୍ଷା କରିବାକୁ ହେଲେ ଗୁରୁଙ୍କର ସାକ୍ଷାତ୍ ସଂସ୍ପର୍ଶରେ ରହିବା ଆବଶ୍ୟକ । ଯଦି କଥାବାର୍ତ୍ତା ଛଳରେ ପ୍ରଦତ୍ତ ଏହି ସକଳ ଉପଦେଶ ଲୋକଙ୍କ ମନରେ ଏ ସମ୍ବନ୍ଧରେ ଆହୁରି ଅଧିକ ଜାଣିବାର ଇଚ୍ଛା ଉଦ୍ରେକ କରିବାକୁ ସକ୍ଷମ ହୁଏ, ତେବେ ଗୁରୁଙ୍କର ଅଭାବ ହେବ ନାହିଁ ।

ପାତଞ୍ଜଳ-ଦର୍ଶନ ସାଂଖ୍ୟମତ ଉପରେ ପ୍ରତିଷ୍ଠିତ । ଏହି ଦୁଇ ମତ ମଧ୍ୟରେ (ସାଂଖ୍ୟ ଓ ଯୋଗ) ପ୍ରଭେଦ ଅତି ସାମାନ୍ୟ । ଦୁଇଟି ପ୍ରଧାନ ବିଭିନ୍ନତା ହେଲା: ପ୍ରଥମତଃ ପତଞ୍ଜଳି ଆଦିଗୁରୁସ୍ୱରୂପ ସଗୁଣ ଈଶ୍ୱର ସ୍ୱୀକାର କରନ୍ତି; କିନ୍ତୁ ସାଂଖ୍ୟଗଣ କେବଳ ପ୍ରାୟପୂର୍ଣ୍ଣତାପ୍ରାପ୍ତ କୌଣସି ବ୍ୟକ୍ତି— ଯାହାଙ୍କ ଉପରେ ସାମୟିକ ଭାବରେ କୌଣସି କଳ୍ପରେ ଜଗତର ଶାସନଭାର ପ୍ରଦତ୍ତ ହୋଇଥାଏ, ତାହାଙ୍କୁ ମାତ୍ର ସ୍ୱୀକାର କରିଥାଆନ୍ତି । ଦ୍ୱିତୀୟତଃ ଯୋଗୀମାନେ ମନକୁ ଆତ୍ମା ବା 'ପୁରୁଷ'ଙ୍କ ପରି ସର୍ବବ୍ୟାପୀ ବୋଲି ସ୍ୱୀକାର କରିଥାଆନ୍ତି, କିନ୍ତୁ ସାଂଖ୍ୟଗଣ ତାହା କରନ୍ତି ନାହିଁ ।

ଗ୍ରନ୍ଥକାର

## ପ୍ରଥମ ଅଧ୍ୟାୟ
## ଅବତରଣିକା

ଆମମାନଙ୍କର ସକଳ ଜ୍ଞାନ ଅଭିଜ୍ଞତା ଉପରେ ପ୍ରତିଷ୍ଠିତ । ଅନୁମାନିକ ଜ୍ଞାନ, ଅର୍ଥାତ୍ ସାମାନ୍ୟ (general)ରୁ ସାମାନ୍ୟତର ବା ସାମାନ୍ୟରୁ ବିଶେଷ (particular) ଜ୍ଞାନରେ ଉପନୀତ ହେବାର ଭିତ୍ତି ମଧ୍ୟ ଏହି ଅଭିଜ୍ଞତା । ଯେଉଁଗୁଡ଼ିକୁ ନିଶ୍ଚିତ-ବିଜ୍ଞାନ କହନ୍ତି, ସେଗୁଡ଼ିକର ସତ୍ୟତା ଲୋକେ ସହଜରେ ହିଁ ବୁଝିପାରନ୍ତି, କାରଣ ଏଗୁଡ଼ିକର ପ୍ରଭାବ ଲୋକଙ୍କୁ ସହଜରେ ସ୍ପର୍ଶ କରେ । ବୈଜ୍ଞାନିକ ତୁମକୁ କୌଣସି ବିଷୟ ବିଶ୍ୱାସ କରିବାକୁ କହିବେ ନାହିଁ, ସେ ନିଜେ କେତେଗୁଡ଼ିଏ ବିଷୟ ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି ଓ ସେଗୁଡ଼ିକ ସମ୍ବନ୍ଧରେ ବିଚାର କରି କେତେଗୁଡ଼ିଏ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଯେତେବେଳେ ସେ ଆମମାନଙ୍କୁ ତାଙ୍କର ସେହି ସିଦ୍ଧାନ୍ତଗୁଡ଼ିକୁ ବିଶ୍ୱାସ କରିବା ପାଇଁ କହନ୍ତି, ସେତେବେଳେ ସେ ଏକ ସାର୍ବଜନୀନ ଅନୁଭୂତି ନିକଟରେ ହିଁ ଆବେଦନ ଜ୍ଞାପନ କରିଥାନ୍ତି । ପ୍ରତ୍ୟେକ ନିଶ୍ଚିତ-ବିଜ୍ଞାନର (exact science)* ଗୋଟିଏ ସାଧାରଣ ଭିତ୍ତିଭୂମି ଅଛି, ସେଥିରୁ ଲବ୍ଧ ସିଦ୍ଧାନ୍ତସମୂହ ଠିକ୍ କି ଭୁଲ, ତାହା ଆମେ ସହଜରେ ନିଶ୍ଚିତ କରିପାରୁ । ବର୍ତ୍ତମାନ ପ୍ରଶ୍ନ ହେଲା— ଧର୍ମର ଏପରି କୌଣସି ସାଧାରଣ ଭିତ୍ତିଭୂମି ଅଛି କି ନାହିଁ? ଏହାର ଉତ୍ତରରେ ମୋତେ 'ହଁ' ଏବଂ 'ନାହିଁ'—ଏହି ଉଭୟ କହିବାକୁ ହେବ ।

ପୃଥିବୀରେ ସର୍ବତ୍ର ଧାରଣା ରହିଛି ଯେ— ଧର୍ମ କେବଳ ବିଶ୍ୱାସ ଓ ଶ୍ରଦ୍ଧା ଉପରେ ସ୍ଥାପିତ ଏବଂ ଅଧିକାଂଶ ସ୍ଥଳରେ ତାହା ଭିନ୍ନ ଭିନ୍ନ ମତର ସମଷ୍ଟି ମାତ୍ର । ଏହିସବୁ କାରଣରୁ ଧର୍ମଗୁଡ଼ିକ ମଧ୍ୟରେ ଆମେ ଏତେ ବିବାଦ-ବିସମ୍ବାଦ ଦେଖିଥାଉ । ଜଣେ ହୁଏତ କହିଲେ, ମେଘ ଉପରେ ଜଣେ ମହାନ୍ ପୁରୁଷ ଅଛନ୍ତି, ସେ ସମଗ୍ର ଜଗତ ଶାସନ କରୁଛନ୍ତି । ବକ୍ତା ମୋତେ ତାଙ୍କ କଥା ଉପରେ ନିର୍ଭର କରି ଏହା ବିଶ୍ୱାସ କରିବାକୁ କହନ୍ତି । ମୋର ମଧ୍ୟ ନିଜସ୍ୱ ମତ ଥାଇପାରେ । ମୁଁ ଅନ୍ୟକୁ ତାହା ବିଶ୍ୱାସ କରିବା ପାଇଁ କହୁଅଛି । ଯଦି ସେମାନେ ଏହି ବିଶ୍ୱାସର କାରଣ ପଚାରନ୍ତି, ମୁଁ ସେମାନଙ୍କୁ କୌଣସି ପ୍ରକାର ଯୁକ୍ତି ଦେଖାଇପାରେ ନାହିଁ । ଏଥିପାଇଁ ଆଜିକାଲି ଧର୍ମ ଓ ଦର୍ଶନଶାସ୍ତ୍ର ଉପରେ ଲୋକମାନେ ଅଶ୍ରଦ୍ଧା କରନ୍ତି । ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଯେପରିକି କହିବାକୁ ଚାହାଁନ୍ତି, 'ଏହିସବୁ ଧର୍ମ ତ କେବଳ କେତେଗୁଡ଼ିଏ ମତବାଦ ମାତ୍ର, ଏଗୁଡ଼ିକର ସତ୍ୟତା ବିଚାରର କୌଣସି ମାନଦଣ୍ଡ ନାହିଁ, ଯାହାର ଯାହା ଇଚ୍ଛା ସେ ତାହା ପ୍ରଚାର କରିବାରେ ବ୍ୟସ୍ତ ।' ତଥାପି ଧର୍ମବିଶ୍ୱାସର ଏକ ସାର୍ବଭୌମ ମୂଳଭିତ୍ତି ଅଛି । ଏହା ହିଁ ବିଭିନ୍ନ ଦେଶର, ବିଭିନ୍ନ ସମ୍ପ୍ରଦାୟର, ବିଭିନ୍ନ ମତବାଦ ଓ ସର୍ବବିଧ ଧାରଣାସମୂହର ନିୟାମକ । ଏଗୁଡ଼ିକର ମୂଳଦେଶକୁ ଗଲେ ଆମେ ଦେଖିବାକୁ ପାଇବା ଯେ, ଏଗୁଡ଼ିକ ସାର୍ବଜନୀନ ଅଭିଜ୍ଞତା ଓ ଅନୁଭୂତି ଉପରେ ପ୍ରତିଷ୍ଠିତ ।

---

*Exact science— ନିଶ୍ଚିତ-ଜ୍ଞାନ ଅର୍ଥାତ୍ ଯେଉଁସବୁ ବିଜ୍ଞାନର ତତ୍ତ୍ୱ ଏତେଦୂର ସଠିକ୍ ଭାବରେ ନିର୍ଣ୍ଣୀତ ହୋଇଅଛି ଯେ, ଗଣନା ସାହାଯ୍ୟରେ ସେମାନଙ୍କ ଦ୍ୱାରା ଭବିଷ୍ୟତ ନିର୍ଣ୍ଣୟ କରାଯାଇପାରେ । ଯଥା-ଗଣିତ, ଗଣିତ-ଜ୍ୟୋତିଷ ଇତ୍ୟାଦି ।

ପ୍ରଥମତଃ, ପୃଥିବୀର ଭିନ୍ନ ଭିନ୍ନ ଧର୍ମସମୂହକୁ ଟିକିଏ ବିଶ୍ଳେଷଣ କଲେ ଦେଖିବାକୁ ମିଳେ ଯେ, ତାହା ଦୁଇ ଭାଗରେ ବିଭକ୍ତ । କେତେକଧର୍ମ ଶାସ୍ତ୍ର ବା ଗ୍ରନ୍ଥ ଅଛି, ଅନ୍ୟକେତେକର ତାହା ନାହିଁ । ଯେଉଁସବୁ ଶାସ୍ତ୍ର ଉପରେ ପ୍ରତିଷ୍ଠିତ, ସେସବୁ ସୁଦୃଢ଼; ସେସବୁର ଅନୁଗାମୀମାନଙ୍କର ସଂଖ୍ୟା ମଧ୍ୟ ଅଧିକ । ଶାସ୍ତ୍ରଭିତ୍ତିହୀନ ଧର୍ମସକଳ ଲୁପ୍ତପ୍ରାୟ । ତଥାପି ଉକ୍ତ ସକଳ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ହେଉଛି—ସେମାନଙ୍କର ଶିକ୍ଷା, ବିଶେଷ ବିଶେଷ ବ୍ୟକ୍ତିଙ୍କର ପ୍ରତ୍ୟକ୍ଷ ଅଭିଜ୍ଞତାର ଫଳସ୍ୱରୂପ । ଖ୍ରୀଷ୍ଟିୟାନମାନେ ତାଙ୍କ ଧର୍ମରେ, ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଓ ତାଙ୍କର ଅବତାରତ୍ୱରେ, ଈଶ୍ୱର ଓ ଆତ୍ମାର ଅସ୍ତିତ୍ୱରେ ଏବଂ ଆତ୍ମାର ଭବିଷ୍ୟତ ଉନ୍ନତିର ସମ୍ଭାବନାରେ ବିଶ୍ୱାସ କରିବାକୁ କହିବେ । ଯଦି ମୁଁ ସେମାନଙ୍କୁ ଏ ବିଶ୍ୱାସର କାରଣ ପଚାରେ, ସେ କହିବେ—'ଏହା ମୋର ବିଶ୍ୱାସ ।' ଯଦି ତୁମେ ଖ୍ରୀଷ୍ଟଧର୍ମର ମୂଳ ଉତ୍ସକୁ ଗମନ କର, ତା' ହେଲେ ଦେଖିବାକୁ ପାଇବ ଯେ, ତାହା ମଧ୍ୟ ପ୍ରତ୍ୟକ୍ଷ ଅନୁଭୂତି ଉପରେ ସ୍ଥାପିତ । ଯୀଶୁଖ୍ରୀଷ୍ଟ କହିଛନ୍ତି, 'ମୁଁ ଈଶ୍ୱରଙ୍କୁଦର୍ଶନ କରିଅଛି ।' ତାଙ୍କର ଶିଷ୍ୟଗଣ ମଧ୍ୟ କହିଛନ୍ତି, 'ଆମେ ଈଶ୍ୱରଙ୍କୁ ଅନୁଭବ କରିଅଛୁ ।' ଏହିପରି ଆହୁରି ଅନେକ କଥା ଶୁଣାଯାଏ ।

ବୌଦ୍ଧଧର୍ମରେ ମଧ୍ୟ ଏହିପରି; ବୁଦ୍ଧଦେବଙ୍କ ପ୍ରତ୍ୟକ୍ଷାନୁଭୂତି ଉପରେ ଏହି ଧର୍ମ ସ୍ଥାପିତ । ସେ କେତେଗୁଡ଼ିଏ ସତ୍ୟ ଅନୁଭବ କରିଥିଲେ, ସେଗୁଡ଼ିକ ଦର୍ଶନ କରିଥିଲେ, ସେହି ସକଳ ସତ୍ୟର ସଂସ୍ପର୍ଶରେ ଆସିଥିଲେ ଏବଂ ସେଗୁଡ଼ିକ ହିଁ ଜଗତରେ ପ୍ରଚାର କରିଥିଲେ । ହିନ୍ଦୁଙ୍କ ସମ୍ବନ୍ଧରେ ମଧ୍ୟ ସେହି କଥା; ସେମାନଙ୍କ ଶାସ୍ତ୍ରରେ ଗ୍ରନ୍ଥକାର ଋଷିମାନେ କହିଯାଇଛନ୍ତି, 'ଆମେ କେତେଗୁଡ଼ିଏ ସତ୍ୟ ଅନୁଭବ କରିଅଛୁ ।' ସେମାନେ ସେହିଗୁଡ଼ିକୁ ହିଁ ଜଗତରେ ପ୍ରଚାର କରିଥିଲେ । ଅତଏବ ସ୍ପଷ୍ଟ ବୁଝାଗଲା ଯେ, ଜଗତର ସକଳ ଧର୍ମ ହିଁ ଜ୍ଞାନର ସାର୍ବଭୌମ ଓ ସୁଦୃଢ଼ ଭିତ୍ତି--ପ୍ରତ୍ୟକ୍ଷାନୁଭୂତି ଉପରେ ସ୍ଥାପିତ । ସକଳ ଧର୍ମାଚାର୍ଯ୍ୟ ହିଁ ଈଶ୍ୱରଙ୍କୁ ଦର୍ଶନ କରିଥିଲେ । ସେମାନେ ସମସ୍ତେ ଆତ୍ମଦର୍ଶନ କରିଥିଲେ; ସମସ୍ତେ ହିଁ ନିଜ ନିଜର ଭବିଷ୍ୟତଦେଖିଥିଲେ—ନିଜର ଅନନ୍ତ ସ୍ୱରୂପ ଅବଗତ ହୋଇଥିଲେ । ସେମାନେ ଯାହା ଦେଖିଥିଲେ ତାହା ହିଁ ପ୍ରଚାର କରିଯାଇଛନ୍ତି । ତେବେ ପ୍ରଭେଦ ଏତିକି ଯେ, ପ୍ରାୟ ସକଳ ଧର୍ମରେ ଏବେ ଗୋଟିଏ ଅଦ୍ଭୁତ ଦାବୀ ଆମ ସମ୍ମୁଖରେ ଉପସ୍ଥାପିତ କରାହୁଏ ଯେ ବର୍ତ୍ତମାନର ଯୁଗରେ ଏହି ସକଳ ଐଶ୍ୱରିକ ଅନୁଭୂତି ଅସମ୍ଭବ । କେବଳ ଯେଉଁମାନେ ଧର୍ମର ପ୍ରଥମ ସଂସ୍ଥାପକ ଥିଲେ ଏବଂ ପରେ ଯେଉଁମାନଙ୍କ ନାମରେ ଏହିସବୁ ଧର୍ମ ପ୍ରଚଳିତ ହେଲା, କେବଳ ସେମାନଙ୍କର ହିଁ ପ୍ରତ୍ୟକ୍ଷାନୁଭୂତି ସମ୍ଭବ ଥିଲା । ଆଜିକାଲି ଆଉ ଏପରି ଅନୁଭୂତି କାହାରି ହୁଏ ନାହିଁ, ଅତଏବ ବର୍ତ୍ତମାନ ବିଶ୍ୱାସ ଉପରେ ଧର୍ମକୁ ଗ୍ରହଣ କରିବାକୁ ହେବ । କିନ୍ତୁ ଏକଥା ମୁଁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରେ । ଜଗତରେ ଜ୍ଞାନ କ୍ଷେତ୍ରରେ ଯଦି କେହି କେବେ କୌଣସି ଅଭିଜ୍ଞତା ଅର୍ଜନ କରିଥାଆନ୍ତି, ତା'ହେଲେ ଆମେ ଏକ ସାର୍ବଭୌମ ସିଦ୍ଧାନ୍ତରେ ଉପନୀତ ହୋଇପାରୁ ଯେ, ପୂର୍ବେ ମଧ୍ୟ ଏହିପରି ଅଭିଜ୍ଞତା ଲାଭ କରିବାର ଅସଂଖ୍ୟ ସମ୍ଭାବନା ଥିଲା, ପରେ ମଧ୍ୟ ଅନନ୍ତ କାଳ ଧରି ଏହି ସମ୍ଭାବନା ରହିବ । ଏକରୂପତା ହିଁ ପ୍ରକୃତିର କଠୋର ନିୟମ; ଥରେ ଯାହା ଘଟିଅଛି, ତାହା ପୁନରାୟ ଘଟିପାରେ ।

ଯୋଗବିଦ୍ୟାର ଆଚାର୍ଯ୍ୟଗଣ ସେଥିପାଇଁ କହନ୍ତି, 'ଧର୍ମ ଯେ କେବଳ ପୂର୍ବକାଳୀନ ଅନୁଭୂତି ଉପରେ ସ୍ଥାପିତ, ତାହା ନୁହେଁ, ବରଂ ସ୍ୱୟଂ ଏହି ଅନୁଭୂତିସମ୍ପନ୍ନ ନହେଲେ କେହି

କେବେ ଧାର୍ମିକ ହୋଇପାରିବେ ନାହିଁ ।' ଯେଉଁ ବିଜ୍ଞାନଦ୍ୱାରା ଏହି ସକଳ ଅନୁଭୂତି ଲାଭ ହୁଏ, ତାହାର ନାମ 'ଯୋଗ' । ଧର୍ମ ଯେତେ ଦିନ ପର୍ଯ୍ୟନ୍ତ ଅନୁଭୂତ ନ ହୋଇଛି, ସେତେ ଦିନଯାଏ ଧର୍ମ କଥା କହିବା ବୃଥା । ଭଗବାନଙ୍କ ନାମରେ ଏତେ ଯୁଦ୍ଧ ଓ ମତଭେଦ କାହିଁକି ? ଭଗବାନଙ୍କ ନାମରେ ଯେତେ ରକ୍ତପାତ ହୋଇଅଛି, ଅନ୍ୟ କୌଣସି କାରଣରୁ ଏତେ ରକ୍ତପାତ ହୋଇନାହିଁ; କାରଣ ସାଧାରଣ ମନୁଷ୍ୟ ଧର୍ମର ମୂଳ ଉତ୍ସରେ ପହଞ୍ଚିପାରନ୍ତି ନାହିଁ । ସମସ୍ତେ କେବଳ ପୂର୍ବ ପୁରୁଷମାନଙ୍କର କେତେଗୁଡ଼ିଏ ଆଚାର ଅନୁମୋଦନ କରି ସନ୍ତୁଷ୍ଟ ରହନ୍ତି । ସେମାନେ ଚାହାଁନ୍ତି, ଅନ୍ୟମାନେ ମଧ୍ୟ ତାହା କରନ୍ତୁ । ଆତ୍ମାକୁ ଅନୁଭବ ନ କରି, ଆତ୍ମା ଅର୍ଥାତ୍ ଈଶ୍ୱରଙ୍କୁ ଦର୍ଶନ ନ କରି 'ଈଶ୍ୱର ଅଛନ୍ତି' ବୋଲି କହିବାର କି ଅଧିକାର ମନୁଷ୍ୟର ଅଛି ? ଯଦି ଈଶ୍ୱର ଥାଆନ୍ତି, ତାଙ୍କୁ ଦର୍ଶନ କରିବାକୁ ହେବ; ଯଦି ଆତ୍ମା ବୋଲି କିଛି ଥାଏ, ତାହାକୁ ଉପଲବ୍ଧି କରିବାକୁ ହେବ । ନତୁବା ବିଶ୍ୱାସ ନ କରିବା ହିଁ ଭଲ । ଭଣ୍ଡ ଅପେକ୍ଷା ସ୍ପଷ୍ଟବାଦୀ ନାସ୍ତିକ ଭଲ । ଏକ ଦିଗରେ ଆଜିକାଲିକାର 'ବିଦ୍ୱାନ୍' ବୋଲି ପରିଚିତ ବ୍ୟକ୍ତିଗଣଙ୍କର ମନୋଭାବ ଏହି ଯେ, ଧର୍ମ, ଦର୍ଶନ ଓ ପରମପୁରୁଷଙ୍କ ଅନୁସନ୍ଧାନ—ସବୁ ହିଁ ନିଷ୍ଫଳ । ଅନ୍ୟ ଦିଗରେ ଯେଉଁମାନେ ଅର୍ଦ୍ଧଶିକ୍ଷିତ, ସେମାନଙ୍କର ମନୋଭାବ ହେଉଛି, ଧର୍ମଦର୍ଶନାଦିର ବାସ୍ତବିକ କୌଣସି ଭିତ୍ତି ନାହିଁ, ତେବେ ଏଗୁଡ଼ିକର ଏତିକି ମାତ୍ର ଉପଯୋଗିତା ଯେ, ଏଗୁଡ଼ିକ ଜଗତର ମଙ୍ଗଳସାଧନର ବଳିଷ୍ଠ ପ୍ରେରଣାଶକ୍ତି । ଯଦି ମନୁଷ୍ୟ ଈଶ୍ୱରଙ୍କୁ ବିଶ୍ୱାସ କରେ, ସେ ସତ୍ ଓ ନୀତିପରାୟଣ ହୋଇପାରେ ଏବଂ ସେ ଜଣେ କର୍ତ୍ତବ୍ୟନିଷ୍ଠ ନାଗରିକ ହୁଏ । ଯେଉଁମାନଙ୍କର ଏହିପରି ଭାବ, ସେମାନଙ୍କୁ ଦୋଷ ଦେବା ଉଚିତ ନୁହେଁ; କାରଣ ସେମାନେ ଧର୍ମ ସମ୍ବନ୍ଧରେ ଯାହା କିଛି ଶିକ୍ଷା ପାଆନ୍ତି, ତାହା ଅସଂଲଗ୍ନ, ଅନ୍ତଃସାରଶୂନ୍ୟ, ପ୍ରଳାପ-ବାକ୍ୟ ଭଳି ଅନନ୍ତ ଶବ୍ଦ ସମଷ୍ଟିରେ କେବଳ ବିଶ୍ୱାସ ମାତ୍ର । ସେମାନଙ୍କୁ କେତେଗୁଡ଼ିଏ କଥା ଉପରେ ବିଶ୍ୱାସ କରି ରହିବା ପାଇଁ କୁହାଯାଏ; କିନ୍ତୁ ଏହା କଅଣ ସମ୍ଭବ ? ଯଦି ଏହା ସମ୍ଭବ ହୁଅନ୍ତା, ତେବେ ମାନବପ୍ରକୃତି ପ୍ରତି ମୋର ବିନ୍ଦୁମାତ୍ର ଶ୍ରଦ୍ଧା ରହନ୍ତା ନାହିଁ । ମନୁଷ୍ୟ ସତ୍ୟ ଚାହେଁ, ସ୍ୱୟଂ ସତ୍ୟ ଅନୁଭବ କରିବାକୁ ଇଚ୍ଛା କରେ; ସତ୍ୟକୁ ଧାରଣା କରିବାକୁ, ସତ୍ୟକୁ ସାକ୍ଷାତ୍ କରିବାକୁ, ହୃଦୟର ଅନ୍ତରତମ ପ୍ରଦେଶରେ ତାହାକୁ ଅନୁଭବ କରିବାକୁ ସେ ଚାହେଁ । 'କେବଳ ସେତିକିବେଳେ ସନ୍ଦେହ ଦୂର ହୁଏ, ସମସ୍ତ ହୃଦୟଗ୍ରନ୍ଥି ଛିନ୍ନ-ଭିନ୍ନ ହୋଇଯାଏ, ସକଳ ବକ୍ରତା ସରଳ ହୋଇଯାଏ ।'* ବେଦ ଘୋଷଣା କରେ:

'ହେ ଅମୃତର ପୁତ୍ରଗଣ, ହେ ଦିବ୍ୟଧାମ-ନିବାସୀଗଣ, ଶ୍ରବଣ କର-ମୁଁ ଏହି ଅଜ୍ଞାନାନ୍ଧକାରରୁ ଆଲୋକକୁ ଯିବାର ପଥ ଆବିଷ୍କାର କରିଅଛି; ଯିଏ ସକଳ ତମସାର ଊର୍ଦ୍ଧ୍ୱରେ,ତାହାଙ୍କୁ ଜାଣିପାରିଲେ ହିଁ ସେଠାକୁ ଯାଇହୁଏ-ମୁକ୍ତିର ଆଉ କୌଣସି ଉପାୟ ନାହିଁ ।'**

---

* ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ।। ମୁଣ୍ଡକ ଉପ., ୨/୨/୮

** ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା ଆ ଯେ ଧାମାନି ଦିବ୍ୟାନିତସ୍ଥୁ ।। ଶ୍ୱେ.ଉ., ୨/୫
ବେଦାହମେତଂ ପୁରୁଷଂ ମହାନ୍ତମ ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।
ତମେବ ବିଦିତ୍ୱାଽତିମୃତ୍ୟୁମେତି ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।। ଶ୍ୱେତାଶ୍ୱତର ଉପ., ୩/୮

ରାଜଯୋଗ-ବିଜ୍ଞାନର ଲକ୍ଷ୍ୟ—ଏହି ସତ୍ୟ ଲାଭ କରିବା ପାଇଁ ଗୋଟିଏ ସାଧନ-ଉପଯୋଗୀ ବୈଜ୍ଞାନିକ ପ୍ରଣାଳୀ ମାନବ-ସମକ୍ଷରେ ସ୍ଥାପନ କରିବା । ପ୍ରତ୍ୟେକ ବିଜ୍ଞାନର ହିଁ ନିଜସ୍ୱ ପର୍ଯ୍ୟବେକ୍ଷଣ-ପ୍ରଣାଳୀ ଅଛି । ତୁମେ ଯଦି ଜ୍ୟୋତିର୍ବିଦ୍ ହେବାକୁ ଇଚ୍ଛା କର, ଆଉ ବସି ବସି କେବଳ 'ଜ୍ୟୋତିଷ, ଜ୍ୟୋତିଷ' ବୋଲି ଚିତ୍କାର କର, ତା'ହେଲେ କେବେ ହେଁ ତୁମେ ଜ୍ୟୋତିଷଶାସ୍ତ୍ରର ଅଧିକାରୀ ହୋଇପାରିବ ନାହିଁ । ରସାୟନ ଶାସ୍ତ୍ର ସମ୍ବନ୍ଧରେ ମଧ୍ୟ ଏହା ସତ୍ୟ । ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁସରଣ କରିବାକୁ ହେବ ; ପରୀକ୍ଷାଗାର (laboratory)କୁ ଯାଇ ବିଭିନ୍ନ ଦ୍ରବ୍ୟାଦି ନେବାକୁ ହେବ; ସେଗୁଡ଼ିକୁ ମିଶାଇ ବିଭିନ୍ନ ଯୌଗିକ ପଦାର୍ଥ ଉତ୍ପନ୍ନ କରିବାକୁ ହେବ ଏବଂ ଏଗୁଡ଼ିକ ସାହାଯ୍ୟରେ ପରୀକ୍ଷା ନିରୀକ୍ଷା କରି ତୁମେ ରସାୟନବିତ୍ ହୋଇପାରିବ । ଯଦି ତୁମେ ଜ୍ୟୋତିର୍ବିଦ୍ ହେବାକୁ ଇଚ୍ଛା କର, ତେବେ ତୁମକୁ ମାନମନ୍ଦିରକୁ ଯାଇ ଦୂରବୀକ୍ଷଣଯନ୍ତ୍ର ସାହାଯ୍ୟରେ ଗ୍ରହ ଓ ନକ୍ଷତ୍ରଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାକୁ ହେବ, ତେବେ ଯାଇ ତୁମେ ଜ୍ୟୋତିର୍ବିଦ୍ ହୋଇପାରିବ । ପ୍ରତ୍ୟେକ ବିଦ୍ୟାର ହିଁ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀ ରହିଛି । ମୁଁ ତୁମମାନଙ୍କୁ ସହସ୍ର ସହସ୍ର ଉପଦେଶ ଦେଇପାରେ, କିନ୍ତୁ ଯଦି ସାଧନା ନ କର, ତୁମେମାନେ କେବେହେଲେ ଧାର୍ମିକ ହୋଇପାରିବ ନାହିଁ । ସକଳ ଯୁଗରେ, ସକଳ ଦେଶରେ କେବଳ ନିଷ୍କାମଶୁଦ୍ଧସ୍ୱଭାବ ଜ୍ଞାନୀଗଣ ହିଁ ଏହି ସତ୍ୟ ପ୍ରଚାର କରିଯାଇଛନ୍ତି । ଜଗତର ହିତସାଧନ ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ବାସନା ନ ଥିଲା । ସେମାନେ କହିଛନ୍ତି, 'ଇନ୍ଦ୍ରିୟଗଣ ଆମକୁ ଯେଉଁ ସତ୍ୟ ଅନୁଭବ କରାଇପାରନ୍ତି, ଆମେ ତାହା ଅପେକ୍ଷା ଉଚ୍ଚତର ସତ୍ୟ ଲାଭ କରିଅଛୁ ।' ସେମାନେ ଆମମାନଙ୍କୁ ସେହି ସତ୍ୟ ପରୀକ୍ଷା କରି ଦେଖିବା ପାଇଁ ଆହ୍ୱାନ କରୁଛନ୍ତି । ସେମାନେ ଆମମାନଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ସାଧନପ୍ରଣାଳୀ ଅବଲମ୍ବନ କରି ଆନ୍ତରିକ ଭାବରେ ସାଧନା କରିବାକୁ କହନ୍ତି । ଏହିପରି ଭାବରେ ସାଧନା କରିବା ସତ୍ତ୍ୱେ ଯଦି ଆମେ ଏହି ଉଚ୍ଚତର ସତ୍ୟ ଲାଭ ନ କରୁ, କେବଳ ସେତିକିବେଳେ ଆମେ କହିପାରିବା ଯେ, ଏହି ଉଚ୍ଚତର ସତ୍ୟ ସମ୍ବନ୍ଧରେ ଧର୍ମାଚାର୍ଯ୍ୟମାନେ ଯାହା କହିଛନ୍ତି, ତାହା ଯଥାର୍ଥ ନୁହେଁ । କିନ୍ତୁ ତା ପୂର୍ବରୁ ଏହି ସକଳ ଉକ୍ତିର ସତ୍ୟତା ଏକାବେଳକେ ଅସ୍ୱୀକାର କରିବା କୌଣସିମତେ ଯୁକ୍ତିଯୁକ୍ତ ନୁହେଁ । ଅତଏବ ଆମମାନଙ୍କୁ ନିର୍ଦ୍ଦିଷ୍ଟ ସାଧନପ୍ରଣାଳୀ ଅବଲମ୍ବନ କରି ନିଷ୍ଠାପୂର୍ବକ ସାଧନ କରିବାକୁ ହେବ, ତେବେ ଆଲୋକ ନିଶ୍ଚୟ ଆସିବ ।

କୌଣସି ଜ୍ଞାନ ଲାଭ କରିବାକୁ ହେଲେ ଆମେ ପରୀକ୍ଷାର ସାହାଯ୍ୟ ନେଇଥାଉ; ପରିକ୍ଷା ପୁଣି ପର୍ଯ୍ୟବେକ୍ଷଣ ଉପରେ ପ୍ରତିଷ୍ଠିତ । ପ୍ରଥମେ ଆମେ ଘଟଣାବଳୀ ପର୍ଯ୍ୟବେକ୍ଷଣ କରୁ, ପରେ ସେଗୁଡ଼ିକୁ ସାଧାରଣ ସଂଜ୍ଞାର ଅନ୍ତର୍ଭୁକ୍ତ କରୁ, ଶେଷରେ ସେଥିରୁ ଆମର ସିଦ୍ଧାନ୍ତ ବା ମୂଳନୀତି ଉଦ୍ଭାବନା କରୁ । ଯେତେବେଳ ପର୍ଯ୍ୟନ୍ତ ଆମ ମନ ଭିତରେ କଅଣ ହେଉଛି, ତାହା ଆମେ ପ୍ରତ୍ୟକ୍ଷ ନ କରିଛୁ, ସେତେବେଳ ପର୍ଯ୍ୟନ୍ତ ଆମେ ଆମ ମନ ସମ୍ବନ୍ଧରେ, ମନୁଷ୍ୟର ଆଭ୍ୟନ୍ତରୀଣ ପ୍ରକୃତି ସମ୍ବନ୍ଧରେ, ମନୁଷ୍ୟର ଚିନ୍ତା ସମ୍ବନ୍ଧରେ କିଛି ହେଲେ ଜାଣିପାରୁ ନାହୁଁ । ବାହ୍ୟ ଜଗତକୁ ପର୍ଯ୍ୟବେକ୍ଷଣ କରିବା ଅପେକ୍ଷାକୃତ ସହଜ, କାରଣ ଏ ଉଦ୍ଦେଶ୍ୟରେ ବହୁ ଯନ୍ତ୍ରପାତି ଆବିଷ୍କୃତ ହୋଇଅଛି; କିନ୍ତୁ ଅନ୍ତର୍ଜଗତକୁ ଜାଣିବା ପାଇଁ ସାହାଯ୍ୟକାରୀ ହୋଇପାରେ, ଏପରି କୌଣସି ଯନ୍ତ୍ର ଆମର ନାହିଁ । ତଥାପି ଆମେ ନିଶ୍ଚିତ ଜାଣୁ ଯେ କୌଣସି ବିଦ୍ୟାକୁ

ପ୍ରକୃତ ବିଜ୍ଞାନର ପର୍ଯ୍ୟାୟରେ ଉନ୍ନୀତ କରିବାକୁ ହେଲେ ପର୍ଯ୍ୟବେକ୍ଷଣ ଆବଶ୍ୟକ । ବିଶ୍ଳେଷଣ ବ୍ୟତୀତ ବିଜ୍ଞାନ ନିରର୍ଥକ ହୋଇ କେବଳ ଭିତ୍ତିହୀନ ଅନୁମାନରେ ପର୍ଯ୍ୟବସିତ ହୁଏ । ଏହି କାରଣରୁ ଯେଉଁ ଅଳ୍ପ କେତେ ଜଣ ମନସ୍ତତ୍ତ୍ୱବିତ୍ ପର୍ଯ୍ୟବେକ୍ଷଣ କରିବାର ଉପାୟ ଜାଣିଛନ୍ତି, ସେମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ କେବଳ ନିଜ ନିଜ ମଧ୍ୟରେ ବାଦାନୁବାଦ କରି ଚାଲିଛନ୍ତି ।

ରାଜଯୋଗ–ବିଜ୍ଞାନ ପ୍ରଥମତଃ ମନୁଷ୍ୟକୁ ତାହାର ନିଜର ଆଭ୍ୟନ୍ତରୀଣ ଅବସ୍ଥାସମୂହକୁ ପର୍ଯ୍ୟବେକ୍ଷଣ କରିବାର ଉପାୟ ଦେଖାଇଦିଏ । ମନ ହିଁ ଏହି ପର୍ଯ୍ୟବେକ୍ଷଣର ଯନ୍ତ୍ର । ଆମର କୌଣସି ବିଷୟକୁ ଜାଣିବାର ଶକ୍ତିକୁ ନିୟମିତ କରି ଅନ୍ତର୍ଜଗତ ଆଡ଼କୁ ପରିଚାଳିତ କରିପାରିଲେ ତାହା ମନକୁ ବିଶ୍ଳେଷଣ କରିପାରିବ ଏବଂ ତାହାର ଆଲୋକରେ ଆମେ ବୁଝିପାରିବୁ ଯେ ଆମ ମନ ମଧ୍ୟରେ କଅଣ ଘଟୁଅଛି । ମନର ଶକ୍ତିସମୂହ ଇତସ୍ତତଃ ବିକ୍ଷିପ୍ତ ଆଲୋକରଶ୍ମି ସଦୃଶ । ସେଗୁଡ଼ିକ କେନ୍ଦ୍ରୀଭୂତ ହେଲେ ଯେକୌଣସି ବିଷୟକୁ ଆଲୋକିତ କରିପାରନ୍ତି—ତାହା ହିଁ ଆମମାନଙ୍କର ଯାବତୀୟ ଜ୍ଞାନର ଏକମାତ୍ର ଉପାୟ । ବାହ୍ୟ ଜଗତ ପାଇଁ ହେଉ କିମ୍ବା ଅନ୍ତର୍ଜଗତ ପାଇଁ ହେଉ, ସମସ୍ତେ ଏହି ଶକ୍ତିର ବ୍ୟବହାର କରୁଛନ୍ତି । ବୈଜ୍ଞାନିକ ବହିର୍ଜଗତରେ ଯେଉଁ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି ପ୍ରୟୋଗ କରନ୍ତି, ମନସ୍ତତ୍ତ୍ୱବିତ୍‌ଙ୍କୁ ତାହା ହିଁ ମନ ଉପରେ ପ୍ରୟୋଗ କରିବାକୁ ହେବ—କିନ୍ତୁ ନିରନ୍ତର ଅଭ୍ୟାସ ବ୍ୟତୀତ ଏହା ସମ୍ଭବ ନୁହେଁ । ବାଲ୍ୟକାଳରୁ ଆମେ କେବଳ ବାହ୍ୟ ବସ୍ତୁ ପ୍ରତି ମନୋନିବେଶ କରିବାକୁ ଶିକ୍ଷା ପାଇଅଛୁ, ଅନ୍ତର୍ଜଗତ ପ୍ରତି ନୁହେଁ । ଏହି କାରଣରୁ ଆମମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ତର୍ଯନ୍ତ୍ରର ପର୍ଯ୍ୟବେକ୍ଷଣ–ଶକ୍ତିକୁ ହରାଇଛନ୍ତି । ମନକୁ ଅନ୍ତର୍ମୁଖୀ କରିବା, ତାହାର ବହିର୍ମୁଖୀ ଗତିକୁ ନିବାରଣ କରିବା, ଯାହାଦ୍ୱାରା କି ମନ ନିଜର ସ୍ୱଭାବ ଜାଣିପାରିବ, ନିଜକୁ ବିଶ୍ଳେଷଣ କରି ଦେଖିପାରିବ—ସେଥିପାଇଁ ଏହାର ସମୁଦାୟ ଶକ୍ତିକୁ ନିଜ ଉପରେ କେନ୍ଦ୍ରୀଭୂତ କରିବା ଅତି କଠିନ କାର୍ଯ୍ୟ । କିନ୍ତୁ ବୈଜ୍ଞାନିକ ପ୍ରଥା ଅନୁସାରେ ଅଗ୍ରସର ହେବାକୁ ହେଲେ ଏହା ହିଁ ଏକମାତ୍ର ଉପାୟ ।

ଏହି ପ୍ରକାର ଜ୍ଞାନର ଉପକାରିତା କଅଣ ? ପ୍ରଥମତଃ ଜ୍ଞାନ ହିଁ ଜ୍ଞାନର ସର୍ବୋଚ୍ଚ ପୁରସ୍କାର । ଦ୍ୱିତୀୟତଃ ତାହାର ଉପକାରିତା ମଧ୍ୟ ଅଛି; କାରଣ ଏହା ଆମର ସମସ୍ତ ଦୁଃଖ ଦୂର କରିବ । ଯେତେବେଳେ ମନୁଷ୍ୟ ନିଜର ମନକୁ ବିଶ୍ଳେଷଣ କରୁ କରୁ ଏପରି ଏକ ବସ୍ତୁର ସନ୍ଧାନ ପାଏ, ଯାହାର ବିନାଶ ହୁଏ ନାହିଁ— ଯାହା ସ୍ୱରୂପତଃ ନିତ୍ୟପୂର୍ଣ୍ଣ ଓ ନିତ୍ୟଶୁଦ୍ଧ, ସେତେବେଳେ ଆଉ ତାହାର ଦୁଃଖ ରହେ ନାହିଁ, ନିରାନନ୍ଦ ରହେ ନାହିଁ । ଭୟ ଓ ଅପୂର୍ଣ୍ଣ ବାସନା ହିଁ ସକଳ ଦୁଃଖର କାରଣ । ପୂର୍ବୋକ୍ତ ଅବସ୍ଥା ଲାଭ କଲେ ମନୁଷ୍ୟ ବୁଝିପାରିବ ଯେ, ତାହାର ମୃତ୍ୟୁ ନାହିଁ; ସୁତରାଂ ସେତେବେଳେ ଆଉ ମୃତ୍ୟୁଭୟ ରହିବ ନାହିଁ । ନିଜକୁ ପୂର୍ଣ୍ଣ ବୋଲି ଜାଣି ପାରିଲେ ଅସାର ବାସନା ଆଉ ରହିବ ନାହିଁ । ପୂର୍ବୋକ୍ତ କାରଣଦ୍ୱୟର ଅଭାବ ହେଲେ ଆଉ କୌଣସି ଦୁଃଖ ରହିବ ନାହିଁ—ତତ୍‌ପରିବର୍ତ୍ତେ ଏହି ଜୀବନରେ ହିଁ ଆମର ପରମାନନ୍ଦ ଲାଭ ହେବ ।

ଜ୍ଞାନଲାଭର ଏକମାତ୍ର ଉପାୟ ହେଲା ଏକାଗ୍ରତା । ରସାୟନବିତ୍ ନିଜ ପରୀକ୍ଷାଗାରରେ ମନର ସମୁଦାୟ ଶକ୍ତିକୁ କେନ୍ଦ୍ରୀଭୂତ କରି ଯେଉଁ ସକଳ ବସ୍ତୁ ବିଶ୍ଳେଷଣ କରୁଛନ୍ତି, ସେଗୁଡ଼ିକ ଉପରେ ପ୍ରୟୋଗ କରନ୍ତି ଏବଂ ଫଳରେ ଏ ସକଳର ରହସ୍ୟ ଅବଗତ ହୁଅନ୍ତି । ଜ୍ୟୋତିର୍ବିଦ୍ ନିଜ ମନର ସମଗ୍ର ଶକ୍ତିକୁ ଏକତ୍ର କରି ଦୂରବୀକ୍ଷଣ ଯନ୍ତ୍ର ମଧ୍ୟଦେଇ ତାହା ଆକାଶକୁ ପ୍ରକ୍ଷେପ

କରନ୍ତି; ଫଳରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର—ସମସ୍ତେ ନିଜ ନିଜର ରହସ୍ୟ ତାଙ୍କ ନିକଟରେ ବ୍ୟକ୍ତ କରନ୍ତି । ମୁଁ ଯେଉଁ ବିଷୟ ତୁମମାନଙ୍କ ନିକଟରେ କହୁଅଛି, ତାହା ଉପରେ ଯେତେ ମନୋନିବେଶ କରିପାରିବି, ସେତେ ହିଁ ସେ ବିଷୟରେ ଆଲୋକପାତ କରିପାରିବି । ତୁମେ ମୋ କଥା ଶୁଣୁଅଛ; ତୁମେ ମଧ୍ୟ ଯେତେ ଏ ବିଷୟରେ ମନୋନିବେଶ କରିବ, ସେତେ ମୋ କଥା ସ୍ପଷ୍ଟଭାବରେ ଧାରଣା କରିପାରିବ ।

ମନର ଏକାଗ୍ରତା-ଶକ୍ତି ବ୍ୟତୀତ ଆଉ କେଉଁ ଉପାୟରେ ଜଗତରେ ଏହି ସକଳ ଜ୍ଞାନ ଲବ୍ଧ ହୋଇଅଛି ? ପ୍ରକୃତିର ଦ୍ୱାରଦେଶରେ ଆଘାତ କରିବାକୁ ଜାଣିଲେ—କେଉଁ ଭାବରେ ଆଘାତ କରିବାକୁ ହୁଏ, ତାହା ଜଣାଥିଲେ, ବିଶ୍ୱପ୍ରକୃତି ସ୍ୱୀୟ ରହସ୍ୟ ଉଦ୍‌ଘାଟିତ କରିଦିଏ । ସେହି ଆଘାତର ଶକ୍ତି ଓ ତୀବ୍ରତା ଆସେ ଏକାଗ୍ରତାରୁ । ଆମର ମନଶକ୍ତିର କୌଣସି ସୀମା ନାହିଁ; ତାହା ଯେତେ ଏକାଗ୍ର ହୁଏ, ତାହାର ଶକ୍ତି ଗୋଟିଏ ବିଷୟ ଉପରେ ସେତେ ବେଶୀ କେନ୍ଦ୍ରୀଭୂତ ହୁଏ ଏବଂ ଏହା ହିଁ ପ୍ରକୃତ ରହସ୍ୟ ।

ମନକୁ ବହିର୍ବିଷୟରେ ସ୍ଥିର କରିବା ଅପେକ୍ଷାକୃତ ସହଜ । ମନ ସ୍ୱଭାବତଃ ବହିର୍ମୁଖୀ; ଧର୍ମ, ମନୋବିଜ୍ଞାନ କିମ୍ବା ଦର୍ଶନ ବିଷୟରେ ମନକୁ ସ୍ଥିର କରିବା ସହଜ ନୁହେଁ । କାରଣ ଏ କ୍ଷେତ୍ରରେ ଜ୍ଞାତା ଓ ଜ୍ଞେୟ (ବିଷୟୀ ଓ ବିଷୟ) ଏକ । ଏଠାରେ ଜ୍ଞାନର ବିଷୟ ଗୋଟିଏ ଆଭ୍ୟନ୍ତରୀଣ ବସ୍ତୁ, ମନ ହିଁ ଏଠାରେ ଜ୍ଞାନର ବସ୍ତୁ । ଏ କ୍ଷେତ୍ରରେ ମନକୁ ପର୍ଯ୍ୟବେକ୍ଷଣ କରିବା ହିଁ ଆମର ଲକ୍ଷ୍ୟ ଏବଂ ମନ ହିଁ ମନକୁ ପର୍ଯ୍ୟବେକ୍ଷଣ କରୁଅଛି । ଆମେ ଜାଣୁ, ମନର ଏପରି ଗୋଟିଏ କ୍ଷମତା ଅଛି, ଯାହାଦ୍ୱାରା ସେ ନିଜର ଅଭ୍ୟନ୍ତରକୁ ଦେଖିପାରେ—ଏହା ଅନ୍ତଃପର୍ଯ୍ୟବେକ୍ଷଣ ଶକ୍ତି ବୋଲି ପରିଚିତ । ମୁଁ ତୁମମାନଙ୍କ ସହିତ କଥା କହୁଅଛି; ପୁନଶ୍ଚ ଏହି ସମୟରେ ଜଣେ ଲୋକ ବାହାରେ ଛିଡ଼ାହୋଇ ଯାହା କରୁଛି ତାହା ଜାଣୁଛି ଓ ଶୁଣୁଛି । ତୁମେ କାମ କରୁଛ ଓ ଚିନ୍ତା କରୁଛ, ପୁଣି ତୁମ ମନର ଅନ୍ୟ ଅଂଶ ଯେପରି ବାହାରେ ଛିଡ଼ା ହୋଇ ଦେଖୁଛି—ତୁମେ କଅଣ ଚିନ୍ତା କରୁଛ । ମନର ସମଗ୍ର ଶକ୍ତି ଏକତ୍ର କରି ମନ ଉପରେ ପ୍ରୟୋଗ କରିବାକୁ ହେବ । ସୂର୍ଯ୍ୟଙ୍କ ତୀକ୍ଷ୍ଣ ରଶ୍ମି ନିକଟରେ ଅତି ଅନ୍ଧକାରମୟ ସ୍ଥାନଗୁଡ଼ିକ ମଧ୍ୟ ଯେପରି ସେମାନଙ୍କର ଗୁପ୍ତତଥ୍ୟ ପ୍ରକାଶ କରିଦିଅନ୍ତି, ସେହିପରି ଏକାଗ୍ର ମନ ନିଜର ଅତି ଅନ୍ତରତମ ରହସ୍ୟଗୁଡ଼ିକ ତୁମ ନିକଟରେ ପ୍ରକାଶ କରିଦେବ । ସେତେବେଳେ ଆମେମାନେ ଧର୍ମବିଶ୍ୱାସର ପ୍ରକୃତ ଭିତ୍ତିରେ ଉପନୀତ ହେବୁ । ଏହା ହିଁ ପ୍ରକୃତ ଧର୍ମ । ସେତିକିବେଳେ ଆମେ ଅନୁଭବ କରିବୁ—ଆତ୍ମା ଅଛି କି ନାହିଁ, ଜୀବନ କ୍ଷଣସ୍ଥାୟୀ ନା ଅନନ୍ତକାଳବ୍ୟାପୀ, ଜଗତରେ ଈଶ୍ୱର ବୋଲି କେହି ଅଛନ୍ତି କି ନାହିଁ । ସମସ୍ତ ହିଁ ଆମ ସମକ୍ଷରେ ଉଦ୍‌ଘାଟିତ ହେବ । ରାଜଯୋଗ ଆମକୁ ଏହି ଶିକ୍ଷା ହିଁ ଦେଇଥାଏ । ରାଜଯୋଗର ସକଳ ଶିକ୍ଷାର ଉଦ୍ଦେଶ୍ୟ—କେଉଁ ଉପାୟରେ ମନକୁ ଏକାଗ୍ର କରାଯାଏ; ତା'ପରେ କେଉଁ ଭାବରେ ମନର ଗଭୀରତମ ପ୍ରଦେଶ ଆବିଷ୍କାର କରାଯାଏ ଏବଂ ପରିଶେଷରେ ମନର ବିଭିନ୍ନ ଭାବଗୁଡ଼ିକରୁ କିପରି ଭାବରେ ଗୋଟିଏ ସାଧାରଣ ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ । ଏଥିପାଇଁ ରାଜଯୋଗ ତୁମର ଧର୍ମ କଣ ତାହା ଜାଣିବାକୁ ଚାହେଁ ନାହିଁ । ତୁମେ ଆସ୍ତିକ ହୁଅ, ନାସ୍ତିକ ହୁଅ, ଇହୁଦୀ ହୁଅ, ବୌଦ୍ଧ ହୁଅ ଅଥବା ଖ୍ରୀଷ୍ଟିୟାନ ହୁଅ, ସେଥିରେ କିଛି ଯାଏ ଆସେ ନାହିଁ । ତୁମେ ଯେ

ମନୁଷ୍ୟ—ଏହା ହିଁ ଯଥେଷ୍ଟ । ପ୍ରତ୍ୟେକ ମନୁଷ୍ୟର ଧର୍ମତତ୍ତ୍ୱ ଅନୁସନ୍ଧାନ କରିବାର ଶକ୍ତି ଅଛି, ଅଧିକାର ମଧ୍ୟ ଅଛି । ପ୍ରତ୍ୟେକ ବ୍ୟକ୍ତିର ଯେକୌଣସି ବିଷୟରେ କାରଣ ପଚାରିବାର ଅଧିକାର ଅଛି—ଯଦିଓ ସେ ନିଜ ଭିତରୁ ହିଁ ସେ ପ୍ରଶ୍ନର ଉତ୍ତର ପାଇଥାଏ । ତେବେ ସେଥିପାଇଁ ଟିକିଏ କଷ୍ଟ ସ୍ୱୀକାର କରିବା ଆବଶ୍ୟକ ।

ତା'ହେଲେ ଦେଖାଗଲା ରାଜଯୋଗର ଆଲୋଚନା ପାଇଁ କୌଣସି ପ୍ରକାର ବିଶ୍ୱାସର ପ୍ରୟୋଜନ ନାହିଁ । ଯେପର୍ଯ୍ୟନ୍ତ ନିଜେ ପ୍ରତ୍ୟକ୍ଷ ନ କରିଛ, ସେପର୍ଯ୍ୟନ୍ତ, କିଛିହେଲେ ବିଶ୍ୱାସ କର ନାହିଁ—ରାଜଯୋଗ ଏହା ହିଁ ଶିକ୍ଷା ଦିଏ । ସତ୍ୟକୁ ପ୍ରତିଷ୍ଠିତ କରିବା ପାଇଁ ଅନ୍ୟ କିଛିର ସାହାଯ୍ୟ ପ୍ରୟୋଜନ ହୁଏ ନାହିଁ । ତୁମେ କଅଣ କହିବାକୁ ଚାହିଁ ଯେ ଜାଗ୍ରତ ଅବସ୍ଥାର ସତ୍ୟତା ପ୍ରମାଣ କରିବା ପାଇଁ ସ୍ୱପ୍ନ ଅଥବା କଳ୍ପନାର ସାହାଯ୍ୟ ଆବଶ୍ୟକ ? କେବେ ନୁହେଁ । ଏହି ରାଜଯୋଗ ସାଧନ ପାଇଁ ଦୀର୍ଘ ଦିନ ନିରନ୍ତର ଅଭ୍ୟାସର ପ୍ରୟୋଜନ । ଏହି ଅଭ୍ୟାସର କିଛି ଅଂଶ ଶରୀର-ସଂଯମ ବିଷୟକ, କିନ୍ତୁ ଏହାର ଅଧିକାଂଶ ହିଁ ମନଃସଂଯମାତ୍ମକ । କ୍ରମଶଃ ଆମେ ବୁଝିପାରିବା, ମନର ଶରୀର ସହିତ କିପରି ଘନିଷ୍ଠ ସମ୍ବନ୍ଧ । ଯଦି ଆମେ ବିଶ୍ୱାସ କରୁ, ମନ ଶରୀରର ସୂକ୍ଷ୍ମ ଅବସ୍ଥାବିଶେଷ ଏବଂ ମନ ଶରୀର ଉପରେ କାର୍ଯ୍ୟ କରିଥାଏ, ତା' ହେଲେ ଏହା ମଧ୍ୟ ଯୁକ୍ତିସଙ୍ଗତ ଯେ, ଶରୀର ମଧ୍ୟ ମନ ଉପରେ କାର୍ଯ୍ୟ କରେ । ଶରୀର ଅସୁସ୍ଥ ହେଲେ ମନ ମଧ୍ୟ ଅସୁସ୍ଥ ହୁଏ, ଶରୀର ସୁସ୍ଥ ଥିଲେ ମନ ମଧ୍ୟ ସୁସ୍ଥ ଓ ସତେଜ ଥାଏ । ଯେତେବେଳେ କୌଣସି ବ୍ୟକ୍ତି କ୍ରୁଦ୍ଧ ହୁଅନ୍ତି, ସେତେବେଳେ ତାଙ୍କର ମନ ଉତ୍ତେଜିତ ହୋଇଯାଏ । ଠିକ୍ ସେହିପରି, ମନ ଚଞ୍ଚଳ ହେଲେ ଶରୀର ମଧ୍ୟ ଚଞ୍ଚଳ ହୋଇପଡ଼େ । ଅଧିକାଂଶ ଲୋକଙ୍କର ମନ ଶରୀରର ଅଧୀନ, କାରଣ ସେମାନଙ୍କ ମନର ବିକାଶ ହୋଇନାହିଁ । ତୁମେସବୁ ଯଦି ମୋ କଥାକୁ ଅନ୍ୟ ଭାବରେ ନ ନିଅ, ତେବେ ମୁଁ କହିବି—ଅଧିକାଂଶ ମନୁଷ୍ୟ ପଶୁ ଅପେକ୍ଷା ଅତି ଅଳ୍ପ ମାତ୍ରରେ ଉନ୍ନତ । କେବଳ ସେତିକି ନୁହେଁ, ଅନେକ ସ୍ଥଳରେ ଇତର ପ୍ରାଣୀମାନଙ୍କ ଅପେକ୍ଷା ସେମାନଙ୍କ ସଂଯମଶକ୍ତି ବିଶେଷ ଅଧିକ ନୁହେଁ । ମନ ଉପରେ ଆମର କୌଣସି କର୍ତ୍ତୃତ୍ୱ ନାହିଁ । ମନ ଉପରେ ଏହି କ୍ଷମତାଲାଭ ପାଇଁ, ଶରୀର ଏବଂ ମନକୁ ବଶୀଭୂତ କରିବା ପାଇଁ ଆମମାନଙ୍କର କେତେଗୁଡ଼ିଏ ବହିଃରଙ୍ଗ ସାଧନର—ଦୈହିକ ସାଧନର ପ୍ରୟୋଜନ । ଶରୀର ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ଆୟତ୍ତ ହେବ, ସେତେବେଳେ ଆମେ ମନର ସଦ୍‌ବ୍ୟବହାର କରିପାରିବୁ । ଏହିଭାବରେ ଆମେ ମନକୁ ଆୟତ୍ତ କରିପାରିବା, ଇଚ୍ଛାନୁସାରେ ଏହାକୁ କାମରେ ଲଗାଇପାରିବା ଏବଂ ମନର ଶକ୍ତିଗୁଡ଼ିକୁ ଏକାଗ୍ର କରି ପାରିବା ।

ରାଜଯୋଗୀମାନଙ୍କ ମତରେ ବହିର୍ଜଗତ ଅନ୍ତର୍ଜଗତର ବା ସୂକ୍ଷ୍ମଜଗତର ସ୍ଥୂଳ ବିକାଶ ମାତ୍ର । ସର୍ବତ୍ର ହିଁ ସୂକ୍ଷ୍ମକୁ କାରଣ ଓ ସ୍ଥୂଳକୁ କାର୍ଯ୍ୟ ବୁଝିବାକୁ ହେବ । ଅତଏବ ଏହି ନିୟମ ଅନୁସାରେ ବହିର୍ଜଗତ କାର୍ଯ୍ୟ ଓ ଅନ୍ତର୍ଜଗତ କାରଣ । ଅନୁରୂପଭାବେ ବହିର୍ଜଗତର ଶକ୍ତିଗୁଡ଼ିକ ଆଭ୍ୟନ୍ତରିଣ ସୂକ୍ଷ୍ମତର ଶକ୍ତିର ସ୍ଥୂଳରୂପ ମାତ୍ର । ଯିଏ ଏହି ଆଭ୍ୟନ୍ତରୀଣ ଶକ୍ତିଗୁଡ଼ିକୁ ଆବିଷ୍କାର କରି ଇଚ୍ଛାନୁସାରେ ସେଗୁଡ଼ିକୁ ପରିଚାଳିତ କରିବା ଶିଖିଛନ୍ତି, ସମଗ୍ର ପ୍ରକୃତିକୁ ସେ ବଶୀଭୂତ କରିପାରନ୍ତି । ସମଗ୍ର ଜଗତ ଉପରେ ପ୍ରଭୁତ୍ୱ କରିବା ପ୍ରକୃତିକୁ ନିୟନ୍ତ୍ରିତ କରିବାକୁ ଯୋଗୀ ନିଜର କର୍ତ୍ତବ୍ୟ ବୋଲି ଗ୍ରହଣ କରନ୍ତି । ସେ ଏପରି ଏକ ଅବସ୍ଥାରେ ଉପନୀତ ହେବାକୁ

ଚାହାନ୍ତି, ଯେଉଁଠି 'ପ୍ରକୃତିର ନିୟମାବଳୀ' ତାଙ୍କ ଉପରେ କୌଣସି ପ୍ରଭାବ ବିସ୍ତାର କରିପାରିବ ନାହିଁ; ସେତେବେଳେ ସେ ଅନ୍ତର ଓ ବାହ୍ୟ ସମଗ୍ର ପ୍ରକୃତି ଉପରେ ପ୍ରଭୁତ୍ୱ ଲାଭ କରିବେ । ମନୁଷ୍ୟଜାତିର ଉନ୍ନତି ଓ ସଭ୍ୟତାର ସାର୍ଥକତା ଏହି ପ୍ରକୃତିକୁ ନିୟନ୍ତ୍ରିତ କରିବା ଉପରେ ନିର୍ଭର କରେ ।

ପ୍ରକୃତିକୁ ବଶୀଭୂତ କରିବା ପାଇଁ ଭିନ୍ନ ଭିନ୍ନ ଜାତି ଭିନ୍ନ ଭିନ୍ନ ପ୍ରଣାଳୀ ଅବଲମ୍ବନ କରିଥାନ୍ତି । ଯେପରି କୌଣସି ଏକ ସମାଜରେ କେହି କେହି ବାହ୍ୟ ପ୍ରକୃତି ଓ ଅନ୍ୟ କେହି କେହି ଅନ୍ତଃ-ପ୍ରକୃତିକୁ ବଶୀଭୂତ କରିବାକୁ ଚାହାନ୍ତି; ସେହିପରି କୌଣସି କୌଣସି ଜାତି ବାହ୍ୟପ୍ରକୃତି, ପୁଣି କୌଣସି କୌଣସି ଜାତି ଅନ୍ତଃପ୍ରକୃତିକୁ ବଶୀଭୂତ କରିବା ପାଇଁ ଚେଷ୍ଟା କରନ୍ତି । କାହାରି କାହାରି ମତରେ ଅନ୍ତଃପ୍ରକୃତିକୁ ବଶୀଭୂତ କରିପାରିଲେ ସମସ୍ତ ହିଁ ବଶୀଭୂତ ହୁଏ; ଅନ୍ୟ କାହାରି ମତରେ ବାହ୍ୟପ୍ରକୃତିକୁ ବଶୀଭୂତ କଲେ ଅନ୍ୟ ସବୁ ବଶୀଭୂତ ହୁଏ । ଏହି ଦୁଇଟି ଚିନ୍ତାଧାରାକୁ ଉତ୍ତମ ରୂପେ ବିଚାର କଲେ ବୁଝାଯାଏ, ଉଭୟ ସିଦ୍ଧାନ୍ତ ହିଁ ସତ୍ୟ; କାରଣ ପ୍ରକୃତିରେ ବାହ୍ୟ ବା ଅନ୍ତର ବୋଲି କୌଣସି ଭେଦ ନାହିଁ, ଏହା ଏକ କାଳ୍ପନିକ ବିଭାଗ ମାତ୍ର; ଏହିପରି ବିଭାଗର ଅସ୍ତିତ୍ୱ କେବେହେଲେ ନଥିଲା । ବହିର୍ବାଦୀ ବା ଅନ୍ତର୍ବାଦୀ ଯେତେବେଳେ ନିଜ ନିଜ ଜ୍ଞାନର ଚରମ ସୀମାରେ ପହଞ୍ଚିବେ, ସେତେବେଳେ ଉଭୟେ ଏକ ସ୍ଥାନରେ ପହଞ୍ଚିବେ । ଠିକ୍ ଯେପରି ପଦାର୍ଥବିଜ୍ଞାନୀ ନିଜ ଜ୍ଞାନର ଚରମ ସୀମାରେ ପହଞ୍ଚିଲେ ଦେଖିବେ ଯେ ବିଜ୍ଞାନ ଦର୍ଶନରେ ପର୍ଯ୍ୟବସିତ ହେଉଅଛି, ସେହିପରି ଦାର୍ଶନିକ ମଧ୍ୟ ଦେଖିବେ ଯେ, ମନ ଓ ଜଡ଼ ମଧ୍ୟରେ ଯେଉଁ ଭେଦ ରହିଛି, ତାହା କେବଳ ଆପାତପ୍ରତୀୟମାନ ।

ଯେଉଁଥିରୁ ଏହି 'ବହୁ' ଉତ୍ପନ୍ନ ହୋଇଅଛି, ଯେଉଁ ଏକ ପଦାର୍ଥ ବହୁରୂପେ ପ୍ରକାଶିତ ହୋଇଅଛି, ସେହି ଏକ ପଦାର୍ଥକୁ ନିର୍ଣ୍ଣୟ କରିବା ହିଁ ସମଗ୍ର ବିଜ୍ଞାନର ଲକ୍ଷ୍ୟ । ରାଜଯୋଗୀ କହନ୍ତି, ଆମେ ପ୍ରଥମେ ଅନ୍ତର୍ଜଗତର ଜ୍ଞାନ ଲାଭ କରିବା ଏବଂ ଏହାଦ୍ୱାରା ବାହ୍ୟ ଓ ଅନ୍ତର ଉଭୟ ପ୍ରକୃତିକୁ ହିଁ ବଶୀଭୂତ କରିବା । ପ୍ରାଚୀନ କାଳରୁ ଲୋକମାନେ ଏହି ଚେଷ୍ଟା କରି ଆସୁଛନ୍ତି । ଭାରତବର୍ଷରେ ହିଁ ଏହାର ବିଶେଷ ଚେଷ୍ଟା ହୁଏ; ଅନ୍ୟାନ୍ୟ ଜାତିମାନେ ମଧ୍ୟ ଏହି ବିଷୟରେ ଚେଷ୍ଟା କରିଛନ୍ତି । ପାଶ୍ଚାତ୍ୟ ଦେଶରେ ଲୋକମାନେ ଏହାକୁ ରହସ୍ୟ ବା ଗୁପ୍ତବିଦ୍ୟା ବୋଲି ଭାବୁଥିଲେ । ତେଣୁ ଯେଉଁମାନେ ଏହା ଅଭ୍ୟାସ କରିବା ପାଇଁ ଅଗ୍ରସର ହେଉଥିଲେ, ସେମାନଙ୍କୁ ଡାହାଣୀ, ଯାଦୁକର ଇତ୍ୟାଦି ଅପବାଦ ଦେଇ ପୋଡ଼ି ଦେଉଥିଲେ ଅଥବା ଅନ୍ୟ ଉପାୟରେ ମାରି ପକାଉଥିଲେ । ଭାରତବର୍ଷରେ ନାନା କାରଣରୁ ଏହା ଏପରି ସବୁ ଲୋକଙ୍କର ହସ୍ତଗତ ହୋଇଥିଲା, ଯେଉଁମାନେ ଏହି ବିଦ୍ୟାର ଶତକଡ଼ା ନବେ ଭାଗ ନଷ୍ଟ କରି ଦେଇ ଅବଶିଷ୍ଟ ଅଂଶ ଟିକକ ଅତି ଗୋପନରେ ରଖିବାକୁ ଚେଷ୍ଟା କରୁଥିଲେ । ଆଜିକାଲି ପୁଣି ଭାରତବର୍ଷରେ ଏହି ଗୁରୁଗଣଙ୍କ ଅପେକ୍ଷା ନିକୃଷ୍ଟ ସଂଖ୍ୟକ ତଥାକଥିତ ଶିକ୍ଷକ ମିଳୁଛନ୍ତି । ଉକ୍ତ ଗୁରୁଗଣ ଯଦିଓ କିଛି ଜାଣିଥିଲେ, ଏହି ଆଧୁନିକ ଅଧ୍ୟାପକଗଣ କିଛି ହେଲେ ଜାଣନ୍ତି ନାହିଁ ।

ଏହି ସମସ୍ତ ଯୋଗ-ପ୍ରଣାଳୀରେ ଗୁହ୍ୟ ଓ ଅଦ୍ଭୁତ ବୋଲି ଯାହା କିଛି ଅଛି, ତାହା ବର୍ଜନ କରିବାକୁ ହେବ; କେବଳ ଯାହା ଫଳପ୍ରଦ, ତାହା ଅନୁସରଣୀୟ । ଅନ୍ୟାନ୍ୟ ବିଷୟ ପରି ଧର୍ମକ୍ଷେତ୍ରରେ ଏହା ମଧ୍ୟ ସତ୍ୟ—ଯାହା କିଛି ତୁମକୁ ଦୁର୍ବଳ କରେ, ତାହା ସମ୍ପୂର୍ଣ୍ଣ ରୂପେ ତ୍ୟାଗ କର । ରହସ୍ୟସ୍ପୃହା ମାନବ-ମସ୍ତିଷ୍କକୁ ଦୁର୍ବଳ କରିପକାଏ ଏବଂ ଏହି କାରଣରୁ ଆମର

ଅନ୍ୟତମ ଶ୍ରେଷ୍ଠ ବିଜ୍ଞାନ ଯୋଗଶାସ୍ତ୍ର ପ୍ରାୟ ନଷ୍ଟ ହୋଇଯାଇଛି । ଚାରି ହଜାର ବର୍ଷ ପୂର୍ବରୁ ଏହି ଯୋଗ ଆବିଷ୍କୃତ ହୋଇଛି । ସେହି ସମୟଠାରୁ ଭାରତବର୍ଷରେ ଏହା ପ୍ରଣାଳୀବଦ୍ଧ ହୋଇ ବର୍ଣ୍ଣିତ ଓ ପ୍ରଚାରିତ ହୋଇଆସୁଛି । ଆଶ୍ଚର୍ଯ୍ୟ କଥା ହେଲା, ବ୍ୟାଖ୍ୟାକାର ଯେତେ ଆଧୁନିକ, ତାଙ୍କର ଭ୍ରମ ମଧ୍ୟ ସେହି ପରିମାଣରେ ଅଧିକ । ଲେଖକ ଯେତେ ପ୍ରାଚୀନ, ତାଙ୍କର ରଚନା ମଧ୍ୟ ସେତେ ଯୁକ୍ତିସଙ୍ଗତ । ଆଧୁନିକ ଲେଖକଗଣଙ୍କ ମଧ୍ୟରେ ଅଧିକାଂଶ ହିଁ ନାନା ପ୍ରକାର ରହସ୍ୟର କଥା କହିଥାଆନ୍ତି । ପ୍ରାଚୀନ କାଳରେ ଯୋଗ ଅଳ୍ପ କେତେଜଣଙ୍କ ହାତରେ ପଡ଼ିଥିଲା, ଯେଉଁମାନେ ଏହାକୁ ଗୋପନୀୟ ବିଦ୍ୟାରେ ପରିଣତ କଲେ ଏବଂ ଯୁକ୍ତିର ଦିବାଲୋକ ଏହା ଉପରେ ଆଉ ପଡ଼ିବାକୁ ଦେଲେ ନାହିଁ ।

ପ୍ରଥମରୁ ହିଁ ମୁଁ କହି ରଖିଛି—ମୁଁ ଯାହା ଶିକ୍ଷା ଦେଉଛି—ତା ଭିତରେ ଗୋପନୀୟ କିଛି ହେଲେ ନାହିଁ । ସାମାନ୍ୟ ଯାହା କିଛି ମୁଁ ଜାଣେ, ତାହା ତୁମମାନଙ୍କୁ କହିବି । ଯୁକ୍ତିଦ୍ୱାରା ଏହା ଯେତେଦୂର ବୁଝାଇ ହୁଏ, ସେତେଦୂର ପର୍ଯ୍ୟନ୍ତ ବୁଝାଇବାକୁ ଚେଷ୍ଟା କରିବି । ଯାହା ପ୍ରତ୍ୟକ୍ଷଭାବେ ମୁଁ ଜାଣି ନାହିଁ, ସେ ସମ୍ବନ୍ଧରେ ଶାସ୍ତ୍ର ଯାହା କହେ, କେବଳ ସେତିକି କହିବି । ଅନ୍ଧ ଭାବରେ କିଛି ବିଶ୍ୱାସ କରିବା ଅନ୍ୟାୟ; ନିଜର ଯୁକ୍ତି ଓ ବିଚାରଶକ୍ତି ପ୍ରୟୋଗ କିରବାକୁ ହେବ; ସାଧନ କରି ଦେଖିବାକୁ ହେବ, ଶାସ୍ତ୍ରରେ ଯାହା ଲିଖିତ ଅଛି ତାହା ସତ୍ୟ କି ନୁହେଁ । ଅନ୍ୟାନ୍ୟ ବିଜ୍ଞାନକୁ ଯେପରି ଭାବରେ ଶିକ୍ଷା କର, ଠିକ୍ ସେପରି ଭାବରେ ଏହି ବିଜ୍ଞାନ ଶିକ୍ଷା କରିବାକୁ ହେବ । ଏଥିରେ ଗୋପନ ରହସ୍ୟ କିଛି ନାହିଁ, କୌଣସି ବିପଦର ଆଶଙ୍କା ମଧ୍ୟ ନାହିଁ । ଏହି ବିଦ୍ୟାରେ ଯାହା ସତ୍ୟ, ତାହା ସମସ୍ତଙ୍କ ସମ୍ମୁଖରେ ପ୍ରକାଶ୍ୟଭାବେ ପ୍ରଚାର କରିବା ଉଚିତ । ଏ ସକଳ ସାଧନା ରହସ୍ୟାବୃତ କରିବାକୁ ଚେଷ୍ଟା କଲେ ଅନେକ ବିପଦର ଆଶଙ୍କା ଅଛି ।

ଅଧିକ ଅଗ୍ରସର ହେବା ପୂର୍ବରୁ ମୁଁ ସାଂଖ୍ୟଦର୍ଶନ ସମ୍ବନ୍ଧରେ କିଛି କହିବି; ଏହି ସାଂଖ୍ୟଦର୍ଶନର ଭିତ୍ତି ଉପରେ ରାଜଯୋଗ ପ୍ରତିଷ୍ଠିତ । ସାଂଖ୍ୟଦର୍ଶନ ମତରେ ଆମର ଯେ କୌଣସି ବିଷୟର ଜ୍ଞାନପ୍ରଣାଳୀ ଏହି ଭାବରେ ହୋଇଥାଏ—ପ୍ରଥମତଃ ବିଷୟ ସହିତ ଚକ୍ଷୁରାଦି ଯନ୍ତ୍ରର ସଂଯୋଗ ହୁଏ । ଚକ୍ଷୁରାଦି ଇନ୍ଦ୍ରିୟଗଣଙ୍କ ନିକଟକୁ ତାହା ପ୍ରେରଣ କରନ୍ତି; ଅର୍ଥାତ୍ ବାହାରର ଶବ୍ଦ-ରୂପ ପ୍ରଭୃତି ବିଷୟର ପ୍ରଭାବ ବହିରିନ୍ଦ୍ରିୟର ଯନ୍ତ୍ର ସାହାଯ୍ୟରେ ନିଜ ନିଜ ମସ୍ତିଷ୍କ-କେନ୍ଦ୍ରକୁ ବା ପ୍ରକୃତ ଇନ୍ଦ୍ରିୟକୁ ଆସିଥାଏ । ଇନ୍ଦ୍ରିୟଗଣ ମନ ନିକଟରେ ଓ ମନ ନିଶ୍ଚୟାତ୍ମିକା ବୁଦ୍ଧି ନିକଟକୁ ତାହା ନେଇଯାଏ । ସେତେବେଳେ ପୁରୁଷ ବା ଆତ୍ମା ତାହା ଗ୍ରହଣ କରନ୍ତି ଏବଂ ଆମର ସେହି ବିଷୟର ଅନୁଭୂତି ହୋଇଥାଏ । ଅତଃପର ଏଗୁଡ଼ିକ ଯେଉଁ ପଥରେ ଆସିଥିଲେ, ପୁରୁଷ ସେହି ପଥରେ ହିଁ ଏଗୁଡ଼ିକୁ କର୍ମେନ୍ଦ୍ରିୟ ନିକଟକୁ ଫେରିଯିବାକୁ ଆଦେଶ କରନ୍ତି । ପୁରୁଷ ବ୍ୟତୀତ ଆଉ ସବୁ ଜଡ଼, ତେବେ ଚକ୍ଷୁରାଦି ବାହ୍ୟ ଯନ୍ତ୍ର ଅପେକ୍ଷା ମନ ସୂକ୍ଷ୍ମତର । ମନ ଯେଉଁ ଉପାଦାନରେ ନିର୍ମିତ, ସେଥିରୁ ସୂକ୍ଷ୍ମ ତନ୍ମାତ୍ରାର ମଧ୍ୟ ଉତ୍ପତ୍ତି । ଏଗୁଡ଼ିକ ସ୍ଥୂଳ ହେଲେ ଜଡ଼ ବସ୍ତୁର ଉତ୍ପତ୍ତି ହୁଏ । ଏହା ହିଁ ସାଂଖ୍ୟର ମନୋବିଜ୍ଞାନ । ସୁତରାଂ ବୁଦ୍ଧି ଓ ସ୍ଥୂଳଭୂତ ମଧ୍ୟରେ ପ୍ରଭେଦ କେବଳ ମାତ୍ରାର ତାରତମ୍ୟ । ଏକମାତ୍ର ପୁରୁଷ ହିଁ ଚେତନ । ମନ ଆତ୍ମାର ଯନ୍ତ୍ରବିଶେଷ । ତାହାରିଦ୍ୱାରା ଆତ୍ମା ବାହ୍ୟ ବିଷୟ ଗ୍ରହଣ କରିଥାଆନ୍ତି । ମନ ସର୍ବଦା ପରିବର୍ତ୍ତନଶୀଳ, ସର୍ବଦା ଆନ୍ଦୋଳିତ ହେଉଅଛି । ସିଦ୍ଧ ଅବସ୍ଥାରେ ମନ କେତେବେଳେ ସମୁଦାୟ ଇନ୍ଦ୍ରିୟଗୁଡ଼ିକରେ ସଂଲଗ୍ନ, କେବେ ବା ଗୋଟିକରେ, ପୁଣି କେତେବେଳ କୌଣସି ଇନ୍ଦ୍ରିୟରେ ସଂଲଗ୍ନ ନ

ଥାଏ । ମନେକର, ମୁଁ ଗୋଟିଏ ଘଣ୍ଟାର ଶବ୍ଦ ମନୋଯୋଗ ଦେଇ ଶୁଣୁଅଛି; ଏପରି ଅବସ୍ଥାରେ ମୋର ଚକ୍ଷୁ ଉନ୍ମୀଳିତ ଥିଲେ ମଧ୍ୟ ମୁଁ ଅନ୍ୟ କିଛି ଦେଖିବାକୁ ପାଇବି ନାହିଁ । ଏଥିରୁ ପ୍ରମାଣିତ ହେଉଅଛି ଯେ, ମନ ଯେତେବେଳେ ଶ୍ରବଣେନ୍ଦ୍ରିୟ ସହିତ ସଂଲଗ୍ନ ଥିଲା, ସେତେବେଳେ ଦର୍ଶନେନ୍ଦ୍ରିୟ ସହିତ ନ ଥିଲା । କିନ୍ତୁ ସିଦ୍ଧପୁରୁଷଙ୍କ ମନ ଏକ ସମୟରେ ପ୍ରତ୍ୟେକଟି ଇନ୍ଦ୍ରିୟ ସହିତ ସଂଲଗ୍ନ ରହିପାରେ । ମନର ପୁଣି ଅନ୍ତର୍ଦୃଷ୍ଟି ଅଛି, ଏହି ଶକ୍ତି ବଳରେ ମନୁଷ୍ୟ ନିଜ ଅନ୍ତରର ଗଭୀରତମ ପ୍ରଦେଶ ଦେଖିପାରେ । ଏହି ଅନ୍ତର୍ଦୃଷ୍ଟି-ଶକ୍ତିର ବିକାଶ ସାଧନ କରିବା ହିଁ ଯୋଗୀର ଉଦ୍ଦେଶ୍ୟ; ମନର ସମସ୍ତ ଶକ୍ତିକୁ ଏକାଗ୍ର କରି, ଅନ୍ତର୍ମୁଖୀ ହୋଇ ଭିତରେ କଅଣ ହେଉଅଛି—ତାହା ସେ ଜାଣିବାକୁ ଚାହାନ୍ତି । ଏଥିରେ କେବଳ ମାତ୍ର ବିଶ୍ୱାସର କୌଣସି କଥା ନାହିଁ । ଏହା କୌଣସି କୌଣସି ଦାର୍ଶନିକଙ୍କ ମନସ୍ତତ୍ତ୍ୱ-ବିଶ୍ଳେଷଣର ଫଳମାତ୍ର । ଆଧୁନିକ ଶରୀର-ତତ୍ତ୍ୱବିତ୍ ପଣ୍ଡିତଗଣ କହନ୍ତି, ପ୍ରକୃତ ଦର୍ଶନର ଇନ୍ଦ୍ରିୟ ଚକ୍ଷୁ ନୁହେଁ; ତାହା ମସ୍ତିଷ୍କ ଅନ୍ତର୍ଗତ ସ୍ନାୟୁ-କେନ୍ଦ୍ରରେ ଅବସ୍ଥିତ । ଅନ୍ୟ ସକଳ ଇନ୍ଦ୍ରିୟଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଏହି କଥା ବୁଝିବାକୁ ହେବ । ସେମାନେ ପୁନଶ୍ଚ କହନ୍ତି—ମସ୍ତିଷ୍କ ଯେଉଁ ପଦାର୍ଥରେ ନିର୍ମିତ, ଏହି କେନ୍ଦ୍ରଗୁଡ଼ିକ ମଧ୍ୟ ଠିକ୍ ସେହି ପଦାର୍ଥରେ ନିର୍ମିତ । ସାଂଖ୍ୟଗଣ ମଧ୍ୟ ଏହି କଥା ହିଁ କହିଥାଆନ୍ତି; ତେବେ ସାଂଖ୍ୟର ସିଦ୍ଧାନ୍ତ ଆଧ୍ୟାତ୍ମିକ ଦିଗରୁ, ଆଉ ବୈଜ୍ଞାନିକମାନଙ୍କର ସିଦ୍ଧାନ୍ତ ଭୌତିକ ଦିଗରୁ; କିନ୍ତୁ ଉଭୟଙ୍କ କଥା ଏକ । ସେ ଯାହାହେଉ, ଆମର ଗବେଷଣାର କ୍ଷେତ୍ର ଏହାର ଊର୍ଦ୍ଧ୍ୱରେ ଅବସ୍ଥିତ ।

ଯୋଗୀ ଏପରି ଏକ ସୂକ୍ଷ୍ମାନୁଭୂତି ଲାଭ କରିବାକୁ ଚାହାନ୍ତି, ଯାହାଦ୍ୱାରା ସେ ବିଭିନ୍ନ ମାନସିକ ଅବସ୍ଥାଗୁଡ଼ିକୁ ପ୍ରତ୍ୟକ୍ଷ କରିପାରିବେ । ଏହି ମାନସିକ ଅନୁଭୂତି ଅବଶ୍ୟ ହିଁ ସମ୍ଭବ । ବିଷୟସମୂହଦ୍ୱାରା ବହିରିନ୍ଦ୍ରିୟରେ ଉତ୍ପନ୍ନ ସମ୍ବେଦନା କିପରି ସ୍ନାୟୁ-ମାର୍ଗରେ ଭ୍ରମଣ କରେ, ମନ କିପରି ସେଗୁଡ଼ିକୁ ଗ୍ରହଣ କରେ, କି ଉପାୟରେ ସେଗୁଡ଼ିକ ପୁଣି ନିଶ୍ଚୟାତ୍ମିକା ବୁଦ୍ଧିକୁ ଗମନ କରନ୍ତି, ପରିଶେଷରେ କିପରି ଭାବରେ ତାହା ପୁରୁଷଙ୍କ ନିକଟକୁ ଯାଏ—ଏସବୁ ଅନୁଭବ କରାଯାଏ । ପ୍ରତ୍ୟେକ ଶିକ୍ଷାର କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅଛି । ଯେ କୌଣସି ବିଜ୍ଞାନର ଶିକ୍ଷା ପାଇଁ କେତେଗୁଡ଼ିଏ ପ୍ରାଥମିକ ପ୍ରସ୍ତୁତିର ପ୍ରୟୋଜନ, ଆମେ ତାହାର ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁସରଣ କଲେ ଉକ୍ତ ବିଜ୍ଞାନକୁ ବୁଝିପାରିବା । ରାଜଯୋଗ ସମ୍ବନ୍ଧରେ ମଧ୍ୟ ଏହା ସତ୍ୟ ।

ଆହାର ସମ୍ବନ୍ଧରେ କେତେଗୁଡ଼ିଏ ନିୟମ ଆବଶ୍ୟକ । ଯଦ୍ଦ୍ୱାରା ମନ ଖୁବ୍ ପବିତ୍ର ରହେ, ଏହିପରି ଆହାର କରିବାକୁ ହେବ । କୌଣସି ପଶୁଶାଳା ଭିତରକୁ ଯାଇ ଦେଖିଲେ, ଆହାର ସହିତ ଶରୀରର କଅଣ ସମ୍ବନ୍ଧ ତାହା ବୁଝିହୁଏ । ହସ୍ତୀ ଅତି ବୃହଦାକାର ଜନ୍ତୁ, କିନ୍ତୁ ତା'ର ପ୍ରକୃତି ଅତି ଶାନ୍ତ; ପୁଣି ସିଂହ ବା ବାଘର ପିଞ୍ଜରା ନିକଟକୁ ଗଲେ ଦେଖିବ—ସେମାନେ ଅସ୍ଥିର, ଚଞ୍ଚଳ । ଏଥିରୁ ବୁଝାଯାଏ ଯେ ଆହାରର ତାରତମ୍ୟ ହେତୁ କିପରି ପରିବର୍ତ୍ତନ ହୋଇଥାଏ । ଆମ ଶରୀରରେ ଯେତେଗୁଡ଼ିଏ ଶକ୍ତି କାର୍ଯ୍ୟ କରୁଅଛି, ତାହାସବୁ ଆହାରରୁ ଉତ୍ପନ୍ନ—ଏହା ଆମେ ପ୍ରତିଦିନ ଦେଖିବାକୁ ପାଉ । ଯଦି ଉପବାସ କରିବାକୁ ଆରମ୍ଭ କର, ତୁମର ଶରୀର ଦୁର୍ବଳ ହୋଇଯିବ, ଦୈହିକ ଶକ୍ତିଗୁଡ଼ିକ ହ୍ରାସ ପାଇବ; ପୁଣି କେତେଦିନ ପରେ ମାନସିକ ଶକ୍ତିଗୁଡ଼ିକ ମଧ୍ୟ ହ୍ରାସ ପାଇବାକୁ ଆରମ୍ଭ କରିବ । ତାପରେ ସ୍ମୃତିଶକ୍ତି ଲୁପ୍ତ ହେବ ଏବଂ ପରେ ଏପରି ଏକ ସମୟ ଆସିବ, ଯେତେବେଳେ ତୁମେ ଚିନ୍ତା କରିବା ପାଇଁ ମଧ୍ୟ

ସମର୍ଥ ହେବ ନାହିଁ । ଯୁକ୍ତି ବିଚାର କରିବା ତ ଦୂରର କଥା । ସେଥିପାଇଁ ସାଧନାର ପ୍ରଥମାବସ୍ଥାରେ ଖାଦ୍ୟ ସମ୍ବନ୍ଧରେ ବିଶେଷ ଲକ୍ଷ୍ୟ ରଖିବାକୁ ହେବ । କିନ୍ତୁ ଯେତେବେଳେ ଆମେ ସାଧନାରେ ଅଧିକ ଅଗ୍ରସର ହେବା, ସେତେବେଳେ ଏ ବିଷୟରେ ଆଉ ଏତେ ସାବଧାନତାର ପ୍ରୟୋଜନ ରହିବ ନାହିଁ । ଚାରା ଗଛ ଯେତେଦିନଯାଏ ବଢୁଥାଏ, ସେତେଦିନ ଏହାର ଚାରିଆଡ଼େ ବାଡ଼ ଦେଇ ରଖିବାକୁ ପଡ଼େ, କାଳେ ଏହାର କୌଣସି କ୍ଷତି ହେବ; କିନ୍ତୁ ଗଛ ବଡ଼ ହୋଇଗଲେ ବାଡ଼ ଉଠାଇନେବାକୁ ପଡ଼େ, କାରଣ ସେତେବେଳେ ତାହାର ଆକ୍ରମଣ ଓ ଅତ୍ୟାଚାର ପ୍ରତିରୋଧ କରିବା ଭଳି ଯଥେଷ୍ଟ ଶକ୍ତି ହୋଇଥାଏ ।

ଯୋଗୀ ଅଧିକ ବିଳାସ ଓ କଠୋରତା ଉଭୟକୁ ତ୍ୟାଗ କରିବେ । ତାଙ୍କ ପକ୍ଷରେ ଉପବାସ ଅଥବା ଶରୀରକୁ ଅତ୍ୟଧିକ କ୍ଲେଶ ଦେବା ଉଚିତ ନୁହେଁ । ଗୀତାକାର କହିଛନ୍ତି, ଯିଏ ନିଜକୁ ଅନର୍ଥକ କ୍ଲେଶ ଦିଅନ୍ତି, ସେ କେବେହେଲେ ଯୋଗୀ ହୋଇପାରନ୍ତି ନାହିଁ । ଅତିଭୋଜନକାରୀ, ଅତ୍ୟଧିକ ଉପବାସୀ, ଅଧିକ ଜାଗରଣଶୀଳ, ଅଧିକ ନିଦ୍ରାଳୁ, ଅତିରିକ୍ତ କର୍ମପରାୟଣ ଅଥବା ଏକାବେଳକେ ନିଷ୍କର୍ମା—ଏମାନଙ୍କ ମଧ୍ୟରୁ କେହିହେଲେ ଯୋଗୀ ହୋଇପାରନ୍ତି ନାହିଁ ।*

---

*ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।
ନ ଚାତିସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ॥
ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟାସ୍ୟ କର୍ମସୁ ।
ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ॥

—ଗୀତା, ୬/୧୬-୧୭

## ଦ୍ୱିତୀୟ ଅଧ୍ୟାୟ
## ସାଧନାର ପ୍ରଥମ ସୋପାନ

ରାଜଯୋଗ ଅଷ୍ଟାଙ୍ଗଯୁକ୍ତ । ୧ମ—ଯମ ଅର୍ଥାତ୍ ଅହିଂସା, ସତ୍ୟ, ଅସ୍ତେୟ (ଅଚୌର୍ଯ୍ୟ), ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ । ୨ୟ—ନିୟମ ଅର୍ଥାତ୍ ଶୌଚ, ସନ୍ତୋଷ, ତପସ୍ୟା, ସ୍ୱାଧ୍ୟାୟ (ଅଧ୍ୟାତ୍ମଶାସ୍ତ୍ର-ପାଠ) ଓ ଈଶ୍ୱର-ପ୍ରଣିଧାନ ବା ଈଶ୍ୱରଙ୍କଠାରେ ଆତ୍ମ-ସମର୍ପଣ । ୩ୟ—ଆସନ ଅର୍ଥାତ୍ ବସିବାର ପ୍ରଣାଳୀ । ୪ର୍ଥ—ପ୍ରାଣାୟାମ । ୫ମ—ପ୍ରତ୍ୟାହାର ଅର୍ଥାତ୍ ମନର ବିଷୟାଭିମୁଖୀ ଗତିକୁ ଫେରାଇ ତାହାକୁ ଅନ୍ତର୍ମୁଖୀ କରିବା । ୬ଷ୍ଠ—ଧାରଣା ଅର୍ଥାତ୍ ଏକାଗ୍ରତା । ୭ମ—ଧ୍ୟାନ । ୮ମ—ସମାଧି ଅର୍ଥାତ୍ ଜ୍ଞାନାତୀତ ଅବସ୍ଥା ।

ଆମେ ଦେଖିବାକୁ ପାଉଛୁ, ଯମ ଓ ନିୟମ ଚରିତ୍ରଗଠନର ସାଧନ; ଏଗୁଡ଼ିକୁ ଭିତ୍ତିରୂପେ ନ ରଖିଲେ କୌଣସିପ୍ରକାର ଯୋଗ-ସାଧନା ସିଦ୍ଧ ହେବ ନାହିଁ । ଯମ ଓ ନିୟମରେ ଦୃଢ଼ ପ୍ରତିଷ୍ଠିତ ହେଲେ ଯୋଗୀ ତାଙ୍କର ସାଧନାରେ ଅଗ୍ରସର ହୁଅନ୍ତି । ଏଗୁଡ଼ିକର ଅଭାବରେ ସାଧନାରେ କୌଣସି ଫଳ ମିଳିବ ନାହିଁ । ଯୋଗୀ କାୟମନୋବାକ୍ୟରେ କାହାରି ପ୍ରତି କେବେହେଲେ ଅନିଷ୍ଟଭାବ ପୋଷଣ କରିବେ ନାହିଁ । ତାଙ୍କର କରୁଣା କେବଳ ଯେ ମନୁଷ୍ୟ ଜାତିରେ ଆବଦ୍ଧ ରହିବ ତାହା ନୁହେଁ । ବରଂ ତାହା ଆହୁରି ବ୍ୟାପକ ହୋଇ ସମଗ୍ର ଜଗତକୁ ଆଲିଙ୍ଗନ କରିବ ।

ପରବର୍ତ୍ତୀ ସୋପାନ 'ଆସନ' । ଯେତେଦିନ ପର୍ଯ୍ୟନ୍ତ ଆମର କୌଣସି ଉଚ୍ଚ ଅବସ୍ଥା ଲାଭ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ପ୍ରତ୍ୟହ ନିୟମିତ ଭାବରେ କେତେଗୁଡ଼ିଏ ଶାରୀରିକ ଓ ମାନସିକ ପ୍ରକ୍ରିୟା ଗୋଟିଏ ପରେ ଗୋଟିଏ ଅଭ୍ୟାସ କରିଯିବାକୁ ହେବ । ଅତଏବ ବହୁ ସମୟ ଧରି ଏକ ଭାବରେ ବସି ରହି ହୁଏ, ଏପରି ଗୋଟିଏ ଆସନ ଅଭ୍ୟାସ କରିବା ବିଶେଷ ପ୍ରୟୋଜନ । ଯାହାକୁ ଯେଉଁ ଆସନରେ ବସିଲେ ଭଲ ଲାଗିବ, ସେ ସେହି ଆସନ ବାଛି ନେବ । ଜଣକ ପକ୍ଷରେ ଏକପ୍ରକାର ଆସନରେ ବସି ଚିନ୍ତା କରିବା ସହଜ ହୋଇପାରେ; କିନ୍ତୁ ଅନ୍ୟଜଣଙ୍କ ପକ୍ଷରେ ହୁଏତ ସେହି ଭାବରେ ବସିବା କଠିନ ହୋଇପାରେ । କ୍ରମଶଃ ଆମେମାନେ ବୁଝିପାରିବୁ ଯୋଗ-ସାଧନ କାଳରେ ଶରୀର ମଧ୍ୟରେ ନାନା ପ୍ରକାର କାର୍ଯ୍ୟ ଚାଲୁଥାଏ । ସ୍ନାୟବୀୟ ଶକ୍ତିପ୍ରବାହଗୁଡ଼ିକୁ ପରିବର୍ତ୍ତନ କରି ନୂତନ ପଥରେ ପ୍ରବାହିତ କରିବାକୁ ହେବ; ସେତେବେଳେ ଶରୀର ମଧ୍ୟରେ ନୂତନ ପ୍ରକାରର ସ୍ପନ୍ଦନ ବା କ୍ରିୟା ଆରମ୍ଭ ହେବ; ସମଗ୍ର ଶରୀରଟି ଯେପରି ପୁନର୍ଗଠିତ ହୋଇଯିବ । ଏହି କ୍ରିୟାର ଅଧିକାଂଶ ଭାଗ ମେରୁଦଣ୍ଡ ଅଭ୍ୟନ୍ତରରେ ହେବ; ସୁତରାଂ ଆସନ କଲାବେଳେ ମେରୁଦଣ୍ଡକୁ ସହଜ ଭାବରେ ରଖିବାକୁ ହେବ, ସଳଖ ହୋଇ ବସିବାକୁ ହେବ । ଆଉ ବକ୍ଷ, ଗ୍ରୀବା ଓ ମସ୍ତକ ସମଭାବରେ ରଖିବାକୁ ହେବ— ଯେପରି ଦେହର ସମଗ୍ର ଓଜନ ପଞ୍ଜରାଗୁଡ଼ିକ ଉପରେ ପଡ଼େ । ବକ୍ଷଦେଶ ବକ୍ର ରହିଲେ କୌଣସି ପ୍ରକାର ଉଚ୍ଚତର ଚିନ୍ତା କରିବା ସମ୍ଭବ ନୁହେଁ, ଏହା ଆମେ ସହଜରେ ବୁଝିପାରିବୁ ।

ରାଜଯୋଗର ଏହି ଅଂଶଟି ହଠଯୋଗ ସହିତ କେତେକାଂଶରେ ସମାନ । ହଠଯୋଗ କେବଳ ସ୍ଥୂଳଦେହର ଚର୍ଚ୍ଚା କରେ, ଏହାର ଉଦ୍ଦେଶ୍ୟ ସ୍ଥୂଳଦେହକୁ ସବଳ କରିବା । ହଠଯୋଗ

ସମ୍ବନ୍ଧରେ ଆମେ କୌଣସି ଆଲୋଚନା କରିବୁ ନାହିଁ, କାରଣ ଏହାର କ୍ରିୟାଗୁଡ଼ିକ ଅତ୍ୟନ୍ତ କଠିନ । ଏହା ସହଜରେ ଶିକ୍ଷା କରାଯାଏ ନାହିଁ; ଅଧିକନ୍ତୁ ଏହାଦ୍ୱାରା ବେଶୀ କିଛି ଆଧ୍ୟାତ୍ମିକ ଉନ୍ନତି ମଧ୍ୟ ହୁଏ ନାହିଁ । ଏହି ସକଳ କ୍ରିୟାର ଅଧିକାଂଶ ଡେଲସାର୍ଟ ଓ ଅନ୍ୟାନ୍ୟ ବ୍ୟାୟାମାଚାର୍ଯ୍ୟଙ୍କ ଗ୍ରନ୍ଥରେ ଦେଖିବାକୁ ମିଳେ । ଏଗୁଡ଼ିକଦ୍ୱାରା ମଧ୍ୟ ଶରୀରକୁ ଭିନ୍ନ ଭିନ୍ନ ଆସନରେ ସ୍ଥିର ରଖାଯାଏ । ଏଗୁଡ଼ିକର ଉଦ୍ଦେଶ୍ୟ ଦୈହିକ ଉନ୍ନତି, ଆଧ୍ୟାତ୍ମିକ ନୁହେଁ । ଶରୀରରେ ଏପରି କୌଣସି ପେଶୀ ନାହିଁ, ଯାହା ମନୁଷ୍ୟ ସମ୍ପୂର୍ଣ୍ଣଭାବରେ ନିୟନ୍ତ୍ରିତ କରି ନ ପାରେ—ହୃଦ୍‌ଯନ୍ତ୍ର ମଧ୍ୟ ହଠଯୋଗୀଙ୍କ ଆଦେଶରେ ରୁଦ୍ଧ ଅଥବା ଚାଳିତ ହୋଇପାରେ ।

ମନୁଷ୍ୟକୁ ଦୀର୍ଘଜୀବୀ କରିବା ହିଁ ହଠଯୋଗର ଉଦ୍ଦେଶ୍ୟ । ହଠଯୋଗୀମାନଙ୍କର ଏକମାତ୍ର ଲକ୍ଷ୍ୟ ସ୍ୱାସ୍ଥ୍ୟ । 'ମୋର ଯେପରି କୌଣସି ପୀଡ଼ା ନ ହୁଏ'—ଏହା ହିଁ ହଠଯୋଗୀମାନଙ୍କର ଦୃଢ଼ ସଙ୍କଳ୍ପ । ତେଣୁ ହଠଯୋଗୀଙ୍କର ପୀଡ଼ା ହୁଏ ନାହିଁ; ସେ ଦୀର୍ଘଜୀବୀ ମଧ୍ୟ ହୁଅନ୍ତି; ଶତବର୍ଷ ଜୀବିତ ରହିବା ତାଙ୍କ ପକ୍ଷରେ କିଛି ନୁହେଁ । ଦେଢ଼ଶହ ବର୍ଷ ବୟସରେ ମଧ୍ୟ ସେ ପୂର୍ଣ୍ଣ ଯୁବା ଓ ସତେଜ ଥାଆନ୍ତି; ତାଙ୍କର ଗୋଟିଏ ହେଲେ କେଶ ଶୁଭ୍ର ହୁଏ ନାହିଁ । କିନ୍ତୁ ହଠଯୋଗର ଉପକାରିତା ଏତିକି ମାତ୍ର । ବଟବୃକ୍ଷ କେବେ କେବେ ପାଞ୍ଚ ହଜାର ବର୍ଷ ପର୍ଯ୍ୟନ୍ତ ଜୀବିତ ଥାଏ, କିନ୍ତୁ ଏହା ଶେଷ ପର୍ଯ୍ୟନ୍ତ, ବଟବୃକ୍ଷ ହିଁ ରହେ, ତାଠାରୁ ଅଧିକ କିଛି ନୁହେଁ । ଦୀର୍ଘଜୀବୀ ମନୁଷ୍ୟ ଗୋଟିଏ ସୁସ୍ଥକାୟ ପ୍ରାଣୀ ମାତ୍ର, ବେଶୀ କିଛି ନୁହେଁ ।

ହଠଯୋଗୀମାନଙ୍କର ଗୋଟିଏ ଦୁଇଟି ଉପଦେଶ ଖୁବ୍ ଉପକାରୀ । ଶିରପୀଡ଼ା ହେଲେ ଶଯ୍ୟାରୁ ଉଠିଲା ମାତ୍ରେ ନାସିକା ଦେଇ ଶୀତଳ ଜଳ ପାନ କରିବ, ତାହେଲେ ସାରାଦିନ ତୁମର ମସ୍ତିଷ୍କ ବେଶ୍ ପରିଷ୍କାର ଓ ଶୀତଳ ରହିବ । ତୁମକୁ କେବେହେଲେ ଥଣ୍ଡା ଧରିବ ନାହିଁ । ନାସିକା ଦେଇ ଜଳପାନ କରିବା କଠିନ ନୁହେଁ । ନାସିକା ଜଳରେ ବୁଡ଼ାଇ ନାସା ଦେଇ ଜଳ ଟାଣ, ଜଳ ଆପେ ଭିତରକୁ ଯିବ ।

ଆସନ ସିଦ୍ଧ ହେଲେ କୌଣସି କୌଣସି ମତ ଅନୁସାରେ ନାଡ଼ୀଶୁଦ୍ଧି କରିବାକୁ ହୁଏ । ଏହା ରାଜଯୋଗର ଅନ୍ତର୍ଗତ ନୁହେଁ ବୋଲି ଅନେକେ ଏହାର ଆବଶ୍ୟକତା ସ୍ୱୀକାର କରନ୍ତି ନାହିଁ । କିନ୍ତୁ ଯେତେବେଳେ ଭାଷ୍ୟକାର ଶଙ୍କରାଚାର୍ଯ୍ୟଙ୍କ ସଦୃଶ ପ୍ରାମାଣିକ ଏହାର ବିଧାନ ଦେଇଛନ୍ତି, ଯେତେବେଳେ ମୁଁ ମନେକରେ, ଏହାର ଉଲ୍ଲେଖ କରିବା ଉଚିତ । ମୁଁ ଶ୍ୱେତାଶ୍ୱତର ଉପନିଷଦ୍‌ର ଭାଷ୍ୟରୁ ଏ ବିଷୟରେ ତାଙ୍କର ମତ ଉଦ୍ଧୃତ କରିବି— 'ପ୍ରାଣାୟାମଦ୍ୱାରା ଯେଉଁ ମନର ଆବିଳତା ବିଧୌତ ହୋଇଅଛି, ସେହି ମନ ହିଁ ବ୍ରହ୍ମରେ ସ୍ଥିର ହୁଏ । ଏଥିପାଇଁ ଶାସ୍ତ୍ରରେ ପ୍ରାଣାୟାମ ବିଷୟ କଥିତ ହୋଇଅଛି । ପ୍ରଥମେ ନାଡ଼ୀଶୁଦ୍ଧି କରିବାକୁ ପଡ଼େ, ତେବେ ଯାଇ ପ୍ରାଣାୟାମ କରିବାର ଶକ୍ତି ଆସେ । ବୃଦ୍ଧାଙ୍ଗୁଷ୍ଠଦ୍ୱାରା ଦକ୍ଷିଣ ନାସାପୁଟ ଧାରଣ କରି ବାମ ନାସାଦ୍ୱାରା ଯଥାଶକ୍ତି ବାୟୁ ଗ୍ରହଣ କରିବାକୁ ହେବ, ପରେ ବିନ୍ଦୁମାତ୍ର ସମୟ କ୍ଷୟ ନ କରି ବାମ ନାସା ବନ୍ଦ କରି ଦକ୍ଷିଣ ନାସାଦ୍ୱାରା ବାୟୁ ରେଚନ କରିବାକୁ ହେବ । ପୁନରାୟ ଦକ୍ଷିଣ ନାସାଦ୍ୱାରା ବାୟୁ ଗ୍ରହଣ କରି ଯଥାଶକ୍ତି ବାମ ନାସା ଦେଇ ବାୟୁ ରେଚନ କର । ଅହୋରାତ୍ର

ଚାରି ଥର ଅର୍ଥାତ୍ ଉଷା, ମଧ୍ୟାହ୍ନ, ସାୟାହ୍ନ ଓ ନିଶୀଥ, ଏହି ଚାରି ସମୟରେ ପୂର୍ବୋକ୍ତ କ୍ରିୟା ତିନି ଥର ଅଥବା ପାଞ୍ଚ ଥର ଅଭ୍ୟାସ କଲେ ଏକ ପକ୍ଷ ଅଥବା ଏକ ମାସ ମଧ୍ୟରେ ନାଡ଼ୀ–ଶୁଦ୍ଧି ହେବ, ତା ପରେ ଯାଇ ଆମର ପ୍ରାଣାୟାମରେ ଅଧିକାର ଆସିବ ।'*

ଅଭ୍ୟାସ ହିଁ ଏକାନ୍ତ ଆବଶ୍ୟକ । ତୁମେ ପ୍ରତିଦିନ ଅନେକ ସମୟ ବସିରହି ମୋ କଥା ଶୁଣିପାର, କିନ୍ତୁ ଅଭ୍ୟାସ ନ କଲେ ବିନ୍ଦୁଏ ମାତ୍ର ଅଗ୍ରସର ହୋଇପାରିବ ନାହିଁ । ସାଧନ ଉପରେ ସବୁକିଛି ନିର୍ଭର କରେ । ପ୍ରତ୍ୟକ୍ଷାନୁଭୂତି ନ ହେଲେ ଏ ସକଳ ତତ୍ତ୍ୱ କିଛି ହେଲେ ବୁଝିହୁଏ ନାହିଁ । ନିଜେ ଅନୁଭବ କରିବାକୁ ହେବ, କେବଳ ବ୍ୟାଖ୍ୟା ଓ ମତ ଶୁଣିଲେ ଚଳିବ ନାହିଁ । ସାଧନରେ ଅନେକ ବିଘ୍ନ ଅଛି । ପ୍ରଥମ ବିଘ୍ନ ବ୍ୟାଧିଗ୍ରସ୍ତ ଦେହ–ଶରୀର ସୁସ୍ଥ ନ ରହିଲେ ସାଧନରେ ବ୍ୟତିକ୍ରମ ହେବ । ଏଥିପାଇଁ ଶରୀରକୁ ସୁସ୍ଥ ରଖିବାକୁ ହେବ । କି ପ୍ରକାର ପାନାହାର କରିବ, କିପରି କାର୍ଯ୍ୟ କରିବ— ଏ ସକଳ ବିଷୟ ପ୍ରତି ବିଶେଷ ଯତ୍ନ ଓ ମନୋଯୋଗ ରଖିବା ଆବଶ୍ୟକ । ଶରୀରକୁ ସବଳ ରଖିବା ପାଇଁ ସର୍ବଦା ମନର ଶକ୍ତି ପ୍ରୟୋଗ କର—'ଖ୍ରୀଷ୍ଟିୟାନ୍ ସାୟେନ୍ସ୍' (Christian Science)** ମତାବଲମ୍ବୀମାନେ ସାଧାରଣତଃ ଯେପରି କରିଥାଆନ୍ତି । ବାସ ସେତିକି, ଶରୀର ପାଇଁ ଅନ୍ୟ ଆଉ କିଛି କରିବାର ଆବଶ୍ୟକତା ନାହିଁ । ସ୍ୱାସ୍ଥ୍ୟରକ୍ଷା ଉଦ୍ଦେଶ୍ୟସାଧନର ଗୋଟିଏ ଉପାୟ ମାତ୍ର—ଏହା ଯେପରି ଆମେ କେବେହେଲେ ନ ଭୁଲୁ । ଯଦି ସ୍ୱାସ୍ଥ୍ୟ ହିଁ ଉଦ୍ଦେଶ୍ୟ ହୁଅନ୍ତା, ତେବେ ତ ଆମେ ପଶୁତୁଲ୍ୟ ହୋଇଥାଆନ୍ତୁ । ପଶୁମାନେ କଦାଚିତ୍ ଅସୁସ୍ଥ ହୁଅନ୍ତି ।

ଦ୍ୱିତୀୟ ବିଘ୍ନ ହେଉଛି ସନ୍ଦେହ । ଆମେ ଯାହା ଦେଖିପାରୁନାହୁଁ, ସେ ବିଷୟରେ ସନ୍ଦିଗ୍ଧ ହୋଇଥାଉ । ମନୁଷ୍ୟ ଯେତେ ଚେଷ୍ଟା କରୁ ନା କାହିଁକି, କେବଳ କଥା ଉପରେ ନିର୍ଭର କରି ସେ କେବେହେଲେ ସ୍ଥିର ନିଶ୍ଚିତ ରହିପାରେ ନାହିଁ ଏବଂ ଏହି କାରଣରୁ ଯୋଗଶାସ୍ତ୍ରୋକ୍ତ ବିଷୟର ସତ୍ୟତା ସମ୍ବନ୍ଧରେ ସନ୍ଦେହ ଉପସ୍ଥିତ ହୁଏ । ଶ୍ରେଷ୍ଠ ବ୍ୟକ୍ତିମାନେ ମଧ୍ୟ ବେଳେବେଳେ ସନ୍ଦେହ କରିଥାଆନ୍ତି । କିନ୍ତୁ ସାଧନ କରିବାକୁ ଆରମ୍ଭ କଲେ ଅତି ଅଳ୍ପ ଦିନ ମଧ୍ୟରେ କିଛି କିଛି ଆଭାସ ମିଳେ ଏବଂ ସାଧନ ବିଷୟରେ ଆମର ଉତ୍ସାହ ବର୍ଦ୍ଧିତ ହୁଏ । ଯୋଗଶାସ୍ତ୍ରର ଜନୈକ

---

* ପ୍ରାଣାୟାମ - କ୍ଷୟିତ—ମନୋମଳସ୍ୟ ଚିତ୍ତଂ ବ୍ରହ୍ମଣି ସ୍ଥିତଂ ଭବତୀତି ପ୍ରାଣାୟାମୋ ନିର୍ଦ୍ଦିଶ୍ୟତେ । ପ୍ରଥମଂ ନାଡ଼ୀଶୋଧନଂ କର୍ତ୍ତବ୍ୟମ୍ । ତତଃ ପ୍ରାଣାୟାମେଽଧିକାରଃ । ଦକ୍ଷିଣ–ନାସିକାପୁଟମଙ୍ଗୁଲ୍ୟାବଷ୍ଟଭ୍ୟ ବାମେନ ବାୟୁଂ ପୁରୟେଦ୍ ଯଥାଶକ୍ତି । ତତୋଽନନ୍ତରମୁତ୍ସୃଜ୍ୟୈବଂ ଦକ୍ଷିଣେନ ପୁଟେନ ସମୁତ୍ସୃଜେତ୍ । ସବ୍ୟମପି ଧାରୟେତ୍ । ପୁନର୍ଦକ୍ଷିଣେନ ପୁରୟିତ୍ୱା ସବ୍ୟେନ ସମୁତ୍ସୃଜେଦ୍ ଯଥାଶକ୍ତି । ତ୍ରିଃପଞ୍ଚକୃତ୍ୱୋ ବୈବମଭ୍ୟସ୍ୟତଃ ସବନଚତୁଷ୍ଟୟମପରରାତ୍ରେ ମଧ୍ୟାହ୍ନେ ପୂର୍ବରାତ୍ରେଽର୍ଦ୍ଧରାତ୍ରେ ଚ ପକ୍ଷାନ୍ମାସାଦ୍ୱିଶୁଦ୍ଧିର୍ଭବତି ।

—ଶଙ୍କରଭାଷ୍ୟ, ଶ୍ୱେତାଶ୍ୱତର ଉପନିଷଦ୍, ୨/୮

** Chirstian Science– ଏହି ସମ୍ପ୍ରଦାୟ ମିସେସ୍ ଏଡ଼ି (Mrs. Eddy)ନାମକ ଏକ ଆମେରିକାନ୍ ମହିଳାଙ୍କଦ୍ୱାରା ପ୍ରତିଷ୍ଠିତ ହୁଏ । ତାଙ୍କ ମତରେ ଜଡ଼ ବୋଲି ବାସ୍ତବିକ କୌଣସି ପଦାର୍ଥ ନାହିଁ । ତାହା କେବଳ ମନର ଭ୍ରମ ମାତ୍ର । ବିଶ୍ୱାସ କରିବାକୁ ହେବ ଯେ ଆମର କୌଣସି ରୋଗ ନାହିଁ, ତା'ହେଲେ ଆମେ ତତ୍କ୍ଷଣାତ୍ ରୋଗମୁକ୍ତ ହେବୁ । ଏହି ବିଦ୍ୟାର (Chirstian Science) ନାମକରଣ ହେବାର କାରଣ ହେଉଛି, ଏହି ମତାବଲମ୍ବୀମାନେ କହନ୍ତି, 'ଆମେ ଖ୍ରୀଷ୍ଟଙ୍କ ପ୍ରକୃତ ପଦାନୁସରଣକାରୀ । ଖ୍ରୀଷ୍ଟ ଯେଉଁ ସକଳ ଅଦ୍ଭୁତ କ୍ରିୟା କରିଥିଲେ, ଆମେ ମଧ୍ୟ ସେଥିରେ ସମର୍ଥ ଏବଂ ସର୍ବପ୍ରକାର ଦୋଷଶୂନ୍ୟ ଜୀବନଯାପନ କରିବା ଆମମାନଙ୍କର ଉଦ୍ଦେଶ୍ୟ ।'

ଟୀକାକାର କହିଛନ୍ତି, 'ଯୋଗଶାସ୍ତ୍ରର' ସତ୍ୟତା ସମ୍ବନ୍ଧରେ ଯଦି ଗୋଟିଏ ସାମାନ୍ୟ ପ୍ରମାଣ ମିଳେ, ସେଥିରୁ ହିଁ ସମଗ୍ର ଯୋଗଶାସ୍ତ୍ର ଉପରେ ଆମର ବିଶ୍ୱାସ ହେବ । କେତେ ମାସ ସାଧନା ପରେ ଦେଖିବ ଯେ ତୁମେ ଅନ୍ୟମାନଙ୍କର ମନୋଭାବ ବୁଝିପାରୁଛ, ସେଗୁଡ଼ିକ ତୁମ ନିକଟକୁ ଛବି ପରି ଆସୁଛି; ଅତି ଦୂରରେ କୌଣସି ଶବ୍ଦ ବା କଥାବାର୍ତ୍ତା ହେଉଛି, ଯଦି ତୁମେ ମନ ଏକାଗ୍ର କରି ଶୁଣିବାକୁ ଚେଷ୍ଟା କରିବ ତା'ହେଲେ ହୁଏତ ତାହା ଶୁଣିପାରିବ । ପ୍ରଥମ ଅବସ୍ଥାରେ ଏସବୁ ଘଟଣା ବେଶୀ ଦେଖିପାରିବ ନାହିଁ, କିନ୍ତୁ ଯାହା ଦେଖିବ ସେଥିରୁ ହିଁ ତୁମର ବିଶ୍ୱାସ, ବଳ ଓ ଆଶା ବଢ଼ିବ । ଉଦାହରଣ ସ୍ୱରୂପ, ଯଦି ନାସିକାଗ୍ରରେ ଚିତ୍ତ ସଂଯମ କର, ତେବେ ଅଳ୍ପ ଦିନ ମଧ୍ୟରେ ହିଁ ଦିବ୍ୟ ସୁଗନ୍ଧ ଆଘ୍ରାଣ କରିପାରିବ ଓ ବୁଝିପାରିବ ଯେ, ଆମର ମନ ବସ୍ତୁର ବାସ୍ତବ ସଂସ୍ପର୍ଶରେ ନ ଆସି ମଧ୍ୟ ତାହା ଅନୁଭବ କରିପାରେ । କିନ୍ତୁ ଆମମାନଙ୍କର ସର୍ବଦା ସ୍ମରଣ ରଖିବା ଆବଶ୍ୟକ ଯେ, ଏହି ସକଳ ସିଦ୍ଧିର ସ୍ୱତନ୍ତ୍ର ଭାବରେ କୌଣସି ମୂଲ୍ୟ ନାହିଁ, ଏଗୁଡ଼ିକ ଆମମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ସାଧନର ସହାୟ ମାତ୍ର । ଆମମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ, ଏ ସକଳ ସାଧନର ଏକମାତ୍ର ଲକ୍ଷ୍ୟ—ଏକମାତ୍ର ଉଦ୍ଦେଶ୍ୟ ଆତ୍ମାର ମୁକ୍ତି । ପ୍ରକୃତିକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରିତ କରିବା ହିଁ ଆମମାନଙ୍କର ଏକମାତ୍ର ଲକ୍ଷ୍ୟ; ଏହା ଅପେକ୍ଷା ଛୋଟ କୌଣସି ଆଦର୍ଶ ଆମମାନଙ୍କର ଲକ୍ଷ୍ୟ ହୋଇ ନ ପାରେ । ଆମେ ପ୍ରକୃତି ଉପରେ ପ୍ରଭୁତ୍ୱ କରିବୁ, ପ୍ରକୃତିର କ୍ରୀତଦାସ ହେବୁ ନାହିଁ । ଶରୀର ବା ମନ କିଛି ହେଲେ ଯେପରି ଆମମାନଙ୍କ ଉପରେ ପ୍ରଭୁତ୍ୱ କରି ନ ପାରେ; ପୁନଶ୍ଚ ଏକଥା ମଧ୍ୟ ଆମମାନଙ୍କର ବିସ୍ମୃତ ହେବା ଉଚିତ ନୁହେଁ ଯେ—ଶରୀର ମୋର, ମୁଁ ଶରୀରର ନୁହେଁ ।

ଜଣେ ଦେବତା ଓ ଜଣେ ଅସୁର ଆତ୍ମଜିଜ୍ଞାସୁ ହୋଇ ଏକ ଜ୍ଞାନୀଙ୍କ (ବ୍ରହ୍ମାଙ୍କ)* ନିକଟକୁ ଯାଇଥିଲେ । ସେମାନେ ସେହି ମହାପୁରୁଷଙ୍କ ନିକଟରେ ଦୀର୍ଘକାଳ ଧରି ଶିକ୍ଷା ଗ୍ରହଣ କଲେ । କିଛିଦିନ ପରେ ମହାପୁରୁଷ ସେମାନଙ୍କୁ କହିଲେ, 'ତୁମେମାନେ ଯାହାଙ୍କୁ ଅନ୍ୱେଷଣ କରୁଅଛ, ତୁମେମାନେ ନିଜେ ସେହି ପୁରୁଷ ।' ସେମାନେ ଭାବିଲେ, ତେବେ 'ଦେହ ହିଁ ବୋଧହୁଏ ଆତ୍ମା ।' ସେତେବେଳେ ସେମାନେ ଉଭୟେ ସନ୍ତୁଷ୍ଟ ଚିତ୍ତରେ ସ୍ୱସ୍ୱ ସ୍ଥାନରେ ପ୍ରସ୍ଥାନ କଲେ । ସେମାନେ ସ୍ୱଜାତିଙ୍କ ନିକଟକୁ ଫେରିଯାଇ କହିଲେ, 'ଆମେ ଯାହା ଶିକ୍ଷଣୀୟ ତାହା ସମସ୍ତ ଶିକ୍ଷାକରି ଆସିଅଛୁ । ବର୍ତ୍ତମାନ ଚାଲ, ପାନଭୋଜନ କରିବା ଓ ଆନନ୍ଦରେ ମତ୍ତ ହେବା—କାରଣ ଆମେ ହିଁ ସେହି ଆତ୍ମା; ଏହା ବ୍ୟତୀତ ଅନ୍ୟ କୌଣସି ପଦାର୍ଥ ନାହିଁ ।' ଅସୁରର ସ୍ୱଭାବ ଅଜ୍ଞାନମେଘରେ ଆବୃତ ଥିଲା, ସୁତରାଂ ସେ ଆଉ ଏ ବିଷୟରେ ଅଧିକ କିଛି ଅନ୍ୱେଷଣ କଲା ନାହିଁ । ନିଜକୁ ଆତ୍ମା ବା ଈଶ୍ୱର ଭାବି ସନ୍ତୁଷ୍ଟ ହେଲା; 'ଆତ୍ମା' କହିଲେ ସେ ଦେହକୁ ବୁଝିଲା । କିନ୍ତୁ ଦେବତାଙ୍କର ସ୍ୱଭାବ ଅପେକ୍ଷାକୃତ ପବିତ୍ର ଥିଲା, ସେ ମଧ୍ୟ ପ୍ରଥମେ ଏହି ଭ୍ରମରେ ପଡ଼ିଥିଲେ ଯେ, 'ମୁଁ' ଅର୍ଥରେ ଏହି ଶରୀର, ଏହା ହିଁ ବ୍ରହ୍ମ; ଅତଏବ ଏହାକୁ ସବଳ ଓ ସୁସ୍ଥ ରଖ, ସୁନ୍ଦର ବସନଭୂଷଣରେ ସଜାଅ, ସର୍ବପ୍ରକାର ଦୈହିକ ସୁଖ ସମ୍ଭୋଗ କର । କିନ୍ତୁ କିଛିଦିନ ଯାଇଛି କି ନାହିଁ, ତାଙ୍କର ବୋଧ ହେଲା, ଗୁରୁଙ୍କ ଉପଦେଶ ଏହା ନୁହେଁ, ଏହା ଅପେକ୍ଷା ଉଚ୍ଚତର ଅର୍ଥ କିଛି ଅଛି । ସେ ସେତେବେଳେ ଗୁରୁଙ୍କ ନିକଟକୁ ଫେରି ଆସି ପଚାରିଲେ,

---

* ଇନ୍ଦ୍ରବିରୋଚନସମ୍ବାଦ—ଛାନ୍ଦୋଗ୍ୟ ଉପ., (୮।୭।୧୫) ଦ୍ରଷ୍ଟବ୍ୟ ।

'ଗୁରୁଦେବ, ଆପଣଙ୍କ ଶିକ୍ଷାର ତାତ୍ପର୍ଯ୍ୟ କଣ ଏହା ଯେ, ଶରୀର ହିଁ ଆତ୍ମା ?—କିନ୍ତୁ ତାହା କିପରି ସମ୍ଭବ ? ଶରୀରମାତ୍ରେ ମୃତ୍ୟୁମୁଖରେ ପତିତ ହୁଏ, କିନ୍ତୁ ଆତ୍ମାର ତ ମୃତ୍ୟୁ ନାହିଁ । ଆଚାର୍ଯ୍ୟ କହିଲେ, 'ତୁମେ ନିଜେ ଏହାର ଅର୍ଥ ଉପଲବ୍ଧି କର; ତୁମେ ହିଁ ସେହି ଆତ୍ମା ।' ସେତେବେଳେ ଶିଷ୍ୟ ଭାବିଲେ ଯେ, ଶରୀରରେ ଯେଉଁ ପ୍ରାଣ ରହିଅଛି, ତାହାକୁ ଲକ୍ଷ୍ୟ କରି ବୋଧହୁଏ ଗୁରୁ ପୂର୍ବୋକ୍ତ ଉପଦେଶ ଦେଇଥିବେ । କିନ୍ତୁ ସେ ଦେଖିବାକୁ ପାଇଲେ ଯେ, ଭୋଜନ କଲେ ପ୍ରାଣ ସତେଜ ରହେ, ଉପବାସ କଲେ ପ୍ରାଣ ଦୁର୍ବଳ ହୋଇପଡ଼େ । ସେତେବେଳେ ସେ ପୁନରାୟ ଗୁରୁଙ୍କ ନିକଟକୁ ଯାଇ କହିଲେ, 'ଗୁରୁଦେବ, ଆପଣ କଅଣ ପ୍ରାଣକୁ ଆତ୍ମା ବୋଲି କହିଛନ୍ତି ?' ଗୁରୁ କହିଲେ, 'ସ୍ୱୟଂ ଏହାର ଅର୍ଥ ନିର୍ଣ୍ଣୟ କର, ତୁମେ ତାହା ।' ଦେବତା ଫେରିଯାଇ ଭାବିବାକୁ ଲାଗିଲେ । ତେବେ ମନ ହିଁ 'ଆତ୍ମା' ହେବ । କିନ୍ତୁ ଶୀଘ୍ର ବୁଝିପାରିଲେ ଯେ, ମନୋବୃତ୍ତି ନାନାବିଧ, ମନରେ କେତେବେଳେ ସାଧୁବୃତ୍ତି ପୁନଶ୍ଚ କେତେବେଳେ ବା ଅସଦ୍‌ବୃତ୍ତି ଜାଗ୍ରତ ହେଉଅଛି; ମନ ଏତେ ପରିବର୍ତ୍ତନଶୀଳ ଯେ, ତାହା କେବେହେଲେ ଆତ୍ମା ହୋଇ ନ ପାରେ । ସେତେବେଳେ ସେ ପୁନରାୟ ଗୁରୁଙ୍କ ନିକଟକୁ ଯାଇ କହିଲେ, 'ମୋର ତ ମନେ ହେଉନାହିଁ ଯେ ମନ ହିଁ ଆତ୍ମା, ଆପଣଙ୍କ କଥାର ତାତ୍ପର୍ଯ୍ୟ କଅଣ ଏହା ?' ଗୁରୁ କହିଲେ, 'ନା, ତୁମେ ହିଁ ତାହା । ନିଜେ ଏହାର ଅର୍ଥ ଖୋଜି ବାହାର କର ।' ଦେବତା ଫେରିଗଲେ । ଅବଶେଷରେ ତାଙ୍କର ଜ୍ଞାନୋଦୟ ହେଲା, 'ମୁଁ ସମସ୍ତ ମନୋବୃତ୍ତିର ଅତୀତ ଆତ୍ମା; ମୁଁ ଏକ, ମୋର ଜନ୍ମ ନାହିଁ, ମୃତ୍ୟୁ ନାହିଁ, ତରବାରି ମୋତେ ଛେଦନ କରିପାରେ ନାହିଁ, ଅଗ୍ନି ଦଗ୍‌ଧ କରିପାରେ ନାହିଁ, ବାୟୁ ଶୁଷ୍କ କରିପାରେ ନାହିଁ, ଜଳ ଦ୍ରବୀଭୂତ କରିପାରେ ନାହିଁ, ମୁଁ ଅନାଦି, ଅନନ୍ତ, ଅଚଳ, ଅସ୍ପର୍ଶ, ସର୍ବଜ୍ଞ, ସର୍ବଶକ୍ତିମାନ୍ ପୁରୁଷ । ଆତ୍ମା ଶରୀର ବା ମନ ନୁହେଁ; ଆତ୍ମା ଏ ସକଳର ଅତୀତ ।' ଏହି ଭାବରେ ଦେବତାଙ୍କର ଜ୍ଞାନୋଦୟ ହେଲା ଏବଂ ସେ ଆନନ୍ଦରେ ତୃପ୍ତ ହେଲେ, କିନ୍ତୁ ଅସୁର ବିଚରାର ସତ୍ୟଲାଭ ହେଲା ନାହିଁ, କାରଣ ତା'ର ଦେହ ପ୍ରତି ଆସକ୍ତି ତୀବ୍ର ଥିଲା ।

ଏ ଜଗତରେ ଅସୁର ପ୍ରକୃତିର ଲୋକ ଅନେକ ଅଛନ୍ତି; କିନ୍ତୁ ଦେବତା ଯେ ଆଦୌ ନାହାନ୍ତି ତାହା ନୁହେଁ । ଯଦି କେହି କହେ, 'ଆସ, ତୁମମାନଙ୍କୁ ଏପରି ଏକ ବିଦ୍ୟା ଶିଖାଇବି, ଯାହାଦ୍ୱାରା ତୁମର ଇନ୍ଦ୍ରିୟସୁଖ ଅନନ୍ତଗୁଣ ବର୍ଦ୍ଧିତ ହେବ,' ତାହେଲେ ଅଗଣିତ ଲୋକ ତାଙ୍କ ନିକଟକୁ ଦଉଡ଼ିବେ । କିନ୍ତୁ ଯଦି କେହି କହନ୍ତି, 'ଆସ ତୁମମାନଙ୍କୁ ଜୀବନର ଚରମ ଲକ୍ଷ୍ୟ ପରମାତ୍ମାଙ୍କ ବିଷୟରେ ମୁଁ ଶିକ୍ଷା ଦେବି,' ତେବେ ତାଙ୍କ ନିକଟକୁ କେହି ଯିବେ ନାହିଁ । ଉଚ୍ଚ ତତ୍ତ୍ୱକୁ ଧାରଣା କରିବାର ଶକ୍ତି ଅତି ଅଳ୍ପ ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳେ; ସତ୍ୟଲାଭ କରିବା ପାଇଁ ଅଧ୍ୟବସାୟଶୀଳ ଲୋକଙ୍କ ସଂଖ୍ୟା ଅତ୍ୟନ୍ତ ବିରଳ । କିନ୍ତୁ ସଂସାରରେ ପୁଣି ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ ଜାଣନ୍ତି, ଶରୀରକୁ ହଜାରେ ବର୍ଷ ବଞ୍ଚାଇ ରଖିଲେ ମଧ୍ୟ ଶେଷରେ ତା'ର ସେହି ଏକା ଗତି । ଯେଉଁ ସକଳ ଶକ୍ତିଦ୍ୱାରା ଶରୀର ବିଧୃତ ହୋଇଅଛି, ସେଗୁଡ଼ିକ ଅପସୃତ ହେଲେ ଦେହ ରହିବ ନାହିଁ । ମୁହୂର୍ତ୍ତେ ପାଇଁ ମଧ୍ୟ ଶରୀରର ପରିବର୍ତ୍ତନ ନିବାରଣ କରିବା ପାଇଁ କେହି ସମର୍ଥ ହୋଇ ନାହାନ୍ତି । 'ଶରୀର ଆଉ କଅଣ ? ତାହା କେତେଗୁଡ଼ିଏ ପରିବର୍ତ୍ତନଶୀଳ ପରମାଣୁର ସମଷ୍ଟି ମାତ୍ର । ନଦୀର ଦୃଷ୍ଟାନ୍ତରୁ ଏହି ତତ୍ତ୍ୱ ସହଜରେ ବୋଧଗମ୍ୟ ହୁଏ । ଯେପରି ତୁମ ସମ୍ମୁଖରେ ନଦୀର ଜଳରାଶି ପ୍ରତି ମୁହୂର୍ତ୍ତରେ

ପ୍ରବାହିତ ହେଉଅଛି, ନୂତନ ଜଳରାଶି ଆସୁଅଛି । କିନ୍ତୁ ନଦୀର ଆକାର ପୂର୍ବ ପରି ରହିଛି । ଏ ଶରୀର ମଧ୍ୟ ଠିକ୍ ସେହିପରି ।' ତଥାପି ଶରୀରକୁ ସୁସ୍ଥ ଓ ବଳିଷ୍ଠ ରଖିବା ଆବଶ୍ୟକ; କାରଣ ଶରୀର ସାହାଯ୍ୟରେ ହିଁ ଆମମାନଙ୍କୁ ଜ୍ଞାନଲାଭ କରିବାକୁ ହେବ । ଶରୀର ହିଁ ଆମମାନଙ୍କର ଶ୍ରେଷ୍ଠ ଯନ୍ତ୍ର ।

ବିଶ୍ୱଜଗତରେ ଏହି ମାନବଦେହ ହିଁ ଶ୍ରେଷ୍ଠ ଦେହ ଏବଂ ମନୁଷ୍ୟ ହିଁ ଶ୍ରେଷ୍ଠ ଜୀବ । ମନୁଷ୍ୟ ସର୍ବପ୍ରକାର ଜୀବଜନ୍ତୁଠାରୁ, ଏପରିକି ଦେବାଦିମାନଙ୍କ ଠାରୁ ମଧ୍ୟ ଉଚ୍ଚତର; ମନୁଷ୍ୟ ଅପେକ୍ଷା ଉଚ୍ଚତର ଆଉ କେହି ନାହିଁ । ଦେବତାମାନଙ୍କୁ ପୃଥିବୀରେ ଜନ୍ମଗ୍ରହଣ କରିବାକୁ ପଡ଼େ ଏବଂ ମାନବ-ଦେହ ମାଧ୍ୟମରେ ଜ୍ଞାନଲାଭ କରିବାକୁ ପଡ଼େ । ଏକମାତ୍ର ମନୁଷ୍ୟ ହିଁ ଜ୍ଞାନଲାଭର ଅଧିକାରୀ, ଦେବତାମାନେ ମଧ୍ୟ ଏ ଜ୍ଞାନରୁ ବଞ୍ଚିତ । ଇହୁଦୀ ଓ ମୁସଲମାନମାନଙ୍କ ମତରେ ଦେବଦୂତ ଓ ଅନ୍ୟାନ୍ୟ ସବୁକିଛି ସୃଷ୍ଟି କରିବା ପରେ ଈଶ୍ୱର ମନୁଷ୍ୟକୁ ସୃଷ୍ଟି କଲେ, ତା'ପରେ ଦେବଦୂତମାନଙ୍କୁ ଡାକି ମନୁଷ୍ୟକୁ ପ୍ରଣାମ ଓ ଅଭିନନ୍ଦନ କରିବାକୁ କହିଲେ । ଇବ୍ଲିଶ୍ ବ୍ୟତୀତ ସମସ୍ତେ ପ୍ରଣାମ କଲେ । ସେଥିପାଇଁ ଈଶ୍ୱର ଇବ୍ଲିଶ୍‌କୁ ଅଭିଶାପ ଦେଲେ; ସେ 'ସଇତାନ'ରେ ପରିଣତ ହେଲା । ଏହି ରୂପକର ଆବରଣରେ ଗୋଟିଏ ମହତ୍ ସତ୍ୟ ଲୁକ୍‌କାୟିତ ଅଛି— ଜଗତରେ ମାନବଜନ୍ମ ହିଁ ଶ୍ରେଷ୍ଠ ଜନ୍ମ । ପଶ୍ୱାଦି ନିମ୍ନତର ସୃଷ୍ଟି ତମପ୍ରଧାନ । ପଶୁମାନେ କୌଣସି ଉଚ୍ଚ ତତ୍ତ୍ୱର ଧାରଣା କରିପାରନ୍ତି ନାହିଁ । ଦେବତାମାନେ ମଧ୍ୟ ମନୁଷ୍ୟଜନ୍ମ ବ୍ୟତୀତ ମୁକ୍ତି ଲାଭ କରିପାରନ୍ତି ନାହିଁ । ଅତଏବ ମନୁଷ୍ୟସମାଜରେ ଆତ୍ମୋନ୍ନତି ପାଇଁ ଅଧିକ ଅର୍ଥ ଅନୁକୂଳ ନୁହେଁ, ପୁନଶ୍ଚ ଏକାବେଳେକେ ନିଃସ୍ୱ ହେଲେ ମଧ୍ୟ ଉନ୍ନତି ସୁଦୂରପରାହତ ହୁଏ । ମଧ୍ୟବିତ୍ତ ଶ୍ରେଣୀରୁ ହିଁ ଜଗତର ମହାପୁରୁଷ ସମସ୍ତେ ଜନ୍ମଗ୍ରହଣ କରିଛନ୍ତି, କାରଣ ଏହି ସ୍ତରରେ ହିଁ ବିରୋଧୀ ଶକ୍ତିଗୁଡ଼ିକର ସମନ୍ୱୟ ଓ ସାମଞ୍ଜସ୍ୟ ଦେଖିବାକୁ ମିଳେ ।

ବର୍ତ୍ତମାନ ପ୍ରକୃତ ପ୍ରସ୍ତାବର ଅନୁସରଣ କରାଯାଉ । ଆମମାନଙ୍କୁ ବର୍ତ୍ତମାନ 'ପ୍ରାଣାୟାମ' ବା ଶ୍ୱାସ-ପ୍ରଶ୍ୱାସ ନିୟନ୍ତ୍ରଣ ବିଷୟ ଆଲୋଚନା କରିବାକୁ ହେବ । ଦେଖାଯାଉ, ମନର ଶକ୍ତିଗୁଡ଼ିକୁ ଏକାଗ୍ର କରିବା ସହିତ ଏହାର କି ସମ୍ବନ୍ଧ ? ଶ୍ୱାସପ୍ରଶ୍ୱାସ ଯେପରି ଏହି ଦେହ-ଯନ୍ତ୍ରର ଗତି-ନିୟାମକ ମୂଳ-ଚକ୍ର (**fly-wheel**) । ଗୋଟିଏ ବଡ଼ ଇଞ୍ଜିନରେ ଦେଖିବାକୁ ପାଇବ ଯେ, ଗୋଟିଏ ବୃହତ୍ ଚକ୍ର ଘୂରୁଅଛି, ସେହି ଚକ୍ରର ଗତି କ୍ରମଶଃ ସୂକ୍ଷ୍ମରୁ ସୂକ୍ଷ୍ମତର ଯନ୍ତ୍ରଗୁଡ଼ିକୁ ସଞ୍ଚାରିତ ହୋଇଥାଏ । ଏହି ଭାବରେ ସେହି ଇଞ୍ଜିନର ଅତି ସୂକ୍ଷ୍ମ ଯନ୍ତ୍ରଗୁଡ଼ିକ ପର୍ଯ୍ୟନ୍ତ ଗତିଶୀଳ ହୁଏ । ଶ୍ୱାସ-ପ୍ରଶ୍ୱାସ ସେହି ଗତି-ନିୟାମକ ମୂଳ-ଚକ୍ର ପରି । ଏହା ଶରୀରରେ ସର୍ବତ୍ର ଯେ କୌଣସି ଆବଶ୍ୟକୀୟ ଶକ୍ତି ଯୋଗାଉଅଛି ଏବଂ ତାହାକୁ ନିୟମିତ କରୁଅଛି ।

କୌଣସି କାରଣ ହେତୁ ମନ୍ତ୍ରୀ ରାଜାଙ୍କର ଅପ୍ରିୟ ହେବାରୁ ରାଜା ତାହାଙ୍କୁ ଗୋଟିଏ ଉଚ୍ଚ ଦୁର୍ଗର ଚୂଡ଼ାରେ ଆବଦ୍ଧ କରି ରଖିବା ପାଇଁ ଆଦେଶ ଦେଲେ । ରାଜାଙ୍କ ଆଦେଶ ପ୍ରତିପାଳିତ ହେଲା; ମନ୍ତ୍ରୀ ସେଠାରେ ମୃତ୍ୟୁର ପ୍ରତୀକ୍ଷା କରିବାକୁ ଲାଗିଲେ । ମନ୍ତ୍ରୀଙ୍କର ପତିବ୍ରତା ଭାର୍ଯ୍ୟା ରାତିରେ ଦୁର୍ଗ ସମୀପକୁ ଆସି ଦୁର୍ଗଶୀର୍ଷସ୍ଥିତ ପତିଙ୍କୁ କହିଲେ, 'ମୁଁ କିପରି ଆପଣଙ୍କୁ ସାହାଯ୍ୟ କରିପାରେ କହନ୍ତୁ ।' ମନ୍ତ୍ରୀ କହିଲେ, 'ଆସନ୍ତା କାଲି ରାତିରେ ଗୋଟିଏ ଲମ୍ବା ରଜ୍ଜୁ, ବିଣ୍ଡାଏ ଶକ୍ତ ଦଉଡ଼ି, ଏକ ବଣ୍ଡିଲ ସୂତା, କିଛି ସୂକ୍ଷ୍ମ ରେଶମ ସୂତା, ଗୋଟିଏ ଗୋବର ପୋକ ଓ କିଛି ପରିମାଣର ମହୁ ଆଣିବ ।' ତାଙ୍କ ସହଧର୍ମିଣୀ ଏହି କଥା ଶୁଣି ଅତିଶୟ ବିସ୍ମୟାବିଷ୍ଟା ହେଲେ ।

ଯାହାହେଉ ସେ ପତିଙ୍କ ଆଜ୍ଞାନୁସାରେ ଆବଶ୍ୟକ ଦ୍ରବ୍ୟଗୁଡ଼ିକ ଆଣିଲେ । ମନ୍ତ୍ରୀ ରେଶମ ସୂତାକୁ ଦୃଢ଼ଭାବେ ଗୋବର ପୋକ ସହିତ ବାନ୍ଧିଦେଇ ତା' ଶୁଣ୍ଢରେ ବିନ୍ଦୁଏ ମହୁ ବୋଳିଦେଇ, ମୁଣ୍ଡ ଉପର ପଟକୁ ରଖି ପୋକଟିକୁ ଦୁର୍ଗ ପ୍ରାଚୀରରେ ଛାଡ଼ି ଦେବାକୁ କହିଲେ । ସ୍ତ୍ରୀ ସେହିପରି କଲେ ଏବଂ କୀଟ ମଧ୍ୟ ତାର ଦୀର୍ଘ ଯାତ୍ରା ଆରମ୍ଭ କଲା । ସମ୍ମୁଖରେ ମଧୁର ଘ୍ରାଣ ପାଇ ତାହା ଆଶାରେ ସେ ଧୀରେ ଧୀରେ ଦୁର୍ଗର ଶୀର୍ଷଦେଶରେ ଯାଇ ପହଞ୍ଚିଲା । ମନ୍ତ୍ରୀ ପୋକ ସହିତ ଲାଗିଥିବା ରେଶମ ସୂତାକୁ ଧରିଲେ, ତାପରେ ତାଙ୍କ ସ୍ତ୍ରୀଙ୍କୁ ରେଶମ ସୂତାର ଅପର ପ୍ରାନ୍ତରେ ଶକ୍ତ ସୂତାଟିକୁ ଯୋଡ଼ିଦେବାକୁ କହିଲେ । ପରେ ଶକ୍ତ ସୂତାଟି ହସ୍ତଗତ ହେଲାରୁ ଏହି ଉପାୟରେ ସେ ଦଉଡ଼ି ଓ ଅବଶେଷରେ ମୋଟା ରଜ୍ଜୁକୁ ମଧ୍ୟ ପାଇଲେ । ବାକି କାମ ସହଜ; ଏହି ରଜ୍ଜୁ ସାହାଯ୍ୟରେ ମନ୍ତ୍ରୀ ଦୁର୍ଗରୁ ଅବତରଣ କରି ପଳାୟନ କଲେ । ଆମ ଦେହରେ ଶ୍ୱାସ-ପ୍ରଶ୍ୱାସର ଗତି ଯେପରି ସେହି ରେଶମ-ସୂତ୍ର ଭଳି । ତାକୁ ଧାରଣ ବା ସଂଯମ କରିପାରିଲେ ସ୍ନାୟବୀୟ ଶକ୍ତିପ୍ରବାହ-ରୂପକ (nerve currents) ଶକ୍ତ ସୂତା, ତା'ପରେ ମନୋବୃତ୍ତି ରୂପକ ଶକ୍ତ ଦଉଡ଼ି, ପରିଶେଷରେ ପ୍ରାଣରୂପକ ରଜ୍ଜୁକୁ ଧରି ହୁଏ । ପ୍ରାଣକୁ ନିୟନ୍ତ୍ରଣ କରିପାରିଲେ ମୁକ୍ତିଲାଭ କରିବା ସମ୍ଭବ ।

ଶରୀର ସମ୍ବନ୍ଧରେ ଆମକୁ କିଛି ହେଲେ ଜଣା ନାହିଁ । ସାଧ କେବଳ ଏତିକି ଯେ, ମୃତ ଦେହକୁ ବ୍ୟବଚ୍ଛେଦ କରି ତାହା ଭିତରେ କଅଣ ଅଛି ନ ଅଛି ତାହା ଦେଖିପାରୁ; କେହି କେହି ପୁଣି ଜୀବିତ ପ୍ରାଣୀର ଦେହକୁ ବ୍ୟବଚ୍ଛେଦ କରି କଅଣ ଅଛି ଦେଖିପାରନ୍ତି, କିନ୍ତୁ ଏହା ସହିତ ଆମ ଶରୀରର କୌଣସି ସଂସ୍ରବ ନାହିଁ । ଆମେ ନିଜ ଶରୀର ବିଷୟରେ ଖୁବ୍ କମ୍ ଜାଣୁ । ଜାଣୁନାହିଁ କାହିଁକି ? କାରଣ, ଆମମାନଙ୍କ ମନ ଏତେ ସୂକ୍ଷ୍ମ ନୁହେଁ ଯେ ଶରୀର ମଧ୍ୟରେ ଯେଉଁସବୁ ଅତି ସୂକ୍ଷ୍ମ ଗତି ରହିଅଛି, ତାହାକୁ ଆମେ ଧରିପାରିବା । ମନ ଯେତେବେଳେ ସୂକ୍ଷ୍ମ ହୋଇ ଦେହର ଗଭୀର ପ୍ରଦେଶରେ ପ୍ରବିଷ୍ଟ ହୁଏ, ସେତେବେଳେ ଆମେ ଏହି ଗତିଗୁଡ଼ିକୁ ଜାଣିପାରୁ । ଏହିପରି ସୂକ୍ଷ୍ମ ଅନୁଭୂତି ଲାଭ କରିବାକୁ ହେଲେ ପ୍ରଥମେ ସ୍ଥୂଳରୁ ଆରମ୍ଭ କରିବାକୁ ହେବ । ଦେଖିବାକୁ ହେବ, ସମଗ୍ର ଶରୀର ଯନ୍ତ୍ରକୁ ଚଳାଉଛି କିଏ ? ତାହା ପ୍ରାଣ; ଏବଂ ଶ୍ୱାସ-ପ୍ରଶ୍ୱାସ ଏହି ପ୍ରାଣଶକ୍ତିର ପ୍ରତ୍ୟକ୍ଷ ପ୍ରକାଶ । ବର୍ତ୍ତମାନ ଶ୍ୱାସ-ପ୍ରଶ୍ୱାସକୁ ଧରି ଧୀରେ ଧୀରେ ଶରୀର ମଧ୍ୟରେ ପ୍ରବେଶ କରିବାକୁ ହେବ । ତାହାଦ୍ୱାରା ଆମେ ଶରୀରର ସୂକ୍ଷ୍ମ ଶକ୍ତିଗୁଡ଼ିକୁ ଜାଣିପାରିବୁ ଯେ, ସ୍ନାୟବୀୟ ଶକ୍ତିପ୍ରବାହଗୁଡ଼ିକ କି ଭାବରେ ଶରୀରର ସର୍ବତ୍ର ଭ୍ରମଣ କରୁଅଛି । ଆଉ ଯେଉଁ ମୁହୂର୍ତ୍ତରେ ଆମେ ଏଗୁଡ଼ିକୁ ଅନୁଭବ କରିପାରିବୁ, ସେହି ମୁହୂର୍ତ୍ତରେ ହିଁ ଏଗୁଡ଼ିକ ଏବଂ ତତ୍‌ସହିତ ଶରୀରଯନ୍ତ୍ର ମଧ୍ୟ ଆମ ଆୟତ୍ତକୁ ଆସିବ । ମନ ମଧ୍ୟ ଏହି ସକଳ ସ୍ନାୟବୀୟ ଶକ୍ତିପ୍ରବାହଦ୍ୱାରା ସଞ୍ଚାଳିତ ହେଉଅଛି, ଅତଏବ କ୍ରମେ କ୍ରମେ ଶରୀର ଓ ମନ ଆମର ସମ୍ପୂର୍ଣ୍ଣ ଆୟତ୍ତକୁ ଆସିଥାଆନ୍ତି—ଉଭୟ ଆମମାନଙ୍କର ଆଜ୍ଞାବହ ଭୃତ୍ୟ ପରି ହୋଇଯାଆନ୍ତି । ଜ୍ଞାନ ହିଁ ଶକ୍ତି । ଏହି ଶକ୍ତି ଲାଭ କରିବାକୁ ହେବ । ଶରୀର ଓ ସ୍ନାୟୁମଣ୍ଡଳୀରେ ଯେଉଁ ଶକ୍ତିପ୍ରବାହ ସର୍ବଦା ଚାଲୁଅଛି, ସେଗୁଡ଼ିକ ସମ୍ବନ୍ଧରେ ଜ୍ଞାନଲାଭ କରିବା ଏକାନ୍ତ ଆବଶ୍ୟକ । ସୁତରାଂ ଆମମାନଙ୍କୁ ପ୍ରଥମରୁ, ଅର୍ଥାତ୍ 'ପ୍ରାଣାୟାମ' ବା ପ୍ରାଣର ସଂଯମରୁ ଆରମ୍ଭ କରିବାକୁ ହେବ । ଏହି 'ପ୍ରାଣାୟାମ' ଗୋଟିଏ ଦୀର୍ଘ ବିଷୟ; ଏହାକୁ ସମ୍ପୂର୍ଣ୍ଣ ରୂପେ ବୁଝାଇବାକୁ ହେଲେ

ଦୀର୍ଘ ସମୟ ଲାଗିବ । ଆମେ କ୍ରମାଗତ ଏହାର ଗୋଟିଏ ଗୋଟିଏ ଅଂଶ ନେଇ ଆଲୋଚନା କରିବା ।

ଆମେ କ୍ରମେ ବୁଝିପାରିବା ଯେ, ପ୍ରାଣାୟାମ-ସାଧନରେ ଯେଉଁ ସକଳ କ୍ରିୟା ଆମେ କରୁ, ସେଗୁଡ଼ିକର ହେତୁ କଅଣ ଏବଂ ପ୍ରତ୍ୟେକ କ୍ରିୟାର ଫଳରେ ଦେହରେ କେଉଁ କେଉଁ ଶକ୍ତିର ପ୍ରବାହ ଚାଳିତ ହୁଏ । କିନ୍ତୁ ଏଥିପାଇଁ ନିରନ୍ତର ଅଭ୍ୟାସ ଆବଶ୍ୟକ । ସାଧନା ଦ୍ୱାରା ହିଁ ମୋ କଥାର ସତ୍ୟତା ପ୍ରମାଣିତ ହେବ । ମୁଁ ଏ ବିଷୟରେ ଯେତେ ଯୁକ୍ତି ପ୍ରୟୋଗ କରେନା କାହିଁକି, ତୁମେମାନେ ନିଜେ ପ୍ରତ୍ୟକ୍ଷ ନ କରିବା ପର୍ଯ୍ୟନ୍ତ ଏଗୁଡ଼ିକ ତୁମମାନଙ୍କଦ୍ୱାରା ଗୃହୀତ ହେବ ନାହିଁ । ଯେଉଁ ମୁହୂର୍ତ୍ତରେ ସମଗ୍ର ଦେହରେ ଏହି ସକଳ ଶକ୍ତିପ୍ରବାହର ଗତି ସ୍ପଷ୍ଟ ଅନୁଭବ କରିବ, ସେହି ମୁହୂର୍ତ୍ତରେ ସବୁ ସଂଶୟ ଚାଲିଯିବ; କିନ୍ତୁ ଏହା ଅନୁଭବ କରିବାକୁ ହେଲେ ପ୍ରତ୍ୟହ କଠୋର ଅଭ୍ୟାସ ଆବଶ୍ୟକ । ପ୍ରତ୍ୟହ ଅନ୍ତତଃ ଦୁଇଥର ଅଭ୍ୟାସ କରିବ; ଆଉ ଏହି ଅଭ୍ୟାସ କରିବାର ଉପଯୁକ୍ତ ସମୟ ପ୍ରାତଃ ଓ ସାୟାହ୍ନ । ଯେତେବେଳେ ରଜନୀର ଅବସାନ ହୋଇ ଦିବସର ପ୍ରକାଶ ହୁଏ ଏବଂ ଦିବାବସାନ ହୋଇ ରାତ୍ରି ଉପସ୍ଥିତ ହୁଏ, ସେତେବେଳେ ପ୍ରକୃତି ଅପେକ୍ଷାକୃତ ଶାନ୍ତ ଭାବ ଧାରଣ କରେ । ପ୍ରତ୍ୟୁଷ ଓ ଗୋଧୂଳି ଏହି ଦୁଇଟି ପ୍ରକୃତିର ଶାନ୍ତ ସମୟ । ଏହି ଦୁଇ ସମୟରେ ଶରୀର ମଧ୍ୟ ସ୍ୱଭାବତଃ ଶାନ୍ତ ହେବାକୁ ଚାହେଁ । ଏହି ସମୟରେ ସାଧନା କଲେ ପ୍ରକୃତି ଆମମାନଙ୍କୁ ସାହାଯ୍ୟ କରିବ । ସାଧନା ସମାପ୍ତ ନ କରି ଭୋଜନ କରିବ ନାହିଁ—ଏହିପରି ନିୟମ କର; ଏହି ନିୟମ ଫଳରେ କ୍ଷୁଧାର ପ୍ରବଳ ବେଗ ତୁମର ଆଳସ୍ୟ ଦୂର କରିଦେବ । ଭାରତରେ ବାଳକମାନଙ୍କୁ ସ୍ନାନ, ପୂଜା ଓ ସାଧନା ବ୍ୟତୀତ ଆହାର ନ କରିବାକୁ ଶିକ୍ଷା ଦିଆଯାଏ । କିଛିକାଳ ପରେ ଏହା ସେମାନଙ୍କ ପକ୍ଷରେ ସ୍ୱାଭାବିକ ହୋଇଯାଏ ।

ତୁମମାନଙ୍କ ମଧ୍ୟରୁ ଯେଉଁମାନଙ୍କର ସୁବିଧା ଅଛି, ସେମାନେ ଯଦି ସାଧନା ପାଇଁ ଗୋଟିଏ ସ୍ୱତନ୍ତ୍ର ଘର ରଖିପାର, ତେବେ ଉତ୍ତମ । ଏହି ଘର ଶୟନ ପାଇଁ ବ୍ୟବହାର କରିବ ନାହିଁ—ଏହାକୁ ପବିତ୍ର ରଖିବାକୁ ହେବ । ସ୍ନାନ ବ୍ୟତୀତ କିମ୍ବା ଶରୀରମନ ଶୁଦ୍ଧ ନ କରି ଏ ଘରେ ପ୍ରବେଶ କରିବ ନାହିଁ । ଏ ଘରେ ପୁଷ୍ପ ରଖିବ; ଯୋଗୀଙ୍କ ପକ୍ଷରେ ଏପରି ପରିବେଶ ଅତି ଉତ୍ତମ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ରଖିପାର । ପ୍ରାତଃ ଓ ସାୟାହ୍ନରେ ସେଠାରେ ଧୂପ-ଝୁଣା ପ୍ରଜ୍ୱଳିତ କରିବ । ସେଠାରେ କୌଣସି ପ୍ରକାର କଳହ, କ୍ରୋଧ ବା ଅପବିତ୍ର ଚିନ୍ତା କରିବ ନାହିଁ । ତୁମ ସହିତ ଯେଉଁମାନେ ସମାନ ଭାବାପନ୍ନ କେବଳ ସେହିମାନଙ୍କୁ ଏ ଘରେ ପ୍ରବେଶ କରିବାକୁ ଦେବ । ଏହିପରି କଲେ କ୍ରମେ ଘରଟି ପବିତ୍ର ଭାବରେ ଭରି ଉଠିବ । ଏହା ଫଳରେ ଯେତେବେଳେ କୌଣସି ପ୍ରକାର ଦୁଃଖ ବା ସଂଶୟ ଆସିବ ଅଥବା ମନ ଚଞ୍ଚଳ ହେବ, ସେତେବେଳେ କେବଳ ଏହି ଘରେ ପ୍ରବେଶ କରିବାମାତ୍ରେ ତୁମ ମନ ଶାନ୍ତ ହୋଇଯିବ । ମନ୍ଦିର, ଗୀର୍ଜା ଆଦି ନିର୍ମାଣର ଏହା ହିଁ ପ୍ରକୃତ ଉଦ୍ଦେଶ୍ୟ । ବର୍ତ୍ତମାନ ସୁଦ୍ଧା ଅନେକ ମନ୍ଦିର, ଗୀର୍ଜାରେ ଏହି ଭାବ ଦେଖିବାକୁ ମିଳେ ସତ, କିନ୍ତୁ ଅଧିକାଂଶ ସ୍ଥଳରେ ପ୍ରକୃତ ଉଦ୍ଦେଶ୍ୟ ଲୋକେ ଭୁଲି ଯାଇଛନ୍ତି । ଚତୁର୍ଦ୍ଦିଗରେ ପବିତ୍ର ଚିନ୍ତା ସ୍ପନ୍ଦିତ ହେଉଥିଲେ ସେହି ସ୍ଥାନଟି ପବିତ୍ର ଜ୍ୟୋତିରେ ପୂର୍ଣ୍ଣ ହୋଇଥାଏ ।

ଯେଉଁମାନେ ଏହିପରି ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରିପାରିବେ ନାହିଁ, ସେମାନେ ଯେଉଁଠାରେ ଇଚ୍ଛା ସେଠାରେ ବସି ସାଧନା କରିପାରନ୍ତି । ଶରୀରକୁ ସଳଖ ରଖି ଉପବେଶନ କର । ପ୍ରଥମେ ପବିତ୍ର ଚିନ୍ତାର ଗୋଟିଏ ସ୍ରୋତ ଚତୁର୍ଦ୍ଦିଗରେ ପ୍ରବାହିତ କର । ସ୍ମରଣ କର, 'ଜଗତରେ ସମସ୍ତେ ସୁଖୀ ହୁଅନ୍ତୁ, ସମସ୍ତେ ଶାନ୍ତିଲାଭ କରନ୍ତୁ, ସମସ୍ତେ ଆନନ୍ଦ ଲାଭ କରନ୍ତୁ ।'* ଯେତେ ଏହିପରି କରିପାରିବ, ସେତେ ଆନନ୍ଦ ଲାଭ କରିବ । ପରିଶେଷରେ ଦେଖିବାକୁ ପାଇବ ଯେ, ଅନ୍ୟମାନେ ସୁସ୍ଥ ରହନ୍ତୁ—ଏହି ଭାବନା ହିଁ ସ୍ୱାସ୍ଥ୍ୟଲାଭର ସହଜ ଉପାୟ । ଯେଉଁମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି, ସେମାନେ ପ୍ରାର୍ଥନା କରିବେ ଅର୍ଥ, ସ୍ୱାସ୍ଥ୍ୟ ଅଥବା ସ୍ୱର୍ଗ ପାଇଁ ନୁହେଁ, ଜ୍ଞାନାଲୋକ ପାଇଁ । ଏହା ବ୍ୟତୀତ ଅନ୍ୟସବୁ ପ୍ରାର୍ଥନା ସ୍ୱାର୍ଥମିଶ୍ରିତ । ତାପରେ ଭାବିବାକୁ ହେବ—ମୋର ଦେହ ଦୃଢ଼, ସବଳ ଓ ସୁସ୍ଥ । ଏହି ଦେହ ମୋର ଶ୍ରେଷ୍ଠ ଯନ୍ତ୍ର, ଶ୍ରେଷ୍ଠ ସହାୟ । ଚିନ୍ତା କରିବ - 'ଏହା ବଜ୍ରପରି ଦୃଢ଼ । ଏହି ଶରୀର ସାହାଯ୍ୟରେ ମୁଁ ଏହି ଜୀବନ-ସମୁଦ୍ର ଉତ୍ତୀର୍ଣ୍ଣ ହେବି ।' ଦୁର୍ବଳ ବ୍ୟକ୍ତି କେବେ ହେଲେ ମୁକ୍ତିଲାଭ କରିପାରିବ ନାହିଁ । ସର୍ବପ୍ରକାର ଦୁର୍ବଳତା ପରିତ୍ୟାଗ କର । ଶରୀରକୁ କହ-ତୁମେ ବଳିଷ୍ଠ, ମନକୁ ମଧ୍ୟ କହ—ତୁମେ ଶକ୍ତିଶାଳୀ । ନିଜ ଉପରେ ଅସୀମ ବିଶ୍ୱାସ ଓ ଭରସା ରଖ ।

---

* ତୁଳନୀୟ : 'ସର୍ବେ ଭବନ୍ତୁ ସୁଖୀନଃ...ସର୍ବଃ ସବତ୍ର ନନ୍ଦତୁ ॥'

# ତୃତୀୟ ଅଧ୍ୟାୟ
## ପ୍ରାଣ

କେହି କେହି ମନେ କରନ୍ତି, ପ୍ରାଣାୟାମ ହେଉଛି ଶ୍ୱାସ-ପ୍ରଶ୍ୱାସର କୌଣସି ଏକ କ୍ରିୟା, କିନ୍ତୁ ବାସ୍ତବିକ ତାହା ନୁହେଁ । ପ୍ରକୃତ ପକ୍ଷେ ଶ୍ୱାସ-ପ୍ରଶ୍ୱାସ ସହିତ ଏହାର ସମ୍ବନ୍ଧ ଅତି ସାମାନ୍ୟ । ପ୍ରକୃତରେ ପ୍ରାଣାୟାମ ସାଧନ କରିବାକୁ ହେଲେ ଅନେକଗୁଡ଼ିଏ କ୍ରିୟା କରିବାକୁ ହୁଏ । ଶ୍ୱାସ-ପ୍ରଶ୍ୱାସର କ୍ରିୟା ସେଗୁଡ଼ିକ ମଧ୍ୟରୁ ଗୋଟିଏ । ପ୍ରାଣାୟାମର ଅର୍ଥ ପ୍ରାଣର ସଂଯମ । ଭାରତୀୟ ଦାର୍ଶନିକଗଣଙ୍କ ମତରେ ସମଗ୍ର ଜଗତ ଦୁଇଟି ଉପାଦାନରେ ନିର୍ମିତ । ତା' ମଧ୍ୟରୁ ଗୋଟିକର ନାମ 'ଆକାଶ' । ଏହି ଆକାଶ ଗୋଟିଏ ସର୍ବବ୍ୟାପୀ ସତ୍ତା । ଯାହାର ଆକାର ଅଛି, ଯାହା ଅନ୍ୟାନ୍ୟ ବସ୍ତୁର ମିଶ୍ରଣରେ ଉତ୍ପନ୍ନ, ତାହା ହିଁ ଏହି ଆକାଶରୁ ଉତ୍ପନ୍ନ ହୋଇଅଛି । ଏହି ଆକାଶ ହିଁ ବାୟୁରେ ପରିଣତ ହୁଏ । ଆକାଶ ହିଁ ତରଳ ପଦାର୍ଥର ରୂପ ଧାରଣ କରେ, ଏହା ହିଁ ପୁଣି କଠିନାକାର ପ୍ରାପ୍ତ ହୁଏ; ଏହି ଆକାଶ ସୂର୍ଯ୍ୟ, ପୃଥିବୀ, ନକ୍ଷତ୍ର, ଧୂମକେତୁ ପ୍ରଭୃତି ରୂପେ ପରିଣତ ହୁଏ । ପ୍ରତ୍ୟେକ ଶରୀର—ପଶୁ ଶରୀର, ଉଦ୍ଭିଦ, ପ୍ରଭୃତି ଯେଉଁ ସକଳ ରୂପ ଆମେ ଦେଖିବାକୁ ପାଉ, ଯେଉଁ ସବୁ ବସ୍ତୁ ଆମେ ଇନ୍ଦ୍ରିୟଦ୍ୱାରା ଅନୁଭବ କରୁ, ତାହା ପ୍ରତ୍ୟେକଟି ଆକାଶରୁ ଉତ୍ପନ୍ନ । ଏହି ଆକାଶକୁ ଇନ୍ଦ୍ରିୟମାନଙ୍କଦ୍ୱାରା ଉପଲବ୍ଧି କରିହେବ ନାହିଁ; ଏହା ଏତେ ସୂକ୍ଷ୍ମ ଯେ, ସାଧାରଣ ଅନୁଭୂତିର ଅତୀତ । ଯେତେବେଳେ ଏହା ସ୍ଥୂଳ ହୋଇ କୌଣସି ଆକାର ଧାରଣ କରେ, ଆମେ ସେତେବେଳେ ତାହା ଅନୁଭବ କରିଥାଉ । ସୃଷ୍ଟିର ଆରମ୍ଭରେ କେବଳ ଏହି ଆକାଶ ଥାଏ । ପୁନଶ୍ଚ କଳ୍ପାନ୍ତେ ସମୁଦାୟ କଠିନ, ତରଳ ଓ ବାୟବୀୟ ପଦାର୍ଥ—ସବୁ କିଛି ଆକାଶରେ ଲୟ ହୁଏ । ପରବର୍ତ୍ତୀ ସୃଷ୍ଟି ଏହି ରୂପେ ଆକାଶରୁ ହିଁ ଉତ୍ପନ୍ନ ହୋଇଥାଏ ।

କେଉଁ ଶକ୍ତିର ପ୍ରଭାବରେ ଆକାଶ ଜଗତରୂପେ ପରିଣତ ହୁଏ ?—ପ୍ରାଣର ଶକ୍ତିରେ । ଯେପରି ଆକାଶ ଏହି ଜଗତର ସର୍ବବ୍ୟାପୀ ଉପାଦାନ, ପ୍ରାଣ ମଧ୍ୟ ସେହିପରି ଏହି ଜଗତର ଅନନ୍ତ ସର୍ବବ୍ୟାପୀ ପ୍ରକାଶିକା ଶକ୍ତି । କଳ୍ପର ଆଦିରେ ଓ ଅନ୍ତରେ ସବୁକିଛି ଆକାଶରେ ପରିଣତ ହୁଏ, ଜଗତରେ ସକଳ ଶକ୍ତି ପୁଣି ପ୍ରାଣରେ ଲୟ ହୁଏ; ପର କଳ୍ପରେ ପୁନଶ୍ଚ ଏହି ପ୍ରାଣରୁ ବିଭିନ୍ନ ଶକ୍ତିର ବିକାଶ ହୁଏ । ଏହି ପ୍ରାଣ ହିଁ ଗତିରୂପେ ପ୍ରକାଶ ପାଉଅଛି, ଏହି ପ୍ରାଣ ହିଁ ମାଧ୍ୟାକର୍ଷଣ ଅଥବା ଚୁମ୍ବକ ଶକ୍ତିରୂପେ ପ୍ରକାଶ ପାଉଅଛି । ଏହି ପ୍ରାଣ ହିଁ ସ୍ନାୟୁ-ଶକ୍ତି-ପ୍ରବାହ ରୂପେ (nerve current), ଚିନ୍ତାଶକ୍ତି ରୂପେ ଓ ଦୈହିକ ସମୁଦାୟ କ୍ରିୟାରୂପେ ପ୍ରକାଶିତ ହୋଇଅଛି । ଚିନ୍ତାଶକ୍ତିରୁ ଆରମ୍ଭ କରି ସ୍ଥୂଳତମ ଶକ୍ତି ପର୍ଯ୍ୟନ୍ତ ସବୁ କିଛି ପ୍ରାଣର ବିକାଶ । ବାହ୍ୟ ଓ ଅନ୍ତର୍ଜଗତର ସକଳ ଶକ୍ତି ଯେତେବେଳେ ସେମାନଙ୍କର ମୂଳାବସ୍ଥାକୁ ଗମନ କରନ୍ତି, ସେତେବେଳେ ସେହି ସମଷ୍ଟିକୁ ହିଁ ପ୍ରାଣ କୁହାଯାଏ । ଯେତେବେଳେ ଅସ୍ତି ବା ନାସ୍ତି କିଛି

ହେଲେ ନ ଥିଲା, ଯେତେବେଳେ ତମୋଦ୍ୱାରା ତମଃ ଆବୃତ, ସେତେବେଳେ କଣ ଥିଲା ?*— ଏହି ଆକାଶ ସେତେବେଳେ ଗତିଶୂନ୍ୟ ହୋଇ ଅବସ୍ଥିତ ଥିଲା; ପ୍ରାଣର ଗତି ମଧ୍ୟ ରୁଦ୍ଧ ଥିଲା; କିନ୍ତୁ ତାହାର ଅସ୍ତିତ୍ୱ ଥିଲା । ଆମେ ଆଧୁନିକ ବିଜ୍ଞାନ ସାହାଯ୍ୟରେ ମଧ୍ୟ ଜାଣିଥାଉ ଯେ, ଜଗତରେ ଯେତେ ଶକ୍ତିର ବିକାଶ ହୋଇଅଛି, ସେଗୁଡ଼ିକର ସମଷ୍ଟି ଚିରକାଳ ସମାନ ଥାଏ । ଏହି ଶକ୍ତିଗୁଡ଼ିକ କଳ୍ପାନ୍ତେ ଶାନ୍ତ ଭାବ ଧାରଣ କରେ—ଅବ୍ୟକ୍ତ ଅବସ୍ଥାକୁ ଗମନ କରେ, ପରକଳ୍ପର ଆଦିରେ ସେଗୁଡ଼ିକ ପୁଣି ବ୍ୟକ୍ତ ହୋଇ ଆକାଶ ଉପରେ ଆଘାତ କରନ୍ତି । ଏହି ଆକାଶରୁ ବିବିଧ ରୂପ ପ୍ରକାଶିତ ହୁଏ; ଆଉ ଆକାଶ ପରିଣାମପ୍ରାପ୍ତ ହେବାକୁ ଆରମ୍ଭ କରେ ଏବଂ ଏହି ପ୍ରାଣ ମଧ୍ୟ ନାନା ପ୍ରକାର ଶକ୍ତିରେ ପରିଣତ ହୋଇଥାଏ । ଏହି ପ୍ରାଣର ପ୍ରକୃତ ତତ୍ତ୍ୱ ଜାଣିବା ଏବଂ ତାହାକୁ ନିୟନ୍ତ୍ରିତ କରିବାର ଚେଷ୍ଟା ହିଁ ପ୍ରକୃତ ପ୍ରାଣାୟାମ ।

ଏହି ପ୍ରାଣାୟାମରେ ସିଦ୍ଧ ହେଲେ ଆମମାନଙ୍କ ସମ୍ମୁଖରେ ଅନନ୍ତ ଶକ୍ତିର ଦ୍ୱାର ଖୋଲିଯାଏ । ଉଦାହରଣସ୍ୱରୂପ, କୌଣସି ବ୍ୟକ୍ତି ଏହି ପ୍ରାଣର ବିଷୟ ସଂପୂର୍ଣ୍ଣ ରୂପେ ବୁଝିପାରିଲେ ଏବଂ ତାହାକୁ ଜୟ କରିବାକୁ ସକ୍ଷମ ହେଲେ; ତାହାହେଲେ ଜଗତରେ ଏପରି କି ଶକ୍ତି ଅଛି, ଯାହା ତାଙ୍କର ଆୟତ୍ତ ନ ହେବ ? ତାଙ୍କ ଆଜ୍ଞାରେ ଚନ୍ଦ୍ର-ସୂର୍ଯ୍ୟ-ନକ୍ଷତ୍ର ସ୍ଥାନଚ୍ୟୁତ ହୁଅନ୍ତି, କ୍ଷୁଦ୍ରତମ ପରମାଣୁଠାରୁ ବୃହତ୍ତମ ସୂର୍ଯ୍ୟ ପର୍ଯ୍ୟନ୍ତ ତାଙ୍କର ବଶୀଭୂତ ହୁଅନ୍ତି; କାରଣ ସେ ପ୍ରାଣକୁ ଜୟ କରିଛନ୍ତି । ଏହିପରି ଶକ୍ତିଲାଭ କରିବା ହିଁ ପ୍ରାଣାୟାମ ସାଧନର ଲକ୍ଷ୍ୟ । ଯେତେବେଳେ ଯୋଗୀ ସିଦ୍ଧ ହୁଅନ୍ତି, ସେତେବେଳେ ପ୍ରକୃତିରେ ଏପରି କୌଣସି ବସ୍ତୁ ନାହିଁ, ଯାହାକି ତାଙ୍କର ବଶକୁ ନ ଆସେ । ଯଦି ସେ ଦେବଗଣଙ୍କୁ ଆସିବାକୁ ଆହ୍ୱାନ କରନ୍ତି, ସେମାନେ ତାଙ୍କ ଆଜ୍ଞାମାତ୍ରେ ତତ୍କ୍ଷଣାତ୍ ଆଗମନ କରନ୍ତି । ମୃତ ବ୍ୟକ୍ତିଗଣଙ୍କୁ ଆସିବାକୁ ଆଦେଶ କଲେ ସେମାନେ ତତ୍କ୍ଷଣାତ୍ ଉପସ୍ଥିତ ହୁଅନ୍ତି । ପ୍ରକୃତିର ସକଳ ଶକ୍ତି ହିଁ କ୍ରୀତଦାସ ପରି ତାଙ୍କର ଆଦେଶ ପାଳନ କରନ୍ତି । ଅଜ୍ଞ ଲୋକମାନେ ଯୋଗୀଙ୍କର ଏହି ସକଳ କାର୍ଯ୍ୟକଳାପ ଦେଖି କହନ୍ତି, ଏଗୁଡ଼ିକ ଅଲୌକିକ । ହିନ୍ଦୁର ଗୋଟିଏ ବିଶେଷ ଭାବ ଏହି ଯେ, ଯେ କୌଣସି ତତ୍ତ୍ୱ ସେ ଆଲୋଚନା କରନ୍ତୁ ନା କାହିଁକି, ଆଗେ ଏହା ଭିତରୁ ଯେତେଦୂର ସମ୍ଭବ ଗୋଟିଏ ସାଧାରଣ ଭାବର ଅନୁସନ୍ଧାନ କରନ୍ତି; ତାହା ମଧ୍ୟରେ ଯେଉଁ ବିସ୍ତାରିତ ବର୍ଣ୍ଣନା ଅଛି, ସେଗୁଡ଼ିକର ମୀମାଂସା ପଛକୁ ରଖିଦିଅନ୍ତି । ବେଦରେ ପୁନଃ ପୁନଃ ଏହି ପ୍ରଶ୍ନ ପଚରାଯାଇଛି ଯେ, ଏପରି କି ବସ୍ତୁ ଅଛି, ଯାହା ଜାଣିଲେ ସବୁ କିଛି ଜଣାଯାଏ ?** ଅତଏବ ଆମର ସବୁ ଶାସ୍ତ୍ର, ସବୁ ଦର୍ଶନ ଯେଉଁ ବସ୍ତୁକୁ ଜାଣିଲେ ସବୁ କିଛି ଜଣାଯାଏ, ସେହି ବସ୍ତୁକୁ ନିର୍ଣ୍ଣୟ କରିବାରେ ବ୍ୟସ୍ତ । ଯଦି କେହି ଜଗତର ତତ୍ତ୍ୱ ଚିକିନିଖି କରି ଜାଣିବାକୁ ଚାହାଁନ୍ତି, ତା' ହେଲେ ତାଙ୍କୁ ଅନନ୍ତ ସମୟ ଲାଗିବ; କାରଣ ତାଙ୍କୁ ଗୋଟିଏ ଗୋଟିଏ ବାଲୁକାକଣା ପର୍ଯ୍ୟନ୍ତ ପୃଥକ୍ ଭାବରେ ଜାଣିବାକୁ

---

* ନାସଦାସୀନ୍ନୋ ସଦାସୀତ୍ତଦାନୀମ୍—ଇତ୍ୟାଦି ।
ତମ ଆସୀତ୍ ତମସା ଗୂଢ଼ମଗ୍ରେ ପ୍ରକେତ—ଇତ୍ୟାଦି ।
—ଋଗ୍‌ବେଦ ସଂହିତା, ୧୦ମ ମଣ୍ଡଳ

** 'କସ୍ମିନ୍ନୁ ଭଗବୋ ବିଜ୍ଞାତେ ସର୍ବମିଦଂ ବିଜ୍ଞାତଂ ଭବତି'—ମୁଣ୍ଡକ ଉପ, ୧/୩

ହେବ । ତଥାପି ସେ ସବୁକିଛି ଜାଣିପାରିବେ ନାହିଁ । ତେବେ କିପରି ଜ୍ଞାନଲାଭ ସମ୍ଭବ? ଗୋଟିଏ ଗୋଟିଏ ବିଷୟ ପୃଥକ୍ ଭାବରେ ଜାଣି ସର୍ବଜ୍ଞ ହେବାର ସମ୍ଭାବନା କେଉଁଠି? ଯୋଗୀମାନେ କହନ୍ତି, ଏହି ସମସ୍ତ ବିଶେଷ ଅଭିବ୍ୟକ୍ତିର ଅନ୍ତରାଳରେ ଗୋଟିଏ ସାଧାରଣ ଭାବ ରହିଅଛି । ତାହାକୁ ଧରିପାରିଲେ ହିଁ ସବୁକିଛି ଆୟତ୍ତ କରାଯାଏ । ଏହି ଭାବରେ ହିଁ ବେଦରେ ସମଗ୍ର ଜଗତକୁ ଏକ ପୂର୍ଣ୍ଣ ସତ୍ତାରେ ପର୍ଯ୍ୟବସିତ କରାହୋଇଅଛି । ଯିଏ ସେହି ସତ୍‌ସ୍ୱରୂପକୁ ବୁଝିଛନ୍ତି ସେ ସମଗ୍ର ଜଗତକୁ ବୁଝିପାରିଛନ୍ତି । ଏହି ଭାବରେ ସମୁଦାୟ ଶକ୍ତିକୁ ଏକ ପ୍ରାଣରୂପ ସାଧାରଣ ଶକ୍ତିରେ ପର୍ଯ୍ୟବସିତ କରାହୋଇଅଛି । ସୁତରାଂ ଯିଏ 'ପ୍ରାଣ'କୁ ବୁଝିଛନ୍ତି, ସେ ଜଗତରେ ଯେତେ ମାନସିକ ବା ଦୈହିକ ଶକ୍ତି ଅଛି ସବୁ କିଛି ବୁଝିଛନ୍ତି । ଯିଏ ପ୍ରାଣକୁ ଜୟ କରିଛନ୍ତି, ସେ କେବଳ ନିଜର ମନ ନୁହେଁ, ସମସ୍ତଙ୍କ ମନକୁ ଜୟ କରିଛନ୍ତି । ସେ ନିଜ ଦେହ ଓ ଅନ୍ୟାନ୍ୟ ଯେତେ ଦେହ ଅଛି, ସମସ୍ତ ହିଁ ଜୟ କରିଛନ୍ତି; କାରଣ ପ୍ରାଣ ହିଁ ସମୁଦାୟ ଶକ୍ତିର ମୂଳ ।

କିପରି ଭାବରେ ଏହି ପ୍ରାଣ ନିୟନ୍ତ୍ରିତ ହେବ, ଏହା ହିଁ ପ୍ରାଣାୟାମର ଏକମାତ୍ର ଉଦ୍ଦେଶ୍ୟ । ଏହି ପ୍ରାଣାୟାମ ସମ୍ବନ୍ଧରେ ଯେତେ ସାଧନ ଓ ଉପଦେଶ ଅଛି, ସବୁଗୁଡ଼ିକରେ ସେହି ଏକ ଉଦ୍ଦେଶ୍ୟ । ପ୍ରତ୍ୟେକ ସ୍ତରର ସାଧକ ତାଙ୍କ ନିଜ ନିଜ ସ୍ତରରୁ ସାଧନ ଆରମ୍ଭ କରିବେ । ତାଙ୍କ ନିକଟରେ ଯାହା ଅଛି, ସେଗୁଡ଼ିକୁ ଜୟ କରିବା ପାଇଁ ସେ ଯତ୍ନବାନ୍ ହେବେ । ଜଗତର ଅନ୍ୟ ସକଳ ବସ୍ତୁ ଅପେକ୍ଷା ଦେହ ଆମର ସର୍ବାପେକ୍ଷା ନିକଟରେ ଅଛି, ପୁଣି ମନ ତାହା ଅପେକ୍ଷା ଆହୁରି ନିକଟତର । ଯେଉଁ ପ୍ରାଣ ଜଗତରେ ସର୍ବତ୍ର କ୍ରିୟା କରୁଅଛି, ତାହାର ଯେଉଁ ଅଂଶଟିକୁ ଏହି ଶରୀର ଓ ମନକୁ ଚଳାଉଅଛି, ସେହି ପ୍ରାଣ ଆମର ସର୍ବାଧିକ ନିକଟତର । ଯେଉଁ କ୍ଷୁଦ୍ର ପ୍ରାଣତରଙ୍ଗଟି ଆମମାନଙ୍କର ଶାରୀରିକ ଓ ମାନସିକ ଶକ୍ତି ରୂପେ ପରିଚିତ, ତାହା ଆମମାନଙ୍କ ପକ୍ଷରେ ଅନନ୍ତ ପ୍ରାଣସମୁଦ୍ରର ସର୍ବାପେକ୍ଷା ନିକଟବର୍ତ୍ତୀ ତରଙ୍ଗ । ଏହି କ୍ଷୁଦ୍ର ତରଙ୍ଗକୁ ଜୟ କରିପାରିଲେ ଆମେ ସମଗ୍ର ପ୍ରାଣ-ସମୁଦ୍ରକୁ ଜୟ କରିପାରିବା । ଯେଉଁ ଯୋଗୀ ଏଥିରେ କୃତକାର୍ଯ୍ୟ ହୁଅନ୍ତି, ସେ ସିଦ୍ଧିଲାଭ କରନ୍ତି, କୌଣସି ଶକ୍ତି ତାଙ୍କ ଉପରେ ପ୍ରଭୁତ୍ୱ କରିପାରେ ନାହିଁ । ସେ ପ୍ରାୟ ସର୍ବଶକ୍ତିମାନ୍ ଓ ସର୍ବଜ୍ଞ ହୁଅନ୍ତି । ଆମେ ପ୍ରତ୍ୟେକ ଦେଶରେ ଏଭଳି ସବୁ ସଂପ୍ରଦାୟ ଦେଖିବାକୁ ପାଉ, ଯେଉଁମାନେ କୌଣସି ନା କୌଣସି ଉପାୟରେ ଏହି ପ୍ରାଣକୁ ଜୟ କରିବାର ଚେଷ୍ଟା କରନ୍ତି । ଏହି ଦେଶରେ ମଧ୍ୟ (ଆମେରିକାରେ) ଆମେ ମନଃ-ଶକ୍ତିଦ୍ୱାରା ଆରୋଗ୍ୟକାରୀ (mind-healers), ବିଶ୍ୱାସଦ୍ୱାରା ଆରୋଗ୍ୟକାରୀ (faith-healers), ପ୍ରେତ-ତତ୍ତ୍ୱବିତ୍ (spiritualists), ଖ୍ରୀଷ୍ଟିୟାନ୍ ସାଇଣ୍ଟିଷ୍ଟ୍ (Christian Scientists), ସମ୍ମୋହନ-ବିଦ୍ୟାବିତ୍ (hypnotists) ପ୍ରଭୃତି ସଂପ୍ରଦାୟ ଦେଖିବାକୁ ପାଉ । ଏହି ମତଗୁଡ଼ିକ ବିଶ୍ଳେଷଣ କଲେ ଦେଖିବାକୁ ପାଇବା ଯେ, ଏଗୁଡ଼ିକର ମୂଳରେ ରହିଛି ପ୍ରାଣଶକ୍ତିର ନିୟନ୍ତ୍ରଣ—ସେମାନେ ଏ କଥା ଜାଣନ୍ତୁ ବା ନ ଜାଣନ୍ତୁ । ସେମାନଙ୍କର ସକଳ ମତର ମୂଳରେ ସେହି ଏକ ସତ୍ୟ ରହିଅଛି । ସେମାନେ ସମସ୍ତେ ଏହି ଶକ୍ତିର ବ୍ୟବହାର କରୁଛନ୍ତି, ତେବେ ସେମାନେ ଏହାର ମୂଳ ଓ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ ନୁହନ୍ତି । ସେମାନେ ହଠାତ୍ ଯେପରି ଗୋଟିଏ ଶକ୍ତି ଆବିଷ୍କାର କରି ପକାଇଛନ୍ତି ଏବଂ ସେହି ଶକ୍ତିର ସ୍ୱରୂପ ନ ଜାଣି ଅଜ୍ଞାତସାରରେ ତାହାକୁ

ବ୍ୟବହାର କରୁଛନ୍ତି । ଯୋଗୀ ଏହି ଶକ୍ତିକୁ ଜ୍ଞାତସାରରେ ପରିଚାଳନା କରନ୍ତି । ଏହି ଶକ୍ତି ପ୍ରାଣର ବିକାଶମାତ୍ର ।

ଏହି ପ୍ରାଣ ହିଁ ସକଳ ପ୍ରାଣୀଙ୍କର ଜୀବନୀଶକ୍ତିରୂପେ ରହିଅଛି । ଚିନ୍ତାଶକ୍ତି ହେଉଛି ପ୍ରାଣର ସୂକ୍ଷ୍ମତମ ଓ ଉଚ୍ଚତମ କ୍ରିୟା; ଚିନ୍ତାର ଯେଉଁ କ୍ଷୁଦ୍ର ଅଂଶକୁ ଆମେ ଦେଖିଥାଉ, ତାହା କିନ୍ତୁ ସମଗ୍ର ଚିନ୍ତା ନୁହେଁ । ଚିନ୍ତାର ପ୍ରକାରଭେଦ ରହିଛି । ସହଜାତ-ଜ୍ଞାନ (instinct) ଅଥବା ଜ୍ଞାନ-ଶୂନ୍ୟ ଚିନ୍ତା ଆମମାନଙ୍କର ନିମ୍ନତମ ଚିନ୍ତା । ଗୋଟିଏ ମଶା ଦଂଶନ କଲେ ଆମର ହାତ ସ୍ୱତଃପ୍ରବୃତ୍ତ ହୋଇ ତାହାକୁ ଆଘାତ କରିବ । ତାହାକୁ ମାରିବା ପାଇଁ ଆମର କୌଣସି ବିଶେଷ ଚିନ୍ତାର ପ୍ରୟୋଜନ ହୁଏ ନାହିଁ । ଏହା ଚିନ୍ତାର ଏକପ୍ରକାର ଅଭିବ୍ୟକ୍ତି । ଆମ ଶରୀରର ଜ୍ଞାନ-ବିରହିତ ପ୍ରତିକ୍ରିୟାଗୁଡ଼ିକ (reflex action)* ଚିନ୍ତାର ଏହି ସ୍ତରର ଅନ୍ତର୍ଗତ । ଚିନ୍ତାର ଆଉ ଗୋଟିଏ ସ୍ତର ଅଛି, ତାହାକୁ ସଜ୍ଞାନ (conscious) କୁହାଯାଇପାରେ । ମୁଁ ଯୁକ୍ତି-ତର୍କ କରେ, ବିଚାର କରେ, ଚିନ୍ତା କରେ, କେତେଗୁଡ଼ିଏ ବିଷୟର ସପକ୍ଷରେ ଓ ବିପକ୍ଷରେ ଆଲୋଚନା କରେ; କିନ୍ତୁ ଏହା ହିଁ ଶେଷ ନୁହେଁ; ଆମେ ଜାଣୁ ଯୁକ୍ତି-ବିଚାରର ପରିଧି ସୀମିତ । ଯୁକ୍ତି ଆମମାନଙ୍କୁ କେବଳ କିଛି ଦୂର ପର୍ଯ୍ୟନ୍ତ ନେଇ ଯାଇପାରେ । ଯେଉଁ ସୀମା ଭିତରେ ଏହା କାର୍ଯ୍ୟ କରେ ତାହା ଅତି ସଂକୀର୍ଣ୍ଣ । କିନ୍ତୁ ଦେଖିବାକୁ ମିଳେ ଯେ ନାନାବିଧ ବିଷୟ ବାହାରୁ ଆସି ଭିତରେ ପ୍ରବେଶ କରୁଛି; ବେଳେବେଳେ ଧୂମକେତୁ ସଦୃଶ କେତେଗୁଡ଼ିଏ ବିଷୟ ବାହାରୁ ଆସି ଭିତରେ ପଶୁଅଛି । ଏହା ମଧ ନିଶ୍ଚିତ ଯେ, ଅନେକ ତତ୍ତ୍ୱ ଏହି ସୀମାର ବହିର୍ଦ୍ଦେଶରୁ ଆସୁଅଛି; ବିଚାର-ଶକ୍ତି କିନ୍ତୁ ଏ ସୀମା ପରିତ୍ୟାଗ କରି ଯାଇପାରେ ନାହିଁ । ଯେଉଁ ବିଷୟଗୁଡ଼ିକ ଏହି କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆସି ଅନଧିକାର ପ୍ରବେଶ କରୁଛି, ସେଗୁଡ଼ିକର କାରଣ ଅବଶ୍ୟ ଏ ସୀମାର ବାହାରେ ଅବସ୍ଥିତ, ଯେଉଁଠାରେ ଆମମାନଙ୍କର ବିଚାରଯୁକ୍ତି ପହଞ୍ଚିପାରେ ନାହିଁ । କିନ୍ତୁ ଯୋଗୀଗଣ କହନ୍ତି, ଏହା ହିଁ ଯେ ଆମ ଜ୍ଞାନର ଚରମ ସୀମା, ତାହା ନୁହେଁ । ମନ ଆହୁରି ଉଚ୍ଚତର ଭୂମିରେ—ଜ୍ଞାନାତୀତ ଭୂମିରେ ବିଚରଣ କରି ପାରେ । ଯେତେବେଳେ ମନ ସମାଧି-ନାମକ ପୂର୍ଣ୍ଣ ଏକାଗ୍ର ଓ ଜ୍ଞାନାତୀତ ଅବସ୍ଥାରେ ଆରୂଢ଼ ହୁଏ, ସେତେବେଳେ ଏହା ଯୁକ୍ତିର ରାଜ୍ୟ ବାହାରକୁ ଚାଲିଯାଏ ଏବଂ ସହଜାତ ଜ୍ଞାନ ଓ ଯୁକ୍ତିର ଅତୀତ ବିଷୟସକଳ ପ୍ରତ୍ୟକ୍ଷ କରେ । ଶରୀରର ସୂକ୍ଷ୍ମ ସୂକ୍ଷ୍ମ ଶକ୍ତିଗୁଡ଼ିକ ପ୍ରାଣର ହିଁ ବିଭିନ୍ନ ଅଭିବ୍ୟକ୍ତି; ଠିକ୍ ପଥରେ ପରିଚାଳିତ ହେଲେ ଏଗୁଡ଼ିକ ମନକୁ ପ୍ରେରଣା ଦିଅନ୍ତି ଏବଂ ଉଚ୍ଚତର ଅବସ୍ଥା ଅର୍ଥାତ୍ ଜ୍ଞାନାତୀତ ଭୂମିକୁ ନେଇଯାଆନ୍ତି । ମନ ସେହି ସ୍ଥାନରେ ଥାଇ ମଧ କାର୍ଯ୍ୟ କରିଥାଏ ।

ବିଶ୍ୱରେ ଅସ୍ତିତ୍ୱର ପ୍ରତ୍ୟେକ ସ୍ତରରେ ହିଁ ଏକ ଅଖଣ୍ଡ ବସ୍ତୁ ରହିଅଛି । ପ୍ରକୃତି ଦିଗରୁ ଦେଖିବାକୁ ଗଲେ ଏହି ବିଶ୍ୱଜଗତ ଏକ ଓ ଅଖଣ୍ଡ । ତୁମ ସହିତ ସୂର୍ଯ୍ୟର କୌଣସି ପ୍ରଭେଦ ନାହିଁ । ବୈଜ୍ଞାନିକ ତୁମକୁ ତାହା ବୁଝାଇଦେବେ । ଏହି ଟେବୁଲ୍ ଓ ମୋ ଭିତରେ କୌଣସି ଭେଦ ନାହିଁ । ଟେବୁଲଟି ଅନନ୍ତ ଜଡ଼ରାଶିର ଏକ ବିନ୍ଦୁ ଏବଂ ମୁଁ ଅନ୍ୟ ଏକ ବିନ୍ଦୁ । ପ୍ରତ୍ୟେକ ସାକାର ବସ୍ତୁ ଏହି ଅନନ୍ତ ଜଡ଼-ସାଗରର ଗୋଟିଏ ଗୋଟିଏ ଆବର୍ତ୍ତ ପରି । ଆବର୍ତ୍ତଗୁଡ଼ିକ

---

* ବାହାରର କୌଣସି ଉତ୍ତେଜନା ହେତୁ ଶରୀରର କୌଣସି ଯନ୍ତ୍ର ସମୟ ସମୟରେ ଜ୍ଞାନର ସାହାଯ୍ୟ ବ୍ୟତୀତ ନିଜେ କାର୍ଯ୍ୟ କରିଥାଏ । ଏପରି କାର୍ଯ୍ୟକୁ reflex action କୁହାଯାଏ ।

ସର୍ବଦା ସ୍ଥିର ରହେ ନାହିଁ । କୌଣସି ସ୍ରୋତସ୍ୱିନୀରେ ଲକ୍ଷ ଲକ୍ଷ ଆବର୍ତ୍ତ ରହିଅଛି । ପ୍ରତ୍ୟେକ ଆବର୍ତ୍ତକୁ ପ୍ରତି ମୁହୂର୍ତ୍ତରେ ନୂତନ ଜଳରାଶି ଆସୁଅଛି, କିଛିକ୍ଷଣ ରହି ଅନ୍ୟ ଦିଗକୁ ଚାଲିଯାଉଅଛି ଏବଂ ନୂତନ ଜଳରାଶି ତାହାର ସ୍ଥାନ ଅଧିକାର କରୁଅଛି । ସମଗ୍ର ବିଶ୍ୱଜଗତ ମଧ୍ୟ ଏକ ନିୟତ ପରିବର୍ତ୍ତନଶୀଳ ଜଡ଼ରାଶି ମାତ୍ର, ଯାବତୀୟ ବସ୍ତୁ ସେଥିରେ କ୍ଷୁଦ୍ର କ୍ଷୁଦ୍ର ଆବର୍ତ୍ତ ପରି । କିଛି ଜଳରାଶି ଗୋଟିଏ ଆବର୍ତ୍ତ ମଧ୍ୟରେ ପ୍ରବେଶ କଲା—ଧର, ମାନବ ଦେହରେ; କିଛିଦିନ ଏହି ଆବର୍ତ୍ତରେ ଘୂରି ପରିବର୍ତ୍ତିତ ହୋଇ, ଆଉ ଗୋଟିଏ ଆବର୍ତ୍ତରେ ପ୍ରବେଶ କଲା--ଏଥର ହୁଏତ କୌଣସି ଜନ୍ତୁର ଦେହରେ, କେତେ ବର୍ଷ ପରେ ପୁଣି ଖଣିଜ-ପଦାର୍ଥ ନାମକ ଅନ୍ୟ ଏକ ଆବର୍ତ୍ତରେ ପ୍ରବେଶ କଲା । କ୍ରମାଗତ ପରିବର୍ତ୍ତନ ଚାଲିଛି । କିଛି ହେଲେ ସ୍ଥିର ନୁହେଁ । ମୋର ଶରୀର, ତୁମ ଶରୀର ବୋଲି ବାସ୍ତବିକ କୌଣସି ବସ୍ତୁ ନାହିଁ । ଏକ ବିରାଟ ଜଡ଼ରାଶିର ଗୋଟିଏ ବିନ୍ଦୁର ନାମ ଚନ୍ଦ୍ର, ଆଉ ଗୋଟିଏ ବିନ୍ଦୁ ସୂର୍ଯ୍ୟ, କୌଣସି ବିନ୍ଦୁ ମନୁଷ୍ୟ, କୌଣସି ବିନ୍ଦୁ ପୃଥିବୀ, କୌଣସି ବିନ୍ଦୁ ଅବା ଉଦ୍ଭିଦ, କୌଣସି ବିନ୍ଦୁ ପୁଣି ହୁଏତ ଗୋଟିଏ ଖଣିଜ ପଦାର୍ଥ । ଏଥିରୁ ଗୋଟିଏ ହେଲେ ଏକ ଭାବରେ ରହେ ନାହିଁ, ସକଳ ବସ୍ତୁ ହିଁ ସର୍ବଦା ପରିବର୍ତ୍ତିତ ହେଉଅଛି; ଜଡ଼ର ସଂଶ୍ଳେଷଣ ଓ ବିଶ୍ଳେଷଣ କ୍ରମାଗତ ଚାଲିଅଛି । ମନ ବା ଅନ୍ତର୍ଜଗତ ସମ୍ବନ୍ଧରେ ମଧ୍ୟ ତାହା । ଜଗତର ସମୁଦାୟ ବସ୍ତୁ ହିଁ 'ଇଥର୍' ରୁ ଉତ୍ପନ୍ନ; ସୁତରାଂ ଏହାକୁ ସମୁଦାୟ ଜଡ଼ବସ୍ତୁର ପ୍ରତିନିଧିରୂପେ ଗ୍ରହଣ କରାଯାଇପାରେ । ପ୍ରାଣର ସୂକ୍ଷ୍ମତର ସ୍ପନ୍ଦନଶୀଳ ଅବସ୍ଥାରେ ଏହି ଇଥର୍ ମନର ମଧ୍ୟ ପ୍ରତିନିଧି । ଏହା ସତ୍ତ୍ୱେ 'ଇଥର୍' ଏକ ଅଖଣ୍ଡ ଜଡ଼ବସ୍ତୁ ହୋଇ ରହିବ । ଯଦି ସେହି ସୂକ୍ଷ୍ମ ସ୍ପନ୍ଦନର ସ୍ତରରେ ଉପନୀତ ହୋଇପାର, ତେବେ ଅନୁଭବ କରିବ-ସମଗ୍ର ଜଗତ ସୂକ୍ଷ୍ମ ସୂକ୍ଷ୍ମ ସ୍ପନ୍ଦନରେ ସଂଗଠିତ । କୌଣସି କୌଣସି ଔଷଧର ପ୍ରଭାବରେ ଆମେ ଏହିପରି ଅନୁଭବ କରିଥାଉ । ତୁମମାନଙ୍କ ମଧ୍ୟରୁ କେହି କେହି ସାର୍ ହାଂପ୍ରି ଡେଭିଙ୍କ (Sir Humphrey Davy) ବିଖ୍ୟାତ ପରୀକ୍ଷା କଥା ଜାଣିଥିବ । ହାସ୍ୟଜନକ ବାଷ୍ପଦ୍ୱାରା (laughing Gas)—ଅଭିଭୂତି ହୋଇ ସେ ସ୍ତବ୍ଧ ଓ ନିସ୍ପନ୍ଦ ହୋଇ ଦଣ୍ଡାୟମାନ ରହିଲେ । ପରେ, ସେ ସମଗ୍ର ଜଗତକୁ ଭାବରାଶିର ସମଷ୍ଟି ମାତ୍ର ବୋଲି କହିଥିଲେ । କିଛିକ୍ଷଣ ପାଇଁ ସ୍ଥୂଳ କମ୍ପନଗୁଡ଼ିକ (gross vibrations) ଯେପରି ବନ୍ଦ ହୋଇଯାଇଥିଲା, କେବଳ ସୂକ୍ଷ୍ମ କମ୍ପନଗୁଡ଼ିକ—ଯେଉଁଗୁଡ଼ିକୁ ସେ ଭାବରାଶି ବୋଲି ଅଭିହିତ କରିଛନ୍ତି, କେବଳ ସେଗୁଡ଼ିକ ତାଙ୍କର ଅନୁଭୂତିରେ ବିଦ୍ୟମାନ ଥିଲା । ସେ ଚତୁର୍ଦ୍ଦିଗରେ କେବଳ ସୂକ୍ଷ୍ମ କମ୍ପନଗୁଡ଼ିକ ଦେଖିଥିଲେ । ସବୁ କିଛି ଚିନ୍ତାରେ ପରିଣତ ହୋଇଥିଲା । ତାଙ୍କ ନିକଟରେ ସମୁଦାୟ ଯେପରି ଏକ ମହାସମୁଦ୍ରରେ ପରିଣତ ହୋଇଥିଲା । ସେହି ମହାସମୁଦ୍ରରେ ସେ ଓ ଅନ୍ୟ ସମସ୍ତେ ଯେପରି ଗୋଟିଏ ଗୋଟିଏ କ୍ଷୁଦ୍ର ଭାବାବର୍ତ୍ତ ପରି ।

ଏହି ରୂପେ ଆମେ ଚିନ୍ତାଜଗତରେ ମଧ୍ୟ ଏକ ଅଖଣ୍ଡଭାବ ଦେଖିଲୁ । ଅବଶେଷରେ ଯେତେବେଳ ଆମେ ଆତ୍ମାକୁ ଲାଭ କରୁ, ସେତେବେଳେ ଆମେ ଅନୁଭବ କରୁ—ଆତ୍ମା ଅଖଣ୍ଡ ଏବଂ 'ଏକ' । ସର୍ବପ୍ରକାର ସ୍ଥୂଳ ଓ ସୂକ୍ଷ୍ମ ଜଡ଼ ସ୍ପନ୍ଦନର ଅତୀତରେ ଏକ ଅଖଣ୍ଡ ସତ୍ତା ବିରାଜ କରୁଛନ୍ତି । ଏପରିକି, ଏହି ପରିଦୃଶ୍ୟମାନ ଗତିସମୂହ ମଧ୍ୟରେ-ଶକ୍ତିର ବିକାଶସମୂହ ମଧ୍ୟରେ ଏକ ଅଖଣ୍ଡଭାବ ବିଦ୍ୟମାନ । ଏ ସକଳ ତଥ୍ୟ ବର୍ତ୍ତମାନ ଆଉ ଅସ୍ୱୀକାର କରାଯାଇ ନ

ପାରେ । ଆଧୁନିକ ପଦାର୍ଥବିଜ୍ଞାନ ମଧ୍ୟ ପ୍ରମାଣ କରିଅଛି ଯେ, ଏହି ବିଶ୍ୱରେ ଶକ୍ତିସମଷ୍ଟି ସର୍ବତ୍ର ସମାନ । ପୁଣି ଏକଥା ମଧ୍ୟ ପ୍ରମାଣିତ ହୋଇଅଛି ଯେ ଶକ୍ତିସମଷ୍ଟି ଦୁଇ ଭାବରେ ଅବସ୍ଥାନ କରେ—କେତେବେଳେ ସୀମିତ ବା ଅବ୍ୟକ୍ତ କିମ୍ବା ବ୍ୟକ୍ତ । ବ୍ୟକ୍ତ ଅବସ୍ଥାରେ ତାହା ଏହିସବୁ ନାନାବିଧ ଶକ୍ତିର ଆକାର ଧାରଣ କରେ, ପରେ ଶାନ୍ତ ଅବ୍ୟକ୍ତ ରୂପ ପ୍ରାପ୍ତ ହୁଏ, ପୁନଶ୍ଚ ବ୍ୟକ୍ତ ହୁଏ । ଏହିରୂପେ ତାହା ଅନନ୍ତ କାଳ ଧରି ଥରେ ବିକଶିତ, ପୁଣି ସଙ୍କୁଚିତ ଭାବ ଧାରଣ କରୁଅଛି । ପୂର୍ବେ କୁହାହୋଇଅଛି—ଏହି ଶକ୍ତିରୂପକ ପ୍ରାଣର ନିୟନ୍ତ୍ରଣ ହିଁ ପ୍ରାଣାୟାମ ।

ଫୁସ୍‌ଫୁସ୍‌ର ଗତିରେ ହିଁ ପ୍ରାଣର ପ୍ରକାଶ ସ୍ପଷ୍ଟ ରୂପେ ଦେଖିବାକୁ ମିଳେ । ସେଥିରେ ପ୍ରାଣର କ୍ରିୟା ସହଜରେ ବୁଝାଯାଏ । ଫୁସ୍‌ଫୁସ୍‌ର ଗତି ବନ୍ଦ ହେଲେ ଦେହର ସକଳ କ୍ରିୟା ମଧ୍ୟ ବନ୍ଦ ହୋଇଯାଏ । କିନ୍ତୁ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏପରି ଅଭ୍ୟାସ କରନ୍ତି ଯେ, ସେମାନଙ୍କ ଫୁସ୍‌ଫୁସ୍‌ର ଗତି ରୁଦ୍ଧ ହେଲେ ସୁଦ୍ଧା ଶରୀର ଜୀବିତ ଥାଏ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଶ୍ୱାସ-ପ୍ରଶ୍ୱାସ ନ ନେଇ କେତେ ମାସ ପର୍ଯ୍ୟନ୍ତ ମାଟି ତଳେ ନିଜକୁ ପୋତି ରଖିପାରନ୍ତି । ସୂକ୍ଷ୍ମତର ଶକ୍ତି ନିକଟକୁ ଯିବାକୁ ହେଲେ ସ୍ଥୂଳତର ଶକ୍ତିର ସାହାଯ୍ୟ ନେବାକୁ ପଡ଼େ । ଏହିରୂପେ କ୍ରମଶଃ ସୂକ୍ଷ୍ମତର ଶକ୍ତିଲାଭ କରୁ କରୁ ଶେଷରେ ଆମେ ଚରମ ଲକ୍ଷ୍ୟରେ ଉପନୀତ ହେଉ । ଶରୀରରେ ଯେତେ ପ୍ରକାର କ୍ରିୟା ଅଛି, ତନ୍ମଧ୍ୟରେ ଫୁସ୍‌ଫୁସ୍‌ର କ୍ରିୟା ହିଁ ଅତି ସହଜରେ ପ୍ରତ୍ୟକ୍ଷ ହୁଏ । ତାହା ଯେପରି ଯନ୍ତ୍ରମଧ୍ୟସ୍ଥ ଗତିନିୟାମକ ଚକ୍ରରୂପେ ଅନ୍ୟ ଶକ୍ତିଗୁଡ଼ିକୁ ଚଳାଉଅଛି । ପ୍ରାଣାୟାମର ପ୍ରକୃତ ଅର୍ଥ—ଫୁସ୍‌ଫୁସ୍‌ର ଏହି ଗତିକୁ ନିୟନ୍ତ୍ରିତ କରିବା । ଏହି ଗତି ସହିତ ଶ୍ୱାସଯନ୍ତ୍ର ମଧ୍ୟ ଜଡ଼ିତ । ଶ୍ୱାସପ୍ରଶ୍ୱାସ ଯେ ଏହି ଗତି ଉତ୍ପନ୍ନ କରୁଅଛି, ତାହା ନୁହେଁ; ବରଂ ଏହି ଗତି ହିଁ ଶ୍ୱାସପ୍ରଶ୍ୱାସ ଉତ୍ପନ୍ନ କରୁଅଛି । ଏହି ବେଗ ହିଁ ବାୟୁକୁ ଭିତର ଦିଗକୁ ଆକର୍ଷଣ କରୁଅଛି । ପ୍ରାଣ ଏହି ଫୁସ୍‌ଫୁସ୍‌କୁ ଚାଳିତ କରୁଛି । ଏହି ଫୁସ୍‌ଫୁସ୍‌ର ଗତି ବାୟୁକୁ ଆକର୍ଷଣ କରୁଛି । ତାହାହେଲେ ବୁଝାଗଲା, ପ୍ରାଣାୟାମ ଶ୍ୱାସପ୍ରଶ୍ୱାସର କ୍ରିୟା ନୁହେଁ । ଯେଉଁ ପେଶୀଶକ୍ତି ଫୁସ୍‌ଫୁସ୍‌କୁ ସଞ୍ଚାଳନ କରୁଛି, ତାହାକୁ ଆୟତ୍ତ କରିବା ହିଁ ପ୍ରାଣାୟାମ । ଯେଉଁ ଶକ୍ତି ସ୍ନାୟୁମଣ୍ଡଳୀ ଭିତର ଦେଇ ମାଂସପେଶୀକୁ ଯାଉଛି ଏବଂ ପେଶୀ ମାଧ୍ୟମରେ ଫୁସ୍‌ଫୁସ୍‌କୁ ସଞ୍ଚାଳନ କରୁଛି, ତାହା ହିଁ ପ୍ରାଣ; ପ୍ରାଣାୟାମ ସାଧନଦ୍ୱାରା ଏହି ପ୍ରାଣକୁ ହିଁ ବଶ କରିବାକୁ ହେବ । ଯେତେବେଳେ ପ୍ରାଣ ନିୟନ୍ତ୍ରିତ ହେବ, ସେତେବେଳେ ଆମେ ଦେଖିବାକୁ ପାଇବା ଯେ ଶରୀର ଭିତରେ ପ୍ରାଣର ଅନ୍ୟାନ୍ୟ ସମୁଦାୟ କ୍ରିୟା ଆମର ଆୟତ୍ତକୁ ଆସିଛି । ମୁଁ ନିଜେ ଏପରି ସବୁ ଲୋକଙ୍କୁ ଦେଖିଛି, ଯେଉଁମାନେ ସେମାନଙ୍କ ଦେହର ପେଶୀଗୁଡିକୁ ନିଜ ଆୟତ୍ତକୁ ଆଣିଛନ୍ତି; ଅର୍ଥାତ୍ ଇଚ୍ଛାମତେ ସେଗୁଡ଼ିକୁ ଚାଳନା କରିପାରନ୍ତି । କାହିଁକି ବା ନ ପାରିବେ ? ଯଦି କେତେଗୁଡ଼ିଏ ପେଶୀ ମୋ ଇଚ୍ଛା ଅନୁସାରେ ସଞ୍ଚାଳିତ ହୁଏ, ତେବେ ପ୍ରତ୍ୟେକଟି ପେଶୀ ଓ ସ୍ନାୟୁ ମୁଁ ନିୟନ୍ତ୍ରିତ କରିପାରିବି ନାହିଁ କାହିଁକି ? ଏଥିରେ ଅସମ୍ଭବ କଣ ଅଛି ? ବର୍ତ୍ତମାନ ଆମର ଏହି ନିୟନ୍ତ୍ରଣ-ଶକ୍ତି ଲୋପ ପାଇଅଛି ; ତେଣୁ ଏହି ପେଶୀଗୁଡ଼ିକ ସ୍ୱୟଂକ୍ରିୟ ହୋଇଯାଇଛନ୍ତି । ଆମେ ଇଚ୍ଛା ଅନୁସାରେ କର୍ଣ୍ଣ ସଞ୍ଚାଳନ କରିପାରୁ ନାହିଁ; କିନ୍ତୁ ଆମେ ଜାଣୁ ଯେ ପଶୁମାନେ ଏହା କରିପାରନ୍ତି । ଏହି ଶକ୍ତିକୁ ପରିଚାଳିତ ନ କରିବାରୁ ଆମର ଏ ଶକ୍ତି ନାହିଁ । ଏହାକୁ ହିଁ ପୂର୍ବପୁରୁଷଗଣଙ୍କ ଗୁଣଦୋଷର ପୁନରାବିର୍ଭାବ (atavism) କୁହାଯାଏ ।

ପୁନଶ୍ଚ ଏକଥା ମଧ୍ୟ ଆମେ ଜାଣୁ—ଯେଉଁ ଶକ୍ତି ବର୍ତ୍ତମାନ ଅବ୍ୟକ୍ତ ଭାବ ଧାରଣ କରିଅଛି, ତାହାକୁ ପୁଣି ବ୍ୟକ୍ତ ଅବସ୍ଥାକୁ ଅଣାଯାଇପାରେ । ଖୁବ୍ ଦୃଢ଼ ପରିଶ୍ରମ ଓ ଅଭ୍ୟାସଦ୍ୱାରା ଆମ ଶରୀରର ଅନେକ ସୁପ୍ତ ଶକ୍ତିକୁ ପୁନରାୟ ଆମ ଇଚ୍ଛାର ସଂପୂର୍ଣ୍ଣ ବଶବର୍ତ୍ତୀ କରାଯାଇପାରେ । ଏହିଭାବେ ବିଚାର କଲେ ଦେଖିବାକୁ ମିଳେ, ଶରୀରର ପ୍ରତ୍ୟେକ ଅଂଶକୁ ହିଁ ସଂପୂର୍ଣ୍ଣ ଇଚ୍ଛାଧୀନ କରିବା ଅସମ୍ଭବ ନୁହେଁ । ଯୋଗୀ ପ୍ରାଣାୟାମଦ୍ୱାରା ଏହା କରିଥାଆନ୍ତି । ତୁମେମାନେ ହୁଏତ ଯୋଗଶାସ୍ତ୍ରର ଅନେକ ଗ୍ରନ୍ଥରେ ପଢ଼ିଥିବ ଯେ, ଶ୍ୱାସଗ୍ରହଣ ସମୟରେ ସମଗ୍ର ଶରୀର 'ପ୍ରାଣ' ଦ୍ୱାରା ପୂର୍ଣ୍ଣ କରି ହୁଏ । ଇଂରାଜୀ ଅନୁବାଦରେ ପ୍ରାଣ ଶବ୍ଦ ଅର୍ଥ କରାହୋଇଛି 'ଶ୍ୱାସ' । ଅତଏବ ତୁମେ ସହଜରେ ପଚାରିପାର, 'ଶ୍ୱାସଦ୍ୱାରା ସମଗ୍ର ଶରୀରକୁ ଆମେ ପୂର୍ଣ୍ଣ କରିବା କିପରି ?' ଏହା ଅନୁବାଦକଙ୍କର ଦୋଷ । ଶରୀରର ପ୍ରତ୍ୟେକ ଅଂଶ ପ୍ରାଣ ଅର୍ଥାତ୍ ଏହି ଜୀବନୀଶକ୍ତିଦ୍ୱାରା ପୂର୍ଣ୍ଣ କରାଯାଇପାରେ; ଆଉ ଯେତେବେଳେ ତୁମେ ଏପରି କରିପାରିବ, ସେତେବେଳେ ସମଗ୍ର ଶରୀର ତୁମ ବଶକୁ ଆସିବ । ଦେହର ସବୁପ୍ରକାର ବ୍ୟାଧି, ସକଳ ଦୁଃଖ ସଂପୂର୍ଣ୍ଣ ରୂପେ ଆୟତ୍ତକୁ ଆସିବ । କେବଳ ସେତିକି ନୁହେଁ, ତୁମେ ଅନ୍ୟର ଶରୀରକୁ ମଧ୍ୟ ନିୟନ୍ତ୍ରିତ କରିପାରିବ । ପୃଥିବୀରେ ଭଲ ମନ୍ଦ ଉଭୟ ସଂକ୍ରାମକ । ତୁମ ଦେହରେ ଯଦି କୌଣସି ଏକ ଭାବର ଉତ୍ତେଜନା ଥାଏ, ଅନ୍ୟ ଭିତରେ ମଧ୍ୟ ସେହି ଭାବର ପ୍ରବଣତା ଦେଖାଯିବ । ତୁମେ ସବଳ ଓ ସୁସ୍ଥ ହେଲେ ତୁମ ନିକଟସ୍ଥ ବ୍ୟକ୍ତିମାନଙ୍କ ଭିତରେ ମଧ୍ୟ ସୁସ୍ଥ ଓ ସବଳ ଭାବ ଆସିବ । ତୁମେ ଯଦି ରୁଗ୍ଣ ବା ଦୁର୍ବଳ ହୁଅ, ତେବେ ଦେଖିବ ତୁମର ନିକଟବର୍ତ୍ତୀ ବ୍ୟକ୍ତିଗଣ ମଧ୍ୟ ଯେପରି ଟିକିଏ ଦୁର୍ବଳ ଅନୁଭବ କରୁଛନ୍ତି । ତୁମର ସୁସ୍ଥ ଶରୀରର ସ୍ପନ୍ଦନ ଅନ୍ୟ ଭିତରେ ସଞ୍ଚାରିତ ହେବ । ଯେତେବେଳେ ଜଣେ ଅନ୍ୟକୁ ରୋଗମୁକ୍ତ କରିବା ପାଇଁ ଚେଷ୍ଟା କରେ, ସେତେବେଳେ ସେ ଭାବେ ଯେ, ମୋର ସ୍ୱାସ୍ଥ୍ୟ ଅପରଠାରେ ସଞ୍ଚାରିତ କରିବି । ଏହା ଏକ ପ୍ରାଚୀନ ଚିକିତ୍ସାପ୍ରଣାଳୀ । ଜ୍ଞାତସାରରେ ବା ଅଜ୍ଞାତସାରରେ ଜଣେ ଅନ୍ୟ ଜଣକ ଦେହରେ ସ୍ୱାସ୍ଥ୍ୟ ସଞ୍ଚାରିତ କରିପାରନ୍ତି । ଖୁବ୍ ବଳବାନ୍ ବ୍ୟକ୍ତି ଯଦି କୌଣସି ଦୁର୍ବଳ ଲୋକ ସହିତ ବାସ କରେ, ତା'ହେଲେ ଦୁର୍ବଳ ବ୍ୟକ୍ତି ଜାଣୁ ବା ନ ଜାଣୁ ସେ କିଞ୍ଚିତ୍ ପରିମାଣରେ ଶକ୍ତି ଲାଭ କରିବ । ଯେତେବେଳେ ଏହି ପ୍ରକ୍ରିୟା ଜ୍ଞାତସାରରେ କରାହୁଏ, ସେତେବେଳେ ଏହାର ଫଳ ଅପେକ୍ଷାକୃତ ଉତ୍ତମ ହୋଇଥାଏ । ଆଉ ଗୋଟିଏ ପ୍ରକାର ଆରୋଗ୍ୟର ପ୍ରଣାଳୀ ଅଛି । ଜଣେ ସ୍ୱୟଂ ଖୁବ୍ ସୁସ୍ଥକାୟ ନ ହେଲେ ମଧ୍ୟ ଜଣେ ଅନ୍ୟ ଜଣଙ୍କ ଶରୀରରେ ସ୍ୱାସ୍ଥ୍ୟ ସଞ୍ଚାରିତ କରିପାରନ୍ତି । ଏପରି କ୍ଷେତ୍ରରେ ଏହି ଆରୋଗ୍ୟକାରୀମାନଙ୍କ ପ୍ରାଣ ଉପରେ ପ୍ରଭୁତ୍ୱ ଅପେକ୍ଷାକୃତ ଅଧିକ । ସେ କିଛିକ୍ଷଣ ପାଇଁ ନିଜ ପ୍ରାଣକୁ ଉଚ୍ଚତର ସ୍ପନ୍ଦନବିଶିଷ୍ଟ ଅବସ୍ଥାକୁ ଉନ୍ନୀତ କରି ଅନ୍ୟ ଶରୀରକୁ ସଞ୍ଚାରିତ କରିପାରନ୍ତି ।

ଅନେକ ସ୍ଥଳରେ ଏହି ପ୍ରକ୍ରିୟା ଏକ ଦୂରବର୍ତ୍ତୀ ସ୍ଥାନରୁ ସାଧିତ ହୋଇଅଛି । ବାସ୍ତବିକ ଦୂରତ୍ୱର ଅର୍ଥ ଯଦି ବିଚ୍ଛେଦ (break) ହୁଏ, ତେବେ ଦୂରତ୍ୱ ବୋଲି କିଛି ନାହିଁ । ଏପରି ଦୂରତ୍ୱ କେଉଁଠି ଅଛି, ଯେଉଁଠି ପରସ୍ପରର କିଛିମାତ୍ର ସମ୍ବନ୍ଧ—କିଛିମାତ୍ର ଯୋଗ ନାହିଁ ? ସୂର୍ଯ୍ୟ ଓ ତୁମ ମଧ୍ୟରେ ବାସ୍ତବିକ କ'ଣ କୌଣସି କ୍ରମବିଚ୍ଛେଦ ଅଛି ? ଏକ ଅବିଚ୍ଛିନ୍ନ ଅଖଣ୍ଡ ବସ୍ତୁ ରହିଅଛି— ତୁମେ ତାହାର ଏକ ଅଂଶ, ସୂର୍ଯ୍ୟ ତାହାର ଅନ୍ୟ ଏକ ଅଂଶ । ନଦୀର ଏକ ଅଂଶ ଓ ଅପର

ଅଂଶ ମଧ୍ୟରେ କ'ଣ କ୍ରମବିଚ୍ଛେଦ ଅଛି? ତାହାହେଲେ ଶକ୍ତି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରିବ ନାହିଁ କାହିଁକି? ଏହା ବିରୋଧରେ କୌଣସି ଯୁକ୍ତି ନାହିଁ । ଦୂରରେ ଥାଇ ରୋଗ ଆରୋଗ୍ୟ କରିବା ଘଟଣାଗୁଡ଼ିକ ସଂପୂର୍ଣ୍ଣ ସତ୍ୟ । ଏହି ପ୍ରାଣକୁ ଅନେକ ଦୂର ପର୍ଯ୍ୟନ୍ତ ସଞ୍ଚାରିତ କରାଯାଇପାରେ । ତେବେ ଏହା ସତ୍ୟ ହୋଇପାରେ ଯେ, ଏ ବିଷୟରେ ଗୋଟିଏ ଘଟଣା ସତ୍ୟ ହେଲେ ଶତ ଶତ ଘଟଣା ମିଥ୍ୟ ଛଡ଼ା ଆଉ କିଛି ନୁହେଁ । ଲୋକେ ଏହି ଆରୋଗ୍ୟପ୍ରଣାଳୀକୁ ଯେତେ ସହଜ ମନେକରନ୍ତି ତାହା ସେତେ ସହଜ ନୁହେଁ । ଅଧିକାଂଶ ସ୍ଥଳରେ ଦେଖାଯିବ ଯେ, ଆରୋଗ୍ୟକାରୀମାନେ ମାନବ ଦେହର ସ୍ୱାଭାବିକ ସୁସ୍ଥତାର ସୁଯୋଗ ନେଉଛନ୍ତି । ଜଗତରେ ଏପରି କୌଣସି ରୋଗ ନାହିଁ, ଯେଉଁଥିରେ ଆକ୍ରାନ୍ତ ହୋଇ ସମସ୍ତେ ମୃତ୍ୟୁମୁଖରେ ପତିତ ହୁଅନ୍ତି । ଉଦାହରଣସ୍ୱରୂପ, ବିସୂଚିକା ମହାମାରୀରେ ଯଦି କିଛିଦିନ ଶତକଡ଼ା ୬୦ ଜଣ ମରନ୍ତି, ତେବେ ଦେଖାଯାଏ କ୍ରମଶଃ ଏହି ମୃତ୍ୟୁର ହାର କମି ଶତକଡ଼ା ୩୦ ହୁଏ, ପରେ ୨୦ରେ ପହଞ୍ଚେ; ଅବଶିଷ୍ଟ ସମସ୍ତେ ରୋଗମୁକ୍ତ ହୁଅନ୍ତି । ଏଲୋପ୍ୟାଥିକ୍ ଚିକିତ୍ସକ ଆସିଲେ, ବିସୂଚିକା ରୋଗଗ୍ରସ୍ତ ବ୍ୟକ୍ତିଗଣଙ୍କୁ ଚିକିତ୍ସା କଲେ, ଔଷଧ ଦେଲେ । ହୋମିଓପ୍ୟାଥିକ୍ ଚିକିତ୍ସକ ମଧ୍ୟ ଆସି ତାଙ୍କର ଔଷଧ ଦେଲେ ଓ ହୁଏତ ଏଲୋପ୍ୟାଥିକ୍‌ଙ୍କ ଅପେକ୍ଷା ଅଧିକ ସଂଖ୍ୟକ ରୋଗୀଙ୍କୁ ଆରୋଗ୍ୟ କଲେ; କାରଣ ହୋମଓପ୍ୟାଥିକ୍ ଚିକିତ୍ସକମାନେ ରୋଗୀର ଶରୀରରେ କୌଣସି ଗଣ୍ଡଗୋଳ ନ କରି ପ୍ରକୃତିକୁ ନିଜ ଭାବରେ କାମ କରିବାକୁ ଦିଅନ୍ତି । ଆଉ ହୁଏତ ବିଶ୍ୱାସବଳରେ ଆରୋଗ୍ୟକାରୀମାନେ ଆହୁରି ଅଧିକ ରୋଗୀଙ୍କୁ ଆରୋଗ୍ୟ କଲେ; କାରଣ ସେ ନିଜର ଇଚ୍ଛାଶକ୍ତି ପ୍ରୟୋଗ କରି ବିଶ୍ୱାସବଳରେ ରୋଗୀର ସୁପ୍ତ ପ୍ରାଣଶକ୍ତିକୁ ଜାଗ୍ରତ କରିଦିଅନ୍ତି ।

କିନ୍ତୁ ବିଶ୍ୱାସବଳରେ ରୋଗ-ଆରୋଗ୍ୟକାରୀମାନଙ୍କର ସର୍ବଦା ଗୋଟିଏ ଭୁଲ ହୋଇଥାଏ । ସେମାନେ ମନେ କରନ୍ତି, କେବଳ ବିଶ୍ୱାସ ହିଁ ମନୁଷ୍ୟକୁ ରୋଗମୁକ୍ତ କରିଥାଏ । ବାସ୍ତବ ପକ୍ଷେ କେବଳ ବିଶ୍ୱାସ ଯେ ଏକମାତ୍ର କାରଣ, ତାହା ନୁହେଁ । ଏପରି କେତେକ ରୋଗ ଅଛି, ଯେଉଁଗୁଡ଼ିକର ସର୍ବାପେକ୍ଷା ଖରାପ ଲକ୍ଷଣ ହେଲା, ରୋଗୀ ଆଦୌ ମନେକରେ ନାହିଁ ଯେ, ତାହାର କୌଣସି ରୋଗ ହୋଇଅଛି । ନିଜର ରୋଗହୀନତା ସମ୍ବନ୍ଧରେ ଦୃଢ଼ବିଶ୍ୱାସ ହିଁ ତାର ରୋଗର ଗୋଟିଏ ପ୍ରଧାନ ଲକ୍ଷଣ । ସାଧାରଣତଃ ଏହା ଆଶୁ ମୃତ୍ୟୁର ଏକ ଲକ୍ଷଣ । ଏ ସକଳ ସ୍ଥଳରେ କେବଳ ବିଶ୍ୱାସଦ୍ୱାରା ହିଁ ରୋଗ ଆରୋଗ୍ୟ ହୁଏ, ଏ କଥା ପ୍ରଯୁଜ୍ୟ ନୁହେଁ । ଯଦି ବିଶ୍ୱାସରେ ହିଁ ରୋଗ ଆରୋଗ୍ୟ ହୁଅନ୍ତା, ତାହାହେଲେ ଉକ୍ତ ରୋଗୀମାନେ ମଧ୍ୟ ଆରୋଗ୍ୟ ଲାଭ କରନ୍ତେ । ପ୍ରାଣର ଶକ୍ତିରେ ରୋଗ ନିରାମୟ ହୋଇଥାଏ । ଯେଉଁ ପବିତ୍ର ପୁରୁଷ ନିଜ ପ୍ରାଣକୁ ନିୟନ୍ତ୍ରଣ କରିଛନ୍ତି, ସେ ଏହାକୁ ନିର୍ଦ୍ଦିଷ୍ଟ କମ୍ପନଯୁକ୍ତ ଅବସ୍ଥାକୁ ନେଇ ଅନ୍ୟ ମଧ୍ୟରେ ସେହି କମ୍ପନ ସଞ୍ଚାରିତ କରିପାରନ୍ତି । ଦୈନନ୍ଦିନ ଘଟଣାରୁ ଏହାର ପ୍ରମାଣ ମିଳିବ । ମୁଁ ଭାଷଣ ଦେଉଛି, ଭାଷଣ ଦେବା ସମୟରେ ମୁଁ କଣ କରୁଛି? ମୁଁ ମୋର ମନକୁ ଏକପ୍ରକାର କମ୍ପନ ଅବସ୍ଥାକୁ ଆଣୁଛି ଏବଂ ଏଥିରେ ମୁଁ ଯେତେ କୃତକାର୍ଯ୍ୟ ହେବି, ତୁମେ ମଧ୍ୟ ମୋ ବାକ୍ୟଦ୍ୱାରା ସେତିକି ପ୍ରଭାବିତ ହେବ । ତୁମେ ସମସ୍ତେ ଜାଣ, ଭାଷଣ ଦେଉ ଦେଉ ଯେଉଁଦିନ ମୁଁ ଖୁବ୍ ମାତି ଉଠେ, ସେଦିନ ମୋ ଭାଷଣ ତୁମକୁ ଖୁବ୍ ଭଲ ଲାଗେ; କିନ୍ତୁ ମୋର ଉତ୍ସାହ

ଯଦି ଅଳ୍ପ ହୁଏ, ତେବେ ମୋ ବକ୍ତୃତା ଶୁଣିବାକୁ ସେତେ ଭଲ ଲାଗେ ନାହିଁ ।

ଜଗତ-ଆଲୋଡ଼ନକାରୀ ତୀବ୍ର-ଇଚ୍ଛାଶକ୍ତିସମ୍ପନ୍ନ ମହାପୁରୁଷଗଣ ନିଜ ନିଜର ପ୍ରାଣକୁ ଏକ ଅତି ଉଚ୍ଚ କମ୍ପନ ଅବସ୍ଥାକୁ ଉନ୍ନୀତ କରିପାରନ୍ତି; ପ୍ରାଣ ଏତେ ଅଧିକ ଶକ୍ତିସମ୍ପନ୍ନ ହୁଏ ଯେ, ଏହା ଅନ୍ୟମାନଙ୍କୁ ମୁହୂର୍ତ୍ତକ ମଧ୍ୟରେ ସ୍ପର୍ଶ କରେ, ସହସ୍ର ସହସ୍ର ଲୋକ ତାଙ୍କ ନିକଟକୁ ଆକୃଷ୍ଟ ହୁଅନ୍ତି, ହୁଏତ ଜଗତର ଅର୍ଦ୍ଧେକ ଲୋକ ସେମାନଙ୍କ ଭାବକୁ ଗ୍ରହଣ କରନ୍ତି । ଜଗତର ମହାପୁରୁଷ ସକଳ ପ୍ରାଣକୁ ଜୟ କରିଥିଲେ । ଏହି ପ୍ରାଣ-ସଂଯମ ବଳରେ ସେମାନେ ପ୍ରବଳ-ଇଚ୍ଛାଶକ୍ତିସମ୍ପନ୍ନ ହୋଇଥିଲେ । ପ୍ରାଣକୁ ଉଚ୍ଚତମ କମ୍ପନ ଅବସ୍ଥାକୁ ଉନ୍ନୀତ କରି ସେମାନେ ଜଗତ ଉପରେ ପ୍ରଭାବ ବିସ୍ତାର କରିବାର ଶକ୍ତି ଲାଭ କରନ୍ତି । ଜଗତର ଯେତେ ପ୍ରକାର ଶକ୍ତିର ବିକାଶ ଦେଖାଯାଏ, ସମସ୍ତ ହିଁ ପ୍ରାଣର ସଂଯମରୁ ଉତ୍ପନ୍ନ । ମନୁଷ୍ୟ ଏହାର ଗୋପନ ତଥ୍ୟ ଜାଣି ନ ପାରେ; କିନ୍ତୁ ଏହା ହିଁ ଏକମାତ୍ର ବ୍ୟାଖ୍ୟା । ତୁମ ଶରୀରରେ ଏହି ପ୍ରାଣଶକ୍ତିର ସରବରାହ କେତେବେଳେ ଏକ ଦିଗରେ ଅଧିକ, ଅନ୍ୟ ଦିଗରେ କମ୍ ହୁଏ ଏବଂ ଏହି ସାମ୍ୟର ଅଭାବ ହେତୁ ରୋଗର ଉତ୍ପତ୍ତି ହୋଇଥାଏ । ଅତିରିକ୍ତ ପ୍ରାଣକୁ ଆଣି ଯେଉଁଠି ପ୍ରାଣର ଅଭାବ ହୋଇଅଛି, ସେଠାର ଅଭାବ ପୂରଣ କରିପାରିଲେ ରୋଗ ଆରୋଗ୍ୟ ହୁଏ । କେଉଁଠି ଅଧିକ, କେଉଁଠି ପୁଣି ଅଳ୍ପ ପ୍ରାଣଶକ୍ତି ଅଛି, ଏହା ଜାଣିବା ମଧ୍ୟ ପ୍ରାଣାୟାମର ଅଙ୍ଗ । ଆମର ଅନୁଭବ ଶକ୍ତି ଏତେ ସୂକ୍ଷ୍ମ ହେବ ଯେ, ଆମେ ବୁଝିପାରିବୁ—ପାଦ ବା ହସ୍ତରେ ଯେଉଁ ପରିମାଣ ପ୍ରାଣ ଆବଶ୍ୟକ ତାହା ସେଠାରେ ନାହିଁ ଏବଂ ଏହି ପ୍ରାଣର ଅଭାବକୁ ଆମେ ଇଚ୍ଛାନୁସାରେ ପୂରଣ କରିପାରିବା । ପ୍ରାଣାୟାମର ଏହିପରି ନାନା ଅଙ୍ଗ ରହିଛି । ଏଗୁଡ଼ିକୁ କ୍ରମଶଃ ଶିକ୍ଷା କରିବାକୁ ହେବ । ତେବେ ଯାଇ କ୍ରମେ ଦେଖିବାକୁ ମିଳିବ ଯେ ବିଭିନ୍ନ ରୂପରେ ପ୍ରକାଶିତ ପ୍ରାଣକୁ ସଂଯତ କରିବା ଏବଂ ଚାଳନା କରିବା ହିଁ ରାଜଯୋଗର ଏକମାତ୍ର ଲକ୍ଷ୍ୟ । ଯେତେବେଳେ କେହି ନିଜର ସବୁ ଶକ୍ତିକୁ ସଂଯତ କରିଅଛି, ସେତେବେଳେ ସେ ନିଜ ଦେହସ୍ଥ ପ୍ରାଣକୁ ହିଁ ଆୟତ୍ତ କରିଅଛି ବୋଲି ଜାଣିବାକୁ ହେବ । ଯେତେବେଳେ କେହି ଧ୍ୟାନ କରେ, ସେ ପ୍ରାଣକୁ ହିଁ ସଂଯତ କରୁଅଛି ବୋଲି ବୁଝିବାକୁ ହେବ ।

ମହାସମୁଦ୍ରରେ ପର୍ବତତୁଲ୍ୟ ବୃହତ୍ ତରଙ୍ଗସମୂହ, କ୍ଷୁଦ୍ର କ୍ଷୁଦ୍ର ତରଙ୍ଗ, ଆହୁରି କ୍ଷୁଦ୍ରତର ତରଙ୍ଗସମୂହ, ପୁନଶ୍ଚ କ୍ଷୁଦ୍ର କ୍ଷୁଦ୍ର ବୁଦ୍‌ବୁଦ ମଧ୍ୟ ରହିଅଛି । କିନ୍ତୁ ଏ ସକଳର ପଶ୍ଚାତ୍‌ରେ ଏକ ଅନନ୍ତ ମହାସମୁଦ୍ର ରହିଛି; ଏହି କ୍ଷୁଦ୍ର ବୁଦ୍‌ବୁଦଟି ଯେପରି ଅନନ୍ତ ମହାସମୁଦ୍ର ସହିତ ଯୁକ୍ତ, ବୃହତ୍ ତରଙ୍ଗଟି ମଧ୍ୟ ଠିକ୍ ସେହିପରି ସେହି ମହାସମୁଦ୍ର ସହିତ ସଂଯୁକ୍ତ । ଏହିରୂପେ ସଂସାରରେ କେହି ବା ମହାପୁରୁଷ, କେହି ବା କ୍ଷୁଦ୍ର ଜଳ-ବୁଦ୍‌ବୁଦ ତୁଲ୍ୟ ସାମାନ୍ୟ ବ୍ୟକ୍ତି; କିନ୍ତୁ ସକଳ ହିଁ ସେହି ଅନନ୍ତ ମହାଶକ୍ତି ସମୁଦ୍ର ସହିତ ସଂଯୁକ୍ତ । ଜୀବମାତ୍ରେ ଏହି ମହାଶକ୍ତିର ଜନ୍ମଗତ ଅଧିକାରୀ । ଯେଉଁଠାରେ ଜୀବନୀଶକ୍ତିର ପ୍ରକାଶ, ସେହିଠାରେ ପଶ୍ଚାତରେ ଅନନ୍ତ ଶକ୍ତିର ଭଣ୍ଡାର ରହିଅଛି । ଗୋଟିଏ କ୍ଷୁଦ୍ର ଛତୁ (fungus)—ହୁଏତ ଏତେ କ୍ଷୁଦ୍ର ଓ ସୂକ୍ଷ୍ମ ଯେ, ଅଣୁବୀକ୍ଷଣଯନ୍ତ୍ରଦ୍ୱାରା ତାହାକୁ ଦେଖିବାକୁ ହୁଏ—ସେଠାରୁ ଆରମ୍ଭ କର, ଦେଖିବ, ଅନନ୍ତ ଶକ୍ତିର ଭଣ୍ଡାରରୁ ଶକ୍ତି ସଂଗ୍ରହ କରି ସେଇଟି କ୍ରମଶଃ ଅନ୍ୟ ଏକ ଆକାର ଧାରଣ କରୁଅଛି । ଏହା ଉଦ୍ଭିଦରେ ପରିଣତ ହେଲା, ତାହା ପୁଣି ଗୋଟିଏ ପଶୁର ଆକାର ଧାରଣ କଲା, ପରେ ମନୁଷ୍ୟ ରୂପ

ଧାରଣ କରି ଅବଶେଷରେ ଈଶ୍ୱରରେ ପରିଣତ ହେବ । ଅବଶ୍ୟ ପ୍ରାକୃତିକ ନିୟମରେ ଏହି ପରିଣତି ପାଇଁ ଲକ୍ଷ ଲକ୍ଷ ବର୍ଷ ଅତୀତ ହୁଏ । କିନ୍ତୁ ଏହି ସମୟର ଅର୍ଥ କଣ ? ସାଧନାର ବେଗ ଓ ଗତି ବୃଦ୍ଧି କରିଦେଲେ ସମୟ ମଧ୍ୟ ସଂକ୍ଷେପ ହୋଇପାରେ । ଯୋଗୀଗଣ କହନ୍ତି, ଯେଉଁ କାର୍ଯ୍ୟ କରିବା ପାଇଁ ସାଧାରଣ ଭାବରେ ଅଧିକ ସମୟ ଲାଗେ, କାର୍ଯ୍ୟର ବେଗ ବୃଦ୍ଧି କରିଦେଲେ ତାହା ହିଁ ଅତି ଅଳ୍ପ ସମୟ ମଧ୍ୟରେ ସମ୍ପନ୍ନ ହୋଇପାରେ । ମନୁଷ୍ୟ ଏହି ବିଶ୍ୱର ଅନନ୍ତ ଶକ୍ତିରାଶିରୁ ଧୀରେ ଧୀରେ ଶକ୍ତି ସଂଗ୍ରହ କରି ଅଗ୍ରସର ହେଉଥାଏ । ଏହି ଭାବରେ ଚାଲିଲେ ଜଣକୁ ଦେବତ୍ୱ ଲାଭ କରିବା ପାଇଁ ହୁଏତ ଲକ୍ଷେ ବର୍ଷ ଲାଗିବ । ଆହୁରି ଉଚ୍ଚାବସ୍ଥା ଲାଭ କରିବା ପାଇଁ ହୁଏତ ପାଞ୍ଚ ଲକ୍ଷ ବର୍ଷ ଲାଗିବ । ପୁନଶ୍ଚ ପୂର୍ଣ୍ଣ ବା ସିଦ୍ଧ ହେବା ପାଇଁ ହୁଏତ ଆହୁରି ପାଞ୍ଚ ଲକ୍ଷ ବର୍ଷ ଲାଗିବ । କିନ୍ତୁ ଉନ୍ନତିର ବେଗ ବୃଦ୍ଧି କଲେ ଏହି ସମୟ ସଂକ୍ଷିପ୍ତ ହୋଇ ଆସିବ । ଯଥେଷ୍ଟ ଚେଷ୍ଟା କଲେ ଛଅ ମାସ ବା ଛଅ ବର୍ଷରେ ସିଦ୍ଧିଲାଭ ହେବ ନାହିଁ କାହିଁକି ? ଏହା ଯୁକ୍ତିସଙ୍ଗତ । ଯଦି କୌଣସି ବାଷ୍ପୀୟ ଯନ୍ତ୍ରରେ ନିର୍ଦ୍ଦିଷ୍ଟ ପରିମାଣ କୋଇଲା ଦେଲେ ପ୍ରତି ଘଣ୍ଟାରେ ଏହା ଦୁଇ ମାଇଲ ହିସାବରେ ଯାଏ, ତେବେ ଅଧିକ କୋଇଲା ଦେଲେ ଆହୁରି ଅଧିକ ବେଗରେ ଯିବ । ଅତଏବ ତୀବ୍ର ସଂବେଗସମ୍ପନ୍ନ* ହେଲେ ଜୀବାତ୍ମା ଏହି ଜନ୍ମରେ ହିଁ ମୁକ୍ତିଲାଭ କରିପାରିବ ନାହିଁ କାହିଁକି ? ସମସ୍ତେ ଶେଷରେ ମୁକ୍ତିଲାଭ କରିବେ; କିନ୍ତୁ ଏତେ ଦିନ ଅପେକ୍ଷା କରିବା କାହିଁକି ? ଏହି ଶରୀରରେ ଏହି ମୁହୂର୍ତ୍ତରେ ଆମେ ମୁକ୍ତିଲାଭ ପାଇଁ କାହିଁକି ସମର୍ଥ ନ ହେବୁ ? ଅନନ୍ତ ଜ୍ଞାନ ଓ ଅନନ୍ତ ଶକ୍ତି ମୁଁ ଏହି ମୁହୂର୍ତ୍ତରେ ଲାଭ କରିବି ନାହିଁ କାହିଁକି ?

ଆତ୍ମାର ଉନ୍ନତିର ବେଗ ବୃଦ୍ଧିକରି କିଭଳି ଅଳ୍ପ ସମୟ ମଧ୍ୟରେ ମୁକ୍ତିଲାଭ କରାଯାଇପାରେ, ଏହା ହିଁ ଯୋଗବିଜ୍ଞାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ମନୁଷ୍ୟ ମୁକ୍ତି ପାଇଁ ଟିକିଏ ଟିକିଏ ଅଗ୍ରସର ହେବା ପରିବର୍ତ୍ତେ ପ୍ରକୃତିର ଅନନ୍ତ ଶକ୍ତି ଭଣ୍ଡାରରୁ ଶକ୍ତି ଗ୍ରହଣ କରି କିପରି ଶୀଘ୍ର ସିଦ୍ଧି ଲାଭ କରିପାରେ, ଯୋଗୀମାନେ ସେହି ଉପାୟ ଉଦ୍ଭାବନ କରିଛନ୍ତି । ଜଗତର ମହାପୁରୁଷଗଣ ସାଧୁ ଓ ସିଦ୍ଧ ପୁରୁଷଗଣ କଣ କରିଯାଇଛନ୍ତି ? ଏକ ଜୀବନରେ ହିଁ ସେମାନେ ମାନବଜାତିର ସମଗ୍ର ଜୀବନ ଯାପନ କରନ୍ତି, ସାଧାରଣ ମନୁଷ୍ୟର ପୂର୍ଣ୍ଣତା ଲାଭକରିବା ପାଇଁ ଯେଉଁ ଦୀର୍ଘ କାଳ ଆବଶ୍ୟକ ହୁଏ, ତାହା ସେମାନେ ଏହି ଜୀବନରେ ହିଁ ଅତିକ୍ରମ କରନ୍ତି । ଗୋଟିଏ ଜନ୍ମରେ ସେମାନେ ସିଦ୍ଧ ହୁଅନ୍ତି । ସେମାନେ ଆଉ କିଛି ଚିନ୍ତା କରନ୍ତି ନାହିଁ, ଅନ୍ୟ କୌଣସି ଲାଭ ପାଇଁ ମୁହୂର୍ତ୍ତେ ମଧ୍ୟ ସମୟ ଅତିବାହିତ କରନ୍ତି ନାହିଁ । ଏହି ଭାବରେ ତାହାଙ୍କର ସମୟ ସଂକ୍ଷିପ୍ତ ହୋଇଥାଏ । ଏକାଗ୍ରତାର ଅର୍ଥ—ଶକ୍ତିସଞ୍ଚୟର କ୍ଷମତା ବୃଦ୍ଧି; ଏହି ଭାବରେ ସମୟ ସଂକ୍ଷିପ୍ତ କରାଯାଏ । ରାଜଯୋଗ-ବିଜ୍ଞାନ ଆମମାନଙ୍କୁ ଶିକ୍ଷା ଦିଏ —କିପରି ଭାବରେ ଏହି ଏକାଗ୍ରତା-ଶକ୍ତି ଲାଭ କରାଯାଏ ।

ପ୍ରାଣାୟାମ ସହିତ ପ୍ରେତତତ୍ତ୍ୱର ସମ୍ବନ୍ଧ କଣ ? ପ୍ରେତତତ୍ତ୍ୱ ପ୍ରାଣାୟାମର ହିଁ ଏକପ୍ରକାର ଶକ୍ତିବିକାଶ । ଯଦି ଏହା ସତ୍ୟ ହୁଏ ଯେ, ପରଲୋକଗତ ଆତ୍ମାର ଅସ୍ତିତ୍ୱ ଅଛି, ଆମେ

---

* ଯୋଗସୂତ୍ର, ୧/୨୧

କେବଳ ସେମାନଙ୍କୁ ଦେଖିବାକୁ ପାଉନାହିଁ, ତା' ହେଲେ ଏହା ମଧ୍ୟ ସମ୍ଭବ ଯେ, ଏହିଠାରେ ହୁଏତ ଲକ୍ଷ ଲକ୍ଷ ଆତ୍ମା ରହିଛନ୍ତି—ଯେଉଁମାନଙ୍କୁ ଆମେ ଦେଖିପାରୁ ନାହିଁ, ଅନୁଭବ ବା ସ୍ପର୍ଶ କରିପାରୁ ନାହିଁ । ଆମେ ହୁଏତ ସର୍ବଦା ହିଁ ସେମାନଙ୍କ ଶରୀର ଭିତର ଦେଇ ଯାତାୟାତ କରୁଅଛୁ । ଆଉ ଏହା ମଧ୍ୟ ଖୁବ୍ ସମ୍ଭବ ଯେ, ସେମାନେ ମଧ୍ୟ ଆମମାନଙ୍କୁ ଦେଖିପାରନ୍ତି ନାହିଁ ବା ଅନୁଭବ କରିପାରନ୍ତି ନାହିଁ । ଏହା ଯେପରି ଗୋଟିଏ ବୃତ୍ତ ମଧ୍ୟରେ ଆଉ ଗୋଟିଏ ବୃତ୍ତ, ଗୋଟିଏ ଜଗତ ଭିତରେ ଆଉ ଗୋଟିଏ ଜଗତ । ଯେଉଁମାନେ ଏକ ସମତଳରେ (plane) ଥାଆନ୍ତି, କେବଳ ସେହିମାନେ ହିଁ ପରସ୍ପରକୁ ଦେଖିପାରନ୍ତି । ଆମେମାନେ ପଞ୍ଚେନ୍ଦ୍ରିୟବିଶିଷ୍ଟ ପ୍ରାଣୀ । ଆମମାନଙ୍କ ପ୍ରାଣର ସ୍ପନ୍ଦନ ଏକ ବିଶେଷ ସ୍ତରର । ଯେଉଁମାନଙ୍କର ପ୍ରାଣର କମ୍ପନ ଏକପ୍ରକାରର, ସେହିମାନେ ହିଁ ପରସ୍ପରକୁ ଦେଖିପାରିବେ । କିନ୍ତୁ ଯଦି ଏପରି କେତେକ ପ୍ରାଣୀ ଥାଆନ୍ତି, ଯେଉଁମାନଙ୍କର ପ୍ରାଣ ଅପେକ୍ଷାକୃତ ଉଚ୍ଚସ୍ପନ୍ଦନଶୀଳ, ସେମାନଙ୍କୁ ଆମେ ଦେଖିପାରିବା ନାହିଁ । ଆଲୋକର ତୀବ୍ରତା ଅତିଶୟ ବର୍ଦ୍ଧିତ ହେଲେ ଆମେ ତାହା ଦେଖିପାରୁ ନାହିଁ; କିନ୍ତୁ ଅନେକ ପ୍ରାଣୀଙ୍କର ଚକ୍ଷୁ ଏପରି ଶକ୍ତିସମ୍ପନ୍ନ ଯେ, ସେମାନେ ଉକ୍ତ ଆଲୋକକୁ ମଧ୍ୟ ଦେଖିପାରନ୍ତି । ପୁନଶ୍ଚ ଯଦି ଆଲୋକର ସ୍ପନ୍ଦନ ଅତି ମୃଦୁ ହୁଏ, ସେତେବେଳେ ମଧ୍ୟ ଆମେ ଏହା ଦେଖିପାରୁ ନାହିଁ; କିନ୍ତୁ ପେଚକ, ମାର୍ଜାରାଦି ପ୍ରାଣୀ ଏହା ଦେଖିପାରନ୍ତି । ଆମର ଦୃଷ୍ଟିର ସୀମା ଏହି ପ୍ରାଣସ୍ପନ୍ଦନର ଗୋଟିଏ ସ୍ତରରେ ସୀମିତ । ବାୟୁର କଥା ଧର; ବାୟୁ ସ୍ତର ସ୍ତର ହୋଇ ସଜ୍ଜିତ ରହିଅଛି । ଗୋଟିଏ ସ୍ତର ଉପରେ ଆଉ ଗୋଟିଏ ସ୍ତର ବାୟୁ ଅଛି । ପୃଥିବୀର ନିକଟବର୍ତ୍ତୀ ସ୍ତର, ତାହା ଉପର ସ୍ତର ଅପେକ୍ଷା ଅଧିକ ଘନ; ଆହୁରି ଊର୍ଦ୍ଧ୍ୱକୁ ଗଲେ ଦେଖିବାକୁ ପାଇବୁ ଯେ, ବାୟୁ କ୍ରମଶଃ ପତଳା ହେଉଅଛି । ସମୁଦ୍ରର ଦୃଷ୍ଟାନ୍ତ ନିଅ; ସମୁଦ୍ରର ଯେତେ ଗଭୀରତର ସ୍ତରକୁ ଯିବ, ଜଳର ଚାପ ସେତେ ବଢ଼ି ଥିବ । ଯେଉଁ ସକଳ ଜନ୍ତୁ ସମୁଦ୍ର ତଳେ ବାସ କରନ୍ତି, ସେମାନେ ଉପରକୁ ଆସିପାରନ୍ତି ନାହିଁ; କାରଣ ଉପରକୁ ଆସିଲେ ଖଣ୍ଡବିଖଣ୍ଡ ହୋଇଯିବେ ।

ସମଗ୍ର ଜଗତ୍‌କୁ ଇଥର୍‌ର ଗୋଟିଏ ସମୁଦ୍ର ରୂପେ ଚିନ୍ତା କର । ପ୍ରାଣର ଶକ୍ତିରେ ଯେପରି ଏହା ସ୍ପନ୍ଦିତ ହେଉଅଛି, ବିଭିନ୍ନ ମାତ୍ରାରେ ସ୍ପନ୍ଦିତ ହୋଇ ତାହା ଯେପରି ସ୍ତରେ ସ୍ତରେ ଅବସ୍ଥିତ । ଯେଉଁ କେନ୍ଦ୍ରରୁ ସ୍ପନ୍ଦନ ଆରମ୍ଭ ହୋଇଅଛି, ସେଠାରୁ ଯେତେ ଦୂରକୁ ଯିବ, ସେହି ସ୍ପନ୍ଦନ ସେତେ ମୃଦୁଭାବରେ ଅନୁଭବ କରିବ । କେନ୍ଦ୍ରନିକଟରେ ସ୍ପନ୍ଦନ ଅତି ଦ୍ରୁତ । ଏକ ଏକ ପ୍ରକାର ସ୍ପନ୍ଦନ ପାଇଁ ଗୋଟିଏ ଗୋଟିଏ ସ୍ତର । ପୁଣି ମନେକର, ଏ ସକଳ ସ୍ପନ୍ଦନର ସ୍ତର ବିଭିନ୍ନ ସମତଳରେ ବିନ୍ୟସ୍ତ ହେଲା—ଲକ୍ଷ ଲକ୍ଷ ଯୋଜନ ବିସ୍ତୃତ ଗୋଟିଏ ସ୍ତର, ପୁନଶ୍ଚ ଲକ୍ଷ ଲକ୍ଷ ଯୋଜନ ବିସ୍ତୃତ ଆଉ ଗୋଟିଏ ଉଚ୍ଚତର ସ୍ପନ୍ଦନର ସ୍ତର, ଏହିପରି ଚାଲିଥିବ । ଏହି ଭାବରେ ଚିନ୍ତା କଲେ ଦେଖାଯିବ, ଯେଉଁମାନେ କୌଣସି ଏକ ସ୍ତରରେ ବାସ କରନ୍ତି, ସେମାନେ ପରସ୍ପରକୁ ଚିହ୍ନିପାରନ୍ତି; କିନ୍ତୁ ତାହା ଅପେକ୍ଷା ନିମ୍ନ ବା ଉଚ୍ଚ ସ୍ତରର ଜୀବଗଣଙ୍କୁ ଚିହ୍ନିପାରନ୍ତି ନାହିଁ । ତଥାପି ଯେପରି ଆମେ ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଆମମାନଙ୍କର ଦୃଷ୍ଟିର ପରିଧି ବଢ଼ାଇପାରୁ, ସେହିପରି ଆମେ ମନକୁ ବିଭିନ୍ନ ପ୍ରକାର ସ୍ପନ୍ଦନବିଶିଷ୍ଟ କରି ଅନ୍ୟାନ୍ୟ ସ୍ତରର ସମ୍ବାଦ, ଅର୍ଥାତ୍ ସେଠାରେ କଣ ହେଉଅଛି, ଜାଣିପାରୁ । ମନେକର, ଏହି

ଗୃହରେ ଏପରି କେତେଗୁଡ଼ିଏ ପ୍ରାଣୀ ଅଛନ୍ତି, ଯାହାଙ୍କୁ ଆମେ ଦେଖିପାରୁ ନାହିଁ । ସେମାନେ ପ୍ରାଣର ଏକ ସ୍ପନ୍ଦନରେ ଓ ଆମେ ଅନ୍ୟ ଏକ ସ୍ପନ୍ଦନରେ ଅଛୁ । ମନେକର ସେମାନେ ଅଧିକ ସ୍ପନ୍ଦନବିଶିଷ୍ଟ ଓ ଆମେ ଅପେକ୍ଷାକୃତ ଅଳ୍ପ ସ୍ପନ୍ଦନଶୀଳ । ସେମାନେ ଯେପରି ପ୍ରାଣରୂପକ ମୂଳ ବସ୍ତୁରୁ ଗଠିତ, ଆମେ ମଧ୍ୟ ଠିକ୍ ସେହିପରି । ସମସ୍ତେ ହିଁ ଏକ ପ୍ରାଣସମୁଦ୍ରର ବିଭିନ୍ନ ଅଂଶ; ବିଭିନ୍ନତା କେବଳ ସ୍ପନ୍ଦନର ବେଗଯୋଗୁଁ । ଯଦି ମୁଁ ମନକୁ ଦୃଢ଼ ସ୍ପନ୍ଦନବିଶିଷ୍ଟ କରିପାରେ, ମୋର ସ୍ତର ମଧ୍ୟ ପରିବର୍ତ୍ତିତ ହେବ, ମୁଁ ଆଉ ତୁମମାନଙ୍କୁ ଦେଖିପାରିବି ନାହିଁ, ତୁମେମାନେ ମୋ ସମ୍ମୁଖରୁ ଅନ୍ତର୍ହିତ ହେବ ଓ ଅନ୍ୟପ୍ରକାରର ପ୍ରାଣୀମାନେ ଆବିର୍ଭୂତ ହେବେ । ତୁମମାନଙ୍କ ମଧ୍ୟରୁ ଅନେକେ ହୁଏତ ଜାଣନ୍ତି ନାହିଁ ଯେ, ଏହା ସତ୍ୟ । ମନକୁ ଉଚ୍ଚତର ସ୍ପନ୍ଦନର ସ୍ତରକୁ ଉନ୍ନୀତ କରିବାର ନାମ ଯୋଗଶାସ୍ତ୍ରରେ 'ସମାଧି' । ଏ ସକଳ ଉଚ୍ଚତର ସ୍ପନ୍ଦନର ଅବସ୍ଥାକୁ, ମନର ଅତିଚେତନ ସ୍ପନ୍ଦନକୁ 'ସମାଧି' ନାମକ ଗୋଟିଏ ଶବ୍ଦର ଅନ୍ତର୍ଭୁକ୍ତ କରାଯାଏ; ସମାଧିର ନିମ୍ନତର ଅବସ୍ଥାରେ ଏହି ସବୁ ପ୍ରେତାତ୍ମା ଇତ୍ୟାଦି ପ୍ରତ୍ୟକ୍ଷ ମରାଯାଏ । ସମାଧିର ସର୍ବୋଚ୍ଚ ଅବସ୍ଥାରେ ଆମେ ସତ୍ୟକୁ ପ୍ରତ୍ୟକ୍ଷ କରୁ । ସେତେବେଳେ ଆମେ ଦେଖିବାକୁ ପାଉ, କି ଉପାଦାନରେ ଏହିସବୁ ନାନା ସ୍ତରର ଜୀବମାନେ ଗଠିତ । 'ମୃତ୍ତିକା ଖଣ୍ଡକୁ ଜାଣିଲେ ଜଗତର ସମସ୍ତ ମୃତ୍ତିକାର ଜ୍ଞାନ ହୁଏ ।'

ଏହି ଭାବରେ ଆମେ ଦେଖିବାକୁ ପାଉ ଯେ, ପ୍ରେତତତ୍ତ୍ୱବିଦ୍ୟାରେ ଯେଉଁ ଟିକକ ସତ୍ୟ ଅଛି, ତାହା ମଧ୍ୟ ଏହି ପ୍ରାଣାୟାମର ଅନ୍ତର୍ଗତ । ଅତଏବ ଯେତେବେଳେ ଦେଖିବ, ଗୋଟିଏ ଦଳ ବା ସଂପ୍ରଦାୟ କୌଣସି ଅତୀନ୍ଦ୍ରିୟ ରହସ୍ୟବିଦ୍ୟା ବା ଗୁପ୍ତତତ୍ତ୍ୱ ଆବିଷ୍କାର କରିବା ପାଇଁ ଚେଷ୍ଟା କରୁଛନ୍ତି, ସେତେବେଳେ ବୁଝିବ, ସେମାନେ ପ୍ରକୃତରେ ଏହି ରାଜଯୋଗ ହିଁ ସାଧନା କରୁଛନ୍ତି, ପ୍ରାଣସଂଯମର ଚେଷ୍ଟା କରୁଛନ୍ତି । ଯଦି କୌଣସି ଅସାଧାରଣ ଶକ୍ତିର ବିକାଶ ଦେଖିବ, ତାହାହେଲେ ବୁଝିବ ଯେ ଏହା ମଧ୍ୟ ପ୍ରାଣର ଅଭିବ୍ୟକ୍ତି । ଜଡ଼ବିଜ୍ଞାନଗୁଡ଼ିକୁ ମଧ୍ୟ ପ୍ରାଣାୟାମର ଅନ୍ତର୍ଭୁକ୍ତ କରାଯାଇପାରେ । ବାଷ୍ପୀୟ ଯନ୍ତ୍ରକୁ କିଏ ଚାଳିତ କରେ ? ପ୍ରାଣ ହିଁ ବାଷ୍ପ ମାଧ୍ୟମରେ ତାହାକୁ ଚଳାଇଥାଏ । ତଡ଼ିତ୍ ପ୍ରଭୃତିର ଯେଉଁ ଅଦ୍ଭୁତ କ୍ରିୟାସମୂହ ଦେଖାଯାଏ, ଏଗୁଡ଼ିକ ପ୍ରାଣଶକ୍ତି ବ୍ୟତୀତ ଆଉ କଣ ହୋଇପାରେ ? ପଦାର୍ଥବିଜ୍ଞାନ କଣ ? ତାହା ବାହ୍ୟ ଉପାୟରେ ଅନୁଷ୍ଠିତ ପ୍ରାଣାୟାମବିଜ୍ଞାନ । ପ୍ରାଣ ଯେତେବେଳେ ମନଃଶକ୍ତିରୂପେ ପ୍ରକାଶିତ ହୁଏ, ସେତେବେଳେ ମାନସିକ ଉପାୟରେ ହିଁ ତାହାକୁ ନିୟନ୍ତ୍ରିତ କରାଯାଇପାରେ । ପ୍ରାଣାୟାମବିଜ୍ଞାନର ଯେଉଁ ଅଂଶରେ ପ୍ରାଣର ସ୍ଥୂଳ ପ୍ରକାଶଗୁଡ଼ିକୁ ବାହ୍ୟ ଉପାୟଦ୍ୱାରା ଜୟ କରିବାର ଚେଷ୍ଟା କରାହୁଏ, ତାହାକୁ ପଦାର୍ଥବିଜ୍ଞାନ କହନ୍ତି । ଆଉ ପ୍ରାଣାୟାମର ଯେଉଁ ଅଂଶରେ ମନଃଶକ୍ତିରୂପକ ପ୍ରାଣର ବିକାଶଗୁଡ଼ିକୁ ମାନସିକ ଉପାୟଦ୍ୱାରା ନିୟନ୍ତ୍ରିତ କରିବାର ଚେଷ୍ଟା କରାହୁଏ, ତାହାକୁ 'ରାଜଯୋଗ' କହନ୍ତି ।

## ଚତୁର୍ଥ ଅଧ୍ୟାୟ
## ପ୍ରାଣର ଆଧ୍ୟାତ୍ମିକ ରୂପ

ଯୋଗୀଗଣଙ୍କ ମତରେ ମେରୁଦଣ୍ଡ ମଧ୍ୟରେ ଇଡ଼ା ଓ ପିଙ୍ଗଳା ନାମକ ଦୁଇଟି ସ୍ନାୟବୀୟ ଶକ୍ତିପ୍ରବାହ ଓ 'ସୁଷୁମ୍ନା' ନାମକ ଗୋଟିଏ ଶୂନ୍ୟ ନାଳୀ ଅଛି । ଏହି ଶୂନ୍ୟ ନାଳୀର ନିମ୍ନ ପ୍ରାନ୍ତରେ 'କୁଣ୍ଡଳିନୀ ପଦ୍ମ' ଅବସ୍ଥିତ । ଯୋଗୀମାନେ କହନ୍ତି, ତାହା ତ୍ରିକୋଣାକାର । ଯୋଗୀଙ୍କ ରୂପକ ଭାଷାରେ ଏହି ସ୍ଥାନରେ କୁଣ୍ଡଳିନୀଶକ୍ତି କୁଣ୍ଡଳାକୃତି ହୋଇ ବିରାଜମାନ । ଯେତେବେଳେ ଏହି କୁଣ୍ଡଳିନୀ ଜାଗ୍ରତ ହୁଅନ୍ତି, ସେତେବେଳେ ସେ ଏହି ଶୂନ୍ୟ ନାଳୀ ମଧ୍ୟଦେଇ ଉପରକୁ ଉଠିବାକୁ ଚେଷ୍ଟା କରନ୍ତି ଏବଂ ଯେତିକି ସେ ଏକ ଏକ ସୋପାନ ଉପରକୁ ଉଠୁଥାଆନ୍ତି, ସେତିକି ମନ ସମ୍ମୁଖରେ ସ୍ତର ପରେ ସ୍ତର ଖୋଲି ଯାଉଥାଏ; ଆଉ ସେହି ଯୋଗୀଙ୍କର ନାନା ଅଲୌକିକ ରୂପଦର୍ଶନ ଓ ଅଦ୍ଭୁତ ଶକ୍ତି ଲାଭ ହେଉଥାଏ । ଯେତେବେଳେ ସେହି କୁଣ୍ଡଳିନୀ ମସ୍ତିଷ୍କରେ ଉପନୀତ ହୁଅନ୍ତି, ସେତେବେଳେ ଯୋଗୀ ସଂପୂର୍ଣ୍ଣରୂପେ ଶରୀର ଓ ମନରୁ ପୃଥକ୍ ହୋଇଯାଆନ୍ତି ଏବଂ ତାଙ୍କର ଆତ୍ମା ସ୍ୱୀୟ ମୁକ୍ତଭାବ ଉପଲବ୍ଧି କରେ ।

ଆମେମାନେ ଜାଣୁ ସୁଷୁମ୍ନାକାଣ୍ଡ (spinal cord) ଏକ ବିଶେଷ ପ୍ରକାରରେ ଗଠିତ; '8'—ଏହି ଅକ୍ଷରଟିକୁ ଯଦି ଲମ୍ବା କରି (∞) ରଖାହୁଏ, ତାହାହେଲେ ଦେଖାଯିବ ଯେ, ତାହାର ଦୁଇଟି ଅଂଶ ରହିଅଛି ଏବଂ ଏ ଦୁଇଟି ପରସ୍ପର ସଂଯୁକ୍ତ । ଏହି ଅକ୍ଷରକୁ ଗୋଟିକ ଉପରେ ଗୋଟିଏ ରଖିଲେ ଯେପରି ଦେଖାଯାଏ, ସୁଷୁମ୍ନାକାଣ୍ଡ କେତେକାଂଶରେ ସେହିପରି । ଏହାର ବାମଭାଗ 'ଇଡ଼ା', ଦକ୍ଷିଣ ଭାଗ 'ପିଙ୍ଗଳା' ଏବଂ ଯେଉଁ ଶୂନ୍ୟ ନାଳୀ ସୁଷୁମ୍ନାକାଣ୍ଡର ଭିତର ଦେଇ ଯାଇଅଛି, ତାହା 'ସୁଷୁମ୍ନା' । କଟିଦେଶ ନିକଟରେ ମେରୁଦଣ୍ଡର କେତେଗୁଡ଼ିଏ ଅସ୍ଥିପରେ ସୁଷୁମ୍ନାକାଣ୍ଡ ଶେଷ ହୋଇଅଛି, ତେବେ ସୁଦ୍ଧା ଗୋଟିଏ ଅତି ସୂକ୍ଷ୍ମ ତନ୍ତୁ ବରାବର ନିମ୍ନକୁ ଓହ୍ଲାଇ ଆସିଅଛି । ସୁଷୁମ୍ନାନଳୀ ଏହି ତନ୍ତୁ ଭିତରେ ମଧ୍ୟ ଅବସ୍ଥିତ । ଏହା ଅତି ସୂକ୍ଷ୍ମ । ନିମ୍ନ ଦିଗକୁ ଏହି ନଳୀର ମୁଖ ବନ୍ଦ ଥାଏ । ତାହାରି ନିକଟରେ ହିଁ କଟିଦେଶସ୍ଥ ସ୍ନାୟୁଜାଲ (Sacral plexus) ଅବସ୍ଥିତ । ଆଧୁନିକ ଶରୀରବିଜ୍ଞାନ (physiology) ମତରେ ତାହା ତ୍ରିକୋଣାକୃତି । ବିଭିନ୍ନ ସ୍ନାୟୁଜାଲର କେନ୍ଦ୍ର ସୁଷୁମ୍ନା ମଧ୍ୟରେ ଅବସ୍ଥିତ; ଏଗୁଡ଼ିକୁ ଯୋଗୀମାନଙ୍କର ଭିନ୍ନ ଭିନ୍ନ ପଦ୍ମ ରୂପେ ଗ୍ରହଣ କରାଯାଇପାରେ ।

ଯୋଗୀ କଳ୍ପନା କରନ୍ତି, ସର୍ବନିମ୍ନ ମୂଳାଧାରରୁ ଆରମ୍ଭ କରି ମସ୍ତିଷ୍କସ୍ଥ ସହସ୍ରାର ବା ସହସ୍ରଦଳ ପଦ୍ମ ପର୍ଯ୍ୟନ୍ତ କେତେଗୁଡ଼ିଏ କେନ୍ଦ୍ର ଅଛି । ଯଦି ଆମେମାନେ ଏହି ପଦ୍ମଗୁଡ଼ିକୁ ପୂର୍ବୋକ୍ତ ସ୍ନାୟୁଜାଲ (plexus) ବୋଲି ମନେକରୁ, ତାହା ହେଲେ ଆଧୁନିକ ଶରୀରବିଜ୍ଞାନ ଭାଷାରେ ଅତି ସହଜରେ ଯୋଗୀମାନଙ୍କ କଥାର ତାତ୍ପର୍ଯ୍ୟ ବୁଝାଯିବ । ଆମେ ଜାଣୁ, ଆମ ସ୍ନାୟୁ ମଧ୍ୟରେ ଦୁଇ ପ୍ରକାରର ପ୍ରବାହ ଅଛି; ସେମାନଙ୍କ ମଧ୍ୟରୁ ଗୋଟିଏ ଅନ୍ତର୍ମୁଖ ଓ ଅପରଟି ବହିର୍ମୁଖ, ଗୋଟିଏ ଜ୍ଞାନାତ୍ମକ (sensory) ଓ ଅପରଟି କର୍ମାତ୍ମକ (motor), ଗୋଟିଏ କେନ୍ଦ୍ରାଭିମୁଖୀ ଓ ଅପରଟିକୁ କେନ୍ଦ୍ରାପସାରୀ କୁହାଯାଇପାରେ । ସେମାନଙ୍କ ମଧ୍ୟରୁ ଗୋଟିଏ ମସ୍ତିଷ୍କକୁ ସଂବାଦ ବହନ କରେ, ଅପରଟି ମସ୍ତିଷ୍କରୁ ବିଭିନ୍ନ ଅଙ୍ଗକୁ ସମ୍ବାଦ ନେଇଯାଏ । ଏହି ସ୍ପନ୍ଦନପ୍ରବାହଗୁଡ଼ିକ ମସ୍ତିଷ୍କ ସହିତ ସଂଯୁକ୍ତ । ପରବର୍ତ୍ତୀ ବ୍ୟାଖ୍ୟା ସୁଗମ ଓ ସ୍ପଷ୍ଟ କରିବା ପାଇଁ ଆମମାନଙ୍କୁ କେତେଗୁଡ଼ିଏ କଥା ସ୍ମରଣ ରଖିବାକୁ ହେବ । ସୁଷୁମ୍ନାକାଣ୍ଡ ମସ୍ତିଷ୍କମଜ୍ଜାର ଗୋଟିଏ

କନ୍ଦା (bulb)ରେ ଶେଷ ହୋଇଅଛି; କିନ୍ତୁ ଏହା ମସ୍ତିଷ୍କ ସହିତ ଯୁକ୍ତ ନୁହେଁ, ମସ୍ତିଷ୍କ ଅନ୍ତର୍ଗତ ତରଳ ପଦାର୍ଥରେ ଏହା ଭାସମାନ ରହିଛି । ମୁଣ୍ଡରେ ଯଦି କୌଣସି ଆଘାତ ଲାଗେ, ତେବେ ଏହି ଆଘାତର ଶକ୍ତି ଏହି ତରଳ ପଦାର୍ଥରେ ହିଁ ବ୍ୟୟିତ ହୁଏ; କନ୍ଦା ଆହତ ହୁଏ ନାହିଁ । ଏହା ମନେରଖିବା ବିଶେଷ ପ୍ରୟୋଜନ । ଦ୍ୱିତୀୟତଃ ସମଗ୍ର ଚକ୍ର ମଧ୍ୟରେ ସର୍ବନିମ୍ନସ୍ଥ ମୂଳାଧାର, ମସ୍ତିଷ୍କସ୍ଥ ସହସ୍ରଦଳ ପଦ୍ମ ଓ ନାଭିଦେଶରେ ଅବସ୍ଥିତ ମଣିପୁର ଚକ୍ର—ଏହି ତିନୋଟି କଥା ମନେ ରଖିବା ବିଶେଷ ଆବଶ୍ୟକ ।

ବର୍ତ୍ତମାନ ପଦାର୍ଥବିଜ୍ଞାନର ଗୋଟିଏ ତତ୍ତ୍ୱ ଆମମାନଙ୍କୁ ବୁଝିବାକୁ ହେବ । ଆମେମାନେ ସମସ୍ତେ ହିଁ ତଡ଼ିତ୍ ଓ ତତ୍‌ସମ୍ପର୍କିତ ବହୁବିଧ ଶକ୍ତି କଥା ଶୁଣିଅଛୁ । ତଡ଼ିତ୍ କଣ, ତାହା କେହିହେଲେ ଜାଣନ୍ତି ନାହିଁ; ତେବେ ଆମେ ଏତିକି ଜାଣୁ ଯେ, ତଡ଼ିତ୍ ଏକପ୍ରକାର ଗତିବିଶେଷ । ଜଗତରେ ଅନ୍ୟାନ୍ୟ ନାନାବିଧ ଗତି ଅଛି; ତଡ଼ିତ୍ ସହିତ ସେଗୁଡ଼ିକର ପ୍ରଭେଦ କଣ ? ମନେକର ଗୋଟିଏ ଟେବୁଲ ହଲୁଅଛି—ଯେଉଁ ପରମାଣୁଗୁଡ଼ିକଦ୍ୱାରା ଏହା ଗଠିତ, ସେଗୁଡ଼ିକ ବିଭିନ୍ନ ଦିଗରେ ଆନ୍ଦୋଳିତ ହେଉଛନ୍ତି । ଯଦି ସେଗୁଡ଼ିକୁ କେବଳ ଏକ ଦିଗରେ ସଞ୍ଚାଳିତ କରିବାକୁ ହୁଏ, ତାହା ହେଲେ ତାହା ତଡ଼ିତ୍‌ଶକ୍ତିଦ୍ୱାରା ହିଁ ସମ୍ଭବ । ତଡ଼ିତ୍‌ପ୍ରବାହ କୌଣସି ପଦାର୍ଥର ପରମାଣୁଗୁଡ଼ିକୁ ଏକ ଦିଗରେ ଗତିଶୀଳ କରେ । ଏହି ଗୃହରେ ଯେଉଁ ବାୟୁରାଶି ରହିଅଛି, ତାହାର ସବୁ ପରମାଣୁଗୁଡ଼ିକୁ ଯଦି କ୍ରମାଗତ ଏକ ଦିଗରେ ସଞ୍ଚାଳିତ କରାଯାଏ; ତାହା ହେଲେ ଘରଟି ଗୋଟିଏ ବିରାଟ ବିଦ୍ୟୁତ୍ ଆଧାରଯନ୍ତ୍ରରେ (battery) ପରିଣତ ହେବ ।

ଶରୀରବିଜ୍ଞାନର ଗୋଟିଏ ତତ୍ତ୍ୱ ଆମକୁ ସ୍ମରଣ ରଖିବାକୁ ହେବ । ତତ୍ତ୍ୱଟି ଏହି: ଯେଉଁ ସ୍ନାୟୁକେନ୍ଦ୍ର ଶ୍ୱାସପ୍ରଶ୍ୱାସ ଯନ୍ତ୍ରଗୁଡ଼ିକୁ ନିୟମିତ କରେ, ସ୍ନାୟୁପ୍ରବାହଗୁଡ଼ିକ ଉପରେ ମଧ୍ୟ ତାହାର ପ୍ରଭାବ ଅଛି; ଏହି କେନ୍ଦ୍ର ବକ୍ଷଦେଶର ଠିକ୍ ବିପରୀତ ଦିଗରେ ମେରୁଦଣ୍ଡରେ ଅବସ୍ଥିତ, ତାହା ଶ୍ୱାସ-ପ୍ରଶ୍ୱାସକୁ ନିୟମିତ କରେ ଏବଂ ଅନ୍ୟାନ୍ୟ ଯେଉଁ ସକଳ ସ୍ନାୟୁଚକ୍ର ଅଛି, ସେଗୁଡ଼ିକ ଉପରେ ମଧ୍ୟ କିଞ୍ଚିତ୍ ପ୍ରଭାବ ବିସ୍ତାର କରିଥାଏ ।

ଏଥର ଆମେ ପ୍ରାଣାୟାମ କ୍ରିୟାସାଧନର କାରଣ ବୁଝିପାରିବା । ପ୍ରଥମତଃ ନିୟମିତ ଶ୍ୱାସପ୍ରଶ୍ୱାସଦ୍ୱାରା ଶରୀରର ସମୁଦାୟ ପରମାଣୁଗୁଡ଼ିକ ଗତିସମ୍ପନ୍ନ ହେବାର ପ୍ରବଣତା ଲାଭ କରିବେ । ଯେତେବେଳେ ମନ ଦୃଢ଼ ଇଚ୍ଛାଶକ୍ତିରେ ପରିଣତ ହୁଏ, ସେତେବେଳେ ସମଗ୍ର ସ୍ନାୟୁପ୍ରବାହ ଏକପ୍ରକାର ତଡ଼ିତ୍ ଶକ୍ତିରେ ପରିଣତ ହୁଏ; କାରଣ, ଦେଖାଯାଇଛି—ତଡ଼ିତ୍‌ପ୍ରବାହର ପ୍ରଭାବରେ ସ୍ନାୟୁର ଉଭୟ ପ୍ରାନ୍ତରେ ବିପରୀତ ଶକ୍ତିଦ୍ୱୟର ଉଦ୍ଭବ ହୁଏ । ଏଥିରୁ ହିଁ ପ୍ରମାଣିତ ହୁଏ ଯେ, ଯେତେବେଳେ ଇଚ୍ଛାଶକ୍ତି ସ୍ନାୟୁପ୍ରବାହରୂପେ ପରିଣତ ହୁଏ, ସେତେବେଳେ ଏହା ତଡ଼ିତ୍ ସମ କୌଣସି ଶକ୍ତିରେ ପରିବର୍ତ୍ତିତ ହୁଏ । ଯେତେବେଳେ ଶରୀରର ସମୁଦାୟ ଗତି ସଂପୂର୍ଣ୍ଣ ସମତାଳରେ ଚାଳିତ ହୁଏ, ସେତେବେଳେ ଶରୀର ଯେପରି ଇଚ୍ଛାଶକ୍ତିର ଏକ ପ୍ରବଳ ବିଦ୍ୟୁତ୍ ଆଧାରସ୍ୱରୂପ ହୋଇଯାଏ । ଏହି ପ୍ରବଳ ଇଚ୍ଛାଶକ୍ତି ଲାଭ କରିବା ହିଁ ଆମର ଉଦ୍ଦେଶ୍ୟ । ପ୍ରାଣାୟାମ କ୍ରିୟାକୁ ଏହିପରି ଶରୀରବିଜ୍ଞାନ ସାହାଯ୍ୟରେ ବ୍ୟାଖ୍ୟା କରାଯାଇପାରେ । ତାହା ଶରୀର ମଧ୍ୟରେ ଛନ୍ଦ ଭଳି ଏକପ୍ରକାର ଗତି ଉତ୍ପାଦନ କରେ ଓ ଶ୍ୱାସପ୍ରଶ୍ୱାସକେନ୍ଦ୍ର ଉପରେ ଆଧିପତ୍ୟ ବିସ୍ତାର କରି ଶରୀରସ୍ଥ ଅନ୍ୟାନ୍ୟ କେନ୍ଦ୍ରଗୁଡ଼ିକୁ ମଧ୍ୟ ଅଧୀନକୁ (control) ଆଣିବାରେ ସାହାଯ୍ୟ କରେ । ପ୍ରାଣାୟାମର ଲକ୍ଷ୍ୟ ମୂଳାଧାରରେ ଅବସ୍ଥିତ କୁଣ୍ଡଳିନୀଶକ୍ତିର ଉଦ୍‌ବୋଧନ କରିବା ।

ଆମେ ଯାହା କିଛି ଦେଖୁ, କଳ୍ପନା କରୁ ଅଥବା ସ୍ୱପ୍ନରେ ଦେଖୁ, ସମସ୍ତ ହିଁ ଆକାଶର ପଟ୍ଟଭୂମିରେ ଅନୁଭବ କରିବାକୁ ହୁଏ । ଏହି ପରିଦୃଶ୍ୟମାନ ଆକାଶର ନାମ ମହାକାଶ । ଯୋଗୀ ଯେତେବେଳେ କାହାର ମନୋଭାବ ପ୍ରତ୍ୟକ୍ଷ କରନ୍ତି ବା ଅତୀନ୍ଦ୍ରୀୟ ବସ୍ତୁସମୂହ ଅନୁଭବ କରନ୍ତି, ସେତେବେଳେ ଏଗୁଡ଼ିକ ଅନ୍ୟ ଏକପ୍ରକାର ଆକାଶରେ—ଚିତ୍ତାକାଶରେ ବା ମାନସ-ଆକାଶରେ ଦେଖିବାକୁ ପାଆନ୍ତି । ଆଉ ଯେତେବେଳେ ଆମମାନଙ୍କ ଅନୁଭୂତି ବିଷୟଶୂନ୍ୟ ହୁଏ, ଯେତେବେଳେ ଆତ୍ମା ନିଜ ସ୍ୱରୂପରେ ପ୍ରକାଶିତ ହୁଅନ୍ତି, ସେତେବେଳେ ତାହାର ନାମ 'ଚିଦାକାଶ' ବା ଜ୍ଞାନର ଆକାଶ । ଯେତେବେଳେ କୁଣ୍ଡଳିନୀଶକ୍ତି ଜାଗରିତ ହୋଇ ସୁଷୁମ୍ନା ନାଡ଼ୀରେ ପ୍ରବେଶ କରନ୍ତି, ସେତେବେଳେ ଯେଉଁ ସକଳ ବିଷୟ ଅନୁଭୂତ ହୁଏ, ସେଗୁଡ଼ିକ ଚିତ୍ତାକାଶରେ ହିଁ ହୋଇଥାଏ । ଏହି ନାଳୀର ଶେଷ ସୀମା ମସ୍ତିଷ୍କରେ କୁଣ୍ଡଳିନୀଶକ୍ତି ଉପନୀତ ହେଲେ ଚିଦାକାଶରେ ଏକ ବିଷୟଶୂନ୍ୟ ଜ୍ଞାନ ଅନୁଭୂତ ହୋଇଥାଏ ।

ବର୍ତ୍ତମାନ ତଡ଼ିତ୍ ଶକ୍ତିର ଉପମା ପୁଣି ଦିଆଯାଉ । ଆମେ ଦେଖିବାକୁ ପାଉ ଯେ, ମନୁଷ୍ୟ କେବଳ ତାରଯୋଗେ କୌଣସି ତଡ଼ିତ୍-ପ୍ରବାହକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରେରଣ କରିପାରେ ।* କିନ୍ତୁ ପ୍ରକୃତି ତାହାର ପ୍ରଚଣ୍ଡ ଶକ୍ତିପ୍ରବାହ ପ୍ରେରଣ କରିବା ପାଇଁ କୌଣସି ତାରର ସାହାଯ୍ୟ ଗ୍ରହଣ କରେ ନାହିଁ । ଏହାଦ୍ୱାରା ପ୍ରମାଣିତ ହୁଏ, ପ୍ରବାହ ସଞ୍ଚାଳନ କରିବାପାଇଁ ତାରର ବାସ୍ତବିକ୍ କୌଣସି ଆବଶ୍ୟକତା ନାହିଁ । ତେବେ ଆମେ ଏହା ବ୍ୟତୀତ କାମ କରିପାରୁ ନାହିଁ ବୋଲି ତାରର ପ୍ରୟୋଜନ ।

ତଡ଼ିତ୍-ପ୍ରବାହ ଯେପରି ତାର ସାହାଯ୍ୟରେ ପ୍ରେରିତ ହୋଇଥାଏ, ଠିକ୍ ସେହିପରି ସ୍ନାୟୁତନ୍ତୁରୂପକ ତାର ସାହାଯ୍ୟରେ ଶରୀରର ସର୍ବବିଧ ସମ୍ବେଦନ ମସ୍ତିଷ୍କକୁ ପ୍ରେରିତ ହେଉଛି ଓ ମସ୍ତିଷ୍କରୁ କର୍ମପ୍ରଚେଷ୍ଟା ବହିରିନ୍ଦ୍ରିୟକୁ ପ୍ରେରିତ ହେଉଛି । ସୁଷୁମ୍ନା ମଧ୍ୟସ୍ଥିତ ଜ୍ଞାନାତ୍ମକ ଓ କର୍ମାତ୍ମକ ସ୍ନାୟୁତନ୍ତୁଗୁଡ଼ିକ ହିଁ ଯୋଗୀମାନଙ୍କର ଇଡ଼ା ଓ ପିଙ୍ଗଳା ନାଡ଼ୀ । ପ୍ରଧାନତଃ ଏହି ଦୁଇଟି ନାଡ଼ୀ ଭିତର ଦେଇ ପୂର୍ବୋକ୍ତ ଅନ୍ତର୍ମୁଖୀ ଓ ବହିର୍ମୁଖୀ ଶକ୍ତି ପ୍ରବାହ ଦୁଇଟି ଚଳାଚଳ କରୁଅଛି । କିନ୍ତୁ ପ୍ରଶ୍ନ ହେଉଛି, କୌଣସି ତାରର ସାହାଯ୍ୟ ବ୍ୟତୀତ ମନ କାହିଁକି ସମ୍ବାଦ ପ୍ରେରଣ କରିପାରିବ ନାହିଁ, ଅଥବା ପ୍ରତିକ୍ରିୟା କରିବ ନାହିଁ ? ପ୍ରକୃତିରେ ତ ଏପରି ଘଟଣା ଘଟୁଛି । ଉତ୍ତରରେ ଯୋଗୀମାନେ କହନ୍ତି, କେବଳ ଏପରି କରିପାରିଲେ ଜଡ଼ର ବନ୍ଧନ ଅତିକ୍ରମ କରାଯାଇପାରେ । ଏହା କରିବାର ଉପାୟ କଣ ? ଯଦି ମେରୁଦଣ୍ଡ ମଧ୍ୟସ୍ଥ ସୁଷୁମ୍ନା ଭିତର ଦେଇ ସ୍ନାୟୁପ୍ରବାହ ଚଳାଇପାର, ତାହାହେଲେ ଏହି ସମସ୍ୟାର ସମାଧାନ ହେବ । ମନ ଏହି ସ୍ନାୟୁଜାଲ ନିର୍ମାଣ କରିଅଛି, ମନକୁ ହିଁ ଏହି ଜାଲ ଛିନ୍ନ କରିବାକୁ ହେବ । କୌଣସି ପ୍ରକାର ତାରର ସାହାଯ୍ୟ ବିନା କାମ କରିବାକୁ ହେବ । ସେତେବେଳେ ସମସ୍ତ ଜ୍ଞାନ ଆମର ଆୟତ୍ତ ହେବ, ଦେହର ବନ୍ଧନ ଆଉ ରହିବ ନାହିଁ । ଅତଏବ ସୁଷୁମ୍ନା ନାଡ଼ୀ ଜୟ କରିବା ଅତ୍ୟନ୍ତ ପ୍ରୟୋଜନ । ଯଦି ଏହି ଶୂନ୍ୟ ନାଳୀ ମଧ୍ୟଦେଇ, ନାଡ଼ୀଜାଲର ସାହାଯ୍ୟ ବ୍ୟତିରେକେ ଆମେ ମାନସିକ ପ୍ରବାହ ଚଳାଇପାରୁ, ଯୋଗୀମାନେ କହନ୍ତି, ତାହେଲେ ଏ ସମସ୍ୟାର ସମାଧାନ ହେବ । ଯୋଗୀମାନେ ପୁନଶ୍ଚ କହନ୍ତି, ଏପରି କରିବା ସମ୍ଭବ ।

---

* ପାଠକ ସ୍ମରଣ ରଖିବେ ଯେ ବେତାର ଆବିଷ୍କାର ପୂର୍ବେ ଏହା ରଚିତ ।

ସାଧାରଣ ଲୋକର ଶରୀରରେ ସୁଷୁମ୍ନା ନିମ୍ନ ପ୍ରଦେଶରେ ବନ୍ଦଥାଏ; ତାହାଦ୍ୱାରା କୌଣସି କ୍ରିୟା ହୁଏ ନାହିଁ । ଯୋଗୀମାନେ କହନ୍ତି, ଏହି ସୁଷୁମ୍ନାଦ୍ୱାର ଉନ୍ମୁକ୍ତ କରି ତାହା ଭିତର ଦେଇ ସ୍ନାୟୁପ୍ରବାହ ଚଳାଇବାର ନିର୍ଦ୍ଦିଷ୍ଟ ପ୍ରଣାଳୀ ଅଛି । ସେହି ସାଧନରେ କୃତକାର୍ଯ୍ୟ ହେଲେ ସ୍ନାୟୁପ୍ରବାହ ତାହା ମଧ୍ୟଦେଇ ଚାଲିପାରେ । ବାହ୍ୟ ବିଷୟଦ୍ୱାରା ଉତ୍ପନ୍ନ ପ୍ରବାହ ଯେତେବେଳେ କୌଣସି କେନ୍ଦ୍ରରେ ଉପନୀତ ହୁଏ, ସେତେବେଳେ ଏହି କେନ୍ଦ୍ରରୁ ଏକ ପ୍ରତିକ୍ରିୟା (reaction) ହୁଏ । ସ୍ୱୟଂକ୍ରିୟ କେନ୍ଦ୍ରଗୁଡ଼ିକରେ (automatic centres) ଏହି ପ୍ରତିକ୍ରିୟା ଫଳରେ ଏକ ଗତି ଉତ୍ପନ୍ନ ହୁଏ; ଚେତନାଯୁକ୍ତ କେନ୍ଦ୍ରଗୁଡ଼ିକରେ (conscious centres) କିନ୍ତୁ ପ୍ରଥମେ ଅନୁଭବ ଓ ପରେ ଗତି ଉତ୍ପନ୍ନ ହୁଏ । ସମସ୍ତ ଅନୁଭୂତି ହିଁ ବାହାରୁ ଆଗତ କ୍ରିୟାର ପ୍ରତିକ୍ରିୟା ମାତ୍ର । ତେବେ ସ୍ୱପ୍ନରେ ଅନୁଭୂତି ହୁଏ କିପରି ? ସେତେବେଳେ ବାହାରର କୌଣସି କ୍ରିୟା ନଥାଏ । ତେବେ ନିଶ୍ଚୟ ବିଷୟାଭିଘାତଜନିତ ସ୍ନାୟବୀୟ ଗତିଗୁଡ଼ିକ ଶରୀରରେ କେଉଁଠି ହେଲେ କୁଣ୍ଡଳୀକୃତ ଭାବରେ ଅବସ୍ଥାନ କରେ । ମନେକର, ମୁଁ ଗୋଟିଏ ନଗର ଦେଖିଲି; ସେହି ନଗରର ବହିଃବସ୍ତୁଗୁଡ଼ିକର ଆଘାତର ପ୍ରତିଘାତରେ ହିଁ ଆମେ ସେହି ନଗରର ଅନୁଭୂତି—ଅର୍ଥାତ୍ ସେହି ନଗରର ବହିର୍ବସ୍ତୁନିଚୟଦ୍ୱାରା ଆମର ଅନ୍ତର୍ବାହୀ ସ୍ନାୟୁମଣ୍ଡଳୀ ମଧ୍ୟରେ ଯେଉଁ ଗତିବିଶେଷ ଉତ୍ପନ୍ନ ହୁଏ—ତାହାଦ୍ୱାରା ମସ୍ତିଷ୍କମଧ୍ୟସ୍ଥ ପରମାଣୁଗୁଡ଼ିକ ଗତିଶୀଳ ହୋଇଛି । ଏହି ଅଭିଜ୍ଞତାର ଅନେକ ଦିନ ପରେ ମଧ୍ୟ ଏହି ନଗରଟିକୁ ମନେକରି ହେବ । ସ୍ମୃତିରେ ମଧ୍ୟ ଠିକ୍ ଏହିପରି ଘଟିଥାଏ, ତେବେ ମୃଦୁଭାବରେ । କିନ୍ତୁ ଯେଉଁ କ୍ରିୟା ମସ୍ତିଷ୍କ ଭିତରେ ଏଭଳି ମୃଦୁ କମ୍ପନ ସୃଷ୍ଟି କରେ, ତାହା କେଉଁଠାରୁ ଆସେ ? ତାହା ଯେ ସେହି ପ୍ରଥମ ସମ୍ବେଦନରୁ ସୃଷ୍ଟି, ତାହା କେବେହେଲେ କୁହାଯାଇ ନ ପାରେ । ତା'ହେଲେ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ, ଏହି ସମ୍ବେଦନଜନିତ ଗତିପ୍ରବାହଗୁଡ଼ିକ ଶରୀର ମଧ୍ୟର କେଉଁଠି ହେଲେ କୁଣ୍ଡଳୀକୃତ ହୋଇ ରହିଅଛି ଏବଂ ସେଗୁଡ଼ିକର ଅଭିଘାତ ଫଳରେ ସ୍ୱପ୍ନକାଳୀନ ଅନୁଭୂତିରୂପକ ମୃଦୁ ପ୍ରତିକ୍ରିୟା ହୋଇଥାଏ ।

ଯେଉଁ କେନ୍ଦ୍ରରେ ସଂବେଦନଗୁଡ଼ିକର ଅବଶିଷ୍ଟାଂଶ ବା ସଂସ୍କାରସମଷ୍ଟି ସଞ୍ଚିତ ଥାଏ, ତାହାକୁ 'ମୂଳାଧାର' କହନ୍ତି, ଆଉ ଏହି କୁଣ୍ଡଳୀକୃତ କ୍ରିୟାଶକ୍ତିକୁ 'କୁଣ୍ଡଳନୀ' କହନ୍ତି । ସମ୍ଭବତଃ ପ୍ରେରଣା-ଶକ୍ତିର ଅବଶିଷ୍ଟାଂଶ ମଧ୍ୟ ଏହି ସ୍ଥାନରେ କୁଣ୍ଡଳୀକୃତ ହୋଇ ସଞ୍ଚିତ ହୋଇଅଛି; କାରଣ, କୌଣସି ବାହ୍ୟ ବସ୍ତୁର ଦୀର୍ଘକାଳ ଚିନ୍ତା ଓ ଗଭୀର ଅଧ୍ୟୟନ ପରେ ଶରୀରର ଯେଉଁ ସ୍ଥାନରେ ଏହି ମୂଳାଧାର ଚକ୍ର (ସମ୍ଭବତଃ Sacral Plexus) ଅବସ୍ଥିତ, ତାହା ଉଷ୍ଣ ହୋଇଯାଏ । ଯଦି ଏହି କୁଣ୍ଡଳିନୀଶକ୍ତି ଜାଗରିତ ହୋଇ ଜ୍ଞାତସାରରେ ସୁଷୁମ୍ନାନାଳୀ ଭିତରଦେଇ ଗମନ କରେ, ତେବେ ତାହାର ଗୋଟିକ ପରେ ଗୋଟିଏ କେନ୍ଦ୍ର ଉପରେ କ୍ରିୟା ଫଳରେ ପ୍ରବଳ ପ୍ରତିକ୍ରିୟା ଉତ୍ପତ୍ତି ହେବ । ଯେତେବେଳେ କୁଣ୍ଡଳିନୀଶକ୍ତିର ଅତି ସାମାନ୍ୟ ଅଂଶ କୌଣସି ସ୍ନାୟୁତନ୍ତୁ ଭିତର ଦେଇ ପ୍ରବାହିତ ହୁଏ ଓ ବିଭିନ୍ନ କେନ୍ଦ୍ରରେ ପ୍ରତିକ୍ରିୟା ସୃଷ୍ଟି କରେ, ସେତେବେଳେ ତାହା ହିଁ ସ୍ୱପ୍ନ ଅଥବା କଳ୍ପନା ନାମରେ ଅଭିହିତ ହୁଏ । କିନ୍ତୁ ଯେତେବେଳେ ଏହି ଦୀର୍ଘକାଳ ସଞ୍ଚିତ ବିପୁଳ ଶକ୍ତିପୁଞ୍ଜ ଦୀର୍ଘକାଳବ୍ୟାପୀ ତୀବ୍ର ଧ୍ୟାନ ବଳରେ ସୁଷୁମ୍ନାମାର୍ଗ ଅତିକ୍ରମ କରୁଥାଏ, ସେତେବେଳେ ଯେଉଁ ପ୍ରତିକ୍ରିୟା ହୁଏ, ତାହା ଅତି ପ୍ରବଳ । ତାହା ସ୍ୱପ୍ନ ବା କଳ୍ପନାକାଳୀନ ପ୍ରତିକ୍ରିୟାଠାରୁ ଯେ କେବଳ ଅନନ୍ତ ଗୁଣ ଶ୍ରେଷ୍ଠ ତାହା ନୁହେଁ, ବରଂ ଜାଗ୍ରତକାଳୀନ ବିଷୟଜ୍ଞାନର

ପ୍ରତିକ୍ରିୟା ଅପେକ୍ଷା ମଧ୍ୟ ଅନନ୍ତ ଗୁଣ ପ୍ରବଳ । ଏହା ହେଉଛି ଅତୀନ୍ଦ୍ରିୟ ଅନୁଭୂତି, ଏହି ଅବସ୍ଥାରେ ମନ ଜ୍ଞାନାତୀତ ଭୂମିରେ ଆରୋହଣ କରିଥାଏ । ଯେତେବେଳେ ଏହା ସମୁଦାୟ ଜ୍ଞାନର, ସମୁଦାୟ ଅନୁଭୂତିର କେନ୍ଦ୍ରସ୍ୱରୂପ ମସ୍ତିଷ୍କରେ ଯାଇ ଉପସ୍ଥିତ ହୁଏ, ସେତେବେଳେ ସମଗ୍ର ମସ୍ତିଷ୍କ ଓ ତାହାର ପ୍ରତ୍ୟେକ ପରମାଣୁରୁ ଯେଉଁ ପ୍ରତିକ୍ରିୟା ହୁଏ ତାହାର ଫଳ ଜ୍ଞାନଲୋକର ପୂର୍ଣ୍ଣପ୍ରକାଶ ବା ଆତ୍ମାନୁଭୂତି । କୁଣ୍ଡଳିନୀଶକ୍ତି ଯେତେବେଳେ ଗୋଟିଏ କେନ୍ଦ୍ରରୁ ଅନ୍ୟ କେନ୍ଦ୍ରକୁ ଯାଏ ସେତେବେଳେ ମନର ଗୋଟିଏ ଗୋଟିଏ ସ୍ତର ଯେପରିକି ଉନ୍ମୁକ୍ତ ହେଉଥାଏ ଏବଂ ଯୋଗୀ ଜଗତର ସୂକ୍ଷ୍ମ ବା କାରଣବସ୍ଥାକୁ ଉପଲବ୍ଧି କରୁଥାଆନ୍ତି । ସେହି ସମୟରେ ସମ୍ବେଦନ ଓ ତାହାର ପ୍ରତିକ୍ରିୟା ସ୍ୱରୂପ ଜଗତର କାରଣ-ସମୂହର ଯଥାର୍ଥ ଜ୍ଞାନ ହେବ, ଅର୍ଥାତ୍ ସର୍ବବିଷୟରେ ଆମର ପୂର୍ଣ୍ଣ ଜ୍ଞାନ ହେବ । କାରଣକୁ ଜାଣିଲେ କାର୍ଯ୍ୟର ଜ୍ଞାନ ନିଶ୍ଚୟ ଆସିବ ।

ଅତଏବ କୁଣ୍ଡଳିନୀକୁ ଜାଗ୍ରତ କରିବା ହିଁ ଦିବ୍ୟଜ୍ଞାନ, ଜ୍ଞାନାତୀତ ଅନୁଭୂତି ବା ଆତ୍ମାନୁଭୂତି ଲାଭର ଏକମାତ୍ର ଉପାୟ । କୁଣ୍ଡଳିନୀ ଜାଗ୍ରତ କରିବାର ଅନେକ ଉପାୟ ଅଛି; କାହାର କେବଳ ଭଗବତ୍‌ପ୍ରେମଦ୍ୱାରା କାହାରି ବା ସିଦ୍ଧ ମହାପୁରୁଷଙ୍କ କୃପାରୁ, କାହାର ପୁଣି ସୂକ୍ଷ୍ମ ଜ୍ଞାନବିଚାରଦ୍ୱାରା ଏହା ସମ୍ଭବପର ହୋଇଥାଏ । ଲୋକମାନେ ଯାହାକୁ ଅଲୌକିକ ଶକ୍ତି ବା ଜ୍ଞାନ କହିଥାଆନ୍ତି, ଯେତେବେଳେ କେଉଁଠି ତାହାର କିଛି ପ୍ରକାଶ ଦେଖାଯାଏ, ସେତେବେଳେ ବୁଝିବାକୁ ହେବ ଯେ, ଏହି କୁଣ୍ଡଳିନୀଶକ୍ତିର କିୟତ୍ ଅଂଶ କୌଣସି ଉପାୟରେ ସୁଷୁମ୍ନା ମଧ୍ୟରେ ପ୍ରବେଶ କରିଅଛି । ତେବେ ଅଧିକାଂଶ ସ୍ଥଳରେ ହିଁ ଦେଖାଯିବ, ସେହି ବ୍ୟକ୍ତି ନ ଜାଣି ହଠାତ୍ ଏପରି କୌଣସି ସାଧନା କରିଛନ୍ତି; ଯାହା ହେତୁ ତାଙ୍କର ଅଜ୍ଞାତସାରରେ କୁଣ୍ଡଳିନୀଶକ୍ତିର କିୟତ୍ ପରିମାଣ ସୁଷୁମ୍ନାରେ ପ୍ରବେଶ କରିଅଛି । ସର୍ବପ୍ରକାର ଉପାସନା ଜ୍ଞାତ ବା ଅଜ୍ଞାତସାରରେ ଏହି ଏକ ଲକ୍ଷ୍ୟରେ ପହଞ୍ଚାଇ ଦିଏ । ଯେ ମନେ କରନ୍ତି, 'ମୁଁ ପ୍ରାର୍ଥନାର ଉତ୍ତର ପାଇଅଛି', ସେ ଜାଣନ୍ତି ନାହିଁ ଯେ, ପ୍ରାର୍ଥନାରୂପକ ମନୋବୃତ୍ତିଦ୍ୱାରା ସେ ତାଙ୍କରି ଦେହସ୍ଥିତ, ଅନନ୍ତ ଶକ୍ତିର ଏକ ବିନ୍ଦୁକୁ ଜାଗରିତ କରିବା ପାଇଁ ସମର୍ଥ ହୋଇଅଛନ୍ତି । ସୁତରାଂ ମନୁଷ୍ୟ ନ ଜାଣି ଯାହାଙ୍କୁ ନାନା ନାମରେ—ଭୟ ଓ ଦୁଃଖରେ ପ୍ରେରିତ ହୋଇ ଉପାସନା କରେ, ତାଙ୍କ ନିକଟକୁ କିପରି ଅଗ୍ରସର ହେବାକୁ ପଡ଼େ, ତାହା ଜାଣିଲେ ତୁମେ ବୁଝିବ ଯେ ସେ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ କୁଣ୍ଡଳୀକୃତ ହୋଇ ବିରାଜମାନ—ଏବଂ ସେ ବାସ୍ତବିକ ସକଳ ସୁଖର ଜନନୀ —ଯୋଗୀଗଣ ଜଗତ ସମ୍ମୁଖରେ ଏହି ସତ୍ୟକୁ ଉଚ୍ଚକଣ୍ଠରେ ଘୋଷଣା କରନ୍ତି । ସୁତରାଂ ରାଜଯୋଗ ହିଁ ପ୍ରକୃତ ଧର୍ମ-ବିଜ୍ଞାନ ଏବଂ ତାହା ସକଳ ଉପାସନା, ସକଳ ପ୍ରାର୍ଥନା, ବିଭିନ୍ନ ପ୍ରକାର ସାଧନ-ପଦ୍ଧତି, କ୍ରିୟାନୁଷ୍ଠାନ ଓ ଅଲୌକିକ ଘଟଣାସମୂହର ଯୁକ୍ତିସଙ୍ଗତ ବ୍ୟାଖ୍ୟା ।

## ପଞ୍ଚମ ଅଧ୍ୟାୟ

## ଆଧ୍ୟାତ୍ମିକ ପ୍ରାଣର ସଂଯମ

ବର୍ତ୍ତମାନ ଆମକୁ ପ୍ରାଣାୟାମର ବିଭିନ୍ନ କ୍ରିୟାଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିବାକୁ ହେବ । ଆମେ ପୂର୍ବରୁ ଜାଣିଅଛୁ, ଯୋଗୀଗଣଙ୍କ ମତରେ ସାଧନର ପ୍ରଥମ ଅଙ୍ଗ ଫୁସ୍‌ଫୁସ୍‌ର ଗତି ନିୟନ୍ତ୍ରିତ କରିବା । ଆମର ଉଦ୍ଦେଶ୍ୟ—ଶରୀର ମଧ୍ୟରେ ଯେଉଁ ସକଳ ସୂକ୍ଷ୍ମ ସୂକ୍ଷ୍ମ ଗତି ଅଛି, ସେଗୁଡ଼ିକୁ ଅନୁଭବ କରିବା । ଆମମାନଙ୍କ ମନ ବହିର୍ମୁଖ ହୋଇଯାଇଛି; ଏହା ଭିତରର ସୂକ୍ଷ୍ମାତିସୂକ୍ଷ୍ମ ଗତିଗୁଡ଼ିକୁ ଆମେ ଆଦୌ ଜାଣିପାରୁ ନାହିଁ । ଏହା ଅନୁଭବ କରିପାରିଲେ ଆମେ ସେଗୁଡ଼ିକୁ ଜୟ କରିପାରିବା । ଏହି ସ୍ନାୟବୀୟ ଶକ୍ତିପ୍ରବାହଗୁଡ଼ିକ ଶରୀରରେ ସର୍ବତ୍ର ଚାଲୁଅଛି, ପ୍ରତି ମାଂସପେଶୀକୁ ଏମାନେ ପ୍ରାଣ ଓ ଜୀବନୀଶକ୍ତି ସଞ୍ଚାର କରୁଛନ୍ତି; କିନ୍ତୁ ଆମେ ସେ ପ୍ରବାହଗୁଡ଼ିକୁ ଅନୁଭବ କରିପାରୁ ନାହୁଁ । ଯୋଗୀମାନେ କହନ୍ତି, ଚେଷ୍ଟା କଲେ ଆମେ ଏଗୁଡ଼ିକୁ ଅନୁଭବ କରିବାକୁ ଶିଖିପାରିବା । କିପରି ଭାବରେ ? ପ୍ରଥମେ ଫୁସ୍‌ଫୁସ୍‌ର ଗତି ନିୟନ୍ତ୍ରିତ କରିବା ପାଇଁ ଚେଷ୍ଟା କରିବାକୁ ହେବ । ଏହା କରିପାରିଲେ ଆମେ ସୂକ୍ଷ୍ମତର ଗତିଗୁଡ଼ିକୁ ମଧ୍ୟ ନିୟନ୍ତ୍ରିତ କରିପାରିବା ।

ବର୍ତ୍ତମାନ ପ୍ରାଣାୟାମର ସାଧନ ଓ କ୍ରିୟାଗୁଡ଼ିକ କଥା ଆଲୋଚନା କରାଯାଉ । ସରଳଭାବେ ଉପବେଶନ କରିବାକୁ ହେବ, ଶରୀରକୁ ସଳଖ ଭାବରେ ରଖିବାକୁ ହେବ । ସୁଷୁମ୍ନା ନାଡ଼ୀ ଯଦିଓ ମେରୁଦଣ୍ଡର ଅଭ୍ୟନ୍ତରରେ ଅବସ୍ଥିତ ତଥାପି ମେରୁଦଣ୍ଡ ସହିତ ସଂଲଗ୍ନ ନୁହେଁ । ବକ୍ର ହୋଇ ବସିଲେ ସୁଷୁମ୍ନାପଥ ବାଧାପ୍ରାପ୍ତ ହୁଏ; ଅତଏବ ଦେଖିବାକୁ ହେବ, ତାହା ଯେପରି ସହଜଭାବରେ ରହେ । ବକ୍ର ହୋଇ ବସି ଧ୍ୟାନ କରିବାର ଚେଷ୍ଟା କ୍ଷତିକାରକ । ଶରୀରର ତିନୋଟି ଭାଗ—ବକ୍ଷଦେଶ, ଗ୍ରୀବା ଓ ମସ୍ତକ—ସର୍ବଦା ଏକ ସରଳରେଖାରେ ରଖିବାକୁ ହେବ । ଦେଖିବ, ଅତି ଅଳ୍ପ ଅଭ୍ୟାସରେ ଏହା ଶ୍ୱାସ-ପ୍ରଶ୍ୱାସ ପରି ସହଜ ହୋଇଯିବ । ତା'ପରେ ସ୍ନାୟୁଗୁଡ଼ିକୁ ବଶୀଭୂତ କରିବାର ଚେଷ୍ଟା କରିବାକୁ ହେବ । ପୂର୍ବରୁ କହିଅଛି, ଯେଉଁ ସ୍ନାୟୁକେନ୍ଦ୍ର ଶ୍ୱାସ-ପ୍ରଶ୍ୱାସ ଯନ୍ତ୍ରର କାର୍ଯ୍ୟ ନିୟମିତ କରେ, ସ୍ନାୟୁମଣ୍ଡଳୀ ଉପରେ ମଧ୍ୟ ତାହାର କିଛି ପ୍ରଭାବ ଅଛି । ଅତଏବ ଶ୍ୱାସ-ପ୍ରଶ୍ୱାସ ତାଳେ ତାଳେ (Rhythmical) ହେବା ଆବଶ୍ୟକ । ଆମେ ସାଧାରଣତଃ ଯେଉଁ ଭାବରେ ଶ୍ୱାସ-ପ୍ରଶ୍ୱାସ ଗ୍ରହଣ କରୁ, ତାହା ଶ୍ୱାସପ୍ରଶ୍ୱାସ ନାମର ଯୋଗ୍ୟ ନୁହେଁ; କାରଣ ତାହା ଅତି ଅନିୟମିତ । ପୁନଶ୍ଚ ସ୍ତ୍ରୀ ଓ ପୁରୁଷଙ୍କର ଶ୍ୱାସପ୍ରଶ୍ୱାସରେ ସାମାନ୍ୟ ପ୍ରଭେଦ ଦେଖାଯାଏ ।

ପ୍ରାଣାୟାମ ସାଧନରେ ପ୍ରଥମ କ୍ରିୟା ହେଉଛି ନିର୍ଦ୍ଦିଷ୍ଟ ପରିମାଣରେ ଶ୍ୱାସ ଗ୍ରହଣ କରି ନିର୍ଦ୍ଦିଷ୍ଟ ପରିମାଣରେ ପ୍ରଶ୍ୱାସ ତ୍ୟାଗ କରିବା । ଏହା କରିବାଦ୍ୱାରା ଦେହ-ଯନ୍ତ୍ର ମଧ୍ୟରେ ସାମଞ୍ଜସ୍ୟ ସ୍ଥାପିତ ହେବ । କିଛିଦିନ ଅଭ୍ୟାସ ପରେ ଏହି ଶ୍ୱାସପ୍ରଶ୍ୱାସ ସହିତ 'ଓଁ କାର' ଅଥବା ଅନ୍ୟ କୌଣସି ପବିତ୍ର ଶବ୍ଦ ମନେ ମନେ ଉଚ୍ଚାରଣ କରିବା ଭଲ । ପ୍ରାଣାୟମ ସମୟରେ ଏକ, ଦୁଇ, ତିନି, ଚାରି—ଏପରି ସଂଖ୍ୟା ଗଣନା ନ କରି ଭାରତରେ ଆମେ କେତେଗୁଡ଼ିଏ ସାଙ୍କେତିକ ଶବ୍ଦ (ବୀଜମନ୍ତ୍ର) ବ୍ୟବହାର କରିଥାଉ । ଏଥିପାଇଁ ମୁଁ ପ୍ରାଣାୟାମ ସମୟରେ 'ଓଁ' ଅଥବା ଅନ୍ୟ କୌଣସି ପବିତ୍ର ଶବ୍ଦ ବ୍ୟବହାର କରିବା ପାଇଁ କହୁଅଛି । ଚିନ୍ତା କରିବ, ଯେପରିକି

ତାହା ଶ୍ୱାସ ସହିତ ବାହାରକୁ ଯାଉଅଛି ଓ ଭିତରକୁ ଆସୁଅଛି; ଏପରି କଲେ ଦେଖିବ, ଯେପରିକି ସମଗ୍ର ଶରୀର ଛନ୍ଦର ତାଳେ ତାଳେ ଚାଳିତ ହେଉଅଛି । ସେତେବେଳେ ବୁଝିବ, ପ୍ରକୃତ ବିଶ୍ରାମ କଅଣ । ଏହା ତୁଳନାରେ ନିଦ୍ରା ମଧ ବିଶ୍ରାମ ନୁହେଁ । ଏହି ଅବସ୍ଥା ଆସିଲେ ଅତି ଶ୍ରାନ୍ତ ସ୍ନାୟୁଗୁଡ଼ିକ ମଧ ଶାନ୍ତ ହେବେ । ସେତେବେଳେ ତୁମେ ବୁଝିବ, ପ୍ରକୃତ ବିଶ୍ରାମର ଅର୍ଥ କ'ଣ ।

ଏହି ସାଧନାରେ ପ୍ରଥମ ଫଳ ହେଉଛି ମୁଖର ପରିବର୍ତ୍ତନ, ମୁଖର ଶୁଷ୍କ ବା କଠୋର ରେଖାଗୁଡ଼ିକ ଅନ୍ତର୍ହିତ ହୋଇଯିବ । ମନର ଶାନ୍ତି ମୁଖରେ ପରିସ୍ଫୁଟ ହେବ । ତାପରେ କଣ୍ଠସ୍ୱର ଅତି ମଧୁର ହେବ । ମୁଁ ଏପରି କୌଣସି ଯୋଗୀଙ୍କୁ ଦେଖି ନାହିଁ, ଯାହାଙ୍କ ସ୍ୱର କର୍କଶ । କେତେ ମାସ ଧରି ସାଧନା କଲେ ଏହି ସକଳ ଲକ୍ଷଣ ଦେଖାଦେବ । ପ୍ରଥମ (ପୂର୍ବୋକ୍ତ ପ୍ରକାରର) ପ୍ରାଣାୟାମ କିଛିଦିନ ଅଭ୍ୟାସ କରି ଉଚ୍ଚତର ପ୍ରାଣାୟାମର ଅନ୍ୟ ଗୋଟିଏ ସାଧନ ଆରମ୍ଭ କରିବାକୁ ହେବ । ତାହା ଏହି ପ୍ରକାର–ଇଡ଼ା ଅର୍ଥାତ୍ ବାମ ନାସାଦ୍ୱାରା ଧୀରେ ଧୀରେ ଫୁସ୍‌ଫୁସ୍‌କୁ ବାୟୁରେ ପୂର୍ଣ୍ଣ କର ଏବଂ ସ୍ନାୟୁପ୍ରବାହ ଉପରେ ମନ ସଂଯମ କର; ଭାବ, ତୁମେ ଯେପରି ସ୍ନାୟୁପ୍ରବାହକୁ ମେରୁଦଣ୍ଡର ନିମ୍ନଦେଶକୁ ପ୍ରେରଣ କରି କୁଣ୍ଡଳନୀ ଶକ୍ତିର ଆଧାର ତ୍ରିକୋଣାକୃତ ପଦ୍ମ ଉପରେ ତୀବ୍ର ଆଘାତ କରୁଅଛ । ତା'ପରେ ଏହି ସ୍ନାୟୁ ପ୍ରବାହକୁ କିଛି ସମୟ ପାଇଁ ଏହି ସ୍ଥାନରେ ଧାରଣ କରି ରଖ । ତା'ପରେ କଳ୍ପନା କର ଯେ, ସେହି ସ୍ନାୟୁପ୍ରବାହକୁ ଶ୍ୱାସ ସହିତ ପିଙ୍ଗଳା ପଥରେ ଉପରକୁ ଟାଣି ନେଉଛ । ପରେ ଦକ୍ଷିଣ ନାସା ଦେଇ ବାୟୁ ଧୀରେ ଧୀରେ ବାହାରକୁ ନିକ୍ଷେପ କର । ଏହା ଅଭ୍ୟାସ କରିବା ତୁମ ପକ୍ଷରେ ଟିକିଏ କଠିନ ବୋଧ ହେବ । ସହଜ ଉପାୟ ହେଉଛି, ପ୍ରଥମେ ଅଙ୍ଗୁଷ୍ଠଦ୍ୱାରା ଦକ୍ଷିଣ ନାସା ବନ୍ଦ କରି ବାମ ନାସା ଦେଇ ଧୀରେ ଧୀରେ ବାୟୁ ପୂରଣ କର । ତାପରେ ଅଙ୍ଗୁଷ୍ଠ ଓ ତର୍ଜନୀଦ୍ୱାରା ଉଭୟ ନାସା ବନ୍ଦ କର ଓ ଚିନ୍ତା କର, ଯେପରିକି ତୁମେ ସ୍ନାୟୁପ୍ରବାହ ନିମ୍ନଦେଶକୁ ପ୍ରେରଣ କରି ସୁଷୁମ୍ନାର ମୂଳଦେଶରେ ଆଘାତ କରୁଅଛ, ତାପରେ ଅଙ୍ଗୁଷ୍ଠ ଉଠାଇ ନେଇ ଦକ୍ଷିଣ ନାସାଦ୍ୱାରା ବାୟୁ ରେଚନ କର । ତାପରେ ବାମ ନାସା ତର୍ଜନୀଦ୍ୱାରା ବନ୍ଦ ରଖି ଦକ୍ଷିଣ ନାସାଦ୍ୱାରା ଧୀରେ ଧୀରେ ପୂରଣ କର ଓ ପୁନରାୟ ପୂର୍ବ ଭଳି ଉଭୟ ନାସାରନ୍ଧ୍ରକୁ ବନ୍ଦ କର । ହିନ୍ଦୁମାନଙ୍କ ଭଳି ପ୍ରାଣାୟାମ ଅଭ୍ୟାସ କରିବା ଏ ଦେଶ (ଆମେରିକା) ପକ୍ଷରେ କଠିନ ହେବ; କାରଣ ହିନ୍ଦୁମାନେ ବାଲ୍ୟକାଳରୁ ଏହା ଅଭ୍ୟାସ କରନ୍ତି, ସେମାନଙ୍କର ଫୁସ୍‌ଫୁସ୍ ଏଥିରେ ଅଭ୍ୟସ୍ତ । ତେଣୁ ତୁମ ପକ୍ଷରେ ଚାରି ସେକେଣ୍ଡରୁ ଆରମ୍ଭ କରି କ୍ରମଶଃ ବୃଦ୍ଧି କଲେ ଭଲ ହେବ । ଚାରି ସେକେଣ୍ଡ ପର୍ଯ୍ୟନ୍ତ ବାୟୁ ପୂରଣ କର, ଷୋହଳ ସେକେଣ୍ଡ ବନ୍ଦ କର, ପରେ ଆଠ ସେକେଣ୍ଡ ଧରି ବାୟୁ ରେଚନ କର । ଏଥିରେ ଗୋଟିଏ ପ୍ରାଣାୟାମ ହେବ । ମୂଳାଧାରସ୍ଥ ତ୍ରିକୋଣାକାର ପଦ୍ମର ଚିନ୍ତା କରି ଏହି କେନ୍ଦ୍ରରେ ମନ ସ୍ଥିର କରିବ । ଏପରି କଳ୍ପନାଦ୍ୱାରା ସାଧନା ଅନେକ ସହଜ ହେବ ।

ପରବର୍ତ୍ତୀ (ତୃତୀୟ) ପ୍ରାଣାୟାମ ଏହିପରି—ଧୀରେ ଧୀରେ ଭିତରକୁ ଶ୍ୱାସ ଗ୍ରହଣ କର, ପରେ ଧୀରେ ଧୀରେ ବାୟୁ ରେଚନ କରି କିଛିକ୍ଷଣ ପାଇଁ ଶ୍ୱାସ ରୁଦ୍ଧ କରି ରଖ । ସଂଖ୍ୟା ପୂର୍ବ ପ୍ରାଣାୟାମ ପରି ରହିବ । ପୂର୍ବ ପ୍ରାଣାୟାମ ସହିତ ଏହାର ପ୍ରଭେଦ ଏତିକି ଯେ, ପୂର୍ବ

ପ୍ରାଣାୟାମରେ ଶ୍ୱାସ ଭିତର ଦିଗରୁ ରୁଦ୍ଧ କରିବାକୁ ହୁଏ, ଏ କ୍ଷେତ୍ରରେ ତାହାକୁ ବାହାରେ ରୁଦ୍ଧ କରାହେଲା । ଏହି ଶେଷୋକ୍ତ ପ୍ରାଣାୟାମ ପୂର୍ବାପେକ୍ଷା ସହଜ । ଯେଉଁ ପ୍ରାଣାୟାମରେ ଶ୍ୱାସ ଭିତରେ ରୁଦ୍ଧ କରିବାକୁ ପଡ଼େ, ତାହା ଅତିରିକ୍ତ ଅଭ୍ୟାସ କରିବା ଭଲ ନୁହେଁ । ତାହା ସକାଳେ ଚାରି ଥର ଓ ସନ୍ଧ୍ୟାରେ ଚାରି ଥର ଅଭ୍ୟାସ କର । ପରେ ଧୀରେ ଧୀରେ ସମୟ ଓ ସଂଖ୍ୟା ବୃଦ୍ଧି କରିପାର । କ୍ରମଶଃ ଦେଖିବ, ତୁମେ ଅତି ସହଜରେ ତାହା କରିପାରୁଛ ଓ ଏଥିରେ ଆନନ୍ଦ ପାଉଛ । ଅତଏବ ଯେତେବେଳେ ଦେଖିବ ସହଜ ଭାବରେ ଏହା କରିପାରୁଛ, ସେତେବେଳେ ତୁମେ ସାବଧାନରେ ସଂଖ୍ୟାକୁ ଚାରିରୁ ଛଅ ପର୍ଯ୍ୟନ୍ତ ବୃଦ୍ଧି କରିପାର । ଅନିୟମିତ ଭାବରେ ସାଧନ କଲେ ତୁମର ଅନିଷ୍ଟ ହୋଇପାରେ ।

ନାଡ଼ୀଶୁଦ୍ଧି ପାଇଁ ବର୍ଣ୍ଣିତ ତିନୋଟି ପ୍ରକ୍ରିୟା ମଧ୍ୟରୁ ପ୍ରଥମୋକ୍ତ ଓ ଶେଷୋକ୍ତ କ୍ରିୟା ଦୁଇଟି କଠିନ ନୁହେଁ ଏବଂ ସେଥିରେ କୌଣସି ବିପଦର ମଧ୍ୟ ଆଶଙ୍କା ନାହିଁ । ପ୍ରଥମ କ୍ରିୟାଟି ଯେତେ ଅଭ୍ୟାସ କରିବ, ସେତେ ତୁମର ମନ ଶାନ୍ତ ହେବ । ତାହା ସହିତ 'ଓଁ କାର' ଯୋଗ କରି ଅଭ୍ୟାସ କର, ଦେଖିବ, ଯେତେବେଳେ ତୁମେ କୌଣସି କାର୍ଯ୍ୟରେ ନିଯୁକ୍ତ ଅଛ, ସେତେବେଳେ ମଧ୍ୟ ତୁମେ ଏହା ଅଭ୍ୟାସ କରିପାରୁଛ । ଏହି କ୍ରିୟା ତୁମକୁ ସବୁ କ୍ଷେତ୍ରରେ ସାହାଯ୍ୟ କରିବ । ଏହିପରି କରୁ କରୁ ଦିନେ ତୀବ୍ରସାଧନ ଫଳରେ ତୁମର କୁଣ୍ଡଳିନୀ ଜାଗ୍ରତ ହେବ । ଯେଉଁମାନେ ଦିନରେ ଥରେ ବା ଦୁଇ ଥର ଅଭ୍ୟାସ କରିବେ, ସେମାନଙ୍କର ଦେହ ଓ ମନ କିଞ୍ଚିତ୍ ସ୍ଥିର ଓ ସୁସ୍ଥ ହେବ, କଣ୍ଠସ୍ୱର ମଧୁର ହେବ । କିନ୍ତୁ ଯେଉଁମାନେ ତୀବ୍ର ସାଧନାରେ ଅଗ୍ରସର ହେବାକୁ ଚେଷ୍ଟା କରିବେ, ସେମାନଙ୍କର କୁଣ୍ଡଳିନୀ ଜାଗ୍ରତ ହେବ; ସେମାନଙ୍କ ନିକଟରେ ସମଗ୍ର ପ୍ରକୃତି ଏକ ନୂତନ ରୂପ ଧାରଣ କରିବ, ସେମାନଙ୍କ ନିକଟରେ ଜ୍ଞାନର ଦ୍ୱାର ଉଦ୍‌ଘାଟିତ ହେବ । ସେତେବେଳେ ଆଉ ଗ୍ରନ୍ଥରେ ଜ୍ଞାନ ଅନ୍ୱେଷଣ କରିବାକୁ ହେବ ନାହିଁ; ମନ ତୁମ ନିକଟରେ ଅନନ୍ତ–ଜ୍ଞାନ–ବିଶିଷ୍ଟ ପୁସ୍ତକର କାର୍ଯ୍ୟ କରିବ । ମୁଁ ପୂର୍ବରୁ ମେରୁଦଣ୍ଡର ଉଭୟ ଦିଗରେ ପ୍ରବାହିତ ଇଡ଼ା ଓ ପିଙ୍ଗଳା ନାମକ ଦୁଇଟି ଶକ୍ତିପ୍ରବାହର କଥା ଉଲ୍ଲେଖ କରିଅଛି । ମେରୁମଜ୍ଜା ମଧ୍ୟସ୍ଥ ସୁଷୁମ୍ନାର କଥା ମଧ୍ୟ ପୂର୍ବରୁ କୁହାଯାଇଅଛି । ଏହି ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ପ୍ରତ୍ୟେକ ପ୍ରାଣୀ ଶରୀରରେ ବିରାଜିତ । ମେରୁଦଣ୍ଡବିଶିଷ୍ଟ ପ୍ରାଣୀମାନଙ୍କ ଭିତରେ ଏହି ତିନି ପ୍ରକାର ଭିନ୍ନ ଭିନ୍ନ କ୍ରିୟାର ପ୍ରଣାଳୀ ଅଛି । ତେବେ ଯୋଗୀମାନେ କହନ୍ତି, ସାଧାରଣ ମନୁଷ୍ୟ ମଧ୍ୟରେ ସୁଷୁମ୍ନା ବନ୍ଦ ଥାଏ, ଏଥିରେ କୌଣସି ପ୍ରକାର କ୍ରିୟାର ଅନୁଭବ ହୁଏ ନାହିଁ । କିନ୍ତୁ ଇଡ଼ା ଓ ପିଙ୍ଗଳା ନାଡ଼ୀଦ୍ୱୟ ଶରୀରର ବିଭିନ୍ନ ଅଂଶକୁ ଶକ୍ତି ବହନ କରିଥାଆନ୍ତି ।

କେବଳ ଯୋଗୀର ହିଁ ଏହି ସୁଷୁମ୍ନା ଉନ୍ମୁକ୍ତ ଥାଏ । ସୁଷୁମ୍ନାଦ୍ୱାରା ଦେଇ ସ୍ନାୟୁପ୍ରବାହ ଯେତେବେଳେ ଉପରକୁ ଉଠୁଥାଏ, ସେତେବେଳେ ଚିତ୍ତ ମଧ୍ୟ ଉଚ୍ଚତର ଭୂମିକୁ ଉଠୁଥାଏ । ସେତେବେଳେ ଆମେ ଅତୀନ୍ଦ୍ରିୟ ରାଜ୍ୟକୁ ଚାଲିଯାଉ । ଆମମାନଙ୍କର ମନ ସେତେବେଳେ ଅତୀନ୍ଦ୍ରିୟ, ଅତିଚେତନ ଅବସ୍ଥା ଲାଭ କରେ, ସେତେବେଳେ ଆମେ ବୁଦ୍ଧିର ଅତୀତ ରାଜ୍ୟକୁ ଚାଲିଯାଉ, ଯେଉଁଠି ଯୁକ୍ତିତର୍କର ସ୍ଥାନ ନାହିଁ । ଏହି ସୁଷୁମ୍ନାକୁ ଉନ୍ମୁକ୍ତ କରିବା ହିଁ ହେଲା ଯୋଗୀର ଏକମାତ୍ର ଉଦ୍ଦେଶ୍ୟ । ପୂର୍ବେ ଯେଉଁ ସକଳ ଶକ୍ତିବହନକେନ୍ଦ୍ରର କଥା ଉଲ୍ଲିଖିତ ହୋଇଅଛି, ଯୋଗୀଗଣଙ୍କ ମତରେ ସେଗୁଡ଼ିକ ସୁଷୁମ୍ନା ମଧ୍ୟରେ ହିଁ ଅବସ୍ଥିତ । ରୂପକଭାଷାରେ ସେଗୁଡ଼ିକୁ ହିଁ ପଦ୍ମ କହନ୍ତି । ସୁଷୁମ୍ନାର ସର୍ବନିମ୍ନରେ ଅବସ୍ଥିତ ପ୍ରଥମ ପଦ୍ମଟିର ନାମ (୧ମ) ମୂଳାଧାର,

ତା' ଊର୍ଦ୍ଧ୍ୱରେ (୨ୟ) ସ୍ୱାଧିଷ୍ଠାନ, (୩ୟ) ମଣିପୁର, (୪ର୍ଥ) ଅନାହତ, (୫ମ) ବିଶୁଦ୍ଧ, (୬ଷ୍ଠ) ଆଜ୍ଞା, ସର୍ବଶେଷରେ (୭ମ) ମସ୍ତିଷ୍କସ୍ଥ ସହସ୍ରାର ବା ସହସ୍ରଦଳ ପଦ୍ମ ।

ଏମାନଙ୍କ ମଧ୍ୟରୁ ଆପାତତଃ ଆମର ଦୁଇଟି କେନ୍ଦ୍ରର (ଚକ୍ରର) କଥା ଜାଣିବା ଆବଶ୍ୟକ--ସର୍ବନିମ୍ନରେ ମୂଳାଧାର ଓ ସର୍ବୋଚ୍ଚ କେନ୍ଦ୍ରରେ ଅବସ୍ଥିତ ସହସ୍ରାର କଥା । ସର୍ବନିମ୍ନ ଚକ୍ରରେ ସମଗ୍ର ଶକ୍ତି ଅବସ୍ଥିତ, ଆଉ ସେହି ସ୍ଥାନରୁ ତାହାକୁ ମସ୍ତିଷ୍କର ସର୍ବୋଚ୍ଚ ଚକ୍ରକୁ ନେଇଯିବାକୁ ହେବ । ଯୋଗୀମାନେ କହନ୍ତି, ମନୁଷ୍ୟ ଦେହରେ ଯେତେ ଶକ୍ତି ଅଛି, ସେମାନଙ୍କ ମଧ୍ୟରେ ମହତ୍ତମ ଶକ୍ତି ଓଜଃ । ଏହି ଓଜଃ ମସ୍ତିଷ୍କରେ ସଞ୍ଚିତ ଥାଏ । ଯାହାର ମସ୍ତକରେ ଯେଉଁ ପରିମାଣରେ ଓଜଃଧାତୁ ସଞ୍ଚିତ ଥାଏ, ସେ ସେହି ପରିମାଣରେ ବୁଦ୍ଧିମାନ୍ ଓ ଆଧ୍ୟାତ୍ମିକଶକ୍ତିରେ ଶକ୍ତିମାନ୍ ହୁଏ । ଜଣେ ବକ୍ତା ଅତି ସୁନ୍ଦର ଭାବ ବ୍ୟକ୍ତ କରୁଅଛି; କିନ୍ତୁ ଲୋକେ ଆକୃଷ୍ଟ ହେଉ ନାହାନ୍ତି; ପୁନଶ୍ଚ ଅପର ବ୍ୟକ୍ତି ଜଣକ ଯେ ଅତି ସୁନ୍ଦର ଭାଷାରେ କହୁଛି ତାହା ନୁହେଁ, ତଥାପି ତା' କଥାରେ ଲୋକେ ମୁଗ୍ଧ ହେଉଛନ୍ତି । ଓଜଃଶକ୍ତି ଶରୀରରୁ ବହିର୍ଗତ ହୋଇ ଏହି ଅଦ୍ଭୁତ କାର୍ଯ୍ୟ ସାଧନ କରେ । ଏହି ଓଜଃଶକ୍ତିସମ୍ପନ୍ନ ପୁରୁଷ ଯେକୌଣସି କାର୍ଯ୍ୟ କରନ୍ତି, ସେଥିରେ ମହାଶକ୍ତିର ବିକାଶ ଦେଖାଯାଏ । ଏହା ହିଁ ଓଜଃଧାତୁର ଶକ୍ତି ।

ସକଳ ମନୁଷ୍ୟଙ୍କ ଭିତରେ ଅଳ୍ପାଧିକ ପରିମାଣରେ ଏହି ଓଜଃ ଅଛି; ଶରୀର ମଧ୍ୟରେ ଯେତେଗୁଡ଼ିଏ ଶକ୍ତି କ୍ରିୟା କରୁଛନ୍ତି, ସେମାନଙ୍କର ଉଚ୍ଚତମ ବିକାଶ ଏହି ଓଜଃ । ଏହା ଆମମାନଙ୍କର ସର୍ବଦା ମନେରଖିବା ଉଚିତ ଯେ, କେବଳ ଶକ୍ତି ହିଁ ଅନ୍ୟ ଏକ ଶକ୍ତିରେ ପରିଣତ ହୋଇପାରେ । ବହିର୍ଜଗତରେ ଯେଉଁ ଶକ୍ତି ତଡ଼ିତ୍ ବା ଚୁମ୍ବକ ଶକ୍ତିରୂପେ ପ୍ରକାଶିତ ହେଉଅଛି, ତାହା କ୍ରମଶଃ ଆଭ୍ୟନ୍ତରୀଣ ଶକ୍ତିରୂପେ ପରିଣତ ହେବ, ମାଂସପେଶୀର ଶକ୍ତିଗୁଡ଼ିକ ମଧ୍ୟ ଓଜଃରୂପେ ପରିଣତ ହେବେ । ଯୋଗୀମାନେ କହନ୍ତି, ମନୁଷ୍ୟ ମଧ୍ୟରେ ଯେଉଁ ଶକ୍ତି କାମ-କ୍ରିୟା, କାମ-ଚିନ୍ତା ଇତ୍ୟାଦି ରୂପରେ ପ୍ରକାଶିତ ହେଉଅଛି, ତାହା ସଂଯତ ହେଲେ ସହଜରେ ଓଜଃ ଶକ୍ତିରେ ପରିଣତ ହୁଏ । ଆଉ ଆମ ଶରୀରସ୍ଥ ନିମ୍ନତମ କେନ୍ଦ୍ରଟି ଏହି ଶକ୍ତିର ନିୟାମକ ବୋଲି ଯୋଗୀମାନେ ଏହା ପ୍ରତି ବିଶେଷ ଲକ୍ଷ୍ୟ ରଖନ୍ତି । ଯୋଗୀମାନେ ସମଗ୍ର କାମ-ଶକ୍ତିକୁ ଓଜଃଧାତୁରେ ପରିଣତ କରିବାକୁ ଚେଷ୍ଟା କରନ୍ତି । ପବିତ୍ର, କାମଜୟୀ ନରନାରୀମାନେ କେବଳ ଏହି ଓଜଃଧାତୁକୁ ମସ୍ତିଷ୍କରେ ସଞ୍ଚିତ କରିବା ପାଇଁ ସମର୍ଥ ହୁଅନ୍ତି । ଅତଏବ ସର୍ବତ୍ର ବ୍ରହ୍ମଚର୍ଯ୍ୟ ଶ୍ରେଷ୍ଠ ଧର୍ମରୂପେ ପରିଗଣିତ ହୋଇଅଛି । ମନୁଷ୍ୟ ସହଜରେ ବୁଝିପାରେ ଯେ, ଅପବିତ୍ର ହେଲେ ଏବଂ ବ୍ରହ୍ମଚର୍ଯ୍ୟର ଅଭାବରେ ଆଧ୍ୟାତ୍ମିକ ଭାବ, ଚରିତ୍ର-ବଳ ଓ ମାନସିକ ତେଜ—ସବୁ କିଛି ଅନ୍ତର୍ହିତ ହୁଏ । ତେଣୁ ଦେଖିବାକୁ ପାଇବ, ଜଗତରେ ଯେଉଁସବୁ ସଂପ୍ରଦାୟରେ ଉଚ୍ଚକୋଟିର ନେତାମାନେ ଜନ୍ମିଛନ୍ତି, ସେହି ସଂପ୍ରଦାୟଗୁଡ଼ିକ ବ୍ରହ୍ମଚର୍ଯ୍ୟ ଉପରେ ବିଶେଷ ଜୋର୍ ଦେଇଛନ୍ତି । ଏହି କାରଣରୁ ବିବାହତ୍ୟାଗୀ ସନ୍ନ୍ୟାସୀମାନଙ୍କ ଉତ୍ପତ୍ତି ହୋଇଅଛି । କାୟମନୋବାକ୍ୟରେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବା ଅବଶ୍ୟ କର୍ତ୍ତବ୍ୟ । ବ୍ରହ୍ମଚର୍ଯ୍ୟ ବ୍ୟତୀତ ରାଜଯୋଗ ସାଧନ ଅତି ବିପଦଜନକ, ଶେଷରେ ମସ୍ତିଷ୍କ-ବିକାର ପର୍ଯ୍ୟନ୍ତ ହୋଇପାରେ । ଯଦି କେହି ରାଜଯୋଗ ଅଭ୍ୟାସ କରିବାକୁ ଚାହେଁ ଅଥଚ ଅପବିତ୍ର ଜୀବନଯାପନ କରେ, ସେ କିପରି ଯୋଗୀ ହୋଇପାରିବ ?

## ଷଷ୍ଠ ଅଧ୍ୟାୟ

## ପ୍ରତ୍ୟାହାର ଓ ଧାରଣା

ସାଧନାର ପରବର୍ତ୍ତୀ ସୋପାନ 'ପ୍ରତ୍ୟାହାର' । ପ୍ରତ୍ୟାହାର କଅଣ ? ତୁମେମାନେ ଜାଣ, କିପରି ଭାବରେ ବିଷୟାନୁଭୂତ ହୋଇଥାଏ । ପ୍ରଥମେ ଇନ୍ଦ୍ରିୟର ବାହ୍ୟ ଯନ୍ତ୍ରଗୁଡ଼ିକ ଓ ପରେ ଭିତରର ଇନ୍ଦ୍ରିୟଗୁଡ଼ିକ—ଏମାନେ ମସ୍ତିଷ୍କସ୍ଥ ସ୍ନାୟୁକେନ୍ଦ୍ରଗୁଡ଼ିକ ମାଧ୍ୟମରେ ଶରୀର ଉପରେ କାର୍ଯ୍ୟ କରୁଛନ୍ତି । ଯେତେବେଳେ ଏମାନେ ମନ ସହିତ ଏକତ୍ର ହୋଇ କୌଣସି ବହିର୍ବସ୍ତୁ ସହିତ ସଂଲଗ୍ନ ହୁଅନ୍ତି, ସେତେବେଳେ ଆମେ ସେହି ବସ୍ତୁ ଅନୁଭବ କରିଥାଉ । ପୁନଶ୍ଚ ମନକୁ ଏକାଗ୍ର କରି କେବଳ ଗୋଟିଏ ଇନ୍ଦ୍ରିୟରେ ସଂଯୁକ୍ତ ରଖିବା ଅତି କଠିନ; କାରଣ ମନ (ବିଷୟର) ଦାସ ।

ଆମେ ସର୍ବତ୍ର ଦେଖିବାକୁ ପାଉ, ସମସ୍ତେ ଏହି ଶିକ୍ଷା ଦେଉଛନ୍ତି : 'ସତ୍ ହୁଅ, ଭଲ ହୁଅ ।' ବୋଧହୁଏ, କୌଣସି ଦେଶରେ ଏପରି କୌଣସି ବାଳକ ଜନ୍ମଗ୍ରହଣ କରି ନାହିଁ, ଯାହାକୁ କୁହାହୋଇ ନାହିଁ, 'ମିଥ୍ୟା କହ ନାହିଁ, ଚୋରି କର ନାହିଁ' ଇତ୍ୟାଦି । କିନ୍ତୁ କେହି ତାହାକୁ ଏସବୁ କାର୍ଯ୍ୟରୁ ନିବୃତ୍ତ ହେବାର ଉପାୟ ଶିକ୍ଷା ଦିଅନ୍ତି ନାହିଁ । କାହିଁକି ସେ ଚୋର ନ ହେବ ? ଆମେ ତ ତାହାକୁ ଚୌର୍ଯ୍ୟ କର୍ମରୁ ନିବୃତ୍ତ ହେବାର ଉପାୟ ଶିକ୍ଷା ଦେଇନାହୁଁ । ଅତଏବ ମନକୁ ସଂଯତ କରିବାର ଉପାୟ ଶିକ୍ଷା ଦେଲେ ଯାଇ ତାହାକୁ ଯଥାର୍ଥ ସାହାଯ୍ୟ କରାଯାଏ । ଯେତେବେଳେ ମନ ଇନ୍ଦ୍ରିୟ ସହିତ ସଂଯୁକ୍ତ ହୁଏ, ସେତେବେଳେ ବାହ୍ୟ ଓ ଆଭ୍ୟନ୍ତରୀଣ ଯାବତୀୟ କର୍ମ ସମ୍ପନ୍ନ ହୋଇଥାଏ । ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ମନୁଷ୍ୟର ମନ ଏହି କେନ୍ଦ୍ରଗୁଡ଼ିକ ସହିତ ସଂଯୁକ୍ତ ହେବା ପାଇଁ ବାଧ୍ୟ ହୁଏ । ଏଥିପାଇଁ ମନୁଷ୍ୟ ନାନା ପ୍ରକାର ଦୁଷ୍କର୍ମ କରେ ଏବଂ ଦୁଃଖ ପାଏ । ମନ ଯଦି ନିଜ ଆୟତ୍ତରେ ଥାଆନ୍ତା, ତେବେ ମନୁଷ୍ୟ କେବେହେଲେ ଏପରି କର୍ମ କରନ୍ତା ନାହିଁ । ମନ ସଂଯତ ହେଲେ କଅଣ ଲାଭ ହୁଅନ୍ତା ? ତା'ହେଲେ ମନ ଆଉ ନିଜକୁ ଭିନ୍ନ ଭିନ୍ନ ଇନ୍ଦ୍ରିୟ ସହିତ ସଂଯୁକ୍ତ କରନ୍ତା ନାହିଁ; ଫଳରେ ଅନୁଭବ ଓ ଇଚ୍ଛା ଆମର ଆୟତ୍ତାଧୀନ ହୁଅନ୍ତା । ଏହା ଆମେ ପରିଷ୍କାର ବୁଝିଲୁ; କିନ୍ତୁ ଏହା କାର୍ଯ୍ୟରେ ପରିଣତ କରିବା କଅଣ ସମ୍ଭବ ? ହଁ, ସମ୍ଭବ । ତୁମେମାନେ ବର୍ତ୍ତମାନ ଦେଖିବାକୁ ପାଉଅଛ ଯେ ବିଶ୍ୱାସ ବଳରେ ଆରୋଗ୍ୟକାରୀମାନେ ରୋଗୀକୁ ଦୁଃଖ, କଷ୍ଟ, ଅଶୁଭ ପ୍ରଭୃତି ଅସ୍ୱୀକାର କରିବାକୁ ଶିକ୍ଷା ଦିଅନ୍ତି । ସେମାନେ ସ୍ୱୀକାର ନ କଲେ ସୁଦ୍ଧା ଏହା ଏକପ୍ରକାରର ଯୋଗ; ଅଜ୍ଞାତସାରରେ ସେମାନେ ତାହା ଆବିଷ୍କାର କରିପକାଇଛନ୍ତି । ସେମାନେ ଯେତେବେଳେ ଦୁଃଖ-କଷ୍ଟର ଅସ୍ତିତ୍ୱ ଅସ୍ୱୀକାର କରିବାକୁ ଶିକ୍ଷା ଦେଇ ଲୋକଙ୍କ ଦୁଃଖ ଦୂର କରିଥାଆନ୍ତି, ସେତେବେଳେ ବୁଝିବାକୁ ହେବ ଯେ ଏହିସବୁ କ୍ଷେତ୍ରରେ ସେମାନେ ପ୍ରକୃତପକ୍ଷେ ପ୍ରତ୍ୟାହାରର ଶିକ୍ଷା ଦେଇଛନ୍ତି । କାରଣ ସେମାନେ ସେହି ବ୍ୟକ୍ତିଙ୍କ ମନକୁ ଏତେଦୂର ସବଳ କରିଦିଅନ୍ତି ଯେ, ସେ ଇନ୍ଦ୍ରିୟଗୁଡ଼ିକୁ ସହଜରେ ଉପେକ୍ଷା କରିପାରନ୍ତି । ସମ୍ମୋହନକାରୀ ବ୍ୟକ୍ତି (hypnotists) ମଧ୍ୟ ପ୍ରାୟ ଏହି ଉପାୟ ଅବଲମ୍ବନ କରି ଇଙ୍ଗିତ ବଳରେ (suggestion) ସାମୟିକଭାବେ ରୋଗୀର ମନରେ ଏକପ୍ରକାର ଅସ୍ୱାଭାବିକ ପ୍ରତ୍ୟାହାରର ଭାବ ଆନୟନ କରନ୍ତି । ତଥାକଥିତ ବଶୀକରଣ ଇଙ୍ଗିତ କେବଳ ଦୁର୍ବଳ ମନ ଉପରେ ହିଁ ପ୍ରଭାବ ବିସ୍ତାର କରିଥାଏ । ବଶୀକରଣକାରୀ ଯେତେବେଳ ପର୍ଯ୍ୟନ୍ତ ସ୍ଥିରଦୃଷ୍ଟି ଅଥବା ଅନ୍ୟ କୌଣସି ଉପାୟରେ ବଶ୍ୟ ବ୍ୟକ୍ତିର ମନ ନିଷ୍କ୍ରିୟ

ବା ଅସ୍ୱାଭାବିକ ଅବସ୍ଥାକୁ ନେଇଯାଇ ନ ପାରେ, ସେତେବେଳଯାଏ ତାହାର ଇଙ୍ଗିତ ବା ଆଦେଶରେ କୌଣସି ଫଳ ହୁଏ ନାହିଁ ।

ସମ୍ମୋହନକାରୀମାନେ ଅଥବା ବିଶ୍ୱାସବଳରେ ଆରୋଗ୍ୟକାରୀଗଣ ଯେଉଁ ଅଳ୍ପ ସମୟ ପାଇଁ ବଶ୍ୟ ବ୍ୟକ୍ତିଙ୍କୁ ବଶୀଭୂତ କରିଥାନ୍ତି, ତାହା ଅତିଶୟ ନିନ୍ଦନୀୟ କର୍ମ । କାରଣ ତାହା ଏହି ସମ୍ମୋହିତ ବ୍ୟକ୍ତିର ସର୍ବନାଶ କରିଥାଏ । ଏଥିରେ ଅନ୍ୟର ଇଚ୍ଛାଶକ୍ତିର ଆଘାତରେ ସମ୍ମୋହିତ ବ୍ୟକ୍ତିର ମନକୁ କିଛି ସମୟ ପାଇଁ ହତବୁଦ୍ଧି କରିଦିଆଯାଏ । ଏହା ଲଗାମ ଓ ପେଶୀଶକ୍ତି ସାହାଯ୍ୟରେ ଉଚ୍ଛୃଙ୍ଖଳ ଅଶ୍ୱଗଣଙ୍କର ଉନ୍ମତ୍ତ ଗତିକୁ ସଂଯତ କରିବା ସଦୃଶ ନୁହେଁ; ବରଂ ଏହା ସେହି ଅଶ୍ୱଗଣଙ୍କ ଉପରେ ତୀବ୍ର ଆଘାତ କରିବାକୁ କହି ସେମାନଙ୍କୁ କିଛି ସମୟ ପାଇଁ ସ୍ତମ୍ଭିତ କରି ରଖିବା ଭଳି ଅଟେ । ଏହି ସକଳ ପ୍ରକ୍ରିୟା ଫଳରେ ବଶ୍ୟ ବ୍ୟକ୍ତି ତା'ମନର ଶକ୍ତିକୁ କ୍ରମଶଃ ହରାଉଥାଏ ଏବଂ ପରିଶେଷରେ ମନକୁ ନିଜ ଆୟତ୍ତରେ ଆଣିବା ଦୂରେ ଥାଉ, କ୍ରମଶଃ ସେ ଏକପ୍ରକାର ଶକ୍ତିହୀନ କିମ୍ଭୂତକିମାକାର ଜଡ଼ପିଣ୍ଡରେ ପରିଣତ ହୁଏ ଏବଂ ପାଗଳଖାନା ହିଁ ହୁଏ ତାର ଶେଷ ଗନ୍ତବ୍ୟ ସ୍ଥଳ ।

ସ୍ୱେଚ୍ଛାକୃତ ଚେଷ୍ଟା ପରିବର୍ତ୍ତେ ମନକୁ ଅନ୍ୟ ଉପାୟରେ ବଶକୁ ଆଣିବା ଯେ କେବଳ ଅନିଷ୍ଟକର ତାହା ନୁହେଁ; ବରଂ ଏଥିରେ ତାହାର ଉଦ୍ଦେଶ୍ୟ ମଧ୍ୟ ସିଦ୍ଧ ହୁଏ ନାହିଁ । ପ୍ରତ୍ୟେକ ଜୀବାତ୍ମାର ଚରମ ଲକ୍ଷ୍ୟ ମୁକ୍ତି ବା ପ୍ରଭୁତ୍ୱ–ଜଡ଼ବସ୍ତୁ ଓ ଚିନ୍ତାର ଦାସତ୍ୱରୁ ମୁକ୍ତି, ବାହ୍ୟ ଓ ଅନ୍ତଃ ପ୍ରକୃତି ଉପରେ ପ୍ରଭୁତ୍ୱ; ଅଥଚ ସେହି ଲକ୍ଷ୍ୟରେ ପହଞ୍ଚିବା ଦୂରେ ଥାଉ—ଅପର ବ୍ୟକ୍ତିର ଇଚ୍ଛାଶକ୍ତି, ତାହା ଯେଉଁ ଭାବରେ ପ୍ରଯୁକ୍ତ ହେଉନା କାହିଁକି—ସାକ୍ଷାତ୍‌ଭାବେ ଇନ୍ଦ୍ରିୟଗୁଡ଼ିକୁ ବଶୀଭୂତ କରିହେଉ ବା କୌଣସି ଅସ୍ୱାଭାବିକ ଭାବରେ ଇନ୍ଦ୍ରିୟଗୁଡ଼ିକୁ ସଂଯତ କରିହେଉ— ପୂର୍ବରୁ ବିଦ୍ୟମାନ ଚିନ୍ତା ଓ କୁସଂସ୍କାରଗୁଡ଼ିକର ଦୃଢ଼ ଶୃଙ୍ଖଳ ଉପରେ ଯେପରି ଆଉ ଗୋଟିଏ ଶିକୁଳି ଲଗାଇଦିଏ । ଅତଏବ ଯେତେବେଳେ ଅନ୍ୟକୁ ତୁମ ଉପରେ ଯଥେଚ୍ଛା ଶକ୍ତି ପ୍ରୟୋଗ କରିବାକୁ ଦିଅ, ସେତେବଳେ ଖୁବ୍ ସାବଧାନ ରହ ଏବଂ ସାବଧାନ ରହ ଯେତେବେଳେ ଅନ୍ୟ ଉପରେ ଏହିପରି ଇଚ୍ଛାଶକ୍ତି ପ୍ରୟୋଗ କରି ଯେପରି ଅଜ୍ଞାତସାରରେ ତାର ସର୍ବନାଶ ନ କର । ଏହା ସତ୍ୟ ଯେ, କେହି କେହି ଅନେକଙ୍କର ମନୋବୃତ୍ତିର ସାମୟିକ ପରିବର୍ତ୍ତନ କରି ସେମାନଙ୍କର କଲ୍ୟାଣସାଧନରେ କୃତକାର୍ଯ୍ୟ ହୁଅନ୍ତି; କିନ୍ତୁ ପୁନଶ୍ଚ ଚତୁର୍ଦ୍ଦିଗରେ ଅଜ୍ଞାତସାରରେ ଏହି ଇଙ୍ଗିତ (suggestion) ଶକ୍ତି ପ୍ରୟୋଗ କରି ଲକ୍ଷ ଲକ୍ଷ ନରନାରୀଙ୍କ ମଧ୍ୟରେ ବିକୃତ, ନିଷ୍କ୍ରିୟ ଓ ମୋହାଚ୍ଛନ୍ନ ଭାବ ଜାଗ୍ରତ କରିଦିଅନ୍ତି । ପରିଣାମରେ ସେମାନେ ଆତ୍ମାର ଅସ୍ତିତ୍ୱ ପର୍ଯ୍ୟନ୍ତ ମଧ୍ୟ ବିସ୍ମୃତ ହୋଇଯାଆନ୍ତି । ଅତଏବ, ଯଦି କୌଣସି ବ୍ୟକ୍ତି କାହାକୁ ଅନ୍ଧ ଭାବରେ ତାହାକୁ ବିଶ୍ୱାସ କରିବାକୁ କହେ, ଅଥବା ନିଜର ଶକ୍ତିଶାଳୀ ଇଚ୍ଛାଦ୍ୱାରା ବହୁ ଲୋକଙ୍କୁ ତା' ପଶ୍ଚାତ୍‌ରେ ଅନୁସରଣ କରିବାକୁ ବାଧ୍ୟ କରେ, ସେ ଅନିଚ୍ଛାସତ୍ତ୍ୱେ ପରିଣାମରେ ମନୁଷ୍ୟଜାତିର ଅନିଷ୍ଟ କରିଥାଏ ।

ଅତଏବ ଶରୀର ଓ ମନ ସଂଯତ କରିବା ପାଇଁ ସର୍ବଦା ନିଜ ମନର ସହାୟତା ଗ୍ରହଣ କରିବ ଏବଂ ସ୍ମରଣ ରଖିବ ଯେ ଜଣେ ରୋଗଗ୍ରସ୍ତ ନ ହେଲେ ବାହାରର କୌଣସି ଇଚ୍ଛାଶକ୍ତି ତା' ଉପରେ କାର୍ଯ୍ୟ କରିପାରିବ ନାହିଁ । ଯଦି କେହି ତୁମକୁ ଅନ୍ଧଭାବରେ ବିଶ୍ୱାସ କରିବାକୁ କହେ, ସେ ଯେତେ ମହତ୍ ଲୋକ ହେଉନା କାହିଁକି ତାର ସଙ୍ଗ ପରିହାର କରିବ । ସର୍ବତ୍ର

ଏପରି ବହୁ ସଂପ୍ରଦାୟ ଅଛନ୍ତି ଯେଉଁମାନଙ୍କ ଧର୍ମର ପ୍ରଧାନ ଅଙ୍ଗ ହେଉଛି ନୃତ୍ୟ, ଲମ୍ଫଝମ୍ପ ଇତ୍ୟାଦି । ସେମାନେ ଯେତେବେଳେ ସଂଗୀତ, ନୃତ୍ୟ ଓ ପ୍ରଚାର କରିବାକୁ ଆରମ୍ଭ କରନ୍ତି, ସେତେବେଳେ ସେମାନଙ୍କ ଭାବ ଏକ ସଂକ୍ରାମକ ରୋଗ ପରି ଲୋକଙ୍କ ମଧ୍ୟରେ ବିସ୍ତାର ଲାଭ କରେ । ସେମାନେ ମଧ୍ୟ ଏକପ୍ରକାର ସମ୍ମୋହନକାରୀ । ସେମାନେ ଭାବପ୍ରବଣ ବ୍ୟକ୍ତିଗଣଙ୍କ ଉପରେ ସାମୟିକ ଭାବରେ ଆଶ୍ଚର୍ଯ୍ୟ କ୍ଷମତା ବିସ୍ତାର କରନ୍ତି । କିନ୍ତୁ ହାୟ! ପରିଣାମରେ ଏହା ସମଗ୍ର ଜାତିକୁ ଏକାବେଳକେ ଅଧଃପତିତ କରିଦିଏ । ଏହିପରି ଅସ୍ୱାଭାବିକ ବହିଃ-ଶକ୍ତି ବଳରେ କୌଣସି ବ୍ୟକ୍ତି ବା ଜାତି ଭଲ ରହିବା ଅପେକ୍ଷା ବରଂ ମନ୍ଦ ରହିବା ଅଧିକତର ସୁସ୍ଥତାର ଲକ୍ଷଣ । ଏହି ସକଳ ଦାୟିତ୍ୱହୀନ ଅଥଚ ସଦୁଦ୍ଦେଶ୍ୟ-ପ୍ରଣୋଦିତ ଧର୍ମୋନ୍ମାଦ ବ୍ୟକ୍ତିଗଣ ମନୁଷ୍ୟର ଯେ କେତେଦୂର ଅନିଷ୍ଟ କରିଅଛନ୍ତି, ତାହା ଭାବିଲେ ହୃଦୟ ହତାଶ ହୋଇଯାଏ । ସେମାନେ ଜାଣନ୍ତି ନାହିଁ ଯେ ଯେଉଁମାନେ ସଙ୍ଗୀତ-ସ୍ତବାଦିର ସାହାଯ୍ୟରେ, ନିଜର ଶକ୍ତି ପ୍ରଭାବରେ ଏହିପରି ହଠାତ୍ ଭଗବଦ୍‌ଭାବରେ ଉନ୍ମତ୍ତ ହୋଇ ଉଠନ୍ତି, ସେମାନେ ନିଜକୁ ନିଷ୍କ୍ରିୟ, ବିକୃତ ଓ ଶକ୍ତିଶୂନ୍ୟ କରି ପକାଉଛନ୍ତି । ସେମାନେ କ୍ରମଶଃ ଯେକୌଣସି ଭାବର, ଏପରିକି ଅସତ୍ ଭାବର ମଧ୍ୟ ଅଧୀନ ହୋଇ ଯାଇ ପାରନ୍ତି । ଏହି ଅଜ୍ଞ, ଆତ୍ମପ୍ରତାରକ ବ୍ୟକ୍ତିଗଣ ସ୍ୱପ୍ନରେ ମଧ୍ୟ ଭାବନ୍ତି ନାହିଁ ଯେ, ମନୁଷ୍ୟର ହୃଦୟକୁ ପରିବର୍ତ୍ତନ କରିବାର ଅଦ୍ଭୁତ କ୍ଷମତା ସେମାନଙ୍କର ଅଛି ବୋଲି ଭାବି ସେମାନେ ଯେତେବେଳେ ଆନନ୍ଦରେ ଉତ୍‌ଫୁଲ୍ଲ ହୁଅନ୍ତି, ସେତେବେଳେ ସେମାନେ ବାସ୍ତବିକ ଲୋକମାନଙ୍କ ମନରେ ମାନସିକ ଅବନତି, ପାପ, ଉନ୍ମତ୍ତତା ଓ ମୃତ୍ୟୁର ବୀଜ ବପନ କରୁଛନ୍ତି; ଅଥଚ ସେମାନେ ମନେକରନ୍ତି ଯେ ଏହି କ୍ଷମତା ସ୍ୱର୍ଗସ୍ଥ କୌଣସି ଦିବ୍ୟ-ପୁରୁଷ ତାଙ୍କ ଉପରେ ବର୍ଷଣ କରୁଛନ୍ତି । ଅତଏବ ଯେଉଁ ଶିକ୍ଷା ତୁମର ସ୍ୱାଧୀନତା ନଷ୍ଟ କରେ, ତାହାଠାରୁ ଦୂରରେ ରହିବ । ଜାଣିବ, ତାହା ବିପଜ୍ଜନକ; ଆପ୍ରାଣ ଚେଷ୍ଟା କରି ସର୍ବତୋଭାବେ ତାହା ପରିତ୍ୟାଗ କରିବ ।

ଯେଉଁ ବ୍ୟକ୍ତିମାନେ ଇଚ୍ଛାନୁସାରେ ନିଜ ମନକୁ କେନ୍ଦ୍ରଗୁଡ଼ିକରେ ସଂଲଗ୍ନ କରିବା ଅଥବା ସେଗୁଡ଼ିକରୁ ଅପସାରିତ କରିବା ପାଇଁ ସମର୍ଥ ହୋଇଛନ୍ତି, ସେମାନେ ପ୍ରତ୍ୟାହାର-ସିଦ୍ଧ ହୋଇଅଛନ୍ତି । ପ୍ରତ୍ୟାହାରର ଅର୍ଥ 'ଏକ ଦିଗକୁ ଆରୋହଣ'—ମନର ବହିର୍ମୁଖୀ ଶକ୍ତିକୁ ରୁଦ୍ଧ କରି, ଇନ୍ଦ୍ରିୟଗଣଙ୍କ ଅଧୀନରୁ ତାହାକୁ ମୁକ୍ତ କରି ଭିତର ଦିଗକୁ ଆହରଣ କରିବା । ଏଥିରେ କୃତକାର୍ଯ୍ୟ ହେଲେ ଯାଇ ଆମେମାନେ ଯଥାର୍ଥ ଚରିତ୍ରବାନ ହେବୁ; ସେତେବେଳେ ଆମେ ମୁକ୍ତିର ପଥରେ ଅନେକ ଦୂର ଅଗ୍ରସର ହୋଇଛୁ ବୋଲି ବୁଝିବୁ; ନଚେତ୍ ଆମେ ଯନ୍ତ୍ରତୁଲ୍ୟ ଜଡ଼ପଦାର୍ଥ ମାତ୍ର ।

ମନକୁ ସଂଯତ କରିବା କି କଠିନ! ମନକୁ ଯେ ଉନ୍ମତ୍ତ ବାନର ସହିତ ତୁଳନା କରାହୋଇଅଛି ତାହା ଠିକ୍ । ଗୋଟିଏ ବାନର ଥିଲା, ସ୍ୱଭାବତଃ ସେ ଚଞ୍ଚଳ—ଯେପରି ସବୁ ମର୍କଟ ହୋଇଥାଆନ୍ତି । ସତେ କି ଏହି ସ୍ୱାଭାବିକ ଅସ୍ଥିରତା ଯଥେଷ୍ଟ ନ ଥିଲା; ଅଧିକନ୍ତୁ ଜନୈକ ବ୍ୟକ୍ତି ତାହାକୁ କିଛି ମଦ ପିଆଇ ଦେଲେ ଓ ଫଳରେ ସେ ଆହୁରି ଚଞ୍ଚଳ ହେଲା । ତାପରେ ତାକୁ ଗୋଟଏ ବୃଶ୍ଚିକ ଦଂଶନ କଲା । ତୁମେମାନେ ଜାଣ, କାହାରିକୁ ବୃଶ୍ଚିକ ଦଂଶନ କଲେ ସେ ସାରାଦିନ କେବଳ ଚାରିଆଡ଼େ ଛଟପଟ୍ କରି ବୁଲେ । ସୁତରାଂ ଏହି ବିଚରାର ଦୁରବସ୍ଥା ଚୂଡ଼ାନ୍ତ ହେଲା । ପରେ

ତାହାର ଦୁଃଖର ମାତ୍ରା ପୂର୍ଣ୍ଣ କରିବା ପାଇଁ ଗୋଟିଏ ଭୂତ ତା'ଭିତରେ ପ୍ରବେଶ କଲା । ଫଳରେ ବାନରଟିର ଯେଉଁ ଦୁର୍ଦ୍ଦମନୀୟ ଚଞ୍ଚଳତା ଦେଖାଗଲା, ତାହା ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ । ମନୁଷ୍ୟ-ମନ ମଧ୍ୟ ଏହି ବାନରତୁଲ୍ୟ, ତାହା ସ୍ୱଭାବତଃ କ୍ରିୟାଶୀଳ; ପୁନଶ୍ଚ ବାସନା ରୂପକ ମଦିରାପାନରେ ମତ୍ତ ହେଲେ ତା'ର ଅସ୍ଥିରତା ବୃଦ୍ଧି ପାଇଥାଏ । ଯେତେବେଳେ ବାସନା ମନକୁ ଅଧିକାର କରେ, ସେତେବେଳେ ଅପରର ସଫଳତା ଦର୍ଶନରେ ଈର୍ଷାରୂପକ ବୃଶ୍ଚିକ ତାହାକୁ ଦଂଶନ କରିଥାଏ । ଶେଷରେ ପୁଣି ଯେତେବେଳେ ଅହଂକାର ରୂପକ ପିଶାଚ ତା' ଭିତରେ ପ୍ରବେଶ କରେ, ସେତେବେଳେ ସେ ନିଜକୁ ଅତି ମହାନ୍ ବୋଲି ମନେକରେ । ଅତଏବ, ଏପରି ମନକୁ ସଂଯତ କରିବା ଯେ କେତେ କଠିନ, ତାହା ଚିନ୍ତା କରି ଦେଖ ।

ମନଃସଂଯମର ପ୍ରଥମ ସୋପାନ ହେଉଛି କିଛି ସମୟ ପାଇଁ ନୀରବରେ ବସିରହିବା ଓ ମନକୁ ଇଚ୍ଛାନୁସାରେ ଚାଲିବାକୁ ଦେବା । ମନ ସଦା ଚଞ୍ଚଳ । ତାହା ସେହି ବାନର ଭଳି ସର୍ବଦା ଡେଉଁଛି । ବାନର ଯେତେ ଇଚ୍ଛା ଡିଆଁମାରୁ କ୍ଷତି ନାହିଁ; ଧୈର୍ଯ୍ୟ ଧରି ଅପେକ୍ଷା କର ଓ ମନର ଗତି ଲକ୍ଷ୍ୟ କରିଯାଅ । ଲୋକେ କହନ୍ତି, ଜ୍ଞାନ ହିଁ ଶକ୍ତି—ଏହା ଅତି ସତ୍ୟ କଥା । ଯେପର୍ଯ୍ୟନ୍ତ ଜାଣି ନ ପାରିଛ ମନ କଅଣ କରୁଛି, ସେପର୍ଯ୍ୟନ୍ତ ତାହାକୁ ସଂଯତ କରିପାରିବ ନାହିଁ । ତାହାକୁ ଯଥେଚ୍ଛା ବିଚରଣ କରିବାକୁ ଦିଅ । ଅନେକ ବୀଭତ୍ସ ଚିନ୍ତା ହୁଏତ ମନରେ ଦେଖା ଦେବ, ତୁମ ମନ ଯେ ଏତେ ଅସତ୍ ଚିନ୍ତା କରିପାରେ, ସେକଥା ଭାବି ତୁମେ ଆଶ୍ଚର୍ଯ୍ୟ ହେବ । କିନ୍ତୁ ଦେଖିବ, ମନର ଏହି ସକଳ ଚିନ୍ତା କ୍ରମଶଃ କମିଆସୁଅଛି, ପ୍ରତିଦିନ ମନ ସ୍ଥିର ହୋଇ ଆସୁଅଛି । ପ୍ରଥମ କେତେ ମାସ ଦେଖିବ, ତୁମ ମନକୁ ଅସଂଖ୍ୟ ଚିନ୍ତା ଆସୁଛି; କିନ୍ତୁ କ୍ରମଶଃ ଦେଖିବ ଚିନ୍ତା କିଛି ପରିମାଣରେ କମୁଛି ଓ କେତେ ମାସ ପରେ ଆହୁରି କମିଯାଇଛି । ଅବଶେଷରେ ମନ ସଂପୂର୍ଣ୍ଣ ରୂପେ ବଶୀଭୂତ ହେବ । କିନ୍ତୁ ପ୍ରତିଦିନ ଆମକୁ ଧୈର୍ଯ୍ୟର ସହିତ ଅଭ୍ୟାସ କରିବାକୁ ହେବ । ଇଞ୍ଜିନ୍ ଭିତରେ ବାଷ୍ପ ଥିଲେ ତାହା ଚାଲିବାକୁ ବାଧ୍ୟ । ଯେତେଦିନ ପର୍ଯ୍ୟନ୍ତ ବିଷୟ ଆମ ସମ୍ମୁଖରେ ଥିବ, ସେତେଦିନ ପର୍ଯ୍ୟନ୍ତ ଆମମାନଙ୍କୁ ନିଶ୍ଚୟ ବିଷୟ ଅନୁଭବ କରିବାକୁ ହେବ । ସୁତରାଂ ମନୁଷ୍ୟ ଯେ ଇଞ୍ଜିନ୍ ପରି ଯନ୍ତ୍ରମାତ୍ର ନୁହେଁ, ତାହା ପ୍ରମାଣ କରିବାକୁ ହେବ । ମନୁଷ୍ୟ କୌଣସି ଜିନିଷର ଅଧୀନ ନୁହେଁ । ମନକୁ ସଂଯତ କରିବା ଏବଂ ତାହାକୁ ବିଭିନ୍ନ ଇନ୍ଦ୍ରିୟ-କେନ୍ଦ୍ର ସହିତ ଯୁକ୍ତ ନ କରିବାକୁ 'ପ୍ରତ୍ୟାହାର' କହନ୍ତି । ତାହା ଅଭ୍ୟାସ କରିବାର ଉପାୟ କଅଣ? ଏହା ଅତି କଠିନ; ଧୈର୍ଯ୍ୟ ସହିତ ଦୀର୍ଘକାଳ ଅଭ୍ୟାସ କଲେ ଏଥିରେ ଆମେ କୃତକାର୍ଯ୍ୟ ହେବୁ ।

କିଛିକାଳ 'ପ୍ରତ୍ୟାହାର' ସାଧନ କରିବା ପରେ ପରବର୍ତ୍ତୀ ସାଧନ 'ଧାରଣା' ଅଭ୍ୟାସ କରିବାକୁ ହେବ । ମନକୁ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଲଗାଇ ରଖିବାର ନାମ 'ଧାରଣା' । ମନକୁ ନିର୍ଦ୍ଦିଷ୍ଟ ବିଷୟରେ ଧରି ରଖିବାର ଅର୍ଥ କଣ ?—ମନକୁ ଅନ୍ୟ ସକଳ ସ୍ଥାନରୁ ବିଚ୍ଛିନ୍ନ କରି କୌଣସି ଗୋଟିଏ ବିଶେଷ ଅଂଶକୁ ଅନୁଭବ କରିବା ପାଇଁ ବାଧ୍ୟ କରିବା । ଉଦାହରଣ ସ୍ୱରୂପ, ଶରୀରର ଅନ୍ୟାନ୍ୟ ଅବୟବର ଅନୁଭବ ନ କରି କେବଳ ତୁମ ହାତକୁ ଅନୁଭବ କରିବା ପାଇଁ ଚେଷ୍ଟା କର । ଯେତେବେଳେ ଚିତ୍ତ ଅର୍ଥାତ୍ ମନ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଆବଦ୍ଧ ହୁଏ, ସେତେବେଳେ ଏହାକୁ 'ଧାରଣା' କହନ୍ତି । ଧାରଣା ନାନାପ୍ରକାରର । ଧାରଣା ଅଭ୍ୟାସ କରିବା ପାଇଁ କଳ୍ପନାର ସାହାଯ୍ୟ ନେବା ଉଚିତ । ମନେକର, ହୃଦୟରେ କୌଣସି

ଏକ ବିନ୍ଦୁ ଉପରେ ମନକୁ 'ଧାରଣା' କରିବାକୁ ହେବ । ଏହା ଅତି କଠିନ । ଅତଏବ ସହଜ ଉପାୟ ହେଉଛି, ହୃଦୟରେ ଗୋଟିଏ ପଦ୍ମର ଚିନ୍ତା କର; ମନେକର ତାହା ଜ୍ୟୋତିର୍ମୟ । ସେହି ସ୍ଥାନରେ ମନକୁ ଧାରଣା କର । ଅଥବା ମସ୍ତକରେ ସହସ୍ରଦଳ ପଦ୍ମ କିମ୍ବା ସୁଷୁମ୍ନା ମଧ୍ୟସ୍ଥ ଚକ୍ରଗୁଡ଼ିକୁ ଜ୍ୟୋତିର୍ମୟ ରୂପେ ଚିନ୍ତା କର ।

ଯୋଗୀମାନେ ନିରନ୍ତର ସାଧନା ଅଭ୍ୟାସ କରିବେ । ତାଙ୍କୁ ନିଃସଙ୍ଗଭାବେ ରହିବା ପାଇଁ ଚେଷ୍ଟା କରିବାକୁ ହେବ; ନାନା ପ୍ରକାର ଲୋକଙ୍କ ସଙ୍ଗ ଚିତ୍ତକୁ ବିକ୍ଷିପ୍ତ କରେ । ସେ ମିତଭାଷୀ ହେବେ, କାରଣ ବେଶୀ କଥା କହିଲେ ମନ ବିକ୍ଷିପ୍ତ ହୁଏ । ବେଶୀ କାମ କରିବା ମଧ୍ୟ ଭଲ ନୁହେଁ, କାରଣ ବେଶୀ କାମ କଲେ ମନ ଚଞ୍ଚଳ ହୁଏ; କଠୋର ପରିଶ୍ରମ ପରେ ମନଃସଂଯମ କରିବା କଠିନ । ଯେ ଏହି ସକଳ ନିୟମ ପାଳନ କରନ୍ତି, ସେ ଯୋଗୀ ହୋଇପାରିବେ । ଯୋଗର ଏପରି ଶକ୍ତି ଯେ, ଅତି ଅଳ୍ପ ସାଧନ କଲେ ମଧ୍ୟ ମହତ୍ ଫଳ ଲାଭ କରାଯାଏ । ଏଥିରେ କାହାରି ହେଲେ ଅନିଷ୍ଟ ହେବ ନାହିଁ; ବରଂ ସମସ୍ତଙ୍କର ଉପକାର ହେବ । ପ୍ରଥମତଃ ସ୍ନାୟବିକ ଉତ୍ତେଜନା ଶାନ୍ତ ହେବ, ମନରେ ସ୍ଥିରତା ଆସିବ ଏବଂ ସକଳ ବିଷୟ ସ୍ପଷ୍ଟଭାବରେ ଦେଖିବା ଓ ବୁଝିବା ପାଇଁ ତୁମେ ସମର୍ଥ ହେବ । ମନ ଭଲ ରହିବ, ସ୍ୱାସ୍ଥ୍ୟ ମଧ୍ୟ କ୍ରମଶଃ ଭଲ ହେବ । ଯୋଗାଭ୍ୟାସ କାଳରେ ଯେଉଁ ସକଳ ଚିହ୍ନ ପ୍ରକାଶିତ ହୁଏ, ଶରୀରର ସୁସ୍ଥତା ସେଗୁଡ଼ିକରୁ ଅନ୍ୟତମ । ସ୍ୱର ମଧ୍ୟ ମଧୁର ହେବ । ସ୍ୱରର ଦୋଷ ଦୂର ହେବ । ଯେଉଁମାନେ କଠୋର ସାଧନା କରନ୍ତି, ସେମାନଙ୍କର ଆହୁରି ଅନେକ ଲକ୍ଷଣ ପ୍ରକାଶ ପାଏ । କେବେ କେବେ ଦୂରରୁ ଘଣ୍ଟା ଧ୍ୱନି ଭଳି ଶବ୍ଦ ଶୁଣାଯିବ—ଯେପରି ଅନେକ ଘଣ୍ଟା ଏକତ୍ର ବାଜୁଅଛି । ପୁନଶ୍ଚ ବେଳେବେଳେ ନାନା ପ୍ରକାର ବସ୍ତୁ ଦେଖାଯାଏ । କ୍ଷୁଦ୍ର କ୍ଷୁଦ୍ର ଆଲୋକକଣା ଯେପରି ଶୂନ୍ୟରେ ଭାସୁଅଛି ଓ କ୍ରମଶଃ ବଡ଼ ହେଉଅଛି । ଏହି ସବୁ ଅନୁଭୂତି ହେଲେ ବୁଝିବ ଯେ ତୁମର ଦ୍ରୁତ ଉନ୍ନତି ହେଉଅଛି ।

ଯେଉଁମାନେ ଯୋଗୀ ହେବାକୁ ଇଚ୍ଛା କରନ୍ତି ଏବଂ ଦୃଢ଼ଭାବରେ ଯୋଗ ଅଭ୍ୟାସ କରନ୍ତି, ସେମାନେ ପ୍ରଥମାବସ୍ଥାରେ ଆହାର ସମ୍ବନ୍ଧରେ ଯତ୍ନଶୀଳ ହେବେ । ଯେଉଁମାନେ ଅନ୍ୟାନ୍ୟ କାର୍ଯ୍ୟ ସହ ଅଳ୍ପବହୁତ ଅଭ୍ୟାସ କରିବାକୁ ଚାହାଁନ୍ତି; ସେମାନେ ପରିମିତ ଭୋଜନ କରିବେ । ଖାଦ୍ୟର ପ୍ରକାର ବିଚାର କରିବା ସେମାନଙ୍କ ପକ୍ଷେ ଆବଶ୍ୟକ ନୁହେଁ, ସେମାନେ ଇଚ୍ଛାନୁସାରେ ଖାଇପାରନ୍ତି ।

ଯେଉଁମାନେ ଶୀଘ୍ର ଉନ୍ନତି କରିବାକୁ ଚାହାଁନ୍ତି, ସେମାନଙ୍କ ପକ୍ଷରେ ଆହାର ସମ୍ବନ୍ଧରେ ବିଶେଷ ସାବଧାନ ହେବା ଏକାନ୍ତ ଆବଶ୍ୟକ । ପ୍ରଥମ କେତେ ମାସ କେବଳ ଦୁଗ୍ଧ ଓ ଶସ୍ୟଜାତୀୟ ଆହାର ଉପରେ ସେମାନେ ନିର୍ଭର କରିବେ । ଦେହ-ଯନ୍ତ୍ର ଉତ୍ତରୋତ୍ତର ଯେତେ ସୂକ୍ଷ୍ମ ହେଉଥିବ, ସେତେ ଆମେ ଦେଖିବୁ ଯେ, ସାମାନ୍ୟ ଅନିୟମରେ ଶରୀର ଭିତରେ ଗୋଳମାଳ ଉପସ୍ଥିତ ହେଉଅଛି । ଯେତେଦିନ ପର୍ଯ୍ୟନ୍ତ ମନ ଉପରେ ସଂପୂର୍ଣ୍ଣ ଅଧିକାର ନ ଆସିଛି, ସେତେଦିନ ଆହାରର ସାମାନ୍ୟ ନ୍ୟୂନାଧିକ୍ୟ ସମଗ୍ର ଶରୀର-ଯନ୍ତ୍ରକୁ ବିପର୍ଯ୍ୟସ୍ତ କରି ପକାଇବ । କିନ୍ତୁ ମନ ସଂପୂର୍ଣ୍ଣରୂପେ ବଶୀଭୂତ ହେଲେ ତୁମେ ଇଚ୍ଛାନୁସାରେ ଖାଇପାର ।

ଯେତେବେଳେ କେହି ମନକୁ ଏକାଗ୍ର କରିବାକୁ ଆରମ୍ଭ କରନ୍ତି, ସେତେବେଳେ ଗୋଟିଏ ସାମାନ୍ୟ ପିନ୍‌କଣ୍ଟା ପଡ଼ିଲେ ବୋଧ ହେବ ଯେପରି ମସ୍ତିଷ୍କ ଭିତର ଦେଇ ବଜ୍ର ଚାଲିଗଲା ।

ଇନ୍ଦ୍ରିୟଗୁଡ଼ିକ ଯେତେ ସୂକ୍ଷ୍ମ ହୁଅନ୍ତି, ଅନୁଭୂତି ମଧ୍ୟ ସେତେ ସୂକ୍ଷ୍ମ ହେଉଥାଏ । ଏହି ସକଳ ଅବସ୍ଥା ଭିତର ଦେଇ ଆମମାନଙ୍କୁ ଅଗ୍ରସର ହେବାକୁ ପଡ଼ିବ । ଯେଉଁମାନେ ଅଧ୍ୟବସାୟ ସହକାରେ ଶେଷ ପର୍ଯ୍ୟନ୍ତ ଲାଗି ରହିପାରିବେ, ସେହିମାନେ ହିଁ କୃତକାର୍ଯ୍ୟ ହେବେ । ଯେଉଁଥିରେ ଚିତ୍ତର ବିକ୍ଷେପ ହୁଏ, ସେସବୁ ପରିତ୍ୟାଗ କର । ଶୁଷ୍କ ତର୍କର ଫଳ କଅଣ ? ତାହା କେବଳ ମନକୁ ଚଞ୍ଚଳ କରେ । ସୂକ୍ଷ୍ମ ତତ୍ତ୍ୱସମୂହ ଉପଲବ୍ଧି କରିବାକୁ ହେବ । ଅତଏବ ସର୍ବପ୍ରକାର ବୃଥା ବାକ୍ୟାଳାପ ତ୍ୟାଗ କର । ଯେଉଁମାନେ ପ୍ରତ୍ୟକ୍ଷ ଅନୁଭବ କରିଅଛନ୍ତି, କେବଳ ସେମାନଙ୍କ ଲିଖିତ ଗ୍ରନ୍ଥାବଳୀ ପାଠ କର ।

ମୁକ୍ତାଗର୍ଭା ଶାମୁକାଟିଏ ଭଳି ହୁଅ । ଭାରତରେ ଗୋଟିଏ ସୁନ୍ଦର କିମ୍ବଦନ୍ତୀ ପ୍ରଚଳିତ ଅଛି । ଆକାଶରେ ଯେଉଁ ସମୟରେ ସ୍ୱାତୀ ନକ୍ଷତ୍ର ଉଦିତ ହୁଏ, ଯଦି ସେହି ସମୟରେ ବର୍ଷା ହୁଏ ଏବଂ ଏହି ଜଳର ଗୋଟିଏ ବିନ୍ଦୁ କୌଣସି ଶାମୁକାର ପାଟିରେ ପଡ଼େ, ତା'ହେଲେ ତାହା ଗୋଟିଏ ମୁକ୍ତାରେ ପରିଣତ ହୁଏ । ଶାମୁକାଗୁଡ଼ିକ ଏହା ଅବଗତ ଥାଆନ୍ତି; ସୁତରାଂ ଏ ନକ୍ଷତ୍ର ଆକାଶରେ ଉଦିତ ହେଲେ ସେମାନେ ଜଳପୃଷ୍ଠକୁ ଆସି ଟୋପାଏ ବୃଷ୍ଟି କଣା ପାଇଁ ପାଟି ମେଲାକରି ଅପେକ୍ଷା କରନ୍ତି । ଯେମିତି ଏକ ବିନ୍ଦୁ ବୃଷ୍ଟି ତା' ପାଟିରେ ପଡ଼େ, ସେମିତି ଶାମୁକା ମୁଖ ବନ୍ଦ କରିଦିଏ ଏବଂ ସମୁଦ୍ର ତଳକୁ ଚାଲିଯାଏ ଏବଂ ସେଠାରେ ବୃଷ୍ଟି ବିନ୍ଦୁଟିକୁ ମୁକ୍ତାରେ ପରିଣତ କରିବା ସାଧନାରେ ମଗ୍ନ ହୁଏ । ଆମକୁ ମଧ୍ୟ ଏହିପରି କରିବାକୁ ହେବ । ପ୍ରଥମେ ଶୁଣିବାକୁ ହେବ, ପରେ ବୁଝିବାକୁ ହେବ, ପରିଶେଷରେ ବହିର୍ଜଗତର ପ୍ରଭାବ ଓ ସର୍ବପ୍ରକାର ବିକ୍ଷେପର କାରଣଠାରୁ ଦୂରରେ ରହି ଅନ୍ତର୍ନିହିତ ସତ୍ୟକୁ ବିକଶିତ କରିବା ପାଇଁ ଯତ୍ନବାନ୍ ହେବାକୁ ପଡ଼ିବ । କେବଳ ନୂତନତ୍ୱ ପାଇଁ ଗୋଟିଏ ନୂତନ ଭାବ ପାଇଲେ ପୂର୍ବର ଭାବକୁ ଛାଡ଼ିଦେବା—ଏହିପରି ବାରମ୍ବାର କରିବାଦ୍ୱାରା ଆମମାନଙ୍କର ଶକ୍ତି ବୃଥା କ୍ଷୟ ହେବ । ସାଧନ କାଳରେ ଏହିପରି ବିପଦର ଆଶଙ୍କା ଅଛି । ଗୋଟିଏ ଭାବ ଗ୍ରହଣ କର, ସାଧନା କର, ଶେଷ ପର୍ଯ୍ୟନ୍ତ ଦେଖ, ଶେଷ ନ ଦେଖି ତ୍ୟାଗ କର ନାହିଁ । ଯେ ଗୋଟିଏ ଭାବରେ ମତ୍ତ ହୋଇପାରନ୍ତି, କେବଳ ସେ ସତ୍ୟର ଆଲୋକ ପାଇଥାଆନ୍ତି । ଯେଉଁମାନେ ଏଠାରେ ଟିକିଏ ସେଠାରେ ଟିକିଏ ଆସ୍ୱାଦ କରନ୍ତି, ସେମାନେ କେବେହେଲେ କୌଣସି ବସ୍ତୁ ଲାଭ କରିପାରନ୍ତି ନାହିଁ । କିଛି ସମୟ ପାଇଁ ସେମାନଙ୍କର ସ୍ନାୟୁ ଟିକିଏ ଉତ୍ତେଜିତ ହୁଏ ସତ; କିନ୍ତୁ ସେତିକିରେ ଶେଷ । ସେମାନେ ଚିରକାଳ ପ୍ରକୃତିର ଦାସ ହୋଇ ରହିବେ, କେବେହେଲେ ଇନ୍ଦ୍ରିୟକୁ ଅତିକ୍ରମ କରିପାରିବେ ନାହିଁ ।

ଯେଉଁମାନେ ଯଥାର୍ଥରୂପେ ଯୋଗୀ ହେବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ପ୍ରତ୍ୟେକ ବିଷୟ ଆସ୍ୱାଦ କରିବାର ଭାବ ସମ୍ପୂର୍ଣ୍ଣଭାବରେ ତ୍ୟାଗ କରିବାକୁ ହେବ । ଗୋଟିଏ ଭାବ ନେଇ ତାହାକୁ ଜୀବନର ଏକମାତ୍ର ବ୍ରତ କର, ସର୍ବଦା ତାହାର ଚିନ୍ତା କରୁଥାଅ । ଏହି ଭାବ ଅନୁଯାୟୀ ଜୀବନ ଯାପନ କର । ତୁମର ମସ୍ତିଷ୍କ, ସ୍ନାୟୁ, ପେଶୀ, ଶରୀରର ପ୍ରତିଟି ଅଙ୍ଗ ଏହି ଭାବରେ ପୂର୍ଣ୍ଣ ହୋଇଯାଉ । ଅନ୍ୟ ସମସ୍ତ ଚିନ୍ତା ଦୂରରେ ରହୁ । ଏହା ହିଁ ସିଦ୍ଧିଲାଭର ଉପାୟ; ଏହି ଉପାୟରେ ମନୁଷ୍ୟ ମହାପୁରୁଷ ହୁଏ । ବୃଥା କଥାବାର୍ତ୍ତା ଧର୍ମ ନୁହେଁ । ଯଦି ଆମେ ଯଥାର୍ଥ କୃତାର୍ଥ ହେବାକୁ ଓ ଅନ୍ୟର ଜୀବନ ଧନ୍ୟ କରିବାକୁ ଇଚ୍ଛା କରୁ, ତା'ହେଲେ ଆମମାନଙ୍କୁ ଆହୁରି ଗଭୀରରେ ପ୍ରବେଶ କରିବାକୁ ହେବ । ଏହା କାର୍ଯ୍ୟରେ ପରିଣତ କରିବାର ପ୍ରଥମ

ସୋପାନ—ମନକୁ କୌଣସି ଭାବରେ ବିକ୍ଷିପ୍ତ ନ କରିବା ଏବଂ ଯେଉଁମାନଙ୍କ ସହିତ କଥା କହିଲେ ମନରେ ଚଞ୍ଚଳତା ଆସେ, ସେମାନଙ୍କ ସଙ୍ଗ ତ୍ୟାଗ କରିବା । ତୁମେ ସମସ୍ତେ ଜାଣ ଯେ, କେତେଗୁଡ଼ିଏ ସ୍ଥାନ, କୌଣସି କୌଣସି ବ୍ୟକ୍ତି ଓ ଖାଦ୍ୟ ତୁମ ନିକଟରେ ବିରକ୍ତି କର । ଏଗୁଡ଼ିକୁ ତ୍ୟାଗ କରିବ । ଯେଉଁମାନେ ସର୍ବୋଚ୍ଚ ଅବସ୍ଥା ଲାଭ କରିବାକୁ ଚାହାଁନ୍ତି, ସେମାନଙ୍କୁ ସତ୍ ଅସତ୍ ସର୍ବ ପ୍ରକାର ସଙ୍ଗ ତ୍ୟାଗ କରିବାକୁ ହେବ । ଦୃଢ଼ ଭାବରେ ସାଧନା କର । ମର ବା ବଞ୍ଚ—କିଛି ହେଲେ ଗ୍ରାହ୍ୟ କରନାହିଁ ଫଳାଫଳ ପ୍ରତି ଦୃଷ୍ଟି ନ ରଖି ସାଧନ-ସମୁଦ୍ରରେ ଝାସ ଦେବାକୁ ହେବ । ଯଦି ନିର୍ଭୀକ ହୁଅ, ତେବେ ଛଅ ମାସ ମଧ୍ୟରେ ତୁମେ ଜଣେ ସିଦ୍ଧ ଯୋଗୀ ହୋଇପାରିବ । କିନ୍ତୁ ଯେଉଁମାନେ ଅଳ୍ପ ଅଳ୍ପ ସାଧନା କରନ୍ତି, ସବୁ ଜିନିଷ ଟିକିଏ ଅଧେ ଚାଖନ୍ତି, ସେମାନେ ଉନ୍ନତି କରିପାରନ୍ତି ନାହିଁ । କେବଳ ଉପଦେଶ ଶୁଣିଲେ କୌଣସି ଫଳ ହୁଏ ନାହିଁ । ଯେଉଁମାନେ ତମୋଗୁଣରେ ପୂର୍ଣ୍ଣ, ଅଜ୍ଞାନ ଓ ଅଳସ, ଯେଉଁମାନଙ୍କ ମନ କୌଣସି ବିଷୟରେ ସ୍ଥିର ହୁଏ ନାହିଁ, ଯେଉଁମାନେ ସବୁଥିରେ କେବଳ ଆମୋଦ ଅନ୍ୱେଷଣ କରନ୍ତି, ସେମାନଙ୍କ ପକ୍ଷରେ ଧର୍ମ ଓ ଦର୍ଶନ କେବଳ ଏକ ଆମୋଦପ୍ରମୋଦର ବିଷୟ । ଏମାନେ ଅଧ୍ୟବସାୟହୀନ । ସେମାନେ ଧର୍ମକଥା ଶୁଣିଲେ ମନେକରନ୍ତି, ବାଃ, ଏହା ତ ଉତ୍ତମ କଥା; କିନ୍ତୁ ତାପରେ ଘରକୁ ଯାଇ ସବୁ ଭୁଲିଯାଆନ୍ତି । ସାଫଲ୍ୟ ଲାଭ କରିବାକୁ ହେଲେ ପ୍ରବଳ ଅଧ୍ୟବସାୟ ଓ ଇଚ୍ଛାଶକ୍ତି ରହିବା ଦରକାର । ଅଧ୍ୟବସାୟଶୀଳ ସାଧକ କହନ୍ତି, 'ମୁଁ ଗଣ୍ଡୁଷରେ ସମୁଦ୍ର ପାନ କରିବି । ମୋ ଇଚ୍ଛା ମାତ୍ରେ ପର୍ବତ ଚୂର୍ଣ୍ଣ ହୋଇଯିବ ।' ଏହିପରି ତେଜ, ଏହିପରି ସଙ୍କଳ୍ପକୁ ଆଶ୍ରୟ କରି ଦୃଢ଼ଭାବରେ ସାଧନ କର । ତେବେ ନିଶ୍ଚୟ ତୁମେ ଲକ୍ଷ୍ୟରେ ଉପନୀତ ହେବ ।

## ସପ୍ତମ ଅଧ୍ୟାୟ

### ଧ୍ୟାନ ଓ ସମାଧି

ପୂର୍ବ ପୂର୍ବ ଅଧ୍ୟାୟରେ ଆମେ ରାଜଯୋଗର ସୂକ୍ଷ୍ମ ସାଧନାଗୁଡ଼ିକ ବ୍ୟତୀତ ବିଭିନ୍ନ ସୋପାନସମୂହର ଆଲୋଚନା କରିଅଛୁ । ଏହି ସୂକ୍ଷ୍ମ ଅନ୍ତରଙ୍ଗ ସାଧନଗୁଡ଼ିକର ଉଦ୍ଦେଶ୍ୟ ଏକାଗ୍ରତା ଲାଭ କରିବା । ଏହି ଏକାଗ୍ରତା ଲାଭ କରିବା ହିଁ ରାଜଯୋଗର ଲକ୍ଷ୍ୟ । ଆମେ ଦେଖିବାକୁ ପାଉ, ସକଳ ଧରଣର ଜ୍ଞାନ ଆମ ସଚେତନ ଅହଂବୁଦ୍ଧିର ଅଧୀନ । ଏହି ଟେବୁଲ ଓ ତୁମର ଅସ୍ତିତ୍ୱର ଜ୍ଞାନ ମୁଁ ମୋର ଚେତନାରୁ ପାଇଥାଏ । ପୁଣି ଏହା ମଧ୍ୟ ଆମେ ଦେଖୁ ଯେ, ମୋ ସତ୍ତାକୁ ମୁଁ କେବଳ ଆଂଶିକ ଭାବରେ ଅନୁଭବ କରିଥାଏ । ଶରୀର ମଧ୍ୟସ୍ଥ ବିଭିନ୍ନ ଯନ୍ତ୍ର, ମସ୍ତିଷ୍କର ବିଭିନ୍ନ ଅଂଶ ପ୍ରଭୃତି ସମ୍ବନ୍ଧରେ କେହି ଜାଣନ୍ତି ନାହିଁ ।

ଯେତେବେଳେ ଆମେ ଖାଉ ସେତେବେଳେ ତାହା ଜ୍ଞାନପୂର୍ବକ କରୁ; କିନ୍ତୁ ଏହାର ପରିପାକ ଆମେ ଅଜ୍ଞାତସାରରେ କରିଥାଉ । ଖାଦ୍ୟ ଯେତେବେଳେ ରକ୍ତରେ ପରିଣତ ହୁଏ, ସେତେବେଳେ ମଧ୍ୟ ଅଜ୍ଞାତସାରରେ ଏହି କ୍ରିୟା ହୋଇଥାଏ । ପୁଣି ଯେତେବେଳେ ଏହି ରକ୍ତରୁ ଶରୀରର ଭିନ୍ନ ଭିନ୍ନ ଅଂଶ ପରିପୁଷ୍ଟ ହୁଏ ତାହା ମଧ୍ୟ ଆମ ଅଜ୍ଞାତସାରରେ ହୋଇଥାଏ । କିନ୍ତୁ ଏହିସବୁ କ୍ରିୟା ଆମେ ନିଜେ କରିଥାଉ । ଦେହ ଭିତରେ ଅନ୍ୟ ଆଉ କେହି ନାହିଁ ଯେ କି ଏହିସବୁ କ୍ରିୟା କରିବ । କିନ୍ତୁ କିପରି ଜାଣିବି ଯେ ମୁଁ ଏଗୁଡ଼ିକ କରୁଅଛି, ଅନ୍ୟ କେହି କରୁନାହାନ୍ତି ? ଆହାର ପରିପାକ କରିବା ନିଶ୍ଚୟ ମୋର କାର୍ଯ୍ୟ; ଖାଦ୍ୟରୁ ସବଳ ଶରୀର ଗଠନ ମୋ ପାଇଁ ଅନ୍ୟ ଜଣେ କେହି କରି ଦେଉଛି—ତାହା ହୋଇପାରେ ନାହିଁ; କାରଣ ଏହା ପ୍ରମାଣ କରାଯାଇପାରେ ଯେ, ବର୍ତ୍ତମାନ ଯେଉଁ ସକଳ କାର୍ଯ୍ୟ ଆମ ଅଜ୍ଞାତସାରରେ ହେଉଅଛି, ଏଗୁଡ଼ିକର ଅଧିକାଂଶ ସାଧନାଦ୍ୱାରା ଆମର ଚେତନ ସ୍ତରକୁ ଅଣାଯାଇପାରେ । ଆପାତତଃ ମନେହୁଏ, ଯେପରି କି ହୃଦ୍‌ଯନ୍ତ୍ରର କ୍ରିୟା ଆମମାନଙ୍କ ନିୟନ୍ତ୍ରଣର ଅଧୀନ ନୁହେଁ, ଏହା ସ୍ୱାଭାବିକ ଚାଲୁଅଛି । କିନ୍ତୁ ଅଭ୍ୟାସଦ୍ୱାରା ଏହି ହୃଦ୍‌ଯନ୍ତ୍ରକୁ ଏପରି ଆୟତ୍ତକୁ ଅଣାଯାଇପାରେ ଯେ, ଆମମାନଙ୍କ ଇଚ୍ଛାନୁସାରେ ତାହା ମୃଦୁ ବା ଦ୍ରୁତ ଚାଲିବ, ଅଥବା ପ୍ରାୟ ବନ୍ଦ ହୋଇଯିବ । ଆମ ଶରୀରର ପ୍ରାୟ ପ୍ରତ୍ୟେକ କ୍ରିୟା ଆୟତ୍ତକୁ ଅଣାଯାଇପାରେ । ଏହାର ଅର୍ଥ କ'ଣ ? ବର୍ତ୍ତମାନ ଯେଉଁ ସକଳ କ୍ରିୟା ଅବଚେତନ ସ୍ତରରେ ହେଉଅଛି, ସେଗୁଡ଼ିକ ମଧ୍ୟ ଆମେ ନିଜେ କରୁଛୁ—କେବଳ ଅଜ୍ଞାତସାରରେ ତାହା କରୁଛୁ, ଏତିକି ମାତ୍ର । ଅତଏବ ଦେଖାଯାଉଛି, ମନୁଷ୍ୟର ମନ ଦୁଇ ସ୍ତରରେ କାର୍ଯ୍ୟ କରିଥାଏ । ପ୍ରଥମ ଅବସ୍ଥାକୁ ସଜ୍ଞାନ-ଭୂମି କୁହାଯାଇପାରେ, ଅର୍ଥାତ୍ କୌଣସି କାର୍ଯ୍ୟ କରିବା ସମୟରେ ବୋଧହୁଏ 'ମୁଁ କରୁଅଛି' । ଅନ୍ୟ ଭୂମିଟିକୁ ଅଜ୍ଞାନ-ଭୂମି କୁହାଯାଇପାରେ । ଏହି ସ୍ତରରେ ଆମର 'ଅହଂ'—ବୁଦ୍ଧି ରହେ ନାହିଁ ।

ଚିନ୍ତାର ଯେଉଁ ଅଂଶରେ 'ଅହଂ'ଭାବ ନଥାଏ, ତାହା ଅଜ୍ଞାନଭୂମିର କ୍ରିୟା ଆଉ ଯେଉଁ ଅଂଶରେ ଅହଂଭାବ ଥାଏ, ତାହା ଜ୍ଞାନପୂର୍ବକ କ୍ରିୟା । ନିମ୍ନ ଜାତୀୟ ଜୀବଜନ୍ତୁଙ୍କଠାରେ ଏହି ଅଜ୍ଞାନଭୂମିର କାର୍ଯ୍ୟକଳାପକୁ ସହଜାତପ୍ରବୃତ୍ତି (instinct) କହନ୍ତି । ଉଚ୍ଚତର ଜୀବମାନଙ୍କ କ୍ଷେତ୍ରରେ ଓ ଉଚ୍ଚତମ ଜୀବ ମନୁଷ୍ୟଠାରେ ଜ୍ଞାନପୂର୍ବକ କ୍ରିୟା ପ୍ରବଳ ।

କିନ୍ତୁ ଏହା ଶେଷ କଥା ନୁହେଁ । ଏହା ଅପେକ୍ଷା ଉଚ୍ଚତର ଭୂମିରେ ମଧ୍ୟ ଆମ ମନ କାମ କରିପାରେ । ମନ ଜ୍ଞାନର ଅତୀତ ଅବସ୍ଥାକୁ ଯାଇପାରେ । ଅଜ୍ଞାନଭୂମିରେ କୃତକାର୍ଯ୍ୟ ଯେପରି

ଜ୍ଞାନର ନିମ୍ନଭୂମିରେ ଘଟେ, ଠିକ୍ ସେହିପରି ଅନ୍ୟ ଏକ ପ୍ରକାର କାର୍ଯ୍ୟ ଜ୍ଞାନାତୀତ ଭୂମିରେ ହୋଇଥାଏ । ସେଥିରେ ମଧ୍ୟ କୌଣସି ପ୍ରକାର 'ଅହଂ'ଭାବ ନଥାଏ । ଏହି ଅହଂବୁଦ୍ଧି କେବଳ ମଧ୍ୟମ ସ୍ତରରେ ସୀମାବଦ୍ଧ । ଯେତେବେଳେ ମନ ଏହି ସ୍ତରର ଊର୍ଦ୍ଧ୍ୱରେ ବା ନିମ୍ନରେ ଥାଏ, ସେତେବେଳେ କୌଣସି 'ଅହଂ'ବୋଧ ନ ଥାଏ, ଯଦିଓ ସେତେବେଳେ ମଧ୍ୟ ମନର କ୍ରିୟା ଚାଲୁଥାଏ । ଯେତେବେଳେ ମନ ଏହି 'ଅହଂ'ବୋଧର ସୀମା ଅତିକ୍ରମ କରିଯାଏ, ସେତେବେଳେ ତାହାକୁ ସମାଧି ବା ଜ୍ଞାନାତୀତ ଅବସ୍ଥା କହନ୍ତି । ସମାଧି ଅବସ୍ଥାରେ ମନୁଷ୍ୟ ସଜ୍ଞାନଭୂମିର ନିମ୍ନସ୍ତରକୁ ଯେ ଚାଲିଯାଏ ନାହିଁ, ଅବନତ ହୋଇଯାଏ ନାହିଁ—ଏହା ଆମେ କିପରି ଜାଣିବା ? କାରଣ ଦୁଇଟିଯାକ ଅବସ୍ଥାର କାର୍ଯ୍ୟ ଅହଂଭାବଶୂନ୍ୟ । ଏହାର ଉତ୍ତର ହେଉଛି, ଫଳ ଦେଖି ନିର୍ଣ୍ଣିତ ହେବ, କେଉଁ ସ୍ତର ସଜ୍ଞାନଭୂମିର ନିମ୍ନରେ ଆଉ କେଉଁଟି ଏହାର ଊର୍ଦ୍ଧ୍ୱରେ । ଯେତେବେଳେ କେହି ଗଭୀର ନିଦ୍ରାରେ ମଗ୍ନ ହୁଏ, ସେ ସେତେବେଳେ ସଜ୍ଞାନଭୂମିର ନିମ୍ନକୁ ଅବଚେତନ-ଭୂମିକୁ ଚାଲିଯାଏ; କିନ୍ତୁ ସେତେବେଳେ ମଧ୍ୟ ତା' ଶରୀରର ସମୁଦାୟ କ୍ରିୟା ଚାଲିଥାଏ, ସେ ଶ୍ୱାସ-ପ୍ରଶ୍ୱାସ ଗ୍ରହଣ କରେ, ଏପରିକି ନିଦ୍ରାବସ୍ଥାରେ ଶରୀର ସଞ୍ଚାଳନ ମଧ୍ୟ କରିଥାଏ, ତଥାପି ତାହାର ଏ ସକଳ କାର୍ଯ୍ୟରେ ଅହଂଭାବ ନଥାଏ, କାରଣ ସେତେବେଳେ ତାର ଚେତନା ରହେ ନାହିଁ । ନିଦ୍ରାରୁ ଯେତେବେଳେ ଉତ୍‌ଥିତ ହୁଏ, ସେତେବେଳେ ସେ ଯାହା ପୂର୍ବରୁ ଥିଲା, ତାହା ହିଁ ରହେ । ନିଦ୍ରାଯିବା ପୂର୍ବରୁ ତାର ଯେତିକି ଜ୍ଞାନ ଥିଲା, ନିଦ୍ରାଭଙ୍ଗ ପରେ ମଧ୍ୟ ଠିକ୍ ସେତିକି ଥାଏ; ତାହାର କିଛି ମାତ୍ର ବୃଦ୍ଧି ହୁଏ ନାହିଁ । ତାର ହୃଦୟ କୌଣସି ନୂତନ ଆଲୋକରେ ଉଦ୍‌ଭାସିତ ହୁଏ ନାହିଁ । କିନ୍ତୁ ଯେତେବେଳେ ମନୁଷ୍ୟ ସମାଧିସ୍ଥ ହୁଏ—ଏପରି କି ମୂର୍ଖ ମଧ୍ୟ ଯଦି ସମାଧିସ୍ଥ ହୁଏ—ସମାଧିଭଙ୍ଗ ପରେ ସେ ମହାଜ୍ଞାନୀରେ ପରିଣତ ହୁଏ ।

ଏହି ବିଭିନ୍ନତାର କାରଣ କଅଣ ? ଏକ ଅବସ୍ଥାରୁ ମନୁଷ୍ୟ ଯେପରି ଯାଇଥିଲା, ସେହିରୂପେ ହିଁ ଫେରି ଆସିଲା । ଅନ୍ୟ ଏକ ଅବସ୍ଥାରୁ ମନୁଷ୍ୟ ଜ୍ଞାନୀ ହୋଇ ଫେରିଲା-ଜଣେ ମହାପୁରୁଷରେ ପରିଣତ ହେଲା, ତାର ସ୍ୱଭାବ ସଂପୂର୍ଣ୍ଣରୂପେ ପରବର୍ତ୍ତିତ ହୋଇଗଲା, ତାର ଜୀବନ ମଧ୍ୟ ରୂପାନ୍ତରିତ ହୋଇଗଲା, ସେ ଜ୍ଞାନାଲୋକରେ ଉଦ୍ଭାସିତ ହେଲା । ଫଳ ଯେତେବେଳେ ଭିନ୍ନ, ସେତେବେଳେ କାରଣ ମଧ୍ୟ ଭିନ୍ନ ହେବ । ସମାଧି ଅବସ୍ଥାରେ ଲବ୍‌ଧ ଏହି ଜ୍ଞାନାଲୋକ ଯେହେତୁ ଅଜ୍ଞାନ ଅବସ୍ଥାର ଅନୁଭୂତି ଅପେକ୍ଷା ଅନେକ ଉଚ୍ଚତର ବା ଜ୍ଞାନଭୂମିର ଯୁକ୍ତିବିଚାରଲବ୍‌ଧ ଜ୍ଞାନ ଅପେକ୍ଷା ଅନେକ ଉଚ୍ଚତର, ଅତଏବ ତାହା ଜ୍ଞାନାତୀତ ଭୂମିରୁ ନିଶ୍ଚୟ ଆସିଅଛି । ଏହି କାରଣରୁ ସମାଧି 'ଜ୍ଞାନାତୀତ ଅବସ୍ଥା' ନାମରେ ଅଭିହିତ ହୋଇଅଛି ।

ସଂକ୍ଷେପରେ ଏହା ହିଁ ସମାଧିତତ୍ତ୍ୱ । ଏହି ସମାଧିର କାର୍ଯ୍ୟକାରିତା କଅଣ ? ଆମେ ଜ୍ଞାତସାରରେ ଯେଉଁ ସକଳ ବିଚାରଜନିତ କର୍ମ କରିଥାଉ, ତାହା ସଂକୀର୍ଣ୍ଣ ଓ ସୀମାବଦ୍ଧ । ଗୋଟିଏ କ୍ଷୁଦ୍ର ବୃତ୍ତ ମଧ୍ୟରେ ମାନବ ଯୁକ୍ତି-କର୍ମ କରିବାକୁ ବାଧ୍ୟ, ବାହାରକୁ ଯିବାର ସାମାନ୍ୟ ଚେଷ୍ଟା ମଧ୍ୟ ଅସମ୍ଭବ । ଅଥଚ ମନୁଷ୍ୟ ଯାହା ଅତିଶୟ ମୂଲ୍ୟବାନ୍ ବୋଲି ମନେକରେ, ତାହା ଏହି ଯୁକ୍ତି-ବିଚାର ପରିଧିର ବାହାରେ ଅବସ୍ଥିତ । ଅବିନାଶୀ ଆତ୍ମା ଅଛି କି ନାହିଁ, ଈଶ୍ୱର ଅଛନ୍ତି କି ନାହିଁ, ଏହି ଜଗତର ନିୟନ୍ତା ପରମଚୈତନ୍ୟସ୍ୱରୂପ କେହି ଅଛନ୍ତି କି ନାହିଁ—ଏ ସକଳ ପ୍ରଶ୍ନ ଯୁକ୍ତିବିଚାରର ସୀମାର ବାହାରେ । ଯୁକ୍ତି କେବେହେଲେ ଏହି ସକଳ ପ୍ରଶ୍ନର

ଉତ୍ତର ଦେଇପାରିବ ନାହିଁ । ଯୁକ୍ତି କଅଣ କହେ ? ଯୁକ୍ତି କହେ : ମୁଁ ଅଜ୍ଞେୟବାଦୀ ମୁଁ ଅସ୍ତି ବା ନାସ୍ତି କିଛିହେଲେ ଜାଣିନାହିଁ । କିନ୍ତୁ ଏହି ପ୍ରଶ୍ନଗୁଡ଼ିକ ଆମମାନଙ୍କ ପକ୍ଷରେ ଅତି ପ୍ରୟୋଜନୀୟ । ଏହି ପ୍ରଶ୍ନଗୁଡ଼ିକର ଯଥାଯଥ ଉତ୍ତର ନ ପାଇଲେ ମାନବଜୀବନ ଉଦ୍ଦେଶ୍ୟହୀନ ହୋଇପଡ଼େ । ଆମମାନଙ୍କର ସମୁଦାୟ ନୈତିକ ମତ ଓ ମନୋଭାବ, ମନୁଷ୍ୟ-ସ୍ୱଭାବରେ ଯାହା କିଛି ମହତ୍ ଓ ଉତ୍ତମ ତାହା ସବୁ ଯୁକ୍ତିରାଜ୍ୟର ବାହାରୁ ଆସିଛି । ଅତଏବ, ଏହି ସକଳ ପ୍ରଶ୍ନର ସୁମୀମାଂସା ଆମମାନଙ୍କର ଏକାନ୍ତ ପ୍ରୟୋଜନ । ଜୀବନ ଯଦି କେବଳ ଗୋଟିଏ ନାଟକ ହୁଏ, ବିଶ୍ୱ-ଜଗତ ଯଦି କେତେଗୁଡ଼ିଏ ପରମାଣୁର ଆକସ୍ମିକ ମିଳନ ମାତ୍ର ହୁଏ, ତା ହେଲେ ଆମେ ଅନ୍ୟର ଉପକାର କାହିଁକି କରିବା ? ଦୟା, ନ୍ୟାୟପରତା ଅଥବା ସହାନୁଭୂତିର ପ୍ରୟୋଜନ କଅଣ ? ତେବେ ସ୍ୱାର୍ଥପରତା ପୃଥିବୀର ସର୍ବୋତ୍କୃଷ୍ଟ ନୀତି ହୁଅନ୍ତା । ମୁଁ ମୋ ଭାଇର ତଣ୍ଟି ନ କାଟି ତାକୁ ଭଲପାଇବି କାହିଁକି ! ଯଦି ଅତୀତର କୌଣସି ସତ୍ତା ନ ଥାଏ, ଯଦି ମୁକ୍ତି ବୋଲି କିଛି ନ ଥାଏ, ଯଦି କେତେଗୁଡ଼ିଏ କଠୋର ପ୍ରାଣହୀନ ନିୟମ ହିଁ ସର୍ବସ୍ୱ ହୁଏ, ତେବେ ଯେଉଁଥିରେ ଆମେ ଇହଲୋକରେ ସୁଖୀ ହୋଇପାରୁ କେବଳ ସେତିକିର ହିଁ ଚେଷ୍ଟା କରିବା । ଆଜିକାଲି ଅନେକେ କହନ୍ତି, ଆମମାନଙ୍କ ନୀତିର ଭିତ୍ତି ହେଉଛି ହିତବାଦ (utility) । ଏହି ନୀତିର ଭିତ୍ତି କଅଣ ? ସର୍ବାପେକ୍ଷା ଅଧିକ-ସଂଖ୍ୟକ ଲୋକମାନଙ୍କର ସର୍ବାଧିକ ସୁଖର ବ୍ୟବସ୍ଥା କରିବା; କିନ୍ତୁ କାହିଁକି ଆମେ ଏହା କରିବୁ ? ଯଦି ମୋର ଉଦ୍ଦେଶ୍ୟ ସିଦ୍ଧ ହୁଏ, ତା'ହେଲେ ମୁଁ ଲୋକମାନଙ୍କର ଅତ୍ୟଧିକ ଅନିଷ୍ଟ ସାଧନ କରିବି ନାହିଁ କାହିଁକି ? ହିତବାଦୀଗଣ (utilitarians) ଏହି ପ୍ରଶ୍ନର କଅଣ ଉତ୍ତର ଦେବେ ? ଭଲ ବା ବନ୍ଦ, ତାହା ତୁମେ କିପରି ଜାଣିବ ? ମୁଁ ମୋର ବାସନାଦ୍ୱାରା ପରିଚାଳିତ ହୋଇ ତାହାର ତୃପ୍ତିସାଧନ କଲି, ଏହା ମୋର ସ୍ୱଭାବସିଦ୍ଧ, ଏହା ଅପେକ୍ଷା ମୁଁ ଅଧିକ କିଛି ଜାଣିନାହିଁ । ମୋର ଏହି ସବୁ ବାସନା ଅଛି, ମୁଁ ଏଗୁଡ଼ିକ ପୂର୍ଣ୍ଣ କରିବି; ତୁମର ଆପତ୍ତି କରିବାର କି ଅଧିକାର ଅଛି ? ନୀତି, ଆତ୍ମାର ଅମରତ୍ୱ, ଈଶ୍ୱରପ୍ରେମ ଓ ସହାନୁଭୂତି, ସାଧୁତ୍ୱ ଏବଂ ସର୍ବୋପରି ନିଃସ୍ୱାର୍ଥତା—ମୁନଷ୍ୟଜୀବନର ଏହି ସକଳ ମହତ୍ ସତ୍ୟଗୁଡ଼ିକର ଅର୍ଥ କଅଣ ?

ସମଗ୍ର ନୀତି-ଶାସ୍ତ୍ର, ମନୁଷ୍ୟର ସକଳ କାର୍ଯ୍ୟ ଓ ଚିନ୍ତା ଏହି ନିଃସ୍ୱାର୍ଥତାରୂପକ ଭିତ୍ତି ଉପରେ ପ୍ରତିଷ୍ଠିତ । ମାନବ ଜୀବନର ସମୁଦାୟ ଭାବ ଏହି 'ନିଃସ୍ୱାର୍ଥପରତା'—ଏହି ଗୋଟିଏ ମାତ୍ର ଶବ୍ଦ ମଧ୍ୟରେ ସନ୍ନିବେଶିତ କରାଯାଇପାରେ । କାହିଁକି ଆମେ ସ୍ୱାର୍ଥଶୂନ୍ୟ ହେବୁ ? ନିଃସ୍ୱାର୍ଥ ହେବାର ପ୍ରୟୋଜନ କ'ଣ ? ତୁମେ ନିଜକୁ ଯୁକ୍ତିବାଦୀ, ହିତବାଦୀ କହିଥାଅ; କିନ୍ତୁ ତୁମେ ଯଦି ହିତସାଧନ କରିବାର ଯୁକ୍ତି ଦେଖାଇ ନ ପାର, ତାହେଲେ ମୁଁ ତୁମକୁ ଅଯୌକ୍ତିକ କହିବି । ମୁଁ କାହିଁକି ସ୍ୱାର୍ଥପର ନ ହେବି ମୋତେ ଯୁକ୍ତି ଦେଖାଅ । ଅବଶ୍ୟ ଭାଷା ଦୃଷ୍ଟିରୁ ନିଃସ୍ୱାର୍ଥତା ଅତି ସୁନ୍ଦର କଥା ହୋଇପାରେ, କିନ୍ତୁ ତାହା ତ କୌଣସି ଯୁକ୍ତି ହୋଇ ନ ପାରେ । ମୋତେ ଯୁକ୍ତି ଦେଖାଅ—କାହିଁକି ମୁଁ ନିଃସ୍ୱାର୍ଥ ହେବି, କାହିଁକି ମୁଁ ସତ୍ ହେବି ? ଅମୁକ ଲୋକ ଏହା କହିଲେ- ଏପରି କଥାର କୌଣସି ମୂଲ୍ୟ ମୋ ନିକଟରେ ନାହିଁ । ମୋର ନିଃସ୍ୱାର୍ଥ ହେବାର ଉପଯୋଗିତା କେଉଁଠି ? 'ହିତ' କହିଲେ ଯଦି 'ଅଧିକ ସୁଖ' ବୁଝାଏ, ତେବେ ସ୍ୱାର୍ଥପର ହେବା ମୋ ପକ୍ଷରେ ହିତକର । ଏହାର ଉତ୍ତର କ'ଣ ? ହିତବାଦୀଗଣ କ'ଣ ଏହାର କୌଣସି ଉତ୍ତର ଦେଇପାରନ୍ତି

ନାହିଁ । ଏହାର ଉତ୍ତର—ଏହି ପରିଦୃଶ୍ୟମାନଜଗତ ଏକ ଅନନ୍ତ ସମୁଦ୍ରର ଗୋଟିଏ କ୍ଷୁଦ୍ର ବିନ୍ଦୁ, ଅନନ୍ତ ଶୃଙ୍ଖଳର ଗୋଟିଏ କ୍ଷୁଦ୍ର ଶିକୁଳି ମାତ୍ର । ଯେଉଁମାନେ ନିଃସ୍ୱାର୍ଥପରତା ପ୍ରଚାର କରିଥିଲେ, ସେମାନେ ଏ ତତ୍ତ୍ୱ କେଉଁଠାରୁ ପାଇଲେ? ଆମେ ଜାଣୁ, ଏହା ସହଜାତ ବୃତ୍ତି ନୁହେଁ । ସହଜାତ-ଜ୍ଞାନସମ୍ପନ୍ନ ପଶୁଗଣ ଏହା ଜାଣନ୍ତି ନାହିଁ, ବିଚାର-ବୁଦ୍ଧି ଦ୍ୱାରା ମଧ୍ୟ ଏହା ମିଳେ ନାହିଁ । ତେବେ ଏହି ତତ୍ତ୍ୱ ଆସିଲା କେଉଁଠାରୁ ?

ଇତିହାସ ପାଠ କଲେ ଦେଖିବାକୁ ମିଳେ, ଜଗତର ମହାନ୍ ଧର୍ମାଚାର୍ଯ୍ୟଗଣ ସମସ୍ତେ ହିଁ ଗୋଟିଏ ତଥ୍ୟ ସ୍ୱୀକାର କରିଥାଅନ୍ତି । ସେମାନେ କହନ୍ତି, ଜଗତର ବାହାରୁ ସେମାନେ ଏହି ସତ୍ୟ ଲାଭ କରିଅଛନ୍ତି; ତେବେ ସେମାନଙ୍କ ମଧ୍ୟରୁ ଅନେକେ ସଠିକ୍ ଭାବରେ ଏହା ଜାଣନ୍ତି ନାହିଁ । ଜଣେ କହିଲେ, 'ଏକ ସ୍ୱର୍ଗଦୂତ ପକ୍ଷଯୁକ୍ତ ହୋଇ ତାହାଙ୍କୁ କହିଛନ୍ତି, 'ହେ ମାନବ! ଶୁଣ, ମୁଁ ସ୍ୱର୍ଗରୁ ଏହି ସୁସମାଚାର ଅଣିଛି, ତାହା ଗ୍ରହଣ କର ।' ଦ୍ୱିତୀୟ ବ୍ୟକ୍ତି କହିଲେ, ଏକ ଜ୍ୟୋତିର୍ମୟ ଦେବତା ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇଥିଲେ । ଅନ୍ୟ ଜଣେ କହିଲେ, 'ସ୍ୱପ୍ନରେ ସେ ଦେଖିଛନ୍ତି, ତାଙ୍କର ପିତୃପୁରୁଷଗଣ ଆସି ତାଙ୍କୁ କେତେଗୁଡ଼ିଏ ତତ୍ତ୍ୱ—ଉପଦେଶ ଦେଲେ । ଏହା ବ୍ୟତୀତ ସେ ଆଉ କିଛି ଜାଣନ୍ତି ନାହିଁ ।' ଏହିପରି ବିଭିନ୍ନ ଉପାୟରେ ତତ୍ତ୍ୱ ଲାଭ କରିବାର କଥା କହିଲେ ମଧ୍ୟ ଏମାନେ ସମସ୍ତେ ଏହି ବିଷୟରେ ଏକମତ ଯେ, ଯୁକ୍ତିତର୍କ ଦ୍ୱାରା ସେମାନେ ଏହି ଜ୍ଞାନ ଲାଭ କରିନାହାନ୍ତି; ଏହାର ଅତୀତ ପ୍ରଦେଶରୁ ସେମାନେ ତାହା ଲାଭ କରିଅଛନ୍ତି । କିନ୍ତୁ ଏହି ବିଷୟରେ ଯୋଗ-ଶାସ୍ତ୍ର କଅଣ କହେ ? ଯୋଗଶାସ୍ତ୍ର କହେ, ଯୁକ୍ତିବିଚାରର ଅତୀତ ପ୍ରଦେଶରୁ ସେମାନେ ଯେ ଏହି ଜ୍ଞାନ ଲାଭ କରିଛନ୍ତି, ତାହା ଠିକ୍ । ବାସ୍ତବିକ ସେମାନେ ନିଜ ଭିତରୁ ଏହି ଜ୍ଞାନ ଲାଭ କରିଛନ୍ତି ।

ଯୋଗୀମାନେ କହନ୍ତି, ଏହି ମନର ଏପରି ଏକ ଉଚ୍ଚତର ଅବସ୍ଥା ଅଛି, ଯାହା ଯୁକ୍ତି-ବିଚାରର ଊର୍ଦ୍ଧ୍ୱରେ । ଏହି ଉଚ୍ଚାବସ୍ଥାରେ ପହଞ୍ଚିଲେ ମାନବ ବିଷୟ-ଜ୍ଞାନର ଅତୀତ ପରମାର୍ଥ ଜ୍ଞାନ ବା ଅତୀନ୍ଦ୍ରିୟ ଜ୍ଞାନ ଲାଭ କରେ । ଯୁକ୍ତି-ବିଚାରର ଅତୀତ ଅବସ୍ଥା ଲାଭ କରିବା ଅର୍ଥାତ୍ ସାଧାରଣ ମାନବ-ସ୍ୱଭାବକୁ ଅତିକ୍ରମ କରିବା କେବେ କେବେ ଅତର୍କିତ ଭାବରେ ଆସିଥାଏ । ସେ ବ୍ୟକ୍ତି ଏହି ଘଟଣାର ବିଜ୍ଞାନ ସମ୍ବନ୍ଧରେ ଅନଭିଜ୍ଞ ଥାଇ ଯେପରି ହଠାତ୍ ଏହି ଜ୍ଞାନ ଲାଭ କରେ । ଏହି ଭାବରେ ଅତୀନ୍ଦ୍ରିୟ ଜ୍ଞାନ ଲାଭ କଲେ ସେ ସାଧାରଣତଃ ମନେ କରେ ଯେ, ଏହି ଜ୍ଞାନ ବାହାରୁ କେଉଁଠାରୁ ଆସିଅଛି । ଯାହା ହେଉନା କାହିଁକି, ଏହି ଦିବ୍ୟ ପ୍ରେରଣା, ପାରମାର୍ଥିକ ଜ୍ଞାନର ପ୍ରକାଶ ବିଭିନ୍ନ ଦେଶରେ ଏକ ଧରଣର ହୋଇପାରେ; କୌଣସି ଦେଶର ଲୋକେ ମନେ କରନ୍ତି ଯେ ଏହା ଦେବଦୂତଙ୍କଠାରୁ ଆସିଅଛି, ଅନ୍ୟ କୌଣସି ଦେଶରେ ଦେବତା ବିଶେଷଙ୍କଠାରୁ, ପୁଣି କେଉଁଠି ବା ସାକ୍ଷାତ୍ ଭଗବାନଙ୍କଠାରୁ ପ୍ରାପ୍ତ ବୋଲି ମନେ ହୋଇପାରେ । ଏହି ପାର୍ଥକ୍ୟର ଅର୍ଥ କଅଣ ? ଏହାର ଅର୍ଥ ଆମେ ନିଜ ସ୍ୱଭାବ ଅନୁଯାୟୀ ନିଜ ଭିତରୁ ହିଁ ଏହି ଜ୍ଞାନ ଲାଭ କରିଅଛୁ । ଅର୍ଥାତ୍ ଯିଏ ଏହା ଲାଭ କରିଛନ୍ତି, ସେ ନିଜ ଶିକ୍ଷା ଓ ବିଶ୍ୱାସ ଅନୁସାରେ ଏହି ଜ୍ଞାନର ବ୍ୟାଖ୍ୟା କରନ୍ତି । ବାସ୍ତବିକ ଏମାନେ ସମସ୍ତେ ଏହି ଜ୍ଞାନାତୀତ ଅବସ୍ଥାରେ ହଠାତ୍ ଆସି ପହଞ୍ଚି ଯାଇଛନ୍ତି ।

ଯୋଗୀମାନେ କହନ୍ତି, ଏହି ଅବସ୍ଥାରେ ହଠାତ୍ ଆସି ପହଞ୍ଚିଲେ ଘୋର ବିପଦର ଆଶଙ୍କା ଅଛି । ଅନେକ ସ୍ଥଳରେ ମସ୍ତିଷ୍କ ବିକୃତ ହୋଇଯିବାର ସମ୍ଭାବନା ଅଛି । ସଚରାଚର ଦେଖିବ, ଯେଉଁସବୁ ବ୍ୟକ୍ତି ହଠାତ୍ ଏହି ଅତୀନ୍ଦ୍ରିୟ ଜ୍ଞାନ ଲାଭ କରିଛନ୍ତି ଅଥଚ ତାହାର ବୈଜ୍ଞାନିକ ତତ୍ତ୍ୱ ବୁଝି ନାହାନ୍ତି, ସେମାନେ ଯେତେ ବଡ଼ ହୁଅନ୍ତୁ ନା କହିଁକି, ଅନ୍ଧାରରେ ଦରାଣ୍ଡି ହୋଇଛନ୍ତି ଏବଂ ସେମାନଙ୍କର ଏହି ଜ୍ଞାନ ସହିତ ସାଧାରଣତଃ କିଛି ନା କିଛି କିମ୍ଭୂତକିମାକାର କୁସଂସ୍କାର ରହିଯାଇଛି । ସେମାନେ ଅନେକ ଭ୍ରାନ୍ତିକୁ ଅଯଥା ପ୍ରଶ୍ରୟ ଦେଇ ଯାଇଛନ୍ତି ।

ସେ ଯାହାହେଉ, ଆମେମାନେ ଅନେକ ମହାପୁରୁଷଙ୍କ ଜୀବନଚରିତ ଆଲୋଚନା କରି ଦେଖୁ ଯେ, ଉକ୍ତ ବିପଦର ଆଶଙ୍କା ଅଛି । କିନ୍ତୁ ଆମେ ଦେଖିବାକୁ ପାଉ, ସେମାନେ ସମସ୍ତେ ଦିବ୍ୟ-ପ୍ରେରଣା ଲାଭ କରିଥିଲେ । ସେମାନେ ଯେ କୌଣସି ଭାବରେ ହେଉ, ଏହି ଜ୍ଞାନାତୀତ ଭୂମିରେ ଆରୋହଣ କରିଥିଲେ । ଯେତେବେଳେ କୌଣସି ମହାପୁରୁଷ କେବଳ ଭାବୋଚ୍ଛ୍ୱାସ ହେତୁ ଏହି ଅବସ୍ଥାରେ ଉପନୀତ ହୋଇଛନ୍ତି, ସେ କିଛି ସତ୍ୟ ଲାଭ କରିଛନ୍ତି ସତ, କିନ୍ତୁ ତାହା-ସହ କିଛି କୁସଂସ୍କାର ଓ ମତାନ୍ଧତା ମଧ୍ୟ ତାଙ୍କଠାରେ ଦେଖାଦେଇଛି । ତାଙ୍କ ଶିକ୍ଷା ଦ୍ୱାରା ଯେପରି ଜଗତର ଉପକାର ହୋଇଅଛି, ଏହି କୁସଂସ୍କାରାଦି ଦ୍ୱାରା ସେହିପରି କ୍ଷତି ମଧ୍ୟ ହୋଇଅଛି । ଅସାମଞ୍ଜସ୍ୟ-ପୂର୍ଣ୍ଣ ମନୁଷ୍ୟ ଜୀବନରେ କିଛି ସାମଞ୍ଜସ୍ୟ ଓ ଯୁକ୍ତି ଦେଖିବା ପାଇଁ ଆମମାନଙ୍କୁ ସାଧାରଣ ଯୁକ୍ତିର ଊର୍ଦ୍ଧ୍ୱକୁ ଯିବାକୁ ପଡ଼ିବ; କିନ୍ତୁ ତାହା ବୈଜ୍ଞାନିକ ଭାବରେ ନିୟମିତ ସାଧନା ଦ୍ୱାରା କରିବାକୁ ହେବ ଏବଂ ସମୁଦାୟ କୁସଂସ୍କାରକୁ ବିସର୍ଜନ କରିବାକୁ ପଡ଼ିବ । ଅନ୍ୟ କୌଣସି ବିଜ୍ଞାନ-ଶିକ୍ଷା ସମୟରେ ଆମେ ଯେପରି କରିଥାଉ, ସମାଧିତତ୍ତ୍ୱ-ଶିକ୍ଷା ସମୟରେ ଠିକ୍ ସେହିପରି କରିବାକୁ ହେବ । ଯୁକ୍ତି ଉପରେ ଆମକୁ ଭିତ୍ତି ସ୍ଥାପନ କରିବାକୁ ହିଁ ହେବ, ଯୁକ୍ତି ଆମମାନଙ୍କୁ ଯେତେଦୂର ନେଇଯାଏ, ସେତେଦୂର ଯିବାକୁ ପଡ଼ିବ; ଯୁକ୍ତି ଯେତେବେଳେ ଆଉ ଚଳିବ ନାହିଁ, ସେତେବେଳେ ଯୁକ୍ତି ସର୍ବୋଚ୍ଚ ଅବସ୍ଥା ଲାଭର ପଥ ଦେଖାଇଦେବ । ଅତଏବ ଯେବେ ଶୁଣିବ କେହି କହୁଛନ୍ତି, 'ମୁଁ ପ୍ରତ୍ୟାଦିଷ୍ଟ,' ଅଥଚ ଯୁକ୍ତିବିରୁଦ୍ଧ କଥା କହୁଛନ୍ତି, ତାଙ୍କ କଥା ଶୁଣିବ ନାହିଁ । କାହିଁକି ? କାରଣ ଏହି ତିନି ଅବସ୍ଥା—ସହଜାତ ଜ୍ଞାନ, ବିଚାରପୂର୍ବକ ଜ୍ଞାନ ଓ ଜ୍ଞାନାତୀତ ଅବସ୍ଥା ଅଥବା ଅଜ୍ଞାନ, ସଜ୍ଞାନ ଓ ଜ୍ଞାନାତୀତ ଅବସ୍ଥା—ଗୋଟିଏ ମନର ବିଭିନ୍ନ ଅବସ୍ଥା ମାତ୍ର । ଜଣେ ବ୍ୟକ୍ତିର ତିନୋଟି ମନ ରହିପାରେ ନାହିଁ । ସହଜାତ-ଜ୍ଞାନ ବିଚାରପୂର୍ବକ ଜ୍ଞାନରେ ଓ ବିଚାରପୂର୍ବକ-ଜ୍ଞାନ ଜ୍ଞାନାତୀତ ଅବସ୍ଥାରେ ପରିଣତ ହୁଏ; ସୁତରାଂ ଅବସ୍ଥାଗୁଡ଼ିକ ପରସ୍ପର-ବିରୋଧୀ ନୁହେଁ । ପ୍ରେରଣା ଯୁକ୍ତି-ବିରୋଧୀ ନୁହେଁ—ବରଂ ଏହା ଯୁକ୍ତିର ପୂର୍ଣ୍ଣତା ସାଧନ କରେ । ଈଶ୍ୱର-ପ୍ରେରିତ ମହାପୁରୁଷଗଣ କହିଛନ୍ତି, 'ମୁଁ ଧ୍ୱଂସ କରିବା ପାଇଁ ଆସି ନାହିଁ, ସମ୍ପୂର୍ଣ୍ଣ କରିବାକୁ ଆସିଅଛି ।' ପ୍ରେରଣା ଯୁକ୍ତିକୁ ପରିପୂର୍ଣ୍ଣ କରେ । ଯୁକ୍ତି ସହିତ ତାହାର ପୂର୍ଣ୍ଣ ସାମଞ୍ଜସ୍ୟ ଅଛି ।

ବୈଜ୍ଞାନିକ ଉପାୟରେ ସମାଧି ବା ଜ୍ଞାନାତୀତ ଅବସ୍ଥା ଲାଭ କରିବା ପାଇଁ ଯୋଗର ସୋପାନଗୁଡ଼ିକ ଉପଦିଷ୍ଟ ହୋଇଅଛି । ଅଧିକନ୍ତୁ ଏହା ବୁଝିବା ବିଶେଷ ଆବଶ୍ୟକ ଯେ, ଏହି ଅତୀନ୍ଦ୍ରିୟ ପ୍ରେରଣା ଲାଭ କରିବାର ଶକ୍ତି ପ୍ରାଚୀନ ମହାପୁରୁଷଗଣଙ୍କ ପରି ପ୍ରତ୍ୟେକ ମନୁଷ୍ୟର ସ୍ୱଭାବରେ ଅନ୍ତର୍ନିହିତ ଅଛି । ଏହି ମହାପୁରୁଷଗଣ ଆମଠାରୁ ସମ୍ପୂର୍ଣ୍ଣ ପୃଥକ୍ ନ ଥିଲେ,

ସେମାନେ ମଧ୍ୟ ତୁମ ମୋ ଭଳି ମନୁଷ୍ୟ ଥିଲେ । ସେମାନେ ଖୁବ୍ ଉଚ୍ଚସ୍ତରର ଯୋଗୀ ଥିଲେ ଏବଂ ଏହି ଜ୍ଞାନାତୀତ ଅବସ୍ଥା ଲାଭ କରିଥିଲେ । ଚେଷ୍ଟା କଲେ ଆମେ ତୁମେ ମଧ୍ୟ ତାହା ଲାଭ କରିପାରିବା । ଜଣେ ଏହି ଅବସ୍ଥା ଲାଭ କରିଛନ୍ତି—ଏହି ଘଟଣାରୁ ହିଁ ପ୍ରମାଣିତ ହୁଏ ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷରେ ଏହି ଅବସ୍ଥା ଲାଭ କରିବା ସମ୍ଭବ । ଏହା ଯେ କେବଳ ସମ୍ଭବ ତାହା ନୁହେଁ, ସମସ୍ତଙ୍କୁ ଯଥା ସମୟରେ ଏହି ଅବସ୍ଥା ଲାଭ କରିବାକୁ ହେବ । ଏହା ହିଁ ଧର୍ମ । ଅଭିଜ୍ଞତା ହିଁ ଆମର ଏକମାତ୍ର ଶିକ୍ଷକ । ଆମେ ସାରା ଜୀବନ ତର୍କବିଚାର କରିପାରୁ, କିନ୍ତୁ ନିଜେ ପ୍ରତ୍ୟକ୍ଷ ଅନୁଭବ ନ କଲେ ସତ୍ୟର କିଛି ହେଲେ ବୁଝି ପାରିବୁ ନାହିଁ । କେତେ ଖଣ୍ଡ ପୁସ୍ତକ ପଢ଼ିବାକୁ ଦେଇ ତୁମେ କୌଣସି ବ୍ୟକ୍ତିକୁ ଅସ୍ତ୍ରଚିକିତ୍ସକ କରାଇପାରିବ ନାହିଁ । ଖଣ୍ଡିଏ ମାନଚିତ୍ର ଦେଖାଇ ଜଣକର ଦେଶ ଦେଖିବାର କୌତୂହଳ ଚରିତାର୍ଥ କରିପାରିବ ନାହିଁ । ମୋତେ ପ୍ରତ୍ୟକ୍ଷ ଭାବେ ପ୍ରତ୍ୟେକ ଅଭିଜ୍ଞତା ଅର୍ଜନ କରିବାକୁ ହେବ । ମାନଚିତ୍ର କେବଳ ଅଧିକତର ଜ୍ଞାନ ଲାଭ କରିବା ପାଇଁ ଆଗ୍ରହ ଜନ୍ମାଇ ଦେଇପାରେ । ଏହା ବ୍ୟତୀତ ତାହାର ଅନ୍ୟ କୌଣସି ମୂଲ୍ୟ ନାହିଁ । କେବଳ ପୁସ୍ତକ ଉପରେ ନିର୍ଭର କରି ମନୁଷ୍ୟ ନିଜ ମନକୁ ଅବନତି ଦିଗକୁ ନେଇଯାଏ । ଈଶ୍ୱରୀୟ ଜ୍ଞାନ କେବଳ ଏହି ପୁସ୍ତକରେ ବା ଅମୁକ ଶାସ୍ତ୍ରରେ ସୀମାବଦ୍ଧ—ଏପରି କହିବା ଅପେକ୍ଷା ଘୋରତର ଈଶ୍ୱର-ନିନ୍ଦା ଆଉ କଅଣ ଥାଇପାରେ ? ମନୁଷ୍ୟ ଭଗବାନଙ୍କୁ ଅନନ୍ତ ବୋଲି କହେ, ଅଥଚ ଗୋଟିଏ କ୍ଷୁଦ୍ର ଗ୍ରନ୍ଥର ଗଣ୍ଡିରେ ତାଙ୍କୁ ସୀମାବଦ୍ଧ କରିବାକୁ ଚାହେଁ । କୌଣସି ବିଶେଷ ଧର୍ମଗ୍ରନ୍ଥରେ ଯାହା ଅଛି, ତାହାକୁ ବିଶ୍ୱାସ କରି ନାହାନ୍ତି ବୋଲି, ଖଣ୍ଡିଏ ଗ୍ରନ୍ଥ ମଧ୍ୟରେ ସମୁଦାୟ ଜ୍ଞାନ ସୀମାବଦ୍ଧ—ଏହି କଥା ବିଶ୍ୱାସ କରିବାକୁ ପ୍ରସ୍ତୁତ ହୋଇ ନାହାନ୍ତି ବୋଲି ଲକ୍ଷ ଲକ୍ଷ ଲୋକ ନିହତ ହୋଇଛନ୍ତି । ଅବଶ୍ୟ ଏହି ହତ୍ୟାର ଯୁଗ ବର୍ତ୍ତମାନ ଚାଲିଯାଇଛି; କିନ୍ତୁ ଜଗତ ଏବେ ସୁଦ୍ଧା ଧର୍ମଗ୍ରନ୍ଥରେ ଅନ୍ଧବିଶ୍ୱାସୀ ।

ବୈଜ୍ଞାନିକ ଉପାୟରେ ଜ୍ଞାନାତୀତ ଅବସ୍ଥା ଲାଭ କରିବାକୁ ହେଲେ ତୁମମାନଙ୍କୁ ମୁଁ ରାଜଯୋଗ ବିଷୟରେ ଯେଉଁ ସବୁ ଉପଦେଶ ଦେଉଅଛି, ତାହାର ବିଭିନ୍ନ ସୋପାନ ଦେଇ ଅଗ୍ରସର ହେବାକୁ ପଡ଼ିବ । ପ୍ରତ୍ୟାହାର ଓ ଧାରଣା ପରେ, ମୁଁ ବର୍ତ୍ତମାନ ଧ୍ୟାନର ବିଷୟ ଆଲୋଚନା କରିବି । ଦେହ ଭିତରେ ବା ବାହାରେ କୌଣସି ସ୍ଥାନରେ ମନକୁ କିଛି ସମୟ ସ୍ଥିର ରଖିପାରିଲେ ମନ ଅବିଚ୍ଛିନ୍ନ ଗତିରେ ଏହି ଦିଗକୁ ପ୍ରବାହିତ ହେବା ପାଇଁ ଶକ୍ତି ଲାଭ କରିବ । ଏହି ଅବସ୍ଥାର ନାମ 'ଧ୍ୟାନ' । ଧ୍ୟାନର ଶକ୍ତି ଯେତେବେଳେ ଏତେ ବୃଦ୍ଧି ପାଏ ଯେ, ସାଧକ ଅନୁଭବର ବହିର୍ଭାଗ ବର୍ଜନ କରି କେବଳ ଏହାର ଅନ୍ତର୍ଭାଗ ଅର୍ଥାତ୍ ଅର୍ଥର ଧ୍ୟାନ କରନ୍ତି, ସେତେବେଳେ ସେହି ଅବସ୍ଥାର ନାମ 'ସମାଧି' । ଧାରଣା, ଧ୍ୟାନ ଓ ସମାଧି—ଏହି ତିନୋଟିକୁ ଏକତ୍ର 'ସଂଯମ' କହନ୍ତି ଅର୍ଥାତ୍ ପ୍ରଥମତଃ (୧) ଯଦି କେହି କୌଣସି ବସ୍ତୁ ଉପରେ ମନ ଏକାଗ୍ର କରିପାରେ, (୨) ପରେ ଦୀର୍ଘ ଦିନ ଧରି ଏହି ଏକାଗ୍ରତାର ଭାବ ରକ୍ଷା କରିପାରେ, (୩) ଅବଶେଷରେ ଏହି ଏକାଗ୍ରତାଦ୍ୱାରା ଯେଉଁ ଆଭ୍ୟନ୍ତରୀଣ କାରଣରୁ ଏହି ବାହ୍ୟ ବସ୍ତୁର ଅନୁଭୂତି ଉତ୍ପନ୍ନ ହୋଇଅଛି, ଯଦି କେବଳ ତାହାରି ଉପରେ ମନକୁ ସ୍ଥିର ରଖିପାରେ, ତେବେ ସମୁଦାୟ ଶକ୍ତି ଏହିପରି ମନର ବଶୀଭୂତ ହୁଏ ।

ଏହି ଧ୍ୟାନାବସ୍ଥା ହିଁ ମାନବ-ଜୀବନର ସର୍ବୋଚ୍ଚ ଅବସ୍ଥା । ଯେପର୍ଯ୍ୟନ୍ତ ବାସନା ଥାଏ,

ସେପର୍ଯ୍ୟନ୍ତ ଯଥାର୍ଥ ସୁଖ ସମ୍ଭବ ନୁହେଁ । ସାକ୍ଷୀରୂପେ ଧ୍ୟାନରେ ସବୁ କିଛି ପର୍ଯ୍ୟାଲୋଚନା କରିପାରିଲେ ଆମର ପ୍ରକୃତ ସୁଖ ଓ ଆନନ୍ଦ ଲାଭ ହୁଏ । ଇତର ପ୍ରାଣୀର ସୁଖ ଇନ୍ଦ୍ରିୟରେ, ମନୁଷ୍ୟର ସୁଖ ବୁଦ୍ଧିରେ ଆଉ ଦେବମାନବ ଆଧ୍ୟାତ୍ମିକ ଧ୍ୟାନରେ ଆନନ୍ଦ ଲାଭ କରନ୍ତି । ଯିଏ ଏହିପରି ଧ୍ୟାନାବସ୍ଥା ଲାଭ କରିଛନ୍ତି, ତାଙ୍କ ନିକଟରେ ଜଗତ୍ ଯଥାର୍ଥ ସୁନ୍ଦର ବୋଲି ପ୍ରତିଭାତ ହୁଏ । ଯାହାଙ୍କର ବାସନା ନାହିଁ, ଯିଏ କୌଣସି ବିଷୟରେ ନିଜକୁ ଲିପ୍ତ କରନ୍ତି ନାହିଁ, ତାଙ୍କ ନିକଟରେ ପ୍ରକୃତିର ଏହି ବିଚିତ୍ର ପରିବର୍ତ୍ତନ ସୁନ୍ଦର ଓ ମହତ୍ ଭାବସମୂହର ଏକ ଅନନ୍ତ ଚିତ୍ରପଟ ।

ଧ୍ୟାନରେ ଏହି ତତ୍ତ୍ୱଗୁଡ଼ିକୁ ବୁଝିବାକୁ ହେବ । ମନେକର, ଗୋଟିଏ ଶବ୍ଦ ଶୁଣିଲି, ଅର୍ଥାତ୍ ବାହାରେ ଗୋଟିଏ କମ୍ପନ ସୃଷ୍ଟି ହେଲା, ତା'ପରେ ସ୍ନାୟବୀୟ ଗତି ତାହାକୁ ମନ ନିକଟକୁ ନେଇଗଲା, ପରେ ମନରେ ପ୍ରତିକ୍ରିୟା ହେଲା ଏବଂ ତତ୍କ୍ଷଣାତ୍ ବାହ୍ୟ ବସ୍ତୁର ଜ୍ଞାନ ହେଲା । ଏହି ବାହ୍ୟବସ୍ତୁଟି ହିଁ ଇଥର୍ କମ୍ପନଠାରୁ ଆରମ୍ଭ କରି ମାନସିକ ପ୍ରତିକ୍ରିୟା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପରିବର୍ତ୍ତନଗୁଡ଼ିକର କାରଣ । ଯୋଗଶାସ୍ତ୍ରରେ ଏହି ତିନୋଟିକୁ ଶବ୍ଦ, ଅର୍ଥ ଓ ଜ୍ଞାନ କହନ୍ତି । ପଦାର୍ଥବିଜ୍ଞାନ ଓ ଶରୀରବିଜ୍ଞାନର ଭାଷାରେ ଏଗୁଡ଼ିକୁ ଇଥର୍‌ର କମ୍ପନ, ସ୍ନାୟୁ ଓ ମସ୍ତିଷ୍କର ଗତି ଏବଂ ମାନସିକ ପ୍ରତିକ୍ରିୟା ବୋଲି କୁହାଯାଏ । ଏହି ତିନୋଟି ପ୍ରକ୍ରିୟା ସଂପୂର୍ଣ୍ଣ ସ୍ୱତନ୍ତ୍ର ହେଲେ ମଧ୍ୟ ଏପରି ଭାବରେ ମିଶ୍ରିତ ହୋଇଅଛି ଯେ, ଏଗୁଡ଼ିକର ପ୍ରଭେଦ ଅତି ଅସ୍ପଷ୍ଟ । ବାସ୍ତବିକ ଆମେ ବର୍ତ୍ତମାନ ଏହି ତିନୋଟିରୁ କୌଣସି ଗୋଟିକୁ ପୃଥକ୍ ଭାବରେ ଅନୁଭବ କରିପାରୁ ନାହିଁ, କେବଳ ସେମାନଙ୍କର ସମ୍ମିଳିତ ଫଳ ଆମେ ଅନୁଭବ କରିଥାଉ ଏବଂ ଏହାକୁ ବାହ୍ୟ ବସ୍ତୁ ବୋଲି କହିଥାଉ । ପ୍ରତ୍ୟେକ ଅନୁଭବ କ୍ରିୟାରେ ହିଁ ତିନୋଟି ବିଷୟ ରହିଅଛି ଏବଂ ସେଗୁଡ଼ିକୁ ପୃଥକ୍ ନ କରି ପାରିବାର କୌଣସି କାରଣ ନାହିଁ ।

ପ୍ରାଥମିକ ପ୍ରସ୍ତୁତି ଫଳରେ ଯେତେବେଳେ ମନ ଦୃଢ଼ ଓ ନିୟନ୍ତ୍ରିତ ହୁଏ ଏବଂ ସୂକ୍ଷ୍ମତର ଅନୁଭବର ଶକ୍ତି ଲାଭ କରେ, ସେତେବେଳେ ତାହାକୁ ଧ୍ୟାନରେ ନିଯୁକ୍ତ କରିବ । ପ୍ରଥମତଃ ସ୍ଥୂଳ ବସ୍ତୁ ଉପରେ ଧ୍ୟାନ କରିବାକୁ ହେବ । ପରେ କ୍ରମଶଃ ଧ୍ୟାନ ସୂକ୍ଷ୍ମତର ହେବ, ଶେଷରେ ବିଷୟଶୂନ୍ୟ ଅର୍ଥାତ୍ ବିକଳ୍ପ ଧ୍ୟାନରେ ପରିଣତ ହେବ । ମନକୁ ପ୍ରଥମେ ଅନୁଭୂତିର ବାହ୍ୟ କାରଣଗୁଡ଼ିକ ଅର୍ଥାତ୍ ବିଷୟ ପରେ ସ୍ନାୟୁ ମଧ୍ୟସ୍ଥ ଗତି, ତାପରେ ଶରୀର ଭିତରର ପ୍ରତିକ୍ରିୟାଗୁଡ଼ିକୁ ଅନୁଭବ କରିବା ପାଇଁ ନିଯୁକ୍ତକରିବାକୁ ହେବ । ମନ ଯେତେବେଳେ ବେଦନା ବା ଅନୁଭୂତିର ବାହ୍ୟକାରଣ ଗୁଡ଼ିକ ପୃଥକ୍ ଭାବରେ ଜାଣିପାରିବ, ସେତେବେଳେ ମନ ସମୁଦାୟ ସୂକ୍ଷ୍ମ ପଦାର୍ଥ, ସୂକ୍ଷ୍ମ ଶରୀର ଇତ୍ୟାଦି ଅନୁଭବ କରିପାରିବ । ମନ ଯେତେବେଳେ ଆଭ୍ୟନ୍ତରୀଣ ଗତିଗୁଡ଼ିକୁ ପୃଥକ୍ ଭାବରେ ଜାଣିପାରିବ, ସେତେବେଳେ ମାନସିକ ତରଙ୍ଗଗୁଡ଼ିକ ପ୍ରକାଶିତ ହେବା ପୂର୍ବରୁ ମନ ଏଗୁଡ଼ିକୁ ନିୟନ୍ତ୍ରଣ କରିବାର କ୍ଷମତା ଲାଭ କରିବ । ଯେତେବେଳେ ମନ ମାନସିକ ପ୍ରକ୍ରିୟାଗୁଡ଼ିକୁ ପୃଥକ୍ ଭାବରେ ଅନୁଭବ କରିବ, ସେତେବେଳେ ଯୋଗୀ ଯେ କୌଣସି ବିଷୟର ଜ୍ଞାନ ଲାଭ କରିପାରିବେ; କାରଣ ଅନୁଭବଯୋଗ୍ୟ ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ଚିନ୍ତା ଏହି ମାନସିକ ପ୍ରତିକ୍ରିୟାର ଫଳ । ଏହି ଅବସ୍ଥା ଲାଭ ହେଲେ ଯୋଗୀ ନିଜ ମନର ଭିତ୍ତି ପର୍ଯ୍ୟନ୍ତ, ସମୁଦାୟ ଅନୁଭବ କରିବେ ଏବଂ ସେତେବେଳେ ତାଙ୍କର ମନ ସଂପୂର୍ଣ୍ଣ ଆୟତ୍ତକୁ

ଆସିବ । ଯୋଗୀଙ୍କର ସେତେବେଳେ ନାନାପ୍ରକାର ଅଲୌକିକ ଶକ୍ତି ଲାଭ ହୋଇଥାଏ । ଯଦି ସେ ଏହି ସକଳ ଶକ୍ତିରେ ପ୍ରଲୁବ୍‌ଧ ହୁଅନ୍ତି, ତେବେ ତାଙ୍କର ଉନ୍ନତିର ପଥ ରୁଦ୍ଧ ହୋଇଯିବ । ଶକ୍ତିର କ୍ଷମତା ଲାଭ ପାଇଁ ଧାବମାନ ହେଲେ ଏହିପରି ଅନିଷ୍ଟ ହୋଇଥାଏ । କିନ୍ତୁ ଯଦି ଏହି ସକଳ ଅଲୌକିକ ଶକ୍ତିକୁ ମଧ୍ୟ ତ୍ୟାଗ କରିବାର କ୍ଷମତା ତାଙ୍କର ଥାଏ, ତେବେ ସେ ଯୋଗର ଚରମ ଲକ୍ଷ୍ୟରେ ଉପନୀତ ହୁଅନ୍ତି । ସେତେବେଳେ ମନର ନାନା ପ୍ରକାର ବିକ୍ଷେପ ଓ ଶରୀରର ନାନାବିଧ ଗତିରେ ବିଚଳିତ ନ ହୋଇ ଆତ୍ମାର ମହିମା ପୂର୍ଣ୍ଣ ଭାବରେ ପ୍ରକାଶିତ ହେବ । ସେତେବେଳେ ଯୋଗୀ ତାଙ୍କର ଶାଶ୍ୱତ ସ୍ୱରୂପ ଉପଲବ୍‌ଧି କରିବେ, ସେ ବୁଝିପାରିବେ ଯେ ସେ ଜ୍ଞାନଘନ, ଅବିନାଶୀ, ଓ ସର୍ବବ୍ୟାପୀ ।

ଏହି ସମାଧିରେ ପ୍ରତ୍ୟେକ ମନୁଷ୍ୟର ଏପରିକି ପ୍ରତ୍ୟେକ ପ୍ରାଣୀର ମଧ୍ୟ ଅଧିକାର ଅଛି । ନିମ୍ନତମ ପ୍ରାଣୀଠାରୁ ଆରମ୍ଭ କରି ଉଚ୍ଚତମ ଦେବତା ପର୍ଯ୍ୟନ୍ତ ସମସ୍ତେ କୌଣସି ନା କୌଣସି ସମୟରେ ଏହି ଅବସ୍ଥା ଲାଭ କରିବେ । ଯାହାର ଯେଉଁ ସମୟରେ ଏହି ଅବସ୍ଥା ଲାଭ ହୁଏ, ସେତେବେଳେ ତାର ଯଥାର୍ଥ ଧର୍ମଜୀବନ ଆରମ୍ଭ ହୁଏ । ତା' ପୂର୍ବରୁ ଆମେ, କେବଳ ଏହି ଅବସ୍ଥାରେ ପହଞ୍ଚିବା ପାଇଁ ସଂଗ୍ରାମ କରିଚାଲିଛୁ । ନାସ୍ତିକମାନଙ୍କ ସହିତ ଆମର ବର୍ତ୍ତମାନ କୌଣସି ପ୍ରଭେଦ ନାହିଁ, କାରଣ ଅତୀନ୍ଦ୍ରିୟ ତତ୍ତ୍ୱ ସମ୍ବନ୍ଧରେ ଆମମାନଙ୍କର କୌଣସି ପ୍ରତ୍ୟକ୍ଷ ଅଭିଜ୍ଞତା ନାହିଁ । ପ୍ରତ୍ୟେକ ଅଭିଜ୍ଞତା ଲାଭ ବ୍ୟତୀତ ଏହି ଏକାଗ୍ରତା ସାଧନର କ'ଣ ପ୍ରୟୋଜନ ? ଏହି ସମାଧି ଲାଭ କରିବାର ପ୍ରତ୍ୟେକ ସାଧନସୋପାନଗୁଡ଼ିକ ଯୁକ୍ତିପୂର୍ବକ ବିଚାର କରାଯାଇଛି, ଯଥାଯଥ ଭାବରେ ବିନ୍ୟସ୍ତ ହୋଇଅଛି ଓ ବୈଜ୍ଞାନିକ ପ୍ରଣାଳୀରେ ସଂଗଠିତ ହୋଇଅଛି । ଯଦି ସଠିକ ଭାବରେ ସାଧନା କରାଯାଏ, ତେବେ ତାହା ଆମମାନଙ୍କୁ ବାଞ୍ଛିତ ଲକ୍ଷ୍ୟସ୍ଥଳରେ ନିଶ୍ଚିତରୂପେ ପହଞ୍ଚାଇ ଦେବ । ସେତେବେଳେ ଆମର ସମସ୍ତ ଦୁଃଖ ଦୂର ହେବ, ସକଳ ଯନ୍ତ୍ରଣା ଅନ୍ତର୍ହିତ ହେବ, କର୍ମବୀଜ ଦଗ୍‌ଧ ହୋଇଯିବ ଏବଂ ଆତ୍ମା ଅନନ୍ତକାଳ ପାଇଁ ମୁକ୍ତ ହୋଇଯିବ ।

# ଅଷ୍ଟମ ଅଧ୍ୟାୟ

## ରାଜଯୋଗର ସାରକଥା

କୂର୍ମପୁରାଣରୁ* ଅନୁଦିତ ହୋଇ ରାଜଯୋଗର ସାରାଂଶ ନିମ୍ନରେ ପ୍ରଦତ୍ତ ହେଲା ।

ଯୋଗାଗ୍ନି ମାନବର ପାପ-ପିଞ୍ଜରକୁ ଦଗ୍ଧ କରେ; ସେତେବେଳେ ଚିତ୍ତଶୁଦ୍ଧି ଓ ସାକ୍ଷାତ୍ ନିର୍ବାଣ ଲାଭ ହୁଏ । ଯୋଗରୁ ଜ୍ଞାନ ଲାଭ ହୁଏ, ଜ୍ଞାନ ପୁଣି ଯୋଗୀଙ୍କୁ ମୁକ୍ତିପଥରେ ସାହାଯ୍ୟ କରେ । ଯାହାଙ୍କଠାରେ ଯୋଗ ଓ ଜ୍ଞାନ ଉଭୟ ବିରାଜମାନ, ଈଶ୍ୱର ତାଙ୍କ ପ୍ରତି ପ୍ରସନ୍ନ ହୁଅନ୍ତି । ଯେଉଁମାନେ ପ୍ରତ୍ୟହ ଥରେ, ଦୁଇ ଥର, ତିନି ଥର ଅଥବା ସର୍ବଦା 'ମହାଯୋଗ' ଅଭ୍ୟାସ କରନ୍ତି, ସେମାନଙ୍କୁ ଦେବତା ବୋଲି ଜାଣିବ । ଯୋଗ ଦୁଇ ପ୍ରକାର ଅଭାବଯୋଗ, ଏବଂ ମହାଯୋଗ । ଯେତେବେଳେ ନିଜକୁ ଶୂନ୍ୟ ଓ ସର୍ବପ୍ରକାର ଗୁଣବିରହିତରୂପେ ଚିନ୍ତା କରାଯାଏ, ସେତେବେଳେ ତାହାକୁ 'ଅଭାବଯୋଗ' କହନ୍ତି । ଯେଉଁ ଯୋଗରେ ଆତ୍ମାକୁ ଆନନ୍ଦପୂର୍ଣ୍ଣ, ପବିତ୍ର ଓ ବ୍ରହ୍ମଙ୍କ ସହିତ ଅଭିନ୍ନରୂପେ ଚିନ୍ତା କରାଯାଏ, ତାହାକୁ 'ମହାଯୋଗ' କହନ୍ତି । ଯୋଗୀ ଉଭୟ ପଥରେ ଆତ୍ମସାକ୍ଷାତ୍କାର କରନ୍ତି । ଆମେ ଅନ୍ୟାନ୍ୟ ଯେଉଁ ସବୁ ଯୋଗର କଥା ଶାସ୍ତ୍ରରୁ ପାଠ କରୁ ବା ଶୁଣିବାକୁ ପାଉ, ସେସବୁ ଯୋଗ ଏହି ମହାଯୋଗର ସମଶ୍ରେଣୀଭୁକ୍ତ ହୋଇପାରେ ନାହିଁ । ଏହି ମହାଯୋଗରେ ଯୋଗୀ ନିଜକୁ ଓ ସମଗ୍ର ଜଗତକୁ ସାକ୍ଷାତ୍ ଈଶ୍ୱର ରୂପେ ଅନୁଭବ କରନ୍ତି । ଏହା ହିଁ ସକଳ ଯୋଗ ମଧ୍ୟରେ ଶ୍ରେଷ୍ଠ ।

ରାଜଯୋଗର ଏହି କେତୋଟି ଅଙ୍ଗ ବା ସୋପାନ ଅଛି--ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି । 'ଯମ' କହିଲେ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହକୁ ବୁଝାଏ । ଏହି ଯମ ଦ୍ୱାରା ଚିତ୍ତ ଶୁଦ୍ଧ ହୁଏ । କାୟ, ମନ ଓ ବାକ୍ୟ ଦ୍ୱାରା କେବେହେଲେ କୌଣସି ପ୍ରାଣୀର ଅନିଷ୍ଟ ନ କରିବାକୁ 'ଅହିଂସା' କହନ୍ତି । ଅହିଂସା ଅପେକ୍ଷା ଶ୍ରେଷ୍ଠ ଧର୍ମ ଆଉ ନାହିଁ । ଜୀବ ପ୍ରତି ଏହି ଅହିଂସାଭାବରୁ ମନୁଷ୍ୟ ଯେଉଁ ସୁଖ ଲାଭ କରେ, ତଦପେକ୍ଷା ଉଚ୍ଚତର ସୁଖ ଆଉ କିଛି ନାହିଁ । ସତ୍ୟ ଦ୍ୱାରା ଆମେ କର୍ମର ଫଳ ଲାଭ କରୁ, ସତ୍ୟ ପଥରେ ସବୁ ମିଳେ । ସତ୍ୟରେ ସମୁଦାୟ ପ୍ରତିଷ୍ଠିତ । ଯଥାର୍ଥ କଥନକୁ ହିଁ 'ସତ୍ୟ' କହନ୍ତି । ଚୌର୍ଯ୍ୟ ବା ବଳପୂର୍ବକ ଅପରର ବସ୍ତୁ ଗ୍ରହଣ ନ କରିବାର ନାମ 'ଅସ୍ତେୟ' । କାୟମନୋବାକ୍ୟରେ ସର୍ବଦା ସକଳ ଅବସ୍ଥାରେ ପବିତ୍ରତା ରକ୍ଷା କରିବାର ନାମ 'ବ୍ରହ୍ମଚର୍ଯ୍ୟ' । ଅତି କଷ୍ଟରେ ପଡ଼ି ମଧ୍ୟ କୌଣସି ବ୍ୟକ୍ତିଙ୍କଠାରୁ କୌଣସି ଉପହାର ଗ୍ରହଣ ନ କରିବାକୁ 'ଅପରିଗ୍ରହ' କହନ୍ତି । ଅପରିଗ୍ରହ ସାଧନର ଉଦ୍ଦେଶ୍ୟ ହେଉଛି, କାହାରି ନିକଟରୁ କିଛି ନେଲେ ହୃଦୟ ଅପବିତ୍ର ହୋଇଯାଏ, ଗ୍ରହୀତା ହୀନ ହୋଇଯାଆନ୍ତି, ନିଜର ସ୍ୱାଧୀନତା ହରାନ୍ତି ଏବଂ ବଦ୍ଧ ଓ ଆସକ୍ତ ହୋଇପଡ଼ନ୍ତି ।

ତପଃ, ସ୍ୱାଧ୍ୟାୟ, ସନ୍ତୋଷ, ଶୌଚ ଓ ଈଶ୍ୱର-ପ୍ରଣିଧାନ—ଏହି କେତୋଟିକୁ ନିୟମ କୁହାଯାଏ । ନିୟମ ଶବ୍ଦର ଅର୍ଥ ନିୟମିତ ଅଭ୍ୟାସ ଓ ବ୍ରତପାଳନ । ଉପବାସ ବା ଅନ୍ୟ

---

* କୂର୍ମପୁରାଣ, ଉପବିଭାଗ, ଏକାଦଶ ଅଧ୍ୟାୟ ଦ୍ରଷ୍ଟବ୍ୟ ।

ଉପାୟରେ ଦେହର ସଂଯମକୁ 'ଶାରୀରିକ ତପସ୍ୟା' କହନ୍ତି ।

ବେଦପାଠ ଅଥବା ଅନ୍ୟ କୌଣସି ମନ୍ତ୍ର ଉଚ୍ଚାରଣ, ଯାହା ଦ୍ୱାରା ସତ୍ତ୍ୱଶୁଦ୍ଧି ହୁଏ, ତାହାକୁ 'ସ୍ୱାଧ୍ୟାୟ' କହନ୍ତି । ମନ୍ତ୍ର ଜପ କରିବାର ତିନି ପ୍ରକାର ନିୟମ ଅଛି—ବାଚିକ, ଉପାଂଶୁ ଓ ମାନସ । ବାଚିକ ଜପ ସର୍ବନିମ୍ନ ଏବଂ ମାନସ ଜପ ସର୍ବାପେକ୍ଷା ଶ୍ରେଷ୍ଠ । ବାଚିକ ଜପ ଏତେ ଉଚ୍ଚ ସ୍ୱରରେ ଉଚ୍ଚାରିତ ହୁଏ ଯେ, ସମସ୍ତେ ତାହା ଶୁଣି ପାରନ୍ତି । ଯେଉଁ ଜପରେ କେବଳ ଓଷ୍ଠରେ ସ୍ପନ୍ଦନ ମାତ୍ର ହୁଏ, କିନ୍ତୁ କୌଣସି ଶବ୍ଦ ଉଚ୍ଚାରଣ ହୁଏ ନାହିଁ, ତାହାକୁ 'ଉପାଂଶୁ' କହନ୍ତି । ଯେଉଁ ମନ୍ତ୍ର ଜପରେ କୌଣସି ଶବ୍ଦ ଉଚ୍ଚାରଣ ହୁଏ ନାହିଁ ଏବଂ ଜପ କରିବା ସଙ୍ଗେ ସଙ୍ଗେ ମନ୍ତ୍ରର ଅର୍ଥ ସ୍ମରଣ ହୁଏ, ତାହାକୁ 'ମାନସ ଜପ' କହନ୍ତି । ଏହି ଜପ ସର୍ବାପେକ୍ଷା ଶ୍ରେଷ୍ଠ । ଋଷିଗଣ କହିଯାଇଛନ୍ତି, ଶୌଚ ଦ୍ୱିବିଧ—ବାହ୍ୟ ଓ ଅଭ୍ୟନ୍ତର । ମୃତ୍ତିକା, ଜଳ ଅଥବା ଅନ୍ୟାନ୍ୟ ଦ୍ରବ୍ୟଦ୍ୱାରା ଶରୀରର ଶୁଦ୍ଧିକୁ 'ବାହ୍ୟ ଶୌଚ' କହନ୍ତି, ଯଥା-ସ୍ନାନାଦି । ସତ୍ୟ ଓ ଅନ୍ୟାନ୍ୟ ଧର୍ମାନୁଶୀଳନ ଦ୍ୱାରା ମନର ଶୁଦ୍ଧିକୁ 'ଅଭ୍ୟନ୍ତର ଶୌଚ' କହନ୍ତି । ବାହ୍ୟ ଓ ଅଭ୍ୟନ୍ତର—ଉଭୟ ଶୁଦ୍ଧି ହିଁ ଆବଶ୍ୟକ । କେବଳ ଅଭ୍ୟନ୍ତର ଶୁଚି ରହି ବାହାରେ ଅଶୁଚି ଥିଲେ ଶୌଚ ଯଥେଷ୍ଟ ହେଲା ନାହିଁ । ଯେତେବେଳେ ଉଭୟ ପ୍ରକାର ଶୁଦ୍ଧି ସମ୍ଭବ ନୁହେଁ, ସେତେବେଳେ କେବଳ ଅଭ୍ୟନ୍ତର ଶୌଚ ଅବଲମ୍ବନ ହିଁ ଶ୍ରେୟସ୍କର । କିନ୍ତୁ ଏହି ଉଭୟ ପ୍ରକାର ଶୌଚ ବ୍ୟତୀତ କେହି ଯୋଗୀ ହୋଇପାରନ୍ତି ନାହିଁ ।

ଈଶ୍ୱରଙ୍କ ସ୍ତୁତି, ସ୍ମରଣ ଓ ପୂଜା—ଏହାକୁ କହନ୍ତି 'ଈଶ୍ୱର-ପ୍ରଣିଧାନ' । ଯମ ଓ ନିୟମ ପରେ ଆସୁଛି 'ଆସନ' । ବକ୍ଷସ୍ଥଳ, ଗ୍ରୀବା ଓ ମସ୍ତକ ସଳଖ ରଖି ଦେହଟିକୁ ସ୍ୱଚ୍ଛନ୍ଦ ଭାବରେ ରଖିବାକୁ ହେବ । ପରବର୍ତ୍ତୀ ପ୍ରକ୍ରିୟା ପ୍ରାଣାୟାମ । 'ପ୍ରାଣ' ଶବ୍ଦର ଅର୍ଥ ତାହାର ସଂଯମ ବା ନିୟନ୍ତ୍ରଣ । ପ୍ରାଣାୟାମ ତିନି ପ୍ରକାର—ଅଧମ, ମଧ୍ୟମ ଓ ଉତ୍ତମ । ପୁନଶ୍ଚ ପ୍ରାଣାୟାମ ତିନି ଭାବରେ ବିଭକ୍ତ—ପୂରକ, କୁମ୍ଭକ, ଓ ରେଚକ । ଯେଉଁ ପ୍ରାଣାୟାମରେ ୧୨ ସେକେଣ୍ଡ କାଳ ବାୟୁ ପୂରଣ କରାଯାଏ, ତାହାକୁ 'ଅଧମ' ପ୍ରାଣାୟାମ କହନ୍ତି । ୨୪ ସେକେଣ୍ଡ କାଳ ବାୟୁ ପୂରଣ କଲେ ତାହାକୁ 'ମଧ୍ୟମ' ପ୍ରାଣାୟମ ଓ ୩୬ ସେକେଣ୍ଡ କାଳ ବାୟୁ ପୂରଣ କଲେ ତାହାକୁ 'ଉତ୍ତମ' ପ୍ରାଣାୟମ କହନ୍ତି । ଅଧମ ପ୍ରାଣାୟାମରେ ଘର୍ମ ଓ ମଧ୍ୟମ ପ୍ରାଣାୟାମରେ କମ୍ପନ ହୁଏ । ଉତ୍ତମ ପ୍ରାଣାୟାମରେ ଶରୀର ଲଘୁ ହୋଇ ଆସନରୁ ଉତ୍‌ଥିତ ହୁଏ ଏବଂ ଭିତରେ ପରମ ଆନନ୍ଦ ଅନୁଭୂତ ହୁଏ ।

ବେଦରେ ଗାୟତ୍ରୀ ନାମକ ଗୋଟିଏ ପବିତ୍ର ମନ୍ତ୍ର ଅଛି । ତାହାର ଅର୍ଥ; 'ଆମେମାନେ ଜଗତର ସ୍ରଷ୍ଟା ପରମ ଦେବତାଙ୍କ ବରଣୀୟ ତେଜର ଧ୍ୟାନ କରୁଛୁ, ସେ ଆମମାନଙ୍କର ଧୀଶକ୍ତି ଜାଗ୍ରତ କରି ଦିଅନ୍ତୁ ।' ଏହି ମନ୍ତ୍ରର ଆଦି ଓ ଅନ୍ତରେ ପ୍ରଣବ (ଓଁ) ସଂଯୁକ୍ତ ଅଛି । ଗୋଟିଏ ପ୍ରାଣାୟାମ କରିବା ମଧ୍ୟରେ ମନେ ମନେ ତିନିଥର ଗାୟତ୍ରୀ ଉଚ୍ଚାରଣ କରିବାକୁ ହୁଏ । ପ୍ରତ୍ୟେକ ଶାସ୍ତ୍ରରେ ପ୍ରାଣାୟାମ ତିନି ଭାଗରେ ବିଭକ୍ତ ବୋଲି କଥିତ ଅଛି; ଯଥା—ରେଚକ (ବାହାରକୁ ଶ୍ୱାସତ୍ୟାଗ) ପୂରକ (ଶ୍ୱାସଗ୍ରହଣ) ଓ କୁମ୍ଭକ (ଭିତରେ ଧାରଣ କରିବା) । ଅନୁଭୂତିର ଯନ୍ତ୍ର ଇନ୍ଦ୍ରିୟଗଣ ବହିର୍ମୁଖ ହୋଇ କାର୍ଯ୍ୟ କରୁଛନ୍ତି ଓ ବାହାର ବସ୍ତୁର ସଂସ୍ପର୍ଶରେ ଆସୁଛନ୍ତି । ଏଗୁଡ଼ିକୁ ଇଚ୍ଛାଶକ୍ତିର ନିୟନ୍ତ୍ରଣରେ ଆଣିବାକୁ 'ପ୍ରତ୍ୟାହାର' କହନ୍ତି, ଅଥବା ନିଜ

ଆଡ଼କୁ ସଂଗ୍ରହ ବା ଆହରଣ କରିବା ମଧ୍ୟ ପ୍ରତ୍ୟାହାର ଶବ୍ଦର ଅର୍ଥ ହୋଇପାରେ ।

ହୃଦୟ-ପଦ୍ମ ମସ୍ତିଷ୍କ ବା ଦେହର ଅନ୍ୟ କୌଣସି ସ୍ଥାନରେ ମନକୁ ସ୍ଥିର ରଖିବାର ନାମ 'ଧାରଣା' । ମନକୁ ଏକ ସ୍ଥାନରେ ସଂଲଗ୍ନ ରଖି, ସେହି ସ୍ଥାନଟିକୁ ଭିତ୍ତିରୂପେ ଗ୍ରହଣ କରି ଏକ ବିଶେଷ ପ୍ରକାର ବୃତ୍ତିତରଙ୍ଗ ଉତ୍‌ଥିତ କରାଯାଇ ପାରେ । ଅନ୍ୟ କୌଣସି ପ୍ରକାର ତରଙ୍ଗ ଏଗୁଡ଼ିକୁ ଗ୍ରାସ କରିପାରେ ନାହିଁ । କ୍ରମଶଃ ଏଗୁଡ଼ିକ ପ୍ରବଳତର ହେଉଥାଏ । ଅନ୍ୟଗୁଡ଼ିକ ଦୂରକୁ ଘୁଞ୍ଚିଯାଏ—ପରିଶେଷରେ ଅନ୍ତର୍ହିତ ହଏ । ଏହି ବହୁ ବୃତ୍ତିର ନାଶ ହୋଇ ଗୋଟିଏ ମାତ୍ର ବୃତ୍ତି ଅବଶିଷ୍ଟ ରହେ । ଏହାକୁ 'ଧ୍ୟାନ' କହନ୍ତି । ଯେତେବେଳେ ଅନ୍ୟ କୌଣସି ଅବଲମ୍ବନର ପ୍ରୟୋଜନ ରହେ ନାହିଁ, ସମଗ୍ର ମନ ସେତେବେଳେ ଗୋଟିଏ ତରଙ୍ଗରେ ପରିଣତ ହୁଏ । ମନର ଏକରୂପତାର ନାମ 'ସମାଧି' । ସେତେବେଳେ କୌଣସି ବିଶେଷ ସ୍ଥାନ ବା କେନ୍ଦ୍ରର ପ୍ରୟୋଜନ ହୁଏ ନାହିଁ । ସେଗୁଡ଼ିକର ସାହାଯ୍ୟ ବ୍ୟତୀତ ଧ୍ୟେୟ ବସ୍ତୁର କେବଳ ଭାବମାତ୍ର ଅବଶିଷ୍ଟ ଥାଏ । ଯଦି ମନକୁ କୌଣସି କେନ୍ଦ୍ରରେ ବାର ସେକେଣ୍ଡ ପାଇଁ ସ୍ଥିର କରି ରଖାଯାଏ, ସେଥିରେ ଗୋଟିଏ 'ଧାରଣା' ହେବ; ଏହିପରି ବାରଟି ଧାରଣା ହେଲେ ଗୋଟିଏ 'ଧ୍ୟାନ' ଏବଂ ଧ୍ୟାନ ଦ୍ୱାଦଶ ଗୁଣ ହେଲେ ଗୋଟିଏ ସମାଧି ହେବ ।

ଯେଉଁଠାରେ ଅଗ୍ନି ବା ଜଳରୁ କୌଣସି ବିପଦ ରହିଛି, ଶୁଷ୍କପତ୍ରାକୀର୍ଣ୍ଣ ଭୂମିରେ, ବଲ୍ମୀକପୂର୍ଣ୍ଣ ସ୍ଥାନରେ, ବନ୍ୟ ଜନ୍ତୁ-ସମାକୁଳ ବନରେ, ଯେଉଁଠି ବିପଦାଶଙ୍କା ଅଛି, ଏପରି ସ୍ଥାନରେ, ଚତୁଷ୍ପଥରେ, ଅତିଶୟ କୋଳାହଳପୂର୍ଣ୍ଣ ସ୍ଥାନରେ, ଅଥବା ଯେଉଁଠି ବହୁ ଦୁର୍ଜନଙ୍କ ବାସ, ସେ ସ୍ଥାନରେ ଯୋଗ ସାଧନା କରିବା ଉଚିତ ନୁହେଁ । ଏହି ବ୍ୟବସ୍ଥା ବିଶେଷ ଭାବରେ ଭାରତବର୍ଷ ପକ୍ଷରେ ପ୍ରଯୋଜ୍ୟ । ଯେତେବେଳେ ଶରୀର ଅତିଶୟ କ୍ଳାନ୍ତ ବା ଅସୁସ୍ଥ ଥାଏ ଅଥବା ମନ ଯେତେବେଳେ ଦୁଃଖପୂର୍ଣ୍ଣ ଓ ବିଷଣ୍ଣ ଥାଏ, ସେତେବେଳେ ସାଧନା କରିବ ନାହିଁ । ଅତି ସଂଗୁପ୍ତ ଓ ନିର୍ଜନ ସ୍ଥାନରେ, ଯେଉଁଠି କେହି ତୁମକୁ ବିରକ୍ତ କରିବାକୁ ଆସିବେ ନାହିଁ, ଏପରି ସ୍ଥାନକୁ ଯାଇ ସାଧନା କରିବ । କୌଣସି ଅଶୁଚି ସ୍ଥାନ ଧ୍ୟାନ ପାଇଁ ନିର୍ବାଚନ କର ନାହିଁ, ବରଂ ସୁନ୍ଦର ଦୃଶ୍ୟଯୁକ୍ତ ସ୍ଥାନରେ ଅଥବା ତୁମ ନିଜ ଗୃହରେ ଗୋଟିଏ ପରିଷ୍କାର ସ୍ଥାନରେ ବସି ଧ୍ୟାନ କରିବ । ପ୍ରଥମେ ପ୍ରାଚୀନ ଯୋଗୀଗଣଙ୍କୁ, ତୁମର ନିଜ ଗୁରୁଙ୍କୁ ଓ ଭଗବାନଙ୍କୁ ପ୍ରଣାମ କରି ସାଧନରେ ପ୍ରବୃତ୍ତ ହେବ ।

ଧ୍ୟାନର କଥା ପୂର୍ବେ ଉଲ୍ଲିଖିତ ହୋଇଅଛି । ବର୍ତ୍ତମାନ କେତେଗୁଡ଼ିଏ ଧ୍ୟାନର ପ୍ରଣାଳୀ ବର୍ଣ୍ଣିତ ହୋଇଅଛି । ଠିକ୍ ସରଳଭାବେ ଉପବେଶନ କରି ନିଜ ନାସିକାର ଅଗ୍ର ଭାଗରେ ଦୃଷ୍ଟି ନିବଦ୍ଧ ରଖ । କ୍ରମଶଃ ଜାଣିପାରିବ, କିପରି ଭାବରେ ଏହାଦ୍ୱାରା ମନ ଏକାଗ୍ର ହୁଏ । ଦର୍ଶନେନ୍ଦ୍ରିୟର ସ୍ନାୟୁଗୁଡ଼ିକୁ ନିୟନ୍ତ୍ରଣ କରି ପ୍ରକ୍ରିୟାର କେନ୍ଦ୍ରଭୂମିକୁ ମଧ୍ୟ ଆୟତ୍ତକୁ ଅଣାଯାଏ; ଏହି ଭାବରେ ଇଚ୍ଛାଶକ୍ତି ମଧ୍ୟ ଅନେକ ପରିମାଣରେ ନିୟନ୍ତ୍ରିତ ହୁଏ ।

ବର୍ତ୍ତମାନ ବିଭିନ୍ନ ପ୍ରକାର ଧ୍ୟାନର କଥା କୁହାଯାଉଛି । କଳ୍ପନା କର ମସ୍ତକରୁ କିଞ୍ଚିତ୍ ଊର୍ଦ୍ଧ୍ୱରେ ଗୋଟିଏ ପଦ୍ମ ରହିଅଛି, ଧର୍ମ ତାହାର କେନ୍ଦ୍ର, ଜ୍ଞାନ ଏହାର ମୃଣାଳ, ଯୋଗୀଙ୍କ ଅଷ୍ଟସିଦ୍ଧି ଏହି ପଦ୍ମର ଅଷ୍ଟଦଳ, ଆଉ ବୈରାଗ୍ୟ ତାହାର ଅଭ୍ୟନ୍ତରସ୍ଥ କର୍ଣ୍ଣିକା । ଯଦି ଯୋଗୀ (ଅଷ୍ଟସିଦ୍ଧି) ପରିତ୍ୟାଗ କରିପାରନ୍ତି, ତେବେ ଯାଇ ସେ ମୁକ୍ତି ଲାଭ କରିବେ । ଏହି କାରଣରୁ

ଅଷ୍ଟସିଦ୍ଧିକୁ ବାହାରର ଅଷ୍ଟଦଳ ରୂପେ ଏବଂ ଅଭ୍ୟନ୍ତରସ୍ଥ କର୍ଣ୍ଣିକାକୁ ପର-ବୈରାଗ୍ୟ ଅର୍ଥାତ୍ ଅଷ୍ଟସିଦ୍ଧିରେ ଥିବା 'ବୈରାଗ୍ୟ' ବୋଲି ବର୍ଣ୍ଣନା କରାଯାଇଛି । ଏହି ପଦ୍ମର ଅଭ୍ୟନ୍ତରରେ ହିରଣ୍ମୟ, ସର୍ବଶକ୍ତିମାନ୍, ଅସ୍ପର୍ଶ୍ୟ, ଓଁକାରବାଚ୍ୟ, ଅବ୍ୟକ୍ତ, ଜ୍ୟୋତିର୍ମଣ୍ଡଳ ମଧ୍ୟବର୍ତ୍ତୀ ପୁରୁଷଙ୍କର ଧ୍ୟାନ କର । ଅନ୍ୟ ଏକ ପ୍ରକାର ଧ୍ୟାନର କଥା କଥିତ ହେଉଅଛି । ଚିନ୍ତା କର, ତୁମ ହୃଦୟ ମଧ୍ୟରେ ଆକାଶ ରହିଅଛି, ଆଉ ଏହି ଆକାଶ ମଧ୍ୟରେ ଗୋଟିଏ ଅଗ୍ନିଶିଖା ଜଳୁଅଛି, ଏହି ଶିଖାକୁ ନିଜ ଆତ୍ମାରୂପେ ଚିନ୍ତା କର, ପୁଣି ଏହି ଶିଖାର ଅଭ୍ୟନ୍ତରରେ ଏକ ଜ୍ୟୋତିର୍ମୟ ଆଲୋକର ଚିନ୍ତା କର; ତାହା ତୁମ ଆତ୍ମାର ଆତ୍ମା—ପରମାତ୍ମା ବା ଈଶ୍ୱର । ହୃଦୟରେ ଏହିପରି ଧ୍ୟାନ କର । ବ୍ରହ୍ମଚର୍ଯ୍ୟ, ଅହିଂସା ଅର୍ଥାତ୍ ସମସ୍ତଙ୍କୁ—ଏପରି କି ମହାଶତ୍ରୁକୁ ମଧ୍ୟ କ୍ଷମା କରିବା, ସତ୍ୟ, ଆସ୍ତିକତା ପ୍ରଭୃତି ବିଭିନ୍ନ ବୃତ୍ତି ବା ବ୍ରତସ୍ୱରୂପ । ଏମାନଙ୍କ ମଧ୍ୟରୁ ସବୁଗୁଡ଼ିକରେ ଯଦି ତୁମେ ସିଦ୍ଧ ହୋଇ ନ ପାର, ତା'ହେଲେ ଦୁଃଖିତ ବା ଭୀତ ହୁଅ ନାହିଁ । ଚେଷ୍ଟା କରିଯାଅ, କ୍ରମେ କ୍ରମେ ସବୁଗୁଡ଼ିକ ଆସିବ । ବିଷୟାସକ୍ତି, ଭୟ ଓ କ୍ରୋଧ ପରିତ୍ୟାଗ କରି ଭଗବଦ୍‌ଭାବନାରେ ଯେ ତନ୍ମୟ ହୋଇଛନ୍ତି, ତାଙ୍କର ଶରଣାଗତ ହୋଇଛନ୍ତି, ଯାହାଙ୍କର ହୃଦୟ ପବିତ୍ର ହୋଇଯାଇଛି, ସେ ଭଗବାନଙ୍କ ନିକଟରେ ଯାହା ଚାହାଁନ୍ତି, ଭଗବାନ ତତ୍‌କ୍ଷଣାତ୍ ତାହା ପୂରଣ କରିଦିଅନ୍ତି । ଅତଏବ ତାହାଙ୍କୁ ଜ୍ଞାନ, ଭକ୍ତି ଅଥବା ବୈରାଗ୍ୟ ସାହାଯ୍ୟରେ ଉପାସନା କର ।

ଯେ କାହାକୁ ହେଲେ ଘୃଣା କରନ୍ତି ନାହିଁ, ଯେ ସମସ୍ତଙ୍କର ମିତ୍ର, ଯେ ସମସ୍ତଙ୍କ ପ୍ରତି କରୁଣାସମ୍ପନ୍ନ, ଯାହାଙ୍କର ନିଜସ୍ୱ ବୋଲି କିଛି ନାହିଁ, ଯେ ସୁଖଦୁଃଖରେ ସମଭାବାପନ୍ନ, ଧୈର୍ଯ୍ୟଶୀଳ, ଅହଂକାରରୁ ମୁକ୍ତ ହୋଇଛନ୍ତି, ସର୍ବଦା ସନ୍ତୁଷ୍ଟ, ଯେ ସର୍ବଦା ଯୋଗମୁକ୍ତ ହୋଇ କାର୍ଯ୍ୟ କରନ୍ତି, ଯତାତ୍ମା ଓ ଦୃଢ଼-ନିଶ୍ଚୟ, ଯାହାଙ୍କ ମନ ଓ ବୁଦ୍ଧି ମୋ ପ୍ରତି ଅର୍ପିତ ହୋଇଛି, ସେ ହିଁ ମୋର ପ୍ରିୟ ଭକ୍ତ । ଯାହାଙ୍କଦ୍ୱାରା ଲୋକେ ଉଦ୍‌ବିଗ୍ନ ହୁଅନ୍ତି ନାହିଁ, ଯେ ଅନ୍ୟମାନଙ୍କ ଦ୍ୱାରା ଉଦ୍‌ବିଗ୍ନ ହୁଅନ୍ତି ନାହିଁ, ଯେ ଅତିରିକ୍ତ ହର୍ଷ, କ୍ରୋଧ, ଦୁଃଖ, ଭୟ ଓ ଉଦ୍‌ବେଗ ର ମୁକ୍ତ, ଏହିପରି ଭକ୍ତ ହିଁ ମୋର ପ୍ରିୟ । ଯେ ନିଃସ୍ପୃହ, ଯେ ଶୁଚି, ଦକ୍ଷ, ସୁଖଦୁଃଖରେ ଉଦାସୀନ, ଯାହାଙ୍କର ଦୁଃଖ ବିଗତ ହୋଇଅଛି, ଯେ ନିଜ ପାଇଁ ସକଳ କର୍ମଚେଷ୍ଟା ତ୍ୟାଗ କରିଛନ୍ତି, ଯେ ନିନ୍ଦା ଓ ସ୍ତୁତିରେ ତୁଲ୍ୟଭାବାପନ୍ନ, ମୌନୀ, ଯାହା ପାଆନ୍ତି ସେଥିରେ ହିଁ ସନ୍ତୁଷ୍ଟ, ଗୃହଶୂନ୍ୟ—ଯାହାଙ୍କର ନିର୍ଦ୍ଦିଷ୍ଟ କୌଣସି ଗୃହ ନାହିଁ, ସମଗ୍ର ଜଗତ୍ ହିଁ ଯାହାଙ୍କର ଗୃହ, ଯାହାଙ୍କର ବୁଦ୍ଧି ସ୍ଥିର, ଏହିପରି ବ୍ୟକ୍ତି ହିଁ ମୋର ଭକ୍ତ, କେବଳ ଏହିପରି ବ୍ୟକ୍ତି ଯୋଗୀ ହୋଇପାରନ୍ତି ।*

ନାରଦ ନାମକ ଜଣେ ମହାନ୍ ଦେବର୍ଷି ଥିଲେ । ଯେପରି ମନୁଷ୍ୟଙ୍କମଧ୍ୟରେ ଜଣେ ଋଷି ଅର୍ଥାତ୍ ବଡ଼ ବଡ଼ ଯୋଗୀ ଥାଆନ୍ତି, ସେହିପରି ଦେବତାମାନଙ୍କ ଭିତରେ ମଧ୍ୟ ବଡ଼ ବଡ଼ ଯୋଗୀ ଅଛନ୍ତି । ନାରଦ ସେହିପରି ଜଣେ ମହାଯୋଗୀ ଥିଲେ । ସେ ସର୍ବତ୍ର ଭ୍ରମଣ କରୁଥାଆନ୍ତି । ଦିନେ ସେ ଏକ ଅରଣ୍ୟ ମଧ୍ୟ ଦେଇ ଯାଉ ଯାଉ ସେଠାରେ ଦେଖିଲେ ଜଣେ ଲୋକ ଧ୍ୟାନ କରୁଛନ୍ତି । ସେ ଏତେ ଗଭୀର ଭାବରେ ଧ୍ୟାନ କରୁଛନ୍ତି; ଏତେ ଦୀର୍ଘଦିନ ଏକାସନରେ ଉପବିଷ୍ଟ ରହିଛନ୍ତି ଯେ, ତାଙ୍କ ଚାରିପଟେ ପ୍ରକାଣ୍ଡ ବଲ୍ମୀକସ୍ତୁପ ନିର୍ମିତ ହୋଇ ଯାଇଛି । ସେ ନାରଦଙ୍କୁ

* ଗୀତା—୧୨ / ୧୩-୧୯

କହିଲେ, 'ପ୍ରଭୋ, ଆପଣ କେଉଁଠାକୁ ଯାଉଛନ୍ତି ?' ନାରଦ ଉତ୍ତର ଦେଲେ, 'ବୈକୁଣ୍ଠକୁ ଯାଉଛି ।' ସେତେବେଳେ ସେ କହିଲେ, 'ଭଗବାନଙ୍କୁ ପଚାରିବେ, ସେ କେବେ ମୋ ଉପରେ କୃପା କରିବେ, କେବେ ମୁଁ ମୁକ୍ତି ଲାଭ କରିବି ?' ଆଉ କିଛିଦୂର ଯାଇ ନାରଦ ଅନ୍ୟ ଜଣେ ଲୋକଙ୍କୁ ଦେଖିଲେ । ସେ ବ୍ୟକ୍ତି ଲମ୍ଫଝମ୍ପ, ନୃତ୍ୟଗୀତାଦି କରୁଥିଲେ, ସେ ମଧ୍ୟ ପଚାରିଲେ, 'ହେ ନାରଦ ! କୁଆଡ଼େ ଯାଉଛ ?' ତାଙ୍କର କଣ୍ଠସ୍ୱର ଓ ଭାବ ଭଙ୍ଗୀ ପାଗଳ ପରି । ନାରଦ ତାଙ୍କୁ ମଧ୍ୟ କହିଲେ, 'ସ୍ୱର୍ଗକୁ ଯାଉଛି ।' ସେ କହିଲେ, 'ତାହାହେଲେ ଭଗବାନଙ୍କୁ ପଚାରିବ, ମୁଁ କେବେ ମୁକ୍ତ ହେବି ।' ନାରଦ ଚାଲିଗଲେ । ଦିନେ ନାରଦ ପୁଣି ସେହି ପଥରେ ଫେରିବା ସମୟରେ ବଲ୍ମୀକି-ସ୍ତୂପ ଭିତରେ ଧ୍ୟାନସ୍ଥ ସେହି ଯୋଗୀଙ୍କୁ ଦେଖିଲେ । ସେ ପଚାରିଲେ, 'ଦେବର୍ଷି, ଆପଣ କଅଣ ମୋ କଥା ଭଗବାନଙ୍କୁ ପଚାରିଥିଲେ ?' 'ହଁ, ନିଶ୍ଚୟ ପଚାରିଥିଲି ।' 'ସେ କଅଣ କହିଲେ ?' ନାରଦ ଉତ୍ତର ଦେଲେ, 'ଭଗବାନ କହିଲେ—ମୁକ୍ତି ପାଇବା ପାଇଁ ତୁମକୁ ଆହୁରି ଚାରି ଜନ୍ମ ଲାଗିବ ।' ସେ କଥା ଶୁଣି ସେ ବ୍ୟକ୍ତି ବିଳାପ ଓ ଆର୍ତ୍ତନାଦ କରି କହିଲେ, 'ମୁଁ ଏତେ ଧ୍ୟାନ କରିଛି ଯେ, ମୋ ଚତୁର୍ଦ୍ଦିଗରେ ବଲ୍ମୀକ-ସ୍ତୂପ ହୋଇଯାଇଛି, ଏବେ ମଧ୍ୟ ମୋର ଚାରି ଜନ୍ମ ଅବଶିଷ୍ଟ !' ନାରଦ ଏହା ଶୁଣି ଅପର ବ୍ୟକ୍ତିଙ୍କ ନିକଟକୁ ଗଲେ । ସେ ପଚାରିଲେ, 'ମୋ କଥା କଅଣ ପଚାରିଥିଲେ ?' ନାରଦ କହିଲେ, 'ହଁ, ତୁମ ସମ୍ମୁଖରେ ଯେଉଁ ତେନ୍ତୁଳି ଗଛ ଦେଖୁଛ, ଏହି ଗଛରେ ଯେତେଗୁଡ଼ିଏ ପତ୍ର ଅଛି, ତୁମକୁ ସେତିକି ଥର ଜନ୍ମଗ୍ରହଣ କରିବାକୁ ହେବ । ତେବେ ଯାଇ ତୁମେ ମୁକ୍ତି ଲାଭ କରିବ ।' ଏହି କଥା ଶୁଣି ସେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ ଓ କହିଲେ 'ଏତେ ଅଳ୍ପ ସମୟରେ ମୁଁ ମୁକ୍ତି ଲାଭ କରିବି !' ସେତିକିବେଳେ ଏକ ଦୈବବାଣୀ ହେଲା, 'ବତ୍ସ, ତୁମେ ଏହି ମୁହୂର୍ତ୍ତରେ ହିଁ ମୁକ୍ତିଲାଭ କରିବ ।' ଗଳ୍ପର ତାତ୍ପର୍ଯ୍ୟ ହେଉଛି, ଗଭୀର ଅଧ୍ୟବସାୟସମ୍ପନ୍ନ ହୋଇଥିବା ହେତୁ ଏହି ବ୍ୟକ୍ତିଙ୍କର ଏତେ ଶୀଘ୍ର ମୁକ୍ତିଲାଭ ହେଲା । ସେ ବ୍ୟକ୍ତି ବହୁ ଜନ୍ମ ସାଧନ କରିବା ପାଇଁ ପ୍ରସ୍ତୁତ ଥିଲେ । କିଛିହେଲେ ତାହାଙ୍କୁ ନିରୁଦ୍ୟମ କରିପାରି ନାହିଁ । କିନ୍ତୁ ପ୍ରଥମ ବ୍ୟକ୍ତି ଚାରି ଜନ୍ମ କଥା ଶୁଣି ହତୋତ୍ସାହ ହୋଇଥିଲେ । ଯେଉଁ ବ୍ୟକ୍ତି ମୁକ୍ତି ପାଇଁ ଶତ ଶତ ଯୁଗ ଅପେକ୍ଷା କରିବା ପାଇଁ ପ୍ରସ୍ତୁତ ଥିଲେ, ତାଙ୍କ ଭଳି ଅଧ୍ୟବସାୟ ସମ୍ପନ୍ନ ହେଲେ ଉଚ୍ଚତମ ଫଳ ଲାଭ ହୋଇଥାଏ ।

# ପାତଞ୍ଜଳ—ଯୋଗସୂତ୍ର

## ଉପକ୍ରମଣିକା

ଯୋଗସୂତ୍ରର ବ୍ୟାଖ୍ୟା କରିବା ପାଇଁ ଚେଷ୍ଟା କରିବା ପୂର୍ବରୁ, ଯୋଗୀମାନଙ୍କର ଧର୍ମମତ ଯେଉଁ ଭିତ୍ତି ଉପରେ ସ୍ଥାପିତ, ମୁଁ ସେହି ପ୍ରଶ୍ନଟିକୁ ଆଲୋଚନା କରିବାକୁ ଚେଷ୍ଟା କରିବି । ଜଗତରେ ଶ୍ରେଷ୍ଠ ମନୀଷୀବୃନ୍ଦ ଏ ବିଷୟରେ ଏକମତ ବୋଲି ମନେହୁଏ, ଆଉ ଜଡ଼ ପ୍ରକୃତିର ଅନୁସନ୍ଧାନ ଫଳରେ ଏହା ଏକ ପ୍ରକାର ପ୍ରମାଣ ହୋଇଯାଇଛି ଯେ, ଆମେ ଆମର ବର୍ତ୍ତମାନ ସବିଶେଷ ଭାବର ପଶ୍ଚାତରେ ଅବସ୍ଥିତ ଏକ ନିର୍ବିଶେଷ ଭାବର ବହିଃପ୍ରକାଶ ମାତ୍ର । ପୁନଶ୍ଚ ସେହି ନିର୍ବିଶେଷ ଭାବକୁ ପ୍ରତ୍ୟାବୃତ୍ତ ହେବା ପାଇଁ ଆମେ କ୍ରମାଗତ ଅଗ୍ରସର ହେଉଅଛୁ । ଏହା ସ୍ୱୀକାର କଲେ ପ୍ରଶ୍ନ ହେଉଛି ଯେ ଉକ୍ତ ନିର୍ବିଶେଷ ଅବସ୍ଥା କଅଣ ବର୍ତ୍ତମାନ ଅବସ୍ଥାଠାରୁ ଉଚ୍ଚତର ? ଏପରି ଲୋକମାନଙ୍କର ଅଭାବ ନାହିଁ, ଯେଉଁମାନେ ମନେକରନ୍ତି ଯେ ଏହି ବ୍ୟକ୍ତ ଅବସ୍ଥା ମନୁଷ୍ୟର ସର୍ବୋଚ୍ଚ ଅବସ୍ଥା । ଅନେକ ମନୀଷୀଙ୍କର ମତ ହେଉଛି, ଆମେ ଏକ ନିର୍ବିଶେଷ ସତ୍ତାର ବ୍ୟକ୍ତଭାବ ମାତ୍ର ଏବଂ ନିର୍ବିଶେଷ ଅବସ୍ଥା ଅପେକ୍ଷା ଏହି ସବିଶେଷ ଅବସ୍ଥା ଶ୍ରେଷ୍ଠ । ସେମାନେ ମନେ କରନ୍ତି ଯେ ନିର୍ବିଶେଷ ସତ୍ତା ନିର୍ଗୁଣ, ସୁତରାଂ ଏହା ଅଚୈତନ୍ୟ, ଜଡ଼ ଓ ପ୍ରାଣଶୂନ୍ୟ । ସେମାନେ ଆହୁରି ମନେକରନ୍ତି ଯେ ଏହି ଜୀବନରେ ସୁଖଭୋଗ କରିବା ସମ୍ଭବ, ସୁତରାଂ ଏଥିରେ ଆମେ ଆସକ୍ତ ହେବା ଉଚିତ । ତେଣୁ ପ୍ରଥମେ ହିଁ ଆମେ ଅନୁସନ୍ଧାନ କରିବାକୁ ଚାହୁଁ, ଜୀବନ-ସମସ୍ୟାର ଆଉ କଅଣ ସମାଧାନ ଅଛି? ଏ ସମ୍ବନ୍ଧରେ ଏକ ପ୍ରାଚୀନ ସିଦ୍ଧାନ୍ତ ହେଉଛି, ମୃତ୍ୟୁ ପରେ ମନୁଷ୍ୟ ପୂର୍ବ ଭଳି ଥାଏ, ତେବେ ତାର ଅଶୁଭଗୁଡ଼ିକ ରହେ ନାହିଁ, କେବଳ ଯେଉଁଗୁଡ଼ିକ ଶୁଭ ସେଗୁଡ଼ିକ ଚିରକାଳ ପାଇଁ ରହିଯାଏ । ଯୁକ୍ତି ବା ନ୍ୟାୟର ଭାଷାରେ ଏହା ସାବ୍ୟସ୍ତ ହୁଏ ଯେ, ମନୁଷ୍ୟର ଲକ୍ଷ୍ୟ ଏହି ଜଗତ । ଏହି ଜଗତର ମନ୍ଦ ଅଂଶକୁ ପରିତ୍ୟାଗ କଲେ ଯାହା ରହେ, ତାହାକୁ ହିଁ ସ୍ୱର୍ଗ କହନ୍ତି । ଏହି ମତଟି ଯେ ଅସମ୍ଭବ ତାହା ଅତି ସହଜରେ ବୁଝାଯାଏ । ଭଲ ନାହିଁ ଅଥଚ ମନ୍ଦ ଅଛି, କିମ୍ବା ମନ୍ଦ ନାହିଁ ଅଥଚ ଭଲ ଅଛି—ଏହା ଅସମ୍ଭବ । ମନ୍ଦ ବୋଲି କିଛି ନାହିଁ, ସବୁ ଭଲ—ଏପରି ଜଗତରେ ବାସ କରିବାର କଳ୍ପନାକୁ ଭାରତୀୟ ନୈୟାୟିକଗଣ 'ଆକାଶକୁସୁମ' ତୁଲ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ଆଧୁନିକ ଯୁଗରେ ଆଉ ଗୋଟିଏ ମତ କେହି କେହି ଉପସ୍ଥାପନ କରନ୍ତି । ମନୁଷ୍ୟ ଉନ୍ନତି କରିବ, ଚରମ ଲକ୍ଷ୍ୟରେ ପହଞ୍ଚିବାର ଆପ୍ରାଣ ଚେଷ୍ଟା କରିବ; କିନ୍ତୁ କେବେହେଲେ ସେହି ଲକ୍ଷ୍ୟରେ ପହଞ୍ଚିପାରିବ ନାହିଁ । ଏହି ମତ ଅତି ଉପାଦେୟ ବୋଲି ବୋଧ ହେଲେ ସୁଦ୍ଧା ଏହା ଅସମ୍ଭବ; କାରଣ ସରଳରେଖାରେ କୌଣସି ଗତି ସମ୍ଭବ ନୁହେଁ । ସମୁଦାୟ ଗତି ବୃତ୍ତାକାରରେ ହୋଇଥାଏ । ଯଦି ତୁମେ ଖଣ୍ଡିଏ ପ୍ରସ୍ତର ନିକ୍ଷେପ କର ଏବଂ ଯଦି ତୁମେ ଦୀର୍ଘକାଳ ବଞ୍ଚିରହ ଓ ପ୍ରସ୍ତରଟି ମଧ୍ୟ କୌଣସି ବାଧା ନ ପାଏ, ତେବେ ତାହା ଠିକ୍ ହାତକୁ ଫେରି ଆସିବ । ଗୋଟିଏ ସରଳରେଖା ଅସୀମ ବର୍ଦ୍ଧିତ ହେଲେ ଏହା ଗୋଟିଏ ବୃତ୍ତରେ ପରିଣତ ହେବ । ଅତଏବ ବାଧାହୀନ ଉନ୍ନତି ଏକ ଅସମ୍ଭବ କଥା । ଅପାସଙ୍ଗିକ ହେଲେ ମଧ୍ୟ ମୁଁ ମନ୍ତବ୍ୟ କରିବି, 'କାହାରିକୁ ଘୃଣା କର ନାହିଁ, ସମସ୍ତଙ୍କୁ ଭଲ ପାଅ'—ନୀତିଶାସ୍ତ୍ରର ଏହି ମତବାଦଟିକୁ ପୂର୍ବୋକ୍ତ ମତଦ୍ୱାରା ବ୍ୟାଖ୍ୟା କରାଯାଇପାରେ । ଯେପରି କି ତଡ଼ିତ୍ ସମ୍ବନ୍ଧରେ

ଆଧୁନିକ ମତ ହେଉଛି, ଏହି ଶକ୍ତି ବିଦ୍ୟୁତ୍ ଆଧାର ଯନ୍ତ୍ର, (Dynamo) ରୁ ବହିର୍ଗତ ହୋଇ ପୁନଶ୍ଚ ସେହି ଯନ୍ତ୍ରକୁ ପ୍ରତ୍ୟାବୃତ୍ତ ହୁଏ—ଘୃଣା ଓ ଭଲ ପାଇବା ମଧ୍ୟ ଠିକ୍ ଅନୁରୂପ । ସମଗ୍ର ଶକ୍ତି ପୁଣି ତାର ଉତ୍ସକୁ ଫେରିଆସିବ । ଅତଏବ କାହାରିକୁ ଘୃଣା କର ନାହିଁ, କାରଣ ଯେଉଁ ଘୃଣା ତୁମଠାରୁ ନିର୍ଗତ ହେବ, ତାହା ତୁମ ନିକଟକୁ ହିଁ ଫେରିଆସିବ । ଯଦି ତୁମେ ଭଲ ପାଅ ତେବେ ସେହି ଭଲପାଇବା ମଧ୍ୟ ତୁମ ନିକଟକୁ ଫେରି ଆସିବ । ଏହା ନିଶ୍ଚିତ ଯେ, ମନୁଷ୍ୟର ଅନ୍ତଃକରଣରୁ ଘୃଣା ବହିର୍ଗତ ହୋଇ ତାହା ପୁଣି ଫେରିଆସେ । କେହି ଏହାର ଗତିରୋଧ କରିପାରିବେ ନାହିଁ । ଠିକ୍ ସେହି ଭାବରେ ପ୍ରେମ ଓ ମୈତ୍ରୀର ଭାବ ଆମ ନିକଟକୁ ଫେରିଆସିବ ।

ଅନନ୍ତ ଉନ୍ନତିବିଷୟକ ଧାରଣା ଯେ ଅସମ୍ଭବ, ତାହା ଅନେକ ଯୁକ୍ତିଦ୍ୱାରା ପ୍ରମାଣିତ କରାଯାଇପାରେ । ପ୍ରତ୍ୟକ୍ଷ ପ୍ରମାଣ ହେଉଅଛି—ବିନାଶ ସକଳ ପାର୍ଥିବ ବସ୍ତୁର ଚରମ ଗତି । ଆମମାନଙ୍କର ନାନା ପ୍ରକାର ଚେଷ୍ଟା, ଆମମାନଙ୍କର ଆଶା, ଭୟ, ସୁଖ—ଏ ସବୁର ପରିଣାମ କଅଣ ?— ମୃତ୍ୟୁ ହିଁ ଆମ ସମସ୍ତଙ୍କର ଚରମ ପରିଣାମ । ଏହା ଅତି ସୁନିଶ୍ଚିତ । ତେବେ ଅନନ୍ତ ଉନ୍ନତି ବିଷୟକ ପ୍ରଶ୍ନର କଅଣ ସମାଧାନ ହେଲା ? କିଛି ଦୂର ଯିବା, ପୁଣି ଯେଉଁଠାରୁ ଗତି ଆରମ୍ଭ ହୋଇଥିଲା, ସେହି ସ୍ଥାନକୁ ଫେରିଆସିବା । ନୀହାରିକା (Nebulae)ରୁ ସୂର୍ଯ୍ୟ, ଚନ୍ଦ୍ର, ତାରକା ଉତ୍ପନ୍ନ ହେଉଛନ୍ତି, ପୁଣି ନୀହାରିକାରେ ଲୀନ ହେଉଛନ୍ତି । ସର୍ବତ୍ର ଏପରି ଚାଲିଛି । ଉଦ୍ଭିଦ ମୃତ୍ତିକାରୁ ଉପାଦାନ ସଂଗ୍ରହ କରୁଅଛି, ପରେ ପୁଣି ସବୁ ମାଟିକୁ ଫେରିଆସୁଛି । ପରମାଣୁରୁ ଉତ୍ପନ୍ନ ହୋଇ ସବୁକିଛି ପୁଣି ସେହି ପରମାଣୁ ଅବସ୍ଥାକୁ ଫେରିଯାଉଛି ।

ଗୋଟିଏ ନିୟମ ଯେ, ବିଭିନ୍ନ ସ୍ଥାନରେ ବିଭିନ୍ନ ଭାବରେ କାର୍ଯ୍ୟ କରିବ, ତାହା ହୋଇ ନ ପାରେ । ନିୟମ ସର୍ବତ୍ର ଏକ ପ୍ରକାର । ଏହା ସୁନିଶ୍ଚିତ । ପ୍ରକୃତିର ନିୟମ ଯଦି ଏପରି ହୁଏ, ତାହାହେଲେ ଅନ୍ତର୍ଜଗତ କ୍ଷେତ୍ରରେ ମଧ୍ୟ ଏ ନିୟମ ପ୍ରଯୋଜ୍ୟ ହେବ । ଚିନ୍ତା ତାହାର ଉତ୍ପତ୍ତି ସ୍ଥାନରେ ଲୟ ହେବ । ଆମେ ଇଚ୍ଛା କରୁ ବା ନ କରୁ ଆମମାନଙ୍କୁ ଆମର ଦିନେ ସେହି ପରମସତ୍ତା ଈଶ୍ୱରଙ୍କ ନିକଟକୁ ଫେରିଯିବାକୁ ପଡ଼ିବ । ଆମେ ଈଶ୍ୱରଙ୍କଠାରୁ ଆସିଅଛୁ, ଆମମାନଙ୍କୁ ପୁନରାୟ ଈଶ୍ୱରଙ୍କ ପାଖକୁ ଫେରିଯିବାକୁ ହେବ । ତାଙ୍କୁ ଯେଉଁ ନାମରେ ଡାକ ନା କାହିଁକି—ତାଙ୍କୁ 'ଗଡ୍' ବା 'ଈଶ୍ୱର' କହ, ନିର୍ବିଶେଷ ବା ପରମସତ୍ତା କହ, ଅଥବା ପ୍ରକୃତି କହ, କିଛି ଯାଏ ଆସେ ନାହିଁ । 'ଯାହାଙ୍କଠାରୁ ସମୁଦାୟ ଜଗତ ଉତ୍ପନ୍ନ ହୋଇଅଛି, ଯାହାଙ୍କ ମଧ୍ୟରେ ସମସ୍ତ ପ୍ରାଣୀ ଅବସ୍ଥାନ କରୁଛନ୍ତି ଓ ଯାହାଙ୍କ ନିକଟକୁ ପୁଣି ସବୁ କିଛି ଫେରିଯିବ ।'* ପ୍ରକୃତି ସର୍ବତ୍ର ନିୟମରେ କାର୍ଯ୍ୟ କରିଥାଏ । ଗୋଟିଏ ସ୍ତରରେ ଯେଉଁ କାର୍ଯ୍ୟ ହେଉଛି, ଅନ୍ୟାନ୍ୟ ସ୍ତରରେ ମଧ୍ୟ ତାହା ହିଁ ପୁନରାବର୍ତ୍ତିତ ହୋଇଥାଏ । ବୃହତ୍ ତରଙ୍ଗ କ୍ଷୁଦ୍ର କ୍ଷୁଦ୍ର ବହୁ ତରଙ୍ଗର ଏକ ସମଷ୍ଟି ମାତ୍ର । ଜାଗତିକ ଜୀବନ କହିଲେ ଲକ୍ଷ ଲକ୍ଷ କ୍ଷୁଦ୍ର ଜୀବନର ସମଷ୍ଟିକୁ ହିଁ ବୁଝାଏ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି—ଭଗବାନଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିବା ଅପେକ୍ଷା ଉଚ୍ଚତର ଅବସ୍ଥା ଅଛି କି ନାହିଁ ? ଯୋଗମତାବଲମ୍ବୀ ଦାର୍ଶନିକଗଣ ଏ ପ୍ରଶ୍ନର ଉତ୍ତରରେ କହନ୍ତି, 'ଏହା ହିଁ ଉଚ୍ଚତମ ଅବସ୍ଥା ।' ଜଗତରେ ଏପରି କୌଣସି ଧର୍ମ ନାହିଁ, ଯାହା କହେ—ମନୁଷ୍ୟ ପୂର୍ବେ ଯାହା ଥିଲା ତଦପେକ୍ଷା ବର୍ତ୍ତମାନ ଆହୁରି ଉନ୍ନତ । ଅର୍ଥାତ୍ ଆଦ୍ୟାବସ୍ଥାରେ ମନୁଷ୍ୟ ଶୁଦ୍ଧ ଓ ପୂର୍ଣ୍ଣ ଥିଲା, ପରେ କ୍ରମାଗତ ଅବନତ ହେଲା । ପରେ ଏପରି ଏକ ସମୟ ଆସିବ ଯେତେବେଳେ

* 'ଯତୋ ବା ଇମାନି ଭୂତାନି ଜାୟନ୍ତେ । ଯେନ ଜାତାନି ଜୀବନ୍ତି । ଯତ୍ପ୍ରୟନ୍ତ୍ୟଭିସଂବିଶନ୍ତି'

—ତୈତ୍ତିରୀୟ ଉପ, ୩।୧

ସେ ପୁଣି ଉଠିବାକୁ ଆରମ୍ଭ କରିବ ଏବଂ ବୃତ୍ତ ସମ୍ପୂର୍ଣ୍ଣ କରି ପୂର୍ବ ସ୍ଥାନରେ ଉପନୀତ ହେବ । ବୃତ୍ତାକାର ଗତି ପୂର୍ଣ୍ଣ କରିବାକୁ ହିଁ ହେବ । ମନୁଷ୍ୟ ଯେତେ ନୀଚକୁ ଯାଉ ନା କାହିଁକି, ଶେଷରେ ତାକୁ ଆଦି-କାରଣ ଭଗବାନଙ୍କ ନିକଟକୁ ଫେରିଯିବାକୁ ପଡ଼ିବ । ମନୁଷ୍ୟ ଭଗବାନଙ୍କଠାରୁ ଆସିଛି, ବର୍ତ୍ତମାନ ମନୁଷ୍ୟ ହୋଇଅଛି, ପରିଶେଷରେ ପୁଣି ଭଗବାନଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିବ । ଦ୍ୱୈତବାଦର ମତ ଅନୁଯାୟୀ ତତ୍ତ୍ୱକୁ ଏହି ଭାବରେ ବ୍ୟକ୍ତ କରାଯାଏ । ଅଦ୍ୱୈତବାଦର ଭାଷାରେ କହିବାକୁ ହେବ—ମନୁଷ୍ୟ ହିଁ ବ୍ରହ୍ମ, ତେଣୁ ପୁନରାୟ ସେ ବ୍ରହ୍ମଭାବ ପ୍ରାପ୍ତ ହୋଇଥାଏ । ଯଦି ଆମମାନଙ୍କର ବର୍ତ୍ତମାନ ଅବସ୍ଥା ଉଚ୍ଚତର ଅବସ୍ଥା ହୁଏ, ତାହେଲେ ଜଗତରେ ଏତେ ଦୁଃଖ କଷ୍ଟ ରହିଅଛି କାହିଁକି ? ପୁନଶ୍ଚ ବିନାଶପ୍ରାପ୍ତ କାହିଁକି ହୁଏ ? ଯଦି ଏହା ଉଚ୍ଚତର ଅବସ୍ଥା ହୁଏ, ତେବେ ଏହାର ଶେଷ ହୁଏ କାହିଁକି ? ଯାହା ବିକୃତ ଓ ଅବନତ, ତାହା କେବେହେଲେ ସର୍ବୋଚ୍ଚ ଅବସ୍ଥା ହୋଇପାରେ ନାହିଁ । ଜଗତ ଏତେ ପୈଶାଚିକଭାବାପନ୍ନ କାହିଁକି ? ଏ ବିଷୟରେ ଏତିକି କୁହାଯାଇପାରେ ଯେ, ଏହା ଭିତର ଦେଇ ଆମେ ଗୋଟିଏ ଉଚ୍ଚତର ପଥକୁ ଯାଉଛୁ ? ନବଜୀବନ ଲାଭ କରିବା ପାଇଁ ଏହି ଅବସ୍ଥା ଭିତର ଦେଇ ଅଗ୍ରସର ହେବାକୁ ପଡ଼ିବ । ମାଟିରେ ବୀଜ ପୋତିଦିଅ, ତାହା ବିଶ୍ଳିଷ୍ଟ ହୋଇ କିଛିଦିନ ପରେ ମାଟିରେ ସମ୍ପୂର୍ଣ୍ଣ ରୂପେ ମିଶିଯିବ, ପୁଣି ସେହି ବିଶ୍ଳିଷ୍ଟ ଅବସ୍ଥାରୁ ଏକ ମହାବୃକ୍ଷ ଉତ୍ପନ୍ନ ହେବ । ବ୍ରହ୍ମଭାବାପନ୍ନ ହେବା ପାଇଁ ପ୍ରତ୍ୟେକ ଜୀବାତ୍ମାକୁ ଏହି ବିଶ୍ଳେଷଣ ଦେଇ ଯିବାକୁ ହିଁ ହେବ । ଅତଏବ ଆମେ ଯେତେ ଶୀଘ୍ର ଏହି 'ମାନବ' ଅବସ୍ଥାକୁ ଅତିକ୍ରମ କରିବୁ ସେତେ ମଙ୍ଗଳ । ତେବେ କଅଣ ଆତ୍ମହତ୍ୟା କରି ଆମେ ବର୍ତ୍ତମାନ ଅବସ୍ଥାକୁ ଅତିକ୍ରମ କରିବୁ ? କଦାପି ନୁହେଁ, ସେଥିରେ ବରଂ ଆହୁରି ଅନିଷ୍ଟ ହେବ । ଶରୀରକୁ ନିରର୍ଥକ ପୀଡ଼ା ଦେବା, ଅଥବା ଜଗତର ନିନ୍ଦା କରିବା—ଏହାର ବାହାରକୁ ଯିବାର ଉପାୟ ନୁହେଁ । ଆମମାନଙ୍କୁ ନୈରାଶ୍ୟର ପଙ୍କିଳ ହ୍ରଦ ପାରିହେବାକୁ ପଡ଼ିବ ।

ନିର୍ବିଶେଷ ଅବସ୍ଥାକୁ ସର୍ବୋଚ୍ଚ ଅବସ୍ଥା କୁହାଯାଏ । କିନ୍ତୁ ଅନେକେ ଯେପରି ଆଶଙ୍କା କରନ୍ତି, ତାହା ପ୍ରସ୍ତର ବା ସ୍ତମ୍ଭ ଭଳି ଅବସ୍ଥା ନୁହେଁ । ସେମାନଙ୍କ ମତରେ ଜଗତରେ ମାତ୍ର ଦୁଇ ପ୍ରକାର ଅସ୍ତିତ୍ୱ ଅଛି—ଏକ ପ୍ରକାର ପ୍ରସ୍ତରାଦି ତୁଲ୍ୟ ଜଡ଼ ଓ ଅପର ପ୍ରକାର ଚିନ୍ତାବିଶିଷ୍ଟ । ଅସ୍ତିତ୍ୱକୁ ଏହି ଭାବରେ ସୀମାବଦ୍ଧ କରିବାର କି ଅଧିକାର ଆମମାନଙ୍କର ଅଛି ? ଚିନ୍ତା ଅପେକ୍ଷା ଅନନ୍ତ ଗୁଣ ଉତ୍କୃଷ୍ଟ ଅବସ୍ଥା କଅଣ ନାହିଁ ? ଆଲୋକର କମ୍ପନ ଅତି ମୃଦୁ ହେଲେ ଆମେ ଦେଖିପାରୁ ନାହିଁ, ଯେତେବେଳେ ଏହି କମ୍ପନ ଅପେକ୍ଷାକୃତ ତୀବ୍ର ହୁଏ—କେବଳ ସେତିକିବେଳେ ଆମ ଚକ୍ଷୁରେ ତାହା ପ୍ରତିଭାତ ହୁଏ । ଯେତେବେଳେ ଆହୁରି ତୀବ୍ର ହୁଏ, ସେତେବେଳେ ମଧ୍ୟ ଆମେ ତାହା ଦେଖିପାରୁ ନାହିଁ, ତାହା ଆମ ଚକ୍ଷୁରେ ଅନ୍ଧକାର ଭଳି ପ୍ରତୀୟମାନ ହୁଏ । ଏହି ଶେଷୋକ୍ତ ଅନ୍ଧକାର କଅଣ ପ୍ରଥମୋକ୍ତ ଅନ୍ଧକାର ପରି ? ତାହା ନୁହେଁ । ସେମାନେ ଦୁଇ ମେରୁପ୍ରାନ୍ତ ପରି ଭିନ୍ନ । ପ୍ରସ୍ତରର ଚିନ୍ତାଶୂନ୍ୟତା ଓ ଭଗବାନଙ୍କ ଚିନ୍ତାଶୂନ୍ୟତା କଅଣ ଏକା ପ୍ରକାରର ? କେବେହେଲେ ନୁହେଁ । ଭଗବାନ ଚିନ୍ତା କରନ୍ତି ନାହିଁ, ବିଚାର କରନ୍ତି ନାହିଁ । କାହିଁକି କରିବେ ? ତାଙ୍କ ନିକଟରେ କଅଣ କିଛି ଅଜ୍ଞାତ ଅଛି ଯେ, ସେ ବିଚାର କରିବେ ? ପ୍ରସ୍ତର ବିଚାର କରିପାରେ ନାହିଁ, ଆଉ ଈଶ୍ୱର ବିଚାର କରନ୍ତି ନାହିଁ— ଏତିକି ମାତ୍ର ପାର୍ଥକ୍ୟ । ପୂର୍ବୋକ୍ତ ଦାର୍ଶନିକଗଣ ମନେକରନ୍ତି ଯେ, ଚିନ୍ତାରାଜ୍ୟର ବାହାରକୁ

ଯିବା ଅତି ଭୟାବହ ବ୍ୟାପାର; କାରଣ ସେମାନେ ଚିନ୍ତାର ଅତୀତ କିଛି କଳ୍ପନା କରିପାରନ୍ତି ନାହିଁ ।

ଯୁକ୍ତିବିଚାର ଅପେକ୍ଷା ଅନେକ ଉଚ୍ଚତର ଅବସ୍ଥା ରହିଅଛି । ବାସ୍ତବିକ, ବୁଦ୍ଧିର ଅତୀତ ପ୍ରଦେଶରେ ଆମର ପ୍ରଥମ ଧର୍ମଜୀବନ ଆରମ୍ଭ ହୁଏ । ଯେତେବେଳେ ତୁମେ ଚିନ୍ତା, ବୁଦ୍ଧି, ଯୁକ୍ତି—ଏସବୁ ଅତିକ୍ରମ କରି ଚାଲିଯାଅ, ସେତେବେଳେ ତୁମେ ଭଗବତ୍‌ପ୍ରାପ୍ତି ପାଇଁ ପ୍ରଥମ ପଦକ୍ଷେପ କର । ଏହା ଆଧ୍ୟାତ୍ମିକ ଜୀବନର ଯଥାର୍ଥ ଆରମ୍ଭ । ଯାହାକୁ ସାଧାରଣ ଭାବରେ ଜୀବନ ବୋଲି କୁହାଯାଏ, ତାହା ପ୍ରକୃତ ଜୀବନର ଭ୍ରୂଣାବସ୍ଥା ମାତ୍ର ।

ବର୍ତ୍ତମାନ ପ୍ରଶ୍ନ ହୋଇପାରେ ଯେ, ଚିନ୍ତା ଓ ବିଚାରର ଅତୀତ ଅବସ୍ଥାଟି ଯେ ସର୍ବୋଚ୍ଚ ଅବସ୍ଥା, ତାହାର ପ୍ରମାଣ କଅଣ ? ପ୍ରଥମତଃ, ଜଗତର ଶ୍ରେଷ୍ଠ ବ୍ୟକ୍ତିଗଣ—ନିଜ ଶକ୍ତି ବଳରେ ଯେଉଁମାନେ ଜଗତକୁ ପରିଚାଳିତ କରିଛନ୍ତି, ଯେଉଁମାନଙ୍କ ଚିନ୍ତାରେ ସ୍ୱାର୍ଥର ଲେଶମାତ୍ର ନ ଥିଲା, ସେମାନେ ସମସ୍ତେ ଘୋଷଣା କରିଯାଇଛନ୍ତି ଯେ, ଆମର ଏହି ଜୀବନ ସେହି ଅନନ୍ତସ୍ୱରୂପତା ଲାଭ କରିବାର ପଥରେ ଗୋଟିଏ ଛୋଟ ସୋପାନ ମାତ୍ର । ଦ୍ୱିତୀୟତଃ, ସେମାନେ ଯେ କେବଳ ଏହି କଥା ଘୋଷଣା କରି କ୍ଷାନ୍ତ ହୁଅନ୍ତି, ତାହା ନୁହେଁ; ବରଂ ଅନ୍ୟ ସମସ୍ତଙ୍କୁ ତାହା ପାଇବାର ପଥ ମଧ୍ୟ ଦେଖାଇ ଦିଅନ୍ତି, ଯେପରି ସମସ୍ତେ ସେହି ପଥ ଅନୁସରଣ କରି ଅଗ୍ରସର ହୋଇପାରିବେ । ତୃତୀୟତଃ, ଅନ୍ୟ କୌଣସି ପଥ ନାହିଁ । ଜୀବନର ଆଉ କୌଣସି ପ୍ରକାର ବ୍ୟାଖ୍ୟା କରିହେବ ନାହିଁ । ଯଦି ସ୍ୱୀକାର କରାଯାଏ ଯେ, ଏହା ଅପେକ୍ଷା ଉଚ୍ଚତର ଅବସ୍ଥା ଆଉ ନାହିଁ, ତେବେ ଜିଜ୍ଞାସା ହେଉଛି ଆମେ ଚିରକାଳ ଏହି ଚକ୍ର ଭିତରେ ଘୂରୁଛୁ କାହିଁକି ? ଯେଉଁ ଯୁକ୍ତିଦ୍ୱାରା ଏ ଜଗତର ବ୍ୟାଖ୍ୟା କରାଯାଏ ? ଯଦି ଏହା ଅପେକ୍ଷା ଅଧିକ ଦୂରକୁ ଯିବାର ଶକ୍ତି ଆମର ନ ଥାଏ, ଯଦି ଏହା ଅପେକ୍ଷା ଅଧିକ କିଛି ପ୍ରାର୍ଥନା କରିବାର ନ ଥାଏ, ତା'ହେଲେ ଏହି ପଞ୍ଚେନ୍ଦ୍ରିୟଗ୍ରାହ୍ୟ ଜଗତ ହିଁ ଆମ ଜ୍ଞାନର ଚରମସୀମା ହୋଇ ରହିବ । ଏପରି ମତକୁ ଅଜ୍ଞେୟବାଦ କୁହାଯାଏ । କେବଳ ଯେ ଇନ୍ଦ୍ରିୟର ସାକ୍ଷ୍ୟକୁ ବିଶ୍ୱାସ କିରବାକୁ ହେବ, ଏପରି ଯୁକ୍ତି କଅଣ ଅଛି ? ମୁଁ ତାହାକୁ ହିଁ ଯଥାର୍ଥ ଅଜ୍ଞେୟବାଦୀ କହିବି, ଯିଏ ପଥରେ ଦଣ୍ଡାୟମାନ ହୋଇ ନୀରବରେ ଦେହ ତ୍ୟାଗ କରିବେ । ଯଦି ଯୁକ୍ତି ଆମର ସର୍ବସ୍ୱ ହୁଏ, ତେବେ ଶୂନ୍ୟବାଦର ପକ୍ଷ ଅବଲମ୍ବନ କରି ଆମେ କେଉଁଠି ହେଲେ ଛିଡ଼ା ହୋଇପାରିବା ନାହିଁ । କେବଳ ଅର୍ଥ, ଯଶ, ନାମର ଆକାଙ୍‌କ୍ଷା ବ୍ୟତୀତ ଅନ୍ୟ ସକଳ ବିଷୟରେ କେହି ଯଦି ନାସ୍ତିକ ହୁଏ, ତେବେ ସେ ଜଣେ ପ୍ରତାରକ ମାତ୍ର । କାଣ୍ଟ୍ (kant) ନିଃସଂଶୟରେ ପ୍ରମାଣ କରିଛନ୍ତି ଯେ, ଆମେ ଯୁକ୍ତିରୂପକ ବିରାଟ ପାଷାଣପ୍ରାଚୀର ନିର୍ମାଣ କରି ତାହା ଅତିକ୍ରମ କରିପାରିବା ନାହିଁ । କିନ୍ତୁ ଭାରତୀୟ ଦାର୍ଶନିକଗଣଙ୍କର ପ୍ରଥମ କଥା—ଆମେ ଯୁକ୍ତିକୁ ଅତିକ୍ରମ କରିପାରିବା । ଯୋଗୀମାନେ ଅତି ସାହସର ସହିତ ଅନ୍ୱେଷଣରେ ପ୍ରବୃତ୍ତ ହୁଅନ୍ତି ଏବଂ ଏପରି ଏକ ବସ୍ତୁ ଲାଭ କରନ୍ତି, ଯାହା ଯୁକ୍ତିର ଊର୍ଦ୍ଧ୍ୱରେ ଏବଂ ଯେଉଁଠାରେ ଆମମାନଙ୍କର ବର୍ତ୍ତମାନ ଅବସ୍ଥାର ବ୍ୟାଖ୍ୟା ଆମେ ଖୋଜି ପାଉ । ଯାହା ଆମମାନଙ୍କୁ ଜଗତରୁ ମୁକ୍ତ କରିଥାଏ, ତାହା ଶିକ୍ଷା କରିବାର ଏହା ହିଁ ଫଳ । 'ତୁମେ ଆମମାନଙ୍କର ପିତା, ତୁମେ ଆମମାନଙ୍କୁ ଅଜ୍ଞାନର ଅପର ତୀରକୁ ନେଇଯିବ ।'* ଏହା ହିଁ ଯଥାର୍ଥ ଧର୍ମ ।

* 'ତ୍ୱଂ ହି ନଃ ପିତା, ଯୋଽସ୍ମାକମବିଦ୍ୟାୟାଃ ପରଂ ପାରଂ ତାରୟସୀତି'

—ପ୍ରଶ୍ନୋପନିଷଦ୍, ୬/୮

# ପ୍ରଥମ ଅଧ୍ୟାୟ

## ସମାଧି-ପାଦ

**ଅଥ ଯୋଗାନୁଶାସନମ୍ ।।୧।।**

ସୂତ୍ରାର୍ଥ—ବର୍ତ୍ତମାନ ଯୋଗର ବ୍ୟାଖ୍ୟା କରାଯାଉଅଛି ।

**ଯୋଗଶ୍ଚିତ୍ତବୃତ୍ତିନିରୋଧଃ ।।୨।।**

ସୂତ୍ରାର୍ଥ—ଚିତ୍ତକୁ ବିଭିନ୍ନ ପ୍ରକାର ବୃତ୍ତି ଅର୍ଥାତ୍ ଆକାର ବା ପରିଣାମ ଗ୍ରହଣ କରିବାକୁ ନ ଦେବା ହିଁ ଯୋଗ ।

ବ୍ୟାଖ୍ୟା—ଏଠାରେ ଅନେକ କଥା ବୁଝାଇବାକୁ ହେବ । ପ୍ରଥମତଃ ଆମମାନଙ୍କୁ ବୁଝିବାକୁ ହେବ, ଚିତ୍ତ ଓ ବୃତ୍ତିଗୁଡ଼ିକ କଣ । ମୋର ଚକ୍ଷୁ ଅଛି । ଚକ୍ଷୁ ବାସ୍ତବିକ ଦେଖେ ନାହିଁ । ମସ୍ତିଷ୍କରେ ଅବସ୍ଥିତ ଦର୍ଶନେନ୍ଦ୍ରିୟର ସ୍ନାୟୁକେନ୍ଦ୍ରଟିକୁ ଅପସୃତ କର, ସେତେବେଳେ ତୁମର ଚକ୍ଷୁ ଥାଇପାରେ, ଚକ୍ଷୁର ଦୃଷ୍ଟିପଟଳ ଭଲ ଥାଇପାରେ, ଚକ୍ଷୁ ଉପରେ ଯେଉଁ ଦୃଶ୍ୟ ପତିତ ହୋଇ ଦର୍ଶନ ହୁଏ—ତାହା ମଧ୍ୟ ଥାଇପାରେ, ତଥାପି ଚକ୍ଷୁ ଦେଖିପାରିବ ନାହିଁ । ଚକ୍ଷୁ କେବଳ ଦର୍ଶନର ଗୌଣ ଯନ୍ତ୍ର ମାତ୍ର । ଏହା ପ୍ରକୃତ ଦର୍ଶନେନ୍ଦ୍ରିୟ ନୁହେଁ । ଦର୍ଶନେନ୍ଦ୍ରିୟ ମସ୍ତିଷ୍କ ଅନ୍ତର୍ଗତ ଗୋଟିଏ ସ୍ନାୟୁକେନ୍ଦ୍ରରେ ଅବସ୍ଥିତ । କେବଳ ଚକ୍ଷୁ ଦୁଇଟି ଯଥେଷ୍ଟ ନୁହେଁ । କେହି କେହି ଆଖି ଖୋଲାଥିବା ଅବସ୍ଥାରେ ଶୋଇପଡ଼ନ୍ତି । ଦର୍ଶନେନ୍ଦ୍ରିୟ ରହିଛି, ବାହାର ଦୃଶ୍ୟ ମଧ୍ୟ ରହିଛି, କିନ୍ତୁ ଗୋଟିଏ ତୃତୀୟ ବସ୍ତୁର ପ୍ରୟୋଜନ, ମନ ଇନ୍ଦ୍ରିୟ ସହିତ ସଂଯୁକ୍ତ ହେବା ଦରକାର । ସୁତରାଂ ଦର୍ଶନକ୍ରିୟା ପାଇଁ ଚକ୍ଷୁରୂପକ ବହିର୍ଯନ୍ତ୍ର, ମସ୍ତିଷ୍କସ୍ଥ ସ୍ନାୟୁକେନ୍ଦ୍ର ଓ ମନ—ଏହି ତିନୋଟି ଉପାଦାନ ଆବଶ୍ୟକ । ରାସ୍ତାରେ ଗାଡ଼ି ଚାଲିଯାଉଛି, କିନ୍ତୁ ତୁମେ ତାର ଶବ୍ଦ ଶୁଣିପାରୁ ନାହଁ । ଏହାର କାରଣ କ'ଣ ? କାରଣ ତୁମର ମନ ଶ୍ରବଣେନ୍ଦ୍ରିୟ ସହିତ ସଂଯୁକ୍ତ ହୋଇ ନାହିଁ । ଅତଏବ ପ୍ରତ୍ୟେକ ଅନୁଭବକ୍ରିୟା ପାଇଁ ଦରକାର—ପ୍ରଥମତଃ ବାହ୍ୟଯନ୍ତ୍ର, ତା'ପରେ ଇନ୍ଦ୍ରିୟ ଏବଂ ତୃତୀୟତଃ ଉଭୟ ସହିତ ମନର ଯୋଗ । ବିଷୟାଭିଘାତଜନିତ ବେଦନାକୁ ମନ ଆହୁରି ଅଭ୍ୟନ୍ତରକୁ ବହନ କରି ନିଶ୍ଚୟାତ୍ମିକା ବୁଦ୍ଧି ନିକଟରେ ଅର୍ପଣ କରେ । ସେତେବେଳେ ବୁଦ୍ଧିରୁ ପ୍ରତିକ୍ରିୟା ହୁଏ । ଏହି ପ୍ରତିକ୍ରିୟା ସହିତ ଅହଂଭାବର ଯୋଗ ହୁଏ । ପୁଣି ଏହି କ୍ରିୟା ଓ ପ୍ରତିକ୍ରିୟାର ସମଷ୍ଟି, ପୁରୁଷ ଅର୍ଥାତ୍ ପ୍ରକୃତ ଆତ୍ମାଙ୍କ ନିକଟରେ ଅର୍ପିତ ହୁଏ । ସେ ସେତେବେଳେ ଏହି ମିଶ୍ରଣଟିକୁ ଗୋଟିଏ ବସ୍ତୁରୂପେ ଅନୁଭବ କରନ୍ତି । ଇନ୍ଦ୍ରିୟଗଣ, ମନ, ନିଶ୍ଚୟାତ୍ମିକା ବୁଦ୍ଧି ଓ ଅହଂକାରର ସମଷ୍ଟିକୁ 'ଅନ୍ତଃକରଣ' କହନ୍ତି । ସେଗୁଡ଼ିକ ମନର ବିଭିନ୍ନ ଉପାଦାନ—ଚିତ୍ତର ଭିନ୍ନ ଭିନ୍ନ ପ୍ରକ୍ରିୟାସ୍ୱରୂପ । ଚିତ୍ତର ଅନ୍ତର୍ଗତ ଏହି ସକଳ ଚିନ୍ତାତରଙ୍ଗକୁ ବୃତ୍ତି (ଆକ୍ଷରିକଭାବେ ଆବର୍ତ୍ତ ବା ଘୂର୍ଣ୍ଣି) କୁହଯାଏ । ବର୍ତ୍ତମାନ ପ୍ରଶ୍ନ—ଚିନ୍ତା କଅଣ? ମାଧ୍ୟାକର୍ଷଣ ବା ବିକର୍ଷଣଶକ୍ତି ତୁଲ୍ୟ ଚିନ୍ତା ମଧ୍ୟ ଏକପ୍ରକାର ଶକ୍ତି । ପ୍ରାକୃତିକ ଶକ୍ତିର ଅକ୍ଷୟ ଭଣ୍ଡାରରୁ ଚିତ୍ତ ନାମକ ଯନ୍ତ୍ରଟି କିଛି ଶକ୍ତି ସଂଗ୍ରହ କରି ଅଙ୍ଗୀଭୂତ କରେ ଏବଂ ଏହାକୁ ଚିନ୍ତାରୂପେ ପ୍ରେରଣ କରେ । ଖାଦ୍ୟରୁ ଆମର ଏହି ଶକ୍ତି ସଂଗୃହୀତ ହୁଏ । ଖାଦ୍ୟରୁ ହିଁ ଶରୀର ଗତିଶକ୍ତି ଇତ୍ୟାଦି ଲାଭ କରେ । ଅନ୍ୟାନ୍ୟ ସୂକ୍ଷ୍ମତର ଶକ୍ତି ମଧ୍ୟ ଖାଦ୍ୟରୁ ଉତ୍ପନ୍ନ ହୁଏ । ମନ ଚୈତନ୍ୟମୟ ନୁହେଁ, ଅଥଚ ଚୈତନ୍ୟମୟ ବୋଲି ବୋଧହୁଏ । ଏପରି ହେବାର କାରଣ

କଅଣ ? କାରଣ ଚୈତନ୍ୟମୟ ଆତ୍ମା ଏହାର ପଶ୍ଚାତ୍‌ରେ ରହିଛନ୍ତି । ତୁମେ ନିଜେ ସେହି ଚୈତନ୍ୟମୟ ପୁରୁଷ—ମନ କେବଳ ଗୋଟିଏ ଯନ୍ତ୍ର, ଯାହାଦ୍ୱାରା ତୁମେ ବହିର୍ଜଗତ ଅନୁଭବ କର । ଏହି ପୁସ୍ତକ ଖଣ୍ଡିକ ଦେଖ, ବାସ୍ତବିକ ବାହାରେ ଆମେ ଉପଲବ୍ଧି କରୁଥିବା ଭଳି କୌଣସି ଅସ୍ତିତ୍ୱ ତାହାର ନାହିଁ । ବାହାରେ ଯାହା ଅଛି, ତାହା ଅଜ୍ଞାତ ଓ ଅଜ୍ଞେୟ; ତାହା କେବଳ ଆମ ଅନୁଭବର ଉତ୍ତେଜକ କାରଣ ମାତ୍ର । ତାହା ମନରେ ଆଘାତ ଦିଏ ଏବଂ ମନ ପୁସ୍ତକରୂପେ ପ୍ରତିକ୍ରିୟା କରେ, ଠିକ୍ ଯେପରି ଜଳରେ ଏକ ପ୍ରସ୍ତରଖଣ୍ଡ ନିକ୍ଷେପ କଲେ ଜଳ ତରଙ୍ଗାକାରରେ ଏହି ପ୍ରସ୍ତରଖଣ୍ଡକୁ ପ୍ରତିଘାତ ଦିଏ । ସୁତରାଂ ବାସ୍ତବ ବହିର୍ଜଗତ ମାନସିକ ପ୍ରତିକ୍ରିୟାର କାରଣ ମାତ୍ର । ପୁସ୍ତକାକାର, ଗଜାକାର, ମନୁଷ୍ୟାକାର ଇତ୍ୟାଦି କୌଣସି ପଦାର୍ଥ ବାହାରେ ନାହିଁ; ବାହାରର ଇଙ୍ଗିତ ବା ଉତ୍ତେଜକ କାରଣରୁ ମନ ମଧ୍ୟରେ ଯେଉଁ ପ୍ରତିକ୍ରିୟା ହୁଏ, କେବଳ ମାତ୍ର ତାହା ଆମେ ଜାଣିଥାଉ । ଜନ୍ ଷ୍ଟୁଆର୍ଟ ମିଲ୍ କହିଛନ୍ତି, 'ଇନ୍ଦ୍ରିୟାନୁଭୂତିର ନିତ୍ୟ ସମ୍ଭାବ୍ୟତାର ନାମ ଜଡ଼ପଦାର୍ଥ ।'* ବାହାରେ ଏହି ପ୍ରତିକ୍ରିୟା ଉତ୍ପନ୍ନ କରାଇ ଦେବାର ଉତ୍ତେଜକ କାରଣ ମାତ୍ର ଅଛି । ଉଦାହରଣ ସ୍ୱରୂପ ଗୋଟିଏ ଶାମୁକା କଥା ନିଆଯାଉ । ତୁମେମାନେ ଜାଣ, ମୁକ୍ତା କିପରି ଉତ୍ପନ୍ନ ହୁଏ । ଗୋଟିଏ ବାଲିକଣା, କୀଟାଣୁ ବା ଅନ୍ୟ କିଛି ଶାମୁକା ଭିତରେ ପ୍ରବେଶ କରି ତାହାକୁ ଉତ୍ତେଜିତ କରେ, ସେତେବେଳେ ସେହି ଶାମୁକା ଏହି ବାଲିକଣାର ଚତୁର୍ଦ୍ଦିଗରେ ଏକ ପ୍ରକାର ଏନାମେଲ୍ ଭଳି ଆବରଣ ଦିଏ ଓ ଏହି ଭାବରେ ମୁକ୍ତାର ସୃଷ୍ଟି ହୋଇଥାଏ । ଅନୁଭୂତି-ସୃଷ୍ଟ ଏହି ଜଗତ ଯେପରି ଆମମାନଙ୍କ ନିଜ ନିଜର ଏନାମେଲ୍-ସ୍ୱରୂପ; ବାସ୍ତବ ଜଗତ ଏହି ବାଲୁକାକଣା ସଦୃଶ । ସାଧାରଣ ଲୋକ କେବେହେଲେ ଏହା ବୁଝିବ ନାହିଁ, କାରଣ ଯେତେବେଳେ ସେ ଏହା ବୁଝିବାକୁ ଚେଷ୍ଟା କରିବ, ସେହି ମୁହୂର୍ତ୍ତରେ ସେ ବାହାରକୁ 'ଏନାମେଲ୍' ନିକ୍ଷେପ କରିବ ଓ ଏହି ଆବରଣଟିକୁ କେବଳ ଦେଖିବ । ବର୍ତ୍ତମାନ ଆମେ ବୁଝିଲୁ, ବୃତ୍ତିର ପ୍ରକୃତ ଅର୍ଥ କ'ଣ । ମନୁଷ୍ୟର ପ୍ରକୃତ ସ୍ୱରୂପ ମନର ଅତୀତ । ମନ ତା'ର ଗୋଟିଏ ଯନ୍ତ୍ର-ତୁଲ୍ୟ । ଏହି ଚୈତନ୍ୟ ମନ ଭିତରଦେଇ ଆସୁଅଛି । ତୁମେ ଯେତେବେଳେ ମନ ପଶ୍ଚାତରେ ଦ୍ରଷ୍ଟାରୂପେ ଅବସ୍ଥାନ କର, ସେତେବେଳେ ଏହା ଚୈତନ୍ୟମୟ ହୋଇଯାଏ । କିନ୍ତୁ ଯେତେବେଳେ ମନୁଷ୍ୟ ଏହି ମନକୁ ସମ୍ପୂର୍ଣ୍ଣରୂପେ ତ୍ୟାଗ କରେ, ସେତେବେଳେ ଏହାର କୌଣସି ଅସ୍ତିତ୍ୱ ରହେ ନାହିଁ । ଚିତ୍ତ ମନର ଉପାଦାନସ୍ୱରୂପ ଏବଂ ବୃତ୍ତିଗୁଡ଼ିକ ଏହାର ତରଙ୍ଗ ଭଳି, ଯେତେବେଳେ ବାହାରର କେତେଗୁଡ଼ିଏ କାରଣ ଚିତ୍ତ ଉପରେ କାର୍ଯ୍ୟ କରେ, ସେତେବେଳେ ତାହା ଏହି ତରଙ୍ଗାକାର ଧାରଣ କରେ ଏବଂ ଏହି ବୃତ୍ତିଗୁଡ଼ିକ ହିଁ ଆମମାନଙ୍କର ଜଗତ ।

ଆମେମାନେ ହ୍ରଦର ତଳଦେଶ ଦେଖିପାରୁ ନାହୁଁ, କାରଣ ଏହାର ଉପରିଭାଗ କ୍ଷୁଦ୍ର କ୍ଷୁଦ୍ର ତରଙ୍ଗରେ ଆବୃତ । ଯେତେବେଳେ ତରଙ୍ଗଗୁଡ଼ିକ ଶାନ୍ତ ହୁଏ, ଜଳ ସ୍ଥିର ହୋଇଯାଏ, କେବଳ ସେତିକିବେଳେ ତାହାର ତଳଦେଶର କ୍ଷଣିକ ଦର୍ଶନ ପାଇବା ସମ୍ଭବ । ଯଦି ଜଳ ଗୋଳିଆ ଥାଏ ବା କ୍ରମାଗତ ଆନ୍ଦୋଳିତ ହେଉଥାଏ, ତା'ହେଲେ ଏହାର ତଳଦେଶ କେବେହେଲେ ଦେଖାଯିବ ନାହିଁ । ଯଦି ଏହା ନିର୍ମଳ ଥାଏ ଏବଂ ସେଥିରେ କୌଣସି ତରଙ୍ଗ ନ ଥାଏ, ତେବେ

* Matter is the permanent possibility of sensation.

–J.S.Mill

ଯାଇ ଆମେ ଏହାର ତଳଦେଶ ଦେଖିପାରିବୁ । ହ୍ରଦର ତଳଦେଶ ଯେପରିକି ଆମର ପ୍ରକୃତ ସ୍ୱରୂପ—ହ୍ରଦଟି ଚିତ୍ତ ଏବଂ ଏହାର ତରଙ୍ଗଗୁଡ଼ିକ ବୃତ୍ତିସ୍ୱରୂପ । ଆହୁରି ଆମେ ଦେଖିବାକୁ ପାଉ ଯେ, ଏହି ମନ ତ୍ରିବିଧଭାବେ ଅବସ୍ଥାନ କରେ । ପ୍ରଥମଟି ଅନ୍ଧକାରମୟ ଅର୍ଥାତ୍ ତମଃ, ଯେପରି ପଶୁ ଓ ମୂର୍ଖମାନଙ୍କର ମନ । ସେମାନଙ୍କ କାର୍ଯ୍ୟ କେବଳ ଅନ୍ୟର ଅନିଷ୍ଟ କରିବା । ଏହିପରି ମନରେ ଆଉ କୌଣସି ପ୍ରକାର ଭାବ ଉଦିତ ହୁଏ ନାହିଁ । ଦ୍ୱିତୀୟଟି ମନର କ୍ରିୟାଶୀଳ ଅବସ୍ଥା, ରଜଃ—ଏ ଅବସ୍ଥାରେ କେବଳ ପ୍ରଭୁତ୍ୱ ଓ ଭୋଗର ଇଚ୍ଛା ଥାଏ । 'ମୁଁ କ୍ଷମତାଶାଳୀ ହେବି ଓ ଅନ୍ୟ ଉପରେ ପ୍ରଭୁତ୍ୱ କରିବି', ଏହି ଭାବ ରଜରୁ ଉତ୍ପନ୍ନ । ତା'ପରେ ଯେଉଁ ଅବସ୍ଥା ତାହା 'ସତ୍ତ୍ୱ'—ଏହା ଶାନ୍ତ । ଏ ଅବସ୍ଥାରେ ତରଙ୍ଗ ରହେନାହିଁ, ମନ-ରୂପକ ହ୍ରଦର ଜଳ ନିର୍ମଳ ହୋଇଯାଏ । ଏହା ନିଷ୍କ୍ରିୟ ନୁହେଁ, ବରଂ ଅତିଶୟ କ୍ରିୟାଶୀଳ ଅବସ୍ଥା । ଶାନ୍ତଭାବ ଶକ୍ତିର ଉଚ୍ଚତମ ବିକାଶ । କ୍ରିୟାଶୀଳ ହେବା ବରଂ ସହଜ । ଲଗାମ୍ ଛାଡ଼ିଦେଲେ ଅଶ୍ୱଗଣ ତୁମକୁ ନେଇ ଦୌଡ଼ିବାକୁ ଆରମ୍ଭ କରିବେ । ଯେ କୌଣସି ବ୍ୟକ୍ତି ଏହା କରିପାରନ୍ତି; କିନ୍ତୁ ଯିଏ ଏହି ଲମ୍ଫମାନ ଅଶ୍ୱକୁ ଅଟକାଇ ପାରନ୍ତି, ସେ ମହାଶକ୍ତିଧର ପୁରୁଷ । ଛାଡ଼ିଦେବା କିମ୍ବା ବେଗ ସଂଯତ କରିବା—ଏମାନଙ୍କ ମଧ୍ୟରୁ କେଉଁଟିରେ ଅଧିକ ଶକ୍ତିର ପ୍ରୟୋଜନ? ଶାନ୍ତ ବ୍ୟକ୍ତି ଅଳସ ବ୍ୟକ୍ତି ପରି ନୁହନ୍ତି । ସତ୍ତ୍ୱଭାବକୁ ଜଡ଼ତା ବା ଆଳସ୍ୟ ବୋଲି ମନେକର ନାହିଁ । ଯିଏ ମନର ଏହି ତରଙ୍ଗଗୁଡ଼ିକୁ ନିଜ ଆୟତ୍ତକୁ ଆଣିପାରିଛନ୍ତି, ସେ ଶାନ୍ତ ପୁରୁଷ । କ୍ରିୟାଶୀଳତା ନିମ୍ନତର ଶକ୍ତିର ଓ ଶାନ୍ତଭାବ ଉଚ୍ଚତର ଶକ୍ତିର ପ୍ରକାଶ ।

ଚିତ୍ତ ସର୍ବଦା ହିଁ ତାହାର ସ୍ୱାଭାବିକ ପବିତ୍ର ଅବସ୍ଥାକୁ ଫେରିପାଇବା ପାଇଁ ଚେଷ୍ଟା କରୁଅଛି; କିନ୍ତୁ ଇନ୍ଦ୍ରିୟଗୁଡ଼ିକ ଏହାକୁ ବାହାରକୁ ଆକର୍ଷଣ କରୁଛନ୍ତି । ଚିତ୍ତକୁ ଦମନ କରିବା, ତାହାର ବାହାରକୁ ଯିବାର ପ୍ରବୃତ୍ତିକୁ ନିବାରଣ କରିବା ଓ ତାହାକୁ ପ୍ରତ୍ୟାବୃତ୍ତ କରି ସେହି ଚୈତନ୍ୟଘନ ପୁରୁଷଙ୍କ ନିକଟକୁ ଯିବାର ପଥକୁ ଫେରାଇବା –ଏହା ଯୋଗର ପ୍ରଥମ ସୋପାନ; କାରଣ କେବଳ ଏହି ଉପାୟରେ ଚିତ୍ତ ଏହାର ପ୍ରକୃତ ପଥର ସନ୍ଧାନ ପାଇଥାଏ ।

ଯଦିଓ ଉଚ୍ଚତମଠାରୁ ଆରମ୍ଭ କରି ନିମ୍ନତମ ପର୍ଯ୍ୟନ୍ତ ସକଳ ପ୍ରାଣୀଙ୍କ ମଧ୍ୟରେ ଏହି ଚିତ୍ତ ରହିଅଛି, ତଥାପି କେବଳ ମନୁଷ୍ୟ ଦେହରେ ହିଁ ତାହାକୁ ଆମେ ବୁଦ୍ଧି ରୂପରେ ବିକଶିତ ଥିବାର ଦେଖିବାକୁ ପାଉ । ଚିତ୍ତ ଯେତେଦିନ ବୁଦ୍ଧିର ଆକାର ଧାରଣ ନ କରୁଛି, ସେତେଦିନ ତା'ପକ୍ଷରେ ଏହି ସକଳ ବିଭିନ୍ନ ସୋପାନ ଅତିକ୍ରମ କରି ଆତ୍ମାକୁ ମୁକ୍ତ କରିବା ସମ୍ଭବ ନୁହେଁ । ଗୋରୁ ବା କୁକୁର ପକ୍ଷରେ ସାକ୍ଷାତ୍ ମୁକ୍ତି ସମ୍ଭବ ନୁହେଁ, କାରଣ ଯଦିବା ସେମାନଙ୍କର ମନ (ଚିତ୍ତ) ଅଛି, ତାହା ଏହି କ୍ଷେତ୍ରରେ ବୁଦ୍ଧି-ଆକାର ଧାରଣ କରିପାରି ନାହିଁ ।

ଏହି ଚିତ୍ତ ଅବସ୍ଥାଭେଦରେ ନାନା ରୂପ ଧାରଣ କରେ; ଯଥା—କ୍ଷିପ୍ତ, ମୂଢ଼, ବିକ୍ଷିପ୍ତ ଓ ଏକାଗ୍ର ।* ମନ ଏହି ଚାରି ଅବସ୍ଥାରେ ଚାରି ପ୍ରକାର ରୂପ ଧାରଣ କରେ । ପ୍ରଥମ 'କ୍ଷିପ୍ତ'—ଯେଉଁ ଅବସ୍ଥାରେ ମନ ଚାରିଆଡ଼କୁ ବିଚ୍ଛୁରିତ ହୋଇଥାଏ ଏବଂ ଯେଉଁ ଅବସ୍ଥାରେ କର୍ମବାସନା ପ୍ରବଳ ଥାଏ । ଏପରି ମନର ଚେଷ୍ଟା କେବଳ ମାତ୍ର ସୁଖ ଓ ଦୁଃଖ, ଏହି ଦ୍ୱିବିଧ ଭାବେ ପ୍ରକାଶିତ ହେବା । ତା'ପରେ 'ମୂଢ଼' ଅବସ୍ଥା—ଯାହା ତମୋଗୁଣାତ୍ମକ; ଏହାର ଚେଷ୍ଟା କେବଳ

* ଏଠାରେ ନିରୁଦ୍ଧ ଅବସ୍ଥା କଥା କୁହାଯାଇ ନାହିଁ, କାରଣ ଏ ଅବସ୍ଥାକୁ ପ୍ରକୃତ ପକ୍ଷେ ଚିତ୍ତବୃତ୍ତି କୁହାଯାଇପାରେ ନାହିଁ ।

ଅନ୍ୟର ଅନିଷ୍ଟ କରିବା । 'ବିକ୍ଷିପ୍ତ' ଅବସ୍ଥାରେ ମନ କେନ୍ଦ୍ର ନିକଟକୁ ଯିବାର ଚେଷ୍ଟା କରେ । ଏଠାରେ ଟୀକାକାର କହନ୍ତି, ବିକ୍ଷିପ୍ତ ଅବସ୍ଥା ଦେବତାମାନଙ୍କର ଓ ମୂଢ଼ାବସ୍ଥା ଅସୁରଗଣଙ୍କର ସ୍ୱାଭାବିକ ଅବସ୍ଥା । 'ଏକାଗ୍ର' ଅବସ୍ଥାରେ ଚିତ୍ତ କେନ୍ଦ୍ରୀଭୂତ ହେବାକୁ ଚେଷ୍ଟା କରେ, ଏହା ଆମମାନଙ୍କୁ ସମାଧି ଅବସ୍ଥା ଲାଭ କରାଇଥାଏ ।

**ତଦା ଦ୍ରଷ୍ଟୁଃ ସ୍ୱରୂପେଽବସ୍ଥାନମ୍ ।।୩।।**

—ସେତେବେଳେ (ଅର୍ଥାତ୍ ଏହି ନିରୋଧ ଅବସ୍ଥାରେ) ଦ୍ରଷ୍ଟା (ପୁରୁଷ) ନିଜର (ଅପରିବର୍ତ୍ତନୀୟ) ସ୍ୱରୂପରେ ଅବସ୍ଥିତ ଥାଏ ।

ଯେତେବେଳେ ତରଙ୍ଗଗୁଡ଼ିକ ଶାନ୍ତ ହୋଇଯାଏ ଓ ହ୍ରଦ ଶାନ୍ତଭାବ ଧାରଣ କରେ, ସେତେବେଳେ ଆମେ ହ୍ରଦର ତଳଦେଶ ଦେଖିବାକୁ ପାଉ । ମନ ସମ୍ବନ୍ଧରେ ମଧ୍ୟ ଏହିପରି ବୁଝିବାକୁ ହେବ । ଯେତେବେଳେ ତାହା ଶାନ୍ତ ହୋଇଯାଏ, କେବଳ ସେତିକିବେଳେ ଆମେ ଆମର ସ୍ୱରୂପ ବୁଝିପାରୁ; ସେତେବେଳେ ଆମେ ଏହି ତରଙ୍ଗଗୁଡ଼ିକ ସହିତ ନିଜକୁ ମିଶାଇ ନ ଦେଇ ନିଜ ସ୍ୱରୂପରେ ଅବସ୍ଥିତ ଥାଉ ।

**ବୃତ୍ତିସାରୂପ୍ୟମିତରତ୍ର ।।୪।।**

—ଅନ୍ୟାନ୍ୟ ସମୟରେ (ଅର୍ଥାତ୍ ଏହି ନିରୋଧ ଅବସ୍ଥା ବ୍ୟତୀତ ଅନ୍ୟ ସମୟରେ) ଦ୍ରଷ୍ଟା ଚିତ୍ତବୃତ୍ତି ସହିତ ଏକୀଭୂତ ହୋଇଥାଆନ୍ତି ।

ଯେପରି କେହି ମୋର ନିନ୍ଦା କଲା, ଏହା ଏକ ପ୍ରକାର ପରିଣାମ—ଏକ ପ୍ରକାର ବୃତ୍ତି, ମୁଁ ତା' ସହିତ ନିଜକୁ ମିଶାଇ ଦେଉଛି ଏବଂ ତାହାର ଫଳ ଦୁଃଖ ।

**ବୃତ୍ତୟଃ ପଞ୍ଚତଯ୍ୟଃ କ୍ଲିଷ୍ଟାକ୍ଲିଷ୍ଟାଃ ।।୫।।**

ବୃତ୍ତି ପାଞ୍ଚ ପ୍ରକାର—(କେତୋଟି) କ୍ଳେଶଯୁକ୍ତ ଓ (ଅନ୍ୟଗୁଡ଼ିକ) କ୍ଳେଶଶୂନ୍ୟ ।

**ପ୍ରମାଣବିପର୍ଯ୍ୟୟବିକଳ୍ପ ନିଦ୍ରାସ୍ମୃତୟଃ ।।୬।।**

—ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା ଓ ସ୍ମୃତି ଅର୍ଥାତ୍ ସତ୍ୟ ଜ୍ଞାନ, ଭ୍ରମଜ୍ଞାନ, ଶବ୍ଦଭ୍ରମ, ନିଦ୍ରା ଓ ସ୍ମୃତି—ଏହି ପାଞ୍ଚ ପ୍ରକାର ବୃତ୍ତି ।

**ପ୍ରତ୍ୟକ୍ଷାନୁମାନାଗମାଃ ପ୍ରମାଣାନି ।।୭।।**

—ପ୍ରତ୍ୟକ୍ଷ ଅର୍ଥାତ୍ ସାକ୍ଷାତ୍ ଅନୁଭବ, ଅନୁମାନ ଓ ଆଗମ ଅର୍ଥାତ୍ ଆପ୍ତ ବା ବିଶ୍ୱସ୍ତ ଲୋକର ବାକ୍ୟ—ଏଗୁଡ଼ିକ ହେଉଛି ପ୍ରମାଣ ।

ଯେତେବେଳେ ଆମର ଦୁଇଟି ଅନୁଭୂତି ପରସ୍ପର ବିରୋଧୀ ନ ହୁଏ, ସେତେବେଳେ ତାହାକୁ 'ପ୍ରମାଣ' କହନ୍ତି । ମୁଁ କୌଣସି ବିଷୟ ଶୁଣିଲି; ଯଦି ତାହା ପୂର୍ବାନୁଭୂତ କୌଣସି ବିଷୟର ବିରୋଧୀ ହୁଏ, ତେବେ ମୁଁ ତା' ବିରୋଧରେ ତର୍କ କରିବି, କେବେହେଲେ ତାହା ବିଶ୍ୱାସ କରିବି ନାହିଁ । ପ୍ରମାଣ ପୁଣି ତିନି ପ୍ରକାର । ସାକ୍ଷାତ୍ ଅନୁଭବ ବା 'ପ୍ରତ୍ୟକ୍ଷ'—ଏହା ଏକ ପ୍ରକାର ପ୍ରମାଣ । ଯଦି ଆମେ କୌଣସି ପ୍ରକାର ଚକ୍ଷୁ-କର୍ଣ୍ଣର ଭ୍ରମରେ ନ ପଡ଼ିଥାଉ, ତା'ହେଲେ ଆମେ ଯାହା କିଛି ଦେଖୁ ବା ଅନୁଭବ କରୁ, ତାହାକୁ ପ୍ରତ୍ୟକ୍ଷ କୁହାଯିବ । ମୁଁ ଏହି ଜଗତ ଦେଖୁଅଛି । ତା'ର ଅସ୍ତିତ୍ୱ ସମ୍ବନ୍ଧରେ ଏହା ହିଁ ପ୍ରମାଣ । ଦ୍ୱିତୀୟ 'ଅନୁମାନ'—ତୁମେ କୌଣସି ଚିହ୍ନ ଦେଖିଲ, ସେଥିରୁ ତାହା ଯେଉଁ ବିଷୟର ସୂଚନା ଦେଉଛି, ତାହା ଜାଣିପାରିଲ । ତୃତୀୟତଃ 'ଆଗମ' ବା ଆପ୍ତବାକ୍ୟ—ଯେଉଁମାନେ ପ୍ରକୃତ ସତ୍ୟ ଦର୍ଶନ କରିଛନ୍ତି, ସେମାନଙ୍କର

ପ୍ରତ୍ୟକ୍ଷାନୁଭୂତି । ଆମେ ସମସ୍ତେ ଜ୍ଞାନଲାଭ ପାଇଁ ଚେଷ୍ଟା କରୁଅଛୁ । କିନ୍ତୁ ତୁମକୁ ତା' ପାଇଁ କଠୋର ଚେଷ୍ଟା କରିବାକୁ ପଡୁଛି, ବିଚାରରୂପକ ଦୀର୍ଘକାଳ ବ୍ୟାପୀ ବିରକ୍ତିକର ରାସ୍ତା ଦେଇ ଅଗ୍ରସର ହେବାକୁ ପଡୁଛି, କିନ୍ତୁ ଶୁଦ୍ଧସତ୍ତ୍ୱ ଯୋଗୀମାନେ ଏସବୁର ଅତୀତ ପ୍ରଦେଶକୁ ଚାଲି ଯାଇଛନ୍ତି । ତାଙ୍କ ସମକ୍ଷରେ ଭୂତ-ଭବିଷ୍ୟତ-ବର୍ତ୍ତମାନ—ସବୁ ଏକ ହୋଇଯାଇଛି, ତାଙ୍କ ପକ୍ଷରେ ସବୁ ଯେପରି ଖଣ୍ଡିଏ ପାଠ୍ୟପୁସ୍ତକ । ଆମମାନଙ୍କ ଭଳି ଜ୍ଞାନଲାଭର କଷ୍ଟକର ପ୍ରଣାଳୀ ମଧ୍ୟଦେଇ ତାହାଙ୍କୁ ଯିବାକୁ ହୁଏ ନାହିଁ । ତାଙ୍କର ବାକ୍ୟ ହିଁ ପ୍ରମାଣ; କାରଣ ସେ ନିଜ ମଧ୍ୟରେ ହିଁ ଜ୍ଞାନସ୍ୱରୂପକୁ ଉପଲବ୍ଧି କରନ୍ତି । ଏହିପରି ବ୍ୟକ୍ତିଗଣ ହିଁ ଶାସ୍ତ୍ରର ରଚୟିତା, ଅତଏବ ଶାସ୍ତ୍ର ପ୍ରମାଣ ବୋଲି ଗ୍ରାହ୍ୟ । ଯଦି ବର୍ତ୍ତମାନ ଏପରି କେହି ଜୀବିତ ଥାଆନ୍ତି, ତେବେ ତାଙ୍କ କଥା ମଧ୍ୟ ପ୍ରମାଣ ରୂପେ ଗଣ୍ୟ ହେବ । ଅନ୍ୟାନ୍ୟ ଦାର୍ଶନିକଗଣ ଏହି ଆପ୍ତବାକ୍ୟ ସମ୍ବନ୍ଧରେ ଅନେକ ବିଚାର କରିଛନ୍ତି । ସେମାନେ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି, ଆପ୍ତବାକ୍ୟ ସତ୍ୟ ହେବ କାହିଁକି ? ଆପ୍ତବାକ୍ୟର ପ୍ରମାଣ—ତାହା ସେମାନଙ୍କର ପ୍ରତ୍ୟକ୍ଷ ଅନୁଭୂତି । ଯେପରି ପୂର୍ବଜ୍ଞାନର ବିରୋଧୀ ନ ହେଲେ ତୁମେ ଯାହା ଦେଖ ବା ମୁଁ ଯାହା ଦେଖେ ତାହା ପ୍ରମାଣ ବୋଲି ଗ୍ରାହ୍ୟ ହୁଏ, ଆପ୍ତବାକ୍ୟର ପ୍ରାମାଣ୍ୟ ମଧ୍ୟ ସେହିପରି ବୁଝିବାକୁ ହେବ । ଇନ୍ଦ୍ରିୟାତୀତ ଜ୍ଞାନ ଲାଭ କରିବା ସମ୍ଭବ; ଯେତେବେଳେ ଜ୍ଞାନ ଯୁକ୍ତି ଓ ମନୁଷ୍ୟର ପୂର୍ବ ଅଭିଜ୍ଞତାକୁ ଖଣ୍ଡନ କରେ ନାହିଁ, ସେତେବେଳେ ତାହାକୁ ପ୍ରମାଣ କୁହାଯାଏ । ଜଣେ ଉନ୍ମତ୍ତ ବ୍ୟକ୍ତି ଆସି କହିପାରେ, 'ମୁଁ ଚାରିଆଡ଼େ ଦେବତାମାନଙ୍କୁ ଦେଖୁଛି'; କିନ୍ତୁ ତାହାକୁ ପ୍ରମାଣ କୁହାଯିବ ନାହିଁ । ପ୍ରଥମତଃ ଏହା ସତ୍ୟ ଜ୍ଞାନ ହେବା ଦରକାର; ଦ୍ୱିତୀୟତଃ ତାହା ଯେପରି ଆମ ପୂର୍ବଜ୍ଞାନର ବିରୋଧୀ ନ ହୁଏ; ତୃତୀୟତଃ ସେହି ବ୍ୟକ୍ତିର ଚରିତ୍ର ଉପରେ ମଧ୍ୟ ଏହା ନିର୍ଭର କରେ । ଅନେକେ ଏପରି କହିଥାନ୍ତି ଯେ ବ୍ୟକ୍ତିର ଚରିତ୍ର କିପରି ତାହା ଦେଖିବା ଆବଶ୍ୟକ ନୁହେଁ । ବରଂ ସେ କଅଣ କହେ ତାହା ଜାଣିବା ହିଁ ବିଶେଷ ଆବଶ୍ୟକ; ଅତଏବ ସେ କଅଣ କହେ ସେ କଥାଟି ପ୍ରଥମେ ଶୁଣିବାକୁ ହେବ । ଅନ୍ୟାନ୍ୟ ବିଷୟରେ ଏକଥା ସତ୍ୟ ହୋଇପାରେ । କୌଣସି ଲୋକ ଦୁଷ୍ଟ ପ୍ରକୃତିର ହେଲେ ମଧ୍ୟ ସେ ଜ୍ୟୋତିଷ ଶାସ୍ତ୍ର ସମ୍ବନ୍ଧରେ କିଛି ଆବିଷ୍କାର କରିପାରେ; କିନ୍ତୁ ଧର୍ମ ବିଷୟରେ ତାହା ନୁହେଁ, କାରଣ କୌଣସି ଅପବିତ୍ର ବ୍ୟକ୍ତି ଧର୍ମର ପ୍ରକୃତ ସତ୍ୟ ଲାଭ କରିପାରିବ ନାହିଁ । ଏହି କାରଣରୁ ଆମମାନଙ୍କର ପ୍ରଥମେ ଦେଖିବା ଉଚିତ, ଯେଉଁ ବ୍ୟକ୍ତି ନିଜକୁ ଆପ୍ତ ବୋଲି ଘୋଷଣା କରୁଛନ୍ତି, ସେ ସମ୍ପୂର୍ଣ୍ଣ ରୂପେ ନିଃସ୍ୱାର୍ଥ ଓ ପବିତ୍ର କି ନୁହନ୍ତି । ଦ୍ୱିତୀୟତଃ ଦେଖିବାକୁ ହେବ, ସେ ଅତୀନ୍ଦ୍ରିୟ ଜ୍ଞାନ ଲାଭ କରିଛନ୍ତି କି ନାହିଁ । ତୃତୀୟତଃ ଆମମାନଙ୍କର ଦେଖିବା ଉଚିତ ସେ ବ୍ୟକ୍ତି ଯାହା କହନ୍ତି, ତାହା ମନୁଷ୍ୟ ଜାତିର ପୂର୍ବ ଅଭିଜ୍ଞତାର ବିରୋଧୀ କି ନୁହେଁ । କୌଣସି ନୂତନ ସତ୍ୟ ଆବିଷ୍କୃତ ହେଲେ ତାହା ପୂର୍ବର କୌଣସି ସତ୍ୟକୁ ଖଣ୍ଡନ କରେ ନାହିଁ, ବରଂ ତାହା ପୂର୍ବ ସତ୍ୟ ସହିତ ସାମଞ୍ଜସ୍ୟ ସ୍ଥାପନ କରେ । ଚତୁର୍ଥତଃ, ଅନ୍ୟମାନଙ୍କ ପକ୍ଷରେ ମଧ୍ୟ ଏହି ସତ୍ୟ ପ୍ରତ୍ୟକ୍ଷ କରିବା ସମ୍ଭବ । ଯଦି କୌଣସି ବ୍ୟକ୍ତି କହେ, 'ମୁଁ ଏକ ଅଲୌକିକ ଦୃଶ୍ୟ ଦର୍ଶନ କରୁଅଛି', ପୁନର୍ବାର ସଙ୍ଗେ ସଙ୍ଗେ କହେ ଯେ, 'ତୁମର ଏହା ଦେଖିବାର କୌଣସି ଅଧିକାର ନାହିଁ', ତେବେ ମୁଁ ତା କଥା ବିଶ୍ୱାସ କରିବି ନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜେ ପ୍ରତ୍ୟକ୍ଷ କରିପାରେ, ତାହା ସତ୍ୟ କି ନୁହେଁ । ଯିଏ ନିଜର ଅର୍ଜିତ ଜ୍ଞାନ ବିକ୍ରୟ କରନ୍ତି, ସେ କେବେହେଲେ ଆପ୍ତ ନୁହନ୍ତି । ଏହି ସକଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ।

ପ୍ରଥମେ ଦେଖିବ କେବଳ ସେହି ବ୍ୟକ୍ତି ପବିତ୍ର ଯାହାଙ୍କର କୌଣସି ସ୍ୱାର୍ଥପୂର୍ଣ୍ଣ ଉଦ୍ଦେଶ୍ୟ ନାହିଁ, କୌଣସି ଲାଭ ଅଥବା ଯଶର ଆକାଙ୍କ୍ଷା ନାହିଁ । ଦ୍ୱିତୀୟତଃ, ତାହାଙ୍କୁ ପ୍ରମାଣିତ କରିବାକୁ ହେବ ଯେ ସେ ଜ୍ଞାନାତୀତ ଭୂମିକୁ ଆରୋହଣ କରିଅଛନ୍ତି । ସେ ଆମକୁ ଏପରି କିଛି ଦେବେ, ଯାହା ଆମେ ଇନ୍ଦ୍ରିୟଦ୍ୱାରା ଲାଭ କରିପାରିବୁ ନାହିଁ ଓ ଯାହା ଜଗତର କଲ୍ୟାଣକର । ତୃତୀୟତଃ ଦେଖିବାକୁ ହେବ, ତାହା ଯେପରି ଅନ୍ୟାନ୍ୟ ସତ୍ୟର ବିରୋଧୀ ନ ହୁଏ; ଅନ୍ୟାନ୍ୟ ବୈଜ୍ଞାନିକ ସତ୍ୟର ବିରୋଧୀ ହେଲେ ତତ୍‌କ୍ଷଣାତ୍ ତାହା ପରିତ୍ୟାଗ କର । ଚତୁର୍ଥତଃ ସେହି ବ୍ୟକ୍ତି ହିଁ ଯେ କେବଳ ଏହି ବିଷୟର ଅଧିକାରୀ, ଅନ୍ୟମାନେ ନୁହନ୍ତି, ତାହା କହିହେବ ନାହିଁ । ସମସ୍ତଙ୍କ ପକ୍ଷରେ ଯାହା ଲାଭ କରିବା ସମ୍ଭବ, କେବଳ ତାହା ସେ ନିଜ ଜୀବନରେ ପରିଣତ କରି ଆଦର୍ଶ ସ୍ଥାପନ କରିବେ । ତାହେଲେ ପ୍ରମାଣ ତିନି ପ୍ରକାର—ପ୍ରତ୍ୟକ୍ଷ ଇନ୍ଦ୍ରିୟାନୁଭୂତି, ଅନୁମାନ ଓ ଆପ୍ତବାକ୍ୟ । ଏହି ଆପ୍ତ କଥାଟି ଇଂରାଜୀରେ ଅନୁବାଦ କରିବା ସମ୍ଭବ ନୁହେଁ । ଏହାକୁ 'inspired' (ଅନୁପ୍ରାଣିତ) ଶବ୍ଦଦ୍ୱାରା ପ୍ରକାଶ କରିହେବ ନାହିଁ; କାରଣ ଏହି ଅନୁପ୍ରେରଣା ଯେପରିକି ବାହାରୁ ଆସିଥାଏ, ଆଉ ଏହି ଜ୍ଞାନ ଭିତରୁ ଆସେ । 'ଆପ୍ତ' ଶବ୍ଦର ଆକ୍ଷରିକ ଅର୍ଥ ହେଉଛି—ଯିଏ ପାଇଅଛନ୍ତି ।

**ବିପର୍ଯୟୋ ମିଥ୍ୟାଜ୍ଞାନମତଦ୍ରୂପପ୍ରତିଷ୍ଠମ୍ ॥ ୮ ॥**

—ବିପର୍ଯ୍ୟୟ ଅର୍ଥ ମିଥ୍ୟାଜ୍ଞାନ, ଯାହା ବସ୍ତୁର ପ୍ରକୃତ ସ୍ୱରୂପରେ ପ୍ରତିଷ୍ଠିତ ନୁହେଁ ।

ଆଉ ଏକ ପ୍ରକାର ବୃତ୍ତି ହେଉଛି, ଏକ ବସ୍ତୁରେ ଅନ୍ୟ ବସ୍ତୁର ଭ୍ରାନ୍ତି । ଏହାକୁ 'ବିପର୍ଯ୍ୟୟ' କହନ୍ତି; ଯଥା—ଶାମୁକାରେ ରଜତର ଭ୍ରମ ।

ଶବ୍ଦଜ୍ଞାନାନୁପାତୀ ବସ୍ତୁଶୂନ୍ୟୋ ବିକଳ୍ପଃ ॥ ୯ ॥

—କେବଳମାତ୍ର ଶବ୍ଦରୁ ଯେଉଁ ଜ୍ଞାନ ଉତ୍ପନ୍ନ ହୁଏ, ଅଥଚ ସେହି ଶବ୍ଦର ପ୍ରତିପାଦ୍ୟ ବସ୍ତୁର ଅସ୍ତିତ୍ୱ ଯଦି ନଥାଏ, ତାହାକୁ ବିକଳ୍ପ ଅର୍ଥାତ୍ ଶବ୍ଦଜାତ ଭ୍ରମ କହନ୍ତି ।

'ବିକଳ୍ପ' ନାମରେ ଆଉ ଏକ ପ୍ରକାର ବୃତ୍ତି ଅଛି । ଗୋଟିଏ କଥା ଶୁଣିଲୁ, ଆମେ ତାହାର ଅର୍ଥ ବିଚାର କରିବା ପାଇଁ ଅପେକ୍ଷା ନ କରି ଅତି ସତ୍ୱର ଗୋଟିଏ ସିଦ୍ଧାନ୍ତରେ ଉପସ୍ଥିତ ହେଲୁ । ଏହା ଚିତ୍ତର ଦୁର୍ବଳତାର ଚିହ୍ନ । ସଂଯମବିଷୟକ ମତବାଦଟି ବର୍ତ୍ତମାନ ଭଲ ଭାବରେ ବୁଝାଯିବ । ମନୁଷ୍ୟ ଯେତେ ଦୁର୍ବଳ ହୁଏ, ତାହାର ସଂଯମକ୍ଷମତା ସେତେ କମ୍ । ସର୍ବଦା ଏହି ସଂଯମର ମାନଦଣ୍ଡଦ୍ୱାରା ଆତ୍ମପରୀକ୍ଷା କରିବ । ଯେତେବେଳେ କ୍ରୋଧ ଅଥବା ଦୁଃଖର ଭାବ ତୁମ ନିକଟକୁ ଆସୁଛି, ସେତେବେଳେ ବିଚାର କରି ଦେଖ, କୌଣସି ଏକ ସମ୍ବାଦ ତୁମ ନିକଟକୁ ଆସିବା ମାତ୍ରେ କିପରି ଭାବରେ ତୁମର ମନ ଗୋଟିଏ ବୃତ୍ତିରେ ପରିଣତ ହେଉଅଛି ।

**ଅଭାବ ପ୍ରତ୍ୟୟାଲମ୍ବନା ବୃତ୍ତିର୍ନିଦ୍ରା ॥ ୧୦ ॥**

—ଯେଉଁ ବୃତ୍ତି ଶୂନ୍ୟଭାବକୁ ଅବଲମ୍ବନ କରି ରହିଥାଏ, ସେହି ବୃତ୍ତି ହିଁ ନିଦ୍ରା ।

ଅନ୍ୟ ଏକ ପ୍ରକାର ବୃତ୍ତିର ନାମ 'ନିଦ୍ରା'—ସ୍ୱପ୍ନ ଓ ସୁଷୁପ୍ତି । ଆମେ ଯେତେବେଳେ ନିଦରୁ ଉଠୁ, ସେତେବେଳେ ଜାଣିପାରୁ ଯେ ଆମେ ଶୋଇଥିଲୁ । ଅନୁଭୂତ ବିଷୟରେ ହିଁ କେବଳ ସ୍ମୃତି ହୋଇପାରେ । ଯାହା ଆମେ ଅନୁଭବ କରି ନାହୁଁ, ସେ ବିଷୟରେ ଆମର କୌଣସି ସ୍ମୃତି ଆସିପାରେ ନାହିଁ । ପ୍ରତ୍ୟେକ ପ୍ରତିକ୍ରିୟା ହିଁ ଚିତ୍ତହ୍ରଦର ଗୋଟିଏ ତରଙ୍ଗ ସଦୃଶ । ନିଦ୍ରାରେ ଯଦି ମନର କୌଣସି ପ୍ରକାର ବୃତ୍ତି ନଥାନ୍ତା, ତାହାହେଲେ ଏ ଅବସ୍ଥାରେ ଆମର

ଭାବାତ୍ମକ ବା ଅଭାବାତ୍ମକ କୌଣସି ଅନୁଭୂତି ରହନ୍ତା ନାହିଁ । ସୁତରାଂ ଆମେ ତାହା ସ୍ମରଣ ମଧ୍ୟ କରିପାରନ୍ତୁ ନାହିଁ । ଆମେ ଯେ ନିଦ୍ରାବସ୍ଥାର ସ୍ମରଣ କରିପାରୁ, ଏହାଦ୍ୱାରା ପ୍ରମାଣିତ ହେଉଅଛି ଯେ ନିଦ୍ରାବସ୍ଥାରେ ମନରେ ଏକ ପ୍ରକାର ତରଙ୍ଗ ଥିଲା, 'ସ୍ମୃତି' ମଧ୍ୟ ଅନ୍ୟ ଏକ ପ୍ରକାରର ବୃତ୍ତି ।

**ଅନୁଭୂତବିଷୟାସମ୍ପ୍ରମୋଷଃ ସ୍ମୃତିଃ ॥୧୧॥**

—ଅନୁଭୂତ ବିଷୟସକଳ ଯେତେବେଳେ ମନରୁ ଚାଲି ନ ଯାଏ (ସେତେବେଳେ ସଂସ୍କାରଦ୍ୱାରା ଜ୍ଞାନ-ଉତ୍ପତ୍ତି ହୁଏ), ସେତେବେଳେ ତାହାକୁ ସ୍ମୃତି କୁହାଯାଏ ।

ପୂର୍ବେ ଯେଉଁ ଚାରିପ୍ରକାର ବୃତ୍ତିବିଷୟ କଥିତ ହୋଇଅଛି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଟିରୁ ସ୍ମୃତି ଆସିପାରେ । ମନେକର, ତୁମେ ଗୋଟିଏ ଶବ୍ଦ ଶୁଣିଲ । ଏହି ଶବ୍ଦଟି ଯେପରି ଚିତ୍ତହ୍ରଦରେ ନିକ୍ଷିପ୍ତ ପ୍ରସ୍ତର ତୁଲ୍ୟ; ସେଥିରେ ଗୋଟିଏ କ୍ଷୁଦ୍ର ତରଙ୍ଗ ଉତ୍ପନ୍ନ ହୁଏ । ସେହି ତରଙ୍ଗଟି ପୁଣି ଆହୁରି ଅନେକ କ୍ଷୁଦ୍ର କ୍ଷୁଦ୍ର ତରଙ୍ଗଶ୍ରେଣୀ ଉତ୍ପନ୍ନ କରେ । ଏହା ହିଁ ସ୍ମୃତି, ନିଦ୍ରାରେ ମଧ୍ୟ ଏହି ଘଟଣା ଘଟିଥାଏ । ଯେତେବେଳେ ନିଦ୍ରା ନାମକ ତରଙ୍ଗବିଶେଷ ଚିତ୍ତ ଭିତରେ ସ୍ମୃତିରୂପକ ତରଙ୍ଗ-ପରମ୍ପରା ଉତ୍ପନ୍ନ କରେ, ସେତେବେଳେ ତାହାକୁ ସ୍ୱପ୍ନ କହନ୍ତି । ଜାଗ୍ରତ କାଳରେ ଯାହାକୁ 'ସ୍ମୃତି' କହନ୍ତି ନିଦ୍ରାକାଳରେ ତାହାକୁ ହିଁ 'ସ୍ୱପ୍ନ' କହିଥାନ୍ତି ।

**ଅଭ୍ୟାସବୈରାଗ୍ୟାଭ୍ୟାଂ ତନ୍ନିରୋଧଃ ॥ ୧୨ ॥**

—ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ଏହି ବୃତ୍ତିଗୁଡ଼ିକର ନିରୋଧ ହୁଏ ।

ଏହି ବୈରାଗ୍ୟ ଲାଭ କରିବାକୁ ହେଲେ ମନ ବିଶେଷ ରୂପେ ନିର୍ମଳ, ସତ୍ ଓ ବିଚାରପୂର୍ଣ୍ଣ ହେବା ଆବଶ୍ୟକ । ଅଭ୍ୟାସ କରିବା ଆବଶ୍ୟକ କାହିଁକି ? କାରଣ ପ୍ରତ୍ୟେକ କାର୍ଯ୍ୟ ହିଁ ହ୍ରଦର ଉପରିଭାଗସ୍ଥ କମ୍ପନଶୀଳ ସ୍ପନ୍ଦନ ମାତ୍ର । ଏହି କମ୍ପନ କ୍ରମଶଃ ମିଳେଇଯାଏ; ତା'ହେଲେ କ'ଣ ରହେ ? ସଂସ୍କାରସମୂହ ହିଁ ଅବଶିଷ୍ଟ ରହେ । ମନରେ ଏହିପରି ଅନେକ ସଂସ୍କାର ଜମିଲେ ସେଗୁଡ଼ିକ ଏକତ୍ର ହୋଇ ଅଭ୍ୟାସରେ ପରିଣତ ହୁଏ । 'ଅଭ୍ୟାସ ହିଁ ଦ୍ୱିତୀୟ ସ୍ୱଭାବ'— ଏହିପରି କଥିତ ହୋଇଥାଏ; କିନ୍ତୁ କେବଳ ଦ୍ୱିତୀୟ ସ୍ୱଭାବ ନୁହେଁ, ତାହା ପ୍ରଥମ ସ୍ୱଭାବ ମଧ୍ୟ । ମନୁଷ୍ୟର ସମସ୍ତ ସ୍ୱଭାବ ଏହି ଅଭ୍ୟାସ ଉପରେ ନିର୍ଭର କରେ । ଆମେ ବର୍ତ୍ତମାନ ଯେପରି ପ୍ରକୃତିବିଶିଷ୍ଟ ହୋଇଅଛୁ, ତାହା ପୂର୍ବ ଅଭ୍ୟାସର ଫଳ । ସମୁଦାୟ ଅଭ୍ୟାସର ଫଳ ଜାଣିପାରିଲେ ଆମ ମନରେ ସାନ୍ତ୍ୱନା ଆସେ, କାରଣ ଯଦି ଆମମାନଙ୍କର ବର୍ତ୍ତମାନ ସ୍ୱଭାବ କେବଳ ଅଭ୍ୟାସ ହେତୁ ହୋଇଥାଏ, ତା'ହେଲେ ଆମେ ଇଚ୍ଛା କଲେ ଏହି ଅଭ୍ୟାସକୁ ମଧ୍ୟ ଦୂର କରିପାରୁ । ଆମମାନଙ୍କ ମନ ଭିତର ଦେଇ ଯେଉଁ ଚିନ୍ତାସ୍ପନ୍ଦନଗୁଡ଼ିକ ଚାଲିଯାଏ, ସେଥିରୁ ପ୍ରତ୍ୟେକଟି ମନ ଉପରେ ଗୋଟିଏ ଗୋଟିଏ ଦାଗ ରଖିଯାଆନ୍ତି ଏବଂ ସଂସ୍କାରଗୁଡ଼ିକ ସେଗୁଡ଼ିକର ସମଷ୍ଟି । ଆମମାନଙ୍କ ଚରିତ୍ର ଏହି ସକଳ ସଂସ୍କାରର ସମଷ୍ଟିସ୍ୱରୂପ । ଯେତେବେଳେ କୌଣସି ବିଶେଷ ବୃତ୍ତିତରଙ୍ଗ ପ୍ରବଳ ହୁଏ, ସେତେବେଳେ ମନୁଷ୍ୟ ସେହି ଭାବରେ ଭାବାନ୍ୱିତ ହୁଏ । ଯେତେବେଳେ ସଦ୍‌ଗୁଣ ପ୍ରବଳ ହୁଏ, ସେତେବେଳେ ମନୁଷ୍ୟ ସତ୍ ହୁଏ; ଯଦି ମନ୍ଦଭାବ ପ୍ରବଳ ହୁଏ, ତେବେ ମନ୍ଦ ହୋଇଥାଏ । ଯଦି ଆନନ୍ଦର ଭାବ ପ୍ରବଳ ହୁଏ, ତେବେ ମନୁଷ୍ୟ ସୁଖୀ ହୋଇଥାଏ । ଅସତ୍ ଅଭ୍ୟାସର ଏକମାତ୍ର ପ୍ରତିକାର ହେଉଛି ତାହାର ବିପରୀତ ଅଭ୍ୟାସ

କରିବା । ଯେଉଁ ଅସତ୍ ଅଭ୍ୟାସ ଆମ ଚିତ୍ତରେ ସଂସ୍କାରବଦ୍ଧ ହୋଇଅଛି, କେବଳ ସତ୍ ଅଭ୍ୟାସଦ୍ୱାରା ସେଗୁଡ଼ିକୁ ନିୟନ୍ତ୍ରିତ କରିବାକୁ ହେବ । କେବଳ ସତ୍‌କାର୍ଯ୍ୟ କରିଯାଅ, ପବିତ୍ର ଚିନ୍ତା କର; ଅସତ୍ ସଂସ୍କାର ନିବାରଣର ଏହା ହିଁ ଏକମାତ୍ର ଉପାୟ । କେବେହେଲେ କହନାହିଁ ଅମୁକର ଆଉ ଆଶା ନାହିଁ; କାରଣ ଅସତ୍ ବ୍ୟକ୍ତି କେବଳ ଗୋଟିଏ ବିଶେଷ ପ୍ରକାର ଚରିତ୍ରର ପରିଚୟ ଦେଉଛି । ଚରିତ୍ର କେତେଗୁଡ଼ିଏ ଅଭ୍ୟାସର ସମଷ୍ଟି ମାତ୍ର; ସତ୍ ଅଭ୍ୟାସଦ୍ୱାରା ଏଗୁଡ଼ିକୁ ଦୂର କରାଯାଇପାରେ । ଚରିତ୍ର କେବଳ ପୁନଃ ପୁନଃ ଅଭ୍ୟାସର ସମଷ୍ଟି ମାତ୍ର । ପୁନଃପୁନଃ ଅଭ୍ୟାସ ହିଁ ଚରିତ୍ର ସଂଶୋଧନ କରିପାରେ ।

**ତତ୍ର ସ୍ଥିତୌ ଯତ୍ନୋଽଭ୍ୟାସଃ ॥୧୩॥**

—ଏହି ବୃତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଆୟତ୍ତରେ ରଖିବାର ଯେ ନିୟତ ଚେଷ୍ଟା, ତାହାକୁ 'ଅଭ୍ୟାସ' କୁହାଯାଏ ।

ଅଭ୍ୟାସ କାହାକୁ କହନ୍ତି ? ଚିତ୍ତରୂପୀ ମନକୁ ଦମନ କରିବାର ଚେଷ୍ଟା ଅର୍ଥାତ୍ ତାହାର ତରଙ୍ଗାକାରରେ ବହିର୍ଗମନ ନିବାରଣ କିରବାର ଚେଷ୍ଟା ହିଁ ଅଭ୍ୟାସ ।

**ସ ତୁ ଦୀର୍ଘକାଳନୈରନ୍ତର୍ଯସତ୍‌କାରାସେବିତୋ ଦୃଢ଼ଭୂମିଃ ॥୧୪॥**

—ଦୀର୍ଘକାଳଧରି ସର୍ବଦା ଅତ୍ୟନ୍ତ ଶ୍ରଦ୍ଧାସହିତ (ସେହି ପରମପଦ ପ୍ରାପ୍ତିର) ଚେଷ୍ଟା କରିବାଦ୍ୱାରା ଅଭ୍ୟାସ ଦୃଢ଼ ଭାବରେ ପ୍ରତିଷ୍ଠିତ ହୁଏ ।

ଏହି ସଂଯମ ଦିନକରେ ଆସେ ନାହିଁ, ଦୀର୍ଘକାଳ ନିରନ୍ତର ଅଭ୍ୟାସ କରିବାଦ୍ୱାରା ଆସେ ।

**ଦୃଷ୍ଟାନୁଶ୍ରବିକବିଷୟବିତୃଷ୍ଣସ୍ୟ ବଶୀକାରସଂଜ୍ଞା ବୈରାଗ୍ୟମ୍ ॥୧୫॥**

—ଦୃଷ୍ଟ ଅଥବା ଶ୍ରୁତ ସର୍ବପ୍ରକାର ବିଷୟର ଆକାଙ୍‌କ୍ଷା ଯିଏ ତ୍ୟାଗ କରିଛନ୍ତି, ତାଙ୍କ ନିକଟକୁ ଯେଉଁ ଅପୂର୍ବ ଭାବ ଆସେ, ଯାହାଦ୍ୱାରା ସେ ସମସ୍ତ ବିଷୟ-ବାସନାକୁ ଦମନ କରିଥାଆନ୍ତି ତାହାକୁ 'ବୈରାଗ୍ୟ' ବା ଅନାସକ୍ତି କହନ୍ତି ।

ଦୁଇଟି ଶକ୍ତି ଆମର ସମଗ୍ର କାର୍ଯ୍ୟପ୍ରବୃତ୍ତିର ନିୟାମକ—(୧) ଆମମାନଙ୍କ ନିଜର ଅଭିଜ୍ଞତା, (୨) ଅନ୍ୟର ଅଭିଜ୍ଞତା । ଏହି ଦୁଇ ଶକ୍ତି ଆମମାନଙ୍କ ମନୋହ୍ରଦରେ ନାନା ତରଙ୍ଗ ଉତ୍ପନ୍ନ କରୁଅଛି । ବୈରାଗ୍ୟ ଏହି ଶକ୍ତିଦ୍ୱୟ ବିରୋଧରେ ଯୁଦ୍ଧ କରିବାର ଓ ମନକୁ ବଶ କରିବାର ଶକ୍ତିସ୍ୱରୂପ । ସୁତରାଂ ଆମମାନଙ୍କର ପ୍ରୟୋଜନ, ଏହି କାର୍ଯ୍ୟପ୍ରବୃତ୍ତିର ନିୟାମକ ଶକ୍ତିଦ୍ୱୟଙ୍କୁ ତ୍ୟାଗ କରିବାର ଶକ୍ତି ଲାଭ କରିବା । ମନେକର, ମୁଁ ବାଟରେ ଯାଉଛି, ଜଣେ ଲୋକ ଆସି ମୋ ଘଣ୍ଟାଟି କାଢ଼ିନେଲା । ଏହା ମୋ ନିଜର ପ୍ରତ୍ୟକ୍ଷାନୁଭୂତି, ମୁଁ ନିଜେ ଦେଖିଲି, ତାହା ମୋ ଚିତ୍ତକୁ ତତ୍‌କ୍ଷଣାତ୍ କ୍ରୋଧରୂପକ ବୃତ୍ତିରେ ପରିଣତ କଲା । କିନ୍ତୁ ଏହାକୁ ଆସିବାକୁ ଦେବ ନାହିଁ । ଯଦି ଏହା ନିବାରଣ କରି ନ ପାର, ତାହାହେଲେ ଜୀବନସଂଗ୍ରାମରେ ତୁମର କୌଣସି ମୂଲ୍ୟ ନାହିଁ । ଯଦି ନିବାରଣ କରିପାର, ତେବେ ତୁମର ବୈରାଗ୍ୟ ଅଛି ବୋଲି ବୁଝିବାକୁ ହେବ । ପୁନଶ୍ଚ ସଂସାରୀ ଲୋକ ଯେଉଁ ଭାବରେ ବିଷୟଭୋଗ କରନ୍ତି, ସେଥିରୁ ଆମର ବୋଧହୁଏ ଯେପରି କି ବିଷୟଭୋଗ ହିଁ ଜୀବନର ଚରମ ଲକ୍ଷ୍ୟ । ଏଗୁଡ଼ିକ ଆମର ଭୟଙ୍କର ପ୍ରଲୋଭନ । ଏଗୁଡ଼ିକୁ ଅସ୍ୱୀକାର କରିବା, ଅର୍ଥାତ୍ ଏଗୁଡ଼ିକୁ ଗ୍ରହଣ କରି ମନକୁ ବୃତ୍ତି-ଆକାର ଧାରଣ କରିବାକୁ ନ ଦେବା ହିଁ ବୈରାଗ୍ୟ । ସ୍ୱାନୁଭୂତ ଓ ପରାନୁଭୂତ ବିଷୟରୁ

ଆମମାନଙ୍କ ମନରେ ଯେଉଁ ଦୁଇ ପ୍ରକାର କାର୍ଯ୍ୟପ୍ରବୃତ୍ତିର ଉତ୍ପତ୍ତି ହୁଏ, ସେଗୁଡ଼ିକୁ ଦମନ କରିବା ଏବଂ ଚିତ୍ତକୁ ସେମାନଙ୍କର ବଶୀଭୂତ ହେବାକୁ ନ ଦେବା ହିଁ ବୈରାଗ୍ୟ । ପ୍ରବୃତ୍ତିଗୁଡ଼ିକ ଯେପରି ମୋ ଆୟତ୍ତରେ ରହନ୍ତି, ମୁଁ ଯେପରି ସେମାନଙ୍କ ଆୟତ୍ତାଧୀନ ନ ହୁଏ—ଏହି ପ୍ରକାର ମାନସିକ ଶକ୍ତିକୁ ବୈରାଗ୍ୟ କହନ୍ତି । ବୈରାଗ୍ୟ ମୁକ୍ତିର ଏକମାତ୍ର ଉପାୟ ।

**ତତ୍‌ପରଂ ପୁରୁଷଖ୍ୟାତେର୍ଗୁଣବୈତୃଷ୍ୟମ୍ ॥୧୬॥**

—ଯେଉଁ ତୀବ୍ର ବୈରାଗ୍ୟ ଲାଭ ହେଲେ ଆମେ ଗୁଣଗୁଡ଼ିକରେ ମଧ୍ୟ ବୀତରାଗ ହେଉ ଓ ସେଗୁଡ଼ିକୁ ପରିତ୍ୟାଗ କରୁ, ତାହା ହିଁ ପୁରୁଷର ପ୍ରକୃତ ସ୍ୱରୂପ ପ୍ରକାଶ କରିଥାଏ ।

ଯେତେବେଳେ ଏହି ବୈରାଗ୍ୟ ଗୁଣ ପ୍ରତି ଆମ ଆସକ୍ତିକୁ ମଧ୍ୟ ପରିତ୍ୟାଗ କରାଏ, ସେତେବେଳେ ତାହା ହିଁ ଶକ୍ତିର ଉଚ୍ଚତମ ବିକାଶ ! ପ୍ରଥମେ ପୁରୁଷ ବା ଆତ୍ମା କଣ, ଗୁଣଗୁଡ଼ିକ କଣ, ତାହା ଆମେ ଜାଣିବା ଉଚିତ । ଯୋଗଦର୍ଶନ ମତରେ ସମଗ୍ର ପ୍ରକୃତିରେ ତିନୋଟି ଶକ୍ତି ବା ଗୁଣ ଅଛି; ଏହି ଗୁଣଗୁଡ଼ିକରୁ ଗୋଟିକର ନାମ ତମଃ, ଅପରଟି ରଜଃ ଓ ତୃତୀୟଟି ସତ୍ତ୍ୱ । ଏହି ତିନି ଗୁଣ ବାହ୍ୟ ଜଗତରେ ଅନ୍ଧକାର ବା ଆଳସ୍ୟ, ଆକର୍ଷଣ ବା ବିକର୍ଷଣ ଏବଂ ସେମାନଙ୍କର ସାମ୍ୟଭାବ—ଏହି ତ୍ରିବିଧ ଭାବରେ ପ୍ରକାଶ ପାଏ । ସମୁଦାୟ ପ୍ରକୃତି ଯାହା କିଛି ଆମେ ଦେଖୁଛୁ, ସବୁ ଏହି ତିନି ଶକ୍ତିର ସଂଯୋଗରେ ଉତ୍ପନ୍ନ । ସାଂଖ୍ୟଗଣ ପ୍ରକୃତିକୁ ନାନାପ୍ରକାର ତତ୍ତ୍ୱରେ ବିଭକ୍ତ କରିଛନ୍ତି; ମନୁଷ୍ୟର ଆତ୍ମା ଏଗୁଡ଼ିକର ବାହାରେ, ପ୍ରକୃତିର ବାହାରେ; ତାହା ସ୍ୱପ୍ରକାଶ, ଶୁଦ୍ଧ ଓ ପୂର୍ଣ୍ଣ ସ୍ୱରୂପ । ପ୍ରକୃତିରେ ଯେଉଁ ଚୈତନ୍ୟର ପ୍ରକାଶ ଦେଖିବାକୁ ମିଳେ, ତାହା ପ୍ରକୃତି ଉପରେ ଆତ୍ମାର ପ୍ରତିବିମ୍ବ ମାତ୍ର । ପ୍ରକୃତି ନିଜେ ଜଡ଼ । ଏହା ସ୍ମରଣ ରଖିବା ଉଚିତ ଯେ, ପ୍ରକୃତି କହିଲେ ତାହା ସହିତ ମନ ମଧ୍ୟ ଯୁକ୍ତ ଅଛି । ମନ ପ୍ରକୃତିର ଅନ୍ତର୍ଗତ, ଚିନ୍ତା ମଧ୍ୟ ପ୍ରକୃତିର ଅନ୍ତର୍ଗତ । ଚିନ୍ତାରୁ ଆରମ୍ଭ କରି ଅତି ସ୍ଥୂଳତମ ଭୂତ ପର୍ଯ୍ୟନ୍ତ ସମସ୍ତ ହିଁ ପ୍ରକୃତିର ଅନ୍ତର୍ଗତ—ପ୍ରକୃତିର ବିଭିନ୍ନ ବିକାଶ ମାତ୍ର । ଏହି ପ୍ରକୃତି ମନୁଷ୍ୟର ଆତ୍ମାକୁ ଆବୃତ୍ତ କରି ରଖିଅଛି; ଯେତେବେଳେ ପ୍ରକୃତି ଏହି ଆବରଣ ଉଠାଇନିଏ, ସେତେବେଳେ ଆତ୍ମା ସ୍ୱମହିମାରେ ପ୍ରକାଶିତ ହୁଅନ୍ତି । ପଞ୍ଚଦଶ ସୂତ୍ରରେ ବର୍ଣ୍ଣିତ ଏହି ବୈରାଗ୍ୟଦ୍ୱାରା ପ୍ରକୃତି ବଶୀଭୂତ ହୁଏ ବୋଲି ତାହା ଆତ୍ମପ୍ରକାଶର ସହାୟକ । ପର ସୂତ୍ରରେ ସମାଧି ଅର୍ଥାତ୍ ପୂର୍ଣ୍ଣ ଏକାଗ୍ରତାର ଲକ୍ଷଣ ବର୍ଣ୍ଣନା କରାଯାଇଛି । ଏହା ଯୋଗୀର ଚରମ ଲକ୍ଷ୍ୟ ।

**ବିତର୍କବିଚାରାନନ୍ଦାସ୍ମିତାନୁଗମାତ୍* ସମ୍ପ୍ରଜ୍ଞାତଃ ॥୧୭॥**

—ଯେଉଁ ସମାଧିରେ ବିତର୍କ, ବିଚାର, ଆନନ୍ଦ ଓ ଅସ୍ମିତା ଅନୁଗତ ଥାଏ, ତାହାକୁ ସମ୍ପ୍ରଜ୍ଞାତ ବା ସମ୍ୟକ୍ ଜ୍ଞାନପୂର୍ବକ ସମାଧି କୁହାଯାଏ ।

ସମାଧି ଦୁଇ ପ୍ରକାର । ଗୋଟିଏକୁ 'ସଂପ୍ରଜ୍ଞାତ' ଓ ଅନ୍ୟଟିକୁ 'ଅସଂପ୍ରଜ୍ଞାତ' କୁହାଯାଏ । ଏହି ସଂପ୍ରଜ୍ଞାତ ସମାଧିରେ ପ୍ରକୃତିକୁ ବଶୀଭୂତ କରିବାର ସମଗ୍ର ଶକ୍ତି ଆସେ । ସଂପ୍ରଜ୍ଞାତ ସମାଧି ପୁଣି ଚାରି ପ୍ରକାର । ପ୍ରଥମ ପ୍ରକାରକୁ 'ସବିତର୍କ ସମାଧି' କହନ୍ତି । ଏହି ସମାଧିରେ ମନକୁ ଅନ୍ୟାନ୍ୟ ବିଷୟରୁ କାଢ଼ିଆଣି କୌଣସି ଏକ ବିଷୟର ପୁନଃ ପୁନଃ ଅନୁଧ୍ୟାନରେ ନିଯୁକ୍ତ କରିବାକୁ ପଡ଼େ । ଏପରି ଚିନ୍ତା ବା ଧ୍ୟାନର ବିଷୟ ଦୁଇ ପ୍ରକାର:—(୧) ଚତୁର୍ବିଂଶତି (ଜଡ଼)

* ପାଠାନ୍ତର: ବିତର୍କବିଚାରାନନ୍ଦାସ୍ମିତାରୂପାନୁଗମାତ୍ ।

ତତ୍ତ୍ୱ ଓ (୨) ଚେତନ ପୁରୁଷ । ଯୋଗର ଏହି ଅଂଶଟି ସମ୍ପୂର୍ଣ୍ଣ ରୂପେ ସାଂଖ୍ୟଦର୍ଶନ ଉପରେ ସ୍ଥାପିତ । ଏହି ସାଂଖ୍ୟଦର୍ଶନର କଥା ତୁମମାନଙ୍କୁ ପୂର୍ବରୁ କହିଅଛି । ତୁମମାନଙ୍କର ସ୍ମରଣ ଥାଇପାରେ ମନ, ବୁଦ୍ଧି ଓ ଅହଙ୍କାର-ଏଗୁଡ଼ିକର ଗୋଟିଏ ସାଧାରଣ ଭିତ୍ତିଭୂମି ଅଛି ଯାହାକୁ 'ଚିତ୍ତ' କହନ୍ତି । ଚିତ୍ତରୁ ହିଁ ସେଗୁଡ଼ିକର ଉତ୍ପତ୍ତି । ଏହି ଚିତ୍ତ ପ୍ରକୃତିରୁ ଭିନ୍ନ ଭିନ୍ନ ଶକ୍ତି ଗ୍ରହଣ କରି ସେଗୁଡ଼ିକୁ ଚିନ୍ତାରୂପରେ ପରିଣତ କରେ । ପୁନଶ୍ଚ ଶକ୍ତି ଓ ଜଡ଼ପଦାର୍ଥ ଉଭୟଙ୍କର କାରଣସ୍ୱରୂପ ଏକ ପଦାର୍ଥ ଅଛି, ତାହା ସ୍ୱୀକାର କରିବାକୁ ହେବ । ଏହାକୁ 'ଅବ୍ୟକ୍ତ' କହନ୍ତି- ତାହା ସୃଷ୍ଟିର ପ୍ରାକ୍‌କାଳୀନ ପ୍ରକୃତିର ଅପ୍ରକାଶିତ ଅବସ୍ଥା । କଳ୍ପାନ୍ତରେ ସମଗ୍ର ପ୍ରକୃତି ସେଠାକୁ ପ୍ରତ୍ୟାବର୍ତ୍ତନ କରେ, ପୁଣି କିଛିକାଳ ପରେ ପରକଳ୍ପରେ ସେଥିରୁ ସମୁଦାୟ ପୁନରାବିର୍ଭୂତ ହୁଏ । ଏହି ସମସ୍ତର ଅତୀତ ପ୍ରଦେଶରେ ଚୈତନ୍ୟମୟ ପୁରୁଷ ରହିଛନ୍ତି । ଜ୍ଞାନ ହିଁ ପ୍ରକୃତ ଶକ୍ତି । କୌଣସି ବସ୍ତୁ ସମ୍ବନ୍ଧରେ ଜ୍ଞାନଲାଭ ହେଲେ ଆମେ ତାହା ଉପରେ କ୍ଷମତା ଲାଭ କରୁ । ଯେତେବେଳେ ଆମମାନଙ୍କ ମନ ଭିନ୍ନ ଭିନ୍ନ ବିଷୟ ଉପରେ ଧ୍ୟାନ କରେ, ସେତେବେଳେ ସେଗୁଡ଼ିକ ଉପରେ ଏହା କ୍ଷମତା ଲାଭ କରିଥାଏ । ଯେଉଁ ସମାଧିରେ ସ୍ଥୂଳ ଭୂତଗଣ ଧ୍ୟେୟ ବସ୍ତୁ ହୁଅନ୍ତି, ତାହାକୁ ସବିତର୍କ କହନ୍ତି । 'ବିତର୍କ' ଅର୍ଥ ପ୍ରଶ୍ନ—'ସବିତର୍କ' ଅର୍ଥ ପ୍ରଶ୍ନ ସହିତ । ଯେଉଁ ପ୍ରକାର ଧ୍ୟାନରେ ଭୂତସମୂହ ସେମାନଙ୍କ ଅନ୍ତର୍ଗତ ସତ୍ୟ ଓ ସେମାନଙ୍କର ସମଗ୍ର ଶକ୍ତି ଏହି ଧ୍ୟାନପରାୟଣ ପୁରୁଷଙ୍କୁ ପ୍ରଦାନ କରନ୍ତି—ଯେପରିକି ଏଥିପାଇଁ ଆମେ ଭୂତଗୁଡ଼ିକୁ ପ୍ରଶ୍ନ କରିଥିଲୁ—ତାହାକୁ 'ସବିତର୍କ' କୁହାଯାଏ । କିନ୍ତୁ କେବଳ ଶକ୍ତି ଲାଭ କଲେ ମୁକ୍ତି ହୁଏ ନାହିଁ । ତାହା କେବଳ ଭୋଗର ଚେଷ୍ଟା । ଆମ ଜୀବନରେ ଯଥାର୍ଥ ଭୋଗ ବୋଲି କିଛି ନାହିଁ । ଭୋଗ-ସୁଖର ଅନ୍ୱେଷଣ ବୃଥା; ଏହା ଜଗତରେ ଅତି ପ୍ରାଚୀନ ଉପଦେଶ; କିନ୍ତୁ ମନୁଷ୍ୟ ପକ୍ଷରେ ଏହା ଧାରଣା କରିବା ଅତି କଠିନ । ଯେତେବେଳେ ସେ ଏହା ଧାରଣା କରିପାରେ, ସେତେବେଳେ ସେ ଜଗତର ଅତୀତ ହୋଇ ମୁକ୍ତ ହୁଏ । ଉକ୍ତ ଶକ୍ତିଗୁଡ଼ିକୁ ସାଧାରଣତଃ ଗୁହ୍ୟଶକ୍ତି କହନ୍ତି । ତାହା ଲାଭ କଲେ ଭୋଗର ବୃଦ୍ଧି ହୁଏ ମାତ୍ର; କିନ୍ତୁ ପରିଶେଷରେ ସେଥିରୁ ଯନ୍ତ୍ରଣା ମଧ୍ୟ ବୃଦ୍ଧିପାଏ । ବୈଜ୍ଞାନିକ ଦୃଷ୍ଟିରୁ ଦେଖି ପତଞ୍ଜଳି ଏହି ଗୁହ୍ୟଶକ୍ତି ଲାଭର ସମ୍ଭାବନା ସ୍ୱୀକାର କରିଛନ୍ତି; କିନ୍ତୁ ଏହି ସକଳ ଶକ୍ତିର ପ୍ରଲୋଭନରୁ ଆମକୁ ସାବଧାନ କରିଦେବା ସେ ନିଜର କର୍ତ୍ତବ୍ୟ ବୋଲି ମନେ କରିଛନ୍ତି ।

ପୁନଶ୍ଚ ସେହି ଧ୍ୟାନରେ ଯେତେବେଳେ ଭୂତସମୂହକୁ ଦେଶ ଓ କାଳରୁ ପୃଥକ୍ କରି ଚିନ୍ତା କରାଯାଏ, ସେତେବେଳେ ତାହାକୁ ନିର୍ବିତର୍କ ସମାଧି କହନ୍ତି । ଯେତେବେଳେ ଧ୍ୟାନ ଆଉ ଏକ ସୋପାନ ଅଗ୍ରସର ହୁଏ ଏବଂ ତନ୍ମାତ୍ରଗୁଡ଼ିକୁ ଧ୍ୟାନର ବିଷୟ କରି ସେଗୁଡ଼ିକୁ ଦେଶକାଳର ଅନ୍ତର୍ଗତ ବୋଲି ଚିନ୍ତା କରାଯାଏ, ସେତେବେଳେ ଏହି ଧ୍ୟାନକୁ 'ସବିଚାର ସମାଧି' କହନ୍ତି । ପୁଣି ଏହି ସମାଧିରେ ଯେତେବେଳେ ଏହି ସୂକ୍ଷ୍ମ ଭୂତଗୁଡ଼ିକର ଦେଶକାଳ ବିବର୍ଜିତ ସ୍ୱସ୍ୱରୂପର ଚିନ୍ତା କରାଯାଏ, ସେତେବଳେ ତାହାକୁ 'ନିର୍ବିଚାର ସମାଧି' କହନ୍ତି । ପରବର୍ତ୍ତୀ ସୋପାନରେ ସୂକ୍ଷ୍ମ ଓ ସ୍ଥୂଳ ଉଭୟ ପ୍ରକାର ଭୂତର ଚିନ୍ତା ପରିତ୍ୟାଗ କରି ଅନ୍ତଃକରଣକୁ—ମନକୁ ଧ୍ୟାନର ବିଷୟ କରିବାକୁ ହୁଏ । ଯେତେବେଳେ ଅନ୍ତଃକରଣକୁ ରଜସ୍ତମୋଗୁଣରୁ ପୃଥକ୍ କରି ଚିନ୍ତା କରାଯାଏ, ସେତେବେଳେ ଏହାକୁ 'ସାନନ୍ଦ ସମାଧି' କହନ୍ତି । ଯେତେବେଳେ ମନ ହିଁ ଧ୍ୟାନର ବିଷୟ ହୁଏ, ଯେତେବେଳେ ଏହି ସମାଧି ଏକାଗ୍ର ଓ ପରିପକ୍ୱ ହୋଇଯାଏ; ସେତେବେଳେ

ସ୍ଥୂଳ, ସୂକ୍ଷ୍ମ ସମଗ୍ର ଭୂତର  ଚିନ୍ତା ପରିତ୍ୟକ୍ତ ହୋଇ ମନର ସ୍ୱରୂପାବସ୍ଥା ହିଁ ଧ୍ୟେୟ ବିଷୟ ହୁଏ ଏବଂ ଅନ୍ୟାନ୍ୟ ବିଷୟଠାରୁ ପୃଥକୀକୃତ ହୋଇ କେବଳ ସାତ୍ତ୍ୱିକ ଅହଂକାର ଅବଶିଷ୍ଟ ରହେ, ସେତେବେଳେ ତାହାକୁ 'ଅସ୍ମିତା-ସମାଧି' କୁହାଯାଏ । ଏ ଅବସ୍ଥାରେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ମନର ଅତୀତକୁ ଆମେ ଯାଇପାରୁ ନାହିଁ । ଯେଉଁ ବ୍ୟକ୍ତି ଏ ଅବସ୍ଥା ଲାଭ କରିଛନ୍ତି, ସେ ବେଦରେ 'ବିଦେହ' ବୋଲି ଉକ୍ତ ହୋଇଥାଆନ୍ତି । ସେ ନିଜକୁ ସ୍ଥୂଳଦେହଶୂନ୍ୟରୂପେ ଚିନ୍ତା କରିପାରନ୍ତି ସତ; କିନ୍ତୁ ତାଙ୍କୁ ନିଜକୁ ସୂକ୍ଷ୍ମ ଶରୀରଧାରୀ ବୋଲି ଅବଶ୍ୟ ଚିନ୍ତା କରିବାକୁ ହେବ । ଯେଉଁମାନେ ଏହି ଅବସ୍ଥାରେ ରହି ସୁଦ୍ଧା ପରମପଦ ଲାଭ ନ କରି ପ୍ରକୃତିରେ ଲୟପ୍ରାପ୍ତ ହୁଅନ୍ତି, ସେମାନଙ୍କୁ 'ପ୍ରକୃତିଲୀନ' କୁହାଯାଏ; କିନ୍ତୁ ଯେଉଁମାନେ ଏଥିରେ ସନ୍ତୁଷ୍ଟ ହୁଅନ୍ତି ନାହିଁ, ସେମାନେ ହିଁ ଚରମ ଲକ୍ଷ୍ୟ ମୁକ୍ତି ଲାଭ କରନ୍ତି ।

**ବିରାମ-ପ୍ରତ୍ୟୟାଭ୍ୟାସପୂର୍ବଃ ସଂସ୍କାରଶେଷୋଽନ୍ୟଃ ॥୧୮॥**

—ଅନ୍ୟ (ଅସମ୍ପ୍ରଜ୍ଞାତ) ସମାଧିରେ ସର୍ବଦା ସମୁଦାୟ ମାନସିକ କ୍ରିୟାର ବିରାମ ଅଭ୍ୟାସ କରିବାକୁ ହୁଏ; (ଏଥିରେ) କେବଳ ଚିତ୍ତର ଦୃଢ଼ ସଂସ୍କାର ମାତ୍ର ଅବଶିଷ୍ଟ ଥାଏ ।

ଏହା ହିଁ ପୂର୍ଣ୍ଣ ଜ୍ଞାନାତୀତ 'ଅସଂପ୍ରଜ୍ଞାତ ସମାଧି'; ଏହି ସମାଧି ଆମମାନଙ୍କୁ ମୁକ୍ତି ଦେଇଥାଏ । ପ୍ରଥମେ ଯେଉଁ ସମାଧି କଥା କୁହାଯାଇଅଛି, ତାହା ଆମକୁ ମୁକ୍ତି ଦେଇପାରେ ନାହିଁ—ଆତ୍ମାକୁ ମୁକ୍ତ କରିପାରେ ନାହିଁ । ଜଣେ ବ୍ୟକ୍ତି ସମଗ୍ର ଶକ୍ତି ଲାଭ କରିପାରେ, କିନ୍ତୁ ତା'ର ପୁନରାୟ ପତନ ହେବ । ଯେପର୍ଯ୍ୟନ୍ତ ଆତ୍ମାପ୍ରକୃତିର ଅତୀତ ଅବସ୍ଥାକୁ (ସଂପ୍ରଜ୍ଞାତ ସମାଧିର ଅତୀତକୁ) ଯାଇ ନ ପାରିଛି, ସେପର୍ଯ୍ୟନ୍ତ ପତନର ଭୟ ରହିବ । ଧ୍ୟାନର ଏହି ପ୍ରଣାଳୀ ଖୁବ୍ ସହଜ ବୋଲି ବୋଧ ହେଲେ ସୁଦ୍ଧା ଏହା ଲାଭ କରିବା ଅତ୍ୟନ୍ତ କଠିନ । ଏହାର ପ୍ରଣାଳୀ ହେଉଛି—ମନକୁ ଧ୍ୟାନର ବିଷୟ କରିବା । ଯେଉଁ ମୁହୂର୍ତ୍ତରେ ମନରେ କୌଣସି ଚିନ୍ତା ଆସିବ, ସେତେବେଳେ ଏହାକୁ ଦମନ କର; ମନରେ କୌଣସି ପ୍ରକାର ଚିନ୍ତା ନ ଆଣି ତାହାକୁ ସମ୍ପୂର୍ଣ୍ଣ ରୂପେ ଶୂନ୍ୟ କର । ଯେତେବେଳେ ଆମେ ଯଥାର୍ଥରୂପେ ଏହା ସାଧନ କରିପାରିବୁ, ସେତେବେଳେ ଆମେ ମୁକ୍ତିଲାଭ କରିବୁ । ପୂର୍ବର ସାଧନ ଯେଉଁମାନଙ୍କର ଆୟତ୍ତ ହୋଇ ନାହିଁ, ସେମାନେ ଯେତେବେଳେ ମନକୁ ଶୂନ୍ୟ କରିବାକୁ ଚେଷ୍ଟା କରନ୍ତି, ସେତେବେଳେ ସେମାନଙ୍କର ଚିତ୍ତ ଅଜ୍ଞାନସ୍ୱଭାବ ତମୋଗୁଣଦ୍ୱାରା ଆବୃତ ହୋଇଯାଏ—ତମୋଗୁଣ ସେମାନଙ୍କ ମନକୁ ଅଳସ ଓ ଅକର୍ମଣ୍ୟ କରିପକାଏ । ସେମାନେ କିନ୍ତୁ ମନେକରନ୍ତି, 'ଆମେ ମନକୁ ଶୂନ୍ୟ କରୁଛୁ' । ଏହା ସଠିକ ଭାବରେ ସମାଧାନ କରିପାରିବା ଉଚ୍ଚତମ ଶକ୍ତିର ପ୍ରକାଶ । ଯେତେବେଳେ ଏହି ଅସଂପ୍ରଜ୍ଞାତ ଅର୍ଥାତ୍ ଜ୍ଞାନାତୀତ ଅବସ୍ଥା ଲାଭ ହୁଏ, ସେତେବେଳେ ସମାଧି ନିର୍ବୀଜ ହୋଇଯାଏ । ଏହାର ଅର୍ଥ କଅଣ ? ସଂପ୍ରଜ୍ଞାତ ସମାଧିରେ ଚିତ୍ତବୃତ୍ତିଗୁଡ଼ିକ ଦମିତ ହୁଏ ମାତ୍ର, ଅର୍ଥାତ୍ ସେଗୁଡ଼ିକ ସଂସ୍କାର ବା ବୀଜାକାରରେ ରହିଥାଏ । ସମୟ ଆସିଲେ ପୁନରାୟ ତରଙ୍ଗାକାରରେ ପ୍ରକାଶିତ ହୁଏ । କିନ୍ତୁ ଯେତେବେଳେ ସଂସ୍କାର ପର୍ଯ୍ୟନ୍ତ ଧ୍ୱଂସ ହୋଇଯାଏ, ସେତେବେଳେ ମନ ପ୍ରାୟ ବିନଷ୍ଟ ହୋଇଆସେ, ସେତେବେଳେ ସମାଧି ନିର୍ବୀଜ ହୋଇଥାଏ । ସେତେବେଳେ ମନ ଭିତରେ ଏପରି କୌଣସି ସଂସ୍କାରର ବୀଜ ରହେ ନାହିଁ, ଯେଉଁଥିରୁ ଏହି ଜୀବନଚକ୍ର ପୁନଃ ଆବର୍ତ୍ତିତ ହୋଇପାରିବ—ଯେଉଁଥିରୁ ଏହି ଅବିରାମ ଜନ୍ମମୃତ୍ୟୁ ପୁନଃ ଆବର୍ତ୍ତିତ ହୋଇପାରିବ ।

ଅବଶ୍ୟ ତୁମେମାନେ ପଚାରିପାର, ଯେଉଁ ଅବସ୍ଥାରେ ଜ୍ଞାନ ରହିବ ନାହିଁ, ଯେଉଁଠାରେ ମନ ରହିବ ନାହିଁ, ତାହା ପୁଣି କିପରି ଅବସ୍ଥା ? ଯାହାକୁ ଆମେ 'ଜ୍ଞାନ' କହୁ, ତାହା ଏହି ଜ୍ଞାନାତୀତ ଅବସ୍ଥା ତୁଳନାରେ ଏକ ନିମ୍ନତର ଅବସ୍ଥା । ଏହା ସର୍ବଦା ସ୍ମରଣ ରଖିବା ଉଚିତ ଯେ, କୌଣସି ବିଷୟର ସର୍ବୋଚ୍ଚ ଓ ସର୍ବନିମ୍ନ ପ୍ରାନ୍ତଦ୍ୱୟ ପ୍ରାୟ ଏକାପ୍ରକାର ଦେଖାଯାଆନ୍ତି । ଇଥରର କମ୍ପନ ମୃଦୁତମ ହେଲେ ତାହାକୁ 'ଅନ୍ଧକାର' କହନ୍ତି, ମଧ୍ୟ-ଅବସ୍ଥାରେ ତାହା ଆଲୋକ ଓ ତାହାର ଉଚ୍ଚତମ କମ୍ପନ ପୁଣି ଅନ୍ଧକାର । କିନ୍ତୁ ଏ ଦୁଇ ପ୍ରକାର ଅନ୍ଧକାର କଅଣ ସମାନ ? ସେଥିରୁ ଗୋଟିଏ ପ୍ରକୃତ ଅନ୍ଧକାର, ଅପରଟି ତୀବ୍ର ଆଲୋକ, ତଥାପି ଉଭୟ ଆପାତତଃ ଏକ ପ୍ରକାରର । ଅତଏବ ଅଜ୍ଞାନ ସର୍ବାପେକ୍ଷା ନିମ୍ନାବସ୍ଥା, ଜ୍ଞାନ ମଧ୍ୟାବସ୍ଥା, କାରଣ ଏହି ଜ୍ଞାନର ଅତୀତ ଗୋଟିଏ ଉଚ୍ଚ ଅବସ୍ଥା ଅଛି । କିନ୍ତୁ ଅଜ୍ଞାନାବସ୍ଥା ଓ ଜ୍ଞାନାତୀତ ଅବସ୍ଥା ଦେଖିବାକୁ ଗଲେ ଏକପ୍ରକାରର । ଆମେ ଯାହାକୁ 'ଜ୍ଞାନ' କହୁ, ତାହା ଏକ ମିଶ୍ର ପଦାର୍ଥ, ତାହା ଚରମ ସତ୍ୟ ନୁହେଁ । ଏହି ଉଚ୍ଚତର ସମାଧି ଅଭ୍ୟାସ କଲେ କଅଣ ହେବ ? ଫଳରେ ଆମର ଅସ୍ଥିରତା ଓ ଜଡ଼ତ୍ୱ ପ୍ରତି ମନର ଯେଉଁ ପ୍ରବଣତା ଥିଲା, ତାହା ନଷ୍ଟ ହୋଇଯିବ ଏବଂ ସଙ୍ଗେ ସଙ୍ଗେ ସଦ୍‌ପ୍ରକୃତିର ମଧ୍ୟ ନାଶ ହୋଇଯିବ । ଅପରିଷ୍କୃତ ସୁବର୍ଣ୍ଣରୁ ତାହାର ଖାଦ ବାହାର କରିବା ପାଇଁ କୌଣସି ରାସାୟନିକ ଦ୍ରବ୍ୟ ବ୍ୟବହାର କଲେ ଯାହା ହୁଏ, ଏ କ୍ଷେତ୍ରରେ ମଧ୍ୟ ଠିକ୍ ତାହା ହୋଇଥାଏ । ଯେତେବେଳେ ଖଣିରୁ ଉତ୍ତୋଳିତ ଧାତୁକୁ ତରଳାଯାଏ, ସେତେବେଳେ ଯେଉଁ ରାସାୟନିକ ପଦାର୍ଥଗୁଡ଼ିକ ତାହା ସହିତ ମିଶ୍ରିତ କରିବାକୁ ପଡ଼େ ସେଗୁଡ଼ିକ ଏହି ଖାଦ ସହିତ ତରଳିଯାଏ । ଏହିପରି ସଂଯମଶକ୍ତି ବଳରେ ପୂର୍ବର ଅସତ୍ ପ୍ରବୃତ୍ତି ଓ ତତ୍‌ସହିତ ସଦ୍‌ପ୍ରବୃତ୍ତିଗୁଡ଼ିକ ମଧ୍ୟ ଚାଲିଯିବ । ଏହିପରି ସଦସତ୍ ପ୍ରବୃତ୍ତିଦ୍ୱୟ ପରସ୍ପରକୁ ଅଭିଭୂତ କରିପକାଇବ । ଭଲମନ୍ଦ ସର୍ବବନ୍ଧନବିମୁକ୍ତ ହୋଇ ଆତ୍ମା ସ୍ୱ-ମହିମାରେ ସର୍ବବ୍ୟାପୀ, ସର୍ବଶକ୍ତିମାନ୍ ଓ ସର୍ବଜ୍ଞରୂପେ ଅବସ୍ଥାନ କରିବେ । ସମସ୍ତ ଶକ୍ତି ତ୍ୟାଗ କରି ଆତ୍ମା ସର୍ବଶକ୍ତିମାନ ହୁଅନ୍ତି; ଜୀବନର ଅଭିମାନ ତ୍ୟାଗ କରି ଜୀବାତ୍ମା ମୃତ୍ୟୁ ଅତିକ୍ରମ କରନ୍ତି; କାରଣ ସେତେବେଳେ ସେ ମହାପ୍ରାଣରୂପେ ଅବସ୍ଥାନ କରନ୍ତି । ସେତେବେଳେ କେବଳ ଜୀବାତ୍ମା ଜାଣିପାରିବେ, କେବେହେଲେ ତାଙ୍କର ଜନ୍ମମୃତ୍ୟୁ ନ ଥିଲା, ତାଙ୍କର ସ୍ୱର୍ଗ ବା ପୃଥିବୀର କୌଣସି ପ୍ରୟୋଜନ ନ ଥିଲା । ସେତେବେଳେ ସେ ବୁଝିବେ, ସେ କେବେହେଲେ ଆସି ନାହାନ୍ତି, କେଉଁଠାକୁ ଯାଇ ନାହାନ୍ତି । ଯିବା ଆସିବା କେବଳ ପ୍ରକୃତିର ଏବଂ ପ୍ରକୃତିର ଏହି ଗତି ଆତ୍ମା ଉପରେ ପ୍ରତିବିମ୍ବିତ ହୋଇଥିଲା । ଦର୍ପଣରୁ ପ୍ରତିବିମ୍ବିତ ଆଲୋକ କାନ୍ଥ ଉପରେ ପଡ଼ି ହଲୁଛି । କିନ୍ତୁ କାନ୍ଥ ଭାବୁଛି, ମୁଁ ହଲୁଛି । ସମସ୍ତଙ୍କର ଏହି ଅବସ୍ଥା; ଚିତ୍ତ କ୍ରମାଗତ ଏପଟ ସେପଟକୁ ଯାଉଛି, ସେ ନିଜକୁ ନାନା ରୂପରେ ପରିଣତ କରୁଅଛି; କିନ୍ତୁ ଆମେ ମନେକରୁଛୁ, ଯେପରିକି ଆମେ ଏହି ବିଭିନ୍ନ ଆକାର ଧାରଣ କରୁଅଛୁ । ଏହି ଅଜ୍ଞାନ ଚାଲିଯିବ । ସେହି ସିଦ୍ଧାବସ୍ଥାରେ ଆତ୍ମା ଯେତେବେଳେ ଯାହା ଆଜ୍ଞା କରିବେ—ପ୍ରାର୍ଥନା ବା ଭିକ୍ଷା ନୁହେଁ—ତତ୍‌କ୍ଷଣାତ୍ ତାହା ପୂର୍ଣ୍ଣ ହେବ; ସେ ଯାହା ଇଚ୍ଛା କରିବେ, ତାହା କରିବାକୁ ସମର୍ଥ ହେବେ । ସାଂଖ୍ୟଦର୍ଶନ ମତରେ ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ । ଏହି ଦର୍ଶନ ମତରେ ଜଗତରେ ଈଶ୍ୱର ବୋଲି କେହି ନାହାନ୍ତି; କାରଣ ଯଦି ଈଶ୍ୱର ବୋଲି କେହି ଥାଆନ୍ତି ତେବେ ସେ ନିଶ୍ଚୟ ଆତ୍ମା । ପୁନଶ୍ଚ ଆତ୍ମା ହୁଏତ ବଦ୍ଧ, ନତୁବା ମୁକ୍ତ । ଯେଉଁ ଆତ୍ମା ପ୍ରକୃତିଦ୍ୱାରା ବଦ୍ଧ ବା ବଶୀଭୂତ, ସେ ତ ନିଜେ କ୍ରୀତଦାସ । ଅନ୍ୟ ପକ୍ଷରେ ଆତ୍ମା ଯଦି ମୁକ୍ତ

ହୁଅନ୍ତି, ତା'ହେଲେ ମୁକ୍ତ ଆତ୍ମା କାହିଁକି ସୃଷ୍ଟି କରିବେ, କାହିଁକି ବା ଏହି ଜଗତର ସମସ୍ତ କ୍ରିୟାଦି ବହନ କରିବେ ? ତାଙ୍କର କୌଣସି ବାସନା ନାହିଁ, ସୁତରାଂ ତାଙ୍କର ସୃଷ୍ଟି କରିବାର କୌଣସି ପ୍ରୟୋଜନ ଥାଇ ନ ପାରେ । ଦ୍ୱିତୀୟତଃ ସାଂଖ୍ୟଦର୍ଶନ କହେ ଯେ, ଈଶ୍ୱରଙ୍କ ସମ୍ବନ୍ଧରେ କୌଣସି ମତବାଦ ଅନାବଶ୍ୟକ । ପ୍ରକୃତିକୁ ସ୍ୱୀକାର କଲେ ଯେତେବେଳେ ସବୁ ବ୍ୟାଖ୍ୟା କରାଯାଏ, ସେତେବେଳେ ଈଶ୍ୱରଙ୍କର ଆଉ ପ୍ରୟୋଜନ କଅଣ ? ତେବେ କପିଳ କହନ୍ତି, ଅନେକ ଆତ୍ମା ଏପରି ଅଛନ୍ତି, ଯେଉଁମାନେ ସିଦ୍ଧାବସ୍ଥାର ନିକଟବର୍ତ୍ତୀ ହୋଇଅଛନ୍ତି । କିନ୍ତୁ ଅଲୌକିକ ଶକ୍ତି ଓ କାମନା ସମ୍ପୂର୍ଣ୍ଣରୂପେ ତ୍ୟାଗ କରି ନ ପାରିବା ଫଳରେ ସିଦ୍ଧ ହୋଇପାରୁ ନାହାନ୍ତି । ସେମାନଙ୍କ ମନ କିଛିକାଳ ପ୍ରକୃତିରେ ଲୀନ ଥାଏ । ସେମାନେ ପ୍ରକୃତିର ପ୍ରଭୁରୂପେ ପୁନରାବିର୍ଭୂତ ହୁଅନ୍ତି । ଆମେ ସମସ୍ତେ ଏକଦା ଏହିପରି ଈଶ୍ୱରତ୍ୱ ଲାଭ କରିବୁ । ସାଂଖ୍ୟଦର୍ଶନ ମତରେ ବେଦରେ ଯେଉଁ ଈଶ୍ୱରଙ୍କର ବର୍ଣ୍ଣନା ଅଛି, ତାହା ଏହିପରି ଜନୈକ ମୁକ୍ତାତ୍ମାଙ୍କର ବର୍ଣ୍ଣନା ମାତ୍ର । ଏହା ବ୍ୟତୀତ ନିତ୍ୟମୁକ୍ତ, ଆନନ୍ଦମୟ, ବିଶ୍ୱ-ସୃଷ୍ଟି କର୍ତ୍ତା କେହି ନାହାନ୍ତି । କିନ୍ତୁ ଯୋଗୀମାନେ କହନ୍ତି, 'ନା' ଈଶ୍ୱର ଅଛନ୍ତି; ଅନ୍ୟ ସମସ୍ତେ ଆତ୍ମା— ଅନ୍ୟମାନଙ୍କ ଠାରୁ ପୃଥକ୍ ଜଣେ ବିଶେଷ ପୁରୁଷ ଅଛନ୍ତି ; ସେ ସମଗ୍ର ସୃଷ୍ଟିର ନିତ୍ୟ ପ୍ରଭୁ, ନିତ୍ୟ ମୁକ୍ତ, ସକଳ ଗୁରୁଙ୍କ ଗୁରୁ ।' ସାଂଖ୍ୟମାନେ ଯେଉଁମାନଙ୍କୁ 'ପ୍ରକୃତିଲୀନ' କହନ୍ତି, ଯୋଗୀମାନେ ମଧ୍ୟ ସେମାନଙ୍କର ଅସ୍ତିତ୍ୱ ସ୍ୱୀକାର କରନ୍ତି । ସେମାନେ କହନ୍ତି ଯେ, ଏମାନେ ଅସିଦ୍ଧ ବା ଅସମ୍ପୂର୍ଣ୍ଣ ଯୋଗୀ । ଯେତେବେଳେ କିଛିକାଳ ପାଇଁ ଏମାନଙ୍କ ଚରମ ଲକ୍ଷ୍ୟପ୍ରାପ୍ତି ବ୍ୟାହତ ହୁଏ, ସେତେବେଳେ ସେମାନେ ଜଗତର ଏକ ଅଂଶବିଶେଷର ନିୟନ୍ତାରୂପେ ଅବସ୍ଥାନ କରନ୍ତି ।

**ଭବ-ପ୍ରତ୍ୟୟୋ ବିଦେହ-ପ୍ରକୃତିଲୟାନାମ୍ ॥୧୯॥**

—(ଏହି ସମାଧି ପର-ବୈରାଗ୍ୟ ସହିତ ଅନୁଷ୍ଠିତ ନ ହେଲେ) ତାହା ଦେବତା ଓ ପ୍ରକୃତିଲୀନମାନଙ୍କର ପୁନରୁତ୍ପତ୍ତିର କାରଣ ହୁଏ ।

ଭାରତୀୟ ଧର୍ମ ଓ ଦର୍ଶନଶାସ୍ତ୍ରରେ ଦେବତା ଅର୍ଥରେ କେତେଗୁଡ଼ିଏ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କୁ ବୁଝାଏ । ଭିନ୍ନ ଭିନ୍ନ ଜୀବାତ୍ମା କ୍ରମାନ୍ୱୟରେ ଏହି ପଦ ପୂରଣ କରନ୍ତି । କିନ୍ତୁ ଏମାନଙ୍କ ମଧ୍ୟରୁ କେହି ହେଲେ ପୂର୍ଣ୍ଣ ନୁହନ୍ତି ।

**ଶ୍ରଦ୍ଧା-ବୀର୍ଯ୍ୟ-ସ୍ମୃତି-ସମାଧି-ପ୍ରଜ୍ଞା-ପୂର୍ବକ ଇତରେଷାମ୍ ॥୨୦॥**

—ଅପର କାହାରି କାହାରି ପକ୍ଷରେ ଶ୍ରଦ୍ଧା ଅର୍ଥାତ୍ ବିଶ୍ୱାସ, ବୀର୍ଯ୍ୟ ଅର୍ଥାତ୍ ମନର ତେଜ, ସ୍ମୃତି, ସମାଧି ବା ଏକାଗ୍ରତା ଓ ପ୍ରଜ୍ଞା ଅର୍ଥାତ୍ ସତ୍ୟ ବସ୍ତୁର ବିବେକ ଇତ୍ୟାଦିରୁ ଏହି ସମାଧି ଉତ୍ପନ୍ନ ହୋଇଥାଏ ।

ଯେଉଁମାନେ ଦେବତ୍ୱ ଅଥବା କୌଣସି କଳ୍ପର ଶାସନଭାର ପ୍ରାର୍ଥନା କରନ୍ତି ନାହିଁ, ସେମାନଙ୍କ କଥା କୁହାଯାଇଅଛି । ସେମାନେ ମୁକ୍ତିଲାଭ କରନ୍ତି ।

**ତୀବ୍ରସଂବେଗାନାମାସନ୍ନଃ ॥୨୧॥**

—ଯେଉଁମାନେ ଅତ୍ୟନ୍ତ ଆଗ୍ରହଯୁକ୍ତ ଓ ଉତ୍ସାହୀ, ସେମାନେ ଅତି ଶୀଘ୍ର ଯୋଗରେ କୃତକାର୍ଯ୍ୟ ହୁଅନ୍ତି ।

**ମୃଦୁମଧ୍ୟାଧିମାତ୍ରତ୍ୱାତ୍ ତତୋଽପି ବିଶେଷଃ ॥୨୨॥**

—ପୁନଶ୍ଚ ମୃଦୁ ଚେଷ୍ଟା, ମଧ୍ୟମ ଚେଷ୍ଟା ଅଥବା ଅତ୍ୟନ୍ତ ଅଧିକ ଚେଷ୍ଟା ଅନୁଯାୟୀ

ଯୋଗୀମାନଙ୍କର ସିଦ୍ଧିର ପ୍ରଭେଦ ହୋଇଥାଏ ।

**ଈଶ୍ୱରପ୍ରଣିଧାନାଦ୍ୱା ॥୨୩॥**

—ଅଥବା ଈଶ୍ୱରଙ୍କ ପ୍ରତି ଭକ୍ତିଦ୍ୱାରା ମଧ୍ୟ (ସମାଧିଲାଭ) ହୁଏ ।

**କ୍ଲେଶକର୍ମବିପାକାଶୟୈରପରାମୃଷ୍ଟଃ ପୁରୁଷବିଶେଷ ଈଶ୍ୱରଃ ॥୨୪॥**

—ଏକ ବିଶେଷ ପୁରୁଷ, ଯିଏ ଦୁଃଖ, କର୍ମ, କର୍ମଫଳ ଅଥବା ବାସନାଦ୍ୱାରା ଅସ୍ପୃଷ୍ଟ, ସେ ଈଶ୍ୱର (ପରମ ନିୟନ୍ତା) ।

ଆମମାନଙ୍କୁ ଏଠାରେ ପୁନରାୟ ସ୍ମରଣ କରିବାକୁ ହେବ ଯେ, ପାତଞ୍ଜଳ ଯୋଗଶାସ୍ତ୍ର ସାଂଖ୍ୟଦର୍ଶନ ଉପରେ ସ୍ଥାପିତ । ସାଂଖ୍ୟଦର୍ଶନରେ ଈଶ୍ୱରଙ୍କର ସ୍ଥାନ ନାହିଁ । ଯୋଗୀମାନେ କିନ୍ତୁ ଈଶ୍ୱରଙ୍କୁ ସ୍ୱୀକାର କରିଥାଅନ୍ତି । ଯୋଗୀଗଣ ଈଶ୍ୱରଙ୍କୁ ସ୍ୱୀକାର କଲେ ମଧ୍ୟ ସୃଷ୍ଟି କର୍ତ୍ତୃତ୍ୱାଦି ଈଶ୍ୱର ସମ୍ବନ୍ଧୀୟ ବିବିଧ ଭାବର କୌଣସି ପ୍ରସଙ୍ଗ ଉତ୍‌ଥାପନ କରନ୍ତି ନାହିଁ । ଯୋଗୀମାନଙ୍କର 'ଈଶ୍ୱର' ଅର୍ଥରେ ଜଗତର ସୃଷ୍ଟିକର୍ତ୍ତା ଈଶ୍ୱର ସୂଚିତ ହୋଇ ନାହାନ୍ତି; ବେଦମତରେ କିନ୍ତୁ ଈଶ୍ୱର ଜଗତର ସୃଷ୍ଟିକର୍ତ୍ତା । ବେଦର ଅଭିପ୍ରାୟ ଏହି—ଜଗତରେ ଯେତେବେଳେ ଏକ ସାମଞ୍ଜସ୍ୟର ଭାବ ଦେଖାଯାଉଛି, ସେତେବେଳେ ଏ ଜଗତକୁ ଅବଶ୍ୟ ଜଣକର ଇଚ୍ଛାଶକ୍ତିର ବିକାଶ ବୋଲି ବୁଝିବାକୁ ହେବ ।

ଯୋଗୀମାନେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ଥାପନ ପାଇଁ ଏକ ନୂତନ ଧରଣର ଯୁକ୍ତିର ଅବତାରଣା କରନ୍ତି । ସେମାନେ କହନ୍ତି—

**ତତ୍ର ନିରତିଶୟଂ ସର୍ବଜ୍ଞତ୍ୱବୀଜମ୍ ॥୨୫ ॥**

—ଅନ୍ୟଠାରେ ଯେଉଁ ସର୍ବଜ୍ଞତ୍ୱର ବୀଜ (ମାତ୍ର) ଅଛି, ତାହା ତାହାଙ୍କଠାରେ ନିରତିଶୟ ଅର୍ଥାତ୍ ଅନନ୍ତ ଭାବ ଧାରଣ କରେ ।

ଅତି ବୃହତ୍ ଓ ଅତି କ୍ଷୁଦ୍ର ଏହି ଦୁଇଟି ଚରମ ଭାବ ମଧ୍ୟରେ ମନକୁ ଭ୍ରମଣ କରିବାକୁ ହିଁ ହେବ । ତୁମେ ସୀମାବଦ୍ଧ ଦେଶର କଥା ଚିନ୍ତା କରିପାର, କିନ୍ତୁ ତାହା ଚିନ୍ତା କରିବା ସଙ୍ଗେ ସଙ୍ଗେ ତୁମକୁ ଅନନ୍ତ ଦେଶର କଥା ମଧ୍ୟ ଚିନ୍ତା କରିବାକୁ ହେବ । ଚକ୍ଷୁ ମୁଦ୍ରିତ କରି ଯଦି ଗୋଟିଏ କ୍ଷୁଦ୍ର ଦେଶ କଥା ଚିନ୍ତା କର, ତା'ହେଲେ ଦେଖିବ, ଯେତେବେଳେ ଏହି ଦେଶରୂପକ କ୍ଷୁଦ୍ର ବୃତ୍ତକୁ ଦେଖୁଛ, ସେତେବେଳେ ତାହାର ଚତୁର୍ଦ୍ଦିଗରେ ଅନନ୍ତ-ବିସ୍ତୃତ ଅନ୍ୟ ଗୋଟିଏ ବୃତ୍ତ ମଧ୍ୟ ରହିଅଛି । କାଳ ସମ୍ବନ୍ଧରେ ମଧ୍ୟ ସେହି କଥା । ମନେକର, ତୁମେ ଏକ ସେକେଣ୍ଡ ସମୟର କଥା ଯେତେବେଳେ ଭାବୁଛ, ସେତେବେଳେ ସଙ୍ଗେ ସଙ୍ଗେ ତୁମକୁ ଅନନ୍ତକାଳର କଥା ମଧ୍ୟ ଚିନ୍ତା କରିବାକୁ ହେବ । ଜ୍ଞାନ ସମ୍ବନ୍ଧରେ ମଧ୍ୟ ସେହିପରି । ମନୁଷ୍ୟଠାରେ କେବଳ ଜ୍ଞାନର ବୀଜ ଅଛି । କିନ୍ତୁ ଏହି କ୍ଷୁଦ୍ର ଜ୍ଞାନ କଥା ଚିନ୍ତା କରିବାକୁ ହେଲେ, ସଙ୍ଗେ ସଙ୍ଗେ ଅନନ୍ତ ଜ୍ଞାନର କଥା ମଧ୍ୟ ଚିନ୍ତା କରିବାକୁ ହେବ । ସୁତରାଂ ଆମ ମନର ଗଠନରୁ ଏହା ପ୍ରତିପନ୍ନ ହୁଏ ଯେ, ଏକ ଅନନ୍ତ ଜ୍ଞାନ ରହିଅଛି, ଯୋଗୀମାନେ ସେହି ଅନନ୍ତ ଜ୍ଞାନକୁ ହିଁ ଈଶ୍ୱର କହନ୍ତି ।

**ସ ପୂର୍ବେଷାମପି ଗୁରୁଃ କାଳେନାନବଚ୍ଛେଦାତ୍ ॥୨୬॥**

—ସେ ପୂର୍ବ ପୂର୍ବ (ପ୍ରାଚୀନ) ଗୁରୁମାନଙ୍କର ଗୁରୁ, କାରଣ ସେ କାଳଦ୍ୱାରା ସୀମାବଦ୍ଧ ନୁହନ୍ତି ।

ଆମ ଭିତରେ ସମଗ୍ର ଜ୍ଞାନ ରହିଅଛି ସତ୍ୟ, କିନ୍ତୁ ଅପର ଏକ ଜ୍ଞାନଦ୍ୱାରା ତାହାକୁ ଜାଗରିତ କରିବାକୁ ହେବ । ଜାଣିବାର ଶକ୍ତି ଆମ ଭିତରେ ରହିଅଛି ସତ, କିନ୍ତୁ ତାହାକୁ ଜାଗ୍ରତ କରିବାକୁ ହେବ । ଆଉ ଯୋଗୀମାନେ କହନ୍ତି, ଏହି ଜ୍ଞାନର ଉନ୍ମେଷ କେବଳ ଅପର ଗୋଟିଏ ଜ୍ଞାନ ସାହାଯ୍ୟରେ ହିଁ ସମ୍ଭବ । ପ୍ରାଣହୀନ ଅଚେତନ ଜଡ଼ର ପ୍ରଭାବରେ କେବେହେଲେ ଜ୍ଞାନର ସ୍ଫୁରଣ ହୋଇପାରେ ନାହିଁ—କେବଳ ଜ୍ଞାନର ଶକ୍ତିରେ ହିଁ ଜ୍ଞାନର ବିକାଶ ହୋଇଥାଏ । ଆମ ଭିତରେ ଯେଉଁ ଜ୍ଞାନ ଅଛି, ତାହାର ଉନ୍ମେଷ ପାଇଁ ଜ୍ଞାନୀ ବ୍ୟକ୍ତିଗଣଙ୍କ ସାନ୍ନିଧ୍ୟରେ ରହିବା ପ୍ରୟୋଜନ । ସୁତରାଂ ଏହି ଗୁରୁଗଣଙ୍କର ପ୍ରୟୋଜନ ସର୍ବଦା ରହିଛି । ପୃଥିବୀ କେବେହେଲେ ଆଚାର୍ଯ୍ୟ-ଶୂନ୍ୟ ହୋଇ ଅବସ୍ଥାନ କରି ନାହିଁ । ସେମାନଙ୍କର ସହାୟତା ବ୍ୟତୀତ କୌଣସି ଜ୍ଞାନ ସମ୍ଭବ ନୁହେଁ । ଈଶ୍ୱର ସକଳ ଗୁରୁଙ୍କର ଗୁରୁ । କାରଣ ଏହି ସକଳ ଗୁରୁ ଯେତେ ଉନ୍ନତ ହୁଅନ୍ତୁ ନା କାହିଁକି, ସେମାନେ ଦେବତା ହୁଅନ୍ତୁ, ଅଥବା ଦେବଦୂତ ହୁଅନ୍ତୁ, ସମସ୍ତେ ବଦ୍ଧ ଓ କାଳଦ୍ୱାରା ସୀମାବଦ୍ଧ, କିନ୍ତୁ ଈଶ୍ୱର କାଳଦ୍ୱାରା ବଦ୍ଧ ନୁହନ୍ତି ।

ଯୋଗୀମାନଙ୍କର ବିଶେଷ ସିଦ୍ଧାନ୍ତ ହେଲା, ଏହି ଦୁଇଟି—ପ୍ରଥମଟି ଏହି ଯେ, ଶାନ୍ତ ବସ୍ତୁର କଥା ଚିନ୍ତା କରିବାକୁ ହେଲେ, ମନ ବାଧ୍ୟ ହୋଇ ଅନନ୍ତର ଚିନ୍ତା କରିବ । ଆଉ ଯଦି ଏହି ମାନସିକ ଅନୁଭୂତିର ଏକ ଅଂଶ ସତ୍ୟ ହୁଏ, ତାହାହେଲେ ତାହାର ଅପର ଅଂଶଟି ମଧ୍ୟ ସତ୍ୟ ହେବ । କାରଣ, ଉଭୟ ହିଁ ଯେତେବେଳେ ଗୋଟିଏ ମନର ଅନୁଭୂତି, ସେତେବେଳେ ଦୁଇଟି ଅନୁଭୂତିର ମୂଳ ସମାନ । ମନୁଷ୍ୟର ଅଳ୍ପ ଜ୍ଞାନ ଅଛି । ଅର୍ଥାତ୍ ମନୁଷ୍ୟ ଅଳ୍ପଜ୍ଞ, ଅତଏବ ଈଶ୍ୱର ଅନନ୍ତ ଜ୍ଞାନବାନ୍ । ଯଦି ଏହି ଦୁଇଟି ଅନୁଭୂତି ମଧ୍ୟରୁ ଗୋଟିକୁ ଗ୍ରହଣ କରାଯାଏ, ତେବେ ଅନ୍ୟଟିକୁ ମଧ୍ୟ ଗ୍ରହଣ କରିବାକୁ ହେବ । ଯୁକ୍ତି କହେ ଉଭୟକୁ ଗ୍ରହଣ କର, ନତୁବା ଉଭୟକୁ ପରିତ୍ୟାଗ କର । ଯଦି ବିଶ୍ୱାସ କର ଯେ, ମାନବ ଅଳ୍ପଜ୍ଞାନସମ୍ପନ୍ନ, ତେବେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ତା' ପଶ୍ଚାତରେ ଜଣେ ଅସୀମ ଜ୍ଞାନସମ୍ପନ୍ନ ପୁରୁଷ ଅଛନ୍ତି । ଦ୍ୱିତୀୟ ସିଦ୍ଧାନ୍ତ ଏହି ଯେ, ଗୁରୁ ବ୍ୟତୀତ କୌଣସି ଜ୍ଞାନ ସଞ୍ଚାରିତ ହୋଇପାରେ ନାହିଁ । ଆଧୁନିକ ଯୁଗର ଦାର୍ଶନିକମାନେ ଯେ କହିଥାଆନ୍ତି, ମନୁଷ୍ୟର ଜ୍ଞାନ ତା' ନିଜ ଭିତରୁ ହିଁ ବିକଶିତ ହୁଏ—ଏକଥା ସତ୍ୟ । ସମସ୍ତ ଜ୍ଞାନ ମନୁଷ୍ୟ ଭିତରେ ଅଛି, କିନ୍ତୁ ଏହି ଜ୍ଞାନର ଉନ୍ମେଷ ପାଇଁ କେତେଗୁଡ଼ିଏ ଅନୁକୂଳ ପରିବେଶ ପ୍ରୟୋଜନ । ଗୁରୁ ବ୍ୟତୀତ ଆମେ କୌଣସି ଜ୍ଞାନ-ଲାଭ କରିପାରିବା ନାହିଁ । ବର୍ତ୍ତମାନ କଥା ହେଲା, ଯଦି ମନୁଷ୍ୟ, ଦେବତା ବା ସ୍ୱର୍ଗୀୟ ଦୂତବିଶେଷ ଆମର ଗୁରୁ ହୁଅନ୍ତି, ତା'ହେଲେ ଯେହେତୁ ସେମାନେ ସମସ୍ତେ ସସୀମ, ସେମାନଙ୍କ ପୂର୍ବରୁ କିଏ ଗୁରୁ ଥିଲେ ? ବାଧ୍ୟ ହୋଇ ଆମମାନଙ୍କୁ ଏହି ଚରମ ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼ିବ ଯେ, ଏପରି ଜଣେ ଗୁରୁ ଅଛନ୍ତି, ଯିଏ କାଳଦ୍ୱାରା ସୀମାବଦ୍ଧ ବା ଅବଚ୍ଛିନ୍ନ ନୁହନ୍ତି । ସେହି ଅନନ୍ତ ଜ୍ଞାନସମ୍ପନ୍ନ ଗୁରୁ, ଯାହାଙ୍କର ଆଦି ନାହିଁ କି ଅନ୍ତ ନାହିଁ, ତାହାଙ୍କୁ ହିଁ 'ଈଶ୍ୱର' କୁହାଯାଏ ।

**ତସ୍ୟ ବାଚକଃ ପ୍ରଣବଃ ॥୨୭॥**

—ପ୍ରଣବ ଅର୍ଥାତ୍ ଓଁକାର ତାଙ୍କର ପ୍ରକାଶକ ଶବ୍ଦ ।

ତୁମ ମନରେ ଯେ କୌଣସି ଭାବ ଥାଉନା କାହିଁକି, ତାହାର ଗୋଟିଏ ପ୍ରତିରୂପ ଶବ୍ଦ ମଧ୍ୟ ଅଛି; ଏହି ଶବ୍ଦ ଓ ଭାବକୁ ପୃଥକ୍ କରାଯାଇପାରେ ନାହିଁ । ଗୋଟିଏ ବସ୍ତୁର ବାହ୍ୟ

ଭାଗଟିକୁ 'ଶବ୍ଦ' ଓ ଅନ୍ତର୍ଭାଗଟିକୁ ଚିନ୍ତା ବା 'ଭାବ' ଆଖ୍ୟା ଦିଆଯାଇଥାଏ । ବିଶ୍ଳେଷଣ କରି କେହି ହେଲେ ଚିନ୍ତାକୁ ଶବ୍ଦରୁ ପୃଥକ୍ କରିପାରିବେ ନାହିଁ । କେତେଗୁଡ଼ିଏ ଲୋକ ଏକତ୍ର ବସି କେଉଁ ଭାବ ପାଇଁ କେଉଁ ଶବ୍ଦ ପ୍ରୟୋଗ କରିବାକୁ ହେବ—ଏହିପରି ସ୍ଥିର କରୁ କରୁ ଭାଷାର ଉତ୍ପତ୍ତି ହୋଇଅଛି, ଏପରି ଅନେକଙ୍କର ମତ; କିନ୍ତୁ ଏହା ଭ୍ରମାତ୍ମକ ବୋଲି ପ୍ରମାଣିତ ହୋଇଅଛି । ଯେତେଦିନ ହେଲା ମନୁଷ୍ୟର ସୃଷ୍ଟି ହୋଇଅଛି, ସେତେଦିନରୁ ଶବ୍ଦ ଓ ଭାଷା ଉଭୟ ରହିଅଛି । ଭାବ ଓ ଶବ୍ଦ ମଧ୍ୟରେ ସମ୍ବନ୍ଧ କଅଣ? ଆମେ ଦେଖିବାକୁ ପାଉ ଯେ, ଗୋଟିଏ ଭାବ ସହିତ ଗୋଟିଏ ଶବ୍ଦ ରହିବା ଆବଶ୍ୟକ; କିନ୍ତୁ ଗୋଟିଏ ଭାବ ଯେ ଗୋଟିଏ ମାତ୍ର ଶବ୍ଦଦ୍ୱାରା ପ୍ରକାଶିତ ହେବ, ତା ନୁହେଁ । ଭିନ୍ନ ଭିନ୍ନ ଦେଶରେ ଭାବ ଏକ ପ୍ରକାର ହୋଇପାରେ, କିନ୍ତୁ ଭାଷା ସମ୍ପୂର୍ଣ୍ଣ ପୃଥକ୍ । ପ୍ରତ୍ୟେକ ଭାବ ପ୍ରକାଶ କରିବା ପାଇଁ କୌଣସି ଏକ ଶବ୍ଦର ପ୍ରୟୋଜନ ହେବ; କିନ୍ତୁ ଏକ ଭାବପ୍ରକାଶକ ଶବ୍ଦ ଗୁଡ଼ିକ ଯେ ଏକଧ୍ୱନିବିଶିଷ୍ଟ ହେବେ, ତାହା ହୋଇ ନ ପାରେ । ଭିନ୍ନ ଭିନ୍ନ ଭାଷାରେ ଧ୍ୱନି ଭିନ୍ନ ଭିନ୍ନ ହେବ । ସେଥିପାଇଁ ଆମର ଟୀକାକାର ମଧ୍ୟ କହିଛନ୍ତି: ଯଦିଓ ଭାବ ଓ ଶବ୍ଦର ପରସ୍ପର ସମ୍ବନ୍ଧ ସ୍ୱାଭାବିକ, କିନ୍ତୁ ଏକ ଶବ୍ଦ ଓ ଏକ ଭାବ ମଧ୍ୟରେ ଯେ ଏକ ଅନତିକ୍ରମଣୀୟ ସମ୍ବନ୍ଧ ରହିବ, ଏହା ତାହାର ତାତ୍ପର୍ଯ୍ୟ ନୁହେଁ ।* ଏହି ସମସ୍ତ ଶବ୍ଦ ଭିନ୍ନ ଭିନ୍ନ ହେଲେ ସୁଦ୍ଧା ଶବ୍ଦ ଓ ଭାବର ପରସ୍ପର ସମ୍ବନ୍ଧ ସ୍ୱାଭାବିକ । ଯଦି ବାଚ୍ୟ ଓ ବାଚକ ମଧ୍ୟରେ ପ୍ରକୃତ ସମ୍ବନ୍ଧ ଥାଏ, ତେବେ ଭାବ ଓ ଶବ୍ଦ ମଧ୍ୟରେ ପରସ୍ପର ସମ୍ବନ୍ଧ ଅଛି ବୋଲି କହିବାକୁ ହେବ, ନଚେତ ସେହି ବାଚକ ଶବ୍ଦ କେବେହେଲେ ସାଧାରଣଭାବେ ବ୍ୟବହୃତ ହୋଇପାରିବ ନାହିଁ । ବାଚକ ବାଚ୍ୟପଦାର୍ଥର ପ୍ରକାଶକ । ଯଦି ସେ ବାଚ୍ୟବସ୍ତୁର ଅସ୍ତିତ୍ୱ ପୂର୍ବରୁ ଥାଏ, ଆଉ ଆମେ ଯଦି ପୁନଃ ପୁନଃ ପରୀକ୍ଷା କରି ଦେଖିବାକୁ ପାଉ ଯେ, ବାଚକ ଶବ୍ଦଟି ଏହି ବସ୍ତୁକୁ ପୂର୍ବରୁ ଅନେକଥର ବୁଝାଇଛି, ତାହାହେଲେ ଆମେ ବୁଝିବୁ ଯେ, ଏହି ବାଚ୍ୟବାଚକ ମଧ୍ୟରେ ଯଥାର୍ଥ ସମ୍ବନ୍ଧ ଅଛି । ଯଦି ଏହି ପଦାର୍ଥଗୁଡ଼ିକ ଉପସ୍ଥିତ ନ ଥିଲେ ସୁଦ୍ଧା ସହସ୍ର ସହସ୍ର ବ୍ୟକ୍ତି କେବଳ ସେମାନଙ୍କ ବାଚକଦ୍ୱାରା ସେଗୁଡ଼ିକ ସମ୍ବନ୍ଧରେ ଜ୍ଞାନଲାଭ କରିବେ, ତେବେ ବାଚ୍ୟ ଓ ବାଚକ ମଧ୍ୟରେ ସ୍ୱାଭାବିକ ସମ୍ବନ୍ଧ ରହିବା ଅବଶ୍ୟମ୍ଭାବୀ; ଅତଏବ ଯେତେବେଳେ ବାଚକ ଶବ୍ଦଟି ଉଚ୍ଚାରଣ କରାଯିବ, ସେତେବେଳେ ତାହା ବାଚ୍ୟ ପଦାର୍ଥଟିର କଥା ମନରେ ଜାଗ୍ରତ କରିଦେବ । ସୂତ୍ରକାର କହୁଛନ୍ତି, 'ଓଁ କାର ଈଶ୍ୱରଙ୍କର ବାଚକ' । କାହିଁକି ସେ ଏହି ଶବ୍ଦଟି ଉପରେ ଜୋର୍ ଦେଲେ? 'ଈଶ୍ୱର'—ଏହି ଭାବଟି ବୁଝାଇବା ପାଇଁ ତ ସହସ୍ର ସହସ୍ର ଶବ୍ଦ ରହିଅଛି । ଗୋଟିଏ ଭାବ ସହିତ ସହସ୍ର ସହସ୍ର ଶବ୍ଦର ସମ୍ବନ୍ଧ ଥାଏ । ଈଶ୍ୱର ଭାବଟିର ଶତଶତ ଶବ୍ଦ ସହିତ ସମ୍ବନ୍ଧ ରହିଛି ଏବଂ ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ହିଁ ଈଶ୍ୱରଙ୍କ ବାଚକ । ଭଲ କଥା, କିନ୍ତୁ ଏହି ଶବ୍ଦ ଗୁଡ଼ିକ ମଧ୍ୟରୁ ତା' ହେଲେ ଗୋଟିଏ ସାଧାରଣ ଶବ୍ଦ ବାହାର କରିବା ଦରକାର । ଏହି ବାଚକଗୁଡ଼ିକର ଗୋଟିଏ ସାଧାରଣ ଅଧିଷ୍ଠାନ—ସାଧାରଣ ଶବ୍ଦ ଭୂମି ବାହାର କରିବାକୁ ହେବ, ଆଉ ଯେଉଁ ବାଚକ ଶବ୍ଦଟି ସାଧାରଣ ବାଚକ ହେବ, ସେହି ଶବ୍ଦଟି ସର୍ବଶ୍ରେଷ୍ଠ ବୋଲି ପରିଗଣିତ ହେବ, ପୁଣି ତାହା ହିଁ ସବୁଗୁଡ଼ିକର ପ୍ରତିନିଧି ରୂପେ ଯଥାର୍ଥ

* ସର୍ବେ ଏବ ଶବ୍ଦାଃ ସର୍ବାକାରାର୍ଥାଭିଧାନସମର୍ଥା—ଇତି ସ୍ଥିତ ଏବୈଷାଂ ସର୍ବାକାରୈରର୍ଥୈଃ ସ୍ୱାଭାବିକଃ ସମ୍ବନ୍ଧଃ—ବ୍ୟାସଭାଷ୍ୟର ବାଚସ୍ପତି ମିଶ୍ରକୃତ ଟୀକା ।

ବାଚକ ହେବ । କୌଣସି ଶବ୍ଦ ଉଚ୍ଚାରଣ କରିବାକୁ ହେଲେ ଆମେ କଣ୍ଠନାଳୀ ଓ ତାଳୁକୁ ଶବ୍ଦୋଚ୍ଚାରଣ ଆଧାର ରୂପେ ବ୍ୟବହାର କରିଥାଉ । ଏପରି କଅଣ କୌଣସି ଶବ୍ଦ ଅଛି, ଅନ୍ୟ ସମସ୍ତ ଶବ୍ଦ ଯାହାର ପ୍ରକାଶ—ଯାହା ସର୍ବାପେକ୍ଷା ସ୍ୱାଭାବିକ ଶବ୍ଦ ?—ଓଁ (ଅଉମ୍) ଏହି ପ୍ରକାର ଶବ୍ଦ; ଏହା ସମସ୍ତ ଶବ୍ଦର ଭିତ୍ତିସ୍ୱରୂପ । ତାହାର ପ୍ରଥମ ଅକ୍ଷର 'ଅ' ସମଗ୍ର ଶବ୍ଦର ମୂଳ—ତାହା ସମୁଦାୟ ଶବ୍ଦର କୁଞ୍ଚିକାସ୍ୱରୂପ, ତାହା ଜିହ୍ୱା ଅଥବା ତାଳୁର କୌଣସି ଅଂଶ ସ୍ପର୍ଶ ନ କରି ଉଚ୍ଚାରିତ ହୁଏ । 'ମ'-ବର୍ଗୀୟ ଶବ୍ଦର ଶେଷ ଶବ୍ଦ, ତାହାକୁ ଉଚ୍ଚାରଣ କରିବାକୁ ହେଲେ ଓଷ୍ଠଦ୍ୱୟ ବନ୍ଦ କରିବାକୁ ପଡ଼େ । ପୁଣି 'ଉ' ଏହି ଶବ୍ଦ ଜିହ୍ୱାମୂଳରୁ ମୁଖ ମଧ୍ୟବର୍ତ୍ତୀ ଶବ୍ଦାଧାରର ଶେଷ ସୀମା ପର୍ଯ୍ୟନ୍ତ ଯେପରି ଗଡ଼ିଆସୁଛି । ଏହି ଭାବରେ 'ଓଁ' ଶବ୍ଦଟିଦ୍ୱାରା ସମଗ୍ର ଶବ୍ଦୋଚ୍ଚାରଣ ବ୍ୟାପାରଟି ପ୍ରକାଶିତ ହୋଇଅଛି ଏବଂ ଏହି କାରଣ ହେତୁ ଏହା ସ୍ୱାଭାବିକ ବାଚକ ଶବ୍ଦ—ଭିନ୍ନ ଭିନ୍ନ ଶବ୍ଦର ଜନନୀସ୍ୱରୂପ । ଯେତେ ପ୍ରକାର ଶବ୍ଦ ଉଚ୍ଚାରିତ ହୋଇପାରେ-ଆମମାନଙ୍କ କ୍ଷମତା ଅନ୍ତର୍ଭୁକ୍ତ ଯେତେ ପ୍ରକାର ଶବ୍ଦ ଉଚ୍ଚାରଣର ସମ୍ଭାବନା ଅଛି, ଓଁ କାର ସେହି ସମୁଦାୟର ସୂଚକ ।

ଏହି ସକଳ ଆନୁମାନିକ ଗବେଷଣା ଛାଡ଼ିଦେଲେ ମଧ୍ୟ ଦେଖାଯାଏ, ଭାରତବର୍ଷରେ ଯେତେ ପ୍ରକାର ବିଭିନ୍ନ ଧର୍ମଭାବ ଅଛି, ସବୁ ଏହି ଓଁ କାରକୁ କେନ୍ଦ୍ର କରି ରହିଅଛି । ବେଦର ବିଭିନ୍ନ ଧର୍ମଭାବସମୂହ ମଧ୍ୟ ଏହି ଓଁ କାରକୁ ହିଁ ଆଶ୍ରୟ କରି ରହିଅଛି । ବର୍ତ୍ତମାନ କଥା ହେଲା, ଏହା ସହିତ ଆମେରିକା, ଇଂଲଣ୍ଡ ଓ ଅନ୍ୟାନ୍ୟ ଦେଶର କଅଣ ସମ୍ବନ୍ଧ? ଏହାର ସହଜ ଉତ୍ତର ହେଉଛି, ସବୁ ଦେଶରେ ଏହି ଓଁକାରର ବ୍ୟବହାର ଚଳିପାରେ; ତାହାର କାରଣ ଏହି ଯେ ଭାରତବର୍ଷରେ ଯେତେ ବିଭିନ୍ନ ଧର୍ମଭାବର ବିକାଶ ହୋଇଅଛି, 'ଓଁକାର' ତାହାର ପ୍ରତ୍ୟେକ ସୋପାନରେ ବ୍ୟବହୃତ ହୋଇଅଛି ଓ ତାହା ଈଶ୍ୱରସମ୍ବନ୍ଧୀୟ ଭିନ୍ନ ଭିନ୍ନ ଭାବ ବୁଝାଇବା ପାଇଁ ମଧ୍ୟ ବ୍ୟବହୃତ ହୋଇଅଛି । ଅଦ୍ୱୈତବାଦୀ, ଦ୍ୱୈତବାଦୀ, ଦ୍ୱୈତାଦ୍ୱୈତବାଦୀ, ଭେଦାଭେଦବାଦୀ, ଏପରି କି ନାସ୍ତିକଗଣ ପର୍ଯ୍ୟନ୍ତ ସେମାନଙ୍କର ଉଚ୍ଚତମ ଆଦର୍ଶର ପ୍ରକାଶ ପାଇଁ ଏହି 'ଓଁକାର' ଶବ୍ଦକୁ ଅବଲମ୍ବନ କରିଥିଲେ । ଯେତେବେଳେ ଏହି 'ଓଁକାର' ମାନବଜାତିର ଅଧିକାଂଶଙ୍କର ଧର୍ମଭାବ ପ୍ରକାଶ ପାଇଁ ବ୍ୟବହୃତ ହୋଇଅଛି, ସେତେବେଳେ ସକଳ ଦେଶର ଲୋକେ ତାହା ଅବଲମ୍ବନ କରିପାରନ୍ତି । ମନେକର, ଇଂରାଜୀ 'ଗଡ୍ (God) ଶବ୍ଦ , ତାହାଦ୍ୱାରା ଯେଉଁ ଭାବ ପ୍ରକାଶିତ ହୁଏ, ତାହା ନିତାନ୍ତ ସୀମାବଦ୍ଧ । ଯଦି ଏହାର ଅତିରିକ୍ତ କୌଣସି ଭାବ ଏହି ଶବ୍ଦଦ୍ୱାରା ବୁଝାଇବାକୁ ଇଚ୍ଛା କର, ତେବେ ତୁମକୁ ଏଥିରେ ବିଶେଷଣ ଯୋଗ କରିବାକୁ ହେବ—ଯେପରି ସଗୁଣ (Personal), ନିର୍ଗୁଣ (Impersonal), ପୂର୍ଣ୍ଣ ବା ପରମ (Absolute) ଇତ୍ୟାଦି । ଅନ୍ୟସବୁ ଭାଷାରେ ଈଶ୍ୱରବାଚକ ଯେଉଁ ସକଳ ଶବ୍ଦ ଅଛି, ସେ ସମ୍ବନ୍ଧରେ ମଧ୍ୟ ଏହି ଯୁକ୍ତି ପ୍ରଯୋଜ୍ୟ । ଏହି ଶବ୍ଦ ଗୁଡ଼ିକର ଭାବ ପ୍ରକାଶ କରିବାର ଶକ୍ତି ଅତି ସାମାନ୍ୟ । କିନ୍ତୁ ଓଁ ଶବ୍ଦରେ ଉକ୍ତ ସର୍ବପ୍ରକାର ଭାବ ରହିଅଛି । ଅତଏବ ତାହା ସମସ୍ତଙ୍କର ଗ୍ରହଣଯୋଗ୍ୟ ।

**ତଜ୍ଜପସ୍ତଦର୍ଥଭାବନମ୍ ॥୨୮॥**

—ଏହି ଓଁ କାରର ପୁନଃ ପୁନଃ ଉଚ୍ଚାରଣ ଓ ତାହାର ଅର୍ଥ ଧ୍ୟାନ (ସମାଧିଲାଭର ଉପାୟ) ।

ପୁନଃ ପୁନଃ ଉଚ୍ଚାରଣର ଆବଶ୍ୟକତା କଅଣ ? ଆମମାନଙ୍କର ସଂସ୍କାର-ବିଷୟକ ମତବାଦ କଥା ସ୍ମରଣ ଅଛି; ସଂସ୍କାରସମଷ୍ଟି ଆମ ସ୍ମୃତିରେ ରହିଯାଏ । କ୍ରମଶଃ ସୂକ୍ଷ୍ମାନୁସୂକ୍ଷ୍ମ ହୋଇ ସେମାନେ ଅବ୍ୟକ୍ତଭାବ ଧାରଣ କରନ୍ତି ସତ; କିନ୍ତୁ ଏକାବେଳକେ ଲୁପ୍ତ ହୁଅନ୍ତି ନାହିଁ, ସ୍ମୃତି-ଆକାରରେ ଥାଆନ୍ତି, ଉଦ୍ଦୀପକ କାରଣ ଉପସ୍ଥିତ ହେଲା ମାତ୍ରେ ବ୍ୟକ୍ତଭାବ ଧାରଣ କରନ୍ତି । ଆଣବିକ ସ୍ପନ୍ଦନ କେବେହେଲେ ବନ୍ଦ ହେବ ନାହିଁ । ଯେତେବେଳେ ଏହି ବିଶ୍ୱଜଗତ ଲୟ ହେବ, ସେତେବେଳେ ବୃହତ୍ ସ୍ପନ୍ଦନ ସବୁ ଅନ୍ତର୍ହିତ ହେବ । ସୂର୍ଯ୍ୟ, ଚନ୍ଦ୍ର, ତାରା, ପୃଥିବୀ- ସବୁ ଲୟ ହୋଇଯିବ; କିନ୍ତୁ ସ୍ପନ୍ଦନ ପରମାଣୁଗୁଡ଼ିକ ମଧ୍ୟରେ ରହିବ । ଏହି ବୃହତ୍ ବ୍ରହ୍ମାଣ୍ଡରେ ଯେଉଁ କାର୍ଯ୍ୟ ହେଉଛି, ପ୍ରତ୍ୟେକ ପରମାଣୁରେ ମଧ୍ୟ ସେହି କାର୍ଯ୍ୟ ସାଧିତ ହେଉଅଛି । ବାହ୍ୟ ବସ୍ତୁ ସମ୍ବନ୍ଧରେ ଯେପରି କଥିତ ହେଲା, ଚିତ୍ତ ସମ୍ବନ୍ଧରେ ମଧ୍ୟ ଠିକ୍ ତାହା । ଚିତ୍ତର ସ୍ପନ୍ଦନ ଯେତେବେଳେ ବନ୍ଦ ହେବ, ସେତେବେଳେ ମଧ୍ୟ ପରମାଣୁ-ସ୍ପନ୍ଦନ ଚାଲୁ ରହିବ, ଉତ୍ତେଜକ କାରଣ ପାଇଲା ମାତ୍ରେ ଏଗୁଡ଼ିକ ପୁନଃ ପ୍ରକାଶିତ ହେବ । ଜପ ବା ପୁନଃ ପୁନଃ ଉଚ୍ଚାରଣର ଅର୍ଥ ବର୍ତ୍ତମାନ ଆମେ ବୁଝିପାରିବୁ । ଆମମାନଙ୍କ ଭିତରେ ଯେଉଁ ସକଳ ଆଧ୍ୟାତ୍ମିକ ସଂସ୍କାର ଅଛି, ଜପ ସେଗୁଡ଼ିକୁ ଉଦ୍ଦୀପିତ କରିବାର ପ୍ରଧାନ ସହାୟ । କ୍ଷଣମାତ୍ର ସାଧୁସଙ୍ଗ ଭବସମୁଦ୍ର ପାରିହେବାର ଏକମାତ୍ର ନୌକାସ୍ୱରୂପ ହୁଏ ।* ସଙ୍ଗର ଏତେଦୂର ଶକ୍ତି ! ବାହ୍ୟ ସତ୍‌ସଙ୍ଗର ଯେପରି ଶକ୍ତି, ଅନ୍ତର ସତ୍‌ସଙ୍ଗର ମଧ୍ୟ ସେହିପରି ଶକ୍ତି । ଏହି ଓଁ କାରର ପୁନଃ ପୁନଃ ଉଚ୍ଚାରଣ ଓ ଅର୍ଥ ସ୍ମରଣ କରିବା ନିଜ ଅନ୍ତରରେ ସାଧୁସଙ୍ଗ କରିବା ଭଳି । ପୁନଃ ପୁନଃ ଉଚ୍ଚାରଣ କର ଏବଂ ସେଥିସଙ୍ଗେ ଉଚ୍ଚାରିତ ଶବ୍ଦର ଅର୍ଥ ଧ୍ୟାନ କର, ତା' ହେଲେ ହୃଦୟରେ ଜ୍ଞାନାଲୋକ ଆସିବ ଏବଂ ଆତ୍ମା ପ୍ରକାଶିତ ହେବେ ।

'ଓଁ' ଶବ୍ଦର ଚିନ୍ତା କରିବା ସଙ୍ଗେ ସଙ୍ଗେ ଏହାର ଅର୍ଥ ମଧ୍ୟ ଚିନ୍ତା କରିବାକୁ ହେବ । ଅସତ୍ ସଙ୍ଗ ତ୍ୟାଗ କର, କାରଣ ପୁରାତନ କ୍ଷତର ଚିହ୍ନ ଏପର୍ଯ୍ୟନ୍ତ ତୁମ ଅଙ୍ଗରେ ରହିଅଛି । ଅସତ୍ ସଙ୍ଗର ପ୍ରଭାବରେ ପୁନଶ୍ଚ ସେହି କ୍ଷତ ପୂର୍ବପରି ଦେଖାଦେବ । ଆମ ଭିତରେ ଯେଉଁସବୁ ଶୁଭ ସଂସ୍କାର ଅଛି, ସେଗୁଡ଼ିକ ବର୍ତ୍ତମାନ ଅବ୍ୟକ୍ତ ଥିଲେ ମଧ୍ୟ ସତ୍‌ସଙ୍ଗଦ୍ୱାରା ଜାଗ୍ରତ ହେବ— ବ୍ୟକ୍ତଭାବ ଧାରଣ କରିବ । ସତ୍‌ସଙ୍ଗ ଅପେକ୍ଷା ଜଗତରେ ପବିତ୍ରତର କିଛି ନାହିଁ, କାରଣ ସତ୍‌ସଙ୍ଗରୁ ହିଁ ଶୁଭ ସଂସ୍କାରଗୁଡ଼ିକ ବ୍ୟକ୍ତ ହେବାର ସୁଯୋଗ ପାଆନ୍ତି—ଚିତ୍ତହ୍ରଦର ତଳଦେଶରୁ ଉପରିଭାଗକୁ ଆସିବାର ଉପକ୍ରମ କରନ୍ତି ।

**ତତଃ ପ୍ରତ୍ୟକ୍‌ଚେତନାଧିଗମୋଽପ୍ୟନ୍ତରାୟାଭାବଶ୍ଚ ॥୨୯॥**

—ଏଥିରୁ ଅନ୍ତର୍ଦୃଷ୍ଟିଲାଭ ହୁଏ ଓ ଯୋଗବିଘ୍ନସମୂହ ନାଶ ହୁଏ ।

ଓଁକାର ଜପ ଓ ଚିନ୍ତାର ପ୍ରଥମ ଫଳ ଅନୁଭବ କରିବ, ତୁମର ଅନ୍ତର୍ଦୃଷ୍ଟି କ୍ରମଶଃ ବିକଶିତ ହେଉଅଛି ଏବଂ ମାନସିକ ଓ ଶାରୀରିକ ଯୋଗବିଘ୍ନସମୂହ ଦୂରୀଭୂତ ହେଉଅଛି । ବର୍ତ୍ତମାନ ପ୍ରଶ୍ନ ଉଠିପାରେ ଏହି ଯୋଗବିଘ୍ନଗୁଡ଼ିକ କଅଣ ?

---

* କ୍ଷଣମିହ ସଜ୍ଜନସଙ୍ଗତିରେକା । ଭବତି ଭବାର୍ଣ୍ଣବତରଣେ ନୌକା ॥

—ମୋହମୁଦ୍‌ଗର, ଶଙ୍କରାଚାର୍ଯ୍ୟ ।

**ବ୍ୟାଧିସ୍ତ୍ୟାନସଂଶୟପ୍ରମାଦାଲସ୍ୟାବିରତି-ଭ୍ରାନ୍ତିଦର୍ଶନାଲବ୍ଧଭୂମି-କତ୍ୱାନବସ୍ଥିତତ୍ୱାନି ଚିତ୍ତବିକ୍ଷେପାସ୍ତେଽନ୍ତରାୟାଃ ।।୩୦।।**

—ରୋଗ, ମାନସିକ ଜଡ଼ତା, ସନ୍ଦେହ, ଉଦ୍ୟମହୀନତା, ଆଳସ୍ୟ, ବିଷୟତୃଷ୍ଣା, ମିଥ୍ୟା ଅନୁଭବ, ଏକାଗ୍ରତା ଲାଭ ନ କରିବା, (ଉପଯୁକ୍ତ) ଅବସ୍ଥା ଲାଭ ହେଲେ ମଧ୍ୟ ସେଥିରୁ ପୁନଶ୍ଚ ପତିତ ହେବା—ଏଗୁଡ଼ିକ ଚିତ୍ତବିକ୍ଷେପକର ଅନ୍ତରାୟ ।

ବ୍ୟାଧି : ଜୀବନ-ସମୁଦ୍ରର ଆର ପାରିକୁ ନେଇଯିବା ପାଇଁ ଏହି ଶରୀର ଆମମାନଙ୍କର ଏକମାତ୍ର ନୌକା । ବିଶେଷ ଭାବରେ ଏହାର ଯତ୍ନ ନେବାକୁ ପଡ଼ିବ । ଅସୁସ୍ଥ ବ୍ୟକ୍ତି ଯୋଗୀ ହୋଇପାରିବ ନାହିଁ । ସ୍ତ୍ୟାନ : ମାନସିକ ଜଡ଼ତା ଆସିଲେ ଆମମାନଙ୍କର ଯୋଗବିଷୟକ ପ୍ରବଳ ଅନୁରାଗ ନଷ୍ଟ ହୋଇଯାଏ; ଏହାର ଅଭାବ ହେତୁ ସାଧନ କରିବା ପାଇଁ ଯେଉଁ ଦୃଢ଼ ସଂକଳ୍ପ ଓ ଶକ୍ତି ପ୍ରୟୋଜନ, ତାହା ରହେ ନାହିଁ । ସଂଶୟ : ଆମର ଯୋଗବିଜ୍ଞାନ ବିଷୟରେ ବିଚାରଜନିତ ବିଶ୍ୱାସ ଯେତେ ଥାଉନା କାହିଁକି, ଯେତେଦିନ ପର୍ଯ୍ୟନ୍ତ ଦୂରଦର୍ଶନ, ଦୂରଶ୍ରବଣାଦି ଅଲୌକିକ ଅନୁଭୂତି ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଏ ବିଦ୍ୟାର ସତ୍ୟତା ବିଷୟରେ ଅନେକ ସନ୍ଦେହ ଆସିବ । ଏଗୁଡ଼ିକର ଟିକିଏ ଟିକିଏ ଆଭାସ ପାଇଲେ ମନ ଦୃଢ଼ ହୋଇଥାଏ, ଫଳରେ ସାଧକ ଯୋଗସାଧନରେ ଆହୁରି ଅଧ୍ୟବସାୟଶୀଳ ହୁଅନ୍ତି । ଅନବସ୍ଥିତତ୍ୱ : କିଛି ଦିନ ବା କେତେ ସପ୍ତାହ ଧରି ସାଧନ କଲେ ଦେଖିବ ମନ ସହଜରେ ଏକାଗ୍ର ଓ ସ୍ଥିର ହେଉଅଛି, ବୋଧ ହେଉଛି ତୁମେ ସାଧନପଥରେ ଦ୍ରୁତ ଅଗ୍ରଗତି କରୁଅଛ । କିନ୍ତୁ ଦିନେ ଦେଖିବ, ହଠାତ୍ ତୁମର ଏହି ଅଗ୍ରଗତି ବାଧିତ ହେଉଛି । ଜାହାଜ ଚଡ଼ାରେ ଲାଗିଲେ ଯେପରି ଅସହାୟ ହୋଇଯାଏ, ତୁମର ମଧ୍ୟ ସେହିପରି ଅବସ୍ଥା ହୋଇଅଛି । କିନ୍ତୁ ଏହି ଅବସ୍ଥାରେ ସୁଦ୍ଧା ଅଧ୍ୟବସାୟଶୂନ୍ୟ ହୁଅ ନାହିଁ । ବାରମ୍ବାର ଉତ୍ଥାନ-ପତନ ଭିତରେ ଦେଇ ଅଗ୍ରଗତି ହୋଇଥାଏ ।*

**ଦୁଃଖଦୌର୍ମନସ୍ୟାଙ୍ଗମେଜୟତ୍ୱଶ୍ୱାସପ୍ରଶ୍ୱାସା ବିକ୍ଷେପ ସହଭୁବଃ ।।୩୧।।**

—ଦୁଃଖ, ମନ ଖରାପ ହେବା, ଶରୀରର ଅସ୍ଥିରତା, ଅନିୟମିତ ଶ୍ୱାସପ୍ରଶ୍ୱାସ, ଏଗୁଡ଼ିକ ଏକାଗ୍ରତାର ଅଭାବ ସଙ୍ଗେ ସଙ୍ଗେ ଉତ୍ପନ୍ନ ହୁଏ ।

ଯେତେବେଳେ ଏକାଗ୍ରତାର ଅଭ୍ୟାସ କରାଯାଏ, ସେତେବେଳେ ମନ ଓ ଶରୀର ସମ୍ପୂର୍ଣ୍ଣ ସ୍ଥିରଭାବ ଧାରଣ କରିବ । ସାଧନ ଯେତେବେଳେ ଠିକ୍ ପଥରେ ଚାଳିତ ନ ହୁଏ, ଅଥବା ଚିତ୍ତ ଯେଉଁ ସମୟରେ ଯଥେଷ୍ଟ ସଂଯତ ନ ଥାଏ, ସେତିକିବେଳେ ହିଁ ଏହି ବିଘ୍ନଗୁଡ଼ିକ ଆସି ଉପସ୍ଥିତ ହୁଅନ୍ତି । ଓଁକାର ଜପ ଓ ଈଶ୍ୱରଙ୍କଠାରେ ଆତ୍ମସମର୍ପଣ କଲେ ମନ ଦୃଢ଼ ହୁଏ ଏବଂ ଦେହ ଓ ମନରେ ନୂତନ ଶକ୍ତି ସଞ୍ଚାରିତ ହୁଏ । ସାଧନ-ପଥରେ ପ୍ରାୟ ସମସ୍ତଙ୍କର ଏହିପରି ସ୍ନାୟବୀୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ । ସେଥିପ୍ରତି ଦୃଷ୍ଟି ନ ଦେଇ ସାଧନ କରିଯାଅ । ସାଧନଦ୍ୱାରା ସେଗୁଡ଼ିକ ଚାଲିଯିବ ।

---

* ଏହି ସୂତ୍ରର ବ୍ୟାଖ୍ୟାରେ 'ପ୍ରମାଦ,' 'ଆଳସ୍ୟ,' 'ଅବିରତି,' 'ଭ୍ରାନ୍ତିଦର୍ଶନ,' 'ଅଲବ୍ଧଭୂମିକତ୍ୱ' ବିଷୟରେ କିଛି କୁହାଯାଇ ନାହିଁ । ସୂତ୍ରାର୍ଥେ ଯାହା କୁହାଯାଇଅଛି, ତଦନୁଯାୟୀ ବୁଝିବାକୁ ହେବ ।

**ତଦ୍‌ପ୍ରତିଷେଧାର୍ଥମେକତତ୍ତ୍ୱାଭ୍ୟାସଃ ॥୩୨॥**

—ଏହା ନିବାରଣ ପାଇଁ 'ଏକତତ୍ତ୍ୱ' ଅଭ୍ୟାସ ଆବଶ୍ୟକ ।

କିଛିକ୍ଷଣ ପାଇଁ ମନକୁ କୌଣସି ଗୋଟିଏ ବିଷୟର ଆକାରରେ ପକାଇବାର ଚେଷ୍ଟା କଲେ ପୂର୍ବୋକ୍ତ ବିଘ୍ନଗୁଡ଼ିକ ଚାଲିଯାଏ । ଏହି ଉପଦେଶଟି ଏଠାରେ ଖୁବ୍ ସାଧାରଣଭାବେ ଦିଆଯାଇଛି । ପରବର୍ତ୍ତୀ ସୂତ୍ରଗୁଡ଼ିକରେ ଏହି ଉପଦେଶଟିର ବିସ୍ତାରିତ ବିବୃତି ହେବ ଏବଂ ବିଶେଷ ଧ୍ୟେୟ ବିଷୟରେ ଏହି ସାଧାରଣ ଉପଦେଶର ପ୍ରୟୋଗ ଉପଦିଷ୍ଟ ହେବ । ଗୋଟିଏ ପ୍ରକାର ଅଭ୍ୟାସ ସମସ୍ତଙ୍କ ପକ୍ଷରେ ପ୍ରଯୋଜ୍ୟ ହୋଇ ନ ପାରେ, ତେଣୁ ନାନା ପ୍ରକାର ଉପାୟର କଥା କୁହାଯାଇଅଛି । ପ୍ରତ୍ୟେକେ ନିଜେ ପରୀକ୍ଷା କରି ଦେଖି ନେଇପାରନ୍ତି, କେଉଁଟି ତାଙ୍କ ଉପଯୁକ୍ତ ।

**ମୈତ୍ରୀ-କରୁଣା-ମୁଦିତୋପେକ୍ଷାଣାଂ ସୁଖଦୁଃଖପୁଣ୍ୟାପୁଣ୍ୟ-ବିଷୟାଣାଂ ଭାବନାତଶ୍ଚିତ୍ତପ୍ରସାଦନମ୍ ॥୩୩॥**

—ସୁଖୀ, ଦୁଃଖୀ, ପୁଣ୍ୟବାନ୍ ଓ ପାପୀ ପ୍ରତି ଯଥାକ୍ରମେ ବନ୍ଧୁତା, ଦୟା, ଆନନ୍ଦ ଓ ଉପେକ୍ଷା ଭାବ ଧାରଣ କରିପାରିଲେ ଚିତ୍ତ ପ୍ରସନ୍ନ ହୁଏ ।

ଆମମାନଙ୍କର ଏହି ଚାରିପ୍ରକାର ଭାବ ରହିବା ଆବଶ୍ୟକ । ଆମମାନଙ୍କର ସଜ୍ଜନଙ୍କ ସହ ବନ୍ଧୁତା ରଖିବା, ଦୀନଜନ ପ୍ରତି ଦୟାବାନ୍ ହେବା, ଲୋକଙ୍କୁ ସତ୍‌କର୍ମରତ ଦେଖିଲେ ସୁଖୀ ହେବା ଏବଂ ଅସତ୍ ବ୍ୟକ୍ତି ପ୍ରତି ଉପେକ୍ଷା ପ୍ରଦର୍ଶନ କରିବା ଆବଶ୍ୟକ । ଏହି ବିଷୟଗୁଡ଼ିକ ଯେତେବେଳେ ଆମ ସମ୍ମୁଖକୁ ଆସେ, ସେତେବେଳେ ସେଗୁଡ଼ିକ ପ୍ରତି ଆମମାନଙ୍କର ଏହିପରି ଭାବ ଧାରଣ କରିବା ଆବଶ୍ୟକ । ଯଦି ବିଷୟଟି ସୁଖକର ହୁଏ, ତେବେ ତାହା ପ୍ରତି 'ମୈତ୍ରୀ' ଅର୍ଥାତ୍ ଅନୁକୂଳ ଭାବ ଧାରଣ କରିବା ଆବଶ୍ୟକ । ପୁଣି ଯଦି କୌଣସି ଦୁଃଖକର ଘଟଣା ଆମମାନଙ୍କର ଚିନ୍ତାର ବିଷୟ ହୁଏ, ତେବେ ଯେପରି ଆମମାନଙ୍କ ଅନ୍ତଃକରଣ ତାହା ପ୍ରତି 'କରୁଣା'—ଭାବାପନ୍ନ ହୁଏ । ଯଦି ଏହା କୌଣସି ଶୁଭ ବିଷୟ ହୁଏ, ତେବେ ଆମେ ଆନନ୍ଦିତ ହେବା ଉଚିତ । ପୁଣି ଅସତ୍ ବିଷୟ ହେଲେ ସେ ବିଷୟରେ ଉଦାସୀନ ରହିବା ହିଁ ଶ୍ରେୟ । ଭିନ୍ନ ଭିନ୍ନ ବିଷୟ ପ୍ରତି ମନର ଏହି ସକଳଭାବ ଆସିଲେ ମନ ଶାନ୍ତ ହୋଇଯିବ । ଆମମାନଙ୍କର ଦୈନନ୍ଦିନ ଜୀବନରେ ଅଧିକାଂଶ ଗୋଳମାଳ ଓ ଅଶାନ୍ତିର କାରଣ ହେଉଛି ମନର ଏହି ସକଳଭାବ ଧାରଣ କରିବାର ଅକ୍ଷମତା । ମନେକର, ଜଣେ ମୋ ପ୍ରତି କୌଣସି ଅନ୍ୟାୟ ବ୍ୟବହାର କଲା । ସଙ୍ଗେ ସଙ୍ଗେ ମୁଁ ତାର ପ୍ରତିକାର କରିବାକୁ ଉଦ୍ୟତ ହେଲି । ପୁନଶ୍ଚ ଆମେ ଯେ କୌଣସି ଅନ୍ୟାୟ ବ୍ୟବହାରର ପ୍ରତିଶୋଧ ନ ନେଇ ରହିପାରୁ ନାହୁଁ, ତା'ର କାରଣ ଚିତ୍ତର ଅସଂଯତ ଅବସ୍ଥା । ଚିତ୍ତ ତାହା ପ୍ରତି ତରଙ୍ଗାକାରରେ ଧାବମାନ ହୁଏ ଓ ଆମେ ମନର ଶକ୍ତି ହରାଇବସୁ । ଆମ ମନରେ ଘୃଣା ଅଥବା ଅନ୍ୟ ପ୍ରତି ଅନିଷ୍ଟଭାବ ପୋଷଣରୂପକ ଯେଉଁ ପ୍ରତିକ୍ରିୟା ଦେଖା ଦିଏ, ତାହା ଶକ୍ତିର ଅପଚୟମାତ୍ର । ଯଦି କୌଣସି ଅଶୁଭ ଚିନ୍ତା ବା ଘୃଣାପ୍ରସୂତ କାର୍ଯ୍ୟ ଅଥବା କୌଣସି ପ୍ରକାର ପ୍ରତିକ୍ରିୟାର ଚିନ୍ତା ଦମନ କରାଯାଏ, ତେବେ ସେଥିରୁ ଶୁଭ ଶକ୍ତି ଉତ୍ପନ୍ନ ହୋଇ ଆମମାନଙ୍କର ଉପକାରାର୍ଥେ ସଞ୍ଚିତ ରହିବ । ସଂଯମଦ୍ୱାରା ଆମର ଯେ, କୌଣସି କ୍ଷତି ହୁଏ, ତାହା ନୁହେଁ, ବରଂ ସେଥିରୁ ଆଶାତୀତ ଉପକାର ମିଳିଥାଏ । ଯେତେବେଳେ

ଆମେ ଘୃଣା ଅଥବା କ୍ରୋଧବୃତ୍ତିକୁ ସଂଯତ କରୁ, ସେତେବେଳେ ତାହା ଆମର ଅନୁକୂଳରେ ଶୁଭ ଶକ୍ତି ରୂପେ ସଞ୍ଚିତ ହୋଇ ରହେ ଏବଂ ଉଚ୍ଚତର ଶକ୍ତିରେ ପରିଣତ ହୁଏ ।

**ପ୍ରଚ୍ଛର୍ଦନ–ବିଧାରଣାଭ୍ୟାଂ ବା ପ୍ରାଣସ୍ୟ ।।୩୪।।**

—ଯଥାଯଥ ରେଚକ ଓ କୁମ୍ଭକଦ୍ୱାରା (ଚିତ୍ତ ସ୍ଥିର ହୁଏ) ।

ଏଠାରେ 'ପ୍ରାଣ' ଶବ୍ଦ ବ୍ୟବହୃତ ହୋଇଅଛି । ପ୍ରାଣର ଅର୍ଥ ଶ୍ୱାସ ନୁହେଁ । ସମଗ୍ର ଜଗତରେ ଯେଉଁ ଶକ୍ତି ବ୍ୟାପ୍ତ ହୋଇ ରହିଛି, ତାହାର ନାମ 'ପ୍ରାଣ' । ଜଗତରେ ଯାହା ସବୁ ଦେଖୁଅଛ, ଯାହା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନାଗମନ କରେ, ଯାହା କାର୍ଯ୍ୟ କରିପାରେ, ଅଥବା ଯାହାର ଜୀବନ ଅଛି, ତାହା ହିଁ ଏହି ପ୍ରାଣର ବିକାଶ । ସମୁଦାୟ ଜଗତରେ ଯେତେ ଶକ୍ତି ପ୍ରକାଶିତ ରହିଅଛି, ତାହାର ସମଷ୍ଟିକୁ 'ପ୍ରାଣ' କହନ୍ତି । କଳ୍ପାରମ୍ଭର ପ୍ରାକ୍‌କାଳରେ ଏହି ପ୍ରାଣ ପ୍ରାୟ ଏକପ୍ରକାର ଗତିହୀନ ଅବସ୍ଥାରେ (ଅବ୍ୟକ୍ତ) ଥାଏ, ପୁନଶ୍ଚ କଳ୍ପାରମ୍ଭ ହେଲେ ପ୍ରାଣ ବ୍ୟକ୍ତ ହେବାକୁ ଆରମ୍ଭ କରେ । ଏହି ପ୍ରାଣ ଗତିରୂପେ ପ୍ରକାଶିତ ହେଉଅଛି, ଏହା ହିଁ ମନୁଷ୍ୟଜାତି ଅଥବା ଅନ୍ୟାନ୍ୟ ପ୍ରାଣୀଠାରେ ସ୍ନାୟବୀୟ ଗତିରୂପରେ ପ୍ରକାଶିତ । ଏହି ପ୍ରାଣ ହିଁ ପୁନଶ୍ଚ ଚିନ୍ତା ଓ ଅନ୍ୟାନ୍ୟ ଶକ୍ତିରୂପେ ପ୍ରକାଶିତ ହୁଏ । ସମଗ୍ର ଜଗତ ଏହି ପ୍ରାଣ ଓ ଆକାଶର ସମଷ୍ଟି । ମନୁଷ୍ୟ ଦେହରେ ମଧ୍ୟ ଏହିରୂପ; ଯାହା କିଛି ଦେଖୁଛ ବା ଅନୁଭବ କରୁଛ, ସକଳ ପଦାର୍ଥ ଆକାଶରୁ ଉତ୍ପନ୍ନ, ଆଉ ବିଭିନ୍ନ ଶକ୍ତି ପ୍ରାଣରୁ ଉତ୍ପନ୍ନ ହୋଇଅଛି । ଏହି ପ୍ରାଣ ବାହାରକୁ ତ୍ୟାଗ କରିବା ଓ ଧାରଣ କରିବାର ନାମ 'ପ୍ରାଣାୟାମ' । ଯୋଗଶାସ୍ତ୍ରର ଆଦିପ୍ରଣେତା ପତଞ୍ଜଳି ଏହି ପ୍ରାଣାୟାମ ସମ୍ବନ୍ଧରେ କୌଣସି ବିଶେଷ ବିଧାନ ଦେଇ ନାହାନ୍ତି; କିନ୍ତୁ ତାଙ୍କ ପରବର୍ତ୍ତୀ ଯୋଗୀମାନେ ପ୍ରାଣାୟମ ସମ୍ବନ୍ଧରେ ଅନେକ ତତ୍ତ୍ୱ ଆବିଷ୍କାର କରି ଏହାକୁ ଗୋଟିଏ ମହତୀ ବିଦ୍ୟାରେ ପରିଣତ କରିଛନ୍ତି । ପତଞ୍ଜଳିଙ୍କ ମତରେ ଏହା ଚିତ୍ତବୃତ୍ତିନିରୋଧର ଅନେକ ଉପାୟ ମଧ୍ୟରୁ ଗୋଟିଏ ଉପାୟ ମାତ୍ର; ସେ ଏହା ଉପରେ ବିଶେଷ ଜୋର୍ ଦେଇ ନାହାନ୍ତି । ତାଙ୍କର ବକ୍ତବ୍ୟ ହେଉଛି, ଶ୍ୱାସ କିଛି ସମୟ ପାଇଁ ଛାଡ଼ିଦେଇ ପୁନଶ୍ଚ ଭିତରକୁ ଟାଣିନେବ ଏବଂ କିଛି ସମୟ ପାଇଁ ଏହାକୁ ଧାରଣ କରି ରଖିବ; ସେଥିରେ ମନ ଅପେକ୍ଷାକୃତ ସ୍ଥିର ହେବ । ପରବର୍ତ୍ତୀ କାଳରେ ଏଥିରୁ 'ପ୍ରାଣାୟାମ' ନାମକ ବିଶେଷ ବିଦ୍ୟାର ଉତ୍ପତ୍ତି ହୋଇଅଛି । ପରବର୍ତ୍ତୀ ଯୋଗୀଗଣ ଏ ବିଷୟରେ କଅଣ କହନ୍ତି, ତାହା ଆମମାନଙ୍କର ଜାଣିବା ଆବଶ୍ୟକ ।

ଏ ବିଷୟରେ ପୂର୍ବରୁ କିଛି କୁହାଯାଇଅଛି । ବର୍ତ୍ତମାନ ଅଧିକ କିଛି କହିଲେ, ତୁମ ପକ୍ଷରେ ବୁଝିବାକୁ ସୁବିଧା ହେବ । ପ୍ରଥମତଃ ମନେ ରଖିବାକୁ ହେବ, 'ପ୍ରାଣ' କହିଲେ ଠିକ୍ ଶ୍ୱାସପ୍ରଶ୍ୱାସକୁ ବୁଝାଏ ନାହିଁ; ବରଂ ଯେଉଁ ଶକ୍ତିବଳରେ ଶ୍ୱାସପ୍ରଶ୍ୱାସର ଗତି ହୁଏ, ଯେଉଁ ଶକ୍ତିଟି ବାସ୍ତବିକ ଶ୍ୱାସପ୍ରଶ୍ୱାସର ମଧ୍ୟ ପ୍ରାଣସ୍ୱରୂପ, ତାହାକୁ ହିଁ 'ପ୍ରାଣ' କହନ୍ତି । ପୁଣି ଇନ୍ଦ୍ରିୟସମୂହକୁ ବୁଝାଇବା ପାଇଁ ମଧ୍ୟ ଏହି 'ପ୍ରାଣ' ଶବ୍ଦ ବ୍ୟବହୃତ ହୋଇଥାଏ । ଏହି ସମୁଦାୟ ହିଁ 'ପ୍ରାଣ' । ମନକୁ ମଧ୍ୟ 'ପ୍ରାଣ' କହନ୍ତି । ଅର୍ଥାତ୍ 'ପ୍ରାଣ' ହିଁ ଶକ୍ତି । ତଥାପି ଆମେ ଏହାକୁ ଶକ୍ତି ନାମରେ ଅଭିହିତ କରିପାରୁ ନାହୁଁ; କାରଣ ଶକ୍ତି ଏହି ପ୍ରାଣର ବିକାଶ ମାତ୍ର । ଶକ୍ତି ଓ ନାନାବିଧ ଗତିରୂପେ ଏହା ପ୍ରକାଶିତ ହେଉଅଛି । ମନର ଉପାଦାନ ଚିତ୍ତ ଯନ୍ତ୍ରବତ୍ ଚତୁର୍ଦ୍ଦିଗରୁ ପ୍ରାଣରୁ ଆକର୍ଷଣ କରେ ଏବଂ ଏହି ପ୍ରାଣରୁ ହିଁ ଶରୀରରକ୍ଷାର ଉପାଦାନସ୍ୱରୂପ ଭିନ୍ନ ଭିନ୍ନ ଜୀବନୀଶକ୍ତି

ଏବଂ ଚିନ୍ତା, ଇଚ୍ଛା ଓ ଅନ୍ୟାନ୍ୟ ଶକ୍ତିସମୂହ ଉତ୍ପନ୍ନ ହେଉଅଛି । ଏହି ପ୍ରାଣାୟାମ କ୍ରିୟାଦ୍ୱାରା ଆମେ ଶରୀରର ଭିନ୍ନ ଭିନ୍ନ ଗତି ଓ ଶରୀର ଅନ୍ତର୍ଗତ ଭିନ୍ନ ଭିନ୍ନ ସ୍ନାୟବୀୟ ଶକ୍ତିପ୍ରବାହଗୁଡ଼ିକୁ ସଂଯତ କରିପାରିବା । ଆମେ ପ୍ରଥମେ ଏଗୁଡ଼ିକ ସହିତ ପରିଚିତ ହେଉ ଏବଂ କ୍ରମଶଃ ସେଗୁଡ଼ିକ ଉପରେ କ୍ଷମତା ଲାଭ କରୁ ଏବଂ ଏଗୁଡ଼ିକୁ ବଶୀଭୂତ କରିବା ପାଇଁ ସମର୍ଥ ହେଉ ।

ପତଞ୍ଜଳିଙ୍କ ପରବର୍ତ୍ତୀ ଯୋଗୀମାନଙ୍କ ମତରେ ଶରୀର ମଧ୍ୟରେ ତିନୋଟି ପ୍ରଧାନ ପ୍ରାଣପ୍ରବାହ ରହିଅଛି । ଗୋଟିକୁ ସେମାନେ 'ଇଡ଼ା', ଅପରଟିକୁ 'ପିଙ୍ଗଳା' ଓ ତୃତୀୟଟିକୁ 'ସୁଷୁମ୍ନା' କହନ୍ତି । ସେମାନଙ୍କ ମତରେ ପିଙ୍ଗଳା ମେରୁଦଣ୍ଡର ଦକ୍ଷିଣ ପଟରେ, ଇଡ଼ା ବାମ ପଟରେ ଏବଂ ମେରୁଦଣ୍ଡର ମଧ୍ୟଦେଶରେ ଶୂନ୍ୟନାଳୀ ସୁଷୁମ୍ନା ଅଛି । ସେମାନଙ୍କ ମତରେ ଇଡ଼ା ଓ ପିଙ୍ଗଳା ନାମକ ଶକ୍ତିପ୍ରବାହଦ୍ୱୟ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ପ୍ରବାହିତ ହେଉଅଛି ଏବଂ ସେମାନଙ୍କ ସାହାଯ୍ୟରେ ଆମେ ଶରୀରର କ୍ରିୟାଦି ସମ୍ପନ୍ନ କରୁଅଛୁ । ସୁଷୁମ୍ନା ସମସ୍ତଙ୍କ ମଧ୍ୟରେ ଅଛି ସତ, ତେବେ କେବଳ ଯୋଗୀଙ୍କ ଶରୀରରେ ତାହା କ୍ରିୟାଶୀଳ । ତୁମମାନଙ୍କର ସ୍ମରଣ ରଖିବା ଉଚିତ ଯେ, ଯୋଗୀ ଯୋଗସାଧନ ବଳରେ ନିଜ ଦେହ ପରିବର୍ତ୍ତିତ କରନ୍ତି । ଯେତେ ମାତ୍ରାରେ ସାଧନ କରିବ, ସେତେ ମାତ୍ରାରେ ତୁମର ଦେହ ପରିବର୍ତ୍ତିତ ହେବ; ସାଧନ ପୂର୍ବରୁ ତୁମର ଶରୀର ଯେପରି ଥିଲା, ପରେ ଆଉ ସେପରି ରହିବ ନାହିଁ । ଏହା ଅଯୌକ୍ତିକ କଥା ନୁହେଁ । ଆମେ ଯେଉଁସବୁ ନୂତନ ଚିନ୍ତା କରୁ, ସେସବୁ ଯେପରି ଆମମାନଙ୍କର ମସ୍ତିଷ୍କ ଭିତରେ ଗୋଟିଏ ଗୋଟିଏ ନୂଆ ପ୍ରଣାଳୀ ନିର୍ମାଣ କରିଦିଏ । ଏଥିରୁ ବୁଝାଯାଉଛି, ମନୁଷ୍ୟର ସ୍ୱଭାବ ସ୍ଥିତିଶୀଳତାର ପକ୍ଷପାତୀ କାହିଁକି ? ମନୁଷ୍ୟର ସ୍ୱଭାବ ଏପରି ଯେ, ତାହା ପୂର୍ବାବର୍ତ୍ତିତ ପଥରେ ଭ୍ରମଣ କରିବାକୁ ଚାହେଁ; କାରଣ ତାହା ଅପେକ୍ଷାକୃତ ସହଜ । ଦୃଷ୍ଟାନ୍ତସ୍ୱରୂପ, ଯଦି ମନେ କରାଯାଏ ଯେ, ମନ ଗୋଟିଏ ସୂଚି ଆଉ ମସ୍ତିଷ୍କ ଏହା ସମ୍ମୁଖରେ ଗୋଟିଏ କୋମଳ ପିଣ୍ଡସଦୃଶ, ତାହେଲେ ଦେଖାଯିବ ଯେ, ଆମର ପ୍ରତ୍ୟେକ ଚିନ୍ତା ମସ୍ତିଷ୍କ ମଧ୍ୟରେ ଯେପରିକି ଗୋଟିଏ ନୂତନ ପଥ ପ୍ରସ୍ତୁତ କରିଦେଉଛି, ଆଉ ମସ୍ତିଷ୍କମଧ୍ୟସ୍ଥ ଧୂସର ପଦାର୍ଥ ଏହି ପଥଟିକୁ ପୃଥକ୍ ରଖିବା ପାଇଁ ତାହାର ଗୋଟିଏ ସ୍ତର ପ୍ରସ୍ତୁତ କରିଦେଉଛି । ଯଦି ଏହି ଧୂସରବର୍ଣ୍ଣ ପଦାର୍ଥ ନ ଥାଆନ୍ତା, ତା'ହେଲେ ଆମମାନଙ୍କର କୌଣସି ସ୍ମୃତି ସମ୍ଭବ ହୁଅନ୍ତା ନାହିଁ । କାରଣ ସ୍ମୃତିର ଅର୍ଥ ପୁରାତନ ପଥରେ ଭ୍ରମଣ, ଗୋଟିଏ ଚିନ୍ତାର ପ୍ରତ୍ୟାନୁସରଣ କରିବା । ହୁଏତ ତୁମେମାନେ ଲକ୍ଷ୍ୟ କରିଥିବ, ଯେତେବେଳେ ମୁଁ ସମସ୍ତଙ୍କର ପରିଚିତ ବିଷୟ ଉପରେ କିଛି କହେ, ସେତେବେଳେ ତୁମେମାନେ ସହଜରେ ମୋ କଥା ବୁଝିଥାଅ । ଏହାର କାରଣ, ଏହି ଚିନ୍ତାର ପଥ ବା ପ୍ରଣାଳୀଗୁଡ଼ିକ ପ୍ରତ୍ୟେକଙ୍କ ମସ୍ତିଷ୍କରେ ପୂର୍ବରୁ ବିଦ୍ୟମାନ ଅଛି, କେବଳ ଏଗୁଡ଼ିକୁ ଫେରାଇ ଆଣିବାକୁ ହୁଏ । କିନ୍ତୁ ଯେତେବେଳେ କୌଣସି ନୂତନ ବିଷୟ ଆମ ସମ୍ମୁଖକୁ ଆସେ, ସେତେବେଳେ ମସ୍ତିଷ୍କ ମଧ୍ୟରେ ଏକ ନୂଆ ପ୍ରଣାଳୀ ନିର୍ମାଣ କରିବାକୁ ପଡ଼େ । ତେଣୁ ସେତେ ସହଜରେ ତାହା ବୁଝିହୁଏ ନାହିଁ । ମସ୍ତିଷ୍କ ହିଁ ଅଜ୍ଞାତସାରରେ ଏହି ନୂତନ ଧରଣର ଭାବଦ୍ୱାରା ପରିଚାଳିତ ହେବା ପାଇଁ ଅସ୍ୱୀକାର କରେ । ପ୍ରାଣ ନୂଆ ନୂଆ ପ୍ରଣାଳୀ କରିବାକୁ ଚେଷ୍ଟା କରୁଅଛି । ମସ୍ତିଷ୍କ କିନ୍ତୁ ତାହା କରିବାକୁ ଦେଉନାହିଁ । ମନୁଷ୍ୟ ଯେ ସ୍ଥିତିଶୀଳତାର ଏତେ ପକ୍ଷପାତୀ ଏହା ହିଁ ତାହାର ଗୂଢ଼ ରହସ୍ୟ । ମସ୍ତିଷ୍କ ମଧ୍ୟରେ ଏହି ପ୍ରଣାଳୀଗୁଡ଼ିକ ଯେତେ ଅଳ୍ପ

ପରିମାଣରେ ଥିବ, ପ୍ରାଣରୂପକ ସୂଚି ଏହା ଭିତରେ ଯେତେ ଅଳ୍ପ ସଂଖ୍ୟକ ପଥ ପ୍ରସ୍ତୁତ କରିଥିବ, ମସ୍ତିଷ୍କ ଠିକ୍ ସେତିକି ରକ୍ଷଣଶୀଳ ହେବ, ସେତେ ତାହା ନୂଆ ପ୍ରକାର ଚିନ୍ତା ଓ ଭାବ ବିରୋଧରେ ସଂଗ୍ରାମ କରିବ । ମନୁଷ୍ୟ ଯେତେ ଚିନ୍ତାଶୀଳ ହୁଏ, ମସ୍ତିଷ୍କ ଭିତରର ପଥଗୁଡ଼ିକ ମଧ୍ୟ ସେତେ ବେଶୀସଂଖ୍ୟକ ଓ ଜଟିଳ ହେବ ଏବଂ ସେତେ ସହଜରେ ଏହା ନୂଆ ନୂଆ ଭାବ ଗ୍ରହଣ କରିବ ଓ ତାହା ବୁଝିପାରିବ । ପ୍ରତ୍ୟେକ ନୂତନ ଭାବ ସମ୍ବନ୍ଧରେ ଏହିପରି ଜାଣିବ । ମସ୍ତିଷ୍କକୁ ଗୋଟିଏ ନୂତନ ଭାବ ଆସିଲା ମାତ୍ରେ ମସ୍ତିଷ୍କ ଭିତରେ ଏକ ନୂତନ ପ୍ରଣାଳୀ ନିର୍ମିତ ହୁଏ । ଏହି କାରଣରୁ ଯୋଗ ଅଭ୍ୟାସ ସମୟରେ ଆମେ ଏତେ ଶାରୀରିକ ବାଧା ପାଇଥାଉ । ଯୋଗ ନୂତନ ଚିନ୍ତା ଓ ଭାବର ସମଷ୍ଟି । ଏଥିପାଇଁ ଆମେ ଦେଖିବାକୁ ପାଉ, ଧର୍ମର ଯେଉଁ ଅଂଶରେ ପ୍ରକୃତିର ଜାଗତିକ ଭାବର ଅଧିକ ବ୍ୟବହାର ଅଛି, ତାହା ବହୁ ଲୋକଙ୍କର ଗ୍ରାହ୍ୟ ହୁଏ; ମାତ୍ର ତାହାର ଅପରାଂଶ ଅର୍ଥାତ୍ ଦର୍ଶନ ବା ମନୋବିଜ୍ଞାନ ଯାହା କେବଳ ମନୁଷ୍ୟର ଅନ୍ତଃପ୍ରକୃତିଗତ, ତାହା ସାଧାରଣତଃ ଅବହେଳିତ ହୋଇଥାଏ ।

ଆମର ଏହି ଜଗତର ସଂଜ୍ଞା କଣ, ତାହା ଆମର ସ୍ମରଣ ରଖିବା ଆବଶ୍ୟକ । ଜଗତ ଆମର ସଜ୍ଞାନଭୂମିରେ ପ୍ରକାଶିତ (ପ୍ରକ୍ଷେପିତ) ଅନନ୍ତ ସତ୍ତାମାତ୍ର । ଅନନ୍ତର କିୟଦଂଶ ଆମର ଚେତନାସ୍ତରରେ ପ୍ରକାଶିତ ହୋଇଅଛି ଏବଂ ତାହାକୁ ଆମେ ଆମର 'ଜଗତ' କହିଥାଉ । ତାହାହେଲେ ଦେଖାଗଲା, ଇନ୍ଦ୍ରିୟାନୁଭୂତିର ବାହାରେ ଏକ ଅନନ୍ତ ସତ୍ତା ରହିଅଛି । ଏହି କ୍ଷୁଦ୍ର ଜଡ଼ପିଣ୍ଡ, ଯାହାକୁ ଆମେ ଜଗତ କହୁ ଏବଂ ଏହାର ଅତୀତ ଅନନ୍ତ ସତ୍ତା—ଏହି ଉଭୟ ବିଷୟ ହିଁ ଧର୍ମର ଅନ୍ତର୍ଗତ । ଯେଉଁ ଧର୍ମ କେବଳ ଗୋଟିକୁ ନେଇ ବ୍ୟାପୃତ, ତାହା ଅସମ୍ପୂର୍ଣ୍ଣ । ଧର୍ମକୁ ଏହି ଉଭୟ ଦୃଷ୍ଟିରୁ ଆଲୋଚନା କରିବାକୁ ହେବ । ଅନନ୍ତର ଯେଉଁ ଅଂଶ ଟିକକ ଆମେ ଅନୁଭବ କରୁଅଛୁ, ଯେଉଁ ଟିକକ ଦେଶକାଳ ନିମିତ୍ତରୂପକ ପିଞ୍ଜର ମଧ୍ୟରେ ଆସି ପଡ଼ିଅଛି, ଧର୍ମର ଏହି କ୍ଷୁଦ୍ର ଅଂଶ ଆମର ସହଜରେ ବୋଧଗମ୍ୟ ହୁଏ; କାରଣ, ଆମେ ସ୍ମରଣାତୀତ କାଳରୁ ଏହା ସହିତ ପରିଚିତ । କିନ୍ତୁ ଧର୍ମର ଯେଉଁ ଅଂଶ ଅନନ୍ତବିଷୟକ, ତାହା ଆମ ପକ୍ଷରେ ସମ୍ପୂର୍ଣ୍ଣ ନୂତନ । ସେଥିପାଇଁ ଏହି ନୂତନ ଚିନ୍ତାର ଫଳସ୍ୱରୂପ ମସ୍ତିଷ୍କ ମଧ୍ୟରେ ନୂଆ ନୂଆ ପ୍ରଣାଳୀ ଗଠିତ ହେଉଥାଏ । ଏବଂ ତାହା ଯେପରି କି ସମଗ୍ର ଶରୀରକୁ ବିପର୍ଯ୍ୟସ୍ତ କରିଦିଏ । ତେଣୁ ସାଧନ କରିବାକୁ ଯାଇ ସାଧାରଣ ମନୁଷ୍ୟ ପ୍ରଥମେ ଚିରାଚରିତ ପଥରୁ ବିଚ୍ୟୁତ ହୋଇଯାଏ । ଯଥାସମ୍ଭବ ଏହି ବିପର୍ଯ୍ୟୟର ଭାବ ହ୍ରାସ କରିବା ପାଇଁ ପତଞ୍ଜଳି ଏହି ସକଳ ଉପାୟ ଆବିଷ୍କାର କରିଅଛନ୍ତି, ଯଦ୍ୱାରା ଆମେ ଏହିଗୁଡ଼ିକରୁ ଆମମାନଙ୍କର ସମ୍ପୂର୍ଣ୍ଣ ଉପଯୋଗୀ ଗୋଟିଏ ସାଧନ-ପ୍ରଣାଳୀ ବାଛିନେଇ ତାହା ଅଭ୍ୟାସ କରିପାରୁ ।

**ବିଷୟବତୀ ବା ପ୍ରବୃତ୍ତିରୁତ୍ପନ୍ନା ମନସଃ ସ୍ଥିତିନିବନ୍ଧିନୀ ।।୩୫।।**

—ଯେଉଁ ସକଳ ସମାଧିରେ ଅଲୌକିକ ଇନ୍ଦ୍ରିୟାନୁଭୂତିସମୂହ ହୋଇଥାଏ, ସେଗୁଡ଼ିକ ମନର ସ୍ଥିତିର କାରଣ ହୁଏ ।

ଧାରଣା ଅର୍ଥାତ୍ ଏକାଗ୍ରତାରୁ ହିଁ ଏହା ଆପେ ଆପେ ଆସିଥାଏ । ଯୋଗୀମାନେ କହନ୍ତି, ଯଦି ନାସିକାଗ୍ରରେ ମନ ଏକାଗ୍ର କରାଯାଏ, ତେବେ ଅଳ୍ପ କେତେ ଦିନ ମଧ୍ୟରେ ହିଁ ଅଦ୍ଭୁତ ସୁଗନ୍ଧ ଆଘ୍ରାଣ କରାଯାଇଥାଏ । ଏହିପରି ଜିହ୍ୱାମୂଳରେ ମନକୁ ଏକାଗ୍ର କଲେ, ମଧୁର ଶବ୍ଦ

ଶୁଣାଯାଏ । ଜିହ୍ୱାଗ୍ରରେ ଏହିପରି କଲେ ଦିବ୍ୟ ରସାସ୍ୱାଦ ହୁଏ । ଜିହ୍ୱାର ମଧ୍ୟାଂଶରେ ମନକୁ ସଂଯମ କଲେ ସ୍ପର୍ଶାନୁଭୂତି ହୁଏ । ତାଳୁରେ ମନ ସଂଯମ କଲେ ଦିବ୍ୟ ରୂପସକଳ ଦେଖିବାକୁ ମିଳେ । କୌଣସି ଅସ୍ଥିରଚିତ୍ତ ବ୍ୟକ୍ତି ଯଦି ଯୋଗସାଧନ କାଳରେ ଏହାର ସତ୍ୟତା ବିଷୟରେ ସନ୍ଦିହାନ ହୁଏ, ସେତେବେଳେ ଏହି ସକଳ ଅନୁଭୂତି ତା'ର ସନ୍ଦେହକୁ ଦୂର କରିଦେବ ଏବଂ ସେ ଅଧ୍ୟବସାୟ ସହକାରେ ପୁନଃ ସାଧନ କରିବାକୁ ଲାଗିବ ।

**ବିଶୋକା ବା ଜ୍ୟୋତିଷ୍ମତୀ ।।୩୬।।**

—ଶୋକରହିତ ଜ୍ୟୋତିଷ୍ମାନ୍ ପଦାର୍ଥର ଧ୍ୟାନଦ୍ୱାରା ମଧ୍ୟ ସମାଧି ହୁଏ ।

ଏହା ଅନ୍ୟ ଏକ ପ୍ରକାର ସମାଧି । ଧ୍ୟାନ କର, ଯେପରି କି ହୃଦୟ ମଧ୍ୟରେ ଗୋଟିଏ ପଦ୍ମ ରହିଅଛି, ତାହାର ପାଖୁଡ଼ା ଅଧୋମୁଖ, ତା' ମଧ୍ୟ ଦେଇ ସୁଷମ୍ନା ଯାଇଅଛି; ତାପରେ ପୂରକ କର, ପରେ ରେଚକ କରିବା ସମୟରେ ଚିନ୍ତାକର ଯେ ପାଖୁଡ଼ା ସହିତ ଏହି ପଦ୍ମ ଉର୍ଦ୍ଧ୍ୱମୁଖ ହୋଇଅଛି, ଆଉ ଏହି ପଦ୍ମ ମଧ୍ୟରେ ଦିବ୍ୟ ଜ୍ୟୋତି ରହିଅଛି । ଏହି ଜ୍ୟୋତିର ଧ୍ୟାନ କର ।

**ବୀତରାଗବିଷୟଂ ବା ଚିତ୍ତମ୍ ।।୩୭।।**

—ଅଥବା ଯେଉଁ ହୃଦୟ ସମଗ୍ର ଇନ୍ଦ୍ରିୟ ବିଷୟରେ ଆସକ୍ତି ପରିତ୍ୟାଗ କରିଅଛି, ତାହାର ଧ୍ୟାନଦ୍ୱାରା ମଧ୍ୟ ଚିତ୍ତ ସ୍ଥିର ହୋଇଥାଏ ।

କୌଣସି ମହାପୁରୁଷ ଯାହାଙ୍କ ପ୍ରତି ତୁମର ଖୁବ୍ ଶ୍ରଦ୍ଧା ଅଛି, ଅଥବା କୌଣସି ସାଧୁ, ଯାହାଙ୍କୁ ତୁମେ ସମ୍ପୂର୍ଣ୍ଣ ରୂପେ ଅନାସକ୍ତ ବୋଲି ଜାଣ, ତାଙ୍କ ହୃଦୟର ଚିନ୍ତା କର । ଯାହାଙ୍କ ଅନ୍ତଃକରଣ ସର୍ବବିଷୟରେ ଅନାସକ୍ତ ହୋଇଅଛି, ତାଙ୍କ ହୃଦୟର ଚିନ୍ତା କଲେ ତୁମର ଅନଃକରଣ ଶାନ୍ତ ହେବ । ଏହା ଯଦି କରିବାକୁ ସମର୍ଥ ନ ହୁଅ, ତେବେ ଆଉ ଗୋଟିଏ ଉପାୟ ଅଛି ।

**ସ୍ୱପ୍ନନିଦ୍ରାଜ୍ଞାନାଲମ୍ବନଂ ବା ।।୩୮।।**

—ଅଥବା ସ୍ୱପ୍ନାବସ୍ଥାରେ କେବେ କେବେ ଯେଉଁ ଅପୂର୍ବ ଜ୍ଞାନ ଲାଭ ହୁଏ, ତାହାର (କିମ୍ବା ନିଦ୍ରା ବା ସୁଷୁପ୍ତି ଅବସ୍ଥାରେ ଲବ୍‌ଧ ସାତ୍ତ୍ୱିକ ସୁଖର) ଧ୍ୟାନ କଲେ ମଧ୍ୟ ଚିତ୍ତ ପ୍ରଶାନ୍ତ ହୁଏ ।

କେବେ କେବେ କୌଣସି ବ୍ୟକ୍ତି ଏପରି ସ୍ୱପ୍ନ ଦେଖନ୍ତି ଯେ, ତାଙ୍କ ସହିତ ଦେବତାମାନେ କଥାବାର୍ତ୍ତା କରୁଛନ୍ତି ଏବଂ ସେ ଯେପରି ଏକ ପ୍ରକାର ଭାବବେଶରେ ବିଭୋର ହୋଇ ରହିଛନ୍ତି । ପବନରେ ଅପୂର୍ବ ସଙ୍ଗୀତ ଧ୍ୱନି ଭାସି ଆସୁଅଛି, ସେ ତାହା ଶୁଣୁଛନ୍ତି । ଏହି ସ୍ୱପ୍ନାବସ୍ଥାରେ ସେ ଏକ ଅଦ୍ଭୁତ ଆନନ୍ଦ ଅନୁଭବ କରନ୍ତି । ଜାଗରଣ ପରେ ମଧ୍ୟ ଏହି ସ୍ୱପ୍ନର ସ୍ମୃତି ତାଙ୍କ ଅନ୍ତରରେ ଦୃଢ଼ବଦ୍ଧ ହୋଇ ରହେ । ଏହି ସ୍ୱପ୍ନଟିକୁ ସତ୍ୟ ବୋଲି ଚିନ୍ତା କର, ଏହାର ଧ୍ୟାନ କର । ତୁମେ ଯଦି ଏଥିରେ ମଧ୍ୟ ସମର୍ଥ ନ ହୁଅ ତେବେ ତୁମ ଇଚ୍ଛାନୁସାରେ ଯେ କୌଣସି ପବିତ୍ର ବସ୍ତୁର ଧ୍ୟାନ କର ।

**ଯଥାଭିମତଧ୍ୟାନାଦ୍ୱା ।।୩୯।।**

—ଅଥବା ଯେ କୌଣସି ଜିନିଷ ତୁମ ନିକଟରେ ଭଲ ବୋଲି ବୋଧହୁଏ, ତାହାର ଧ୍ୟାନଦ୍ୱାରା ମଧ୍ୟ ସମାଧିଲାଭ ହୁଏ ।

ଅବଶ୍ୟ ତାତ୍ପର୍ଯ୍ୟ ଏହା ନୁହେଁ ଯେ, ତୁମେ ଯେ କୌଣସି ଅସତ୍ ବିଷୟରେ ଧ୍ୟାନ କରିପାର । ସୂତ୍ରର ଅର୍ଥ—ଯେକୌଣସି ସତ୍ ବିଷୟକୁ ତୁମେ ଭଲପାଅ, ଯେକୌଣସି ସ୍ଥାନକୁ ତୁମେ ଖୁବ୍ ଭଲପାଅ, ଯେକୌଣସି ଦୃଶ୍ୟ ତୁମକୁ ଭଲଲାଗେ, ଯେ କୌଣସି ଭାବକୁ ତୁମେ ଖୁବ୍ ଭଲପାଅ, ଯେଉଁଥିରେ ତୁମର ଚିତ୍ତ ଏକାଗ୍ର ହୁଏ, ତାହାର ଚିନ୍ତା କର ।

**ପରମାଣୁ ପରମମହତ୍ତ୍ୱାନ୍ତୋଽସ୍ୟ ବଶୀକାରଃ ॥୪୦॥**

—ଏହିପରି ଧ୍ୟାନ କରୁ କରୁ ପରମାଣୁରୁ ଆରମ୍ଭ କରି ଅତିଶୟ ବୃହତ୍ ପଦାର୍ଥ ପର୍ଯ୍ୟନ୍ତ ଯେ କୌଣସି ବିଷୟରେ ତା'ର ମନ ଅବ୍ୟାହତ ଗତି ଲାଭ କରେ ।

ମନ ଏହି ଅଭ୍ୟାସଦ୍ୱାରା ଅତି ସୂକ୍ଷ୍ମରୁ ବୃହତ୍ତମ ବସ୍ତୁ ପର୍ଯ୍ୟନ୍ତ ସହଜରେ ଧ୍ୟାନ କରିପାରେ । ଫଳସ୍ୱରୂପ (ବୃତ୍ତିରୂପକ) ମନର ତରଙ୍ଗଗୁଡ଼ିକ କ୍ଷୀଣତର ହୋଇଆସିବ ।

**କ୍ଷୀଣବୃତ୍ତେରଭିଜାତସ୍ୟେବ ମଣେର୍ଗ୍ରହିତୃ-ଗ୍ରହଣ-ଗ୍ରାହେଷୁ**
**ତତ୍‌ସ୍ଥ-ତଦଂଜନତାସମାପତ୍ତିଃ ॥୪୧॥**

—ଯେଉଁ ଯୋଗୀଙ୍କର ଚିତ୍ତବୃତ୍ତିଗୁଡ଼ିକ ଏହିପରି କ୍ଷୀଣ ହୋଇଯାଏ (ବଶୀଭୂତ ହୁଏ), ତାଙ୍କ ଚିତ୍ତ ସେତେବେଳେ ଶୁଦ୍ଧ ସ୍ଫଟିକ ଯେପରି ଭିନ୍ନ ଭିନ୍ନ ବର୍ଣ୍ଣଯୁକ୍ତ ବସ୍ତୁ ସମ୍ମୁଖରେ ତତ୍‌ସଦୃଶ ବର୍ଣ୍ଣ ଓ ଆକାର ଧାରଣ କରେ, ଠିକ୍ ସେହିପରି ଗ୍ରହୀତା, ଗ୍ରହଣ ଓ ଗ୍ରାହ୍ୟ ବସ୍ତୁରେ (ଅର୍ଥାତ୍ ଆତ୍ମା, ମନ ଓ ବାହ୍ୟ ବସ୍ତୁରେ) ଏକାଗ୍ରତା ଓ ଏକୀଭାବ ପ୍ରାପ୍ତ ହୁଏ ।

ଏହିପରି ଏକନିଷ୍ଠ ଧ୍ୟାନ କରିବାଦ୍ୱାରା କଅଣ ଫଳ ଲାଭ ହୁଏ ? ଆମର ସ୍ମରଣ ଅଛି ଯେ, ଗୋଟିଏ ସୂତ୍ରରେ ପତଞ୍ଜଳି ଭିନ୍ନ ଭିନ୍ନ ପ୍ରକାରର ସମାଧି ବର୍ଣ୍ଣନା କରିଅଛନ୍ତି । ପ୍ରଥମ ସମାଧି ସ୍ଥୂଳ ବିଷୟକ, ଦ୍ୱିତୀୟଟି ସୂକ୍ଷ୍ମ ବିଷୟକୁ ନେଇ, ପରେ କ୍ରମଶଃ ଆହୁରି ସୂକ୍ଷ୍ମାତିସୂକ୍ଷ୍ମ ବସ୍ତୁ ଆମର ସମାଧିର ବିଷୟ ହୁଏ । ଏହି ସକଳ ସମାଧିର ଅଭ୍ୟାସଦ୍ୱାରା ସ୍ଥୂଳ ପରି ସୂକ୍ଷ୍ମ ବିଷୟ ଉପରେ ମଧ୍ୟ ଆମେ ସହଜରେ ଧ୍ୟାନ କରିପାରୁ । ଏହି ଅବସ୍ଥାରେ ଯୋଗୀ ତିନୋଟି ବସ୍ତୁ ଦେଖିଥାଆନ୍ତି—ଗ୍ରହୀତା, ଗ୍ରାହ୍ୟ ଓ ଗ୍ରହଣ ଅର୍ଥାତ୍ ଆତ୍ମା, ବିଷୟ ଓ ମନ । ତିନି ପ୍ରକାର ଧ୍ୟାନର ବିଷୟ ଆମମାନଙ୍କୁ ଦିଆ ହୋଇଅଛି । ପ୍ରଥମତଃ ସ୍ଥୂଳ ଯଥା—ଶରୀର ବା ଜଡ଼ ପଦାର୍ଥ ସକଳ । ଦ୍ୱିତୀୟତଃ ସୂକ୍ଷ୍ମ ବସ୍ତୁସକଳ, ଯଥା—ମନ ବା ଚିତ୍ତାଦି । ତୃତୀୟତଃ, ଗୁଣବିଶିଷ୍ଟ ପୁରୁଷ ଅର୍ଥାତ୍ ଅସ୍ମିତା ବା ଅହଂକାର । ଏଠାରେ ଆତ୍ମା କହିଲେ ତା'ର ଯଥାର୍ଥ ସ୍ୱରୂପକୁ ବୁଝାଉ ନାହିଁ । ଅଭ୍ୟାସଦ୍ୱାରା ଯୋଗୀ ଏହି ସକଳ ଧ୍ୟାନରେ ଦୃଢ଼ପ୍ରତିଷ୍ଠ ହୋଇଥାଆନ୍ତି । ସେତେବେଳେ ତାଙ୍କର ଏତେ ଏକାଗ୍ରତାଶକ୍ତିଲାଭ ହୁଏ ଯେ, ଯେତେବେଳେ ସେ ଧ୍ୟାନ କରନ୍ତି, ସେତେବେଳେ ଅନ୍ୟାନ୍ୟ ବସ୍ତୁଠାରୁ ମନକୁ ଅଲଗା କରିଦେଇପାରନ୍ତି । ସେ ଯେଉଁ ବିଷୟରେ ଧ୍ୟାନ କରନ୍ତି ତାହା ସହିତ ଏକ ହୋଇଯାଆନ୍ତି । (ତତ୍‌ସ୍ଥିତତା ଓ ତଦଂଜନତା) । ଯେତେବେଳେ ସେ ଧ୍ୟାନ କରନ୍ତି, ସେ ଯେପରି ଖଣ୍ଡିଏ ସ୍ଫଟିକତୁଲ୍ୟ ହୋଇଯାଆନ୍ତି । ପୁଷ୍ପ ନିକଟରେ ସ୍ଫଟିକ ରହିଲେ, ଏହି ସ୍ଫଟିକ ପୁଷ୍ପ ସହିତ ଏକ ହୋଇଯାଏ । ଯଦି ପୁଷ୍ପଟି ଲୋହିତ ହୁଏ, ତେବେ ସ୍ଫଟିକଟି ମଧ୍ୟ ଲୋହିତ ଦେଖାଯାଏ, ଯଦି ପୁଷ୍ପଟି ନୀଳ ହୁଏ, ତେବେ ସ୍ଫଟିକଟି ମଧ୍ୟ ନୀଳ ଦେଖାଯାଏ ।

**ତତ୍ର ଶବ୍ଦାର୍ଥଜ୍ଞାନବିକଳ୍ପୈଃ ସଙ୍କୀର୍ଣ୍ଣା ସବିତର୍କା ସମାପତ୍ତିଃ ॥୪୨॥**

—ଶବ୍ଦ ଅର୍ଥ ଓ ତତ୍‌ପ୍ରସୂତ ଜ୍ଞାନ ଯେତେବେଳେ ମିଶ୍ରିତ ହୋଇଥାଏ, ସେତେବେଳେ ତାହା ସବିତର୍କ ଅର୍ଥାତ୍ ବିତର୍କଯୁକ୍ତ ସମାଧି ବୋଲି କଥିତ ହୁଏ ।

ଏଠାରେ 'ଶବ୍ଦ' ଅର୍ଥ କମ୍ପନ । 'ଅର୍ଥ' ମାନେ ଯେଉଁ ସ୍ନାୟବିକ ଶକ୍ତିପ୍ରବାହ ତାହାକୁ ଭିତରକୁ ଚାଳିତ କରେ, ଏବଂ 'ଜ୍ଞାନ'ର ଅର୍ଥ ପ୍ରତିକ୍ରିୟା । ଆମେ ଏ ପର୍ଯ୍ୟନ୍ତ ଯେତେ ପ୍ରକାର ଧ୍ୟାନ କଥା ଶୁଣିଲୁ, ପତଞ୍ଜଳି ଏହି ସବୁଗୁଡ଼ିକୁ ସବିତର୍କ କହନ୍ତି । ଏହା ପରେ ସେ ଆମମାନଙ୍କୁ କ୍ରମଶଃ ଉଚ୍ଚତର ଧ୍ୟାନର କଥା କହିବେ । ଏହି ସବିତର୍କ ସମାଧିରେ ବିଷୟୀ ଓ ବିଷୟର ଦ୍ୱୈତ ଭାବ ଥାଏ । ଶବ୍ଦ, ତାହାର ଅର୍ଥ ଓ ତତ୍‌ପ୍ରସୂତ ଜ୍ଞାନର ମିଶ୍ରଣରେ ତାହା ଉତ୍ପନ୍ନ ହୁଏ । ପ୍ରଥମେ ବାହ୍ୟ କମ୍ପନ 'ଶବ୍ଦ'; ଏହା ଇନ୍ଦ୍ରିୟପ୍ରବାହଦ୍ୱାରା ଭିତରକୁ ପ୍ରବାହିତ ହେଲେ ତାହାକୁ 'ଅର୍ଥ' କୁହାଯାଏ । ତା'ପରେ ଚିତ୍ତରେ ଏକ ପ୍ରତିକ୍ରିୟା-ପ୍ରବାହ ସ୍ପଷ୍ଟ ହୁଏ, ଯାହାକୁ 'ଜ୍ଞାନ' କୁହାଯାଏ । ଯାହାକୁ ଆମେ ଜ୍ଞାନ (ବାହ୍ୟ ବସ୍ତୁର ଅନୁଭୂତି) କହୁ, ତାହା ପ୍ରକୃତ ପକ୍ଷରେ ଏହି ତିନୋଟି ମିଶ୍ରଣ ବା ସମଷ୍ଟି (ସଂକୀର୍ଣ୍ଣ) ମାତ୍ର । ଆମେ ଏପର୍ଯ୍ୟନ୍ତ ଯେତେ ପ୍ରକାର ଧ୍ୟାନର ବର୍ଣ୍ଣନା ପାଇଅଛୁ, ସେସବୁଗୁଡ଼ିକରେ ଏହି ମିଶ୍ରଣ ହିଁ ଆମମାନଙ୍କର ଧ୍ୟେୟ । କିନ୍ତୁ ଏହାପରେ ଯେଉଁ ସମାଧି କଥା କୁହାଯିବ, ତାହା ଉଚ୍ଚତର ।

**ସ୍ମୃତିପରିଶୁଦ୍ଧୌ ସ୍ୱରୂପଶୂନ୍ୟେବାର୍ଥମାତ୍ରନିର୍ଭାସା ନିର୍ବିତର୍କା ॥୪୩॥**

ଯେତେବେଳେ ସ୍ମୃତି ଶୁଦ୍ଧ ହୋଇଯାଏ, ଅର୍ଥାତ୍ ସ୍ମୃତିରେ ଅନ୍ୟ କୌଣସି ଗୁଣସମ୍ପର୍କ ନଥାଏ, ଯେତେବେଳେ ତାହା ଧ୍ୟେୟ ବସ୍ତୁର ଅର୍ଥମାତ୍ର ପ୍ରକାଶ କରେ, ସେତେବେଳେ ତାହା ନିର୍ବିତର୍କ ଅର୍ଥାତ୍ ବିତର୍କଶୂନ୍ୟ ସମାଧି ।

ପୂର୍ବେ ଯେଉଁ ଶବ୍ଦ, ଅର୍ଥ ଓ ଜ୍ଞାନର କଥା କୁହାଯାଇଅଛି, ଏହି ତିନୋଟି ଏକ ମାତ୍ର ଅଭ୍ୟାସ କରୁ କରୁ ଏପରି ଏକ ସମୟ ଆସେ, ଯେତେବେଳେ ସେଗୁଡ଼ିକ ଆଉ ମିଶ୍ରିତ ହୁଅନ୍ତି ନାହିଁ; ସେତେବେଳେ ଆମେ ଅନାୟାସରେ ଏହି ତ୍ରିବିଧ ଭାବକୁ ଅତିକ୍ରମ କରିପାରୁ । ବର୍ତ୍ତମାନ ଏହି ତିନୋଟି କଅଣ, ତାହା ଆମେ ବୁଝିବା ପାଇଁ ଚେଷ୍ଟା କରିବା । ଚିତ୍ତ କଥା ଧରାଯାଉ—ପୂର୍ବୋକ୍ତ ସେହି ହ୍ରଦର ଉପମା କଥା ସ୍ମରଣ କର; ଚିତ୍ତକୁ ହ୍ରଦ ସହିତ ତୁଳନା କରାହୋଇଅଛି, ଏବଂ ଶବ୍ଦ ବା ବାକ୍ୟ ଅର୍ଥାତ୍ ବସ୍ତୁର କମ୍ପନ ଯେପରି ତାହା ଉପରେ ଏକ ତରଙ୍ଗ । ତୁମ ନିଜ ମଧ୍ୟରେ ଏହି ହ୍ରଦ ରହିଅଛି । ମନେକର ମୁଁ 'ଗାଈ' ଏହି ଶବ୍ଦଟି ଉଚ୍ଚାରଣ କଲି । ଯେଉଁ ମୁହୂର୍ତ୍ତରେ ଏହା ତୁମ କର୍ଣ୍ଣରେ ପ୍ରବେଶ କଲା, ସଙ୍ଗେ ସଙ୍ଗେ ତୁମ ଚିତ୍ତହ୍ରଦରେ ଗୋଟିଏ ତରଙ୍ଗ ଉତ୍‌ଥିତ ହେଲା । ଏହି ତରଙ୍ଗଟି 'ଗାଈ' ଶବ୍ଦ-ସୂଚିତ ଭାବ, ଯାହାକୁ ଆମେ ଆକାର ବା ଅର୍ଥ କହିଥାଉ । ତୁମେ ଯେ ଗୋଟିଏ 'ଗାଈ'କୁ ଜାଣ ବୋଲି ମନେକର, ତାହା କେବଳ ତୁମର ମନମଧ୍ୟସ୍ଥ ଗୋଟିଏ ତରଙ୍ଗ ମାତ୍ର । ତାହା ବାହ୍ୟ ଓ ଅଭ୍ୟନ୍ତର ଶବ୍ଦ ପ୍ରବାହର ପ୍ରତିକ୍ରିୟା ରୂପେ ଉତ୍ପନ୍ନ ହୋଇଥାଏ ଏବଂ ଏ ଶବ୍ଦର ଲୟ ସହିତ ତରଙ୍ଗଟି ମଧ୍ୟ ଲୟ ହୁଏ । ଗୋଟିଏ ବାକ୍ୟ ବା ଶବ୍ଦ ବ୍ୟତୀତ ତରଙ୍ଗ ରହିପାରେ ନାହିଁ । ତୁମର ମନେ ହୋଇପାରେ, ଯେତେବେଳେ ଆମେ କେବଳ 'ଗାଈ'ର ଚିନ୍ତା କରୁ ଅଥଚ ବାହାରୁ କୌଣସି ଶବ୍ଦ କାନକୁ ଆସେ ନାହିଁ, ସେତେବେଳେ ଶବ୍ଦ ଥାଏ କେଉଁଠି ? ତୁମେ ସେତେବେଳେ ମନେ ମନେ 'ଗାଈ' ଶବ୍ଦଟି ଅସ୍ପଷ୍ଟ ଭାବରେ ଉଚ୍ଚାରଣ କରିଥାଅ ଏବଂ ସେଥିରୁ ହିଁ ତୁମ ଅନ୍ତରରେ ଗୋଟିଏ ତରଙ୍ଗ ଉତ୍‌ଥିତ ହୁଏ । ଶବ୍ଦର

ଉତ୍ତେଜନା ବ୍ୟତୀତ କୌଣସି ତରଙ୍ଗ ସୃଷ୍ଟ ହୋଇପାରେ ନାହିଁ । ଯେତେବେଳେ ବାହାରୁ ଏ ଉତ୍ତେଜନା ନ ଆସେ, ସେତେବେଳେ ଭିତରୁ ହିଁ ଏହା ଆସିଥାଏ । ଯେତେବେଳେ ଶବ୍ଦ ନ ଥାଏ, ସେତେବେଳେ ତରଙ୍ଗ ମଧ୍ୟ ନ ଥାଏ । ତାହାହେଲେ ସେତେବେଳେ କଅଣ ଅବଶିଷ୍ଟ ରହେ ? ସେତେବେଳେ ଏହି ପ୍ରକ୍ରିୟାର ଫଳମାତ୍ର ଅବଶିଷ୍ଟ ଥାଏ, ଯାହାକୁ ଆମେ ଜ୍ଞାନ କହୁ । ଏହି ତିନୋଟି ଆମ ମନରେ ଏତେ ଦୃଢ଼ବଦ୍ଧ ହୋଇ ରହିଅଛନ୍ତି, ଯେ ଆମେ ସେମାନଙ୍କୁ ପୃଥକ୍ କରିପାରୁ ନାହିଁ । ଯେଉଁ ମୁହୂର୍ତ୍ତରେ ଶବ୍ଦ ଆସେ ସେତେବେଳେ ଇନ୍ଦ୍ରିୟଗଣ କମ୍ପିତ ହୋଇଥାଆନ୍ତି, ଆଉ ପ୍ରବାହରୂପକ ପ୍ରତିକ୍ରିୟା ଉତ୍ପନ୍ନ ହୋଇଥାଏ; କିନ୍ତୁ ଏଗୁଡ଼ିକ ଗୋଟିଏ ପରେ ଗୋଟିଏ ଏତେ ଶୀଘ୍ର ଆସିଥାଆନ୍ତି ଯେ ସେମାନଙ୍କ ମଧ୍ୟରୁ ଗୋଟିକୁ ଅନ୍ୟଠାରୁ ପୃଥକ୍ କରିବା କଠିନ । ଏଠାରେ ଯେଉଁ ସମାଧି କଥା କୁହାଗଲା, ତାହା ଦୀର୍ଘକାଳ ଅଭ୍ୟାସ କଲେ ସକଳ ସଂସ୍କାରର ଆଧାରଭୂମି ସ୍ମୃତି ଶୁଦ୍ଧ ହୋଇଯାଏ ଏବଂ ସେତେବେଳେ ଆମେ ଏଗୁଡ଼ିକ ମଧ୍ୟରୁ ଗୋଟିକୁ ଅନ୍ୟଗୁଡ଼ିକଠାରୁ ପୃଥକ୍ କରିପାରୁ । ଏହାକୁ ନିର୍ବିତର୍କ ଅର୍ଥାତ୍ ବିତର୍କଶୂନ୍ୟ ସମାଧି କହନ୍ତି ।

**ଏତୟୈବ ସବିଚାରା ନିର୍ବିଚାରା ଚ ସୂକ୍ଷ୍ମ ବିଷୟା ବ୍ୟାଖ୍ୟାତା । ॥୪୪॥**

—ପୂର୍ବୋକ୍ତ ସୂତ୍ରଦ୍ୱୟରେ ଯେଉଁ ସବିତର୍କ ଓ ନିର୍ବିତର୍କ ସମାଧିଦ୍ୱୟର କଥା କୁହାଗଲା, ତଦ୍ୱାରା ସବିଚାର ଓ ନିର୍ବିଚାର ଉଭୟ ପ୍ରକାର ସମାଧି (ଯେଉଁମାନଙ୍କ ବିଷୟ ସୂକ୍ଷ୍ମତର) ମଧ୍ୟ ବ୍ୟାଖ୍ୟା କରାଗଲା ।

ଏଠାରେ ପୂର୍ବଭଳି ବୁଝିବାକୁ ହେବ । କେବଳ ପୂର୍ବୋକ୍ତ ଦୁଇଟି ଧ୍ୟାନର ବିଷୟ ସ୍ଥୂଳ । ଏଠାରେ ଆଲୋଚିତ ଧ୍ୟାନର ବିଷୟ ସୂକ୍ଷ୍ମ ।

**ସୂକ୍ଷ୍ମବିଷୟତ୍ୱଞ୍ଚାଲିଙ୍ଗପର୍ଯ୍ୟବସାନମ୍ ॥୪୫॥**

—ସୂକ୍ଷ୍ମବିଷୟ ଅଲିଙ୍ଗରେ ଅର୍ଥାତ୍ ଅବ୍ୟକ୍ତ ବା ପ୍ରଧାନରେ (ପ୍ରକୃତିରେ) ପର୍ଯ୍ୟବସିତ ହୁଏ ।

ଭୂତସକଳ ଓ ସେଥିରୁ ଉତ୍ପନ୍ନ ସମଗ୍ର ବସ୍ତୁକୁ ସ୍ଥୂଳ କହନ୍ତି । ସୂକ୍ଷ୍ମ ବସ୍ତୁ ତନ୍ମାତ୍ରରୁ ସୃଷ୍ଟ । ଇନ୍ଦ୍ରିୟ, ମନ (ଅର୍ଥାତ୍ ସାଧାରଣ ଇନ୍ଦ୍ରିୟ, ଇନ୍ଦ୍ରିୟର ସମଷ୍ଟିସ୍ୱରୂପ), ଅହଂକାର ମହତ୍ତ୍ୱ (ଯାହା ସମଗ୍ର ବ୍ୟକ୍ତ ଜଗତର କାରଣ), ସତ୍ତ୍ୱ, ରଜଃ ଓ ତମୋଗୁଣର ସାମ୍ୟାବସ୍ଥାରୂପକ ପ୍ରଧାନ (ପ୍ରକୃତି ଅଥବା ଅବ୍ୟକ୍ତ), ଏହା ସବୁ ସୂକ୍ଷ୍ମ ବସ୍ତୁର ଅନ୍ତର୍ଗତ । କେବଳ ପୁରୁଷ ଅର୍ଥାତ୍ ଆତ୍ମା ଏହାର ବହିର୍ଭୂତ ।

**ତା ଏବ ସବୀଜଃ ସମାଧିଃ ॥୪୬॥**

—ପୂର୍ବୋକ୍ତ ସମାଧିଗୁଡ଼ିକ ସବୁ ସବୀଜ ସମାଧି ॥

ଏହି ସମାଧିଗୁଡ଼ିକରେ ପୂର୍ବ କର୍ମର ବୀଜ ନାଶ ହୁଏ ନାହିଁ । ସୁତରାଂ ଏଗୁଡ଼ିକଦ୍ୱାରା ମୁକ୍ତିଲାଭ ହୁଏ ନାହିଁ । ତେବେ ଏଗୁଡ଼ିକଦ୍ୱାରା କଅଣ ହୁଏ ? ତାହା ପରବର୍ତ୍ତୀ ସୂତ୍ରଗୁଡ଼ିକରେ ବ୍ୟକ୍ତ ହୋଇଅଛି ।

**ନିର୍ବିଚାରବୈଶାରଦ୍ୟେଽଧ୍ୟାତ୍ମପ୍ରସାଦଃ ॥୪୭॥**

—ନିର୍ବିଚାର ସାମାଧିରେ ସତ୍ତ୍ୱ ଗୁଣ ପ୍ରଭାବରେ ବୁଦ୍ଧି ସ୍ୱଚ୍ଛ ହେଲେ ଚିତ୍ତ ସମ୍ପୂର୍ଣ୍ଣରୂପେ ସ୍ଥିର ହୁଏ (ଏହା ହିଁ ବୈଶାରଦୀ ପ୍ରଜ୍ଞା) ।

**ଋତମ୍ଭରା ତତ୍ର ପ୍ରଜ୍ଞା ॥୪୮॥**

—ସେଥିରୁ ଯେଉଁ ଜ୍ଞାନ ଲାଭ ହୁଏ, ତାହାକୁ ଋତମ୍ଭର ଅର୍ଥାତ୍ ସତ୍ୟପୂର୍ଣ୍ଣ ଜ୍ଞାନ କହନ୍ତି । ପରବର୍ତ୍ତୀ ସୂତ୍ରରେ ଏହାର ବ୍ୟାଖ୍ୟା ହେବ ।

**ଶ୍ରୁତାନୁମାନ ପ୍ରଜ୍ଞାଭ୍ୟାମନ୍ୟବିଷୟା ବିଶେଷାର୍ଥତ୍ୱାତ୍ ॥୪୯॥**

—ଯେଉଁ ଜ୍ଞାନ ବିଶ୍ୱସ୍ତ ଜନଙ୍କର ବାକ୍ୟ (ଆପ୍ତବାକ୍ୟ) ଓ ଅନୁମାନରୁ ଲବ୍ଧ ହୁଏ, ତାହା ସାଧାରଣ ବସ୍ତୁବିଷୟକ । ପୂର୍ବ କଥିତ ସମାଧିରୁ ଯେଉଁ ଜ୍ଞାନ ଲାଭ ହୁଏ, ତାହା ଏହା ଅପେକ୍ଷା ଉଚ୍ଚତର । ଏଥିରୁ ଆମର ଯେଉଁ ଅନୁଭୂତି ହୁଏ, ବିଶ୍ୱସ୍ତ ଜନଙ୍କ ବାକ୍ୟ ବା ଅନୁମାନରୁ ତାହା ହୁଏ ନାହିଁ ।

ଏହାର ତାତ୍ପର୍ଯ୍ୟ ହେଉଛି, ସାଧାରଣ ବସ୍ତୁବିଷୟକ ଜ୍ଞାନ ଆମେ ପ୍ରତ୍ୟକ୍ଷାନୁଭବ, ତଦୁପସ୍ଥାପିତ ଅନୁମାନ ଓ ବିଶ୍ୱସ୍ତ ଲୋକଙ୍କ ବାକ୍ୟରୁ ପାଇଥାଉ । 'ବିଶ୍ୱସ୍ତ ଲୋକ' ଅର୍ଥରେ ଯୋଗୀମାନେ ଋଷିମାନଙ୍କୁ ଲକ୍ଷ୍ୟ କରିଥାଆନ୍ତି । 'ଋଷି' ଅର୍ଥ ବେଦବର୍ଣ୍ଣିତ ଭାବଗୁଡ଼ିକର ଦ୍ରଷ୍ଟା ଅର୍ଥାତ୍ ଯେଉଁମାନେ ସେଗୁଡ଼ିକୁ ସାକ୍ଷାତ୍ କରିଅଛନ୍ତି । ସେମାନଙ୍କ ମତରେ ଶାସ୍ତ୍ରର ପ୍ରାମାଣ୍ୟ କେବଳ ଏହି କାରଣରୁ ଯେ, ତାହା ବିଶ୍ୱସ୍ତ ଲୋକଙ୍କ ବାକ୍ୟ । ସେମାନେ କହନ୍ତି, ଶାସ୍ତ୍ର ବିଶ୍ୱସ୍ତ ଲୋକଙ୍କ ବାକ୍ୟ ହେଲେ ମଧ୍ୟ ତାହା ଆମମାନଙ୍କୁ ସତ୍ୟ ଅନୁଭବ କରାଇବା ପାଇଁ ସମର୍ଥ ନୁହେଁ । ଆମେ ସମଗ୍ର ବେଦ ପାଠ କରିପାରୁ, କିନ୍ତୁ ସେଥିରୁ ଆଧ୍ୟାତ୍ମିକ ତତ୍ତ୍ୱର ଅନୁଭୂତି କିଛିମାତ୍ର ହୋଇ ନ ପାରେ । କିନ୍ତୁ ଯେତେବେଳେ ଆମେ ସେହି ଶାସ୍ତ୍ରୋକ୍ତ ସାଧନପ୍ରଣାଳୀ ଅନୁସାରେ ଅଭ୍ୟାସ କରୁ, ସେତେବେଳେ ଆମେ ଏପରି ଏକ ଅବସ୍ଥାରେ ଉପନୀତ ହେଉ, ଯେଉଁ ଅବସ୍ଥାରେ ଶାସ୍ତ୍ରୋକ୍ତ କଥାଗୁଡ଼ିକର ପ୍ରତ୍ୟକ୍ଷ ଉପଲବ୍ଧି ହୁଏ । ଯୁକ୍ତି, ପ୍ରତ୍ୟକ୍ଷ ଓ ଅନୁମାନ ସେଠାକୁ ଆସିପାରେ ନାହିଁ । ସେଠାରେ ଆପ୍ତବାକ୍ୟର ମଧ୍ୟ କୌଣସି କାର୍ଯ୍ୟକାରିତା ନାହିଁ । ଏହି ସୂତ୍ରର ଏହା ହିଁ ତାତ୍ପର୍ଯ୍ୟ । ପ୍ରତ୍ୟକ୍ଷ କରିବା ଯଥାର୍ଥ ଧର୍ମ, ତାହା ହିଁ ଧର୍ମର ସାର, ଅବଶିଷ୍ଟ ଯାହା କିଛି—ଯଥା ଧର୍ମବକ୍ତୃତା ଶ୍ରବଣ ଅଥବା ଧର୍ମପୁସ୍ତକ ପାଠ ବା ବିଚାର—କେବଳ ପ୍ରସ୍ତୁତି ମାତ୍ର । ଏହା ପ୍ରକୃତ ଧର୍ମ ନୁହଁ । କେବଳ ବୁଦ୍ଧିଦ୍ୱାରା କୌଣସି ବିଷୟକୁ ଅନୁମୋଦନ କରିବା ବା ନ କରିବା ପ୍ରକୃତ ଧର୍ମ ନୁହେଁ । ଯୋଗୀମାନଙ୍କର ମୂଳ ଭାବ ହେଉଛି, ଆମେ ଯେପରି ଇନ୍ଦ୍ରିୟଗ୍ରାହ୍ୟ ବିଷୟର ସାକ୍ଷାତ୍ ସଂସ୍ପର୍ଶ ପରି ଧର୍ମକୁ ମଧ୍ୟ ପ୍ରତ୍ୟକ୍ଷ କରିପାରୁ । କେବଳ ତାହା ନୁହେଁ, ଧର୍ମ ଆହୁରି ଗଭୀରଭାବେ ଅନୁଭୂତ ହୋଇପାରେ । ଈଶ୍ୱର ଆତ୍ମା ପ୍ରଭୃତି ଧର୍ମର ଯେଉଁ ସକଳ ପ୍ରତିପାଦ୍ୟ ସତ୍ୟ ଅଛି, ବହିରିନ୍ଦ୍ରିୟ ଦ୍ୱାରା ଏଗୁଡ଼ିକର ପ୍ରତ୍ୟକ୍ଷ ହୁଏ ନାହିଁ । ଚକ୍ଷୁଦ୍ୱାରା ମୁଁ ଈଶ୍ୱରଙ୍କୁ ଦେଖିବାକୁ ପାଏ ନାହିଁ ବା ହସ୍ତଦ୍ୱାରା ଈଶ୍ୱରଙ୍କୁ ସ୍ପର୍ଶ କରିପାରେ ନାହିଁ । ଏହା ମଧ୍ୟ ଆମେ ଜାଣୁ ଯେ, ବିଚାର ଆମମାନଙ୍କୁ ଇନ୍ଦ୍ରିୟର ଅତୀତ ପ୍ରଦେଶକୁ ନେଇଯାଇପାରେ ନାହିଁ; ତାହା କେବଳ ଆମମାନଙ୍କୁ ଏକ ସମ୍ପୂର୍ଣ୍ଣ ଅନିଶ୍ଚିତ ପ୍ରଦେଶରେ ରଖିଦେଇ ଚାଲିଯାଏ । ସମସ୍ତ ଜୀବନ ଧରି ଆମେ ବିଚାର କରିପାରୁ । କିନ୍ତୁ ଆଧ୍ୟାତ୍ମିକ ତତ୍ତ୍ୱକୁ ପ୍ରମାଣ ବା ଅପ୍ରମାଣ କରିପାରିବୁ ନାହିଁ । ଏହିପରି ବିଚାର ତ ସହସ୍ର ସହସ୍ର ବର୍ଷ ଧରି ଚାଲିଅଛି । ଆମେ ଯାହା ସାକ୍ଷାତ୍ ଅନୁଭବ କରୁ, କେବଳ ତାହାରି ଭିତ୍ତି ଉପରେ ଯୁକ୍ତି, ବିଚାରାଦି କରିଥାଉ । ଅତଏବ ଏହା ସ୍ପଷ୍ଟ ବୁଝାଯାଉଅଛି ଯେ ଯୁକ୍ତିକୁ କେବଳ ଏହି

ବିଷୟାନୁଭୂତିରୂପକ ପରିସର ମଧ୍ୟରେ ଭ୍ରମଣ କରିବାକୁ ହେବ; ଏହା ତାହାର ବାହାରକୁ କେବେହେଲେ ଯାଇ ନ ପାରେ । ସୁତରାଂ ଆଧ୍ୟାତ୍ମିକ ତତ୍ତ୍ୱାନୁଭୂତିର କ୍ଷେତ୍ର ଇନ୍ଦ୍ରିୟାନୁଭୂତିର ବାହାରେ । ଯୋଗୀମାନେ କହନ୍ତି, ମନୁଷ୍ୟ ଇନ୍ଦ୍ରିୟଜ ପ୍ରତ୍ୟକ୍ଷ ଓ ବିଚାରଶକ୍ତି ଉଭୟକୁ ଅତିକ୍ରମ କରିପାରେ । ନିଜ ବୁଦ୍ଧିକୁ ମଧ୍ୟ ଅତିକ୍ରମ କରିବାର ଶକ୍ତି ମନୁଷ୍ୟର ଅଛି । ଏହି ଶକ୍ତି ପ୍ରତ୍ୟେକ ପ୍ରାଣୀରେ ପ୍ରତ୍ୟେକ ଜୀବରେ ଅନ୍ତର୍ନିହିତ । ଯୋଗାଭ୍ୟାସ ଦ୍ୱାରା ଏହି ଶକ୍ତି ଜାଗ୍ରତ ହୁଏ । ସେତେବେଳେ ମନୁଷ୍ୟ ବିଚାରର ସୀମା ଅତିକ୍ରମ କରି ତର୍କର ଅଗମ୍ୟ ବିଷୟସମୂହ ପ୍ରତ୍ୟକ୍ଷ କରେ ।

**ତଜ୍ଜଃ ସଂସ୍କାରୋଽନ୍ୟସଂସ୍କାରପ୍ରତିବନ୍ଧୀ ॥୫୦॥**

—ଏହି ସମାଧିଜାତ ସଂସ୍କାର ଅନ୍ୟାନ୍ୟ ସଂସ୍କାରର ପ୍ରତିବନ୍ଧୀ ହୁଏ, ଅର୍ଥାତ୍ ଅନ୍ୟାନ୍ୟ ସଂସ୍କାରକୁ ଆଉ ଆସିବାକୁ ଦିଏ ନାହିଁ ।

ଆମେ ପୂର୍ବ ସୂତ୍ରରେ ଦେଖିଅଛୁ ଯେ, ଏହି ଜ୍ଞାନାତୀତ ଭୂମିକୁ ଯିବାର ଏକମାତ୍ର ଉପାୟ ହେଉଛି ଏକାଗ୍ରତା । ଆମେ ଆହୁରି ଦେଖିଅଛୁ, ପୂର୍ବ ସଂସ୍କାରଗୁଡ଼ିକ ହିଁ କେବଳ ଏହି ଏକାଗ୍ରତା ଲାଭର ପ୍ରତିବନ୍ଧକ । ତୁମେ ସମସ୍ତେ ଲକ୍ଷ୍ୟ କରିଥିବ ଯେ, ଯେତେବେଳେ ତୁମେମାନେ ମନକୁ ଏକାଗ୍ର କରିବାକୁ ଚେଷ୍ଟା କର, ସେତେବେଳେ ତୁମ ମନକୁ ନାନାପ୍ରକାର ଚିନ୍ତା ଆସେ । ଯେଉଁ ମୁହୂର୍ତ୍ତରେ ଈଶ୍ୱର-ଚିନ୍ତା କରିବାକୁ ଚେଷ୍ଟା କର, ଠିକ୍ ସେହି ମୁହୂର୍ତ୍ତରେ ଏହି ସକଳ ସଂସ୍କାର ଜାଗି ଉଠେ । ଅନ୍ୟ ସମୟରେ ଏଗୁଡ଼ିକ ସେତେ ପ୍ରବଳ ନ ଥାନ୍ତି, କିନ୍ତୁ ଯେତେବେଳେ ଏଗୁଡ଼ିକୁ ଦୂର କରିବାକୁ ଚେଷ୍ଟା କର, ସେତେବେଳେ ସେଗୁଡ଼ିକ ନିଶ୍ଚୟ ଆସିବେ ଏବଂ ତୁମ ମନକୁ ଆଚ୍ଛନ୍ନ କରିଦେବେ । ଏହାର କାରଣ କଅଣ ? ଏକାଗ୍ରତା ଅଭ୍ୟାସ କରିବା ସମୟରେ ଏଗୁଡ଼ିକ ଏତେ ପ୍ରବଳ ହୁଅନ୍ତି କାହିଁକି? ଏହାର କାରଣ, ତୁମେ ଏଗୁଡ଼ିକୁ ଦମନ କରିବାକୁ ଚେଷ୍ଟା କରୁଅଛ ବୋଲି ଏଗୁଡ଼ିକ ତୁମର ବିରୋଧ କରନ୍ତି । ଅନ୍ୟାନ୍ୟ ସମୟରେ କିନ୍ତୁ ସେମାନେ ଏପରି ବଳ ପ୍ରକାଶ କରନ୍ତି ନାହିଁ । ଏହି ଅସଂଖ୍ୟ ପୂର୍ବ ସଂସ୍କାରଗୁଡ଼ିକ ଚିତ୍ତର କେଉଁ ସ୍ଥାନରେ ଜମା ହୋଇ ରହିଛନ୍ତି, ତାହା କିଏ କହିବ ! ସେମାନେ ବ୍ୟାଘ୍ର ପରି ଲମ୍ଫ ପ୍ରଦାନ କରି ଆକ୍ରମଣ ପାଇଁ ଯେପରି ସର୍ବଦା ପ୍ରସ୍ତୁତ ହୋଇ ରହିଛନ୍ତି । ଏଗୁଡ଼ିକୁ ଏପରି ପ୍ରତିରୋଧ କରିବାକୁ ହେବ, ଯେପରି ଆମେ ଯେଉଁ ଭାବଟିକୁ ହୃଦୟରେ ରଖିବାକୁ ଇଚ୍ଛା କରୁ, ସେହି ଭାବଟି କେବଳ ଆସିବ ଓ ଅନ୍ୟାନ୍ୟ ଭାବଗୁଡ଼ିକ ଚାଲିଯିବ । ମନର ଏକାଗ୍ରତାଶକ୍ତିକୁ ବାଧା ଦେବାର କ୍ଷମତା ସଂସ୍କାରସମୂହର ଅଛି । ସୁତରାଂ ଯେଉଁ ସମାଧିର କଥା ବର୍ତ୍ତମାନ କୁହାଗଲା, ତାହା ଅଭ୍ୟାସ କରିବା ବିଶେଷ ଆବଶ୍ୟକ, କାରଣ ତାହା ଏହି ସଂସ୍କାରଗୁଡ଼ିକୁ ଦମନ କରିବାରେ ସମର୍ଥ । ଏପରି ସମାଧି ଅଭ୍ୟାସ କରିବାଦ୍ୱାରା ଯେଉଁ ସଂସ୍କାର ଉତ୍ଥିତ ହେବ, ତାହା ଏତେ ପ୍ରବଳ ଯେ, ଅନ୍ୟାନ୍ୟ ସଂସ୍କାରକୁ ତାହା ବଶୀଭୂତ କରିରଖିବ ।

**ତସ୍ୟାପି ନିରୋଧେ ସର୍ବନିରୋଧାନ୍ନିର୍ବୀଜଃ ସମାଧିଃ ॥୫୧॥**

—(ଅର୍ଥାତ୍ ଯେଉଁ ସଂସ୍କାର ଅନ୍ୟାନ୍ୟ ସମସ୍ତ ସଂସ୍କାରକୁ ଅବରୁଦ୍ଧ କରେ) ତାହାକୁ ମଧ୍ୟ ଅବରୋଧ କରିପାରିଲେ ସମୁଦାୟ ନିରୋଧ ହେବାରୁ ନିର୍ବୀଜ ସମାଧି ଲବ୍ଧ ହୁଏ ।

ତୁମମାନଙ୍କର ଅବଶ୍ୟ ସ୍ମରଣ ଥିବ ଯେ ଆମ ଜୀବନର ଚରମ ଲକ୍ଷ୍ୟ ଏହି ଆତ୍ମାକୁ

ସାକ୍ଷାତ୍ ଉପଲବ୍ଧି କରିବା । ଆମେ ଆତ୍ମାକୁ ଉପଲବ୍ଧି କରିପାରୁ ନାହୁଁ; କାରଣ ତାହା ପ୍ରକୃତି, ମନ ଓ ଶରୀର ସହିତ ମିଶ୍ରିତ ହୋଇ ରହିଅଛି । ଅଜ୍ଞାନ ବ୍ୟକ୍ତି ନିଜର ଦେହକୁ ହିଁ ଆତ୍ମା ବୋଲି ମନେ କରନ୍ତି । ଅପେକ୍ଷାକୃତ ପଣ୍ଡିତ ବ୍ୟକ୍ତି ମନକୁ ଆତ୍ମା ବୋଲି ମନେ କରନ୍ତି । କିନ୍ତୁ ଉଭୟେ ଭ୍ରାନ୍ତ । ଆତ୍ମା ଏହି ସକଳ ସମାଧି ସହିତ ମିଶ୍ରିତ ହେବେ କିପରି ? ଚିତ୍ତରେ ନାନା ପ୍ରକାର ତରଙ୍ଗ ଉତ୍‌ଥିତ ହୋଇ ଆତ୍ମାକୁ ଆବୃତ୍ତ କରୁଛି, ତେଣୁ ଆମେ ଏହି ତରଙ୍ଗଗୁଡ଼ିକର ମଧ୍ୟଦେଇ ଆତ୍ମାର କିଞ୍ଚିତ୍ ପ୍ରତିବିମ୍ବ ମାତ୍ର ଦେଖିବାକୁ ପାଉ । ଯଦି କ୍ରୋଧରୂପକ ତରଙ୍ଗ ଉତ୍‌ଥିତ ହୁଏ, ତେବେ ଆମେ ଆତ୍ମାକୁ କ୍ରୋଧଯୁକ୍ତ ମନେ କରୁ; କହିଥାଉ ମୁଁ ରୁଷ୍ଟ ହୋଇଛି । ଯଦି ପ୍ରେମର ଗୋଟିଏ ତରଙ୍ଗ ଚିତ୍ତରେ ଉତ୍‌ଥିତ ହୁଏ, ତେବେ ଏହି ତରଙ୍ଗରେ ନିଜକୁ ପ୍ରତିବିମ୍ବିତ ଦେଖି ମନେ କରୁ, ମୁଁ ଭଲ ପାଉଅଛି । ଯଦି ଦୁର୍ବଳତାରୂପକ ତରଙ୍ଗ ଆସେ ତେବେ ସେଥିରେ ମଧ୍ୟ ଆତ୍ମା ପ୍ରତିବିମ୍ବିତ ହୁଅନ୍ତି ଏବଂ ମନେ କରନ୍ତି—ମୁଁ ଦୁର୍ବଳ । ଏହି ସଂସ୍କାରଗୁଡ଼ିକ ଆତ୍ମାର ସ୍ୱରୂପକୁ ଆବୃତ କଲାମାତ୍ରେ ଏହି ସବୁ ବିଭିନ୍ନ ଭାବ ଉଦିତ ହୋଇଥାଏ । ଚିତ୍ତ-ହ୍ରଦରେ ଯେତେଦିନ ପର୍ଯ୍ୟନ୍ତ ଗୋଟିଏ ମଧ୍ୟ ତରଙ୍ଗ ଥିବ, ସେତେଦିନ ପର୍ଯ୍ୟନ୍ତ ଆତ୍ମାର ପ୍ରକୃତ ସ୍ୱରୂପ ଅନୁଭୂତ ହେବ ନାହିଁ । ଯେତେ ଦିନ ଯାଏ ସକଳ ତରଙ୍ଗ ଏକାବେଳକେ ଶାନ୍ତ ହୋଇ ନ ଯାଇଛି, ସେତେଦିନ ପର୍ଯ୍ୟନ୍ତ ଆତ୍ମାର ପ୍ରକୃତ ସ୍ୱରୂପ କେବେହେଲେ ପ୍ରକାଶିତ ହେବ ନାହିଁ । ଏହି କାରଣରୁ ପତଞ୍ଜଳି ପ୍ରଥମରୁ ଶିକ୍ଷା ଦେଇଛନ୍ତି, ଏହି ତରଙ୍ଗରୂପକ ବୃତ୍ତିଗୁଡ଼ିକ କଅଣ ଏବଂ ଏଗୁଡ଼ିକୁ ଦମନ କରିବାର ଶ୍ରେଷ୍ଠ ଉପାୟ କଅଣ । ସେ ଏହା ମଧ୍ୟ କହିଛନ୍ତି ଯେ, ଏକ ବୃହତ୍ ଅଗ୍ନି କ୍ଷୁଦ୍ର ଅଗ୍ନିକୁ ଗ୍ରାସ କଲାପରି, ଗୋଟିଏ ତରଙ୍ଗକୁ ଏପରି ଭାବରେ ଏତେ ପ୍ରବଳ କରାଯାଏ ଯେ ଅନ୍ୟ ତରଙ୍ଗଗୁଡ଼ିକ ଏକାବେଳକେ ସେଥିରେ ଲୁପ୍ତ ହୋଇଯିବେ । ସେତେବେଳେ ଗୋଟିଏ ମାତ୍ର ତରଙ୍ଗ ଅବଶିଷ୍ଟ ରହିବ, ସେତେବେଳେ ତାକୁ ଦମନ କରିବା ସହଜ ହେବ । ଯେତେବେଳେ ତାହା ମଧ୍ୟ ଚାଲିଯିବ, ସେତେବେଳେ ସେହି ସମାଧିକୁ ନିର୍ବୀଜ ସମାଧି କୁହାଯିବ । ସେତେବେଳେ ଅନ୍ୟ କିଛି ରହିବ ନାହିଁ; ଆତ୍ମା ନିଜ ସ୍ୱରୂପରେ ନିଜ ମହିମାରେ ଅବସ୍ଥାନ କରିବେ । ଆମେ ସେତିକିବେଳେ ଜାଣିପାରିବୁ, ଆତ୍ମା ମିଶ୍ର ବା ଯୌଗିକ ପଦାର୍ଥ ନୁହନ୍ତି; ଆତ୍ମା ଜଗତରେ ଏକମାତ୍ର ନିତ୍ୟ ଅମିଶ୍ର ମୌଳିକ ପଦାର୍ଥ, ସୁତରାଂ ଆତ୍ମାର ଜନ୍ମ ନାହିଁ, ମୃତ୍ୟୁ ନାହିଁ, ଆତ୍ମା ଅମର, ଅବିନଶ୍ୱର, ନିତ୍ୟ, ଚୈତନ୍ୟଘନ ସତ୍ତାସ୍ୱରୂପ ।

## ଦ୍ୱିତୀୟ ଅଧ୍ୟାୟ

## ସାଧନପାଦ

**ତପଃସ୍ୱାଧ୍ୟାୟେଶ୍ୱରପ୍ରଣିଧାନାନି କ୍ରିୟାଯୋଗଃ ॥୧॥**

—ତପସ୍ୟା, ଅଧ୍ୟାତ୍ମ ଶାସ୍ତ୍ରପାଠ ଓ ଈଶ୍ୱରଙ୍କଠାରେ ସମଗ୍ର କର୍ମଫଳ ସମର୍ପଣକୁ 'କ୍ରିୟାଯୋଗ' କହନ୍ତି ।

ପୂର୍ବ ଅଧ୍ୟାୟରେ ଯେଉଁ ସକଳ ସମାଧିର କଥା କୁହାଯାଇଛି, ତାହା ଲାଭ କରିବା ଅତ୍ୟନ୍ତ କଠିନ; ଅତଏବ ଆମମାନଙ୍କୁ କ୍ରମାନ୍ୱୟରେ ଏହି ସକଳ ସମାଧିଲାଭର ଚେଷ୍ଟା କରିବାକୁ ହେବ । ଏହାର ପ୍ରଥମ ସୋପାନକୁ କ୍ରିୟାଯୋଗ କହନ୍ତି । ଏହି ଶବ୍ଦର ଆକ୍ଷରିକ ଅର୍ଥ କର୍ମଦ୍ୱାରା ଯୋଗମାର୍ଗରେ ଅଗ୍ରସର ହେବା । ଆମର ଇନ୍ଦ୍ରିୟଗୁଡ଼ିକ ଯେପରି ଅଶ୍ୱ, ମନ ସେମାନଙ୍କର ଲଗାମ୍, ବୁଦ୍ଧି ସାରଥି, ଆତ୍ମା ସେହି ରଥର ଆରୋହୀ ଓ ଏହି ଶରୀର ରଥସ୍ୱରୂପ ।* ମନୁଷ୍ୟର ଆତ୍ମା ହିଁ ଗୃହସ୍ୱାମୀ, ରାଜା ହୋଇ ଏହି ରଥରେ ବସିଅଛନ୍ତି । ଅଶ୍ୱଗଣ ଯଦି ଅତି ପ୍ରବଳ ହୁଅନ୍ତି, ଲଗାମ୍‌ଦ୍ୱାରା ସଂଯତ ହୁଅନ୍ତି ନାହିଁ; ପୁଣି ଯଦି ବୁଦ୍ଧିରୂପକ ସାରଥି ଏହି ଅଶ୍ୱଗଣଙ୍କୁ କିପରି ସଂଯତ କରିବାକୁ ହେବ ତାହା ନ ଜାଣେ, ଘୋର ବିପଦ ଉପସ୍ଥିତ ହେବ । ପକ୍ଷାନ୍ତରେ ଯଦି ଇନ୍ଦ୍ରିୟରୂପକ ଅଶ୍ୱଗଣ ସଂଯତ ଥାଆନ୍ତି, ଆଉ ମନରୂପକ ଲଗାମ୍ ବୁଦ୍ଧିରୂପକ ସାରଥିଙ୍କ ହସ୍ତରେ ଦୃଢ଼ଭାବେ ରହିଥାଏ, ତେବେ ରଥ ତାହାର ଗନ୍ତବ୍ୟ ସ୍ଥାନରେ ଠିକ୍ ପହଞ୍ଚିଯିବ । ବର୍ତ୍ତମାନ ଏହି 'ତପସ୍ୟା' ଶବ୍ଦର ଅର୍ଥ କ'ଣ ? 'ତପସ୍ୟା' ଶବ୍ଦର ଅର୍ଥ ଏହି ଶରୀର ଓ ଇନ୍ଦ୍ରିୟଗଣଙ୍କୁ ଚାଳନା କରିବା ସମୟରେ ଖୁବ୍ ଦୃଢ଼ଭାବରେ ତାଙ୍କୁ ଧରିରଖିବା, ସେମାନଙ୍କୁ ଇଚ୍ଛାନୁସାରେ କାର୍ଯ୍ୟ କରିବାକୁ ନ ଦେଇ ନିଜ ବଶରେ ରଖିବା ।

ପାଠ ବା ସ୍ୱାଧ୍ୟାୟ । ଏ କ୍ଷେତ୍ରରେ ପାଠ ଅର୍ଥରେ ଆମେ କଅଣ ବୁଝିବୁ ? ତାହା ନାଟକ, ଉପନ୍ୟାସ ବା ଗଳ୍ପ ବହି ପଢ଼ିବା ନୁହେଁ, ବରଂ ଯେଉଁ ସକଳ ଗ୍ରନ୍ଥରେ ଆତ୍ମାର ମୁକ୍ତିବିଷୟକ ଉପଦେଶ ଓ ନିର୍ଦ୍ଦେଶ ଅଛି, ସେହି ସକଳ ଗ୍ରନ୍ଥପାଠ । ପୁନଶ୍ଚ 'ସ୍ୱାଧ୍ୟାୟ' କହିଲେ ବିତର୍କମୂଳକ ପୁସ୍ତକପାଠ ଆଦୌ ବୁଝାଏ ନାହିଁ । ବୁଝିବାକୁ ହେବ ଯୋଗୀ ବିତର୍କ ମୂଳକ ପାଠ ଓ ଆଲୋଚନା ଶେଷ କରିଛନ୍ତି; ସେ ତୃପ୍ତ, ସେଥିରେ ଆଉ ତାଙ୍କର ରୁଚି ନାହିଁ । ସେ କେବଳ ତାଙ୍କର ଧାରଣାଗୁଡ଼ିକୁ ଦୃଢ଼ କରିବା ପାଇଁ ପାଠ କରନ୍ତି । ଦୁଇ ପ୍ରକାର ଶାସ୍ତ୍ରୀୟ ଜ୍ଞାନ ଅଛି: 'ବାଦ' (ଯାହା ତର୍କ ଯୁକ୍ତି ଓ ବିଚାରାତ୍ମକ) ଓ 'ସିଦ୍ଧାନ୍ତ' (ମୀମାଂସାତ୍ମକ) । ଅଜ୍ଞାନାବସ୍ଥାରେ ମନୁଷ୍ୟ ପ୍ରଥମୋକ୍ତ ଜ୍ଞାନାନୁଶୀଳନରେ ପ୍ରବୃତ୍ତ ହୁଏ; ତାହା ତର୍କଯୁଦ୍ଧ-ସ୍ୱରୂପ—ପ୍ରତ୍ୟେକ ବିଷୟରେ ସ୍ୱପକ୍ଷ ବିପକ୍ଷ ଦେଖି ବିଚାର କରିବା; ଏହି ବିଚାର ଶେଷ ହେଲେ ଯାଇ ସେ କୌଣସି ଏକ ମୀମାଂସାରେ ଉପନୀତ ହୁଅନ୍ତି । କିନ୍ତୁ କେବଳ ସିଦ୍ଧାନ୍ତରେ ଉପନୀତ ହେଲେ ଚଳିବ ନାହିଁ । ଏହି ସିଦ୍ଧାନ୍ତ ବିଷୟରେ ମନର ଧାରଣା ପ୍ରଦୃଢ଼ କରିବାକୁ ହେବ । ଶାସ୍ତ୍ର ଅନନ୍ତ, ସମୟ ସଂକ୍ଷିପ୍ତ, ଅତଏବ ସକଳ ବସ୍ତୁର ସାରଭାଗ ଗ୍ରହଣ କରିବା ହିଁ ଜ୍ଞାନଲାଭର ଗୋପନ ରହସ୍ୟ । ସାର ଟିକକ ନେଇ ଏହି ଉପଦେଶାନୁଯାୟୀ ଜୀବନଯାପନ କରିବାକୁ ଚେଷ୍ଟା କର । ଭାରତବର୍ଷରେ

* ତୁଳନୀୟ : କଠଉପ. ୧ । ୩ । ୩-୪

ପ୍ରାଚୀନ କାଳରୁ ଗୋଟିଏ ପ୍ରବାଦ* ପ୍ରଚଳିତ ଅଛି—ଯଦି ତୁମେ କୌଣସି ରାଜହଂସ ସମ୍ମୁଖରେ ଏକପାତ୍ର ଜଳମିଶ୍ରିତ ଦୁଗ୍ଧ ଧର, ତେବେ ସେ ଦୁଗ୍ଧ ଟିକକ ପାନ କରିବ, ମାତ୍ର ଜଳତକ ପଡ଼ି ରହିବ । ଏହିପରି ଜ୍ଞାନର ଯେଉଁ ଯେଉଁ ଅଂଶ ପ୍ରୟୋଜନୀୟ କେବଳ ସେତିକି ଗ୍ରହଣ କରିବାକୁ ହେବ । ପ୍ରଥମ ଅବସ୍ଥାରେ କିନ୍ତୁ ବୁଦ୍ଧିର ବ୍ୟାୟାମ ଆବଶ୍ୟକ । ଅନ୍ଧ ଭାବରେ କିଛି ଗ୍ରହଣ କଲେ ଚଳିବ ନାହିଁ । ଯୋଗୀ ଏହି ତର୍କଯୁକ୍ତିର ଅବସ୍ଥା ଅତିକ୍ରମ କରି ଗୋଟିଏ ଦୃଢ଼ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି । ତାଙ୍କର ଏକମାତ୍ର ଉଦ୍ଦେଶ୍ୟ, ଏହି ସିଦ୍ଧାନ୍ତରେ ଆହୁରି ଦୃଢ଼ ହେବା । ସେ କହିବେ, ବିଚାର କର ନାହିଁ; ଯଦି କେହି ତୁମ ସହିତ ତର୍କ କରିବା ପାଇଁ ଆସେ, ତୁମେ ତର୍କ ନ କରି ଚୁପ୍ ହୋଇ ରହିବ । କୌଣସି ତର୍କର ଉତ୍ତର ନ ଦେଇ ଶାନ୍ତ ଭାବେ ସେଠାରୁ ଚାଲିଯିବ; କାରଣ ତର୍କ କେବଳ ମନକୁ ଚଞ୍ଚଳ କରେ । ତର୍କର ପ୍ରୟୋଜନ କେବଳ ବୁଦ୍ଧିର ଅନୁଶୀଳନ ପାଇଁ; ଅଯଥା ବୁଦ୍ଧିକୁ ଚଞ୍ଚଳ କରିବାର ପ୍ରୟୋଜନ କଅଣ ? ବୁଦ୍ଧି ଗୋଟିଏ ଦୁର୍ବଳ ଯନ୍ତ୍ରମାତ୍ର, ତାହା ଆମମାନଙ୍କୁ କେବଳ ଇନ୍ଦ୍ରିୟବିଷୟକ ଜ୍ଞାନ ଦେଇପାରେ । ଯୋଗୀ ଚାହାଁନ୍ତି ଇନ୍ଦ୍ରିୟାତୀତ ଅନୁଭୂତିର ରାଜ୍ୟକୁ ଯିବା ପାଇଁ; ସୁତରାଂ ତାଙ୍କ ପକ୍ଷରେ ବୁଦ୍ଧି ଚାଳନାର କୌଣସି ପ୍ରୟୋଜନ ନାହିଁ । ଏ ବିଷୟରେ ସେ ଦୃଢ଼ନିଶ୍ଚୟ ହୋଇଛନ୍ତି; ସୁତରାଂ ସେ ତର୍କ କରନ୍ତି ନାହିଁ, ମୌନ ଅବଲମ୍ବନ କରନ୍ତି । ତର୍କ କଲେ ମନର ସାମ୍ୟ ନଷ୍ଟ ହୋଇଯାଏ, ଚିତ୍ତରେ ଚାଞ୍ଚଲ୍ୟ ଉପସ୍ଥିତ ହୁଏ, ତେଣୁ ଏହା ଏକ ବିଘ୍ନମାତ୍ର । ତର୍କ ଓ ଯୁକ୍ତି କେବଳ ଆମ ଗନ୍ତବ୍ୟ ପଥରେ ଆସି ଉପସ୍ଥିତ ହୁଏ । ଏହି ତର୍କ ଯୁକ୍ତିର ଅତୀତ ରାଜ୍ୟରେ ଉଚ୍ଚତର ତତ୍ତ୍ୱ ସମୂହ ରହିଅଛି । ସମଗ୍ର ଜୀବନଟା କେବଳ ବିଦ୍ୟାଳୟର ବାଳକ ପରି ବିବାଦ କରିବା ବା ବିତର୍କ ସମିତିରେ ଦିନ କଟାଇବା ପାଇଁ ନୁହେଁ ।

ଈଶ୍ୱରଙ୍କଠାରେ କର୍ମଫଳ ସମର୍ପଣର ଅର୍ଥ ନିଜ କର୍ମ ପାଇଁ କୌଣସି ପ୍ରଶଂସା ବା ନିନ୍ଦାଦ୍ୱାରା ପ୍ରଭାବିତ ନ ହୋଇ ଉଭୟକୁ ଈଶ୍ୱରଙ୍କଠାରେ ସମର୍ପଣ କରି ଶାନ୍ତିରେ ଅବସ୍ଥାନ କରିବା ।

**ସମାଧି–ଭାବନାର୍ଥଃ କ୍ଲେଶତନୁକରଣାର୍ଥଶ୍ଚ ॥୨॥**

—ଏହି କ୍ରିୟାଯୋଗର ପ୍ରୟୋଜନ ସମାଧି-ଅଭ୍ୟାସକୁ ସୁବିଧା କରିଦେବା ଏବଂ କ୍ଲେଶଜନକ ବିଘ୍ନସମୂହକୁ କ୍ଷୀଣ କରିବା ।

ଆମେ ମନକୁ ଏକ ଦୁଷ୍ଟ ପିଲା ପରି କରିପକାଇଅଛୁ । ସେ ଯାହା ଚାହେଁ, ତାହା ହିଁ ଦେଇଥାଉ । ଏଥିପାଇଁ ସର୍ବଦା କ୍ରିୟାଯୋଗର ଅଭ୍ୟାସ ଆବଶ୍ୟକ, ଯାହାଦ୍ୱାରା ମନକୁ ସଂଯତ କରି ନିଜର ବଶୀଭୂତ କରାଯାଏ । ଏହି ସଂଯମର ଅଭାବରୁ ଯୋଗରେ ବିଘ୍ନ ଉପସ୍ଥିତ ହୋଇଥାଏ ଓ ସେଥିରୁ ହିଁ କ୍ଲେଶର ଉତ୍ପତ୍ତି । ଏଗୁଡ଼ିକୁ ଦୂର କରିବାର ଉପାୟ—କ୍ରିୟାଯୋଗଦ୍ୱାରା ମନକୁ ବଶୀଭୂତ କରିବା, ମନକୁ ତା'ର କାର୍ଯ୍ୟ କରିବାକୁ ନ ଦେବା ।

**ଅବିଦ୍ୟାସ୍ମିତା–ରାଗ–ଦ୍ୱେଷାଭିନିବେଶାଃ ପଞ୍ଚକ୍ଲେଶାଃ ॥୩॥**

---

* ଅନନ୍ତପାରଂ କିଲଶବ୍ଦଶାସ୍ତ୍ରଂ ସ୍ୱଳ୍ପଂ ତଥାୟୁର୍ବହବଶ୍ଚ ବିଘ୍ନାଃ ।
ସାରଂ ତତୋ ଗ୍ରାହ୍ୟମପାସ୍ୟ ଫଲ୍ଗୁ ହଂସୈର୍ଯଥା କ୍ଷୀରମିବାମ୍ବୁମଧ୍ୟାତ୍ ॥
—ପଞ୍ଚତନ୍ତ୍ରମ୍

—ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ (ଜୀବନ ପ୍ରତି ଆସକ୍ତି)—ଏହିସବୁ ପଞ୍ଚକ୍ଲେଶ ।

ଏସବୁ ହେଲେ ପଞ୍ଚକ୍ଲେଶ । ଏମାନେ ପଞ୍ଚବନ୍ଧନରୂପେ ଆମମାନଙ୍କୁ ବଦ୍ଧ କରି ରଖନ୍ତି । ଅବିଦ୍ୟା ହେଉଛି କାରଣ ଏବଂ ଅନ୍ୟ ଚାରୋଟି ଏହାର ଫଳ । ଅବିଦ୍ୟା ଆମମାନଙ୍କର ଦୁଃଖର ଏକମାତ୍ର କାରଣ । ଆତ୍ମା ନିତ୍ୟ ଆନନ୍ଦସ୍ୱରୂପ; ଆତ୍ମାକୁ ଅଜ୍ଞାନ, ଭ୍ରମ ବା ମାୟା ବ୍ୟତୀତ ଆଉ କେଉଁ ବସ୍ତୁ ଦୁଃଖୀ କରିପାରେ ? ଆତ୍ମାର ସମସ୍ତ ଦୁଃଖ କେବଳ ଭ୍ରମମାତ୍ର ।

**ଅବିଦ୍ୟା କ୍ଷେତ୍ରମୁତ୍ତରେଷାଂ ପ୍ରସୁପ୍ତ–ତନୁ–ବିଚ୍ଛିନ୍ନୋଦାରାଣାମ୍ ॥୪॥**

—ଅବିଦ୍ୟା ହିଁ ପରବର୍ତ୍ତୀଗୁଡ଼ିକର ଉତ୍ପାଦକ କ୍ଷେତ୍ରସ୍ୱରୂପ ଏଗୁଡ଼ିକ କେବେ ଲୀନ (ସୁପ୍ତ) ଭାବେ, କେବେ ସୂକ୍ଷ୍ମଭାବେ, କେବେ ଅନ୍ୟ ବୃତ୍ତିଦ୍ୱାରା ବିଚ୍ଛିନ୍ନଭାବେ ଅର୍ଥାତ୍ ଅଭିଭୂତ ହୋଇ ଥାଆନ୍ତି କିମ୍ବା କେତେବେଳେ ପ୍ରକାଶିତ (ବିସ୍ତାରିତ) ହୋଇ ଥାଆନ୍ତି ।

ଅବିଦ୍ୟା ହିଁ ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶର (ଜୀବନ ପ୍ରତି ଆସକ୍ତିର) କାରଣ । ଏହି ସଂସ୍କାରଗୁଡ଼ିକ ବିଭିନ୍ନ ଲୋକଙ୍କ ମନରେ ବିଭିନ୍ନ ଅବସ୍ଥାରେ ଥାଏ । ଏଗୁଡ଼ିକ ସାଧାରଣଭାବେ 'ସୁପ୍ତ' ଅବସ୍ଥାରେ ଥାଆନ୍ତି । ତୁମେମାନେ ଅନେକ ସମୟରେ 'ଶିଶୁତୁଲ୍ୟ ନିରୀହ' ଏପରି କଥା ଶୁଣିଥାଅ; କିନ୍ତୁ ଏହି ଶିଶୁ ଭିତରେ ହୁଏତ ଦେବତା ବା ଅସୁରର ଭାବ ରହିଅଛି, ଯାହା କ୍ରମଶଃ ପ୍ରକାଶ ପାଇବ । ଯୋଗୀ ହୃଦୟରେ ପୂର୍ବ କର୍ମର ଫଳସ୍ୱରୂପ ଏହି ସଂସ୍କାରଗୁଡ଼ିକ 'ତନୁ' (ସୂକ୍ଷ୍ମ) ଭାବେ ଥାଏ । ଏହାର ତାତ୍ପର୍ଯ୍ୟ ଏହି, ଏଗୁଡ଼ିକ ଖୁବ୍ ସୂକ୍ଷ୍ମ ଅବସ୍ଥାରେ ଥାଆନ୍ତି । ଯୋଗୀ ଏଗୁଡ଼ିକୁ ଦମନ କରି ରଖନ୍ତି, ଯେପରିକି ସେଗୁଡ଼ିକ ବ୍ୟକ୍ତ ହୋଇ ନ ପାରନ୍ତି । ବିଚ୍ଛିନ୍ନ ଅବସ୍ଥାରେ କେତେଗୁଡ଼ିଏ ପ୍ରବଳ ସଂସ୍କାର ଅନ୍ୟ କେତେଗୁଡ଼ିଏ ସଂସ୍କାରକୁ କିଛିକାଳ ପାଇଁ ଅଭିଭୂତ ବା ଆଚ୍ଛନ୍ନ କରି ରଖନ୍ତି; କିନ୍ତୁ ଏ କାରଣଗୁଡ଼ିକ ଚାଲିଗଲେ, ପୁନଶ୍ଚ ଅନ୍ୟ ସଂସ୍କାରଗୁଡ଼ିକ ପ୍ରକାଶିତ ହୁଅନ୍ତି । ଏହି ଶେଷ ଅବସ୍ଥାଟିର ନାମ 'ଉଦାର' (ବିସ୍ତୃତ) । ଏହି ଅବସ୍ଥାରେ ସଂସ୍କାରଗୁଡ଼ିକ ଅନୁକୂଳ ପରିବେଶ ପାଇ ଶୁଭ ବା ଅଶୁଭରୂପେ କାର୍ଯ୍ୟ କରନ୍ତି ।

**ଅନିତ୍ୟାଶୁଚିଦୁଃଖାନାତ୍ମସୁ ନିତ୍ୟ–ଶୁଚି–ସୁଖାତ୍ମଖ୍ୟାତିରବିଦ୍ୟା ॥୫॥**

—ଅନିତ୍ୟ, ଅପବିତ୍ର, ଦୁଃଖକର ଓ ଅନାତ୍ମବସ୍ତୁରେ ଯେଉଁ ନିତ୍ୟ, ଶୁଚି, ସୁଖକର ଓ ଆତ୍ମାର ଭ୍ରମ ହୁଏ, ତାହାକୁ 'ଅବିଦ୍ୟା' କହନ୍ତି ।

ଏହି ସମୁଦାୟ ସଂସ୍କାରର ଏକମାତ୍ର କାରଣ ଅବିଦ୍ୟା । ଆମମାନଙ୍କୁ ପ୍ରଥମେ ଜାଣିବାକୁ ହେବ ଯେ, ଏହି ଅବିଦ୍ୟା କଅଣ ? ଆମେ ସମସ୍ତେ ନିତ୍ୟ, ଶୁଦ୍ଧ, ଜ୍ୟୋତିର୍ମୟ, ନିତ୍ୟ, ଆନନ୍ଦ ଆତ୍ମସ୍ୱରୂପକୁ ଭୁଲି ମନେକରୁ 'ମୁଁ ଶରୀର'—ଏହା ହିଁ ଅବିଦ୍ୟା । ଆମେ ମନୁଷ୍ୟକୁ ଶରୀର ବୋଲି ଭାବୁ, ଏହା କେବଳ ଭ୍ରମ ମାତ୍ର ।

**ଦୃଗ୍‌ଦର୍ଶନଶକ୍ତ୍ୟୋରେକାତ୍ମତୈବାସ୍ମିତା ॥୬॥**

—ଦ୍ରଷ୍ଟା ଓ ଦର୍ଶନଶକ୍ତିର ଏକାତ୍ମଭାବ ହେଉଛି ଅସ୍ମିତା ।

ଆତ୍ମା ହିଁ ଯଥାର୍ଥ 'ଦ୍ରଷ୍ଟା', ସେ ଶୁଦ୍ଧ, ନିତ୍ୟ, ପବିତ୍ର, ଅନନ୍ତ ଓ ଅମର । ତେବେ, 'ଦର୍ଶନଶକ୍ତି' ଅର୍ଥାତ୍ ତାହାର ବ୍ୟବହାର୍ଯ୍ୟ ଯନ୍ତ୍ରଗୁଡ଼ିକ କଅଣ ? ଚିତ୍ତ, ବୁଦ୍ଧି ଅର୍ଥାତ୍ ନିଶ୍ଚୟାତ୍ମିକା ବୃତ୍ତି ମନ ଓ ଇନ୍ଦ୍ରିୟଗଣ—ଏଗୁଡ଼ିକ ହେଉଛନ୍ତି ଆତ୍ମାର ଯନ୍ତ୍ରତୁଲ୍ୟ । ଏଗୁଡ଼ିକ ଆତ୍ମାର ବାହ୍ୟ ଜଗତ ଦେଖିବାର ଯନ୍ତ୍ରସ୍ୱରୂପ । ଆତ୍ମା ସହିତ ଏଗୁଡ଼ିକର ଐକ୍ୟଭାବକୁ ଅସ୍ମିତାରୂପକ ଅବିଦ୍ୟା

କହନ୍ତି । ଆମେ କହିଥାଉ, 'ମୁଁ ଚିତ୍ତ', 'ମୁଁ ଚିନ୍ତା କରୁଛି', 'ମୁଁ ରୁଷ୍ଟ ହୋଇଅଛି', ଅଥବା 'ମୁଁ ସୁଖୀ' । କିନ୍ତୁ କିପରି ଆମେ ରୁଷ୍ଟ ହେବୁ କିମ୍ବା କାହାକୁ ଘୃଣା କରିବୁ ? ଆତ୍ମା ସହିତ ନିଜକୁ ଅଭେଦ ବୋଲି ଜାଣିବାକୁ ହେବ । ଆତ୍ମାର କୌଣସି ପରିଣାମ ହୁଏ ନାହିଁ । ଆତ୍ମା ଯଦି ଅପରିଣାମୀ ହୁଅନ୍ତି, ତେବେ ସେ କିପରି ସୁଖୀ କିମ୍ବା ଦୁଃଖୀ ହୋଇପାରନ୍ତି ? ସେ ନିରାକାର, ଅନନ୍ତ ଓ ସର୍ବବ୍ୟାପୀ । କିଏ ତାହାଙ୍କୁ ପରିବର୍ତ୍ତିତ କରିପାରିବ ? ଆତ୍ମା ସର୍ବବିଧ ନିୟମର ଅତୀତ । କିଏ ତାହାଙ୍କୁ ବିକୃତ କରିପାରିବ ? ଜଗତର କୌଣସି ବସ୍ତୁ ଆତ୍ମା ଉପରେ କାର୍ଯ୍ୟ କରିପାରିବ ନାହିଁ । ତଥାପି ଆମେ ଅଜ୍ଞତାବଶତଃ ନିଜକୁ ମନୋବୃତ୍ତି ସହିତ ଏକୀଭୂତ କରିପକାଉ ଏବଂ ମନେକରୁ ଯେ ଆମେ ସୁଖ ବା ଦୁଃଖ ଅନୁଭବ କରୁଛୁ ।

**ସୁଖାନୁଶୟୀ ରାଗଃ ॥୭॥**

—ଯେଉଁ ମନୋବୃତ୍ତି କେବଳ ସୁଖକର ପଦାର୍ଥ ଉପରେ ଅବସ୍ଥିତ ହେବାକୁ ଚାହେଁ, ତାହାକୁ ରାଗ କହନ୍ତି ।

ଆମେ ଯେଉଁସବୁ ବିଷୟରେ ସୁଖ ପାଉଥାଉ, ସେହିସବୁ ବିଷୟ ଦିଗକୁ ଆମ ମନ ଗୋଟିଏ ପ୍ରବାହ ପରି ଚାଳିତ ହୁଏ । ସୁଖ ଦିଗକୁ ଧାବମାନ ଆମମାନଙ୍କ ମନର ଏହି ପ୍ରବାହକୁ 'ରାଗ' ବା 'ଆସକ୍ତି' କହନ୍ତି । ଆମେ ଯେଉଁଥିରେ ସୁଖ ପାଉ ନାହୁଁ, ସେପରି କୌଣସି ବିଷୟ ପ୍ରତି ଆମେ କେବେହେଲେ ଆକୃଷ୍ଟ ହେଉ ନାହୁଁ । ଅନେକ ସମୟରେ ଆମେ ନାନା ପ୍ରକାର ଅଦ୍ଭୁତ ବିଷୟକୁ ସୁଖ ପାଇଥାଉ; କିନ୍ତୁ ଯାହା ହେଉନା କାହିଁକି, ରାଗର ଯେଉଁ ଲକ୍ଷଣ ଉଲ୍ଲେଖ କରାଗଲା, ତାହା ସର୍ବତ୍ର ପ୍ରଯୋଜ୍ୟ । ଆମେ ଯେଉଁଠି ସୁଖ ପାଉ ସେଥିପ୍ରତି ଆକୃଷ୍ଟ ହୋଇଥାଉ ।

**ଦୁଃଖାନୁଶୟୀ ଦ୍ୱେଷଃ ॥୮॥**

—ଦୁଃଖକର ପଦାର୍ଥ ଉପରେ ଅବସ୍ଥାନକାରୀ ଅନ୍ତଃକରଣବୃତ୍ତିବିଶେଷକୁ ଦ୍ୱେଷ କହନ୍ତି ।

ଯେଉଁ ବିଷୟରୁ ଆମେ ଦୁଃଖ ପାଉ, ତାହାକୁ ତତ୍କ୍ଷଣାତ୍ ତ୍ୟାଗ କରିବା ପାଇଁ ଆମେ ଚେଷ୍ଟା କରିଥାଉ ।

**ସ୍ୱରସବାହୀ ବିଦୁଷୋଽପି ତଥାରୂଢ଼ୋଽଭିନିବେଶଃ ॥୯॥**

—(ଯେଉଁ ସ୍ମୃତି) ପୂର୍ବ ପୂର୍ବ ମରଣାନୁଭବରୁ ସ୍ୱଭାବତଃ ପ୍ରବାହିତ ଓ ଯାହା ପଣ୍ଡିତ ବ୍ୟକ୍ତିଙ୍କଠାରେ ମଧ୍ୟ ପ୍ରତିଷ୍ଠିତ, ତାହା ହିଁ ଅଭିନିବେଶ ଅର୍ଥାତ୍ ଜୀବନ ପ୍ରତି ମମତା ।

ଜୀବନ ପ୍ରତି ମମତା ପ୍ରତ୍ୟେକ ଜୀବର ଅଛି । ଏହି ଅନୁଭୂତି ଉପରେ ପରଜନ୍ମ-ସମ୍ବନ୍ଧୀୟ ମତ ସ୍ଥାପନ କରିବା ପାଇଁ ଅନେକ ଚେଷ୍ଟା ହୋଇଅଛି । ମନୁଷ୍ୟ ଜୀବନକୁ ଏତେ ଅଧିକ ଭଲ ପାଏ ବୋଲି ଭବିଷ୍ୟତରେ ମଧ୍ୟ ସେ ଜୀବନର ଆକାଙ୍କ୍ଷା କରେ । କିନ୍ତୁ ଏହି ଯୁକ୍ତିର ବିଶେଷ କୌଣସି ମୂଲ୍ୟ ନାହିଁ । ତେବେ ଏଥିରେ ସର୍ବାପେକ୍ଷା ଆଶ୍ଚର୍ଯ୍ୟଜନକ କଥା ହେଉଛି, ପାଶ୍ଚାତ୍ୟ ମତରେ ଏହି ଜୀବନ ପ୍ରତି ମମତା ହେତୁ ଯେଉଁ ଭବିଷ୍ୟତ ଜୀବନର ସମ୍ଭାବନା ସୂଚିତ ହୋଇଥାଏ, ତାହା କେବଳ ମନୁଷ୍ୟ ପକ୍ଷରେ ପ୍ରଯୋଜ୍ୟ, ଅନ୍ୟାନ୍ୟ ଜନ୍ତୁଙ୍କ ପକ୍ଷରେ ନୁହେଁ । ଭାରତବର୍ଷରେ ଜୀବନ ପ୍ରତି ଏହି ମମତା ହିଁ ପୂର୍ବସଂସ୍କାର ଓ ପୂର୍ବଜୀବନ ପ୍ରମାଣ କରିବାର ଅନ୍ୟତମ ଯୁକ୍ତି । ମନେକର, ଯଦି ସମୁଦାୟ ଜ୍ଞାନ ଆମମାନଙ୍କର ପ୍ରତ୍ୟକ୍ଷ ଅନୁଭୂତିରୁ ଲାଭ ହୋଇଥାଏ, ତେବେ ଏହା ନିଶ୍ଚୟ ଯେ, ଆମେ ଯାହା କେବେହେଲେ ପ୍ରତ୍ୟକ୍ଷ

ଅନୁଭବ କରିନାହିଁ, ସେ ବିଷୟରେ କୌଣସି କଳ୍ପନା କରିପାରିବୁ ନାହିଁ ବା ବୁଝିପାରିବୁ ନାହିଁ । କୁକ୍କୁଟଶାବକଗଣ ଅଣ୍ଡାରୁ ଫୁଟିବା ମାତ୍ରେ ଖାଦ୍ୟ ଖୁଣ୍ଟି ଖାଇବାକୁ ଆରମ୍ଭ କରନ୍ତି । ଅନେକ ସମୟରେ ଏପରି ଦେଖିବାକୁ ମିଳେ ଯେ, ଯେତେବେଳେ କୁକ୍କୁଟୀ ହଂସ ଅଣ୍ଡା ଫୁଟାଏ, ସେତେବେଳେ ହଂସଶାବକ ଅଣ୍ଡାରୁ ବାହାରିବା ମାତ୍ରେ ପାଣି ନିକଟକୁ ଚାଲିଯାଏ । କୁକ୍କୁଟୀ ମନେ କରେ, ଶାବକଟି ବୋଧହୁଏ ପାଣିରେ ବୁଡ଼ିଯିବ । ପ୍ରତ୍ୟକ୍ଷ ଅଭିଜ୍ଞତା ହିଁ ଯଦି ଜ୍ଞାନର ଏକମାତ୍ର ଉପାୟ ହୁଏ, ତା'ହେଲେ କୁକ୍କୁଟଶାବକଗୁଡ଼ିକ କିପରି ଖାଦ୍ୟ ଖୁଣ୍ଟିବାକୁ ଶିଖିଲେ ଅଥବା ହଂସଶାବକଗୁଡ଼ିକ କିପରି ଶିଖିଲେ ଯେ ଜଳ ତାଙ୍କର ସ୍ୱାଭାବିକ ସ୍ଥାନ? ଯଦି କହ ଏହା ସହଜାତ ଜ୍ଞାନ (instinct), ତା'ହେଲେ କେବଳ ଗୋଟିଏ ଶବ୍ଦ ପ୍ରୟୋଗ କରାହେଲା, କୌଣସି ବ୍ୟାଖ୍ୟା ହେଲା ନାହିଁ । ଏହି ସହଜାତ ଜ୍ଞାନ କଅଣ? ଦୃଷ୍ଟାନ୍ତସ୍ୱରୂପ ଆପଣମାନଙ୍କ ମଧ୍ୟରୁ ଅନେକ ମହିଳା ପିଆନୋ ବଜାଇଥାନ୍ତି; ଆପଣମାନଙ୍କର ଅବଶ୍ୟ ସ୍ମରଣ ଥାଇପାରେ, ଯେତେବେଳେ ଆପଣମାନେ ତାହା ପ୍ରଥମେ ଶିକ୍ଷା କରିବାକୁ ଆରମ୍ଭ କଲେ, ସେତେବେଳେ ଆପଣମାନଙ୍କୁ ଶ୍ୱେତକୃଷ୍ଣ ଉଭୟ ପ୍ରକାର ପର୍ଦ୍ଦାରେ (keys) ଯତ୍ନ ସହିତ ଗୋଟିଏ ପରେ ଗୋଟିଏ ଅଙ୍ଗୁଳି ପ୍ରୟୋଗ କରିବାକୁ ହେଉଥିଲା । କିନ୍ତୁ ଅନେକ ବର୍ଷର ଅଭ୍ୟାସ ଫଳରେ ହୁଏତ ବର୍ତ୍ତମାନ ଆପଣମାନେ କୌଣସି ବନ୍ଧୁଙ୍କ ସହିତ କଥା କହୁ କହୁ ପିଆନୋ ଆପେ ଆପେ ବଜାଇପାରୁଛନ୍ତି । ତାହା ବର୍ତ୍ତମାନ ଆପଣମାନଙ୍କର ସହଜାତଜ୍ଞାନରେ ପରିଣତ ହୋଇଅଛି, ଅର୍ଥାତ୍ ସ୍ୱାଭାବିକ ହୋଇ ଯାଇଛି । ଅନ୍ୟାନ୍ୟ ବିଷୟରେ ମଧ୍ୟ ଏହି ନିୟମ ପ୍ରଯୋଜ୍ୟ ହେବ । ଅଭ୍ୟାସଦ୍ୱାରା ଯେ କୌଣସି କାର୍ଯ୍ୟ ସ୍ୱାଭାବିକ ହୋଇଯାଏ । କିନ୍ତୁ ଆମେ ଯେତେଦୂର ଜାଣୁ, ବର୍ତ୍ତମାନ ଯେଉଁ କ୍ରିୟାଗୁଡ଼ିକୁ ଆମେ ସ୍ୱାଭାବିକ କହୁ, ସେଗୁଡ଼ିକ ପୂର୍ବେ ବିଚାର ସହିତ କରିବାକୁ ପଡୁଥିଲା । ଯୋଗୀମାନଙ୍କ ମତରେ ସହଜାତ ଜ୍ଞାନ ଯୁକ୍ତି-ବିଚାରର କ୍ରମସଙ୍କୁଚିତ ଅବସ୍ଥାମାତ୍ର । ବିଚାରଜନିତ ଜ୍ଞାନ ସଙ୍କୁଚିତ ହୋଇ ସ୍ୱାଭାବିକ ସହଜାତ ଜ୍ଞାନ ବା ସଂସ୍କାରରେ ପରିଣତ ହୁଏ । ଅତଏବ ଆମେ ଯାହାକୁ ସହଜାତ ଜ୍ଞାନ କହୁ, ତାହା ଯେ ବିଚାରଜନିତ ଜ୍ଞାନର ସଙ୍କୁଚିତ ଅବସ୍ଥା ମାତ୍ର, ଏପରି ଚିନ୍ତା କରିବା ସମ୍ପୂର୍ଣ୍ଣ ଯୁକ୍ତିସଙ୍ଗତ । ପ୍ରତ୍ୟକ୍ଷ ଅଭିଜ୍ଞତା ବ୍ୟତୀତ ଯୁକ୍ତିବିଚାର ସମ୍ଭବ ନୁହେଁ, ସୁତରାଂ ସମୁଦାୟ ସହଜାତ ଜ୍ଞାନ ହିଁ ପୂର୍ବ ଅଭିଜ୍ଞତାର ଫଳ । କୁକ୍କୁଟଗଣ ଛଞ୍ଚାଣପକ୍ଷୀକୁ ଭୟ କରନ୍ତି । ହଂସଶାବକଗଣ ଜଳରେ ରହିବାକୁ ଭଲପାଆନ୍ତି, ଉଭୟ ପୂର୍ବ ଅଭିଜ୍ଞତାର ଫଳ । ବର୍ତ୍ତମାନ ପ୍ରଶ୍ନ: ଏହି ଅନୁଭୂତି ଜୀବାତ୍ମାର ଅଥବା କେବଳ ଶରୀରର? ହଂସ ବର୍ତ୍ତମାନ ଯାହା ଅନୁଭବ କରୁଅଛି, ତାହା କେବଳ ଏହି ହଂସର ପୂର୍ବପୁରୁଷଗଣଙ୍କର ଅଭିଜ୍ଞତାରୁ ଆସୁଅଛି, ନା ତାହା ହଂସର ନିଜର ଅଭିଜ୍ଞତା? ଆଧୁନିକ ବୈଜ୍ଞାନିକଗଣ କହନ୍ତି, ତାହା କେବଳ ତାର ଶରୀରର ଧର୍ମ । କିନ୍ତୁ ଯୋଗୀଗଣ କହନ୍ତି, ତାହା ମନର ଅନୁଭୂତି ମାତ୍ର, ଯାହା ଶରୀର ମଧ୍ୟ ଦେଇ ସଞ୍ଚାଳିତ ହେଉଅଛି । ଏହାକୁ ପୂର୍ବଜନ୍ମବାଦ କହନ୍ତି ।

ଆମେମାନେ ପୂର୍ବେ ଦେଖିଅଛୁ, ଆମମାନଙ୍କର ସମୁଦାୟ ଜ୍ଞାନ—ଯେଉଁଗୁଡ଼ିକୁ ଆମେ ପ୍ରତ୍ୟକ୍ଷ, ବିଚାରଜନିତ ବା ସହଜାତ ଜ୍ଞାନ ବୋଲି କହୁ—ସେସବୁ ଜ୍ଞାନର ଏକ ମାତ୍ର ପ୍ରଣାଳୀ ଅଭିଜ୍ଞତା ଭିତର ଦେଇ କେବଳ ଆସିପାରେ । ଆଉ ଯାହାକୁ ଆମେ ସହଜାତ ଜ୍ଞାନ ବୋଲି କହୁ, ତାହା ଆମମାନଙ୍କର ପୂର୍ବ ଅଭିଜ୍ଞତାର ଫଳ, ଯାହା ବର୍ତ୍ତମାନ ନିମ୍ନସ୍ତରକୁ ଓହ୍ଲାଇ ସହଜାତ ଜ୍ଞାନରେ ପରିଣତ ହୋଇଅଛି । ସେହି ସହଜାତଜ୍ଞାନ ପୁଣି ବିଚାରଜନିତ ଜ୍ଞାନକୁ

ଉନ୍ନୀତ ହୋଇଥାଏ । ସମଗ୍ର ଜଗତରେ ଏହି ପ୍ରକ୍ରିୟା ଚାଲୁଅଛି । ଏହାରି ଉପରେ ଆମ ପୂର୍ବଜନ୍ମବାଦର ଏକ ପ୍ରଧାନ ଯୁକ୍ତି ସ୍ଥାପିତ ହୋଇଅଛି । ପୁନଃପୁନଃ ଅନୁଭୂତ ନାନାବିଧ ଭୟର ସଂସ୍କାର କାଳକ୍ରମେ ଜୀବନ ପ୍ରତି ମମତାରେ ପରିଣତ ହୋଇଅଛି । ଏହି କାରଣରୁ ବାଳକ ଅତି ବାଲ୍ୟକାଳରୁ ସ୍ୱାଭାବିକ ଭାବରେ ଭୟ ପାଇଥାଏ, କାରଣ ତା ମନରେ ଦୁଃଖ-ଯନ୍ତ୍ରଣାର ପୂର୍ବ ଅଭିଜ୍ଞତା ରହିଅଛି । ଅତିଶୟ ବିଦ୍ୱାନ୍ ବ୍ୟକ୍ତିଗଣଙ୍କ ମଧ୍ୟରୁ ଯେଉଁମାନେ ଜାଣନ୍ତି ଯେ ଏ ଶରୀର ନଷ୍ଟ ହୋଇଯିବ ଏବଂ ଯେଉଁମାନେ କହନ୍ତି, 'କୌଣସି ଭୟ ନାହିଁ; ଆମମାନଙ୍କର ଶତ ସହସ୍ର ଶରୀରର ମୃତ୍ୟୁ ହୋଇଛି, କିନ୍ତୁ ଆତ୍ମା ଅମର'—ଏହିପରି ବିଚାରଜାତ ଧାରଣା ସତ୍ତ୍ୱେ ସେମାନଙ୍କ ମଧ୍ୟରେ ଆମେ ଏହି ଜୀବନ ପ୍ରତି ଆସକ୍ତି ଦେଖିବାକୁ ପାଉ । କାହିଁକି ଏ ଜୀବନପ୍ରତି ଆସକ୍ତି ଆସେ ? ଆମେ ଦେଖୁଅଛୁ ଯେ, ଏହା ଆମମାନଙ୍କର ସହଜାତ ବା ସ୍ୱାଭାବିକ ହୋଇଯାଇଛି । ଯୋଗୀମାନଙ୍କର ଦାର୍ଶନିକ ଭାଷାରେ ତାହା 'ସଂସ୍କାର'ରେ ପରିଣତ ହୋଇଅଛି । ଏହି ସଂସ୍କାରଗୁଡ଼ିକ ସୂକ୍ଷ୍ମ ବା ଗୁପ୍ତଭାବେ ଚିତ୍ତ ଭିତରେ ଯେପରି ନିଦ୍ରିତ ରହିଅଛି । ପୂର୍ବ ମୃତ୍ୟୁର ଏହିସବୁ ଅଭିଜ୍ଞତା, ଯେଉଁଗୁଡ଼ିକୁ ଆମେ ସହଜାତ ଜ୍ଞାନ କହୁ, ବର୍ତ୍ତମାନ ଅବଚେତନ ଭୂମିରେ ଅବସ୍ଥାନ କରୁଅଛନ୍ତି; କିନ୍ତୁ ଏଗୁଡ଼ିକ ନିଷ୍କ୍ରିୟ ନୁହଁନ୍ତି, ବରଂ ମନର ଗଭୀର ପ୍ରଦେଶରେ ରହି କାର୍ଯ୍ୟ କରିଚାଲନ୍ତି ।

ଏହି ଚିତ୍ତବୃତ୍ତିଗୁଡ଼ିକୁ, ଅର୍ଥାତ୍ ଯେଉଁଗୁଡ଼ିକ ସ୍ଥୂଳଭାବରେ ପ୍ରକାଶିତ, ସେଗୁଡ଼ିକୁ ଆମେ ଭଲଭାବରେ ବୁଝିପାରୁ ଓ ଅନୁଭବ ମଧ୍ୟ କରିପାରୁ । ଏଗୁଡ଼ିକୁ ଦମନ କରିବା ଅପେକ୍ଷାକୃତ ସହଜ, କିନ୍ତୁ ସୂକ୍ଷ୍ମତର ସଂସ୍କାରଗୁଡ଼ିକୁ ଦମନ କରିବା କିପରି ? ଯେତେବେଳେ ମୁଁ ରାଗିଯାଏ, ସେତେବେଳେ ମୋର ସମୁଦାୟ ମନଟି ଯେପରି କ୍ରୋଧର ଏକ ବିରାଟ ତରଙ୍ଗରେ ପରିଣତ ହୁଏ । ମୁଁ ତାହା ଅନୁଭବ କରିପାରେ, ତାହାକୁ ପରିଚାଳିତ କରିପାରେ, ତା' ସହିତ ସଂଗ୍ରାମ କରିପାରେ । କିନ୍ତୁ ମୁଁ ଯଦି ମନର ଗଭୀରତମ ସ୍ତରକୁ, ତାହାର କାରଣକୁ ନ ଯାଏ, ତେବେ କେବେହେଲେ ମୁଁ ତାହାକୁ ଜୟ କରିବାକୁ ସମର୍ଥ ହେବି ନାହିଁ । କୌଣସି ଲୋକ ମୋତେ ଖୁବ୍ କର୍କଶ କଥା କହିଲା ଏବଂ ମୋର ମନେହେଲା, ମୁଁ ଉତ୍ତେଜିତ ହେଉଅଛି । ସେ ଆହୁରି କଠୋର କଥା କହି ଚାଲିଲା, ଅବଶେଷରେ ମୁଁ କ୍ରୋଧରେ ଉନ୍ମତ୍ତ ହୋଇ ଉଠିଲି, ଆତ୍ମବିସ୍ମୃତ ହେଲି, କ୍ରୋଧବୃତ୍ତି ସହିତ ଯେପରି ନିଜକୁ ମିଶାଇଦେଲି । ଯେତେବେଳେ ସେ ମୋତେ ପ୍ରଥମେ କଟୁ କଥା କହିବାକୁ ଆରମ୍ଭ କରିଥିଲା, ସେତେବେଳେ ମଧ୍ୟ ମୋର ବୋଧ ହେଉଥିଲା ମୁଁ ଯେପରି କ୍ରୁଦ୍ଧ ହୋଇ ଯିବାରେ ଲାଗିଛି । ସେତେବେଳେ କ୍ରୋଧ ଓ ମୁଁ ପୃଥକ୍ ଥିଲୁ । କିନ୍ତୁ ପରେ ମୁଁ ଯେପରିକି ସ୍ୱୟଂ କ୍ରୋଧରେ ପରିଣତ ହୋଇଗଲି । ଏହି ବୃତ୍ତିଗୁଡ଼ିକୁ ପ୍ରଥମରୁ ବୀଜାବସ୍ଥାରେ, ସୂକ୍ଷ୍ମାବସ୍ଥାରେ ସଂଯତ କରିବାକୁ ହେବ । ଏଗୁଡ଼ିକ ଆମମାନଙ୍କ ଉପରେ କ୍ରିୟା କରୁଛନ୍ତି—ଆମେ ଏହା ବୁଝିବା ପୂର୍ବରୁ ଏଗୁଡ଼ିକୁ ସଂଯତ କରିବାକୁ ହେବ । ଜଗତର ଅଧିକାଂଶ ଲୋକେ ଏହି ବୃତ୍ତିଗୁଡ଼ିକର ସୂକ୍ଷ୍ମାବସ୍ଥାର କଥା ଜାଣନ୍ତି ନାହିଁ । ଯେତେବେଳେ ଏହି ବୃତ୍ତିଗୁଡ଼ିକ ଅବଚେତନ ଭୂମିରେ ଥାଇ ପ୍ରକାଶିତ ହେବାକୁ ଉନ୍ମୁଖ ହୁଅନ୍ତି, ସେହି ଅବସ୍ଥାକୁ ବୃତ୍ତିର ସୂକ୍ଷ୍ମାବସ୍ଥା କୁହାଯାଏ । ଯେତେବେଳେ କୌଣସି ହ୍ରଦର ତଳଦେଶରୁ ବୁଦ୍‌ବୁଦ୍‌ଟିଏ ଉପରକୁ ଉଠି ଆସୁଥାଏ, ସେତେବେଳେ ଆମେ ତାହାକୁ ଦେଖିପାରୁ ନାହିଁ; କେବଳ ସେତିକି ନୁହେଁ, ଉପରଭାଗରୁ ଖୁବ୍ ନିକଟକୁ ଆସିଲେ ମଧ୍ୟ ଆମେ ତାହାକୁ ଦେଖିପାରୁ ନାହିଁ; କେବଳ ଯେତେବେଳେ ଏହା ଉପରକୁ

ଉଠିଆସି ମୃଦୁ ଆଲୋଡ଼ନ ସୃଷ୍ଟି କରେ, ସେତେବେଳେ ଯାଇ ଆମେ ଜାଣିପାରୁ ଯେ ଗୋଟିଏ ତରଙ୍ଗ ଉଠୁଅଛି । ଯେତେବେଳେ ଆମେ ସୂକ୍ଷ୍ମାବସ୍ଥାରେ ତରଙ୍ଗଗୁଡ଼ିକୁ ଧରିପାରିବା, ସେତେବେଳେ ଏଗୁଡ଼ିକ ଆମ ଆୟତ୍ତକୁ ଆସିବ । ଏହିପରି ସ୍ଥୂଳଭାବେ ପରିଣତ ହେବା ପୂର୍ବରୁ ସୂକ୍ଷ୍ମାବସ୍ଥାରେ ଏହି ଇନ୍ଦ୍ରିୟବୃତ୍ତିଗୁଡ଼ିକୁ ଯେତେଦିନ ପର୍ଯ୍ୟନ୍ତ ଆମେ ସଂଯତ କରି ନ ପାରିଛୁ, ସେତେଦିନ ପର୍ଯ୍ୟନ୍ତ ଆମେ କୌଣସି ବୃତ୍ତିକୁ ପୂର୍ଣ୍ଣଭାବେ ଜୟ କରିପାରିବୁ ନାହିଁ । ଇନ୍ଦ୍ରିୟବୃତ୍ତିଗୁଡ଼ିକୁ ସଂଯତ କରିବାକୁ ହେଲେ ଏଗୁଡ଼ିକୁ ଆରମ୍ଭରୁ ସଂଯତ କରିବାକୁ ହେବ । କେବଳ ସେତିକିବେଳେ ବୃତ୍ତିଗୁଡ଼ିକର ବୀଜ ପର୍ଯ୍ୟନ୍ତ ଦଗ୍ଧ ହୋଇଯିବ । ଯେପରି ମଞ୍ଜିକୁ ଭାଜି ମାଟିରେ ପକାଇଦେଲେ ସେଥିରୁ ଅଙ୍କୁର ଉତ୍ପନ୍ନ ହୁଏ ନାହିଁ, ସେହିପରି ଏହି ବୃତ୍ତିଗୁଡ଼ିକର ଅବସ୍ଥା ହେବ ।

**ତେ ପ୍ରତିପ୍ରସବହେୟାଃ ସୂକ୍ଷ୍ମାଃ ॥୧୦॥**

—ସେହି ସୂକ୍ଷ୍ମ ସଂସ୍କାରଗୁଡ଼ିକୁ ପ୍ରତିପ୍ରସବ ଅର୍ଥାତ୍ ପ୍ରତିଲୋମ ପରିଣାମଦ୍ୱାରା (କାର୍ଯ୍ୟକୁ କାରଣରେ ପରିଣତ କରି) ନାଶ କରିବାକୁ ହୁଏ ।

ଧ୍ୟାନଦ୍ୱାରା ଚିତ୍ତବୃତ୍ତିଗୁଡ଼ିକ ନଷ୍ଟ ହେଲେ ଯାହା ଅବଶିଷ୍ଟ ରହେ, ତାହାକୁ ସୂକ୍ଷ୍ମସଂସ୍କାର ବା ବାସନା କୁହାଯାଏ । ତାହା ନାଶ କରିବାର ଉପାୟ କଅଣ ? ତାହାକୁ ପ୍ରତିପ୍ରସବ ଅର୍ଥାତ୍ ପ୍ରତିଲୋମ ପରିଣାମ ଦ୍ୱାରା ନାଶ କରିବାକୁ ହେବ । ପ୍ରତିଲୋମ ପରିଣାମର ଅର୍ଥ କାର୍ଯ୍ୟର କାରଣରେ ଲୟ । ଚିତ୍ତରୂପକ କାର୍ଯ୍ୟ ଯେତେବେଳେ ସମାଧିଦ୍ୱାରା ଅସ୍ମିତା ବା ଅହଙ୍କାରରୂପକ ସ୍ୱକାରଣରେ ଲୀନ ହେବ, ସେତେବେଳେ ଯାଇ ଚିତ୍ତ ସହିତ ସୂକ୍ଷ୍ମ ସଂସ୍କାରଗୁଡ଼ିକ ମଧ୍ୟ ନଷ୍ଟ ହୋଇଯିବ । କେବଳ ଧ୍ୟାନଦ୍ୱାରା ଏଗୁଡ଼ିକ ନଷ୍ଟ ହୁଏ ନାହିଁ ।

**ଧ୍ୟାନହେୟାସ୍ତଦ୍‌ବୃତ୍ତୟଃ ॥୧୧॥**

—ଧ୍ୟାନଦ୍ୱାରା ସେମାନଙ୍କର ସ୍ଥୂଳାବସ୍ଥା ନାଶ କରିବାକୁ ହୁଏ ।

ଧ୍ୟାନ ଏହି ବୃହତ୍ ତରଙ୍ଗଗୁଡ଼ିକର ଉତ୍ପତ୍ତି ନିବାରଣର ଏକ ପ୍ରଧାନ ଉପାୟ । କେବଳ ଧ୍ୟାନଦ୍ୱାରା ମନର ବୃତ୍ତିରୂପକ ତରଙ୍ଗଗୁଡ଼ିକୁ ପ୍ରଶମିତ କରାଯାଇପାରେ । ଯଦି ଦୀର୍ଘକାଳ ଧରି ଏହି ଧ୍ୟାନ ଅଭ୍ୟାସ କର, ଯେତେଦିନ ପର୍ଯ୍ୟନ୍ତ ଏହା ତୁମର ଅଭ୍ୟାସରେ ପରିଣତ ନ ହୋଇଛି, ଯେତେଦିନ ଯାଏ ଧ୍ୟାନ ସମ୍ପୂର୍ଣ୍ଣ ସ୍ୱାଭାବିକ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଏପରି ଚେଷ୍ଟା କରିଗଲେ କ୍ରୋଧ, ଘୃଣା ପ୍ରଭୃତି ବୃତ୍ତିଗୁଡ଼ିକ ନିୟନ୍ତ୍ରିତ ହେବ ।

**କ୍ଲେଶମୂଳଃ କର୍ମାଶୟୋ ଦୃଷ୍ଟାଦୃଷ୍ଟଜନ୍ମବେଦନୀୟଃ ॥୧୨॥**

—କର୍ମର ଆଶୟ ବା ଆଧାରର ମୂଳ ଏହି ପୂର୍ବୋକ୍ତ କ୍ଲେଶଗୁଡ଼ିକ ବର୍ତ୍ତମାନ ଅଥବା ପରବର୍ତ୍ତୀଜୀବନରେ ଫଳ ଦିଅନ୍ତି ।

କର୍ମାଶୟ ଅର୍ଥ ଏହି ସଂସ୍କାରଗୁଡ଼ିକର ସମଷ୍ଟି । ଆମେ ଯେ କୌଣସି କାର୍ଯ୍ୟ କରୁ ନା କାହିଁକି, ସଙ୍ଗେ ସଙ୍ଗେ ଆମର ମନୋହ୍ରଦରେ ଗୋଟିଏ ତରଙ୍ଗ ଉତ୍‌ଥିତ ହୁଏ । ଆମେ ମନେକରୁ କାର୍ଯ୍ୟଟି ଶେଷ ହୋଇଗଲା ମାତ୍ରେ ତରଙ୍ଗଗୁଡ଼ିକ ମଧ୍ୟ ଶେଷ ହୋଇଯିବ, କିନ୍ତୁ ବାସ୍ତବିକ ତାହା ନୁହେଁ । ତାହା ମାତ୍ର ସୂକ୍ଷ୍ମ ଆକାର ଧାରଣ କରି ରହିଅଛି । ଯେତେବେଳେ ଆମେ ଏହି କାର୍ଯ୍ୟର କଥା ସ୍ମରଣ କରିବା ପାଇଁ ଚେଷ୍ଟା କରୁ, କେବଳ ସେତିକିବେଳେ ଏହା ପୁନର୍ବାର ଉଦିତ ହୋଇ ତରଙ୍ଗାକାରରେ ପରିଣତ ହୁଏ । ଅତଏବ ତାହା ମନ ମଧ୍ୟରେ ହିଁ ରହି ଥିଲା; ଯଦି ନ ଥାନ୍ତା, ତାହାହେଲେ ସ୍ମୃତି ଅସମ୍ଭବ ହୁଅନ୍ତା । ସୁତରାଂ ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ ଚିନ୍ତା ତାହା

ଶୁଭ ହେଉ ବା ଅଶୁଭ ହେଉ, ମନର ଗଭୀରତମ ପ୍ରଦେଶକୁ ଯାଇ ସୂକ୍ଷ୍ମଭାବ ଧାରଣ କରେ ଏବଂ ସେଠାରେ ସଞ୍ଚିତ ଥାଏ; ସୁଖକର ଅଥବା ଦୁଃଖକର ସକଳ ପ୍ରକାର ଚିନ୍ତାକୁ 'କ୍ଳେଶ' ଜନକ ବାଧା କୁହାଯାଏ; କାରଣ ଯୋଗୀମାନଙ୍କ ମତରେ ଉଭୟ ହିଁ ପରିଣାମରେ ଦୁଃଖ ପ୍ରସବ କରନ୍ତି । ଇନ୍ଦ୍ରିୟସମୂହରୁ ଯେଉଁସବୁ ସୁଖ ମିଳେ, ପରିଣାମରେ ସେଗୁଡ଼ିକ ଦୁଃଖ ଆଣିଥାଆନ୍ତି । ଭୋଗରେ ଭୋଗତୃଷ୍ଣା ହିଁ ବଢୁଥାଏ ଏବଂ ତାହାର ଫଳ ଦୁଃଖ । ମନୁଷ୍ୟର ବାସନାର ଅନ୍ତ ନାହିଁ, ମନୁଷ୍ୟ କ୍ରମାଗତ ବାସନା ପୋଷଣ କରୁଅଛି ଏବଂ ଦିନେ ସେ ଏପରି ଏକ ଅବସ୍ଥାରେ ପହଞ୍ଚେ, ସେତେବେଳେ କୌଣସି ଉପାୟରେ ଆଉ ବାସନାର ତୃପ୍ତି ହୁଏ ନାହିଁ । ସେତେବେଳେ ତାର ଦୁଃଖ ଉତ୍ପନ୍ନ ହୁଏ । ଏଥିପାଇଁ ଯୋଗୀମାନେ ଶୁଭ ଓ ଅଶୁଭ ଉଭୟ ସଂସ୍କାରସମଷ୍ଟିକୁ 'କ୍ଳେଶ' କହିଥାଆନ୍ତି; ଏଗୁଡ଼ିକ ଆତ୍ମାର ମୁକ୍ତିକୁ ବାଧିତ କରନ୍ତି ।

ସକଳ କାର୍ଯ୍ୟର ସୂକ୍ଷ୍ମ ମୂଳସ୍ୱରୂପ ସଂସ୍କାରଗୁଡ଼ିକ ସମ୍ବନ୍ଧରେ ଏହିପରି ବୁଝିବାକୁ ହେବ; କାରଣ ସେମାନେ କାରଣ-ସ୍ୱରୂପ ହୋଇ ଇହଜୀବନ ବା ପରଜୀବନରେ ଫଳ ପ୍ରସବ କରିଥାଆନ୍ତି (ଦୃଷ୍ଟ ବା ଅଦୃଷ୍ଟ-ଜନ୍ମ ବେଦନୀୟ) । ବିଶେଷ ବିଶେଷ ସ୍ଥଳରେ ଯେତେବେଳେ ଏହି ସଂସ୍କାରଗୁଡ଼ିକ ଖୁବ୍ ପ୍ରବଳ ହୁଏ, ସେତେବେଳେ ଏହା ଶୀଘ୍ର ଫଳ ପ୍ରଦାନ କରେ; ଅତ୍ୟଧିକ ପୁଣ୍ୟ ବା ପାପକର୍ମ ଇହଜୀବନରେ ହିଁ ଫଳ ଉତ୍ପନ୍ନ କରେ । ଯୋଗୀମାନେ କହନ୍ତି ଯେ, ଯେଉଁ ବ୍ୟକ୍ତିମାନେ ଇହଜୀବନରେ ଖୁବ୍ ପ୍ରବଳ ଶୁଭ-ସଂସ୍କାର ଉପାର୍ଜ୍ଜନ କରିପାରନ୍ତି, ସେମାନଙ୍କର ମୃତ୍ୟୁ ହୁଏ ନାହିଁ; ସେମାନେ ଇହଜୀବନରେ ହିଁ ଏହି ଦେହକୁ ଦେବ ଦେହରେ ପରିଣତ କରିପାରନ୍ତି । ଯୋଗୀମାନଙ୍କ ଗ୍ରନ୍ଥରେ ଏପରି କେତେକ ଦୃଷ୍ଟାନ୍ତର ଉଲ୍ଲେଖ ଅଛି । ଏମାନେ ନିଜ ନିଜ ଶରୀରର ଉପାଦାନ ପର୍ଯ୍ୟନ୍ତ ପରିବର୍ତ୍ତନ କରି ପକାନ୍ତି । ଦେହର ପରମାଣୁଗୁଡ଼ିକୁ ଏପରି ନୂତନ ଭାବରେ ସନ୍ନିବେଶିତ କରିଦିଅନ୍ତି ଯେ, ସେମାନଙ୍କର ଆଉ କୌଣସି ପୀଡ଼ା ହୁଏ ନାହିଁ ଏବଂ ଆମେ ଯାହାକୁ ମୃତ୍ୟୁ କହୁ, ତାହା ମଧ୍ୟ ସେମାନଙ୍କ ନିକଟକୁ ଆସିପାରେ ନାହିଁ । ଏପରି ନ ହେବ କାହିଁକି ? ଶରୀର-ବିଜ୍ଞାନରେ ଖାଦ୍ୟର ଅର୍ଥ ହେଉଛି ସୂର୍ଯ୍ୟଙ୍କଠାରୁ ଶକ୍ତି ଗ୍ରହଣ । ଏହି ଶକ୍ତି ପ୍ରଥମେ ଉଦ୍ଭିଦରେ ପ୍ରବେଶ କରେ; ସେହି ଉଦ୍ଭିଦକୁ ପୁଣି କୌଣସି ପଶୁ ଭୋଜନ କରେ, ମନୁଷ୍ୟ ପୁଣି ସେହି ପଶୁମାଂସ ଭୋଜନ କରିଥାଏ । ଏହି ଘଟଣାକୁ ବୈଜ୍ଞାନିକ ଭାଷାରେ କହିବାକୁ ହେବ ଯେ, ଆମେ ସୂର୍ଯ୍ୟଙ୍କଠାରୁ କିଛି ଶକ୍ତି ଗ୍ରହଣ କରି ନିଜର ଅଙ୍ଗୀଭୂତ କରି ନେଉଛୁ । ଯଦି ଏହା ସତ୍ୟ ହୁଏ, ତାହାହେଲେ ଏହି ଶକ୍ତି ଆହରଣ କରିବାର ଗୋଟିଏ ମାତ୍ର ଉପାୟ ରହିବ କାହିଁକି ? ଆମେ ଯେପରି ଶକ୍ତି ସଂଗ୍ରହ କରୁ, ଉଦ୍ଭିଦର ଶକ୍ତି ସଂଗ୍ରହ କରିବାର ଉପାୟ ଠିକ୍ ତାହା ନୁହେଁ । ଆମେ ଯେପରି ଶକ୍ତି ସଂଗ୍ରହ କରୁ, ପୃଥିବୀ ସେପରି କରେ ନାହିଁ କିନ୍ତୁ ତାହାହେଲେ ମଧ୍ୟ ସମସ୍ତେ କୌଣସି ନା କୌଣସି ଉପାୟରେ ଶକ୍ତି ସଂଗ୍ରହ କରିଥାଅନ୍ତି । ଯୋଗୀମାନେ କହନ୍ତି, ସେମାନେ କେବଳ ମନଃଶକ୍ତିବଳରେ ଶକ୍ତି ସଂଗ୍ରହ କରିପାରନ୍ତି । ସାଧାରଣ ଉପାୟ ଅବଲମ୍ବନ ନ କରି ମଧ୍ୟ ସେମାନେ ଯେତେ ଇଚ୍ଛା ସେତେ ଶକ୍ତି ସଂଗ୍ରହ କରିପାରନ୍ତି । ଊର୍ଣ୍ଣନାଭ ଯେପରି ନିଜ ଶରୀରରୁ ତନ୍ତୁ ବିସ୍ତାର କରି ପରିଶେଷରେ ଏପରି ବଦ୍ଧ ହୋଇପଡ଼େ ଯେ, ବାହାରକୁ କୁଆଡ଼େ ଯିବା ପାଇଁ ହେଲେ, ସେହି ତନ୍ତୁ ଅବଲମ୍ବନ ନ କରି ଯାଇପାରେ ନାହିଁ, ସେହିପରି ଆମେ ମଧ୍ୟ ଆମର ଉପାଦାନ ପଦାର୍ଥରୁ ଏହି ସ୍ନାୟୁଜାଲ ସୃଷ୍ଟି କରିଅଛୁ, ଅଥଚ ବର୍ତ୍ତମାନ ସେହି ସ୍ନାୟୁପ୍ରଣାଳୀ ଅବଲମ୍ବନ ନ କରି କୌଣସି କାର୍ଯ୍ୟ

କରିବା ଆମ ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ଯୋଗୀ କହନ୍ତି, ଏଥିରେ ବଦ୍ଧ ରହିବା ଅନିବାର୍ଯ୍ୟ ନୁହେଁ ।

ଏହି ତତ୍ତ୍ୱକୁ ଅନ୍ୟ ଗୋଟିଏ ଉଦାହରଣଦ୍ୱାରା ଆମେ ବୁଝିପାରୁ । ଆମେ ପୃଥିବୀର ଯେ କୌଣସି ଅଂଶକୁ ତଡ଼ିତ୍‌ଶକ୍ତି ପ୍ରେରଣ କରିପାରୁ; କିନ୍ତୁ ଆମମାନଙ୍କୁ ତାହା ତାର ମଧ୍ୟଦେଇ ପଠାଇବାକୁ ହୁଏ । ପ୍ରକୃତି କିନ୍ତୁ ବିନା ତାରରେ ଅତ୍ୟଧିକ ପରିମାଣର ବିଦ୍ୟୁତ୍‌ଶକ୍ତି ପ୍ରେରଣ କରୁଅଛି । ଆମେ ତେବେ କାହିଁକି ତାହା କରିପାରିବା ନାହିଁ ? ଆମେ ଚତୁର୍ଦ୍ଦିଗକୁ ମାନସତଡ଼ିତ୍ ପ୍ରେରଣା କରିପାରୁ । ଆମେ ଯାହାକୁ ମନ କହୁ, ତାହା ଅନେକଟା ତଡ଼ିତ୍‌ଶକ୍ତି ପରି ସ୍ନାୟୁ ମଧ୍ୟରେ ଯେଉଁ ତରଳ ପଦାର୍ଥ ପ୍ରବାହିତ ହେଉଅଛି, ସେଥିରେ ଯେ କିଛି ପରିମାଣରେ ବିଦ୍ୟୁତ୍‌ଶକ୍ତି ଅଛି ଏହା ନିଶ୍ଚିତ, କାରଣ ତଡ଼ିତ୍‌ପରି ତାହାର ଦୁଇ ପ୍ରାନ୍ତରେ ବିପରୀତ ଶକ୍ତିଦ୍ୱୟ ଦୃଷ୍ଟ ହୁଏ ଏବଂ ତଡ଼ିତ୍‌ର ଧର୍ମଗୁଡ଼ିକ ମଧ୍ୟ ସେଥିରେ ଦେଖାଯାଏ । ଏହି ତଡ଼ିତ୍‌ଶକ୍ତିକୁ ବର୍ତ୍ତମାନ ଆମେ କେବଳ ସ୍ନାୟୁମଣ୍ଡଳ ମଧ୍ୟଦେଇ ପ୍ରବାହିତ କରିପାରୁ । କିନ୍ତୁ ସ୍ନାୟୁମଣ୍ଡଳର ସାହାଯ୍ୟ ନ ନେଇ କାହିଁକି ବା ଏହା ପ୍ରବାହିତ କରିବା ପାଇଁ ସମର୍ଥ ହେବୁ ନାହିଁ । ଯୋଗୀ କହନ୍ତି, ଏହା ସମ୍ଭବ ଏବଂ ଏହା କାର୍ଯ୍ୟରେ ପରିଣତ କରାଯାଇପାରେ । ଆଉ ଏଥିରେ କୃତକାର୍ଯ୍ୟ ହେଲେ ତୁମେ ସମଗ୍ର ଜଗତରେ ଏହି ଶକ୍ତି ପ୍ରୟୋଗ କରିବା ପାଇଁ ସମର୍ଥ ହେବ । ସେତେବେଳେ ତୁମେ କୌଣସି ସ୍ନାୟୁଯନ୍ତ୍ରର ସାହାଯ୍ୟ ନ ନେଇ ମଧ୍ୟ ଯେଉଁଠି ଇଚ୍ଛା ଏବଂ ଯେକୌଣସି ଶରୀରଦ୍ୱାରା କାର୍ଯ୍ୟ କରିପାରିବ । ଯେତେବେଳେ କୌଣସି ଜୀବାତ୍ମା ଏହି ସ୍ନାୟୁପ୍ରଣାଳୀ ମଧ୍ୟଦେଇ କାର୍ଯ୍ୟ କରେ, ଆମେ ସେତେବେଳେ କହୁ ମନୁଷ୍ୟଟି ଜୀବିତ ଏବଂ ଯେତେବେଳେ ଏହି ଯନ୍ତ୍ରଗୁଡ଼ିକଦ୍ୱାରା କାର୍ଯ୍ୟ ହୁଏ ନାହିଁ, ସେତେବେଳେ କହୁ ମନୁଷ୍ୟଟି ମୃତ । କିନ୍ତୁ ଯେତେବେଳେ କେହି ଏହି ସକଳ ସ୍ନାୟୁଯନ୍ତ୍ର ସାହାଯ୍ୟରେ ବା ସ୍ନାୟୁ ବ୍ୟତୀତ ମଧ୍ୟ କାର୍ଯ୍ୟ କରିପାରନ୍ତି, ସେତେବେଳେ ତାଙ୍କ ପକ୍ଷରେ ଜନ୍ମ ଓ ମୃତ୍ୟୁ—ଏହି ଦୁଇଟି ଶବ୍ଦ ନିରର୍ଥକ ହୋଇଯାଏ । ଜଗତରେ ସବୁ ଶରୀର ତନ୍ମାତ୍ରଦ୍ୱାରା ରଚିତ; ପ୍ରଭେଦ କେବଳ ବିନ୍ୟାସ ପ୍ରଣାଳୀରେ । ଯଦି ତୁମେ ମଧ୍ୟ ଏହି ବିନ୍ୟାସର କର୍ତ୍ତା ହୁଅ, ତା'ହେଲେ ତୁମର ଯେପରି ଇଚ୍ଛା ଏହି ତନ୍ମାତ୍ରଗୁଡ଼ିକର ବିନ୍ୟାସ କରି ଶରୀର ରଚନା କରିପାର । ଏହି ଶରୀର ତୁମ ବ୍ୟତୀତ ଆଉ କିଏ ନିର୍ମାଣ କରିଅଛି ? ଆହାର କିଏ କରେ ? ଯଦି ଅନ୍ୟ ଜଣେ ତୁମ ପାଇଁ ଆହାର କରନ୍ତା, ତେବେ ତୁମକୁ ଅଧିକ ଦିନ ବଞ୍ଚିରହିବାକୁ ହୁଅନ୍ତା ନାହିଁ । ଏହି ଖାଦ୍ୟରୁ ରକ୍ତ ଉତ୍ପାଦନ କରେ କିଏ ? ନିଶ୍ଚୟ ତୁମେ । ଏ ରକ୍ତକୁ ବିଶୁଦ୍ଧ କରି ଧମନୀ ମଧ୍ୟରେ ପ୍ରବାହିତ କରୁଅଛି କିଏ ? କେବଳ ତୁମେ । ଆମେମାନେ ଏହି ଦେହର ପ୍ରଭୁ ଏବଂ ସେଥିରେ ହିଁ ବାସ କରୁଅଛୁ । ଦେହକୁ କିପରି ଭାବରେ ପୁଣି ତରୁଣ କରିହେବ ସେହି ଜ୍ଞାନ ଆମେ ହରାଇଅଛୁ । ଆମେମାନେ ଯନ୍ତ୍ରତୁଲ୍ୟ ସ୍ୱୟଂକ୍ରିୟ ହୋଇଯାଇଅଛୁ । ଆମେ ଦେହର ପରମାଣୁ ଗୁଡ଼ିକର ବିନ୍ୟାସପ୍ରଣାଳୀ ଭୁଲିଯାଇଛୁ । ତେଣୁ ଏବେ ଆମେ ଯନ୍ତ୍ରପରି ଯାହା କରୁ, ଯୋଗାଭ୍ୟାସଦ୍ୱାରା ତାହାକୁ ହିଁ ଜ୍ଞାତସାରରେ କରିବାକୁ ହେବ । ଆମେମାନେ ଦେହର ପ୍ରଭୁ, ସୁତରାଂ ଆମମାନଙ୍କୁ ହିଁ ସେହି ବିନ୍ୟାସପ୍ରଣାଳୀ ନିୟମିତ କରିବାକୁ ହେବ । ଏଥିରେ କୃତକାର୍ଯ୍ୟ ହେଲେ ଆମେ ଇଚ୍ଛାନୁସାରେ ଦେହକୁ ପୁନର୍ବାର ତରୁଣ କରି ତୋଳିବା ପାଇଁ ସମର୍ଥ ହେବୁ ଏବଂ ସେତେବେଳେ ଆମମାନଙ୍କର ଜନ୍ମ, ବ୍ୟାଧି, ମୃତ୍ୟୁ କିଛି ହେଲେ ରହିବ ନାହିଁ ।

**ସତି ମୂଳେ ତଦ୍‌ବିପାକୋ ଜାତ୍ୟାୟୁର୍ଭୋଗାଃ ॥୧୩॥**

—ମନରେ ଏହି ସଂସ୍କାରରୂପକ ମୂଳ ଥିବା ହେତୁ ତାହାର ଫଳ ସ୍ୱରୂପ ମନୁଷ୍ୟାଦି ଜାତି, ଭିନ୍ନ ଭିନ୍ନ ପରମାୟୁ ଓ ସୁଖଦୁଃଖାଦି ଭୋଗହୁଏ ।

ମୂଳ ଅର୍ଥାତ୍ ସଂସ୍କାରରୂପକ କାରଣଗୁଡ଼ିକ ଭିତରେ ଥାଏ, ସେଗୁଡ଼ିକ ବ୍ୟକ୍ତଭାବ ଧାରଣ କରି ଫଳରୂପେ ପରିଣତ ହୁଏ । କାରଣର ନାଶ ହୋଇ କାର୍ଯ୍ୟର ଉଦୟ ହୁଏ, ପୁଣି କାର୍ଯ୍ୟ ସୂକ୍ଷ୍ମଭାବ ଧାରଣ କରି ପରବର୍ତ୍ତୀ କାର୍ଯ୍ୟର କାରଣସ୍ୱରୂପ ହୁଏ । ବୃକ୍ଷ ବୀଜ ପ୍ରସବ କରେ, ବୀଜ ପୁଣି ପରବର୍ତ୍ତୀ ବୃକ୍ଷର ଉତ୍ପତ୍ତିର କାରଣ ହୁଏ; ଏହିପରି କାର୍ଯ୍ୟକାରଣ-ପ୍ରବାହ ଚାଲୁଥାଏ । ଆମମାନଙ୍କର ସକଳ କାର୍ଯ୍ୟ ହିଁ ପୂର୍ବସଂସ୍କାରର ଫଳସ୍ୱରୂପ । ଏହି କାର୍ଯ୍ୟଗୁଡ଼ିକ ପୁଣି ସଂସ୍କାରରେ ପରିଣତ ହୋଇ ଭବିଷ୍ୟତ କାର୍ଯ୍ୟର କାରଣ ହେବ; ଏହି ଭାବରେ ସବୁ ଚାଲିଛି । ଅତଏବ ଏହି ସୂତ୍ରର ତାତ୍ପର୍ଯ୍ୟ ହେଉଛି, କାରଣ ଥିଲେ ତାହାର ଫଳ ବା କାର୍ଯ୍ୟ ଅବଶ୍ୟ ରହିବ । ଏହି ଫଳ ପ୍ରଥମତଃ 'ଜାତି' ରୂପେ ପ୍ରକାଶ ପାଏ; କେହି ମନୁଷ୍ୟ ହେବ, କେହି ପୁଣି ଦେବତା, କେହି ପଶୁ, କେହି ବା ଅସୁର ହେବ । ଏହି କର୍ମ ପୁନଶ୍ଚ ଆୟୁକୁ ମଧ୍ୟ ନିୟମିତ କରେ । ଜଣେ ହୁଏତ ପଚାଶବର୍ଷ ବଞ୍ଚେ, ଆଉ ଜଣେ ଏକଶତ ବର୍ଷ, ପୁଣି କେହି ହୁଏତ ଦୁଇ ବର୍ଷ ବୟସରେ ହିଁ ମରିଯାଏ—ସେ ଆଉ ପୂର୍ଣ୍ଣବୟସ୍କ ହୁଏ ନାହିଁ । ଜୀବନର ଏହି ସବୁ ବିଭିନ୍ନତା ପୂର୍ବ କର୍ମଦ୍ୱାରା ନିୟମିତ ହୁଏ । କେହି ଯେପରି କେବଳ ସୁଖଭୋଗ ପାଇଁ ଜନ୍ମଗ୍ରହଣ କରିଅଛି; ଯଦି ସେ ବଣକୁ ଯାଇ ଲୁଚି ରହେ, ତେବେ ସୁଦ୍ଧା ସୁଖ ତାହାକୁ ଅନୁସରଣ କରିବ । ଆଉ ଜଣେ ଯେଉଁଠାକୁ ଯାଉନା କାହିଁକି ଦୁଃଖ ମଧ୍ୟ ତାହାକୁ ଅନୁସରଣ କରୁଥାଏ, ତା' ନିକଟରେ ସବୁ ଦୁଃଖମୟ । ଏସବୁ ହିଁ ସେମାନଙ୍କର ନିଜ ନିଜ ପୂର୍ବ କର୍ମର ଫଳ । ଯୋଗୀମାନଙ୍କ ମତରେ ପୁଣ୍ୟକର୍ମ ହେତୁ ସୁଖ, ପାପକର୍ମ ହେତୁ ଦୁଃଖ ଉତ୍ପନ୍ନ ହୁଏ । ଯେଉଁ ବ୍ୟକ୍ତି ଅସତ୍ କାର୍ଯ୍ୟ କରେ, ସେ ନିଶ୍ଚୟ ଦୁଃଖକଷ୍ଟ ରୂପେ ତାହାର କୃତକର୍ମର ଫଳ ଭୋଗ କରିବ ।

**ତେ ହ୍ଲାଦପରିତାପଫଳାଃ ପୁଣ୍ୟାପୁଣ୍ୟହେତୁତ୍ୱାତ୍ ॥୧୪॥**

—ପୁଣ୍ୟ ଓ ପାପ ସେଗୁଡ଼ିକର କାରଣ ବୋଲି ସେଗୁଡ଼ିକର ଫଳ ଯଥାକ୍ରମେ ଆନନ୍ଦ ଓ ଦୁଃଖ ।

**ପରିଣାମତାପ-ସଂସ୍କାରଦୁଃଖୈର୍ଗୁଣବୃତ୍ତିବିରୋଧାଚ୍ଚ ଦୁଃଖମେବ ସର୍ବଂ ବିବେକିନଃ ॥୧୫॥**

—ପରିଣାମରେ କିମ୍ବା ଭୋଗ କଲାବେଳେ ଭୋଗବ୍ୟାଘାତର ଆଶଙ୍କାରେ ଅଥବା ସୁଖ-ସଂସ୍କାରଜନିତ ନୂତନ ତୃଷ୍ଣା ଉତ୍ପନ୍ନ ହେଉଥିବାରୁ ଏବଂ ଗୁଣବୃତ୍ତି (ଅର୍ଥାତ୍ ସତ୍ତ୍ୱ, ରଜଃ, ତମଃ । ପରସ୍ପର-ବିରୋଧୀ ବୋଲି ବିବେକୀଙ୍କ ନିକଟରେ ସବୁ ଦୁଃଖମୟ ବୋଲି ବୋଧ ହୁଏ) ।

ଯୋଗୀମାନେ କହନ୍ତି, ଯାହାଙ୍କର ବିବେକ-ଶକ୍ତି କିମ୍ବା ଅନ୍ତର୍ଦୃଷ୍ଟି ଅଛି, ସେ ସୁଖ ଓ ଦୁଃଖାତ୍ମକ ସର୍ବବିଧ ବସ୍ତୁର ଅନ୍ତସ୍ଥଳ ପର୍ଯ୍ୟନ୍ତ ଦେଖିଥାଆନ୍ତି ଏବଂ ଜାଣିପାରନ୍ତି ଯେ ସେଗୁଡ଼ିକ ସର୍ବଦା ସମଭାବରେ ରହିଛନ୍ତି । ଗୋଟିଏ ସହିତ ଅନ୍ୟଟି ଯେପରି ସଂଯୁକ୍ତ ହୋଇ, ଗୋଟିଏ ଯେପରି ଅନ୍ୟଟି ସହିତ ମିଶି ରହିଛି । ସେହି ବିବେକୀ ପୁରୁଷ ଦେଖିବାକୁ ପାଆନ୍ତି ଯେ, ମନୁଷ୍ୟ ସମଗ୍ର ଜୀବନ ଧରି ଯେପରି କେବଳ ଗୋଟିଏ ମରୀଚିକାର ଅନୁସରଣ କରୁଅଛି

ଏବଂ ସେ କେବେହେଲେ ତାହାର ବାସନାପୂରଣରେ ସମର୍ଥ ହୁଏ ନାହିଁ । ଥରେ ମହାରାଜ ଯୁଧିଷ୍ଠିର କହିଥିଲେ, ଜୀବନରେ ସର୍ବାପେକ୍ଷା ଆଶ୍ଚର୍ଯ୍ୟର ଘଟଣା ହେଉଛି, ପ୍ରତି ମୁହୂର୍ତ୍ତରେ ପ୍ରାଣୀଗଣଙ୍କୁ ମୃତ୍ୟୁମୁଖରେ ପତିତ ହେବାର ଦେଖି ମଧ ଆମେ ମନେ କରୁଅଛୁ, ଆମେ କେବେହେଲେ ମରିବୁ ନାହିଁ ।* ଚତୁର୍ଦ୍ଦିଗରେ ମୂର୍ଖଙ୍କଦ୍ୱାରା ପରିବେଷ୍ଟିତ ହୋଇ ଆମେ ମନେକରୁଅଛୁ, କେବଳ ଆମେ ହିଁ ପଣ୍ଡିତ । ସର୍ବପ୍ରକାର ଚାଞ୍ଚଲ୍ୟମୟ ଅଭିଜ୍ଞତାଦ୍ୱାରା ବେଷ୍ଟିତ ହୋଇ ଆମେ ମନେକରୁଅଛୁ, ଆମମାନଙ୍କର ଭଲ ପାଇବା ହିଁ ଏକମାତ୍ର ସ୍ଥାୟୀ ପ୍ରେମ । ଏହା କଅଣ ସମ୍ଭବ ? ଭଲପାଇବା ମଧ ସ୍ୱାର୍ଥପରତାମିଶ୍ରିତ । ଯୋଗୀ କହନ୍ତି, 'ପରିଣାମରେ ଦେଖିବାକୁ ପାଇବ, ଏପରିକି ପତିପତ୍ନୀଙ୍କ ପ୍ରେମ, ସନ୍ତାନ ପ୍ରତି ଭଲପାଇବା, ବନ୍ଧୁମାନଙ୍କ ପ୍ରତି ପ୍ରୀତି ଇତ୍ୟାଦି ସବୁ କ୍ରମଶଃ କ୍ଷୀଣ ହୋଇଯାଏ ।' ଏ ସଂସାରରେ କ୍ଷୟ ପ୍ରତ୍ୟେକ ବସ୍ତୁକୁ ହିଁ ଆକ୍ରମଣ କରିଥାଏ । ଯେତେବେଳେ ସଂସାରର ସକଳ ବାସନା, ଏପରିକି ଭଲପାଇବା ମଧ ବିଫଳ ହୁଏ, ସେତେବେଳେ ହତଚକିତ ହୋଇ ମନୁଷ୍ୟ ବୁଝିପାରେ ଯେ ଏ ଜଗତ କେତେଦୂର ବ୍ୟର୍ଥ, ପରିଣାମରେ କେତେ ସ୍ୱପ୍ନସଦୃଶ ! ସେତିକିବେଳେ ହିଁ ତା' ଚକ୍ଷୁରେ ବୈରାଗ୍ୟର କ୍ଷଣିକ ଆଲୋକ ଦେଖାଦିଏ ଏବଂ ସେ ଅତୀନ୍ଦ୍ରିୟ ସତ୍ତାର ଯେପରି ଟିକିଏ ଆଭାସ ପାଏ । ଏହି ଜଗତକୁ ତ୍ୟାଗ କଲେ ଯାଇ ଜଗଦାତୀତ ତତ୍ତ୍ୱଟି ହୃଦୟରେ ଉଦ୍‌ଭାସିତ ହୁଏ; ଜାଗତିକ ସୁଖରେ ଆସକ୍ତ ରହିଲେ ଏହା କେବେହେଲେ ସମ୍ଭବ ହୁଏ ନାହିଁ । ଏପରି କୌଣସି ମହାତ୍ମା ଜନ୍ମଗ୍ରହଣ କରି ନାହାନ୍ତି, ଯାହାଙ୍କୁ ଏହି ଉଚ୍ଚାବସ୍ଥାଲାଭ ପାଇଁ ଇନ୍ଦ୍ରିୟସୁଖଭୋଗ ତ୍ୟାଗ କରିବାକୁ ହୋଇନାହିଁ । ପ୍ରକୃତିର ବିଭିନ୍ନ ଶକ୍ତିଗୁଡ଼ିକର ପରସ୍ପରବିରୋଧ ହିଁ ଦୁଃଖର କାରଣ । ସେଥିରୁ ଗୋଟିଏ ମନୁଷ୍ୟକୁ ଏକ ଦିଗକୁ, ଅନ୍ୟଟି ଆଉ ଗୋଟିଏ ଦିଗକୁ ଟାଣିନେଇ ଯାଉଅଛି । ଏହି ଦ୍ୱନ୍ଦ୍ୱ ମଧରେ ସ୍ଥାୟୀ ସୁଖ ଆମେ କିପରି ଲାଭ କରିବା ?

**ହେୟଂ ଦୁଃଖମନାଗତମ୍ ॥୧୬॥**

—ଯେଉଁ ଦୁଃଖ ବର୍ତ୍ତମାନ ମଧ ଆସିନାହିଁ, ତାହାକୁ ତ୍ୟାଗ କରିବାକୁ ହେବ ।

କର୍ମର କେତେକାଂଶ ଆମମାନଙ୍କର ଭୋଗ ହୋଇଯାଇଛି, କେତେକାଂଶ ଆମେ ବର୍ତ୍ତମାନ ଭୋଗ କରୁଛୁ, ଅବଶିଷ୍ଟାଂଶ ଭବିଷ୍ୟତ ପାଇଁ ଫଳପ୍ରଦାନୋନ୍ମୁଖ ହୋଇ ରହିଅଛି । ଆମର ଯାହା ଭୋଗ ହୋଇଯାଇଛି ତାହା ତ ଶେଷ ହୋଇଯାଇଛି । କିନ୍ତୁ ଆମେ ବର୍ତ୍ତମାନ ଯାହା ଭୋଗ କରୁଛୁ, ତାହା ଆମମାନଙ୍କୁ ଭୋଗ କରିବାକୁ ହିଁ ହେବ । କେବଳ ଯେଉଁ କର୍ମ ଭବିଷ୍ୟତ ପାଇଁ ଫଳ ପ୍ରଦାନୋନ୍ମୁଖ ହୋଇଅଛି, ତାହାକୁ ଆମେ ନିୟନ୍ତ୍ରିତ କରିପାରିବୁ ଏବଂ ଏଥିପାଇଁ ସକଳ ଶକ୍ତି ନିୟୋଜିତ କରିବାକୁ ହେବ । ପତଞ୍ଜଳି କହିଛନ୍ତି (୨।୧୦)—ସଂସ୍କାରଗୁଡ଼ିକୁ କାରଣରେ ଲୟ କରି ନିୟନ୍ତ୍ରିତ କରିବାକୁ ହେବ ।

**ଦ୍ରଷ୍ଟୃଦୃଶ୍ୟୟୋଃ ସଂଯୋଗୋ ହେୟହେତୁଃ ॥୧୭॥**

—ହେୟ, ଅର୍ଥାତ୍ ଯେଉଁ ଦୁଃଖକୁ ତ୍ୟାଗ କରିବାକୁ ହୁଏ, ତାହାର କାରଣ ଦ୍ରଷ୍ଟା ଓ ଦୃଶ୍ୟର ସଂଯୋଗ ।

ଏ ଦ୍ରଷ୍ଟା କିଏ ? ମନୁଷ୍ୟର ଆତ୍ମା, ଅର୍ଥାତ୍ ପୁରୁଷ । ଦୃଶ୍ୟ କଅଣ ? ମନରୁ ଆରମ୍ଭ କରି

---

* ଅହନ୍ୟହନି ଭୂତାନି ଗଚ୍ଛନ୍ତି ଯମମନ୍ଦିରମ୍ ।
ଶେଷାଃ ସ୍ଥିରତ୍ୱମିଚ୍ଛନ୍ତି କିମାଶ୍ଚର୍ଯ୍ୟମତଃପରମ୍ । —ମହାଭାରତ, ବନପର୍ବ

ସ୍ଥୂଳ ଭୂତ ପର୍ଯ୍ୟନ୍ତ ସମଗ୍ର ପ୍ରକୃତି । ଏହି ପୁରୁଷ ଓ (ପ୍ରକୃତିର) ମନର ସଂଯୋଗ ହେତୁ ସମଗ୍ର ସୁଖଦୁଃଖ ଉତ୍ପନ୍ନ ହୋଇଅଛି । ତୁମମାନଙ୍କର ଅବଶ୍ୟ ସ୍ମରଣ ଥିବ, ଏହି ଯୋଗଶାସ୍ତ୍ର ମତରେ ପୁରୁଷ ଶୁଦ୍ଧସ୍ୱରୂପ; ଯେତେବେଳେ ଏହା ପ୍ରକୃତି ସହିତ ସଂଯୁକ୍ତ ହୁଏ, ସେତେବେଳେ ପ୍ରକୃତିରେ ପ୍ରତିବିମ୍ବିତ ହୋଇ ସୁଖ ବା ଦୁଃଖ ଅନୁଭବ କରେ ବୋଲି ମନେହୁଏ ।

**ପ୍ରକାଶ-କ୍ରିୟା-ସ୍ଥିତିଶୀଳଂ ଭୂତେନ୍ଦ୍ରିୟାତ୍ମକଂ ଭୋଗାପବର୍ଗାର୍ଥଂ ଦୃଶ୍ୟମ୍ ॥୧୮॥**

—'ଦୃଶ୍ୟ' କହିଲେ ଭୂତ ଓ ଇନ୍ଦ୍ରିୟଗଣଙ୍କୁ ବୁଝାଏ । ତାହା ପ୍ରକାଶକ୍ରିୟା ଓ ସ୍ଥିତିଶୀଳ । ତାହା କେବଳ ଦ୍ରଷ୍ଟାର ଅର୍ଥାତ୍ ପୁରୁଷର ଭୋଗ ଓ ମୁକ୍ତି ପାଇଁ ।

ଦୃଶ୍ୟ ଅର୍ଥାତ୍ ପ୍ରକୃତି, ଭୂତ ଓ ଇନ୍ଦ୍ରିୟସମଷ୍ଟିଦ୍ୱାରା ଗଠିତ; ଭୂତ କହିଲେ ସ୍ଥୂଳ, ସୂକ୍ଷ୍ମ ଓ ସର୍ବପ୍ରକାର ଭୂତକୁ ବୁଝାଏ ଏବଂ ଇନ୍ଦ୍ରିୟର ଅର୍ଥ ମନ ସହିତ ଚକ୍ଷୁରାଦି ସମସ୍ତ ଇନ୍ଦ୍ରିୟ । ସେମାନଙ୍କର ଧର୍ମ ବା ଗୁଣ ପୁଣି ତିନି ପ୍ରକାର, ଯଥା—ପ୍ରକାଶ, କାର୍ଯ୍ୟ ଓ ଜଡ଼ତା । ଏଗୁଡ଼ିକୁ ହିଁ ଅନ୍ୟ ଭାଷାରେ ସତ୍ତ୍ୱ, ରଜଃ ଓ ତମଃ କୁହାଯାଏ । ସମଗ୍ର ପ୍ରକୃତିର ଉଦ୍ଦେଶ୍ୟ କଅଣ ? ଉଦ୍ଦେଶ୍ୟ—ଯେଉଁଥିରେ ପୁରୁଷ ସମୁଦାୟ ଭୋଗ କରି ଅଭିଜ୍ଞତା ଅର୍ଜନ କରିପାରନ୍ତି । ପୁରୁଷ ଯେପରି ନିଜର ମହାନ୍ ଐଶ୍ୱରିକ ଭାବ ବିସ୍ମୃତ ହୋଇଅଛନ୍ତି । ଏ ବିଷୟରେ ଗୋଟିଏ ସୁନ୍ଦର ଆଖ୍ୟାୟିକା ଅଛି । ଏକଦା ଦେବରାଜ ଇନ୍ଦ୍ର ଶୂକର ହୋଇ କର୍ଦ୍ଦମ ଭିତରେ ବାସ କରୁଥିଲେ; ତାଙ୍କର ଗୋଟିଏ ଶୂକରୀ ଥିଲା, ସେହି ଶୂକରୀଦ୍ୱାରା ତାଙ୍କର ଅନେକ ଗୁଡ଼ିଏ ଶାବକ ମଧ୍ୟ ହୋଇଥିଲେ । ଦେବତାମାନେ ତାଙ୍କର ଦୁରବସ୍ଥା ଦର୍ଶନ କରି ତାଙ୍କ ନିକଟକୁ ଆସି କହିଲେ, 'ଆପଣ ଦେବରାଜ, ଦେବତାମାନେ ଆପଣଙ୍କ ଶାସନରେ ବାସ କରନ୍ତି; ଆପଣ ଏଠାରେ କାହିଁକି ?' ଇନ୍ଦ୍ର ଉତ୍ତର ଦେଲେ, 'ମୁଁ ବେଶ୍ ଅଛି, କିଛି ଭାବ ନାହିଁ; ଏପରି ଶୂକରୀ ଓ ଶାବକଗୁଡ଼ିକ ଯେତେଦିନ ମୋ ପାଖରେ ଜୀବିତ ରହି ଲୀଳାଖେଳା କରୁଛନ୍ତି, ସେତେଦିନ ସ୍ୱର୍ଗାଦି କିଛି ହେଲେ ମୁଁ ପ୍ରାର୍ଥନା କରେ ନାହିଁ ।' ସେତେବେଳେ ଦେବଗଣ କଅଣ କରିବେ କିଛି ଭାବି ସ୍ଥିର କରିପାରିଲେ ନାହିଁ । କିଛି ଦିନ ପରେ ସେମାନେ ସ୍ଥିର କଲେ, ସବୁ ଶାବକମାନଙ୍କୁ ଗୋଟିଏ ଗୋଟିଏ କରି ମାରି ପକାଇବାକୁ ହେବ । ଏହିପରି ଗୋଟି ଗୋଟି ହୋଇ ଶାବକଗୁଡ଼ିକ ସବୁ ନିହତ ହେବା ପରେ ଦେବଗଣ ଅବଶେଷରେ ସେହି ଶୂକରୀକୁ ମଧ୍ୟ ମାରି ପକାଇଲେ । ସେତେବେଳେ ଇନ୍ଦ୍ର କାତର ହୋଇ ବିଳାପ କରିବାକୁ ଲାଗିଲେ; ଦେବଗଣ ଇନ୍ଦ୍ରଙ୍କ ଶୂକର ଦେହଟିକୁ ଚିରି ପକାଇଲେ । ସେତେବେଳେ ଇନ୍ଦ୍ର ସେହି ଶୂକର ଦେହରୁ ନିର୍ଗତ ହୋଇ ହସିବାକୁ ଲାଗିଲେ ଏବଂ ଭାବିବାକୁ ଲାଗିଲେ, 'କି ଭୟଙ୍କର ସ୍ୱପ୍ନ ଦେଖୁଥିଲି ! ମୁଁ ଦେବରାଜ, ମୁଁ ଏହି ଶୂକରଜନ୍ମକୁ ହିଁ ଏକମାତ୍ର ଜନ୍ମବୋଲି ମନେ କରୁଥିଲି; କେବଳ ସେତିକି ନୁହେଁ, ସମଗ୍ର ଜଗତ ଶୂକରଦେହ ଧାରଣ କରୁ—ମୁଁ ଏହି କଥା ଇଚ୍ଛା ମଧ୍ୟ କରୁଥିଲି ।' ପୁରୁଷ ମଧ୍ୟ ଏହିପରି ପ୍ରକୃତି ସହିତ ମିଳିତ ହୋଇ ବିସ୍ମୃତ ହୁଅନ୍ତି ଯେ, ସେ ଶୁଦ୍ଧସ୍ୱଭାବ ଓ ଅନନ୍ତସ୍ୱରୂପ । ପୁରୁଷଙ୍କୁ 'ଅସ୍ତିତ୍ୱବାନ୍' କୁହାଯାଇପାରେ ନାହିଁ, କାରଣ, ପୁରୁଷ ସ୍ୱୟଂ ଅସ୍ତିତ୍ୱସ୍ୱରୂପ । ପୁରୁଷ ବା ଆତ୍ମାକୁ 'ଜ୍ଞାନୀ' କୁହାଯାଇପାରେ ନାହିଁ, କାରଣ ଆତ୍ମା ସ୍ୱୟଂ ଜ୍ଞାନସ୍ୱରୂପ । ତାହାଙ୍କୁ 'ପ୍ରେମସମ୍ପନ୍ନ' କୁହାଯାଇପାରେ ନାହିଁ, କାରଣ ସେ ସ୍ୱୟଂ ପ୍ରେମସ୍ୱରୂପ । ଆତ୍ମା ଅସ୍ତିତ୍ୱବାନ୍ ଜ୍ଞାନଯୁକ୍ତ ଅଥବା ପ୍ରେମମୟ—ଏପରି କହିବା ଭୁଲ । ପ୍ରେମ, ଜ୍ଞାନ ଓ ଅସ୍ତିତ୍ୱ ପୁରୁଷଙ୍କର ଗୁଣ ନୁହେଁ, ଏଗୁଡ଼ିକ ତାଙ୍କର ସ୍ୱରୂପ । ଯେତେବେଳେ ଏଗୁଡ଼ିକ କୌଣସି ବସ୍ତୁ ଉପରେ ପ୍ରତିବିମ୍ବିତ ହୁଏ, ସେତେବେଳେ

ଏଗୁଡ଼ିକୁ ସେହି ବସ୍ତୁର ଗୁଣ କୁହାଯାଇପାରେ । କିନ୍ତୁ ଏଗୁଡ଼ିକ ପୁରୁଷଙ୍କର ଗୁଣ ନୁହନ୍ତି, ଏଗୁଡ଼ିକ ସେହି ମହାନ୍ ଆତ୍ମାଙ୍କର—ଅନନ୍ତ ପୁରୁଷଙ୍କର ସ୍ୱରୂପ—ତାଙ୍କର ଜନ୍ମ ନାହିଁ, ମୃତ୍ୟୁ ନାହିଁ, ସେ ନିଜ ମହିମାରେ ବିରାଜମାନ କରୁଛନ୍ତି । କିନ୍ତୁ ସେ ସ୍ୱରୂପକୁ ଭୁଲି ଏତେ ଦୂର ଅଧଃପତିତ ହୋଇଛନ୍ତି ଯେ, ଯଦି ତୁମେ ତାଙ୍କ ନିକଟକୁ ଯାଇ କହ, 'ତୁମେ ଶୂକର ନୁହଁ', ସେ ଚିତ୍କାର କରିବେ ଓ ତୁମକୁ କାମୁଡ଼ିବାକୁ ଆରମ୍ଭ କରିବେ ।

ମାୟା ମଧ୍ୟରେ—ଏହି ସ୍ୱପ୍ନମୟ ଜଗତ ମଧ୍ୟରେ ଆମମାନଙ୍କର ମଧ୍ୟ ସେହି ଦଶା ହୋଇଅଛି । ଏଠାରେ କେବଳ ରୋଦନ, କେବଳ ଦୁଃଖ, କେବଳ ହାହାକାର—ଏଠାରେ କେତୋଟି ସୁବର୍ଣ୍ଣଗୋଲକ ଗଡ଼ାଇ ଦିଆହୋଇଛି ଆଉ ସମଗ୍ର ଜଗତ ତାହା ପାଇବା ପାଇଁ ପ୍ରତିଯୋଗିତା କରୁଛି । ତୁମେ କୌଣସି ନିୟମରେ କେବେ ବଦ୍ଧ ନ ଥିଲ । ପ୍ରକୃତିର ବନ୍ଧନ ତୁମଠାରେ କସ୍ମିନ୍‌କାଳେ ନାହିଁ । ଯୋଗୀ ତୁମକୁ ଏହା ହିଁ ଶିକ୍ଷା ଦେଇଥାଆନ୍ତି, ଧୈର୍ଯ୍ୟ ସହିତ ଏହା ଶିକ୍ଷା କର । ଯୋଗୀ ତୁମକୁ ବୁଝାଇଦେବେ, କିପରି ଏହି ପ୍ରକୃତି ସହିତ ଯୁକ୍ତ ହୋଇ, ମନ ଓ ଜଗତ ସହିତ ଏକ ହୋଇ ପୁରୁଷ ନିଜକୁ ଦୁଃଖୀ ଭାବୁଅଛି । ଯୋଗୀ ଆହୁରି କହନ୍ତି, ଅଭିଜ୍ଞତା ଅର୍ଜନ ମଧ୍ୟଦେଇ ଏହି ଦୁଃଖମୟ ସଂସାରରୁ ଅବ୍ୟାହତି ପାଇବା ସମ୍ଭବ ହୁଏ । ଅଭିଜ୍ଞତା ଲାଭ କରିବାକୁ ହେବ ନିଶ୍ଚୟ, ତେବେ ଯେତେ ଚଞ୍ଚଳ ତାହା ଶେଷ କରାଯାଏ, ସେତେ ମଙ୍ଗଳ । ଆମେମାନେ ନିଜେ ଏହି ଜାଲରେ ପଡ଼ିଛୁ, ଆମମାନଙ୍କୁ ଏହାର ବାହାରକୁ ଯିବାକୁ ହେବ । ଆମେ ନିଜେ ହିଁ ଏହି ଫାଶରେ ଗୋଡ଼ ଦେଇଛୁ, ନିଜ ଚେଷ୍ଟାରେ ହିଁ ଆମମାନଙ୍କୁ ଏଥିରୁ ମୁକ୍ତିଲାଭ କରିବାକୁ ହେବ । ଅତଏବ ଏହି ପତିପତ୍ନୀପ୍ରେମ, ବନ୍ଧୁପ୍ରୀତି ଓ ଅନ୍ୟାନ୍ୟ ଯେଉଁ ସକଳ କ୍ଷୁଦ୍ରକ୍ଷୁଦ୍ର ସ୍ନେହ-ଭଲପାଇବାର ଆକାଙ୍କ୍ଷା ଅଛି, ସମସ୍ତ ହିଁ ଭୋଗ କରିପକାଅ । ଯଦି ନିଜର ସ୍ୱରୂପ ସର୍ବଦା ସ୍ମରଣ ଥାଏ, ତାହାହେଲେ ତୁମେ ଶୀଘ୍ର ନିର୍ବିଘ୍ନରେ ଏଥିରୁ ଉତ୍ତୀର୍ଣ୍ଣ ହୋଇଯିବ । କେବେହେଲେ ଭୁଲ ନାହିଁ—ଏହି ଅବସ୍ଥା ଅତି ଅଳ୍ପ କ୍ଷଣ ପାଇଁ ଏବଂ ଆମମାନଙ୍କୁ ଏହା ମଧ୍ୟଦେଇ ଯିବାକୁ ହିଁ ହେବ । ଅଭିଜ୍ଞତା ଆମମାନଙ୍କର ଏକମାତ୍ର ମହାନ୍ ଶିକ୍ଷକ; କିନ୍ତୁ ଏହି ସୁଖଦୁଃଖଗୁଡ଼ିକ କେବଳ ସାମୟିକ ଅଭିଜ୍ଞତା ବୋଲି ଯେପରି ମନେଥାଏ । ଏଗୁଡ଼ିକ ଆପେ ଆପେ ଆମମାନଙ୍କୁ ଏପରି ଏକ ଅବସ୍ଥାକୁ ନେଇଯିବେ, ଯେଉଁଠାରେ ଜଗତର ସମସ୍ତ ବସ୍ତୁ ଅତି ତୁଚ୍ଛ ହୋଇଯିବ; ପୁରୁଷ ସେତେବେଳେ ବିଶ୍ୱବ୍ୟାପୀ ବିରାଟ ରୂପେ ପରିଣତ ହେବେ, ସମଗ୍ର ଜଗତ ସେତେବେଳେ ଯେପରି ସମୁଦ୍ରର ଏକ ବିନ୍ଦୁ ଜଳ ସଦୃଶ ମନେ ହେବ ଏବଂ ତାହା ନିଜେ ହିଁ ଶୂନ୍ୟରେ ଲୀନ ହୋଇଯିବ । ବିଭିନ୍ନ ଅଭିଜ୍ଞତା ମଧ୍ୟଦେଇ ଆମମାନଙ୍କୁ ଯିବାକୁ ହିଁ ହେବ; କିନ୍ତୁ ଆମେ ଯେପରି ଆମମାନଙ୍କର ଚରମ ଲକ୍ଷ୍ୟ କେବେହେଲେ ବିସ୍ମୃତ ନ ହେଉ ।

**ବିଶେଷାବିଶେଷ ଲିଙ୍ଗମାତ୍ରାଲିଙ୍ଗାନି ଗୁଣପର୍ବାଣି ॥୧୯॥**

—ଗୁଣର ଏହି କେତୋଟି ଅବସ୍ଥା ଅଛି, ଯଥା—ବିଶେଷ, ଅବିଶେଷ, ଚିହ୍ନମାତ୍ର (ମହତ୍) ଓ ଚିହ୍ନଶୂନ୍ୟ (ପ୍ରକୃତି) ।

ମୁଁ ଆପଣମାନଙ୍କୁ ପୂର୍ବବର୍ତ୍ତୀ ଭାଷଣଗୁଡ଼ିକରେ କହିଅଛି ଯେ ଯୋଗଶାସ୍ତ୍ର ସାଂଖ୍ୟଦର୍ଶନ ଉପରେ ପ୍ରତିଷ୍ଠିତ; ଏଠାରେ ପୁନର୍ବାର ସାଂଖ୍ୟଦର୍ଶନର ଜଗତସୃଷ୍ଟି-ପ୍ରକରଣ ଆପଣମାନଙ୍କୁ ସ୍ମରଣ କରାଇଦେବି । ସାଂଖ୍ୟମତରେ ପ୍ରକୃତି ହିଁ ଜଗତର ନିମିତ୍ତ ଓ ଉପାଦାନ କାରଣ । ଏହି

ପ୍ରକୃତିରେ ପୁଣି ତ୍ରିବିଧ ଉପାଦାନ ଅଛି, ଯଥା—ସତ୍ତ୍ୱ, ରଜଃ ଓ ତମଃ । ତମଃ ଉପାଦାନଟି ଅନ୍ଧକାର, ଯାହା କିଛି ଅଜ୍ଞାନାତ୍ମକ ଓ ଗୁରୁପଦାର୍ଥ ସମସ୍ତ ହିଁ ତମୋମୟ । ରଜଃ କ୍ରିୟାଶକ୍ତି । ସତ୍ତ୍ୱ ଶାନ୍ତଭାବ—ପ୍ରକାଶସ୍ୱଭାବ । ସୃଷ୍ଟି ପୂର୍ବରୁ ପ୍ରକୃତି ଯେଉଁ ଅବସ୍ଥାରେ ଥାଏ, ତାହାକୁ କୁହାଯାଏ 'ଅବ୍ୟକ୍ତ'—ଅବିଶେଷ ବା ଅବିଭକ୍ତ; ଏହାର ଅର୍ଥ—ଯେଉଁ ଅବସ୍ଥାରେ ନାମରୂପର ବିଭାଗ ନାହିଁ, ଯେଉଁ ଅବସ୍ଥାରେ ଏହି ତିନୋଟି ପଦାର୍ଥ ଠିକ୍ ସାମ୍ୟଭାବେ ଥାଏ । ତା'ପରେ ଏହି ସାମ୍ୟାବସ୍ଥା ନଷ୍ଟ ହୁଏ, ଏହି ତିନି ଉପାଦାନ ବିବିଧଭାବରେ ପରସ୍ପର ମିଶ୍ରିତ ହେଉଥାଏ, ତାହାରି ଫଳ ଏହି ଜଗତ । ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ଏହି ତିନୋଟି ଉପାଦାନ ବିରାଜମାନ । ଯେତେବେଳେ ସତ୍ତ୍ୱ ପ୍ରବଳ ହୁଏ, ସେତେବେଳେ ଜ୍ଞାନ ଉଦିତ ହୁଏ; ରଜଃ ପ୍ରବଳ ହେଲେ କ୍ରିୟା ବୃଦ୍ଧି ପାଏ, ପୁଣି ତମଃ ପ୍ରବଳ ହେଲେ ଅନ୍ଧକାର, ଆଳସ୍ୟ ଓ ଅଜ୍ଞାନ ଆମମାନଙ୍କୁ ଆଚ୍ଛନ୍ନ କରେ । ସାଂଖ୍ୟମତାନୁସାରେ ତ୍ରିଗୁଣମୟୀ ପ୍ରକୃତିର ସର୍ବୋଚ୍ଚ ପ୍ରକାଶ 'ମହତ୍' ଅଥବା ବୁଦ୍ଧି ତତ୍ତ୍ୱ—ତାହାକୁ ସମଷ୍ଟି ବୁଦ୍ଧି କୁହାଯାଏ; ବ୍ୟଷ୍ଟି ମନୁଷ୍ୟବୁଦ୍ଧି ତାହାରି ହିଁ ଗୋଟିଏ ଅଂଶମାତ୍ର । ସାଂଖ୍ୟ ମନୋବିଜ୍ଞାନରେ 'ମନ' ଓ 'ବୁଦ୍ଧି' ମଧ୍ୟରେ ବିଶେଷ ପ୍ରଭେଦ ଅଛି । ମନର କାର୍ଯ୍ୟ କେବଳ ବିଷୟାଭିଘାତଜନିତ ବେଦନାଗୁଡ଼ିକୁ ସଂଗ୍ରହ କରି ବୁଦ୍ଧି ଅର୍ଥାତ୍ ବ୍ୟଷ୍ଟିମହତ୍‌ର ସମୀପରେ ଉପନୀତ କରିବା । ବୁଦ୍ଧି ଏହି ସକଳ ବିଷୟ ନିଶ୍ଚୟ କରେ । ମହତ୍‌ରୁ ଅହଂ-ତତ୍ତ୍ୱ ଓ ଅହଂତତ୍ତ୍ୱରୁ ସୂକ୍ଷ୍ମ ଭୂତର ଉତ୍ପତ୍ତି ହୁଏ । ଏହି ସୂକ୍ଷ୍ମଭୂତସକଳ ପୁନଶ୍ଚ ପରସ୍ପର ମିଳିତ ହୋଇ ଏହି ବାହ୍ୟ ସ୍ଥୂଳଭୂତରୂପେ ପରିଣତ ହୁଏ । ସେଥିରୁ ହିଁ ଏହି ସ୍ଥୂଳ ଜଗତର ଉତ୍ପତ୍ତି; ସାଂଖ୍ୟଦର୍ଶନ ମତରେ--ବୁଦ୍ଧିଠାରୁ ଆରମ୍ଭ କରି ଖଣ୍ଡିଏ ପ୍ରସ୍ତର ପର୍ଯ୍ୟନ୍ତ ସବୁକିଛି ଏହି ଗୋଟିଏ ଉପାଦାନରୁ ଉତ୍ପନ୍ନ ହୋଇଅଛି, କେବଳ ସୂକ୍ଷ୍ମତା ଓ ସ୍ଥୂଳତା ନେଇ ସେମାନଙ୍କର ପ୍ରଭେଦ । କାରଣ ସୂକ୍ଷ୍ମ, କାର୍ଯ୍ୟ ସ୍ଥୂଳ । ସାଂଖ୍ୟଦର୍ଶନ ମତରେ ପୁରୁଷ ସମଗ୍ର ପ୍ରକୃତିର ବାହାରେ—ସେ ଜଡ଼ ନୁହନ୍ତି । ବୁଦ୍ଧି, ମନ, ତନ୍ମାତ୍ର ଅଥବା ସ୍ଥୂଳଭୂତ କୌଣସିଟିର ସଦୃଶ ନୁହନ୍ତି । ସେ ସମ୍ପୂର୍ଣ୍ଣ ପୃଥକ୍, ତାଙ୍କର ସ୍ୱରୂପ ସମ୍ପୂର୍ଣ୍ଣ ଭିନ୍ନ । ଏଥିରୁ ସେମାନେ ସିଦ୍ଧାନ୍ତ କରନ୍ତି ଯେ, ପୁରୁଷ ଅବଶ୍ୟ ହିଁ ମୃତ୍ୟୁରହିତ; କାରଣ ସେ କୌଣସି ପ୍ରକାର ମିଶ୍ରଣରୁ ଉତ୍ପନ୍ନ ନୁହନ୍ତି । ଯାହା ମିଶ୍ରଣରୁ ଉତ୍ପନ୍ନ ନୁହେଁ, ତାହାର କେବେହେଲେ ବିନାଶ ହୋଇପାରେ ନାହିଁ । ଏହି ପୁରୁଷ ବା ଆତ୍ମା-ସମୂହଙ୍କ ସଂଖ୍ୟା ଅସୀମ ।

ବର୍ତ୍ତମାନ ଆମେ ଏହି ସୂତ୍ରଟିର ତାତ୍ପର୍ଯ୍ୟ ବୁଝିପାରିବୁ । 'ବିଶେଷ' ଅର୍ଥରେ ସ୍ଥୂଳଭୂତ—ଯେଉଁଗୁଡ଼ିକୁ ଆମେ ଇନ୍ଦ୍ରିୟଦ୍ୱାରା ଉପଲବ୍ଧି କରିପାରୁ । 'ଅବିଶେଷ' ଅର୍ଥରେ ସୂକ୍ଷ୍ମଭୂତ—ତନ୍ମାତ୍ର । ଏହି ତନ୍ମାତ୍ରକୁ ସାଧାରଣ ମନୁଷ୍ୟ ଉପଲବ୍ଧି କରିପାରେ ନାହିଁ । ପତଞ୍ଜଳି କହନ୍ତି, 'ଯଦି ତୁମେ ଯୋଗାଭ୍ୟାସ କର, କିଛି ଦିନ ପରେ ତୁମର ଅନୁଭବ-ଶକ୍ତି ଏତେ ସୂକ୍ଷ୍ମ ହେବ ଯେ, ତୁମେ ତନ୍ମାତ୍ରଗୁଡ଼ିକୁ ବାସ୍ତବିକ ପ୍ରତ୍ୟକ୍ଷ କରିବ ।' ତୁମେମାନେ ଶୁଣିଅଛ, ପ୍ରତ୍ୟେକ ବ୍ୟକ୍ତିର ଚାରିଆଡ଼େ ଏକ ପ୍ରକାର ଜ୍ୟୋତି ଅଛି, ପ୍ରତ୍ୟେକ ପ୍ରାଣୀ ଭିତରୁ ସର୍ବଦା ଏକ ପ୍ରକାର ଆଲୋକ ବାହାରୁଅଛି । ପତଞ୍ଜଳି କହନ୍ତି, କେବଳ ଯୋଗୀ ହିଁ ଏହା ଦେଖିପାରନ୍ତି । ଆମେ ସମସ୍ତେ ତାହା ଦେଖିପାରୁ ନାହୁଁ, କିନ୍ତୁ ପୁଷ୍ପରୁ ଯେପରି ସର୍ବଦା ସୂକ୍ଷ୍ମ କଣା ନିର୍ଗତ ହୁଏ, ଯେଉଁଗୁଡ଼ିକଦ୍ୱାରା ଆମେ ଏହାର ଘ୍ରାଣ ପାଉ, ସେହିପରି ଆମମାନଙ୍କ ଶରୀରରୁ ସର୍ବଦା ହିଁ ଏହି ତନ୍ମାତ୍ରସକଳ ବାହାରୁଅଛି । ପ୍ରତ୍ୟେହ ଆମ ଶରୀରରୁ ଶୁଭ ବା ଅଶୁଭ ଶକ୍ତି ଓ ଭାବରାଶି ବାହାରୁଅଛି ଏବଂ ଆମେ ଯେଉଁଠାକୁ ଯାଉ, ସେଠାରେ ମଧ୍ୟ ପରିବେଶ ଏହି ତନ୍ମାତ୍ରରେ ପୂର୍ଣ୍ଣ

ଥାଏ । ଏହାର ପ୍ରକୃତ ରହସ୍ୟ ନ ଜାଣିଲେ ମଧ୍ୟ ଏହି ଭାବରେ ନିଜର ଅଜ୍ଞାତସାରରେ ମନୁଷ୍ୟ ମନରେ ମନ୍ଦିର, ଗୀର୍ଜା ଇତ୍ୟାଦି ନିର୍ମାଣ କରିବାର ଭାବ ଆସିଅଛି । ଭଗବାନଙ୍କୁ ଉପାସନା କରିବା ପାଇଁ ମନ୍ଦିର ନିର୍ମାଣର କଅଣ ପ୍ରୟୋଜନ ଥିଲା ? ଯେକୌଣସି ଜାଗାରେ ଈଶ୍ୱରଙ୍କର ଉପାସନା କରିବ ନାହିଁ କାହିଁକି ? କାରଣ ନ ଜାଣିଲେ ମଧ୍ୟ ମନୁଷ୍ୟ ବୁଝିଥିଲା ଯେ, ଯେଉଁଠି ଲୋକେ ଈଶ୍ୱରଙ୍କ ଉପାସନା କରନ୍ତି, ସେ ସ୍ଥାନ ପବିତ୍ର ତନ୍ମାତ୍ରରେ ପରିପୂର୍ଣ୍ଣ ହୋଇଯାଏ । ସମସ୍ତେ ପ୍ରତ୍ୟହ ସେଠାକୁ ଯାଆନ୍ତି, ସେଠାକୁ ଯେତେ ଅଧିକ ଯାତାୟାତ କରନ୍ତି, ସେତେ ପବିତ୍ର ହେଉଥାଆନ୍ତି । ଏବଂ ସଙ୍ଗେ ସଙ୍ଗେ ସ୍ଥାନଟି ମଧ୍ୟ ପବିତ୍ରତର ହେଉଥାଏ । ଯେଉଁ ବ୍ୟକ୍ତି ସତ୍ତ୍ୱ ଗୁଣୀ ନୁହନ୍ତି, ସେ ଯଦି ସେଠାକୁ ଯାଆନ୍ତି, ତାଙ୍କଠାରେ ମଧ୍ୟ ସତ୍ତ୍ୱ ଗୁଣର ଉଦ୍ରେକ ହେବ । ଅତଏବ ମନ୍ଦିର ଓ ତୀର୍ଥାଦି କାହିଁକି ପବିତ୍ର ବୋଲି ଗଣ୍ୟ ହୁଏ, ତାହାର କାରଣ ବୁଝାଗଲା । କିନ୍ତୁ ଏହା ସର୍ବଦା ସ୍ମରଣ ରଖିବାକୁ ହେବ ଯେ, ସାଧୁ ଲୋକଙ୍କ ସମାଗମ ଉପରେ ସେହି ସ୍ଥାନର ପବିତ୍ରତା ନିର୍ଭର କରେ । କିନ୍ତୁ ଅସୁବିଧା ଏହି ଯେ, ମନୁଷ୍ୟ ମୂଳ ଉଦ୍ଦେଶ୍ୟ ଭୁଲିଯାଏ—ଘୋଡ଼ା ଆଗରେ ଗାଡ଼ିଟିକୁ ବାନ୍ଧିଦିଏ । ପ୍ରଥମେ ମନୁଷ୍ୟ ହିଁ ଏହି ସ୍ଥାନଗୁଡ଼ିକୁ ପବିତ୍ର କରିଥିଲା । ତା'ପରେ ସେହି ସ୍ଥାନର ପବିତ୍ରତା କାରଣ ହୋଇ ଅନ୍ୟକୁ ପବିତ୍ର କରୁଥିଲା । ଯଦି ସେ ସ୍ଥାନକୁ ସର୍ବଦା ଅସାଧୁ ଲୋକେ ଯାତାୟାତ କରନ୍ତି, ତା'ହେଲେ ସେହି ସ୍ଥାନ ଅନ୍ୟାନ୍ୟ ସ୍ଥାନ ଭଳି ଅପବିତ୍ର ହୋଇଯିବ । ଲୋକଙ୍କର ଗୁଣ ହେତୁ ମନ୍ଦିର ପବିତ୍ର ବୋଲି ଗଣ୍ୟ ହୁଏ; କିନ୍ତୁ ଏହା ଆମେ ସର୍ବଦା ଭୁଲିଯାଉ । ଏହି କାରଣ ହେତୁ ସତ୍ତ୍ୱ ଗୁଣସମ୍ପନ୍ନ ସାଧୁ ଓ ମହାତ୍ମାଗଣ ଚତୁର୍ଦ୍ଦିଗରେ ଏହି ସତ୍ତ୍ୱ ଗୁଣ ବିକୀରଣ କରି ସେମାନଙ୍କର ଚତୁଃପାର୍ଶ୍ୱସ୍ଥ ଲୋକଙ୍କ ଉପରେ ଦିନରାତି ପ୍ରବଳ ପ୍ରଭାବ ବିସ୍ତାର କରିପାରନ୍ତି । ମନୁଷ୍ୟ ଏତେ ପବିତ୍ର ହୋଇପାରେ ଯେ, ତାହାର ପବିତ୍ରତା ଯେପରି ସ୍ପର୍ଶ କରି ହୁଏ । ସାଧୁଙ୍କ ଶରୀର ପବିତ୍ର, ସେ ଯେଉଁଠି ବିଚରଣ କରନ୍ତି, ସେହିଠାରେ ହିଁ ପବିତ୍ରତା ବିଚ୍ଛୁରିତ ହୁଏ । ଯେ କୌଣସି ବ୍ୟକ୍ତି ତାଙ୍କ ସଂସ୍ପର୍ଶରେ ଆସନ୍ତି, ସେ ମଧ୍ୟ ପବିତ୍ର ହୋଇଯାଆନ୍ତି ।

ବର୍ତ୍ତମାନ 'ଲିଙ୍ଗମାତ୍ରର' ଅର୍ଥ କଅଣ ଦେଖାଯାଉ । 'ଲିଙ୍ଗମାତ୍ର' ବୁଦ୍ଧିକୁ ବୁଝାଏ; ଏହା ପ୍ରକୃତିର ପ୍ରଥମ ଅଭିବ୍ୟକ୍ତି, ସେଥିରୁ ହିଁ ଅନ୍ୟାନ୍ୟ ସମୁଦାୟ ବସ୍ତୁ ଅଭିବ୍ୟକ୍ତ ହୋଇଅଛି । ଗୁଣର ଶେଷ ଅବସ୍ଥାଟିର ନାମ 'ଅଲିଙ୍ଗ' ବା ଚିହ୍ନଶୂନ୍ୟ । ଏହିଠାରେ ହିଁ ଆଧୁନିକ ବିଜ୍ଞାନ ଓ ଧର୍ମଗୁଡ଼ିକ ମଧ୍ୟରେ ବିଶେଷ ପାର୍ଥକ୍ୟ ଦେଖାଯାଏ । ପ୍ରତ୍ୟେକ ଧର୍ମରେ ଏହି ଭାବଟି ଦେଖିବାକୁ ମିଳେ ଯେ, ଏହି ଜଗତ ଚୈତନ୍ୟଶକ୍ତିରୁ ହିଁ ଉତ୍ପନ୍ନ ହୋଇଅଛି । ଈଶ୍ୱର ଆମମାନଙ୍କ ପରି ବ୍ୟକ୍ତିବିଶେଷ କି ନା, ଏ ବିଚାର ଛାଡ଼ିଦେଇ କେବଳ ମନୋବିଜ୍ଞାନ ଦିଗରୁ ଦେଖିଲେ ଈଶ୍ୱରବାଦର ତାତ୍ପର୍ଯ୍ୟ ଏହି ଯେ, ଚୈତନ୍ୟ ହିଁ ସୃଷ୍ଟିର ଆଦି ବସ୍ତୁ ଏବଂ ସେଥିରୁ ସ୍ଥୂଳଭୂତର ପ୍ରକାଶ ହୋଇଅଛି । କିନ୍ତୁ ଆଧୁନିକ ଦାର୍ଶନିକ ପଣ୍ଡିତମାନେ କହନ୍ତି—ଚୈତନ୍ୟ ସୃଷ୍ଟିର ଶେଷ ବସ୍ତୁ । ସେମାନଙ୍କର ମତ ଏହି ଯେ, ଅଚେତନ ଜଡ଼ବସ୍ତୁସକଳ ଧୀରେ ଧୀରେ ଜୀବଜନ୍ତୁରେ ପରିଣତ ହୋଇଅଛି, ଏହି ଜୀବଜନ୍ତୁ କ୍ରମଶଃ ଉନ୍ନତ ହୋଇ ମନୁଷ୍ୟରୂପେ ବିକଶିତ ହୋଇଅଛି । ସେମାନେ କହନ୍ତି, ଜଗତର ସମଗ୍ର ବସ୍ତୁ ଯେ ଚୈତନ୍ୟରୁ ପ୍ରସୂତ ହୋଇଅଛି ତାହା ନୁହେଁ, ବରଂ ଚୈତନ୍ୟ ହିଁ ସୃଷ୍ଟିର ସର୍ବଶେଷ ବସ୍ତୁ । ଧର୍ମ ଓ ବିଜ୍ଞାନର ସିଦ୍ଧାନ୍ତ ଆପାତତଃ ବିରୁଦ୍ଧ ବୋଲି ମନେହେଲେ ମଧ୍ୟ ଦୁଇଟି ସିଦ୍ଧାନ୍ତ ହିଁ ସତ୍ୟ, ଗୋଟିଏ ଅନନ୍ତ ଶୃଙ୍ଖଳର ଯେପରି ଦୁଇଟି ଧାପ—ଯେପରି କ-

ଖ–କ–ଖ–କ–ଖ ଇତ୍ୟାଦି; ପ୍ରଶ୍ନ ଏହି, ଏହା ମଧ୍ୟରେ 'କ' ଆଦିରେ ଅଥବା 'ଖ' ଆଦିରେ? ଯଦି ତୁମ ଏହି ଶୃଙ୍ଖଳଟିକୁ କ–ଖ ଏହିରୂପେ ଗ୍ରହଣ କର, ତାହାହେଲେ ଅବଶ୍ୟ 'କ'କୁ ପ୍ରଥମେ କହିବାକୁ ହେବ; କିନ୍ତୁ ଯଦି ତୁମେ ତାହାକୁ ଖ–କ ଏହି ଭାବେ ଗ୍ରହଣ କର, ତା'ହେଲେ 'ଖ' କୁ ହିଁ ପ୍ରଥମେ କହିବାକୁ ପଡ଼ିବ । ଆମେ ଯେଉଁ ପଟରୁ ଦେଖୁଛୁ, ତାହା ଉପରେ ହିଁ ଏହା ନିର୍ଭର କରେ । ଚୈତନ୍ୟ ପରିଣାମପ୍ରାପ୍ତ ହୋଇ ସ୍ଥୂଳଭୂତାକାର ଧାରଣ କରେ, ସ୍ଥୂଳଭୁତ ପୁଣି ଚୈତନ୍ୟରେ ପରିଣତ ହୁଏ, ଏହି ଭାବରେ ହିଁ ଚାଲୁଥାଏ । ସାଂଖ୍ୟ ଓ ଅନ୍ୟାନ୍ୟ ଧର୍ମାଚାର୍ଯ୍ୟଗଣ ଚୈତନ୍ୟକୁ ଅଗ୍ରେ ସ୍ଥାପନ କରନ୍ତି । ସେଥିରେ ଏ ଶୃଙ୍ଖଳ ଏହି ଆକାର ଧାରଣ କରେ । ଯଥା—ପ୍ରଥମେ ଚୈତନ୍ୟ, ପରେ ଜଡ଼ । ବୈଜ୍ଞାନିକ ଜଡ଼କୁ ଗ୍ରହଣ କରି କହନ୍ତି, 'ପ୍ରଥମେ ଜଡ଼, ପରେ ଚୈତନ୍ୟ' ଉଭୟେ ହିଁ ସେହି ଏକ ଶୃଙ୍ଖଳର କଥା କହୁଛନ୍ତି । ଭାରତୀୟ ଦର୍ଶନ କିନ୍ତୁ ଏହି ଚୈତନ୍ୟ ଓ ଜଡ଼ ଉଭୟଙ୍କର ଊର୍ଦ୍ଧ୍ୱରେ ପୁରୁଷ ବା ଆତ୍ମାକୁ ଦେଖିପାରନ୍ତି । ଏହି ଆତ୍ମା ବୁଦ୍ଧିର ଅତୀତ, ବୁଦ୍ଧି ତାଙ୍କର ହିଁ ପ୍ରତିଫଳିତ ଆଲୋକ ।

**ଦ୍ରଷ୍ଟା ଦୃଶିମାତ୍ରଃ ଶୁଦ୍ଧୋଽପି ପ୍ରତ୍ୟୟାନୁପଶ୍ୟଃ ॥୨୦॥**

—ଦ୍ରଷ୍ଟା କେବଳ ଚୈତନ୍ୟ ମାତ୍ର; ଯଦିଓ ସେ ସ୍ୱୟଂ ପବିତ୍ରତାସ୍ୱରୂପ, ତଥାପି ବୁଦ୍ଧି ଭିତର ଦେଇ ସେ ଦେଖିଥାଆନ୍ତି ।

ଏଠାରେ ମଧ୍ୟ ସାଂଖ୍ୟଦର୍ଶନର କଥା କୁହାଯାଇଅଛି । ଆମେ ପୂର୍ବରୁ ଦେଖିଅଛୁ, ସାଂଖ୍ୟଦର୍ଶନର ଏହି ମତ ଯେ, ନିମ୍ନତମ ବିକାଶରୁ ଆରମ୍ଭ କରି ବୁଦ୍ଧି ପର୍ଯ୍ୟନ୍ତ ସମସ୍ତ ହିଁ ପ୍ରକୃତିର ଅନ୍ତର୍ଗତ; ପୁରୁଷଗଣ ପ୍ରକୃତିର ବାହାରେ, ଏହି ପୁରୁଷଗଣଙ୍କର କୌଣସି ଗୁଣ ନାହିଁ । ତେବେ ଆତ୍ମା ଦୁଃଖୀ ବା ସୁଖୀ ବୋଲି ପ୍ରତୀୟମାନ ହୁଅନ୍ତି କାହିଁକି? ପ୍ରତିଫଳନଦ୍ୱାରା ଗୋଟିଏ ସ୍ଫଟିକ ନିକଟରେ ଗୋଟିଏ ଲାଲ ଫୁଲ ରଖିଲେ ଏହି ସ୍ଫଟିକଟି ଲାଲ ଦେଖାଯିବ, ସେହିପରି ଆମେ ଯେଉଁ ସୁଖ ବା ଦୁଃଖ ବୋଧ କରୁଛୁ, ତାହା ବାସ୍ତବିକ ପ୍ରତିବିମ୍ବ ମାତ୍ର; ବାସ୍ତବିକ ଆତ୍ମାରେ ଏ ସକଳ କିଛି ହିଁ ନାହିଁ । ଆତ୍ମା ପ୍ରକୃତିଠାରୁ ସମ୍ପୂର୍ଣ୍ଣ ପୃଥକ୍ ବସ୍ତୁ । ପ୍ରକୃତି ଏକ ବସ୍ତୁ, ଆତ୍ମା ଅନ୍ୟ ଏକ ବସ୍ତୁ, ଏ ଦୁଇଟି ଚିରଦିନ ପୃଥକ୍ । ସାଂଖ୍ୟଗଣ କହନ୍ତି ଯେ, (ବୁଦ୍ଧିଜାତ) ଜ୍ଞାନ ଗୋଟିଏ ମିଶ୍ର ପଦାର୍ଥ, ତାହାର ହ୍ରାସବୃଦ୍ଧି ଅଛି, ତାହା ପରିବର୍ତ୍ତନଶୀଳ, ଶରୀର ପରି ତାହା ମଧ୍ୟ କ୍ରମଶଃ ପରିଣାମ ପ୍ରାପ୍ତ ହୁଏ । ଶରୀରର ଯେଉଁ ସକଳ ଧର୍ମ, ସେଥିରେ ମଧ୍ୟ ସେ ସକଳ ଧର୍ମ ବିଦ୍ୟମାନ । ଶରୀର ପକ୍ଷରେ ନଖ ଯେପରି, ଏହି ଜ୍ଞାନ ପକ୍ଷରେ ଦେହ ମଧ୍ୟ ସେହିପରି । ନଖ ଶରୀରର ଗୋଟିଏ ଅଂଶ, ତାହାକୁ ଶତ ଶତ ବାର କାଟି ପକାଇଲେ ମଧ୍ୟ ଶରୀର ବଞ୍ଚି ରହେ । ସେହିପରି ଏହି ଶରୀର ବହୁବାର ପରିତ୍ୟକ୍ତ ହେଲେ ମଧ୍ୟ (ବୁଦ୍ଧିଜାତ) ଜ୍ଞାନ ଯୁଗଯୁଗାନ୍ତର ଧରି ରହିବ । କିନ୍ତୁ ତାହାହେଲେ ମଧ୍ୟ ଏହି ଜ୍ଞାନ କେବେହେଲେ ଅବିନାଶୀ ହୋଇପାରେ ନାହିଁ, କାରଣ ତାହା ପରିବର୍ତ୍ତନଶୀଳ, ତାହାର ହ୍ରାସବୃଦ୍ଧି ଅଛି । ଆଉ ଯାହା କିଛି ପରିବର୍ତ୍ତନଶୀଳ, ତାହା କେବେହେଲେ ଅବିନାଶୀ ହୋଇପାରେ ନାହିଁ । ଏହି ଜ୍ଞାନ ଅବଶ୍ୟ ହିଁ ଜନ୍ୟପଦାର୍ଥ । ପୁଣି ଏଥିରୁ ବୁଝାଯାଉଅଛି, ଅନ୍ୟ ଆଉ ଗୋଟିଏ ପଦାର୍ଥ ଅଛି । ଜନ୍ୟପଦାର୍ଥ କେବେହେଲେ ମୁକ୍ତ-ସ୍ୱଭାବ ହୋଇପାରେ ନାହିଁ । ସଂଶ୍ଳିଷ୍ଟ ସବୁକିଛି ହିଁ ପ୍ରକୃତିର ଅନ୍ତର୍ଗତ, ସୁତରାଂ ଚିରକାଳ ପାଇଁ ବଦ୍ଧ । ତେବେ ମୁକ୍ତ କିଏ? ଯିଏ କାର୍ଯ୍ୟ-କାରଣ-ସମ୍ବନ୍ଧର ଅତୀତ, ସେ ହିଁ ପ୍ରକୃତ ମୁକ୍ତ । ତୁମେ ଯଦି କହ, ମୁକ୍ତଭାବଟି ଭ୍ରମାତ୍ମକ-ମୁଁ

କହିବି, ବନ୍ଧନର ଭାବଟି ମଧ୍ୟ ଭ୍ରମାତ୍ମକ । ଆମମାନଙ୍କ ଜ୍ଞାନରେ ଏହି ଦୁଇ ଭାବ ହିଁ ସଦା ବିରାଜିତ, ପରସ୍ପର ଆଶ୍ରିତ—ଗୋଟିଏ ନ ଥିଲେ ଅନ୍ୟଟି ରହିପାରେ ନାହିଁ । ବନ୍ଧନ ଓ ମୁକ୍ତି ସମ୍ବନ୍ଧରେ ଏହା ହିଁ ଆମର ଧାରଣା । ଯଦି କାନ୍ଥ ମଧ୍ୟ ଦେଇ ଯିବାକୁ ଚାହୁଁ ଆମମାନଙ୍କ ମୁଣ୍ଡ କାନ୍ଥରେ ଧକ୍କା ଖାଏ; ତା'ହେଲେ ବୁଝିଲୁ, ଆମେ ଏହି କାନ୍ଥଦ୍ୱାରା ସୀମାବଦ୍ଧ । ସଙ୍ଗେ ସଙ୍ଗେ ବୁଝିଲୁ ଆମର ଗୋଟିଏ ଇଚ୍ଛାଶକ୍ତି ଅଛି—ଏବଂ ମନେକଲେ ଏହି ଇଚ୍ଛାଶକ୍ତିକୁ ଆମେ ଯେଉଁଠାକୁ ଇଚ୍ଛା ପରିଚାଳିତ କରିପାରୁ । ପ୍ରତିପଦରେ ଏହି ବିରୋଧୀ ଭାବ ଦୁଇଟି ଆମ ସମ୍ମୁଖକୁ ଆସୁଅଛି । ଆମମାନଙ୍କୁ ବିଶ୍ୱାସ କରିବାକୁ ହେବ ଯେ ଆମେ ମୁକ୍ତ; କିନ୍ତୁ ପ୍ରତି ମୁହୂର୍ତ୍ତରେ ଦେଖୁଅଛୁ, ଆମେ ମୁକ୍ତ ନୋହୁଁ । ଦୁଇଟି ଭାବ ମଧ୍ୟରୁ ଗୋଟିଏ ଯଦି ଭ୍ରମାତ୍ମକ ହୁଏ, ତେବେ ଅପରଟି ମଧ୍ୟ ଭ୍ରମାତ୍ମକ ହେବ । ଆଉ ଗୋଟିଏ ଯଦି ସତ୍ୟ ହୁଏ, ତେବେ ଅପରଟି ମଧ୍ୟ ସତ୍ୟ ହେବ; କାରଣ ଉଭୟ ହିଁ ଅନୁଭବରୂପକ ଗୋଟିଏ ଭିତ୍ତି ଉପରେ ସ୍ଥାପିତ । ଯୋଗୀ କହନ୍ତି, ଏହି ଦୁଇଟି ଭାବ ହିଁ ସତ୍ୟ । ବୁଦ୍ଧି ପର୍ଯ୍ୟନ୍ତ ଧରିଲେ ଆମେ ବଦ୍ଧ, କିନ୍ତୁ ଆତ୍ମା ଭାବରେ ଆମେ ମୁକ୍ତ । ମନୁଷ୍ୟର ପ୍ରକୃତ ସ୍ୱରୂପ-ଆତ୍ମା ବା ପୁରୁଷ—କାର୍ଯ୍ୟକାରଣଶୃଙ୍ଖଳର ବାହାରେ । ଏହି ଆତ୍ମାର ମୁକ୍ତ ସ୍ୱଭାବଟି ଜଡ଼ର ଭିନ୍ନ ଭିନ୍ନ ସ୍ତର ମଧ୍ୟ ଦେଇ ବୁଦ୍ଧି, ମନ ଇତ୍ୟାଦି ନାନା ରୂପରେ ପ୍ରକାଶିତ ହେଉଅଛି । ଆତ୍ମାର ଜ୍ୟୋତିଃ ସକଳ ପଦାର୍ଥ ମଧ୍ୟ ଦେଇ ପ୍ରକାଶିତ ହେଉଅଛି । ବୁଦ୍ଧିର ନିଜର କୌଣସି ଆଲୋକ ନାହିଁ । ମସ୍ତିଷ୍କରେ ପ୍ରତ୍ୟେକ ଇନ୍ଦ୍ରିୟର ଗୋଟିଏ ଗୋଟିଏ କେନ୍ଦ୍ର ଅଛି । ସବୁ ଇନ୍ଦ୍ରିୟର ଯେ ଗୋଟିଏ ମାତ୍ର କେନ୍ଦ୍ର, ତାହା ନୁହେଁ, ପ୍ରତ୍ୟେକ ଇନ୍ଦ୍ରିୟର କେନ୍ଦ୍ର ପୃଥକ୍ ପୃଥକ୍ । ତେବେ ଆମମାନଙ୍କର ଏହି ଅନୁଭୂତିଗୁଡ଼ିକ ସାମଞ୍ଜସ୍ୟ ଲାଭ କରେ କିପରି ? କେଉଁଠି ସେମାନେ ଏକତ୍ୱ ଲାଭ କରନ୍ତି ? ମସ୍ତିଷ୍କରେ ଯଦି ସେମାନେ ଏହି ଏକତ୍ୱଲାଭ କରନ୍ତେ, ତା'ହେଲେ ଚକ୍ଷୁ, କର୍ଣ୍ଣ, ନାସିକା ପ୍ରଭୃତି ଇନ୍ଦ୍ରିୟଗୁଡ଼ିକର ଗୋଟିଏ ମାତ୍ର କେନ୍ଦ୍ର ଥାଆନ୍ତା । କିନ୍ତୁ ଆମେ ନିଶ୍ଚିତଭାବେ ଜାଣୁ ଯେ, ପ୍ରତ୍ୟେକଟି ଇନ୍ଦ୍ରିୟ ପାଇଁ ଭିନ୍ନ ଭିନ୍ନ କେନ୍ଦ୍ର ଅଛି । ମନୁଷ୍ୟ କିନ୍ତୁ ଏକ ସମୟରେ ହିଁ ଦେଖି ଓ ଶୁଣିପାରେ । ଏଥିରୁ ବୋଧ ହେଉଅଛି ଯେ, ଏହି ବୁଦ୍ଧିର ପଶ୍ଚାତ୍‌ରେ ଗୋଟିଏ ଏକତ୍ୱ ଅବଶ୍ୟ ରହିଛି । ବୁଦ୍ଧିର ମସ୍ତିଷ୍କ ସହିତ ସମ୍ବନ୍ଧ; କିନ୍ତୁ ଏହି ବୁଦ୍ଧିର ପଶ୍ଚାତ୍‌ରେ ମଧ୍ୟ ପୁରୁଷ ରହିଅଛନ୍ତି । ସେ ହିଁ ଏକତ୍ୱସ୍ୱରୂପ । ତାଙ୍କ ନିକଟକୁ ଯାଇ ସମୁଦାୟ ବେଦନା ଓ ଅନୁଭୂତି ମିଳିତ ହୁଏ ଓ ଏକୀଭାବ ଧାରଣ କରେ । ଆତ୍ମା ହିଁ ସେହି କେନ୍ଦ୍ର, ଯେଉଁଠି ସମୁଦାୟ ଭିନ୍ନ ଭିନ୍ନ ଇନ୍ଦ୍ରିୟାନୁଭୂତି ମିଳିତ ଓ ଏକୀଭୂତ ହୁଏ । ସେହି ଆତ୍ମା ମୁକ୍ତସ୍ୱଭାବ । ଏହି ଆତ୍ମାର ମୁକ୍ତସ୍ୱଭାବ ହିଁ ତୁମକୁ ପ୍ରତି ମୁହୂର୍ତ୍ତରେ କହୁଅଛି, ତୁମେ ମୁକ୍ତ । କିନ୍ତୁ ତୁମେ ଭୁଲ କରୁଛ । ସେହି ମୁକ୍ତ ସ୍ୱଭାବକୁ ପ୍ରତି ମୁହୂର୍ତ୍ତରେ ବୁଦ୍ଧି ଓ ମନ ସହିତ ମିଶ୍ରିତ କରି ପକାଉଛ । ତୁମେ ସେହି ମୁକ୍ତସ୍ୱଭାବକୁ ବୁଦ୍ଧିରେ ଆରୋପ କରିବାର ଚେଷ୍ଟା କରୁଅଛ । ଅର୍ଥାତ୍ ତତ୍‌କ୍ଷଣାତ୍ ଦେଖିବାକୁ ପାଉଛ ଯେ, ବୁଦ୍ଧି ମୁକ୍ତସ୍ୱଭାବ ନୁହେଁ । ତୁମେ ସେତେବେଳେ ସେହି ମୁକ୍ତସ୍ୱଭାବକୁ ଦେହରେ ଆରୋପ କରିଥାଅ । କିନ୍ତୁ ପ୍ରକୃତି ତୁମକୁ ତତ୍‌କ୍ଷଣାତ୍ କହିଦିଅନ୍ତି, ତୁମେ ପୁଣି ଭୁଲ କରୁଛ । ଏଥିପାଇଁ ଏକ ସମୟରେ ଆମଠାରେ ମୁକ୍ତି ଓ ବନ୍ଧନର ମିଶ୍ରିତ ଅନୁଭୂତି ଦେଖିବାକୁ ମିଳେ । ଯୋଗୀ ମୁକ୍ତ ଓ ବଦ୍ଧ, ଉଭୟ ଅବସ୍ଥାରେ ହିଁ ବିଶ୍ଳେଷଣ କରନ୍ତି ଏବଂ ତାଙ୍କର ଅଜ୍ଞାନାନ୍ଧକାର ଦୂର ହୁଏ । ସେ ବୁଝିପାରନ୍ତି ଯେ, ପୁରୁଷ ହିଁ ମୁକ୍ତ, ଜ୍ଞାନଘନ—ବୁଦ୍ଧିରୂପକ ଉପାଧି ମଧ୍ୟ ଦେଇ ସେ ଏହି ସାନ୍ତ (ସୀମାବଦ୍ଧ) ଜ୍ଞାନରୂପେ

ପ୍ରକାଶ ପାଉଛନ୍ତି, ସେହି ହିସାବରେ ହିଁ ସେ ବଦ୍ଧ ।

**ତଦର୍ଥ ଏବ ଦୃଶ୍ୟସ୍ୟାତ୍ମା ॥୨୧॥**

—ଦୃଶ୍ୟର (ଅର୍ଥାତ୍ ପ୍ରକୃତିର) ଆତ୍ମା (ସ୍ୱଭାବ, ପ୍ରକୃତି ଓ ତାହାର ବିଭିନ୍ନ ଆକାରରେ ପରିଣାମ) ଚିନ୍ମୟ ପୁରୁଷଙ୍କ (ଭୋଗ ଓ ମୁକ୍ତି) ପାଇଁ ।

ପ୍ରକୃତିର ନିଜର କୌଣସି ଶକ୍ତି ନାହିଁ । ଯେପର୍ଯ୍ୟନ୍ତ ପୁରୁଷ ଉପସ୍ଥିତ ଥାଆନ୍ତି, ସେପର୍ଯ୍ୟନ୍ତ ତାଙ୍କର ଶକ୍ତି ପ୍ରତୀୟମାନ ହୁଏ । ଚନ୍ଦ୍ରଙ୍କ ଆଲୋକ ଯେପରି ତାଙ୍କର ନିଜର ନୁହେଁ—ପ୍ରତିଫଳିତ, ପ୍ରକୃତିର ଶକ୍ତି ମଧ୍ୟ ତଦ୍ରୂପ । ଯୋଗୀମାନଙ୍କ ମତରେ ପ୍ରକୃତିର ସମଗ୍ର ଅଭିବ୍ୟକ୍ତି ପ୍ରକୃତିରୁ ହିଁ ଉତ୍ପନ୍ନ; କିନ୍ତୁ ପୁରୁଷଙ୍କୁ ମୁକ୍ତ କରିବା ବ୍ୟତୀତ ପ୍ରକୃତିର ନିଜର କୌଣସି ଉଦ୍ଦେଶ୍ୟ ନାହିଁ ।

**କୃତାର୍ଥଂ ପ୍ରତି ନଷ୍ଟମପ୍ୟନଷ୍ଟଂ ତଦନ୍ୟସାଧାରଣତ୍ୱାତ୍ ॥୨୨॥**

—ଯିଏ ସେହି ପରମପଦ ଲାଭ କରିଅଛନ୍ତି, ତାଙ୍କ ପକ୍ଷରେ ପ୍ରକୃତି (ବା ଅଜ୍ଞାନ) ନଷ୍ଟ ହେଲେ ହେଁ ତାହା ନଷ୍ଟ ହୁଏ ନାହିଁ; କାରଣ ଅନ୍ୟ ନିମିତ୍ତ ତାହା ରହିଥାଏ ।

ଆତ୍ମା ଯେ ପ୍ରକୃତିରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର, ତାହା ଜଣାଇବା ହିଁ ପ୍ରକୃତିର ସମସ୍ତ କାର୍ଯ୍ୟର ଏକମାତ୍ର ଲକ୍ଷ୍ୟ । ଯେତେବେଳେ ଆତ୍ମା ଏହା ଜାଣିପାରନ୍ତି, ସେତେବେଳେ ପ୍ରକୃତି ଆଉ ତାହାଙ୍କୁ କୌଣସି ଉପାୟରେ ଆକର୍ଷଣ କରିପାରନ୍ତି ନାହିଁ । ଯିଏ ମୁକ୍ତ ହୋଇଛନ୍ତି, ତାଙ୍କ ପକ୍ଷରେ ସମଗ୍ର ପ୍ରକୃତି ହିଁ ଲୟ ହୋଇଯାଏ । କିନ୍ତୁ ଅନନ୍ତ କୋଟି ଆତ୍ମା ବା ପୁରୁଷ ଚିରକାଳ ହିଁ ରହିବେ, ସେମାନଙ୍କ ପାଇଁ ପ୍ରକୃତି କାର୍ଯ୍ୟ କରିଯିବେ ।

**ସସ୍ୱାମିଶକ୍ତ୍ୟୋଃ ସ୍ୱରୂପୋପଲବ୍ଧିହେତୁଃ ସଂଯୋଗଃ ॥୨୩॥**

—ଦୃଶ୍ୟ ଓ ତାହାର ପ୍ରଭୁ ଦ୍ରଷ୍ଟାଙ୍କ ଶକ୍ତିଦ୍ୱୟର (ଭୋଗ୍ୟତ୍ୱ ଓ ଭୋକ୍ତୃତ୍ୱରୂପ) ସ୍ୱରୂପ ଉପଲବ୍ଧିର ହେତୁ ସଂଯୋଗ ।

ଏହି ସୂତ୍ର ଅନୁସାରେ ଆତ୍ମା ଓ ପ୍ରକୃତି ଯେତେବେଳେ ସଂଯୁକ୍ତ ହୁଅନ୍ତି, ସେତେବେଳେ ହିଁ (ଏହି ସଂଯୋଗବଶତଃ) ଉଭୟଙ୍କର (ଯଥାକ୍ରମେ ଦ୍ରଷ୍ଟୃତ୍ୱ ଓ ଦୃଶ୍ୟତ୍ୱ) ଦୁଇ ଶକ୍ତି ପ୍ରକାଶିତ ହୋଇଥାଏ । ସେତେବେଳେ ଏହି ଜଗତ—ପ୍ରପଞ୍ଚ ଭିନ୍ନ ଭିନ୍ନ ରୂପେ ବ୍ୟକ୍ତ ହେଉଥାଏ । ଅଜ୍ଞାନ ହିଁ ଏହି ସଂଯୋଗର ହେତୁ । ଆମେ ପ୍ରତିଦିନ ଦେଖିବାକୁ ପାଉଅଛୁ ଯେ, ଆମମାନଙ୍କର ଦୁଃଖ ବା ସୁଖର କାରଣ—ଶରୀର ସହିତ ସଂଯୋଗ । ଯଦି ଆମମାନଙ୍କର ନିଶ୍ଚିତ ଏହି ଜ୍ଞାନ ଥାଆନ୍ତା ଯେ, ମୁଁ ଶରୀର ନୁହେଁ, ତେବେ ମୋର ଶୀତ-ଗ୍ରୀଷ୍ମ ବା ଅନ୍ୟ କିଛିର ଅନୁଭୂତି ରହନ୍ତା ନାହିଁ; ଏ ଶରୀରଟି ଗୋଟିଏ ସଂହତି ମାତ୍ର । ମୋର ଗୋଟିଏ ଦେହ ଅଛି, ତୁମର ଅନ୍ୟ ଗୋଟିଏ ଦେହ ଅଛି, ସୂର୍ଯ୍ୟଙ୍କର ପୁଣି ଗୋଟିଏ ପୃଥକ୍ ଦେହ—ଏପରି କହିବା କେବଳ ରୂପକଥା ମାତ୍ର । ସମଗ୍ର ଜଗତ ଜଡ଼ର ଏକ ମହାସମୁଦ୍ର । ସେହି ମହାସାଗରର ଗୋଟିଏ ବିନ୍ଦୁର ନାମ 'ତୁମେ', ଏକ ବିନ୍ଦୁର ନାମ 'ମୁଁ' ଓ ଆଉ ଗୋଟିଏ ବିନ୍ଦୁର ନାମ 'ସୂର୍ଯ୍ୟ' । ଆମେ ଜାଣୁ, ଏହି ଜଡ଼ରାଶି ସର୍ବଦା ହିଁ ସ୍ଥାନ ପରିବର୍ତ୍ତନ କରୁଅଛି । ଆଜି ଯାହା ସୂର୍ଯ୍ୟଙ୍କର ଉପାଦାନଭୂତ, କାଲି ତାହା ଆମମାନଙ୍କର ଶରୀରର ଉପାଦାନରେ ପରିଣତ ହୋଇପାରେ ।

**ତସ୍ୟ ହେତୁରବିଦ୍ୟା ॥୨୪॥**

—ଏହି ସଂଯୋଗର କାରଣ ଅବିଦ୍ୟା ଅର୍ଥାତ୍ ଅଜ୍ଞାନ ।

ଆମେମାନେ ଅଜ୍ଞତାବଶତଃ ଏକ ନିର୍ଦ୍ଦିଷ୍ଟ ଶରୀରରେ ନିଜ ନିଜକୁ ଆବଦ୍ଧ କରି ଦୁଃଖର

ପଥ ଅନୁକ୍ତ କରିଅଛୁ । 'ମୁଁ ଶରୀର'—ଏ ଧାରଣା ଗୋଟିଏ କୁସଂସ୍କାର ମାତ୍ର । ଏହି କୁସଂସ୍କାର ହିଁ ଆମମାନଙ୍କୁ ସୁଖୀ ବା ଦୁଃଖୀ କରୁଅଛି । ଅଜ୍ଞାନପ୍ରସୂତ ଏହି କୁସଂସ୍କାରରୁ ଆମେ ଶୀତ-ଉଷ୍ଣ, ସୁଖ, ଦୁଃଖଆଦି ଅନୁଭବ କରୁଅଛୁ । ଆମମାନଙ୍କର କର୍ତ୍ତବ୍ୟ, ଏହି ସଂସ୍କାରକୁ ଅତିକ୍ରମ କରିବା । କିପରି ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ହେବ, ଯୋଗୀ ତାହା ଦେଖାଇଦିଅନ୍ତି । ଏହା ପ୍ରମାଣିତ ହୋଇଅଛି ଯେ, ମନର କୌଣସି ବିଶେଷ ଅବସ୍ଥାରେ ଶରୀର ଦଗ୍ଧ ହେଲେ ମଧ ମନୁଷ୍ୟ କୌଣସି ଯନ୍ତ୍ରଣା ଅନୁଭବ କରିବ ନାହିଁ । ତେବେ ମନର ଏହିପରି ଆକସ୍ମିକ ଉଚ୍ଚାବସ୍ଥା ହୁଏତ ଏକ ନିମିଷ ପାଇଁ ଘୂର୍ଣ୍ଣିବାତ୍ୟା ସଦୃଶ ଆସେ, ପୁଣି ପରକ୍ଷଣରେ ହିଁ ଚାଲିଯାଏ । କିନ୍ତୁ ଯଦି ଆମେ ଏହି ଅବସ୍ଥା ଯୋଗଦ୍ୱାରା ବୈଜ୍ଞାନିକ ପ୍ରଣାଳୀରେ ଲାଭ କରୁ, ତାହାହେଲେ ଆମେ ସ୍ଥାୟୀ ଭାବରେ ଅନୁଭବ କରିବା—ଶରୀରଠାରୁ ଆତ୍ମା ପୃଥକ୍ ।

**ତଦଭାବାତ୍ ସଂଯୋଗାଭାବୋ ହାନଂ ତଦ୍ଦୃଶେଃ କୈବଲ୍ୟମ୍ ॥୨୫॥**

—ଏହି ଅଜ୍ଞାନର ଅଭାବ ହେଲେ ହିଁ ପୁରୁଷପ୍ରକୃତିର ସଂଯୋଗ ନଷ୍ଟ ହୋଇଯାଏ । ଏହା ହିଁ ଜ୍ଞାନ (ଅଜ୍ଞାନ-ପରିତ୍ୟାଗ), ଏହା ହିଁ ଦ୍ରଷ୍ଟାଙ୍କର କୈବଲ୍ୟପଦରେ ଅବସ୍ଥିତି ବା ମୁକ୍ତି ।

ଯୋଗଦର୍ଶନ ମତରେ ଆତ୍ମା ଅବିଦ୍ୟାବଶତଃ ପ୍ରକୃତି ସହିତ ସଂଯୁକ୍ତ ହୋଇଅଛନ୍ତି; ପ୍ରକୃତିର ପ୍ରଭାବରୁ ମୁକ୍ତ ହେବା ହିଁ ଆମମାନଙ୍କର ଉଦ୍ଦେଶ୍ୟ । ଏହା ହିଁ ସକଳ ଧର୍ମର ଏକମାତ୍ର ଲକ୍ଷ୍ୟ । ଆତ୍ମାମାତ୍ରେ ହିଁ ଅବ୍ୟକ୍ତ ବ୍ରହ୍ମ । ବାହ୍ୟ ଓ ଅନ୍ତଃପ୍ରକୃତିକୁ ବଶୀଭୂତ କରି ଆତ୍ମାର ଏହି ବ୍ରହ୍ମଭାବ ବ୍ୟକ୍ତ କରିବା ହିଁ ଜୀବନର ଲକ୍ଷ୍ୟ । କର୍ମ, ଉପାସନା, ମନଃସଂଯମ ଅଥବା ଜ୍ଞାନ, ଏଗୁଡ଼ିକ ମଧ୍ୟରୁ ଏକ, ଏକାଧିକ ବା ସକଳ ଉପାୟଦ୍ୱାରା ଏହି ବ୍ରହ୍ମଭାବ ବ୍ୟକ୍ତ କର ଓ ମୁକ୍ତ ହୁଅ । ଏହା ହିଁ ହେଲା ଧର୍ମର ପୂର୍ଣ୍ଣତା । ମତ, ଅନୁଷ୍ଠାନ-ପଦ୍ଧତି, ଶାସ୍ତ୍ର, ମନ୍ଦିର ବା ବାହ୍ୟ କ୍ରିୟାକଳାପ ଧର୍ମର ଗୌଣ ଅଙ୍ଗ ମାତ୍ର । ଯୋଗୀ ମନଃସଂଯମଦ୍ୱାରା ଏହି ଚରମ ଲକ୍ଷ୍ୟରେ ଉପନୀତ ହେବାକୁ ଚେଷ୍ଟା କରନ୍ତି । ଯେତେଦିନ ପର୍ଯ୍ୟନ୍ତ ଆମେ ପ୍ରକୃତିର ପ୍ରଭାବରୁ ନିଜକୁ ମୁକ୍ତ କରି ନ ପାରିବା, ସେତେଦିନ ପର୍ଯ୍ୟନ୍ତ ପ୍ରକୃତି ଯେପରି ନିର୍ଦ୍ଦେଶ ଦିଏ, କ୍ରୀତଦାସ ପରି ସେହିପରିଭାବରେ ଅଗ୍ରସର ହେବା ପାଇଁ ଆମେ ବାଧ୍ୟ ହେଉ । ଯୋଗୀ କହନ୍ତି, ଯେ ମନକୁ ବଶୀଭୂତ କରିପାରେ, ସେ ଜଡ଼କୁ ମଧ ବଶୀଭୂତ କରିପାରେ । ଅନ୍ତଃପ୍ରକୃତି ବାହ୍ୟପ୍ରକୃତି ଅପେକ୍ଷା ଅନେକ ଉଚ୍ଚତର, ସୁତରାଂ ତାହା ସହିତ ସଂଗ୍ରାମ କରିବା—ତାହାକୁ ଜୟ କରିବା ଅପେକ୍ଷାକୃତ କଠିନ । ଏହି କାରଣ ହେତୁ ଯେ ଅନ୍ତଃପ୍ରକୃତିକୁ ଜୟ କରିଅଛନ୍ତି, ସମଗ୍ର ଜଗତ ତାଙ୍କର ବଶୀଭୂତ, ତାଙ୍କର ଦାସସ୍ୱରୂପ । ପ୍ରକୃତିକୁ ଏହିପରି ବଶୀଭୂତ କରିବାର ଉପାୟ ରାଜଯୋଗରେ ଉପସ୍ଥାପିତ ହୋଇଅଛି । ଆମେମାନେ ବାହ୍ୟ ଜଗତରେ ଯେଉଁ ସକଳ ଶକ୍ତି ସହିତ ପରିଚିତ, ତଦପେକ୍ଷା ଉଚ୍ଚତର ଶକ୍ତିସମୂହ ଆୟତ୍ତକୁ ଆଣିବାକୁ ହେବ । ଏହି ଶରୀର ମନର ଗୋଟିଏ ବାହ୍ୟ ଆବରଣ ମାତ୍ର । ଶରୀର ଓ ମନ ଯେ ଦୁଇଟି ଭିନ୍ନ ଭିନ୍ନ ବସ୍ତୁ ତାହା ନୁହେଁ, ସେମାନେ ଶାମୁକା ଓ ତାହାର କଠିନ ଆବରଣ ଭଳି । ସେଗୁଡ଼ିକ ଗୋଟିଏ ବସ୍ତୁର ଦୁଇଟି ଭିନ୍ନ ଭିନ୍ନ ଅବସ୍ଥା ମାତ୍ର । ଶାମୁକାର ଅଭ୍ୟନ୍ତରୀଣ ପଦାର୍ଥଟି ବାହାରୁ ନାନା ପ୍ରକାର ଉପାଦାନ ଗ୍ରହଣ କରି ଏହି ବାହ୍ୟ ଆଚରଣ ପ୍ରସ୍ତୁତ କରେ । ଏହି ଭାବରେ ମଧ ମନରୂପକ ଏକ ଆଭ୍ୟନ୍ତରୀଣ ସୂକ୍ଷ୍ମ-ଶକ୍ତିସମୂହ ବାହାରୁ ସ୍ଥୂଳ ପଦାର୍ଥ ନେଇ ତାହାଦ୍ୱାରା ଏହି ଶରୀରରୂପକ

ବାହ୍ୟ ଆବରଣ ପ୍ରସ୍ତୁତ କରିଅଛି । ସୁତରାଂ ଯଦି ଆମେ ଅନ୍ତର୍ଜଗତ ଜୟ କରିପାରୁ, ତେବେ ବାହ୍ୟ ଜଗତ ଜୟ କରିବା ଖୁବ୍ ସହଜ ହେବ । ପୁନଶ୍ଚ ଏହି ଦୁଇ ଶକ୍ତି ଯେ ପରସ୍ପରଠାରୁ ପୃଥକ୍ ତାହା ନୁହେଁ । କେତେଗୁଡ଼ିଏ ଶକ୍ତି ଯେ ଶାରୀରିକ ଓ କେତେଗୁଡ଼ିଏ ମାନସିକ, ତାହା ନୁହେଁ । ଯେପରି ଏହି ଦୃଶ୍ୟମାନ ଜଗତ ସୂକ୍ଷ୍ମ ଜଗତର ସ୍ଥୂଳ ପ୍ରକାଶ ମାତ୍ର, ସେହିପରି ବାହ୍ୟ ଶକ୍ତିଗୁଡ଼ିକ ମଧ୍ୟ ସୂକ୍ଷ୍ମ ଶକ୍ତିର ସ୍ଥୂଳ ପ୍ରକାଶ ମାତ୍ର ।

**ବିବେକଖ୍ୟାତିରବିପ୍ଲବା ହାନୋପାୟଃ ।।୨୬।।**

—ନିରନ୍ତର ଏହି ବିବେକର ଅଭ୍ୟାସ ହିଁ ଅଜ୍ଞାନନାଶର ଉପାୟ ।

ସମୁଦାୟ ସାଧନର ପ୍ରକୃତ ଲକ୍ଷ୍ୟ ସଦ୍ ଅସଦ୍ ବିବେକ । ଅର୍ଥାତ୍ ଏହା ବିଶେଷ ରୂପେ ଜାଣିବା ଯେ, ପୁରୁଷ ପ୍ରକୃତିଠାରୁ ସ୍ୱତନ୍ତ୍ର, ପୁରୁଷ ଜଡ଼ ନୁହନ୍ତି, କି ସୂକ୍ଷ୍ମ ମଧ୍ୟ ନୁହନ୍ତି; ପୁନଶ୍ଚ ସେ ପ୍ରକୃତି ନୁହନ୍ତି ବୋଲି ତାଙ୍କର କୌଣସି ପ୍ରକାର ପରିବର୍ତ୍ତନ ମଧ୍ୟ ସମ୍ଭବ ନୁହେଁ । କେବଳ ପ୍ରକୃତି ପରିଣତ ହେଉଅଛି, ସର୍ବଦା ତାହାର ସଂଶ୍ଳେଷ, ବିଶ୍ଳେଷ ଓ ପୁନଃସଂଶ୍ଳେଷ ଘଟୁଅଛି । ଯେତେବେଳେ ନିରନ୍ତର ଅଭ୍ୟାସଦ୍ୱାରା ଆମେ ଏହି ବିବେକ-ଜ୍ଞାନ ଲାଭ କରିବୁ, ସେତେବେଳେ ଆମର ଅଜ୍ଞତା ଚାଲିଯିବ । ସେତେବେଳେ ପୁରୁଷ ସ୍ୱ-ସ୍ୱରୂପରେ ଅର୍ଥାତ୍ ସର୍ବଜ୍ଞ, ସର୍ବଶକ୍ତିମାନ୍ ଓ ସର୍ବବ୍ୟାପୀ ରୂପରେ ପ୍ରତିଭାତ ହେବେ ।

**ତସ୍ୟ ସପ୍ତଧା ପ୍ରାନ୍ତଭୂମିଃ ପ୍ରଜ୍ଞା ।।୨୭।।**

—ତାଙ୍କର (ଜ୍ଞାନୀଙ୍କର) ବିବେକ ଜ୍ଞାନର ସାତଟି ଉଚ୍ଚତମ ସ୍ତର ଅଛି ।

ଯେତେବେଳେ ଏହି ଜ୍ଞାନ ଲାଭ ହେଉଥାଏ, ସେତେବେଳେ ଯେପରି ତାହା ଗୋଟିଏ ପରେ ଆଉ ଗୋଟିଏ କରି ସପ୍ତସ୍ତରରେ ଆସୁଥାଏ । ଯେତେବେଳେ ସେମାନଙ୍କ ମଧ୍ୟରୁ ଗୋଟିଏ ଅବସ୍ଥାରେ ଆମେ ଉପନୀତ ହେଉ, ସେତେବେଳେ ଆମେ ବୁଝିପାରୁ ଯେ, ଆମେ ଜ୍ଞାନଲାଭ କରୁଅଛୁ । ପ୍ରଥମେ ଏପରି ଅବସ୍ଥା ଆସିବ, ମନେ ହେବ—'ଯାହା ଜାଣିବାର ତାହା ଜାଣିଅଛି'; ମନରେ ସେତେବେଳେ ଆଉ କୌଣସି ପ୍ରକାର ଅସନ୍ତୋଷ ରହିବ ନାହିଁ । ଯେତେବେଳେ ଆମମାନଙ୍କର ଜ୍ଞାନପିପାସା ଥାଏ, ସେତେବେଳେ ଆମେ ଇତସ୍ତତଃ ଜ୍ଞାନର ଅନୁସନ୍ଧାନ କରୁ । ଯେଉଁଠାରେ କିଛି ସତ୍ୟ ପାଇବା ବୋଲି ମନେ ହୁଏ, ସଙ୍ଗେ ସଙ୍ଗେ ସେ ଦିଗକୁ ଧାବିତ ହେଉ । ସେଠାରେ ତାହା ନ ପାଇଲେ ମନରେ ଅଶାନ୍ତି ଆସେ, ପୁଣି ଅନ୍ୟ ଦିଗରେ ସନ୍ଧାନ କରୁ । ଯେତେଦିନ ପର୍ଯ୍ୟନ୍ତ ଅନୁଭବ କରି ନ ପାରିଛୁ ଯେ, ସମସ୍ତ ଜ୍ଞାନ ଆମ ଭିତରେ ରହିଅଛି, ଯେତେଦିନ ବୋଧ ନ କରିଛୁ ଯେ କେହି ଆମକୁ ସତ୍ୟଲାଭ ପାଇଁ ସାହାଯ୍ୟ କରିପାରନ୍ତି ନାହିଁ, ବରଂ ନିଜେ ନିଜକୁ ହିଁ ସାହାଯ୍ୟ କରିବାକୁ ହେବ, ସେତେଦିନ ସମୁଦାୟ ସତ୍ୟାନ୍ୱେଷଣ ବୃଥା । ବିବେକ ଅଭ୍ୟାସ କରିବାକୁ ଆରମ୍ଭ କଲେ ଆମେ ଯେ ସତ୍ୟର ନିକଟବର୍ତ୍ତୀ ହେଉଅଛୁ, ତାହାର ପ୍ରଥମ ଲକ୍ଷଣ ହେଲା ଏହି ଅସନ୍ତୋଷର ଭାବ ଚାଲିଯିବ । ଆମମାନଙ୍କର ନିଶ୍ଚିତ ଧାରଣା ହେବ, ଆମେ ସତ୍ୟ ପାଇଅଛୁ ଏବଂ ଏହା ସତ୍ୟ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ । ସେତେବେଳେ ଆମେ ଜାଣିପାରିବା ଯେ ସତ୍ୟସ୍ୱରୂପ ସୂର୍ଯ୍ୟ ଉଦିତ ହେଉଅଛନ୍ତି, ଆମମାନଙ୍କର ଅଜ୍ଞାନ-ରଜନୀ ପ୍ରଭାତ ହେଉଅଛି । ସେତେବେଳେ ଦୃଢ଼ତାର ସହିତ ଅଧ୍ୟବସାୟ ଅବଲମ୍ବନ କରିବାକୁ ହେବ—ଯେତେଦିନ ପର୍ଯ୍ୟନ୍ତ ସେ ପରମପଦ ଲାଭ ନ ହୋଇଛି । ଦ୍ୱିତୀୟ ଅବସ୍ଥାରେ ସମସ୍ତ ଦୁଃଖ ଚାଲିଯିବ । ବାହ୍ୟ ବା ଆଭ୍ୟନ୍ତର କୌଣସି ବିଷୟ ସେତେବେଳେ ଆମକୁ ଦୁଃଖ

ଦେଇପାରିବ ନାହିଁ । ତୃତୀୟ ଅବସ୍ଥାରେ ଆମେ ପୂର୍ଣ୍ଣ ଜ୍ଞାନ ଲାଭ କରିବା, ଅର୍ଥାତ୍ ସର୍ବଜ୍ଞ ହେବା । ଚତୁର୍ଥ ଅବସ୍ଥାରେ ବିବେକ ସହାୟତାରେ ସମୁଦାୟ କର୍ତ୍ତବ୍ୟର ଅବସାନ ହେବ । ତା'ପରେ 'ଚିତ୍ତବିମୁକ୍ତି' ଅବସ୍ଥା ଆସିବ । ଆମେ ବୁଝିପାରିବା, ଆମର ବିଘ୍ନ ବିପତ୍ତି ସମସ୍ତ ଚାଲିଯାଇଛି । ଯେପରି କୌଣସି ପର୍ବତଚୂଡ଼ାରୁ ଗୋଟିଏ ପ୍ରସ୍ତର ଖଣ୍ଡ ନିମ୍ନ ଉପତ୍ୟକାରେ ପତିତ ହେଲେ, ଆଉ କେବେ ତାହା ଉପରକୁ ଉଠିପାରିବ ନାହିଁ, ସେହିପରି ମନର ସଂଗ୍ରାମ ଓ ଚଞ୍ଚଳତା ସବୁ ତଳକୁ ପଡ଼ିଯିବ, ଅର୍ଥାତ୍ ଆଉ ମନରେ ଉଦିତ ହେବ ନାହିଁ । ପରବର୍ତ୍ତୀ ଅବସ୍ଥାରେ ଚିତ୍ତ ବୁଝିପାରିବ, ଇଚ୍ଛାମାତ୍ରେ ହିଁ ତାହା ସ୍ୱକାରଣରେ ଲୀନ ହୋଇଯାଉଅଛି । ଅବଶେଷରେ ଦେଖିବାକୁ ପାଇବା, ଆମେ ସ୍ୱ-ସ୍ୱରୂପରେ ଅବସ୍ଥିତ ଅଛୁ; ଏତେଦିନ ପର୍ଯ୍ୟନ୍ତ ଜଗତରେ ଏକାକୀ ଆତ୍ମାରୂପେ ଆମେ ଅବସ୍ଥିତ ଥିଲୁ । ମନ ବା ଶରୀର ସହିତ ଆମମାନଙ୍କର କୌଣସି ସମ୍ପର୍କ ନାହିଁ । ସେଗୁଡ଼ିକ ଆମମାନଙ୍କ ସହିତ କେବେହେଲେ ଯୁକ୍ତ ନ ଥିଲେ । ସେମାନେ ନିଜ ନିଜ କାମ କରୁଥିଲେ । ଆମେ ଅଜ୍ଞତାବଶତଃ ନିଜକୁ ସେଗୁଡ଼ିକ ସହିତ ଯୁକ୍ତ କରିଥିଲୁ । କିନ୍ତୁ ଆମେ ଏକାକୀ, ନିଃସଙ୍ଗ, କେବଳ ସର୍ବଶକ୍ତିମାନ୍ ସର୍ବବ୍ୟାପୀ ଓ ସଦାନନ୍ଦ । ଆତ୍ମା ଏତେ ପବିତ୍ର ଓ ପୂର୍ଣ୍ଣ ଯେ, ଆମମାନଙ୍କର ଆଉ କୌଣସି ଜିନିଷ ଆବଶ୍ୟକ ନାହିଁ । ଆମମାନଙ୍କୁ ସୁଖୀ କରିବା ପାଇଁ ଆଉ କାହାରି ପ୍ରୟୋଜନ ନ ଥିଲା, କାରଣ ଆମେ ନିଜେ ସୁଖସ୍ୱରୂପ । ଆମେ ଦେଖିବାକୁ ପାଇବା, ଏ ଜ୍ଞାନ ଅନ୍ୟ କିଛି ଉପରେ ନିର୍ଭର କରେ ନାହିଁ । ଜଗତରେ ଏପରି କିଛି ନାହିଁ, ଯାହା ଆମମାନଙ୍କ ଜ୍ଞାନାଲୋକରେ ଉଦ୍ଭାସିତ ନ ହେବ । ଏହା ହିଁ ଯୋଗୀର ଚରମାବସ୍ଥା; ଯୋଗୀ ସେତେବେଳେ ଧୀର ଓ ଶାନ୍ତ ହୋଇଯାଆନ୍ତି, ଆଉ କୌଣସି ପ୍ରକାର କଷ୍ଟ ଅନୁଭବ କରନ୍ତି ନାହିଁ, ଆଉ କେବେହେଲେ ଅଜ୍ଞାନମୋହରେ ଭ୍ରାନ୍ତ ହୁଅନ୍ତି ନାହିଁ ଏବଂ ଦୁଃଖ ଆଉ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ସେ ଜାଣିପାରନ୍ତି, 'ମୁଁ ନିତ୍ୟାନନ୍ଦସ୍ୱରୂପ, ନିତ୍ୟ ପୂର୍ଣ୍ଣସ୍ୱରୂପ ଓ ସର୍ବଶକ୍ତିମାନ୍ ।'

**ଯୋଗାଙ୍ଗାନୁଷ୍ଠାନାଦଶୁଦ୍ଧିକ୍ଷୟେ ଜ୍ଞାନଦୀପ୍ତି ରାବିବେକଖ୍ୟାତେଃ ॥୨୮॥**

—ଯୋଗର ବିଭିନ୍ନ ଅଙ୍ଗଗୁଡ଼ିକ ଅନୁଷ୍ଠାନ କରୁ କରୁ ମନର ମଳିନତା ଦୂର ହୋଇଗଲେ ଜ୍ଞାନ ଉଦ୍ଭାସିତ ହୋଇଉଠେ; ତାହାର ଶେଷ ସୀମା ବିବେକ-ଖ୍ୟାତି ।

ବର୍ତ୍ତମାନ ସାଧନର କଥା କହାଯାଉଛି । ଏପର୍ଯ୍ୟନ୍ତ ଯାହା କୁହାହେଉଥିଲା, ତାହା ଅନେକ ଉଚ୍ଚତର ବ୍ୟାପାର । ତାହା ଅନେକ ଦୂରରେ, ଅନେକ ଊର୍ଦ୍ଧ୍ୱରେ, କିନ୍ତୁ ତାହା ହିଁ ଆମମାନଙ୍କର ଆଦର୍ଶ । ପ୍ରଥମତଃ ଶରୀର ଓ ମନକୁ ସଂଯତ କରିବା ଆବଶ୍ୟକ । ସେତେବେଳେ ହିଁ ପୂର୍ବୋକ୍ତ ଆଦର୍ଶର ଉପଲବ୍ଧି ସ୍ଥାୟୀ ହୋଇପାରେ । ଆଦର୍ଶ କ'ଣ ତାହା ଆମେ ଜାଣିଅଛୁ; ବର୍ତ୍ତମାନ ତାହା ଲାଭ କରିବା ପାଇଁ ସାଧନ କରିବାକୁ ହେବ ।

**ଯମ-ନିୟମାସନ-ପ୍ରାଣାୟାମ-ପ୍ରତ୍ୟାହାର-ଧାରଣା-ଧ୍ୟାନସମା ଧୟୋଽଷ୍ଟବଙ୍ଗାନି ॥୨୯॥**

—ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି—ଏହି ଆଠୋଟି ଯୋଗର ଅଙ୍ଗ-ସ୍ୱରୂପ ।

**ଅହିଂସା-ସତ୍ୟାସ୍ତେୟ-ବ୍ରହ୍ମଚର୍ଯ୍ୟାପରିଗ୍ରହା ଯମାଃ ॥୩୦॥**

—ଅହିଂସା, ସତ୍ୟ, ଅସ୍ତେୟ (ଅଚୌର୍ଯ୍ୟ), ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ—ଏଗୁଡ଼ିକୁ 'ଯମ' କହନ୍ତି ।

ପୂର୍ଣ୍ଣ ଯୋଗୀ ହେବା ପାଇଁ ସାଧକକୁ ସ୍ତ୍ରୀ-ପୁରୁଷ-ଲିଙ୍ଗାଭିମାନ ତ୍ୟାଗ କରିବାକୁ ହେବ । ଆତ୍ମାର କୌଣସି ଲିଙ୍ଗ ନାହିଁ, ତେବେ ଲିଙ୍ଗାଭିମାନଦ୍ୱାରା ନିଜକୁ ଅବନମିତ କରିବ କାହିଁକି ? ପରେ ଆମେମାନେ ଆହୁରି ସ୍ପଷ୍ଟ ବୁଝିପାରିବା, କାହିଁକି ଏ ସକଳ ଭାବ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିବାକୁ ହେବ । ଚୌର୍ଯ୍ୟ ଯେପରି ଅସତ୍ କାର୍ଯ୍ୟ, ପରିଗ୍ରହ ଅର୍ଥାତ୍ ଅପର ନିକଟରୁ କଛି ଗ୍ରହଣ କରିବା ମଧ୍ୟ ସେହିପରି ଅସତ୍ କର୍ମ । ଯେ ଅନ୍ୟ ନିକଟରୁ କିଛି ଗ୍ରହଣ କରନ୍ତି, ତାଙ୍କ ମନ ଦାତାଙ୍କ ମନଦ୍ୱାରା ପ୍ରଭାବିତ ହୁଏ, ସୁତରାଂ ଯିଏ ଦାନ ଗ୍ରହଣ କରନ୍ତି, ତାଙ୍କର ପତିତ ହେବାର ସମ୍ଭାବନା । ଅନ୍ୟ ନିକଟରୁ ଦାନ ଗ୍ରହଣ କଲେ ମନର ସ୍ୱାଧୀନତା ନଷ୍ଟ ହୋଇପାରେ; ଆମେ କ୍ରୀତଦାସ ତୁଲ୍ୟ ହୋଇଯାଇପାରୁ । ଅତଏବ କୌଣସି ଦାନ ଗ୍ରହଣ କର ନାହିଁ ।*

**ଏତେ ଜାତି–ଦେଶ–କାଳ–ସମୟାନବଚ୍ଛିନ୍ନାଃ ସାର୍ବଭୌମ୍ୟା ମହାବ୍ରତମ୍ ।।୩୧।।**

—ଏଗୁଡ଼ିକ ଜାତି, ଦେଶ, କାଳ ଓ ସମୟ (ଅର୍ଥାତ୍ ସାମୟିକ କର୍ତ୍ତବ୍ୟ ବା ଉଦ୍ଦେଶ୍ୟ) ଦ୍ୱାରା ଅବଚ୍ଛିନ୍ନ ବା ସୀମାବଦ୍ଧ ନ ହେଲେ ସାର୍ବଭୌମ (ଅର୍ଥାତ୍ ସାର୍ବଜନୀନ) ମହାବ୍ରତ ବୋଲି କଥିତ ହୁଏ ।

ଏହି ସାଧନଗୁଡ଼ିକ ଅର୍ଥାତ୍, ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ, ପ୍ରତ୍ୟେକ ପୁରୁଷ, ସ୍ତ୍ରୀ ଓ ବାଳକ ପକ୍ଷରେ ଜାତି, ଦେଶ ଅଥବା ଅବସ୍ଥାନିର୍ବିଶେଷରେ ଅନୁଷ୍ଠେୟ ।

**ଶୌଚ–ସନ୍ତୋଷ–ତପଃ–ସ୍ୱାଧ୍ୟାୟେଶ୍ୱରପ୍ରଣିଧାନାନି ନିୟମାଃ ।।୩୨।।**

—ବାହ୍ୟ ଓ ଅନ୍ତଃଶୌଚ, ସନ୍ତୋଷ, ତପସ୍ୟା, ସ୍ୱାଧ୍ୟାୟ (ମନ୍ତ୍ରଜପ ବା ଅଧ୍ୟାତ୍ମ୍ୟ-ଶାସ୍ତ୍ରପାଠ) ଓ ଈଶ୍ୱରୋପାସନା, ଏଗୁଡ଼ିକ ହିଁ 'ନିୟମ' ।

ବାହ୍ୟଶୌଚ ଅର୍ଥ ଶରୀରକୁ ପବିତ୍ର ରଖିବା । ଅଶୁଚି ବ୍ୟକ୍ତି କେବେ ଯୋଗୀ ହୋଇପାରେ ନାହିଁ । ସଙ୍ଗେ ସଙ୍ଗେ ଅନ୍ତଃଶୌଚ ମଧ୍ୟ ଆବଶ୍ୟକ । ପୂର୍ବେ ସମାଧି ପାଦ ୩୩ ସୂତ୍ରରେ ଯେଉଁ ଧର୍ମଗୁଡ଼ିକର କଥା କୁହାଯାଇଅଛି, ସେଥିରୁ ହିଁ ଏହି ଅନ୍ତଃଶୌଚ ଆସେ । ଅବଶ୍ୟ ବାହ୍ୟଶୌଚ ଅପେକ୍ଷା ଅନ୍ତଃଶୌଚ ଅଧିକତର ପ୍ରୟୋଜନ, କିନ୍ତୁ ଉଭୟଟିର ପ୍ରୟୋଜନୀୟତା ଅଛି; ପୁଣି ଅନ୍ତଃଶୌଚ ବ୍ୟତୀତ କେବଳ ବାହ୍ୟଶୌଚ କୌଣସି କାମରେ ଲାଗେ ନାହିଁ ।

**ବିତର୍କବାଧନେ ପ୍ରତିପକ୍ଷଭାବନମ୍ ।।୩୩।।**

ଯୋଗର ପ୍ରତିବନ୍ଧକ ଭାବସମୂହ ଉପସ୍ଥିତ ହେଲେ ଏଗୁଡ଼ିକର ବିପରୀତ ଚିନ୍ତା କରିବାକୁ ହେବ ।

ପୂର୍ବେ ଯେଉଁ ସକଳ ଧର୍ମ କଥା କୁହାହେଲା, ସେଗୁଡ଼ିକ ଅଭ୍ୟାସ କରିବାର ଉପାୟ—ମନରେ ବିପରୀତ ପ୍ରକାରରେ ଚିନ୍ତାସ୍ରୋତ ପ୍ରବାହିତ କରିବା; ଅନ୍ତରରେ ଚୌର୍ଯ୍ୟର ଭାବ ଆସିଲେ ଅଚୌର୍ଯ୍ୟର ଚିନ୍ତା କରିବାକୁ ହେବ । ଦାନ ଗ୍ରହଣ କରିବାର ଇଚ୍ଛା ହେଲେ ତାହାର ବିପରୀତ ଚିନ୍ତା କରିବାକୁ ହେବ ।

**ବିତର୍କା ହିଂସାଦୟଃ କୃତକାରିତାନୁମୋଦିତା ଲୋଭକ୍ରୋଧ–ମୋହପୂର୍ବକା ମୃଦୁମଧ୍ୟାଧିମାତ୍ରା ଦୁଃଖାଜ୍ଞାନାନନ୍ତଫଳା ଇତି ପ୍ରତିପକ୍ଷଭାବନମ୍ ।।୩୪।।**

---

* 'ଯମ'ର ପ୍ରଥମ ତିନୋଟି ସାଧନ ପାଇଁ ସଂକ୍ଷେପରେ 'ରାଜଯୋଗ' ଅଧ୍ୟାୟ ଦ୍ରଷ୍ଟବ୍ୟ ।

—ପୂର୍ବ ସୂତ୍ରରେ ଯେଉଁ ପ୍ରତିପକ୍ଷ-ଭାବନା କଥା କୁହାଯାଇଅଛି, ତାହାର ପ୍ରଣାଳୀ ଏହିପରି; ବିତର୍କ ଅର୍ଥାତ୍ ଯୋଗର ପ୍ରତିବନ୍ଧକ ହିଂସାଦି—କୃତ, କାରିତ ଅଥବା ଅନୁମୋଦିତ, ସେଗୁଡ଼ିକର କାରଣ ଲୋଭ, କ୍ରୋଧ ବା ମୋହ ଅର୍ଥାତ୍ ଅଜ୍ଞାନ; ତାହା ଅଳ୍ପ ହେଉ ବା ମଧ୍ୟମ ପରିମାଣର ହେଉ, ଅଥବା ଅଧିକ ପରିମାଣର ହେଉ, ସେଗୁଡ଼ିକର ଫଳ ଅନନ୍ତ ଅଜ୍ଞାନ ଓ କ୍ଳେଶ; ଏହିପରି ଭାବନାକୁ ହିଁ ପ୍ରତିପକ୍ଷ-ଭାବନା କୁହାଯାଏ ।

ମୁଁ ନିଜେ ମିଥ୍ୟା କଥା କହିଲେ ଯେଉଁ ପାପ ହୁଏ, ଯଦି ମୁଁ ଅନ୍ୟକୁ ମିଥ୍ୟା କହିବା ପାଇଁ ପ୍ରବୃତ୍ତ କରେ, ଅଥବା ଅପର କେହି ମିଥ୍ୟା କହିଲେ ତାହାକୁ ଅନୁମୋଦନ କରେ, ସେଥିରେ ମଧ୍ୟ ସେହି ପରିମାଣର ପାପ ହୁଏ । ମିଥ୍ୟା ସାମାନ୍ୟ ହେଲେ ମଧ୍ୟ ତାହା ମିଥ୍ୟା । ପର୍ବତଗୁହାରେ ବସି ମଧ୍ୟ ଯଦି ତୁମେ ପାପ ଚିନ୍ତା କରିଥାଅ, ଯଦି କାହାରି ପ୍ରତି ଅନ୍ତରରେ ଘୃଣା ପ୍ରକାଶ କରିଥାଅ, ତା'ହେଲେ ତାହା ମଧ୍ୟ ସଞ୍ଚିତ ରହିବ, ସମୟରେ ପୁଣି ତାହା ତୁମକୁ ହିଁ ପ୍ରତିଘାତ କରିବ, ଦିନେ ନା ଦିନେ କୌଣସି ନା କୌଣସି ପ୍ରକାରେ ଦୁଃଖ ଆକାରରେ ତାହା ପ୍ରବଳ ବେଗରେ ତୁମକୁ ଆକ୍ରମଣ କରିବ । ତୁମେ ଯଦି ଈର୍ଷା ଓ ଘୃଣା ଭାବ ପୋଷଣ କର ଏବଂ ଏହି ଭାବ ଚତୁର୍ଦ୍ଦିଗକୁ ପ୍ରେରଣ କର, ତେବେ ବର୍ଦ୍ଧିତଭାବେ ତାହା ତୁମ ନିକଟକୁ ହିଁ ଫେରି ଆସିବ । ଜଗତର କୌଣସି ଶକ୍ତି ତାହାକୁ ନିବାରଣ କରିପାରିବ ନାହିଁ । ତୁମେ ଯେବେ ଥରେ ଏହି ଶକ୍ତି ପ୍ରେରଣ କରିଅଛ, ସେତେବେଳେ ଅବଶ୍ୟ ତୁମକୁ ତାହାର ପ୍ରତିଘାତ ସହ୍ୟ କରିବାକୁ ହେବ । ଏକଥା ସ୍ମରଣ କଲେ ତୁମେ ଅସତ୍ କାର୍ଯ୍ୟରୁ ନିବୃତ୍ତ ହେବ ।

**ଅହିଂସାପ୍ରତିଷ୍ଠାୟାଂ ତତ୍ସନ୍ନିଧୌ ବୈରତ୍ୟାଗଃ ।।୩୫।।**

ଯାହାଙ୍କ ଅନ୍ତରରେ ଅହିଂସା ପ୍ରତିଷ୍ଠିତ ହୋଇଅଛି, ତାଙ୍କ ସମୀପରେ ଅପରର ସ୍ୱାଭାବିକ ବୈରତ୍ୱ ମଧ୍ୟ ପରିତ୍ୟକ୍ତ ହୁଏ ।

ଯଦି କୌଣସି ବ୍ୟକ୍ତି ଅହିଂସାର ଆଦର୍ଶ ପୂର୍ଣ୍ଣଭାବେ ଉପଲବ୍ଧି କରନ୍ତି, ତେବେ ତାଙ୍କ ସମ୍ମୁଖରେ ଯେଉଁ ସକଳ ପ୍ରାଣୀ ସ୍ୱଭାବତଃ ହିଂସ୍ର, ସେମାନେ ମଧ୍ୟ ଶାନ୍ତଭାବ ଧାରଣ କରନ୍ତି । ସେହି ଯୋଗୀଙ୍କ ସମ୍ମୁଖରେ ବ୍ୟାଘ୍ର ଓ ମେଷ-ଶାବକ ଏକତ୍ର କ୍ରୀଡ଼ା କରିବେ, ପରସ୍ପରକୁ ହିଂସା କରିବେ ନାହିଁ । ଏହି ଅବସ୍ଥା ଲାଭ ହେଲେ ବୁଝିପାରିବ ଯେ, ତୁମେ ଅହିଂସଭାବରେ ଦୃଢ଼ ପ୍ରତିଷ୍ଠିତ ହୋଇଅଛ ।

**ସତ୍ୟପ୍ରତିଷ୍ଠାୟାଂ କ୍ରିୟାଫଳାଶ୍ରୟତ୍ୱମ୍ ।।୩୬।।**

—ହୃଦୟରେ ସତ୍ୟ ପ୍ରତିଷ୍ଠିତ ହେଲେ କୌଣସି କର୍ମ ନ କରି ଯୋଗୀ ନିଜ ପାଇଁ ବା ଅନ୍ୟ ପାଇଁ ସେହି କର୍ମର ଫଳ ଲାଭ କରିବାର ଶକ୍ତି ଅର୍ଜନ କରନ୍ତି ।

ଯେତେବେଳେ ଏହି ସତ୍ୟର ଶକ୍ତି ତୁମ ମଧ୍ୟରେ ପ୍ରତିଷ୍ଠିତ ହେବ, ଯେତେବେଳେ ସ୍ୱପ୍ନରେ ମଧ୍ୟ ତୁମେ ମିଥ୍ୟା କଥା କହିବ ନାହିଁ, ଯେତେବେଳେ କାୟମନୋବାକ୍ୟରେ ସତ୍ୟ ଆଚରଣ କରିବ, ସେତେବେଳେ ତୁମେ ଯାହା କହିବ, ତାହା ହିଁ ସତ୍ୟ ହୋଇଯିବ । ସେତେବେଳେ ତୁମେ ଯଦି କାହାରିକୁ କହ, 'ତୁମେ କୃତାର୍ଥ ହୁଅ,' ସେ ତତ୍କ୍ଷଣାତ୍ କୃତାର୍ଥ ହୋଇଯିବ । କୌଣସି ପୀଡ଼ିତ ବ୍ୟକ୍ତିକୁ ଯଦି କହ, 'ରୋଗମୁକ୍ତ ହୁଅ', ସେ ତତ୍କ୍ଷଣାତ୍ ରୋଗମୁକ୍ତ ହୋଇଯିବ ।

**ଅସ୍ତେୟପ୍ରତିଷ୍ଠାୟାଂ ସର୍ବରତ୍ନୋପସ୍ଥାନମ୍ ।।୩୭।।**

—ଅଚୌର୍ଯ୍ୟ ପ୍ରତିଷ୍ଠିତ ହେଲେ ଯୋଗୀଙ୍କ ନିକଟରେ ସମୁଦାୟ ଧନରତ୍ନାଦି ଆସିଥାଏ ।

ତୁମେ ପ୍ରକୃତିଠାରୁ ଯେତେଦୂର ପଳାୟନର ଚେଷ୍ଟା କରିବ, ପ୍ରକୃତି ସେତେଦୂର ତୁମର ଅନୁସରଣ କରିବ; ଆଉ ତୁମେ ଯଦି ସେହି ପ୍ରକୃତି ପ୍ରତି କିଛିମାତ୍ର ଲକ୍ଷ୍ୟ ନ କର, ତେବେ ସେ ତୁମର ଦାସୀ ହୋଇ ରହିବ ।

**ବ୍ରହ୍ମଚର୍ଯ୍ୟପ୍ରତିଷ୍ଠାୟାଂ ବୀର୍ଯ୍ୟଲାଭଃ ॥୩୮॥**

—ବ୍ରହ୍ମଚର୍ଯ୍ୟରେ ପ୍ରତିଷ୍ଠିତ ହେଲେ ବୀର୍ଯ୍ୟ ବା ଶକ୍ତି ଲାଭ ହୁଏ ।

ବ୍ରହ୍ମଚର୍ଯ୍ୟବାନ୍ ବ୍ୟକ୍ତିଙ୍କ ମସ୍ତିଷ୍କରେ ପ୍ରବଳ ଶକ୍ତି—ମହତୀ ଇଚ୍ଛାଶକ୍ତି ସଞ୍ଚିତ ଥାଏ । ପବିତ୍ରତା ବ୍ୟତୀତ ଆଧ୍ୟାତ୍ମିକ ଶକ୍ତି ସମ୍ଭବ ନୁହେଁ । ବ୍ରହ୍ମଚର୍ଯ୍ୟଦ୍ୱାରା ମନୁଷ୍ୟ ଉପରେ ଆଶ୍ଚର୍ଯ୍ୟ କ୍ଷମତା ଲାଭ କରାଯାଏ । ମାନବସମାଜର ଆଧ୍ୟାତ୍ମିକ-ନେତାଗଣ ସମସ୍ତେ ହିଁ ବ୍ରହ୍ମଚର୍ଯ୍ୟବାନ୍ ଥିଲେ । ଏହି ବ୍ରହ୍ମଚର୍ଯ୍ୟରୁ ହିଁ ସେମାନେ ଶକ୍ତିଲାଭ କରିଥିଲେ; ଅତଏବ ଯୋଗୀ ଅବଶ୍ୟ ହିଁ ବ୍ରହ୍ମଚର୍ଯ୍ୟବାନ୍ ହେବେ ।

**ଅପରିଗ୍ରହସ୍ଥୈର୍ଯ୍ୟେଜନ୍ମକଥନ୍ତାସଂବୋଧଃ ॥୩୯॥**

—ଅପରିଗ୍ରହରେ ଦୃଢ଼ପ୍ରତିଷ୍ଠିତ ହେଲେ ପୂର୍ବଜନ୍ମ ସ୍ମୃତିପଥରେ ଉଦିତ ହେବ ।

ଯେତେବେଳେ କେହି ଅନ୍ୟ ନିକଟରୁ କୌଣସି ବସ୍ତୁ ଗ୍ରହଣ କରେ ନାହିଁ, ସେତେବେଳେ ତାଙ୍କର ଅନ୍ୟ ସହିତ ବାଧ୍ୟବାଧକତା ରହେ ନାହିଁ, ସେ ସ୍ୱାଧୀନ ଓ ମୁକ୍ତ ଥାଆନ୍ତି । ତାଙ୍କ ମନ ଶୁଦ୍ଧ ହୋଇଯାଏ । ପ୍ରତିଟି ଦାନ ସହିତ ଦାତାଙ୍କର ମନ୍ଦ ଭାବଗୁଡ଼ିକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିପାରେ । ଏହି ପରିଗ୍ରହ ତ୍ୟାଗ କଲେ ମନ ଶୁଦ୍ଧ ହୋଇଯାଏ, ଆଉ ଏଥିରୁ ଯେଉଁ ସକଳ ଶକ୍ତି ଲବ୍ଧ ହୁଏ, ସେଥିମଧ୍ୟରୁ ପ୍ରଥମ ହେଲା ପୂର୍ବଜନ୍ମ କଥା ମନେ କରିପାରିବା । ସେତେବେଳେ ହିଁ ସେହି ଯୋଗୀ ସମ୍ପୂର୍ଣ୍ଣରୂପେ ତାଙ୍କର ନିଜ ଆଦର୍ଶରେ ଦୃଢ଼ ହୋଇ ରହିପାରନ୍ତି । କାରଣ ସେ ଦେଖିପାରନ୍ତି, ଅନେକ ଥର ସେ କେବଳ ଯିବା ଆସିବା କରୁଛନ୍ତି । ସୁତରାଂ ସେ ସେତିକିବେଳୁ ଏତେ ଦୃଢ଼ପ୍ରତିଜ୍ଞାରୂଢ଼ ହୁଅନ୍ତି ଯେ, ଏଥର ମୁଁ ମୁକ୍ତ ହେବି, ଆଉ ଯିବାଆସିବା କରିବି ନାହିଁ, ଆଉ ପ୍ରକୃତିର ଦାସ ହେବି ନାହିଁ ।

**ଶୌଚାତ୍ ସ୍ୱାଙ୍ଗଜୁଗୁପ୍ସା ପରୈରସଂସର୍ଗଃ ॥୪୦॥**

—ଶୌଚରେ ପ୍ରତିଷ୍ଠିତ ହେଲେ ନିଜ ଶରୀର ପ୍ରତି ଉଦାସୀନତା ଉଦ୍ରେକ ହୁଏ, ଅନ୍ୟସାଥୀରେ ସଙ୍ଗ କରିବା ପାଇଁ ମଧ୍ୟ ପ୍ରବୃତ୍ତି ରହେ ନାହିଁ ।

ଯେତେବେଳେ ବାସ୍ତବିକ ବାହ୍ୟ ଓ ଅନ୍ତର—ଉଭୟ ପ୍ରକାର ଶୌଚ ସିଦ୍ଧ ହୁଏ, ସେତେବେଳେ ଶରୀର ପ୍ରତି ଉଦାସୀନତା ଆସେ; କେଉଁଥିରେ ଏହା ଭଲ ରହିବ, କେଉଁଥିରେ ଏହା ସୁନ୍ଦର ଦେଖାଯିବ, ଏହି ପ୍ରକାର ଭାବଗୁଡ଼ିକ ଏକା ବେଳକେ ଚାଲିଯାଏ । ଅନ୍ୟମାନେ ନିକଟରେ ଯେଉଁ ମୁଖ ଅତି ସୁନ୍ଦର, ସେଥିରେ ଜ୍ଞାନର କୌଣସି ଚିହ୍ନ ନ ଥିଲେ ଯୋଗୀଙ୍କ ନିକଟରେ ତାହା ପଶୁର ମୁଖ ପରି ପ୍ରତୀୟମାନ ହେବ । ଜଗତର ଲୋକେ ଯେଉଁ ମୁଖରେ କୌଣସି ବିଶେଷତ୍ୱ ଦେଖନ୍ତି ନାହିଁ, ତାହା ପଶ୍ଚାତ୍‌ରେ ଚୈତନ୍ୟର ପ୍ରକାଶ ଥିଲେ ସେ ତାହାକୁ ସ୍ୱର୍ଗୀୟ ମନେ କରିବେ । ଏହି ଦେହତୃଷ୍ଣା ମନୁଷ୍ୟ ଜୀବନରେ ସର୍ବନାଶର କାରଣ । ସୁତରାଂ ଶୌଚପ୍ରତିଷ୍ଠାର ପ୍ରଥମ ଲକ୍ଷଣ ଏହି ଯେ, ତୁମେ ନିଜେ ଗୋଟିଏ ଶରୀର ବୋଲି ଭାବିବାକୁ ଇଚ୍ଛା କରିବ ନାହିଁ । ଆମମାନଙ୍କ ମଧ୍ୟରେ ଯେତେବେଳେ ଏହି ଶୌଚ ବା ପବିତ୍ରତା ଆସେ, ସେତେବେଳେ ହିଁ ଆମେମାନେ ଏହି ଦେହଭାବ ଅତିକ୍ରମ କରିପାରୁ ।

**ସତ୍ତ୍ୱ ଶୁଦ୍ଧି–ସୌମନସ୍ୟୈକାଗ୍ର୍ୟେନ୍ଦ୍ରିୟଜୟାତ୍ମଦର୍ଶନ ଯୋଗ୍ୟତ୍ୱାନି ଚ ॥୪୧॥**

—ଏହି ଶୌଚରୁ ସତ୍ତ୍ୱ-ଶୁଦ୍ଧି, ସୌମନସ୍ୟ ଅର୍ଥାତ୍ ମନର ପ୍ରଫୁଲ୍ଲ ଭାବ, ଏକାଗ୍ରତା, ଇନ୍ଦ୍ରିୟଜୟ ଓ ଆତ୍ମଦର୍ଶନର ଯୋଗ୍ୟତା ଲାଭ ହୋଇଥାଏ ।

ଏହି ଶୌଚ-ଅଭ୍ୟାସଦ୍ୱାରା ସତ୍ତ୍ୱ ଗୁଣ ବର୍ଦ୍ଧିତ ହେବ, ସୁତରାଂ ମନ ମଧ୍ୟ ଏକାଗ୍ର ଓ ପ୍ରଫୁଲ୍ଲ ହେବ । ତୁମେ ଯେଉଁ ଧର୍ମପଥରେ ଅଗ୍ରସର ହେଉଅଛ, ତାହାର ପ୍ରଥମ ଲକ୍ଷଣ ଏହି ଯେ, ତୁମେ ବେଶ୍ ପ୍ରଫୁଲ୍ଲ ହେଉଅଛ । ବିଷାଦପୂର୍ଣ୍ଣ ଭାବ ଅବଶ୍ୟ ଅଜୀର୍ଣ୍ଣ ରୋଗର ଫଳ ହୋଇପାରେ; କିନ୍ତୁ ତାହା ଧର୍ମ ନୁହେଁ । ସୁଖ ହିଁ ସତ୍ତ୍ୱର ସ୍ୱାଭାବିକ ଧର୍ମ ସାତ୍ତ୍ୱିକ ବ୍ୟକ୍ତିଙ୍କ ପକ୍ଷରେ ସମସ୍ତ ହିଁ ସୁଖମୟ ବୋଲି ବୋଧହୁଏ; ସୁତରାଂ ଯେତେବେଳେ ତୁମର ଏହି ଭାବ ଆସିବାକୁ ଆରମ୍ଭ କରିବ, ସେତେବେଳେ ତୁମେ ବୁଝିବ, ତୁମେ ଯୋଗସାଧନାରେ ଉନ୍ନତି କରୁଅଛ । ଯାବତୀୟ ଦୁଃଖଯନ୍ତ୍ରଣା ତମୋଗୁଣପ୍ରସୂତ; ସୁତରାଂ ସେଥିରୁ ଅବ୍ୟାହତି ଲାଭ କରିବାକୁ ହେବ । ବିଷଣ୍ଣତା ତମୋଗୁଣର ଗୋଟିଏ ଲକ୍ଷଣ । ସବଳ, ଦୃଢ଼, ସୁସ୍ଥକାୟ, ଯୁବା ଓ ସାହସୀ ବ୍ୟକ୍ତିଗଣ ହିଁ ଯୋଗୀ ହେବାର ଉପଯୁକ୍ତ । ଯୋଗୀଙ୍କ ଦୃଷ୍ଟିରେ ସବୁ ହିଁ ସୁଖମୟ । ଯେ କୌଣସି ମନୁଷ୍ୟ ମୁଖ ସେ ଦେଖନ୍ତି, ସେଥିରେ ହିଁ ତାଙ୍କର ଆନନ୍ଦ ହୁଏ । ଏହା ହିଁ ଧାର୍ମିକ ଲୋକର ଲକ୍ଷଣ । ପାପ ହିଁ କଷ୍ଟର କାରଣ, ଆଉ ଅନ୍ୟ କିଛି ନୁହେଁ । ବିଷାଦପୂର୍ଣ୍ଣ ମୁଖ ଦେଖାଇ କଅଣ ହେବ? ତାହା ଭୟଙ୍କର । ଏହିପରି ମୁଖ ନେଇ ବାହାରକୁ ଯାଅ ନାହିଁ, କେବେ ଏପରି ହେଲେ ଦ୍ୱାର ବନ୍ଦ କରି ସାରାଦିନ ଘରେ କଟାଇଦିଅ । ସଂସାରରେ ଏ ବ୍ୟାଧି ସଂକ୍ରମିତ କରିବାର ତୁମର କି ଅଧିକାର ଅଛି? ଯେତେବେଳେ ତୁମର ମନ ସଂଯତ ହେବ, ସେତେବେଳେ ତୁମେ ସମୁଦାୟ ଶରୀରକୁ ମଧ୍ୟ ଆୟତ୍ତରେ ରଖିପାରିବ । ସେତେବେଳେ ଆଉ ତୁମେ ଏ ଯନ୍ତ୍ରର କ୍ରୀତଦାସହୋଇ ରହିବ ନାହିଁ; ଏହି ଦେହ-ଯନ୍ତ୍ର ହିଁ ତୁମର ଭୃତ୍ୟ ହୋଇ ରହିବ । ଦେହ-ଯନ୍ତ୍ର ଆତ୍ମାକୁ ନିମ୍ନ ଦିଗକୁ ଆକର୍ଷଣ କରିନେବ ନାହିଁ, ବରଂ ତାହା ହିଁ ମୁକ୍ତିପଥରେ ଶ୍ରେଷ୍ଠ ସହାୟକ ହେବ ।

**ସନ୍ତୋଷାଦନୁତ୍ତମଃ ସୁଖଲାଭଃ ॥୪୨॥**

—ସନ୍ତୋଷରୁ ହିଁ ପରମ ସୁଖ ଲାଭ ହୁଏ ।

**କାୟେନ୍ଦ୍ରିୟସିଦ୍ଧିରଶୁଦ୍ଧିକ୍ଷୟାତ୍ତପସଃ ॥୪୩॥**

—ଅଶୁଦ୍ଧି-କ୍ଷୟ-ନିବନ୍ଧନ ତପସ୍ୟାରୁ ହିଁ ଦେହ ଓ ଇନ୍ଦ୍ରିୟର ନାନା ପ୍ରକାର ଶକ୍ତି ଆସେ ।

ତପସ୍ୟାର ଫଳ କେବେ କେବେ ଦୂରଦର୍ଶନ, ଦୂରଶ୍ରବଣ ଇତ୍ୟାଦି ରୂପେ ପ୍ରକାଶ ପାଏ ।

**ସ୍ୱାଧ୍ୟାୟାଦିଷ୍ଟଦେବତାସମ୍ପ୍ରୟୋଗଃ ॥୪୪॥**

—ମନ୍ତ୍ରାଦିର ପୁନଃ ପୁନଃ ଉଚ୍ଚାରଣ ବା ଅଭ୍ୟାସଦ୍ୱାରା ଇଷ୍ଟ-ଦେବତାଙ୍କ ଦର୍ଶନଲାଭ ହୋଇଥାଏ ।

ଯେତେ ଅଧିକ ଉର୍ଦ୍ଧ୍ୱସ୍ତରର ଜୀବଙ୍କୁ (ଦେବତା, ଋଷି, ସିଦ୍ଧ) ଦର୍ଶନ କରିବାକୁ ଇଚ୍ଛା କରିବ, ସାଧନ ମଧ୍ୟ ସେହି ଅନୁପାତରେ କଠୋର ହେବ ।

**ସମାଧିସିଦ୍ଧି ରୀଶ୍ୱରପ୍ରଣିଧାନାତ୍ ॥୪୫॥**

—ଈଶ୍ୱରଙ୍କଠାରେ ସବୁ ଅର୍ପଣ କଲେ ସମାଧିଲାଭ ହୋଇଥାଏ । ଈଶ୍ୱରଙ୍କ ଉପରେ

ନିର୍ଭରଦ୍ୱାରା ସମାଧି ସମ୍ପୂର୍ଣ୍ଣ ହୁଏ ।

**ସ୍ଥିରସୁଖମାସନମ୍ ॥୪୬॥**

—ସ୍ଥିରଭାବରେ ସୁଖରେ ବସିବାର ନାମ ଆସନ ।

ବର୍ତ୍ତମାନ ଆସନ କଥା କୁହାଯିବ । ଯେପର୍ଯ୍ୟନ୍ତ ତୁମେ ସ୍ଥିର ଭାବରେ ଅନେକ ସମୟ ବସି ନ ପାରୁଛ, ସେପର୍ଯ୍ୟନ୍ତ ତୁମେ ପ୍ରାଣାୟାମ ଓ ଅନ୍ୟାନ୍ୟ ସାଧନାରେ କେବେହେଲେ କୃତକାର୍ଯ୍ୟ ହେବ ନାହିଁ । ଆସନ ଦୃଢ଼ ହେବାର ଅର୍ଥ ଏହି ଯେ, ତୁମେ ଶରୀରର ଅସ୍ତିତ୍ୱ ଆଦୌ ଅନୁଭବ କରିବ ନାହିଁ । ଏହିପରି ହେଲେ ବାସ୍ତବିକ ଆସନ ଦୃଢ଼ ହୋଇଅଛି ବୋଲି କୁହାଯାଏ । କିନ୍ତୁ ସାଧାରଣଭାବେ ତୁମେ ଯଦି କିୟତ୍କ୍ଷଣ ପାଇଁ ବସିବାକୁ ଚେଷ୍ଟା କର, ଶରୀର ପ୍ରତି ନାନାପ୍ରକାର ବାଧାବିଘ୍ନ ଆସୁଥିବ; କିନ୍ତୁ ଯେଉଁ ମୁହୂର୍ତ୍ତରେ ତୁମେ ଏହି ସ୍ଥୂଳ-ଦେହଭାବ ଅତିକ୍ରମ କରିବ, ସେତେବେଳେ ଶରୀରବୋଧ ହରାଇ ବସିବ । ସେତେବେଳେ ତୁମେ ଆଉ ସୁଖ ବା ଦୁଃଖ କିଛିହେଲେ ଅନୁଭବ କରିବ ନାହିଁ । ପୁଣି ଯେତେବେଳେ ତୁମର ଦେହ-ଜ୍ଞାନ ଫେରି ଆସିବ, ସେତେବେଳେ ଅନୁଭବ କରିବ, ଯେପରି ଅନେକ ସମୟ ବିଶ୍ରାମ କରିଛ । ଯଦି ଶରୀରକୁ ପୂର୍ଣ୍ଣ ବିଶ୍ରାମ ଦେବା ସମ୍ଭବ ହୁଏ, ତେବେ ତାହା ଏହି ରୂପେ ହିଁ ହୋଇପାରେ । ଯେତେବେଳେ ତୁମେ ଏହିପରି ଶରୀରକୁ ଜୟ କରି ତାହାକୁ ଦୃଢ଼ କରିପାରିବ, ସେତେବେଳେ ତୁମର ସାଧନ ମଧ୍ୟ ଦୃଢ଼ ହେବ । କିନ୍ତୁ ଯେପର୍ଯ୍ୟନ୍ତ ତୁମର ଶାରୀରିକ ବାଧାବିଘ୍ନ-ଗୁଡ଼ିକ ଆସୁଥିବ, ସେପର୍ଯ୍ୟନ୍ତ ତୁମର ସ୍ନାୟୁମଣ୍ଡଳୀ ଚଞ୍ଚଳ ରହିବ ଏବଂ ତୁମେ କୌଣସି ପ୍ରକାରେ ମନକୁ ଏକାଗ୍ର କରି ରଖିପାରିବ ନାହିଁ ।

**ପ୍ରଯତ୍ନଶୈଥିଲ୍ୟାନନ୍ତସମାପତ୍ତିଭ୍ୟାମ୍ ॥୪୭॥**

—ଶରୀରରେ ଯେଉଁ ଏକପ୍ରକାର ଅଭିମାନାତ୍ମକ ପ୍ରଯତ୍ନ ଅଛି, ତାହାକୁ ଶିଥିଳ କରିବାଦ୍ୱାରା ଏବଂ ଅନନ୍ତଙ୍କ ଚିନ୍ତାଦ୍ୱାରା ଆସନ ସ୍ଥିର ଓ ସୁଖକର ହୋଇପାରେ ।

ଅନନ୍ତଙ୍କ ଚିନ୍ତାଦ୍ୱାରା ଆସନ ଅବିଚଳିତ ହୋଇପାରେ । ଅବଶ୍ୟ ଆମେ ସେହି ପରମ ଅନନ୍ତ (ବ୍ରହ୍ମ) ସମ୍ବନ୍ଧରେ ଚିନ୍ତା କରିପାରୁ ନାହୁଁ; କିନ୍ତୁ ଆମେ ଅନନ୍ତ ଆକାଶର କଥା ଚିନ୍ତା କରିପାରୁ ।

**ତତୋ ଦ୍ୱନ୍ଦ୍ୱାନଭିଘାତଃ ॥୪୮॥**

—ଏପରି ଆସନ ଜୟ ହେଲେ ଦ୍ୱନ୍ଦ୍ୱ-ପରମ୍ପରା ଆଉ କୌଣସି ବିଘ୍ନ ଉତ୍ପାଦନ କରିପାରେ ନାହିଁ ।

ଦ୍ୱନ୍ଦ୍ୱର ଅର୍ଥ ଶୁଭ-ଅଶୁଭ, ଶୀତ-ଉଷ୍ଣ, ଆଲୋକ-ଅନ୍ଧକାର, ସୁଖ-ଦୁଃଖ ଇତ୍ୟାଦି ବିପରୀତ ଧର୍ମୀ ଦୁଇ ଦୁଇ ପଦାର୍ଥ । ଏଗୁଡ଼ିକ ଆଉ ତୁମକୁ ଚଞ୍ଚଳ କରିପାରିବେ ନାହିଁ ।

**ତସ୍ମିନ୍ ସତି ଶ୍ୱାସପ୍ରଶ୍ୱାସୟୋର୍ଗତିବିଚ୍ଛେଦଃ ପ୍ରାଣାୟାମଃ ॥୪୯॥**

—ଏହି ଆସନ-ଜୟ ପରେ ଶ୍ୱାସ ଓ ପ୍ରଶ୍ୱାସ ଉଭୟର ଗତି ସଂଯତ କରିବାକୁ 'ପ୍ରାଣାୟାମ' କହନ୍ତି ।

ଯେତେବେଳେ ଏହି ଆସନ-ଜୟ ସମାପ୍ତ ହୋଇଅଛି, ସେତେବେଳେ ଶ୍ୱାସ-ପ୍ରଶ୍ୱାସର ଗତି ଭଙ୍ଗ କରିଦେଇ ତାହାକୁ ନିୟନ୍ତ୍ରିତ କରିବାକୁ ହେବ, ଏହିଠାରୁ ପ୍ରାଣାୟାମର ବିଷୟ

ଆରମ୍ଭ ହେଲା । ପ୍ରାଣାୟାମ କଅଣ ? ଶରୀରସ୍ଥିତ ଜୀବନୀଶକ୍ତିକୁ ଆୟତ୍ତକୁ ଆଣିବା । ଯଦିଓ 'ପ୍ରାଣ' ଶବ୍ଦ ସଚରାଚର ଶ୍ୱାସ-ପ୍ରଶ୍ୱାସ ଅର୍ଥରେ ବ୍ୟବହୃତ ହୋଇଥାଏ, କିନ୍ତୁ ବାସ୍ତବିକ ତାହା ଶ୍ୱାସ-ପ୍ରଶ୍ୱାସ ନୁହେଁ । 'ପ୍ରାଣ' ଅର୍ଥ ଜାଗତିକ ଶକ୍ତିର ସମଷ୍ଟି । ତାହା ପ୍ରତ୍ୟେକ ଦେହରେ ଅବସ୍ଥିତ ଶକ୍ତି, ଏବଂ ତାହାର ବାହ୍ୟ ପ୍ରକାଶ ଏହି ଫୁସ୍‌ଫୁସ୍‌ର ଗତି । ପ୍ରାଣ ଯେତେବେଳେ ଶ୍ୱାସକୁ ଭିତରେ ପଟକୁ ଆକର୍ଷଣ କରେ, ସେତେବେଳେ ହିଁ ଏହି ଗତି ଆରମ୍ଭ ହୁଏ; 'ପ୍ରାଣାୟାମ' ଦ୍ୱାରା ଆମେ ତାହାକୁ ହିଁ ନିୟନ୍ତ୍ରିତ କରିବାକୁ ଇଚ୍ଛା କରୁ । ଏହି ପ୍ରାଣ ଉପରେ ଶକ୍ତିଲାଭ କରିବାର ସହଜତମ ଉପାୟରୂପେ ଆମେ ପ୍ରଥମେ ଶ୍ୱାସ-ପ୍ରଶ୍ୱାସ ନିୟନ୍ତ୍ରିତ କରିବାକୁ ଆରମ୍ଭ କରୁ ।

**ବାହ୍ୟାଭ୍ୟନ୍ତରସ୍ତମ୍ଭବୃତ୍ତିଃ ଦେଶକାଳସଂଖ୍ୟାଭିଃ ପରିଦୃଷ୍ଟୋ ଦୀର୍ଘସୂକ୍ଷ୍ମଃ ॥୫୦॥**

—ବାହ୍ୟ ବୃତ୍ତି, ଅଭ୍ୟନ୍ତର ବୃତ୍ତି ଓ ସ୍ତମ୍ଭ ବୃତ୍ତି ଭେଦ ଅନୁସାରେ ଏହି ପ୍ରାଣାୟମ ତ୍ରିବିଧ; ଦେଶ, କାଳ, ସଂଖ୍ୟାଦ୍ୱାରା ନିୟମିତ ଏବଂ ଦୀର୍ଘ ବା ସୂକ୍ଷ୍ମ ହେବା ହେତୁ ସେଗୁଡ଼ିକର ପୁନଶ୍ଚ ନାନାପ୍ରକାର ଭେଦ ଅଛି ।

ଏହି ପ୍ରାଣାୟାମ ତିନି ପ୍ରକାର କ୍ରିୟାରେ ବିଭକ୍ତ । ପ୍ରଥମ—ଯେତେବେଳେ ଆମେ ଶ୍ୱାସକୁ ଅଭ୍ୟନ୍ତରକୁ ଆକର୍ଷଣ କରୁ; ଦ୍ୱିତୀୟ—ଯେତେବେଳେ ଆମେ ତାହା ବାହାରକୁ ନିକ୍ଷେପ କରୁ; ତୃତୀୟ—ଯେତେବେଳେ ଶ୍ୱାସ ଫୁସ୍‌ଫୁସ୍ ମଧ୍ୟରେ ହିଁ ଧୃତ ହୁଏ ବା ବାହାରୁ ଶ୍ୱାସ ଗ୍ରହଣ ବନ୍ଦ ରଖାହୁଏ । ସେଗୁଡ଼ିକ ପୁଣି ଦେଶ, କାଳ ଓ ସଂଖ୍ୟା ଅନୁସାରେ ଭିନ୍ନ ଭିନ୍ନ ଆକାର ଧାରଣ କରନ୍ତି । 'ଦେଶ' ଅର୍ଥ—ପ୍ରାଣକୁ ଶରୀରର କୌଣସି ଅଂଶବିଶେଷରେ ଆବଦ୍ଧ ରଖିବା । 'ସମୟ' ଅର୍ଥ—ପ୍ରାଣକୁ କେଉଁଠି କେତେ ସମୟ ରଖିବାକୁ ହେବ ଏବଂ 'ସଂଖ୍ୟା' ଅର୍ଥ କେତେଥର ଏପରି କରିବାକୁ ହେବ, ତାହା ବୁଝିବାକୁ ହେବ । ଏଥିପାଇଁ କେଉଁଠି, କେତେ ସମୟ ଓ କେତେ ଥର ରେଚକାଦି କରିବାକୁ ହେବ, ଇତ୍ୟାଦି କଥିତ ହୋଇଥାଏ । ଏହି ପ୍ରାଣାୟାମର ଫଳ 'ଉଦ୍‌ଘାତ' ଅର୍ଥାତ୍ କୁଣ୍ଡଳିନୀର ଜାଗରଣ ।

**ବାହ୍ୟାଭ୍ୟନ୍ତରବିଷୟାକ୍ଷେପୀ ଚତୁର୍ଥଃ ॥୫୧॥**

—ଚତୁର୍ଥ ପ୍ରକାର ପ୍ରାଣାୟାମଦ୍ୱାରା ବାହ୍ୟ ବା ଅନ୍ତର ବିଷୟ ଚିନ୍ତାଦ୍ୱାରା ପ୍ରାଣକୁ ନିରୁଦ୍ଧ କରାଯାଏ ।

ଏହା ଚତୁର୍ଥ ପ୍ରକାର ପ୍ରାଣାୟାମ । ଏଥିରେ ପୂର୍ବୋକ୍ତ ଚିନ୍ତାସହ ଦୀର୍ଘକାଳ ଅଭ୍ୟାସଦ୍ୱାରା ସ୍ୱାଭାବିକ କୁମ୍ଭକ (ସ୍ତମ୍ଭବୃତ୍ତି) ହୋଇଥାଏ । ଅନ୍ୟ ପ୍ରାଣାୟାମଗୁଡ଼ିକରେ ଚିନ୍ତାର ସଂସ୍ରବ ନାହିଁ ।

**ତତଃ କ୍ଷୀୟତେ ପ୍ରକାଶାବରଣମ୍ ॥୫୨॥**

—ସେଥିରୁ ହିଁ ଚିତ୍ତର ପ୍ରକାଶର ଆବରଣ କ୍ଷୟ ହୋଇଯାଏ ।

ଚିତ୍ତରେ ସ୍ୱଭାବତଃ ହିଁ ସମୁଦାୟ ଜ୍ଞାନ ରହିଅଛି । ତାହା ସତ୍ତ୍ୱ ପଦାର୍ଥଦ୍ୱାରା ନିର୍ମିତ; କିନ୍ତୁ ତାହା ରଜଃ ଓ ତମଃଦ୍ୱାରା ଆବୃତ ରହିଅଛି । ପ୍ରାଣାୟାମଦ୍ୱାରା ଚିତ୍ତର ଏହି ଆବରଣ ଦୂରୀଭୂତ ହୁଏ ।

**ଧାରଣାସୁ ଚ ଯୋଗ୍ୟତା ମନସଃ ॥୫୩॥**

—(ସେଥିରୁ ହିଁ) 'ଧାରଣା' ବିଷୟରେ ମନର ଯୋଗ୍ୟତା ହୁଏ । ଏହି ଆବରଣ

ଚାଲିଗଲେ ଆମେ ମନକୁ ଏକାଗ୍ର କରିବା ପାଇଁ ସମର୍ଥ ହେଉ ।

**ସ୍ୱସ୍ୱ ବିଷୟାସମ୍ପ୍ରୟୋଗେ ଚିତ୍ତ ସ୍ୱରୂପନୁକାର ଇବେନ୍ଦ୍ରିୟାଣାଂ ପ୍ରତ୍ୟାହାରଃ ।।୫୪।।**

—ଯେତେବେଳେ ଇନ୍ଦ୍ରିୟଗଣ ସେମାନଙ୍କର ନିଜ ନିଜ ବିଷୟ ପରିତ୍ୟାଗ କରି ଯେପରି ଚିତ୍ତର ସ୍ୱରୂପ ଗ୍ରହଣ କରନ୍ତି, ସେତେବେଳେ ତାହାକୁ 'ପ୍ରତ୍ୟାହାର' କୁହାଯାଏ ।

ଏହି ଇନ୍ଦ୍ରିୟଗୁଡ଼ିକ ମନର ହିଁ ବିଭିନ୍ନ ଅବସ୍ଥା ମାତ୍ର । ମନେକର ମୁଁ ଖଣ୍ଡିଏ ପୁସ୍ତକ ଦେଖୁଅଛି । ବାସ୍ତବିକ ଏ ପୁସ୍ତକାକୃତି ବାହାରେ ନାହିଁ, ତାହା ମନରେ ହିଁ ଅବସ୍ଥିତ । ବାହାରର କୌଣସି ଜିନିଷ ଏହି ଆକୃତି ଜାଗ୍ରତ କରିଦିଏ ମାତ୍ର; ବାସ୍ତବିକ ରୂପ ବା ଆକୃତି ଚିତ୍ତରେ ହିଁ ଅଛି । ଏହି ଇନ୍ଦ୍ରିୟଗୁଡ଼ିକ, ସେମାନଙ୍କ ସମ୍ମୁଖକୁ ଯାହା ଆସୁଅଛି, ତାହା ସହିତ ମିଶିଯାଇ ତାହାର ହିଁ ଆକାର ଗ୍ରହଣ କରୁଛନ୍ତି । ଯଦି ତୁମେ ମନର ଏହି ସକଳ ଭିନ୍ନ ଭିନ୍ନ ଆକୃତି ଧାରଣ କରିପାର, ତେବେ ତୁମର ମନ ଶାନ୍ତ ହେବ ଏବଂ ଏହି ଇନ୍ଦ୍ରିୟଗୁଡ଼ିକ ମଧ ଶାନ୍ତ ହେବେ । ଏହାକୁ ହିଁ 'ପ୍ରତ୍ୟାହାର' କୁହାଯାଏ ।

**ତତଃ ପରମାବଶ୍ୟତେନ୍ଦ୍ରିୟାଣାମ୍ ।।୫୫।।**

—ସେଥିରୁ ହିଁ ଇନ୍ଦ୍ରିୟଗଣ ସମ୍ପୂର୍ଣ୍ଣରୂପେ ବଶୀଭୂତ ହୋଇ ରହନ୍ତି ।

ଯେତେବେଳେ ଯୋଗୀ ଇନ୍ଦ୍ରିୟଗଣଙ୍କର ଏହିପରି ବହିର୍ବସ୍ତୁର ଆକୃତି ଧାରଣ ନିବାରଣ କରିପାରନ୍ତି ଓ ମନ ସହିତ ସେଗୁଡ଼ିକୁ ଏକୀଭୂତ କରିବାରେ କୃତକାର୍ଯ୍ୟ ହୁଅନ୍ତି, ସେତେବେଳେ ହିଁ ଇନ୍ଦ୍ରିୟଗଣ ସମ୍ପୂର୍ଣ୍ଣରୂପେ ବିଜିତ ହୋଇ ରହନ୍ତି । ପୁଣି ଯେତେବେଳେ ଇନ୍ଦ୍ରିୟଗଣ ସର୍ବତୋଭାବେ ବଶୀଭୂତ ହୁଅନ୍ତି, ସେତେବେଳେ ହିଁ ପ୍ରତ୍ୟେକ ସ୍ନାୟୁ ଓ ମାଂସପେଶୀ ଆୟତ୍ତକୁ ଆସିଥାଏ; କାରଣ ଇନ୍ଦ୍ରିୟଗଣ ହିଁ ସର୍ବପ୍ରକାର ଅନୁଭୂତି ଓ କାର୍ଯ୍ୟର କେନ୍ଦ୍ରସ୍ୱରୂପ । ଏହି ଇନ୍ଦ୍ରିୟଗଣ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ—ଏହି ଦୁଇ ଭାଗରେ ବିଭକ୍ତ । ସୁତରାଂ ଯେତେବେଳେ ଇନ୍ଦ୍ରିୟଗଣ ସଂଯତ ହେବେ, ସେତେବେଳେ ଯୋଗୀ ସର୍ବପ୍ରକାର ଭାବ ଓ କାର୍ଯ୍ୟକୁ ଜୟ କରିପାରିବେ; ସମଗ୍ର ଶରୀରଟି ହିଁ ତାଙ୍କର ବଶୀଭୂତ ହେବ । ଏପରି ଅବସ୍ଥା-ଲାଭ ହେଲେ ହିଁ ମନୁଷ୍ୟ ଦେହଧାରଣର ଆନନ୍ଦ ଅନୁଭବ କରେ । ସେତେବେଳେ ସେ ଠିକ୍ ଠିକ୍ କହିପାରେ, 'ମୁଁ ଧନ୍ୟ ଯେ ମୁଁ ଜନ୍ମିଥିଲି ।' ଯେତେବେଳେ ଇନ୍ଦ୍ରିୟଗଣଙ୍କ ଉପରେ ଏହିପରି ଶକ୍ତି ଲାଭ ହୁଏ, ସେତେବେଳେ ହିଁ ବୁଝିହୁଏ, ବାସ୍ତବିକ ଏ ଶରୀର ଅତି ଆଶ୍ଚର୍ଯ୍ୟ ପଦାର୍ଥ ।

## ତୃତୀୟ ଅଧ୍ୟାୟ
### ବିଭୂତି ପାଦ

ଏ ଅଧ୍ୟାୟରେ ଯୋଗର ବିଭୂତି (ଶକ୍ତି ବା ଐଶ୍ୱର୍ଯ୍ୟ) ବିଷୟ ଆଲୋଚିତ ହେବ ।

**ଦେଶବନ୍ଧଶ୍ଚିତ୍ତସ୍ୟ ଧାରଣା ॥୧॥**

—ଚିତ୍ତକୁ କୌଣସି ବିଷୟ ବସ୍ତୁରେ ଧରିରଖିବାର ନାମ ଧାରଣା ।

ଯେତେବେଳେ ମନ ଶରୀର ଭିତରେ ଅଥବା ବାହାରେ କୌଣସି ବସ୍ତୁରେ ସଂଲଗ୍ନ ହୁଏ ଓ କିଛି କାଳ ଏହି ଭାବରେ ରହେ, ତାହାକୁ ଧାରଣା (ଏକାଗ୍ରତା) କହନ୍ତି ।

**ତତ୍ର ପ୍ରତ୍ୟୟୈକତାନତା ଧ୍ୟାନମ୍ ॥୨॥**

—ସେହି ବସ୍ତୁବିଷୟକ ଜ୍ଞାନ ନିରନ୍ତର ଏକଭାବେ ପ୍ରବାହିତ ହେଲେ ତାହାକୁ 'ଧ୍ୟାନ' କହନ୍ତି ।

ମନେକର, ମନ କୌଣସି ଗୋଟିଏ ବିଷୟ ଚିନ୍ତା କରିବାର ଚେଷ୍ଟା କରୁଅଛି । କୌଣସି ଗୋଟିଏ ବିଶେଷ ସ୍ଥାନରେ, ଯଥା—ମସ୍ତକ ଉପରେ ଅଥବା ହୃଦୟରେ ନିଜକୁ ଧରି ରଖିବାର ଚେଷ୍ଟା କରୁଅଛି । ଯଦି ମନ ଶରୀରର କେବଳ ଏହି ଅଂଶ ଦେଇ ସର୍ବପ୍ରକାର ଅନୁଭୂତି ଗ୍ରହଣ କରିବା ପାଇଁ ସମର୍ଥ ହୁଏ ଓ ଶରୀରର ଅନ୍ୟ ସକଳ ଅଙ୍ଗକୁ ଯଦି ବିଷୟଗ୍ରହଣରୁ ନିବୃତ୍ତ ରଖିହୁଏ, ତେବେ ତାହାର ନାମ 'ଧାରଣା'; ଆଉ ମନ ଯେତେବେଳେ କିଛିକ୍ଷଣ ନିଜକୁ ଏହି ଅବସ୍ଥାରେ ରଖିବା ପାଇଁ ସମର୍ଥ ହୁଏ, ସେତେବେଳେ ତାହାକୁ 'ଧ୍ୟାନ' କୁହାଯାଏ ।

**ତଦେବାର୍ଥମାତ୍ରନିର୍ଭାସଂ ସ୍ୱରୂପଶୂନ୍ୟମିବ ସମାଧିଃ ॥୩॥**

—ତାହା ହିଁ ଯେତେବେଳେ ସମୁଦାୟ ବାହ୍ୟୋପାଧି ପରିତ୍ୟାଗ କରି କେବଳ ଅର୍ଥମାତ୍ର ପ୍ରକାଶ କରେ, ସେତେବେଳେ 'ସମାଧି'-ଆଖ୍ୟା ପ୍ରାପ୍ତ ହୁଏ ।

ଯେତେବେଳେ ଧ୍ୟାନରେ ବସ୍ତୁର ଆକୃତି ବା ବାହ୍ୟ ଭାଗ ପରିତ୍ୟକ୍ତ ହୁଏ, ସେତେବେଳେ ହିଁ ଏହି ସମାଧି-ଅବସ୍ଥା ଆସେ । ମନେକର, ମୁଁ ଖଣ୍ଡିଏ ପୁସ୍ତକ ସମ୍ବନ୍ଧରେ ଧ୍ୟାନ କରୁଅଛି, ଧୀରେ ଧୀରେ ମୁଁ ତାହା ଉପରେ ମନକୁ ଏକାଗ୍ର କରିବାରେ କୃତକାର୍ଯ୍ୟ ହେଲି, ସେତେବେଳେ କେବଳ ଭିତରର ଭାବନାଗୁଡ଼ିକୁ ଅନୁଭବ କରିବି, ଅର୍ଥଟିକୁ ବୁଝିବି, କୌଣସି ପ୍ରକାର ଆକାରରେ ତାହା ପ୍ରକାଶିତ ହେବ ନାହିଁ । ଧ୍ୟାନର ଏହି ଅବସ୍ଥାକୁ 'ସମାଧି' କହନ୍ତି ।

**ତ୍ରୟମେକତ୍ର ସଂଯମଃ ॥୪॥**

—ଏହି ତିନୋଟି ଯେତେବେଳେ ଏକତ୍ର ଅର୍ଥାତ୍ ଏକ ବସ୍ତୁ ସମ୍ବନ୍ଧରେ ଅଭ୍ୟସ୍ତ ହୁଏ, ସେତେବେଳେ ତାହାକୁ 'ସଂଯମ' କହନ୍ତି ।

ଯେତେବେଳେ କେହି ତାଙ୍କର ନିଜ ମନକୁ କୌଣସି ନିର୍ଦ୍ଦିଷ୍ଟ ଦିଗକୁ ନେଇଯାଇ କୌଣସି ବସ୍ତୁ ଉପରେ ସ୍ଥିର କରିପାରନ୍ତି, ପରେ ଅନ୍ତର୍ଭାଗରୁ ବାହ୍ୟ ବସ୍ତୁକୁ ପୃଥକ୍ କରି ତା' ଉପରେ ମନକୁ ଅନେକ ସମୟ ରଖିପାରନ୍ତି, ସେତେବେଳେ ହିଁ 'ସଂଯମ' ହେଲା । ଅର୍ଥାତ୍ ଧାରଣା, ଧ୍ୟାନ ଓ ସମାଧି—ଏଗୁଡ଼ିକ ଗୋଟିଏ ପରେ ଗୋଟିଏ କ୍ରମାନ୍ୱୟରେ ଏକ ବସ୍ତୁ ଉପରେ ଅଭ୍ୟସ୍ତ ହୋଇ ଏକତ୍ର ହୁଏ । ବର୍ତ୍ତମାନ ବସ୍ତୁର ବାହ୍ୟ ଆକାର ଅନ୍ତର୍ହିତ ହୁଏ, ମନରେ ତାର ଅର୍ଥମାତ୍ର ହିଁ ଅବଶିଷ୍ଟ ରହେ ।

**ତଜ୍ଜୟାତ୍ ପ୍ରଜ୍ଞାଲୋକଃ ॥୫॥**

—ଏହି ସଂଯମଦ୍ୱାରା ଯୋଗୀଙ୍କ ମନରେ ଜ୍ଞାନାଲୋକର ପ୍ରକାଶ ହୁଏ ।

ଯେତେବେଳେ କେହି ଏହି ସଂଯମସାଧନରେ କୃତକାର୍ଯ୍ୟ ହୁଅନ୍ତି, ସେତେବେଳେ ସମୁଦାୟ ଶକ୍ତି ତାଙ୍କର ଆୟତ୍ତ ହୁଏ । ଏହି ସଂଯମ ହିଁ ଯୋଗୀଙ୍କର ଜ୍ଞାନଲାଭର ପ୍ରଧାନ ଯନ୍ତ୍ର । ଜ୍ଞାନର ବିଷୟ ଅନନ୍ତ । ସେଗୁଡ଼ିକ ସ୍ଥୂଳ, ସ୍ଥୂଳତର, ସ୍ଥୂଳତମ ଓ ସୂକ୍ଷ୍ମ, ସୂକ୍ଷ୍ମତର, ସୂକ୍ଷ୍ମତମ ଇତ୍ୟାଦି ନାନା ବିଭାଗରେ ବିଭକ୍ତ । ଏହି ସଂଯମ ପ୍ରଥମତଃ ସ୍ଥୂଳ ବସ୍ତୁ ଉପରେ ପ୍ରୟୋଗ କରିବାକୁ ହୁଏ; ଆଉ ଯେତେବେଳେ ସ୍ଥୂଳ ବିଷୟରେ ଜ୍ଞାନଲାଭ ହେଉଥାଏ, ସେତେବେଳେ ଟିକିଏ ଟିକିଏ କରି ସ୍ତରେ ସ୍ତରେ ତାହା ସୂକ୍ଷ୍ମତର ବସ୍ତୁ ଉପରେ ପ୍ରୟୋଗ କରିବାକୁ ହେବ ।

**ତସ୍ୟ ଭୂମିଷୁ ବିନିୟୋଗଃ ॥୬॥**

—ଏହି ସଂଯମ ସୋପାନକ୍ରମେ ପ୍ରୟୋଗ କରିବା ଉଚିତ ।

ଖୁବ୍ ଦ୍ରୁତ ବେଗରେ ଯିବାର ଚେଷ୍ଟା କର ନାହିଁ, ଏହି ସୂତ୍ର ଏହିପରି ସାବଧାନ କରି ଦେଉଛି ।

**ତ୍ରୟମନ୍ତରଙ୍ଗଂ ପୂର୍ବେଭ୍ୟଃ ॥୭॥**

—ଏହି ତିନୋଟି, ପୂର୍ବକଥିତ ସାଧନଗୁଡ଼ିକ ଅପେକ୍ଷା ଅଧିକ ଅନ୍ତରଙ୍ଗ ସାଧନ ।

ଏହା ପୂର୍ବରୁ ଯମ, ନିୟମ, ଆସନ, ପ୍ରାଣାୟାମ ଓ ପ୍ରତ୍ୟାହାର ବିଷୟ କଥିତ ହୋଇଅଛି । ସେଗୁଡ଼ିକ ଧାରଣା, ଧ୍ୟାନ ଓ ସମାଧି ତୁଳନାରେ ବହିଃରଙ୍ଗ । ଏହି 'ଧାରଣା' ଆଦି ଅବସ୍ଥା ଲାଭ କଲେ ମନୁଷ୍ୟ ସର୍ବଜ୍ଞ ଓ ସର୍ବଶକ୍ତିମାନ୍ ହୋଇପାରେ; କିନ୍ତୁ ସର୍ବଶକ୍ତିମତ୍ତା ତ ମୁକ୍ତି ନୁହେଁ । ଏହି ତ୍ରିବିଧ ସାଧନଦ୍ୱାରା ମନ ନିର୍ବିକଳ୍ପ ଅର୍ଥାତ୍ ପରିଣାମଶୂନ୍ୟ ହୋଇପାରେ ନାହିଁ । ଏହି ତ୍ରିବିଧ ସାଧନ ଆୟତ୍ତ ହେଲେ ମଧ ଦେହଧାରଣର ବୀଜ ରହିଯାଏ । ଯୋଗୀମାନଙ୍କ ଭାଷାରେ ସେହି ବୀଜଗୁଡ଼ିକ 'ଭର୍ଜିତ' ହେଲେ ତାଙ୍କର ଅଙ୍କୁର ଉତ୍ପାଦନ କରିବାର ଶକ୍ତି ନଷ୍ଟ ହୋଇଯାଏ । ବିଭୂତିସମୂହ ବୀଜଗୁଡ଼ିକୁ ଭର୍ଜିତ କରିପାରନ୍ତି ନାହିଁ ।

**ତଦପି ବହିରଙ୍ଗଂ ନିର୍ବୀଜସ୍ୟ ॥୮॥**

—କିନ୍ତୁ ଏହି 'ସଂଯମ' ଓ (ଧାରଣା, ଧ୍ୟାନ ଓ ସମାଧି ଏକତ୍ର) ନିର୍ବୀଜ ସମାଧି ପକ୍ଷରେ ବହିରଙ୍ଗସ୍ୱରୂପ ।

ଏହି କାରଣ ହେତୁ ନିର୍ବୀଜ ସମାଧି ସହିତ ତୁଳନା କଲେ ଏହିଗୁଡ଼ିକୁ ହିଁ ବହିଃରଙ୍ଗ କହିବାକୁ ହେବ । ଆମେ ଏପର୍ଯ୍ୟନ୍ତପ୍ରକୃତ ସର୍ବୋଚ୍ଚ ସମାଧି-ଅବସ୍ଥା ଲାଭ ନ କରି ଗୋଟିଏ ନିମ୍ନତର ଭୂମିରେ ହିଁ ଅଛୁ । ସେହି ଅବସ୍ଥାରେ ଏହି ପରିଦୃଶ୍ୟମାନ ଜଗତ ବର୍ତ୍ତମାନ ରହିଛି, ବିଭୂତି ବା ସିଦ୍ଧିସକଳ ଏହି ଜଗତର ହିଁ ଅନ୍ତର୍ଗତ ।

**ବ୍ୟୁତ୍ଥାନ ନିରୋଧସଂସ୍କାରୟୋରଭିଭବ ପ୍ରାଦୁର୍ଭାବୌ**
**ନିରୋଧକ୍ଷଣଚିତ୍ତାନ୍ୱୟୋ ନିରୋଧପରିଣାମଃ ॥୯॥**

—ଯେତେବେଳେ ବ୍ୟୁତ୍ଥାନ ଅର୍ଥାତ୍ ମନଶ୍ଚାଞ୍ଚଲ୍ୟର ଅଭିଭବ (ନାଶ) ଓ ନିରୋଧ ସଂସ୍କାରର ଆବିର୍ଭାବ ହୁଏ, ସେତେବେଳେ ଚିତ୍ତ-ନିରୋଧ ନାମକ ଅବସରର ଅନୁଗତ ହୁଏ, ତାହାକୁ ନିରୋଧ ପରିଣାମ କହନ୍ତି ।

ଏହାର ଅର୍ଥ ଏହି ଯେ ସମାଧିର ପ୍ରଥମ ଅବସ୍ଥାରେ ମନର ସମଗ୍ର ବୃତ୍ତି ନିରୁଦ୍ଧ ହୁଏ

ସତ, କିନ୍ତୁ ସମ୍ପୂର୍ଣ୍ଣରୂପେ ନୁହେଁ; କାରଣ ତାହାହେଲେ କୌଣସି ପ୍ରକାର ବୃତ୍ତି ହିଁ ରହନ୍ତା ନାହିଁ । ମନେକର, ମନରେ ଏକ ପ୍ରକାର ବୃତ୍ତି ଉଦିତ ହୋଇଅଛି, ଯାହା ମନକୁ ଇନ୍ଦ୍ରୟଦିଗକୁ ନେଇ ଯାଉଅଛି, ଆଉ ଯୋଗୀ ଏହି ବୃତ୍ତିକୁ ସଂଯତ କରିବାର ଚେଷ୍ଟା କରୁଛନ୍ତି; ଏ ଅବସ୍ଥାରେ ଏହି ସଂଯମ-ଚେଷ୍ଟାଟିକୁ ମଧ୍ୟ ଗୋଟିଏ ବୃତ୍ତି କହିବାକୁ ହେବ । ଗୋଟିଏ ତରଙ୍ଗ ଆଉ ଗୋଟିଏ ତରଙ୍ଗଦ୍ୱାରା ନିବାରିତ ହେଲା, ସୁତରାଂ ଏହା ସବୁ ତରଙ୍ଗର ନିବୃତ୍ତିରୂପକ ସମାଧି ନୁହେଁ; କାରଣ ଏହି ସଂଯମଟି ମଧ୍ୟ ଗୋଟିଏ ତରଙ୍ଗ । ତେବେ ଯେଉଁ ଅବସ୍ଥାରେ ମନରେ ତରଙ୍ଗ ପରେ ତରଙ୍ଗ ଆସୁଥାଏ, ତଦପେକ୍ଷା ଏହି ନିମ୍ନତର ସମାଧି ସେହି ଉଚ୍ଚତର ସମାଧିର ଖୁବ୍ ନିକଟବର୍ତ୍ତୀ ।

**ତସ୍ୟ ପ୍ରଶାନ୍ତବାହିତା ସଂସ୍କାରାତ୍ ॥୧୦॥**

—ଅଭ୍ୟାସଦ୍ୱାରା ଏହାର ସ୍ଥିରତା ଆସେ ।

ଦିନ ପରେ ଦିନ ଅଭ୍ୟାସ କଲେ ମନଃସଂଯମର ଏହି ନିରନ୍ତର ଚେଷ୍ଟା-ପ୍ରବାହ ସ୍ଥିର ହୋଇଯାଏ ଏବଂ ମନ ସର୍ବଦା ଏକାଗ୍ର ହେବାର ଶକ୍ତି ଲାଭ କରେ ।

**ସର୍ବାର୍ଥତୈକାଗ୍ରତୟୋଃ କ୍ଷୟୋଦୟୌ ଚିତ୍ତସ୍ୟ ସମାଧି ପରିଣାମଃ ॥୧୧॥**

—ମନରେ ସର୍ବପ୍ରକାର ବସ୍ତୁ ଗ୍ରହଣ କରିବା ଓ ମନକୁ ଗୋଟିଏ ବିଷୟରେ ଏକାଗ୍ର କରିବା, ଏ ଦୁଇଟିର ଯେତେବେଳେ ଯଥାକ୍ରମେ କ୍ଷୟ ଓ ଉଦୟ ହୁଏ, ତାହାକୁ ଚିତ୍ତର ସମାଧି-ପରିଣାମ କହନ୍ତି ।

ମନ ସର୍ବଦା ହିଁ ନାନା ପ୍ରକାର ବିଷୟ ଗ୍ରହଣ କରୁଅଛି, ସକଳ ବସ୍ତୁକୁ ଯାଉଛି, ଏହା ନିମ୍ନ ଅବସ୍ଥା । ଏହା ଅପେକ୍ଷା ମନର ଆଉ ଗୋଟିଏ ଉଚ୍ଚତର ଅବସ୍ଥା ଅଛି, ସେଠାରେ ମନ ଗୋଟିଏ ମାତ୍ର ବସ୍ତୁ ଗ୍ରହଣ କରେ ଓ ଅନ୍ୟ ସକଳ ବସ୍ତୁ ତ୍ୟାଗ କରେ । ଏହି ଏକ ବସ୍ତୁକୁ ଗ୍ରହଣ କରିବାର ଫଳ ସମାଧି ।

**ଶାନ୍ତୋଦିତୌ ତୁଲ୍ୟପ୍ରତ୍ୟୟୌ ଚିତ୍ତସ୍ୟୈକାଗ୍ରତା ପରିଣାମଃ ॥୧୨॥**

—ଯେତେବେଳେ ମନ ଶାନ୍ତ ଓ ଉଦିତ ଅର୍ଥାତ୍ ଅତୀତ ଓ ବର୍ତ୍ତମାନ ଉଭୟ ଅବସ୍ଥାରେ ହିଁ ତୁଲ୍ୟପ୍ରତ୍ୟୟ ହୁଏ, ଅର୍ଥାତ୍ ଉଭୟଙ୍କୁ ହିଁ ଏକ ସମୟରେ ଗ୍ରହଣ କରିପାରେ, ତାହାକୁ ଚିତ୍ତର ଏକାଗ୍ରତା-ପରିଣାମ କହନ୍ତି ।

କିପରି ଜଣାଯିବ—ମନ ଏକାଗ୍ର ହୋଇଅଛି ? ମନ ଏକାଗ୍ର ହେଲେ ସମୟର କୌଣସି ଜ୍ଞାନ ରହିବ ନାହିଁ । ଅଜ୍ଞାତସାରରେ ଯେତେ ସମୟ ଅତିବାହିତ ହୁଏ, ବୁଝିବାକୁ ହେବ, ଆମେ ସେତେ ଏକାଗ୍ର ହେଉଅଛୁ । ସାଧାରଣତଃ ଆମେ ଦେଖିବାକୁ ପାଉ ଯେ ଯେତେବେଳେ ଆମେ ଅତ୍ୟନ୍ତ ଆଗ୍ରହର ସହିତ କୌଣସି ପୁସ୍ତକପାଠରେ ମଗ୍ନ ହେଉ, ସେତେବେଳେ ସମୟ ପ୍ରତି ଆମର କୌଣସି ଲକ୍ଷ୍ୟ ରହେ ନାହିଁ; ଆମେ ଯେତେବେଳେ ପୁସ୍ତକପାଠରୁ ବିରତ ହେଉ ସେତେବେଳେ ଭାବି ଆଶ୍ଚର୍ଯ୍ୟ ହେଉ ଯେ, କେତେ ସମୟ ଅତିବାହିତ ହୋଇଯାଇଛି । ସମଗ୍ର ସମୟଟି ଯେପରି ଏକତ୍ର ହୋଇ ବର୍ତ୍ତମାନରେ ଏକୀଭୂତ ହେବ । ଏଥିପାଇଁ କୁହାଯାଇଅଛି, ଯେତେବେଳେ ଅତୀତ ଓ ବର୍ତ୍ତମାନ ଆସି ଏକତ୍ର ମିଳିତ ହୁଏ, ସେତେବେଳେ ହିଁ ମନ ଏକାଗ୍ର ହୋଇଥାଏ ।

**ଏତେନ ଭୂତେନ୍ଦ୍ରିୟେଷୁ ଧର୍ମଲକ୍ଷଣାବସ୍ଥାପରିଣାମା ବ୍ୟାଖ୍ୟାତାଃ ॥୧୩॥**

—ଏହାଦ୍ୱାରା ହିଁ ଭୂତ ଓ ଇନ୍ଦ୍ରିୟର ଯେଉଁ ଧର୍ମ, ଲକ୍ଷଣ ଓ ଅବସ୍ଥାରୂପକ ପରିଣାମ ଅଛି, ତାହାର ବ୍ୟାଖ୍ୟା କରାହେଲା ।

ପୂର୍ବ ତିନୋଟି ସୂତ୍ରରେ ଯେଉଁ ଚିତ୍ତର ନିରୋଧାଦି ପରିଣାମ କଥା କୁହାହୋଇଅଛି, ତଦ୍ଦ୍ୱାରା ଭୂତ ଓ ଇନ୍ଦ୍ରିୟର ଧର୍ମ, ଲକ୍ଷଣ ଓ ଅବସ୍ଥା–ରୂପକ ତିନି ପ୍ରକାର ପରିଣାମର ବ୍ୟାଖ୍ୟା କରାଗଲା । ମନ କ୍ରମାଗତ ବୃତ୍ତିରେ ପରିଣତ ହେଉଅଛି, ଏହା ମନର 'ଧର୍ମରୂପକ' ପରିଣାମ । ତାହା ଯେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ—ଏହି ତିନି କାଳ ମଧଦେଇ ଚାଲୁଅଛି, ଏହା ହିଁ ମନର 'ଲକ୍ଷଣରୂପକ' ପରିଣାମ; ଆଉ ପୁଣି କେବେ ଯେ ନିରୋଧସଂସ୍କାର ପ୍ରବଳ ଓ ବ୍ୟୁତ୍‌ଥାନ–ସଂସ୍କାର ଦୁର୍ବଳ ଅଥବା ତାହାର ବିପରୀତ ହୁଏ, ଏହା ମନର 'ଅବସ୍ଥାରୂପକ' ପରିଣାମ । ମନର ଏହି ପରିଣାମ–ତ୍ରୟ ସମଭୂତ ଓ ଇନ୍ଦ୍ରିୟର ତ୍ରିବିଧ ପରିଣାମ ବୋଲି ବୁଝିବାକୁ ହେବ । ଯଥା, ମୃତ୍ତିକାରୂପକ ଧର୍ମୀର ପିଣ୍ଡରୂପକ ଧର୍ମ ଯାଇ ସେଥିରେ ଯେଉଁ ଘଟାକାର ଧର୍ମ ଆବିର୍ଭୂତ ହୁଏ, ତାହା ଧର୍ମ–ପରିଣାମ । ସେହି ଘଟର ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ ଅବସ୍ଥାରୂପକ ପରିଣାମକୁ ଲକ୍ଷଣ–ପରିଣାମ ଏବଂ ତାହାର ନୂତନତ୍ୱ ଓ ପୁରାତନତ୍ୱ ଆଦି ଅବସ୍ଥାରୂପକ ପରିଣାମକୁ ଅବସ୍ଥା–ପରିଣାମ କହନ୍ତି ।

ଯୋଗୀ ଯାହାଦ୍ୱାରା ମନର ବୃତ୍ତି ବା ପରିଣାମଗୁଡ଼ିକ ଉପରେ ଇଚ୍ଛାପୂର୍ବକ କ୍ଷମତା ସଞ୍ଚାଳନ କରିପାରନ୍ତି, ପୂର୍ବବର୍ତ୍ତୀ ସୂତ୍ରଗୁଡ଼ିକରେ ସେହି ସକଳ ସମାଧିର କଥା ବର୍ଣ୍ଣିତ ହୋଇଅଛି । ସେଥିରୁ ହିଁ ପୂର୍ବୋକ୍ତ ସଂଯମଶକ୍ତି ଲାଭ ହୋଇଥାଏ ।

**ଶାନ୍ତୋଦିତାବ୍ୟପଦେଶ୍ୟଧର୍ମାନୁପାତୀ ଧର୍ମୀ ॥୧୪॥**

—ଶାନ୍ତ (ଅର୍ଥାତ୍ ଅତୀତ), ଉଦିତ (ବର୍ତ୍ତମାନ) ଓ ଅବ୍ୟପଦେଶ୍ୟ (ଭବିଷ୍ୟତ) ଧର୍ମ ଯେଉଁଥିରେ ଅବସ୍ଥିତ, ତାହାର ନାମ ଧର୍ମୀ ।

ଯାହା ଉପରେ କାଳ ଓ ସଂସ୍କାର କାର୍ଯ୍ୟ କରୁଅଛି, ଯାହା ସର୍ବଦା ହିଁ ପରିଣାମପ୍ରାପ୍ତ ଓ ବ୍ୟକ୍ତଭାବ ଧାରଣ କରୁଅଛି, ତାହାକୁ ହିଁ ଧର୍ମୀ କହାଯାଏ ।

**କ୍ରମାନ୍ୟତ୍ୱଂ ପରିଣାମାନ୍ୟତ୍ୱେ ହେତୁଃ ॥୧୫॥**

—ଭିନ୍ନ ଭିନ୍ନ ପରିଣାମ ହେବାର କାରଣ କ୍ରମର ବିଭିନ୍ନତା (ପୂର୍ବାପର ପାର୍ଥକ୍ୟ) ।

**ପରିଣାମତ୍ରୟସଂଯମାଦତୀତାନାଗତଜ୍ଞାନମ୍ ॥୧୬॥**

—ପୂର୍ବୋକ୍ତ ତିନୋଟି ପରିଣାମ ପ୍ରତି ଚିତ୍ତସଂଯମ କଲେ ଅତୀତ ଓ ଅନାଗତର ଜ୍ଞାନ ଉତ୍ପନ୍ନ ହୁଏ ।

ପୂର୍ବେ ସଂଯମର ଯେଉଁ ଲକ୍ଷଣ କୁହାଯାଇଅଛି, ଆମେ ତାହା ଯେପରି ବିସ୍ମୃତ ନ ହେଉ । ଯେତେବେଳେ ମନ ବସ୍ତୁର ବାହ୍ୟ ଭାଗ ପରିତ୍ୟାଗ କରି ତାହାର ଆଭ୍ୟନ୍ତରୀଣ ଭାବଗୁଡ଼ିକ ସହିତ ନିଜକୁ ଏକୀଭୂତ କରିବାର ଉପଯୁକ୍ତ ଅବସ୍ଥାରେ ଉପନୀତ ହୁଏ, ଯେତେବେଳେ ଦୀର୍ଘ ଅଭ୍ୟାସଦ୍ୱାରା ମନ ଏକମାତ୍ର ତାହାକୁ ହିଁ ଧାରଣ କରି ମୁହୂର୍ତ୍ତକ ମଧରେ ସେହି ଅବସ୍ଥାରେ ଉପନୀତ ହେବାର ଶକ୍ତି ଲାଭ କରେ, ସେତେବେଳେ ତାହାକୁ 'ସଂଯମ' କହନ୍ତି । ଏହି ଅବସ୍ଥା ଲାଭ କରି ଯଦି କେହି ଭୂତ ଭବିଷ୍ୟତ ଜାଣିବାକୁ ଇଚ୍ଛା କରନ୍ତି, ତାହାଙ୍କୁ କେବଳ ସଂସ୍କାରର ପରିଣାମଗୁଡ଼ିକ ଉପରେ ସଂଯମ ପ୍ରୟୋଗ କରିବାକୁ ହେବ । କେତେଗୁଡ଼ିଏ ସଂସ୍କାର

ବର୍ତ୍ତମାନ ଅବସ୍ଥାରେ କାର୍ଯ୍ୟ କରୁଅଛି, କେତେଗୁଡ଼ିକର ଭୋଗ ଶେଷ ହୋଇଯାଇଛି, ଆଉ କେତେଗୁଡ଼ିଏ ବର୍ତ୍ତମାନ ମଧ୍ୟ ଫଳ ପ୍ରଦାନ କରିବେ ବୋଲି ସଞ୍ଚିତ ହୋଇ ରହିଛନ୍ତି । ଏଗୁଡ଼ିକ ଉପରେ ସଂଯମ ପ୍ରୟୋଗ କରି ସେ ଭୂତ ଭବିଷ୍ୟତ ସମସ୍ତ ଜାଣିପାରନ୍ତି ।

**ଶବ୍ଦାର୍ଥପ୍ରତ୍ୟୟାନାମିତରେତରାଧ୍ୟାସାତ୍**
**ସଙ୍କରସ୍ତତ୍ପ୍ରବିଭାଗସଂଯମାତ୍ ସର୍ବଭୂତରୁତଜ୍ଞାନମ୍ ॥୧୭॥**

—ଶବ୍ଦ, ଅର୍ଥ ଓ ପ୍ରତ୍ୟୟ ପରସ୍ପର ପରସ୍ପର ପ୍ରତି ଆରୋପ ହେତୁ ଏହିପରି ସଙ୍କରାବସ୍ଥା ହୋଇଅଛି । ସେଗୁଡ଼ିକର ପ୍ରଭେଦଗୁଡ଼ିକ ଉପରେ ସଂଯମ ଅବଲମ୍ବନ କଲେ ସମଗ୍ର ପ୍ରାଣୀଙ୍କର ରୁତ (ଶବ୍ଦ) ଜ୍ଞାନ ହୋଇଥାଏ ।

'ଶବ୍ଦ' କହିଲେ ବୁଝିବାକୁ ହେବ ବାହ୍ୟ ବିଷୟ, ଯାହା ମନରେ କୌଣସି ବୃତ୍ତି ଜାଗ୍ରତ କରିଦିଏ । 'ଅର୍ଥ' କହିଲେ ବୁଝିବାକୁ ହେବ, ଯେଉଁ ଶରୀରାଭ୍ୟନ୍ତରୀଣ ପ୍ରବାହ ଇନ୍ଦ୍ରିୟଦ୍ୱାରା ଲବ୍ଧ ବିଷୟାଭିଘାତ-ଜନିତ ବେଦନାକୁ ନେଇଯାଇ ମସ୍ତିଷ୍କରେ ପହଞ୍ଚାଇ ଦିଏ ଏବଂ 'ଜ୍ଞାନ' କହିଲେ ବୁଝିବାକୁ ହେବ ମନର ସେହି ପ୍ରତିକ୍ରିୟା, ଯେଉଁଥିରୁ ବିଷୟାନୁଭୂତି ହୁଏ । ଏହି ତିନୋଟି ମିଶ୍ରିତ ହୋଇ ଆମମାନଙ୍କଠ ଇନ୍ଦ୍ରିୟଗୋଚର ବିଷୟଜ୍ଞାନ ଉତ୍ପନ୍ନ ହୁଏ । ମନେକର, ମୁଁ ଗୋଟିଏ ଶବ୍ଦ ଶୁଣିଲି, ପ୍ରଥମେ ବହିର୍ଦେଶରେ ଗୋଟିଏ ସ୍ପନ୍ଦନ ହେଲା, ତାପରେ ଗୋଟିଏ ଅନ୍ତରସଂବେଦନା-ପ୍ରବାହ ଶ୍ରବଣେନ୍ଦ୍ରିୟଦ୍ୱାରା ମନକୁ ନୀତ ହେଲା, ସେତେବେଳେ ମନ ପ୍ରତିଘାତ କଲା ଏବଂ ମୁଁ (ଅର୍ଥ ସହ) ଶବ୍ଦଟି ଜାଣିପାରିଲି । ମୁଁ ଏହି ଯେ ଶବ୍ଦଟି ଶୁଣିଲି, ତାହା ତିନୋଟି ପଦାର୍ଥର ମିଶ୍ରଣ—ପ୍ରଥମେ କମ୍ପନ, ଦ୍ୱିତୀୟ ସଂବେଦନପ୍ରବାହ ଓ ତୃତୀୟ ପ୍ରତିକ୍ରିୟା । ସାଧାରଣତଃ ଏ ତିନୋଟିକୁ ପୃଥକ୍ କରାଯାଏ ନାହିଁ; କିନ୍ତୁ ଅଭ୍ୟାସଦ୍ୱାରା ଯୋଗୀ ସେଗୁଡ଼କୁ ପୃଥକ୍ କରିପାରନ୍ତି । ସାଧକ ଯେତେବେଳେ ଏଗୁଡ଼ିକୁ ପୃଥକ କରିବାର ଶକ୍ତି ଲାଭ କରନ୍ତି, ସେତେବେଳେ ସେ ଯେକୌଣସି ଶବ୍ଦ ଉପରେ 'ସଂଯମ' ପ୍ରୟୋଗ କରନ୍ତି; ଏହି ଶବ୍ଦ ମନୁଷ୍ୟକୃତ ହେଉ ବା ଅନ୍ୟ କୌଣସି ପ୍ରାଣୀକୃତ ହେଉ—ତାହାର ଉଦ୍ଦିଷ୍ଟ ଅର୍ଥ ସେ ତତ୍କ୍ଷଣାତ୍ ବୁଝିପାରନ୍ତି ।

**ସଂସ୍କାରସାକ୍ଷାତ୍କରଣାତ୍ ପୂର୍ବଜାତିଜ୍ଞାନମ୍ ॥୧୮॥**

—ସଂସ୍କାରଗୁଡ଼ିକୁ ଧରିପାରିଲେ ଅର୍ଥାତ୍ ସାକ୍ଷାତ୍‌ଭାବେ ଜାଣିପାରିଲେ ପୂର୍ବଜନ୍ମର ଜ୍ଞାନ ହୁଏ ।

ଆମେମାନେ ଯାହା କିଛି ଅନୁଭବ କରୁ, ସମସ୍ତ ହିଁ ଆମମାନଙ୍କ ଚିତ୍ତରୁ ତରଙ୍ଗାକାରରେ ଆସିଥାଏ । ସେଗୁଡ଼ିକ ପୁଣି ଚିତ୍ତରେ ହିଁ ମିଳେଇଯାଏ, କ୍ରମଶଃ ସୂକ୍ଷ୍ମତର ହେଉଥାଏ, ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ ନାହିଁ । ତାହା ସେଠାରେ ଅତି ସୂକ୍ଷ୍ମ ଆକାରରେ ଥାଏ, ଯଦି ଆମେ ଏହି ତରଙ୍ଗଟିକୁ ପୁନରାୟ ଉତ୍‌ଥିତ କରିପାରୁ, ତାହେଲେ ତାହା ହିଁ 'ସ୍ମୃତି' । ସୁତରାଂ ଯୋଗୀ ଯଦି ମନର ଏହି ସକଳ ପୂର୍ବ ସଂସ୍କାର ଉପରେ 'ସଂଯମ' କରିପାରନ୍ତି, ତେବେ ସେ ତାଙ୍କର ପୂର୍ବବର୍ତ୍ତୀ ସକଳ ଜନ୍ମର କଥା ସ୍ମରଣ କରିପାରିବେ ।

**ପ୍ରତ୍ୟୟସ୍ୟ ପରଚିତ୍ତ-ଜ୍ଞାନମ୍ ॥୧୯॥**

—ଅନ୍ୟ ଲୋକର ଶରୀରରେ ଯେଉଁ ସକଳ ଚିହ୍ନ ଅଛି, ସେଗୁଡ଼ିକରେ ସଂଯମ କଲେ ସେ ବ୍ୟକ୍ତିଙ୍କ ମନର ଭାବ ଜାଣି ହୁଏ ।

ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରରେ ହିଁ କେତେଗୁଡ଼ିଏ ବିଶେଷ ପ୍ରକାରର ଚିହ୍ନ ଅଛି, ତଦ୍ୱାରା ତାହାକୁ ଅପର ବ୍ୟକ୍ତିଠାରୁ ପୃଥକ୍ କରାଯାଏ । ଯେତେବେଳେ ଯୋଗୀ କୌଣସି ବ୍ୟକ୍ତିର ଏହି

ବିଶେଷ ଚିହ୍ନଗୁଡ଼ିକ ଉପରେ 'ସଂଯମ' କରନ୍ତି, ସେତେବେଳେ ସେ ସେହି ବ୍ୟକ୍ତିଙ୍କ ମନର ଗଠନ ବା ଅବସ୍ଥା ଜାଣିପାରନ୍ତି ।

**ନ ଚ ତତ୍ ସାଲମ୍ବନଂ ତସ୍ୟାବିଷୟୀଭୂତତ୍ୱାତ୍ ॥୨୦॥**

—କିନ୍ତୁ ଏହି ଚିତ୍ତର ଅବଲମ୍ବନ କଅଣ, ତାହା ଜାଣିପାରନ୍ତି ନାହିଁ, କାରଣ ତାହା ତାଙ୍କର ସଂଯମର ବିଷୟ ନୁହେଁ ।

ଶରୀର ଉପରେ 'ସଂଯମ' କରି ମନ ଭିତରେ କଅଣ ହେଉଅଛି, ତାହା ସେ ଜାଣିପାରିବେ ନାହିଁ । ସେଥିପାଇଁ ଦୁଇ ଥର 'ସଂଯମ' କରିବା ଦରକାର ହେବ । ପ୍ରଥମେ ଶରୀରର ଲକ୍ଷଣସମୂହ ଉପରେ ଓ ତାପରେ ମନ ଉପରେ ହିଁ ସଂଯମ ପ୍ରୟୋଗ କରିବାକୁ ହେବ । ତାହେଲେ ଯୋଗୀ ସେହି ବ୍ୟକ୍ତିଙ୍କ ମନରେ କଅଣ ଅଛି, ସମସ୍ତ ଜାଣିପାରିବେ ।

**କାୟରୂପସଂଯମାତ୍ତଦ୍‌ଗ୍ରାହ୍ୟଶକ୍ତି–ସ୍ତମ୍ଭେ**
**ଚକ୍ଷୁଃପ୍ରକାଶାଽସମ୍ପ୍ରୟୋଗେଽନ୍ତର୍ଧାନମ୍*॥୨୧॥**

—ଦେହର ଆକୃତି ଉପରେ ସଂଯମ କରି ଏହି ଆକୃତିକୁ ଅନୁଭବ କରିବାର ଶକ୍ତି ସ୍ତମ୍ଭିତ (ବାଧାପ୍ରାପ୍ତ) ହେଲେ ଓ ଚକ୍ଷୁଚ ପ୍ରକାଶ ଶକ୍ତି ସହିତ ତାହାର ଅସଂଯୋଗ ହେଲେ ଯୋଗୀ ଲୋକ ସମକ୍ଷରେ ଅନ୍ତର୍ହିତ ହୋଇପାରନ୍ତି ।

ମନେକର, କୌଣସି ଯୋଗୀ ଏହି ଗୃହମଧ୍ୟରେ ଦଣ୍ଡାୟମାନ ହୋଇଛନ୍ତି; ସେ ଆପାତଦୃଷ୍ଟିରେ ସମସ୍ତଙ୍କ ସମକ୍ଷରେ ଅନ୍ତର୍ହିତ ହୋଇପାରନ୍ତି । ସେ ଯେ ବାସ୍ତବିକ ଅନ୍ତର୍ହିତ ହୁଅନ୍ତି ତାହା ନୁହେଁ, ମାତ୍ର କେହି ତାଙ୍କୁ ଦେଖିପାରିବେ ନାହିଁ । ଶରୀରର ଆକୃତି ଓ ଶରୀର, ଏ ଦୁଇଟିକୁ ସେ ଯେପରି ପୃଥକ୍ କରିପକାନ୍ତି । ଏହା ଯେପରି ସ୍ମରଣ ଥାଏ ଯେ, ଯୋଗୀ ଯେତେବେଳେ ଏପ୍ରକାର ଏକାଗ୍ରତା ଶକ୍ତି ଲାଭ କରନ୍ତି ଯେ ସେ ବସ୍ତୁର ଆକାର ଓ ବସ୍ତୁକୁ ପରସ୍ପର ପୃଥକ୍ କରିପାରନ୍ତି, ସେତେବେଳେ ହିଁ ସେ ଏପରି ଅଦୃଶ୍ୟ ହୋଇପାରନ୍ତି । ଯୋଗୀ ଆକାର ଓ ଏହି ଆକାରବାନ୍ ବସ୍ତୁର ପାର୍ଥକ୍ୟ ଉପରେ ସଂଯମ ପ୍ରୟୋଗ କରନ୍ତି ଏବଂ ଏହି ଆକୃତିକୁ ଅନୁଭବ କରିବାର ଶକ୍ତିକୁ ବାଧା ଦିଅନ୍ତି । ଆକୃତି ଓ ଆକାରବାନ୍ ବସ୍ତୁର ସଂଯୋଗ ହେତୁ ଆମେ ଆକୃତି ଉପଲବ୍‌ଧି କରୁ ।

**ଏତେନ ଶବ୍ଦାଦ୍ୟନ୍ତର୍ଧାନମୁକ୍ତମ୍ ॥୨୨॥**

—ଏହାଦ୍ୱାରା ଶବ୍ଦାଦିର ଅନ୍ତର୍ଦ୍ଧାନ ଅର୍ଥାତ୍ ଶବ୍ଦାଦିକୁ ଅନ୍ୟର ଇନ୍ଦ୍ରିୟଗୋଚର ହେବାକୁ ନ ଦେବା କଥା ବ୍ୟାଖ୍ୟା କରାହେଲା ।

**—ସୋପକ୍ରମଂ ନିରୁପକ୍ରମଞ୍ଚ କର୍ମ ତତ୍‌ସଂଯମାଦ –**
**ପରାନ୍ତଜ୍ଞାନମରିଷ୍ଟେଭ୍ୟୋ ବା ॥ ୨୩ ॥**

—କର୍ମ ଦୁଇ ପ୍ରକାର, ଗୋଟିଏ ପ୍ରକାରର ଫଳ ଶୀଘ୍ର ଲାଭ ହେବ, ଅନ୍ୟ ପ୍ରକାର ବିଳମ୍ବରେ ଫଳ ପ୍ରସବ କରିବ । ଏଗୁଡ଼ିକ ଉପରେ ସଂଯମ କଲେ ଅଥବା ଅରିଷ୍ଟ–ନାମକ ମୃତ୍ୟୁ ଲକ୍ଷଣସମୂହ ଉପରେ ସଂଯମ ପ୍ରୟୋଗ କଲେ ଯୋଗୀମାନେ ଦେହତ୍ୟାଗର ସଠିକ୍ ସମୟ ଅବଗତ ହୋଇପାରନ୍ତି ।

---

* ପାଠାନ୍ତର—ଚକ୍ଷୁଃପ୍ରକାଶାସଂଯୋଗେଽନ୍ତର୍ଧାନମ୍ ।

ଯେତେବେଳେ ଯୋଗୀ ତାଙ୍କ ନିଜ କର୍ମ ଉପରେ ଅର୍ଥାତ୍ ତାଙ୍କ ମନ ଭିତରେ ଯେଉଁ ସଂସ୍କାରଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇଅଛି ତାହାଦ୍ୱାରା ଓ ସେଗୁଡ଼ିକ କେବେ ଫଳ ପ୍ରସବ ପାଇଁ ଅପେକ୍ଷା କରୁଅଛନ୍ତି, ସେଗୁଡ଼ିକ ଉପରେ ସଂଯମ ପ୍ରୟୋଗ କରନ୍ତି, ସେତେବେଳେ ସେ ଯେଉଁଗୁଡ଼ିକ ଫଳପ୍ରସବ ପାଇଁ ଅପେକ୍ଷା କରୁଛନ୍ତି, ସେଗୁଡ଼ିକଦ୍ୱାରା ଜାଣିପାରନ୍ତି—କେବେ ତାଙ୍କର ଶରୀରପାତ ହେବ । କେଉଁ ଦିନ, କେତେଟା ସମୟରେ, ଏପରିକି କେତେ ମିନିଟରେ ମୃତ୍ୟୁ ହେବ, ସେକଥା ମଧ୍ୟ ସେ ଜାଣିପାରନ୍ତି । ମୃତ୍ୟୁ ଯେ ସର୍ବଦା ଆସନ୍ନ—ଏହା ଜାଣିବା ହିନ୍ଦୁମାନେ ବିଶେଷ ପ୍ରୟୋଜନୀୟ ମନେକରନ୍ତି; କାରଣ ଗୀତାରେ ଏହା ଶିକ୍ଷା ଦିଆଯାଇଅଛି ଯେ, ମୃତ୍ୟୁକାଳୀନ ଚିନ୍ତା ପରବର୍ତ୍ତୀ-ଜୀବନ ନିୟନ୍ତ୍ରିତ କରିବା ପକ୍ଷରେ ବିଶେଷ ଶକ୍ତିଶାଳୀ ।

**ମୈତ୍ର୍ୟାଦିଷୁ ବଳାନି ॥୨୪॥**

—ମୈତ୍ରୀ, କରୁଣା ଇତ୍ୟାଦି (୧।୩୩) ଗୁଣଗୁଡ଼ିକ ଉପରେ ସଂଯମ ପ୍ରୟୋଗ କଲେ ଯୋଗୀ ଏହି ଗୁଣଗୁଡ଼ିକର ଉତ୍କର୍ଷତା ଲାଭ କରନ୍ତି ।

**ବଳେଷୁ ହସ୍ତିବଳାଦୀନି ॥୨୫॥**

—ହସ୍ତୀ ପ୍ରଭୃତିଙ୍କ ବଳ ଉପରେ ସଂଯମ ପ୍ରୟୋଗ କଲେ ଯୋଗୀର ଶରୀରରେ ସେହି ସେହି ପ୍ରାଣୀର ବଳ ଆସେ ।

ଯେତେବେଳେ ଯୋଗୀ ଏହି ସଂଯମଶକ୍ତି ଲାଭ କରନ୍ତି, ସେତେବେଳେ ସେ ଯଦି ବଳଲାଭ କରିବାକୁ ଇଚ୍ଛା କରନ୍ତି ଏବଂ ହସ୍ତୀର ବଳ ଉପରେ ସଂଯମ ପ୍ରୟୋଗ କରନ୍ତି, ତେବେ ତାହା ହିଁ ଲାଭ କରିଥାଆନ୍ତି । ପ୍ରତ୍ୟେକ ବ୍ୟକ୍ତି ଭିତରେ ହିଁ ଅନନ୍ତ ଶକ୍ତି ରହିଅଛି; ସେ ଯଦି ଉପାୟ ଜାଣେ ତେବେ ଏହି ଶକ୍ତିକୁ ଇଚ୍ଛାନୁସାରେ ବ୍ୟବହାର ମଧ୍ୟ କରିପାରେ । ଯୋଗୀ ତାହା ଲାଭ କରିବାର ବିଜ୍ଞାନ ଆବିଷ୍କାର କରିଛନ୍ତି ।

**ପ୍ରବୃତ୍ତ୍ୟାଲୋକନ୍ୟାସତ୍ ସୂକ୍ଷ୍ମ ବ୍ୟବହିତ ବିପ୍ରକୃଷ୍ଟଜ୍ଞାନମ୍ ॥୨୬॥**

—(ପୂର୍ବକଥିତ) ମହାଜ୍ୟୋତି (୧।୩୬) ଉପରେ ସଂଯମ କଲେ ସୂକ୍ଷ୍ମ, ବ୍ୟବହିତ ଓ ଦୂରବର୍ତ୍ତୀ ବସ୍ତୁର ଜ୍ଞାନ ହୋଇଥାଏ ।

ହୃଦୟରେ ଯେଉଁ ମହାଜ୍ୟୋତି ଅଛି, ତା' ଉପରେ ସଂଯମ କଲେ ଅତି ଦୂରବର୍ତ୍ତୀ ବସ୍ତୁ ମଧ୍ୟ ସେ ଦେଖିପାରନ୍ତି । ଯଦି କୌଣସି ବସ୍ତୁ ପାହାଡ଼ର ଆଢୁଆଳରେ ଥାଏ, ତାହା ଏବଂ ଅତି ସୂକ୍ଷ୍ମ ସୂକ୍ଷ୍ମ ବସ୍ତୁ ମଧ୍ୟ ସେ ଦେଖିପାରନ୍ତି ।

**ଭୁବନଜ୍ଞାନଂ ସୂର୍ଯ୍ୟ ସଂଯମାତ୍ ॥୨୭॥**

—ସୂର୍ଯ୍ୟଙ୍କଠାରେ ସଂଯମଦ୍ୱାରା ସମଗ୍ର ଜଗତର ଜ୍ଞାନଲାଭ ହୁଏ ।

**ଚନ୍ଦ୍ରେ ତାରାବ୍ୟୂହଜ୍ଞାନମ୍ ॥୨୮॥**

—ଚନ୍ଦ୍ରରେ ସଂଯମ କଲେ ତାରକାସମୂହର ଜ୍ଞାନଲାଭ ହୁଏ ।

**ଧ୍ରୁବେ ତଦ୍‌ଗତିଜ୍ଞାନମ୍ ॥୨୯॥**

—ଧ୍ରୁବ ତାରାରେ ଚିତ୍ତସଂଯମ କଲେ ତାରାସମୂହର ଗତିଜ୍ଞାନ ହୁଏ ।

**ନାଭିଚକ୍ରେ କାୟବ୍ୟୂହ-ଜ୍ଞାନମ୍ ॥୩୦॥**

—ନାଭିଚକ୍ରରେ ଚିତ୍ତସଂଯମ କଲେ ଶରୀରର ଗଠନ ଜଣାଯାଏ ।

**କଣ୍ଠକୂପେ କ୍ଷୁତ୍ ପିପାସାନିବୃତ୍ତିଃ ॥୩୧॥**

—କଣ୍ଠକୂପରେ ସଂଯମ କଲେ କ୍ଷୁତ୍‌ପିପାସା ନିବୃତ୍ତ ହୁଏ ।

ଅତିଶୟ କ୍ଷୁଧିତ ବ୍ୟକ୍ତି ଯଦି କଣ୍ଠକୂପରେ ଚିତ୍ତସଂଯମ କରିପାରନ୍ତି, ତେବେ ତାଙ୍କର କ୍ଷୁଧା ଓ ପିପାସାର ନିବୃତ୍ତି ହୁଏ ।

**କୂର୍ମନାଡ଼୍ୟାଂ ସ୍ଥୈର୍ଯ୍ୟମ୍ ॥୩୨॥**

—କୂର୍ମନାଡ଼ୀରେ ଚିତ୍ତସଂଯମ କଲେ ଶରୀରର ସ୍ଥିରତା ଆସେ ।

ଯେତେବେଳେ ସେ ସାଧନା କରନ୍ତି, ସେତେବେଳେ ତାଙ୍କ ଶରୀର ଚଞ୍ଚଳ ହୁଏ ନାହିଁ ।

**ମୂର୍ଧଜ୍ୟୋତିଷି ସିଦ୍ଧଦର୍ଶନମ୍ ॥୩୩॥**

—ମସ୍ତିଷ୍କର ଜ୍ୟୋତି ଉପରେ ସଂଯମକଲେ ସିଦ୍ଧପୁରୁଷମାନଙ୍କର ଦର୍ଶନଲାଭ ହୁଏ ।

ସିଦ୍ଧଗଣ ଭୂତଯୋନି ଅପେକ୍ଷା କିଞ୍ଚିତ ଉଚ୍ଚସ୍ତରର । ଯୋଗୀ ଯେତେବେଳେ ତାଙ୍କ ମସ୍ତକର ଉପରିଭାଗରେ ମନସଂଯମ କରନ୍ତି, ସେତେବେଳେ ସେ ଏହି ସିଦ୍ଧଗଣଙ୍କର ଦର୍ଶନ ପାଆନ୍ତି । ଏଠାରେ 'ସିଦ୍ଧ' ଶବ୍ଦ ମୁକ୍ତପୁରୁଷଙ୍କୁ ବୁଝାଉ ନାହିଁ, ଯଦିଓ ସଚରାଚର ତାହା ଏହି ଅର୍ଥରେ ବ୍ୟବହୃତ ହୋଇଥାଏ ।

**ପ୍ରାତିଭାଦ୍ବା ସର୍ବମ୍ ॥୩୪॥**

—ଅଥବା ପ୍ରତିଭା-ଶକ୍ତିଦ୍ୱାରା ସମଗ୍ର ଜ୍ଞାନ ଲାଭ ହୁଏ ।

ଯେଉଁମାନଙ୍କର ଏହିପରି ପ୍ରତିଭା-ଶକ୍ତି ଅର୍ଥାତ୍ ପବିତ୍ରତାଦ୍ୱାରା ଲବ୍‌ଧ ଜ୍ଞାନ-ବିଶେଷ ଅଛି, (ପୂର୍ବୋକ୍ତ) କୌଣସି ପ୍ରକାର ସଂଯମ ବ୍ୟତୀତ ହିଁ ସେମାନେ ଏହି ସମଗ୍ର ଜ୍ଞାନର ଅଧିକାରୀ ହୁଅନ୍ତି । ଯେତେବେଳେ ମନୁଷ୍ୟ ଉଚ୍ଚ ପ୍ରତିଭା ଶକ୍ତି ଲାଭ କରନ୍ତି, ସେତେବେଳେ ହିଁ ସେ ଏହି ମହା ଆଲୋକ ପ୍ରାପ୍ତ ହୁଅନ୍ତି । ତାହାଙ୍କ ନିକଟରେ ସବୁକିଛି ସ୍ପଷ୍ଟ ହୋଇଯାଏ । କୌଣସି ପ୍ରକାର ସଂଯମ ବ୍ୟତୀତ ସମଗ୍ର ଜ୍ଞାନ ଆପଣାଛାଏଁ ତାଙ୍କଠାରେ ପ୍ରକାଶିତ ହୁଏ ।

**ହୃଦୟେ ଚିତ୍ତ-ସମ୍ବିଦ୍ ॥୩୫॥**

—ହୃଦୟରେ ଚିତ୍ତସଂଯମ କଲେ ମନୋବିଷୟକ ଜ୍ଞାନ ଲାଭ ହୁଏ ।

**ସତ୍ତ୍ୱପୁରୁଷୟୋରତ୍ୟନ୍ତାସଂକୀର୍ଣ୍ଣୟୋଃ ପ୍ରତ୍ୟୟାବିଶେଷାଦ୍**
**ଭୋଗଃ ପରାର୍ଥତ୍ୱାଦନ୍ୟସ୍ୱାର୍ଥସଂଯମାଦ୍ ପୁରୁଷଜ୍ଞାନମ୍ ॥୩୬॥**

—ପୁରୁଷ ଓ ବୁଦ୍ଧି ମଧ୍ୟରେ ବିବେକର ଅଭାବ ହେତୁ ଭୋଗ ହୋଇଥାଏ । ସେହି ଭୋଗ ପରାର୍ଥ ଅର୍ଥାତ୍ ଅପରର ବା ପୁରୁଷ ପାଇଁ । ବୁଦ୍ଧିର ଅନ୍ୟ ଏକ ଅବସ୍ଥାର ନାମ 'ସ୍ୱାର୍ଥ'; ତା' ଉପରେ ସଂଯମ କଲେ ପୁରୁଷର ଜ୍ଞାନ ହୁଏ ।

ପୁରୁଷ ଓ ବୁଦ୍ଧି ପ୍ରକୃତପକ୍ଷେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର; ତାହା ହେଲେ ମଧ୍ୟ ବୁଦ୍ଧିରେ ପ୍ରତିବିମ୍ବିତ ହୋଇ ତାହା ସହିତ ନିଜକୁ ଅଭେଦଭାବାପନ୍ନ ମନେକରେ ଏବଂ ସେଥିରେ ହିଁ ନିଜକୁ ସୁଖୀ ବା ଦୁଃଖୀ ବୋଧ କରିଥାଏ । ବୁଦ୍ଧିର ଏହି ଅବସ୍ଥାକୁ 'ପରାର୍ଥ' କହନ୍ତି, କାରଣ ତାହାର ସମସ୍ତ ଭୋଗ ନିଜ ପାଇଁ ନୁହେଁ—ପୁରୁଷ ପାଇଁ । ଏତଦ୍‌ବ୍ୟତୀତ ବୁଦ୍ଧିର ଅନ୍ୟ ଏକ ଅବସ୍ଥା ଅଛି—ତାହାର ନାମ 'ସ୍ୱାର୍ଥ' । ଯେତେବେଳେ ବୁଦ୍ଧି ସତ୍ତ୍ୱ ପ୍ରଧାନ ହୋଇ ଅତିଶୟ ନିର୍ମଳ ହୁଏ, ସେତେବେଳେ ସେଥିରେ ପୁରୁଷ ବିଶେଷଭାବେ ପ୍ରତିବିମ୍ବିତ ହୁଅନ୍ତି ଏବଂ ସେହି ବୁଦ୍ଧି ଅନ୍ତର୍ମୁଖୀ ହୋଇ ପୁରୁଷମାତ୍ରାବଲମ୍ବନ ହୁଏ । ସେହି ସ୍ୱାର୍ଥ-ନାମକ ବୁଦ୍ଧିରେ ସଂଯମ କଲେ ପୁରୁଷର ଜ୍ଞାନ ହୁଏ । ପୁରୁଷମାତ୍ରବଲମ୍ବନ ବୁଦ୍ଧିରେ ସଂଯମ କରିବାକୁ କହିବାର ଉଦ୍ଦେଶ୍ୟ ଏହି ଯେ ଶୁଦ୍ଧ

ପୁରୁଷ ଜ୍ଞାତା ହୋଇଥିବାରୁ କେବେହେଲେ ଜ୍ଞାନର ବିଷୟ ହୋଇପାରେ ନାହିଁ ।

**ତତଃ ପ୍ରାତିଭଶ୍ରାବଣବେଦନାଦର୍ଶାସ୍ୱାଦବାର୍ତା ଜାୟନ୍ତେ ॥୩୭॥**

—ସେଥିରୁ ପ୍ରାତିଭ* (ଅଲୌକିକ) ଶ୍ରବଣ, ସ୍ପର୍ଶ, ଦର୍ଶନ, ସ୍ୱାଦ ଓ ଘ୍ରାଣ ଉତ୍ପନ୍ନ ହୁଏ ।

**ତେ ସମାଧାବୁପସର୍ଗା ବ୍ୟୁତ୍‌ଥାନେ ସିଦ୍ଧୟଃ ॥୩୮॥**

—ଏମାନେ ସମାଧି ପଥରେ ବାଧା; କିନ୍ତୁ ସଂସାର-ଅବସ୍ଥାରେ ସେମାନେ ସିଦ୍ଧିସ୍ୱରୂପ ।

ଯୋଗୀ ଜାଣନ୍ତି, ସଂସାରରେ ଏହି ସମସ୍ତ ଭୋଗ ପୁରୁଷ ଓ ମନର ଯୋଗ ହେତୁ ହୋଇଥାଏ । ଯଦି ସେ 'ଆତ୍ମା ଓ ପ୍ରକୃତି ପରସ୍ପର ପୃଥକ୍ ବସ୍ତୁ' ଏହି ସତ୍ୟ ଉପରେ ଚିତ୍ତସଂଯମ କରିପାରନ୍ତି, ତେବେ ସେ 'ପୁରୁଷଙ୍କର' ଜ୍ଞାନ ଲାଭ କରନ୍ତି । ସେଥିରୁ ବିବେକ ଜ୍ଞାନ ଉଦିତ ହୁଏ । ଯେତେବେଳେ ସେ ଏହି 'ବିବେକ'-ଲାଭରେ କୃତକାର୍ଯ୍ୟ ହୁଅନ୍ତି, ସେତେବେଳେ ତାଙ୍କର ପ୍ରାତିଭ ବା ଦିବ୍ୟଜ୍ଞାନ ଲାଭ ହୁଏ । କିନ୍ତୁ ଏହି ଶକ୍ତିସମୁଦୟ ସେହି ଉଚ୍ଚତମ ଲକ୍ଷ୍ୟ ପଥରେ ବାଧା ଅର୍ଥାତ୍ ସେହି ପବିତ୍ର ଆତ୍ମାର ଜ୍ଞାନର ଓ ମୁକ୍ତିର ପ୍ରତବନ୍ଧକସ୍ୱରୂପ । ପଥରେ ଯାଉଯାଉ ଯେପରି ସେଗୁଡ଼ିକ ସହିତ ସାକ୍ଷାତ୍ ହୁଏ । ଯୋଗୀ ଯଦି ଏଗୁଡ଼ିକୁ ପରିତ୍ୟାଗ କରନ୍ତି ତେବେ ସେ ସେହି ଉଚ୍ଚତମ ଜ୍ଞାନ ଲାଭ କରିପାରନ୍ତି । ଯଦି ସେ ଏହି ଶକ୍ତିଗୁଡ଼ିକ ଲାଭ କରିବା ପାଇଁ ପ୍ରଲୁବ୍‌ଧ ହୁଅନ୍ତି, ତେବେ ତାଙ୍କର ଅଗ୍ରଗତି ବ୍ୟାହତ ହୁଏ ।

**ବନ୍ଧକାରଣଶୈଥିଲ୍ୟାତ୍ ପ୍ରଚାରସଂବେଦନାଚ୍ଚ .**
**ଚିତ୍ତସ୍ୟ ପରଶରୀରାବେଶଃ ॥୩୯॥**

—ଯେତେବେଳେ ଚିତ୍ତର ବନ୍ଧନର କାରଣ ଶିଥିଳ ହୋଇଯାଏ ଓ ଚିତ୍ତର ପ୍ରଚାର-ସ୍ଥାନଗୁଡ଼ିକ (ଅର୍ଥାତ୍ ଶରୀରସ୍ଥ ନାଡ଼ୀସମୂହକୁ) ଅବଗତ ହୁଅନ୍ତି, ସେତେବେଳେ ସେ ଅନ୍ୟର ଶରୀର ମଧ୍ୟରେ ପ୍ରବେଶ କରିପାରନ୍ତି ।

ଯୋଗୀ ଅନ୍ୟ ଏକ ଦେହରେ ଅବସ୍ଥାନ କରି ସେହି ଦେହରେ କ୍ରିୟାଶୀଳ ରହିଲେ ମଧ୍ୟ କୌଣସି ମୃତ ଦେହରେ ପ୍ରବେଶ କରି ତାହାକୁ ଜାଗ୍ରତ କରି ଗତିଶୀଳ କରିପାରନ୍ତି । ଅଥବା ସେ କୌଣସି ଜୀବିତ ଶରୀର ମଧ୍ୟରେ ପ୍ରବେଶ କରି ସେହି ଦେହସ୍ଥ ମନ ଓ ଇନ୍ଦ୍ରିୟଗଣଙ୍କୁ ରୁଦ୍ଧ କରି ସାମୟିକଭାବେ ସେହି ଶରୀର ମଧ୍ୟ ଦେଇ କାର୍ଯ୍ୟ କରିପାରନ୍ତି । ପ୍ରକୃତି ଓ ପୁରୁଷର ବିବେକଜ୍ଞାନ ଲାଭ କଲେ ତାଙ୍କ ପକ୍ଷରେ ଏହା ସମ୍ଭବ ହୋଇପାରେ । ସେ ଅନ୍ୟ ଶରୀରରେ ପ୍ରବେଶ କରିବାକୁ ଇଚ୍ଛା କଲେ ସେହି ଶରୀରରେ 'ସଂଯମ' ପ୍ରୟୋଗ କଲେ ହିଁ ଏହା ସିଦ୍ଧ ହେବ, କାରଣ ତାଙ୍କର ଆତ୍ମା କେବଳ ସର୍ବବ୍ୟାପୀ ତାହା ନୁହେଁ, ତାଙ୍କର ମନ ମଧ୍ୟ ସର୍ବବ୍ୟାପୀ--ଅବଶ୍ୟ ଯୋଗୀଗଣଙ୍କ ମତରେ । ତାହା ସେହି ସର୍ବବ୍ୟାପୀ ମନର ଏକ ଅଂଶ ମାତ୍ର । ବର୍ତ୍ତମାନ କିନ୍ତୁ ତାହା କେବଳ ଏହି ଶରୀରର ସ୍ନାୟୁମଣ୍ଡଳୀ ମଧ୍ୟଦେଇ କାର୍ଯ୍ୟ କରିପାରେ; କିନ୍ତୁ ଯୋଗୀ ଯେତେବେଳେ ସ୍ନାୟବୀୟ ପ୍ରବାହଗୁଡ଼ିକରୁ ନିଜକୁ ମୁକ୍ତ କରିପାରନ୍ତି, ସେତେବେଳେ ସେ ଅନ୍ୟାନ୍ୟ ବସ୍ତୁ ବା ଶରୀରଦ୍ୱାରା ମଧ୍ୟ କାର୍ଯ୍ୟ କରିପାରନ୍ତି ।

**ଉଦାନଜୟାଜ୍ଜଳ-ପଙ୍କ-କଣ୍ଟକାଦିଷ୍ୱସଙ୍ଗ ଉତ୍‌କ୍ରାନ୍ତିଶ୍ଚ ॥୪୦॥**

—ଉଦାନ ନାମକ ସ୍ନାୟୁପ୍ରବାହ ଜୟ କରିପାରିଲେ ଯୋଗୀ ଜଳରେ ବା ପଙ୍କରେ ମଗ୍ନ ହୁଅନ୍ତି ନାହିଁ, ସେ କଣ୍ଟକ ଉପରେ ଭ୍ରମଣ କରିପାରନ୍ତି ଓ ଇଚ୍ଛାମୃତ୍ୟୁ ଲାଭ କରନ୍ତି ।

* ପ୍ରାତିଭାତ

'ଉଦାନ' ନାମକ ଯେଉଁ ସ୍ନାୟବୀୟ ଶକ୍ତିପ୍ରବାହ ଫୁସ୍‌ଫୁସ୍ ଓ ଶରୀର ଉପରିସ୍ଥ ସମଗ୍ର ଅଂଶକୁ ନିୟମିତ କରେ, ଯୋଗୀ ଯେତେବେଳେ ତାହା ଜୟ କରିପାରନ୍ତି, ସେତେବେଳେ ସେ ଅତିଶୟ ଲଘୁ ହୋଇଯାଆନ୍ତି । ସେ ଆଉ ଜଳରେ ମଗ୍ନ ହୁଅନ୍ତି ନାହିଁ । କଣ୍ଟକ ଉପରେ ଓ ତରବାରି-ଧାର ଉପରେ ଅନାୟାସରେ ଚାଲିପାରନ୍ତି, ଅଗ୍ନି ମଧ୍ୟରେ ଦଣ୍ଡାୟମାନ ରହିପାରନ୍ତି ଏବଂ ଇଚ୍ଛା ମାତ୍ରେ ଏହି ଶରୀର ତ୍ୟାଗ କରିପାରନ୍ତି ।

**ସମାନଜୟାତ୍ ପ୍ରଜ୍ୱଳନମ୍ ॥ ୪୧ ॥**

—ସମାନ-ପ୍ରବାହକୁ ଜୟ କଲେ ସେ ଜ୍ୟୋତିଃଦ୍ୱାରା ବେଷ୍ଟିତ ହୋଇ ରହନ୍ତି ।

ଏ ଅବସ୍ଥାରେ ସେ ଯେତେବେଳେ ଇଚ୍ଛା କରନ୍ତି, ସେତେବେଳେ ହିଁ ତାଙ୍କ ଶରୀରରୁ ଜ୍ୟୋତିଃ ନିର୍ଗତ ହୁଏ ।

**ଶ୍ରୋତ୍ରାକାଶୟୋଃ ସମ୍ବନ୍ଧସଂୟମାଦ୍ଦିବ୍ୟଂ ଶ୍ରୋତ୍ରମ୍ ॥ ୪୨ ॥**

—କର୍ଣ୍ଣ ଓ ଆକାଶର ପରସ୍ପର ଯେଉଁ ସମ୍ବନ୍ଧ ଅଛି, ତା'ଉପରେ ସଂୟମ କଲେ ଦିବ୍ୟ ଶ୍ରବଣଶକ୍ତି ଲାଭ ହୁଏ ।

ଏହି ଆକାଶ (ଇଥର) ଓ ତାହାକୁ ଅନୁଭବ କରିବାର ଯନ୍ତ୍ରସ୍ୱରୂପ କର୍ଣ୍ଣ ରହିଅଛି । ଏଗୁଡ଼ିକ ଉପରେ ସଂଯମ କଲେ ଯୋଗୀ ଦିବ୍ୟ ଶ୍ରବଣଶକ୍ତି ଲାଭ କରନ୍ତି । ସେତେବେଳେ ସେ ସମଗ୍ର ଶବ୍ଦ ଶୁଣିପାରନ୍ତି । ବହୁ ଦୂରସ୍ଥ କୌଣସି କଥାବାର୍ତ୍ତା ବା ଶବ୍ଦ ହେଲେ ତାହା ମଧ୍ୟ ସେ ଶୁଣିପାରନ୍ତି ।

**କାୟାକାଶୟୋଃ ସମ୍ବନ୍ଧସଂୟମାଲ୍ଲଘୁତୂଳସମାପତ୍ତେଶ୍ଚାକାଶ ଗମନମ୍ ॥୪୩॥**

—ଶରୀର ଓ ଆକାଶର ସମ୍ବନ୍ଧ ଉପରେ ଚିତ୍ତ-ସଂଯମ କରି ଏବଂ ତୂଳା ପ୍ରଭୃତି ତୁଲ୍ୟ ନିଜକୁ ଲଘୁ ଭାବନା କରି ଯୋଗୀ ଆକାଶ ମଧ୍ୟ ଦେଇ ଗମନ କରିପାରନ୍ତି ।

ଆକାଶ ହିଁ ଏହି ଶରୀରର ଉପାଦାନ; ଆକାଶ ହିଁ ଏକ ବିଶେଷ ରୂପରେ ଏହି ଶରୀର ହୋଇଅଛି । ଯଦି ଯୋଗୀ ଶରୀରର ଉପାଦାନ ଏହି ଆକାଶ-ଧାତୁ ଉପରେ ସଂଯମ ପ୍ରୟୋଗ କରନ୍ତି, ତେବେ ସେ ଆକାଶ ପରି ଲଘୁତାପ୍ରାପ୍ତ ହୁଅନ୍ତି ଓ ବାୟୁ ମଧ୍ୟ ଦେଇ ଯେଉଁଠାକୁ ଇଚ୍ଛା ଯାଇପାରନ୍ତି ।

**ବହିରକଳ୍ପିତା ବୃତ୍ତିର୍ମହାବିଦେହା ତତଃ ପ୍ରକାଶାବରଣକ୍ଷୟଃ ॥୪୪॥**

—ଦେହ ବାହାରେ ମନର ଯେଉଁ 'ଯଥାର୍ଥ ବୃତ୍ତି' ଅର୍ଥାତ୍ ମନର ଧାରଣା, ତାହାର ନାମ 'ମହାବିଦେହ'; ତା' ଉପରେ ସଂଯମ ପ୍ରୟୋଗ କଲେ ପ୍ରକାଶର ଯେଉଁ ଆବରଣ, ତାହା କ୍ଷୟ ହୋଇଯାଏ ।

ମନ ଅଜ୍ଞତାବଶତଃ ବିବେଚନା କରେ ଯେ ସେ ଏହି ଦେହ ମଧ୍ୟ ଦେଇ କାର୍ଯ୍ୟ କରୁଅଛି । ଯଦି ମନ ସର୍ବବ୍ୟାପୀ ହୁଏ, ତେବେ ମୁଁ କେବଳ ଏକ ପ୍ରକାର ସ୍ନାୟୁମଣ୍ଡଳୀଦ୍ୱାରା ଆବଦ୍ଧ ରହିବି କାହିଁକି, ଅଥବା ଏହି ଅହଂକୁ ଗୋଟିଏ ଶରୀରରେ ହିଁ ଆବଦ୍ଧ କରି ରଖିବି କାହିଁକି? ଏହାର ତ କୌଣସି ଯୁକ୍ତି ଦେଖିବାକୁ ମିଳେ ନାହିଁ । ଯୋଗୀ ଚାହାଁନ୍ତି, ଯେଉଁଠାରେ ଇଚ୍ଛା ସେଠାରେ ଏହି 'ଅହଂଭାବ (ମୁଁ ତ୍ୱ) ଅନୁଭବ କରିବେ । ଅହଂଭାବ ଚାଲିଯାଇ ଯେଉଁ ମାନସିକ ବୃତ୍ତିପ୍ରବାହ ଏହି ଦେହରେ ଜାଗ୍ରତ ହୁଏ, ତାହାକୁ 'ଅକଳ୍ପିତା ବୃତ୍ତି' ବା 'ମହାବିଦେହ' କହନ୍ତି । ଯେତେବେଳେ ସେ ତାହା ଉପରେ 'ସଂଯମ' କରିପାରନ୍ତି, ସେତେବେଳେ ପ୍ରକାଶର ସକଳ

ଆବରଣ ଚାଲିଯାଏ ଏବଂ ସମଗ୍ର ଅନ୍ଧକାର ଓ ଅଜ୍ଞାନ ଦୂରୀଭୂତ ହୁଏ, ସମସ୍ତ ହିଁ ତାଙ୍କ ନିକଟରେ ପଞ୍ଚ ଭୂତଙ୍କୁ —ଚୈତନ୍ୟମୟ ବୋଲି ବୋଧ ହୁଏ ।

**ସ୍ଥୂଳ ସ୍ୱରୂପ–ସୂକ୍ଷ୍ମାନ୍ୱୟାର୍ଥବତ୍ତ୍ୱ–ସଂୟମାଦଭୂତଜୟଃ ॥୪୫॥**

—ଭୂତଗଣଙ୍କ ସ୍ଥୂଳସ୍ୱରୂପ, ସୂକ୍ଷ୍ମ, ଅନ୍ୱୟ ଓ ଅର୍ଥବତ୍ତ୍ୱ —ଏହି କେତୋଟି ଉପରେ ସଂଯମ କଲେ ଜୟ କରାହୁଏ ।*

ଯୋଗୀ ସମଗ୍ର ଭୂତ ଉପରେ ସଂୟମ କରନ୍ତି, ପ୍ରଥମେ ସ୍ଥୂଳଭୂତ ଉପରେ, ତା'ପରେ ତାହାର ସୂକ୍ଷ୍ମ ଅବସ୍ଥା ଉପରେ 'ସଂୟମ' କରନ୍ତି । ଏକ ସମ୍ପ୍ରଦାୟର ବୌଦ୍ଧଗଣ ଏହି ସଂୟମଟିକୁ ବିଶେଷଭାବେ ଗ୍ରହଣ କରିଥାଆନ୍ତି । ଗୋଟିଏ ମାଟିର ପିଣ୍ଡୁଳା ନେଇ ତାହା ଉପରେ ସେମାନେ ସଂୟମ ପ୍ରୟୋଗ କରନ୍ତି; କ୍ରମଶଃ ତାହା ଯେଉଁ ସକଳ ସୂକ୍ଷ୍ମଭୂତରେ କଥା ଦେଖିବାକୁ ଆରମ୍ଭ କରନ୍ତି । ଯେତେବେଳେ ସେମାନେ ଏହି ସୂକ୍ଷ୍ମଭୂତରେ ନିର୍ମିତ, ତାହା ଜାଣିପାରନ୍ତି, ସେତେବେଳେ ହିଁ ସେମାନେ ଏହି ଭୂତ ଉପରେ ଶକ୍ତିଲାଭ କରନ୍ତି । ସମଗ୍ର ଭୂତ ପକ୍ଷରେ ହିଁ ଏହିପରି ବୁଝିବାକୁ ହେବ । ଯୋଗୀ ଏଗୁଡ଼ିକ ସମସ୍ତ ହିଁ ଜୟ କରିପାରନ୍ତି ।

**ତତୋଽଣିମାଦି–ପ୍ରାଦୁର୍ଭାବଃ କାୟସମ୍ପତ୍ତଦ୍‌ଧର୍ମାନଭିଘାତଶ୍ଚ ॥ ୪୬ ॥**

—ସେଥିରୁ ହିଁ ଅଣିମା ଇତ୍ୟାଦି ସିଦ୍ଧିର ଆବିର୍ଭାବ ହୁଏ, କାୟସମ୍ପଦ୍ ଲାଭ ହୁଏ ଓ ସମସ୍ତ ଶାରୀରିକ ଧର୍ମର ଅନଭିଘାତ ହୁଏ, (ଅର୍ଥାତ୍ ଧ୍ୱଂସ ହୁଏ ନାହିଁ) ।

ଏହାର ଅର୍ଥ ଏହି ଯେ, ଯୋଗୀ ଅଷ୍ଟସିଦ୍ଧି** ଲାଭ କରନ୍ତି । ସେ ନିଜକୁ ଇଚ୍ଛାନୁସାରେ 'ଅଣୁ' କରିପାରନ୍ତି, ଖୁବ୍ ବୃହତ୍ କରିପାରନ୍ତି, ପୃଥିବୀ ପରି ଗୁରୁ ଓ ବାୟୁପରି ଲଘୁ କରିପାରନ୍ତି, ଯାହା ଉପରେ ଇଚ୍ଛା ପ୍ରଭୁତ୍ୱ କରିପାରନ୍ତି, ଯାହା ଇଚ୍ଛା ତାହା ହିଁ ଜୟ କରିପାରନ୍ତି, ତାଙ୍କ ଇଚ୍ଛାରେ ସିଂହ ତାଙ୍କ ପଦ ତଳେ ମେଷପରି ଶାନ୍ତଭାବରେ ବସି ରହିବ ଓ ତାଙ୍କର ସମସ୍ତ ବାସନା ହିଁ ତାଙ୍କର ଇଚ୍ଛାନୁସାରେ ପରିପୂର୍ଣ୍ଣ ହେବ ।

**ରୂପ–ଲାବଣ୍ୟ–ବଳ ବଜ୍ରସଂହନନତ୍ୱାନି କାୟସମ୍ପଦ୍ ॥୪୭॥**

—କାୟସମ୍ପଦ୍ କହିଲେ ସୌନ୍ଦର୍ଯ୍ୟ, ସୁନ୍ଦର ଅଙ୍ଗକାନ୍ତି, ବଳ ଓ ବଜ୍ରବତ୍ ଦୃଢ଼ତା ବୁଝାଏ ।

ସେତେବେଳେ ଶରୀର ଅବିନାଶୀ ହୋଇଯାଏ, କେହି ତାହାର କୌଣସି କ୍ଷତି କରିପାରେ ନାହିଁ । ଯୋଗୀ ଯଦି ଇଚ୍ଛା ନ କରନ୍ତି, ତେବେ କିଛି ତାଙ୍କ ଶରୀରକୁ ବିନାଶ କରିପାରେ ନାହିଁ; କାଳଦଣ୍ଡ ଭଙ୍ଗ କରି ସେ ଏହି ଜଗତରେ ସଶରୀରରେ ବାସ କରନ୍ତି । ବେଦରେ ଲିଖିତ ଅଛି, ସେହି ବ୍ୟକ୍ତିଙ୍କର ରୋଗ, ମୃତ୍ୟୁ ଅଥବା କୌଣସି କ୍ଲେଶ ହୁଏ ନାହିଁ ।***

**ଗ୍ରହଣସ୍ୱରୂପାସ୍ମିତାନ୍ୱୟାର୍ଥବତ୍ତ୍ୱ ସଂୟମାଦିନ୍ଦ୍ରିୟଜୟଃ ॥୪୮॥**

—ଇନ୍ଦ୍ରିୟଗଣଙ୍କର ବାହ୍ୟ ପଦାର୍ଥାଭିମୁଖୀ ଗତି, ତଜ୍ଜନିତ ଜ୍ଞାନ, ଏହି ଜ୍ଞାନରୁ ବିକଶିତ ଅହଂ–ପ୍ରତ୍ୟୟ, ସେମାନଙ୍କର ତ୍ରିଗୁଣମୟତ୍ୱ ଓ ଭୋଗଦାତୃତ୍ୱ—ଏହି କେତୋଟି ଉପରେ ସଂଯମ

---

* ସ୍ୱରୂପ—ପୃଥିବୀର କାଠିନ୍ୟ, ଜଳର ତାରଲ୍ୟାଦି । ଅନ୍ୱୟ—ସତ୍ତ୍ୱ, ରଜଃ, ଓ ତମଃ ପ୍ରତ୍ୟେକ ଭୂତରେ ଅନ୍ୱିତ ରହିଅଛି, ଏହା ଜାଣିବା । ଅର୍ଥବତ୍ତ୍ୱ—ବିଶେଷ ବିଶେଷ ଭୋଗ ପ୍ରଦାନ–ସାମର୍ଥ୍ୟ ।

** ଅଷ୍ଟସିଦ୍ଧି: ଅଣିମା, ଲଘିମା, ମହିମା, ପ୍ରାପ୍ତି (ଦୂରସ୍ଥ ଦ୍ରବ୍ୟ ମଧ୍ୟ ସନ୍ନିହିତ ହେବା), ପ୍ରାକାମ୍ୟ (ଇଚ୍ଛାର ଅନଭିଘାତ), ବଶିତ୍ୱ, ଈଶିତ୍ୱ ଓ କାମବସାୟିତ୍ୱ (ସତ୍ୟସଂକଳ୍ପତା) ।

*** ତୁଳନୀୟ:

ନ ତସ୍ୟ ରୋଗୋ ନ ଜରା ନ ମୃତ୍ୟୁଃ
ପ୍ରାପ୍ତସ୍ୟ ଯୋଗାଗ୍ନିମୟଂ ଶରୀରମ୍ ।—ଶ୍ୱେତାଶ୍ୱତର ଉପ.,୨।୧୨

କଲେ ଇନ୍ଦ୍ରିୟ–ଜୟ ହୁଏ ।

ବାହ୍ୟ ବସ୍ତୁର ଅନୁଭୂତି ସମୟରେ ଇନ୍ଦ୍ରିୟଗଣ ମନରୁ ବାହାରକୁ ଯାଇ ବିଷୟ ଦିଗକୁ ଧାବମାନ ହୁଅନ୍ତି, ସେଥିରୁ ହିଁ ଉପଲବ୍ଧି ଓ ଅସ୍ମିତାର ଉତ୍ପତ୍ତି ହୁଏ । ଯେତେବେଳେ ଯୋଗୀ ସେଗୁଡ଼ିକ ଉପରେ ଏବଂ ଅନ୍ୟ ଦୁଇଟି ଉପରେ ମଧ୍ୟ କ୍ରମେ କ୍ରମେ 'ସଂଯମ' ପ୍ରୟୋଗ କରନ୍ତି, ସେତେବେଳେ ସେ ଇନ୍ଦ୍ରିୟ ଜୟ କରନ୍ତି । ଯେକୌଣସି ବସ୍ତୁ ତୁମେ ଦେଖୁଛ ବା ଅନୁଭବ କରୁଛ—ଯଥା ଖଣ୍ଡିଏ ପୁସ୍ତକ—ତାହାକୁ ନେଇ ତା'ଉପରେ ସଂଯମ ପ୍ରୟୋଗ କର । ତା'ପରେ ପୁସ୍ତକରୂପକ ଯେଉଁ ଜ୍ଞାନ ରହିଅଛି, ତା'ଉପରେ ମଧ୍ୟ ସଂଯମ ପ୍ରୟୋଗ କର । ଏହି ଅଭ୍ୟାସ ଦ୍ୱାରା ସମୁଦାୟ ଇନ୍ଦ୍ରିୟଙ୍କୁ ଜୟ କରାଯାଏ ।

**ତତୋ ମନୋଜବିତ୍ୱଂ ବିକରଣଭାବଃ ପ୍ରଧାନଜୟଶ୍ଚ ॥ ୪୯ ॥**

—ସେଥିରୁ ଦେହରେ ମନପରି ବେଗ, ଇନ୍ଦ୍ରିୟଗଣଙ୍କର ଦେହ ନିରପେକ୍ଷ ଶକ୍ତିଲାଭ ଓ ପ୍ରକୃତିଜୟ ହୋଇଥାଏ ।

ଯେପରି ଭୂତଜୟଦ୍ୱାରା କାୟସମ୍ପଦ୍ ଲାଭ ହୁଏ, ସେହିପରି ଇନ୍ଦ୍ରିୟସଂଯମ ଦ୍ୱାରା ପୂର୍ବୋକ୍ତ ଶକ୍ତିସମସ୍ତ ଲାଭ ହୋଇଥାଏ ।

**ସତ୍ତ୍ୱ ପୁରୁଷାନ୍ୟତାଖ୍ୟାତିମାତ୍ରସ୍ୟ ସର୍ବଭାବାଧିଷ୍ଠାତୃତ୍ୱଂ ସର୍ବଜ୍ଞାତୃତ୍ୱଞ୍ଚ ॥ ୫୦ ॥**

—ପୁରୁଷ ଓ ବୁଦ୍ଧିର ପରସ୍ପର ପାର୍ଥକ୍ୟ—ବିଜ୍ଞାନ ଉପରେ ଚିତ୍ତସଂଯମ କଲେ ସକଳ ବସ୍ତୁ ଉପରେ ଅଧିଷ୍ଠାତୃତ୍ୱ ଓ ସର୍ବଜ୍ଞାତୃତ୍ୱ ଲାଭ ହୁଏ ।

ଯେତେବେଳେ ପ୍ରକୃତି ଜୟ କରାହୋଇଯାଇଛି ଓ ପୁରୁଷ ପ୍ରକୃତିର ଭେଦ ଉପଲବ୍ଧ ହୋଇଅଛି, ଅର୍ଥାତ୍ ଜଣାଯାଇଅଛି ଯେ, ପୁରୁଷ ଅବିନାଶୀ, ପବିତ୍ର ଓ ପୂର୍ଣ୍ଣସ୍ୱରୂପ, ସେତେବେଳେ ସର୍ବଶକ୍ତିମତ୍ତା ଓ ସର୍ବଜ୍ଞତା ଲାଭ ହୁଏ ।

**ତଦ୍‌ବୈରାଗ୍ୟାଦପି ଦୋଷବୀଜକ୍ଷୟେ କୈବଲ୍ୟମ୍ ॥୫୧॥**

—ଏଗୁଡ଼ିକୁ ମଧ୍ୟ ତ୍ୟାଗ କରିପାରିଲେ ଦୋଷର ବୀଜ କ୍ଷୟ ହୋଇଯାଏ, ସେତେବେଳେ ହିଁ କୈବଲ୍ୟ ଲାଭ ହୁଏ ।

ଏହି ଅବସ୍ଥାରେ ସାଧକ କୈବଲ୍ୟ ଲାଭ କରନ୍ତି, ସ୍ୱାଧୀନ ଓ ମୁକ୍ତ ହୋଇ ଯାଆନ୍ତି । ଯେତେବେଳେ ସେ ସର୍ବଶକ୍ତିମତ୍ତା ଓ ସର୍ବଜ୍ଞତା—ଶକ୍ତି ଦୁଇଟି ମଧ୍ୟ ତ୍ୟାଗ କରନ୍ତି, ସେତେବେଳେ ସମଗ୍ର ଭୋଗ, ଏପରି କି ଦେବଗଣକୃତ ପ୍ରଲୋଭନ ମଧ୍ୟ ସେ ଅତିକ୍ରମ କରିପାରନ୍ତି । ଯେତେବେଳେ ଯୋଗୀ ଏହି ସମସ୍ତ ଅଦ୍ଭୁତ କ୍ଷମତା ଲାଭ କରି ମଧ୍ୟ ଏସବୁକୁ ପରିତ୍ୟାଗ କରନ୍ତି, ସେତେବେଳେ ହିଁ ସେ ସେହି ଚରମ ଲକ୍ଷ୍ୟରେ ଉପନୀତ ହୁଅନ୍ତି । ବାସ୍ତବିକ ଶକ୍ତିଗୁଡ଼ିକ କଅଣ ? କେବଳ ବିକାର ମାତ୍ର । ସ୍ୱପ୍ନ ଅପେକ୍ଷା ଏଗୁଡ଼ିକ କୌଣସି ଅଂଶରେ ବଡ଼ ନୁହନ୍ତି । ସର୍ବଶକ୍ତିମତ୍ତା ମଧ୍ୟ ସ୍ୱପ୍ନତୁଲ୍ୟ । ତାହା କେବଳ ମନ ଉପରେ ନିର୍ଭର କରେ । ଯେତେ ସମୟ ମନର ଅସ୍ତିତ୍ୱ ଥାଏ, ସେପର୍ଯ୍ୟନ୍ତ ସର୍ବଶକ୍ତିମତ୍ତା ବୁଝାଯାଇପାରେ; କିନ୍ତୁ ଆମମାନଙ୍କର ଲକ୍ଷ୍ୟ ମନର ଅତୀତ ପ୍ରଦେଶରେ ।

**ସ୍ଥାନ୍ୟୁପନିମନ୍ତ୍ରଣେ ସଙ୍ଗସ୍ମୟାକରଣଂ ପୁନରନିଷ୍ଟପ୍ରସଙ୍ଗାତ୍ ॥୫୨॥**

—ଦେବଗଣ ପ୍ରଲୋଭିତ କଲେ ମଧ୍ୟ ସେଥିରେ ଆସକ୍ତ ହେବା ବା ଆନନ୍ଦ ବୋଧ (ସ୍ମୟ) କରିବା ଉଚିତ ନୁହେଁ, କାରଣ ସେଥିରେ ଅନିଷ୍ଟର ଆଶଙ୍କା ଅଛି ।

ଆହୁରି ମଧ୍ୟ ଅନେକ ବିଘ୍ନ ଅଛି । ଦେବତା ଓ ଅନ୍ୟମାନେ ଯୋଗୀଙ୍କୁ ପ୍ରଲୁବ୍ଧ କରିବାକୁ ଆସନ୍ତି; ସେମାନେ ଇଚ୍ଛା କରନ୍ତି ନାହିଁ ଯେ, କେହି ସମ୍ପୂର୍ଣ୍ଣରୂପେ ମୁକ୍ତ ହୋଇଯାଉ । ଆମେ ଯେପରି ଈର୍ଷାପରାଣ, ଦେବତାମାନେ ମଧ୍ୟ ସେହିପରି ବରଂ ବେଳେବେଳେ ଆମ ଅପେକ୍ଷା ଅଧିକ । କାଳେ ପଦଭ୍ରଷ୍ଟ ହେବେ, ସେହି ଭୟରେ ସେମାନେ ଅତିଶୟ ଭୀତ । ଯେଉଁ ସକଳ ଯୋଗୀ ସମ୍ପୂର୍ଣ୍ଣ ସିଦ୍ଧ ହୋଇପାରନ୍ତି ନାହିଁ, ମୃତ୍ୟୁପରେ ସେହିମାନେ ହିଁ ଦେବତା ହୁଅନ୍ତି । ସେମାନେ ସିଧାସଳଖ ପଥ ଛାଡ଼ି ପାର୍ଶ୍ୱସ୍ଥ ଏକ ଗଳି ପଥରେ ଅଗ୍ରସର ହୁଅନ୍ତି ଏବଂ ଏହି କ୍ଷମତାଗୁଡ଼ିକ ଲାଭ କରନ୍ତି । ସେମାନଙ୍କୁ ପୁଣି ଜନ୍ମ ନେବାକୁ ପଡ଼ିବ; କିନ୍ତୁ ଯେ ଏତେଦୂର ଶକ୍ତିସମ୍ପନ୍ନ ଯେ, ଏହି ପ୍ରଲୋଭନଗୁଡ଼ିକୁ ମଧ୍ୟ ପ୍ରତିରୋଧ କରିପାରନ୍ତି, ସେ ଏକାବେଳକେ ଲକ୍ଷ୍ୟରେ ପହଞ୍ଚିପାରନ୍ତି, ସେ ମୁକ୍ତ ହୋଇଯାଆନ୍ତି ।

**କ୍ଷଣତତ୍ କ୍ରମୟୋଃ ସଂଯମାଦ୍ୱିବେକଜଂ ଜ୍ଞାନମ୍ ।। ୫୩ ।।**

—କ୍ଷଣ ଓ ତାହାର ପୂର୍ବାପର ଭାବଗୁଡ଼ିକ ଉପରେ ସଂଯମ ପ୍ରୟୋଗ କଲେ ବିବେକଜ ଜ୍ଞାନ ଉତ୍ପନ୍ନ ହୁଏ ।

ଏହି ଦେବତା, ସ୍ୱର୍ଗ ଓ ଶକ୍ତିଗୁଡ଼ିକଠାରୁ ରକ୍ଷା ପାଇବାର ଉପାୟ କଅଣ ? ବିବେକ ବଳରେ ଯେତେବେଳେ ସଦସଦ୍‌ବିଚାରଶକ୍ତି ଜାତ ହୁଏ, ସେତେବେଳେ ହିଁ ସକଳ ବିଘ୍ନ ଚାଲିଯିବ । ଯେଉଁଥିରେ ବିବେକଜ୍ଞାନ ଦୃଢ଼ ହୋଇପାରେ, ଏହି ଉଦ୍ଦେଶ୍ୟରେ ଏହି ସଂଯମ ବିଷୟକ ଉପଦେଶ ପ୍ରଦତ୍ତ ହେଲା । କ୍ଷଣ ଅର୍ଥାତ୍ କାଳର ସୂକ୍ଷ୍ମତମ ଅଂଶର ଏବଂ ଏହାର ପୂର୍ବାପର ଭାବଗୁଡ଼ିକ ଉପରେ ସଂଯମ ଦ୍ୱାରା ଏହା ହୋଇଥାଏ ।

**ଜାତିଲକ୍ଷଣଦେଶୈରନ୍ୟତାଽନବଚ୍ଛେଦାତ୍ତୁଲ୍ୟୟୋସ୍ତତଃ ପ୍ରତିପତ୍ତିଃ ।। ୫୪ ।।**

—ଜାତି, ଲକ୍ଷଣ ଓ ଦେଶଦ୍ୱାରା ଯେଉଁମାନଙ୍କୁ ପୃଥକ୍ କରାଯାଏ ନାହିଁ ଏବଂ ସେଥିପାଇଁ ତୁଲ୍ୟ ବୋଧହୁଏ, ସେମାନଙ୍କୁ ମଧ୍ୟ ଏହି ପୂର୍ବୋକ୍ତ ସଂଯମଦ୍ୱାରା ପୃଥକ୍ କରି ଜଣାଯାଇପାରେ ।

ଆମେ ଯେଉଁ ଦୁଃଖ ଭୋଗ କରୁ, ତାହା ସତ୍ୟ ଓ ଅସତ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଦୃଷ୍ଟିର ଅଭାବରୂପକ ଅଜ୍ଞତାରୁ ହିଁ ଉତ୍ପନ୍ନ ହୋଇଥାଏ । ଆମେ ସମସ୍ତେ ହିଁ ମନ୍ଦକୁ ଭଲ ବୋଲି, ସ୍ୱପ୍ନକୁ ସତ୍ୟ ବୋଲି ଗ୍ରହଣ କରୁ । ଆତ୍ମା ହିଁ ଏକମାତ୍ର ସତ୍ୟ, ଏହା ଆମେ ବିସ୍ମୃତ ହୋଇଅଛୁ । ଶରୀର ମିଥ୍ୟା ସ୍ୱପ୍ନମାତ୍ର; ଆମେ ଭାବୁ, ଆମେ ଶରୀର । ସୁତରାଂ ଦେଖାଗଲା, ଏହି ଅବିବେକ ହିଁ ଦୁଃଖର କାରଣ । ଏହି ଅବିବେକ ପୁଣି ଅବିଦ୍ୟାରୁ ପ୍ରସୂତ । ବିବେକ ସଙ୍ଗେ ସଙ୍ଗେ ବଳ ମଧ୍ୟ ଆସେ, ସେତେବେଳେ ଆମେ ଏହି ଶରୀର, ସ୍ୱର୍ଗ ଓ ଦେବାଦିଙ୍କ କଳ୍ପନା ପରିହାର କରିବା ପାଇଁ ସମର୍ଥ ହେଉ । ଜାତି, ଚିହ୍ନ ଓ ସ୍ଥାନଦ୍ୱାରା ଆମେ ବସ୍ତୁଗୁଡ଼ିକୁ ପୃଥକ୍ କରିଥାଉ । ଉଦାହରଣସ୍ୱରୂପ ଗୋଟିଏ ଗାଈ କଥା ଧରାଯାଉ । କୁକୁରଠାରୁ ଗାଈର ଭେଦ ଜାତିଗତ । ଦୁଇଟି ଗାଈଙ୍କ ମଧ୍ୟରେ ଆମେ କିପରି ପରସ୍ପର ପ୍ରଭେଦ କରିଥାଉ ? ଚିହ୍ନଦ୍ୱାରା । ପୁନଶ୍ଚ ଦୁଇଟି ବସ୍ତୁ ସର୍ବାଂଶରେ ସମାନ ହେଲେ ! ଆମେ ସ୍ଥାନଗତ ଭେଦଦ୍ୱାରା ସେଗୁଡ଼ିକୁ ପୃଥକ୍ କରିପାରୁ । କିନ୍ତୁ ଯେତେବେଳେ ବସ୍ତୁସକଳ ଏପରି ମିଶିଥାଏ ଯେ, ଭେଦ କରିବାର ଏହି ଭିନ୍ନ ଭିନ୍ନ ଉପାୟଗୁଡ଼ିକ କୌଣସି କାମରେ ଆସେ ନାହିଁ, ସେତେବେଳେ ପୂର୍ବୋକ୍ତ ସାଧନ-ପ୍ରଣାଳୀ ଅଭ୍ୟାସଦ୍ୱାରା ଲବ୍ଧ ବିବେକ-ବଳରେ ଆମେ ସେଗୁଡ଼ିକୁ ପୃଥକ୍ କରିପାରୁ । ଯୋଗୀମାନଙ୍କର ଉଚ୍ଚତମ ଦର୍ଶନ ଏହି ସତ୍ୟ ଉପରେ ସ୍ଥାପିତ ଯେ, ପୁରୁଷ ଶୁଦ୍ଧସ୍ୱଭାବ ଓ ସଦା

ପୂର୍ଣ୍ଣସ୍ୱରୂପ ଏବଂ ବିଶ୍ୱଜଗତ ମଧ୍ୟରେ ତାହା ହିଁ ଏକମାତ୍ର 'ଅମିଶ୍ର' ବସ୍ତୁ । ଶରୀର ଓ ମନ ମିଶ୍ର ପଦାର୍ଥ । ତଥାପି ଆମେ ସର୍ବଦା ହିଁ ଆମମାନଙ୍କୁ ତାହା ସହିତ ମିଶାଇ ପକାଉଛୁ । ଆମମାନଙ୍କର ମହାଭ୍ରମ ଏହି ଯେ, ଏହି ପାର୍ଥକ୍ୟ ଜ୍ଞାନ ନଷ୍ଟ ହୋଇଯାଇଛି । ଯେତେବେଳେ ଏହି ବିବେକ-ଶକ୍ତି ଲାଭ ହୁଏ, ସେତେବେଳେ ମନୁଷ୍ୟ ଦେଖିବାକୁ ପାଏ ଯେ, ଜଗତର ବାହ୍ୟ ଓ ଅନ୍ତର—ସକଳ ବସ୍ତୁ ହିଁ ମିଶ୍ର ପଦାର୍ଥ । ସୁତରାଂ ଏଗୁଡ଼ିକ 'ପୁରୁଷ' ହୋଇପାରନ୍ତି ନାହିଁ ।

**ତାରକଂ ସର୍ବବିଷୟଂ ସର୍ବଥା-ବିଷୟମକ୍ରମଞ୍ଚେତି ବିବେକଜଂ ଜ୍ଞାନମ୍ ॥୫୫॥**

—ଯେଉଁ ବିବେକଜ୍ଞାନ ସକଳ ବସ୍ତୁ ଓ ବସ୍ତୁର ସର୍ବବିଧ ଅବସ୍ଥାକୁ ଯୁଗପତ୍ ଗ୍ରହଣ କରିପାରେ, ତାହାକୁ 'ତାରକଜ୍ଞାନ' କହନ୍ତି ।

'ତାରକ' ଅର୍ଥରେ ଯାହା ଯୋଗୀକୁ ସଂସାରରୁ (ଜନ୍ମମୃତ୍ୟୁର ସାଗରରୁ) ତାରଣ କରେ; ସମଗ୍ର ପ୍ରକୃତିର ସୂକ୍ଷ୍ମ ଓ ସ୍ଥୂଳ ସର୍ବବିଧ ଅବସ୍ଥା ଏହି ଜ୍ଞାନର ଆୟତ୍ତ ମଧ୍ୟରେ । ଏ ଜ୍ଞାନରେ କୌଣସି ପ୍ରକାର କ୍ରମ ନାହିଁ । ଏହା ସମଗ୍ର ବସ୍ତୁକୁ ଯୁଗପତ୍ ଏକ ଦୃଷ୍ଟିରେ ଗ୍ରହଣ କରିପାରେ ।

**ସତ୍ତ୍ୱ ପୁରୁଷୟୋଃ ଶୁଦ୍ଧିସାମ୍ୟେ କୈବଲ୍ୟମିତି ॥ ୫୬ ॥**

—ଯେତେବେଳେ ସତ୍ତ୍ୱ ଓ ପୁରୁଷର ଶୁଦ୍ଧିର ସମତା ହୁଏ, ସେତେବେଳେ ହିଁ କୈବଲ୍ୟ ଲାଭ ହୁଏ ।

କୈବଲ୍ୟ ହିଁ ଆମମାନଙ୍କର ଲକ୍ଷ୍ୟ; ଯେତେବେଳେ ଆମେ ଏହି ଲକ୍ଷ୍ୟ ସ୍ଥଳରେ ପହଞ୍ଚୁ, ସେତେବେଳେ ଆତ୍ମା ବୁଝିପାରନ୍ତି ଯେ, ସେ ଚିରକାଳ ଏକାକୀ, 'କେବଳ' (ଶୁଦ୍ଧ); କେବଳ ତାହାଙ୍କୁ ସୁଖୀ କରିବା ପାଇଁ ଆଉ କାହାରି ହେଲେ ପ୍ରୟୋଜନ ନାହିଁ । ଯେତେ ଦିନ ଆମେ ଆମମାନଙ୍କୁ ସୁଖୀ କରିବା ପାଇଁ ଆଉ କାହାର ପ୍ରୟୋଜନ ବୋଧ କରୁ, ସେତେ ଦିନ ଆମେ ଦାସ ମାତ୍ର । ଯେତେବେଳେ ପୁରୁଷ ଜାଣିପାରନ୍ତି—ସେ ମୁକ୍ତସ୍ୱଭାବ ଓ ତାହାଙ୍କୁ ପୂର୍ଣ୍ଣ କରିବା ପାଇଁ କାହାରି ପ୍ରୟୋଜନ ନାହିଁ—ଏବଂ ଏହି ପ୍ରକୃତି କ୍ଷଣିକ, ଏହାର କୌଣସି ପ୍ରୟୋଜନ ନାହିଁ, ସେତେବେଳେ ହିଁ ସେ ମୁକ୍ତିଲାଭ କରନ୍ତି, ସେତେବେଳେ ହିଁ ତାଙ୍କର ଏହି କୈବଲ୍ୟ ଲାଭ ହୁଏ । ଯେତେବେଳେ ଆତ୍ମା ଜାଣିପାରନ୍ତି ଯେ, ଜଗତରେ କ୍ଷୁଦ୍ରତମ ପରମାଣୁଠାରୁ ଦେବତା ପର୍ଯ୍ୟନ୍ତ କାହାରି ଉପରେ ସେ ନିର୍ଭର କରନ୍ତି ନାହିଁ, ସେତେବେଳେ ତାଙ୍କର ସେହି ଅବସ୍ଥାକୁ କୈବଲ୍ୟ (ପୃଥକ୍ତ୍ୱ) ଓ ପୂର୍ଣ୍ଣତା କୁହାଯାଏ । ଯେତେବେଳେ ଶୁଦ୍ଧି ଓ ଅଶୁଦ୍ଧି ଉଭୟ ମିଶ୍ରିତ 'ସତ୍ତ୍ୱ' ଅର୍ଥାତ୍ ବୁଦ୍ଧି ପୁରୁଷ ଭଳି ଶୁଦ୍ଧ ହୋଇଯାଏ, ସେତେବେଳେ ହିଁ ଏହି କୈବଲ୍ୟ ଲାଭ ହୋଇଥାଏ, ସେତେବେଳେ ସେହି ଶୁଦ୍ଧ ବୁଦ୍ଧି କେବଳ ନିର୍ଗୁଣ ପବିତ୍ରସ୍ୱରୂପ ପୁରୁଷଙ୍କୁ ହିଁ ପ୍ରତିଫଳିତ କରେ ।

# ଚତୁର୍ଥ ଅଧ୍ୟାୟ

## କୈବଲ୍ୟପାଦ

**ଜନ୍ମୌଷଧିମନ୍ତ୍ରତପଃସମାଧିଜାଃ ସିଦ୍ଧୟଃ ॥୧॥**

ସିଦ୍ଧି (ଶକ୍ତି)-ସମୂହ ଜନ୍ମ, ଔଷଧ, ମନ୍ତ୍ର, ତପସ୍ୟା ଓ ସମାଧିରୁ ଉତ୍ପନ୍ନ ହୁଏ ।

କେବେ କେବେ ମନୁଷ୍ୟ ପୂର୍ବଜନ୍ମଲବ୍ଧ ସିଦ୍ଧି ନେଇ ଜନ୍ମଗ୍ରହଣ କରେ । ଏ ଜନ୍ମରେ ସେ ଯେପରି ସେଗୁଡ଼ିକର ଫଳଭୋଗ କରିବା ପାଇଁ ହିଁ ଆସେ । ସାଂଖ୍ୟଦର୍ଶନର ପିତାସ୍ୱରୂପ କପିଳଙ୍କ ସମ୍ବନ୍ଧରେ କଥିତ ଅଛି ଯେ, ସେ ସିଦ୍ଧ* ହୋଇ ଜନ୍ମିଥିଲେ । 'ସିଦ୍ଧ' ଶବ୍ଦର ଅର୍ଥ—ଯିଏ ସଫଳ ବା କୃତକାର୍ଯ୍ୟ ହୋଇଛନ୍ତି ।

ଯୋଗୀମାନେ କହନ୍ତି, ରାସାୟନିକ ଉପାୟରେ ଅର୍ଥାତ୍ ଔଷଧ ଆଦିଦ୍ୱାରା ଏହି ସକଳ ଶକ୍ତି ଲାଭ କରାଯାଇପାରେ । ତୁମେମାନେ ସମସ୍ତେ ଜାଣ ଯେ, ରସାୟନ ବିଦ୍ୟା ଆଲକେମି(alchemy)ରୁ ଆରମ୍ଭ । ମନୁଷ୍ୟ ପରଶ-ମଣି (philosophers' stone), ସଞ୍ଜୀବନୀ ଅମୃତ (elixir of life) ଇତ୍ୟାଦିର ଅନ୍ୱେଷଣ କରୁଥିଲା । ଭାରତବର୍ଷରେ 'ରସାୟନ' ନାମରେ ଏକ ସମ୍ପ୍ରଦାୟ ଥିଲା । ସେମାନଙ୍କର ମତ ଥିଲା : ସୂକ୍ଷ୍ମତତ୍ତ୍ୱ ପ୍ରିୟତା, ଜ୍ଞାନ, ଆଧ୍ୟାତ୍ମିକତା, ଧର୍ମ—ଏସବୁ ଖୁବ୍ ଭଲ; କିନ୍ତୁ ଏଗୁଡ଼ିକ ଲାଭ ପରିବାର ଏକମାତ୍ର ଉପାୟ ଏହି ଶରୀର । ଯଦି ମଝେ ମଝେ ଶରୀର ଭଗ୍ନ ଅର୍ଥାତ୍ ମୃତ୍ୟୁଗ୍ରସ୍ତ ହୁଏ, ତେବେ ସେହି ଚରମ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଅନେକ ସମୟ ଲାଗିବ । ମନେକର, କୌଣସି ବ୍ୟକ୍ତି ଯୋଗ ଅଭ୍ୟାସ କରିବା ପାଇଁ ଆଧ୍ୟାତ୍ମିକଭାବାପନ୍ନ ହେବାକୁ ଇଚ୍ଛୁକ; କିନ୍ତୁ ଯଥେଷ୍ଟ ଉନ୍ନତି କରୁ ନ କରୁଣୁ ତାର ମୃତ୍ୟୁ ହେଲା । ସେତେବେଳେ ସେ ଆଉ ଏକ ଦେହ ଧାରଣ କରି ପୁନରାୟ ସାଧନା କରିବାକୁ ଆରମ୍ଭ କଲା, ପୁନଶ୍ଚ ତାହାର ମୃତ୍ୟୁ ହେଲା; ଏହିପରି ପୁନଃ ପୁନଃ ଜନ୍ମଗ୍ରହଣ ଓ ମୃତ୍ୟୁରେ ହିଁ ତାହାର ଅଧିକାଂଶ ସମୟ ନଷ୍ଟ ହୋଇଗଲା । ଯଦି ଶରୀରକୁ ଏପରି ସବଳ ଓ ନିର୍ଦ୍ଦୋଷ ଅବସ୍ଥାରେ ରଖି ହୁଏ ଯେ, ତାହାର ଜନ୍ମ-ମୃତ୍ୟୁ ଏକାବେଳକେ ବନ୍ଦ ହୁଏ, ତା'ହେଲେ ଆଧ୍ୟାତ୍ମିକ ଉନ୍ନତି କରିବା ସକାଶେ ଅନେକ ସମୟ ମିଳିବ । ଏହି କାରଣରୁ ରାସାୟନସମ୍ପ୍ରଦାୟ କହିଥାଅନ୍ତି, 'ପ୍ରଥମେ ଶରୀରକୁ ଖୁବ୍ ସବଳ କର ।' ସେମାନେ କହନ୍ତି, ଶରୀରକୁ ଅମର କରାଯାଇପାରେ । ଏମାନଙ୍କର ମନର ଭାବ ଏହି ଯେ, ଶରୀର ଗଠନ କରିବାର କର୍ତ୍ତା ଯଦି ମନ ହୁଏ, ଆଉ ଏହା ଯଦି ସତ୍ୟ ହୁଏ ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ମନ ସେହି ଅନନ୍ତ ଶକ୍ତି ପ୍ରକାଶର ଗୋଟିଏ ବିଶେଷ ପ୍ରଣାଳୀ ମାତ୍ର, ତେବେ ଏହିପରି ପ୍ରତ୍ୟେକ ପ୍ରଣାଳୀର ବାହାରୁ ଯଥେଚ୍ଛା ଶକ୍ତି ସଂଗ୍ରହ କରିବାର କୌଣସି ସୀମା ନିର୍ଦ୍ଦେଶ କରାଯାଇପାରେ ନାହିଁ । ସୁତରାଂ ଆମେ ଚିରକାଳ ଏହି ଶରୀରକୁ ରଖିପାରିବା ନାହିଁ କାହିଁକି ? ଯେତେ ଶରୀର ଆମେ ଧାରଣ କରୁ, ସବୁ ଆମମାନଙ୍କୁ ହିଁ ଗଠନ କରିବାକୁ ହୁଏ । ଯେତେବେଳେ ଏହି ଶରୀରର ପତନ ହେବ, ସେତେବେଳେ ପୁଣି ଆମମାନଙ୍କୁ ହିଁ ଆଉ ଗୋଟିଏ ଶରୀର ଗଠନ କରିବାକୁ ହେବ । ଯଦି ଆମର ଏହି କ୍ଷମତା ଥାଏ, ତେବେ ଏ ଶରୀରକୁ ବାହାରକୁ ନ ଯାଇ ଆମେ ଏହିଠାରେ ହିଁ ଏବଂ ଏହି ପରମୁହୂର୍ତ୍ତରେ

---

* ତୁଳନୀୟ : 'ସିଦ୍ଧାନାଂ କପିଳୋ ମୁନିଃ' —ଗୀତା, ୧୦।୨୬

ହିଁ ସେହି ଗଠନ କାର୍ଯ୍ୟ କରିପାରିବା ନାହିଁ କାହିଁକି ? ତତ୍ତ୍ୱ ଦୃଷ୍ଟିରୁ ଏହା ସମ୍ପୂର୍ଣ୍ଣ ସତ୍ୟ । ଏହା ଯଦି ସମ୍ଭବ ହୁଏ ଯେ, ଆମେ ମୃତ୍ୟୁ ପରେ ମଧ୍ୟ (କୌଣସି ଏକ ଭାବରେ) ଜୀବିତ ଥାଉ ଏବଂ ନିଜ ନିଜ ଶରୀର ଗଠନ କରୁ, ତେବେ ଶରୀରକୁ ସମ୍ପୂର୍ଣ୍ଣ ଧ୍ୱଂସ ନ କରି କେବଳ ତାହାକୁ କ୍ରମଶଃ ପରିବର୍ତ୍ତିତ କରି ଏହି ପୃଥିବୀରେ (ନୂତନତର) ଶରୀର ଗଠନ କରିବା ଆମମାନଙ୍କ ପକ୍ଷରେ ଅସମ୍ଭବ ହେବ କାହିଁକି ? ସେମାନଙ୍କର ଆହୁରି ବିଶ୍ୱାସ ଥିଲା, ଯେ ପାରଦ ଓ ଗନ୍ଧକରେ ଅତି ଅଦ୍ଭୁତ ଶକ୍ତି ଲୁକ୍‌କାୟିତ ଅଛି । ଏହି ଦ୍ରବ୍ୟଗୁଡ଼ିକରୁ ପ୍ରସ୍ତୁତ କୌଣସି ବିଶେଷ 'ରସାୟନ' ଦ୍ୱାରା ମନୁଷ୍ୟ ଯେତେ ଦିନ ଇଚ୍ଛା ଶରୀରକୁ ଅବିକୃତ ରଖିପାରେ । ଅନ୍ୟ କେହି କେହି ବିଶ୍ୱାସ କରୁଥିଲେ ଯେ, ଔଷଧ ବିଶେଷର ସେବନରୁ ଆକାଶଗମନାଦି ସିଦ୍ଧି ଲାଭ ହୋଇପାରେ । ଆଜିକାଲିର ଅଧିକାଂଶ ଆଶ୍ଚର୍ଯ୍ୟ ଔଷଧ ବିଶେଷତଃ ଔଷଧରେ ଧାତୁର ବ୍ୟବହାର, ଆମେ ଏହି ରାସାୟନବିଦ୍ୟାରୁ ପାଇଅଛୁ । କୌଣସି କୌଣସି ଯୋଗୀ-ସମ୍ପ୍ରଦାୟ ଦାବୀ କରନ୍ତି, ସେମାନଙ୍କର ପ୍ରଧାନ ଗୁରୁମାନେ ବର୍ତ୍ତମାନ ମଧ୍ୟ ସେମାନଙ୍କର ପୁରାତନ ଶରୀରରେ ହିଁ ବିଦ୍ୟମାନ ଅଛନ୍ତି । ଯୋଗ ସମ୍ବନ୍ଧରେ ଶ୍ରେଷ୍ଠ ପ୍ରମାଣଭୂତ (ଯାହାର ପ୍ରାମାଣ୍ୟ ଅକାଟ୍ୟ, ସେହି) ପତଞ୍ଜଳି ମଧ୍ୟ ଏହା ଅସ୍ୱୀକାର କରନ୍ତି ନାହିଁ ।

**ମନ୍ତ୍ରଶକ୍ତିः**—ମନ୍ତ୍ର-ନାମକ କେତେଗୁଡ଼ିଏ ପବିତ୍ର ଶବ୍ଦ ଅଛି; ନିର୍ଦ୍ଦିଷ୍ଟ ନିୟମରେ ଉଚ୍ଚାରଣ କଲେ ଏଗୁଡ଼ିକରୁ ଆଶ୍ଚର୍ଯ୍ୟ ଶକ୍ତି ଲାଭ ହୋଇଥାଏ । ଆମେ ଦିନରାତି ଅଦ୍ଭୁତ ଘଟଣାରାଶି ମଧ୍ୟରେ ବାସ କରୁ, ସେଗୁଡ଼ିକ ବିଷୟରେ କିଛି ଚିନ୍ତା ମଧ୍ୟ କରୁ ନାହିଁ । ମନୁଷ୍ୟର ଶକ୍ତି, ଶବ୍ଦର ଶକ୍ତି ଓ ମନର ଶକ୍ତିର କୌଣସି ସୀମା ନାହିଁ ।

**ତପସ୍ୟା:**—ତୁମେମାନେ ଦେଖିବ, ପ୍ରତ୍ୟେକ ଧର୍ମରେ ତପସ୍ୟା ଓ କୃଚ୍ଛ୍ରସାଧନା ଅଛି । ଧର୍ମର ଏହି ଦିଗଟିରେ ହିନ୍ଦୁମାନେ ହିଁ ସର୍ବଦା ଚରମ ସୀମାକୁ ଯାଇଥାଆନ୍ତି । ଦେଖିବ— ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସାରାଜୀବନ ହାତ ଶୁଖି ଅବଶ ନ ହେବା ପର୍ଯ୍ୟନ୍ତ ଉର୍ଦ୍ଧ୍ୱକୁ ହାତ ଉଠାଇ ରଖନ୍ତି । ଅନେକେ ଦିନରାତି ଦଣ୍ଡାୟମାନ ହୋଇ ରହନ୍ତି, ଅବଶେଷରେ ସେମାନଙ୍କ ଗୋଡ଼ ଫୁଲିଯାଏ; ଯଦି ତା'ପରେ ମଧ୍ୟ ସେମାନେ ଜୀବିତ ଥାଆନ୍ତି, ତା'ହେଲେ ସେହି ଅବସ୍ଥାରେ ସେମାନଙ୍କ ଗୋଡ଼ ଏତେ ଶକ୍ତ ହୋଇଯାଏ ଯେ, ସେମାନେ ଆଉ ଗୋଡ଼ ବଙ୍କାଇପାରନ୍ତି ନାହିଁ । ଅବଶିଷ୍ଟ ଜୀବନ ସେମାନଙ୍କୁ ଦଣ୍ଡାୟମାନ ହୋଇ ରହିବାକୁ ପଡ଼େ । ମୁଁ ଥରେ ଜଣେ ଉର୍ଦ୍ଧ୍ୱବାହୁ ପୁରୁଷଙ୍କୁ ଦେଖିଥିଲି । ତାଙ୍କୁ ପଚାରିଲି, 'ଯେତେବେଳେ ପ୍ରଥମେ ଏହା ଅଭ୍ୟାସ କଲେ ସେତେବେଳେ କିପରି ବୋଧ କରୁଥିଲେ ?' ସେ କହିଲେ, 'ପ୍ରଥମେ ପ୍ରଥମେ ଭୟଙ୍କର ଯନ୍ତ୍ରଣା ବୋଧ ହେଉଥିଲା । ଏତେ ଯନ୍ତ୍ରଣା ହୁଏ ଯେ ନଦୀକୁ ଯାଇ ପାଣିରେ ବୁଡ଼ିରହେ; ତାହାଦ୍ୱାରା କିଛି ସମୟ ପାଇଁ ଯନ୍ତ୍ରଣାର ସାମାନ୍ୟ ଉପଶମ ହେଉଥିଲା । ମାସେ ପରେ ଆଉ ବିଶେଷ କଷ୍ଟ ହେଲା ନାହିଁ ।' ଏପରି ଅଭ୍ୟାସଦ୍ୱାରା ସିଦ୍ଧି ବା ବିଭୂତି ଲାଭ ହୋଇଥାଏ ।

**ସମାଧି:**—ମନର ସମ୍ପୂର୍ଣ୍ଣ ଏକାଗ୍ରତା, ଏହା ହିଁ ପ୍ରକୃତ ଯୋଗ; ଏ ବିଜ୍ଞାନରେ ଏହା ହିଁ ପ୍ରଧାନ ଆଲୋଚନାର ବିଷୟ, ଆଉ ଏହା ହିଁ ଶ୍ରେଷ୍ଠ ଉପାୟ । ପୂର୍ବେ ଆଲୋଚିତ ବିଷୟଗୁଡ଼ିକ ଗୌଣ । ସେଗୁଡ଼ିକଦ୍ୱାରା ଉଚ୍ଚତମ ଅବସ୍ଥା ଲାଭ କରାଯାଏ ନାହିଁ । ସମାଧିଦ୍ୱାରା ହିଁ ମାନସିକ, ନୈତିକ ଓ ଆଧ୍ୟାତ୍ମିକ ଯାହା କିଛି, ସମସ୍ତ ହିଁ ଆମେ ଲାଭ କରିପାରୁ ।

**ଜାତ୍ୟନ୍ତର-ପରିଣାମଃ ପ୍ରକୃତ୍ୟାପୂରାତ୍ ॥୨॥**

—ପ୍ରକୃତିର ଆପୂରଣଦ୍ୱାରା ଏକ ଜାତି ଅନ୍ୟ ଏକ ଜାତିରେ ପରିଣତ ହୁଏ ।

ପତଞ୍ଜଳି କହିଛନ୍ତି, ଏହି ପ୍ରସ୍ତାବରେ ଉପସ୍ଥାପିତ ଶକ୍ତିଗୁଡ଼ିକ କେବେ ଜନ୍ମଦ୍ୱାରା, କେବେ ରାସାୟନିକ ଔଷଧଦ୍ୱାରା ଅଥବା ତପସ୍ୟାଦ୍ୱାରା ଲାଭ କରିହୁଏ । ସେ ପୁନଶ୍ଚ ସ୍ୱୀକାର କରିଛନ୍ତି ଯେ, ଏହି ଶରୀରକୁ ଯେତେଦିନ ଇଚ୍ଛା ସେତେଦିନ ରକ୍ଷା କରାଯାଇପାରେ । ବର୍ତ୍ତମାନ ତାଙ୍କର ପ୍ରଶ୍ନ ଏହି ଶରୀର ଗୋଟିଏ ଜାତିରୁ ଅନ୍ୟ ଜାତିରେ ପରିଣତ ହୁଏ କାହିଁକି ? ତାଙ୍କ ମତରେ ଏହା ପ୍ରକୃତିର ଆପୂରଣ-ଦ୍ୱାରା ହୋଇଥାଏ । ପରବର୍ତ୍ତୀ ସୂତ୍ରରେ ସେ ଏହା ବୁଝାଇ ଦେଉଛନ୍ତି ।

**ନିମିତ୍ତମପ୍ରୟୋଜକଂ ପ୍ରକୃତୀନାଂ ବରଣଭେଦସ୍ତୁ ତତଃ କ୍ଷେତ୍ରିକବତ୍ ॥୩॥**

—ସତ୍ ଓ ଅସତ୍ କର୍ମ ପ୍ରକୃତିର ପରିଣାମର ସାକ୍ଷାତ୍ କାରଣ ନୁହେଁ । କୃଷକ ଜଳର ଗତିପଥରେ ବାଧା ଦେଉଥିବା ବନ୍ଧକୁ ଭାଙ୍ଗିଦେଲେ ଜଳ ଯେପରି ନିଜ ସ୍ୱଭାବ ଅନୁସାରେ ପ୍ରଭାହିତ ହୁଏ, ଏଗୁଡ଼ିକ ମଧ୍ୟ ସେହିପରି ତାହାର ବାଧା ଭଗ୍ନକାରୀ ନିମିତ୍ତ ମାତ୍ର ।

ଯେତେବେଳେ କୌଣସି କୃଷକ କ୍ଷେତ୍ରରେ ଜଳସେଚନ କରିବା ପାଇଁ ଇଚ୍ଛା କରେ, ସେତେବେଳେ ତାହାର ଅନ୍ୟ କୌଣସି ସ୍ଥାନରୁ ଜଳ ଆଣିବା ଆବଶ୍ୟକ ହୁଏ ନାହିଁ, କ୍ଷେତ୍ର ନିକଟବର୍ତ୍ତୀ ଜଳାଶୟରେ ସଞ୍ଚିତ ଜଳ କବାଟଦ୍ୱାରା ରୁଦ୍ଧ ଅଛି । କୃଷକ ସେହି କବାଟ ଖୋଲିଦେଲେ ଜଳ ଆପଣାର ମାଧ୍ୟାକର୍ଷଣର ନିୟମାନୁସାରେ କ୍ଷେତ୍ରରେ ପ୍ରବାହିତ ହୁଏ । ଏହିପରି ସର୍ବବିଧ ଉନ୍ନତି ଓ ଶକ୍ତି ପୂର୍ବରୁ ହିଁ ସମସ୍ତଙ୍କ ଭିତରେ ରହିଅଛି । ପୂର୍ଣ୍ଣତା ମନୁଷ୍ୟର ଅନ୍ତର୍ନିହିତ ଭାବ; କେବଳ ତାହାର ଦ୍ୱାର ରୁଦ୍ଧ, ପ୍ରବାହିତ ହେବାର ପ୍ରକୃତ ପଥ ପାଉ ନାହିଁ । ଯଦି କେହି ଏହି ବାଧା ଅପସାରିତ କରିପାରେ, ତେବେ ପ୍ରକୃତିଗତ ଶକ୍ତି ସବେଗରେ ପ୍ରବାହିତ ହୁଏ; ସେତେବେଳେ ମନୁଷ୍ୟ ତାହାର ନିଜସ୍ୱ ଶକ୍ତିଗୁଡ଼ିକ ଲାଭ କରିଥାଏ । ଏହି ପ୍ରତିବନ୍ଧକ ଅପସାରିତ ହେଲେ ଏବଂ ପ୍ରକୃତିର ଶକ୍ତି ଅପ୍ରତିହତ ଭାବରେ ଭିତରକୁ ପ୍ରବେଶ କଲେ ଆମେମାନେ ଯେଉଁମାନଙ୍କୁ ଦୁଷ୍ଟ କହୁ, ସେମାନେ ସାଧୁ ହୋଇଯାଆନ୍ତି । ସ୍ୱଭାବ ବା ପ୍ରକୃତି ହିଁ ଆମମାନଙ୍କୁ ପୂର୍ଣ୍ଣତା ଦିଗକୁ ନେଇ ଯାଉଅଛି, ଠିକ୍ ସମୟରେ ଏହି ପ୍ରକୃତି ସମସ୍ତଙ୍କୁ ସେହି ଅବସ୍ଥାକୁ ନେଇଯିବ । ଧାର୍ମିକ ହେବା ପାଇଁ ଯାହା କିଛି ସାଧନ ଓ ଚେଷ୍ଟା, ତାହା କେବଳ ନିଷେଧମୁଖ କାର୍ଯ୍ୟମାତ୍ର—ତାହା କେବଳ ପ୍ରତିବନ୍ଧକ ଅପସାରିତ କରି ଜନ୍ମଗତ ଅଧିକାରସ୍ୱରୂପ ପୂର୍ଣ୍ଣତାରଦ୍ୱାର ଖୋଲିଦେବ । ପୂର୍ଣ୍ଣତା ହିଁ ଆମମାନଙ୍କର ପ୍ରକୃତ ସ୍ୱଭାବ ।

ପ୍ରାଚୀନ ଯୋଗୀମାନଙ୍କ ପରିଣାମବାଦ ଆଧୁନିକ ଗବେଷଣାର ଆଲୋକରେ ଅଧିକ ସହଜରେ ଓ ଭଲ ଭାବରେ ବୁଝିହେବ ଏବଂ ଯୋଗୀମାନଙ୍କର ବ୍ୟାଖ୍ୟା ଆଧୁନିକ ବ୍ୟାଖ୍ୟା ଅପେକ୍ଷା ଅନେକ ଭଲ । ଆଧୁନିକଗଣ କହନ୍ତି, ପରିଣାମର ଦୁଇଟି କାରଣ—ଯୌନ-ନିର୍ବାଚନ (sexual selection) ଓ ଯୋଗ୍ୟତମର ଉଜ୍ଜୀବନ ( survival of the fittest)* କିନ୍ତୁ ଏ ଦୁଇଟି କାରଣ ପର୍ଯ୍ୟାପ୍ତ ବୋଲି ବୋଧହୁଏ ନାହିଁ । ମନେକର, ମାନବୀୟ ଜ୍ଞାନ ଏତେଦୂର

* ଡାରଉଇନ୍ ଓ ତତ୍‌ପରବର୍ତ୍ତୀ ବୈଜ୍ଞାନିକଗଣଙ୍କର ମତ: ପ୍ରାଣୀମାନଙ୍କ ଶରୀରର ପରିବର୍ତ୍ତନର କାରଣ ନିଜ ନିଜ ଯୌନସଙ୍ଗୀ ନିର୍ବାଚନର ଇଚ୍ଛା; ଏହି ଜୀବନ-ସଂଗ୍ରାମରେ ଯେଉଁମାନେ ଯୋଗ୍ୟତମ, ସେମାନେ ହିଁ ଶେଷ ପର୍ଯ୍ୟନ୍ତ ବଞ୍ଚିଯାଆନ୍ତି ଓ ଅନ୍ୟମାନେ ଧ୍ୱଂସ ପାଆନ୍ତି ।

ଉନ୍ନତ ହେଲା ଯେ, ଶରୀର-ଧାରଣ ଓ ସଙ୍ଗୀ-ନିର୍ବାଚନ କରିବାର ପ୍ରତିଯୋଗିତା ଉଠିଗଲା । ତାହାହେଲେ ଆଧୁନିକଗଣଙ୍କ ମତରେ ମନୁଷ୍ୟର ଉନ୍ନତି-ପ୍ରବାହ ରୁଦ୍ଧ ହେବ ଏବଂ ଜାତିର ମୃତ୍ୟୁ ହେବ । ଏହି ମତବାଦ ଫଳରେ ପ୍ରତ୍ୟେକ ଅତ୍ୟାଚାରୀ ବ୍ୟକ୍ତି ନିଜ ବିବେକର ଭର୍ତ୍ସନାରୁ ମୁକ୍ତି ପାଇବାର ଗୋଟିଏ ଯୁକ୍ତି ଲାଭ କରନ୍ତି । ପୁଣି ଏପରି ଲୋକର ମଧ୍ୟ ଅଭାବ ନାହିଁ, ଯେଉଁମାନେ ନିଜକୁ ଦାର୍ଶନିକ ବୋଲି ପରିଚୟ ଦିଅନ୍ତି ଏବଂ ଦୁଷ୍ଟ ଓ ଅନୁପଯୁକ୍ତ ଲୋକମାନଙ୍କୁ ମାରିପକାଇବାକୁ ଚାହାଁନ୍ତି; ସେମାନେ ହିଁ ଯେପରି ମନୁଷ୍ୟର ଯୋଗ୍ୟତା ଓ ଅଯୋଗ୍ୟତାର ଏକମାତ୍ର ବିଚାରକ—ଏହି ଭାବରେ ସେମାନେ ମନୁଷ୍ୟ ଜାତିକୁ ରକ୍ଷା କରିବେ । କିନ୍ତୁ ସେହି ମହାନ୍‌ପ୍ରାଚୀନ ପରିଣାମବାଦୀ ପତଞ୍ଜଳି ଘୋଷଣା କରିଛନ୍ତି: କ୍ରମବିକାଶ ବା ପରିଣାମର ପ୍ରକୃତ ରହସ୍ୟ—ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଯେଉଁ ପୂର୍ଣ୍ଣତା ଅନ୍ତର୍ନିହିତ ହୋଇ ରହିଅଛି, ତାହାରି ହିଁ ବିକାଶ ମାତ୍ର; ଏହି ପୂର୍ଣ୍ଣତା ବାଧାପ୍ରାପ୍ତ ହୋଇଅଛି ଏବଂ ବାଧାର ଅତୀତ ପ୍ରଦେଶରେ ଅନନ୍ତ ତରଙ୍ଗସ୍ରୋତ ନିଜକୁ ପ୍ରକାଶ କରିବା ପାଇଁ ଚେଷ୍ଟା କରୁଅଛି । ଏହି ସଂଗ୍ରାମ ଓ ପ୍ରତିଦ୍ୱନ୍ଦ୍ୱିତା ଆମମାନଙ୍କର ଅଜ୍ଞାନର ଫଳ ମାତ୍ର । ଏହାର ଦ୍ୱାର କିପରି ଖୋଲିଦେବାକୁ ହୁଏ ଓ ଜଳକୁ କିପରି ଭିତରକୁ ଆଣିବାକୁ ହୁଏ, ତାହା ଜାଣୁ ନାହିଁ ବୋଲି ଏହିପରି ହୋଇଥାଏ । ବନ୍ଧ ବାହାରେ ଯେଉଁ ଅନନ୍ତ ତରଙ୍ଗ ସ୍ରୋତ ରହିଅଛି ତାହା ନିଜକୁ ପ୍ରକାଶ କରିବ ହିଁ କରିବ; ଏହା ହିଁ ସମଗ୍ର ଅଭିବ୍ୟକ୍ତିର କାରଣ; କେବଳ ଜୀବନ-ଧାରଣ ଅଥବା ଇନ୍ଦ୍ରିୟଭୋଗ ପାଇଁ ପ୍ରତିଯୋଗିତା ଅଜ୍ଞାନଜାତ କ୍ଷଣିକ ଅନାବଶ୍ୟକ ବାହ୍ୟ ବ୍ୟାପାର ମାତ୍ର । ସକଳ ପ୍ରତିଯୋଗିତା ବନ୍ଦ ହୋଇଗଲେ ମଧ୍ୟ ଯେତେଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ପୂର୍ଣ୍ଣ ନ ହୋଇଛନ୍ତି, ସେତେଦିନ ପର୍ଯ୍ୟନ୍ତ ଆମମାନଙ୍କର ଏହି ଅନ୍ତର୍ନିହିତ ପୂର୍ଣ୍ଣସ୍ୱଭାବ ଆମମାନଙ୍କୁ କ୍ରମଶଃ ଅଗ୍ରସର କରାଇ ଉନ୍ନତି ଦିଗରେ ନେଇଯିବ । ଅତଏବ ପ୍ରତିଯୋଗିତା ଯେ ଉନ୍ନତି ପାଇଁ ଆବଶ୍ୟକ, ଏହା ବିଶ୍ୱାସ କରିବାର କୌଣସି ଯୁକ୍ତି ନାହିଁ । ପଶୁ ଭିତରେ 'ମନୁଷ୍ୟ' ଲୁଚି ରହିଅଛି । ଯେତେବେଳେ ଦ୍ୱାର ଉନ୍ମୁକ୍ତ ହୁଏ ବା ପ୍ରତିବନ୍ଧକ ଅପସାରିତ ହୁଏ, ସେତେବେଳେ ସବେଗରେ 'ମନୁଷ୍ୟ' ବହିର୍ଗତ ହୁଏ; ଏହିପରି ମନୁଷ୍ୟ ଭିତରେ ମଧ୍ୟ ଦେବତା ଅନ୍ତର୍ନିହିତ ରହିଛନ୍ତି, କେବଳ ଅଜ୍ଞାନର ଅର୍ଗଳ ଓ ଶୃଙ୍ଖଳରେ ସେ ବନ୍ଦୀ ହୋଇଛନ୍ତି । ଯେତେବେଳେ ଜ୍ଞାନ ଏହି ଅର୍ଗଳଗୁଡ଼ିକୁ ଭାଙ୍ଗି ପକାଏ, ସେତେବେଳେ ହିଁ ସେହି ଦେବତା ପ୍ରକାଶିତ ହୁଅନ୍ତି ।

**ନିର୍ମାଣଚିତ୍ତାନ୍ୟସ୍ମିତାମାତ୍ରାତ୍ ॥୪॥**

—ଯୋଗୀ କେବଳ ନିଜର ଅହଂଭାବରୁ ଅନେକ ଚିତ୍ତ ସୃଜନ କରିପାରନ୍ତି ।

କର୍ମବାଦର ତାତ୍ପର୍ଯ୍ୟ ଏହି ଯେ, ଆମେ ଆମର ସଦସତ୍ କର୍ମର ଫଳ ଭୋଗ କରିଥାଉ; ପୁଣି ସମଗ୍ର ଦର୍ଶନଶାସ୍ତ୍ରର ଏକମାତ୍ର ଉଦ୍ଦେଶ୍ୟ—ମନୁଷ୍ୟର ନିଜ ମହିମା ଅବଗତ ହେବା । ସକଳ ଶାସ୍ତ୍ର ମାନବ-ଆତ୍ମାର ମହିମା ଘୋଷଣା କରୁଅଛି, ପୁଣି ସଙ୍ଗେ ସଙ୍ଗେ କର୍ମବାଦ ପ୍ରଚାର କରୁଅଛି: ଶୁଭକର୍ମର ଫଳ ଶୁଭ, ଅଶୁଭ କର୍ମର ଫଳ ଅଶୁଭ ହୋଇଥାଏ । କିନ୍ତୁ ଯଦି ଶୁଭାଶୁଭ କର୍ମ ଆତ୍ମା ଉପରେ ପ୍ରଭାବ ବିସ୍ତାର କରିପାରେ, ତେବେ ଆତ୍ମା ତ କିଛି ନୁହେଁ । ପ୍ରକୃତ ପକ୍ଷରେ ଅଶୁଭ କର୍ମ କେବଳ ପୁରଷଙ୍କ ସ୍ୱରୂପ ପ୍ରକାଶରେ ବାଧା ଦିଏ; ଶୁଭ କର୍ମ ସେହି ବାଧାଗୁଡ଼ିକୁ ଦୂର କରିଦିଏ, ସେତେବେଳେ ହିଁ ପୁରୁଷଙ୍କର ମହିମା ପ୍ରକାଶିତ ହୁଏ, କିନ୍ତୁ ପୁରୁଷ ନିଜେ କେବେହେଲେ ପରିବର୍ତ୍ତିତ ବା ପରିଣାମପ୍ରାପ୍ତ ହୁଅନ୍ତି ନାହିଁ । ତୁମେ ଯାହା କର

ନା କାହିଁକି, କୌଣସି କିଛି ତୁମର ମହିମା—ତୁମର ନିଜ ସ୍ୱରୂପ ନଷ୍ଟ କରିପାରେ ନାହିଁ; କାରଣ କୌଣସି ବସ୍ତୁ ଆତ୍ମା ଉପରେ କ୍ରିୟା କରିପାରେ ନାହିଁ, ଆତ୍ମା ଉପରେ କେବଳ ଗୋଟିଏ ଆବରଣ ପଡ଼େ ଏବଂ ତାହାର ପୂର୍ଣ୍ଣତା ଆଚ୍ଛାଦିତ ହୁଏ ।

ଯୋଗୀଗଣ ଶୀଘ୍ର ଶୀଘ୍ର କର୍ମକ୍ଷୟ କରିବା ପାଇଁ 'କାୟବ୍ୟୂହ' ଅର୍ଥାତ୍ ଏକ ସଙ୍ଗେ ବହୁଦେହ ସୃଜନ କରନ୍ତି । ଏହି ସକଳ ଦେହ ପାଇଁ ସେମାନେ ସେମାନଙ୍କର ଅସ୍ମିତା ବା ଅହଂତତ୍ତ୍ୱରୁ ଅନେକଗୁଡ଼ିଏ ମନ ସୃଷ୍ଟି କରନ୍ତି । ସେମାନଙ୍କର ମୂଳଚିତ୍ତ ସହିତ ପୃଥକ୍‌ତ୍ୱ ବୁଝାଇବା ପାଇଁ ଏହି ନିର୍ମିତ ଚିତ୍ତସମୂହକୁ 'ନିର୍ମାଣଚିତ୍ତ' କୁହାଯାଏ ।

**ପ୍ରବୃତ୍ତିଭେଦେ ପ୍ରୟୋଜକଂ ଚିତ୍ତମେକମନେକେଷାମ୍ ॥୫॥**

—ଯଦିଓ ଏହି ଭିନ୍ନ ଭିନ୍ନ ସୃଷ୍ଟ ମନର କାର୍ଯ୍ୟ ନାନାପ୍ରକାର, ତଥାପି ସେହି ଏକ ଆଦି ମନ ହିଁ ସବୁଗୁଡ଼ିକର ନିୟନ୍ତା ।

ଭିନ୍ନ ଭିନ୍ନ ମନ ଭିନ୍ନ ଭିନ୍ନ ଦେହରେ କାର୍ଯ୍ୟ କରେ; ଏଗୁଡ଼ିକୁ 'ନିର୍ମାଣଚିତ୍ତ' ଏବଂ ଏହି ଶରୀରଗୁଡ଼ିକୁ 'ନିର୍ମାଣଦେହ' କହନ୍ତି, ଅର୍ଥାତ୍ ବିଶେଷଭାବରେ ନିର୍ମିତ ଶରୀର ଓ ମନ । ଭୂତ (ମୂଳ ଉପାଦାନ) ଓ ମନ ଯେପରି ଦୁଇଟି ଅଫୁରନ୍ତ ଭଣ୍ଡାରସମ । ଯୋଗୀ ହେଲେ ତୁମେ ଏ ଦୁଇଟିକୁ ଜୟ କରିବାର ରହସ୍ୟ ଅବଗତ ହେବ । ଏହି ଜ୍ଞାନ ବରାବର ତୁମର ଥିଲା, ତୁମେ କେବଳ ତାହା ଭୁଲିଯାଇଛ । ଯୋଗୀ ହେଲେ ତାହା ତୁମର ସ୍ମୃତିପଥରେ ଉଦିତ ହେବ; ସେତେବେଳେ ତୁମେ ତାହାକୁ ନେଇ ଯାହା ଇଚ୍ଛା ତାହା କରିପାରିବ, ଯେପରି ଇଚ୍ଛା ସେହି ଭାବରେ ବ୍ୟବହାର କରିପାରିବ । ଯେଉଁ ଉପାଦାନରୁ ଏହି ବୃହତ୍ ବ୍ରହ୍ମାଣ୍ଡର ଉତ୍ପତ୍ତି ହୁଏ, ଏହି ନିର୍ମାଣଚିତ୍ତ ମଧ୍ୟ ସେହି ଉପାଦାନରୁ ନିର୍ମିତ । ମନ ଏକ ପଦାର୍ଥ ଓ ଭୂତ ଅନ୍ୟ ଏକ ପୃଥକ୍ ପଦାର୍ଥ—ତାହା ନୁହେଁ, ତାହା ସେହି ଏକ ପଦାର୍ଥର ବିଭିନ୍ନ ଦିଗ ମାତ୍ର । ଅସ୍ମିତା ହିଁ ସେହି ଉପାଦାନ, ସେହି ସୂକ୍ଷ୍ମ ବସ୍ତୁ, ଯେଉଁଥିରୁ ଯୋଗୀର ଏହି ନିର୍ମାଣଚିତ୍ତ ଓ ନିର୍ମାଣଦେହ ପ୍ରସ୍ତୁତ ହୁଏ । ସୁତରାଂ ଯେତେବେଳେ ଯୋଗୀ ପ୍ରକୃତିର ଏହି ଶକ୍ତିଗୁଡ଼ିକର ରହିସ୍ୟ ଅବଗତ ହୁଅନ୍ତି, ସେତେବେଳେ ହିଁ ସେ ଅସ୍ମିତା-ନାମକ ଉପାଦାନରୁ ଯେତେ ଇଚ୍ଛା ମନ ଓ ଶରୀର ନିର୍ମାଣ କରିପାରନ୍ତି ।

**ତତ୍ର ଧ୍ୟାନଜମନାଶୟମ୍ ॥୬॥**

—ଭିନ୍ନ ଭିନ୍ନ ପ୍ରକାର ଚିତ୍ତ ମଧ୍ୟରୁ ଯେଉଁ ଚିତ୍ତ ସମାଧିଦ୍ୱାରା ଲବ୍ଧ, ତାହା ବାସନାଶୂନ୍ୟ ।

ଭିନ୍ନ ଭିନ୍ନ ବ୍ୟକ୍ତିଙ୍କଠାରେ ଆମେ ଯେଉଁ ଭିନ୍ନ ଭିନ୍ନ ପ୍ରକାର ମନ ଦେଖିବାକୁ ପାଉ, ତନ୍ମଧ୍ୟରୁ ଯେଉଁ ମନର ପୂର୍ଣ୍ଣ ଏକାଗ୍ରତା ବା ସମାଧି-ଅବସ୍ଥା ଲାଭ ହୋଇଅଛି, ତାହା ହିଁ ସର୍ବୋଚ୍ଚ । ଯେଉଁ ବ୍ୟକ୍ତି ଔଷଧ, ମନ୍ତ୍ର ଅଥବା କୃଚ୍ଛ୍ରତା ବଳରେ କେତେଗୁଡ଼ିଏ ଶକ୍ତି ଲାଭ କରେ, ତାହାର ସେତେବେଳେ ମଧ୍ୟ ବାସନା ଥାଏ; କିନ୍ତୁ ଯେଉଁ ବ୍ୟକ୍ତି ଧ୍ୟାନଯୋଗଦ୍ୱାରା ସମାଧି ଲାଭ କରେ, କେବଳ ସେହି ବ୍ୟକ୍ତି ହିଁ ସକଳ ବାସନାରୁ ମୁକ୍ତ ।

**କର୍ମାଶୁକ୍ଳାକୃଷ୍ଣଂ ଯୋଗିନସ୍ତ୍ରିବିଧମିତରେଷାମ୍ ॥୭॥**

—ଯୋଗୀମାନଙ୍କ କର୍ମ କୃଷ୍ଣ ନୁହେଁ କି ଶୁକ୍ଳ ମଧ୍ୟ ନୁହେଁ । ମାତ୍ର ଅନ୍ୟାନ୍ୟ ବ୍ୟକ୍ତିଙ୍କ ପକ୍ଷରେ କର୍ମ ତ୍ରିବିଧ—ଅର୍ଥାତ୍ ଶୁକ୍ଳ, କୃଷ୍ଣ ଓ ମିଶ୍ର ।

ଯେତେବେଳେ ଯୋଗୀ ସିଦ୍ଧି ବା ପୂର୍ଣ୍ଣତା ଲାଭ କରନ୍ତି, ସେତେବେଳେ ତାଙ୍କର କାର୍ଯ୍ୟ ଓ

ଏହି କାର୍ଯ୍ୟଦ୍ୱାରା ଯେଉଁସବୁ କର୍ମଫଳ ଉତ୍ପନ୍ନ ହୁଏ, ସେଗୁଡ଼ିକ ଆଉ ତାହାଙ୍କୁ ବାନ୍ଧିପାରେ ନାହିଁ; କାରଣ ସେ ଏଗୁଡ଼ିକ ଇଚ୍ଛା କରି ନ ଥାନ୍ତି । ସେ କେବଳ କର୍ମ କରିଯାଆନ୍ତି, ପରହିତ ପାଇଁ କଲ୍ୟାଣମୂଳକ କର୍ମ କରିଯାଆନ୍ତି; କିନ୍ତୁ କର୍ମଫଳ ପ୍ରତି ଆସକ୍ତି ପ୍ରକାଶ କରନ୍ତି ନାହିଁ । ଅତଏବ କର୍ମଫଳ ତାହାଙ୍କୁ ସ୍ପର୍ଶ କରିବ କାହିଁକି ? କିନ୍ତୁ ସାଧାରଣ ମନୁଷ୍ୟର କଥା ସ୍ୱତନ୍ତ୍ର; ଯେଉଁମାନେ ଏହି ସର୍ବୋଚ୍ଚ ଅବସ୍ଥା ଲାଭ କରି ନାହାନ୍ତି, ସେମାନଙ୍କ ପକ୍ଷରେ କର୍ମ ତ୍ରିବିଧ—କୃଷ୍ଣ (ଅସତ୍ ବା ଅଶୁଭ କର୍ମ), ଶୁକ୍ଳ (ସତ୍ ବା ଶୁଭ କର୍ମ) ଓ ମିଶ୍ର ।

**ତତସ୍ତଦ୍ୱିପାକାନୁ ଗୁଣାନାମେବାଭିବ୍ୟକ୍ତିର୍ବାସନାନାମ୍ ॥୮॥**

—ଏହି ତ୍ରିବିଧ କର୍ମରୁ କେବଳ ଯେଉଁଗୁଡ଼ିକ ସେହି ଅବସ୍ଥାରେ ପ୍ରକାଶ ପାଇବାର ଉପଯୁକ୍ତ, ସେହି ବାସନାଗୁଡ଼ିକ ପ୍ରକାଶିତ ହୁଏ । (ଅନ୍ୟଗୁଡ଼ିକ ସେହି ସମୟ ପାଇଁ ଛିମିତ ହୋଇ ରହେ ।)

ମନେକର, ମୁଁ ସତ୍, ଅସତ୍ ଓ ମିଶ୍ରିତ—ଏହି ତିନି ପ୍ରକାର କର୍ମ କଲି; ତା'ପରେ ମୋର ମୃତ୍ୟୁ ହେଲା, ମୁଁ ସ୍ୱର୍ଗରେ ଦେବତା ହେଲି । ମନୁଷ୍ୟଦେହର ବାସନା ଓ ଦେବଦେହର ବାସନା ଏକପ୍ରକାର ନୁହେଁ । ଦେବଶରୀର ଭୋଜନ ବା ପାନ କିଛି ହେଲେ କରେ ନାହିଁ । ତାହାହେଲେ ଆମ୍ଭର ଯେଉଁ ପ୍ରାକ୍ତନ ଅଭୁକ୍ତ-କର୍ମ ଆହାର ଓ ପାନର ବାସନା ସୃଜନ କରିଅଛି, ମୁଁ ଯଦି ଦେବତା ହୁଏ, ତେବେ ସେ ବାସନା ଯିବ କୁଆଡ଼େ ? ତାହାର ଉତ୍ତର ଏହି ଯେ, ବାସନା ଉପଯୁକ୍ତ ପରିବେଶ ଓ କ୍ଷେତ୍ର ପାଇଲା ମତ୍ରେ ପ୍ରକାଶିତ ହୋଇପାରେ । ଯେଉଁ ସକଳ ବାସନାର ପ୍ରକାଶ ପାଇଁ ଉପଯୁକ୍ତ ପରିବେଶ ରହିଅଛି, କେବଳ ସେହିଗୁଡ଼ିକ ପ୍ରକାଶ ପାଇବ; ଅବଶିଷ୍ଟଗୁଡ଼ିକ ସଞ୍ଚିତ ହୋଇ ରହିବ । ଏହି ଜୀବନରେ ହିଁ ଆମମାନଙ୍କର ଅନେକ ଦେବୋଚିତ, ଅନେକ ମନୁଷ୍ୟୋଚିତ ଓ ଅନେକ ପାଶବ ବାସନା ରହିଅଛି । ମୁଁ ଯଦି ଦେବଦେହ ଧାରଣ କରେ, ତେବେ କେବଳ ଶୁଭ ବାସନାଗୁଡିକ ଫଳୋନ୍ମୁଖ ହେବେ; କାରଣ ଏଗୁଡ଼ିକର ପ୍ରକାଶ ପାଇଁ ପରିବେଶ ଉପଯୁକ୍ତ ହୋଇଅଛି । ମୁଁ ଯଦି ପଶୁଦେହ ଧାରଣ କରେ ତା'ହେଲେ କେବଳ ପାଶବ ବାସନାଗୁଡ଼ିକ ହିଁ ଆଗେଇ ଆସିବେ । ଶୁଭ ବାସନାଗୁଡ଼ିକ ସେ ସମୟରେ ଅପେକ୍ଷା କରୁଥିବେ । ଏହାଦ୍ୱାରା ପ୍ରମାଣିତ ହୁଏ ଯେ, ଉପଯୁକ୍ତ ପରିବେଶ ସାହାଯ୍ୟରେ ଏହି ବାସନାଗୁଡ଼ିକୁ ଆମେ ଦମନ କରିପାରୁ । କେବଳ ଯେଉଁ କର୍ମ ସେହି ବିଶେଷ ପରିବେଶର ଉପଯୋଗୀ, ତାହା ହିଁ ପ୍ରକାଶିତ ହେବ । ଏଥିରୁ ପ୍ରମାଣିତ ହେଉଅଛି ଯେ, ପରିବେଶର ଶକ୍ତିରେ କର୍ମକୁ ମଧ୍ୟ ନିୟନ୍ତ୍ରିତ କରାଯାଏ ।

**ଜାତିଦେଶକାଳବ୍ୟବହିତାନାମପ୍ୟାନନ୍ତର୍ଯ୍ୟଂ**
**ସ୍ମୃତିସଂସ୍କାରୟୋରେକରୂପତ୍ୱାତ୍ ॥୯॥**

— ସ୍ମୃତି ଓ ସଂସ୍କାର ଏକ ପ୍ରକାର ବୋଲି ଜାତି, ଦେଶ ଓ କାଳ ବ୍ୟବହିତ ହେଲେ ମଧ୍ୟ ବାସନାର ଆନନ୍ତର୍ଯ୍ୟ ରହିବ ।

ଅନୁଭୂତିସମୂହ ସୂକ୍ଷ୍ମ ସଂସ୍କାରରେ ପରିଣତ ହୁଏ । ଜାଗରିତ ସଂସ୍କାରକୁ ହିଁ 'ସ୍ମୃତି' କୁହାଯାଏ । ବର୍ତ୍ତମାନ ଜ୍ଞାତସାରରେ କୃତ କର୍ମ ସହିତ ସଂସ୍କାରରୂପେ ପରିଣତ ପୂର୍ବାନୁଭୂତିସମୂହ ମନର ଅଗୋଚରରେ ଯେଉଁ ସମନ୍ୱୟ ହୁଏ, ତାହା ମଧ୍ୟ ଏହି ସ୍ମୃତିର ଅନ୍ତର୍ଭୁକ୍ତ । ପ୍ରତ୍ୟେକ ଦେହରେ ତଜ୍ଜାତୀୟ ଯେଉଁ ସକଳ ସଂସ୍କାର ଲବ୍ଧ ହୋଇଅଛି, କେବଳ ସେଗୁଡ଼ିକ ସେହି ଦେହରେ

କର୍ମର କାରଣ ହେବ । ଭିନ୍ନ ଜାତୀୟ ଦେହର ସଂସ୍କାର ସେତେବେଳେ ସ୍ତିମିତଭାବରେ ରହିବ । ପ୍ରତ୍ୟେକ ଶରୀର ହିଁ ସେହି ଜାତୀୟ କେତେଗୁଡ଼ିଏ ଶରୀରରେ ଉତ୍ତରପୁରୁଷ ରୂପେ କାର୍ଯ୍ୟ କରିବେ । ଏହିପରି ବାସନାର ପୌର୍ବାପର୍ଯ୍ୟ ନଷ୍ଟ ହୁଏ ନାହିଁ ।

**ତାସାମନାଦିତ୍ୱଂ ଚାଶିଷୋ ନିତ୍ୟତ୍ୱାତ୍ ॥୧୦॥**

—ସୁଖର ବାସନା ନିତ୍ୟ ବୋଲି ବାସନା ମଧ୍ୟ ଅନାଦି ।

ଆମମାନଙ୍କର ସକଳ ଭୋଗ ଓ ଅଭିଜ୍ଞତା ସୁଖୀ ହେବାର ବାସନାରୁ ହିଁ ଉତ୍ପନ୍ନ । ଏହି ଭୋଗର କୌଣସି ଆଦି ନାହିଁ । କାରଣ ପ୍ରତ୍ୟେକ ନୂତନ ଭୋଗ ହିଁ ପୂର୍ବଭୋଗଦ୍ୱାରା ଆମମାନଙ୍କ ଚିତ୍ତରେ ଯେଉଁ ଏକ ପ୍ରକାର ପ୍ରବଣତା ସୃଷ୍ଟି କରିଛି, ତାହାରି ଉପରେ ସ୍ଥାପିତ । ଏହି କାରଣ ହେତୁ ବାସନା ଅନାଦି ।

**ହେତୁଫଳାଶ୍ରୟାଲମ୍ବନୈଃ ସଂଗୃହୀତତ୍ୱାଦେଷାମଭାବେ ତଦଭାବଃ ॥୧୧॥**

—ଏହି ବାସନାଗୁଡ଼ିକ ହେତୁ, ଫଳ, ଆଧାର ଓ ତାହାର ବିଷୟଦ୍ୱାରା ଏକତ୍ର ଗ୍ରଥିତ ବୋଲି ଏଗୁଡ଼ିକର ଅଭାବ ହେଲେ ବାସନାର ମଧ୍ୟ ଅଭାବ ହୁଏ ।

ଏହି ବାସନାଗୁଡ଼ିକ କାର୍ଯ୍ୟକାରଣ ସୂତ୍ରରେ ଗ୍ରଥିତ;* ମନରେ କୌଣସି ବାସନା ଉଦିତ ହେଲେ ତାହା ସ୍ୱୀୟ ଫଳପ୍ରସବ ନ କରି ନଷ୍ଟ ହେବ ନାହିଁ । ପୁଣି ମନ ସଂସ୍କାରରେ ପରିଣତ ଅତୀତ ବାସନାସମୂହର ଆଧାର—ବୃହତ ଭଣ୍ଡାରସ୍ୱରୂପ; ଯେପର୍ଯ୍ୟନ୍ତ ଏଗୁଡ଼ିକ କର୍ମରୂପେ ନିଃଶେଷିତ ନ ହୋଇଛି, ସେପର୍ଯ୍ୟନ୍ତ ସେଗୁଡ଼ିକର ବିନାଶ ନାହିଁ । ପୁଣି ଯେତେଦିନ ଇନ୍ଦ୍ରିୟଗଣ ବାହ୍ୟବସ୍ତୁ ଗ୍ରହଣ କରିବେ; ସେତେଦିନ ମଧ୍ୟ ନୂତନ ନୂତନ ବାସନା ଉତ୍‌ଥିତ ହେବ । ଯଦି ଏଗୁଡ଼ିକରୁ (କାର୍ଯ୍ୟ, କାରଣ, ଆଧାର ଓ ବିଷୟ) ଅବ୍ୟାହତି ପାଇବା ସମ୍ଭବ ହୁଏ, ତେବେ ଯାଇ ବାସନାର ବିନାଶ ହୋଇପାରେ ।

**ଅତୀତାନାଗତଂ ସ୍ୱରୂପତୋଽସ୍ତ୍ୟଧ୍ୱଭେଦାଦ୍ଧର୍ମାଣାମ୍ ॥୧୨॥**

—ବସ୍ତୁର ଧର୍ମ (ବା ଗୁଣ) ସକଳ ହିଁ ବିଭିନ୍ନ ରୂପ ଧାରଣ କରିଛନ୍ତି ବୋଲି ଅତୀତ ଓ ଭବିଷ୍ୟତ (ବର୍ତ୍ତମାନ ଦୃଷ୍ଟ ନହେଲେ ମଧ୍ୟ) ସ୍ୱରୂପରେ ହିଁ ଅବସ୍ଥିତ ଅଛନ୍ତି ।

ତାତ୍ପର୍ଯ୍ୟ ଏହି ଯେ, ଅସତ୍ (ଅନସ୍ତିତ୍ୱ)ରୁ କେବେହେଲେ ସତ୍ (ଅସ୍ତିତ୍ୱ) ଉତ୍ପନ୍ନ ହୁଏ ନାହିଁ । ଅତୀତ ଓ ଭବିଷ୍ୟତ ଯଦିଓ ବ୍ୟକ୍ତରୂପେ ବର୍ତ୍ତମାନ ନାହିଁ, ତଥାପି ସୂକ୍ଷ୍ମାକାରରେ ବିଦ୍ୟମାନ ଅଛି ।

**ତେ ବ୍ୟକ୍ତ–ସୂକ୍ଷ୍ମା ଗୁଣାତ୍ମାନଃ ॥୧୩॥**

ସେମାନେ କେତେବେଳେ ବ୍ୟକ୍ତ, କେତେବେଳେ ପୁଣି ସୂକ୍ଷ୍ମ ଅବସ୍ଥାରେ ଅବସ୍ଥାନ କରନ୍ତି, ପୁନଶ୍ଚ ଗୁଣ ହିଁ ସେମାନଙ୍କର ଆତ୍ମା ଅର୍ଥାତ୍ ସ୍ୱରୂପ ।

ଗୁଣ କହିଲେ ସତ୍ତ୍ୱ, ରଜଃ, ତମଃ—ଏହି ତିନି ଉପାଦାନକୁ ବୁଝାଏ, ସେମାନଙ୍କର ସ୍ଥୂଳ ଅବସ୍ଥା ହିଁ ଏହି ଇନ୍ଦ୍ରିୟଗ୍ରାହ୍ୟ ଜଗତ । ଅତୀତ ଓ ଭବିଷ୍ୟତ ଏହି ଗୁଣ କେତୋଟିର ବିଭିନ୍ନ ପ୍ରକାଶରୁ ହିଁ ଉତ୍ପନ୍ନ ହୁଏ ।

---

* ଏହି ପ୍ରସଙ୍ଗରେ ଦ୍ରଷ୍ଟବ୍ୟ— ଯୋଗସୂତ୍ରର ୨।୩, ୨।୧୩ ଓ ୪।୭ ସୂତ୍ର ।

**ପରିଣାମୈକତ୍ୱାଦ୍ୱସ୍ତୁତତ୍ତ୍ୱମ୍ ॥୧୪॥**

—ପରିମାଣ ମଧ୍ୟରେ ଏକତ୍ୱ ଦେଖାଯାଏ ବୋଲି ବସ୍ତୁ ବାସ୍ତବିକ ଏକ ।

ଯଦିଓ ଉପାଦାନ ତିନୋଟି—ଅର୍ଥାତ୍ ସତ୍ତ୍ୱ, ରଜଃ ଓ ତମଃ ତଥାପି ସେମାନଙ୍କର ପରିଣାମ ଓ ପରିବର୍ତ୍ତନ ଭିତରେ ଗୋଟିଏ ସମ୍ବନ୍ଧ ଥିବା ହେତୁ ସକଳ ବସ୍ତୁରେ ଏକତ୍ୱ ଅଛି ବୋଲି ବୁଝିବାକୁ ହେବ ।

**ବସ୍ତୁସାମ୍ୟେ ଚିତ୍ତଭେଦାତ୍ତୟୋର୍ବିଭକ୍ତଃ ପନ୍ଥାଃ ॥୧୫॥**

—ବସ୍ତୁ ଏକ ହେଲେ ହେଁ ଚିତ୍ତ ଭିନ୍ନ ଭିନ୍ନ ବୋଲି ଭିନ୍ନ ଭିନ୍ନ ପ୍ରକାରର ବାସନା ଓ ଅନୁଭୂତି ହୋଇଥାଏ । ଏକ ବସ୍ତୁ ସମ୍ପର୍କରେ ଅନୁଭୂତି ଓ ବାସନା ଭିନ୍ନ ଭିନ୍ନ ହେତୁ ମନ ଓ ବିଷୟ ଭିନ୍ନ ସ୍ୱଭାବ-ଯୁକ୍ତ ।*

**ତଦୁପରାଗାପେକ୍ଷିତ୍ୱାଚ୍ଚିତ୍ତସ୍ୟ ବସ୍ତୁ ଜ୍ଞାତାଜ୍ଞାତମ୍ ॥୧୬॥**

—ଚିତ୍ତରେ ବସ୍ତୁର ପ୍ରତିବିମ୍ବପାତର ଅପେକ୍ଷା ହେତୁ ବସ୍ତୁ କେତେବେଳେ ଜ୍ଞାତ ଓ କେତେବେଳେ ଅଜ୍ଞାତ ରହେ ।

**ସଦା ଜ୍ଞାତାଶ୍ଚିତ୍ତବୃତ୍ତୟସ୍ତତ୍ପ୍ରଭୋଃ ପୁରୁଷସ୍ୟାପରିଣାମିତ୍ୱାତ୍ ॥୧୭॥**

—ଚିତ୍ତବୃତ୍ତିଗୁଡ଼ିକ ସର୍ବଦା ଜଣାଯାଏ, କାରଣ ସେମାନଙ୍କର ପ୍ରଭୁ-ପୁରୁଷ ଅପରିଣାମୀ ।

ଏପର୍ଯ୍ୟନ୍ତ ଯେଉଁ ମତର କଥା କୁହାହେଉଅଛି ତାହାର ସଂକ୍ଷିପ୍ତ ମର୍ମ ଏହି ଯେ, ଜଗତ ମନୋମୟ ଓ ଭୌତିକ ଉଭୟ ପ୍ରକାରର । ପୁଣି ଏହି ମନୋମୟ ଓ ଭୌତିକ ଜଗତ ସର୍ବଦା ଯେପରି ପ୍ରବାହ ଆକାରରେ ହିଁ ଚାଲୁଅଛି । ଏହି ପୁସ୍ତକ ଖଣ୍ଡିକ କଅଣ ? ଏହା ନିତ୍ୟପରିବର୍ତ୍ତନଶୀଳ କେତେଗୁଡ଼ିଏ ପରମାଣୁର ସମଷ୍ଟିମାତ୍ର । କେତେଗୁଡ଼ିଏ ବାହାରକୁ ଯାଉଅଛି, କେତେଗୁଡ଼ିଏ ଭିତରକୁ ଆସୁଅଛି, ତାହା ଗୋଟିଏ ଆବର୍ତ୍ତସ୍ୱରୂପ । କିନ୍ତୁ ଏହି ଏକତ୍ୱବୋଧ କିପରି ହେଉଅଛି ? ଏହି ଯେ ସେହି ଏକ ପୁସ୍ତକ, ଏହି ବୋଧ କିପରି ହେଉଅଛି ? ଏହି ପରମାଣୁଗୁଡ଼ିକ ତାଳେ ତାଳେ ହେଉଅଛି; ତାଳେ ତାଳେ ସେମାନେ ମୋ ମନରେ ସେମାନଙ୍କର ପ୍ରଭାବ ପ୍ରେରଣ କରୁଛନ୍ତି । ଯଦିଓ ସେମାନଙ୍କର ଭିନ୍ନ ଭିନ୍ନ ଅଂଶଗୁଡ଼ିକ ସଦା ପରିବର୍ତ୍ତନଶୀଳ, ତଥାପି ସେହିମାନେ ହିଁ ଏକତ୍ର ହୋଇ ଗୋଟିଏ ଅବିଚ୍ଛିନ୍ନ ଚିତ୍ରର ଜ୍ଞାନ ଉତ୍ପନ୍ନ କରୁଛନ୍ତି । ମନ ମଧ୍ୟ ଏହିପରି ସଦା ପରିବର୍ତ୍ତନଶୀଳ । ପଦାର୍ଥର ଦୁଇଟି ସ୍ତର ମନ ଓ ଶରୀର ବିଭିନ୍ନ ବେଗରେ ଗତିଶୀଳ । ତୁଳନାରେ ଗୋଟିଏ ମୃଦୁ ଓ ଅପରଟି ଦ୍ରୁତତର ବୋଲି ଅବଶ୍ୟ ଆମେ ଏହି ଦୁଇଟି ଗତି ମଧ୍ୟରେ ପାର୍ଥକ୍ୟ ଅନାୟାସରେ ବୁଝିପାରୁ । ଯେପରି ଗୋଟିଏ ଟ୍ରେନ୍ ଚାଲୁଅଛି । ତା'ପରେ ଅନ୍ୟ ଗୋଟିଏ ଗାଡ଼ି ତା' ପାଖ ଦେଇ ଯାଉଅଛି । କିଛି ଦୂର ପର୍ଯ୍ୟନ୍ତ ଏହି ଉଭୟଙ୍କର ଗତି ନିର୍ଣ୍ଣିତ ହୋଇପାରେ । କିନ୍ତୁ ଅନ୍ୟ ଗୋଟିଏ ପଦାର୍ଥର ପ୍ରୟୋଜନ । ନିଶ୍ଚଳ ବସ୍ତୁ ଗୋଟିଏ ଥିଲେ

---

* କୌଣସି କୌଣସି ଗ୍ରନ୍ଥରେ ଏହିଠାରେ ଅନ୍ୟ କୌଣସି ଗୋଟିଏ ସୂତ୍ର ଅଛି । ଏହି ସୂତ୍ରଟି ବୃତ୍ତିକାର ଭୋଜଦେବ ଗ୍ରହଣ କରି ନାହାନ୍ତି; କିନ୍ତୁ ବ୍ୟାସଭାଷ୍ୟରେ ଅଛି :

**ନ ଚୈକଚିତ୍ତତନ୍ତ୍ରଂ ବସ୍ତୁ ତଦପ୍ରମାଣକଂ ତଦା କିଂ ସ୍ୟାତ୍ ॥**

(ଦୃଶ୍ୟ) ବସ୍ତୁ ଗୋଟିଏ ମାତ୍ର ଚିତ୍ତର ଅଧୀନ ନୁହେଁ, କାରଣ ଯେବେ ସେହି ଚିତ୍ତର ପ୍ରତ୍ୟକ୍ଷାଦି ପ୍ରମାଣର ଅବିଷୟ ହେବ, (ଯେତେବେଳେ ଏହି ଚିତ୍ତ ବିଷୟାନ୍ତରରେ ମଗ୍ନ ବା ସୁଷୁପ୍ତି ବା ସମାଧିରେ ଲୀନ ହେବ), ସେତେବେଳେ ଏ ବସ୍ତୁର କଣ ହେବ ?—ସେତେବେଳେ କଣ ତାହାର କୌଣସି ଅସ୍ତିତ୍ୱ ରହିବ ନାହିଁ?

ହିଁ ଗତିକୁ ଅନୁଭବ କରାଯାଇପାରେ । ତେବେ ଯେତେବେଳେ ଦୁଇ ତିନୋଟି ବସ୍ତୁ ବିଭିନ୍ନ ଗତିବିଶିଷ୍ଟ ହୁଏ, ସେତେବେଳେ ଆମେ ପ୍ରଥମେ ଦ୍ରୁତଗତିଟିର, ପରିଶେଷରେ ମୃଦୁତର ଗତିଶୀଳ ବସ୍ତୁଟିର ଗତି ଅନୁଭବ କରିପାରୁ । ମନ କିପରି ଅନୁଭବ କରିବ ? ତାହା ମଧ୍ୟ ନିୟତ ଗତିଶୀଳ । ସୁତରାଂ ଅନ୍ୟ ଗୋଟିଏ ବସ୍ତୁ ରହିବା ପ୍ରୟୋଜନ, ଯାହା ଅପେକ୍ଷାକୃତ ମୃଦୁ ଭାବେ ଗତିଶୀଳ ଓ ପରେ ତଦପେକ୍ଷା ମୃଦୁତର—ଏହିପରି ଯାଉ ଯାଉ ଏହାର କୌଣସି ସୀମା ମିଳିବ ନାହିଁ । ସୁତରାଂ ଯୁକ୍ତି ତୁମକୁ କୌଣସି ଗୋଟିଏ ସ୍ଥାନରେ ଅଟକିବାକୁ ବାଧ୍ୟ କରିବ । ଅପରିବର୍ତ୍ତନୀୟ କୌଣସି ବସ୍ତୁକୁ ଜାଣି ତୁମକୁ ଏହି ପର୍ଯ୍ୟାୟର ଶେଷ କରିବାକୁ ହିଁ ହେବ । ଏହି ଅଶେଷ ଗତି-ଶୃଙ୍ଖଳର ପଶ୍ଚାତ୍‌ରେ ଅପରିଣାମୀ, ଅସଙ୍ଗ, ଶୁଦ୍ଧସ୍ୱରୂପ ପୁରୁଷ ରହିଛନ୍ତି । ଯେପରି ମ୍ୟାଜିକ୍ ଲଣ୍ଠନର ଆଲୋକ ଆସି ସ୍ଥିର ବସ୍ତୁ ଖଣ୍ଡ ଉପରେ ପ୍ରତିଫଳିତ ହୋଇ ସେଥିରେ ନାନା ବର୍ଣ୍ଣର ଚିତ୍ର ଉତ୍ପନ୍ନ କରେ ଅଥଚ କୌଣସି ପ୍ରକାରେ ଏହାକୁ ମଳିନ ବା ରଞ୍ଜିତ କରେ ନାହିଁ, ଠିକ୍ ସେହି ଭାବରେ ହିଁ ଏହିସବୁ ସଂସ୍କାର ସ୍ଥିରପୁରୁଷଙ୍କ ଉପରେ ପ୍ରତିଫଳିତ ହେଉଅଛି ମାତ୍ର ।

**ନ ତତ୍ ସ୍ୱାଭାସଂ ଦୃଶ୍ୟତ୍ୱାତ୍ ॥୧୮॥**

—ମନ ଦୃଶ୍ୟ (ପଦାର୍ଥ) ବୋଲି ସ୍ୱୟଂପ୍ରକାଶ ନୁହେଁ ।

ପ୍ରକୃତିର ସର୍ବତ୍ର ହିଁ ପ୍ରଚଣ୍ଡ ଶକ୍ତିର ବିକାଶ ଦେଖାଯାଏ; କିନ୍ତୁ ପ୍ରକୃତି ସ୍ୱପ୍ରକାଶିତ ନୁହନ୍ତି, ସ୍ୱଭାବତଃ ଚୈତନ୍ୟସ୍ୱରୂପ ନୁହନ୍ତି । କେବଳ ପୁରୁଷ ହିଁ ସ୍ୱପ୍ରକାଶିତ, ତାଙ୍କ ଜ୍ୟୋତିରେ ହିଁ ପ୍ରତ୍ୟେକ ବସ୍ତୁ ଉଦ୍ଭାସିତ ହେଉଅଛି । ତାଙ୍କର ଶକ୍ତି ହିଁ ଜଡ଼ ଓ ଅନ୍ୟାନ୍ୟ ଶକ୍ତି ମଧ୍ୟ ଦେଇ ସଞ୍ଚାରିତ ହେଉଅଛି ।

**ଏକସମୟେ ଚୋଭୟାନବଧାରଣମ୍ ॥୧୯॥**

—ଏକ ସମୟରେ ଦୁଇଟି ବସ୍ତୁକୁ ବୁଝିପାରେ ନାହିଁ ବୋଲି ମନ ସ୍ୱପ୍ରକାଶ ନୁହେଁ ।

ମନ ଯଦି ସ୍ୱପ୍ରକାଶ ହୁଅନ୍ତା, ତେବେ ଏକ ସମୟରେ ହିଁ ତାହା ନିଜକୁ ଓ ତାହାର ପ୍ରକାଶ୍ୟ ବସ୍ତୁଗୁଡ଼ିକୁ ଅନୁଭବ କରିପାରନ୍ତା; ମନ କିନ୍ତୁ ତାହା ପାରେ ନାହିଁ । ଯଦି ଗୋଟିଏ ବସ୍ତୁ ପ୍ରତି ଗଭୀର ମନୋଯୋଗ ପ୍ରଦାନ କର, ତେବେ ଆଉ ଅନ୍ୟ ବସ୍ତୁରେ ମନ ଏକ ସମୟରେ ନିଜକୁ ଓ ବିଷୟକୁ ଅନୁଭବ କରିପାରେ ନାହିଁ ବୋଲି ତାହା ସ୍ୱପ୍ରକାଶ ନୁହେଁ, ପୁରୁଷ ହିଁ ସ୍ୱପ୍ରକାଶ ।

**ଚିତ୍ତାନ୍ତରଦୃଶ୍ୟତ୍ୱେ ବୁଦ୍ଧି-ବୁଦ୍ଧେରତିପ୍ରସଙ୍ଗଃ ସ୍ମୃତିସଙ୍କରଶ୍ଚ ॥୨୦॥**

—ଯଦି କଳ୍ପନା କରାଯାଏ ଯେ, ଅନ୍ୟ ଏକ ଚିତ୍ତ ଏହି ଚିତ୍ତକୁ ପ୍ରକାଶ କରେ, ତେବେ ଏପରି କଳ୍ପନାର ଅନ୍ତ ରହିବ ନାହିଁ ଏବଂ ସ୍ମୃତି ଗୋଳମାଳ ହୋଇଯିବ ।

ମନେକର ଆଉ ଗୋଟିଏ ମନ ରହିଅଛି, ତାହା ଏହି ସାଧାରଣ ମନଟିକୁ ଅନୁଭବ କରୁଅଛି, ତାହାହେଲେ ପୁଣି ଏପରି ଗୋଟିଏ ମନ ଆବଶ୍ୟକ, ଯାହା ପୁଣି ଏହି ମନଟିକୁ ଅନୁଭବ କରିବ, ସୁତରାଂ କେଉଁଠି ହେଲେ ଏହାର ଶେଷ ମିଳିବ ନାହିଁ । ଏଥିରେ ସ୍ମୃତିର ମଧ୍ୟ ଗୋଳମାଳ ଉପସ୍ଥିତ ହେବ, କାରଣ ସ୍ମୃତିର କୌଣସି ନିର୍ଦ୍ଦିଷ୍ଟ ଭଣ୍ଡାର ରହିବ ନାହିଁ ।

**ଚିତ୍ତେରପ୍ରତିସଂକ୍ରମାୟାସ୍ତଦାକାରାପତ୍ତୌ ସ୍ୱବୁଦ୍ଧି ସମ୍ବେଦନମ୍ ॥୨୧॥**

—ଚିତ୍ତ (ପୁରୁଷଙ୍କ ଶକ୍ତି) ଅପରିଣାମୀ (ପରିବର୍ତ୍ତିତ ହୁଏ ନାହିଁ, ଅନ୍ୟ ଦିଗକୁ ସଞ୍ଚାରିତ ହୁଏ ନାହିଁ); ଯେତେବେଳେ ମନ ଚିତ୍ତ-ଶକ୍ତିର ଆକାର ଗ୍ରହଣ କରେ, ସେତେବେଳେ ହିଁ ଏହା ଜ୍ଞାନମୟ ହୁଏ ।

ଜ୍ଞାନ ପୁରୁଷଙ୍କ ଗୁଣ ନୁହେଁ, ଏହା ସ୍ପଷ୍ଟତର ଭାବରେ ବୁଝାଇବା ପାଇଁ ପତଞ୍ଜଳି ଏହି କଥା କହିଲେ । ମନ ଯେତେବେଳେ ପୁରୁଷଙ୍କ ନିକଟକୁ ଆସେ, ସେତେବେଳେ ଯେପରି ପୁରୁଷ ମନ ଉପରେ ପ୍ରତିଫଳିତ ହୁଅନ୍ତି ଏବଂ ମନ ସାମୟିକ-ଭାବେ ଜ୍ଞାନବାନ୍ ହୁଏ ଓ ବୋଧହୁଏ ଯେପରି ମନ ହିଁ ପୁରୁଷ ।

**ଦ୍ରଷ୍ଟୃ-ଦୃଶ୍ୟୋପରକ୍ତଂ ଚିତ୍ତଂ ସର୍ବାର୍ଥମ୍ ॥୨୨॥**

—ମନ ଯେତେବେଳେ ଦ୍ରଷ୍ଟା ଓ ଦୃଶ୍ୟ ଉଭୟଦ୍ୱାରା ଉପରକ୍ତ (ରଞ୍ଜିତ) ହୁଏ, ସେତେବେଳେ ତାହା ସର୍ବପ୍ରକାର ଅର୍ଥକୁ ହିଁ ପ୍ରକାଶ କରେ ।

ଏକ ଦିଗରେ ଦୃଶ୍ୟ ଅର୍ଥାତ୍ ବାହ୍ୟ ଜଗତ ମନ ଉପରେ ପ୍ରତିବିମ୍ବିତ ହେଉଅଛି, ଅନ୍ୟ ଦିଗରେ ଦ୍ରଷ୍ଟା ଅର୍ଥାତ୍ ପୁରୁଷ ତାହା ଉପରେ ପ୍ରତିବିମ୍ବିତ ହେଉଛନ୍ତି; ଏହି ଭାବରେ ହିଁ ମନର ସର୍ବପ୍ରକାର ଜ୍ଞାନଲାଭର ଶକ୍ତି ଆସେ ।

**ତଦସଂଖ୍ୟେୟବାସନାଭିଶ୍ଚିତ୍ରମପି ପରାର୍ଥଂ ସଂହତ୍ୟକାରିତ୍ୱାତ୍ ॥୨୩॥**

—ସେହି ମନ ଅସଂଖ୍ୟ ବାସନାଦ୍ୱାରା ଚିତ୍ରିତ ହେଲେ ମଧ ସଂହତ ପଦାର୍ଥ ବୋଲି ଅନ୍ୟର ଅର୍ଥାତ୍ ପୁରୁଷଙ୍କ ପାଇଁ କାର୍ଯ୍ୟ କରେ ।

ମନ ନାନାପ୍ରକାର ପଦାର୍ଥର ସଂହତି; ସୁତରାଂ ତାହା ନିଜ ପାଇଁ କାର୍ଯ୍ୟ କରିପାରେ ନାହିଁ । ଏ ଜଗତରେ ଯେତେ ସଂହତ ପଦାର୍ଥ ଅଛି, ସମସ୍ତଙ୍କର ପ୍ରୟୋଜନ ଅପର ବସ୍ତୁରେ— ଏପରି କୌଣସି ତୃତୀୟ ବସ୍ତୁରେ, ଯାହା ପାଇଁ ସେହି ପଦାର୍ଥ ଏହିପରି ସଂଯୁକ୍ତ ହୋଇଅଛି । ସୁତରାଂ ନାନାପ୍ରକାର ବସ୍ତୁର ସଂଯୋଗରେ ଉତ୍ପନ୍ନ ମନ ମଧ ପୁରୁଷଙ୍କ ପାଇଁ ।

**ବିଶେଷଦର୍ଶିନ ଆତ୍ମଭାବ-ଭାବନା-ବିନିବୃତ୍ତିଃ ॥୨୪॥**

—ବିଶେଷଦର୍ଶୀ ଅର୍ଥାତ୍ ବିବେକୀ ପୁରୁଷଙ୍କ ପକ୍ଷରେ ମନରେ ଆତ୍ମଭାବ ନିବୃତ୍ତ ହୋଇଯାଏ ।

ବିବେକ ବଳରେ ଯୋଗୀ ଜାଣିପାରନ୍ତି, ପୁରୁଷ ମନ ନୁହନ୍ତି ।

**ତଦା ବିବେକନିମ୍ନଂ କୈବଲ୍ୟପ୍ରାଗଭାବଂ* ଚିତ୍ତମ୍ ॥୨୫॥**

—ସେତେବେଳେ ଚିତ୍ତ ବିବେକପ୍ରବଣ ହୋଇ କୈବଲ୍ୟର ପୂର୍ବାବସ୍ଥା ଲାଭ କରେ ।

ଏହିପରି ଯୋଗଭ୍ୟାସଦ୍ୱାରା ବିବେକ-ଶକ୍ତି-ରୂପକ ଦୃଷ୍ଟିର ଶୁଦ୍ଧତା ଆମର ଲାଭ ହୋଇଥାଏ । ଆମମାନଙ୍କ ଦୃଷ୍ଟିର ଆବରଣ ଅପସରି ଯାଏ, ଆମେ ସେତେବେଳେ ବସ୍ତୁର ସ୍ୱରୂପ ଉପଲବ୍ଧି କରିପାରୁ । ଆମେ ବୁଝିପାରୁ ଯେ, ପ୍ରକୃତି ଗୋଟିଏ ମିଶ୍ର ପଦାର୍ଥ, ତାହା ସାକ୍ଷୀସ୍ୱରୂପ ପୁରୁଷଙ୍କ ପାଇଁ ଏହି ସକଳ ବିଚିତ୍ର ଦୃଶ୍ୟ ଦେଖାଉଅଛି । ଆମେମାନେ ସେତେବେଳେ ବୁଝିପାରୁ ପ୍ରକୃତି ଜଗତର ପ୍ରଭୁ ନୁହେଁ । ଏହି ପ୍ରକୃତିର ସମସ୍ତ ସଂହତି କେବଳ ଆମମାନଙ୍କ

* ପାଠାନ୍ତର—କୈବଲ୍ୟପ୍ରାଗ୍‌ଭାରଂ ।—ସେତେବେଳେ ଅର୍ଥ ହେବ, ମନରେ ବିବେକଜ୍ଞାନ ଗଭୀର ହୁଏ ଏବଂ ତାହା କୈବଲ୍ୟ ଅଭିମୁଖେ ଧାବିତ ହୁଏ ।

ହୃଦୟ-ସିଂହାସନରେ ସମାସୀନ ରାଜା ପୁରୁଷଙ୍କୁ ଏହିସବୁ ଦୃଶ୍ୟ ଦେଖାଇବା ନିମିତ୍ତ । ଯେତେବେଳେ ଦୀର୍ଘକାଳ ଅଭ୍ୟାସଦ୍ୱାରା ବିବେକର ଉଦୟ ହୁଏ, ସେତେବେଳେ ଭୟ ଚାଲିଯାଏ ଓ କୈବଲ୍ୟପ୍ରାପ୍ତି ହୁଏ ।

**ତଚ୍ଛିଦ୍ରେଷୁପ୍ରତ୍ୟୟାନ୍ତରାଣି ସଂସ୍କାରେଭ୍ୟଃ ॥ ୨୬॥**

—ତାହାର ବିଘ୍ନରୂପେ ମଝେ ମଝେ ଯେଉଁସବୁ ଅନ୍ୟାନ୍ୟ ଚିନ୍ତା ମନରେ ଜାଗ୍ରତ ହୁଏ, ସେଗୁଡ଼ିକ ସଂସ୍କାରରୁ ହିଁ ଉତ୍ପନ୍ନ ହୋଇଥାଏ ।

ମୋତେ ସୁଖୀ କରିବା ପାଇଁ କୌଣସି ବାହାର ବସ୍ତୁ ଆବଶ୍ୟକ—ଏହିପରି ବିଶ୍ୱାସ ଆମମାନଙ୍କର ଯେଉଁ ସକଳ ଭାବରୁ ଆସେ, ସେଗୁଡ଼ିକ ସିଦ୍ଧିଲାଭର ପ୍ରତିବନ୍ଧକ । ପୁରୁଷ ସ୍ୱଭାବତଃ ସୁଖ ଓ ଆନନ୍ଦସ୍ୱରୂପ । କିନ୍ତୁ ଏହି ଜ୍ଞାନ ପୂର୍ବ-ସଂସ୍କାର ହେତୁ ଆବୃତ ହୋଇଅଛି । ଏହି ସଂସ୍କାରଗୁଡ଼ିକର କ୍ଷୟ ହେବା ଆବଶ୍ୟକ ।

**ହାନମେଷାଂ କ୍ଲେଶବଦୁକ୍ତମ୍ ॥ ୨୭॥**

—(ଅବିଦ୍ୟା, ଅସ୍ମିତା ପ୍ରଭୃତି) କ୍ଲେଶଗୁଡ଼ିକୁ ଯେଉଁ ଉପାୟଦ୍ୱାରା ଧ୍ୱଂସ କରିବା କଥା କୁହାଯାଇଛି (୨।୧୦), ଏଗୁଡ଼ିକୁ ମଧ୍ୟ ଠିକ୍ ସେହି ଉପାୟରେ ହିଁ ନାଶ କରିବାକୁ ହେବ ।

**ପ୍ରସଂଖ୍ୟାନେଽପ୍ୟକୁସୀଦସ୍ୟ ସର୍ବଥା ବିବେକଖ୍ୟାତେର୍ଧର୍ମମେଘଃ ସମାଧିଃ ॥୨୮॥**

—ତତ୍ତ୍ୱ ସମୂହର ବିବେକଜ୍ଞାନଲାଭର ଠିକ୍ ପୂର୍ବେ ଐଶ୍ୱର୍ଯ୍ୟରୂପକ ଫଳ ମଧ୍ୟ ଯିଏ ତ୍ୟାଗ କରନ୍ତି, ବିବେକଜ୍ଞାନ ଫଳରେ ତାଙ୍କର ଧର୍ମ-ମେଘ ନାମକ ସମାଧି ଲାଭ ହୋଇଥାଏ ।

ଯେତେବେଳେ ଯୋଗୀ ବିବେକଜ୍ଞାନ ଲାଭ କରନ୍ତି, ସେତେବେଳେ ତାଙ୍କ ନିକଟରେ ପୂର୍ବ ଅଧ୍ୟାୟ କଥିତ ଶକ୍ତିଗୁଡ଼ିକ ଆସିବ; କିନ୍ତୁ ପ୍ରକୃତ ଯୋଗୀ ଏଗୁଡ଼ିକୁ ପରିତ୍ୟାଗ କରିଥାଆନ୍ତି । ସେତେବେଳେ ସେ ଏକ ବିଶେଷ ଆଲୋକ ଦେଖିବାକୁ ପାଆନ୍ତି—ସେ ଧର୍ମମେଘନାମକ ଏକ ଆଶ୍ଚର୍ଯ୍ୟ ଜ୍ଞାନର ଅଧିକାରୀ ହୁଅନ୍ତି । ଇତିହାସ ଯେଉଁ ସକଳ ଧର୍ମଗୁରୁଙ୍କ କଥା ବର୍ଣ୍ଣନା କରିଅଛି, ସେମାନେ ସମସ୍ତେ ଏହି ଧର୍ମମେଘ ସମାଧି ଲାଭ କରିଥିଲେ । ସେମାନେ ନିଜ ନିଜ ମଧ୍ୟରେ ହିଁ ଜ୍ଞାନର ବିଶାଳ ଭିତ୍ତି ଅନୁସନ୍ଧାନ କରି ପାଇଥିଲେ । ସତ୍ୟ ସେମାନଙ୍କ ନିକଟରେ ବାସ୍ତବରୂପେ ପ୍ରକାଶିତ ହୋଇଥିଲା । ପୂର୍ବୋକ୍ତ ଶକ୍ତିସମୂହର ଅଭିମାନ ତ୍ୟାଗ ହେତୁ ଶାନ୍ତି, ବିନୟ ଓ ପୂର୍ଣ୍ଣ ପବିତ୍ରତା ସେମାନଙ୍କର ସ୍ୱଭାବଗତ ହୋଇଯାଇଥିଲା ।

**ତତଃ କ୍ଲେଶକର୍ମନିବୃତ୍ତିଃ ॥୨୯॥**

—ସେଥିରୁ କ୍ଲେଶ ଓ କର୍ମର ନିବୃତ୍ତି ହୁଏ ।

ଯେତେବେଳେ ଏହି ଧର୍ମମେଘ-ସମାଧି ହୁଏ, ସେତେବେଳେ ଆଉ ପତନର ଆଶଙ୍କା ନାହିଁ, କିଛି ହେଲେ ଆଉ ତାହାଙ୍କୁ ନିମ୍ନ ଦିଗକୁ ଟାଣି ନେଇ ଯାଇପାରେ ନାହିଁ, ଆଉ ତାଙ୍କର କୌଣସି ଦୁଃଖ କଷ୍ଟ ରହେ ନାହିଁ ।

**ତଦା ସର୍ବାବରଣମଳାପେତସ୍ୟ ଜ୍ଞାନସ୍ୟାନନ୍ତ୍ୟାଜ୍ଜ୍ଞେୟମଳ୍ପମ୍ ॥୩୦॥**

—ସେତେବେଳେ ସର୍ବପ୍ରକାର ଆବରଣ ଓ ଅଶୁଦ୍ଧି-ଶୂନ୍ୟ ହେବାରୁ ଜ୍ଞାନ ଅନନ୍ତ ହୋଇଯାଏ, ସୁତରାଂ ଜ୍ଞେୟ ମଧ୍ୟ ଅଳ୍ପ ହୋଇଯାଏ ।

ଜ୍ଞାନ ତ ଭିତରେ ହିଁ ରହିଅଛି, ତାହାର ଆବରଣ ଅପସାରିତ ହୋଇଯାଇଛି । କୌଣସି ବୌଦ୍ଧଶାସ୍ତ୍ର 'ବୁଦ୍ଧ' (ଏହା ଗୋଟିଏ ଅବସ୍ଥାର ସୂଚକ) ଶବ୍ଦର ଲକ୍ଷଣ କରିଛନ୍ତି–ଅନନ୍ତ ଆକାଶ ସମ ଅନନ୍ତ ଜ୍ଞାନ । ଯୀଶୁ ଏହି ଅବସ୍ଥା ଲାଭ କରି 'ଖ୍ରୀଷ୍ଟ' ହୋଇଛନ୍ତି । ତୁମେ ସମସ୍ତେ ହିଁ ଏହି ଅବସ୍ଥା ଲାଭ କରିବ । ସେତେବେଳେ ଜ୍ଞାନ ଅନନ୍ତ ହୋଇଯିବ, ସୁତରାଂ ଜ୍ଞେୟ ଅଳ୍ପ ହୋଇଯିବ । ସର୍ବପ୍ରକାର ଜ୍ଞେୟ ବସ୍ତୁ–ସମନ୍ୱିତ ସମଗ୍ର ଜଗତ ପୁରୁଷଙ୍କ ନିକଟରେ ଯେପରି ଶୂନ୍ୟରେ ପରିଣତ ହୁଏ । ସାଧାରଣ ମନୁଷ୍ୟ ନିଜକୁ ଅତି କ୍ଷୁଦ୍ର ମନେକରେ, କାରଣ ତାଙ୍କ ନିକଟରେ ଜ୍ଞେୟ ବସ୍ତୁ ଅନନ୍ତ ବୋଲି ବୋଧହୁଏ ।

**ତତଃ କୃତାର୍ଥାନାଂ ପରିଣାମକ୍ରମସମାପ୍ତିର୍ଗୁଣାନାମ୍ ॥୩୧॥**

—ଯେତେବେଳେ ଗୁଣଗୁଡ଼ିକର କାର୍ଯ୍ୟ ଶେଷ ହୋଇଯାଏ, ସେତେବେଳେ ଗୁଣଗୁଡ଼ିକର ଯେଉଁ କ୍ରମପରିଣାମ ତାହା ମଧ୍ୟ ଶେଷ ହୋଇଯାଏ ।

ସେତେବେଳେ ଗୁଣଗୁଡ଼ିକର ଏହିସବୁ ବିବିଧ ପରିଣାମ—ଏକ ଜାତିରୁ ଅନ୍ୟ ଜାତିରେ ପରିଣତ—ସବୁ ଏକାବେଳକେ ଶେଷ ହୋଇଯାଏ ।

**କ୍ଷଣପ୍ରତିଯୋଗୀ ପରିଣାମାପରାନ୍ତନିର୍ଗ୍ରାହ୍ୟଃ କ୍ରମଃ ॥୩୨॥**

—ଯେଉଁ ପରିଣାମ କ୍ଷଣ ଅର୍ଥାତ୍ ମୁହୂର୍ତ୍ତସମ୍ବନ୍ଧ ନେଇ ଅବସ୍ଥିତ ଓ ଯାହାକୁ ଗୋଟିଏ ଶ୍ରେଣୀର ଅପର ପ୍ରାନ୍ତରେ (ଶେଷରେ)ପହଞ୍ଚି ବୁଝିହୁଏ, ତାହାର ନାମ କ୍ରମ ।

ପତଞ୍ଜଳି ଏଠାରେ 'କ୍ରମ' ଶବ୍ଦର ସଂଜ୍ଞା ଦେଉଛନ୍ତି । ଯେଉଁ ପରିଣାମଗୁଡ଼ିକ ମୁହୂର୍ତ୍ତକାଳ ସମ୍ବନ୍ଧରେ ସମ୍ବନ୍ଧଶୀଳ—'କ୍ରମ' ଶବ୍ଦ ଦ୍ୱାରା ସେଗୁଡ଼ିକୁ ବୁଝାଉଛି । ମୁଁ ଚିନ୍ତା କରୁଛି, ଏହା ମଧ୍ୟରେ କେତେ ମୁହୂର୍ତ୍ତ ଅତିବାହିତ ହେଲା । ପ୍ରତି ମୁହୂର୍ତ୍ତରେ ହିଁ ଭାବର ପରିବର୍ତ୍ତନ ହେଉଅଛି; କିନ୍ତୁ ଆମେ ଏ ପରିଣାମଗୁଡ଼ିକୁ ଗୋଟିଏ ଶ୍ରେଣୀର ଶେଷରେ (ଅର୍ଥାତ୍ ଅନେକ ପରିଣାମ-ଶ୍ରେଣୀ ପରେ) ଜାଣିପାରୁ । ଏହାକୁ 'କ୍ରମ' କହନ୍ତି । କିନ୍ତୁ ଯେଉଁ ମନ ସର୍ବବ୍ୟାପୀ ହୋଇଯାଇଛି, ତା' ପକ୍ଷରେ ଆଉ 'କ୍ରମ' ନାହିଁ । ତା' ପକ୍ଷରେ ସବୁ ହିଁ ବର୍ତ୍ତମାନ ହୋଇଯାଇଛି । କେବଳ ଏହି ବର୍ତ୍ତମାନ ହିଁ ତା' ନିକଟରେ ଉପସ୍ଥିତ ଅଛି, ଭୂତ ଓ ଭବିଷ୍ୟତ ତା' ଜ୍ଞାନରୁ ଏକାବେଳକେ ଚାଲିଯାଇଛି । ସେତେବେଳେ କାଳକୁ ସେ ମନ ଜୟ କରେ, ଆଉ ସମସ୍ତ ଜ୍ଞାନ ହିଁ ତାଙ୍କ ନିକଟରେ ମୁହୂର୍ତ୍ତକ ମଧ୍ୟରେ ଉଦ୍ଭାସିତ ହୁଏ । ସବୁ ହିଁ ତାଙ୍କ ନିକଟରେ ବିଦ୍ୟୁତ୍‌ସମ ଏକ ଝଲକରେ ପ୍ରକାଶିତ ହୁଏ ।

**ପୁରୁଷାର୍ଥଶୂନ୍ୟାନାଂ ଗୁଣାନାଂ ପ୍ରତିପ୍ରସବଃ କୈବଲ୍ୟଂ**
**ସ୍ୱରୂପପ୍ରତିଷ୍ଠା ବା ଚିତିଶକ୍ତେରିତି ॥୩୩॥**

ଗୁଣଗୁଡ଼ିକରେ ଯେତେବେଳେ ପୁରଷଙ୍କର ଆଉ କୌଣସି ପ୍ରୟୋଜନ ରହେ ନାହିଁ, ସେତେବେଳେ ସେମାନଙ୍କର ପ୍ରତିଲୋମ-କ୍ରମରେ ଲୟକୁ 'କୈବଲ୍ୟ' କହନ୍ତି, ଅଥବା ତାହାକୁ ଚିତ୍‌ଶକ୍ତିର (ଚୈତନ୍ୟଶକ୍ତିର) ସ୍ୱରୂପପ୍ରତିଷ୍ଠା କୁହାଯାଏ ।

ପ୍ରକୃତିର କାର୍ଯ୍ୟ ଶେଷ ହେଲା । ଆମର ପରମ କଲ୍ୟାଣମୟୀ ଧାତ୍ରୀ ପ୍ରକୃତି ଇଚ୍ଛା କରି

ଯେଉଁ ନିଃସ୍ୱାର୍ଥ କାର୍ଯ୍ୟ ନିଜ ଉପରେ ନେଇଥିଲେ, ତାହା ଶେଷ ହେଲା । ସେ ଯେପରି ଆତ୍ମବିସ୍ମୃତ ଜୀବାତ୍ମାର ହାତ ଧରି ତାହାଙ୍କୁ ଜଗତରେ ଯେତେ ପ୍ରକାର ଭୋଗ ଅଛି, ଧୀରେ ଧୀରେ ସବୁ ଭୋଗ କରାଇଲେ; ଯେତେ ପ୍ରକାର ପ୍ରକୃତିର ଅଭିବ୍ୟକ୍ତି, ବିକାର ଅଛି, ସବୁ ଦେଖାଇଲେ । କ୍ରମଶଃ ତାହାଙ୍କୁ ନାନାବିଧ ଶରୀର ମଧ୍ୟ ଦେଇ ଉଚ୍ଚରୁ ଉଚ୍ଚତର ସୋପାନକୁ ନେଇଯିବାକୁ ଲାଗିଲେ, ଶେଷରେ ଆତ୍ମା ନିଜ ଦୃଢ଼ ମହିମା ଫେରି ପାଇଲେ, ନିଜ ସ୍ୱରୂପ ପୁନରାୟ ତାଙ୍କ ସ୍ମୃତିପଥରେ ଉଦିତ ହେଲା । ସେତେବେଳେ ସେହି କରୁଣାମୟୀ ଜନନୀ ଯେଉଁ ପଥରେ ଆସିଥିଲେ ସେହି ପଥରେ ହିଁ ଫେରିଗଲେ ଏବଂ ଯେଉଁମାନେ ଏହି ପଦଚିହ୍ନହୀନ ଜୀବନର ମରୁରେ ପଥ ହରାଇଛନ୍ତି, ସେମାନଙ୍କୁ ପୁଣି ପଥ ଦେଖାଇବା ପାଇଁ ପ୍ରବୃତ୍ତ ହେଲେ । ଏହି ଭାବରେ ସେ ଅନାଦି ଅନନ୍ତ କାଳ କାର୍ଯ୍ୟ କରି ଚାଲିଛନ୍ତି । ଏହିପରି ସୁଖ-ଦୁଃଖ ମଧ୍ୟ ଦେଇ, ଭଲ-ମନ୍ଦ ମଧ୍ୟ ଦେଇ ଜୀବାତ୍ମାଗଣ ଅନନ୍ତ ସ୍ରୋତରେ ପ୍ରବାହିତ ହୋଇ ସିଦ୍ଧି ଓ ଆତ୍ମସାକ୍ଷାତ୍‌କାରସ୍ୱରୂପ ସମୁଦ୍ର ଆଡ଼କୁ ଚାଲିଛନ୍ତି ।

ଯେଉଁମାନେ ନିଜ ନିଜର ସ୍ୱରୂପ ଉପଲବ୍ଧ କରିଅଛନ୍ତି, ସେମାନଙ୍କର ଜୟ ହେଉ ! ସେମାନେ ଆମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ !

# ପରିଶିଷ୍ଟ

ଯୋଗବିଷୟରେ ଅନ୍ୟାନ୍ୟ ଶାସ୍ତ୍ରର ମତ

## ୧. ଶ୍ୱେତାଶ୍ୱତର ଉପନିଷଦ୍

### ଦ୍ୱିତୀୟ ଅଧ୍ୟାୟ

**ଅଗ୍ନିର୍ୟତ୍ରାଭିମଥ୍ୟତେ ବାୟୁର୍ୟତ୍ରାଧିରୁଧ୍ୟତେ ।**
**ସୋମ ଯତ୍ରାତିରିଚ୍ୟତେ ତତ୍ର ସଞ୍ଜାୟତେ ମନଃ ॥୬॥**

ଅର୍ଥ—ଯେଉଁଠାରେ ଅଗ୍ନିକୁ ମନ୍ଥନ କରାଯାଏ, ଯେଉଁଠାରେ ବାୟୁକୁ ରୋଧ କରାହୁଏ ଓ ଯେଉଁଠାରେ ଅପର୍ଯ୍ୟାପ୍ତ ସୋମରସ ପ୍ରବାହିତ ହୁଏ, ସେଠାରେ (ସିଦ୍ଧ) ମନର ଉତ୍ପତ୍ତି ହୋଇଥାଏ ।

**ତ୍ରିରୁନ୍ନତଂ ସ୍ଥାପ୍ୟ ସମଂ ଶରୀରଂ ହୃଦୀନ୍ଦ୍ରିୟାଣି ମନସା ସନ୍ନିବେଶ୍ୟ ।**
**ବ୍ରହ୍ମୋଡୁପେନ ପ୍ରତରେତ ବିଦ୍ୱାନ୍ ସ୍ରୋତାଂସି ସର୍ବାଣି ଭୟାବହାନି ॥୮॥**

ଅର୍ଥ—ବକ୍ଷଃ, ଗ୍ରୀବା ଓ ଶିରୋଦେଶ ଉନ୍ନତ ଭାବରେ ରଖି, ଶରୀରକୁ ସମଭାବରେ ଧାରଣ କରି, ଇନ୍ଦ୍ରିୟମାନଙ୍କୁ ମନରେ ସ୍ଥାପନ କରି ଜ୍ଞାନୀ ବ୍ୟକ୍ତି ବ୍ରହ୍ମରୂପକ ଭେଳାଦ୍ୱାରା ସମୁଦାୟ ଭୟାବହ ସ୍ରୋତ ପାର ହୋଇଯାଆନ୍ତି ।

**ପ୍ରାଣାନ୍ ପ୍ରପୀଡ୍ୟେହ ସଂଯୁକ୍ତଚେଷ୍ଟଃ କ୍ଷୀଣେ ପ୍ରାଣେ ନାସିକୟୋଚ୍ଛ୍ୱସୀତ ।**
**ଦୁଷ୍ଟାଶ୍ୱଯୁକ୍ତମିବ ବାହମେନଂ ବିଦ୍ୱାନ୍ ମନୋ ଧାରୟେତାପ୍ରମତ୍ତଃ ॥୯॥**

ଅର୍ଥ—ସଂଯୁକ୍ତଚେଷ୍ଟ ବ୍ୟକ୍ତି ପ୍ରାଣକୁ ସଂଯମ କରନ୍ତି । ଯେତେବେଳେ ତାହା ଶାନ୍ତ ହୋଇଯାଏ, ସେତେବେଳେ ନାସିକାଦ୍ୱାରା ପ୍ରଶ୍ୱାସ ପରିତ୍ୟାଗ କରନ୍ତି । ଯେପରି ସାରଥି ଚଞ୍ଚଳ ଅଶ୍ୱମାନଙ୍କୁ ଧାରଣ କରନ୍ତି, ଅଧ୍ୟବସାୟଶୀଳ ଯୋଗୀ ମଧ୍ୟ ମନକୁ ସେହିପରି ଧାରଣ କରିବେ ।

**ସମେ ଶୁଚୌ ଶର୍କରାବହ୍ନି ବାଲୁକାବିବର୍ଜିତେ ଶବ୍ଦଜଳାଶ୍ରୟାଦିଭିଃ ।**
**ମନୋଽନୁକୂଳେ ନ ତୁ ଚକ୍ଷୁଃପୀଡ଼ନେ ଗୁହାନିବାତାଶ୍ରୟଣେ**
**ପ୍ରୟୋଜୟେତ୍ ॥୧୦॥**

ଅର୍ଥ—ସମତଳ, ଶୁଚି, ପ୍ରସ୍ତର, ଅଗ୍ନି ଓ ବାଲୁକାଶୂନ୍ୟ, ମନୁଷ୍ୟକୃତ ଅଥବା କୌଣସି ଜଳପ୍ରପାତଜନିତ ମନଶ୍ଚାଞ୍ଚଲ୍ୟକର ଶବ୍ଦ ଶୂନ୍ୟ, ମନର ଅନୁକୂଳ, ଚକ୍ଷୁଃପ୍ରୀତିକର, ପର୍ବତଗୁହା ନିର୍ଜନ ସ୍ଥାନରେ ରହି ଯୋଗ ଅଭ୍ୟାସ କରିବାକୁ ହେବ ।

**ନୀହାରଧୂମାର୍କାନିଲାନଳାନାଂ ଖଦ୍ୟୋତବିଦ୍ୟୁତ୍‌ସ୍ଫଟିକଶଶିନାମ୍ ।**
**ଏତାନି ରୂପାଣି ପୁରଃସରାଣି ବ୍ରହ୍ମଣ୍ୟଭିବ୍ୟକ୍ତିକରାଣି ଯୋଗେ ॥୧୧॥**

ଅର୍ଥ—ନୀହାର, ଧୂମ, ସୂର୍ଯ୍ୟ, ବାୟୁ, ଅଗ୍ନି, ଖଦ୍ୟୋତ୍, ବିଦ୍ୟୁତ୍, ସ୍ଫଟିକ, ଚନ୍ଦ୍ର-ଏହି ରୂପଗୁଡ଼ିକ ସମ୍ମୁଖକୁ ଆସି କ୍ରମଶଃ ଯୋଗ ମାଧ୍ୟମରେ ବ୍ରହ୍ମକୁ ଅଭିବ୍ୟକ୍ତ କରନ୍ତି ।

**ପୃଥ୍ୟପ୍‌ତେଜୋଽନିଳଖେ ସମୁତ୍‌ଥିତେ ପଞ୍ଚାତ୍ମକେ ଯୋଗଗୁଣେ ପ୍ରବୃତ୍ତେ ।**
**ନ ତସ୍ୟ ରୋଗୋନ ଜରା ନ ମୃତ୍ୟୁଃ ପ୍ରାପ୍ତସ୍ୟ ଯୋଗାଗ୍ନି ମୟଂ ଶରୀରମ୍ ॥୧୨॥**

ଅର୍ଥ—ଯେତେବେଳେ ପୃଥିବୀ, ଜଳ, ତେଜଃ, ବାୟୁ ଓ ଆକାଶ ଏହି ପଞ୍ଚଭୂତରୁ ଯୌଗିକ ଅନୁଭୂତି ସମୁଦିତ ହୋଇଥାଏ, ସେତେବେଳେ ଯୋଗ ଆରମ୍ଭ ହୋଇଛି, ବୁଝିବାକୁ ହେବ । ଯେ ଏହି ପ୍ରକାର ଯୋଗାଗ୍ନିମୟ ଶରୀର ପାଇଛନ୍ତି, ତାଙ୍କର ଆଉ ବ୍ୟାଧି, ଜରା ବା ମୃତ୍ୟୁ ନ ଥାଏ ।

**ଲଘୁତ୍ୱମାରୋଗ୍ୟମଲୋଲୁପତ୍ୱଂ ବର୍ଣ୍ଣପ୍ରସାଦଃ ସ୍ୱରସୌଷ୍ଠବଞ୍ଚ ।**
**ଗନ୍ଧଃ ଶୁଭୋ ମୂତ୍ରପୁରୀଷମଳ୍ପଂ ଯୋଗପ୍ରବୃତ୍ତିଂ ପ୍ରଥମାଂ ବଦନ୍ତି ॥୧୩॥**

ଅର୍ଥ—ଶରୀରର ଲଘୁତା, ସ୍ୱାସ୍ଥ୍ୟ, ଲୋଭଶୂନ୍ୟତା, ସୁନ୍ଦର ବର୍ଣ୍ଣ, ସ୍ୱର-ସୌନ୍ଦର୍ଯ୍ୟ, ମୂତ୍ରପୁରୀଷର ଅଳ୍ପତା ଓ ଶରୀରରେ ଏକ ସୁନ୍ଦର ସୁଗନ୍ଧ—ଯୋଗାରମ୍ଭ ହେଲେ ଯୋଗୀଙ୍କର ଏହି ଲକ୍ଷଣଗୁଡ଼ିକ ପ୍ରକାଶ ପାଏ ।

**ଯଥୈବ ବିମ୍ବଂ ମୃଦୟୋପଲିପ୍ତଂ ତେଜୋମୟଂ ଭ୍ରାଜତେ ତଦ୍ ସୁଧାନ୍ତମ୍ ।**
**ତଦ୍ୱାତ୍ମତତ୍ତ୍ୱଂ ପ୍ରସମୀକ୍ଷ୍ୟ ଦେହୀ ଏକଃ କୃତାର୍ଥୋ ଭବତେ**
**ବୀତଶୋକଃ ॥୧୪॥**

ଅର୍ଥ—ଯେପରି ସୁବର୍ଣ୍ଣ ଓ ରଜତ ପ୍ରଥମେ ମୃତ୍ତିକାଦିଦ୍ୱାରା ଲିପ୍ତ ଥାଆନ୍ତି, ପରିଶେଷରେ ଉତ୍ତମରୂପେ ଧୌତ ହୋଇ ତେଜୋମୟ ହୋଇ ପ୍ରକାଶ ପାଆନ୍ତି, ସେହି ପ୍ରକାରରେ ଦେହୀ ଆତ୍ମତତ୍ତ୍ୱ ଦର୍ଶନ କରି ଏକସ୍ୱରୂପ, କୃତାର୍ଥ ଓ ଦୁଃଖବିମୁକ୍ତ ହୁଅନ୍ତି ।

## ୨.ଶଙ୍କର–ଉଦ୍ଧୃତ ଯାଜ୍ଞବଲ୍କ୍ୟ

ଆସନାନି ସମଭ୍ୟସ୍ୟ ବାଞ୍ଛିତାନି ଯଥାବିଧି ।
ପ୍ରାଣାୟାମଂ ତତୋ ଗାର୍ଗି ଜିତାସନଗତୋଽଭ୍ୟସେତ୍ ॥
ମୃଦ୍ୱାସନେ କୁଶାନ୍ ସମ୍ୟଗାସ୍ତୀର୍ଯ୍ୟାଜିନମେବ ଚ ।
ଲମ୍ବୋଦରଂ ଚ ସଂପୂଜ୍ୟ ଫଳମୋଦକଭକ୍ଷଣୈଃ ॥
ତଦାସନେ ସୁଖାସୀନଃ ସବ୍ୟେ ନ୍ୟସ୍ୟେତରଂ କରମ୍ ।
ସମଗ୍ରୀବଶିରାଃ ସମ୍ୟକ୍ ସଂବୃତାସ୍ୟଃ ସୁନିଶ୍ଚଳଃ ॥
ପ୍ରାଙ୍ ମୁଖୋଦଙ୍ମୁଖୋ ବାଽପି ନାସାଗ୍ରନ୍ୟସ୍ତଲୋଚନଃ ।
ଅତିଭୁକ୍ତମଭୁକ୍ତଂ ଚ ବର୍ଜୟିତ୍ୱା ପ୍ରଯତ୍ନତଃ ॥
ନାଡ଼ୀସଂଶୋଧନଂ କୁର୍ଯ୍ୟାଦୁକ୍ତମାର୍ଗେଣ ଯତ୍ନତଃ ।
ବୃଥା କ୍ଲେଶୋ ଭବେତ୍ତସ୍ୟ ତଚ୍ଛୋଧନମକୁର୍ବତଃ ॥
ନାସାଗ୍ରେ ଶଶଭୃଦ୍‌ବୀଜଂ ଚନ୍ଦ୍ରାତପବିତାନିତମ୍ ।
ସପ୍ତମସ୍ୟ ତୁ ବର୍ଗସ୍ୟ ଚତୁର୍ଥଂ ବିନ୍ଦୁସଂଯୁତଂ ॥
ବିଶ୍ୱମଧ୍ୟସ୍ଥମାଲୋକ୍ୟ ନାସାଗ୍ରେ ଚକ୍ଷୁଷୀ ଉଭେ ।
ଇଡ଼ୟା ପୂରୟେଦ୍‌ବାୟୁଂ ବାହ୍ୟଂ ଦ୍ୱାଦଶମାତ୍ରକୈଃ ॥
ତତୋଽଗ୍ନିଂ ପୂର୍ବବଦ୍‌ଧ୍ୟାୟେଦ୍ ସ୍ଫୁରଜ୍ଜ୍ୱାଳାବଳୀୟୁତମ୍ ।
ରୂପଷ୍ଟଂ ବିନ୍ଦୁସଂଯୁକ୍ତଂ ଶିଖିମଣ୍ଡଳସଂସ୍ଥିତମ୍ ॥
ଧ୍ୟାୟେଦ୍ୱିରେଚୟେଦ୍‌ବାୟୁଂ ମନ୍ଦଂ ପିଙ୍ଗଳୟା ପୁନଃ ।
ପୁନଃ ପିଙ୍ଗଳୟାପୂର୍ଯ୍ୟ ଘ୍ରାଣଂ ଦକ୍ଷିଣତଃ ସୁଧୀଃ ॥
ତଦ୍‌ବଦ୍‌ବିରେଚୟେଦ୍‌ବାୟୁମିଡ଼ୟା ତୁ ଶନୈଃ ଶନୈଃ ।
ତ୍ରିଚତୁର୍ବତ୍ସରଂ ଚାପି ତ୍ରିଚତୁର୍ମାସମେବ ବା ॥
ଗୁରୁଣୋକ୍ତପ୍ରକାରେଣ ରହସ୍ୟେବଂ ସମଭ୍ୟସେତ୍ ।
ପ୍ରାତର୍ମଧ୍ୟଦିନେ ସାୟଂ ସ୍ନାତ୍ୱା ଷଟ୍‌କୃତ୍ୱ ଆଚରେତ୍ ॥
ସନ୍ଧ୍ୟାଦିକର୍ମ କୃତ୍ୱୈବଂ ମଧ୍ୟରାତ୍ରେଽପି ନିତ୍ୟଶଃ ।
ନାଡ଼ୀଶୁଦ୍ଧି ମବାପ୍ନୋତି ତଚ୍ଚିହ୍ନଂ ଦୃଶ୍ୟତେ ପୃଥକ୍ ॥
ଶରୀରଲଘୁତା ଦୀପ୍ତିର୍ଜଠରାଗ୍ନିବିବର୍ଦ୍ଧନମ୍ ॥
ନାଦାଭିବ୍ୟକ୍ତିରିତ୍ୟେତଲ୍ଲିଙ୍ଗଂ ତଚ୍ଛୁଦ୍ଧିସୂଚନମ୍ ॥

*　　*　　*

ପ୍ରାଣାୟାମଂ ତତଃ କୁର୍ଯ୍ୟାଦ୍ରେଚକପୂରକକୁମ୍ଭକୈଃ ।
ପ୍ରାଣାପାନସମାଯୋଗଃ ପ୍ରାଣାୟାମଃ ପ୍ରକୀର୍ତ୍ତିତଃ ॥

*　　*　　*

ପୂରୟେତ୍ ଷୋଡ଼ଶୈର୍ମାତ୍ରୈରାପାଦତଳମସ୍ତକମ୍ ।
ମାତ୍ରୈର୍ଦ୍ୱାତ୍ରିଂଶକୈଃ ପଶ୍ଚାଦ୍ରେଚୟେତ୍ ସୁସମାହିତଃ ॥

ସମ୍ପୂର୍ଣ୍ଣକୁମ୍ଭବଦ୍‌ବାୟୋର୍ନିଶ୍ଚଳଂ ମୂର୍ଦ୍ଧ୍ନି ଦେଶତଃ ।
କୁମ୍ଭକଂ ଧାରଣଂ ଗାର୍ଗି ଚତୁଃଷଷ୍ଟ୍ୟା ତୁ ମାତ୍ରୟା ॥
ଋଷୟସ୍ତୁ ବଦନ୍ତ୍ୟନ୍ୟେ ପ୍ରାଣାୟାମପରାୟଣାଃ ।
ପବିତ୍ରୀଭୂତାଃ ପୂତାନ୍ତାଃ ପ୍ରଭଞ୍ଜନଜୟେ ରତାଃ ॥
ତତ୍ରାଦୌ କୁମ୍ଭକଂ କୃତ୍ୱା ଚତୁଃଷଷ୍ଟ୍ୟା ତୁ ମାତ୍ରୟା ।
ରେଚୟେଦ୍ ଷୋଡ଼ଶୀର୍ମାତ୍ରୈର୍ନାସେନୈକେନ ସୁନ୍ଦରି ॥
ତତଶ୍ଚ ପୂରୟେଦ୍‌ବାୟୁଂ ଶନୈଃ ଷୋଡ଼ଶମାତ୍ରୟା ।
ପ୍ରାଣାୟାମୈର୍ଦହେଦ୍ଦୋଷାନ୍ ଧାରଣାଭିଶ୍ଚ କିଳ୍ବିଷାନ୍ ।
ପ୍ରତ୍ୟାହାରାଚ୍ଚ ସଂସର୍ଗାନ୍ ଧ୍ୟାନେନାନୀଶ୍ୱରାନ୍ ଗୁଣାନ୍ ॥

ଅର୍ଥ—ଯଥାବିଧି ବାଞ୍ଛିତ ଆସନ ଅଭ୍ୟାସ କରି, ଅତଃପର, ହେ ଗାର୍ଗି, ଜିତାସନଗତ ହୋଇ ପ୍ରାଣାୟାମ ଅଭ୍ୟାସ କରିବ । କୋମଳ ଆସନରେ କୁଶ ସମ୍ୟକ୍ ବିଛାଇ, ତାହା ଉପରେ ମୃଗଚର୍ମ ବିଛାଇ, ଫଳ ଓ ମୋଦକଦ୍ୱାରା ଗଣେଶଙ୍କର ପୂଜା କରି ସେହି ଆସନରେ ସୁଖାସୀନ ହୋଇ, ବାମ ହସ୍ତରେ ଦକ୍ଷିଣହସ୍ତ ସ୍ଥାପନ କରି, ସମ-ଗ୍ରୀବାଶିର ହୋଇ, ମୁଖ ବନ୍ଦ କରି, ନିଶ୍ଚଳ ହୋଇ ପୂର୍ବମୁଖ ବା ଉତ୍ତରମୁଖ ହୋଇ ବସି, ନାସାଗ୍ରରେ ଦୃଷ୍ଟି ନ୍ୟସ୍ତ କରି ଅତିଭୋଜନ ବା ଏକାବେଳକେ ଅନାହାର ତ୍ୟାଗ କରି, ପୂର୍ବୋକ୍ତ ପ୍ରକାରରେ ଯତ୍ନପୂର୍ବକ ନାଡ଼ୀ ସଂଶୋଧନ କରିବ ଏହି ନାଡ଼ୀଶୋଧନ ନ କଲେ ତାର ସାଧନାର ସମସ୍ତ କ୍ଲେଶ ବୃଥା ହୁଏ ।

ପିଙ୍ଗଳା ଓ ଇଡ଼ାର ସଂଯୋଗସ୍ଥଳରେ (ଦକ୍ଷିଣ ଓ ବାମ ନାସିକାର ସଂଯୋଗସ୍ଥଳରେ) 'ହୁଂ' ବୀଜ ଚିନ୍ତା କରି ଇଡ଼ାକୁ ଦ୍ୱାଦଶମାତ୍ରା ବାହ୍ୟ ବାୟୁ ଦ୍ୱାରା ପୂର୍ଣ୍ଣ କରିବ । ତତ୍ପରେ ସେହି ସ୍ଥାନରେ ଅଗ୍ନିଙ୍କ ଚିନ୍ତା ଓ 'ରଂ' ବୀଜର ଧ୍ୟାନ କରିବ; ଏହି ପ୍ରକାର ଧ୍ୟାନ କରିବାବେଳେ ଧୀରେ ଧୀରେ ପିଙ୍ଗଳା (ଦକ୍ଷିଣ ନାସିକା) ଦେଇ ବାୟୁ ରେଚନ କରିବ । ପୁନରାୟ ପିଙ୍ଗଳାଦ୍ୱାରା ପୂରକ କରି ପୂର୍ବୋକ୍ତ ପ୍ରକାରେ ଧୀରେ ଧୀରେ ଇଡ଼ାଦ୍ୱାରା ରେଚନ କରିବ । ଗୁରୋପଦେଶାନୁସାରେ ଏହା ତିନି ଚାରି ବର୍ଷ ଅଥବା ତିନି ଚାରି ମାସ ଅଭ୍ୟାସ କରିବ । ଉଷାକାଳରେ, ମଧ୍ୟାହ୍ନରେ, ସାୟାହ୍ନରେ ଓ ମଧ୍ୟରାତ୍ରିରେ ଯେତେଦିନ ପର୍ଯ୍ୟନ୍ତ ନାଡ଼ୀଶୁଦ୍ଧି ନ ହୋଇଛି, ସେତେଦିନ ଗୋପନରେ ଏହା ଅଭ୍ୟାସ କରିବାକୁ ହେବ । ଏଥିରୁ ଏହି ଲକ୍ଷଣଗୁଡ଼ିକ ପ୍ରକାଶିତ ହେବ, ଯଥା—ଶରୀରର ଲଘୁତା, ସୁନ୍ଦର ବର୍ଣ୍ଣ, କ୍ଷୁଧା ଓ ନାଦଶ୍ରବଣ ।

ତତ୍ପରେ ରେଚକ, କୁମ୍ଭକ, ପୂରକାତ୍ମକ ପ୍ରାଣାୟାମ କରିବାକୁ ହେବ । ଅପାନ ସହିତ ପ୍ରାଣର ଯୋଗ କରିବାର ନାମ ପ୍ରାଣାୟାମ ।

୧୬ ମାତ୍ରା ମସ୍ତକଠାରୁ ପାଦ ପର୍ଯ୍ୟନ୍ତ ପୂରକ, ୩୨ ମାତ୍ରା ରେଚକ ଓ ୬୪ ମାତ୍ରା କୁମ୍ଭକ କରିବ ।

ଆଉ ଏକ ପ୍ରକାର ପ୍ରାଣାୟାମ ଅଛି, ସେଥିରେ ପ୍ରଥମେ ୬୪ ମାତ୍ରା କୁମ୍ଭକ, ପରେ ୩୨ ମାତ୍ରା ରେଚକ ଓ ତତ୍ପରେ ୧୬ ମାତ୍ରା ପୂରକ କରିବାକୁ ହେବ । ପ୍ରାଣାୟାମଦ୍ୱାରା ଶରୀରର ସମସ୍ତ ଦୋଷ ଦଗ୍ଧ ହୋଇଯାଏ । ଧାରଣାଦ୍ୱାରା ମନର ଅପବିତ୍ରତା ଦୂର ହୁଏ । ପ୍ରତ୍ୟାହାରଦ୍ୱାରା ସଙ୍ଗଦୋଷ ନାଶ ହୁଏ ଓ ଧ୍ୟାନଦ୍ୱାରା, ଯାହା ଆତ୍ମାର ସମସ୍ତ ଈଶ୍ୱରଭାବକୁ ଆବରଣ କରି ରଖେ, ତାହା ନାଶ ହୋଇଯାଏ ।

## ୩. ସାଂଖ୍ୟ-ପ୍ରବଚନ-ସୂତ୍ର

### ତୃତୀୟ ଅଧ୍ୟାୟ

**ଭାବନୋପଚୟାତ୍ ଶୁଦ୍ଧସ୍ୟ ସର୍ବଂ ପ୍ରକୃତିବତ୍ ।।୨୯।।**

ସୂତ୍ରାର୍ଥ—ପ୍ରଗାଢ଼ ଧ୍ୟାନବଳରେ, ଶୁଦ୍ଧସ୍ୱରୂପ ପୁରୁଷ ନିକଟକୁ ପ୍ରକୃତିତୁଲ୍ୟ ସମୁଦାୟ ଫଳ ଆସିଥାଏ ।

**ରାଗୋପହତିର୍ଧ୍ୟାନମ୍ ।।୩୦।।**

ସୂତ୍ରାର୍ଥ—ଆସକ୍ତିର ନାଶକୁ ଧ୍ୟାନ କହନ୍ତି ।

**ବୃତ୍ତିନିରୋଧାତ୍ତତ୍‌ସିଦ୍ଧିଃ ।।୩୧।**

ସୂତ୍ରାର୍ଥ—ସମୁଦାୟ ବୃତ୍ତିର ନିରୋଧରେ ଧ୍ୟାନ ସିଦ୍ଧ ହୁଏ ।

**ଧାରଣାସନସ୍ୱକର୍ମଣା ତତ୍‌ସିଦ୍ଧିଃ ।।୩୨।।**

ସୂତ୍ରାର୍ଥ—ଧାରଣା, ଆସନ ଓ ନିଜ କର୍ତ୍ତବ୍ୟକର୍ମ-ନିଷ୍ପାଦନଦ୍ୱାରା ଧ୍ୟାନ ସିଦ୍ଧ ହୁଏ ।

**ନିରୋଧଚ୍ଛାର୍ଦ୍ଦିବିଧାରଣାଭ୍ୟାମ୍ ।।୩୩।।**

ସୂତ୍ରାର୍ଥ—ଶ୍ୱାସର ଛର୍ଦ୍ଦି (ତ୍ୟାଗ) ଓ ବିଧାରଣ (ଧାରଣ) ଦ୍ୱାରା ପ୍ରାଣବାୟୁର ନିରୋଧ ହୁଏ ।

**ସ୍ଥିରସୁଖମାସନମ୍ ।।୩୪।।**

ସୂତ୍ରାର୍ଥ—ଯେଉଁ ଭାବରେ ବସିଲେ ସ୍ଥୈର୍ଯ୍ୟ ଓ ସୁଖ ଲାଭ ହୁଏ, ତାହାର ନାମ ଆସନ ।

**ବୈରାଗ୍ୟାଦଭ୍ୟାସାଚ୍ଚ ।।୩୬।।**

ସୂତ୍ରାର୍ଥ—ବୈରାଗ୍ୟ ଓ ଅଭ୍ୟାସଦ୍ୱାରା ମଧ୍ୟ (ତାହା ଲାଭ ହୋଇଥାଏ) ।

**ତତ୍ତ୍ୱାଭ୍ୟାସାନ୍ନେତି ନେତୀତି ତ୍ୟାଗାଦ୍‌ବିବେକସିଦ୍ଧିଃ ।।୭୪।।**

ସୂତ୍ରାର୍ଥ—ପ୍ରକୃତିର ପ୍ରତ୍ୟେକ ତତ୍ତ୍ୱକୁ 'ଏହା ନୁହେଁ, ଏହା ନୁହେଁ'—ଏହିପରି କହି ତ୍ୟାଗ କରିପାରିଲେ, ବିବେକ ସିଦ୍ଧ ହୁଏ ।

### ଚତୁର୍ଥ ଅଧ୍ୟାୟ

**ଆବୃତ୍ତିରସକୃଦୁପଦେଶାତ୍ ।।୩।।**

ସୂତ୍ରାର୍ଥ--ବେଦରେ ଏକାଧିକବାର ଶ୍ରବଣର ଉପଦେଶ ଅଛି; ସୁତରାଂ ପୁନଃ ପୁନଃ ଶ୍ରବଣ ଆବଶ୍ୟକ ।

**ଶ୍ୟେନବତ୍ ସୁଖଃଦୁଃଖୀ ତ୍ୟାଗବିୟୋଗାଭ୍ୟାମ୍ ।।୫।।**

ସୂତ୍ରାର୍ଥ—ଯେପରି ଶ୍ୟେନପକ୍ଷୀ ମାଂସର ବିୟୋଗରେ ଦୁଃଖୀ ଓ ସ୍ୱୟଂ ଇଚ୍ଛାପୂର୍ବକ ତ୍ୟାଗରେ ସୁଖୀ ହୁଏ, ତଦ୍ରୂପ ସାଧୁ ଇଚ୍ଛାପୂର୍ବକ ସର୍ବତ୍ୟାଗ କରି ସୁଖୀ ହେବେ ।

**ଅହିନିର୍ଲ୍ୱୟନୀବତ୍ ।।୬।।**

ସୂତ୍ରାର୍ଥ—ଯେପରି ସର୍ପମାନେ ହେୟଜ୍ଞାନରେ ଗାତ୍ରସ୍ଥ ଜୀର୍ଣ୍ଣତ୍ୱକ୍ ଅନାୟାସରେ ପରିତ୍ୟାଗ କରନ୍ତି (ସେହିପରି ସାଧକ ମଧ୍ୟ ପୂର୍ବ ସଂସ୍କାର ତ୍ୟାଗ କରିବେ) ।

**ଅସାଧନାନୁଚିନ୍ତନଂ ବନ୍ଧାୟ ଭରତବତ୍ ॥୮॥**

ସୂତ୍ରାର୍ଥ--ଯାହା ବିବେକଜ୍ଞାନର ସାଧନ ନୁହେଁ, ତାହାର ଚିନ୍ତା କରିବ ନାହିଁ, କାରଣ ଏହା ବନ୍ଧନର ହେତୁ; ଦୃଷ୍ଟାନ୍ତ—ଭରତ ରାଜା ।

**ବହୁଭିର୍ଯୋଗେ ବିରୋଧୋ ରାଗାଦିଭିଃ କୁମାରୀଶଙ୍ଖବତ୍ ॥୯॥**

ସୂତ୍ରାର୍ଥ—ବହୁ ବ୍ୟକ୍ତିଙ୍କର ସଙ୍ଗ ରାଗାଦିର କାରଣ ବୋଲି ଧ୍ୟାନର ବିଘ୍ନସ୍ୱରୂପ ଦୃଷ୍ଟାନ୍ତ- କୁମାରୀହସ୍ତେ ବହୁ ଶଙ୍ଖ ।

**ଦ୍ୱାଭ୍ୟାମପି ତଥୈବ ॥୧୦॥**

ସୂତ୍ରାର୍ଥ—ଦୁଇ ଜଣ (ଲୋକ) ଏକସଙ୍ଗରେ ରହିବା ମଧ୍ୟ ତଦ୍ରୂପ ।

**ନିରାଶଃ ସୁଖୀ ପିଙ୍ଗଳାବତ୍ ॥୧୧॥**

ସୂତ୍ରାର୍ଥ—ଆଶା ତ୍ୟାଗ କଲେ ଆମେ ସୁଖୀ ହୋଇଥାଉ; ଦୃଷ୍ଟାନ୍ତ-ପିଙ୍ଗଳାନାମ୍ନୀ ବେଶ୍ୟା ।

**ବହୁଶାସ୍ତ୍ରଗୁରୁପାସନେଽପି ସାରାଦାନଂ ଷଟ୍‌ପଦବତ୍ ॥୧୩॥**

ସୂତ୍ରାର୍ଥ—ମଧୁକର ଯେପରି ଅନେକ ପୁଷ୍ପରୁ ମଧୁ ସଂଗ୍ରହ କରିଥାଏ, ସେହିପରି ଯଦିଓ ବହୁ ଶାସ୍ତ୍ର ଓ ବହୁ ଗୁରୁଙ୍କର ଉପାସନା କରାହୁଏ, ତଥାପି ସେମାନଙ୍କ ମଧ୍ୟରୁ ସାର ଟିକକ ଗ୍ରହଣ କରିବାକୁ ହେବ ।

**ଇଷୁକାରବନ୍ନୈକଚିତ୍ତସ୍ୟ ସମାଧିହାନିଃ ॥୧୪॥**

ସୂତ୍ରାର୍ଥ—ଶରନିର୍ମାତା ଭଳି ଏକାଗ୍ରଚିତ୍ତ ରହିଲେ ସମାଧି ଭଙ୍ଗ ହୁଏ ନାହିଁ ।

**କୃତନିୟମଲଙ୍ଘନାଦାନର୍ଥକ୍ୟଂ ଲୋକବତ୍ ॥୧୫॥**

ସୂତ୍ରାର୍ଥ—ଲୌକିକ ବିଷୟରେ ଯେପରି କୃତନିୟମ ଲଙ୍ଘନ କଲେ ମହା ଅନର୍ଥର ଉତ୍ପତ୍ତି ହୁଏ, ସେହିପରି ଏଥିରେ ମଧ୍ୟ ହୁଏ ।

**ପ୍ରଣତିବ୍ରହ୍ମଚର୍ଯୋପସର୍ପଣାନି କୃତ୍ୱା ସିଦ୍ଧିର୍ବହୁକାଳାତ୍ତଦ୍ୱତ୍ ॥୧୯॥**

ସୂତ୍ରାର୍ଥ—ପ୍ରଣତି, ବ୍ରହ୍ମଚର୍ଯ୍ୟ ଓ ଗୁରୁସେବାଦ୍ୱାରା ଇନ୍ଦ୍ରଙ୍କ ପରି ଦୀର୍ଘ ସମୟ ପରେ ସିଦ୍ଧିଲାଭ ହୁଏ ।

**ନ କାଳନିୟମୋ ବାମଦେବବତ୍ ॥୨୦॥**

ସୂତ୍ରାର୍ଥ—ଜ୍ଞାନୋତ୍ପତ୍ତିର କାଳନିୟମ ନାହିଁ । ଯେପରି ବାମଦେବ ମୁନିଙ୍କର (ଗର୍ଭାବସ୍ଥାରେ ଜ୍ଞାନୋଦୟ) ହୋଇଥିଲା ।

**ଲବ୍‌ଧାତିଶୟଯୋଗାଦ୍ୱା ତଦ୍ୱତ୍ ॥୨୪॥**

ସୂତ୍ରାର୍ଥ—ଯେଉଁ ବ୍ୟକ୍ତି ଅତିଶୟ ଜ୍ଞାନର ପରାକାଷ୍ଠା ଲାଭ କରିଛନ୍ତି, ତାଙ୍କର ସଙ୍ଗଦ୍ୱାରା ମଧ୍ୟ ବିବେକ ଲାଭ ହୋଇଥାଏ ।

**ନ ଭୋଗାଦ୍ ରାଗଶାନ୍ତିର୍ମୁନିବତ୍ ॥୨୭॥**

ସୂତ୍ରାର୍ଥ—ଯେପରି ଭୋଗରେ ସୌଭରି ମୁନିଙ୍କର ଆସକ୍ତି ଶାନ୍ତ ହେଲା ନାହିଁ, ସେହିପରି ଅନ୍ୟମାନଙ୍କ କ୍ଷେତ୍ରରେ ଭୋଗଦ୍ୱାରା ରାଗଶାନ୍ତି ହୁଏ ନାହିଁ ।

### ପଞ୍ଚମ ଅଧ୍ୟାୟ

**ଯୋଗସିଦ୍ଧୟୋଽପ୍ୟୌଷଧାଦିସିଦ୍ଧିବନ୍ନାପଳପନୀୟାଃ ॥୧୨୮॥**

ସୂତ୍ରାର୍ଥ—ଔଷଧାଦିଦ୍ୱାରା ଆରୋଗ୍ୟସିଦ୍ଧି ହୁଏ ବୋଲି ଯେପରି ଲୋକେ ଔଷଧାଦିର ଶକ୍ତି ଅସ୍ୱୀକାର କରନ୍ତି ନାହିଁ, ସେହିପରି ଯୋଗଜ ସିଦ୍ଧ ମଧ୍ୟ ଅସ୍ୱୀକାର କଲେ ଚଳିବ ନାହିଁ ।

### ଷଷ୍ଠ ଅଧ୍ୟାୟ

**ସ୍ଥିରସୁଖମାସନମିତି ନ ନିୟମଃ ॥୨୪॥**

ସୂତ୍ରାର୍ଥ—ସ୍ୱସ୍ତିକାଦି ଆସନ ଅଭ୍ୟାସ ନିଶ୍ଚୟ କରିବାକୁ ହେବ, ଏପରି କୌଣସି ନିୟମ ନାହିଁ । ଶରୀର ଓ ମନ ବିଚଳିତ ନ ହୋଇ ବରଂ ସୁଖକର ହେବ, ଏହିପରି ଭାବରେ ଉପବେଶନର ନାମ ହିଁ ଆସନ ।

## ୪. ବ୍ୟାସ-ସୂତ୍ର(ବେଦାନ୍ତ-ସୂତ୍ର)

### ଚତୁର୍ଥ ଅଧ୍ୟାୟ—ପ୍ରଥମ ପାଦ

**ଆସୀନଃ ସମ୍ଭବାତ୍ ॥୭॥**

ଅର୍ଥ—ଉପବେଶନ କରି ଉପାସନା କରିବା ସମ୍ଭବ, ସୁତରାଂ ସେହି ଭାବରେ ଉପାସନା କରିବ ।

**ଧ୍ୟାନାଚ୍ଚ ॥୮॥**

ଅର୍ଥ—ଧ୍ୟାନ-ହେତୁ ମଧ୍ୟ (ଉପବିଷ୍ଟ, ଅଙ୍ଗଚେଷ୍ଟାରାହିତ୍ୟାଦି ଲକ୍ଷଣାକ୍ରାନ୍ତ ପୁରୁଷକୁ ଦେଖି ଲୋକେ କହନ୍ତି, ଏ ଧ୍ୟାନ କରୁଛନ୍ତି, ଅତଏବ ଧ୍ୟାନ ଉପବିଷ୍ଟ ପୁରୁଷଙ୍କ ପକ୍ଷରେ ସମ୍ଭବ) ।

**ଅଚଳତ୍ୱଞ୍ଚାପେକ୍ଷ୍ୟ ॥୯॥**

ଅର୍ଥ—କାରଣ, ଧ୍ୟାନୀ ପୁରୁଷଙ୍କୁ ନିଶ୍ଚଳ ପୃଥିବୀ ସହିତ ତୁଳନା କରାଯାଇଛି ।

**ସ୍ମରନ୍ତି ଚ ॥୧୦॥**

ଅର୍ଥ—କାରଣ ସ୍ମୃତିରେ ମଧ୍ୟ ଏହି କଥା କୁହାଯାଇଥାଏ ।

**ଯତ୍ରୈକାଗ୍ରତା ତତ୍ରାବିଶେଷାତ୍ ॥୧୧॥**

ଅର୍ଥ—ଯେଉଁଠାରେ ଏକାଗ୍ରତା ହେବ, ସେହି ସ୍ଥାନରେ ବସି ଧ୍ୟାନ କରିବ, କାରଣ କେଉଁ ସ୍ଥାନରେ ବସି ଧ୍ୟାନ କରିବାକୁ ହେବ, ତାହାର କୌଣସି ବିଶେଷ ବିଧାନ ନାହିଁ ।

* * *

ଏହି କେତୋଟି ଉଦ୍ଧୃତ ଅଂଶ ଦେଖିବାମାତ୍ରେ ଅନ୍ୟାନ୍ୟ ଭାରତୀୟ ଦର୍ଶନ ଯୋଗ ସମ୍ବନ୍ଧରେ କଅଣ କହିଛନ୍ତି, ତାହା ଜାଣାଯିବ ।

—୦—

# ନିର୍ଦ୍ଦେଶିକା


ଏକତ୍ୱ ଲାଭ ୨୮୧ ।

ଅଜ୍ଞାନ- ମୃତ୍ୟୁତୁଲ୍ୟ ୭୧;-ଅବସ୍ଥାରେ ଜ୍ଞାନୁଶୀଳନ ୨୬୬ ।

ଅଜ୍ଞେୟବାଦ ବୌଦ୍ଧଙ୍କର- ୨୫;-ବ୍ୟାଖ୍ୟା ୨୩୨ ।

ଅଜ୍ଞେୟବାଦୀ-ବୌଦ୍ଧ ୩୭; ଏମାନଙ୍କର ସମାଜ କଲ୍ୟାଣ ୧୪୪; ଏମାନଙ୍କର ଯୁକ୍ତି୨୨୦ ।

ଅତିଚେତନ-କର୍ମ ୧୪୨, ଅବସ୍ଥା ୧୬୧,୧୬୫ ।

ଅତୀନ୍ଦ୍ରିୟ - ସତ୍ତା ୩୨,୨୩୫;-ଅବସ୍ଥା- ୧୪୨,୨୧୦; -ତତ୍ତ୍ୱ୨୨୬;-ଜ୍ଞାନ ୧୪୨,୨୨୨; ଜଗତ୨୩୯-ଅନୁଭୂତି ୨୦୭ ରାଜ୍ୟ-୨୧୦ ।

ଅଦ୍ୱୈତ-ଜ୍ଞାନ ୩୪; ବାଦ ୩୪,୩୬, ୨୩୫-ବାଦୀ ୨୫୨ ।

ଅଧ୍ୟାତ୍ମ-ଜ୍ଞାନ ୭୧-ବାଦ ୧୪୪ ଶାସ୍ତ୍ର ୨୬୬ ।

ଅନାସକ୍ତି-ଲାଭ ୭୬; -ତତ୍ତ୍ୱ ୯୮ ଏହାର ଭାବ ୧୦୦, ୨୪୩, ଯୋଗର ଭିତ୍ତି ୧୧୧, ଏହାର ଆକର୍ଷଣ୧୩୦ ।

ଅନୁଭୂତି- ଏହା ହିଁ ଧର୍ମ ୧୪୪, ପ୍ରତ୍ୟକ୍ଷ ୧୫୫,୧୭୨,୧୮୪,୨୩୯,୨୪୩, ଭାବାତ୍ମକ ବା ଅଭାବାତ୍ମକ ୨୪୧ ଇନ୍ଦ୍ରିୟାତୀତ-୨୬୭ ଏହାର

ଅପରୋକ୍ଷାନୁଭୂତି-ହିନ୍ଦୁମାନଙ୍କର ମୂଳ ମନ୍ତ୍ର ୩୨,୩୫; ଧର୍ମ ୧୪୪; ବ୍ରହ୍ମର - ୧୫୨ ।

ଅବଚେତନ-ଭାବ ୧୩୯,୨୧୯; ଭୂମି- ୨୭୨ ।

ଅଭିଜ୍ଞତା, ପୂର୍ବାର୍ଜିତ-୨୮,୨୪୦; ପ୍ରତ୍ୟକ୍ଷ୧୪୪ ; ମହାନ ଶିକ୍ଷକ- ୨୭୮ ।

ଅଭ୍ୟାସ - ସିଦ୍ଧିର ରହସ୍ୟ ୧୦୬ - ଦ୍ୱିତୀୟ ସ୍ୱଭାବ ୨୪୨;-ବ୍ୟାଖ୍ୟା ୨୪୩ ।

ଅଶୋକ (ସମ୍ରାଟ)-୨୧,୩୭

ଅଷ୍ଟସିଦ୍ଧି- ୨୨୯,୩୦୪

ଅଷ୍ଟାଙ୍ଗଯୋଗ -୧୫୭

ଅସ୍ତେୟ-ଶବ୍ଦାର୍ଥ ୨୨୭; 'ଯମ'-ଏହାର ଅଙ୍ଗ ୨୮୬ ।

ଅସ୍ମିତା-ସମାଧି୨୪୬;-ଧ୍ୟାନର ବିଷୟ- ଭୁକ୍ତ; ୨୫୮ -କ୍ଲେଶ୨୬୭; ବା ଅହଂକାର୨୭୨; ଏହାର ଉତ୍ପତ୍ତି- ୩୦୬ ।

ଅହଂକାର-୧୦୪, ୧୩୩, ୧୭୨, ୨୧୪ ୩୬, ୨୪୪, ୨୪୫, ୨୬୧, ୨୬୨ ।

ଅହିଂସା ଶବ୍ଦାର୍ଥ ୨୨୭, ୨୩୦; 'ଯମ' ଏହାର ଅଙ୍ଗ ୨୫୩, ଏହାର

ଆଦର୍ଶ୫୮ ।
ଆହୁର -ମଜଦା ୩୮
ଆକବର ୨୧, ୩୮
ଆକାଶ (ଇଥର୍) -ଜଗତ ସୃଷ୍ଟିର ଉପାଦାନ ୧୯୧; ହୃଦୟ ଭିତରେ୨୨୯ ଓ କର୍ଣ୍ଣର ସମ୍ବନ୍ଧ ୩୦୩ ।
ଆଜଟେକ୍ (ଜାତି) ୮୮
ଆତ୍ମବୋଧ-୩୩; ସଂଯମ ୫୩, ୫୪, ୧୦୫; ଜ୍ଞାନ ୮୫,୧୩୮; -ତ୍ୟାଗ ୧୦୦,୧୦୧,୧୧୩, ତୃପ୍ତ ୧୧୧ -ବିଶ୍ୱାସୀ ୧୪୩, ସ୍ୱରୂପ ୧୪୪, -ଦର୍ଶନ ୧୫୬ ୧୭୩ ପରୀକ୍ଷା -୩୪୧ ।
ଆତ୍ମା-ସୃଷ୍ଟ ନୁହନ୍ତି ୨୭; ଏହାର ସ୍ୱରୂପ ୩୦, ୩୨, ୧୬୦, ୨୬୫, ୨୬୫, ୨୬୭,୨୮୪; ଅମର ୩୦, ୩୧, ୧୩୪, ୧୮୫, ୨୩୮, ୨୩୮,୨୭୩; ଏହାର ମୁକ୍ତି ଏହାର ଆବରଣ ଉନ୍ମୋଚନ ୫୦ ଏହାକୁ ଜାଗରଣ କରାଇବା ୫୧; ଏହାର ବନ୍ଧନ ୭୨; ଓ ପ୍ରକୃତି ୭୫, ୨୮୧, ୨୮୩; ଏହାର ମହିମା ୮୩, ୩୧୨; ଏହା ଉପରେ ପ୍ରଭାବ ୧୦୫, ଏଥିରେ ତୃପ୍ତ ୧୧୭, ଚିରସ୍ଥିର ୧୨୫, ସମ୍ବନ୍ଧରେ ସୂକ୍ଷ୍ମ ମତବାଦ୧୨୬ ସର୍ବବାଦ ବିଦ୍ୟମାନ ୧୩୪, ରଥୀ ୧୪୮ ଜାତିହୀନ ୧୫୨, ଦେହ-ମନାତୀତ୧୬୪, ୧୬୫, ଅବ୍ୟକ୍ତ ବ୍ରହ୍ମ ୧୬୮, ୨୮୪ସର୍ବବ୍ୟାପୀ ୧୮୬, ୧୭୦, ମନ ଏହାର ଯନ୍ତ୍ର ୧୮୦, ୨୬୮, ଏହାକୁ ଲାଭ ୧୮୮, ଅବିନାଶୀ ୨୨୦,- ସାକ୍ଷାତ୍କାର୨୨୭ ଚୈତନ୍ୟମୟ ୨୩୭, -ପ୍ରକୃତିର ବାହାରେ ୨୪୫, ୨୮୦, ୨୮୧ ଏହାକୁ ଉପଲବ୍ଧି ୨୬୬ ।
ଏହାର ଦୁଃଖର କାରଣ ୨୬୮, ୨୮୩, ନିୟମର ଅତୀତ୨୬୮, -କାର୍ଯ୍ୟ-କାରଣ-ଶୃଙ୍ଖଳର ବାହାରେ ୨୮୧, ଏହାର ଜ୍ଞାନର ଓ ମୁକ୍ତିର ପ୍ରତିବନ୍ଧକ ୩୦୨ ।
ଆଦର୍ଶ-ଅନୁଯାୟୀ କାର୍ଯ୍ୟ,୬୪, ଏହାର ଉପଲବ୍ଧି ହିଁ କାର୍ଯ୍ୟ୧୨୭, ସ୍ୱରୂପ ହେବା ହିଁ ଧର୍ମ ମୁକ୍ତି୧୪୫ ଏହାର ସ୍ଥାୟୀ ଉପଲବ୍ଧି୧୬୮ ।
ଆର୍ନଲଡ୍, ଏଡୁଇନ୍ ୧୦୧ ।
ଆର୍ନେଚ (ଧର୍ମଯାଜକ)୧୫ ।
ଆପ୍ତ-ବାକ୍ୟ (ଆଗମ)-ବେଦ ୨୬, ଏହାର ପ୍ରମାଣ ୨୪୦, ଏହାର ଆକ୍ଷରିକ ଅର୍ଥ ୨୪୧ ଏହାର କାର୍ଯ୍ୟକାରିତାର ସୀମା ୨୬୩ ।
ଆସକ୍ତି-ଶୂନ୍ୟ ୯୩,୧୧୭,୧୨୭,୧୩୮ ଏହାର ଭାବ୧୦୩, -ତ୍ୟାଗର ଉପାୟ ୧୦୩ ଠାରୁ ହିଁ ଦୁଃଖ ୧୧୨,୧୨୮,୧୪୪ ଏହାର ତାଡ଼ନା୧୧୫, -ଯୋଗର ଶତ୍ରୁ୧୫୪ ଦେହରେ -୧୮୬ ।

ଆସନ-ବସିବାର ପ୍ରଣାଳୀ ୧୫୭, ୧୮୨, ୩୦୬ ଏହାର ଉପକାରିତା ୩୨୫ ।
ଆହାର-ସମ୍ବନ୍ଧରେ ନିୟମ ୧୮୦ ସମ୍ବନ୍ଧରେ ସତର୍କତା-୨୧୬ ସଜ୍ଞାନ କର୍ମ ୨୨୦ ।
ଇଚ୍ଛା-ଶକ୍ତିଲାଭ ୫୧, ୧୦୬, ୧୪୧, ୨୦୪; ସ୍ୱାଧୀନ- ୧୦୮, ୧୪୧ ;-ଶକ୍ତି ଉପକାରିତା ୧୧୦ ।
ଶକ୍ତି ଦ୍ୱାରା କର୍ମ -୧୧୩, ଶକ୍ତିର କ୍ଷମତା- ୧୨୭,୧୬୪ -ଶକ୍ତିର ବିକାଶ ୧୫୭ -ଶକ୍ତି ମନର ସ୍ତର୧୫୬ ।
ଶକ୍ତି ଦ୍ୱାରା ମନର ସଂଯମ ୧୬୩ ।
ଶକ୍ତି ପ୍ରୟୋଗ ୧୯୮
ଶକ୍ତ ନିୟନ୍ତ୍ରଣ ୨୩୫
ଇଥର୍ (ଆକାଶ)-ଦ୍ୱାରା ଜଗତର ସମୁଦାୟ ବସ୍ତୁ ଉତ୍ପନ୍ନ୧୯୫ ଜଗତ ଏହାର ସମୁଦ୍ର ୨୦୧ ଏହାର କମ୍ପନ ୧୪୪ ଏହାର ଉପରେ ସଂଯମ ୩୦୩ ।
ଇନ୍ଦ୍ରିୟ-ଅନୁଭୂତି -୩୧,୨୩୨ ଗ୍ରାହ୍ୟ ୫୦,୧୨୨ ଜୟ ୭୩ ଗୋଚର ୧୦୮ ; ଦ୍ୱାରା ସୀମାବଦ୍ଧ ୧୧୦ -ଭୋଗ୍ୟ ୧୧୩; -ସୁଖ ୧୨୯ ଦ୍ୱାରା ଅନୁଭୂତି ୧୪୨; -ତୃପ୍ତି ୧୫୨, ଚାରିଟି ଅନ୍ତର୧୫୫, ଏହାର ଦୁଇ ପ୍ରଧାନ ଭାଗ ୧୫୫,୨୯୩ ଏହାର ଅଧୀନ ୧୫୫ ଓ ଆତ୍ମା ୩୬୦,-ଅତିକ୍ରମଣ ୧୬୩,-ଦ୍ୱାରା କଳ୍ପନା ୧୬୫-ଦ୍ୱାରା ଉପଲବ୍ଧି ୧୭୦ ବାହାର ୧୭୯ ଦ୍ୱାରା ବିଷୟ-ଜ୍ଞାନ(ସାଂଖ୍ୟ ମତରେ)୧୭୯ ଏଥିରେ ସଂଯୁକ୍ତ୨୧୨ ଦ୍ୱାରା ଚିତ୍ତ ଆକର୍ଷଣ ୨୩୮, ଜ୍ଞାନ ଏହାର ଅତୀତ ୨୪୦, ବୃତ୍ତିର ସଂଯମ ୨୭୨ ।
ଇବଲିଶ୍ (ସଇତାନ)୧୮୭ ।
ଇହୁଦୀ, ୟାହୁଦୀ -ଭାରତରେ ଆଶ୍ରୟଲାଭ୨୨, -ଧର୍ମ ପ୍ରଗୈତିହାସିକ୨୫, ସେମାନଙ୍କର ଜିହୋବା୩୮, -ଧର୍ମର ଓ ଖ୍ରୀଷ୍ଟିୟାନ ଧର୍ମର ସମ୍ବନ୍ଧ୪୦, ଓ ଯୀଶୁଖ୍ରୀଷ୍ଟ୪୧, ଏମାନଙ୍କର ସୃଷ୍ଟିର ଧାରଣା୯୪, ଓ ଜେଣ୍ଟାଇଲ୍୧୦୬, ଅଥବା ଖ୍ରୀଷ୍ଟାୟାନ୧୭୭, ଏମାନଙ୍କର ସଇତାନର ଧାରଣା୧୭୭ ।
ଈଶ୍ୱର-ଆଦେଶ୧୮, ଶକ୍ତି ସ୍ୱରୂପ ୨୬, ସୃଷ୍ଟିକର୍ତ୍ତା ୨୭, ତାଙ୍କୁ ଭଲ ପାଇବା୩୦,୩୧ ତାଙ୍କର ଅବତାର ୩୦, ୪୦, ୧୨୫ ତାଙ୍କର କୃପା ୩୧ ତାଙ୍କର ଦର୍ଶନ ଲାଭ ୩୨,୩୫,୧୪୩ -ଚୈତନ୍ୟସ୍ୱରୂପ ୩୬ ତାଙ୍କର ଅସ୍ତିତ୍ୱ ୩୭ ତାଙ୍କର ପ୍ରୟୋଜନୀୟତା ୪୫ ଲାଭ ୫୮ ମୂଳତତ୍ତ୍ୱ ୮୭ ନିନ୍ଦା

୯୧,୧୧୭,୧୪୦,୧୪୪ – ଜଗତରେ ସଦାବର୍ତ୍ତମାନ ୯୫ ସଗୁଣ୧୦୦ ନିଃସ୍ୱାର୍ଥପରତା ହିଁ ୧୪୧ , ତାଙ୍କର ଜୀବନ ଅନନ୍ତ ୧୦୯ – ଜଗତର ଶାସକ୧୨୨ ତାଙ୍କ ସଙ୍ଗରେ ଏକାତ୍ମତା ୧୪୦;୧୬୪ – ପ୍ରେରିତ ପୁରୁଷ୧୪୨ ତାଙ୍କର ଉଦ୍ଦେଶ୍ୟ୧୪୫ ତାଙ୍କର ଖେଳ ୧୪୬ ଜନ୍ୟ–୧୭୦ ତାଙ୍କର ବର୍ଣ୍ଣନା ୨୪୮ ଯୋଗୀମାନଙ୍କର୨୪୯,୨୫୦ ତାଙ୍କର ଅନନ୍ତ ଜ୍ଞାନ୨୫୧ –ସକଳ ଗୁରୁଙ୍କର୫୦ ଗୁରୁ୨୨୮–ବାଦ ୨୮୦ ତାଙ୍କ ଉପରେ ନିର୍ଭର୧୨୯ ।

ଉପନିଷଦ୍,କଠ ,୧୧୮ ଶ୍ୱେତାଶ୍ୱତର ୧୮୫ ।

ଉପାଂଶୁ (ଜପ) ୨୩୦

ଋଷି–ଶବ୍ଦାର୍ଥ ୨୬,୨୬୨, ସେମାନଙ୍କର ଘୋଷଣା,୨୨୮, ବୈଦିକ ୨୯,୪୫ ଗ୍ରନ୍ଥକର୍ତ୍ତା ୧୭୨,

ଏକତ୍ୱ ବହୁତ୍ୱର ମଧ୍ୟରେ୩୬,୫୯ ବୈଚିତ୍ର୍ୟ ମଧ୍ୟରେ୧୪୪,ବା ସମଦର୍ଶନ ୧୪୯, ଲାଭ୨୮୨, ବୁଦ୍ଧିର ପାଶ୍ଚାତରେ,୨୮୨ ।

ଏକତ୍ୱବାଦ ୨୮

ଏକାଗ୍ରତା–ଜ୍ଞାନର ଉସ୧୫୧, –ଜ୍ଞାନ ଲାଭର ଉପାୟ୧୬୭, –ଅଷ୍ଟାଙ୍ଗ ଯୋଗର ଗୋଟିଏ ଅଙ୍ଗ୧୮୨, ଦ୍ୱାରା ଶକ୍ତି ସଞ୍ଚୟ୧୯୯, ସାଧନ୨୧୮, ଏହାର ଲକ୍ଷଣ୨୪୪, ଓ ପ୍ରଜ୍ଞା୨୪୮, ଅଭ୍ୟାସ,୨୫୫ –ଲାଭ୨୬୧, – ଲାଭରପ୍ରତିବନ୍ଧକ୨୬୪ ।

ଏକେଶ୍ୱରବାଦୀ୨୦ ।

ଏଡ଼ି (ମିସେସ୍)୧୮୪ ।

'ଏସିଆର ଆଲୋକ' (Light of Asia) ୧୦୧ ।

ଓଜଃଶକ୍ତି୧୬୦

ଓୟେଷ୍ଟେ (ରେଭଃ)୨୧

ଓଲ୍ଡ୍ ଟେଷ୍ଟାମେଣ୍ଟ ୪୧

କନଫୁସିୟସ୍, କଂଫୁଛ୨୦

କପିଳ (ଋଷି)୨୪୮

କର୍ତ୍ତବ୍ୟ—ଏହାର ଧାରଣା୫୪,୫୫; ଅଶୁଭ ପ୍ରତିରୋଧ ୫୮; ନିଜ ଆଦର୍ଶ ଜୀବନରେ ପରିଣତ କରିବା୫୮, ହିନ୍ଦୁ ଶାସ୍ତ୍ର ମତରେ୬୦, ଏହାର ଅବହେଳା୬୪, ସାଧନ୬୫, – ପଥରେ ବାଧା ୬୪ ଗୃହସ୍ଥର ୬୭ ପାଳନ ୬୬, ୮୨ ବ୍ୟକ୍ତି ବିଶେଷରେ ୭୦ ବିଭିନ୍ନ ଏହାର ଅର୍ଥ ୮୦,୮୯ ଏହାର ଧାରା ଓ ବିଚାର ୮୨ କ୍ରମାଗତ ସଂଘର୍ଷ ୮୩, ନିର୍ଦ୍ଧାରଣ ୬୬, କର୍ମଫଳ ଅନୁସାରେ ନିର୍ଦ୍ଦିଷ୍ଟ ୬୬ ନିଷ୍ଠା ୮୭,୧୩୭, ବୋଧ୧୧୫, ଏହାର କବଳରୁ ମୁକ୍ତି ନାହିଁ୧୧୫ ଏହାର ଅଗ୍ନିରେ ଦଗ୍‌ଧ କରିବା୧୧୬ ।

କର୍ମ–କାଣ୍ଡ ୪୧, ଶବ୍ଦାର୍ଥ ୪୮,୭୮, ଆଘାତର ସମଷ୍ଟି ୪୯, ଠାରୁ ଯୋଗ୍ୟତା ଉତ୍ପନ୍ନ ୫୧ ଏହାର ଉଦ୍ଦେଶ୍ୟ ୫୧,୫୨,୯୮ ନିଃସ୍ୱାର୍ଥ ୫୩,୫୪ ଏହାର ଆଦର୍ଶ ୫୪ ଶକ୍ତି୫୯, ଏଥିରେ ଅନାସକ୍ତି୭୨, ଦାସସୁଲଭ୭୬, ଏହାର ଅର୍ଥ୭୮, ଏହାର ଭାରତୀୟ ଅର୍ଥ୭୮, ଅନୁଷ୍ଠାନ ୭୮ ପ୍ରବୃତ୍ତି୯୦ ଜନିତ ପ୍ରତିକ୍ରିୟା୧୦୩, ଏହାର ବାହକ୧୦୩, ଜୀବନରେ ସିଦ୍ଧି୧୦୬, ଓ ଜ୍ଞାନରେ ପୃଥକ୍ ଭାବ ଅଜ୍ଞତା ୧୦୬, ନିଷ୍କାମ ୧୩୮ ଏହାର ବିରତି ନାହିଁ ୧୧୧ ଫଳରେ ଅନାସକ୍ତି ୧୧୩ ଦ୍ୱାରା ପରୋପକାର ୧୧୭ ଏହାର ବ୍ୟାଖ୍ୟା୧୨୧ ଏଥିରେ ଆସକ୍ତି ୧୨୮ ଏହାର ଉପାୟ୧୩୪ ପବିତ୍ର୧୩୫ ଅଭିସିନ୍ଧି ମୂଳକ ୧୩୬ ପ୍ରଚେଷ୍ଟା୫୬ ଫଳ ଶୁଭାଶୁଭ ମିଶ୍ରିତ୧୪୦ ମାୟା ୧୬୨ ଏହାର ସଙ୍ଗତି ହିଁ ନିୟମ ୧୪୮ ଉପାସନା ୧୪୯ ଏହା ଦ୍ୱାରା ଜୀବନ ୧୬୫ ଦ୍ୱାରା ଯୋଗରେ ଅଗ୍ରସର୨୬୬ ଦ୍ୱାରା ଆୟୁ ନିୟନ୍ତ୍ରିତ୧୭୫, ବାଦ ୩୧୧ ।

କଲମ୍ବସ୍ ୩୮

କଲମ୍ବସ୍ ହଲ୍ ୨୦

କଲମ୍ବିୟା ( ଆମେରିକା) ୩୮

କଳ୍ପନା– ଶକ୍ତି ୧୦୯, ୧୬୨, ୧୬୫ ମନୁଷ୍ୟର ସ୍ୱରୂପ ଏହାର ଅତୀତ୧୧୨ ପ୍ରେରଣାର ଉତ୍ସ ୧୫୧ ଏହାର ଆଲୋକ ୧୬୩ ସ୍ୱପ୍ନ ଅଥବା ୨୦୬ ।

କାର୍ଯ୍ୟ–କାରଣ–ସମ୍ବନ୍ଧ ୩୦, ୧୦୭, ୧୨୭

କୀଟାଣୁତତ୍ତ୍ୱବିଦ୍ ୨୪ କୁଣ୍ଡଳିନୀ୧୬୦, ୧୬୧, ୧୬୪, ୧୬୬, ୨୦୩, ୨୦୭, ୨୦୮; ଏହାର ଜାଗରଣ ୨୦୬, ୨୦୭, ୨୧୦ ।

କୁମ୍ଭକ (ଶ୍ୱାସରୋଧ) ୧୫୨, ୧୫୮, ୧୬୧, ୧୬୪, ୨୯୨ ।

କୁସଂସ୍କାର –ମନୁଷ୍ୟର ଶତ୍ରୁ ୩୪, ଦେହ–ଭାବ ୧୪୪, ୨୮୩, ଏଥିରୁ ଉତ୍ତୀର୍ଣ୍ଣ ହେବା ୧୫୨ ଆଚ୍ଛନ୍ନ ୧୬୯, ଭୟ ଓ ୧୭୦; –ଦ୍ୱାରା ଜଗତର କ୍ଷତି ୨୨୩, ବିସର୍ଜନର ଉପାୟ ୨୨୩ ।

କୃଷ୍ଣ (ଶ୍ରୀ) ପ୍ରଚାରିତ ପ୍ରେମ ତତ୍ତ୍ୱ ୩୪– ଅବତାର ୩୭ ସେ କଅଣ କହିଛନ୍ତି ୫୭, ୭୬, ୮୫, ୧୪୨, ୧୬୪ ।

ତାଙ୍କର ନିଃସ୍ୱାର୍ଥ କର୍ମ ୧୪୦

କୈବଲ୍ୟ (ମୁକ୍ତି) – ଲାଭ ୧୩୪,୩୦୫ ଏହା ହିଁ ଲକ୍ଷ୍ୟ ୩୦୭,ଏହା ଅର୍ଥ ୩୧୯ ।

କୋରାନ୍–୭୯

କାଣ୍ଟ(Kant)–ଦାର୍ଶନିକ୨୩୫

କ୍ୟାଲଭିନ(Calvin)–ଧର୍ମ ପ୍ରଚାରକ୧୪୪

କ୍ରମବିକାଶବାଦୀ ୨୪
କ୍ରିୟାଯୋଗ-ଶବ୍ଦାର୍ଥ ୨୬୬-ଅଭ୍ୟାସ ୨୬୭
କ୍ରୁଶ କାହିଁକି ୩୪,ପବିତ୍ର ଏହାର ସହି ପବିତ୍ରତାର ଧାରଣା ଯୁକ୍ତ ୩୫,ଏଥିରେ ଯୀଶୁ ବିଦ୍ଧ ୪୦, ୧୩୦ ଚିହ୍ନର ଉତ୍ପତ୍ତି ୮୮।
ଖ୍ରୀଷ୍ଟ-ଯୀଶୁଖ୍ରୀଷ୍ଟ ଦ୍ରଷ୍ଟବ୍ୟ
ଖ୍ରୀଷ୍ଟଧର୍ମ-ଅବଲମ୍ବୀ ୨୫, ଦ୍ୱାରା ଇହୁଦୀ ଧର୍ମ ବିତାଡ଼ିତ ୨୫ ଡାହାଣୀ ପୋଡ଼ିବା ଏହାର ଦୋଷ ନୁହେଁ ୩୬, ଇହୁଦୀ ଧର୍ମର ସମ୍ବନ୍ଧ ୩୯ କ୍ରୁଶ ଚିହ୍ନ ୮୭, ମତାନ୍ଧତା ମୋହରେ ପ୍ରଚାରିତ ୧୨୨ ଏହାର ମୂଳ ଉତ୍ସ ୧୭୨
ଖ୍ରୀଷ୍ଟିୟାନ ବିଜ୍ଞାନ (Chirstian Science) ୧୮୪
ଖ୍ରୀଷ୍ଟିୟାନ ସାଇଣ୍ଟିଷ୍ଟ (Chirstian Scienist) ୧୯୩ ଖ୍ରୀଷ୍ଟିୟାନ - ଏମାନଙ୍କର ସ୍ୱର୍ଗସ୍ଥ ପିତା ୩୮, ଏମାନଙ୍କଦ୍ୱାରା ପୌତ୍ତଳିକ-ମାନଙ୍କର ଉଦ୍ଧାର ପ୍ରଚେଷ୍ଟା ୩୯, ମତାନ୍ଧ ୧୦୧,ଏମାନଙ୍କ ମତ ୮୦, ପ୍ରାଚୀନ ୧୦୧, ମତରେ ବୁଦ୍ଧିର ଅତୀତ ଶାନ୍ତି ୧୦୯ ଓ ତାହାର ବିଶ୍ୱାସ ୧୭୨
ଗାୟାତ୍ରୀ-ମନ୍ତ୍ର ୨୨୮
ଗିବନ୍ସ୍, କାର୍ଡ଼ିନାଲ ୨୦,୨୨
ଗୀତା-ପ୍ରଚାରିତ ମତ୨୩, ଏଥିରେ କର୍ମଯୋଗ ୫୧, ୭୨, ୧୧୩, ୧୨୮, ୧୩୯ ଏହାର ଦ୍ୱିତୀୟ ଅଧ୍ୟାୟ ୫୭, ଏହାର ମୂଳଭାବ ୭୨, ଏଥିରେ ଜନ୍ମ ଗତ କର୍ତ୍ତବ୍ୟ ୮୦, ଶ୍ରୀକୃଷ୍ଣ ଉପଦେଶ ୮୫, ଏହାର ସମାଧାନ ୧୦୨, ଏହାର ବିରୋଧରେ ଯୁକ୍ତି ୧୨୫, ଏହାର ରଚନାନାଳ ୧୩୮, ଦ୍ୱାରା ଦୁଇ ଦଳର ବିରୋଧର ଅବସାନ ୧୩୯, କାରଙ୍କର ବାଣୀ ୧୩୯, ୧୮୧ ପ୍ରଚାର ଯୁଦ୍ଧକ୍ଷେତ୍ରରେ ୧୪୨, ଏହାର ଶିକ୍ଷା ୩୦୦।
ଗୁରୁ ୧୭, ୬୩, ୧୪୪, ୨୫୦।
ଗୃହସ୍ଥ- ଆଶ୍ରମ ୫୯,୬୦ ଏମାନଙ୍କର କର୍ତ୍ତବ୍ୟ୬୦, ୬୪ ଏମାନଙ୍କର ଆଦର୍ଶ ୭୯ ଗ୍ରୀକ୍ (ଜାତି) ୨୧, ୪୧, ୧୨୧, ୧୪୩।
ଗ୍ରୀସ୍ (ଦେଶ) ୪୪
ଚକ୍ର(Plexuses)୧୫୮, ୧୬୦, ୧୬୬
ଚନ୍ଦ୍ର- ପ୍ରବାହ (ଇଡା)୧୫୮, ୧୬୦, ୧୬୧, ୨୦୫, ୨୧୧, ୨୮୮।
ଚରିତ୍ର - ବ୍ୟଖ୍ୟା ୪୮, ୭୩, ଗଠନ ୪୯, ୭୩, ୧୮୨।
ବିଚାର - ୫୦ ଠାରୁ ଇଚ୍ଛାର ଉଦ୍ଭବ-୫୧ କର୍ମଦ୍ୱାରା ନିର୍ମିତ -୫୧ ସୃଷ୍ଟି - ୫୪ ଏହାର ଉନ୍ନତିର ପଥ - ୧୪୪ ପାଠ -୧୬୫ ବାନ୍ ହେବାର ରହସ୍ୟ -୨୧୫ ଆପ୍ତବ୍ୟକ୍ତି ପ୍ରମାଣ-୨୪୦।
ଚିକାଗୋ-୧୭, ୧୮, ୪୩, ୪୫, ୮୧, ୯୩

ଚିତ୍ତ - ଏହାର ଉପରେ ଦାଗ ୭୨; ଶୁଦ୍ଧି୯୯, ୨୨୮; ଏଥିରେ ଉତ୍ପନ୍ନ ତରଙ୍ଗ୧୮୫; ମନର ସ୍ତର୧୫୬; ବୃତ୍ତି ତରଙ୍ଗ ୧୫୬; ଆକାଶ ୨୦୫; ବ୍ୟାଖ୍ୟା ୧୫୮; ବୃତ୍ତି ୨୪୩; -ମନ-ବୁଦ୍ଧି-ଅହଂକାରର ଭିତ୍ତିଭୂମି ୨୪୭;-ସଂଯମ ୨୫୫, ୨୫୬; ଏକାଗ୍ର କରିବା ୨୫୭।

ଚିନ୍ତା - ଜଡରୁ ଉଦ୍‌ଭୁତ ୨୭; କାର୍ଯ୍ୟରେ ପ୍ରକାଶ ୫୦; ଚିତ୍ତରେ ସଂସ୍କାର ରଖେ ୭୩; ସହାନୁଭୂତି ସୂଚକ ୧୦୦; ଦୁର୍ବଳତା ହେତୁ ପରୋପକାରର୧୦୩; ଶକ୍ତି ୧୦୯; ୧୫୬, ୧୯୨; ଜଗତ ପରିକ୍ରମା କରେ- ୧୧୬; ରାଜ୍ୟ ଜୟ ୧୧୬; ଓ ଆତ୍ମାକୁ ପୃଥକ ଜାଣିବା ୧୬୦; ନିୟନ୍ତ୍ରଣ ୧୬୨; ତ୍ୟାଗ ୧୬୨; ଏହାର ହିଁ ଘନୀଭୂତ ରୂପ ଦେହ- ୧୬୪; ପ୍ରାଣର ସୂକ୍ଷ୍ମତମ ଓ ଉଚ୍ଚତମ କ୍ରିୟା-୧୯୪; ଜଗତରେ ଅଖଣ୍ଡ ଭାବ୧୯୬; ଏହାର ଦାସତ୍ୱ ୨୧୩; ଏହାର ଗୁରୁଭାର- ୨୧୪; ତରଙ୍ଗ ହିଁ ବୃତ୍ତି୧୧୫; ସ୍ପନ୍ଦନ ୧୬୨; ଏହା ମଧ୍ୟ ପ୍ରକୃତିର ଅନ୍ତର୍ଗତ ୨୪୬; କିପରି ଆସେ ୨୪୬; ବା ଭାବ ୨୫୦।

ଚୀନ, ଚୀନା ୨୦, ୪୦, ୫୨;

ଚେତନ - ମନ ୨୮; ଭାବ ୧୪୨ ଓ ଅଚେତନ କାର୍ଯ୍ୟ ୧୪୬, ୧୬୦; ଭୂମି ୧୪୦।

ଚେତନା, ଦିବ୍ୟ ୧୪୪; ମୁକ୍ତିର ୨୧୮; ସତ୍ତାର ସୀମା ନୁହେଁ ୧୫୧; ଓ ଜୀବନ ଆମେମାନେ ହିଁ ଦେଇଥାଉ ୧୧୫; ନିଦ୍ରାରେ ରହେ ନାହିଁ ୨୧୭; ଏହାର ସ୍ତର ୨୫୮।

ଚୈତନ୍ୟ - ଉଦୟ ୮୫; ମୟ ୧୧୫; ପ୍ରକୃତିରେ ଏହାର ପ୍ରକାଶ ୨୪୬; ସୃଷ୍ଟିର ଆଦିବସ୍ତୁ ୨୮୦; ଓ ଜଡ଼ତତ୍ତ୍ୱ ୨୮୧ ଏହାର ପ୍ରକାଶ ୨୮୯।

ଜଗତ - ନିଜ ପରିବାର ରୂପେ ଘୋଷଣା ୧୯; ଶୃଙ୍ଖଳାପୂର୍ଣ୍ଣ ୨୬; ମୃତ୍ୟୁମୟ ୩୩; ମନ ଅଧ୍ୟୟନର ଉତ୍ତେଜକ କାରଣ ୪୯; ବହିଃ, ଏହାର ହିତ ୫୧, ୧୪୧, ୧୪୩; ଶାସନ ୫୩ ; ଆମମାନଙ୍କର ବାସଭୂମି ନୁହେଁ ୭୪; ଗୋଟିଏ ପ୍ରତୀକ, ୮୭; ସୃଷ୍ଟି ନୁହେଁ ୮୯; ଏହାର ଉପକାର ୮୯; ଭଲ ବା ମନ୍ଦ ନୁହେଁ ୯୦; ଏହାକୁ ସାହାଯ୍ୟ ୯୫, ୧୦୩; ଗୋଟିଏ ନୈତିକ ବ୍ୟାୟମଶାଳା ୯୫; ଦୁଃଖପୂର୍ଣ୍ଣ- ୧୦୬; ଅନନ୍ତ ସତ୍ତାର ଅଂଶ, ୧୦୯; ତାହାର ଉତ୍ପତ୍ତି, ସ୍ଥିତି ଓ ଲୟ-୧୧୦; ଦେଶକାଳ ନିମିତ୍ତ ଦ୍ୱାରା ସୀମାବଦ୍ଧ ୧୧୧; ରୂପକ ସ୍ୱପ୍ନ ୧୧୨; ଏଥିରେ

ପରୋପକାର ୧୧୭; ଏହାକୁ ସୁଖୀ କରିବା, ୧୨୪; କାର୍ଯ୍ୟ-ସ୍ୱରୂପ ୧୩୩; ଏହାକୁ ବିଚାର ୧୩୬; ତୁମର କୌଣସି ପ୍ରୟୋଜନ ବୋଧ କରେ ନାହିଁ ୧୩୮; ଗୋଟିଏ ଭ୍ରମ ୧୪୧; ଏହାକୁ ଭଲ ପାଇବା ୧୪୪; ପ୍ରାଣରେ ଏହାର ଅନନ୍ତ ପ୍ରକାଶିକା ଶକ୍ତି ୧୯୧; ଇଥର ସମୁଦ୍ର ୧୦୧; ଏହାର ପରିଚାଳନା ୨୩୫; ଏଥିରେ ମାତ୍ର ଦୁଇପ୍ରକାର ଅସ୍ତିତ୍ୱ ୨୩୪; ଅନୁଭୂତିର ୧୧୫; ଇଚ୍ଛାଶକ୍ତିର ବିକାଶ ୧୬୮; ପ୍ରାଣ ଓ ଆକାଶର ସମଷ୍ଟି ୨୮୭; ଏହାର ସଂଜ୍ଞା ୨୯୦; ପ୍ରପଞ୍ଚ ମନୋମୟ ଓ ଭୌତିକ ୩୧୭ ।

ଜଡ଼ -ସମଷ୍ଟି ୨୭; ଏହାଠାରୁ ଚିନ୍ତା ଉଦ୍‌ଭୁତ ୨୮; ବାଦୀ ୨୮; ଏଥିରେ ଆତ୍ମା ଆବଦ୍ଧ-୨୯; ଅବସ୍ଥା ୩୨; ସମୁଦ୍ର ୩୩; ମୂର୍ତ୍ତି ୩୫; ଉପାସନା ୩୫; ପ୍ରକୃତି ୫୯; ବସ୍ତୁ ୧୧୭; ମନ ଏହାର ସୂକ୍ଷ୍ମାବସ୍ଥା ୧୬୩; ପଦାର୍ଥ ୧୧୫; ଅଚେତନ ୨୫୦; ଓ ଚୈତନ୍ୟତତ୍ତ୍ୱ ୨୮୧ ।

ଜନକ (ରାଜର୍ଷି) ୧୦୩ ।

ଜପ ଓଁକାର ୧୫୮,୧୫୯,୨୮୬; ମନ୍ତ୍ର ୨୨୮; ବାଚିକ ୨୨୮; ମାନସ ୨୨୮;ଏହାର ଅର୍ଥ ୨୫୩;

ଜରଥୁଷ୍ଟ୍ର -୨୨

ଯଜରଥୁଷ୍ଟ୍ରିୟ -୨୬

ଜାତି-ହିନ୍ଦୁ ୨୨; ଚ୍ୟୁତ ୩୯; ଭେଦ ୪୧; ଏହାର ପ୍ରଗତିର ମାପକାଠି ୪୪; ମାନବ ୪୮,୧୧୦; ବିଭିନ୍ନ ୭୯; ଦୁର୍ବଳ ୮୧; ପ୍ରତ୍ୟେକଙ୍କର ଆଦର୍ଶ ୧୩୬; ହିସାବରେ ବିନାଶ ୨୨୫ ।

ଜାନ୍ତେ (Zante) ୨୧ ।

ଜାପାନ ୨୦, ୪୦ ।

ଜିହୋବା ୩୮ ।

ଜୀବନ - ସଂଗ୍ରାମ ୫୪, ୨୨୫; ଯାପନ ୬୫; ଓ ସମାଜର କେନ୍ଦ୍ର ଗୃହସ୍ଥ ୬୬; ତ୍ୟାଗର ୭୦; ଭଲ ବା ମନ୍ଦ ନୁହେଁ-୯୦; ଅନ୍ତର୍ଜଗତ ଓ ବହିର୍ଜଗତର ସଂଗ୍ରାମ ୯୯; ଏଥିରେ ଗୋଟିଏ ମହତ୍ ଶିକ୍ଷା ୧୦୨; ଏହାର ତୃଷ୍ଣା ୧୧୦; ମୃତ୍ୟୁହୀନ ୧୧୫; ଏହାର ସମସ୍ତ ସାଫଲ୍ୟର ରହସ୍ୟ ୧୨୭; ଏହାର ଗୋଟିଏ ବଡ଼ ତ୍ରୁଟି ୧୨୭; ରହସ୍ୟାବୃତ ୧୨୮; ଏହାର ପରମ ସତ୍ୟ ୧୨୯; ଏହାର ଦୁଃଖ ୧୩୦; ଓ ଧର୍ମର ବ୍ୟବସାୟ ୧୩୦; ଏହାର ସ୍ୱରୂପ ୧୩୩; ଏଥିରେ ବ୍ୟର୍ଥତାର କାରଣ ୧୩୨; ଦୁଃଖମୟ ୫୮; ଆଲୋଚନା-୧୪୧; ଗଠନ ୧୪୩; ଈଶ୍ୱରଲାଭର ଗୋଟିଏ ପ୍ରୟାସ ୧୪୩; ମୁକ୍ତିର ଏକ ଘୋଷଣା ୧୪୬; ଆଧ୍ୟାତ୍ମିକ

୧୫୬; ଜୟର ଅବିରାମ ପ୍ରଚେଷ୍ଟା ୧୬୩; ପୂର୍ବଜନ୍ମାର୍ଜିତ କର୍ମଫଳରେ ବର୍ତ୍ତମାନ ୧୬୨; ଏହାର ଚରମ ଲକ୍ଷ୍ୟ ୧୬୮, ୨୬୫; ସାଧନ ୨୧୭; ଏହା ପ୍ରକୃତ ଆରମ୍ଭ ୨୨୭; ଏହାର ମମତା ୨୬୯; ପୂର୍ବ ୨୬୯ ।

ଜୀବତ୍ମା– ସଂସାରରେ ଅନାସକ୍ତ ୨୨୩; ଏହାର କର୍ମ ୨୧୯; ଓ ପରମାତ୍ମାର ମିଳନ ୧୫୧; ଏହାର ମୁକ୍ତି ୨୦୦; ଏହାର ଲକ୍ଷ୍ୟ ୧୩୨; ଏହାକୁ ବିଶ୍ଳେଷଣ ମଧ୍ୟ ଦେଇ ଯିବାକୁ ହେବ ୨୨୬; ଏହାର ମୃତ୍ୟୁ ଅତିକ୍ରମ ୨୪୭, ପ୍ରକୃତି ଲୀନ ୨୪୮, ଏହାର ଅଭିଜ୍ଞତା ୨୭୨; ଏହାର ସ୍ନାୟୁ ସାହାଯ୍ୟରେ ବା ବ୍ୟତୀତ କାର୍ଯ୍ୟ୨୭୫ ।

ଜେଣ୍ଡାଇଲ୍ ୧୦୬

ଜୈନ–ଧର୍ମଯାଜକ ୨୦; ଏମାନଙ୍କର ନୀରଶ୍ୱରବାଦ ୨୫; ନିରୀଶ୍ୱରବାଦୀ ୩୮; ଈଶ୍ୱରଙ୍କ ଉପରେ ନିର୍ଭର କରେ ନାହିଁ ୩୮; ଏମାନଙ୍କର ମତବାଦ ୧୦୧ ।

ଜ୍ଞାନ–ଏହାର ଶାଖା ୧୭; ଏହାର ଚରମ ଲକ୍ଷ୍ୟ ୩୩; କାଣ୍ଡ ୪୦; ଲାଭ ୪୮, ୪୯, ୮୬, ୨୪୦; ପ୍ରଣାଳୀ ୨୪୦; ଭିତରେ ଅଛି ୪୮; ପ୍ରକାଶ ୫୦; ବ୍ରହ୍ମ ୨୩; ପ୍ରବୁଦ୍ଧ ଜୀବ ୭୧; ପରମାର୍ଥ ୭୧; ଅଧ୍ୟାତ୍ମ ୭୧; ଚକ୍ଷୁ ୮୫; ଆଲୋକ ୧୩୫, ୧୯୦; ଭକ୍ତି ଓ କର୍ମର ଏକତ୍ର ମିଳନ ୯୯, ୧୦୦; ଦେହ ୧୦୩; ତତ୍ତ୍ୱ ୧୦୪; ଯୋଗ ୧୦୪; ମାର୍ଗୀ ୧୩୮; ସ୍ୱରୂପ ଆତ୍ମା୧୪୪; ଲକ୍ଷ୍ୟ ନୁହେଁ ୧୪୭; ଅଭିଜ୍ଞତା ଉପରେ ପ୍ରତିଷ୍ଠିତ ୧୬୯; ଆନୁମାନିକ ୧୬୯; ଏହାର ସୁଦୃଢ଼ ଭିତ୍ତି ୧୭୦; ଏହାର ଉପକାରିତା ୧୭୪; ଲାଭର ଉପାୟ ୧୭୫, ୨୯୫; ଅତୀତ ଅବସ୍ଥା ୧୮୨, ୧୯୪, ୨୨୨, ୨୨୩; ଉଦୟ ୧୯୪; ଏହା ହିଁ ଶକ୍ତି ୧୮୯; ଶୂନ୍ୟ ଚିନ୍ତା ୧୯୪; ଦିବ୍ୟ ୨୦୭, ୩୦୩; ଅନନ୍ତ ୨୧୦, ୨୫୦; ଏହାର ଦ୍ୱାରା ଉଦ୍‌ଘାଟନ ୨୧୦; ଅତୀନ୍ଦ୍ରିୟ ୨୨୩; ବିଚାର ପୂର୍ବକ୨୨୪; ଈଶ୍ୱରୀୟ ୨୨୪; ସତ୍ୟ ୨୩୯; ଭ୍ରମ ୨୩୯; ଲାଭର ଗୋପନ ରହସ୍ୟ ୨୬୭ ମିଶ୍ର ପଦାର୍ଥ ୨୮୧; ଜନ୍ୟ ପଦାର୍ଥ ୨୮୧; ସାନ୍ତ ୨୮୩; ବିବେକ ୨୮୫; ଅନୁସନ୍ଧାନ ୨୮୫ ।

ଠଗ–୮୦

ଡାରୁଇନ୍–୩୧୧

ଡେଭି, ସାର ହାମ୍ଫ୍ରି–୧୯୫

ଡେଲସାର୍ଟ (ବ୍ୟାୟମ)–୧୮୨

ତନ୍ତ୍ର –୨୨୮

ତନ୍ମାତ୍ର –୧୬୬

ତପଃ –୨୨୮
ତପସ୍ୟା–ଅଷ୍ଟାଙ୍ଗ ଯୋଗର ଅଙ୍ଗ ୧୮୨ ଏହାର ଫଳ ୨୧୬, ଶବାର୍ଥ ୨୬୬ ପ୍ରତ୍ୟେକ ଧର୍ମରେ ଅଛି ୩୧୦ ଦ୍ୱାରା ଶକ୍ତିଲାଭ ୩୦୯
ତମଃ–ପ୍ରକୃତିର ଉପାଦାନ ୫୫, ୨୭୮, ପ୍ରଧାନ ୧୮୭ ଦ୍ୱାରା ଆବୃତ ୧୯୨, ୨୯୨ ଗୁଣ ୨୧୭, ୨୪୪, ୨୪୬, ୨୪୭ ଅନ୍ଧକାରମୟ ୨୩୮ ।
ତର୍କ ୨୬୭
ତଡ଼ିତ୍–୨୦୩
ତାଓ ଧର୍ମ–୧୯
ତ୍ୟାଗ–ରୂପ ଧର୍ମଭାବ ୬୫ କଠୋର ୮୩ ଧୀରେ ଧୀରେ ୧୧୦– ଅଭ୍ୟାସରେ ପରିଣତ ୧୧୪ ଅହଂକୁ ୧୨୦ ଅବଶ୍ୟ କରଣୀୟ ୧୩୧ କରିବାକୁ ସାହସର ଅଭାବ ୧୩୦ ଏହାର ଅର୍ଥ ୧୪୧ ମନର ବ୍ୟାପର୧୪୨
ତ୍ୟାଗୀ ୧୪୩
ଥିଓସଫି ୧୪୩
ଦକ୍ଷିଣେଶ୍ୱର୧୮
ଦର୍ଶନ– ଏହାର ଉଚ୍ଚ ଶିଖର୩୪ ଶାସ୍ତ୍ର୩୯, ୪୧, ୪୨ ପ୍ରାଚ୍ୟ ୪୮ ଭାରତୀୟ ୬୭ ବେଦାନ୍ତ ୮୫ ସଂସ୍କୃତ ୮୮ ଏହାର ଲକ୍ଷ୍ୟ ୧୧୯ ପ୍ରଚାର ୧୨୬ ବିଷୟ ୧୭୬ –ଏକ ଆମୋଦ ପ୍ରମୋଦର ବିଷୟ ୨୧୭ ମନୁଷ୍ୟର ଅନ୍ତଃପ୍ରକୃତିର ବିଷୟ ୨୫୮
ଦାନ–ଅନ୍ନବସ୍ତ୍ର ୭୦ ଜ୍ଞାନ ୭୦ ପ୍ରାଣ ୭୦ କରି ଗର୍ବବୋଧ ୧୦୪ ଏହାର ଶକ୍ତିଲାଭ ୧୦୦
ଦାନ୍ତେ(dante) ୧୨୧
ଦୁର୍ଯ୍ୟୋଧନ ୧୪୧,
ଦୁଃଖ–ଭୋଗ ୨୭ ଏହାର କାରଣ ୧୧୩, ୧୧୪ , ୩୪୫ରୁ ନିଷ୍କୃତିର ଉପାୟ ୭୧ ବାଦୀ ୧୭ ସୁଖ ୧୦୮ ଇନ୍ଦ୍ରିୟ ଦ୍ୱାରା ଅନୁଭୂତ ୧୪୧,
ଦେବତା ୩୪, ୧୮୫, ୨୨୨, ୨୨୬, ୨୩୧
ଦ୍ୱୈତ ବାଦ ୩୩
ଦ୍ୱୈତବାଦୀ ୨୫୦
ଦ୍ୱୈତାଦ୍ୱୈତବାଦୀ ୨୫୦
ଦ୍ୟୁତି ୨୬୫
ଦ୍ରୋଣ ୧୪୦
ଧର୍ମ –ବିଶ୍ୱାସ ୧୭, ୧୭୨, ମତ୧୯, ୧୨୦, ଯାଜକ ୨୦ ଭୁଲ ୨୨ ସର୍ବଜୟୀ ୨୫ ବିଜ୍ଞାନ ୩୩, ୨୩୫ ଅଜ୍ଞଲୋକର ୩୪ ଶାସ୍ତ୍ର ୩୫ ଜୀବନର ପ୍ରାଥମିକ ଅବଲମ୍ବନ ୩୫ ନିର୍ଦ୍ଦିଷ୍ଟ ମତବାଦ ୩୬ ଗ୍ରହଣ କରିବାର ଚେଷ୍ଟା ୩୬ ଗତ ଅପରାଧ ୩୬ ଏହାର କେନ୍ଦ୍ରୀୟ ତତ୍ତ୍ୱ ୩୭, –ପ୍ରଚାର ୩୯, ୪୦, ଏହାର ବିରୋଧ ଭାବ ୧୧୬, ୪୨, ୪୩ ଏହାର ଐକ୍ୟର ସାଧାରଣ ଭିତ୍ତି ୪୨

ପଦ୍ଧତି ୧୦୧ ମନୁଷ୍ୟର ଦିବ୍ୟଭାବ ୪୫ ସ୍ୱୀକାର କରେ ମନୁଷ୍ୟର ପ୍ରକୃତିଗତ ୪୫, ଅପ୍ରତିକାର ହିଁ ୫୭ ନୀତି ୫୯ ଭାବ ୬୫ ପରାୟଣ ୬୭ ବିକାଶ ୮୩ ଏଥିରେ ପ୍ରତୀକ ବ୍ୟବହାର ୮୭ ଏହାର ମୂଳ ଭିତ୍ତି ୯୯, ପୁସ୍ତକ ୧୦୬ ଏହାର ଆରମ୍ଭ ୧୦୯ ପ୍ରତ୍ୟକ୍ଷ ଅଭିଜ୍ଞତା ୧୪୪, ପବିତ୍ରତା ଏହାର ଭିତ୍ତି ସ୍ୱରୂପ ୧୬୧, ଏହାର ପୂର୍ଣ୍ଣାଙ୍ଗ ୧୬୮, ୧୮୫ ଏହାର ସାଧାରଣ ଭିତ୍ତିଭୂମି ୧୭୧ ପ୍ରସଙ୍ଗରେ ବର୍ତ୍ତମାନ ଅଶ୍ରଦ୍ଧାର କାରଣ ୧୭୨ ଏହାର ମୂଳ ଉତ୍ସ ୨୭୨, ଏହାର ଅନୁସନ୍ଧାନ ୨୭୨ ବିଷୟରେ ମନସ୍ଥିର ୨୭୬ ଏହାର ପ୍ରଧାନ ଅଙ୍ଗ ୨୧୩ ଆରମ୍ଭ ସମାଧି ଲାଭପରେ୨୨୬ ବିଜ୍ଞାନର ସିଦ୍ଧାନ୍ତ ୨୭୯ ଏହାର ଲକ୍ଷ୍ୟ ୨୮୫ ଏହାର ଗୌଣ ଅଙ୍ଗ ୨୮୫ ।

ଧର୍ମପାଳ(ଅନାଗରିକ)୨୦

ଧର୍ମମେଘ(ସମାଧି)୩୧୮

ଧର୍ମାନ୍ଧତା ୩୩

ଧର୍ମୋନ୍ମତ୍ତ–ସର୍ବାପେକ୍ଷା ଅକପଟ ୧୨୨

ଧର୍ମୋନ୍ମତ୍ତ ହେବା –ଏହାର କୁଫଳ ୨୩, ନ ଆସିବାର ଉପାୟ ୯୩, ପ୍ରେମର ବିପରୀତ ୯୫ ଦ୍ୱାରା ଭଲମନ୍ଦ ଦୁଇଟି ଯାକ ହୁଏ ୧୨୫, ଏହାର ପ୍ରଭାବରେ କୃତକର୍ମ ୧୨୬ ହିନ୍ଦୁମାନଙ୍କର ଧର୍ମ ଏଥିରେ ନାହିଁ ୧୪୫ ।

ଧର୍ମୋନ୍ମତ୍ତତା ୨୧

ଧାରଣା – ଶବ୍ଦାର୍ଥ ୧୫୭, ୧୮୨ ଅଷ୍ଟାଙ୍ଗ ଯୋଗର ଅଙ୍ଗ୧୫୯ ଅଭ୍ୟାସ ୨୧୫, ୨୧୬

ଧ୍ୟାନ –ଅଷ୍ଟାଙ୍ଗଯୋଗର ଅଙ୍ଗ୧୫୭ ପ୍ରାଣାୟାମ ପୂର୍ବରୁ ୧୬୧ ଭଗବାନଙ୍କର ୧୬୧ ଏହାର ଅବସ୍ଥା ୧୬୪,୨୨୧ ଏହାର ଶକ୍ତି ୨୦୭ ଏହାର ନିୟମ ୨୦୮ ଏହାର ଆଲୋଚନା ୨୨୪ ଏହାର ବ୍ୟାଖ୍ୟା ୨୨୯ ଏହାର ପ୍ରଣାଳୀ ୨୪୬ ଦ୍ୱାରା ଚିତ୍ତବୃତ୍ତି ନାଶ ୨୭୨ ଠାରୁ ସମାଧି ଅବସ୍ଥା ଲାଭ ୧୯୬ ସିଦ୍ଧ ୩୨୬

ନରକ – ଚିତ୍ର ୧୨୨ ସପ୍ତମ ୧୩୩

ନାଗରକାର ବି.ବି.୨୦

ନାମରୂପ– ସଂସ୍କୃତ ଦର୍ଶନରେ ୮୮ ଏହାର ଛାଞ୍ଚରେ୧୦୮ ନାରଦ(ଦେବର୍ଷି) ୨୩୦ ନାସ୍ତିକ, ଆମେ ସମସ୍ତେ ହିଁ କମ୍ ବେଶୀ ୧୩୭ ସାମାଜିକ କଲ୍ୟାଣ ପାଇଁ କାମ କରନ୍ତୁ ୧୪୪ ସ୍ପଷ୍ଟବାଦୀ ଭଣ୍ଡ ଅପେକ୍ଷା ଭଲ ୧୭୩ ଅର୍ଥ ଯଶ ନାମର ଆକାଙ୍କ୍ଷାଛଡ଼ା ଅନ୍ୟବିଷୟରେ ୨୩୫ ।

ନାଡୀଶୁଦ୍ଧି ୧୮୩

ନିଉଟନ୍ (ସାର୍ ଆଇଜାକ୍) ୪୯

ନିଃସ୍ୱାର୍ଥତା ଏହା ହିଁ ଈଶ୍ୱର ୧୦୧ ପୂର୍ଣ୍ଣ

୧୦୬।
ନିଃସ୍ୱାର୍ଥପରତା–ସର୍ବୋଚ୍ଚ ଆଦର୍ଶ ୫୩, ଶବ୍ଦାର୍ଥ ୧୧୯ ରୁ ହିଁ ମୁକ୍ତି ଲାଭ ୧୨୦ ଯୀଶୁ ଖ୍ରୀଷ୍ଟଙ୍କର ୧୩୦।
ନିବୃତ୍ତି – ଶବ୍ଦାର୍ଥ ୧୦୦ମାର୍ଗ ବ୍ୟାଖ୍ୟା ୧୧୦
ନିୟମ ସୃଷ୍ଟି ୫୮– ବ୍ୟାଖ୍ୟା ୧୦୭, ୧୪୭, ୧୪୮ ମନରେ ଅବସ୍ଥିତ ୧୦୭ ଏହାର ବିରୋଧରେ ସଂଗ୍ରାମ ୧୩୦ ଏହାର ଆଧିକ୍ୟ ମୃତ୍ୟୁର ଚିହ୍ନ ୧୪୬ ଲଙ୍ଘନ ୧୪୭ ରାଜଯୋଗର ଅଙ୍ଗ ୧୪୭ ବହିରଙ୍ଗ ସାଧନ ୨୯୫
ନିର୍ବାଣ ୧୪୭
ନିରୀଶ୍ୱରବାଦ ଜୈନମାନଙ୍କର ୨୫
ନିରୀଶ୍ୱରବାଦୀ –ଜୈନ ୩୮
'ନିଶ୍ଚିତ–ବିଜ୍ଞାନ'–ବ୍ୟାଖ୍ୟା ୧୬୯
ନୀତି–ଜ୍ଞାନ ୩୩ ଧର୍ମର ୩୬ ଅପ୍ରତିକାର୫୬ ଶିକ୍ଷା ୭୯ ଏହାର ଭିତ୍ତି ୯୯, ୧୧୯ ଏହାର ଆରମ୍ଭ ୧୧୯ ଏହାର ସଂଜ୍ଞା ୧୧୯ ତତ୍ତ୍ୱର ମୂଳକଥା ୧୧୯ ପ୍ରଣାଳୀ ୧୨୦ ଶାସ୍ତ୍ର ୨୩୩
ନୋୟାର୍ ଆର୍କ (ଜାହାଜ)୯୪
ପଓହାରୀ ବାବା ୮୬, ୧୧୬
ପତଞ୍ଜଳି ୧୭୦, ୨୪୪, ୨୫୭, ୨୬୧, ୧୫୮,୧୬୫,୨୬୫,୨୭୬, ୨୭୯ ,୩୧୦, ୩୧୧,୩୧୭
ପରଧର୍ମ ସହିଷ୍ଣୁତା ୨୨
ପରିଣାମବାଦ ୩୧୦
ପାତଞ୍ଜଳ ସୂତ୍ର ୧୭୦
ପାମାର ମିସେସ୍ ୪୪
ପାରସୀ ପାରସିକ ୨୦, ୨୩, ୨୫, ୩୮
ପିଟାର (ସେଣ୍ଟ) ୧୫୧
ପିଥାଗୋରସ୍ ୧୪୪
ପୁରୁଷ ଗୁଣବିଶିଷ୍ଟ –୧୬୧
ଶୁଦ୍ଧ–ସ୍ୱରୂପ ୨୭୯ ଏକତ୍ୱ ସ୍ୱରୂପ ୧୮୩
ପୁରୁଷାନୁକ୍ରମିକ–ଶକ୍ତି ସଞ୍ଚାର ୫୦
ପୂରକ–ପ୍ରାଣାୟାମର ଅଙ୍ଗ ୧୫୮, ୧୬୪, ୨୩୪
ପୂର୍ଣ୍ଣତା– ଏହାର ନିଦର୍ଶନ ୩୨ ଏହାର ଅର୍ଥ ୯୮
ପୌତ୍ତଳିକ–ମନୁଷ୍ୟ ଜନ୍ମଗତ ୨୨୫
ପୌତ୍ତଳିକତା ଲୋକମତର ପୂଜା ୨୩୩
ପ୍ରକୃତି–ଏହାର ନିୟମ ୩୫ – ତିନୋଟି ଉପାଦାନରେ ଗଠିତ ୫୫ ଏଥିରେ ଆସକ୍ତି ୭୫ ଜାତ ବନ୍ଧନ ୭୬ ଏହାର ଯଥାର୍ଥରୂପ୭୬ ଏହାର ବିଧାନ୮୨ କର୍ମାନୁଯାୟୀ ଫଳବିଧାତା ୮୬ କୃତଫଳ ରୋଧରେ ଅକ୍ଷମ ୯୭ ବହିଃ ୯୯ ଏହା ହିଁ ସାହାଯ୍ୟକାରୀ ୧୦୩ ଏହାର ଗତି ୧୦୩ ଅନନ୍ତ୧୦୯ ଏହାର ନିୟମ ୧୧୨ ବାହ୍ୟ ୧୩୨ ଏହାର ବିଚାର ୧୩୪ ଏହା ସହିତ ଈଶ୍ୱରଙ୍କର କ୍ରୀଡ଼ା ୧୪୬ ଏଥିରେ ସଙ୍ଗତି ୧୪୮ ଏହାର ବ୍ୟାଖ୍ୟା ୧୫୪ ଏହାକୁ ନିୟନ୍ତ୍ରଣ ୧୭୭ ଏହାର ବଶୀକରଣ ୨୭୮ ଏହାର

ନରରୂପ ଧାରଣ ୨୧୦ ମନ ଓ ଚିନ୍ତା ଏହାରି ମଧ୍ୟରେ ୨୪୪ ଆତ୍ମା ଏହାର ବାହାରେ ୨୪୪ ଏହାର ଅବ୍ୟକ୍ତକୁ ପ୍ରତ୍ୟାବର୍ତ୍ତନ ୨୪୫ ଲୀନ୨୪୬ ଅନ୍ତର ୨୫୮ ଏହା ସହିତ ପୁରୁଷ ସଂଯୁକ୍ତ ୨୭୭ ଏହାର ଉଦ୍ଦେଶ୍ୟ ୨୭୮ ଏହାର ସର୍ବୋଚ୍ଚ ପ୍ରକାଶ ୨୭୯ ଏହାର ପ୍ରଥମ ଅଭିବ୍ୟକ୍ତ ୨୮୦ ଏହାର ବାହାରେ ପୁରୁଷ ୨୮୧ ବୁଦ୍ଧି ଏହାର ଅନ୍ତର୍ଗତ ୨୮୧ ଏହାର ନିଜସ୍ୱ ଶକ୍ତି ନାହିଁ ୨୮୩ ଓ ଆତ୍ମା ସ୍ୱତନ୍ତ୍ର ୨୮୫ ଆତ୍ମା ଅବିଦ୍ୟାବଶତଃ ୨୮୫ ଏଥିରେ ଆବଦ୍ଧ ୨୮୫ ଏହାଠାରୁ ପୁରୁଷ ସ୍ୱତନ୍ତ୍ର ୨୮୫ ଏଥିରୁ ପଳାୟନ ୨୮୮ ଜଗତର ପ୍ରଭୁ ନୁହେଁ ୩୧୭

ପ୍ରଣବ୨୨୮

ପ୍ରତାପ ମଜୁମଦାର ୨୦

ପ୍ରତିମା ୩୫

ପ୍ରତୀକ ୩୫

ପ୍ରତ୍ୟାହାର–ଅଷ୍ଟାଙ୍ଗ ଯୋଗର ଅଙ୍ଗ ୧୫୬ ବ୍ୟାଖ୍ୟା ୧୫୭– ସାଧନାର ସୋପାନ ୨୧୨ ଏହାର ଶିକ୍ଷା ୨୧୩ ଶବ୍ଦାର୍ଥ ୨୧୪, ଦ୍ୱାରା ସଙ୍ଗଦୋଷ ନାଶ ୩୨୫

ପ୍ରବୃତ୍ତି– ଶବ୍ଦାର୍ଥ ୧୦୦ ମାର୍ଗ ୧୧୧ କର୍ମ–୧୧୩

ପ୍ରମାଣ–ବ୍ୟାଖ୍ୟା ୨୩୯ ତିନି ପ୍ରକାର ୨୩୯

ପ୍ରାଣ–ଶକ୍ତି ୧୨୮ ଶରୀର ଭିତରେ ୧୮୬ ଏହାକୁ ନିୟନ୍ତ୍ରଣ ୧୮୭ ଏହାର ସଂଯମ ୨୮୭ ଏହାର ବିକାଶ ୧୯୨ ଏହାର ଅଭିବ୍ୟକ୍ତି ୧୯୪ ବଶକୁ ଆସେ ନାହିଁ ୧୯୭ ଏହାର ଉପରେ ପ୍ରଭୁତ୍ୱ ୧୯୮ ଶବ୍ଦାର୍ଥ ୨୨୮ ।

ପ୍ରାଣାୟାମ–ଶବ୍ଦାର୍ଥ ୧୫୭ ଏହାର ଅଙ୍ଗ୧୫୮ ସାଧନ ପ୍ରଣାଳୀ ୧୫୯ ଅଭ୍ୟାସ ୧୬୦ ରାଜଯୋଗର ଅଙ୍ଗ ୧୮୨ ଏହାର ଉପକାରିତା ୧୮୩ ସାଧନର ଉଦ୍ଦେଶ୍ୟ ୧୯୩ ଏହା ସହିତ ପ୍ରେତତତ୍ତ୍ୱର ସମ୍ପର୍କ ୨୦୦ ସାଧନର ବିଭିନ୍ନ କ୍ରିୟା ୨୦୩ ତିନିପ୍ରକାର ୨୨୭

ପ୍ରାୟଶ୍ଚିତ–ରୂପେ କର୍ମ ୫୨

ପ୍ରେତତତ୍ତ୍ୱ–ବିଦ୍ ୨୯୪ ବିଦ୍ୟା ୨୦୨

ପ୍ରେମ–ସର୍ବୋଚ୍ଚ ଆଦର୍ଶ ୫୩ ଆଦର୍ଶ ୫୮ କେବେ ଦୁଃଖ ଦିଏ ନାହିଁ ୭୬ ଏହାର ଲକ୍ଷ୍ୟ ୭୭ ରୂପେ କର୍ତ୍ତବ୍ୟତତ୍ତ୍ୱ ପ୍ରକାଶ ୮୩ ଧର୍ମାନ୍ଧତା ଏହାର ବିପରୀତ ୯୫ –ସତ୍ୟ ଓ ମଧୁର ୧୧୭, ଏହାର ମହାଶକ୍ତି ୧୩୦ ସହିତ ବ୍ୟବସାୟ ୧୩୦ ଉଦାର ଓ ମହତ୍ ୧୩୨ ଏହା ହିଁ ଈଶ୍ୱର ୧୪୪ ଏହା ହିଁ ଏକମାତ୍ର ଶକ୍ତି ୧୬୦ ।

ପ୍ରେରଣା କର୍ମର ୧୨୩ ଇଚ୍ଛାର ୧୪୮

ବ୍ୟାଖ୍ୟା ୧୬୧ ଭିତରୁ ଉଠେ
୧୫୭ ଦିବ୍ୟ ୨୨୩ ଂ ଯୁକ୍ତି
ବିରୋଧୀ ନୁହେଁ ୨୨୩ ।
ଫିନସୀୟ(ଜାତି) ୮୮
ବଶୀକରଣକାରୀ ୨୧୩
ବୋଷ୍ଟନ୍ ୧୮
ବହୁ-ଈଶ୍ୱରବାଦ ୩୪
ବହୁ-ବାଦ ୩୩
ବାଇବେଲ୍ ୭୯
ବାନପ୍ରସ୍ଥ ୬୦
ବାବିଲନ୍ ୮୮
ବାସନା-ବିସର୍ଜନ ୧୩୯ ରହିଲେ ସୁଖ ନାହିଁ
୨୨୫ ଅନାଦି ୩୧୪ ।
ବିକଳ୍ପ -ବୃତ୍ତି ୨୩୯ ଶବ୍ଦାର୍ଥ ୨୪୧
ବିଗ୍ରହପୂଜା ୩୫
ବିଚାର -ଅବଲମ୍ବନକରି କର୍ମ ୧୧୨ ଯୁକ୍ତି
୨୨୦ ପୂର୍ବକ ଜ୍ଞାନ ୨୨୪
ଆପ୍ତବାକ୍ୟ ସମ୍ବନ୍ଧରେ ୨୩୯ ।
ବିଜ୍ଞାନ ୨୦, ଚିକିତ୍ସା-ଯନ୍ତ୍ର ୨୦ ଏହାର
ପ୍ରମାଣ ୨୬, ଏହାର ଆଧୁନିକ
ଆବିଷ୍କାର ୨୬ ସମ୍ମତ ୨୭ -
ଅଭ୍ୟାସ ଦ୍ୱାରା ବ୍ୟଖ୍ୟା ୨୮
ଏକତ୍ୱର ଆବିଷ୍କାର ୩୩ ଧର୍ମ ୩୩
ଏହାର ଚରମ ଲକ୍ଷ୍ୟ ୨୮
ସାହାଯ୍ୟରେ ଜାଣିବା ୧୨୬
ଏହାର ଦୃଢ଼ ଘୋଷଣା ୧୪୬
ଏହାରି ମତରେ ଯୋଗଶାସ୍ତ୍ର
ଯୁକ୍ତିସିଦ୍ଧ ୧୫୧ ନିଶ୍ଚିତ ୧୭୧
ରାଜଯୋଗ ୧୭୫ ଏହାର
ପର୍ଯ୍ୟବେକ୍ଷଣ ପ୍ରଣାଳୀ ୧୭୪
ମନୋ ୧୭୬ ଦର୍ଶନ ସହିତ
ମିଳିତ ୧୭୮ ଶିକ୍ଷାପ୍ରଣାଳୀ
୧୭୯ ପଦାର୍ଥ ୧୯୪ ଜଡ଼ ୨୦୨
ପ୍ରାଣାୟାମ ୨୦୨ ଶରୀର ୨୦୩
ଏହାର ଦୃଷ୍ଟି ୨୪୫ ।
ବିପର୍ଯ୍ୟୟ-୨୩୯, ୨୪୧
ବିଶ୍ୱମେଳା-ଧର୍ମମହାସଭା (ଚିକାଗୋ)
୧୭, ୧୯, ୨୧, ୨୨, ୪୨,
୪୩, ୪୫
ବିଶ୍ୱାସ-ନଷ୍ଟ କରିବା ୧୪୪, ଏହାର
ଶକ୍ତି ୧୭, କରି ଆରୋଗ୍ୟ ୧୯୯
ବୁଦ୍ଧ (ଦେବ)-ବା ଶାକ୍ୟମୁନି ୪୦, ୪୧
ତାଙ୍କର ପ୍ରବଳ ଇଚ୍ଛାଶକ୍ତି ୫୦,
୫୧ ସିଂହାସନ ତ୍ୟାଗ କରିଥିଲେ
୫୭, କର୍ମପରାୟଣ ଜ୍ଞାନୀ ୭୩,
ଈଶ୍ୱରଙ୍କ କଥା କହି ନାହାନ୍ତି
୧୦୧, ମହାମାନବ ୧୧୬
ପଞ୍ଚବିଂଶ ୧୧୭ କର୍ମଯୋଗର
ଶିକ୍ଷା କାର୍ଯ୍ୟରେ ପରିଣତ
କରିଥିଲେ ୧୨୫ ଆଦର୍ଶ
କର୍ମଯୋଗୀ ୧୨୬ ତାଙ୍କର
ଜୀବନେତିହାସ ପୃଥିବୀର ଇତିହାସ
୧୪୨, ତାଙ୍କର ପ୍ରତ୍ୟାକ୍ଷାନୁଭୂତି
୧୭୨, ଶବ୍ଦାର୍ଥ ୩୧୮
ବୁଲ୍ (ମିସେସ୍) ୧୫୦
ବୃତ୍ତି-ବ୍ୟାଖ୍ୟା ୨୩୬ ,୨୩୭,
ପାଞ୍ଚପ୍ରକାର ୨୩୯ ଚିତ୍ତ ୨୩୯,
୨୪୬ ସମ୍ବନ୍ଧରେ ଆଲୋଚନା,
୨୪୧ ରୂପକ ତରଙ୍ଗ ୨୭୨
ସଂଯମ ୨୯୫ ଅକଳ୍ପିତା ୩୧୯

ବେଦ-ଆପ୍ତବାକ୍ୟ ୨୬, ଅନାଦି ଓ ଅନନ୍ତ ୨୬, ଏଥିରେ 'ଆତ୍ମା' ୨୭, ୩୧, ଏଥିରେ ଶୁଦ୍ଧ ପ୍ରେମ ୩୧ ଏହାର ଶିକ୍ଷା ୩୧ ବିହିତ ଧର୍ମ ୪୦, ଜନସାଧାରଣଙ୍କଠାରେ ପ୍ରକାଶ ୪୧ ହିନ୍ଦୁ ନିକଟରେ ପ୍ରାମାଣ୍ୟ ୭୯ ଏହାର ଆବିର୍ଭାବ ୮୮, ଅନୁଗଦର୍ଶନଶାସ୍ତ୍ର ୧୭୦ ଏହାର ଘୋଷଣା ୧୭୩, ଦ୍ୱାରା ଜଗତ ଏକ ପୂର୍ଣ୍ଣ ସତ୍ତାରେ ପର୍ଯ୍ୟବସିତ ୧୯୩,ଏହାର ପବିତ୍ର ମନ୍ତ୍ର-୨୨୮, ବର୍ଣ୍ଣିତ 'ବିଦେହ' ୨୪୬, ବର୍ଣ୍ଣିତ ଈଶ୍ୱର ୨୪୮, ଏହାର ବିଭିନ୍ନ ଧର୍ମଭାବ ୨୫୫,
ବେଦାନ୍ତ -ଜ୍ଞାନ୨୫, ଏହାର ଅଦ୍ୱୈତବାଦ ୩୫, ସୂତ୍ର ୧୦୪ ଧର୍ମର ମହାନ୍ ଭାବ୧୧୮, ଏଥିରେ ଭୟର ସ୍ଥାନ ନାହିଁ ୪୬, ମୁକ୍ତିର ବାଣୀ ହିଁ ଘୋଷଣା କରେ୧୪୬, ଏହାର ମୀମାଂସା ୧୪୮ ଯୋଗର ସମର୍ଥକ ୧୭୦,
ବୈରାଗ୍ୟ – ଭୋଗ ଶେଷ ହେଲେ ଆସିବ ୫୮, ଲାଭ କ୍ରିୟାଶୀଳତାରେ ୫୯ ଅସମ୍ଭବ ବା ଅନାସକ୍ତି ୧୧୨, ରୂପେ ବର୍ଣ୍ଣନା ୨୨୯, ଯୋଗର ଉପାସନା ୨୩୦, ଲାଭର ଉପାୟ ୨୪୨, ମନକୁ ସଂଯତ ରଖିବାର ଶକ୍ତି ସ୍ୱରୂପ ୨୪୨, ଦ୍ୱାରା ପ୍ରକୃତି ବଶୀଭୂତ ହୁଏ ୨୪୪ କ୍ଷଣିକ ୨୭୬
ବୈଷମ୍ୟ ୧୨୪
ବୌଦ୍ଧ-ଏହାର ଅଜ୍ଞେୟବାଦ ୨୫, ଅଜ୍ଞେୟବାଦୀ ୩୬, ଆଧୁନିକ ୪୦ ଏହାଦ୍ୱାରା ବୁଦ୍ଧଙ୍କୁ ସମ୍ୟକ ବୁଝାଯାଏ ନାହିଁ ୪୨, ଓ ବ୍ରାହ୍ମଣର ବିଚ୍ଛେଦ ଭାରତର ଅବନିତକାରଣ ୪୧ ଏହାଦ୍ୱାରା ସ୍ୱସ୍ତିକ ଜଗତରେ ବିସ୍ତୃତ ୮୮,
ବୌଦ୍ଧଧର୍ମ-ଏବଂ ହିନ୍ଦୁଧର୍ମର ସମ୍ବନ୍ଧ ୪୦, ଭାରତରେ ଲୋପ ଅଭ୍ୟୁଦୟ ୪୧, ପୂର୍ବରୁ ସ୍ୱସ୍ତିକ ୮୮ ପ୍ରଚଳିତ ଥିଲା ବୁଦ୍ଧଦେବଙ୍କ ପ୍ରତ୍ୟାକ୍ଷାନୁଭୁତି ଉପରେ ପ୍ରତିଷ୍ଠିତ ୧୭୨
ବ୍ୟକ୍ତିତ୍ୱ-ଏହାର ଲୟ ୩୩, ବିଶ୍ୱଜନୀନ ୩୩, ବାଦୀ ୧୧୮, ବିସର୍ଜନ ୧୪୭ ଅନୁଶୀଳନ ୧୫୪
ବ୍ୟାଧଗୀତା –ଚରମ ବେଦାନ୍ତ ୮୫
ବ୍ୟାରୋଜ୍, ଜନ୍ ହେନରୀ (ରେଭ:) ୨୦
ବ୍ୟାସ (ଋଷି)୩୭, ୧୦୪
ବ୍ରହ୍ମ-ସ୍ୱରୂପ ୩୧, ଏକମାତ୍ର ପୂର୍ଣ୍ଣ ନିତ୍ୟ ୩୨ ହିନ୍ଦୁର ୩୮ ଆମେ ସେହି ୧୪୪, ନିରପେକ୍ଷ ୧୫୩, ଏହା ସହିତ ଅଭେଦ ଚିନ୍ତ ୧୬୫ ମନୁଷ୍ୟ ହିଁ ୨୩୭
ବ୍ରହ୍ମଚର୍ଯ୍ୟ-ଆଶ୍ରମ ୬୦, ରାଜଯୋଗର ଅନ୍ତର୍ଗତ୧୮୨, ୨୨୭, ୨୮୬ ସର୍ବତ୍ର ଶ୍ରେଷ୍ଠଧର୍ମରୂପେ ପରଗଣିତ ୨୧୧, ବ୍ୟତୀତ ଯୋଗସାଧନ ବିପଦ-ସଙ୍କୁଳ ୨୧୧, ବ୍ୟାଖ୍ୟା

୨୨୮, ବ୍ରତ ୨୨୮, ଶକ୍ତି ଦାନ କରେ ୨୮୯ ଦ୍ୱାରା କ୍ଷମତାଲାଭ ୨୯୦
ବ୍ରାହ୍ମ-ସମାଜ-୨୦
ବ୍ରାହ୍ମଣ୍ୟ-ଧର୍ମ ୩୭, ୪୧
ଭକ୍ତି – କର୍ମ ଜ୍ଞାନର ମିଳନ ୯୯, ୧୦୦ ଯୋଗ ୧୦୭, ପଥରେ ଭଗବାନ ଲାଭ ୧୪୪
ଭଗବାନ –ତାଙ୍କର ନିକଟରେ ଅବସ୍ଥାନ ୧୧୭, ମୁକ୍ତି ହିଁ ୧୪୭ ଆମମାନଙ୍କର ଲକ୍ଷ୍ୟ ୧୫୨ ଦର୍ଶନ ୧୬୧,୧୬୫ତାଙ୍କର ମହିମା ୧୬୧, ଶ୍ରେଷ୍ଠ ଆଦର୍ଶ ୧୬୩, –ଆଦିକାରଣ ୨୩୪
ଭାବାନୁସଙ୍ଗ –ନିୟମ ୩୪, ବିଧାନ ୧୦୭, ସମ୍ବନ୍ଧ ୧୦୮
ଭାରତ –ଏହାର ଧର୍ମ ୧୮, ଏହାର ଐକ୍ୟ ୧୯, ସେଠାରେ ଏକେଶ୍ୱରବାଦୀ ସମ୍ପ୍ରଦାୟ ୨୦, ସେଠାରେ ବହୁ ସମ୍ପ୍ରଦାୟ ଉତ୍‌ଥାନ ୨୫, ଏହାର ସକଳ ସମ୍ପ୍ରଦାୟ ,ସାଧାରଣ ଧର୍ମ ୩୨, ସେଠାରେ ବହୁ ଈଶ୍ୱର ବାଦ ୩୪, ସେଠାକାର ମୂର୍ତ୍ତିପୂଜା ୩୫, ସେଠାକାର ଦୁର୍ଭିକ୍ଷ ୩୯, ସେଠାରେ ବୁଦ୍ଧଦେବଙ୍କର ପୂଜା ୪୦, ଏହାର କଥ୍ୟଭାଷା ୪୧, ଏହାର ଅବନତିର କାରଣ ୪୨, ସେଠାକାର ସ୍ୱୟମ୍ବର ପ୍ରଥା ୬୭, ରୁ ସ୍ୱାର୍ଥତ୍ୟାଗ ଓ ଦୟାର ଭାବ ଚାଲିଯାଇଛି ୭୮, ସେଠାକାର ଠଗ ନାମକ ଦୁ୍ୟସଦଳ ୮୦, ସେଠାରେ କର୍ମ ସମ୍ବନ୍ଧରେ ଧାରଣା ୮୭, ସେଠାରେ ମତାନ୍ଧମାନଙ୍କର ମତ ୯୩, ସେଠାରେ ଗୁହାର ଯୋଗୀ ୧୧୬, ସେଠାକାର ଏପ୍ରବାଦ ୧୨୨, ଏହାର ବୈଶିଷ୍ଟ୍ୟ ୧୪୫, ଏହାର ବେଦାନୁଗ ଦର୍ଶନଶାସ୍ତ୍ର ୧୭୦ ସେଠାକାର ରାଜଯୋଗର ଅନୁଶୀଳନ ୧୭୮, ରେ ପ୍ରଣାଳୀବଦ୍ଧ ଯୋଗ ପ୍ରଚାର କରିଥିଲେ ୧୭୮, ରେ ଗୋଟିଏ କିମ୍ବଦନ୍ତୀ ୨୧୭, ଏହାପକ୍ଷରେ ପ୍ରଯୋଜ୍ୟ ଯୋଗବ୍ୟସ୍ଥା ୨୨୯, ଏହାର ବିଭିନ୍ନ ଧର୍ମଭାବ ୨୫୨, ସେଠାରେ ପୂର୍ବଜୀବନ ପ୍ରମାଣର ଯୁକ୍ତି ୨୬୯, ରେ ପୂର୍ବଜନ୍ମବାଦ ୨୭୦,
ଭାରତୀୟ–ସରଳ ସମ୍ବୋଧନ୧୯, –ସମାଜର ଉନ୍ନତି ୪୧, ଦର୍ଶନ ୧୦୭, ୨୪୭, ୨୮୧, ରୀତିନୀତି ୧୩୭, ଦାର୍ଶନିକ ୧୪୭, ୧୯୧, ୨୩୫, ନୈୟାନିକ ୨୩୨, ଧର୍ମ ୨୪୮,
ଭଲପାଇବା–ଈଶ୍ୱରଙ୍କୁ ୩୧, ନିଃସ୍ୱାର୍ଥ ଭାବେ ୩୨, ଏଥିରେ ଦୁଃଖକର ପ୍ରତିକ୍ରିୟା ନାହିଁ ୭୬, ସ୍ୱାର୍ଥପରତାମିଶ୍ରିତ ୨୭୬,
ଭାଷା ସଂସ୍କୃତ –୨୨, କଥ୍ୟ ୪୧, ମାତୃ ୮୧, ଗୋଟିଏ କୃତିମ ବସ୍ତୁ ନୁହେଁ

୮୮, ଏହାର ଉତ୍ପତ୍ତି ୨୫୧
ମନୁଷ୍ୟସୃଷ୍ଟି ୨୫୧, ଅବଧି ଅଛି
ଭିନ୍ନ ଭିନ୍ନ ଭାଷାରେ ଶବ୍ଦ ଧ୍ୱନି
ଭିନ୍ନ ଭିନ୍ନ ୨୫୧,
ଭୀଷ୍ମ –୧୪୦
ଭେଦାଭେଦବାଦୀ ୨୫୨
ଭୋଗ–ଜଗତ୍ ସୃଷ୍ଟିର ୧୦୨, କାରଣର
ପାଶ୍ଚାତ୍‌ରେ ଧାବମାନ ୨୩୧,
ଏହାର ଇଚ୍ଛା ୨୩୮, ଏହାର
ଚେଷ୍ଟା ୨୪୬, ସୁଖ ଜୀବନରେ
ମିଳେ ନାହିଁ ୨୪୫, ଏଥିରେ
ତୃଷ୍ଣା ବୃଦ୍ଧି ପାଏ ୨୭୩
ମନଚେତନ –୨୮, ଏହାର ପ୍ରବଣତାର
କାରଣ ୨୮, ଅପରିଣତ –
ଅଧ୍ୟୟନ ୩୬, ଏହା ମଧ୍ୟରେ
ଜ୍ଞାନ ଅଛି ୩୬, ଦ୍ୱାରା ସୀମାବଦ୍ଧ
୧୦୮, ଦ୍ୱାରା ଜଗତ ସୃଷ୍ଟ
୧୦୯, ଆତ୍ମାରେ ନିବିଦ୍ଧ ୧୧୦,
ଏହାର ତିନୋଟି ଅବସ୍ଥା ୧୪୨,
ଏହାର ନିୟନ୍ତ୍ରଣ ୧୪୩,୨୨୫
ଏହାର ଉପାଦାନ ୧୫୬, ୧୭୯,
୨୩୬, ସଂଯତ କରିବା ୧୬୧,
୧୬୨, ୨୧୨, ୨୧୪, ୨୧୫
ଜଡ଼ର ସୂକ୍ଷ୍ମାବସ୍ଥା ୧୬୪, ଏହାର
ବହିଃପ୍ରକାଶ ୧୬୪, ଦେହ
ଏହାକୁ ଏକାଗ୍ର କରିବା ୧୬୪ ,
୧୭୬, ୨୧୯, ୨୨୯, ୨୬୪,
୨୯୧, ସର୍ବବ୍ୟାପୀ ୧୭୦,
ପର୍ଯ୍ୟବେକ୍ଷଣ ଯନ୍ତ୍ର ୧୭୫,
ଏହାକୁ ଅନ୍ତର୍ମୁଖ କରିବା ୧୭୫,
ବଶୀକରଣ–୧୭୮, ଆତ୍ମାର ଯନ୍ତ୍ର
୧୭୯, ଏହା ପାଇଁ ନିୟମ
୧୮୨, ଏହାର ସ୍ଥିରତା ଓ ସୁସ୍ଥତା
୨୧୦, ବିକ୍ଷିପ୍ତ ନକରିବା ଏହାର
ଦୁଇସ୍ତରରେ କାର୍ଯ୍ୟ ୨୨୦,
ଏହାର ଜ୍ଞାନାତୀତ ଅବସ୍ଥା ୨୨୦,
ଏହାର ବିଶେଷ ଅବସ୍ଥାତ୍ରୟ
୨୨୪, ଏହାର ମାଧ୍ୟମରେ
ଚୈତନ୍ୟଲାଭ ୨୩୭, ଏହାର
ତରଙ୍ଗକୁ ଆୟତ୍ତରେ ଆଣିବା
୨୩୭, ଏହାର ଚାରି
ରୂପଧାରଣ ୨୩୮, ଶାନ୍ତ ହେଲେ
ସ୍ୱରୂପ ବୁଝାଯାଏ ୨୪୦,
ପ୍ରକୃତିର ଅନ୍ତର୍ଗତ ୨୪୫ ନିର୍ବିକଳ୍ପ
ହେବା ୨୯୫, ଓ ପୁରୁଷ
ସମ୍ବନ୍ଧରେ ପତଞ୍ଜଳି ୩୧୬,
ଏହାର ଉତ୍ପତ୍ତି ୩୨୧
ମନଃ–ବିଜ୍ଞାନ ୪୮, ୧୦୭, ୧୭୯,
୨୫୮, ୨୭୮, ୨୮୦, ଜଗତ
୧୦୮, ୨୬୯, ବୃତ୍ତି ୧୬୨,
ଶକ୍ତି ୨୦୨, ୨୭୩ ସଂଯମ
୨୫୯, ୨୯୬, ୩୦୧
ମନନ –ଅଭ୍ୟାସ ୧୦୬, ନୀତି ହିଁ ଏହାକୁ
ସତେଜ କରେ ୧୪୨, ଶୀଳ
୧୫୨, ଅତୀନ୍ଦ୍ରିୟସ୍ତର୧୫୫
ମନ୍ତ୍ର–ତିନିପ୍ରକାର ଜପର ନିୟମ ୨୨୮,
ଗାୟତ୍ରୀ ୨୨୮, ପବିତ୍ର ଶବ୍ଦ –
୩୦୯, ଶକ୍ତି–୩୦୯
ମହମ୍ମଦ ୪୬, ୧୪୪
'ମହାର୍ନିବାଣ ତନ୍ତ୍ର' ୬୦,

'ମହାଭାରତ'–୮୫, ୧୩୮
ମାତୃଭାବ–ସର୍ବାପେକ୍ଷ ଉତ୍ତମ ୮୩, ନାରୀ ଏହାର ପ୍ରତିମୂର୍ତ୍ତି ୮୪
ମାଧ୍ୟାକର୍ଷଣ –୨୬, ୪୮, ୧୦୭, ୧୫୪, ୧୯୧, ୨୩୭
ମାନବ, ମନୁଷ୍ୟ–କଲ୍ୟାଣ ୧୭, ୪୫ ଏହାକୁ ପାପୀ କହିବା ମହାପାପ ୩୦, ଏହାର ଯଥାର୍ଥ ସ୍ୱରୂପ ୩୦, ୨୩୮ ଭ୍ରାତୃତ୍ୱ ୪୫, ୪୬ ଏହାକୁ ସତ୍‌କାର୍ଯ୍ୟରେ ନିୟୋଜିତ କରେ ୪୫, ଏହାର ଲକ୍ଷ୍ୟ ୪୮, ୧୧୭, ୧୧୮, କର୍ମଦ୍ୱାରା ବୁଦ୍ଧତ୍ୱ ଲାଭ ପାଇଁ ସକ୍ଷମ ୭୩, ସୃଷ୍ଟି ୮୭, ଏହାର ଏକମାତ୍ର କାମ୍ୟ ୧୪୭, ସଭ୍ୟତାର ଅର୍ଥ ୧୭୮ ଏହାର ପ୍ରକୃତ ସ୍ୱରୂପ ୨୮୨
ମାନସ–ଜପ–୨୨୮
ମାୟା – ବ୍ୟାଖ୍ୟା ୧୪୦ ଅତିକ୍ରମ କରିବାର ଉପାୟ ୧୪୨, ବା ସ୍ୱପ୍ନମୟ ଜଗତ ୨୭୯
ମିଲ୍ (ଜନ୍ ଷ୍ଟୁଆର୍ଟ)–୨୩୭
ମିଶର ପ୍ରାଚୀନ– ୮୮, ବାସୀ ୧୨୧
ମୁକ୍ତି ମୃତ୍ୟୁ ଓ ଦୁଃଖରୁ– ୩୧, ଲାଭର ସହାୟ ୬୫, ଏହାର ଅର୍ଥ ୭୩, ଏହାର ପଥ ୮୬, ଲାଭର ଉପାୟ ୧୦୬, ଏଥିରୁ ଜଗତର ଉତ୍ପତ୍ତି ୧୦୮, ସଂଗ୍ରାମ ୧୧୮, ଏହାର ସହଜାତ ଅନୁରାଗ ୧୨୫ ଏହାର ଆକାଙ୍‌କ୍ଷା ୧୪୪ ବେଦାନ୍ତରେ ଏହାର ବାଣୀ ୧୪୬, ମନୁଷ୍ୟର କାମ୍ୟ ୧୪୭, ଏହାର ପ୍ରେରଣା ୧୪୮, ପୂର୍ବରୁ ବିଦ୍ୟମାନ ୧୪୯ ସମ୍ବନ୍ଧରେ ବେଦାନ୍ତର ମୀମାଂସା ୧୪୭ ଶକ୍ତିଲାଭରେ ହୁଏ ନାହିଁ ୨୪୫
ମୁକ୍ତିର କାମନା ୭୩
ମୁଶା (ମୋଜେସ୍–Moses) ୮୮
ମୁସଲମାନ –୨୦
ମୂଳଚକ୍ର (Fly-wheel) ୧୫୮
ମୂଳାଧାର– ଚକ୍ର ୧୬୦
ମୃତ୍ୟୁ–ବ୍ୟାଖ୍ୟା ୨୯,୩୦, ଏହାକୁ ଅତିକ୍ରମ କରିବାର ଉପାୟ ୩୦, ଏହା ସହିତ ଈଶ୍ୱର ବିଶ୍ୱାସର ସମ୍ବନ୍ଧ ୪୧, ସଂସାର–ଚକ୍ରରୁ ବାହାର ହେବାର ଉପାୟ ୧୦୨,–ଶୂନ୍ୟ ଜୀବନ ଅର୍ଥହୀନ ୧୨୨, ଏହାକୁ ଜୟ ୧୫୨, –ଭୟ ୧୭୫ ଚରମ ପରିଣାମ ୨୩୩
ମେ ଫ୍ଲାଓଆର୍ (ଜାହାଜ) ୯୪
ଯନ୍ତ୍ର –ବିଜ୍ଞାନ ୧୭
ଯମ (ରାଜଯୋଗର ଅଙ୍ଗ) ୧୮୨
ଯୀଶୁ, ଯୀଶୁଖ୍ରୀଷ୍ଟ–ଇହୁଦୀ ୪୧, ପ୍ରବଳ ଇଚ୍ଛାଶକ୍ତି ସମ୍ପନ୍ନ ୫୦,୫୧–ପ୍ରାର୍ଥନା ଦ୍ୱାରା ଜ୍ଞାନଲାଭ କରି ଥିଲେ ୭୪ ମହାମାନବ ୧୧୬, ନିଃସ୍ୱାର୍ଥ ୧୩୦ ଦେବତ୍ୱ ପ୍ରଚାର କରିଥିଲେ ୧୪୪, ପ୍ରତ୍ୟକ୍ଷଦର୍ଶୀ ୧୫୧, ତାଙ୍କର ଅବତାରତ୍ୱ ୧୭୨, ଅନନ୍ତ ଜ୍ଞାନ ଲାଭ କରି ଖ୍ରୀଷ୍ଟ ହୋଇଥିଲେ ୩୧୯,

ଯୁଧିଷ୍ଠିର ୩୧,
ଯୋଗ - ଏହାର ଲକ୍ଷ୍ୟ ୨୩ -ଅଭ୍ୟାସ ୮୫, ଗୁଡ଼ିକ ପରସ୍ପର ବିରୋଧୀ ନୁହେଁ ୧୦୬ ଯୁକ୍ତ ହୋଇ କର୍ମ କରିବା୧୩୮, ଏହାର ଶିକ୍ଷା ୧୫୨ ସାଧନର ସମୟ୧୫୨ ପଦ୍ଧତି ୧୬୧, ବ୍ୟାଖ୍ୟା ୧୫୪ ସାଧନର ଉଦ୍ଦେଶ୍ୟ ୧୫୭, ୧୮୪, ୧୮୬, ଶବ୍ଦ ବହୁ-ବ୍ୟାପକ ୧୭୦, ସାଂଖ୍ୟ ଓ ବେଦାନ୍ତ ସମର୍ଥିତ ୧୭୦, ଶିକ୍ଷା ୧୭୧, ଶାସ୍ତ୍ର ୧୭୯, ବିଦ୍ୟା ୧୭୩ ଆବିଷ୍କାର ୧୭୮ ସାଧନ ୧୫୭, ବିଜ୍ଞାନ ୨୩୬ ଏହା ସହିତ ଆହାରର ସମ୍ବନ୍ଧ ଏହାର ସୋପାନ ୨୫୪
ଦୁଇପ୍ରକାର-୨୨୭ ଅଭ୍ୟାସର ସ୍ଥାନ ୨୩୦ ସୂତ୍ର ୨୩୨, ମତାବଲମ୍ବୀ ଦାର୍ଶନିକ ୨୩୩, ଦର୍ଶନ ୨୪୫, ଏହାର ଅଂଶ ବିଶେଷ ସାଂଖ୍ୟ-ଦର୍ଶନ ଉପରେ ସ୍ଥାପିତ ୨୪୫, ଏହାର ବିଘ୍ନ ୨୫୪ ଦ୍ୱାରା ଲାଭ ଏହାର ଅଙ୍ଗ୨୮୬
ଯୋଗୀ -ଏହାର ତିନୋଟି ପ୍ରୟୋଜନ - ୧୫୪, ଦ୍ୱାରା ଇନ୍ଦ୍ରିୟ ଦୁଇ-ଭାଗରେ ବିଭକ୍ତ ୧୫୭, ବେଶୀ କଥା କହିବେ ନାହିଁ ୧୫୬, ହେବାର ପ୍ରଥମ ସ୍ତର ୧୬୨, ହେବାର ଉପାୟ ୧୬୫
ଏହାଙ୍କର ଭାଷା ୧୬୬, ଏହାଙ୍କର କର୍ତ୍ତବ୍ୟ ୧୭୮, ଏହାଙ୍କର ଉଦ୍ଦେଶ୍ୟ୧୮୦, ଏହାଙ୍କ ପକ୍ଷେ ଉତ୍ତମ ପରିବେଶ୧୯୦, ଏହାଙ୍କର କାର୍ଯ୍ୟକଳାପ ୧୯୨ ଦ୍ୱାରା ସିଦ୍ଧଲାଭର ଉପାୟ ଉଦ୍ଭାବନ୨୦୦, ଏହାଙ୍କର କଣ୍ଠସ୍ୱର କର୍କଶ ହୁଏ ନାହିଁ ୨୦୯, ଏହାଙ୍କ ସୁଷୁମ୍ନା ଉନ୍ମୁକ୍ତ ରହେ୨୧୦ ହେବାର ଆଶା ୨୧୧ ହେବାର ଇଚ୍ଛା ୨୧୮, ଏହାଙ୍କର ଅଲୌକିକ ଶକ୍ତି ୨୨୬ ଏହାଙ୍କର ଆତ୍ମସାତ୍‌କାର ୨୨୭, ଏହାଙ୍କର ଧର୍ମମତ୨୩୨ - ଅନ୍ୱେଷଣରେ ପ୍ରବୃତ୍ତ୨୩୫, ଶୁଦ୍ଧସତ୍ତ୍ୱ ୨୦୪ ଏହାଙ୍କର ଲକ୍ଷ୍ୟ ୨୪୪, ଏହାଙ୍କର ସିଦ୍ଧାନ୍ତ ୨୫୧ ଏହାଙ୍କଦ୍ୱାର ପ୍ରାଣାୟାମ ତତ୍ତ୍ୱ ଆବିଷ୍କାର ୨୫୬, ଏହାଙ୍କ ମତରେ ପ୍ରାଣ-ପ୍ରବାହ ୨୫୭, ଏହାଙ୍କର ଚିତ୍ତବୃତ୍ତି ୧୬୦, ତିନୋଟି ବସ୍ତୁ ଦେଖନ୍ତି୧୬୧, ଏହାଙ୍କର ମୂଳଭାବ ୨୬୨, ଏହାଙ୍କର ମତ୨୭୨, ଏହାଙ୍କର ଶିକ୍ଷା ୧୭୮, ଏହାଙ୍କର ଚରମ ଅବସ୍ଥା ୨୮୭, ବ୍ରହ୍ମଚର୍ଯ୍ୟବାନ୍ ହେବେ ୨୮୯, ଏହାଙ୍କର ଶକ୍ତି ଲାଭର ବିଜ୍ଞାନ ଆବିଷ୍କାର ୩୦୦ ଏହାଙ୍କର ଉଚ୍ଚତମ ଆଦର୍ଶ ୩୦୭ ଏହାଙ୍କର ପରିଣାମବାଦ ୩୧୦
ଯୋସେଫ -୫୦

ରଜଃ-ଗୁଣ କର୍ମଶୀଳତାର (ଆକର୍ଷଣ ବିକର୍ଷଣ) ପ୍ରକାଶ ୫୫, ଶକ୍ତି ୧୧୭, ଗୁଣକାର୍ଯ୍ୟ ୨୯୪,ଗୁଣ ଦ୍ୱାରା ଆବୃତ ୨୯୨
ରସାୟନ-ଶାସ୍ତ୍ର ୩୩, ବିଦ୍ ୧୭୪, ବିଦ୍ୟା ୩୦୯
ରାଇଟ୍ (ଅଧ୍ୟାପକ)-୧୮
ରାଜଯୋଗ – ଏହାର ଶିକ୍ଷା ୧୭୦, ଏହାର ଲକ୍ଷ୍ୟ ୧୭୪, ଏହାର ଅଷ୍ଟାଙ୍ଗ ୧୮୨, ପ୍ରକୃତ ଧର୍ମ-ବିଜ୍ଞାନ ୨୧୨
ରେଚକ-ପ୍ରାଣାୟାମ କ୍ରିୟାର ଅଙ୍ଗ ୧୫୮
ରେଡ୍ ଇଣ୍ଡିୟାନ୍ (ଜାତି) ୧୨୪,
ରୋମାନ୍-(ଜାତି) ୨୨
ଲୁଥର ୧୪୩ ଶଙ୍କରାଚାର୍ଯ୍ୟ- ୧୮୩
ଶବ୍ଦ-ଚିନ୍ତାର ପ୍ରତୀକ ୮୭, ଓ ଭାବ ଅବିଚ୍ଛେଦ୍ୟ ୮୮ ଶକ୍ତି ୮୯, ଦ୍ୱାରା ତରଙ୍ଗ ୨୯୦
ଶରୀର ବିଜ୍ଞାନ ୨୦୩
ଶିଣ୍ଟୋ ଧର୍ମ-୨୦
ଶୁକଦେବ-୧୦୪
ଶୂନ୍ୟବାଦ-୨୩୫
ଶୌଚ-୧୮୨
ଶ୍ରୀମଦ୍ ଭଗବଦ୍‌ଗୀତା-'ଗୀତା' ଦ୍ରଷ୍ଟବ୍ୟ
ଶ୍ୱାସ ପ୍ରଶ୍ୱାସ-୧୮୭
ସଂଯମ- ଶକ୍ତିର ମହୋଚ୍ଚ ବିକାଶ ୫୩, ଏହାର ରହସ୍ୟ ୫୪, ବ୍ୟାଖ୍ୟା ୨୨୫ ଲାଭର ଉପାୟ୨୪୩, ଶକ୍ତି୨୪୭ କ୍ଷତିକରେ ନାହିଁ୨୫୬ ଯୋଗୀଙ୍କ ଜ୍ଞାନଲାଭର ଯନ୍ତ୍ର ୨୮୫, ପୂର୍ବ ସଂସ୍କାର ଉପରେ ୨୯୮, ଇନ୍ଦ୍ରିୟ ୩୦୫,
ସଂସାର-ରୂପକ ଗୋଲକଧନ୍ଧା ୯୮, ବ୍ୟଖ୍ୟା୧୦୦, ଏଥିରୁ ମୁକ୍ତ ହେବାର ଉପାୟ ୧୦୧, ନରକକୁଣ୍ଡ ୧୦୫, ଆବର୍ତ୍ତରୁ ମୁକ୍ତି ୧୧୦, ଏଥିରେ ରହିବାର ନିୟମ୧୧୨, ଏଥିରେ ସଞ୍ଚୟର ଇଚ୍ଛା ୧୩୦, ତ୍ୟାଗ ୧୪୧, ଯୁଦ୍ଧକ୍ଷେତ୍ର ୧୪୨ ସମୁଦ୍ର ଅତିକ୍ରମ ୧୮୦
ସଂସ୍କାର-ସମାଜ ୪୧, ସମଷ୍ଟି ହିଁ ଚରିତ୍ର ୪୮, ବ୍ୟାଖ୍ୟା ୭୩, ପୂର୍ବ ୭୯, ସଂଯାତ୭୯, କାର୍ଯ୍ୟ ୨୪ ବୀଜାକାର ପ୍ରାପ୍ତ ୧୪୭, ଆଧ୍ୟାତ୍ମିକ ୨୫୩. ଏହାର କାରଣ ୨୬୮, ଯୋଗୀଙ୍କ ଭାଷାରେ୨୭୧, ବାସନା ହିଁ ସୂକ୍ଷ୍ମ ୨୭୨, କାରଣରେ ଲୟ ୨୭୬, ଏହାକୁ ଅତିକ୍ରମ ୨୮, ଯାହା ଉପରେ କାର୍ଯ୍ୟ କରେ ୨୯୭
ସଜ୍ଞାନ ୧୯୫
ସତ୍ତ୍ୱ -ଗୁଣରେ ସମତାର ପ୍ରକାଶ ୫୫ , ଶାନ୍ତ ଭାବ ୨୩୮
ସଦାଚାର ୫୬
ସନ୍ତୋଷ ୨୨୮
ସନ୍ନ୍ୟାସ ୬୦
ସନ୍ନ୍ୟାସୀ-ପ୍ରାଚ୍ୟ ୫୮, ଗ୍ରୀକ୍ ୨୧, ସମାଜ୨୨ ଜ୍ଞାନକାଣ୍ଡର ଆଲୋଚନା ୪୧ ବିବାହତ୍ୟାଗୀ

୨୧୧
ସମ୍ମୋହନ– ବିଦ୍ୟାବିତ୧୯୪
ସମ୍ମୋହନକାରୀ ୨୧୪,
ସଭ୍ୟତା ଧ୍ୱଂସ ୨୩, ଏହାର ପୂର୍ବଅବସ୍ଥା– ୩୮, ମଧ୍ୟରେ ଦେବତ୍ୱ ଅନୁଭବ କରିବା ୧୪୩,
ସମାଧି –ବ୍ୟାଖ୍ୟା ୧୫୭, ରାଜଯୋଗର ଅଙ୍ଗ୧୮୨, ଅବସ୍ଥା ୧୯୪, ତତ୍ତ୍ୱ୨୨୦ ଲାଭ ୨୨୩ ଦୁଇପ୍ରକାର୨୪୪, ସମ୍ପ୍ରଜ୍ଞାତ ୨୪୪ ସବିତର୍କ୨୪୪ ଅସମ୍ପ୍ରଜ୍ଞାତ ୨୪୪ ସାନନ୍ଦ୨୪୫ ସବିଚାର ନିର୍ବିଚାର୨୪୫ ନିର୍ବିତର୍କ୨୪୫ ନିର୍ବୀଜ ୨୪୭, କ୍ରମାଗତ ଅଭ୍ୟାସର ଫଳ ୨୪୮, ପ୍ରଜ୍ଞା ବା ବିବେକରୁ ଉତ୍ପନ୍ନ ୨୪୮, ଧ୍ୟାନ ହିଁ ୩୧୦
ସ୍ୱର୍ଗସ୍ଥ ପିତା ୩୨,
ସର୍ବବ୍ୟାପୀ ୩୫
ସହଜାତ –ଜ୍ଞାନର କ୍ରମବିକାଶ୧୬୦, ବୃତ୍ତି୨୨୦ ଜ୍ଞାନର ବ୍ୟାଖ୍ୟା ୨୪୧
ସହମରଣ ୪୪
ସହସ୍ରା (ସହସ୍ରଦଳ ପଦ୍ମ)୧୬୧
ସାମ୍ପ୍ରଦାୟିକତା ୨୧
ସାଂଖ୍ୟ,ସାଂଖ୍ୟଦର୍ଶନ–ମତ ୫୫, ଏହାରମହାବାକ୍ୟ ୭୫, ଯୋଗର ସମର୍ଥକ ୧୭୯, ଏହାର ମନୋବିଜ୍ଞାନ୧୮୦ ଏଥିରେ ବିଷୟଜ୍ଞାନ ୧୮୬,ଏହା ଦ୍ୱାରା ପ୍ରକୃତିର ବିଭାଗ୧୪୬ ଏଥିରେ ଈଶ୍ୱରଙ୍କର ଧାରଣା୨୪୭, ମତରେ ପ୍ରକୃତି ୨୭୮, ମତରେ ଚୈତନ୍ୟ। ବୁଦ୍ଧି ଓ ଜ୍ଞାନ ୨୯୬ ।
ସାମ୍ୟଭାବ–କେବେ ଜଗତରେ ପ୍ରତିଷ୍ଠିତ ହୋଇପାରେ ନାହିଁ ୧୨୨
ସିଂହଳ ୨୦
ସୁଖବାଦୀ ୧୯୧
ସୁଷୁମ୍ନା–କାହାକୁ କୁହାଯାଏ ୧୫୯ ଏହାର ଧ୍ୟାନ ୧୬୬ ଏହାର ଜୟ ୨୦୫ ନାଡ଼ି ୨୦୬ ମାର୍ଗ ୨୪୨ ପଥ ବାଧାପ୍ରାପ୍ତ ୨୦୮ ଯୋଗୀଙ୍କ ଉନ୍ମୁକ୍ତ ରହେ ୨୧୦ ସାଧାରଣ ମନୁଷ୍ୟର ବନ୍ଧ ୨୧୦ ମଧ୍ୟସ୍ଥ ଚକ୍ର ୧୧୫ ପ୍ରାଣପ୍ରବାହ ୧୫୬
ସୂର୍ଯ୍ୟ–ପ୍ରବାହ (ପିଙ୍ଗଳା) ଏହାର ବିବରଣ ୧୬୦ ଗତି ୧୬୦ ଗତି ଅନୁଭବ ୧୬୧ ଶକ୍ତି ପ୍ରବାହ ୨୧୦
ସୃଷ୍ଟି –ଅନାଦି ଓ ଅନନ୍ତ ୨୬ ଶବ୍ଦାର୍ଥ ୨୭ ନିୟମ ୫୯ ଏହାର ଭିତ୍ତି ୯୨୪ –ତତ୍ତ୍ୱ୧୯୨
ସ୍ମୃତି–ସତ୍ତାର ସୀମା ନୁହେଁ ୧୫୧ଏହାର ଘଟଣା ୨୦୫ ବୃତ୍ତି ୨୪୧ କେବଳ ଅନୁଭବ ବିଷୟରେ ହିଁ ସମ୍ଭବ ୨୪୨ ଏଥିରୁ ସମାଧି ୨୪୮ ସଂସ୍କାରର ଆଧାରଭୂମି ୨୬୨ ସୂକ୍ଷ୍ମାକାରରୁ ଉଦ୍‌ଥିତ ତରଙ୍ଗ ୨୯୯ ଜାଗରିତ ସଂସ୍କାର ୩୧୪ ସ୍ୟାନ୍‌ପୋ (ବ୍ରହ୍ମପୁତ୍ର ନଦୀର ତଦ୍ଧତୀ ନାମ) ୩୮

ସ୍ୱପ୍ନ–ସ୍ୱର୍ଣ୍ଣଯୁଗର ୧୨୨ ଜାଗ୍ରତ ଅବସ୍ଥାର ସତ୍ୟତା ପ୍ରମାଣ ପାଇଁ ଏହାର ପ୍ରୟୋଜନ ନାହିଁ ୧୭୭ ଅଥବା କଳ୍ପନା ୨୦୬ ଓ ସୁଷୁପ୍ତି ୨୪୧ କାହାକୁ କୁହାଯାଏ ୨୪୩ ଅବସ୍ଥା ୨୫୯

ସ୍ୱର୍ଗ–ସେଠାକୁ ଯିବାର ଛାଡ଼ପତ୍ର ୫୨ ଏହାର ଅର୍ଥ ୧୦୮ ସେଠାରେ ସମ୍ପୂର୍ଣ୍ଣ ସାମ୍ୟାବସ୍ଥା ନାହିଁ ୧୦୯ ସେଠାକୁ ଯିବା ପାଇଁ ସତ୍‌କର୍ମ ୨୫ ଏଥିପାଇଁ ପ୍ରାର୍ଥନା ୧୯୦ କାହାକୁ କୁହାଯାଏ ୨୩୨

ସ୍ୱସ୍ତିକ ୮୮

ସ୍ୱାଧ୍ୟାୟ–ରାଜଯୋଗର ଅଙ୍ଗ ୧୮୨ ଶବ୍ଦାର୍ଥ ୧୮୨

ସ୍ୱାର୍ଥତ୍ୟାଗ–ସର୍ବଶ୍ରେଷ୍ଠ– ୬୦; –ଓ ଦୟାର ଭାବ ଭାରତରୁ ଚାଲି ଯାଉଅଛି ୭୮ ; –ନିତିଶାସ୍ତ୍ରରେ ଲକ୍ଷ୍ୟରୂପେ ପ୍ରଚାରିତ ୧୨୦ ।

ହଠଯୋଗ– ସ୍ଥୂଳ ଦେହକୁ ସବଳ କରିବାର ପ୍ରକ୍ରିୟା ୧୮୩; ଏହାର ଉଦ୍ଦେଶ୍ୟ ୧୮୩

ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ ୧୮

ହିତବାଦ ୨୨୨

ହିତବାଦୀ ୨୨୨

ହିନ୍ଦୁ–ଧର୍ମ ଉପରେ ବକ୍ତୃତା ୧୭;– ଧର୍ମର ସଙ୍ଘବଦ୍ଧହୀନତା ୧୮;–ଧର୍ମର ଇତିହାସ ୧୯; ଧର୍ମରସର୍ବ–ଧର୍ମ ସମନ୍ୱୟକାରୀ ଭାବ ୨୧; ଧର୍ମର ସାର୍ବଭୌମିକତା ୨୫;–ଧର୍ମ ପ୍ରାଗୈତିହାସିକ ୨୫; ଧର୍ମ ବେଦୋକ୍ତଧର୍ମ ୨୫ ; ଏମାନଙ୍କର ବିଶ୍ୱାସ ୨୮; ମନୁଷ୍ୟକୁ ପାପୀ କହେନାହିଁ ୩୦ –ଶ୍ରୀକୃଷ୍ଣଙ୍କର ଅବତାରତ୍ୱରେ ବିଶ୍ୱାସୀ ୩୦; ଧର୍ମର ମର୍ମ ସ୍ଥଳ ୩୧; ଧର୍ମ ମତବାଦରେବିଶ୍ୱାସୀ ନୁହେଁ ୩୨; ଧର୍ମର ମୂଳମନ୍ତ୍ର ୩୨; –ତାହାର ଧର୍ମ ଭାବ ୩୪; –ଧର୍ମର ପ୍ରତୀକ ୩୪; – ଧର୍ମରେ ବିଗ୍ରହ ପୂଜା ୩୫; ଏହା ନିକଟରେ ଜଡ଼ୋପାସନା ଓ ଅଦ୍ୱୈତବାଦ ୩୫; ଧର୍ମର ଆବିଷ୍କାର ୩୫; ଏହାର ବୈଶିଷ୍ଟ୍ୟ ୩୬; –ଧର୍ମ ଓ ବୌଦ୍ଧ ଧର୍ମର ସମ୍ବନ୍ଧ ୪୦; – ଧର୍ମର ସ୍ୱାଭାବିକ ପରିଣତି ୪୦; –ନାରୀ ୪୪; –ବିଧବା ୪୪; ସେମାନଙ୍କର ଶିକ୍ଷା ଓ ସଂସ୍କାର ୭୯; ସେମାନଙ୍କର ବିଧି–ନିୟମାଧିକ୍ୟ ୨୨୬; ସେମାନଙ୍କର ଅପୂର୍ବଭାବ ୨୨୬; ସେମାନଙ୍କର ପ୍ରାଣୟାମ ଅଭ୍ୟାସ ୨୧୦;